

**ଅକ୍ଟୋବର, ୨୦୨୪**
**ଚତୁର୍ଥ ବର୍ଷ, ପୂଜା ସଂଖ୍ୟା**

**ସମ୍ପାଦକ**

ଅରୁଣ କୁମାର ପ୍ରଧାନ

**ସହ ସମ୍ପାଦିକା**

ପ୍ରଜ୍ଞା ମହାନ୍ତି

ସୁଜାତା ଗିରି

**ସମ୍ପାଦନା ମଣ୍ଡଳୀ**

ଡ. ସୁମନ୍ତ ନାଏକ
ଡ. ପ୍ରତୀଚୀ ନନ୍ଦ
ଜ୍ୟୋତ୍ସ୍ନାରାଣୀ କର
ଡ. ପ୍ରିୟଙ୍କା ମହାନ୍ତି
ରିଚାର୍ଟ୍ ମୀରା ସାହୁ

**ଠିକଣା:**

**ଶ୍ରୀ ଅରୁଣ କୁମାର ପ୍ରଧାନ**
ଡେରା, ତାଳଚେର, ଅନୁଗୋଳ, ଓଡ଼ିଶା- ୭୫୯୧୦୩
ମୋ: ୯୪୩୮୨୫୫୭୮୮
ମୂଲ୍ୟ: ୩୦୦/-

**ସମୀକ୍ଷକ ମଣ୍ଡଳୀ**

ଅବସରପ୍ରାପ୍ତ ପ୍ରଫେସର କଇଳାସ ପଟ୍ଟନାୟକ
ପ୍ରଫେସର ବଭ୍ରୁବାହନ ମହାପାତ୍ର
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଡ. ବେଣୁଧର ପାଢୀ
ଅବସରପ୍ରାପ୍ତ ସହକାରୀ ପ୍ରଫେସର ରୁଦ୍ରାଣୀ ମହାନ୍ତି
ସହକାରୀ ପ୍ରଫେସର ଲକ୍ଷ୍ମୀପ୍ରିୟା ବେହେରା
ସହକାରୀ ପ୍ରଫେସର ଡ. ବିଜୟଲକ୍ଷ୍ମୀ ଦାଶ
ସହକାରୀ ପ୍ରଫେସର ଡ. ସମୀର ଭୋଇ

**AGNIROOPA**

Monthly Multilingual Referred
Peer Review Magazine

Founder, Editor

Arun Kumar Pradhan (Journalist)

Published by: Arun Kumar Pradhan

Printed at M/S Shree Press. Angul

Arun Kumar Pradhan

Dera, Talcher, Angul,

Odisha- 759103

Mob: 9438255788,8339923354

Email id: arun.samaja@gmail.com

Price :Rs.300/-

# ସୂଚୀପତ୍ର


| | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | ପ୍ରଜ୍ଞା ମହାନ୍ତି | ୦୩ |
| ୨. | ସମ୍ପାଦକଙ୍କ କଲମରୁ... | ଅରୁଣ ପ୍ରଧାନ | ୦୪ |
| ୩. | ବାକ୍ୟପୁଷ୍ପୋପହାରମ୍ | ସୁଜାତା ଗିରି | ୦୫ |

**ପ୍ରବନ୍ଧମ୍**

| | | | |
|---|---|---|---|
| ୧. | ସୀତାକାନ୍ତ ମହାପାତ୍ରଙ୍କ କବିତା : ମାଟିର ମହକ | ପ୍ରଫେସର ବକ୍ରୁବାହନ ମହାପାତ୍ର | ୧୪ |
| ୨. | କବି ନୀଳାଦ୍ରିଭୂଷଣଙ୍କ କବିତାର ଅକୁହା କଥା | ଡ.ବେଣୁଧର ପାଢ଼ୀ | ୧୭ |
| ୩. | ଅବଲୁପ୍ତ ପ୍ରାୟ ଲୋକକଳା : ଉଦ୍‌ବେଗର ବିଷୟ | ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା | ୩୦ |
| ୪. | ଅନ୍ଧଗଳ୍ପର ଅନ୍ଧକଥା : ସତ୍ୟପ୍ରିୟଙ୍କ ଲେଖକୀୟ ବ୍ୟଥା | ମହେଶ୍ୱର ପାଢ଼ୀ | ୩୯ |
| ୫. | ଆତ୍ମପ୍ରତ୍ୟୟର ଅନୁଭବୀ ଅନ୍ୱେଷଣ : ସ୍ଥାବରଜଙ୍ଗମ ଉପନ୍ୟାସ | ବିଜୟଲକ୍ଷ୍ମୀ ଦାଶ | ୪୨ |
| ୬. | ମହିମାଧର୍ମର ମୌଳିକତା | ଡକ୍ଟର ହିମାଦ୍ରି ତନୟା ମିଶ୍ର | ୪୭ |
| ୭. | ଶିଶୁ-କିଶୋର ଉପନ୍ୟାସର କଳେବର ଓ ଶୈଳୀ | ପ୍ରିୟଙ୍କା ମହାନ୍ତି | ୫୧ |
| ୮. | ଆଗ ଧାଡ଼ିର ଲୋକ : ଏକ ବିହଙ୍ଗାବଲୋକନ | ଡ. ପ୍ରତୀଚୀ ନନ୍ଦ | ୫୬ |
| ୯. | ଜୀବନ କମାରଶାଳ ଆତ୍ମଜୀବନୀରେ  ସମକାଳୀନ ସମାଜ ଚିତ୍ର | ରୁଦ୍ରନାରାୟଣ ସାହୁ | ୬୪ |
| ୧୦. | ସାମ୍ପ୍ରତିକ ସମାଜରେ ଗୁରୁଙ୍କ ସ୍ଥିତି | ଡ. ମାନସ ରଞ୍ଜନ ଶତପଥୀ | ୬୮ |
| ୧୧. | ଭାଗବତରେ ହଂସଗୀତା | ଡକ୍ଟର ବିନୋଦିନୀ ବେହେରା | ୭୦ |
| ୧୨. | କିଶୋରୀ ଚରଣଙ୍କ ଉପନ୍ୟାସରେ ଶୋଷଣ ଓ ଦୁର୍ନୀତିର  ଚିତ୍ର -ଏକ ଆକଳନ | ରାଜକିଶୋର ପଣ୍ଡିତ | ୭୩ |
| ୧୩. | ପ୍ରାଣବନ୍ଧୁ କରଙ୍କ ଗଳ୍ପରେ ବାସ୍ତବବାଦୀ ଚିନ୍ତାଧାରା | ଡ. ଶ୍ରୀବନ୍ତ କୁମାର ଦାଶ | ୭୭ |
| ୧୪. | କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ କବିତାରେ ପଲ୍ଲୀ ଚେତନା | ଡ. ଜୟନ୍ତ କୁମାର ପରିଡ଼ା | ୮୦ |
| ୧୬. | କବି ଶତ୍ରୁଘ୍ନ ପାଣ୍ଡବଙ୍କ କବିତାର ଶିଳ୍ପରୀତି | ସଂଘମିତ୍ରା ଦାସ | ୮୨ |
| ୧୭. | ଆଉ ଶୁଭୁନି ଚଣ୍ଡୀ ପାଠ | ଡ. ପୀୟୂଷ ରାଉତ | ୮୬ |
| ୧୮. | ଓଡ଼ିଆ ଅସ୍ମିତାରେ ଚର୍ଯ୍ୟାପଦ | ଡ. ତରୁଣ ଗାଙ୍ଗୁଲି | ୮୮ |
| ୧୯. | ଶୈଳେଶ୍ୱର ନନ୍ଦଙ୍କ ଏକାଙ୍କିର ସାମାଜିକ ବାସ୍ତବତା | ଡ ରମେଶଚନ୍ଦ୍ର ବେହେରା | ୯୦ |
| ୨୦. | ଜୀବନ ପ୍ରୀତି ଓ ପ୍ରଣୟାନୁରାଗର ମାର୍ମିକ ଅଭିବ୍ୟକ୍ତି:  ସକାଳ ସିନ୍ଦୂର | ସ୍ନିଗ୍ଧା ଶୁଭଦର୍ଶିନୀ | ୯୪ |
| ୨୧. | ମାୟାଧର ମାନସିଂହଙ୍କ ଭାବଜଗତ | ଅଧ୍ୟାପିକା ତ୍ରିବେଣୀ ଭୋଳ | ୯୮ |
| ୨୨. | ବନ୍ୟା ପରର କାହାଣୀ :ହଂସହାନି | ସିମ୍ରନ୍ ରାଉତ୍ | ୧୦୧ |
| ୨୩. | କୁନ୍ତଳାକୁମାରୀଙ୍କ କବିତାରେ ସୌନ୍ଦର୍ଯ୍ୟ ତତ୍ତ୍ୱ | ଡ. ସ୍ମୃତିରେଖା ମିଶ୍ର | ୧୦୫ |
| ୨୪. | ସ୍ୱାଧୀନତା ପରବର୍ତ୍ତୀ ନାଟ୍ୟଧାରା ଓ ନାଟ୍ୟକାର କାର୍ତ୍ତିକଚନ୍ଦ୍ର ରଥ | ଗବେଷିକା: ଅର୍ପିତା ବିଶ୍ୱାଳ | ୧୦୮ |
| ୨୫. | ଶ୍ରେଣୀ ସଂଘର୍ଷର ପ୍ରତିଫଳନରେ “କୋକୁଆ” ନାଟକ | କାଳିଆ ସେଠୀ | ୧୧୨ |
| ୨୬. | ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ନୂତନ ପ୍ରୟୋଗ | ସୀମା ସ୍ୱାଇଁ | ୧୧୫ |
| ୨୭. | ସାତକଡି ହୋତାଙ୍କ ଉପନ୍ୟାସରେ ସମାଜ ଚିତ୍ର :  ଏକ ଆକଳନ | ବିକାଶ ଚନ୍ଦ୍ର ଧୁଂଗିଆ | ୧୧୭ |
| ୨୮. | ଲୋକଗୀତ: ଏକ ସଂକ୍ଷିପ୍ତ ଅନୁଧ୍ୟାନ | ଭାରତୀ ମୁଦୁଲି | ୧୨୨ |
| ୨୯. | ଆଧୁନିକ ଓଡ଼ିଆ କବିତାରେ ମିଥ୍‌ର ପ୍ରୟୋଗ | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୧୨୫ |
| ୩୦. | ନିରାଶାରେ ଆଶାରେ ଭାବ...ପ୍ରମୋଦ ସର | ଲିଜାରାଣୀ ପାଇଟାଳ | ୧୨୮ |
| ୩୧. | ଏକବିଂଶ ଶତାବ୍ଦୀର ଗଳ୍ପରେ ଅସହାୟତାବୋଧ ଓ  ନିଃସଂଗତା | ରାଜୀବ ଲୋଚନ ସାହୁ | ୧୩୩ |
| ୩୨. | ରବି ପଟ୍ଟନାୟକଙ୍କ ଗଳ୍ପରେ ନାରୀଚରିତ୍ର :  ଏକ ବିଶ୍ଳେଷଣ | ରଞ୍ଜନ କୁମାର ବାରିକ | ୧୩୭ |
| ୩୩. | ‘ଭୋର୍’ ଏକ କ୍ରାନ୍ତିକାରୀ ଆହ୍ୱାନ | ଡକ୍ଟର ପ୍ରିୟଦର୍ଶିନୀ ସ୍ୱାଇଁ | ୧୪୧ |
| ୩୪. | ମଣୀନ୍ଦ୍ର ମେହେରଙ୍କ ଗଳ୍ପସୃଜନ | ପ୍ରିୟଦର୍ଶିନୀ ନାୟକ | ୧୪୬ |
| ୩୫. | ଫଟୋ ଶୁଟ୍ | ଡ. ମାନସ ବେହେରା | ୧୪୯ |
| ୩୬. | ନାରୀବାଦର ଆଲୋକରେ କବିତା ବାରିକଙ୍କ ଗଳ୍ପ  କଳା ଏକ ଅଧ୍ୟୟନ | ମେଘମାଳା ଦାସ | ୧୫୧ |
| ୩୭. | ସୁରେନ୍ଦ୍ର ଶତପଥୀଙ୍କ ଦୃଷ୍ଟିରେ ଜାନକୀଙ୍କ ଅସହାୟତା | ସ୍ନେହଲତା ସାହୁ | ୧୫୪ |
| ୩୮. | ବାଲେଶ୍ୱର ଅଞ୍ଚଳର ଦଧିନାଟ୍ୟ ପରମ୍ପରା | ରୋହିତ ମଲିକ | ୧୫୭ |

**ଗ୍ରନ୍ଥବିଚାରମ୍**

| | | | |
|---|---|---|---|
| ୧. | ଗ୍ରୀଷ୍ମର ପହିଲି ବର୍ଷାରେ କାଗଜ ଡଙ୍ଗା ଭସାଉଥିବା  ନାୟକ : କବି ଦୀପକ | ଡକ୍ଟର ସୁମନ୍ତ ନାୟକ | ୧୬୧ |
| ୨. | ପରମ୍ପରା ପ୍ରତି ମୁଗ୍ଧ ସ୍ୱର : ଡକ୍ଟର ସୁମନ୍ତ ନାଏକଙ୍କ କଥାକଳ୍ପ  ‘ପୁଣ୍ୟ ତଟିନୀର ତୀର’ | ଡକ୍ଟର ଅନିରୁଦ୍ଧ ବିଶ୍ୱାଳ | ୧୬୫ |
| ୩. | ସେରିନ୍: ପ୍ରେମ କାହାଣୀର ନାୟିକା | ସ୍ନିଗ୍ଧା ନାୟକ | ୧୬୯ |

# ସମ୍ପାଦକୀୟ...

## ଆଧାତ୍ମିକତା ଆମର ଧେୟ ହେଉ



**ପ୍ରଜ୍ଞା ମହାନ୍ତି**
**ତ୍ରିଶୁଳିଆ, କଟକ**

ବର୍ତ୍ତମାନର କାଳଖଣ୍ଡ ବସ୍ତୁଗତ ସମୃଦ୍ଧିର ସର୍ବୋଚ୍ଚ ଶୀଖରରେ ପହଞ୍ଚିଛି । ମନୁଷ୍ୟ ନିଜର ମାନସିକ ଶକ୍ତି, ଅଦ୍ୱିତୀୟ ବୁଦ୍ଧି ବଳରେ ବହୁ ବିସ୍ମୟକର ସଫଳତାମାନ ହାସଲ କରିବାର ସାମର୍ଥ୍ୟ ରଖିଛି । ଯାହାକି ତାକୁ ସାଧାରଣ ଜଙ୍ଗଲୀ ମନୁଷ୍ୟରୁ ସଭ୍ୟ ମଣିଷରେ ପରିବର୍ତ୍ତିତ କରୁଛି । କିନ୍ତୁ ଏ ସମସ୍ତ ବସ୍ତୁଗତ ବିକାଶ ସତ୍ତ୍ୱେ ମଣିଷର ମନ ଚିନ୍ତନ ଏବେ ମଧ୍ୟ ଅର୍ଦ୍ଧ ବିକଶିତ । ବାହ୍ୟଜଗତରେ ସର୍ବୋଚ୍ଚ ସଫଳତା ସହ ଅନ୍ତର୍ମନରେ ଅଦମ୍ୟନୀୟ ଅହଂକାର, ଭୋଗ, ବାସନା, ସବୁକିଛି ନିଜର କରିନେବାର କାମନା ଏମିତି ବହୁ ବିକାରଭାବ ର ଅଭିବୃଦ୍ଧି ମଧ୍ୟ ଘଟିଛି । ବିଚାର- ବିଚାର , ଧର୍ମ-ଧର୍ମ, ଦେଶ-ଦେଶ ଭିତରେ ସଂଘର୍ଷ ଘଟି ବିଶ୍ୱ ଯେତିକି ଉନ୍ନତି କରିଛି, ତାଠାରୁ ଅଧିକ ଅବନତିକୁ ଆପଣେଇ ନେଇଛି । ପ୍ରାଣୀକ ବାସନାର ଅନ୍ଧପ୍ରମତ୍ତତା ବଢିବା ଦ୍ୱାରା ସୃଷ୍ଟିକର୍ତ୍ତ୍ରୀ ନାରୀ ଏକ ସାମଗ୍ରୀରେ ପରିଗଣିତ ହୋଇ ଶାରିରୀକ ମାନସିକ ସ୍ତରରେ କ୍ଷତିଗ୍ରସ୍ତ ହେଉଛି ।

ସାମାଜିକ ଶୃଖଂଳା ତଥା ସୌହାର୍ଦ୍ଦପୂର୍ଣ୍ଣ ପରିବେଶ ଭିତରେ ଜୀବନବ୍ୟାପି ସଂସ୍କାର, ସଂସ୍କୃତି, ସାହାଯ୍ୟ, ସହାନଭୂତି, ସହନଶୀଳତା, ଶିକ୍ଷା ଦେବାକୁ ଭାରତୀୟ ସମାଜରେ ପରମ୍ପରା ଓ ପର୍ବପର୍ବାଣୀର ସୃଷ୍ଟି । ସେଥିପାଇଁ ବିଶ୍ୱଜଗତକୁ ମାତୃଶକ୍ତିର ଅବଦାନ ସ୍ମରଣ କରାଇବାକୁ ଯାଇ ଦଶହରା ବା ଦୁର୍ଗାପୂଜା ପାଳନ କରାଯାଏ । ମାତ୍ର ବର୍ତ୍ତମାନ ଅଭିଷେକ ସହ ଅବମାନନା, ଆବାହନ ସହ ମର୍ଯ୍ୟାଦା ହୀନ ବିସର୍ଜନ,କନ୍ୟାପୂଜନ ସହ କନ୍ୟା ହରଣ ତା ପ୍ରତି ଅକ୍ଷମଣୀୟ ଅତ୍ୟାଚାର ସମାନ୍ତରାଳ ଗତିରେ ବଢି ଚାଲିଛି ।

ସେଥିପାଇଁ ତୃଣମୂଳ ସ୍ତରରୁ ବିରାମ ଚିହ୍ନ ଲଗାଇବାକୁ ପଡିବ । ଯେମିତି ସୁସ୍ଥ ଶରୀର ପାଇଁ ସୁସ୍ଥ ମନର ଆବଶ୍ୟକତା ରହିଛି,ସେମିତି ସୁସ୍ଥ ମନ ପାଇଁ ଆଲୋକିତ ହୃଦୟଟିଏ ଆବଶ୍ୟକ । ଏହି ଆଲୋକ ଟିକକ ପ୍ରଥମେ ଶିଶୁ ପାରିବାରିକ ସଂସ୍କାରରୁ ଲାଭ କରିଥାଏ । ପରିବାର ଭିତରୁ ହିଁ ସାମାଜିକ ସଚେତନତା, ନୈତିକତା ଓ ଶୃଙ୍ଖଳିତ ଜୀବନଯାପନର ଆୟମାରମ୍ଭ ହୁଏ । ହାତରୁ ଖସିଯିବା ପରେ କ୍ଷମାଭିକ୍ଷା କରିବା ଅପେକ୍ଷା 'ଆମ ହାତରେ କୌଣସି ଅପକର୍ମ ନହେଉ' ସେଥିପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବା ଅଧିକ ଶ୍ରେୟସ୍କର ନୁହେଁ କି ?

ବହୁତ ବଞ୍ଚିଲେ ବସ୍ତୁବାଦୀ ଜୀବନ, 'ଏବେ ଆଧାତ୍ମିକ ଜୀବନ ଆମର ଧେୟ ହେଉ' ଏବର୍ଷ ମା ଜଗତଜନନୀଙ୍କ ପାଖରେ ଏହି ବିନତୀ ଜଣାଇ ଆସନ୍ତୁ ପାଳନ କରିବା ଦଶହରା ।

ସହୃଦୟ ଲେଖକ ଏବଂ ପାଠକଙ୍କୁ ଅଗ୍ନିରୂପା ତରଫରୁ ପାର୍ବଣରତୁ ର ଆନ୍ତରିକ ଶୁଭେଚ୍ଛା ସମ୍ମାନ ଓ ଶୁଭକାମନା ।

**ବନ୍ଦେ ମାତରମ୍ ।**

# ସମ୍ପାଦକଙ୍କ କଲମରୁ...



କଥାଟିଏ ଅଛି, ବହି ମଣିଷର ସର୍ବୋତ୍ତମ ସାଥୀ। ବହିଟିଏ ପାଠକରି ସେ ବିନ୍ଦୁରେ ସିନ୍ଧୁ ଦର୍ଶନ କରେ। ତା ମଧ୍ୟରେ ଜ୍ଞାନପିପାସା ବୃଦ୍ଧିପାଏ। ସେ ଅଧିକ ପଢେ, ପଠନର ବିଷୟବସ୍ତୁ ଅନୁଯାୟୀ ନିଜକୁ ଗଢେ। ସୁଖ ଦୁଃଖର ଜୀବନଧାରାରୁ ଅନୁଭବର ମୋତି ସାଉଣ୍ଟି ଶବ୍ଦଗଢେ। ଗଳ୍ପ କବିତା ପ୍ରବନ୍ଧ ନାଟକ ମାଧ୍ୟମରେ ନିଜ ଅନ୍ତରର କଥା ନଥା ବ୍ୟଥାକୁ ପରିପ୍ରକାଶ କରେ। ଲେଖକଙ୍କ ଅନ୍ତସ୍ୱରକୁ ଅନୁଶରଣ କରି ସଂପାଦକ ସଂପାଦିତ କରେ ବିଭିନ୍ନ ପୁସ୍ତକ- ପୁସ୍ତିକା ଓ ପତ୍ର-ପତ୍ରିକା।

ସାହିତ୍ୟର ସବୁ ଦିଗକୁ ସମ୍ମାନ ଜଣାଇ **'ଅଗ୍ନିରୂପା'** ସମୃଦ୍ଧ। ସେ ତାର ସିମୀତ କଳେବରରେ ଯଥାସାଧ୍ୟ ବାନ୍ଧି ରଖିଛି ବିଭିନ୍ନ ସମୀକ୍ଷା,ପ୍ରବନ୍ଧ ଗଳ୍ପ କବିତା ଶିଶୁସାହିତ୍ୟ ଇତ୍ୟାଦିଙ୍କୁ। **'ଅଗ୍ନିରୂପା'**ର ଏ ଭିନ୍ନ ପ୍ରୟାସ କେବଳ ପାଠକୀୟ ସ୍ୱୀକୃତି ଆବଶ୍ୟକତା କରେ। ଅଗ୍ନିରୂପାର ପୂଜାସଂଖ୍ୟା ପଢି ନିଶ୍ଚୟ ମତାମତ ଦେବେ। ଯାହା ଆମପାଇଁ ବହୁ ମୂଲ୍ୟବାନ। ଶେଷରେ ସମସ୍ତଙ୍କୁ ଦୁର୍ଗାପୂଜାର ହାର୍ଦ୍ଦିକ ଅଭିନନ୍ଦନ।

ବିନମ୍ରତା ସହ
ଅରୁଣ ପ୍ରଧାନ

# ବାକ୍ୟପୁଷ୍ପୋପହାରମ୍



## "ଗୀତିକବିତାର ସ୍ଥିତି ସନ୍ତୋଷଜନକ କିନ୍ତୁ ଭବିଷ୍ୟତ ସମ୍ବନ୍ଧରେ ମୁଁ ସନ୍ଦିହାନ"

**ପ୍ରସ୍ତୁତି ଓ ଉପସ୍ଥାପନା : ସୁଜାତା ଗିରି**

ଓଡ଼ିଆ ସାରସ୍ୱତ ସାମ୍ରାଜ୍ୟରେ ଆଉଜଣେ ନନ୍ଦକିଶୋର : ସ୍ୱାଧୀନତା ପରବର୍ତ୍ତୀ କାଳର ପ୍ରଥିତଯଶା ଗୀତିସମ୍ରାଟ ନନ୍ଦକିଶୋର ସିଂହ ! କେବଳ ପଲ୍ଲୀକବି ନୁହଁନ୍ତି, ଏକାଧାରରେ ସେ ଜଣେ ଗୀତିକବି, ଶିଶୁସାହିତ୍ୟିକ, ଗାଳ୍ପିକ, ନାଟ୍ୟକାର, ନାଟ୍ୟଶିଳ୍ପୀ, ପ୍ରାବନ୍ଧିକ ଓ ଅନୁବାଦକ। ଓଡ଼ିଆ ସାହିତ୍ୟର ସବୁ କ୍ଷେତ୍ରରେ ଗତି ତାଙ୍କର ଦିଗବଳୟ ଭେଦୀ; ସର୍ଜନ ସ୍ୱପ୍ନରେ ସଦାବିଭୋର ଏହି ସାରସ୍ୱତ ସାଧକ । ଅନ୍ୱେଷା ତାଙ୍କର ଅଭୀପ୍ସା, ସାଧନା ତାଙ୍କର ସ୍ୱଧର୍ମ । ବିଗତ ଷାଠିଏ ଦଶକରୁ ଆଦ୍ୟାବଧି ଚାଲିଛି ତାଙ୍କର ରାଜୁତି ଓଡ଼ିଆ ସାହିତ୍ୟ ସାମ୍ରାଜ୍ୟରେ । ଦିଶା ନିଆରା, ପେସା ନିଆରା, ନିଶା ନିଆରା । ପ୍ରକୃତି, ପରିବେଶ ଓ ଜୀବନର ସାଉଁଟା ଅନୁଭୂତି ତଥା ଭାବୋଚ୍ଛ୍ୱାସକୁ ନେଇ ସେ ଯେତିକି ସମ୍ବେଦନଶୀଳ ଏବଂ ଉତ୍ସର୍ଗୀକୃତ, ତାଙ୍କ ଅନ୍ତର୍ଦୃଷ୍ଟି ସେତିକି ଅନ୍ତରାତ୍ମାକୁ ଛୁଇଁବାର ଆଶା ରଖେ । ଆତ୍ମସ୍ତୁତିର ଅନ୍ତରାଳରେ ଆବିଳତାମୁକ୍ତ ଏହି ସ୍ଥିତପ୍ରଜ୍ଞ ସାଧକ। ପ୍ରାଣଖୋଲା ହସ ଝଟକୁଥିବା ସରଳମୁହଁଟି ଠାଣି-ବାଣୀର, ସ୍ନେହ-ଶ୍ରଦ୍ଧାର ଶୁଦ୍ଧ ଓ ସ୍ୱଚ୍ଛ ନିର୍ଝରଟିଏ ।

ଶିକ୍ଷକତାକୁ ବୃତ୍ତି କରି ଶ୍ରୀ ସିଂହ ଜୀବନର ଅଧିକାଂଶ ସମୟ ପିଲାଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ଅତିବାହିତ କରିଛନ୍ତି । ଜଣେ ଶିକ୍ଷକର ଆଦର୍ଶକୁ ଗ୍ରହଣକରି ଶିଶୁ ଓ କିଶୋରଙ୍କ ମନସ୍ତତ୍ତ୍ୱକୁ ଗଭୀର ଭାବରେ ବୁଝିଛନ୍ତି ଓ ସଫଳ ଶିଶୁସାହିତ୍ୟ ସୃଷ୍ଟି କରି ସେମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ଏବେ ମଧ୍ୟ ତାଙ୍କ ପାଖରେ ପରିଲକ୍ଷିତ ଚଳଚଞ୍ଚଳ ଶିଶୁସୁଲଭ ଗୁଣ।

ଶ୍ରୀଯୁକ୍ତ ସିଂହ କେବଳ ଶିଶୁ-କିଶୋରମାନଙ୍କ ପାଇଁ ନୁହଁ ଆବାଳ-ବୃଦ୍ଧ-ବନିତା ସମସ୍ତଙ୍କ ମନୋରଞ୍ଜନ ପାଇଁ ତତ୍ପର। ନାଟ୍ୟକାର ଓ ନାଟ୍ୟଶିଳ୍ପୀ ଭାବରେ ସେ ପ୍ରଥମେ ପରିଚିତ ହେବାପରେ ୧୯୬୩ ମସିହା ମାର୍ଚ୍ଚ ୧୧ ତାରିଖରୁ କଟକ ଆକାଶବାଣୀରୁ ଗୀତିକାର ଭାବରେ ସ୍ୱୀକୃତିପ୍ରାପ୍ତ । ୧୯୬୪ ମସିହା ଏପ୍ରିଲ ମାସ ୧୧ ତାରିଖରେ ସର୍ବପ୍ରଥମେ ଆକାଶବାଣୀ କଟକ କେନ୍ଦ୍ରରୁ ମନୋରଞ୍ଜନ ପୃଷ୍ଟିଙ୍କ କଣ୍ଠରେ ପ୍ରସାରିତ ହୋଇଥିଲା ଦୁଇଟି ଗୀତ । ଏହାପରେ ଚିତ୍ତରଞ୍ଜନ ଜେନାଙ୍କ କଣ୍ଠରେ 'ସୂର୍ଯ୍ୟ ଉଇଁଲେ ପ୍ରଥମେ ଚାହିଁବ ମୋ ପ୍ରିୟାର ଗାଆଁ ଆଡ଼େ' ପ୍ରସାରିତ ହୋଇ ତାଙ୍କୁ ପୁରପଲ୍ଲୀରେ ସୁପରିଚିତ କରାଇଥିଲା। ୧୯୭୩ ମସିହାରେ 'ଧରିତ୍ରୀ' ଚଳଚ୍ଚିତ୍ର ପାଇଁ ପ୍ରଥମ ଗୀତରଚନା ଓ ୧୯୮୧ ମସିହାରେ 'ଅକ୍ଷିତୃତୀୟା' ଚଳଚ୍ଚିତ୍ରରେ ଗୀତରଚନା କରି ଓଡ଼ିଶାର ପ୍ରତ୍ୟେକ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ ଓ ମୋହିତ କରିଥିଲେ । ବେତାର, ଦୂରଦର୍ଶନ, ଚଳଚ୍ଚିତ୍ର, ଗ୍ରାମଫୋନ୍ ରେକର୍ଡ, କ୍ୟାସେଟ, ୟୁଟ୍ୟୁବ ପ୍ରଭୃତି ଗଣମାଧ୍ୟମ ଦେଇ ତାଙ୍କ ଗୀତିଯାତ୍ରାର ପଥ ପ୍ରଲମ୍ବିତ।



ଓଡ଼ିଆ ଗୀତିସାହିତ୍ୟର ଏହି ମହାନାୟକ ୨୦୦୧ ମସିହାରେ 'ନନ୍ଦକିଶୋର ଗୀତିବିଚିତ୍ରା' ପୁସ୍ତକ ପାଇଁ ଓଡ଼ିଆ ସାହିତ୍ୟ ଏକାଡେମୀର ସର୍ବପ୍ରଥମ ଗୀତିକବିତା ପୁରସ୍କାର ପ୍ରାପ୍ତ । ଏଥିସହ ୨୦୦୬ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଶ୍ରେଷ୍ଠ ଗୀତିକାର ଭାବରେ ପୁରସ୍କୃତ । ଏହି ସାରସ୍ୱତ ସାଧକ ଓଡ଼ିଆ ସାହିତ୍ୟର ସମସ୍ତ ବିଭାଗକୁ ସ୍ୱରଚିତ ପ୍ରାୟ ଅର୍ଦ୍ଧଶତାଧିକ ସୃଷ୍ଟି ସଂକଳନ ଉପହାର ଦେଇ ବୃହତ୍ତର ପାଠକ ଓ ଅଗଣିତ ଶ୍ରୋତାଙ୍କ ପ୍ରିୟଭାଜନ ହୋଇ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

## ସଂକ୍ଷିପ୍ତ ପରିଚୟ



ନାମ - ଶ୍ରୀଯୁକ୍ତ ନନ୍ଦକିଶୋର ସିଂହ
ଜନ୍ମ - ୧୯୪୨ ମସିହା ମଇ ୧୫ ତାରିଖ (ସାର୍ଟିଫିକେଟ )
୧୩୪୭ ସାଲ ବୈଶାଖ ୨୭ ଦିନ (ଜାତକ)
ଜନ୍ମସ୍ଥାନ - ସାଦକପୁର, କୋରେଇ, ଯାଜପୁର
ପିତା - ରାଜକିଶୋର ସିଂହ, ପୋଷ୍ୟପିତା- ନବକିଶୋର ସିଂହ
ମାତା - ରୁପା ଦେବୀ, ପୋଷ୍ୟମାତା- କୌଶଲ୍ୟା ଦେବୀ
ଧର୍ମପତ୍ନୀ - ସୁରବାଳା ସିଂହ
ପୁତ୍ର/ କନ୍ୟା - ଅଶୋକ ସିଂହ, ପି .ସୁଜାତା
ପୁତ୍ରବଧୂ - କୁମୁଦିନୀ ଜୀ
ଶିକ୍ଷା - ବି.ଏ, ବି.ଇଡି, ଡିପ୍-ଇନ୍-ଲାଙ୍ଗୁଏଜ୍ (ଅସମୀୟ)
ବୃତ୍ତି - ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା (ଅବସରପ୍ରାପ୍ତ)
ରୁଚି - ଶାସ୍ତ୍ରୀୟ ସଙ୍ଗୀତ ଶୁଣିବା, ବିଭିନ୍ନ ପୁସ୍ତକ ପଢ଼ିବା, ଗରିବ ଓ ମେଧାବି ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସାହାଯ୍ୟ ଏବଂ ପୁରସ୍କାର ପ୍ରଦାନ, ଗରିବ ଓ ନିରାଶ୍ରୟ କନ୍ୟାଙ୍କ ବିବାହ ପାଇଁ ଅର୍ଥଦାନ । ଗୀତିକବିତା ଓ ଶିଶୁସାହିତ୍ୟର ବିକାଶ ପାଇଁ କୋରେଇ ସାହିତ୍ୟ ସଂସଦ, ଉତ୍କଳ ସାହିତ୍ୟ ସମାଜରେ ଗୀତିକବି ଓ ଶିଶୁ ସାହିତ୍ୟିକଙ୍କ ପୁରସ୍କାର ପ୍ରଦାନପାଇଁ କିଛି ସ୍ଥାୟୀ ପାଣ୍ଠି ପ୍ରଦାନ।
କୃତିତ୍ୱ - ୧୯୬୩ ମସିହାରୁ ଆକାଶବାଣୀ କଟକ କେନ୍ଦ୍ରରୁ ସ୍ୱୀକୃତିପ୍ରାପ୍ତ ଗୀତିକାର।
୫୦ଖଣ୍ଡରୁ ଅଧିକ ପୁସ୍ତକର ରଚୟିତା ।
ସାଂଗଠନିକ ସମ୍ପର୍କ - ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ବିଚାରକ।
ଓଡ଼ିଆ ଗୀତିକବି ସମାଜ ଉପଦେଷ୍ଟାଫ
ପଲ୍ଲୀଜୀବନଧର୍ମୀ ତ୍ରୈମାସିକ ପତ୍ରିକା 'ବୋଲେ ହୁଁ ଟି'ର ସମ୍ପାଦକ ଓ ପ୍ରକାଶକ ।
ପ୍ରକାଶିତ ପତ୍ରପତ୍ରିକା ଓ ସମ୍ବାଦପତ୍ର- କୋଣାର୍କ, ଝଙ୍କାର, ଉତ୍କଳ ପ୍ରସଙ୍ଗ, ସଚିତ୍ର ବିଜୟା, ସମ୍ବାଦ, ସମାଜ, ପ୍ରଜାତନ୍ତ୍ର, ଅମୃତାୟନ,କାଦମ୍ବିନୀ, ଗୋକର୍ଣ୍ଣିକା, ରେବତୀ, ଟିକେହସ, ବାରମଜା, ମୀନାବଜାର, ଶିଶୁଲେଖା, ବିଲୁଆନନା, ନନ୍ଦନକାନନ, ମନପବନ, ଟୁଉକୁମୂଷି, ଶିଶୁରାଇଜ, ସଂସାର, ଝୁମୁକା ପ୍ରଭୃତି ।

## ସ୍ୱୀକୃତି ସ୍ରୋତ-



ଓଡ଼ିଶା ସାହିତ୍ୟ ଏକାଡେମୀ ଗୀତିକବିତା ପୁରସ୍କାର- ୨୦୦୧
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର- ୨୦୦୬
ଆକାଶବାଣୀ କଟକ ଶ୍ରେଷ୍ଠ ଗୀତିକାର ପୁରସ୍କାର - ୨୦୦୫
ଅନ୍ନପୂର୍ଣ୍ଣା ଥିଏଟର ନାଟ୍ୟକାର ଓ ନାଟ୍ୟଶିଳ୍ପୀ ପୁରସ୍କାର- ୧୯୮୩
ପ୍ରଜାତନ୍ତ୍ର ମୀନାବଜାର ପୁରସ୍କାର- ୧୯୮୦
ପ୍ରଜାତନ୍ତ୍ର ଶିଶୁସାହିତ୍ୟ ଓ ଗୀତିକବିତା ପୁରସ୍କାର- ୧୯୯୩
ଉତ୍କଳ ସାହିତ୍ୟ ସମାଜ ଶତବାର୍ଷିକୀ ସମ୍ମାନ- ୨୦୦୨
ଫକୀରମୋହନ ସାହିତ୍ୟ ପରିଷଦ ବାଲେଶ୍ୱର ପୁରସ୍କାର- ୨୦୦୧
ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁସାହିତ୍ୟ ପୁରସ୍କାର- ୧୯୯୦
ଯାଜପୁର ଜିଲ୍ଲା ଲେଖକ ପ୍ରତିଭା ସମ୍ମାନ- ୨୦୦୪
ଭକ୍ତ ସାଲବେଗ ସଂସ୍କୃତି ପରିଷଦ ସମ୍ମାନ (ପୁରୀ)- ୨୦୦୨
ଓଡ଼ିଆ ଶିଶୁସାହିତ୍ୟ ଲେଖକ ଅନନ୍ତ ପଟ୍ଟନାୟକ ସ୍ମୃତି ସମ୍ମାନ- ୨୦୧୬ ।

## ଆଦ୍ୟରୁ ଅବଧି

- ❖ ସାରସ୍ୱତ ଜଗତର ବିରଳ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ନନ୍ଦକିଶୋର ସିଂହଙ୍କର ଜନ୍ମ ୧୯୪୨ ମସିହା ମଇ ୧୫ ତାରିଖ ଯାଜପୁର ଜିଲ୍ଲା କୋରେଇ ଥାନା ଅର୍ନ୍ତଗତ ସାଦକପୁର ଗ୍ରାମରେ । ପିତା ରାଜକିଶୋର ସିଂହ ଓ ମାତା ରୁପାଦେବୀଙ୍କର କନିଷ୍ଠ ସନ୍ତାନ (ଏକମାତ୍ର ପୁତ୍ର) ରୂପେ କୋଳମଣ୍ଡନ କରିଥିଲେ ସେ।
- ❖ ପିଲାଟି ଦିନରୁ ପିତାଙ୍କୁ ହରେଇ ଥିବାରୁ ପୋଷ୍ୟପିତା ନବକିଶୋର ସିଂହ(ଦାଦା)ଙ୍କ ତତ୍ତ୍ୱାବଧାନରେ ଲାଳିତପାଳିତ ହୋଇଥିଲେ। ପିଲାବେଳୁ ବାରମ୍ବାର ଅସୁସ୍ଥତା ଲାଗିରହୁଥିଲା । ଛଅବର୍ଷ ବୟସରେ ସାଦକପୁର ନି.ପ୍ରା. ବିଦ୍ୟାଳୟରେ ଅଧ୍ୟୟନ ଆରମ୍ଭ କରି ଯାଜପୁର ରୋଡ଼ ଏନ୍.ସି. ହାଇସ୍କୁଲରୁ ୧୯୫୮ ମସିହାରେ ମ୍ୟାଟ୍ରିକ ପାସ କରି ଭଦ୍ରକ କଲେଜରେ ଆଇ.ଏସ୍.ସି. ପଢ଼ିଥିଲେ । ଯୌବନ ସ୍ପର୍ଶ କରିବା ପୂର୍ବରୁ ମାତ୍ର ୧୭/୧୮ ବୟସରେ ତାଙ୍କର ଶୁଭପରିଣୟ ଘଟିଥିଲା। ଜଣେ ମେଧାବି ଛାତ୍ର ଭାବରେ ତାଙ୍କର ସ୍ୱପ୍ନ ଥିଲା ଡାକ୍ତର କିମ୍ବା ଇଂଜିନିୟର ହେବାର । ହେଲେ ଅର୍ଥାଭାବ ଓ ପରିବାର ବୋଝ ପାଇଁ ପାଠପଢ଼ା ବନ୍ଦ କରି ନୂଆକରି ଖୋଲିଥିବା ସୁଜନପୁରର ରୁଦ୍ରଚରଣ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବରେ ମାସିକ ୮୦ଟଙ୍କା ଦରମାରେ ୧୯୬୦ରୁ ୧୯୬୪ ମସିହା ପର୍ଯ୍ୟନ୍ତ ଶିକ୍ଷକତା କରିବା ସହ ଘରୋଇ ଭାବରେ କଳାସ୍ନାତକ ଶିକ୍ଷା ଶେଷ କରିଥିଲେ ।
- ❖ ପିଲାଟି ବେଳରୁ ସାହିତ୍ୟ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଥିଲା । ୧୯୫୨ ମସିହା ମାତ୍ର ୧୦ବର୍ଷ ବୟସରୁ ଲେଖାଲେଖି ଆରମ୍ଭ କରି ଶିକ୍ଷକତା ବୃତ୍ତି ମଧ୍ୟରେ ଜଣେ ନାଟ୍ୟକାର, ନାଟ୍ୟଶିଳ୍ପୀ ଓ ଗୀତିକାର ଭାବରେ କଟକ ଆକାଶବାଣୀରୁ ସ୍ୱୀକୃତି ଲାଭ କରିଥିଲେ। ଏହାପରେ ୧୯୬୫-୧୯୬୬ ମସିହାରେ ରାଧାନାଥ ଟ୍ରେନିଂ କଲେଜରୁ ବି.ଇଡି. ତାଲିମ ନେଇଥିଲେ । ଏହି ସମୟରେ 'କ୍ଷଣିକା' ପତ୍ରିକାର ସମ୍ପାଦନା ଦାୟିତ୍ୱ ନେବା, ଏକାଙ୍କିକା ଏବଂ ନାଟକରେ ଅଭିନୟ କରିବା, ସାହିତ୍ୟର ବିଭିନ୍ନ ବିଭାଗର ଲେଖାଲେଖି ସହ ବିଶେଷତଃ ଇଂରାଜୀ ଓ ହିନ୍ଦି ରୂପକକୁ ଓଡ଼ିଆରେ ଅନୁବାଦ କରି କିଛି ଅର୍ଥ ଉପାର୍ଜନ ମଧ୍ୟ କରୁଥିଲେ । ଜଣେ ସାହିତ୍ୟିକ, ନାଟ୍ୟକାର ଓ ଗୀତିକାର ଭାବରେ ତାଙ୍କର ଲୋକପ୍ରିୟତା କ୍ରମଶଃ ବଢ଼ିଚାଲିଲା।
- ❖ ୧୯୬୭ ମସିହା ନଭେମ୍ବର ୨୭ ତାରିଖରେ ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠରେ ସହକାରୀ ଶିକ୍ଷକ ଭାବରେ ଯୋଗ ଦେଇଥିଲେ । ପରେ ଓଡ଼ିଶାର ବିଭିନ୍ନ ସ୍କୁଲକୁ ବଦଳି ହୋଇ ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକ ହୋଇପାରିଥିଲେ । ଏହାପରେ ୧୯୯୦-୯୧ କୋରେଇ ବ୍ଲକରେ ସ୍କୁଲ ସବ୍-ଇନ୍ସପେକ୍ଟର ଭାବରେ, ୧୯୯୧ରୁ ୧୯୯୫ କୋ-ଅର୍ଡିନେଟର ଓ ୧୯୯୫ରୁ ୧୯୯୬ ସ୍କୁଲ ଡେ଼ପୁଟି ଇନ୍ସପେକ୍ଟର ଏବଂ ୧୯୯୬-୯୭ ସିନିୟର ଟିଚର ଏଡୁକେଟର ଭାବରେ କାର୍ଯ୍ୟ ନିର୍ବାହ କରି ୧୯୯୭ ମସିହାରୁ ଯାଜପୁର ଏନ୍.ସି. ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦବିରେ ଯୋଗଦେଇ ୨୦୦୦ ମସିହାରେ ଅବସର ଗ୍ରହଣ କରିଛନ୍ତି।
- ❖ ଜଣେ ସାହିତ୍ୟାନୁରାଗୀ ମଣିଷ ହୋଇଥିବାରୁ ଅବସର ପରେ ମଧ୍ୟ ଚଳଚଞ୍ଚଳ ରହିବା ସହିତ ସାରସ୍ୱତ ସାଧନା ଅବ୍ୟାହତ ରହିଛି । ଏଯାବତ୍ ନିୟମିତ ଭାବରେ ଆକାଶବାଣୀ, ଗ୍ରାମଫୋନ ରେକର୍ଡ଼, କ୍ୟାସେଟ, ଦୂରଦର୍ଶନ, ୟୁଟ୍ୟୁବ ଓ ବିଭିନ୍ନ ଗଣମାଧ୍ୟମରେ ବରିଷ୍ଠ ଓ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ସ୍ୱର ମୂର୍ଚ୍ଛନା ମାଧ୍ୟମରେ ଶ୍ରୋତାଙ୍କ ହୃଦୟରେ ସ୍ପନ୍ଦିତ ହୋଇଆସୁଛନ୍ତି । କେବଳ ସଙ୍ଗୀତରେ ନୁହଁ, ନାଟକରେ ମଧ୍ୟ ତାଙ୍କର ସଂପୃକ୍ତି ରହିଛି । ଏତଦବ୍ୟତୀତ ପ୍ରମୁଖ ପତ୍ରପତ୍ରିକାରେ ନିୟମିତ ଲେଖନୀ ଚାଳନା କରି ବୃହତ୍ତର ପାଠକଶ୍ରେଣୀ ସୃଷ୍ଟି କରିବା ସହ ଅଦ୍ୟାବଧି ସାହିତ୍ୟର ବିଭିନ୍ନ ବିଭାଗରେ ସ୍ୱରଚିତ ପ୍ରାୟ ୫୦ରୁ ଅଧିକ ପୁସ୍ତକର ରଚୟିତା ଭାବରେ ବାଣୀଭଣ୍ଡାରକୁ ସମୃଦ୍ଧ କରିଚାଲିଛନ୍ତି। ସାହିତ୍ୟର ବିକାଶ ପାଇଁ କୋରେଇ ସାହିତ୍ୟ ସାଂସଦ ନାମରେ ଏକ ସାରସ୍ୱତ ସଂଗଠନ ପ୍ରତିଷ୍ଠା କରି ପ୍ରତିଭାବାନ ସାରସ୍ୱତ ସାଧକମାନଙ୍କୁ ସମ୍ବର୍ଦ୍ଧିତ କରି ପ୍ରୋତ୍ସାହିତ କରିଆସୁଛନ୍ତି ।
- ❖ ଛାତ୍ର ଜୀବନରୁ ଅଭାବ- ଅନଟନକୁ ଅଙ୍ଗେ ନିଭାଇଥିବାରୁ ଆର୍ଥିକ ଅନଗ୍ରସର ଶ୍ରେଣୀର ମେଧାବି ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସାହାଯ୍ୟ ପାଇଁ କିଛି ସ୍ଥାୟୀପାଣ୍ଠିର ସହଯୋଗ କରିବା ସହ ଗରିବ ଓ ନିରାଶ୍ରୟ କନ୍ୟାଙ୍କ ବିବାହ ପାଇଁ ଶଙ୍ଖଚିଲର ହିଙ୍ଗୁଳା କଲ୍ୟାଣ ପାଣ୍ଠିକୁ ଆର୍ଥିକ ସହାୟତା ଦେଇଆସୁଛନ୍ତି । ଲେଖନୀର ଦୀପ୍ତି, ନମନୀୟ ଦରଦୀ ପ୍ରାଣ ଏବଂ ସର୍ବୋପରି ମହାନ ମାନବିକତା ତାଙ୍କ ବିରଳ ବ୍ୟକ୍ତିତ୍ୱର ପରିଚୟ ଦିଏ । ପୂର୍ବସୂରୀଙ୍କ ପ୍ରତି ତାଙ୍କର ଯେତିକି ସମ୍ମାନ, ଉତ୍ତର ପିଢ଼ିର ସ୍ରଷ୍ଟାଙ୍କ ପ୍ରତି ସେତିକି ପ୍ରେରଣା ଓ ପ୍ରୋତ୍ସାହନ ରହିଛି ।

## ଅମୃତ ଆଳାପ

'ଅଗ୍ନିରୂପା'ର ବାକ୍ୟପୁଷ୍ପୋପହାରମ୍ ଫିଚର୍ ପ୍ରସ୍ତୁତି ଓ ଉପସ୍ଥାପନା ଅବସରରେ ସମକାଳୀନ ସାହିତ୍ୟ ସାଧକଙ୍କ ସମ୍ପର୍କରେ ଜିଜ୍ଞାସା ମୋର ବଳବତ୍ତର ରହିଛି । ମୁଁ ପଚାରିଥିବା ସମସ୍ତ ପ୍ରଶ୍ନ ଉଦାର ହୃଦୟରେ ଗ୍ରହଣ କରି ଶ୍ରୀଯୁକ୍ତ ନନ୍ଦକିଶୋର ସିଂହ ଯେଉଁ ମାର୍ମିକ ଉତ୍ତର ପ୍ରଦାନ କରିଥିଲେ, ତାହା ପାଠକଙ୍କ ଅବଗତି ନିମନ୍ତେ ଏଠାରେ ଅବିକଳ ଉପସ୍ଥାପନା କରୁଛି ।

❖ ଦୀର୍ଘ ଜୀବନର ସାରସ୍ୱତ ସାଧକ ତଥା ସ୍ଥିତପ୍ରଜ୍ଞ ଅସାଧାରଣ ପ୍ରଜ୍ଞା-ପୁରୁଷ ଶ୍ରୀଯୁକ୍ତ ନନ୍ଦକିଶୋର ସିଂହଙ୍କୁ ମୋର ଆଭୂମ ପ୍ରଣାମ !

❖ ସାର୍ ! ଆପଣ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରୁଥିବାବେଳେ କେଉଁ ସର୍ଜନା ଅଧିକ ଆତ୍ମସନ୍ତୋଷ ଦିଏ ?

❖❖ ମୁଁ 'ତ ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ବିଭାଗରେ ହାତ ଦେଇଛି, ତେବେ ପିଲାଙ୍କ ପାଖରେ ମୁଁ ବେଶି ସହଜ ଆଉ ନିଜକୁ ବେଶ୍ ହଜାଇ ଦିଏ । ତେଣୁ ଶିଶୁକବିତା ମୋତେ ବେଶି ଆନନ୍ଦ ଦିଏ । ଗୀତିକବିତା ମୋର ଅନ୍ୟତମ ପ୍ରିୟ ବିଭାଗ ।

❖ ଗୀତିକବିତା ଲେଖିବା ପାଇଁ ଆପଣଙ୍କୁ ପରିବାର କିମ୍ବା ପରିବେଶ ପ୍ରେରଣା ଯୋଗାଇଛି କି ?

❖❖ ମୋତେ ପ୍ରତ୍ୟକ୍ଷ ଭାବେ କେହି ପ୍ରେରଣା ଦେଇଥିବା ମୋର ମନକୁ ଅସୁନି । ବୋଧେ ଏହା ସ୍ୱତଃସ୍ଫୂର୍ତ୍ତ । ତେବେ ସୁନ୍ଦର ପ୍ରାକୃତିକ ପରିବେଶ, ପଶୁପକ୍ଷୀ, ଗଛଲତା, ପୁରୁଷ-ସ୍ତ୍ରୀମାନଙ୍କ ସାହଚର୍ଯ୍ୟ ମୋତେ କମ୍ ପ୍ରେରଣା ଦେଇନାହିଁ ।

❖ ଆପଣଙ୍କ ଦୃଷ୍ଟିରେ ସାମ୍ପ୍ରତିକ ଓଡ଼ିଆ ଗୀତିକବିତାର ସ୍ଥିତି ସନ୍ତୋଷଜନକ କି ? ଭବିଷ୍ୟତ ଉଜ୍ଜ୍ୱଳ କି ??

❖❖ ଗୀତିକବିତା ସ୍ଥିତି ସନ୍ତୋଷଜନକ; କିନ୍ତୁ ଭବିଷ୍ୟତ ସମ୍ବନ୍ଧରେ ମୁଁ ସନ୍ଦିହାନ । କାରଣ ଗୀତିକବିତାରେ ବର୍ତ୍ତମାନ ଯେପରି ଅପମିଶ୍ରଣ ଘଟିଚାଲିଛି କିଏ ଜାଣେ ଭବିଷ୍ୟତରେ ଏହା କେଉଁ ରୂପନେବ ! ତା'ଛଡ଼ା କୃତ୍ରିମ ବୁଦ୍ଧିମତା ଯୁଗ ବି ମାଡ଼ିଆସୁଛି ।

❖ ଉତ୍କୃଷ୍ଟ ଗୀତିକବିତାର ଲକ୍ଷଣ କ'ଣ ? ସାମ୍ପ୍ରତିକ ଗୀତିକବିତାରେ ସେଇସବୁ ଲକ୍ଷଣ ଦେଖୁଛନ୍ତି କି ?

❖❖ ଗୀତିକବିତାର ମୁଖ୍ୟ ଲକ୍ଷଣ ଏହାର ସଂକ୍ଷିପ୍ତତା, ସାଙ୍ଗୀତିକତା ଆଉ ସ୍ୱତଃସ୍ଫୂର୍ତ୍ତତା । ସାମ୍ପ୍ରତିକ ଗୀତିକବିତାରେ ଏହିସବୁ ଲକ୍ଷଣ ଅଳ୍ପେବହୁତ ରହିଛି ନିଶ୍ଚୟ । ମାଆକୁ ଛାଡ଼ି ଛୁଆ କ'ଣ ରହିପାରେ !

❖ ଗୀତ ଓ ଗୀତିକବିତା ମଧ୍ୟରେ ପାର୍ଥକ୍ୟ କ'ଣ ?

❖❖ ଶବ୍ଦଶିଳ୍ପୀ ପାଖରେ ଏହା ଗୀତିକବିତା । ମାତ୍ର କଣ୍ଠଶିଳ୍ପୀ ପାଖରେ ଏହା ଗୀତରେ ରୂପାୟିତ ହୋଇଯାଏ । ପ୍ରଚ୍ଛଦରେ ଏହି ଗୀତିକବିତା ପ୍ରକାଶ୍ୟରେ 'ଗୀତ' ପାଲଟେ ।

❖ ଷାଠିଏ ଦଶକ ପରେ ଗୀତିକବିତାର ଯେଉଁ ଅଗ୍ରଗତି ଘଟି ଆସୁଥିଲା, ଏକବିଂଶ ଶତାବ୍ଦୀଠାରୁ ଏହାର ଅବନତି ଘଟି ଆସୁଥିବାର ଲକ୍ଷ୍ୟ କରାଯାଏ, ଏ ସଂପର୍କରେ ଆପଣ ମତ କ'ଣ ?

❖❖ ଉତ୍ଥାନ-ପତନ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । ଏଣୁ ଗୀତିକବିତା ସେଥିରୁ ବାଦ୍ ଯିବ କିପରି ? ମଣିଷ ଦିନେ ଲଂଗଳା ହୋଇ କିମ୍ବା ଗଛର ପତର ହାରକରି ପିନ୍ଧି ଲଜ୍ଜା ନିବାରଣ କରୁଥିଲା । ଆଜି ସଭ୍ୟସମାଜର ପୋଷାକ ପରିଚ୍ଛଦ ଦେଖନ୍ତୁ । ପୋଷାକ ପିନ୍ଧିବା ନାଆଁରେ କେତେ ଅନାବୃତ କରାଯାଇପାରେ ତାହା କରୁଛି ।

❖ ବର୍ତ୍ତମାନ ବଲିଉଡ ଚଳଚ୍ଚିତ୍ର ଜଗତରେ ବରିଷ୍ଠ ଗୀତିକାରମାନଙ୍କୁ ପ୍ରଥମେ ସୁଯୋଗ ଦେବାବେଳେ, ଆମ ଓଲିଉଡ ଚଳଚ୍ଚିତ୍ରରେ ପ୍ରବୀଣ ଗୀତିକାରମାନଙ୍କୁ ସୁଯୋଗ ନ ଦେବାର କାରଣ କ'ଣ ?

❖❖ ବଲିଉଡ଼ ଜଗତ ଖୁବ୍ ବ୍ୟାପକ । ଏଣୁ ସେଠାରେ ନବୀନ ସାଙ୍ଗକୁ ପ୍ରବୀଣମାନଙ୍କୁ ନିଆଯାଇପାରୁଛି । ତା'ଛଡ଼ା ଆମ ପ୍ରବୀଣମାନଙ୍କ

ଭିତରୁ ଅନେକ ବୟସର ସାୟାହ୍ନରେ ଉପନୀତ ଅବା ମୃତ । ଆମ ଓଲିଉଡରେ କିନ୍ତୁ ସୁଯୋଗ ସୀମିତ । ପ୍ରବୀଣମାନେ ପ୍ରଯୋଜକମାନଙ୍କ ଅଥବା ସଙ୍ଗୀତ ନିର୍ଦ୍ଦେଶକଙ୍କ ଦ୍ୱାରସ୍ଥ ହେବା କଷ୍ଟକର । ଏଣୁ ନବୀନମାନେ ତା'ର ଫାଇଦା ଉଠାଉଛନ୍ତି । ତା'ଛଡ଼ା ଆମର ନୂଆନୂଆ ପ୍ରଯୋଜକମାନଙ୍କ ସଙ୍ଗୀତ ଜଗତରେ ଗଭୀର ପ୍ରବେଶ ନାହିଁ ।

❖ ଗୀତିକବିତା କେବଳ ମନୋରଂଜନ ପାଇଁ ନା ସମାଜ ପାଇଁ ସଚେତନତା ସୃଷ୍ଟି କରିବାରେ ଏହାର କିଛି ଭୂମିକା ରହିଛି ?

❖❖ ମୁଖ୍ୟତଃ ଏହା ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ । ସମାଜର ସଚେତନତା ସୃଷ୍ଟି ପାଇଁ ଅନ୍ୟାନ୍ୟ ବହୁ ବିଭାଗ ଓ ଉପାଦାନ ରହିଛି । ତେବେ ଦେଶପ୍ରୀତି, ମହାମାରି ବିପଦ କିମ୍ବା ବାହ୍ୟଶତ୍ରୁ ଆକ୍ରମଣ ସମୟରେ ସଙ୍ଗୀତର ଗୁରୁଦାୟିତ୍ୱ ରହିଛି । ଆଉ ସେ ଲିଭାଇଥାଏ।

❖ ବର୍ତ୍ତମାନର ନୂଆ ଗୀତିକବିଙ୍କ ପାଇଁ ଆପଣ କ'ଣ ବାର୍ତ୍ତା ଦେବେ ?

❖❖ ମୁଁ କ'ଣ ପୁରୁଣା ହେଲିଣି ? ମୁଁ ଏବେ ବି ନୂଆ । ଗୀତିସାଗରରୁ ଗଣ୍ଡୁଷେ ଜଳନେଇ କେହି କ'ଣ ଆସ୍ପର୍ଦ୍ଧା କରିପାରେ ଅନ୍ୟକୁ ବାର୍ତ୍ତା ଦେବାପାଇଁ । ହଁ - ଏହା ଏକ ସାର୍ବଜନୀନ ସତ୍ୟ ସାଧନା କରିଚାଲିଲେ ସିଦ୍ଧିମିଳିବ ।

❖ ଆପଣଙ୍କ ଗୀତିକବି ଜୀବନର କୌଣସି ଏକ ସ୍ମରଣୀୟ ଅନୁଭୂତି କହିବେ କି ? ଯାହାକୁ ଆପଣ ଏଯାଏଁ ଭୁଲିନାହାଁନ୍ତି ।

❖❖ ସ୍ମରଣୀୟ ଅନୁଭୂତିରେ ମୋ ଗୀତିପେଟିକା ଭରପୁର । କ'ଣ ବଖାଣିବି ? କାହାକୁ ବଖାଣିବି ?? ସେଇମିତି ଗୋପନ ରହିଥାଉ । ଭବିଷ୍ୟତରେ ଅଧିକରୁ ଅଧିକ ଉତ୍ସୁକତା ବଢ଼ିବ ।

ତେବେ ଗୋଟିଏ ଉଦାହରଣ କହୁଛି - ' ସୁଷମା ଗୋ ତୁମ ଅଙ୍ଗେଭରା ମଧୁଜୋଛନା ' ଗୀତଟି ଶୁଣି ସୁଷମା ନାମ୍ନୀ ଜଣେ ସୁଶ୍ରୀ ନିଜକୁ ଗୌରାବାନ୍ୱିତ ମନେ କରି ପ୍ରଣୟ ଉଚ୍ଛ୍ୱାସରେ ମାତିଯିବା କଥା ମୋର ଏବେବି ସ୍ମୃତିକୋଷରେ ଖୁଜୁବୁଜୁ ଦେଉଛି । ଅଥଚ ସେଇ ସୁଷମାଟି ପ୍ରକୃତରେ ପୁଷ୍ପଭରା ଏକ ରକ୍ତକଞ୍ଚନ ବୃକ୍ଷ ଏକଥା ସେ କାହୁଁ ବୁଝିବ !!



# ଧ୍ୱନି-ପ୍ରତିଧ୍ୱନି

**ଅଚ୍ୟୁତାନନ୍ଦ ପତି (ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାରପ୍ରାପ୍ତ କଥାକାର)**

ନନ୍ଦକିଶୋର ସିଂହ। ଦିନେଦିନେ ଏହି ନାଆଁଟିକୁ ଆକଳନ କରିବାକୁ ମନେକରି ମନେମନେ ଭାବେ, ଏ ନାଆଁଟିରେ ଗୁନ୍ଥା ହୋଇଥିବା ସବୁ ଶବ୍ଦର ଆଭିଧାନିକ ମାନେକୁ ପରିପୂର୍ଣ୍ଣ ଭାବରେ ବହନ କରି, ଏକ ନାମଧାରୀ ଜଣେ ଅସାମାନ୍ୟ ମଣିଷ। ସେ ନନ୍ଦ: ଆନନ୍ଦର ଅସରନ୍ତି ପସରା ଧରି, ବୟସ ନିର୍ବିଶେଷରେ ଛୁଆ, ଟୋକା, ବୁଢ଼ା ସମସ୍ତ ମନକୁ ମନାଇ, ସେ ମାନସିକ ଖୁସି ବାଣ୍ଟୁଛି । ସେ କିଶୋର: ଆଜି ବି ତା' ସୃଷ୍ଟିରେ, ସାମର୍ଥ୍ୟରେ, ବୟସରେ କଳଙ୍କି ଲାଗିନି । ସେ ସିଂହ: ତା ସାହିତ୍ୟର ସବୁଜ ସାମ୍ରାଜ୍ୟରେ ସେ ଅଧିନାୟକର ସ୍ପର୍ଦ୍ଧା ଧରି, ନିଜର ନିଜତ୍ୱକୁ ଜାହିର କରିଚାଲିଛି।

ନନ୍ଦ ଆଜି ଧନ୍ୟ, ଗଣ୍ୟ, ବରେଣ୍ୟ। ତା'ର ମୂଲ୍ୟବୋଧ ପାଇଁ ସେ ଅଭିନନ୍ଦିତ । ଆନନ୍ଦରେ ମୋ ମନ ରୁଦ୍ଧି ହୋଇଯାଉଛି । ଶାସ୍ତ୍ର କହେ: ଶିଷ୍ୟ ବିଛେତ୍ ପରାଜୟଂ । ଶିଷ୍ୟଠାରୁ ପରାଜୟ ପାଇ ଗୁରୁ ହୁଏ ଗୌରାବାନ୍ୱିତ । ସେ ମୋ ଠୁଁ ଉଞ୍ଚ, ଆହୁରି ଉଞ୍ଚ ହେଉ । ମୋ ଆଖି ନପାଇଲା ଯାଏଁ । ସେ ଉପରକୁ ଉପରକୁ ଉଠିଉଠି ଯାଉ । ସେଥିରେ ହିଁ ମୋର ପରମ ଆତ୍ମପ୍ରସାଦ ।

**ପ୍ରଫେସର ଡକ୍ଟର ତୁଳସୀ ଓଝା( ସମାଲୋଚିକା ଓ ଶିକ୍ଷାବିତ୍ )**

ନିଜ ନିଶାରେ ନିଜେ ମସଗୁଲ କବି ନନ୍ଦକିଶୋର ସିଂହଙ୍କର ସୃଷ୍ଟି ସମୀକ୍ଷା କରିବାକୁ ଗଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ, ବିଶାଳ ତାଙ୍କ କୃତି। ଯଦିଓ ଆଧୁନିକ ଓଡ଼ିଆ ଗୀତିକବିତାରେ ଅନେକ ସ୍ଥାନରେ କୈଶୋର ଓ ତା'ର ତରଳ ସ୍ମୃତି ଜୀବନକୁ ଜରଜର କରିଥାଏ, ସେ ଅନୁଭୂତି ନନ୍ଦକିଶୋରଙ୍କ ରଚନାରେ ଖୁବ୍ କମ୍ ଦେଖିବାକୁ ମିଳେ । ତେଣୁ ସେ ତାଙ୍କ କବିତାରେ ଯୌବନଦୀପ୍ତ ପ୍ରେମିକ ମନର ଉଚ୍ଛ୍ୱାସ ଅତି ସ୍ୱଚ୍ଛ ଭାବରେ ପ୍ରକାଶିତ । ଜଣେ ନୀରବ, ନିଃସଙ୍ଗ ଓ ନିଛାଟିଆ ଜନପଦର ପଥିକ କବି ନନ୍ଦକିଶୋର ସିଂହ । ଅଭିଯୋଗହୀନ, ପ୍ରତ୍ୟାଶାହୀନ ପ୍ରେମ ତପ୍ୱର ଆରୋହୀ, ଦିଶା ଜଣାନାହିଁ- କୂଳପାଇଁ ନିଘା ନାହିଁ- ବୁଡ଼ିବାର ଭୟନାହିଁ - କି ଅଥଳ ଜଳରେ ଭାସି ବୁଲିବାର କ୍ଳାନ୍ତି ମଧ୍ୟ ନାହିଁ । ତେଣୁ ତାଙ୍କ ପ୍ରେମରେ ନାହିଁ ହାରଜିତର ତାଡ଼ନା- ଅଛି କେବଳ ଏକ ପ୍ରତିବିମ୍ବହୀନ ବିମ୍ବ । ପ୍ରତ୍ୟେକ ରଚନାରେ ସେ ଗାୟକ ଓ ଶ୍ରୋତାମାନଙ୍କର ସ୍ୱୀକୃତି ଓ ଶ୍ରଦ୍ଧା ଲାଭକରିଛନ୍ତି ।

**ଦେବେନ୍ଦ୍ର ଦାସ (ଅବସରପ୍ରାପ୍ତ ଆଇ.ଜି, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କୃତ ବରିଷ୍ଠ ଗୀତିକବି)**

ସମକାଳୀନ ଓଡ଼ିଆ ଗୀତିସାହିତ୍ୟରେ ନନ୍ଦକିଶୋର ସିଂହ ସୁପ୍ରତିଷ୍ଠିତ ଗୀତିକବି ଭାବରେ ସୁପରିଚିତ । ମୁଁ ମୋର ବୃତ୍ତିମୟ ଜୀବନର (ଷାଠିଏ /ସତୁରି ଦଶକ) ଜଞ୍ଜାଳ ଓ ବ୍ୟସ୍ତତା ମଧ୍ୟରେ ତଥାପି ତାଙ୍କ ଗୀତ ଶୁଣିବାର ସୁଯୋଗ ପାଇଛି । ଏବେବି ମୋର ମନେ ଅଛି 'ସୁଷମା ଗୋ ତୁମ ଅଙ୍ଗେଭରା', 'ଚନ୍ଦ୍ରା ଗୋ ଏଇ ଚନ୍ଦ୍ରିକାଝରା ରାତେ' । ଏହି ପ୍ରାଣମୟ ସ୍ରଷ୍ଟାଙ୍କ ସଂଖ୍ୟାଧିକ ଗୀତ ବରିଷ୍ଠ କଣ୍ଠଶିଳ୍ପୀଙ୍କ କଣ୍ଠରେ ଝଙ୍କୃତ ହୋଇ ବହୁଳଭାବରେ ଜନାଦୃତ। ସରଳତା, ପ୍ରାଞ୍ଜଳତା, ବୋଧଗମ୍ୟତା ତାଙ୍କ ଗୀତିକବିତାରେ ବିଶେଷ ପରିଚୟ ବହନ କରେ । ଯେଉଁଠି ବୌଦ୍ଧିକତା ଓ ଆବେଗର ଚମତ୍କାର ମିଶ୍ରଣ ଘଟିଥାଏ। ଉପଯୁକ୍ତ ଶବ୍ଦଚୟନପୂର୍ବକ ଚିତ୍ରକଳ୍ପର ଜଗତ ନିର୍ମାଣ କରିବାରେ ସେ ଜଣେ ଧୁରନ୍ଧର ଗୀତିକବି।

**ପ୍ରଫେସର ଡାକ୍ତର ଶରତ ଚନ୍ଦ୍ର ରଥ (ସମାଲୋଚକ ଓ ଶିକ୍ଷାବିତ୍)**

ଗୀତିମୟତାଯୁକ୍ତ କବିତା ହିଁ ଗୀତିକବିତା, ଯାହାର ସ୍ରଷ୍ଟାଙ୍କୁ ଗୀତିକବିର ମାନ୍ୟତା ଦିଆଯାଏ । ଏପରି ଜଣେ ସ୍ରଷ୍ଟା ଭାବରେ ତଥା ଗୀତିକବି ଭାବରେ ଶ୍ରୀଯୁକ୍ତ ନନ୍ଦକିଶୋର ସିଂହଙ୍କ ପ୍ରତିଷ୍ଠା ରହିଛି । ବିଭିନ୍ନ ଦିଗରୁ ବିଚାର କଲେ ବୁଝିହୁଏ ଯେ କବିଙ୍କ ଜୀବନର ଉପଲବ୍ଧି ପାଇଁ ସେ ସତତ ପ୍ରୟାସୀ ଓ ଯତ୍ନଶୀଳ । ଏଥିପାଇଁ ସର୍ଜନଶୀଳତାକୁ ଏକ ବଳିଷ୍ଠ ମାଧ୍ୟମ ଭାବରେ ସେ ବିବେଚନା କରିଛନ୍ତି। । ଲେଖନୀ ତାଙ୍କର ଚଳଚଞ୍ଚଳ ରହୁ ଏତିକି କାମନା ।

**ପ୍ରଫେସର ଡକ୍ଟର ସରୋଜ କୁମାର ସିଂହ (ଶିକ୍ଷାବିତ୍ ଓ ସଂସ୍କୃତି ଗବେଷକ)**

ନନ୍ଦକିଶୋର ସିଂହ ଜଣେ ଅଭିଜ୍ଞ ତଥା ସମ୍ଭ୍ରାନ୍ତ ଶୈଳୀର ଗୀତିକାର । ଜୀବନସାରା ସେ ମନର ନଦୀରେ, ଭାଷାର ଡଙ୍ଗାରେ, ଭାବର ଆକାଶ ତଳେ, ଗୀତର ଆହୁଲା ମାରି ନୌକାବିହାର କରିଆସିଛନ୍ତି ଏକ କଳ୍ପନାବିଳାସୀ ନାବିକ ପରି । ଅନେକ ସ୍ମୃତି ବିଜଡ଼ିତ କାହାଣୀକୁ

ସେ ଗୀତରେ ମୟୂରଚନ୍ଦ୍ରିକା କରି ସଜାଇ ଦିଅନ୍ତି । ତାଙ୍କ ଶବ୍ଦ, ଭାବ ଓ ଭାଷାର ଅତରମିଶା କାଳିରେ ଲେଖିଚାଲିଛନ୍ତି ଏବଂ ପାଠକ ଓ ଶ୍ରୋତାଙ୍କ ମନକୁ ମହକିତ କରିଛନ୍ତି ।

**ମିଶ୍ର ସତ୍ୟନାରାୟଣ( ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କୃତ ଗୀତିକବି ଓ ଗୀତି ଗବେଷକ)**

ବହୁମୁଖୀ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ନନ୍ଦକିଶୋର ସିଂହ ଓଡ଼ିଆ ସାହିତ୍ୟର ପ୍ରାୟ ସମସ୍ତ ବିଭାଗରେ ଲେଖନୀ ଚାଳନା କରି ସୁପରିଚିତ ହେଲେହେଁ ଗୀତିକବିତା ରଚନାରେ ସିଦ୍ଧହସ୍ତ ଓ ସୁପ୍ରତିଷ୍ଠିତ। ସ୍ୱାଧୀନତା ପରବର୍ତ୍ତୀ ଷାଠିଏ ଦଶକର ଆଦ୍ୟ ଭାଗରେ ହାତଗଣତି ଯେଉଁ କେତେଜଣ ଗୀତିକବି ନୂତନ ଧାରାର ପ୍ରବର୍ତ୍ତକ ତନ୍ମଧ୍ୟରୁ ତାଙ୍କର ଭୂମିକା ଉଲ୍ଲେଖନୀୟ। ଭାବ ବୈଚିତ୍ର୍ୟ ସାଙ୍ଗକୁ ବଳିଷ୍ଠ ତଥା ବୋଧଗମ୍ୟ ଭାଷା ବିନ୍ୟାସ ଓ ନିଖୁଣ ନାନ୍ଦନିକତା ତାଙ୍କ ରଚନାର ବୈଶିଷ୍ଟ୍ୟ। ଗୀତିକବିତା ଭଳି ସେ ନିଜେ ସରଳ-ତରଳ ଏବଂ ଉତ୍ତରପିଢ଼ିର ଗୀତିକବିମାନଙ୍କ ପଥ ପ୍ରଦର୍ଶକ।

**ହଂସନାଥ ମୁଦୁଲି(ଶିଶୁସାହିତ୍ୟିକ ଓ ଗୀତିକବି)**

ଗୀତିକବିତା, ଶିଶୁସାହିତ୍ୟ, ନାଟକ, ପ୍ରବନ୍ଧ ପ୍ରଭୃତି ଅଧିକାଂଶ ସାରସ୍ୱତ ବିଭାଗରେ ନିଜର ସ୍ୱର୍ଣ୍ଣିମ ସ୍ୱାକ୍ଷର ଆଙ୍କିଥିବା ବ୍ୟକ୍ତିତ୍ୱ ହେଉଛନ୍ତି ନିରଳସ ସାହିତ୍ୟ ସାଧକ ଶ୍ରୀ ନନ୍ଦକିଶୋର ସିଂହ । ଏହି ପ୍ରସିଦ୍ଧ ଗୀତିକାରଙ୍କ ଅତିସୁନ୍ଦର, ମନଛୁଆଁ ଭାବଗର୍ଭକ କାଳଜୟୀ ଗୀତ ବରିଷ୍ଠ କଣ୍ଠଶିଳ୍ପୀଙ୍କ କଣ୍ଠରେ ବହୁ ଜନାଦୃତ ହୋଇ ଯୁଗଯୁଗ ଧରି ଶ୍ରୋତା ଓ ପାଠକଙ୍କ ମନରେ ଛାପିହୋଇ ରହିଯାଇଛି । ସେଗୁଡ଼ିକ ହେଲା - 'ସୂର୍ଯ୍ୟ ଉଇଁଲେ ପ୍ରଥମେ ଚାହିଁବ', 'ସୁଷମା ଗୋ ତୁମ ଅଙ୍ଗେଭରା', 'ବସନ୍ତ ଲେଖିଛି ଚିଠି', 'ଜହ୍ନ ଦେଇଛି ଚିଠି', 'କାଳିଆ ତୋ କଳାକଳା ଡୋଳାକୁ ଚାହିଁ' । ଏମିତି ତାଙ୍କ ଲେଖନୀରୁ ଆହୁରି ଅସଂଖ୍ୟ କାଳଜୟୀ ଲେଖା ସୃଷ୍ଟି ହୋଇ ଚାଲିଥାଉ ।



**ବୈଷ୍ଣବେଶ ମହାପାତ୍ର (ବିଦଗ୍ଧ ଶ୍ରୋତା ଓ ସଂସ୍କୃତି ସଂରକ୍ଷକ)**

ଓଡ଼ିଆ ସାହିତ୍ୟର ପ୍ରାୟ ସମସ୍ତ ବିଭାଗରେ (ଗୀତିକବିତା, କ୍ଷୁଦ୍ରଗଳ୍ପ, ନାଟକ, ଶିଶୁ ସାହିତ୍ୟ) ନିଜର କୃତିତ୍ୱକୁ ଉଦାତ୍ତ ଭାବରେ ଘୋଷଣା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିବା ସାରସ୍ୱତ ସାଧକ ଶ୍ରୀଯୁକ୍ତ ନନ୍ଦକିଶୋର ସିଂହ ଜଣେ ବହୁଜନାଦୃତ ସ୍ରଷ୍ଟା। କିନ୍ତୁ କ୍ଷୋଭର ବିଷୟ ଯେ ତାଙ୍କର ଗୀତିକାର ପରିଚୟ ପଛରେ ଅନ୍ୟ ସମସ୍ତ ପରିଚୟ ଆଡୁଆଳ ହୋଇ ରହିଯାଏ। ଶ୍ରୀଯୁକ୍ତ ସିଂହ ୧୯୬୩ ମସିହା ମାର୍ଚ୍ଚ ମାସ ୧୧ ତାରିଖରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଏବଂ ସର୍ବପ୍ରଥମେ ମନୋରଞ୍ଜନ ପୃଷ୍ଟିଙ୍କ କଣ୍ଠରେ ଦୁଇଟି ଗୀତ ୧୯୬୪ ମସିହା ଏପ୍ରିଲ ମାସ ୩୦ ତାରିଖ ଦିନ ଆକାଶବାଣୀ କଟକରୁ ପ୍ରଚାରିତ। ଗୀତ ଦୁଇଟି ହେଉଚି 'ଫାଟିଲା କାନ୍ଥରେ କାଦୁଅ ଲେସିଲେ ହୋଇଚି କି କାହିଁ ଯୋଡ଼ି' ଏବଂ 'ଜୀବନ ପଥ ମୋର ବେଳକୁ ବେଳ ପ୍ରଭୁ ହୋଇଗଲା କଣ୍ଟକିତ'। ଗୀତିକବିତାରେ ଶବ୍ଦାଳଙ୍କାରର ଚାତୁର୍ଯ୍ୟପୂର୍ଣ୍ଣ ପ୍ରୟୋଗ କରି ଭକ୍ତି ରସ, କରୁଣ ରସ, ଅଦ୍ଭୁତ ରସ, ଶାନ୍ତ ରସ ଏବଂ ଦେଶାତ୍ମବୋଧକ ଭାବ ଉଦ୍ରେକ କରି ଗମ୍ଭୀର ପରିବେଶର ସର୍ଜନା ହେଉ କିମ୍ବା ଚଟୁଳ ହାସ୍ୟରସର ଅବତାରଣା ହେଉ, ସବୁଥିରେ ତାଙ୍କର ଦକ୍ଷତା ବିଦିତ। ତାଙ୍କ ସର୍ଜନାର ଅପ୍ରତିରୂପ ବୈଶିଷ୍ଟ୍ୟ ହେଲା ଉଭୟ ଭାବ ଯତି (sense pause) ଏବଂ ଛନ୍ଦ ଯତି (metrical pause) ପ୍ରୟୋଗ ଏବଂ ସମସ୍ତ ଗୀତିକବିତା ଗୁରୁଚାଣ୍ଡାଳୀ ଦୋଷରୁ ସମ୍ପୂର୍ଣ୍ଣ ମୁକ୍ତ। ଗୀତିକବିତାରେ ଲକ୍ଷଣା (ସ୍ନେହର ଫଗୁଣ ତୁମେ ଅଲିଅଳି ଲଗନେ) ଏବଂ ଉପଧା / ଦ୍ୱିମାତ୍ରିକ ମେଳ / ଯୁଗ୍ମ ମେଳ (ମୁଁ ଏକ ଅତି ନିରୀହା କୁସୁମ କଳିକା, ଋତୁକନ୍ୟା ବାସନ୍ତିକା ସରଳ ବାଳିକା) ପ୍ରୟୋଗ ତାଙ୍କ ରଚନାର ଅନ୍ୟତମ ନୈପୁଣ୍ୟ। ତିନିଟି ଓଡ଼ିଆ ଚଳଚ୍ଚିତ୍ରରେ ତାଙ୍କ ଗୀତ ଅତ୍ୟନ୍ତ ମାର୍ମିକ ଓ ଉଚ୍ଚକୋଟୀର। ଏହା ବ୍ୟତୀତ ତାଙ୍କର ବେତାର ନାଟକଗୁଡ଼ିକରେ ବିରେଚନ (catharsis) ଏବଂ ବାକ୍ ବୈଚିତ୍ର୍ୟର ସଞ୍ଚାର ତାଙ୍କ ବିଶେଷ ପ୍ରତିଭାର ପରିଚୟ।

## ବହୁଚର୍ଚ୍ଚିତ ଏକଡଜନ ଗୀତ

୧-ସୂର୍ଯ୍ୟ ଉଇଁଲେ ପ୍ରଥମେ ଚାହିଁବ ମୋ ପ୍ରିୟାର ଗାଆଁ ଆଡ଼େ (ଆକାଶବାଣୀ/ଗ୍ରାମଫୋନ୍ ରେକର୍ଡ) ଚିତ୍ତରଞ୍ଜନ ଜେନା
୨- ସୁଷମା ଗୋ ତୁମ ଅଙ୍ଗେଭରା ମଧୁଜୋଛନା (ଗ୍ରାମଫୋନ୍ ରେକର୍ଡ) ରଘୁନାଥ ପାଣିଗ୍ରାହୀ
୩- ବଡ଼ଦାଣ୍ଡେ ଚାଲେ ତବ ନନ୍ଦିଘୋଷ ରଥ (ଗ୍ରାମଫୋନ୍ ରେକର୍ଡ) ଦିବାକର ମହାନ୍ତି
୪- ମହୁଆ ଭାବି ମୋତେ ମହୁ ଲୋଭ ଦେଖାଉ ଲୋ (ଗ୍ରାମଫୋନ୍ ରେକର୍ଡ) ଧନଞ୍ଜୟ ଶତପଥୀ
୫- ନିତି ଯାଅ ଏଇ ବାଟେ ଏଇଠି ତ ଦେଖାହୁଏ (ଗ୍ରାମଫୋନ୍ ରେକର୍ଡ) ସିକନ୍ଦର ଆଲାମ
୬- ନିତି ନୟନେ ସେ ରୂପ ଦେଖନ୍ତି (ଆକାଶବାଣୀ) ଶାନ୍ତିଲତା ବାରିକ
୭- କାଳିଆ ତୋ କଳାକଳା ଡୋଳାକୁ ଚାହିଁ (ଶାନ୍ତିଲତା ବାରିକ)
୮-ପିନ୍ଧିଥିଲି ଦିନେ ସବୁଜ କିରୀଟ (ଦୂରଦର୍ଶନ) ଅକ୍ଷୟ ମହାନ୍ତି
୯- କୋଟି ଚାରୁକଳା କଳାରେ କୁଶଳା (ଚଳଚ୍ଚିତ୍ର) ଭିକାରୀ ବଳ, ଗୀତା ପଟ୍ଟନାୟକ ଓ ସାଥୀ
୧୦-ତୁମେ କି ଜାଣନା ପ୍ରିୟ ମୁଁ ତୁମ ନାୟିକା (ଧରିତ୍ରୀ) ସିପ୍ରା ବୋଷ
୧୧-ରାମ ସିନା ନାହାନ୍ତିରେ ଅଛି ରାମ ନାମ (ଆକାଶବାଣୀ) ବାଳକୃଷ୍ଣ ଦାଶ
୧୨- ଚନ୍ଦ୍ରା ଗୋ ଏଇ ଚନ୍ଦ୍ରିକାଝରା ରାତେ (ଆକାଶବାଣୀ) ପ୍ରଣବ ପଟ୍ଟନାୟକ ।

ବହୁମୁଖୀ ସର୍ଜନଶୀଳତାର ଦିଗନ୍ତଭେଦୀ ସାଧକ ଶ୍ରୀଯୁକ୍ତ ନନ୍ଦକିଶୋର ସିଂହଙ୍କ ଫିଚର୍ ପ୍ରସ୍ତୁତି ପରିକଳ୍ପନା ମୋପାଇଁ ଧୃଷ୍ଟତା ନିଶ୍ଚୟ । ସମଗ୍ର ଜୀବନ ସାହିତ୍ୟ ସାଧନାରେ ବ୍ରତୀ ରହି ପ୍ରତିଷ୍ଠାର ଶୀର୍ଷକୁ ସ୍ପର୍ଶ କରିସାରିଥିବା ଏହି ଶବ୍ଦବିନ୍ଧାଣିଙ୍କ ଜୀବନ, ବ୍ୟକ୍ତିତ୍ୱ ଓ ସାମଗ୍ରିକ ସୃଷ୍ଟିକୁ ଆକଳନ କରିବା ତ ସମ୍ଭବ ନୁହେଁ । ବରଂ ସୁବିଶାଳ ତଥା ସୁଗଭୀର ସାଗରରୁ ମାତ୍ର ଆଞ୍ଜୁଳାଏ ନେଇ ପାଠକଙ୍କ ପାଖରେ ପରଷିଦେବା ଆମର ଏକାନ୍ତ କାମ୍ୟ । ତେବେ ପାଠକ ଏଇ ଆଞ୍ଜୁଳେ ମଧ୍ୟରେ ଅମୂଲ୍ୟରତ୍ନର ଆଭାସ ପାଇବେ ବୋଲି ମୋର ଆଶା ଓ ବିଶ୍ୱାସ ! ଏହା 'ଅଗ୍ନିରୂପା'ର 'ବାକ୍ୟପୁଷ୍ପୋହାରମ୍' ମାଧ୍ୟମରେ ମୋର ଶ୍ରଦ୍ଧାଞ୍ଜଳି । ତାଙ୍କ କାବ୍ୟିକ ଉଦ୍ଗୀରଣରେ ରହିଛି ମାନବିକତାର ମଧୁର ଝଙ୍କାର, ରହିଛି ପ୍ରତୀତି ଓ ପ୍ରଣୟର ନିର୍ବିକାର ସମ୍ମୋହନ ଏବଂ ଭାବସ୍ୱାଚ୍ଛନ୍ଦ୍ୟ, ରହିଛି ଚିତ୍ରକଳ୍ପ ତଥା ପ୍ରତୀକ ସୃଷ୍ଟିର ନିପୁଣତା । ତାଙ୍କର ପ୍ରତ୍ୟେକ ବିଭାବର ଛାୟା ବିଦଗ୍ଧ ପାଠକ ଓ ଶ୍ରୋତାଙ୍କୁ ଆକୃଷ୍ଟ କରେ । ତାଙ୍କ କବିତାରେ ମୁଁ ପାଇଲି କାହାଣୀ, ଗଳ୍ପରେ ପାଇଲି କବିତା, ନାଟକରେ ନବରସର ପରିବେଷଣ । ଗୀତିକବିତାରେ ଦେଖିଲି ଶବ୍ଦକଳାର କୋଣାର୍କ ।



ହେ ପ୍ରଣମ୍ୟ ସାରସ୍ୱତ ସାଧକ ! ପ୍ରଣିପାତ ଆପଣଙ୍କ ସାରସ୍ୱତ ସାଧନାକୁ, ସମର୍ପିତ ଅନୁରାଗକୁ, ଉର୍ଦ୍ଧ୍ୱାୟିତ କାବ୍ୟଯାତ୍ରାକୁ । ଓଡ଼ିଆ ସାହିତ୍ୟ, କଳା ଓ ସଂସ୍କୃତିକୁ ଆହୁରି ଅଧିକରୁ ଅଧିକ ପରିଚିତ ଓ ପ୍ରଶଂସିତ କରାଇ ଆଗାମୀ ପିଢ଼ି ପାଇଁ ଦିଗଦର୍ଶକର ଭୂମିକା ନିର୍ବାହ କରି ଚାଲିଥାଆନ୍ତୁ। ଜୀବନ ହେଉ ନିରାମୟ। ଜଗତର ଇଷ୍ଟ ଶ୍ରୀଜଗନ୍ନାଥଙ୍କ ପାଖରେ 'ଅଗ୍ନିରୂପା' ପରିବାର ତରଫରୁ ଏତିକି !! କାମନା!!!



# ପ୍ରବନ୍ଧମ୍



# ସୀତାକାନ୍ତ ମହାପାତ୍ରଙ୍କ କବିତା : ମାଟିର ମହକ



ISSN-2583-6978
Volume-4
Issue-10
OCTOBER-2024

**ପ୍ରଫେସର ବବ୍ରୁବାହନ ମହାପାତ୍ର**

**ବିଭାଗମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା**

ମାଟି ହେଉଛି ଜୀବଜଗତର ଧାତ୍ରୀ ସ୍ୱରୂପା। ତା ବିନା ମର୍ତ୍ତ୍ୟର ଜୀବନ ଲୀଳା ଅସମ୍ଭବ। ତେଣୁ ମାଟିକୁ ପ୍ରତ୍ୟାଖ୍ୟାନ କଲେ କବିତାର ମୃତ୍ୟୁ ଅବଶ୍ୟମ୍ଭାବୀ। ମାଟି ଭିତରେ ରହିଛି କବିତାର ମଞ୍ଜି। ମାଟି ହିଁ କବିତାର ଜୀବନନାଟି। କାଳେକାଳେ କବିତା ମାଟିର ଉପାଦାନରେ ମୂର୍ତ୍ତିମନ୍ତ ରୂପ ନିଏ। ସମୟ ବିଶେଷରେ କବି ଆକାଶମୁହାଁ ହେଲେ ହେଁ ମାଟି ଉପରେ ନିବଦ୍ଧ ଥାଏ ତାର ପାଦ। ନ'ହେଲେ ତାର ସ୍ଥିତି ଦୋହଲିଯାଏ ଓ ଅପମୃତ୍ୟୁ ହୁଏ। ସେ ଦୃଷ୍ଟିରୁ ମାଟି ମନସ୍କତା ହେଉଛି କବିର କୌଳିକ ପ୍ରବୃତ୍ତି। ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ସୀତାକାନ୍ତ ମହାପାତ୍ର ଏହିପରି ଜଣେ ମାଟି ମନସ୍କ କବି। ତାଙ୍କର ମେଦିନୀ ଦୃଷ୍ଟି ପ୍ରଶଂସନୀୟ। 'ଦୀପ୍ତି ଓ ଦ୍ୟୁତି', 'ଅଷ୍ଟପଦୀ', 'ଶବ୍ଦର ଆକାଶ', 'ସମୁଦ୍ର', 'ଚିତ୍ରନଦୀ', 'ଆରଦୃଶ୍ୟ', 'ସମୟର ଶେଷ ନାମ', 'କାହାକୁ ପୁଚ୍ଛିବା କହ', 'ବର୍ଷା ସକାଳ', 'ମୃତ୍ୟୁର ଅସୀମ ଧୈର୍ଯ୍ୟ', 'ଫେରି ଆସିବାର ବେଳ', 'କପଟ ପାଶା' ପ୍ରଭୃତି ତାଙ୍କର ସ୍ମରଣୀୟ କବିତା ସଂକଳନ। ବିଷୟ ବୈଚିତ୍ର ସତ୍ତ୍ୱେ ଏଗୁଡ଼ିକରେ ମାଟିର ମହକ ପାଠକକୁ ପ୍ରଲୁବ୍ଧ କରିଥାଏ। ଆତ୍ମ ଆବିଷ୍କାରର ଅନ୍ୟନାମ ଯଦି କବିତା ହୁଏ, ସୀତାକାନ୍ତଙ୍କ କବିତା ତା'ଠାରୁ ଦୂରବର୍ତ୍ତୀ ନୁହେଁ।

ଆମେ ଜାଣୁ ଯେ ଆଧୁନିକ କବିତା ସର୍ବତୋଭାବେ ମଣିଷର ବେଦନାପ୍ରଦ ଜୀବନର ପାଣ୍ଡୁଲିପି। ଏଥିରେ ଅଧୁନାତନ ପୃଥିବୀର ଅବକ୍ଷୟଗ୍ରସ୍ତ ରୂପ ଓ ସାଂସ୍କୃତିକ ସଂକଟର ସ୍ପଷ୍ଟ ଚିତ୍ର ଫୁଟିଛି। ମୂଲ୍ୟବୋଧ ଓ ପରଂପରା ବିଚ୍ୟୁତ ସଭ୍ୟତାର ଅନ୍ଧାରୀଛାପ ଅଧିକତର ଅଙ୍କିତ ହୋଇଛି। ସୀତାକାନ୍ତଙ୍କ କବିତାରେ ମଧ୍ୟ ଅନ୍ତଃସାରଶୂନ୍ୟ ସାଂପ୍ରତିକ ମଣିଷର ଆତ୍ମିକ ବେଦନାବୋଧ ରୂପାୟିତ ହୋଇଛି। ତଥାପି ସୀତାକାନ୍ତ ଜଣେ ପରଂପରା ପ୍ରେମୀ ଶିଳ୍ପୀ। ତାଙ୍କ ଦୃଷ୍ଟିରେ ''ପରଂପରା ଗୋଟିଏ ସଂଗୀତ, ଯାହାକି ମନ ଭିତରେ ପ୍ରତିଧ୍ୱନି ସୃଷ୍ଟି କରେ, ଅତୀତକୁ ଅଦୃଶ୍ୟ ସେତୁ ଦ୍ୱାରା ବର୍ତ୍ତମାନ ସହିତ ସଂଯୋଗ କରେ ଏବଂ ବ୍ୟକ୍ତିମାନସ ତଥା ସାମାଜିକ ସଂଗଠନକୁ ସ୍ଥିରତା ଦିଗରେ ପରିଚାଳିତ କରେ।" (ମହାପାତ୍ର, ସୀତାକାନ୍ତ– ''ଶବ୍ଦ, ସ୍ୱପ୍ନ ଓ ନିର୍ଭୀକତା''– ଗ୍ରନ୍ଥମନ୍ଦିର-୧୯୯୦, ପୃ. ୩୨) ବସ୍ତୁତଃ ତାଙ୍କ କବିତା ନିଜସ୍ୱ ମାଟିର ଐତିହ୍ୟ ସହିତ ସଦା ସମ୍ବନ୍ଧିତ। ତାଙ୍କ ଶବ୍ଦର ବାମନ ପାଦ ପ୍ରଥମେ ମାଟିରେ ପଡ଼େ ଓ ପରେ ଦ୍ୱିତୀୟ ପାଦରେ ସେ ଶୂନ୍ୟକୁ ଭେଦେ। ତାର ତୃତୀୟ ପାଦ ପାଇଁ ହୁଏତ ପୃଥ୍ୱୀରେ ଜାଗା ନଥାଏ-

"ଶବ୍ଦ ଯେ ବାମନ
ତାର ଏକ ପାଦେ ସିନା ଛାଇଯାଏ ଭୂମି ଓ ଗଗନ
ଶୂନ୍ୟ ଭେଦେ ସେ ମାୟାବୀ ଆବର ପାଦେଣ
ତୃତୀୟ ପାଦକୁ ଆଉ ପୃଥ୍ୱୀ ଅବା କାହିଁ
ମୁଁ ଯେ ମଥା ପାତିଦିଏ ନୀରବରେ
ସେ ବ୍ରାହ୍ମଣ ପାଇଁ।"

('କବିତାର ଜନ୍ମ'– ଫେରି ଆସିବାର ବେଳ, ପୃ. ୩୭-୩୮)

ବିଷ୍ଣୁଙ୍କର ବାମନାବତାର ସହିତ 'ଶବ୍ଦ'ର ଭୂମିକା ଏଠି ସାମଞ୍ଜସ୍ୟ ରକ୍ଷା କରେ। ପୁରାଣର ବଳି-ବାମନ ଉପାଖ୍ୟାନ ଅନୁଯାୟୀ ବାମନ ମୂର୍ତ୍ତି ବିଷ୍ଣୁଙ୍କର ତୃତୀୟ ପାଦ ଥୋଇବା ପାଇଁ ରାଜା 'ବଳୀ'ଙ୍କ ପାଖରେ ଜାଗା ନଥିଲା। ବଳୀଙ୍କର ଦାନଶୀଳତାର ଔଦ୍ଧତ୍ୟ ଭାଙ୍ଗିଲା। କବିତାରେ ପ୍ରଯୁକ୍ତ 'ଶବ୍ଦ' ସେହି ବାମନ ବ୍ରାହ୍ମଣର ଭୂମିକା ନିଏ। 'ଶବ୍ଦ'କୁ ଆମ ପରଂପରାରେ 'ବ୍ରହ୍ମ'ର ଆସନ ଦିଆଯାଇ ନାହିଁ କି? କବି ଏଠାରେ କେବଳ ଅପାରଗ ବଳୀ ରାଜା ପରି ତାର ବଶ୍ୟତା ସ୍ୱୀକାର କରେ, ମଥାପାତି ଦିଏ। ଏମିତି ଭାରତୀୟ ପୁରାଣ ଓ ଇତିହାସର ପ୍ରଚୁର ଉପାଦାନ ସୀତାକାନ୍ତଙ୍କ ରଚନାରେ ଗର୍ଭୀଭୂତ। ତାଙ୍କ କବିମାନସ ଦୂର ସମୁଦ୍ରର ବେଳାଭୂମି ଓ ଶୂନ୍ୟ ଆକାଶର

ତାରକିତ ବଳୟ ଆଡ଼କୁ ସଞ୍ଚରଣ କରିବାକୁ ବେଳେବେଳେ ଉଦ୍ୟତ ହେଲେ ହେଁ ସେ ନିଜର ପ୍ରିୟତମ ମାଟି ଓ ସଂସ୍କୃତିକୁ କସ୍ମିନ୍‌କାଳେ ବିସ୍ମରି ଯାଇ ନାହାଁନ୍ତି। ତାଙ୍କ 'କପଟପାଶା' ସଂକଳନର 'ଓଡ଼ିଶା' କବିତାଟିକୁ ଏହି ପରିପ୍ରେକ୍ଷୀରେ ସ୍ମରଣ କରାଯାଇପାରେ। କବିଙ୍କ ଚେତନାର କୁଞ୍ଜବନରେ ଜନ୍ମଭୂମି 'ଓଡ଼ିଶା'ର ମଂଜୁଳ ରୂପଶ୍ରୀ ସର୍ବଦା ଲହଡ଼ାୟିତ ହେଉଥାଏ। ତାଙ୍କ ସ୍ମୃତିର ସଂପୁଟରେ ସାଇତା ଥାଏ ତାର ଐତିହ୍ୟ ଓ ଐଶ୍ୱର୍ଯ୍ୟର ଭଣ୍ଡାର। ପ୍ରିୟ ସେହି ମାଟି, ଆପଣାର ତାର ମଣିଷ। ସବୁଜଶ୍ରୀରେ ବିମଣ୍ଡିତ ତାର ପରିବେଷ୍ଟନୀ। ସମୃଦ୍ଧ ତାର ଇତିହାସ ଓ ସଂସ୍କୃତି। କବି ଘରୁ ଗୋଡ଼ କାଢ଼ି ଯୁଆଡ଼େ ଗଲେ ବି ସାଙ୍ଗରେ ନେଇଯିବାକୁ କଦାପି ଭୁଲନ୍ତି ନାହିଁ– ଘର ସାମ୍ନାର ସେ ବଉଳ ଭର୍ତ୍ତି ଆମ୍ବଗଛ, ଚଳଚଞ୍ଚଳ ହଳଦୀବସନ୍ତ, ଧାନକ୍ଷେତରେ କର୍ମ ନିମଗ୍ନ ରଘୁ ମଲିକର ଅନିଶ୍ଚିତ ଅନ୍ଧାରୀ ଭବିଷ୍ୟତ, ଖଣ୍ଡଗିରି ଗୁମ୍ଫାର ଜୈନମୁନିଙ୍କ ଉଦାତ୍ତ ପ୍ରାର୍ଥନାସୁର, ତୁଳସୀଚଉରା ମୂଳେ ମୁଣ୍ଡିଆ ମାରୁଥିବା ଲକ୍ଷ୍ମୀ ପ୍ରତିମାର ନୀରବ ପ୍ରାର୍ଥନା। ପୁଣି-

"ସାଙ୍ଗରେ ନେଇଯାଏ
ହଳଦୀପତ୍ରର ବାସ୍ନା, କାକରା, ଛୁଞ୍ଚିପତର
ସଞ୍ଜ ଅନ୍ଧାରରେ ଦେବୀ ପରି ପିଣ୍ଡାକୁ
ଆଉଜି ବସିଥିବା ଜେଜେମା'
ଝୋଟିଚିତା, ଦଶରା ନହବତ୍"

ଲକ୍ଷ୍ମୀପାଦ ଦାଣ୍ଡ ଦୁଆରରୁ ଘର ଭିତର/ ନେଇଯାଏ ଭାଗବତର କୁନି କୁନି ଧାଡ଼ି / ନିମାଲ୍ୟ କଣିକା ଓ ଦୁଇ ଚକା ଆଖିର/ ଅଭୟବର/ ଏତକ ମୋ' ପାଇଁ ଓଡ଼ିଶା।"

ଗାଁ, ସହର ନିର୍ବିଶେଷରେ ଆମ ଦେଶ ଏକାନ୍ତବର୍ତ୍ତୀ ପାରିବାରିକ ବ୍ୟବସ୍ଥାରେ ସମୃଦ୍ଧ। ବସ୍ତୁବାଦୀ ଜୀବନଶୈଳୀର ପ୍ରଭାବ ସତ୍ତ୍ୱେ ଆମେ ତଥାପି ମାଟିର ସେହି ନିବିଡ଼ ବଂଧନକୁ ସଂପୂର୍ଣ୍ଣ ଛିଣ୍ଡାଇ ପାରିନାହୁଁ। ସୀତାକାନ୍ତଙ୍କ କବିତାରେ ଉଦ୍ଭାସିତ ପାରିବାରିକ ଜଗତଟି ଏହି ସରାଗବୋଳା 'ଭାରତୀୟତ୍ୱ'ର ପ୍ରମାଣ ବହନ କରିଥାଏ। ଜେଜେ ବାପା, ବୋଉ, ଜେଜେମା, ପତ୍ନୀ, ବାପା ପ୍ରଭୃତି ପରିବାରର ରକ୍ତ ସଂପର୍କିତ ପ୍ରିୟଜନର କଥା କବି ବଡ଼ ଅନ୍ତରଙ୍ଗ ଭାବରେ ବାଢ଼ିଛନ୍ତି। ହୃଦ୍‌ଗତ ସ୍ନେହ ଏହାର ଭିତ୍ତିଭୂମି। ଏହା ଆମ ସଭିଙ୍କ ଘରର କାମ୍ୟ ଅନୁଭବ। ଆମ ଆତ୍ମୀୟ ସଂପର୍କର ଏହା ନିଖୁଣ ପରିଚୟ। ଅଧିକନ୍ତୁ ଉତ୍କଳୀୟ କୃଷି–ସଂସ୍କୃତିର ଅବିକୃତ ରୂପକୁ ଏଠି ଦେଖିବାକୁ ମିଳେ। ପିଠାପଣା, ମେଳା-ମହୋତ୍ସବ, ଆଧ୍ୟାତ୍ମିକ –ପରିବେଶ, ଭାଉଜଙ୍କ ଥଟ୍ଟା, ଗୋବର ଲିପା ମାଟିଚଟାଣରେ ଅଙ୍କିତ ଝୋଟିଚିତା, ବାଡ଼ିର ପୋଇଶାଗ, କଖାରୁଲଟା, ଜହ୍ନିଫୁଲ, ସକାଳର ସରୁଚକୁଳି, ଜେଜେଙ୍କ ଠାକୁର ଖଟୁଲି, ସାଇ ମୁଣ୍ଡର ଖଂଜଣି ଭଜନ - ସବୁଯାକ ଆମ ପଲ୍ଲୀ ସଭ୍ୟତାର ସମ୍ବଳ। ଓଡ଼ିଶା ମାଟିର ପ୍ରାଣ ପ୍ରବାହ ସହ ଏହା ସଂପୃକ୍ତ। ମାତ୍ର ବସ୍ତୁବାଦର ପ୍ରଭାବ ଓ ମଣିଷର ସହରୀ ନିଶା ଆଜି ଗ୍ରାମର ଆତ୍ମିକ ସ୍ୱାତନ୍ତ୍ର୍ୟକୁ ନଷ୍ଟ କରିଛି। ପଲ୍ଲୀ ସଭ୍ୟତା କ୍ରମଶଃ କ୍ଷୟପ୍ରାପ୍ତ ହୋଇ ତାର ସ୍ୱାଭାବିକ ବୈଶିଷ୍ଟ୍ୟ ହରାଇଛି। କବି ତେଣୁ କ୍ଷୁବ୍ଧ କଣ୍ଠରେ ଅତୀତର ସ୍ମୃତିଚାରଣ କରିଛନ୍ତି। ଅଭୁଲା ସେ ଦୃଶ୍ୟ-

"ଚାଳରୁ ପାଣି ଟୋପା ଟୋପା ପଡୁଥାଏ
ମେଘ ଓହଳି ରହେ ଆମ ପିଣ୍ଡା ଉପରେ
ଚକୁଳି ପିଠା ବାସ୍ନା ଓ ଚାଳ ଉପର
କଖାରୁ ଲଟା ଭିତରୁ ଧୂଆଁ
ଅନ୍ଧାର ସାଙ୍ଗରେ ମିଶି ଚାରିଆଡ଼େ ଛାଇଯାଏ''

(ଜେଜେମା – ୧ )

ଭାରତୀୟ ଆଧ୍ୟାତ୍ମିକ ଚିନ୍ତାଧାରା ପ୍ରତି ଅତୁଟ ଆସ୍ଥା ଓ ଆନ୍ତରିକତା ସୀତାକାନ୍ତଙ୍କ କବିତାରେ ପ୍ରକଟିତ। ଅବିନଶ୍ୱର ଆତ୍ମାର ଚିରନ୍ତନତାକୁ ଏ ଦେଶର ସଂସ୍କୃତି ସ୍ୱୀକାର କରେ। ତାର ପ୍ରତୀକାତ୍ମକ ଅଭିବ୍ୟକ୍ତି ବାଢ଼ିଛନ୍ତି ସୀତାକାନ୍ତ ତାଙ୍କ 'ଦୁଇପକ୍ଷୀ' କବିତାରେ। ଆତ୍ମା ଏଠି ପକ୍ଷୀ, ଶରୀର ତାର ନୀଡ଼। ପୃଥିବୀର ପଙ୍କିଳ ବାତାବରଣରେ ସେ ଅତିଷ୍ଠ ହୁଏ ଓ ପରମାତ୍ମାଙ୍କ ପବିତ୍ର କୋଳରେ ଆଶ୍ରା ନିଏ। କବିଙ୍କ 'ଚିତ୍ରନଦୀ' ସଂକଳନର 'ଚଢ଼େଇ' କବିତାରେ ମଧ୍ୟ ପକ୍ଷୀ ଆତ୍ମାର ପ୍ରତିଭୂ। ସେ ବସା ଛାଡ଼ି ଦିନେ ଦୂର ପଞ୍ଝୁରୀକୁ ଉଡ଼ିଯାଏ। (ଦ୍ରଷ୍ଟବ୍ୟ– ଚଢ଼େଇ-''ଚିତ୍ରନଦୀ'') ବାସ୍ତବରେ ସୀତାକାନ୍ତ ଆମ ଜୀବନଚର୍ଯ୍ୟାର ବହୁ ବିମ୍ବାୟ ରୂପକୁ ବାଢ଼ିଲା ବେଳେ ଏକ ଭାରତୀୟତାର ବିଶ୍ୱାସ ପ୍ରକଟ କରିଛନ୍ତି। ଜୀବନ ପରି 'ମୃତ୍ୟୁ' ଓ 'ପୁନର୍ଜନ୍ମ' ପ୍ରତି ମଧ୍ୟ କବିଙ୍କ ଧାରଣା ଆମ ଭାରତୀୟ ଦର୍ଶନକୁ ସମର୍ଥନ ଜଣାଇଛି। ପୂଜା, ତପ, ଧ୍ୟାନ, ଶୁଦ୍ଧକ୍ରିୟା, ଗଙ୍ଗାସ୍ନାନ, ପିତୃତର୍ପଣ ପ୍ରଭୃତି ଅନେକ ଆଧ୍ୟାତ୍ମିକ କର୍ମର ସାଙ୍କେତିକ ଚିତ୍ର ମଧ୍ୟ ତାଙ୍କ କବିତାରୁ ଅନୁସଂଧାନ କରାଯାଇପାରେ।

ସୀତାକାନ୍ତ ଜଣେ ମିଥ୍ ଅନୁରକ୍ତ କବି। ତାଙ୍କ ସମଗ୍ର ରଚନାବଳୀରେ ବେଦ-ଉପନିଷଦ, ମହାଭାରତ, ରାମାୟଣ, ଭାଗବତ ତଥା ପ୍ରାଚୀନ ଲୋକକଥାର ବହୁ ଉପାଦାନ ସଫଳ ରୂପେ ସମନ୍ୱିତ ହୋଇଛି। ଦୁର୍ଯ୍ୟୋଧନ, ଜାରାଶବର, କୁବୁଜା, ଅହଲ୍ୟା, ଯଶୋଦା, ଲକ୍ଷ୍ମଣ, ତ୍ରିଶଙ୍କୁ ପ୍ରଭୃତି ଶତାଧିକ ଭାରତୀୟ ପୁରାଣର ଚରିତ୍ର ତାଙ୍କ କବିତାରେ ପ୍ରତୀକିତ ହୋଇଛନ୍ତି। ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ତାଙ୍କର ଏହି ମିଥ୍ ପ୍ରବଣତା ପାଠକକୁ ବିଶେଷ ଆକୃଷ୍ଟ କରିଥାଏ। ଜୀବନର ବେଳାଭୂମି ଆଜି ବଡ଼ ପାଣ୍ଡୁର ଓ ବାଲୁକାମୟ। କ୍ଳାନ୍ତ ପ୍ରଜାପତି ପରି ମଣିଷ ତାର ଜୀବନ-ଯାତ୍ରାରେ ଅତିଷ୍ଠ ଓ ଉଦ୍‌ବିଗ୍ନ। ସେ ତ୍ରିଶଙ୍କୁ ପରି ଶୂନ୍ୟରେ ଦୋଦୁଲ୍ୟମାନ। ସାଂପ୍ରତିକ ପୃଥିବୀର ଚେହେରା ମଧ୍ୟ ବିବର୍ଣ୍ଣ, କଦାକାର। ଚାରିଆଡ଼େ ପୁତିଗନ୍ଧମୟ ପରିବେଶ। ଜୀବନ ଏଠି ମୃତ୍ୟୁଗ୍ରସ୍ତ। କୁବୁଜା ପରି ମଣିଷର ଦେହରେ ତିନିବାଙ୍କ କୁଜ। ତଥାପି ସେ କୁତ୍ସିତ ରାଜାର

ପାଦପୂଜା କରିବାକୁ ବାଧ୍ୟ ହୁଏ। ତାର ବିକୃତ ସ୍ଥିତିର ଏକମାତ୍ର ଉଦ୍ଧାରକର୍ତ୍ତା ପରମ ପୁରୁଷ ଶ୍ରୀକୃଷ୍ଣ। ତାର ମେଘହୀନ, ଶୁଷ୍କ ଓ ଅନାର୍ଦ୍ର ଜୀବନ ଆକାଶରେ ସେହି ନନ୍ଦ କିଶୋର ହିଁ ଆଶାର ବଉଦ। (ଦ୍ରଷ୍ଟବ୍ୟ— କୁବୁଜା ପାଇଁ ଗୋଟିଏ ସଂଗୀତ– 'ଅଷ୍ଟପଦୀ') ବସ୍ତୁତଃ ମିଥ୍ ପ୍ରୀତି ସହ ପାରମାର୍ଥିକ ଆଶୀର୍ବାଦ ଆସ୍ପୃହା, ଯାହା ଭାରତୀୟ ଜୀବନ ଧାରାର ପାରଂପରିକ ସମ୍ବଳ, ତାହା କବିଙ୍କ ରଚନାବଳୀରେ ଆଚ୍ଛନ୍ନ ହୋଇ ରହିଛି। ଈଶ୍ୱର ଚିରକାଳ ରହସ୍ୟମୟ। ତାଙ୍କର ମାୟାରଚନା ଅଦ୍ଭୁତ ଓ ଅଗମ୍ୟ। ଜାରାଶବରମାନେ ସେ ରହସ୍ୟର ମାୟାଜାଲକୁ ବୁଝିବା ମୁସ୍କିଲ। ଜାରାର ଉକ୍ତି ସ୍ମରଣୀୟ-

'ସବୁ ତ ଛଳନା ପ୍ରଭୁ, ସବୁ ମିଛ ଆକାଶ, ପୃଥିବୀ
ଆମକୁ ଭଣ୍ଡିଛୁ ଖାଲି ଯୁଗେ ଯୁଗେ
କେତେ ଭଣ୍ଡ ମିଛୁଆ ତୁ ସତେ
ତୁ ଅଛୁ ରଥ ଉପରେ, ତୁ ବି ପୁଣି ପାଣି ତଳେ ତଳେ
ଅକ୍ରୁରର ମତିଭ୍ରମ ହେଲା ଯଦି
ଛାର ଏ ଶବର କହ କି ବୁଝିବ ତତେ।"

ସୂଚନାଯୋଗ୍ୟ ଯେ ଅଦୃଷ୍ଟବାଦ ଓ ନିୟତି ଲୀଳାକୁ ଆଧୁନିକ କବି ଅନେକ କ୍ଷେତ୍ରରେ ଅସ୍ୱୀକାର କରିଛି। ତାର ବିଜ୍ଞାନପ୍ରବଣ ମନୋରାଜ୍ୟରେ ଭାଗ୍ୟ ଓ ଭଗବାନର ବିଶ୍ୱାସ ଏକ ପ୍ରହେଳିକା ରୂପେ ପରିତ୍ୟକ୍ତ ହୋଇଛି। ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ସେ ପ୍ରଶ୍ନବାଚୀ ଉଠେଇଛି।ମାତ୍ର କବି ସୀତାକାନ୍ତଙ୍କ ମାଟିସିକ୍ତ ମନ ଅଦୃଷ୍ଟ ନିୟତିର ନିୟନ୍ତ୍ରଣକୁ ଅବହେଳା କରିନାହିଁ। ଏହା ତାଙ୍କର ରକ୍ଷଣଶୀଳ ଚିନ୍ତାଧାରା ନୁହେଁ, ବରଂ ଦେଶୀୟ ସଂସ୍କୃତି ପ୍ରତି ସମ୍ମାନବୋଧ। ମଣିଷ ସବୁ କାଳରେ ଦଇବ ବିଧାତାର ହାତରେ କ୍ରୀଡ଼ନକ ସାଜେ। ଜୀବନ ଜଂଜାଳରୁ ତା'ର ମୁକ୍ତି ନାହିଁ। କେଉଁ ଅଦୃଷ୍ଟର ଇଙ୍ଗିତରେ ମାୟାମୃଗ ପଛରେ ଧାଇଁବା ହିଁ ତ ଜୀବନ –

"ଅଦୃଶ୍ୟ ଏ ମାୟାମୟ ଅରଣ୍ୟରେ
ସୁନାମିରିଗ ପଛରେ ଧାଇଁବା ହିଁ ଆମର ନିୟତି।''

ସଂକ୍ଷେପରେ କହିଲେ କବି ସୀତାକାନ୍ତ ମହାପାତ୍ରଙ୍କ କବିତାରେ ମାଟିର ମହକ ଓ ମାଦକତା ସର୍ବତ୍ର ଅନୁଭୂତ ହୁଏ। ତାଙ୍କ କବିସତ୍ତାଟି ସଂପୂର୍ଣ୍ଣ ରୂପେ ଭାରତୀୟ ଭୂମିର ଐତିହ୍ୟ ଉପରେ ଦଣ୍ଡାୟମାନ। ପଶ୍ଚିମ ପୃଥିବୀର ଜଳବାୟୁ ସହିତ ତାଙ୍କର ଗଭୀର ପରିଚିତି ରହିଥିଲେ ହେଁ ସେ ମାଟିମାଁର ପଣତକାନି ପ୍ରତି ଅଧିକ ବିଶ୍ୱସ୍ତ ଓ ଆସ୍ଥାବାନ ହୋଇଛନ୍ତି। ଆପଣା ମାଟିର ଶ୍ରୀ ଓ ସ୍ୱାତନ୍ତ୍ର୍ୟ ତାଙ୍କୁ ଆକର୍ଷିତ ଓ ଉଦ୍ଘାଟିତ କରିବା ମୂଳରେ ତାଙ୍କ ମାତୃଭୂମି ପ୍ରୀତି ନିହିତ ବୋଲି କୁହାଯାଇପାରେ।

**ସହାୟକ ଗ୍ରନ୍ଥ :**

୧. ମହାପାତ୍ର, ସୀତାକାନ୍ତ – ଶବ୍ଦ, ସ୍ୱପ୍ନ ଓ ନିର୍ଭୀକତା- ଗ୍ରନ୍ଥମନ୍ଦିର, ୧୯୯୦
୨. ଦାସ, ଦାଶରଥି – 'ଚିହ୍ନାମାଟି ଅଚିହ୍ନା ଆକାଶ'– ଫ୍ରେଣ୍ଡ ପବ୍ଲିଶର୍ସ, ୧୯୮୭

❖❖❖

# କବି ନୀଳାଦ୍ରିଭୂଷଣଙ୍କ କବିତାର ଅକୁହା କଥା



ISSN-2583-6978
Volume-4
Issue-10
OCTOBER-2024

**ଡ.ବେଣୁଧର ପାଢୀ**

**ଅବସରପ୍ରାପ୍ତ ପ୍ରାଧ୍ୟାପକ, ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ,**
**ଅଡ଼ଶପୁର, କଟକ**

ମୁଁ କହିବି ନାହିଁ ସେ କଥା, ଯାହା ବାରବାର କୁହାସରିଛି ଅନେକ ପୂର୍ବରୁ। ଦେଖେଇବି ନାହିଁ ସେହି ସବୁ ଚିତ୍ର ଦୃଶ୍ୟ, ଯାହାକୁ ଦୃଶ୍ୟାୟିତ କରି ସାରିଛନ୍ତି ଅନେକ, ଭିନ୍ନ ଭିନ୍ନ ଦିଗରୁ। ଶୁଣାଇବାକୁ ଚାହିଁବି ନାହିଁ ସେହି ଶୁଭୁଥିବା ରହଣିଆ ସ୍ୱର, ଯାହା ପୁରୁଣା ଗ୍ରାମଫୋନ୍ ରେକର୍ଡରେ କଣ୍ଟା ଅଟକି ସେହି ଏକା ଘଷରା କଥାକୁ ଘୋଷି ଚାଲିଛି ଅଦ୍ୟାବଧି। କବି ନୀଳାଦ୍ରିଙ୍କ କବିତାରେ ପ୍ରେମର ପୀଡ଼ା ଅଛି କି ଯୌନତା ? ଥାଇ ପାରେ କି ନା' ନିରାପତ୍ତାହୀନତାର ଅସହାୟତାବୋଧ ? ଈଶ୍ୱର ବିଶ୍ୱାସ କି ପାରମାର୍ଥିକ ଚେତନା ଥାଇପାରେ ହୁଏତ ? ଯାଏ ଆସେ ବା କେତେ ସେଇଠି ଥିଲେ ବସ୍ତୁବାଦ ଜନିତ ହତାଶା ଓ ନିଃସଙ୍ଗତାବୋଧ ? କାହା କବିତାରୁ ନୈରାଶ୍ୟର ବିମର୍ଷପଣ ଖୋଜିବା ବିଲ୍‌କୁଲ୍ ସୁସ୍ଥମନର ଲକ୍ଷଣ ହୋଇ ପାରେନା। କବିତା ସବୁରେ ମିଥ୍ , ରୂପକଳ୍ପ, ପ୍ରତୀକ ଓ ବିମ୍ବର ପ୍ରୟୋଗ ହେବା ନ ହେବା, ଆଦୌ କବି ପାଇଁ ବଡ଼ କଥା ନୁହେଁ। ବ୍ୟକ୍ତିଗତ ଜୀବନ ଆଉ ଦାମ୍ପତ୍ୟର ଚିତ୍ରାୟନ ବି ଏକ ସ୍ୱାଭାବିକ ପୁଣି ମାମୁଲି କଥା। ଏମିତିକି କବିତାର ପୃଷ୍ଠାରୁ ଆବେଗ ଓ ସୌନ୍ଦର୍ଯ୍ୟବୋଧର ଅନ୍ୱେଷା, କବି ପ୍ରତିଭାର ଯଥାର୍ଥ ମୂଲ୍ୟାୟନ ହୋଇପାରେନା କଦାଚନ !

କବି ଜଣେ ମଣିଷ ଓ ସେ ଅବସ୍ଥାନ କରିଥାଏ ଅନେକ ସାଧାରଣ ଲୋକଙ୍କ ପରି ତେଲ ଲୁଣର ସଂସାରରେ। ଅଥଚ ସାଂସାରିକତାର ଜଞ୍ଜାଳ ଭିତରେ ସେ ଅନ୍ୟମାନଙ୍କ ପରି ହଜିଯାଏ ନାହିଁ। ବ୍ୟକ୍ତି ଜୀବନଟି ତା'ର ସମଷ୍ଟି ଭିତରେ ହିଁ ସମୀକୃତ ହୋଇ ଯାଏ। ସେ ସଂପ୍ରସାରିତ ହୋଇଯାଏ। ବ୍ୟକ୍ତିସତ୍ତାଟି ତା'ର ଅବଲୀଳାକ୍ରମେ ଏକ ସାମୂହିକ ସତ୍ତାରେ ରୂପାନ୍ତରିତ ହୁଏ। ବିଶେଷ ଏକ ନାମ ଓ ପରିଚୟ ଊର୍ଦ୍ଧ୍ୱରେ ନିର୍ବିଶେଷ ଜୀବନବୋଧକୁ ସେ ପାଲଟିଯାଏ ଏକ ସର୍ବନାମ। ତେଣିକି ତାକୁ ଆଉ ଆପଣା ଦୁଃଖ ଓ ଅଭାବର ଯାତନା ଘାରେ ନାହିଁ। ଗଣଜୀବନ ସହ ତଲ୍ଲୀନତା ହିଁ ତାକୁ କରିଦିଏ ଦେଶ-ଜାତି-ସମୂହର ସ୍ୱାର୍ଥରେ ସମର୍ପିତ।

ସେଇଠୁ ସେ ଗୋଟେ ସଂକୁଚିତ ସାଂସାରିକତାର ଗଣ୍ଡି ଭିତରୁ ମୁକ୍ତ ହୋଇଯାଏ। କବିର ଆତ୍ମା-ଚିନ୍ତା-ଚେତନା ଉନ୍ମୁକ୍ତ ହୋଇଯାଏ। ସଂକୀର୍ଣ୍ଣତାର ସୀମା ପରିଧିକୁ ଅତିକ୍ରମ କରି ସେ ଏକ ଅସୀମ ଜୀବନବୋଧର ଦିଗନ୍ତ ଆଡିକି ବ୍ୟାପ୍ତ ହୋଇଯାଏ। ସେତେବେଳେ କବିତାର ସଂଯୋଜିତ ଶବ୍ଦରେ ନିନାଦିତ ହୁଏ ମନ୍ତ୍ର ଶକ୍ତିର ଉଦ୍‌ବୋଧନ। କବି ପ୍ରତିଭା ଯାଜ୍ଜ୍ୱଲ୍ୟମାନ ହୋଇ ଉଠେ। ଦେଶ-ଜାତି-ଗଣର ବ୍ୟଥା-ବେଦନାରେ ମୂର୍ଚ୍ଛିତ ହୋଇ ଉଠେ ସେଇଠି କବିତାର ଉଚ୍ଛ୍ୱାସ। କବିତାରେ ବ୍ୟକ୍ତ ହୁଏ ବ୍ୟକ୍ତ୍ୟୁତ୍ତୋର ଭାବଚେତନା ଓ କାଳାନ୍ତରର ଆସ୍ପୃହା। ଅସୀମତାର ବ୍ୟାପ୍ତିରେ ସେତେବେଳେ ସେ କବିତା ହୋଇଯାଏ ସମୁଜ୍ଜ୍ୱଳ। କବି ହୁଏ ପ୍ରତିଭୂ।

ସଁବାଳୁଆରୁ ପ୍ରଜାପତି ହୁଏ ସତ, କିନ୍ତୁ ସବୁ ସଁବାଳୁଆଙ୍କ ଭାଗ୍ୟରେ ନ ଥାଏ ପ୍ରଜାପତିର ବର୍ଣ୍ଣିଳ ଆଶୀର୍ବାଦ। ସବୁ ସବୁ ବୃକ୍ଷ ପୁଷ୍ପିତ ହୋଇଥାଏ ମାତ୍ର, ସବୁ ଫୁଲଙ୍କ କପାଳରେ ନିହିତ ନଥାଏ ଫଳବତୀ ହେବାର ସୌଭାଗ୍ୟ। ମୁକ୍ତାଗର୍ଭା ହେବାର ସମ୍ଭାବନା ସତ୍ତ୍ୱେ ସବୁ ଶାମୁକାଙ୍କୁ ପ୍ରାପ୍ତ ହୋଇ ନଥାଏ ସ୍ୱାତୀଲଗ୍ନର ସହବାସ। ସେମିତି ସବୁ ମଣିଷଟି ଭିତରେ କବିତ୍ୱର ସମ୍ଭାବନା ରହିଥାଏ, ହେଲେ ସଭିଙ୍କ ନିୟତିରେ ଲେଖା ନଥାଏ ସେ ବରପ୍ରଦା ହେବାର ମହାର୍ଘ ଉପଲବ୍ଧି। ଫର୍ଦ୍ଦଫର୍ଦ୍ଦ କବିତାର ସଂରଚନା ପରେ ସମସ୍ତଙ୍କୁ ଉପଲବ୍ଧ ହୋଇନଥାଏ କେବେ କବିର ଯୋଗ୍ୟତା।

ସେ କବିକୁ ମିଳିଥାଏ ଯଶକୀର୍ତ୍ତି କେବଳ, ଯିଏ ବଞ୍ଚି ରହିଥାଏ

ପ୍ରାଣୀଙ୍କ ଆରତରେ ଏକାତ୍ମ ହୋଇ। କାଳକୁ କବିତାର ପୃଷ୍ଠାରେ ସମ୍ପାଦିଥିବା କବି ହୁଏ କାଳଜୟୀ। ଅନ୍ୟଥା ମହାକାଳର ପ୍ରଚଣ୍ଡ ଘୂର୍ଣ୍ଣାବର୍ତ୍ତ ମଧ୍ୟରେ ହଜିଯାଏ, ଶତକବିର ଆତ୍ମଶ୍ଳାଘା। ସେଇଥିପାଇଁ କାଳକୁ ଚିହ୍ନିବା ଆଉ ଜାଣିବା ହେଉଛି କବିପଣର ପ୍ରଥମ ସର୍ତ୍ତ। କାଳ କବଳିତ ହୋଇଯାଏ ସେଇଠି ଯାବତ ଶ୍ରମ ଓ ସାଧନା, କାଳକୁ ଅକାଳ ହୁଏ କବିଯଶ। ସେଥିକୁ ସିଏ କେବଳ ବଞ୍ଚିରହେ, ଯିଏ ଜାଣି ପାରିଥାଏ ଚଳନ୍ତି କାଳର ନାଡି ନକ୍ଷତ୍ର। ଉପସ୍ଥିତ ବେଷ୍ଟନୀ ଓ ସମାଜଜୀବନକୁ ଯିଏ ଭେଦୀ ପାରେ, ବୁଝିପାରେ ସେ ହୋଇଥାଏ କବି ଯଶପ୍ରାର୍ଥୀ ! ଯିଏ କବିତାର ନାଆଁରେ କେବଳ ବାହୁନେ ଆପଣା ଦୁଃଖ ? ନିଜ ଅଭାବ -କଷଣ ଓ ବ୍ୟଥା ବେଦନାରେ ମର୍ମାହତ ଆତ୍ମାର ଆର୍ତ୍ତନାଦରୁ ଯେଉଁ କବିତା, ସେଇଠି ନ ଥାଏ ଦେଶ-କାଳ-ପାତ୍ର। ନିଜ ବୁଣା ଜାଲ ଭିତରେ ଏକାକୀ ବୁଢିଆଣୀଟି ପରିକା କବିତାବୃତ୍ତର ଭରକେନ୍ଦ୍ରରେ ହିଁ ଉପସ୍ଥିତ ଥାଏ ବ୍ୟକ୍ତି-କବିର ଚିତ୍ର ରୂପ।

ଯେଉଁଠି ଜଣେ କବିର ସକଳ ପୋଥି-ପତ୍ର ଦରାଣ୍ଡିଲେ ବି ଦିଶେ ନାହିଁ ଦେଶର ମାନଚିତ୍ର, ସେ କବିତାକୁ ଦେଶର ଇତିହାସ ସମ୍ପାଦି ରଖେ ନାହିଁ। ଶତ ସହସ୍ର କବିତାର ବାରୁଆଳି ନାଚ ଭିତରେ ଯଦି ଭୁଲରେ ସୁଦ୍ଧା ଉକୁଟି ଉଠେ ନାହିଁ ଚଳନ୍ତି ସମାଜର ରୂପରେଖ, ତେବେ ସେମିତି କବିତା ହୋଇଥାଏ ସମାଜ ଦ୍ୱାରା ପରିତ୍ୟକ୍ତ। କୋଟି ମଣିଷର ଭାବ-ନାବକୁ କଦାଚିତ ଧରି ରଖି ନଥାଏ ଯେଉଁ କାବ୍ୟ କବିତା, ସେ ସକଳ ରଚନା  କେବେ ବି ମଣିଷର ମନରେ କି ମାଳରେ ନ ଥାଏ। କବି ତେଣୁ ବ୍ୟକ୍ତି ନୁହେଁ ସେ ସମଷ୍ଟିର ପ୍ରତିନିଧି। ଯେଉଁଠି ଓ ଯେତେବେଳେ କବିସତ୍ତାଟି  ସାମାଜିକ ସତ୍ତାରେ ରୂପାନ୍ତରିତ ହୋଇଯିବାକୁ ହୁଏ ଅସମର୍ଥ, ସେଇଠି କବିତ୍ୱ ଓ ତାର କବିତା ହୋଇଥାଏ ନିଗୃହୀତ। ମଣିଷ ଜୀବନର ଥାଏ ଭିନ୍ନଭିନ୍ନ ସୋପାନ। କବି ଜଣେ ମଣିଷ ଓ ସେ ଏହି ସୋପାନକୁ ମଧ୍ୟ ଅତିକ୍ରମ କରି ଭବିଷ୍ୟତ ଆଡ଼କୁ ଅଗ୍ରସର ହୋଇଥାଏ। କବିତା ପୁଣି ଅନୁଭୂତିର କଳାତ୍ମକ ଆଲେଖ୍ୟ।  ଭିନ୍ନ ବୟସର ଅଭିଜ୍ଞତାକୁ ଆଶ୍ରୟ କରି ଜଣେ କବିର କବିତା ସୋପାନାନ୍ତରେ ହୋଇଥାଏ ଭିନ୍ନ ଅଥଚ ସ୍ୱାଭାବିକ। ଶୈଶବର ସ୍ମୃତି ଓ ତାରୁଣ୍ୟର ପୁଲକ ତଥା ଯୌବନର ଭାବପ୍ରବଣତା ସ୍ୱତଃ ଲିପିବଦ୍ଧ ହୋଇଥାଏ କବିତାର ପୃଷ୍ଠାରେ। ଯୌବନାନ୍ତରେ ହିଁ କବି ହୋଇଥାଏ ସମାଜ ମନସ୍କ। ସେ ହୋଇ ସାରିଥାଏ ଅଭିଜ୍ଞ ପରିପକ୍ୱ ଓ ପ୍ରବୀଣ। ସମାଜର ଅଭାବ ଦୁର୍ଗତି, ସଂସ୍କୃତିର ଅବକ୍ଷୟ ଏବଂ ଦେଶ ଦଶର ଭବିଷ୍ୟତ ଚିନ୍ତା ଏତିକି ବେଳେ କବିପ୍ରାଣକୁ ବ୍ୟଥିତ କରେ। ସେହି ପୀଡ଼ା ଓ ବେଦନାକୁ ରୂପାୟିତ କରିଥାଏ କବି ତା'ର କବିତାରେ।

ଓଡ଼ିଆ କବିତାରେ କିନ୍ତୁ ଏହାର ବ୍ୟତିକ୍ରମ ହୁଏ ପରିଲକ୍ଷିତ। ଅଧିକାଂଶ କବି ଅଟକି ଯାଆନ୍ତି ସେହି ଯୌବନର ଭାବପ୍ରବଣ ଦେହଳୀରେ। ବାର୍ଦ୍ଧକ୍ୟ ଯାଏ ସେହି ପୁରୁଣା ପ୍ରେମ ପ୍ରଣୟର ଭାବକୁ ହିଁ ଏକତାରାର ଧ୍ୱନରେ ତାଳଲୟ ସହିତ ଗାଇ ଚାଲନ୍ତି। ଏତେ ବଡ଼ ସଂସାର। ଘଟଣା ଘନ ଘଟାର ସମାଜ। ଶତ ଅୟୁତ ସମସ୍ୟାକୁ ରାଣ ଖାଇଲା ପରି ଆଖି ବୁଜି ଦିଅନ୍ତି। ଶୈଶବର ସ୍ମୃତି, ତାରୁଣ୍ୟର ଚପଳତା ଓ ଯୌବନର ପ୍ରେମିଳ ପରିଧିରେ ସେମାନେ ସାରା ଜୀବନ ବାନ୍ଧି ହୋଇ ପଡ଼ନ୍ତି। କାଳର ସହଜାତ ଧାରା ପ୍ରବାହରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇ ପଡନ୍ତି ବୋଲି ଗୋଟେ ବେଦନାର୍ତ୍ତ କାରୁଣ୍ୟ ହିଁ ନିନାଦିତ ହେଉଥାଏ  ସେମାନଙ୍କ କବିତାରେ। କହିବା ବାହୁଲ୍ୟ ନୀଳାଦ୍ରି ଭୂଷଣ ସେହି ଧାରାର ଏକ ବ୍ୟତିକ୍ରମ। ସୋପାନାନ୍ତେ ପ୍ରେମ ପରମାର୍ଥକୁ ଅତିକ୍ରମ କରି ସେ ହୋଇଛନ୍ତି ଜୀବନ ମନସ୍କ। ଜୀବନମନସ୍କ ମାନେ ସମାଜମନସ୍କ। ତାହାହିଁ ତାଙ୍କ କବିତାର ବିଶେଷତ୍ୱ। ଏହି ତକ ହେଉଛି ଉକ୍ତ ଆଲେଖ୍ୟର ଆଧାର। ବାସ୍.. ଏଇ ଗୋଟିଏ ଦିଗକୁ ନେଇ ଆଲୋଚନା ହେଉ ଉପସ୍ଥାପିତ।

"ପ୍ରଜାପତି ପରି ଫୁଲବଣର ସନ୍ଧାନରେ/ଘୂରିବୁଲିବା ପାଇଁ
କ'ଣ କବିର ଜନ୍ମ ?/ ସେ କେବଳ ଉଡିବୁଲିବ ତ ଉଡ଼ି
ବୁଲିବ/ବିଭୋର ହୋଇ ଜୀବନ ସାରା ?/ଦୁଃଖ କ'ଣ ଜାଣିବ
ନାହିଁ ?/ଦୁଃଖକୁ ଅମୃତର ସୋପାନ କହି /ଫାଙ୍କିଦେବ ଜଗତକୁ ?
(ଧୂଳି ଧରଣୀର କବି, ଉପୁଡ଼ି ପଡିଥିବା ଗଛ - ୨୦୧୭)

କବି ନୀଳାଦ୍ରିଙ୍କ ଏହା କେବଳ ସ୍ୱଗୋତକ୍ତି ନୁହେଁ, ବରଂ ସମଗ୍ର କବିକୁଳ ପାଇଁ ଅଭିପ୍ରେତ। ଚଳନ୍ତି କାଳର ସକଳ କବିମାନଙ୍କୁ ତାଙ୍କର ଏହି ପ୍ରଶ୍ନ। ପ୍ରେମ ଓ ସ୍ୱପ୍ନର ରାଇଜରେ ଆଉ କେତେକାଳ ଏମିତି ଘୁରିବୁଲୁଥିବ ବେପରୁଆ ଭଅଁର ଭଳି ? ଜଗତ ଓ ସମାଜକୁ ଫାଙ୍କି ଦେଇ କେବେ କ'ଣ କବିତା ଉଧେଇ ପାରିବ ? ସମସ୍ୟା ଓ ଦୁଃଖ ସହ ଘନିଷ୍ଠ ନ ହୋଇପାରିଲେ କବିତା କ'ଣ ଜୀବନମନସ୍କ ହୋଇ ପାରିବ କଦାଚନ ? କ'ଣ ତେବେ କବିର ଧର୍ମ ? କେଉଁଟା ତେବେ କବିତାର ଆଦର୍ଶ ? 'ହିତ'ର ସହ 'ବର୍ତ୍ତମାନ' ଯଦି ସାହିତ୍ୟର ବ୍ୟୁତ୍ପତ୍ତିଗତ ଅର୍ଥହୁଏ, ତେବେ ଆଜିର  କବିତା କାହାର ହିତ ସାଧନ କରିବାକୁ ସମର୍ଥ ? କବି ଗୋଟେ ବାଇଚଢେଇ  ନୁହେଁ କି ନିଜର ନିରୁପଦ୍ରବ ନୀଡ଼ଟି ଭିତରେ  ଆରାମରେ ଝୁଲ୍ ଦୋଳି ଖେଳିବା ଆଦୌ ନୁହେଁ କବିର ଉଦ୍ଦେଶ୍ୟ। ସେଥିପାଇଁ ତ ପୁନଶ୍ଚ ଏଭଳି ପ୍ରଶ୍ନ କରନ୍ତି ସତୀର୍ଥ ଓ ସଂଗୋତ୍ରୀୟମାନଙ୍କୁ ଆଉଥରେ କବି:

"କବିଟିଏ କାହିଁକି ଆସିଥାଏ ପୃଥିବୀକୁ  ? କ'ଣ କହିବାକୁ ?
କେବଳ ନିଜ ହୃଦୟର ବ୍ୟଥା, ଆକାଶର କଥା,/ଗଛଲତା,ନଦୀ,
ପାହାଡ଼ର କଥା ?
(ଅସହିଷ୍ଣୁତାର ନଖଦାନ୍ତ, ଗାଲିଲିଓଙ୍କ ଆଙ୍ଗୁଠି, ୨୦୨୦)

କେତେ ଦିନ ଯାଏ ଚାଲୁଥିବ ଏମନ୍ତ କବିତାର ଚକ୍ଷୁକୁଟା କାମ? କବିତା ନାଆଁରେ ଏମିତି ଶବ୍ଦର ହଜବରଳ? ଖଡ଼ା ବଡ଼ି ଥୋଡ଼ ଆଉ ଥୋଡ଼ ବଡ଼ି ଖଡ଼ାର ରୂଢ଼ି ପ୍ରୟୋଗ। ସାରଳା ଦାସ, ଉପେନ୍ଦ୍ର ଭଞ୍ଜ, ରାଧାନାଥ ଆଉ ଗଙ୍ଗାଧରଙ୍କଠୁ କେଉଁ ଦିଗ କି କେଉଁ ଗୁଣରେ ଆଉ ଏ କବିତାର ବୃତ୍ତାନ୍ତ ଭିନ୍ନ କି? କେଉଁ ପୃଥକ ଅବା ସଚ୍ଚି ରାଉତରାୟ, ରମାକାନ୍ତ, ସୀତାକାନ୍ତଙ୍କ କବିତାଠାରୁ ଏହା? ସେହି ପୁନଃପୌନିକତା ଓ ଘଷରା କଥାକୁ ନେଇ କେତେ ବାଟ ଆଗକୁ ଯାଇ ପାରିବ ଓଡ଼ିଆ କାବ୍ୟଧାରା? ଦୁନିଆଁ ଓ ଦେଶର ସମସ୍ୟାକୁ ଆଖିବୁଜି ଆଉ କେତେ ଦିନ ଚାଲିବ ଏମନ୍ତ ସାହିତ୍ୟର ଚାଷ? ଆଦୌ ସ୍ପୃହଣୀୟ ନୁହେଁ କି ନୁହେଁ ଏହା କବିର ଧର୍ମ କଦାଚନ। ବଣକୁ ଯିବ ନାହିଁ, ବାଘ ଦେଖିବ ନାହିଁ ଅଥଚ ବଖାଣିବ ବନସ୍ତର ରହସ୍ୟ କେମିତି?

"ସେ ଅନ୍ଧାର ଦେଖିବ ନାହିଁ?/ ଘେରିଥିବା ବିଷ ବାଷ୍ପରେ
ଆହତ ହେବ ନାହିଁ?/ ଦେଖିବ ନାହିଁ ରୁଗ୍ଣ ମଣିଷର ମୁହଁ
ଶୋଷିତର ଯନ୍ତ୍ରଣା, ଦୁର୍ବଳର ପରାଜୟ?
(ଧୂଳି ଧରଣୀର କବି, ଉପୁଡ଼ି ପଡିଥିବା ଗଛ-୨୦୧୭)

ତତଲାପାଣିରେ କେବେ ଘର ପୋଡ଼ିଛି ନା, ପୋଡ଼ିବ? କେବେ ନିଆଁରେ ହାତ ପୋଡ଼ି ନ ଥିବା କବି କହିପାରିବ କି ନିଆଁର ମହିମା କଦାଚନ? ପାଦରେ କାଦୁଅ ଲାଗିବ ନାହିଁକି ଦେହରେ ଧୂଳିମଳି ବାଜିବ ନାହିଁ। ସହରର ପକ୍କା ସଡ଼କ ଓ ନିଅନ ଆଲୁଅରେ ଥାଏ କି କୋଉଁଠି ପ୍ରକୃତ ଜୀବନର ମାନଚିତ୍ର? ଘରର ଚାରିକାନ୍ଥ ଅଥବା କବିତା ଆସର ଠେଇଁ ଖୋଜିଲେ ମିଳିଥାଏ କି କେବେ ଜୀବନର ମହକ? ହଲିଲା ପାଣିକୁ ଗୋଡ଼ ବଢେଇବ ନାହିଁ କି ମାଛିକୁ ମ' ବୋଲି କହିବ ନାହିଁ ଯିଏ, ସିଏ ସିନା ସାଧୁପୁରୁଷ ହୋଇପାରେ? ହେଇପାରେ ରେବତୀର ନୀରବ ନାୟକ ବାସୁଦେବ? ଏମନ୍ତେ କିଏ କେବେ କବି ହେଇଛି ନା' ହୋଇପାରିବ?

ସମାଜ ଓ ଦୁନିଆଁ ପ୍ରତି ଉଦାସୀନ ରହିଥିବ? ରାଷ୍ଟ୍ର ଓ ଦେଶର ଘଟଣା ପ୍ରବାହରୁ ବୀତସ୍ପୃହ ହୋଇ ରହିବ? ନିଜ ପ୍ରେମ-ପ୍ରଣୟ-ପ୍ରତାରଣାରେ ହେବ ବ୍ୟଥିତ ପୀଡ଼ିତ? ହାତରେ ରଜନୀଗନ୍ଧାର ହାର ଓ ସାଫ୍ ସୂତର ଚୁଡ଼ିଦାର ପଞ୍ଜାବୀ ପିନ୍ଧି ରସିକ ପଣରେ ହେବ ଆତ୍ମହରା କେତେ ଦିନ? ଏଥକୁ ଟାପରା କରି ଦୁନିଆଁ କହିବ ହେଇ ଦେଖ ଦେଖ କୋବିଙ୍କୁ ଦେଖ। ଦେଖରେ ଭାଇ ଫୁଲକୋବି, ବନ୍ଧାକୋବି ଓଲକୋବିଙ୍କୁ ଦେଖ। ଖିଆସୀ କରି କହିବ ଇତିହାସ, ଇୟେ ଗୋଟେ ଜୀବନ ନିର୍ଲିପ୍ତ ଜୀବ! କହିବେ କବିକୁ କଳ୍ପଜୀବୀ ଆଉ ସ୍ୱପ୍ନ ଜୀବୀ ବୋଲି। କହିବେ କ'ଣ କହୁଛନ୍ତି ସତକୁ ସତ ଯେବେ କବି ଜୀବନବାଦୀ ହେଲା। ଦେଶ ଦୁନିଆଁର ସମସ୍ୟା ବଖାଣିଲା, ସେଥିକୁ ଲୋକେ କବିକୁ ପାଗଳ କହିବା ଆରମ୍ଭ କରିଦେଲା ବରଂ-

ଯେବେ "କବି ଚିତ୍କାର କଲା ଗଳା ଫଟାଇ--ଅନ୍ୟାୟ, ଘୋର ଅନ୍ୟାୟ କେହି ଶୁଣିଲେ ନି ତା' କଥା/ ନା' ସରକାର ନା ଚେତନଶୀଳ ନାଗରିକ ବର୍ଗ
ଦଳେ ଲୋକ କହିଲେ- କବିଟା ପାଗଳ ହେଇଗଲା
ଆକାଶରେ ଉଡ଼ିବା ଲୋକ କେବେ ପାଦଦିଏ ଭୂଇଁରେ?
(ଗ୍ରୀଷ୍ମବର୍ଷାର ଦିନରାତି, ଉପୁଡ଼ି ପଡିଥିବା ଗଛ)

କହିଲେ କୁଳ କୁଟୁମ୍ବକୁ ଲାଜ, ନକହିଲେ କୁଳ ଭାସିଯାଉଛି। କହନ୍ତି ନାହିଁ ବୋଲି ଦେଶ ଦଶର କଥା, ମିଳିଥାଏ କବିକୁ ଖୁମାଣିଆର ଦୁର୍ନାମ। ଆତଯାତ ପୃଥିବୀର ଘନଘଟାକୁ ଭୁଲି ଯାଆନ୍ତି କବିତାରେ ବଖାଣିବାକୁ ବୋଲି ଦୁନିଆଁ କହେ ସେ ସଂସାର ନିର୍ଲିପ୍ତ। ହ' ନିଶି ବୁଡିରହିଥାଏ ବୋଲି କବିତାର କଳ୍ପ ଲୋକରେ, ନିନ୍ଦୁକେ ବୋଲନ୍ତି କଳ୍ପନା ବିଳାସୀ। ତେଲ-ଲୁଣର ଜଞ୍ଜାଳକୁ ଅଣଦେଖା କରି ମାତିଥାଏ ବୋଲି ତା'ର ଭାବମଗ୍ନତାରେ, ସିଏ ବୋଲାଏ ଆତ୍ମକେନ୍ଦ୍ରୀ। ପ୍ରେମ-ପ୍ରଣୟ, ପ୍ରଜାପତି -ଜହ୍ନରାତିର ସ୍ୱପ୍ନରେ ନିରାଡାଳ ବିଚରଣ କରୁଥାଏ ଯେବେ, ଶୁଣିବାକୁ ପଡେ ସ୍ୱପ୍ନ ବିଳାସୀର ଲାଞ୍ଛନା। କବିକୁ ନେଇ ଗଢି ଉଠିଛି ଏମିତି ଯେଉଁ ଅବଧାରଣା, ସେଇଠି କବି ଯଦି ପାଟିରେ ପଡିଥିବା କୋଳପ ଫିଟେଇଲା? ସତକୁ ସତ, ଅନ୍ୟାୟକୁ ଅନ୍ୟାୟ ବୋଲି କହି ଚିତ୍କାର କଲା ତ' କବିକୁ ଦୁନିଆଁ କହିଲା ବଦ୍ଧପାଗଳ।

କୋଟି ମଣିଷର ଦୁଃଖ ଯାତନାରେ ଥରେ ପୀଡ଼ିତ ହୋଇଗଲେ, ତେଣିକି ଆଉ ସମ୍ଭାଳେ କିଏ? ସତକୁ ସତ ପାଗଳ ହେଇଯାଏ କବି ଦେଶ-ଜାତି-ସମାଜର ଦୁର୍ଦ୍ଦଶାରେ ବୋଲି ତ 'କବିତୁଣ୍ଡ ହେଇଯାଏ ଅବିକଳ ଟାଣ, ମେଣ୍ଢାମୁଣ୍ଡ ପରି। ସେତେବେଳେ ନୀଳାଦ୍ରିଭୂଷଣଙ୍କର ଆଉ ପରୁଆ ନଥାଏ। ପାଗଳ ପଣର ଦୁର୍ନାମକୁ ଖାତିର ନଥାଏ।

"ତମ ଭଳି ମସ୍ତ ପାଗଳ କିଏ ଅଛି/ ଯିଏ ଦେଶ କଥା ସତକୁ ସତ
ଭାବେ? /ଦେଶ ତ' ଗୋଟିଏ ଅଦ୍ଭୁତ ବୋକାଯିବ / କିଛି ନ ବୁଝି
ଯିଏ ଜୁଲୁଜୁଲୁ କରି ଚାହୁଁଥାଏ (ତମେ ନାହଁ ଏତେବେଳେ, ନିର୍ବୋଧ ଲୋକର ପୃଥିବୀ- ୧୯୯୬)

ପାଗଳ ହେଇଗଲେ ବୁଝି ହୁଏ ଯେ, ଦେଶ ଗୋଟେ କାଗଜର ରଙ୍ଗୀନ ମାନଚିତ୍ର ନୁହେଁ। ଦେଶବାସୀଙ୍କ ଦୁଃଖ-ସନ୍ତାପକୁ ହେଜିଗଲା ପରେ ଜାଣିହୁଏ ଯେ ଦେଶ ନଥାଏ ଟେବୁଲ ଉପରେ ଥୁଆ ହୋଇଥିବା ସୁଶୋଭିତ ଗ୍ଲୋବର ସଙ୍କୁଚିତ ସୀମାରେଖା ଭିତରେ। ଦେଶ ବି ନୁହଁ ଜନ୍ମାରୁ ଗୋଟେ ଭୌଗୋଳିକ ଭୂଖଣ୍ଡ। ତ୍ରିରଙ୍ଗାର

ଆନ୍ଦୋଳିତ ଧ୍ୱଜା ଓ ଜନଗଣମନର ଜାତୀୟ ସଂଗୀତ ଭିତରେ ସୁଦ୍ଧୁରୁ ଖୋଜିଲେ ମିଳିବ ନାହିଁ ଆମର ଦେଶକୁ। ଦେଶ ହେଉଛି ଶହେ ଚାଳିଶ କୋଟି ଭାରତୀୟର ସମଷ୍ଟି। ଦେଶ ଭଲ ଅଛି କି ଖରାପ, ଜାଣି ହୁଏ ସେହି କୋଟି ମଣିଷଙ୍କ ମୁହଁରୁ ଯଦି; କବି ନୀଳାଦ୍ରିଭୂଷଣଙ୍କ ବର୍ଣ୍ଣିତ ଚିତ୍ରରୁ ଖୋଜିବା ଚାଲନ୍ତୁ ଦେଶର ପ୍ରକୃତ ଅବସ୍ଥା-

"ହିଡ଼ ମୁଣ୍ଡରେ ଠିଆ ହୋଇଚି କାକୁସ୍ଥ ଚାଷୀ/ଦିନ ଦିନ ଧରି

ଖରା, ବର୍ଷା, ଶୀତ, ବତାସର ଆଘାତରେ/ଅଟକି ଯାଇଛି

ଶିରା ପ୍ରଶିରାରେ ରକ୍ତର ସଂଚାଳନ/ବରଫ ପାଲଟି ଯାଇଛି।"

(ଜଳିଯାଉଛି ସଭ୍ୟତାର ଇତିହାସ, ଗାଲିଲିଓଙ୍କ ଆଙ୍ଗୁଠି-୨୦୨୦)

କ୍ଷେତରେ ଅଛି ଦେଶ, ଖଳାରେ ଅଛି। ଅଛି ଚାଷରେ, ଶହେ କୋଟି ଚଷାଭୁଷାର ଅଗଣାରେ ଓ ଦେଇପିଣ୍ଡିରେ। କିଏ ନ ଜାଣିଚି ଯେ, ଭାରତ ହେଉଛି ଗୋଟେ କୃଷିପ୍ରଧାନ ଦେଶ ବୋଲି ? ଚଷା ପୁଅର ଉନ୍ନତିରେ ହିଁ ହୋଇଥାଏ ଦେଶର ଉନ୍ନତି ? କୃଷି ଓ କୃଷକର ଦୁର୍ଗତିରୁ ହିଁ ବାରି ହେଇପଡେ ଗୋଟେ ଦୁର୍ଗତ ଦେଶର କାକୁସ୍ଥଦୃଶ୍ୟ। ଚାଷୀର ଅଣ୍ଟା ନଇଁଗଲେ, ଛାଏଁ ନଇଁଯାଏ ଗୋଟେ ପ୍ରାଚୀନ ଓ ଗୌରବାବହ ଦେଶର ଭାଗ୍ୟ ଆଉ ଭବିଷ୍ୟତ। ଡାକି ହକାରି କବି ଶୁଣାଇଛନ୍ତି ଏ କଥା, ଏଯାବତ ନିଜ ଦେଶକୁ ଚିହ୍ନି ନ ଥିବା ଦୁର୍ଭାଗା ଦେଶବାସୀଙ୍କୁ। ଟିକସ ଦେଇଦେଲେ ଗଢା ହେଇ ଯାଏନା ଗୋଟେ ଦେଶର ଭବିଷ୍ୟତ। ଭୋଟ ଦେଇ ନିଶ୍ଚିନ୍ତରେ ଘରେ ବସି ପଡ଼ିଲେ, ଆଦୌ ଆଗକୁ ବଢି ପାରେନା ଆମର ଦେଶ।

"ଗାଁ ଗହଳିରେ ରହୁଥିବା ଗୋଟିଏ ଜୀବ, ନାଁ ତା'ର ଚାଷୀ / ତା'ର

ପରିଚୟ କହିଲେ କିଛି ନାଇଁ ଜମିରେ ପାଣି ନାଇଁ, ଆକାଶରେ

ମେଘ ନାଇଁ/ ପ୍ରଚଣ୍ଡ ଖରାରେ ହଳଦିଆ ପଡ଼ିଗଲାଣି / ସବୁଜ ଧାନର

କିଆରି / ପାଣି ଖୋଜେ ଖୋଜେ ଥିଲେ ବି ସାର ନାହିଁ/ ପୋକ ଚରିଗଲେ

ଔଷଧ ନାଇଁ/ ଦୁର୍ମୂଲ୍ୟ ସାମ୍ରାଜ୍ୟରେ ଚାଷ ଉଠାଇବାକୁ ସଂବଳ କାହିଁ ?

(ଚାଷୀର ସମ୍ରାଟ ହେବାର ଦିନ, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର-୨୦୧୪)

ଦେଶର ଖାତାପତ୍ରରେ ପରିଚୟ ନଥିବା ଗୋଟେ ଦୁଃସ୍ଥ ଓ ଅସହାୟ ଜାତି ହେଉଛି ଚାଷୀ। ଅଥଚ ନିଜ ପେଟ ଚାଖଣ୍ଡକ ପାଇଁ ସେ କରେ ନାହିଁ ଚାଷ। ସାରା ଦେଶକୁ ସେ ଅନ୍ନ ଯୋଗାଏ। ବଡ଼ ବଡ଼ ଅଟ୍ଟାଳି ଓ ଭବ୍ୟ ପ୍ରାସାଦରେ ଦିବ୍ୟ ଭୋଜନ କରୁଥିବା ସମ୍ଭ୍ରାନ୍ତ ମଣିଷ କିନ୍ତୁ ଜାଣେ ନାହିଁ ଭାତର ଇତିହାସ ଓ ଜନ୍ମଜାତକ। କେତେ ଘାତ-ପ୍ରତିଘାତ, କେତେ ନା' କେତେ ଅଭାବ-କଷଣ, କେତେ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ବଞ୍ଚୁଥାଏ ଚାଷୀ, ତା'ର ବୃତ୍ତାନ୍ତ ଜଣାନଥାଏ କାହାକୁ। ସରକାରୀ ନଥିପତ୍ରରେ ବି ନଥାଏ ଚଷାପୁଅର ପ୍ରକୃତ ତଥ୍ୟ। ଶତ ବିଡ଼ମ୍ବନା ଓ ବିପର୍ଯ୍ୟୟକୁ ଖାତିର ନଥାଏ କି ଜୀବନ ଯୁଦ୍ଧରେ ହାର୍ ମାନୁନଥାଏ ଯିଏ ସିଏ ଚଷାବାପୁଡ଼ା,ଏ ଦେଶର।

"ଥରକୁ ଥର ଉଜୁଡ଼ିଯାଏ କ୍ଷେତ ତା' ସାଙ୍ଗରେ ଉଜୁଡ଼ିଯାଏ

ଛାତି / ଅଭାବ ଗିଳି ପକେଇବାକୁ ଆଁ କରି ଚାହେଁ / ଶୁଝି ହେଉନଥିବା

ଋଣ କାମୁଡ଼ା - କୁକୁର ଭଳି / ଗୋଡ଼ାଉଥାଏ ପଛେ ପଛେ।"

(କାକୁସ୍ଥ ଚାଷୀର ମୁହଁ। ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର)

ଅଭାବ ପିଛା ଛାଡ଼େ ନାହିଁ କି ଦୁଃଖ କଷଣରୁ ନିସ୍ତାର ନଥାଏ ଚାଷୀର। ହାରୁଥାଏ ବାରବାର କିନ୍ତୁ ମରୁନଥାଏ ସେ। ସେ ଚଷା ଭୂଷା ହୁଣ୍ଡା ହୁରୁମା। ଡରୁ ନଥାଏ ମରୁଡ଼ିକୁ, ମହାଜନକୁ। ସରୁ ନଥାଏ ଦୁଃଖ। କମୁ ନଥାଏ ଋଣ ବୋଝ। ଭାଙ୍ଗି ଯାଉନଥାଏ ଦମ୍ଭ ଓ ସାହସ। ଆଗକୁ ନାହିଁ କି ପଛକୁ ନାହିଁ କେହି ବୋଲି କେହି ସାହା ହବାକୁ। ସବୁଜ କ୍ଷେତର ସ୍ୱପ୍ନ ତଥାପି କରୁଥାଏ ତାକୁ ବିଭୋର। ହିଡ଼ମୁଣ୍ଡ ତାକୁ ହାତଠାରି ଡାକେ। ଖଳାବାଡ଼ିରେ ଦିଶିଯାଏ ଲକ୍ଷ୍ମୀ ଠାକୁରାଣୀଙ୍କ ମୁହଁ। ପୁଣି ଥରେ ସେ ଅଣ୍ଟା ସଳଖି ଠିଆ ହୁଏ। "ଡରିଲା ନାହିଁ ପୋକ ମୁହଁକୁ/ଡରିଲା ନାହିଁ ଗୋରୁ ମୁହଁକୁ (ଗ୍ରୀଷ୍ମ ବର୍ଷାର ଦିନରାତି , ଉପୁଡ଼ି ପଡିଥିବା ଗଛ।)"

ଭଲ ଥିଲା ପାଳକ। ଅନୁକୂଳ ଥିଲା ପାଣିପାଗ। ଧାନ ହସିଲା କ୍ଷେତରେ। ଧାନର ଫୁଲ ଉଡ଼େଇବା ଶୋଭାରେ ଉଲ୍ଲସିତ ହେଲା ଚାଷୀ। ସ୍ୱପ୍ନ କଅଁଳିଲା। ଆଶାରେ ଆଶାରେ ସେ ହେଲା ଆତ୍ମହରା। ଅମଳ ଧାନ ଶେଷକୁ ଆସିଲା ଖଳା ଓ ଖମାରକୁ। ବଳକା ଧାନକୁ ନେଇ ପୁଣି ଚିନ୍ତା ବଢ଼ିଲା। ସରକାରୀ ମଣ୍ଡିରେ ପଡ଼ି ରହିଲା ଧାନ ବସ୍ତା। ଘୋଟି ଆସିଲା ଅନ୍ଧାର। ତୁଟିଗଲା ଭରସା ! ଫାଟିଗଲା କଲିଜା। ମାଟିରେ ମିଶିଗଲା ସ୍ୱପ୍ନ। ଏତିକିବେଳେ ଆସି ପହଞ୍ଚିଗଲା ସବାଖିଆ ବେପାରୀ। ପିଠି ଥାପୁଡ଼ାଇ କହିଲା -

"ଅଧା ଦାମ୍‌ରେ ଦବ କି ନେଇଯିବି - ସଙ୍ଗେ ସଙ୍ଗେ ନଗଦ ପଇସା

ନ ହେଲେ ଏମିତି ପଡ଼ିରହିବ ଧାନ ବସ୍ତା / ବର୍ଷା ଆସିଯିବ / ବସ୍ତା ଭିତରୁ

ବାହାରି ଆସିବ ଲମ୍ବା ଗଜା / ବର୍ଷାର ନାଁ ଶୁଣୁ ଶୁଣୁ / ଚାଷୀ ଆଖିରୁ

ବହି ଚାଲିଲା ଧାର ଧାର ଲୁହ (ତଡ୍ରେବ)।

ନଈରେ ପଶିଲେ କୁମ୍ଭୀର ଖାଇବ, ଉପରକୁ ଉଠିଲେ ବାଘ ଖାଇବ। ସତେ ଯେମିତି କାହାଣୀ ବର୍ଣ୍ଣିତ ସେହି ଅସହାୟ ବନସ୍ତର ମୃଗୁଣୀଟେ ପାଲଟିଯାଇଛି ଚଷାବାପୁଡ଼ାର ଭାଗ୍ୟ। ଆଜିର ଏ ଦେଶରେ ଗୋଟେ ପଟେ ପ୍ରାକୃତିକ ବିପର୍ଯ୍ୟୟ ତ ଅନ୍ୟ ପାଖରେ ବେପାରୀ ଆଉ ଦଲାଲଙ୍କର ଶୋଷଣ ଷଡ଼ଯନ୍ତ୍ର। ନିସ୍କୃତି ନାହିଁ ଦାରୁଣ ଦୁର୍ଦ୍ଦଶାରୁ କୃଷକ ପୁଅର ! ଉଜୁଡ଼ି ଯାଉଛି ତାର ହିନିମାନିଆ ସଂସାର ତେଣିକି ଦିନକୁ ଦିନ। ଭୁଷୁଡ଼ି ପଡୁଛି ଦମ୍ଭ ଆଉ ସାହସ। ବିଗିଡ଼ି ଯିବାରେ ଲାଗିଛି ତେଣିକି ତା'ର ଜୀବନ ଜୀବିକାର ଅବଲମ୍ବନ। ନାଚାର ଓ ଉପାୟଶୂନ୍ୟ ଚାଷୀ। ହଜିଯାଉଛି ଆଶା ଓ ଭାଙ୍ଗିଯାଉଛି ଟୁକୁରା ଟୁକୁରା ହେଇ ତାର ସ୍ୱପ୍ନ।

"ହଜି ଯାଉଛି ଆଖିର ଆଲୋକ/ ଅନ୍ଧକାର, ଚତୁର୍ଦ୍ଦିଗ
ଅନ୍ଧକାର / ଶ୍ୱାସରୁଦ୍ଧ ଆକାଶ, ବତାସ / ଜଳିଯାଉଛି କ୍ଷେତ
ଜଳିଯାଉଛି ଚାଷୀର ରକ୍ତଶୂନ୍ୟ ଦେହ /ଜଳିଯାଉଛି
ମଣିଷ ଜାତିର, ସଭ୍ୟତାର ଇତିହାସ।
(ଜଳିଯାଉଛି ସଭ୍ୟତାର ଇତିହାସ, ଗାଲିଲିଓଙ୍କ ଆଙ୍ଗୁଠି)

ଥଳକୂଳ ନାହିଁ, ନାହିଁ ସାହା ଭରସା। ଉଦ୍‌ବାସ୍ତୁ ହେଇ ବିକଳରେ ଜୀବନ ବଞ୍ଚୁଛି ଯେଉଁଠି ଯେଉଁ ଦେଶରେ ଚାଷୀ ଓ ତାର ଅଭାବୀ ପରିବାର, ସେଇଠି ଗାଁ ବି ଆଉ ଆଗଭଳି ହେଇ ରହିବ କେମିତି ? ଗାଁ'ର ମାଟି କାମୁଡ଼ି ଚାଷବାସ ଉପରେ ନିର୍ଭର କରି ଜୀଇଁ ରହିଥିବା ଚଷାର ସେ ସାତପୁରୁଷୀ ଭିଟାମାଟି ବି ହେଇଯାଇଛି ଶ୍ରୀହୀନ। ଲୋପ ପାଇଯାଉଛି ଗାଁର ସବୁଜିମା। ଲକ୍ଷ୍ମୀଛଡ଼ା ଦିଶୁଛି ଗାଁ ଦାଣ୍ଡ ଓ ଗୋହିରୀ। ଉଜୁଡ଼ି ଯାଇଛି ତୋଟାମାଳ। ମାଟିର ମଣିଷ କରୁଛି ହା' ଅନ୍ନ ଚିତ୍କାର ଯେତେବେଳେ, ସେତେବେଳେ ମାଟି ବି ହରାଇ ବସିଛି ତା'ର ପ୍ରାକ୍ତନ ମହିମା।

"ମାଟି ଦେହେ ସୁଗଭୀର କ୍ଷତ ଚିହ୍ନ, ତା' ପଦପାତରେ / ଯନ୍ତ୍ରଣାରେ

ମାଟି ହୁଏ ଧୈର୍ଯ୍ୟହରା, କରୁଣ ଆକୁତି/ ସୃଷ୍ଟି କରେ ମୋ ଛାତିରେ

ଯନ୍ତ୍ରଣାର ତୀବ୍ର ଅନୁଭୂତି (ଗୋଟିଏ ସାକ୍ଷାତ ପରେ / ନୀଳ ଚନ୍ଦନର ଭୁଲ ଠିକଣା- ୧୯୭୮)"

ଚଷାର ନିଦାରୁଣ ଅବସ୍ଥା ପରି ତା'ର ଅବସ୍ଥିତ ଗାଁ। ମଳି ମୁଣ୍ଡିଆ ମଣିଷ ମାନଙ୍କ ଗାଁ। ଭାରତର ଆତ୍ମା ବସିଛି ବୋଲି ଏଇ ଗାଁ ମାଟିରେ, ଗାନ୍ଧି ମହାତ୍ମା କହିଲେ- ଗାଁ କୁ ଫେରିଚାଲ। ଗାଁରେ ଅଛି ଅସଲ ଭାରତବର୍ଷ, ଭାରତର ସଂସ୍କୃତି। ଗାଁକୁ ନେଇ ଗଢ଼ା ହେଇଛି ଏ ଦେଶ। ଗାଁକୁ ନେଇ ତଇରି ହୁଏ ମାଟିର ମଣିଷ ଓ ତା'ର ଜୀବନର ଇତିହାସ। ସଭ୍ୟତାର ତୋଡ଼ମାଡ଼ରେ ଆଜି ଭାଙ୍ଗି ପଡୁଛି ଏକ ପ୍ରାଚୀନ ଜାତିର ମୂଳଦୁଆ। ଉଜୁଡ଼ା କ୍ଷେତ ଓ ହତଭାଗ୍ୟ ଚାଷୀର ଜୀବନ ପରି ଗାଁ ମାଟି ଆଜି ନିରେଖ। ଅପମାନିତ ଓ ହୀନିମାନ ଆଜି ଏକାବେଳକେ ସେହି ଗାଁର ମୁମୂର୍ଷୁ ଆତ୍ମା।

"ଡେଣାଭଙ୍ଗା ପ୍ରଜାପତି, ମୁମୂର୍ଷୁ ସୈନିକ ପରି / ମାଟିରେ ଘୁଷୁରୁଥାନ୍ତି

ଉପରକୁ ଥରେ ଅଧେ ଚାହିଁଦେଇ / ଅପମାନ ଭୁଲିବାକୁ ଚେଷ୍ଟା କରୁଥାନ୍ତି।"

(ଋତୁଚିତ୍ର, ନୀଳଚନ୍ଦନର ଭୁଲ ଠିକଣା)

ଲଣ୍ଡଭଣ୍ଡ ହେଇଯାଉଛି ଗ୍ରାମ୍ୟ ଜୀବନ। ମାଟିରେ ମିଶିଯାଇଛି ଲାଞ୍ଛିତ ଗରିବର ସକଳ ସ୍ୱପ୍ନ। ଅପମାନିତ ଅଭାବୀର ଆର୍ତ୍ତନାଦରେ ଉଦାସ ମାଟି, ପାଣି ଓ ପବନ। ହା' ହତୋସ୍ମି ଜୀବନ ଯେଉଁଠି, ସେଇଠି ତଦନୁରୂପ ତା'ର ଭିଟାମାଟି ବି ଅତି ଶୋଚନୀୟ। ସତେ କି ଆଧୁନିକତାର ଅଦୌତିରେ ହଜି ଯାଉଛି ଗାଁର ଜୀବନରୁ ସରସତା। ମରିଯାଉଛି ମଣିଷ ମନରୁ ସରାଗ। ମରି ମରିଯାଉଛି ତୋଟାମାଳ, ନଈ ତୁଠ, ରାସ୍ତାଘାଟରୁ ଜୀବନର ଚଞ୍ଚଳତା। ଅପହଁଚ ହେଉଛି ସୁଖ ଶାନ୍ତିର ସାବକ ଠିକଣା। ଦେଉଳ ଓ ଦେଇପିଣ୍ଡିରୁ ଧୀରେ ଧୀରେ ଦୂରେଇ ଯାଇଛି ସଂସ୍କୃତି। ଛଟପଟ ହେଉଛି ସାବଲୀଳ ଜୀବନର ସେ ଛନ୍ଦ ଚପଳତା। ବିଡ଼ମ୍ବିତ ଏକାବେଳକେ ଗାଁର ଭାଗ୍ୟ ଓ ଭବିଷ୍ୟତ।

"ଗାଁର ଠାକୁର ଘର ନଈନାଳ ବିଲବଣ / ସେସବୁ କେତେ ଯେ

ଦୂରେ / ଜଳୁଥିବେ ଦି' ପହର ଝାଞ୍ଜିରେ ଉଦାସ /ଛଟପଟ ହେଉଥିବ

ଶଗଡ଼ଗୁଳା ରାସ୍ତାରେ / ଗାଁ ଟିର ଦୀର୍ଘ ଇତିହାସ।"

(ତୀର୍ଥଯାତ୍ରୀ, ସବୋଧନ ହୀନ- ୧୯୭୮)

ଧୀରେ ଧୀରେ ଅତୀତର ଚିତ୍ରପଟଟେ ପାଲଟିଯାଉଛି ଗାଁ। ମାଟି କାଦୁଅରେ ଆପଣାଜୀବନ ଅତିବାହିତ କରିଥିବା ପୁରୁଣା ଦିନମାନଙ୍କ ପାପୁଲିଏ ସ୍ମୃତି ହେଇଯାଇଛି ସ୍ୱପ୍ନର ଗାଁ। ସଭ୍ୟତାର ଆଁ ଭିତରେ ଲୀନ ହେଇଯାଉଛି ସଚ୍ଚିରାଉତରାଙ୍କ "ଛୋଟ ମୋର ଗାଁଟି'ର ଦୃଶ୍ୟ। ଅସହାୟ ଚାଷୀ ପରିକା ଛେଉଣ୍ଡ ହେଇଗଲାଣି କଙ୍କି ପ୍ରଜାପତିର ଗାଁ। ହେନା, ଟଗର ଓ ହରଗଉରାରର ଅଗଣାଟେ ଏବକୁ ସାତ ସପନ ଗାଁରେ। ଶୁଭୁ ନାହିଁ ଶଙ୍ଖ ହୁଳହୁଳି। ଯାନିଯାତରାରେ ଉଚ୍ଛୁଳି ପଡୁନାହିଁ ଗାଁ ଦାଣ୍ଡ। ସବୁ କିଛି ନୁଖୁରା ଆଉ ଶ୍ରୀହୀନ। ଗାଈ ନାହିଁ କି ଗୁହାଳ। କାଦୁଅ ପଚପଚ ଗାଁ ଦାଣ୍ଡ ନାହିଁକି ଗାଈଆଳ ଟୋକାର ଗାଇ ଗଲା.. ଗାଇ ଗଲା କୁହାଟ ବି ଶୁଭୁନାହିଁ ଆଜିକାଲି।

"ସନ୍ଧ୍ୟା ହେଲେଗୋରୁ ଗୋଠ ଫେରେନାହିଁ / ଗାଁ ଦାଣ୍ଡେ ଧୂଳି
ଉଡେ ନାହିଁ/ ଗାଈଗୋରୁ ନାହାନ୍ତି କି ଜମିରେ ଫସଲ ନାହିଁ
ସାମାନ୍ୟ ଚାକିରୀ ପାଇଁ ବହୁଲୋକ ସହରରେ, ସୁରଟର

ସୂତାକଳେ

ଦାଦନରେ ବଂବେ, ରାଜସ୍ଥାନେ (ଗାଁ,ସୌନ୍ଦର୍ଯ୍ୟଖୋଜି ଖୋଜି ଈଶ୍ୱର-୨୦୧୪)

କୃଷି ଓ କୃଷକର ଦୁରାବସ୍ଥାକୁ ନିଜଠେଇଁ ଆପଣେଇ ନେଇଥିବା ଗାଁ ମାଟି ଛିନଛତ୍ର ହେଇଯାଇଛି। ତା' ସହିତ ପ୍ରାକ୍ତନ ସେହି ଜାତିର ଆଦିମ ମାଟିରେ,ପାଣି ଓ ପବନରେ ଜୀଇଁ ରହିଥିବା ମୂଲ୍ୟବୋଧଟିକକ ବି ଛିନ୍ନମୂଳ ଦୁର୍ଦ୍ଦଶାରେ ହୋଇଯାଇଛି ଅନ୍ତର୍ହିତ। ଗ୍ରାମ୍ୟ ଜୀବନବୋଧରେ ଏକାତ୍ମହୋଇ ରହିଥିବା ସଂସ୍କୃତି ଓ ପରମ୍ପରାର ଧାରାଟି ମଧ୍ୟ ଉଭେଇଯାଉଛି କ୍ରମଶଃ, ଯାହା ଏକାବେଳକେ ମନେ ହୋଇଛି କବିଙ୍କ ପାଇଁ ମର୍ମନ୍ତୁଦ ଓ ପୀଡ଼ାଦାୟକ।

ନିସ୍ତାର ନାହିଁ ସେପଟରେ ହଜାର ହଜାର ବର୍ଷ ଧରି ଅରଣ୍ୟରପାହାଡ଼ କନ୍ଦରାରେ ବସତି ସ୍ଥାପନ କରି ପୁରୁଷାନୁକ୍ରମେ ଜୀବିକା ନିର୍ବାହ କରୁଥିବା ଆଦିମ ଜନଜାତିର। ଉଚ୍ଛନ୍ନ ହେବାରେ ଲାଗିଛି ତା'ର ଆଦିମ ବାସସ୍ଥାନ।

"ଜଙ୍ଗଲ କଟା ଚାଲିଛି ଚତୁର୍ଦ୍ଦିଗେ ଅବିରତ ନିର୍ଦ୍ଦୟ ଭାବରେ / ସଭ୍ୟତା

ଚାହୁଁଚି ଆଜି ଶିଳ୍ପ କ୍ଷେତ୍ର, ସହର ନଗର/ସବୁଠି ନିହତ ସ୍ୱପ୍ନ / ନିହତ

ହୃଦୟ/ଭୂଇଁ ତଳେ ଲୋଟିଯାଏ ସବୁଜ ଭଉଁରୀ ଅଶ୍ରୁମୟୀ ନିଃସହାୟା

ଭାରତମାତାର (ବନଚର ଲୋକସିନା ଜୀଇଁଲେ ଜୀଇଁଲି ମଲେ ମଲି, ଆଉ ଗୋଟିଏ ଜନ୍ମର ଅପେକ୍ଷା - ୨୦୦୮)

ବସ୍ତୁବାଦୀ ସଭ୍ୟତାର ପ୍ରଚଣ୍ଡ ଆଁ ଭିତରେ ହଜିଗଲାଣି ଗାଁ। ସହରର ଦୁର୍ଦ୍ଦାନ୍ତ ବାଘୁଆଣୀ ପଞ୍ଝାରେ ଗାଁ ମାଟିର ଜୀବନ ଆକ୍ତାମାକ୍ତା। ଆଧୁନିକତାର ଗର୍ଭରେ ଲୀନ ହେଇଗଲା ପରେ ବାକି ଆଉ ଅବଶିଷ୍ଟ କ'ଣ ଅଛି ବା ଗାଁ ଗଣ୍ଡାରେ? ତଥାପି ସହରୀ ସଭ୍ୟତାର ଅନନ୍ତ କ୍ଷୁଧାକୁ ନିଅଣ୍ଟ ହେଉଛି ମାଟି। ଅଜଗରୀ ଭୋକରେ ସେ ଏବେ ଗାଁ ଛାଡ଼ି ଧାଉଁଛି ଅରଣ୍ୟ ପର୍ବତର ନିଘଞ୍ଚ ମୂଳକ ଆଡିକି। ଶିଳ୍ପ, ଖଣି ଖାଦାନର ଲୋଲୁପ ଦୃଷ୍ଟିରେ ବଳି ପଡୁଛି ଜଙ୍ଗଲ। ବିପନ୍ନ ହେବାରେ ଲାଗିଛି ଆଦିବାସୀର ଜୀବନ-ଜୀବିକା। ଲୋପ ପାଇବାକୁ ବସିଛି ଜନଜାତିର ଆଦିମ ସଂସ୍କୃତି।

"ମାଡ଼ି ଆସୁଥିବା ତୀବ୍ର ଆଲୋକ ଧାରାରେ ଗାଧୋଇ /ଅଧୀର ଉନ୍ମତ୍ତ

ଲୋକେ/ ଭୁଲିଯିବେ ଟାଙ୍ଗୁ ମାଦଳର ତାଳ; /ହଜିଯିବ କୁରେଇ ଫୁଲର

ବାସ୍ନା / ଲୋଭ ଆଉ ହିଂସ୍ରତାର ଜିଭ ଲମ୍ବି ଆସିବ/ ଆପଣା ଛାଏଁ

କୁଲୁକୁଲୁ କରି ଆସୁଥିବା ଝରଣାଟିକୁ / ଚାଟି ନିଶ୍ଚିହ୍ନ କରି ଦେବାକୁ)"

ଦୁର୍ଦ୍ଦାନ୍ତ ସେ ସହରୀ ସଭ୍ୟତାର ଜହ୍ଲାଦ। ପ୍ରଚଣ୍ଡ ତା'ର ଲାଭ-ଲୋଭର କ୍ଷୁଧାରେ ଜଳିଜଳି ଦିନେ ପାଉଁଶ ହୋଇଯିବ ଖାଣ୍ଡବ ବନ। ତେଣିକି ନଥିବ ପାହାଡ଼ ପର୍ବତ। ନଥିବ ତଇଲା ଡଙ୍ଗର। ଝରଣା ନଥିବ କି ନଈ ନଥିବ। ଜଳ ନଥିବ, ଜମି ନଥିବ କି ଜଙ୍ଗଲ ନଥିବ। ନଥିବ ଗାଁ ଗୋହିରୀ, କିଆବଣ କି ତୋଟାମାଳ। ଫୁଲ ନଥିବ, ଫଳ ନ ଥିବ। ପ୍ରକୃତିର ସବୁଜିମା ନଥିବ ତ' ସେଇଟା ଆଉ ଦେଶ ହେଇରହିବ କି? ପାହାଡ଼,ପର୍ବତ, ଜଙ୍ଗଲ, ନଈ-ନାଳ, କ୍ଷେତ-ଖମାରର ଗାଁ ନଥିବା ସେ କେଉଁ ଦେଶର ଦେଶ? ନୃଶଂସ ହୃଦୟହୀନ ସ୍ୱାର୍ଥପର ଜୀବନ ବି କେଉଁ ଜୀବନରେ ଗଣାଯିବ? ସଭ୍ୟତାର ବର୍ବରତାକୁ ଆପଣେଇ ସେମିତି ହିଂସ୍ର ଜୀବନ ବଞ୍ଚୁଥିବା ମଣିଷ ବି ଆଉ ମଣିଷ ହୋଇରହିବ କି? ତେଣିକି ବଂଚିବା କହିଲେ ଖାଲି ଯାହା ଗୋଟେ ମିଛ ବାହାନା ମାତ୍ର ନୁହଁକି?

"ଏମିତି ବଂଚିବାକୁ ହୁଏ ବୋଲି ବଂଚିବାକୁ ହେବ? ଯେଉଁଠି ଜୀବନ ନ ଥିବ

ଅଥଚ ରାସ୍ତା ଚାଲିବାକୁ ହେବ/ ଚାଲିବାରେ ଆବେଗ ନଥିବ, ଉତ୍ତେଜନା

ନଥିବ / କିନ୍ତୁ ରହିଥିବ ଗୋଟିଏ ବିବର୍ଣ୍ଣ ଦୂରଂତ ଲୋଭ।"

(ଦୂରଂତ ଲୋଭ, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର)

ସୁଖ କି ଶାନ୍ତିରେ ନଥିବା ଲୋକର ଦେଶଟିଏ ଥାଏ କି? ଦେଶ କ'ଣ କେବେ ଦୁଃଖ ଦିଏ କି ?ଅଥଚ ଏତେ ଏତେ ବର୍ବରତା ପରେ ବି ଦେଶ ପ୍ରେମର ତୁହା ଉଠେ। ରାଷ୍ଟ୍ରବାଦର ତୁମ୍ବୀତୋଫାନରେ ପ୍ରକମ୍ପିତ ହୁଏ ଗଗନପବନ। ତଥାପି ସରଗରମ ଥାଏ ରାଜନୀତିର ପାଣିପାଗ? ଏଣେ ଉଦ୍‌ବାସ୍ତୁ ଦେଶବାସୀ,ତେଣେଦେଶର ଜୟଜୟକାର। କିଏ ବୁଝାଇବ ଯେ ଦେଶ କହିଲେ କଳକାରଖାନା ନୁହେଁ। ଦେଶ ନଥାଏ ସହରରେ। ସରକାରଟେବି ଦେଶ ନୁହେଁ। କୋଟି ମଣିଷର ସମଷ୍ଟି ହେଉଛି ଗୋଟେ ଦେଶ। ଦେଶବାସୀର ଉନ୍ନତିରେ ହିଁ ହୋଇଥାଏ ଦେଶର ଉନ୍ନତି ବୋଲି? ଏଇ ଟିକକ କଥା କାହା ମଗଜରେ ତୁକେ ନାହିଁ। ଦେଶପ୍ରେମୀ ମାନେ ବୁଝିପାରନ୍ତି ନାହିଁ ଏଇତକ ସତ। ଧର୍ମାନ୍ଧତାର ଉନ୍ମତ୍ତକାଣ୍ଡ ଭିତରେ ତେଣେ ତଳି ତଳାନ୍ତ ହେଉଥାଏ ଗୋଟେ ପ୍ରାଚୀନ ଜାତି,ସେ ଖବର ନଥାଏ କାହା ପାଖରେ।

"କାହା ପାଖରେ ଖବର ଥାଏ / ଗୋଟେ ଦେଶ ଅଛି ବୋଲି?

ନା' ଘାସ କାଟିବା ପାଖରେ / ନା' କଲମ ଚାଷ କରିବା ପାଖରେ

ନା ବକ୍ତୃତା ଦେଲାବାଲା ପାଖରେ / ରାଜଧାନୀର ନୂଆ ରୁଚିର
କୋଠାବାଡ଼ି ବଢ଼ିଚାଲେ/ ସଭ୍ୟତା ସମୃଦ୍ଧହୁଏ।”

(ଗୋଟାଏ ଦେଶ ଅଛି ବୋଲି, ନିର୍ବୋଧ ଲୋକର ପୃଥିବୀ)

କୋଠାବାଡ଼ି, ରାସ୍ତାଘାଟ, ବନ୍ଦର-କାରଖାନାକୁ ନେଇ କେଉଠି କେବେ ଗୋଟେ ଦେଶ ସମୃଦ୍ଧ ହୋଇଛି ନା ହବ? କ୍ଷୁଧା,ଦାରିଦ୍ର୍ୟ, ବେକାରୀ, ଦାଦନ,ଶୋଷଣ ଅତ୍ୟାଚାର,ହତ୍ୟା-ଲୁଣ୍ଠନର ରାହାଜାନୀ ଭିତରେ ଦେଶ କେବେ ପରିପୁଷ୍ଟ ହେଇଚି ନା ହବ? ପାହାଡ଼ ଫଟେଇ,ଧ୍ୱସ୍ତ କରି ଦେଇ ଅରଣ୍ୟାନି, ଉଜାଡ଼ି ଦେଇ ଗାଁର ଭିଟାମାଟି,କେବେ ବି ରାଷ୍ଟ୍ରର କଲ୍ୟାଣ ହେଇଚି ନା'ହବ? କିଏ ଅଛି ଯେ ଆଜି କହିବ ଏଇ କଥା ପଦକ? କିଏ ଅଛି ଯେ ଠିଆ ହେବ ଆଜି ସଭିଙ୍କ ଆଗକୁ ଆସି? ସର୍ବନାଶୀ ଏ ପୁଞ୍ଜିବାଦୀ ସଭ୍ୟତାର ସମ୍ମୁଖରେ କିଏ ଉତ୍ତୋଳନ କରିବ ପ୍ରତିବାଦର ସ୍ୱର?

“କିଏ ଅଛିସେ ଆହା ପଦେ କରିବ / ବନ୍ଧ୍ୟା ମାଟିର ବ୍ୟଥାରେ
ଗୀତଟିଏ ଗାଇବ ?/ ମାଟି ପଥର ପାଲଟିଯିବ କେତେ ସମୟ ପରେ
ମୃତ ଦେହରେ ଗଢ଼ା ହେବ ସହରର ସଭ୍ୟତା
କେହି ଦେଖନ୍ତି ନାଇଁ, ଜାଣନ୍ତି ନାଇଁ ବ୍ୟଥାର ଦହନ।”

(ବିଲ ମଝିରେ ଇଟାଭାଟି, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର)

ଆହା ପଦ ନାହିଁ କି ନାହିଁ ସାହା ଭରସାର ପ୍ରତିଶ୍ରୁତି। କେହି ନାହାନ୍ତି ବୁଝିବାକୁ ଦୁଃଖ ଶୁଣିବାକୁ। ସଭ୍ୟତା ଯେମିତି ମଣିଷକୁ କରି ଦେଇଛି ଅଥର୍ବ ଆଉ ସ୍ଥାଣୁ। ସଭ୍ୟ ହେବାକୁ ଯାଇ ସେ ହୋଇଛି ଅଧିକ ଅସଭ୍ୟ ଆଉ ବର୍ବର। ଆଧୁନିକ ହେବାକୁ ଯାଇ ସେ ହୋଇସାରିଛି ଏକାନ୍ତ ଆଦିମ। ଏତେ କ୍ଷତ, ଏତେ ଦୁଃଖ ଓ ଯାତନା। ଅନନ୍ତ କଷଣ ଓ ଅପ୍ରମିତ ବେଦନା। ଏଡ଼େ ବଡ଼ ଦୁନିଆଁ ଏତେ ଏତେ ମଣିଷର ଗହଳି, ଏତେ ଅନୁଷ୍ଠାନ। ଉପଶମ ନାହିଁ କି ଆଶ୍ୱାସନା। ନିଷ୍କୃତିର ଉପାୟ ନାହିଁ କି କାଣିଚାଏ ଦରଦ କି ସାନ୍ତ୍ୱନା। ସବୁ ଆଡ଼େ ହାହାକାର, ହା' ହତୋସ୍ମି କୋଳାହଳ।

“ଯେଉଁ ଆଡ଼େ ଚାହିଁ ଦେଲେ କ୍ଷତ, କ୍ଷତ, କ୍ଷତାକ୍ତ ପୃଥିବୀ / ପ୍ରସ୍ତୁତ ନୁହଁନ୍ତି
କେହି ଚାହିଁବାକୁ ଥରେ କା' ଆଡ଼କୁ / ଅବନତି କୋମଳ ଦୃଷ୍ଟିରେ
ଧୋଇଦେବା ପାଇଁ ଥରେ କ୍ଷତଚିହ୍ନ ଦି' ଟୋପା ଲୁହରେ।”

(କ୍ଷତ, କ୍ଷତ, କ୍ଷତାକ୍ତ ପୃଥିବୀ, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର)

ନାଚାର ମଣିଷ। ନିରୁପାୟ ଦେଶ। କ୍ଷତାକ୍ତ ପୃଥିବୀ। ବିବଶ ଜୀବନ। ନିଃସ୍ୱ ଓ ସର୍ବସ୍ୱାନ୍ତ ପ୍ରକୃତି। କେମିତି ହେଇଚି କି ଏମିତି ମାନବ ସଭ୍ୟତାର ଇତିହାସରେ କେବେ ? ସୁଖ ନଥିବ, ଶାନ୍ତି ନଥିବ। ପ୍ରେମ ନଥିବ କି ଦୟା ଦରଦ? ନଈ ନଥିବ, ପାହାଡ଼ ନଥିବ? କାହିଁକି ନିରେଖ ହୋଇଯାଉଛି ମଣିଷ? କୁଆଡ଼େ ହଜି ଯାଉଛି ସଂସ୍କୃତି? କେମିତି ମରିଯାଉଛି ମାନବିକତା? କାହିଁକି ଘଟୁଛି ଏ ସବୁ ଅଘଟଣ? କେମିତି ବଞ୍ଚିବ ମଣିଷ? ଏମିତି ସବୁ ପ୍ରଶ୍ନ ଆନ୍ଦୋଳିତ କରେ ନା' ଯଦି କେବେ? କେବେ ଯଦି ହାଉଳି ଖାଏନା କବି ଏମନ୍ତ ପରିସ୍ଥିତିରେ? ଅସ୍ଥିର ହୃଦୟକୁ ବିଚଳିତ କରି ଯଦି ଆହାବି ନ ଉଠେ କବିପଣ ଦଣ୍ଡକ ପାଇଁ କବିତାରେ, ସେଥିକୁ ବାହୁନିବେ ଅବଶ୍ୟ ନୀଳାଦ୍ରିଭୂଷଣ-

“କୁଆଡ଼େ ହଜିଗଲା ଶ୍ୟାମଳ କ୍ଷେତର ଜୁଆର / କୁଆଡ଼େ ହଜିଗଲା
ପକ୍ଷୀର କଳଗୀତ?/ ଏବେ ଗଛଲତାରେ ଜମିଯାଇଛି ଧୂଳିର ଆସ୍ତରଣ
ଚତୁର୍ଦ୍ଦିଗରେ ଯଂତ୍ର ସଭ୍ୟତାର କର୍କଶ ଚିତ୍କାର / ଥରାଇ ଦେଉଛି ଅସ୍ଥି ପଞ୍ଜରା।”

(ପୁଣି ଥରେ ଜନ୍ମ ନେବି, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର)

ଅବସ୍ଥା ଆଜି ଅସମ୍ଭାଳ। ଅଣାୟତ୍ତ ପରିସ୍ଥିତି। ଉତ୍କଟ ହେଉଛି ସମସ୍ୟା ଦିନକୁ ଦିନ। ଉତ୍ପୀଡକ ହେଉଛି ଦୁଃଖ। ତୀବ୍ର ହେଉଛି ସଂକଟ। କଳୁଷିତ ହେଉଛି ବାତାବରଣ। ବିଷାକ୍ତ ହୋଇଉଠୁଛି ଜନଜୀବନ। ସବୁଠି ଅଧୋଗତିର ଦାରୁଣ ବିପର୍ଯ୍ୟୟ। ଦୁର୍ଗତିର ପଥରେ ଆଗେଇ ଚାଲିଛି ଦେଶ। ଦୁରାବସ୍ଥାକୁ ଇନ୍ଧନ ଯୋଗାଉଛି ଆଜିର ଭୋଟ ରାଜନୀତି। ହଜିଯାଉଛି ରାଜନୀତିରୁ ଆଦର୍ଶ। ବଦଳି ଯାଉଛି ଦେଶ ସେବାର ପରିଭାଷା। ଆତ୍ମସ୍ୱାର୍ଥ, ଅର୍ଥଲୋଭ, ଦୁର୍ନୀତି, ପ୍ରତିପତ୍ତି, ପତିଆରା ଓ କ୍ଷମତାର ଆନନ୍ଦରେ ହଜିଯାଇଛି ଗାନ୍ଧିଙ୍କ ରାମରାଜ୍ୟର ସପନ। ଗୋଟେ ପଟେ ପ୍ରାକୃତିକ ବିପର୍ଯ୍ୟୟ ତ' ଅନ୍ୟ ଦିଗରେ ରାଜନୀତିକ ଷଡ଼ଯନ୍ତ୍ର ଭିତରେ ଉଦ୍‌ଭ୍ରାନ୍ତ ହୋଇଉଠୁଛି ସମୁଦାୟ ଭାରତ ବର୍ଷ।

“ରାଜନୀତି ପାଣିପାଗ ବଦଳୁଛି ବଦଳିବ / ଏହିପରି ବର୍ଷ ବର୍ଷ କାଳ କାଳ
ଧରି ବନ୍ୟା, ବାତ୍ୟା, ମରୁଡ଼ି ଓ ଦୁର୍ଘଟଣା , ଦଙ୍ଗା ପୋଡ଼ା/ ଜଳା/ ନିୟମିତ
ଘଟଣା ହେଲାଣି ଆଜି / ବହୁ ଦିନୁ ନିହତ ବିବେକ (ଘଟଣା, ସମୁଦ୍ର ନିରୁତ୍ତର)।”

ଅଶାନ୍ତ ହୋଇ ଉଠୁଛି ଧୀରେ ଧୀରେ ବୁଦ୍ଧ-ଗାନ୍ଧିର ଦେଶ। ଉପଦ୍ରୁତ ହେଉଛି ଉପତ୍ୟାକା। ବିପର୍ଯ୍ୟସ୍ତ ହେବାରେ ଲାଗିଛି ସଂସ୍କୃତି ଓ ମୂଲ୍ୟବୋଧ। ମରିଯାଉଛି ବିବେକ ଆଉ ମାନବିକତା। ମୁମୂର୍ଷୁ ମନେ ହେଉଛି ଜାତି ଓ ଜାତୀୟତାବୋଧ। ସେଥିକୁ ଡାହାଣୀ ହେଇ

ଲାଗୁଛି ପୁଣି ଗୁଣିଆ ହେଇ ଝାଡ଼ିବାକୁ ପହଞ୍ଚି ଯାଉଛି କୁତ୍ସିତ ରାଜନୀତିର କର୍ମକାଣ୍ଡ। ଶାସକ ପାଲଟି ଯାଇଛି ଶୋଷକ। କ୍ଷେତ ଖାଉଛି ବାଡ଼। ମାଡ଼ି ମାଡ଼ି ଯାଉଛି ଦେଶ ସାରା ଅପରାଧ ପ୍ରବଣତା। ଭୋଟ ରାଜନୀତିର କାର୍ସାଦିରେ ବିଭାଜିତ ହେଉଛି ମଣିଷର ଏକତା। ନଷ୍ଟ ହେଉଛି ସଂହତି ଓ ସଦ୍ଭାବ। ବିକ୍ଷୁବ୍ଧ ହେଇ ଉଠୁଛି ଜନ ଜୀବନ।

"ଦେଶ ସାରା ଆନ୍ଦୋଳନ, ଧମକ ଓ ବନ୍ଦ / ହତ୍ୟାକାଣ୍ଡ, ଅତ୍ୟାଚାର

ଗୁଳି ଓ ଧର୍ଷଣ / ବିରୋଧୀ ନେତାମାନଙ୍କ ତୀବ୍ର ପ୍ରତିକ୍ରିୟା

(ଖବର କାଗଜ, ସମୁଦ୍ର ନିରୁତ୍ତର)।"

ସଭିଏଁ ଏକା ଲାଉର ମଞ୍ଜି। ଲଙ୍କାରେ ତ' ସମସ୍ତେ ରାବଣ। କାହାର ସର୍ବନାଶ ତ' କାହାର ପୁଷମାସ। ରାଜନୀତି ଏବେ ଏକ ଲାଭଜନକ ବ୍ୟବସାୟ। ମଡ଼ରୁ ବି ଖୋଜି ବୁଲନ୍ତି ନିର୍ବାଚନୀ ଫାଇଦା। ହିଂସା ଓ ଘୃଣାର ବିଦ୍ୱେଷ ଭିତରୁ ଗଢ଼ି ତୋଳନ୍ତି ଆପଣା ଆପଣା ଫିସାଦ। ଜାତୀୟ ଦୁର୍ବିପାକ ଓ ପ୍ରାକୃତିକ ବିପର୍ଯ୍ୟୟରେ ଯେବେ ଭାଙ୍ଗି ପଡ଼ୁଥାଏ ଗରିବ ଗୁରୁବାର ଅଣ୍ଟା। ଯେବେ ଉଚ୍ଛନ୍ନ ହେଇଯାଏ କୋଟି ଭାରତୀୟର ଘର ସଂସାର ? ବିପନ୍ନ ହେଇ ପଡ଼ୁଥାଏ ଆର୍ତ୍ତ ମଣିଷ ଦଙ୍ଗା ଓ ଆତଙ୍କବାଦର ପ୍ରାୟୋଜିତ ବିଭୀଷିକା ଭିତରେ ? ସେଥିରୁ ବି ଫାଇଦା ଉଣ୍ଡାଳୁଥାଏ ରାଜନେତା। ବିପଦ ବି କାହା ପାଇଁ କାଳ ଯେତେବେଳେ, ସେତେବେଳେ ଏହା ହୁଏ ନେତାଙ୍କ ପାଇଁ ଝିମିଟି ଖେଳ।

"ବ୍ୟବସାୟୀ ମାନଙ୍କ ଗୋଦାମ ଘରେ ଭର୍ତ୍ତି ହୋଇରହୁଛି/ ରିଲିଫ୍ ଖାଦ୍ୟ ଓ ବସ୍ତ୍ର ବିଦେଶରୁ ଆସିଥିବା ଦାମୀ ଚାଉଳ, ପଲିଥିନ ଓ କମ୍ବଳ। ଫସଲ କ୍ଷତି ଟଙ୍କା, ଘର ଭଙ୍ଗା ଟଙ୍କା ପାଇଁ / ତିଆରି ଚାଲିଛି ତାଲିକା / ଗ୍ରାମାଞ୍ଚଳର ସରକାରୀ ଲୋକ ଓ ନେତାମାନଙ୍କର / ଉତ୍ସବ ସମୟ ଇୟେ / ବାତ୍ୟାରେ ବନ୍ୟାରେ, (ଇତିହାସ ଲେଖିବାର ମୁହୂର୍ତ୍ତ)"

ସୁଦୃଢ଼ ହେଉଛି ଅସାଧୁ ମେଣ୍ଟ। ନେତା ମନ୍ତ୍ରୀଙ୍କ ସହ ହାତ ମିଳାନ୍ତି ପୁଞ୍ଜିପତି ଓ ବ୍ୟବସାୟୀ। ସଲାକୁତ୍ତିରେ ଚାଲେ ମଧୁଚନ୍ଦ୍ରିକା। ଓର ଭଣ୍ଡି ଲୁଟି ଚାଲନ୍ତି ସେମାନେ ଦେଶବାସୀଙ୍କୁ। ତେଣେ ଟାକି ବସିଥାନ୍ତି ସରକାରୀ ଧଳାହାତୀ। ଦୀପ ତେଜିଲେ ସେମାନଙ୍କ ହାତ ବି ହୁଏ ଚିକ୍କଣ। ଅମଲା ହାକିମ ଠୁ କଳାବଜାରୀ ଆଉ ଅପରାଧୀମାନଙ୍କର ଗଢ଼ା ହୁଏ ମେଣ୍ଟ। ଯେ ଯାହା ବାଟର ସାଉଁଟି ଗୋଟେଇ ଚାଲନ୍ତି ଅସତ ଉପାୟରେ ପୁଳା ପୁଳା ଟଙ୍କା। ରାତିଏ ଗଲେ, ହାତୀଏବୁହା ହେଇ ଆସେ ଏମାନଙ୍କ ତହବିଲକୁ। ରାଜନୀତିର ଛତ୍ରଛାୟା ତଳେ ଜାରୀ ରହେ ଲୁଟ ତରାଜର ନିତ୍ୟ ନୈମିତ୍ତିକ ଡାଲ ସୁପାରୀ ଖେଳ। ପେଟରେ ଓଦା କନା ପକେଇ ଆଖିରୁ ଲୁହ ଗଡ଼ାଏ କୋଟି ଭାରତୀୟ। ତେଣେ ଥୋକାଏ ମାଲାମାଲ ହେଇ ବିତାଉଥାନ୍ତି ବିଳାସ ବ୍ୟସନ ଭିତରେ ଜୀବନ।

"ମନ୍ତ୍ରୀଙ୍କର ଜୟଜୟକାରରେ ଗଗନପବନ କମ୍ପୁଥିବା ବେଳେ /ଭାତ ଗୁଣ୍ଡାଏ ଉଠାଉ ଉଠାଉ ଅଟକି ଯାଉଥିବ / କେତେ ଲୋକଙ୍କ ହାତ / ଭାତ ଥାଳିରେ  ଖସିପଡୁଥିବ ଟୋପା ଟୋପା ଲୁହ (ଏକ ରେଳ ଦୁର୍ଘଟଣାର ବର୍ଣ୍ଣନା, ଇତିହାସ ଲେଖିବାର ମୁହୂର୍ତ୍ତ )"

ବିଚରା ନିରୁପାୟ ମଣିଷ, ନାଚାର ଓ ଦୟନୀୟ। ଆପଣା ଦୁଃଖକୁ କହୁଥିବ କପାଳ ଲିଖନ। କପାଳରେ ହାତମାରି ନିନ୍ଦୁଥିବ ଭାଗ୍ୟ। ଭଗବାନଙ୍କ ଦୁଆରେ ମୁଣ୍ଡକୋଡ଼ି ଦୟିନୀ କରୁଥିବ। ସେ ଗରିବ ଓ ସେ ହତଭାଗ୍ୟ। ଦୁଃଖ ତା'ର ନିୟତି। ଦୈବ ତା'ର କର୍ତ୍ତା ଓ କାରଣ। ଯୁ' ନଥିବ ଜାଣିବାକୁ ତା'ର ମନ୍ଦଭାଗ୍ୟ ପାଇଁ ଦାୟୀ ନୁହେଁ ଭାଗ୍ୟ କି ଭଗବାନ। ଅଭାବ କଷଣ ତାର ପ୍ରାରବ୍ଧ କି କର୍ମଫଳ ନୁହେଁ। ଉପାୟ ନଥିବ ଜାଣିବାକୁ ଯେ, ତାକୁ ଲୁଟିଚାଲିଛନ୍ତି ପ୍ରତିଦିନ ନେତା ମନ୍ତ୍ରୀ, ହାକିମ ଓ ବ୍ୟବସାୟୀର ଦଳ। ତାକୁ ରଖାଯାଇଥିବ ନିରକ୍ଷର। ଧର୍ମ-ଜାତି, ଭାଗ୍ୟ-ଭଗବାନର ବିଶ୍ୱାସରେ ଅଞ୍ଜ କରି ତାକୁ ମାଙ୍କଡ଼ ପରି ନଚାଉଛି ତାରି ଦେଶର ଶାସକ। ନେତାଙ୍କୁ ମଣୁଥିବ ତ୍ରାଣକର୍ତ୍ତା, ହାକିମଙ୍କୁ ବୋଲୁଥିବ ମହାପ୍ରୁ ! ଜୟଜୟକାର କରୁଥିବା କଣ୍ଠଫଟେଇ ତଥାପି ସେମାନଙ୍କର। କାକୁସ୍ଥ ମଣିଷ ମନ ଦେଇ ଶୁଣୁଥିବ ତଥାପି ନେତାଙ୍କ ଭାଷଣ।

"ଭାଷଣ ଶୁଣି ଶୁଣି ବିତିଯାଏ ଆୟୁଷ / ଶୁଣିବାର ଆବଶ୍ୟକତା ନଥିଲେ ବି

ଶୁଣିବାକୁ ପଡ଼େ / ଶ୍ରୋତା ହେଇ ଯେ ଜନ୍ମ ନେଇଛି /

ଶୁଣିବାର ଅତ୍ୟାଚାରକୁ ସହିଯିବା ଛଡ଼ା ତା'ର ଅନ୍ୟଗତି କାହିଁ

(ସାର ଗର୍ଭକ ଭାଷଣ, ଇତିହାସ ଲେଖିବାର ମୁହୂର୍ତ୍ତ) ?"

ଗଣତନ୍ତ୍ରର ଏ ବିଚିତ୍ର ବିଡ଼ମ୍ବନା। ସରକାର ଓ ଶାସନ ଶୁଣିବା କଥା ଜନଗଣର କଥା, ଦୁଃଖ-ଦୁର୍ଦ୍ଦଶା ଓ ବ୍ୟଥା। ହେଲେ ନିଜ ନିଜ ଗୌରବ ଗାରିମାର ମିଛ ବାହାଦୂରୀ ବଖାଣି ବସନ୍ତି ଜନସଭାରେ ଆମର ନେତୃବୃନ୍ଦ। କୋଟି କୋଟି ଟଙ୍କା ବିନିଯୋଗ କରି ସଫଳତାର ବିଜ୍ଞାପନ ଦିଆଯାଏ। ନୀରବ ଶ୍ରୋତା ଓ ମୂକ ପାଲଟିଯାଇଥିବା ବିଚରା ଗରିବ ଗୁରୁବାଙ୍କ ଆଗରେ ଢୋ ଢୋ କରି ପିଟନ୍ତି ଆପଣା ଢୋଲ। ଭାଷଣ ଦେବା ଆଳରେ ନେତାଏ ବାଣ୍ଟି ଚାଲନ୍ତି ପୁଣି ଗୁଡ଼ାଏ ମିଛ ପ୍ରତିଶ୍ରୁତି। କଣ୍ଠଫାଡ଼ି ଚିତ୍କାର କରନ୍ତି। କମ୍ପାଇ ଦିଅନ୍ତି ଗଗନ ପବନ। ପାଣିର ସରପକାଇ ଶୁଣାନ୍ତି ମନ ବହଲାଣ ନାନାବାୟା ଗୀତ।

"ଅନାହାରରେ ମରିବେ ନାହିଁ କେହି / ଚାଷୀ ଭାସି ବୁଲିବ ଏଣିକି ପ୍ରାଚୁର୍ଯ୍ୟର

ଉଜାଣି ସୁଅରେ / କିଛି ନ କରି ଘରେ ବସିଲେ ବି ଅଛି ଦି' ଟଙ୍କିଆ ଚାଉଳ / ଏସବୁ ପାଇଁ

(ଚାଷୀର ସମ୍ରାଟ ହେବାର ଦିନ, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର )"।

ତତଲା ପାଣିରେ କେବେ ଘର ପୋଡ଼ିଛି ନା ପୋଡ଼ିବ? ମନ ଭୁଲାଣିଆଁ ମିଠାମିଠା ପ୍ରତିଶ୍ରୁତିରେ କେବେ ଗରିବର ପେଟ ପୂରିଛି ନା ପୂରିବ? ଏମନ୍ତ ନିର୍ବାଚନୀ ଭାଷଣରେ ଗରିବର ଅବସ୍ଥା କେବେ ବଦଳିଛି ନା ବଦଳିବ? ଅଥଚ ଚଳି ଆସିଛି ଏଇ ଭୋଟ ରାଜନୀତି ଓ ଭାଷଣର ଏହି ପରମ୍ପରା, ସେଦିନଠାରୁ ଦେଶ ଯେବେ ସ୍ୱାଧୀନତା ହାସଲ କଲା। ଏବେ ଦେଶ ପାଳୁଛି ସ୍ୱାଧୀନତାର 'ଅମୃତ କାଳ'। ଭାଷଣରେ ଭାଷଣରେ ଚାଲିଛି ନେତା ମନ୍ତ୍ରୀଙ୍କ ଅମୃତର ବର୍ଷା। ଜଣା ନାହିଁ ଏ ଅମୃତ ଲଗ୍ନର ଯାତ୍ରା ନେଇଯିବ ଭାରତବର୍ଷକୁ କେଉଁ ଭବିଷ୍ୟତ ଆଡ଼କୁ? ଜାଣେ ନାହିଁ ତଥାପି ବେଓ୍ୱକୁଫ ଭାରତୀୟ ଆଜି ବି ଦେଶପ୍ରେମ ଆଉ ଦେଶଦ୍ରୋହର ପରିଭାଷା।

"ରାଜନୀତି ଓ ବୌଦ୍ଧିକତାର ଛତ୍ରଛାୟା ତଳେ / ଦେଶ ଦ୍ରୋହ ବଂଚିରହେ ଛାତିଭର୍ତ୍ତି ଅବିଶ୍ୱାସ ନେଇ /ଯାହା ଦିନେ ଧ୍ୱଂସ କରିବ / ତାର ପରିପାର୍ଶ୍ୱରେ ଥିବା ମଣିଷ ଜାତିକୁ (ଅବିଶ୍ୱାସ, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର)"

ଆଦର୍ଶହୀନ ଓ ପ୍ରଚାର ସର୍ବସ୍ୱ ରାଜନୀତିରେ ଏବେ ବୌଦ୍ଧିକତାର ନୂଆ ଭେଳିକି। ଏବେ ଫାସିବାଦୀ ରାଜନୀତିର ନୂଆ ସମୀକରଣ। ତିନିତୁଣ୍ଡରେ ଛେଳି କୁକୁର ନୀତିର ରାଜନୈତିକ ହଟଚମଟ। ଦେଶ ପ୍ରେମ ଓ ରାଷ୍ଟ୍ରବାଦର ଭିନ୍ନ ବ୍ୟାଖ୍ୟା ସଂକ୍ରମିତ କରି ଚାଲିଛି ଜନଚେତନା। ଦଳ-ବ୍ୟକ୍ତି-ସଂପ୍ରଦାୟର ଆଧାରରେ ଦେଶଭକ୍ତିର ପ୍ରାମାଣିକ ଆକଳନ। ବିଭିନ୍ନ ଉପାୟରେ ସୃଷ୍ଟି ହେଉଛି ଦେଶପ୍ରେମର ନୂଆ ବ୍ୟାଖ୍ୟାନ। ସାମ୍ବିଧାନିକ ବିଧି ବ୍ୟବସ୍ଥା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅଣଦେଖା କରି ଗଢା ହେଉଛି ଭଳିକି ଭଳି ପ୍ରଚାର ମାଧ୍ୟମ। ବିଜ୍ଞାପିତ ହେଉଛି ନୂଆ ରାଷ୍ଟ୍ରପ୍ରେମର ଦର୍ଶନ। ବିଜ୍ଞାପନର ଭେଳିକି ଭିତରେ ସନ୍ଦିଗ୍ଧ ଜନମାନସ।

"ଏବେ ଯୁଆଡ଼େ ଚାହିଁବ ଦେଖିବ/ ଝୁଲୁଥିବ ମାଳ ମାଳ ପୋଷ୍ଟର / ସଭ୍ୟତାର, ରାଜନୀତିର (ବଣ ଭିତରେ ରେଳଗାଡ଼ି, ଗାଲିଲିଓଙ୍କ ଆଙ୍ଗୁଠି)।"

ତାଟକା ହେଇ ଯାଉଛି ବୁଦ୍ଧିଜୀବୀ। ତାଜୁବ ହେଉଛି ଦେଶପ୍ରେମୀ। ଜଳକା ହେଇଚାହୁଁଛି ଜନଗଣ। କୋଉଟା ଦେଶପ୍ରେମ, କିଏ ଦେଶଦ୍ରୋହୀ ଜାଣିବାର ବାଟ ନାହିଁ। କରାଳ ବନ୍ୟାର ସ୍ରୋତ ପରି ବିଷାକ୍ତ ରାଜନୀତିର ପ୍ରସ୍ରବଣ। ଦେଶେ ଦେଶେ ଏହାର ତାଣ୍ଡବ। ଜାତି ରାଷ୍ଟ୍ର ଧର୍ମ ଭାଷାର ଆଧାରିକ ନୂତନ ରାଜନୀତିର ପରିଭାଷା। ମଣିଷର ମହତ୍ୱ ଏବେ ମୂଲ୍ୟହୀନ। ଜାତି ଧର୍ମର ମହିମା ସର୍ବାଧିକ। ଏକତା ବିପନ୍ନ। ସଂହତି ବିପର୍ଯ୍ୟସ୍ତ। ସଂକୀର୍ଣ୍ଣତାର ଏ ଜାତୀୟ ଦର୍ଶନ ସୃଷ୍ଟି କରିଛି ବିଭେଦ ଆଉ ବିଦ୍ୱେଷ। ରାଷ୍ଟ୍ରବୋଧର ପରିଭାଷାରେ ସମୀକୃତ ହୋଇଛି ଧର୍ମ-ସଂପ୍ରଦାୟର ସଂବେଗ। ବଢୁଛି ତିକ୍ତତା। ବୃଦ୍ଧି ପାଉଛି ଅସହିଷ୍ଣୁତା। ଉତ୍ପୀଡକ ହେଉଛି ହିଂସା-ଦ୍ୱେଷର ସାଂପ୍ରଦାୟିକତା।

"ପୃଥିବୀ ଆଚ୍ଛନ୍ନ କରେ କରାଳ ବନ୍ୟାର ସ୍ରୋତ / ଭିନ୍ନ ଧର୍ମ ଦ୍ୱେଷ ପୁଣି ଭିନ୍ନ ରାଷ୍ଟ୍ରଦ୍ୱେଷ / ହିଂସ୍ରତା, ଅସହିଷ୍ଣୁତା, ଈର୍ଷା ଅସୂୟାର (ହଜିଯିବ ଶିଶୁର ଦରୋଟି, ଗାଲିଲିଓଙ୍କ ଆଙ୍ଗୁଠି)।"

ଅସହିଷ୍ଣୁତାର ବିଷ ଅତି ମାରାତ୍ମକ। ପ୍ରତିପକ୍ଷକୁ ତଳିତଳାନ୍ତ କରିଦେବା ହେଉଛି ଏହାର ଧର୍ମ। ବିଦ୍ୱେଷ ହେଉଛି ଏହାର ଲକ୍ଷଣ। ହିଂସ୍ରତା ହେଉଛି ଏହାର ପରିଭାଷା। ଦଙ୍ଗା-ଫିସାଦ ଓ ଆତଙ୍କ-ସନ୍ତ୍ରାସ ପୁଣି ହେଉଛି ଏହାର ମୂଳକର୍ମକାଣ୍ଡ। ନିଜସ୍ୱ ଶ୍ରେଷ୍ଠତା ପ୍ରତିପାଦନ ହେଉଛି ଏହାର ଏକମାତ୍ର ଲକ୍ଷ୍ୟ। ଆପଣା ବ୍ୟତୀତ ଆଉ ସବୁକୁ ତାହା ବିବେଚନା କରିଥାଏ ଶତ୍ରୁବତ୍ ଓ ପ୍ରତିଦ୍ୱନ୍ଦ୍ୱୀ। ପ୍ରତିଦ୍ୱନ୍ଦ୍ୱୀକୁ ଆକ୍ରମଣ ହେଉଛି ତାର ପ୍ରଥମ କର୍ତ୍ତବ୍ୟ। ଶତ୍ରୁତା ହେଉଛି ଏହାର ଦର୍ଶନ।

"ଅସହିଷ୍ଣୁତାର ନଖଦନ୍ତ/ ସବୁବେଳେ ପ୍ରସ୍ତୁତ ହୋଇ ରହିଥାଏ / ଆକ୍ରମଣ କରିବାକୁ (ଅସହିଷ୍ଣୁତାର ନଖଦାନ୍ତ, ଗାଲିଲିଓଙ୍କ ଆଙ୍ଗୁଠି)।"

ଯୋଜନା ବଦ୍ଧ ଭାବରେ ହିଁ ଭରି ଦିଆଯାଇଛି ନିରୀହ ମଣିଷର ଚେତନାରେ ମାରାତ୍ମକ ଅସହିଷ୍ଣୁତାର ବିଷାକ୍ତ ବୀଜାଣୁ। ଫାସିବାଦ ଜାଣିଛି ଜନମାନସକୁ କବଳିତ କରିରଖିବାର ଏହା ହେଉଛି ସର୍ବୋତ୍କୃଷ୍ଟ ଉପାୟ। ଏହା ଏମିତି ଏକ ନିଶା, ଯାହା ଭରିଦିଏ ଅଜ୍ଞାନ ମଣିଷର ପ୍ରାଣରେ ଅନ୍ଧ ଉନ୍ମାଦନା। ତେଣିକି ଆଉ ଗରିବର ମନେ ରହେ ନାହିଁ ଆପଣା ଦାରିଦ୍ର୍ୟ। ଦିଶେ ନାହିଁ ଆଖିକୁ ତା'ର ଆଉ ଶୋଷଣ-କଷଣର କରାଳ ଦୃଶ୍ୟ। ପେଟର ଭୋକ କି ସଂସାରର ଦୁଃଖ ତାକୁ ଆଉ ବାଧେ ନାହିଁ ବିଲ୍‌କୁଲ୍। ସେ ଚିହ୍ନିପାରେ ବି ନାହିଁ ତାର ଅସଲ ଶତ୍ରୁକୁ। ଯିଏ ଶୋଷକ, ସିଏ ତାକୁ ପ୍ରତେ ହୁଏ ତ୍ରାଣକର୍ତ୍ତାର ଅବତାର। ସେ ଖୋଜେ ନାହିଁ ଦାରିଦ୍ର୍ୟ ଓ କଷଣର କାରଣ। ଆପଣା ଛାଏଁ ଆଉଜି ଯାଏ ଗୋଟିଏ ପକ୍ଷରେ ଓ ଅନ୍ୟ ପକ୍ଷଟି ତା' ଆଗରେ ଶତ୍ରୁ ରୂପେ ହୋଇଥାଏ ଦଣ୍ଡାୟମାନ।

"ସେମାନଙ୍କୁ ବାରବାର କୁହାଗଲା / ଏକାପରି ହେଲେ ମଧ୍ୟ ରକ୍ତ ରଙ୍ଗ / ସମସ୍ତଙ୍କ ଧର୍ମ ଭିନ୍ନ ଭିନ୍ନ, ସଂସ୍କାର ବିବିଧ / ଭିନ୍ନ ଗୋଷ୍ଠୀ ଭିନ୍ନ ସମ୍ପ୍ରଦାୟ;/ ଈଶ୍ୱର ଜଣେ ନୁହନ୍ତି /ଭିନ୍ନ ଭିନ୍ନ ଅନେକ ଈଶ୍ୱର। " (ଜନ୍ମ ନେଲେ ସହସ୍ର ଲଙ୍ଗଳା ଶିଶୁ, ଗାଲିଲିଓଙ୍କ ଆଘୁଠି)।"

ଭିନ୍ନ ଭିନ୍ନ ହେଇଗଲା ଗୋଟେ ଦେଶର ପ୍ରାଚୀନ ସଂସ୍କୃତି। ବିଭାଜିତ ହୋଇଗଲା ଦେଶ। ଭାଙ୍ଗି ଖଣ୍ଡଖଣ୍ଡ ହୋଇଗଲା ଜାତିର ଏକତା। ଜାତି-ଧର୍ମକୁ ଭିତ୍ତି କରି ପୃଥକ ହେଇଗଲା ବସୁଧୈବ

କୁଟୁମ୍ବକମ୍‌ର ଆଦର୍ଶ। ଗୋଟିଏ ଝଟକାରେ ଭୁଷୁଡିଗଲା ସଂହତିର ମୂଳଦୁଆ। ହଜାର ବର୍ଷର ସଦ୍ଭାବନା ଓ ଭାଇଚାରା ରଟ୍‌କିନା ତୁଟିଗଲା ମୁହୂର୍ତ୍ତ ମାତ୍ରକେ। ଆପଣା ଭାଇ ହେଲା ଭଗାରୀ। ମିତ୍ର ସାଜିଲା ବଇରୀ। ବାଜି ଉଠିଲା ଯୁଦ୍ଧର ଭେରୀ। ଖାଡ଼ା ହେଇଗଲେ ମୁହାଁମୁହିଁ ଦୁଇ ଭାଗ ହେଇ ଦୁଇଟି ସମ୍ପ୍ରଦାୟ। ଆରମ୍ଭ ହୋଇଗଲା ଆଉ ଗୋଟେ କୁରୁକ୍ଷେତ୍ରର ବିଭୀଷିକା। ବାହ୍ୟ ଶତ୍ରୁ ବିରୁଦ୍ଧରେ ନୁହେଁ, ଏଣିକି ନିଜ ନିଜ ମଧ୍ୟରେ ଜାରି ରହିଲା ଯୁଦ୍ଧ।

"ଧର୍ମ ପ୍ରବକ୍ତାମାନଙ୍କ ମୁହଁରେ ନିଷ୍ଠୁର ହସ / ଧୂର୍ତ୍ତତା ଓ ପ୍ରବଂଚନା, ଅଗ୍ନି

ଉଦ୍‌ଗୀରଣ / ଭିନ୍ନ ଧର୍ମୀ ଲୋକଙ୍କର ପ୍ରାପ୍ୟ ନୁହେଁ / ସ୍ନେହ, ପ୍ରେମ, ଦୟା ସଂବେଦନା / ସେମାନଙ୍କ ପାଇଁ

ଲେଖା ବିଦ୍ୱେଷ ଓ ପ୍ରତାରଣା, ଶୋଷଣ ପୀଡ଼ନ।" (ତତ୍ରୈବ)

ସବୁ ଦେଖୁଛି ଓ ଜାଣୁଚି କବି ବେଲାଳସେନ ପରିକା। ସବୁ ବୁଝୁଛି ଉଦ୍ଦେଶ୍ୟ ଓ ଦୁରଭିସନ୍ଧି। ଅର୍ଦ୍ଧ ଶତାବ୍ଦୀର ଇତିହାସକୁ ପରଖି ବାହୁନୁଚି। "କି ଥିଲା ଏ ଦେଶ, କି ହୋଇଛି ଆଜ ?" ସୁମରିଛି ଅତୀତକୁ, ଅତୀତର ସ୍ମୃତିକୁ। ଯେବେ ସୁଧୁରି ନାହିଁ ଜୀବନ। ଯେବେ ସୁନ୍ଦର ଏକ ଭବିଷ୍ୟତର ସମ୍ଭାବନା ମଉଳି ଯାଉଛି। ଯେବେ ଯେବେ ବୁନ୍ଦା ବୁନ୍ଦା କରି ହାତ ପାପୁଲିରୁ ଖସି ଯାଉଛି ପରମାୟୁ। ସେତେବେଳେ ଆଗରେ ଠିଆ ହେଇଛି ଦେଶ। ଦେଶର ଦୁର୍ଦ୍ଦଶାରେ ଚିପୁଡି ହେଇଯାଉଛି ଛାତି। ସେତେବେଳେ ହଠାତ୍ ଜାଗି ଉଠିଛି କବି ପ୍ରାଣ। ପ୍ରବୋଧୁଚି ନିଜକୁ ନିଜେ। ବହୁତ ହେଇଗଲା ବାସ୍। ଏନଫ୍ ଇଜ୍ ଏନଫ୍। ବହୁତ ହେଲା ପ୍ରେମ ପ୍ରତାରଣା ପରକୀୟା। ବହୁତ ହୋଇଗଲା ପ୍ରାର୍ଥନା। ବହୁତ ହେଇଗଲା ପିଲା ପରିବାର। ଢେର ହେଇଗଲା ଜହ୍ନିଫୁଲ ଜହ୍ନରାତିର କଥା। ଏଣିକି ଖୋଜିବାକୁ ହେବ ଅସଲ ଜୀବନର ସୂତ୍ର। ସତ୍ୟର ସନ୍ଧାନ କରିବାକୁ ହେବ। ଖୋଜିବାକୁ ହବ ଦେଶର ଦୁର୍ଦ୍ଦଶା ଓ ଦୁର୍ଗତିର କାରଣ। ଖୋଜି ପାଇଛି। କାହିଁକିନା ଖୋଜିଲେ ମିଳେ' ବୋଲି କହିଛି ବାଇବେଲ ସେଥିକୁ କହୁଛି-

"ଈଶ୍ୱରକୁ ପ୍ରେମମୟ ବୋଲି ଘୋଷଣା କରିକରି / ନିଜକୁ ପ୍ରେମହୀନ କରିବାର

ଅଭ୍ୟାସ କରି ଆସିଛି / ଛଳନାମୟ ମଣିଷ ବହୁଦିନ ଧରି।"

(ପ୍ରେମ, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର)"

"ଧର୍ମ, ପରମ୍ପରା ଓ ଈଶ୍ୱର ଭଳି କେତୋଟି ଶବ୍ଦର ଭୟ ଦେଖାଇ / ପ୍ରେମହୀନ କରି ଦିଆଯାଇଛି ମଣିଷକୁ (ତତ୍ରୈବ)।"

ଭୁଲ ଠିକଣାରେ ଥରେ ବହିଗଲେ ପ୍ରେମର ସୁନାବ୍ୟା ନଈ, ଆଉ ଥରେ ଉଜାଣି ଫେରେନା। ଅଜାଗାରେ ଅଥାନରେ, ଅବାଟରେ ଚାଲିଯାଇଥିବା ପ୍ରେମକୁ ଆଉ ଥରେ ଫେରାଇ ହୁଏନା ଯଦିଚ ସେଇଠି ଅବଶିଷ୍ଟ ରହିବ କେବଳ ଘୃଣା ଆଉ ବିଦ୍ୱେଷ? ଅପାତ୍ରରେ ସମର୍ପି ଦେଲେ ପ୍ରେମ, ପାତ୍ର ପାଇଁ ବାକି ରୁହେ ଅସୂୟା କେବଳ। ପ୍ରିୟ ପରିଚିତ ଓ ଆତ୍ମୀୟ ସୋଦରଙ୍କୁ ପର କରି ପ୍ରେମ କ'ଣ କେବେ ପରମାର୍ଥିକ ହେଇଚି ନା ହେଇପାରିବ? ଦେଶ-ଜାତି- ସଂସ୍କୃତିର ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ କୋଉଠି କୋଉକାଳେ ମଣିଷ ଗୌରବାନ୍ୱିତ ହୋଇଛି ନା ହୋଇପାରିବ? ପାରସ୍ପରିକ ହିଂସା-ଦ୍ୱେଷ ଏବଂ ଅସହିଷ୍ଣୁତାକୁ ଆପଣେଇ ଗୋଟେ ଦେଶ କେବେ ସମୃଦ୍ଧି ଓ ମହାନ ହେଇଚି ନା, ହୋଇପାରିବ କଦାଚନ? ଏମନ୍ତ ହୁଏ ନାହିଁ କସ୍ମିନ କାଳେ ବୋଲି ତ ନୀଳାଦ୍ରିଙ୍କୁ କହିବାକୁ ହୁଏ:

"ପ୍ରେମହୀନ ପୃଥିବୀରେ ସ୍ୱପ୍ନ କେବେ ଆସେ ନାହିଁ / ରୁକ୍ଷ ଗଛ ଲଦି ହୁଏ ନାଇଁ କେବେ ଫୁଲରେ ଫଳରେ / ଚାଲିବା ଶେଷ ହୁଏନି ଧୁ ଧୁ ପଡିଆର ଟାଙ୍ଗରା ଭୂଇଁରେ / ରାସ୍ତାର ଚିହ୍ନ ନଥାଏ କୁଢ଼ କୁଢ଼ ପୋଡ଼ା ବଉଳରେ।"

(ବଂଚି ରହିବା ପାଇଁ, ଆଉ ଗୋଟିଏ ଜନ୍ମର ଅପେକ୍ଷା।)

ଅନେକ ଭାଷାର ଏଇ ଗୋଟିଏ ଦେଶ ସାରା ପୃଥିବୀରେ। ଅଗଣନ ଜାତି-ସମ୍ପ୍ରଦାୟ ଏକତ୍ର ସହାବସ୍ଥାନ କରୁଥିବା ଇୟେ ଏକମାତ୍ର ରାଷ୍ଟ୍ର ସାରା ଜଗତରେ। ଛୋଟବଡ଼ କେତେ ନା କେତେ ଧର୍ମ ଓ ସଂପ୍ରଦାୟକୁ ଛାତିରେ ଧରି ବିକଶିତ ହୋଇଥିବା ଏକଇ ଭାରତ ରହିଛି ବିଶ୍ୱ ମାନଚିତ୍ରରେ। ବିବିଧତା ହେଉଛି ତେଣୁ ଏହାର ବିଶେଷତ୍ୱ। ବୈଚିତ୍ର୍ୟମୟ ହେଉଛି ଏହାର ସଭ୍ୟତା ଓ ଇତିହାସ। ଅନେକରେ ଏକ ବୋଲି ନିଜକୁ ପ୍ରମାଣିତ କରୁଥିବା ଅନନ୍ୟ ଓ ଅବିକଳ୍ପ ଦେଶର ନାଁ ଭାରତବର୍ଷ। ଗରିମା ମଣ୍ଡିତ ଏ ଦେଶର ପ୍ରାଚୀନ ଐତିହ୍ୟ। ଗୌରବମୟ ହେଉଛି ଏହାର ସମୃଦ୍ଧ ସଭ୍ୟତା। ଅଥଚ

"ଏକା ଛାଞ୍ଚ ଏକା ମାଟିରେ ଗଢା ହୋଇଥିବା ମଣିଷର / ଏତେ ଲାଞ୍ଛନା, ଏତେ ଅପମାନ ଯେଉଁଠି / ଦୁର୍ଲ୍ଲଭ ମଣିଷତ୍ୱର ଚରମ ଅସମ୍ମାନ ଯେଉଁଠି / ଆମ ସମ୍ମିଳିତ ଚିତ୍କାରରେ ଏକାକାର / ସହସ୍ର ପାଣି ଧାରର ଉଛୁଳା ସୁଅରେ / ଯେଡ଼େ ବଂଧ ପଡିଥାଉ ସେଠି / କେତେ ସମୟ ତିଷ୍ଠି ରହି ପାରିବ?

(ଚାଲ କେରେଡ଼ାଗଡ଼ ଯିବା, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର)

ଏତେ ଷଡ଼ଯନ୍ତ୍ର ପରେ ବି ଭାଙ୍ଗିଯିବ ନାହିଁ ଏ ଦେଶର ହଜାର ହଜାର ବର୍ଷର ପ୍ରାଚୀନ ସଂସ୍କୃତି। ଯେତେ ଚେଷ୍ଟା କଲେ ବି ଉଜୁଡ଼ିଯିବ ନାହିଁ ଏ ଦେଶର ମୂଲ୍ୟବୋଧ। ରାଜନୀତିର ଯାବତ ଫନ୍ଦିଫିକର ସତ୍ତ୍ୱେ କେବେ ବି ହଜିଯିବ ନାହିଁ ଏହାର ବସୁଧୈବ କୁଟୁମ୍ବକମ୍ ଆଦର୍ଶ । ମରି ଯିବ ନାହିଁ ପ୍ରେମ। ତୁଟି ଯିବ ନାହିଁ ଆସ୍ଥା ଓ ବିଶ୍ୱାସ କଦାଚନ। ଜାତି-ଧର୍ମ-ସଂପ୍ରଦାୟର ଯେତେ ବନ୍ଧବାଡ଼ ପକେଇ ବିଖଣ୍ଡିତ କରିବାକୁ ଚାହିଁଲେ, କେବେ ବି ଭାଙ୍ଗିଯିବ ନାହିଁ

ଏହାର ଏକତା ସଂହତିର ଜାତୀୟତାବୋଧ। ଜମ୍ମାରୁ ନୁହେଁ, ସୁଦୁରୁ ଅସମ୍ଭବ। କାହିଁକି ନା ଏ ଦେଶ ଭାରତ ଓ ଆମେ ସମସ୍ତେ ହେଉଛୁ ପ୍ରଥମେ ଭାରତୀୟ, ଜାତି-ଧର୍ମ- ଭାଷା ହେଉଛି ପଛ ପୁଣି ଗୌଣ।

"କେତେ ପୂଣ୍ୟରୁ ମଣିଷ ଜନ୍ମନିଏ/ ଭାରତ ଜନନୀ ପରି ଚିର ଶୋଭାମୟୀ ମାଆ

କୋଳରେ / ଯାହାର ଦ୍ୟୁତି ଓ ଦୀପ୍ତିରେ ଉଦ୍‌ଭାସିତ ହେଇଯାଏ ଆକାଶ /

ଯାହାର ବାୟୁ ପ୍ରବାହରେ ଉଚ୍ଚାରିତ ହୋଇଯାଏ ପ୍ରଣବ / ଯାହାର ତଟିନୀ ଛାତିରେ ଅସମାପ୍ତ ଜ୍ୟୋସ୍ନାର ଢେଉ / ଯାହର ବନଭୂମିରେ ସବୁଜିମାର ଉଦ୍‌ବେଳନ

(ପୁଣି ଥରେ ଜନ୍ମ ନେବି, ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର )

ଏ ଦେଶର ମାଟି ପବିତ୍ର। ବଣ-ପାହାଡ଼, ନଦୀ-ନାଳରେ ବି ଏଠି ପବିତ୍ରତାର ଆବାହନୀ ମନ୍ତ୍ର। ନଦୀମାନେ ପରିପୂଜିତା ହୋଇଥାନ୍ତି ଦେବୀ ରୂପରେ ବୋଲି ବୁନ୍ଦବୁନ୍ଦା ପାଣିରେ ବି ପାବନୀ ଜୀବନର ଓଁକାର। ସୁନାବ୍ୟା ନଈର ଏ ଦେଶର ମାଟି ଉର୍ବର। ଏଠା ପାଣି-ପବନରେ ବି ଗୁଞ୍ଜରିତ ହେଉଥାଏ ପ୍ରେମର ଆବହ ସଂଗୀତ। ଘୃଣାର ଏଠି ସ୍ଥାନ ନାହିଁ କି ହିଂସାର ବୋଲି ଏଦେଶ ବୁଦ୍ଧ-ଗାନ୍ଧିର ଦେଶ। ସତ୍ୟ-ଶିବ-ସୁନ୍ଦର ହେଉଛି ଏହାର ବୈଦିକ ଦର୍ଶନ। ଫିନିକ୍ସ ଚଢେଇ ପରି ଏହାପୁଣି ଥରେ ଜୀଇଁ ଉଠିବ ଶତ ଧ୍ୱଂସର ତାଣ୍ଡବ ଭିତରୁ। ମାଡ଼ି ମକଚି ପୋତି ପକେଇଲେ ବି ପୁଣି କହିଁଲି ଉଠିବ ଏହାର ସଂସ୍କୃତି ଲୋକକଥାର କଞ୍ଚନବତୀ ପରି, ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ ବୋଲି ଜାଣିଛି କବି। ଜାଣିଛି ବୋଲି ତ କହୁଛି:

"ସତ୍ୟର ବୀଜ ପୋତା ହେଇଯାଇଛି ମାଟି ଭିତରେ / ବାରମ୍ବାର ଉଠି ଆସିବ

ଉପରକୁ ଗଛ ହୋଇ / ମେଲିଯିବ ଶାଖାପ୍ରଶାଖା / ମହାବୃକ୍ଷକୁ ଯେତେ କାଟି ଲେ ବି /

ପୁଣି ସେ ପଲ୍ଲବିତ ହୋଇଉଠିବ (ଗାଲିଲିଓଙ୍କ ଆଙ୍ଗୁଠି)।"

ପୁଣି ସ୍ୱର୍ଗେ ଲାଗିବ ଡାଳ, ମଞ୍ଜେ ଲୋଟିବ। ଇତିହାସର ପୁନରାବୃତ୍ତି ଘଟିବ। ଅଧର୍ମ-ଅନ୍ୟାୟର ଘଟିବ ପରିସମାପ୍ତି। ପଛକୁ ହଟିଯିବ ବିଧ୍ୱଂସକ ଶକ୍ତି। ପରାଜିତ ହେବ ଜହ୍ଲାଦର ସେନାବାହିନୀ। ଭାଙ୍ଗିପଡିବ କ୍ଷମତା ପ୍ରମତ୍ତ ଦର୍ପୀ ସମ୍ରାଟର ସିଂହାସନ। ଖସି ପଡିବ ମସ୍ତକରୁ ଶିରସ୍ତ୍ରାଣ। ଏ ଦେଶର ପବତ୍ର ମାଟିକୁ ମଥାର ତୀଳକ କରି ଫେରିଯିବ ଦିଗବିଜୟୀ ଆଲେକଜାଣ୍ଡାର। ପେଡି ପୁଟୁଳି ବାନ୍ଧି ଜାହାଜରେ ଆପଣା ଦେଶକୁ ଚାଲିଯିବ ଫିରିଙ୍ଗି ଜାତି। କାହିଁକି ନା ଏ ମାଟି ଅତ୍ୟାଚାର ସହେ, ହିଂସା କରେ ନା। ଏ ଜାତି ଉପଦ୍ରବ ସହିଯାଏ, ରକ୍ତପାତ ଭିଆଏନା। ଏ ଜାତି ପ୍ରେମ କରିବା ଜାଣିଛି। ପାହାଡ଼ ପିଠିରେ ଫୁଲ ଫୁଟେଇବାର କଳା ବି ଶିଖିଛି। ଏଠିତେଣେ-

"ପାହାଡ଼ରେ ଫୁଲ ଫୁଟିବା କେବେ ବନ୍ଦ ହୁଏ ନାହିଁ / ସମୁଦ୍ରରେ ଢେଉ ଉଠିବା କେବେ ବନ୍ଦ ହୁଏ ନାହିଁ ? ପାହାଡ଼ ଗଛକଟାଳି ଅତ୍ୟାଚାର ସହେ / ସମୁଦ୍ର ଟ୍ରଲରବାଲାଙ୍କ ଅତ୍ୟାଚାର ସହେ/ / ଏଇ ଦେଖ, /ଶିରି ଶିରି ଶୀତଳ ପବନରେ ପାହାଡ଼ ଦେହରେ ରୋମାଞ୍ଚ / ଝିରିଝିରି ଚନ୍ଦ୍ରକିରଣରେ ସମୁଦ୍ର ଛାତିରେ ସ୍ପନ୍ଦନ (ସବୁ ମିଛ କଥା ଦିନେ, ସମୁଦ୍ର ନିରୁତ୍ତର)।"

କ'ଣ ବା ନାହିଁ ଏ ଦେଶରେ ? କଥାରେ ପରା ଅଛି "ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ।" ଯାହା ଏ ଦେଶରେ ନାହିଁ ତାହା ଭାରତ ବ୍ୟତିରେକେ କାହୁଁ ଆସିବ ଅନ୍ୟ ଦେଶରେ? ଏଠି ଯେମିତି ପାହାଡ଼ ଅଛି ସେମିତି ସମୁଦ୍ର ଅଛି। ଅଛି ପୁଣି ଅନେକ ଭାଷା ଆଉ ଜାତି। ରହିଛି ଭଳିକି ଭଳି ଧର୍ମ ଓ ଆଦିମ ଅନେକ ଜନଜାତି। ଅଛି ସ୍ନେହ ଓ ପ୍ରେମର କଦର। ଦୟାକରୁଣାର ଅନାହତ ପ୍ରବାହ। ଏତେ ଏତେ ବୈଚିତ୍ର୍ୟ ଓ ମାନବିକ ମୂଲ୍ୟବୋଧକୁ ନେଇ ଗଢି ଉଠିଛି ଯୋଉଁ ଦେଶ- ସେ କେବେ ହାରିଯାଇ ପାରେକି? ବୈଚିତ୍ର୍ୟ ମଣ୍ଡିତ ଏ ଦେଶର ଭାଗ୍ୟରେ ଅଛି କି କେବେ ପରାଭବର ଦୁର୍ଦ୍ଦିନ?

"ଏଠି ଗଭୀର ଅରଣ୍ୟ ଅଛି, ନୀଳ ନିର୍ମେଘ ଆକାଶ ଅଛି / ଦିଂଗତ ବ୍ୟାପୀ

ସମୁଦ୍ର ଅଛି, ଶ୍ୟାମଶ୍ରୀମୟୀ ପାହାଡ଼ ଅଛି/ ଏଠି ପୁଣି ସମସ୍ତଙ୍କୁ ପରମ ସ୍ନେହରେ

ଛୁଇଁଯାଏ/ ଜୀବନ ଭରା ବିସ୍ତୃତି ଭୂମିଖଣ୍ଡ

(ରେଳଯାତ୍ରା / ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର।)"

ଏତେ ଏତେ ଥିବା ଭିତରେ ମଣିଷ ପଣିଆ ମରିଯାଇପାରେ କି? କତିପୟ ସ୍ୱାର୍ଥପର ଓ କ୍ଷମତାଲୋଭୀ ପ୍ରମତ୍ତ ଶାସକର ଦୁରଭିସନ୍ଧି ମଧ୍ୟରେ ଆଦର୍ଶ ହୁଡ଼ିଯାଏ ପାରେ କି ଏ ବିଶାଳ ଜାତି? ଅର୍ଥନୀତି ଓ ରାଜନୀତିର ସଲାକୁସ୍ତି ଆଗରେ ହାରିଯାଇ ପାରେକି ବୁଦ୍ଧ-ଗାନ୍ଧିର ଦେଶ କଦାଚନ? ଭାରତୀୟତାର ସଂସ୍କୃତି ଏବେ ବି ମରିଯାଇନି। ଏବେ ବି ଶୁଖି ଯାଇନି ମାନବିକତା ବୋଧର ସୁନାବ୍ୟାଧାରା। ତୁଟିଯାଇନି ସମୂଳେ ଭରସା ଓ ବିଶ୍ୱାସ। ଅବିଶ୍ୱାସ ମନେ ହେଲେ ବି ଏହା ସତ୍ୟ, ସତ୍ୟ, ସତ୍ୟ। ତ୍ରିବାର ସତ୍ୟ

"ପର ପାଇଁ କି ମରିବାକୁ ଲୋକେ ଅଛନ୍ତି ଦୁନିଆରେ / ଅନ୍ୟର ବାରଣ

ସତ୍ତ୍ୱେ / ଉତ୍ସାହ କମିଯାଏ ନାହିଁ ସେମାନଙ୍କର

(ଏ ପର୍ଯ୍ୟନ୍ତ ଶୁଖିଯାଇନାହିଁ, ଆଉ ଗୋଟିଏ ଜନ୍ମର ଅପେକ୍ଷା)"

ତଥାପି ତିଷ୍ଠି ରହିଛି ପ୍ରକୃତିର ସବୁଜିମା। ସମୂଳେ ଧ୍ୱଂସ ହେଇଯାଇନାହିଁ ମଣିଷ ଭିତରୁ ମାନବୀୟ ପ୍ରବଣତା। ଅନ୍ୟ ପାଇଁ

ଜୀବନ ଦେବାକୁ ପ୍ରସ୍ତୁତ ରହିଛନ୍ତି ତଥାପି କିଛି ଲୋକ। ଉଜ୍ଜୀବୀତ ରହିଛି ମୂଲ୍ୟବୋଧ। ଅଛି ବି ଗ୍ରାମ୍ୟ ଜୀବନର ପରମ୍ପରା ଆଉ ସଂସ୍କୃତି। ଅବାଟରେ ପାଦ ଥୋଇ ଆଗକୁ ବଢ଼ିଯାଇଥିବା ପାଦ ତେଣୁ ପୁଣି ଥରେ ବାହୁଡ଼ି ଆସିବ ପଛକୁ। ଆଉ ଥରେ ମଣିଷ ଖୋଜିବ ତା'ର ସାବକ ଠିକଣା। ତେଣିକି ନିଶ୍ଚୟ ମିଳିଯବ ଗୋଟେ ଅବଧାରିତ ବାଟ। ଘାଟରେ କୂଳ ପାରି କରିଦେବାକୁ ଅଣ୍ଟାରେ ଗାମୁଛା ଓ ମୁଣ୍ଡରେ ଠେକା ବାନ୍ଧି ଖାଡ଼ା ହବ ନାଆ ଓ ନାଉରୀ। ତୁଠରେ ତୁଠରେ ପୁଣି ପୂରି ଉଠିବ କୋଳାହଳ। ଶୁଣାଯିବ ଆଉ ଥରେ ଆ-କା-ମା-ବୈର ଗୀତ। ନିଭିଯିବ ନିଆଁ। ହଜିଯିବ ପ୍ରତିହିଂସା ନିଶ୍ଚୟ ଦିନେ ନା ଦିନେ।

" ସେ ଆଉ ଧ୍ୱଂସଶୀଳ ହେବ ନାହିଁ;/ ଆନନ୍ଦରେ ବାଟ ଛାଡ଼ି ଦେବ / ଶୀତଳ ପବନର ମୃଦୁ ପ୍ରବାହକୁ / ପ୍ରସରି ଯିବାକୁ ଦୂରରୁ ଦୂରାନ୍ତର (ଆତତାୟୀ, ଉପୁଡି ପଡିଥିବା ଗଛ)।"

ହୁଏ ନାହିଁକି ଏମିତି ? ଫେରି ଆସେ ନାହିଁକି ପୁଣି ଥରେ ଆପଣା ବସା ଖୋଜି ନୀଡ଼ହରା ପକ୍ଷୀ? ରତ୍ନାକର ଦିନେ ଅକସ୍ମାତ ପାଲଟିଯାଏନି କି ବାଲ୍ମୀକି? ମାଟିରେ ମିଶିଯାଇଥିବା ଦୁର୍ବା ଦିନେ ପହିଲି ଆଷାଢ଼ର ଛୁଆଁ ପାଇଲେ ପୁଣି ଥରେ କଅଁଳି ଉଠେ ନାହିଁକି ? ଘମାଘୋଟ ମେଘ ଅନ୍ଧାର ରାତିର ବି ହୁଏ ନାହିଁ କି ଅବସାନ ଶେଷକୁ? ମରି ଯାଇଥିବା ଆଶା ଓ ବିଶ୍ୱାସମାନେ ଦିନେ ସଜସକାଳରେ କଡ଼ ଲେଉଟାଇ କଅଁଳି ଉଠନ୍ତି କି ନାହିଁ? ହୁଏ ନାହିଁକି ଏମିତି ଇତିହାସରେ ବାରମ୍ବାର। ରାତି ପାହି ସକାଳ ହୁଏ। ଅଧର୍ମ ଓ ଅପଶାସନର ଘଟେ ପରିସମାପ୍ତି। ଅନ୍ୟାୟ ଅତ୍ୟାଚାରର ଦିନ ସରିଯାଏ। ଧ୍ୱଂସ ସ୍ତୁପ ଭିତରୁ ଉଭାରି ଉଠେ ପୁନଶ୍ଚ ଜୀବନ। ମରିଯାଇଥିବା ସ୍ୱପ୍ନମାନେ ପୁଣି ଥରେ ଆରମ୍ଭ କରିଦିଅନ୍ତି କୋଳାହଳ ବୋଲି ତ' କବିତାର ଖିଅ ଯୋଡ଼ି ଦିଅନ୍ତି ଏମନ୍ତେ କବି ନୀଳାଦ୍ରି ଭୂଷଣ:

"ଏମିତି କ'ଣ ହୋଇ ପାରେନି / ଆଲୋକର ଧାରାଟିଏ ବନ୍ଧ ଭାଙ୍ଗି

ବହି ଆସିବ / ସବୁଜ ଘାସ କଅଁଳି ଉଠିବ ଭୂଇଁସାରା, ସଂଚରିଯିବ

ଶିହରଣ / ପୁରି ଥରେ ଦେହରେ ଦେହରେ

(ଆଲୋକର ଦାରାଟିଏ, ଉପୁଡି ପଡିଥିବା ଗଛ।)"

ସୃଷ୍ଟିର ନିୟମ ତ' ହେଉଛି ଏହା ହିଁ। ପରିବର୍ତ୍ତନ ପୁଣି ଜଗତର ଧର୍ମ। ସେ ଶାସନ ହେଉ କି ଶାସକ, ଦିନେ ତାକୁ ଫେରିଯିବାକୁ ହବ। ଦୁଃଖ-ସନ୍ତାପର ରାତି ପାହିବ। ଅବସାନ ଘଟିବ ଷଡ଼ଯନ୍ତ୍ରର। ଛଳନା-ପ୍ରତାରଣାର ଅନ୍ତ ଘଟିବ ଦିନେ। ଅଜ୍ଞ ଚେତନାରେ ହବ ଅବଶ୍ୟ ଜ୍ଞାନୋଦୟ। ଭଲ-ମନ୍ଦ, ପାପ-ପୁଣ୍ୟ, ନ୍ୟାୟ-ଅନ୍ୟାୟର ଭେଦ ବୁଝାଇବାକୁ ହେବ ସମର୍ଥ। ବୃହନ୍ନଳା ଭିତରୁ ତେଣିକି ସବ୍ୟସାଚୀ ପଣର ଆତ୍ମାଟି ଫିଟିପଡିବ।ଦ୍ରୌପଦୀର ବସ୍ତ୍ରହରଣ ଦୃଶ୍ୟ ଉପଭୋଗ କରୁଥିବା କ୍ଳୀବ ସଭାସଦଙ୍କ ବିବେକ ଜାଗିଉଠିବ। କୁରୁସଭା ମଧ୍ୟରୁ ପହିଲେ ଉଠିବ ଅଶ୍ୱତ୍ଥମାର ପ୍ରତିବାଦ। ବାସ୍.. ଥରେ ପ୍ରତିବାଦର ସ୍ୱର ଉଠିଛି ମାନେ ହିଁ, ପ୍ରତିରୋଧ ପାଇଁ ଦିନେ ନା ଦିନେ ପ୍ରସ୍ତୁତ ହେବ ଥାଟବାଟ।

"ଦ୍ରୌପଦୀର ବସ୍ତ୍ର ହରଣକୁ ନିତିଦିନ ନୀରବରେ / ଦେଖି ଚାଲିଥିବା

ନପୁଂସକମାନଙ୍କ ପାଇଁ / ତାରା ଭିତରୁ ବାହାରି ଆସୁଥିବା ନିଆଁର ଫୁଲକି / ଶ୍ରାବଣର ଜଳଧାରା ହୋଇ ବହିଯିବ

( ଚିତ୍ରପଟ ବଦଳିଯାଏ, ସୌନ୍ଦର୍ଯ୍ୟ ଖୋଜି କୋଜି ଈଶ୍ୱର।)।"

ଭାଙ୍ଗି ଯାଇଥିବ ଜଡ଼ତା। ଫିଟି ଯାଇଥିବ ଶିକୁଳି। ହଟିଯାଇଥିବ ସ୍ଥବିରତା। ତୁଟି ଯାଇଥିବ ଅଜ୍ଞାତର ନିର୍ମୋକ। ଫୁଟି ଯାଉଥିବ ଫୁଲ। ମେଣ୍ଟି ସାରିଥିବ ଶୋଷ। ଛୁଟି ଚାଲିଥିବ ବର୍ଷଣା ପାଣିର ଧାରା। ମିଟି ସାରିଥିବ କଟି। ରଚି ସରିଥିବ ଦୁନିଆଁ ସାରା ମୁକ୍ତିର ବାର୍ତ୍ତା। ସିଟିମାରି ମାରି ଭଗୀରଥ ପରିକା ସବା ଆଗରେ ପଳାସି ଯାଇଥିବ କବି। ଛିଟିକି ପଡିଥିବ ସୋରି ସୋରି ହାଲୋରମୟ ଆଲୁଅ। ଫୁଟି ସାରିଥିବ ବିଲ୍ୱ ମଙ୍ଗଳର ଆଖି। କିଟି ମିଟି ଅନ୍ଧାର ଭିତରୁ ଶୁଣାଯାଉଥିବ ଧ୍ରୁବତାରାର ଧ୍ରୁପଦୀ। ଈଶ୍ୱର ପାଲଟି ଯାଉଥିବ କବି। ଓଁ... ଫୁ...ଫୁ.. ମନ୍ତୁରା ଧୂଳି ପକେଇ ପହଳି ମେଲୁଥିବ ନିତେଇ ଧୋବଣୀ। ଘା' ଘା..ଘାଉଡ଼ ଯା... ଦୁଃଖ ଯା'ବୋଲି ହଟ ଲଗେଇଥିବ ପତର ସଉରୁଣୀ। କବି କହୁଥିବ ସେଥକୁ ସୁର ମିଳେଇ, ଯା' ଯା' ବହିଯାଆରେ ଶତଦ୍ରୁ। ବର୍ଷିଯାଉ ଶ୍ରାବଣ ଓ... ? ଓ....

"ମୋତେ ଘୃଣା କରି / ମୋ'ଠାରୁ ଦୂରେଇ

ଦୂରେଇ / ଯାଅ ନାହିଁ । / ବରଂ ଆଗେଇ ଆସ ପାଦେ ପାଦେ / ଏଇ ମୁଁ ଛାତି

ଦେଖାଇ ଦେଉଛି / ବିନ୍ଧ କର ତୁମର ଘୃଣାର ଛୁରିକା।"

(ଈର୍ଷାର ପାତ୍ର, ସମୁଦ୍ର ନିରୁତ୍ତର)।

ବାସ୍...। ତେଣିକି କ୍ରୁଶରେ ଚଢି ସାରିଥିବେ ଯୀଶୁ! ନର୍କରେ ପଡି ସାରିଥିବେ ଭୀମ ଭୋଇ। ସ୍ୱରାଜର ଖାଲ ଖମା ଭିତରେ କୋଉଠି କେଜାଣି ମିଶିଯାଇଥିବ ଗୋପବନ୍ଧୁଙ୍କର ମାଂସ ଆଉ ହାଡ଼। ସଂସାର ତକର ସକଳ ଘୃଣାକୁ ପୁଟୁଳିରେ ବାନ୍ଧି ବାଟେବାଟେ ଅବଧୂତ ପରିକା ପଳାସି ଚାଲିଥିବେ କବି ନୀଳାଦ୍ରିଭୂଷଣ। ପଚାରିଲେ କେହି ଉତ୍ତର ମିଳୁଥିବ ମୁଁ କେବଳ ନୁହେଁ, ପ୍ରେମାର୍ଦ୍ର ହେଉ ପୃଥିବୀ। ମଧୁମୟ ହେଉ ଜୀବନ। ପଲ୍ଲବିତ ହେଉ ମାଟି। ବର୍ଷା ହେଉ। ବର୍ଷିଯାଉ ଫୁଲ ପରି ଗୁଣ। "ପଲ୍ଲୀକୋଳାହଳ ମୁଖରିତ ହେଉ" (ବର୍ଷା ହେଉ, ନିର୍ବୋଧ ଲୋକର ପୃଥିବୀ।) ହସି ଉଠୁ ଦେଶ। ଗାଁ

ଗଣ୍ଡାରୁ ହଟିଯାଉ ଦୁଃଖ। ସହିଷ୍ଣୁ ହେଉ ମଣିଷ, ହେଉ ଉଦାର। ଅମୃତକାଳରେ ଅମୃତମୟ ହେଉ ସାରାଦେଶ।

ମନେ ପଡୁନାହିଁ ମୋର ଏମିତି କିଛି କଥା, ସ୍ୱାଧୀନତାର ପରବର୍ତ୍ତୀକାଳରେ ନୀଳାଦ୍ରିଭୂଷଣଙ୍କ ସମକାଳୀନ ଅନ୍ୟ କୌଣସି ପ୍ରୟୋଗବାଦୀ କବି କାହିଁ କୋଉଠି କହିଥିବା ଭଳି। ହଁ କହିଛନ୍ତି ବ୍ରଜନାଥ ରଥ, ଆଶୁତୋଷ ପରିଡ଼ାଙ୍କ ପରି କିଛି ପ୍ରଗତିବାଦୀ କବି। ମାତ୍ର ମୁଖ୍ୟଧାରାର ତଥାକଥିତ ପ୍ରତିଷ୍ଠିତ କବିଙ୍କ କବିତାରେ ଏହା ଏକା ବେଳକେ ଦୁର୍ଲ୍ଲଭ। ପଶ୍ଚିମା କାବ୍ୟଶୈଳୀର ପରୀକ୍ଷା ଓ ପ୍ରୟୋଗ କରିବାକୁ ଯାଇ ଦିଗ୍‌ଗଜ ପ୍ରୟୋଗବାଦୀ କବିଗଣ ଭୁଲି ଯାଇଛନ୍ତି ମାଟି ଓ ମଣିଷକୁ। କବିତାରେ ସେମାନଙ୍କର ଅଛି ଚିତ୍ରକଳ୍ପ, ପ୍ରତୀକ ଓ ମିଥ୍‌ର ହଟଚମଟ। ଅଛି ସହରୀ ଓ ବସ୍ତୁବାଦୀ ଜୀବନର ନିଃସଙ୍ଗ ହତାଶ, ଯାତନା ଓ ପୀଡ଼ାର ହଜବରଳ। ବୌଦ୍ଧିକତାର ହଠକାରିତା। ଶବ୍ଦର ଜଟିଳତା ଭିତରେ ପ୍ରମତ୍ତ କବିପଣ ବିବାକ। ସେଇଠି ଦେଶ ନାହିଁ କି ଜାତି ନାହିଁ। କୋଟି ମଣିଷର ଦୁର୍ଦ୍ଦଶା ର କଥା ତ' ସାତସପନ। ମୃତ୍ୟୁ ଚେତନା, ସ୍ଥିତିବାଦୀ ଚେତନା ଓ ଫ୍ରଏଡ଼ୀୟ ଅବଚେତନରେ ଭାରାକ୍ରାନ୍ତ କବିତାର ତଟସ୍ଥ ପୃଥିବୀ। ଲୋକ ନାହିଁ ଯୋଉଠି, ସେଇଠି ଲୋକଜୀବନ ଆସିବ କୁଆଡୁ?

ସତ କହିବାକୁ ଗଲେ ନୀଳାଦ୍ରିଭୂଷଣଙ୍କ ସୃଜନର ଆଦ୍ୟ ଭାଗଟି ମଧସେହି ଗୁଳାରେ ଚାଲୁଥିଲା। ସେ ବି ଥିଲେ ଗୁରୁପ୍ରସାଦ। ରମାକାନ୍ତ, ସୀତାକାନ୍ତ ଓ ରାଜେନ୍ଦ୍ରଙ୍କ ରାସ୍ତାରେ। ପ୍ରୟୋଗେବାଦ ପ୍ରବାହିତ ପ୍ରଖର ସ୍ରୋତରେ ସେଦିନ ନୀଳାଦ୍ରିଙ୍କ ଭାସିଯିବା ଥିଲା ଏକ ସ୍ୱାଭାବିକ ଘଟଣା। ପ୍ରଚଳିତ ଏକ ମୁଖ୍ୟଧାରାରୁ ନିଜକୁ ମୁକ୍ତ ରଖିବା ସେଦିନ ଥିଲା ଅସମ୍ଭବ। ଶେଷ ପର୍ଯ୍ୟନ୍ତ (୧୯୯୦) କୌଣସି ସମକାଳୀନ କବି ଏହି ଧାରାରୁ ନିଜକୁ ମୁକ୍ତ କରି ପାରିନାହାନ୍ତି,କେବଳ ନୀଳାଦ୍ରିଭୂଷଣଙ୍କ ବ୍ୟତୀତ। ୧୯୯୦ ପରବର୍ତ୍ତୀ କାଳରେ ତେଣୁ ପ୍ରୟୋଗବାଦର ଧାରାରୁ ମୁକୁଳି ଯାଇଛନ୍ତି କବି। ପାହାଚ (୧୯୭୨), ନୀଳଚନ୍ଦନର ଭୁଲ ଠିକଣା (୧୯୭୮), ସମ୍ବୋଧନ ହୀନ (୧୯୯୧) ଏବଂ 'ନିର୍ବୋଧ ଲୋକର ପୃଥିବୀ (୧୯୯୬)' ପର୍ଯ୍ୟନ୍ତ ତାଙ୍କର କାବ୍ୟଜଗତ ପ୍ରଚଳିତ ଧାରାର ଅନୁସରଣ କରିଛି।

କବିତାର ଧାରାରେ ମୋଡ଼ ବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି, 'ସମୁଦ୍ର ନିରୁତ୍ତର' (୧୯୯୭)ଠାରୁ। ଗୁଳାରେ ଚାଲିବା ଅତି ସହଜ, ମାତ୍ର ମୁକୁଳିବା ବଡ଼ ଦୁରୂହ ବ୍ୟାପାର। କବିତାରେ ମାଟି ମନସ୍କତା ଓ ଜୀବନବାଦର ସ୍ୱରଟି ତେଣୁ ବିଶେଷ ଶାଣିତ ହୋଇନାହିଁ 'ଇତିହାସ ଲେଖିବାର ମୁହୂର୍ତ୍ତ' (୨୦୦୨) ଏବଂ 'ଆଉ ଗୋଟିଏ ଜନ୍ମର ଅପେକ୍ଷା' ( ୨୦୦୮) ପର୍ଯ୍ୟନ୍ତ। ଅଥଚ ୧୯୯୭ ରୁ ୨୦୦୮ ମସିହା ପର୍ଯ୍ୟନ୍ତ ତାଙ୍କ କାବ୍ୟପରିଧିରେ ଆଉ ବୌଦ୍ଧିକତା ନାହିଁ। ସମାଜ-ଦେଶ-ଜୀବନର ଭିନ୍ନଭିନ୍ନ ଦିଗ ପ୍ରତି ରହିଛି ଅନ୍ୱେଷା ଆଉ ଉଦ୍‌ବେଗ। ମାତ୍ର କାବ୍ୟ ଯାତ୍ରାର ଅନ୍ତିମ ପାଦ (୨୦୧୪-୨୦୨୦)ଟି ହୋଇଛି ଏକାବେଳକେ ଜୀବନମନସ୍କ। "ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର' (୨୦୧୪), 'ଉପୁଡ଼ି ପଡିଥିବା ଗଛ' (୨୦୧୭) ଏବଂ 'ଗାଲିଲିଓଙ୍କ ଆଙ୍ଗୁଠି' (୨୦୨୦) ରେ ତୀବ୍ର ଓ ଶାଣିତ ହୋଇଛି ସମାଜ ପ୍ରତିବଦ୍ଧତାର ସ୍ୱର। ଅବ୍ୟବସ୍ଥିତ ସମାଜ ବ୍ୟବସ୍ଥା, ଏମିତି କି ଶାସନ ଓ ସରକାର ବିରୁଦ୍ଧରେ ମୁଖରିତ ହୋଇଛି ତାଙ୍କ ବିଦ୍ରୋହୀ କବିପଣ। ନିର୍ଭୀକତାର ଏ ସ୍ୱରଟିକୁ ଆଉଥରେ ଶୁଣନ୍ତୁ।

"କହିବା ପାଇଁ ମୁହଁ ଖୋଲିବ ନାହିଁ / ପ୍ରତି ମୁହୂର୍ତ୍ତରେ କ୍ଷତ ବିକ୍ଷତ ହେଉଥିବା

ମଣିଷର କଥା ? / କଣ୍ଠରୁଦ୍ଧ ହୋଇ ଯାଉଥିବା ମଣିଷର ହୃଦୟର ବ୍ୟଥା ?"

(ଅସହିଷ୍ଣୁତାର ନଖଦାନ୍ତ, ଗାଲିଲିଓଙ୍କ ଆଙ୍ଗୁଠି)

କବି ନୀଳାଦ୍ରିଙ୍କ ମୁହଁ ଖୋଲିଛି ତ' ଆଉ ବନ୍ଦ ହେବାର ନାଆଁ ଧରୁନାହିଁ। ରାଷ୍ଟ୍ରବ୍ୟବସ୍ଥା ବିରୁଦ୍ଧରେ ମୁହଁ ଖୋଲିବା କିଛି ସହଜ କଥା ନୁହେଁ ବୋଲି ଆଜି ବି ସବୁ ଦେଖି ଶୁଣି ବନ୍ଦ ରହିଛି ତଥାକଥିତ ଦିଗ୍‌ଗଜ କବିମାନଙ୍କ ମୁହଁ। ଶୁଖିଲାପତ୍ର ପରି ଧାରାରେ ଭାସି ଯାଇନାହାନ୍ତି ବୋଲି ସେ ପ୍ରଚଳିତ କାବ୍ୟଧାରାର ଏକମାତ୍ର ବ୍ୟତିକ୍ରମ। ସେ ସ୍ୱତନ୍ତ୍ର , ଅନନ୍ୟ ପୁଣି ଅବିକଳ୍ପ, ସ୍ୱାଧୀନତାର ପରବର୍ତ୍ତୀ ଓଡ଼ିଆ ପ୍ରୟୋଗବାଦୀ କାବ୍ୟଧାରାରେ। ଜଣାନାହିଁ ମତେ ତାଙ୍କ କାବ୍ୟ ଜଗତର ଏ ଅକୁହା କଥାକୁ ପୂର୍ବରୁ କେହି କହିଥିଲେ କି ନାହିଁ?

❖❖❖

# ଅବଲୁପ୍ତ ପ୍ରାୟ ଲୋକକଳା : ଉଦ୍‌ବେଗର ବିଷୟ



ISSN-2583-6978
Volume-4
Issue-10
OCTOBER-2024

**ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା**

**ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ**
**ଅମୃତ ବିହାର, ସମ୍ବଲପୁର**

ଜର୍ମାନୀର ଏକତ୍ରୀକରଣ ହେବାପୂର୍ବରୁ କବି, ସାହିତ୍ୟିକ, ଲେଖକମାନେ ଖୋଜୁଥିଲେ ଜର୍ମାନ ଜାତିର ଆତ୍ମାକୁ। ଜର୍ମାନ ଜାତିର ଆତ୍ମାକୁ ଓ ତା'ର ଐକ୍ୟର ମୂଳସୂତ୍ରକୁ ଖୋଜୁ ଖୋଜୁ ସେମାନଙ୍କ ନଜର ଦୃଷ୍ଟି ପଡ଼ିଥିଲା ଜର୍ମାନ ଜାତିର ଲୋକକତା ଓ ଲୋକ ସାହିତ୍ୟ ଉପରେ । ଏହି ଲୋକିସାହିତ୍ୟ ଓ ଲୋକକଥା ହେଉଛି ଯେକୌଣସି ଜାତିର ଜୀବନଗାଥା। ଏହି କଥା ପ୍ରଥମ କରି କହିଥିଲେ ଜର୍ମାନର ରୋମାଣ୍ଟିକ ଦାର୍ଶନିକ କବି ଓ ସାହିତ୍ୟକ ତଥା ସମୀକ୍ଷକ ହର୍ଡର (ଜୋହନ ଗୋଟ୍‌ଫ୍ରେଡ ଭୋନ୍ ହାର୍ଡର, ୧୭୪୪-୧୮୦୩) ପ୍ରସିଦ୍ଧ ଦାର୍ଶନିକ ଇମାନୁଏଲ କାଣ୍ଟ ତାଙ୍କ ପୁସ୍ତକ ଭାଷା ଦର୍ଶନ (ଫିଲୋଶୋଫି ଅଫ୍ ଲାଙ୍ଗୁଏଜ) ରେ କହିଲେ ଯେ ଯେକୌଣସି ଜାତିର ଜାତୀୟତାର ଭିତ୍ତିଭୂମି ହେଲା ଭାଷା ଓ ସଂସ୍କୃତି। ତାଙ୍କ ମତରେ ପ୍ରତ୍ୟେକ ଜାତିର ଏକ ଜାତୀୟ ଆତ୍ମା (ଭୋଲ୍କଗେଷ୍ଟ ଅଫ୍ ନ୍ୟାସନାଲ ସୋଲ) ଅଛି। ସେହି ଅନୁସନ୍ଧାନର ମୂଳଉତ୍ସ ହେଉଛି ଲୋକଗୀତ, ଲୋକନୃତ୍ୟ, ଲୋକକଥା ଓ ଲୋକସାହିତ୍ୟ। ସେହି ଲୋକକଥା ଓ ଲୋକସାହିହତ୍ୟ ବଞ୍ଚି ରହିଛି ଦେଶୀ। ଗାଉଁଲୀ ରୂପେ ବିବେଚିତ ତୃଣମୂଳସ୍ତରର ମଣିଷ (ଡାସ ଭୋଲ୍କ ବା କମନ ପିପଲ)ମାନଙ୍କ ମଧ୍ୟରେ। ତେଣୁ ଜାତି ନିର୍ମାଣର ଏକ ପ୍ରାକ୍ ସର୍ତ୍ତାବଳୀ (ପ୍ରିକଣ୍ଡିସନ) ହେଲା ଲୋକସାହିତ୍ୟ ଓ ଲୋକକଳାର ପୁନରୁଦ୍ଧାର ଓ ପୁନଃପ୍ରସାର।

ହର୍ଡରଙ୍କ ରଚନାରେ ଉଦ୍‌ବୁଦ୍ଧ ହୋଇ ଗ୍ରୀମ୍‌ସ ଭ୍ରାତା (ଉଇଲିଅମ ଗ୍ରୀମ୍‌ସ ଓ ଜାକବ ଗ୍ରୀମ୍ସ) ବୁଲିବୁଲି ଲୋକକଥା ଓ ଲୋକସାହିତ୍ୟ ସଂଗ୍ରହ କରି ଫୋଲଟାଲେସ ଅଫ୍ ଜର୍ମାନୀ ପ୍ରକାଶ କଲେ। ତେବେ ଏହି ଲୋକ କଥା ମାଧ୍ୟମରେ ଜର୍ମାନ ଜାତିର ଐତିହ୍ୟ ଓ ସାଂସ୍କୃତିକ ସମ୍ପଦର ଅନେକ ଅନୁଦ୍‌ଘାଟିତ ସତ୍ୟ ଉଦ୍‌ଘାଟିତ ହେଲା। ଦୀର୍ଘ ୪୫ ବର୍ଷର ଅକ୍ଳାନ୍ତ ପରିଶ୍ରମର ଫଳଶ୍ରୁତି ସ୍ୱରୂପ ସିଣ୍ଡ୍ରେଲା ଓ ରାଫଞ୍ଜେଲ ଭଳି ବିଶ୍ୱ ପାଠକ ମହଲରେ ଚହଳ ସୃଷ୍ଟି କରିଥିବା ୨୦ଟି ଲୋକକଥା ସଂକଳିତ ହେଲା। ଏହାର ମୁଖ୍ୟ ପାଠକ ହେଲେ ଅପାଠୁଆ, ଅପଢୁଆ ମଫସଲୀ ରୂପେ ପରିଚିତ ଏକ ବୃହତ୍ତର ପାଠକ ଓ ଶ୍ରୋତା ସମାଜ। ଅନ୍ୟୁନ୍ୟ ୩୯ଟି ଛୋଟବଡ଼ ରାଜ୍ୟରେ ବିଭାଜିତ ଜର୍ମାନ ରାଜ୍ୟର ଜର୍ମାନ ଭାଷା, ଜର୍ମାନ ଜାତି ନିଜ ଜାତୀୟତାର ମୂଳସୂତ୍ର ଖୋଜି ପାଇଲେ ଏହି ଲୋକକଥା ଲୋକ ସାହିତହ୍ୟ ଓ ଲୋକକଳା ମଧ୍ୟରେ।

ବର୍ଲିନ, ବନ୍, ହେଡେଲବର୍ଗ, ଲିପଜିଗ ପ୍ରସିଦ୍ଧ ଜର୍ମାନ ବିଶ୍ୱବିଦ୍ୟାଳୟ ବିଜ୍ଞାନ, ଦର୍ଶନ ଓ ଇତିହାସ ଭଳି ଲୋକ ସାହିତ୍ୟ ଓ ଲୋକସଂସ୍କୃତି ଅଧ୍ୟୟନ ଓ ଅଧ୍ୟାପନାକୁ ଗୁରୁତ୍ୱାରୋପ କଲେ। ଏଇଠୁ ଜାଗ୍ରତ ହେଲା ଜାତୀୟ ଜାଗରଣର ଅଫୁରନ୍ତ ସ୍ରୋତ। ଲୋକ ସଂସ୍କୃତିକୁ ଆଧାର କରି ୧୮୧୭ ମସିହାରେ ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ହେଲା ୱାଟବର୍ଗ ଉତ୍ସବ। ୱାଟବର୍ଗ ଉତ୍ସବର ୧୫ ବର୍ଷ ପରେ ୧୮୩୨ ମସିହାରେ ଅନୁଷ୍ଠିତ ହେଲା ହାମବ୍ୟାକ ଉତ୍ସବ (ହମବ୍ୟାଚ ଫେଷ୍ଟିଭାଲ)। ପ୍ରାୟ ୩୦ ହଜାର ଛାତ୍ର ପ୍ରତିନିଧି ବର୍କେନସାଫ୍ଟ ଛାତ୍ର ସମାଜର ସାଂସ୍କୃତି ପତାକାଧରି ୨୭ ମେ ରୁ ୩୦ ମେ ୧୮୩୨ ମସିହା ପର୍ଯ୍ୟନ୍ତ ଯେଉଁ ଜାତୀୟ ଲୋକ ସାଂସ୍କୃତିକ ଉତ୍ସବ ପାଳନ କଲେ ତାହା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ପରବର୍ତ୍ତୀ କାଳରେ ଏହି ସାଂସ୍କୃତିକ ଧ୍ୱଜା ଜର୍ମାନ ଜାତିର ଜାତୀୟ ପତାକାରେ ପରିଣତ ହୋଇଥିଲା। ଗୋଟିଏ ଜାତିର ଐତିହାସିକ ବିବର୍ତ୍ତନରେ ସାଂସ୍କୃତିକ ଗଣଆନ୍ଦୋଳନର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ବିଚାର୍ଯ୍ୟ।

ଏହାର ଠିକ୍ ୩୫ ବର୍ଷ ପରେ ଜର୍ମାନ ଜାତିର ଏହି ଲୋକ

ମହୋତ୍ସବରେ ଅନୁରଣନ ଦେଖିବାକୁ ମିଳେ। ୧୮୬୭ ଖ୍ରୀଷ୍ଟାବ୍ଦରେ ଭାରତର ତତ୍କାଳୀନ ରାଜଧାନୀ କଲିକତାରେ ଅନୁଷ୍ଠିତ ହିନ୍ଦୁ ମେଳାରେ। ଏହାର ନାମ ହିନ୍ଦୁମେଳା ହୋଇଥିଲେ ମଧ୍ୟ ଏହା କୌଣସି ସାଂପ୍ରଦାୟିକ ମେଳା ନଥିଲା। ଏହା ବସ୍ତୁତଃ ଥିଲା। ଏକ ଜାତୀୟ ମେଳା ବା ସ୍ୱଦେଶୀ ମେଳା। ଭାରତୀୟମାନଙ୍କୁ ଭାଷା ସଂସ୍କୃତି, ଲୋକଗୀତ, ଲୋକ ସାହିତ୍ୟ, ଲୋକକଥା ଓ ଲୋକନୃତ୍ୟ ମାଧ୍ୟମରେ ଏକତା ସୂତ୍ରରେ ବାନ୍ଧିବା ନିମନ୍ତେ ଏହା ଥିଲା ଏକ ସାରସ୍ୱତ ଆୟୋଜନ। ରାଜ ନାରାୟଣ ବୋଷ, ଜ୍ୟୋତିରିନ୍ଦ୍ର ନାଥ ଟାଗୋର, ନବଗୋପାଳ ମିତ୍ର ଇତ୍ୟାଦି ତରୁଣ ଜାତୀୟତାବାଦୀମାନଙ୍କ ଉଦ୍ୟମରେ ଆରମ୍ଭ ହେଉଥିବା ଏହି ଚୈତ୍ରମେଳା ବାସ୍ତବରେ ଥିଲା ଔପନିବେଶବାଦ ବିରୁଦ୍ଧରେ ଗଜୁରି ଉଠୁଥିବା ଜାତୀୟତା ବାଦର ଜୈତ୍ରଯାତ୍ରା। ଲୋକଗୀତ ଓ ଲୋକ ସାହିତ୍ୟ ବ୍ୟତୀତ ସ୍ୱଦେଶ ହସ୍ତଶିଳ୍ପ, ସ୍ୱଦେଶୀ କ୍ରୀଡ଼ା କୌତୁକ, ଲଡିଖେଳ, ମାଲକୁସ୍ତି ଇତ୍ୟାଦି ପ୍ରଦର୍ଶନ ମାଧ୍ୟମରେ ଏହି ଉତ୍ସବ ତରୁଣ ଗୋଷ୍ଠୀ ମଧ୍ୟରେ ନୂତନ ଉତ୍ସାହ, ଉଦ୍ଦୀପନା ଓ ଜାତୀୟ ଚେତନା ସୃଷ୍ଟି କରିଥଲା। ୧୮୬୭ ମସିହାରୁ ୧୮୮୦ ମସିହା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବାର୍ଷିକ ଲୋକ ମହୋତ୍ସବର ଦଶମ (୧୦ମ) ଅଧିବେଶନ (୧୮୭୭)ରେ ବାରବର୍ଷର ବାଳକ ରବୀନ୍ଦ୍ରନାଥ ଟାଗୋର ଭାରତର ସଦ୍ୟ ନିଯୁକ୍ତ ଭାରତୀୟ ଲର୍ଡ ଲିଟନଙ୍କୁ ସମାଲୋଚନା କରି ଏକ ସ୍ୱରଚିତ କବିତା ପାଠ କରି ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ। ମେଳା ଆୟୋଜନ କମିଟିର ସମ୍ପାଦକ ଗଣେନ୍ଦ୍ରନାଥ ଟାଗୋର ତାଙ୍କର ସମ୍ପାଦକୀୟ ବିବରଣୀରେ ଉଲ୍ଲେଖ କରିଥିଲେ ଯେ ଏହି ମେଳା ଆୟୋଜନର ଅଭିଲକ୍ଷ୍ୟ ମନୋରଞ୍ଜନ କିମ୍ବା ଧାର୍ମିକ କାର୍ଯ୍ୟକ୍ରମ ନୁହେଁ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ମାଟି ମାଆ ଦେଶମାତୃକା ଓ ଦେଶବାସୀଙ୍କ ମଧ୍ୟରେ ଜାତୀୟ ଚେତନା ଓ ଜାତୀୟ ଐକ୍ୟ ଭାବର ପ୍ରସାର।

ଏଇଠି ସମ୍ମୁଖକୁ ଆସେ ସାହିତ୍ୟ, ଲୋକ ସାହିତ୍ୟ ଓ ଲୋକକଳାର ସାମର୍ଥ୍ୟ ଓ ଶକ୍ତିର ପ୍ରସଙ୍ଗ। କୌଣସି ଜାତୀୟ ଜାଗରଣ ବା ଜାତୀୟ ଆନ୍ଦୋଳନର ପୃଷ୍ଠଭୂମିରେ କୁହୁକ ଶକ୍ତି ଭଳି କାର୍ଯ୍ୟ କରିଛି ସାହିତ୍ୟ ଲୋକସାହିତ୍ୟ ଓ ଲୋକକଳା। ତେଣୁ ସାହିତ୍ୟକୁ ଏକ ଶକ୍ତି ବିରହିତ, ପରାଙ୍ଗପୁଷ୍ଟ, ବିଭବ ରୂପେ ବିବେଚନା କରୁଥିବା ସାହିତ୍ୟ ବିଦ୍ୱେଷୀମାନେ ଏହି ଭ୍ରାନ୍ତ ଧାରଣାରୁ ନିଜକୁ ଓହରେଇ ଆଣିବା ହେଉଛି ସାହିତ୍ୟର ଆହ୍ୱାନ। ଯୁଗେ ଯୁଗେ ସାହିତ୍ୟ ତା'ର ଶକ୍ତି ସାମର୍ଥ୍ୟକୁ ପ୍ରତିପାଦିତ କରି ଆସିଛି। ବିଶେଷ କରି ଲୋକସାହିତ୍ୟ ଓ ଲୋକକଳାର ସାମର୍ଥ୍ୟକୁ କୌଣସି ରୂପେ ନଗଣ୍ୟ ଭାବେ ବିବେଚନା କରାଯାଇ ନପାରେ।

ଲୋକ ସାହିତ୍ୟ ବା ଲୋକକଳା ଲୋକ ଜୀବନର ଜୀବନ ବେଦ ଲୋକ ଚଳଣିର ନିର୍ଭୁଲ ଦଲିଲ, ଲୋକ ସମାଜର ସାମୂହିକ ସ୍ଥାପତ୍ୟ ଏଥିରେ ଖୋଦିତ। ଏ କଳା ଜୀବନ ଧର୍ମୀ। ଏଠାରେ ତତ୍ତ୍ୱର ଗୁରୁ ଗୌରବ ନାହିଁ, ଅଛି ସରଳତା, ଆଳଙ୍କାରିକ ଶୈଳୀର ବର୍ଣ୍ଣାଢ୍ୟ ବିଳାସ ନାହିଁ, ଅଛି ଅକପଟ ଓ ଅକୃତ୍ରିମ ପ୍ରକାଶକଳା। ଏହା ବାସ୍ତବତାର ଭିତ୍ତି ଉପରେ ପ୍ରତିଷ୍ଠିତ ମାଟିଘର, ତେଣୁ ଏଥିରେ ନାହିଁ ପ୍ରାସାଦ ଅଟ୍ଟାଳିକାର ମପାଚୁପା, ରଙ୍ଗମଖା କୃତ୍ରିମତା ଅଥବା ବୃଥା ଆଭିଜାତ୍ୟର ଆଟୋପ। ଏହା ମୁକୁଳା ମନର ସ୍ୱଚ୍ଛନ୍ଦ ପରିପ୍ରକାଶ, ମୁକ୍ତ ଆକାଶ ସଞ୍ଚାରୀ ବିହଙ୍ଗ କଣ୍ଠର ସ୍ୱାଧୀନ କାକଳିର କଳରୋଳ ଏଥିରେ ଧ୍ୱନିତ।

ଗ୍ରାମୀଣ ମଣିଷର ଶ୍ରଦ୍ଧା-ସ୍ୱେଦସିକ୍ତ ମନର ମୁକ୍ତ ପରିପ୍ରକାଶ ହିଁ ଲୋକକଳା ଓ ଲୋକ ସାହିତ୍ୟ। ଗ୍ରାମ୍ୟ ଜୀବନର ସ୍ୱଚ୍ଛ ସ୍ୱଚ୍ଛନ୍ଦ ଚଳଣି ହେଉଛି ଏହାର ଅଭିବ୍ୟକ୍ତି; ଲୋକ ଜୀବନର ଯାବତୀୟ ରୂପବୋଧ ଏହାର ନିଷ୍କଳୁଷ କଳେବର, ଗାଉଁଲି ମଣିଷ ପରି; ଏହା ଅତି ମାତ୍ରାରେ ସିଧାସିଧା ଗାଁର ରମଣୀ ପରି ଏହା ଆଭୂଷଣହୀନା ହେଲେ ବି ଅକୃତ୍ରିମ ସୌନ୍ଦର୍ଯ୍ୟ ହିଁ ଏହାର ଆକର୍ଷଣ। ଏହା ହୃଦୟର ସମ୍ପଦ ହୋଇଥିବାରୁ ଏଥିରେ ଥିବା ସହୃଦୟତା ସମସ୍ତଙ୍କ ହୃଦୟକୁ ସ୍ପର୍ଶକରେ। କୌଣସି ଭୌଗଳିକ ସୀମାରେ ନିର୍ଦ୍ଦିଷ୍ଟ ସରହଦ, ଅଥବା ନିୟମର ନିଗଡ଼ ଭିତରେ ଏହା ବନ୍ଦୀ ନୁହେଁ। ଏଥିରେ ଜାତି-ଅଜାତି ନାହିଁ, ଧନୀ-ନିର୍ଦ୍ଧନର ପ୍ରଭେଦ ନାହିଁ, ପଲ୍ଲୀ ଜୀବନର ଜୀବନାଲେଖ୍ୟ ଏହାର ପ୍ରକୃଷ୍ଟ ପ୍ରକାଶରଙ୍ଗୀ। ଅଲିଖିତ ହୋଇଥିବାରୁ ଏହାର ରୂପଗତ ପରିବର୍ତ୍ତନ ସ୍ଥଳ ଭେଦରେ ଲକ୍ଷ୍ୟ କରାଯାଏ। ଲୋକଶୈଳୀର ସ୍ୱାଭାବିକତା, ଆଟୋପହୀନ ଅକୃତ୍ରିମ ପ୍ରକାଶ ଭଙ୍ଗୀ, ପାଣ୍ଡିତ୍ୟଶୂନ୍ୟତା, ବୌଦ୍ଧିକତା, ସୀମାତୀତ ବିସ୍ତୃତି ମଦ୍ୟ ଏହାର ଗୋଟିଏ ଗୋଟିଏ ବିଶେଷତ୍ୱ। ତେବେ ବ୍ୟାପ୍ତିରେ ଏହା ଅସୀମ, ବିନ୍ୟାସରେ ଏହା ଅକୃତ୍ରିମ; ତେଣୁ ଅରଣ୍ୟର ବିକ୍ଷିପ୍ତ ବଣ୍ୟ ସମ୍ପଦର ପ୍ରାକୃତିକ ସୌନ୍ଦର୍ଯ୍ୟ ଏହାର ରୂପସଜ୍ଜା ଏବଂ ଆରଣ୍ୟକ ଆବେଦନ ହେଉଛି ଏହାର ଅନ୍ତର୍ନିହିତ ଆକର୍ଷଣ।

ମଣିଷ ଅଛି ବୋଲି ସମାଜ ଅଛି। ସଂସ୍କୃତି ଯୋଗୁଁ ସମାଜର ସ୍ୱରୂପ ବାରି ହୋଇପଡ଼େ। ସମାଜର ଆତ୍ମ ପ୍ରକାଶ ପାଇଁ ସାହିତ୍ୟର ଭୂମିକା କିଛି କମ ନୁହେଁ। ଖାଲି ସାହିତ୍ୟ ନୁହେଁ, ମାନବ ମନରୁ ସୃଷ୍ଟ ସମସ୍ତ କଳା ଓ କାରିଗରୀ ସମାଜର ବିଶେଷ ଆବଶ୍ୟକତା ମେଣ୍ଟାଇବାରେ ସହଯୋଗ କରିଥାଏ। ମଣିଷ ନିଜ ପ୍ରାକୃତିକ ପରିବେଶ ସହିତ ଆନୁକୂଳିତ ହେଲାବେଳେ ସେ ନାନା ଘାତ ପ୍ରତିଘାତ ଡେଇଁ ଅଗ୍ରସର ହୋଇଥାଏ। ତା' ଅନୁଭୂତି ଓ ଅଭିଜ୍ଞତାରୁ ସେ ଯାହା ଶିଖେ ତାହା ହିଁ ତା ଜ୍ଞାନର ପରିସୀମା ବଢାଇଥାଏ। ଗୋଟିଏ ନିରକ୍ଷଣ ସମାଜରେ ଆଧୁନିକ ବିଦ୍ୟାଳୟ ବା ମହାବିଦ୍ୟାଳୟର ଶିକ୍ଷାର ସୁବିଧା ନଥିଲେ ସୁଦ୍ଧା ଏମିତି କେତେକ ସାମାଜିକ ଅନୁଷ୍ଠାନ ଅଛି। ଯାହାକି ସମାଜର ସମସ୍ତ ବର୍ଗର ଲୋକଙ୍କ ପାଇଁ ଶିକ୍ଷାଲାଭର ଏକ ନିରନ୍ତର ପ୍ରକ୍ରିୟା। ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ

ଓ ନିରକ୍ଷରଠାରୁ ସାକ୍ଷର ପର୍ଯ୍ୟନ୍ତ ସମସ୍ତେ ଅନୁଭୂତି ଓ ଅଭିଜ୍ଞତାରୁ ଜ୍ଞାନ ଆହରଣ କରନ୍ତି। ସାକ୍ଷର ସମାଜରେ ଜ୍ଞାନ ଏକ ସୂଚନା ରୂପେ ଉପଲବ୍ଧ। ଏହା ଜଣେ ଶିକ୍ଷାର୍ଥୀର ପ୍ରତ୍ୟକ୍ଷ ବ୍ୟବହାରରେ ଆସୁ ବା ନ ଆସୁ ତାହା ସୂଚନା ରୂପେ ଅବଶ୍ୟ ଗ୍ରହଣୀୟ। ହେଲେ ଗୋଟିଏ ନିରକ୍ଷର ସମାଜରେ ବାହ୍ୟ ଜଗତର ଏହି ସୂଚନା ଏତେ ଆକର୍ଷଣୀୟ ନୁହେଁ, କାରଣ ଏହି ସମାଜର ଜ୍ଞାନ ପ୍ରଥମତଃ ବ୍ୟାବହାରିକ, ଦ୍ୱିତୀୟତଃ ଅଜ୍ଞତା ପ୍ରସୂତ, ତୃତୀୟତଃ ଜୀବନର ଆବଶ୍ୟକତା ପୂରଣ ଦିଗରେ ଏହା ଫଳପ୍ରଦ ଭାବେ ପ୍ରଯୁକ୍ତ।

ଆର୍ଥିକ କାରିଗରୀ ବିଦ୍ୟା ସହିତ ସାହିତ୍ୟ,ନୃତ୍ୟ କଳା ମଧ୍ୟ ସମାଜରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସଭ୍ୟସମାଜରେ କଳା ସାହିତ୍ୟ ନୃତ୍ୟ ପରିପୂର୍ଣ୍ଣ ରୂପେ ସ୍ୱତନ୍ତ୍ର ଭାବେ ଚର୍ଚ୍ଚିତ। ଏହାର ଭିତ୍ତିଭୂମି ଓ ସାମାଜିକ ଭୂମିକା ଏତେ ଅମୂର୍ତ୍ତ ଯେ ସାହିତ୍ୟର ପ୍ରଭାବ ସମାଜରେ କଳ୍ପନା କରିବା ଦୁଷ୍କର। ଅଥଚ ନିରକ୍ଷର ସମାଜ ବା ବିଭିନ୍ନ ଗୋଷ୍ଠୀରେ ଅର୍ଥନୀତି, କଳା , ସାହିତ୍ୟ ଓ ସଂସ୍କୃତି ପରସ୍ପର ଛନ୍ଦାଛନ୍ଦି ହୋଇ ରହିଥାନ୍ତି। ଫଳରେ ମଣିଷର ସର୍ଜନା ଉଭୟଜୀବିକା ଓ କଳା ସୃଷ୍ଟି ଭିତରେ ସାକାର ହୋଇଉଠେ। ଅର୍ଥନୀତିଠାରୁ ନୃତ୍ୟ ଭିନ୍ନ ନୁହେଁ, କିମ୍ବା ଫସଲ ଅମଳଠାରୁ ଦେବଦେବୀଙ୍କ ପୂଜା ଅଲଗା ନୁହେଁ। ତେଣୁ ସମାଜରେ ଲୋକ ସାହିତ୍ୟର, ଲୋକ ସଂସ୍କୃତିର ଓ ଲୋକକଳାର ଭୂମିକା ପ୍ରମୂର୍ତ୍ତ ହୋଇଥାଏ- ଲୋକଙ୍କ ମୌଖିକ ପରମ୍ପରା, କଳା, ନୃତ୍ୟଗୀତ, ନାଟ୍ରବାଦ୍ୟ ପ୍ରଭୃତିରେ। ସାହିତ୍ୟର ଏହି ସାମାଜିକ ଭୂମିକା ଗୋଟିଏ ଗୋଷ୍ଠୀ ବା ଜାତି ପାଇଁ କେତେକ ଯେ ଗୁରୁତ୍ୱପୂର୍ଣ୍ଣ ତାହା ସେହି ସମାଜ ଓ ଲୋକ ପରମ୍ପରାର ଅନୁଶୀଳନ ନକଲାଯାଏ ଜାଣିବା ସମ୍ଭବ ନୁହେଁ। ଜୀବନ ଓ ସାହିତ୍ୟ କଳାରେ ଏହି ସଂହତି ସମାଜକୁ ଶକ୍ତି ପ୍ରଦାନ କରେ ଓ ସୁସଂହତ କରେ।

ସମାଲୋକଙ୍କ ଦୃଷ୍ଟିରେ ଓଡ଼ିଶାରେ ସାହିତ୍ୟ କହିଲେ ପ୍ରାୟ ଲିଖିତ ସାହିତ୍ୟକୁ ବୁଝାଏ। କିନ୍ତୁ ମୌଖିକ ସାହିତ୍ୟ କହୁଥିବା ଲୋକ ଓଡ଼ିଶାରେ ୭୦ ପ୍ରତିଶତ। ମୌଖିକ ସାହିତ୍ୟର ଚର୍ଚ୍ଚା କେବଳ ଲୋକ ସାହିତ୍ୟ ଗବେଷକମାନଙ୍କ ଲେଖା ଭିତରେ ସୀମାବଦ୍ଧ। ସାହିତ୍ୟିକ ମାନେ ସାହିତ୍ୟର ସମାଜତାତ୍ତ୍ୱିକ ଦୃଷ୍ଟିକୋଣ ସହିତ ସଖ୍ୟ ସ୍ଥାପନ କରିବା ପାଇଁ ସମ୍ଭବତଃ ସମୟ ଉପନୀତ ହୋଇନାହିଁ। ସାହିତ୍ୟର ସାମାଜିକ ଭୂମିକା ବଦଳରେ ତେଣୁ ଏବେବି କଳ୍ପନାର ନିରାଜନା ଚାଲିଛି। ସାହିତ୍ୟରେ ଆତ୍ମରତିର ଆତ୍ମପ୍ରସାଦ ବଢିଛି, ଅଥଚ ଐତିହ୍ୟବୋଧ, ପରମ୍ପରା ପ୍ରତି ଶ୍ରଦ୍ଧା କିମ୍ବା ଭବିଷ୍ୟତ ପ୍ରତି ଉନ୍ମୁଖତା ବର୍ତ୍ତମାନ ହୋଇଉଠିଛି ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ ସାହିତ୍ୟର ବ୍ୟାପ୍ତି ଓ ଗଭୀରତାର ଅନୁଭବ ନଥାଇ ସୁଦ୍ଧା, ମାଟି ଓ ଚେର ସହ ସମ୍ପର୍କ ନଥାଇ ସୁଦ୍ଧା ଆକାଶ ବାୟବୀୟ ଅସ୍ତିତ୍ୱ ସଂପର୍କରେ ଅନେକେ ଚିନ୍ତାମଗ୍ନ। କୃତ୍ରିମ ବିଷାଦରେ ସାହିତ୍ୟିକଙ୍କ ଅସ୍ତିତ୍ୱବାଦୀ ମନ ସୁରକ୍ଷାର ବଳୟରେ ରହି ସୁଦ୍ଧା ତୃତୀୟ ବିଶ୍ୱଯୁଦ୍ଧର ଆତଙ୍କରେ ସାହିତ୍ୟ ଭୂମିକୁ ତ୍ରେଷ୍ଟଲ୍ୟାଣ୍ଡ କରିବାରେ ବ୍ୟସ୍ତ। ଓଡ଼ିଆ ସାହିତ୍ୟ ପ୍ରତ୍ୟେକ ସମୟରେ ଓଡ଼ିଆ ପରିଚତିର ଉପଜୀବ୍ୟ ହୋଇ ରହିଛି। କେବେ ଦରବାରରେ ତ କେବେ ଜଙ୍ଗଲରେ, କେବେ ଆରାଧନାରେ ତ କେବେ ପ୍ରତ୍ୟାହାରରେ କେବେ ପ୍ରତିବାଦରେ ତ କେବେ ସମର୍ପଣରେ ଓଡ଼ିଆ ସାହିତ୍ୟ ବିଭିନ୍ନ ପରିବେଶ ପରିସ୍ଥିତିରେ  ଭିନ୍ନ ଭିନ୍ନ ରୂପରେ ଦେଖାଦେଇଛି। ଏହାର ସାମାଜିକ ଦିଗଟି ବଡ଼ ବିଚିତ୍ର ଭାବେ ଲୋକାଭିମୁଖୀ। ଓଡ଼ିଶାର ପ୍ରଥମ ମହାକାବ୍ୟ ଜଣେ କୃଷକ କବିଙ୍କ ଲେଖନୀ ନିଃସୃତ। ଓଡ଼ିଶାର ବା ଓଡ଼ିଶାମାଟିର ସାମାଜିକ ଭୂମିକା ଆକଳନ କଲାବେଳେ ମହେଜୁଏ, ଓଡ଼ିଶାର ଅଗଣିତ ଜନଜୀବନ ସହିତ ସାହିତ୍ୟର ସଂପର୍କ ଅତ୍ୟନ୍ତକ୍ଷୀଣ। ସାହିତ୍ୟ ଯେ ମଣିଷ ପାଇଁ ଏକ ଆବଶ୍ୟକତା ଏହିପରି ଦୃଷ୍ଟିଭଙ୍ଗୀ ଆମ ସମାଜରେ କମ; ଏହା ବେଶୀ ଅନୁଭୂତ ହେଉଛି ଆଧୁନିକ ସଭ୍ୟତାରେ ଓ ଟେକ୍‌ନୋଲୋଜିର ଚାହିଦା ବଢିବା ପରେ। ସହରରେ ଜୀବନ ଦ୍ରୁତଗତିରେ ପରିବର୍ତ୍ତନର ସମ୍ମୁଖୀନ ହେଉଛି। ସୂଚନାକୁ ହିଁ କ୍ଷମତା ବୋଲି (ଇନଫର୍ମେସନ ଇଜ୍ ପାୱାର) ଧରାଯାଉଛି। ଅଥଚ ଆମର ଗ୍ରାମାଞ୍ଚଳରେ ବ୍ୟାବହାରିକ ଜ୍ଞାନ ଓ ଅଭିଜ୍ଞତା ପ୍ରସୂତ ଜ୍ଞାନ ହିଁ ଶକ୍ତି ବୋଲି ଗ୍ରହଣ କରାଯାଏ। କାରଣ ଏହି ଶକ୍ତି ହିଁ ମଣିଷକୁ ବଞ୍ଚିବା ପାଇଁ ବାଟଦେଖାଏ; ତା ଛଡ଼ା ସମାଜକୁ ଗୋଟିଏ ଏକକ ରୂପେ ଗଢିବାରେ ସାହାଯ୍ୟ କରେ।

ଓଡ଼ିଶାର ଗ୍ରାମାଞ୍ଚଳରେ ପଚାଶ ପ୍ରତିଶତରୁ ଅଧିକ ନିରକ୍ଷର। ଯେଉଁମାନେ ସାକ୍ଷର ସେମାନଙ୍କ ଭିତରୁ ୧୦ ପ୍ରତିଶତ ସାହିତ୍ୟ ପଢନ୍ତି ତାହା ବି ନୁହେଁ। ସାରା ଭାରତର ମୋଟ ଲୋକ ସଂଖ୍ୟାରେ ୯ ପ୍ରତିଶତ ସାହିତ୍ୟ ପଢନ୍ତି।  ସାହିତ୍ୟ ସର୍ଜନା କରିବାଲୋକ ତା ତୁଳନାରେ ନଗଣ୍ୟ। ଅଥଚ ସଂଖ୍ୟା ବରିଷ୍ଠ ଲୋକଙ୍କ ସାହିତ୍ୟ ଏହି ଶିକ୍ଷିତ ସଂସ୍କୃତିର ସାହିତ୍ୟିକଙ୍କ ଚର୍ଚ୍ଚା ପରିସର ବାହାରେ। ପୁଣି ଯିକିଏ ଭିତରକୁ ଯାଇ ବିଚାର କଲେ ଭାଷାକୁ ନେଇ ଅନେକ ମତଭେଦ। ଯେଉଁ ସାମାଜିକ ହୀନମନ୍ୟତା ମଣିଷ ଭିତରେ ଥିବା ସଂହତିକୁ ପ୍ରଥମେ ଆଘାତ ପହଞ୍ଚାଇଥାଏ। ସାହିତ୍ୟ, ଭାଷା, କଳା, ସଂସ୍କୃତି, ଐତିହ୍ୟବୋଧ ଆଦିରୁ ଆଧୁନିକ ମଣିଷର ମାନସିକ ବିକର୍ଷର କିପରି ପରିବର୍ଦ୍ଧିତ ହୋଇ ଗୋଟିଏ ଉଚ୍ଚାଙ୍ଗ ସାରସ୍ୱତ ଓ ମାସାଜିକ ଆଭିଜାତ୍ୟକୁ ପତନମୁଖୀ କରୁଛି, ତାହା ସମ୍ପ୍ରତି ଚିନ୍ତାର କାରଣ।

ମଣିଷର ଜ୍ଞାନ ପରିପ୍ରକାଶ ଗଟେ ଓ ଚିନ୍ତନରୁ। ମଣିଷ ନିଜ ପରିସ୍ଥିତିରୁ ନିଜେ ଅନୁଶୀଳନ କରିବାର ଦୃଷ୍ଟିଯିଏ ପାଇଛି। ଏହି ଜ୍ଞାନଦୃଷ୍ଟି ସମୂହର ବ୍ୟକ୍ତିର ସୃଷ୍ଟି ହେଲେ ବି ସମୂହର। ଏଣୁ ସମୂହ ପାଖରେ ବ୍ୟକ୍ତିର ସୃଷ୍ଟି ସମର୍ପିତ। ଲୋକକଳା ଓ ଲୋକ ସାହିହତ୍ୟର ସାମାଜିକ ଭୂମିକା ପରିପ୍ରେକ୍ଷୀରେ ଏହା ବିଚାର୍ଯ୍ୟ। ଲୋକ ମୌଖିକ ପରମ୍ପରାରେ ଥିବା ଗୀତ, ଗପ, ନାଁ ଦିଆ, ପ୍ରବାଦ, ମିଥ, କିମ୍ବଦନ୍ତୀ ପରି ଲୋକାଚାର ମଧ୍ୟରେ ଥିବା ଲୋକକଳାର ବ୍ୟବହାର ଓ

ପ୍ରାୟୋଗିକ କାର୍ଯ୍ୟକାରିତା ବୟସ ଓ ଲିଙ୍ଗଭେଦରେ କରାଯାଉଥିବାର ଦେଖାଯାଇଥାଏ। ଏହା ଶିକ୍ଷା ଓ ସାମାଜିକୀକରଣର ମୂଳହେତୁ। ଗୋଟିଏ ସମାଜରେ ଲୋକକଳା ବା ଲୋକ ସାହିତ୍ୟର ଭୂମିକା ନଥିଲେ, ଏହା ରହନ୍ତା ନାହିଁ। ଗାଁରୁ ଲୋକକଳା ଓ ଲୋକ ସାହିତ୍ୟ ଏବେ ନିର୍ବାସିତ। ଗାଁର ଜୀବନକୁ ନିରନ୍ତର ଅନୁଭବ କରୁନଥବଲେ ଗାଁର ମୌଖିକ ସାହିତ୍ୟ ଓ ଜୀବନ୍ତ ଲୋକକଳା ବଞ୍ଚିଛି କି ନାହିଁ ତାହା ଜାଣିବା ସମ୍ଭବ ନୁହେଁ। ଲୋକକଳା ସମାଜକୁ ଓ ମଣିଷ ଭିତରେ ଥିବା ମଣିଷ ପଣିଆକୁ ବୁଝିବାର ଏକ କଳାତ୍ମକ ପ୍ରୟାସ ମାତ୍ର। ଅସଲ ଲୋକକଳା ଥାଏ ଲୋକଙ୍କର ଭିତରେ। ଓଡ଼ିଶାର ଏସବୁ ମୁଖ୍ୟତଃ ଉତ୍ତର ପଶ୍ଚିମ ଓ ଦକ୍ଷିଣାଞ୍ଚଳର ଗ୍ରାମମାନଙ୍କରେ ରହିଛି।

ଓଡ଼ିଶାର ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳ ନିଜ ନିଜର କଳା ଓ ସାହିତ୍ୟ ଭିତରେ ବଞ୍ଚିଛନ୍ତି। ଓଷାବ୍ରତ, ନାଚଗୀତ, କାହାଣୀ, ଧନ୍ଦା, ଗାଥା, ପୁରାଣ ଗାନ ଭିତରେ ସଂସ୍କୃତି ବର୍ଣ୍ଣାଢ୍ୟ, ଧର୍ମାଚାର ଭିତରେ ତାହା ପବିତ୍ର। ଦେଖିବାକୁ ଗଲେ କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା, ବାରିପଦା, କୋରାପୁଟ ପ୍ରଭୃତି ସହରରେ ଲୋକକଳା ଓ ଲୋକସାହିତ୍ୟର ବିପୁଳ ଭଣ୍ଡାର ନିହିତ ରହିଛି। ଗବେଷଣାର ତରିକାରେ ଲୋକ କଳା ଓ ସାହିତ୍ୟର ଚର୍ଚ୍ଚାଦିଗ ଭିନ୍ନ ମୋଡ଼ ଗ୍ରହଣ କରୁଥିବାରୁ ଏହାର ପ୍ରକୃତ ସ୍ୱରୂପ ଉନ୍ମୋଚିତ ହୋଇପାରୁନାହିଁ। ଏଠାରେ ଓଷାବ୍ରତ ପାଳନ କରୁଥିବା ଅଭାବ ନାହିଁ। କିନ୍ତୁ ମୂଳ ପରମ୍ପରାର ଉତ୍ସ ଓ ସଂସ୍କୃତି ପାଖରେ ଉପନୀତ ହେବାର ମାନସିକ ସଚେତନତାର ଅଭାବ ରହିଛି।

ବେଳେବେଳେ କେତେକଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜେ ଯେ ଲୋକସାହିତ୍ୟ ବା ଲୋକକଳା ଚର୍ଚ୍ଚା ଲୋକଙ୍କ ପାଇଁ କ'ଣ କରେ ? ତେବେ ବିଚାର କରିବାକୁ ଗଲେ ଏହାର ଦୁଇଗୋଟି ଭିତ୍ତିରହିଛି। କେତେକ ଭାବନ୍ତି ଏହା ଅତୀତର କଥା, ଏବେ ଆଉ ଏହାର ଆବଶ୍ୟକତା ନାହିଁ। ଅନ୍ୟ କିଛି ଲୋକଭାବନ୍ତି ଯେ ସାମାଜିକ ପରିବର୍ତ୍ନ ଅନୁସାରେ ଲୋକ ସାହିତ୍ୟ ତା'ର ଆଙ୍ଗିକ ପରିବର୍ତ୍ତନ କରେ। ଏହାର କେବଳ ଐତିହ୍ୟବୋଧ ସହିତ ସମ୍ପର୍କ ନଥାଏ ବରଂ ଏହାର ସମକାଳୀନ ରାଜନୀତିକ, ବସ୍ତୁବାଦୀ ତଥା ସାମାଜିକ ବ୍ୟବହାର ଅଛି।

ଲୋକକଳା ବା ଲୋକସାହିତ୍ୟ ସମାଜରେ ଏକ ଗୋଷ୍ଠୀ ଗତ ପରିଚିତ ଆଣିଥାଏ। ଏହା ଏକ ଜାତୀୟ ଭାବନାର ଦ୍ୟୋତକ। ଏହା ଜୀବନର ମୂଲ୍ୟବୋଧକୁ ବଞ୍ଚାଇ ରଖେ, ତଥା ମାନବ ମନର ଆତ୍ମ ପ୍ରକାଶ ପାଇଁ ସର୍ଜନାତ୍ମକ ଭୂମିଟିଏ ଯୋଗାଇଥାଏ। ଅତୀତ ସହ ବର୍ତ୍ତମାନକୁ ସଂଯୋଗ କରିବା ସହ ଇତିହାସକୁ ଭିନ୍ନ ଦୃଷ୍ଟିରୁ ଦେଖିବା ପାଇଁ ସୁଯୋଗ ପ୍ରଦାନ କରେ। ଲୋକକଳା ସାମାଜିକ ଇତିହାସ ବା ମଣିଷର ଇତିହାସକୁ କୁନ୍ଥିଗତ କରିଥାଏ। ଲୋକକଳା ସମାଜର ଏକ ଶିକ୍ଷା ପ୍ରକ୍ରିୟା ମଧ୍ୟ। ଆବାଳବୃଦ୍ଧ ବନିତା ଏହି ଶିକ୍ଷା ଗ୍ରହଣ କରିଥାନ୍ତି। ସ୍କୁଲ ଓ କଳାତ୍ମକ ତାଲିମ ଅନୁଷ୍ଠାନମାନଙ୍କରେ ଲୋକକଳା ନୂତନତାର ପରିପନ୍ଥୀ ବୋଲି ଅନେକଙ୍କ ଧାରଣା। କିନ୍ତୁ ସମାଜରେ ଶିକ୍ଷାର ଚେର ବିଦ୍ୟାଳୟ ପୂର୍ବରୁ ବି ରହିଛି। ଲୋକବିଦ୍ୟା ଏହା ପ୍ରମାଣିତ କରେ। ଲୋକସଂସ୍କୃତିର ଆଧ୍ୟାତ୍ମିକ ଓ ମନସ୍ତାତ୍ତ୍ୱିକ ମୂଲ୍ୟବୋଧର ସେତେ ପରିବର୍ତ୍ତନ ହୁଏନି। ସାମାଜିକ ଓ ବାସ୍ତବ ଦୁନିଆର ପରିବର୍ତ୍ତନ ସହ ଅବଶ୍ୟ ଏହାର ପରିବର୍ତ୍ତନ ହୋଇଥାଏ। ଏହା ଏକ ଗତିଶୀଳ ସାମୂହିକ ମାନସିକତାର ପ୍ରତିନିଧିତ୍ୱ କରେ। ଏଣୁ ବସ୍ତୁଗତ ଦିଗରୁ ଆର୍ଥିକ ଓ ସାମାଜିକ ପରିବର୍ତ୍ତନରେ ସମାଜ ସାମିଲ ହେଲେ ବି ମାନସିକ ଦିଗରୁ ଲୋକେ ଅତୀତ ପ୍ରବଣ। ଯିଏ ଲୋକକଳାର ଗବେଷଣା କରନ୍ତି, ମାନବ ଜ୍ଞାନର ଏକ ମୁଖ୍ୟ ଅଙ୍ଗକୁ ସେ ଆବିଷ୍କାର କରିଥାନ୍ତି। ପୂର୍ଣ୍ଣାଙ୍ଗ ଭାରତକୁ ଜାଣିବାକୁ ହେଲେ ତାଙ୍କୁ ଗାଁରୁ ପ୍ରଥମେ ଓ ପୂରା ଜାଣିବାକୁ ହେବ। ଲୋକକଳା ଓ ଲୋକବିଦ୍ୟା ଶିକ୍ଷିତ ଲୋକଙ୍କୁ ନିଜ ସଂସ୍କୃତିର ଚେର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ପଥ ଦେଖାଇଥାଏ। ତେଣୁ ଲୋକକଳାର ଉପାଦେୟ ଦିଗଟି ମଣିଷ ସମାଜ ପାଇଁ ଖୁବ୍ ଆବଶ୍ୟକ।

ଲୋକକଳାର ସାମାଜିକ ସମ୍ପୃକ୍ତିକୁ ବିଚାରକୁ ନେଲେ ଜଣାଯାଏ ଲୋକକଳାର ସାମାଜିକ ଭୂମିକା ଶିକ୍ଷା ଓ ମନୋରଞ୍ଜନରେ ସୀମିତ ହୋଇପାରେ, କିନ୍ତୁ ମାନବ ମନରୁ ସୃଷ୍ଟି ହୋଇଥିବା ଲୋକକଳାଗୁଡ଼ିକର ସାମାଜିକ ପ୍ରକାର୍ଯ୍ୟ ଆଦୌ ସୀମିତ ନୁହେଁ। ମଣିଷର ଲୋକକଳା ସୃଷ୍ଟି ପଛରେ ଥିବା ବିଚିତ୍ର ଓ ଗଭୀର ମନସ୍ତତ୍ତ୍ୱକୁ ପ୍ରଥମେ ଆବିଷ୍କାର କରିବାକୁ ପଡ଼ିବ। ତା' ପଛରେ ରହିଛି ମାନବର ସମୂହ ବା ସମାଜ। ଲୋକକଳାର ସ ର୍ଜନା, ସଂପ୍ରସାରଣ ତଥା ଏହାର ବ୍ୟବହାର ଭାଷା, ଜାତି, ଭୂଗୋଳ, ଇତିହାସ ଡେଇଁ ଏତେ ସୁଦୂର ପ୍ରସାରୀ ହେବାର କାରଣ କ'ଣ ହୋଇପାରେ। ଆମେ ଜାଣିଛେ ଯେ ମାନବ ମସ୍ତିଷ୍କରେ ସର୍ଜନା କ୍ଷେତ୍ରରେ ଥିବା କେତେକ ଗାଠନିକ ନିୟମ ରହିଛି। ବସ୍ତୁ ଅଭିବ୍ୟକ୍ତି, ଇନ୍ଦ୍ରିୟଗ୍ରାହ୍ୟ ଦୃଶ୍ୟମାନ ଜଗତ ଜରିଆରେ ଅଦୃଶ୍ୟ ସତ୍ତାର ଅନୁଭବ, ଜଡ଼ ଓ ଜୀବନ, ବୋଧ ଓ ଦୁର୍ବୋଧ, ଚେତନ ଓ ଅବଚେତନ ଏସବୁ ଲୋକକଳାରେ ଛାଇ ଆଲୁଅର ଖେଳ ପରି ପ୍ରତିଭାତ ହୁଅନ୍ତି। ମିଥ୍, ଆଦର୍ଶ ସହିତ ବାସ୍ତବ ଜଗତର ସମ୍ପର୍କ ଯୋଡ଼େ। ଲୋକକଳା ଅସମ୍ଭବ କଳନା ସହିତ ମଣିଷର ଇଚ୍ଛା ଶକ୍ତିର ସମ୍ପର୍କ ଯୋଡ଼େ। ଜାଗତିକ ସଂସାରର ବାସ୍ତବତା ସହିତ ଲୋକକଳାର କାଳ୍ପନିକ ବାସ୍ତବତାର ମୌଳିକ ହେତୁ ଏଇଟି। କଳା କଳ୍ପନାଜଗତର ସର୍ଜନା କରେ। ହେଲେ ଏହା ଆଦୌ ସାମାଜିକ ବାସ୍ତବତାଠାରୁ ଭିନ୍ନ ନୁହେଁ। ଜଣେ କଳାକାରର ପ୍ରଦର୍ଶିତ କଳାରେ ଥିବା କାଳ୍ପନିକ ବାସ୍ତବତାରେ ସାମାଜିକ ସତ୍ୟ ନିହିତ ଥାଏ।

ଲୋକକଳାର ଏକ ପରମ୍ପରା ରହିଛି। ଯେଉଁଥିରେ ସ୍ୱତନ୍ତ୍ରତା

ପରିଲକ୍ଷିତ ହୁଏ। ସାହିତ୍ୟ ପରି କଳାର ନିଗୁଢ଼ ଆତ୍ମିୟତା ମଣିଷର ହୃଦୟରେ ଘର କରେ। ବିଶ୍ୱାସ ଜନ୍ମାଏ, ଆନନ୍ଦ ଦିଏ, ଶାନ୍ତି ପ୍ରଦାନ କରେ, ମନୋରଞ୍ଜନ ଖୋରାକ ଭରିଦିଏ, ନୀତିଶିକ୍ଷା ଦେଇ ସଂସାର ରାସ୍ତାରେ ଚାଲିବା ପାଇଁ ବାଟକଢାଇ ନିଏ, ହସାଏ ମନ ଭରି, କନ୍ଦାଏ ଅନୁତାପ କଳା ପର୍ଯ୍ୟନ୍ତ, ଆତ୍ମସ୍ଥ କରେ, ଦୁଃଖସୁଖ ବାଣ୍ଟିବା ପାଇଁ ମଉକାଟିଏ ସୃଷ୍ଟି କରେ। ସେଥିପାଇଁ ତ ସେ କଳାର ରୂପ ଗ୍ରହଣ କରିଛି। କଳା ଭିତରେ କଳାତ୍ମକ ରୂପଟି ରସସିକ୍ତ ହେଲେ ତାହା ମଣିଷ ହୃଦୟକୁ ସଞ୍ଚାରି ଥାଏ। ମଣିଷ ସେହି କଳା ପ୍ରତି ଆକୃଷ୍ଟ ହୁଏ, ଯେଉଁ କଳାରେ ତା'ର ବାସ୍ତବ ଜୀବନର ରୂପାୟନ ଘଟିଥାଏ। ଦର୍ପଣ ପରି ଆପଣା ଜୀବନର ପ୍ରତିଛବିକୁ ସେ ସେଥିରେ ସଂଦର୍ଶନ କରିଥାଏ। ତେଣୁ ଆଦୌ ଫୁଟନଥିବା ଅକୃତ୍ରିମ କଳା ହିଁ ତାକୁ ବାନ୍ଧିରଖେ। ତାହା କେବଳ ଲୋକ କଳାରେ ନିହିତ। ଏଥିପାଇଁ ଲୋକକଳାର ଆଲୋଚକ କେତେକ ନିର୍ଦ୍ଦିଷ୍ଟ ଲକ୍ଷଣର ସୂଚନା ଦେଇ ପ୍ରକୃତ ଲୋକକଳାର ବିଶେଷତ୍ୱ ସଂପର୍କରେ ଦର୍ଶାଇଛନ୍ତି। ଯେପରି:

- ଏହା ଦେଶ, ଧର୍ମ ଓ କଳାତୀତ।
- ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ନହୋଇଥିବାରୁ ସାର୍ବଜନୀନ
- ସମୟ, ପରିବେଷକ, ଆବୃତ୍ତିକାରୀ ପ୍ରଦର୍ଶନ ଅନୁସାରେ ପରିବର୍ତ୍ତନ ଶୀଳ
- ମାନବଧର୍ମୀ ଓ ବାନବବାଦର ପ୍ରଚାରକ
- ଏହାର ଚରିତ୍ର ବା ଉପାଦାନ ସଜୀବ, ନିର୍ଜୀବ, ବଡ଼ ଓ ଚଞ୍ଚଳ
- ନିୟମର ଅନୁଶାସନରୁ ଚିରମୁକ୍ତ, ସ୍ୱଚ୍ଛଳ
- ଏହା ବାସ୍ତବ। ତେଣୁ କଳ୍ପନାର ଯଥେଚ୍ଛାଚାର ବା ଅବାଧ ସଞ୍ଚରଣ ନାହିଁ
- ପ୍ରାକୃତିକ ହୋଇଥିବାରୁ ଜନଗଣଙ୍କ ନିକଟବର୍ତ୍ତୀ
- ହୃଦୟ ସମ୍ଭୂତ ହୋଇଥିବାରୁ ହୃଦୟସ୍ପର୍ଶୀ
- ଏହାର ଭାଷା, ଭାବ, ଶୈଳୀ, ଭାବଭଙ୍ଗୀ ପ୍ରଦର୍ଶନ ସରଳ ଓ ସାବଲୀଳ।

ଲୋକକଳାରେ ଜୀବନ ଏକ ମହିମା ମଣ୍ଡିତ ଆଦର୍ଶ ବା ତତ୍ତ୍ୱର ବିଷୟ ନୁହେଁ। ତାହା ସୁଖ-ଦୁଃଖ, ହାନି-ଲାଭର ଚଉଘେରତି ଭିତରେ ସାଧାରଣ ଜୀବନ, ଯାହା ପରମାର୍ଥ ସହିତ ନୁହେଁ, ବଞ୍ଚିବା ସହିତ ବରଂ ଅଧିକ ସମ୍ବନ୍ଧିତ। ଲୋକ ଜୀବନର ନିଛକ ବାସ୍ତବତା ଓ ସତ୍ୟଘଟଣା ଏଥିରେ ରୂପ ପାଇଥିବାରୁ ବା ପ୍ରଦର୍ଶିତ ହେଉଥିବାରୁର ଏହାର ସାର୍ବଜନୀନ ଓ ସାର୍ବକାଳିକ ମୂଲ୍ୟବୋଧ ରହିଛି। ଲୋକକଳାକୁ ସମୂହ ଅର୍ଥରେ ଗ୍ରହଣ କଲେ କିଛି ତ୍ରୁଟି ନାହିଁ, ତେବେ ଏହା କୃଷିଭିତ୍ତିକ ପଲ୍ଲୀ ସଂସ୍କୃତି ଉପରେ ମୁଖ୍ୟତଃ ଆଧାରିତ। ଗ୍ରାମ ହିଁ ଥିଲା ଏହାର ସଞ୍ଚରଣ ଭୂମି। ଗ୍ରାମୀଣ ସଭ୍ୟତାରୁ ଏହାର ଉତ୍ପତ୍ତି ଘଟିଥିଲା। ତେଣୁ ଲୋକକଳାକୁ କେତେକ ଆଲୋଚକ ଗ୍ରାମ୍ୟକଳା, ପ୍ରାଚୀନକଳା, ଆଦିମ କଳା,ପ ଲ୍ଲୀକଳା ଏବଂ ପୂରାକଳା ଭାବରେ ଗ୍ରହଣ କରିଥିବା ଦେଖାଯାଏ। କିନ୍ତୁ ଲୋକର ସମୂହ ଅର୍ଥଟି ଏହା ସହିତ ସମ୍ପୃକ୍ତ ହୋଇଥିବାରୁ, ଏହାକୁ ଗଣକଳା ବା ଗଣଜୀବନର ସୁବିପୁଳ ପ୍ରତିରୂପ ଭାବରେ ହିଁ ଗ୍ରହଣ କରାଯାଇଥାଏ। ଲୋକକଳାରେ ଲୋକମାନେ ହିଁ ମୂଳ, ଏମାନଙ୍କର ହାସ୍ୟ, କାରୁଣ୍ୟ, ଜୀବନ ଯନ୍ତ୍ରଣା ଏବଂ ଜୀବନର ପ୍ରତିଟି ପର୍ଯ୍ୟାୟକୁ ଏଇ କଳା ଆଲୋକିତ କରିଥାଏ। ଲୋକ ଜୀବନ ଏଥିରେ ପ୍ରଧାନ ଉପଜୀବ୍ୟ। ସରଳତା ଓ ଅଳଙ୍କାରହୀନ ପ୍ରକାଶଭଙ୍ଗୀ ଏହି କଳାର ଅନ୍ୟତମ ବିଶେଷତ୍ୱ। ଏଥିରେ ବ୍ୟବହୃତ ପ୍ରଦର୍ଶିତ ଭାଷା ଓ ଭଙ୍ଗୀ ହେଉଛି ଲୋକତୁଣ୍ଡର କଥିତ ଭାଷା ଏବଂ ଲୋକ ଆଚରଣର ପ୍ରକୃତ ରୂପାୟନ। ସରଳ ନିରାଡମ୍ବର ନିରଳସ ଓ କୃତ୍ରିମତା ବର୍ଜିତ ମଣିଷର ଆମବାର ବାଣୀ ଏଥିରେ ପ୍ରମୂର୍ତ୍ତ। ଗ୍ରାମ୍ୟ ଜୀବନର ସକଳ ନିର୍ଯ୍ୟାସ ଏହାର ପ୍ରାଣ, ଗ୍ରାମ୍ୟ ବୌଦ୍ଧିକତାର ସମର୍ଥ ପ୍ରତିଲିପି ଏଥିରେ ଅଙ୍କିତ।

ଲୋକକଳାରେ ବହୁ ଦିଗର ଉନ୍ମୋଚନ ଓ ପ୍ରଦର୍ଶନ ଉପଲବ୍ଧ ହୁଏ। ଲୋକଗୀତ, ଲୋକକାହାଣୀ, ଲୋକନାଟକ, ଲୋକନୃତ୍ୟ, ଲୋକ ବାଣୀ, ଲୋକୋକ୍ତି, ଲୋକବିଦ୍ୟା, ଲୋକଚାର, ଲୋକପରମ୍ପରା, ଲୋକବିଶ୍ୱାସ, ଲୋକସଂସ୍କୃତି, ଲୋକଭାଷା, ଲୋକଚଳଣି ମଧ୍ୟରେ କଳାତ୍ମକ ଦିଗର ପରିପ୍ରକାଶ ହିଁ ଲୋକକଳା। ଲୋକଗୀତ ଓ କାହାଣୀରେ ସଂଗୀତମୟ ଭାବ, ବିଷୟ ବା କଥାବାସ୍ତୁର ଗୁମ୍ଫନ ଆଦିରେ ଯଥେଷ୍ଟ କଳାତ୍ମକ ଉପାଦାନ ନିହିତ ଥାଏ। ସେହିପରି ଗାଁ ଗହଳିରେ ଲୋକବାଣୀ ଓ ଲୋକୋକ୍ତିର ପ୍ରଚଳନରେ ନୀତିଶିକ୍ଷା ଏବଂ ସଚେତନ ଭାବ ଜାଗ୍ରତ କରାଇବା ପାଇଁ ଯେଉଁ ପ୍ରୟୋଗତ ପ୍ରକାଶ୍ୟଭଙ୍ଗୀ ଓ ଲୋକଭାଷାର ବ୍ୟବହାର କରାଯାଇଥାଏ ସେଥିରେ ଲୋକକଳାର କୌଶଳ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିବିଧ ଲୋକପରମ୍ପରା ଓ ବିଶ୍ୱାସ ମଧ୍ୟରେ ଲୋକକଳା ନିହିତ ଥିବାର ଦେଖାଯାଏ। ଯାହାର ପରିପ୍ରକାଶ ଓଷାବ୍ରତ, ଧ୍ୟାନ ଧାରଣା, ପୂଜା ପାର୍ବଣ, ଜାନିଯାତ୍ରା ଆଦିରେ ଦେଖିବାକୁ ମିଳିଥାଏ। ଲୋକସଂସ୍କୃତି ମଧ୍ୟରେ ଲୋକକଳାର ପୂର୍ଣ୍ଣାଙ୍ଗ ରୂପ ବିଦ୍ୟମାନ। କାରଣ ସଂସ୍କୃତି ହେଉଛି ଚେତନାର ପ୍ରାଣକେନ୍ଦ୍ର ଓ ଚଳଣିର ଚମକପ୍ରଦ ପରିପ୍ରକାଶ। ଏହା ଚିନ୍ତାଚେତନାଠାରୁ ଆରମ୍ଭ କରି ଭାଷା, ସାହିତ୍ୟ, ନୃତ୍ୟ, ନାଟକ, ସ୍ଥାପତ୍ୟ ଆଦିରେ ପ୍ରକାଶ ଲାଭ କରିଥାଏ। ଲୋକକଳା ପ୍ରଦର୍ଶନ ଓ ପରିବେଷଣ ଲୋକ ସଂସ୍କୃତିର ଇଲାକା ହିଁ ପ୍ରକୃଷ୍ଟ ପରିସର।

ପ୍ରାଚୀନ ସ୍ଥାପତ୍ୟ, ପ୍ରସ୍ତର କଳା, ମୃଣ୍ମୟ କୀର୍ତ୍ତିରାଜି, ମନ୍ଦିର ଗାତ୍ର, ମଣ୍ଡପ, ତୋରଣ, ରାଜଉଆସ, ମୁଖଶାଳା, ମଠ, ଗୁମ୍ଫା, କତିପୟ ପାହାଡ଼, ସ୍ମାରକ ସ୍ତମ୍ଭ, ଶିଳାଲିପି, ଯୁଦ୍ଧ ଅଭିଯାନ ଚିତ୍ର, ପ୍ରକୃତି ଓ ଜୀବଜନ୍ତୁ ଆଦିଙ୍କ ଚିତ୍ରଣ ମଧ୍ୟରେ ଲୋକକଳାର ସଗର୍ବ ପରମ୍ପରା ଉତ୍କଳର ପ୍ରସିଦ୍ଧି ଓ ପରିଚୟ ବିଶ୍ୱବିଦିତ। ଏଥିରେ ଓଡ଼ିଆ ଜାତିର ବୀରତ୍ୱ, ଉତ୍କଳର ସଂସ୍କୃତି, ଧର୍ମଭାବନା, ଦାମ୍ପତ୍ୟ ପ୍ରେମ ଓ

ପାରିବାରିକ ଜୀବନର ଅନ୍ତରଙ୍ଗ ଚିତ୍ର ଖୋଦିତ ହୋଇ ଶୃଙ୍ଖଳିତ ତଥା ନୀତିପୂର୍ଣ୍ଣ ବାର୍ତ୍ତା ପ୍ରେରଣ କରିବାରେ ଲୋକକଳାର ପ୍ରାଧାନ୍ୟ ପରିଲକ୍ଷିତ।

ଲୋକକଳାର ପରିସର ସର୍ବବ୍ୟାପକ। ଶ୍ରାବ୍ୟଠାରୁ ଆରମ୍ଭ କରି ଦୃଶ୍ୟ ପର୍ଯ୍ୟନ୍ତ ଲୋକକଳାର ବ୍ୟାପ୍ତି ସୁଦୂର ପ୍ରସାରୀ। ଉତ୍କଳ ଲୋକନାଟକକୁ ବିଚାରକଲେ ଲୋକକଳାର ଗନ୍ତାଘର ବୋଲି ଏହା ଜଣାଯାଏ। ନୃତ୍ୟଶୈଳୀ, ଶାରୀରିକ ପରିବେଷଣ, ତାଳ, ଲୟ, ଗୀତଧର୍ମୀ ଅଭିନୟ ଭାବାତ୍ମକ ଚାହାଣୀ ଆଦିରେ ଲୋକକଳାର ଜୀବନ୍ତ ପରିପ୍ରକାଶ ଦେଖିବାକୁ ମିଳିଥାଏ। ଲୋକନାଟ, ସଖୀନାଟ, ବଜନିଆ, କଳିଙ୍ଗନୃତ୍ୟ, କନ୍ଧନୃତ୍ୟ, କରମାନାଚ, କଣ୍ଢେଇନାଚ, ଓରାଁ ନୃତ୍ୟ, ଧୁଡୁକୀ ନୃତ୍ୟ, ଚଢେୟା ଚଢେୟାଣୀ ନୃତ୍ୟ, ଦଣ୍ଡନାଟ, ଧେମସା ନାଚ, ନାଗା ନୃତ୍ୟ, ବାଘ ନୃତ୍ୟ, ନବରଙ୍ଗନାଟ, ଦେବଦାସୀ ନୃତ୍ୟ, ଦକ୍ଷିଣୀ ନାଚ, ଡାଲଖାଇ ନୃତ୍ୟ, ଘୋଡ଼ାନାଟ, ମୁକାନାଟ, ବୁଢାବୁଢୀ ନାଟ, ସାହି ନାଟ, ପାଇକ ନାଟ ଆଦିରେ ଲୋକକଳାର ଭରପୂର କଳାତ୍ମକ ପରିପ୍ରକାଶ ସହ ସାଂସ୍କୃତିକ ଚମକ ଦର୍ଶକ ବାସ୍ତବ ଅନୁଭବ କରେ। ସେହିପରି ବିବିଧ ଲୀଳାରେ ମଧ୍ୟ ଲୋକକଳାର ଝଲକ ଉପଲବ୍ଧ ହୁଏ। ରାସଲୀଳା, ରାମଲୀଳା, ଗୋପଲୀଳା, କୃଷ୍ଣଲୀଳା, ଅଲେଖ ଲୀଳା, ଭାରତ ଲୀଳା, ବାଲ୍ୟଲୀଳା ଆଦିରେ ଲୋକକଳା ଜୀବନ୍ତ ଭାବେ ଫୁଟି ଉଠିଥାଏ। ସେହିପରି ସାହିଯାତ୍ରା, ଦୋଳ ଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା, ବୋଇତ ଯାତ୍ରା ଆଦିରେ ମଧ୍ୟ ଉତ୍କଳୀୟ ପରମ୍ପରା ଓ ସଂସ୍କୃତି ମଧ୍ୟରେ ଲୋକକଳାର ନିରୁତା ଭାବ ପ୍ରକଟିତ ହୋଇଥାଏ।

ଲୋକନାଟ୍ୟ ପରି ଲୋକବାଦ୍ୟରେ ମଧ୍ୟ ଲୋକକଳାର ଜୀବନ୍ତ ଅନୁରଣନ ଅନୁଭୂତ ହୁଏ। ଲୋକବାଦ୍ୟ ମୁଖ୍ୟତଃ ଆନନ୍ଦବାଦ୍ୟ, ସ୍ୱରବାଦ୍ୟ, ଫୁଙ୍କବାଦ୍ୟ ଓ ତାଳବାଦ୍ୟ ଭେଦରେ ଚାରିଭାଗରେ ବିଭାଜିତ। ଆନନ୍ଦବାଦ୍ୟ ମଧ୍ୟରେ ଢୋଲ, ପଖୌଜ ଓ ତୁବିତବଲା ପ୍ରମୁଖ ବାଦ୍ୟ ଭାବେ ଭୂମିକା ଗ୍ରହଣ କରିଥାଏ। ସ୍ୱରବାଦ୍ୟରେ ବେହେଲା, ବୀଣା ଏକତାରା, କେନ୍ଦରା ଆଦି ବାଦ୍ୟଗୁଡ଼ିକ ପ୍ରଧାନ ଭୂମିକା ଗ୍ରହଣ କରିଥାନ୍ତି। ଫୁଙ୍କ ବାଦ୍ୟରେ ଶଙ୍ଖ, ବଂଶୀ, ତୂରୀ, କାହାଳୀ ଆଦି ପ୍ରମୁଖ ସ୍ଥାନ ଗ୍ରହଣ କରିଥାନ୍ତି। ସେହିପରି ତାଳବାଦ୍ୟରେ ଗିନି, ଝାଞ୍ଜ, କଂସା, ଘଣ୍ଟ, ଘଣ୍ଟା, ଝୁମୁକା ଆଦି ବାଜଣା ଗୁଡ଼ିକ ପ୍ରଧାନ ଭୂମିକା ଗ୍ରହଣ କରିଥାନ୍ତି। ଏହି ବାଦ୍ୟଗୁଡ଼ିକ ଲୋକବାଦ୍ୟ ଭାବେ ସମାଜରେ ପ୍ରଚଳିତ। ଏଥିରେ ଲୋକକଳାର ଚାତୁର୍ଯ୍ୟ ଫୁଟିଉଠେ। ଏହାର ବାଜଣା ଶୈଳୀ, ସ୍ୱର, ଲୟ, ତାଳ ଆଦିରେ ଲୋକକଳାର ପ୍ରାଣବନ୍ତ ପରିପ୍ରକାଶ ଅନୁଭୂତ ହୋଇଥାଏ।

ଲୋକଗୀତ, ଲୋକନାଟକ, ଲୋକବାଦ୍ୟ ଆଦିରେ ଲୋକକଳାର ସାରାଳ୍ୟ ପରିପ୍ରକାଶ କ୍ରମଶ ପରିବର୍ତ୍ତିତ ରୂପ ଗ୍ରହଣ କରି ଆଧୁନିକତାର ଆବହାୱାରେ ତା'ର କଳାପାଟବ ହରାଇବସିଛି। ହଜିଯାଇଛି ତା' ଦେହର ରଙ୍ଗ, ଅଙ୍ଗର ସୌଷ୍ଠବ, ଆତ୍ମାର ଆପଣାପଣିଆ। ସବୁ ଯେମିତି ପାଶ୍ଚାତ୍ୟ ସଂସ୍କୃତିର ଆଧୁନିକତ ପରିପାଟୀ ଭିତରେ ନିଜତ୍ୱ ହରାଇ ରସାତଳଗାମୀ ହୋଇ ଯାଇଛି। ସଂଗୀତରେ ନାହିଁ ଗୀତିମୟତା, ବାଦ୍ୟରେ ନାହିଁ ନାଦ ଓ ତାଳର ଭାବବିଭୋର ଉନ୍ମାଦନା, ନୃତ୍ୟରେ ନାହିଁ ଆକର୍ଷଣୀୟ ଚମକ, ଢଗଢମାଳି, ପ୍ରବାଦ ପ୍ରବଚନ, ନାଁ ଦିଆ ଲୋକ ଉକ୍ତି, ଲୋକବିଶ୍ୱାସ ଓ ଲୋକ ସଂସ୍କାର ସତେଯେମିତି ଲଜ୍ଜାରେ ମୁହଁ ଘୋଡ଼େଇ ସମୟର କାନ୍ଥପଛରେ ଆତ୍ମଗୋପନ କରିଛନ୍ତି। ଆଧୁନିକ ବାଦ୍ୟଯନ୍ତ୍ରର ଏକତ୍ର ବାଜଣା ଶବ୍ଦ ଓ ଧ୍ୱନି ମନ୍ଦିରର ଆଳତି କାର୍ଯ୍ୟକୁ ତ୍ୱରାନ୍ୱିତ କଲାବେଳେ ହୁଳହୁଳି ଶଙ୍ଖନାଦ, ହରିବୋଲର ରୋଳ ଆଉ ମନ୍ଦିର ପରିବେଶକୁ ପ୍ରକମ୍ପିତ କରୁନାହିଁ। ଏସବୁ ସାମ୍ପ୍ରତିକି ପିଢିଙ୍କ ଦୃଷ୍ଟିରେ ମ୍ୟୁଜିୟମର ଗୋଟିଏ ଗୋଯିଏ ପ୍ରାଚୀନ ଅଲୋଡ଼ା ଉପାଦାନ। ଆମ ଲୋକକଳାର ଅନ୍ତରୀଣ ଆକର୍ଷଣ ଆଜି ସମୟ ଓ ସଭ୍ୟତା ପାଖରେ ମୂଲ୍ୟହୀନ ହୋଇପଡ଼ିଛି।

ଉତ୍କଳର ନୌ ବାଣିଜ୍ୟ ସମ୍ପ୍ରତି ଅବଲୁପ୍ତ ପ୍ରାୟ। ବାଲେଶ୍ୱରର ନୌବାଣିଜ୍ୟର ପ୍ରାଧାନ୍ୟ ପିପିଲି ଇତିହାସରେ ସ୍ୱନାମଧନ୍ୟ ଥିଲା। ସେତେବେଳେ ପୁଅ ଝିଅଙ୍କୁ ବାପା ମାଆମାନେ ଗେଲ କରି ବଡ଼ ହେଲେ ଦରିଆ ପାରିକୁ ବୋଇତରେ ବଣିଜ କରିବାକୁ ଯିବୁ ବୋଲି କହୁଥିଲେ। ବହୁତ ଧନ ବୋହି ଆଣିବୁ। ଧନ ଉପାର୍ଜନ କଲେ ଶକଟା ଖେଳିବୁ। ଶ୍ରୀକୂର୍ମ ମହାଦେବଙ୍କ ବିଜେ ସ୍ଥଳୀରେ ଯେଉଁ କୁରୁମୁଳିଆ ନାଟ ହୁଏ ଦେଖିବାକୁ ଯିବୁ ବୋଲି କହୁଥିଲେ। ଏଥକୁ ଆଧାର କରି ସନ୍ତାନମାନଙ୍କ ପ୍ରତି ବୋଲାଯାଉଥିବା ଗୀତରେ ନୌବାଣିଜ୍ୟ ସହ ଉତ୍କଳ କଳାର ଉତ୍କର୍ଷ କିପରି ପ୍ରତିପାଦିତ ତାହା ଲକ୍ଷ୍ୟ କରାଯାଏ।

"ଦୋଳି ଦୋଳାଇବି ନାଆଁ ଦେଲି ଲହୀରା
ବାରମାସୀ ଧାନ ପାଚଇ ସବୁ କଳାଜୀରା।
ସବୁ କଳାଜୀରା କାହିଁ କା ମୁଣ୍ଡରେ ଖଣି
ବରମୁଣ୍ଡେ ପାଟଖଣ୍ଡୁଆ କଳାମୁଣ୍ଡେ ଗଣି।
ବଳିଆର ରାଜା ମା' କଳିଙ୍ଗର ମା' କାତି
ମୋଲରିବାଟେ ଚରାଇବ ଯୋଡ଼ା ପାର୍ବ ହାତୀ।
ଯୋଡ଼ାପାଟହାତୀ କିଏ ଭାଙ୍ଗଇ ଡାଳ
ଅତି ସୁକୁମାର ମୋ ବାବୁ ଗଳେ ଫୁଲମାଳ।

(ଯୁଗେ ଯୁଗେ ବାଲେଶ୍ୱର- କୋଲକଚନ୍ଦ୍ର ମହାପାତ୍ର - ୧୯୮୭, ପୃ-୯୭)

ମାତ୍ର ସପ୍ତଦଶ ଶତାବ୍ଦୀ ବେଳକୁ ବାଲେଶ୍ୱରର ନଦୀମୁହାଣମାନଙ୍କରେ ପଙ୍କ ଜମିବାକୁ ଆରମ୍ଭ କଲା। ପ୍ରକୃତି ଗଲା ଆମ ଦେଶର ବିରୋଧରେ। ମହୁଣମାନଙ୍କରେ ଜାହାଜ ଗୁଡ଼ିକରେ ଅବାଧ ଚଳପ୍ରଚଳ ଆଉ ସମ୍ଭବ ହେଲାନାହିଁ। ବାଲେଶ୍ୱର ବନ୍ଦରର

ପ୍ରଧାନ ରପ୍ତାନୀ ଦ୍ରବ୍ୟ ଥିଲା ପଙ୍ଗାଲୁଣ। ଇଂରେଜ ସରକାର ୧୯୬୧ ଖ୍ରୀଷ୍ଟାବ୍ଦରେ ଅବକାରୀ ଆଇନ ପ୍ରଣୟନ କରି ଲୁଣମରା ବନ୍ଦ କରିଦେଲେ। ଫଳରେ ବନ୍ଦରର ରପ୍ତାନୀ କମିଗଲା ଏବଂ କାଳକ୍ରମେ ବନ୍ଦରଗୁଡ଼ିକ ଲୁପ୍ତ ହୋଇଗଲା। ନିରାଶ ହୋଇ ଶେଷରେ ସାଧବ ଜାତି କୃଷି ଉପରେ ନିର୍ଭର କରି ଜୀବିକାନିର୍ବାହ କରିବାକୁ ବାଧ୍ୟ ହେଲେ। ଏଇ କଥାକୁ ଆଧାର କରି ଓଡ଼ିଆ କୃଷକ କଣ୍ଠରେ ପ୍ରଚଳିତ କଳାତ୍ମକ ଓ ଶିକ୍ଷଣୀୟ ପ୍ରବଚନଟି ହେଉଛି-

ବନ୍ଦର କଉଡ଼ି ପନ୍ଦର ଦିନ
କଲିକତା କଉଡ଼ି ମାସେ
ଲିଡରୁ କାଟି ପହିଲେ ନଜିବୁ
ତାକୁ ଖାଇବୁ ବରଷେ।

କୃଷି ପ୍ରଧାନ ଓଡ଼ିଶା ରାଜ୍ୟରେ ଲୋକଚାର ଓ ଚଳଣି ମଧ୍ୟରେ ଲୋକକଳାର ଯଥେଷ୍ଟ ପ୍ରଚଳନ ଦେଖିବାକୁ ମିଳୁଥିଲା। କୃଷକର ପ୍ରତିଟି କାର୍ଯ୍ୟରେ ଗୀତ ଢଗଢମାଳି ପ୍ରବାଦପ୍ରବଚନ ଆଦି ଯୋଡ଼ି ହୋଇଯାଉଥିଲା। ଯାହା କେବଳ ଶ୍ରାବ୍ୟ ମନୋରଂଜନ ନଥିଲା ବରଂ ଏଥିରେ କୃଷି କାର୍ଯ୍ୟ ଓ କୃଷକ ଜୀବନ ପ୍ରତି ଶିକ୍ଷଣୀୟ ତଥା ଉପାଦେୟ ବାର୍ତ୍ତା ନିହିତ ଥିଲା। ହଳିଆଗୀତ, ଶଗଡ଼ିଆଗୀତ, ଫସଲ ଅମଳ ବାରମାସୀ ଗୀତର ଲୋକ ପ୍ରଚଳନ ଖୁବ ଆବେଗମୟ। ଏଥିରେ ଯେପରି ବୈଚିତ୍ର୍ୟ ରହିଛି, ସେହିପରି ରହିଛି ଜୀବନପ୍ରତି ପ୍ରଗାଢ଼ ମମତ୍ୱବୋଧ। ସୁଖ ଅପେକ୍ଷା ଦୁଃଖର ଭାବ ଏଥିରେ ଅଧିକ ରସାଳ। ଏହାର ଆତ୍ମିକ ଦିଗ ବିଚାର କଲେ ଯେଉଁ ବିଶେଷତ୍ୱ ଗୁଡ଼ିକ ପ୍ରସଙ୍ଗକ୍ରମେ ଆଲୋଚନା ପରିସରଭୁକ୍ତ ହୁଅନ୍ତି ସେଥିରେ ଲେକାବିଦ୍ୟା ଓ ଲୋକକଳାର ଗାମ୍ଭୀର୍ଯ୍ୟ ଯଥେଷ୍ଟ ଉପଲବ୍ଧ ହୁଏ। ସଂକ୍ଷେପରେ ସେହି ବୈଶିଷ୍ଟ୍ୟଗୁଡ଼ିକ ହେଲା-

କ) ପାରିପାର୍ଶ୍ୱିକ ଅବସ୍ଥା (ଆର୍ଥିକଦିଗ, ଖାଦ୍ୟପେୟ, ପୋଷାକ ପରିଚ୍ଛଦ, ଜୀବିକା ଓ ପ୍ରକୃତି)
ଖ) ଆଧ୍ୟାତ୍ମିକ ସଂଶ୍ଳିଷ୍ଟତା
ଗ) ସାମାଜିକ ଜୀବନ ଓ ନୀତି କଥା (ଲୋକବିଦ୍ୟା ଓ ଲୋକଶିକ୍ଷକ ଭାବରେ ଗ୍ରହଣୀୟ)
ଘ) ପ୍ରେମ ପ୍ରଣୟ
ଙ) ଦର୍ଶନ

ଓଡ଼ିଶାର ହଳିଆ ଗୀତ ବା ଶଗଡ଼ିଆ ଗୀତ ଏକ ସମୃଦ୍ଧ ମୌଖିକ ପରମ୍ପରା ଦେଇ ଗତି କରି ଆସିଥିଲା। ବସ୍ତୁବାଦୀ ରଚନା ଓ ଆଧୁନିକତାର ମୋହରେ ସେହି ସମୃଦ୍ଧ ମୌଖିକ ପରମ୍ପରା ବାଧାପ୍ରାପ୍ତ ହୋଇଛି ନିଶ୍ଚୟ। କୃଷିକ୍ଷେତ୍ର ଓ ଗ୍ରାମ ପଥରେ ଗୁଞ୍ଜରଣ ସୃଷ୍ଟି କରୁଥିବା ଅତୀତର ଏହି ଲୋକଗୀତ ଦ୍ୱୟ ସମ୍ପ୍ରତି ଲୁପ୍ତ ପ୍ରାୟ। ଏହି ଗୀତଦୁଇଟି ଆଉ ତୁଣ୍ଡରୁ ତୁଣ୍ଡକୁ ଅତି କରିବାର ସୁଯୋଗ ବା ସମ୍ଭାବନା ନାହିଁ। ଶଗଡ଼ିଆ ହୁଅନ୍ତୁ ବା ହଳିଆ ସେମାନଙ୍କ କର୍ମ ଓ ହୃଦୟ ଆଧୁନିକ ଗୀତ ଦ୍ୱାରା ନିୟନ୍ତ୍ରିତ। ହଳ ଲଙ୍ଗଳର ସ୍ଥାନ ନେଇଛି ଟ୍ରାକ୍ଟର, ପାଓ୍ୱାରଟିଲର ଏବଂ ଶଗଡ଼ର କାର୍ଯ୍ୟ ଅନ୍ୟ ଆଧୁନିକଯାନ ଦ୍ୱାରା ନିୟନ୍ତ୍ରିତ। ଶଗଡ଼ ଓ ହଳଲଙ୍ଗଳ ପରି କୃଷି ସାମଗ୍ରୀ ଗୁଡ଼ିକ ଅନାବଶ୍ୟକ ଉପାଦାନ ଭାବେ ମ୍ୟୁଜିୟମରେ ପ୍ରାଚୀନ ସ୍ମାରକ ସାଜିଛନ୍ତି। ଏସବୁ ନୂତନ ପିଢି ପାଇଁ ଏକାବେଳକେ କ୍ରିୟାହୀନ ପାଲଟିଗଲା ବେଳେ ଲୁପ୍ତ ପ୍ରାୟ କୃଷି ଆଧାରିତ ମୌଖିକ କଳାତ୍ମକ ଲୋକଗୀତ କାଳର କଷଟି ପଥରରେ ତା'ର ଚିରନ୍ତନ ଭାବ ଓ ଉଚ୍ଚାରିତ ସ୍ୱର ନିମନ୍ତେ ମନରେ ଭାବନା ସଞ୍ଚାର କରିବାକୁ ଅସମର୍ଥ।

ଗାଁକୁ ସୁନ୍ଦର ନଡ଼ିଆ ଗଛ ଛାଇ
ବିଲକୁ ସୁନ୍ଦର ତ କିଆ ଗୋଠ ଗାଈ
ପୁରୁଷକୁ ସୁନ୍ଦର ତିରୀ ଯେ, ପିତଳ ଖଡ଼ୁ ବାହୀଯେ।
ସଭାକୁ ସୁନ୍ଦର ପଧାନ ସାନ ଭାଇ
ଗୋଠକୁ ସୁନ୍ଦର ଲୋ ଦୁହାଁଳିଆଗାଈ।

ଆଂମାସ ରକତ କରି ପାଣି
ମାଟିରେ ମାଟି ହୋଇଲେ ସାଧବ
ପୋଷିବ ପେଟ ଜାଣି।
ମାତ ସେବା କଲେ ଆୟୁଷ ବଢ଼ଇ
ପିତାସେବା କଲେ କୁଳକୁ ଯୋଗ୍ୟ ହୋଇ
ଗୁରୁସେବା ହୋ ବଡ଼ କଠିନ, ଖୋଜିଲେ ମିଳଇ ହୋ।

ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ହୁଏତ ଅନେକ କାନ୍ଦଣାଗୀତ ଅର୍ଥ ବୁଝି ପାରନ୍ତି ନାହିଁ। ସମୟ ଓ ଚେତନାର ପରିବର୍ତ୍ତନ ଆମର ସାଂସ୍କୃତିକ ଆବଦେନକୁ ଧୀରେ ଧୀରେ ହଜାଇ ଚାଲିଛି। ଆମେ ବି ସାଂସ୍କୃତିକ ପରିମଣ୍ଡଳରୁ ନିଜକୁ ଦୂରେଇ ନେଇ ଅତ୍ୟାଧୁନିକ ବୋଲି ମନେ କରି ଖୁବ୍ ଖୁସି ହେଉଛୁ। ଆଜି ଯଦି ଝିଅଟି ବିବାହ ବା ବିଦାୟ ସମୟରେ କାନ୍ଦେ ତାକୁ ମରହଟ୍ଟୀ ବୋଲି ନିନ୍ଦିତା ହେବାକୁ ପଡ଼ିଥାଏ। ଏକଦା ଏହି କାନ୍ଦଣାଗୀତ ଥିଲା ଆମ ସାମାଜିକ ଓ ସାଂସ୍କୃତିକ ଜୀବନର ଏକ ମୁଗ୍ଧ ପରିଚୟ। ତରୁଣୀଟିଏ ହେଉ ବା ବିବାହିତା ନାରୀ- କାନ୍ଦଣା ହିଁ ଥିଲା ତା' ହୃଦୟ ନିଛକ ଗଭୀର ଅଭିବ୍ୟକ୍ତି। ଓଡ଼ିଆ ଲୋକଗୀତର କଳାତ୍ମକ ବଳିଷ୍ଠ ବିଭବ କାନ୍ଦଣାଗୀତ। ବାପଘରର ସବୁ ମୋହ ମାୟା ତୁଚ୍ଛ କରି ପାଦଥାପେ ସେ ଶାଶୁଘର ଏରୁଣ୍ଡିରେ। ହୃଦୟର ଦୁଃଖକୁ ମନରେ ଚାପିରଖି ଦିନ ବିତାଇଥାଏ। ସତେ ଯେମିତି ସହିବା ତା'ର ଧର୍ମ। କାନ୍ଦିବା ତା'ର ନିୟତି। ନାରୀର ଏହି ଚରମ କାରୁଣ୍ୟମୟ ଆବେଗର କାହାଣୀ କାନ୍ଦଣାଗୀତରେ ଚମତ୍କାର କଳାତ୍ମକ ରୂପ ଗ୍ରହଣ କରିଥାଏ। ଯେମିତି:

ହସିଲେ ବୋଲନ୍ତି ଖୁଡ଼ୀ ଦାରୀ ହେଲାଣି
କାନ୍ଦିଲେ ବୋଲନ୍ତି ଖୁଡ଼ି କିଏ ମଲାଣି

ଉଠିଲେ ବୋଲନ୍ତି ଖୁମ୍ବ ଡେରା ହୋଇଛି
ଶୋଇଲେ ବୋଲନ୍ତି ଖୁଡ଼ୀ ଢିଙ୍କି ପଡ଼ିଛି ।

କାନ୍ଦଣାଗୀତ ନାରୀ ଜୀବନର କରୁଣ ଆତ୍ମଲିପି । ଏହି ଆତ୍ମଲିପିର ଅନ୍ତରାଳରେ ଲୁଚି ରହିଥାଏ କେତେ କେତେ ନିର୍ଯାତନା, ଅତ୍ୟାଚାର, ପୀଡ଼ନ, କଷଣ, ଯନ୍ତ୍ରଣା ତା'ର ଇୟତ୍ତା ନାହିଁ । ନାରୀର ସ୍ଥିତିରେ କୌଣସି ପରିବର୍ତ୍ତନ ନଘଟିଲେ ମଧ୍ୟ ସମୟର ବିବର୍ତ୍ତନରେ ଆଧୁନିକତାର ଦ୍ୱାହି ଦେଇ ସେ ଆଉ ପୂର୍ବପରି ଅନ୍ତରର ଆବେଗକୁ କାନ୍ଦଣାଗୀତରେ ବାନ୍ଧୁନାହିଁ । ସେ ସୁଯୋଗ ତାକୁ ଖୁବ ଦୂରକୁ ନେଇଯାଇଛି । ସେ ବାହାଘରର ସ୍ୱାଦ ଚାଖିବା ପୂର୍ବରୁ ଲିଭିଂ ରିଲେସନକୁ ଆପଣେଇ ନେଇଛି । ଆପଣାର ରୁଚି ଓ ପସନ୍ଦକୁ ଶ୍ରେୟ ଦେଇ ଗୁରୁଜନ ଓ ବୟୋଜ୍ୟେଷ୍ଠଙ୍କ ଇଚ୍ଛା ବିରୁଦ୍ଧରେ ଆଗେଇ ଚାଲିଛି । ବିବାହ ବେଦୀ, ମଙ୍ଗନ, ଚତୁର୍ଥୀ, ସାତମଙ୍ଗଳା, ଷୋଳମଙ୍ଗଳା, କନ୍ୟାବାହୁଡ଼ା, ବରାଗୁଗମନ, ହସ୍ତଗଣ୍ଠି, କଉଡ଼ିଖେଳ, ଲଜ୍ଜା ହୋମ, ପିଣ୍ଡବଢ଼ା, ଲିଆସମର୍ପଣ, ସିନ୍ଦୂର ଧାରଣ ଏସବୁ ଯେମିତି ପୋଥି ଭିତରେ ବନ୍ଧା ହୋଇ ଆମ ପରମ୍ପରାରୁ ନିର୍ବାସିତ ହୋଇଯାଇଛି । ଏଥିରେ ଥିବା ଶୃଙ୍ଖଳା, ପାରିବାରିକ ଓ ଦାମ୍ପତ୍ୟ ସଂପର୍କର ମଧୁରତା ଆବେଗିକ ଭାବ ବିନିମୟର ଶିକ୍ଷଣୀୟ ଓ ସଣ୍ଣା ଦିଗଟି ସବୁଦିନ ପାଇଁ ନାରୀପାଖରୁ ବିଦାୟ ନେଇଛି । ଏହି ବୈବାହିକ ମାଙ୍ଗଳିକ କାର୍ଯ୍ୟ ହେଉ ବା ନାରୀର ହୃଦୟର ଆବେଗିକ କାନ୍ଦଣାଗୀତ ହେଉ ସେଥିରେ ଥିବା ଲୋକକଳାର ମହତ୍ୱ ଲୁପ୍ତପ୍ରାୟ । ଆଧୁନିକ ସଂସ୍କୃତିର ପ୍ରବେଶ ଓ ଆପଣେଇବା ପଣରେ ଉତ୍କଳୀୟ ଜନଜୀବନର ପାରିବାରିକ ଶାନ୍ତି-ମୈତ୍ରୀ ଓ ଭାଇଚାରା ସବୁ ଧ୍ୱଂସପ୍ରାପ୍ତ ।

ମାନବସମାଜ ଓ ଜୀବନ ସମୟ ସହ ତାଳଦେଇ ଆଗକୁ ଧାବମାନ । ପରିବର୍ତ୍ତନ ହିଁ ଏକମାତ୍ର ସତ୍ୟ ଓ ଅନିବାର୍ଯ୍ୟ । ତେଣୁ ପ୍ରାଚୀନତାରୁ ଆଧୁନିକତା ପର୍ଯ୍ୟନ୍ତ ଗୋଟିଏ ପରିବର୍ତ୍ତନର ପ୍ରବାହରେ ମଣିଷ ଓ ତା'ର ସଭ୍ୟତା ଗତି କଲାବେଳେ ବିଭିନ୍ନ ଆବଶ୍ୟକ ଥିବା ଉପାଦାନଗୁଡ଼ିକରୁ ମୋହ, ଆକର୍ଷଣ, ରୁଚି ଓ ଆବେଗକୁ ପାସୋରି ବସିଛି ମଣିଷ ସମାଜ । ଯାହା ଯେତେବେଳେ ହାତପାଆନ୍ତାରେ ପାଇଛି ତାକୁ ଆପଣେଇ ନେଇଛି । ଏମିତି ପିଢିରୁ ପିଢିକୁ ଗତିକଲାବେଳେ ଆମ ପରମ୍ପରା ଓ ସଂସ୍କୃତିରେ ନିହିତ ଥିବା ଲୋକକଳାକୁ ସେ ବିସ୍ମରି ଦେଇଛି । ତା'ର ମହତ୍ୱ, ପରାକାଷ୍ଠା, ମୂଲ୍ୟବୋଧ ତା' ପାଇଁ ସମ୍ପୂର୍ଣ୍ଣ ମୂଲ୍ୟହୀନ ଓ ଅହେତୁକ । ଏହା ନିଶ୍ଚୟ ଆମ ମାନବ ସମାଜ ପାଇଁ ଉଦବେଗର ବିଷୟ । ତେବେ ମଣିଷ ସମାଜରୁ ଆପଣାର ପ୍ରାଚୀନ ଗୌରବମୟ ଲୋକକଳା ଏମିତି ଅବହେଳିତ ଓ ହଜିଯିବା ପଛରେ ଯେଉଁ ମନୁଷ୍ୟକୃତ କାରଣଗୁଡ଼ିକ ଦାୟୀ ତାହା ନିଷ୍କର୍ଷରେ ଉପସ୍ଥାପନ କରାଯିବା ସମୀଚିନ ମନେହୁଏ । ସେଗୁଡ଼ିକ ହେଲା:

- ଆଧୁନିକୀକରଣ, ଶିଳ୍ପାୟନ, ଜଗତିକରଣ
- କଂକ୍ରିଟ-ଜଙ୍ଗଲର ପ୍ରାବଲ୍ୟ ଓ ନଗର ସଭ୍ୟତାର ପ୍ରାଦୁର୍ଭାବ
- ପାଶ୍ଚାତ୍ୟ ଢାଞ୍ଚାର ଶୈକ୍ଷିକ ପ୍ରୟୋଗ ଓ ପ୍ରଭାବ
- ପ୍ରାଚୀନ ଓ ଆଧୁନିକତା ମଧ୍ୟରେ ସମନ୍ୱୟ ପରିବର୍ତ୍ତେ ଦୂରତା ସୃଷ୍ଟି
- ଲୋକଚଳଣିରେ ନୀତିଚର୍ଯ୍ୟାର ବିବିଧ ପାଶ୍ଚାତ୍ୟ ସଂସ୍କୃତିର ଆବହାଓ୍ୱା ।
- ଲୋକଶିମାରେ ସଚେତନତାର ଅଭାବ ।
- ମାତୃଭୂମି, ମାତୃଭାଷା, ମାଟି ପ୍ରୀତି ପ୍ରତି ବିମୁଖ ଭାବ ପୋଷଣ
- ପଲ୍ଲୀ ପରିବେଶ ଓ ପ୍ରକୃତି ପ୍ରତି ବୈମାତୃକ ମନୋଭାବ ।
- ସଂସ୍କୃତି ଓ ପରମ୍ପରାର ଦୁରୂପଯୋଗ
- ଆଧୁନିକ ଶିକ୍ଷାନୀତି ଓ ଶିକ୍ଷଣ ପ୍ରକ୍ରିୟା
- ପୁରୁଣା ପିଢ଼ିର ବ୍ୟକ୍ତିବିଶେଷଙ୍କ ଦେହାନ୍ତ ପରେ ସେମାନଙ୍କ ମୁଖରେ ବଞ୍ଚି ରହିଥିବା ଲୋକବାଣୀର ବିଲୁପ୍ତ ।
- ଭୌଗୋଳିକ ପରିବର୍ତ୍ତନ, ନୂତନ ସୌଧ ନିର୍ମାଣ ଓ ପ୍ରାକୃତିକ ବିପର୍ଯ୍ୟୟ ଆଦିର ପ୍ରଭାବ ।
- ଲୋକନୃତ୍ୟ, ଗୀତ, ବାଦ୍ୟ ଆଦିରୁ ମୌଳିକ ତାଳ ତରିକାକୁ ଲୋପକରି ସେଠାରେ ନିଜସ୍ୱ ଓ ଆଧୁନିକ ସଭ୍ୟସମାଜ ଗ୍ରହଣୀୟ ଯାନ୍ତ୍ରିକ ତଥା ବୈଜ୍ଞାନିକ ଢାଞ୍ଚାରେ ନିର୍ମିତ ଉପାଦାନ ଗୁଡ଼ିକର ବ୍ୟବହାର ଓ ପ୍ରୟୋଗ ।
- ଆଧୁନିକୀକରଣ ଓ ଅତ୍ୟାଧୁନିକ ପ୍ରତିଯୋଗୀ ମାନସିକତା ।
- ଭାଷାରେ ନଗ୍ନତା ଓ ଭାବରେ ଅଶ୍ଳୀଳତା ଥିବା ମାନସିକତା ହିଁ ମୌଳିକ ବାଣୀ ଓ ଅର୍ଥକୁ କଦର୍ଥ କରି ଅତଳ ଗର୍ଭରେ ଫିଙ୍ଗିଦେଇଛି ।
- ଲୋକକଳା ଓ ଲୋକସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଅଧ୍ୟୟନ ଓ ଗବେଷଣାର ଅଭାବ ।
- ଲୋକବିଦ୍ୟାର ମହତ୍ତ୍ୱ ପ୍ରତି ଆଧୁନିକ ପିଢ଼ିର ଆନନ୍ଦ ବିଗ୍ନମନ ଓ ଅବହେଳା ମାନସିକତା

ମଣିଷ ଯେତେ ଆଧୁନିକ ହେଉ ନା କାହିଁକି ସେ ତା'ର ଅତୀତ ଉପରେ ଦଣ୍ଡାୟମାନ । ପାଦ ମାଟି ଛାଡ଼ିଲେ ତ୍ରିଶଙ୍କୁ ମଣିଷର ବିପଦ ମତିତ ହେବା ସୁନିଶ୍ଚିତ । ଆମ ପରମ୍ପରା ସଂସ୍କୃତି ଓ ବିଶ୍ୱାସ ଉପରେ ପ୍ରତିଷ୍ଠିତ ପ୍ରାଚୀନ ଭାବ ଏକ ଆବେଗିକ ରୂପ ଗ୍ରହଣ କରି ଆମମାନଙ୍କ ଆମବାରେ ଯଦି ସଞ୍ଚରି ନଯାଏ, ତେବେ ଆଧୁନିକତା ନାମରେ ଆମେ ଅତଳ ଗର୍ଭରୋ କେଉଁଦିନ ଲୀନ ହୋଇଯିବା ତାହାର ଇୟତା ନାହିଁ । କଳା ଏକ ଆତ୍ମିକ ଚେତନା । ଏହାର ସଞ୍ଚରଣ ଆତ୍ମାରେ ପ୍ରାଣରେ, ହୃଦୟରେ ନିବିଡ଼ପଣ ସୃଷ୍ଟି କରେ । ଯାହା ଆଦିମ ମଣିଷଠାରୁ ଆଧୁନିକ ମଣିଷ ପର୍ଯ୍ୟନ୍ତ ସଭିଙ୍କ ଭିତରେ ବିଦ୍ୟମାନ । କିନ୍ତୁ ଏହି କଳାଗତ ଆତ୍ମାର ବାସ୍ତବତାଠାରୁ ଆମେ

ବାଧବାଧକତାରେ ଦୂରେଇଯାଇ ଗୋଟିଏ ସକଳ ଅବାସ୍ତବ ପରିପାଟୀ ଭିତରେ ଆପଣାକୁ ଧ୍ୱଂସାଭିମୁଖୀ କରିଚାଲିଛେ।

ପ୍ରାଚୀନ ସଭ୍ୟତାର ସଗୁଣା ଓ ଶୃଙ୍ଖଳାବଦ୍ଧ ନୈତିକ ଜୀବନ ଆମକୁ ଯେଉଁ ଶିକ୍ଷା ପ୍ରଦାନ କରିଥାଏ ତାହା ସମାଜ ଓ ସଭ୍ୟତାକୁ ଉଚିତ ମାର୍ଗରେ ଆଗେଇ ନେବାର ସାମର୍ଥ୍ୟ ଯୋଗାଇଥାଏ। ସେଥିପାଇଁ କୁହାଯାଏ ଓଲ୍ଡ ଅଲ୍‌ଏଜ୍ ଗୋଲ୍ଡ। ଆମ ପ୍ରାଚୀନ ସାହିତ୍ୟ ପରି ଲୋକ କଳାର ମହତ୍ୱ ଜୀବନ ଓ ସମାଜ ପାଇଁ ଯଥେଷ୍ଟ ଉପାଦେୟ। କିନ୍ତୁ ମଣିଷକୃତ ଇଚ୍ଛା ଓ କାର୍ଯ୍ୟ ଦ୍ୱାରା ଏହା କ୍ରମଶ ନିୟନ୍ତିତ ହୋଇ ତା'ର ସୌଷ୍ଠବ ହରାଇ ବସିବା ସହ କାଳଗର୍ଭରେ ହଜିଯିବା ଅବସ୍ଥାରେ ଉପନୀତ। ଏଥିପ୍ରତି ସଚେଚତନ ନାଗରିକ ଚିନ୍ତା କରିବାର ସମୟ ଆସିଛି। ତେଣୁ ଆମ ଐତିହ୍ୟ ସଂସ୍କୃତି, କଳା, ସାହିତ୍ୟ, ଭାଷା, ପରମ୍ପରା ଆଦିର ମୌଳିକତାକୁ ବଞ୍ଚାଇ ରଖି ସେଥିରେ ସଗର୍ବ ଆଗକୁ ବଢିବା ପାଇଁ ନୂତନ ପିଢିଙ୍କୁ ଯଥୋଚିତ ଶିକ୍ଷା ପ୍ରଦାନ କରିବାର ସୁଯୋଗ ସୃଷ୍ଟି କରିବା ଆମେ। ଆମ ହାତରେ ଆମ ଜାତିର ପ୍ରାଚୀନ କଳା ଓ ଗୌରବ ନିହିତ। ତା'ର ସୁରକ୍ଷା ଓ ସମୃଦ୍ଧି ଆମର କାମ୍ୟ। ଏହା ଆମର କର୍ତ୍ତବ୍ୟର ପ୍ରାଥମିକତା ଭୂମିକା ଗ୍ରହଣ କରିବା ଉଚିତ। ତେଣୁ ଆତ୍ମ ସମୀକ୍ଷାର ଆମ ଲୋକକଳାକୁ ଉପଯୁକ୍ତ ସୁରକ୍ଷା ଦେବା ପାଇଁ ଯେଉଁ କେତେକ ଚିନ୍ତାନିଷ୍ଠ ପଦକ୍ଷେପ ଗ୍ରହଣ ତାହା ନିମ୍ନରେ ସୂଚିତ।

- ଗବେଷଣାର ତରିକା ଓ ଦିଶାର ପରିବର୍ତ୍ତନ
- ପ୍ରାଚୀନତା ଓ ଲୋକକଳାକୁ ଯଥେଷ୍ଟ ପ୍ରାଧାନ୍ୟ ଦେବା।
- ନୂତନ ପିଢି ପାଇଁ ଏହା ଏକ ପ୍ରେରଣା ଓ ଆହ୍ୱାନ ହେବା ପାଇଁ ପ୍ରଚେଷ୍ଟା
- ନୂତନ ଓ ପୁରାତନ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା
- ବିଲୁପ୍ତ ପ୍ରାୟ ଅତୀତର ସାହିତ୍ୟ କଳା, ବିଦ୍ୟା, ସଂସ୍କୃତି ଓ ପରମ୍ପରାର ଅନ୍ୱେଷଣ, ସଂରକ୍ଷଣ ଓ ସମୀକ୍ଷଣ
- ଏ ପ୍ରୟାସ ଜଣର ନୁହେଁ, ଗଣର ହେବା ଆବଶ୍ୟକ।
- ବ୍ୟକ୍ତିବିଶେଷରେ ଅନ୍ତରୀଣ ଚିନ୍ତନ ଓ ଆତ୍ମ ସମୀକ୍ଷଣ
- ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ନୁହେଁ, ବରଂ ବିଚାରଶୀଳ ଚିନ୍ତନ ଓ ମୂଲ୍ୟବୋଧ ଧର୍ମୀ ପଦକ୍ଷେପ ଗ୍ରହଣ ହିଁ ଏକମାତ୍ର କାମ୍ୟ।
- ସରକାରୀ ଓ ବେସରକାରୀ ପ୍ରତିଟି ସ୍ତରରେ ପ୍ରାଚୀନ କଳା ଓ ସଂସ୍କୃତି ପ୍ରତି କାର୍ଯ୍ୟନିଷ୍ଠା କ୍ରିୟାଶୀଳ ହେବା ଆବଶ୍ୟକ।
- ହଜିଯିବା ପୂର୍ବରୁ ଆମ ଅତୀତକୁ ସଗର୍ବ ବଞ୍ଚାଇ ରଖିବାର ଆନ୍ତରିକ ଓ ଅତୀତ ପ୍ରୀତି ନୂତନ ପିଢିଙ୍କ ହୃଦୟରେ ଜାଗ୍ରତ ହେବା ସମୀଚୀନ।

ଲୋକକଳାର ଅବଲୁପ୍ତ ବାସ୍ତବତାକୁ ଅନୁଭବ କଲେ ଜଣାଯାଏ ସାଂପ୍ରତିକ ସମୟରେ ବ୍ୟକ୍ତିକ ଆତ୍ମପ୍ରକାଶ ବ୍ୟକ୍ତିନିଷ୍ଠ ଅନୁଭବ ଓ ନିଜସ୍ୱ ସଂଳାପ ବେଶୀ ବେଶୀ ଅନୁରଣିତ ହୋଇଛି। ଗୋଷ୍ଠୀ କୈନ୍ଦ୍ରିକ ନହୋଇ କଳା ଆତ୍ମକୈନ୍ଦ୍ରିକ ହୋଇଛି। ତହିଁରେ ଓଡ଼ିଶାର ସାମାଜିକ ଆବେଦନଟି କାହିଁକି କେଜାଣି ବଡ଼ ଅବହେଳିତ ହୋଇ ରହିଲା ପରି ଜଣାପଡୁଛି। ବିଶ୍ୱକୁ ଜାଣିବା, ବିଶ୍ୱଚେତନା ସହିତ ଏକାତ୍ମହେବା ବିଶ୍ୱ କଳା ସୃଷ୍ଟି କରିବା ପ୍ରବଣତା ଯେତିକି ସୃଷ୍ଟି ହେଉଛି, କାହିଁକି କେଜାଣି ନିଜ ପରିଧିରେ ଥିବା ବିଶ୍ୱଟି ସେତିକି ଦୀପତଳ ଅନ୍ଧାର ପରି ଅଜ୍ଞାନ ଓ ଅନ୍ଧାରୁଆ ହୋଇ ରହିଯାଉଛି। ତେଣୁ କଳା ସର୍ଜନାର ଯେଉଁ ବଳୟ ରହିଛି, ସେସବୁ ସମ୍ପର୍କରେ ଆମେ ସଚେତନ ରହିବା ସଂଗେ ସଂଗେ ଆମର ସାମାଜିକ ଦାୟିତ୍ୱଟି ସହିତ ସମ୍ବନ୍ଧ ନଯୋଡ଼ିଲେ ଆମ ସାହିତ୍ୟର ଓ କଳାର ଫଳରେ ଆମେ ଆମୋଦିତ ହେବା ସିନା, ଆମେ ଜୀବନ କଳାର ଚେର ପାଖରେ ପହଞ୍ଚି ପାରିବା ନାହିଁ କିମ୍ବା ଚିହ୍ନିପାରିବା ନାହିଁ।

**ସହାୟକ ଗ୍ରନ୍ଥସୂଚୀ**


୧. ପ୍ରଧାନ କୃଷ୍ଣଚନ୍ଦ୍ର : ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି

୨. ମିଶ୍ର ଡ. ଅଜୟ କୁମାର : ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି

୩. ନବପତ୍ର : ମାର୍ଚ୍ଚ ୨୦୨୧ ରୁ ଏପ୍ରିଲ ୨୦୨୨ / ନଭେମ୍ବର ଫେବୃଆରୀ, ୨୦୨୦-୨୧

୪. ଏଷଣା : ଡିସେମ୍ବର ୧୯୯୯ (ଊନଚତ୍ୱାରିଂଶ ଖଣ୍ଡ)

୫. ବାସକମ୍ ୱିଲିୟମ, ଆର୍ : କଣ୍ଟ୍ରିବ୍ୟୁସନ ଟୁ ଫ୍ଲୋକଲେରିଷ୍ଟିକ ୧୯୮୧

୬. ମହାନ୍ତି ସୁରେନ୍ଦ୍ର : ଓଡ଼ିଆ ସାହିତ୍ୟର ଆଦି ପର୍ବ (୧୯୭୭)

୭. ଦାସ, ଚିତ୍ତରଂଜନ : ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା।


❖❖❖

# ଅଳ୍ପଗଳ୍ପର ଅଳ୍ପକଥା : ସତ୍ୟପ୍ରିୟଙ୍କ ଲେଖକୀୟ ବ୍ୟଥା



ISSN-2583-6978
Volume-4
Issue-10
OCTOBER-2024

**ମହେଶ୍ୱର ପାଢ଼ୀ**

**ଅଧ୍ୟକ୍ଷ, ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ**
**ବରଦା ବିହାର, ବ୍ରହ୍ମବରଦା, ଯାଜପୁର- ୭୫୫୦୦୫**

'ସ୍ମଲ ଲେଟର' ପ୍ରକାଶକ ଭୁବନେଶ୍ୱରଙ୍କ ଦ୍ୱାରା 'ଅଳ୍ପଗଳ୍ପ' ସଂକଳନଟି ୨୦୦୬ ମସିହାରେ ପ୍ରକାଶିତ ହୋଇଥିଲା। ସଂକଳନରେ ରହିଛି ମୋଟ ତେଇଶି ଗୋଟି ଗଳ୍ପ। ଏହି ସଂକଳନ ସଂପର୍କରେ ସତ୍ୟପ୍ରିୟଙ୍କ ବକ୍ତବ୍ୟଟି ଏହିପରି, "ଏଇ ସଂକଳନର କିଛି ଗଳ୍ପ (ଐନ୍ଦ୍ର ଜାଲିକ, ଇତିହାସର ଜଣେ ସହିଦ, ଦୁଃଖଦ ପାହାଡ଼, ସହଜଯାନ, ବର୍ଣ୍ଣବୋଧ, ଶବରୀ ଉପଖ୍ୟାନ, ସତ ମଣିଷ, ଈଶ୍ୱରୀୟ, ଯୀଶୁଖ୍ରୀଷ୍ଟର ଶେଷଗଳ୍ପ ଓ ଗଛ ମଣିଷ) ୧୯୮୮ ମସିହାରେ ଅନାର୍ଯ୍ୟ ପେପରବ୍ୟାକ୍ ଦ୍ୱାରା 'ସତ୍ୟବଚନ' ନାମକ ଏକ ପୁସ୍ତକରେ ପ୍ରକାଶିତ ହୋଇଥିଲା। ଉଲ୍ଲିଖିତ ଗଳ୍ପଗୁଡ଼ିକ ୧୯୮୦ରୁ ୧୯୮୫ ମଧ୍ୟରେ ଝରଣା, ରଙ୍ଗ, କଥାକାର, ଅର୍ଘ୍ୟ, ପ୍ରତିଶ୍ରୁତି, ଯୁବସ୍ରଷ୍ଟା ମାନସ, ଶ୍ରୀକର୍ଣ୍ଣ ଓ ବାଣୀବିହାର ଇତ୍ୟାଦି ପତ୍ରିକାରେ ପୂର୍ବରୁ ପ୍ରକାଶିତ ହୋଇଥିଲେ। ପୁନଶ୍ଚ ସେଇ ସଂକଳନର ଗଳ୍ପଗୁଡ଼ିକ ସହିତ ଅନ୍ୟ ଗଳ୍ପଗୁଡ଼ିକୁ ଗୁନ୍ଥା ଯାଇ 'ଅଳ୍ପଗଳ୍ପ'ର ସଂଯୋଜନା କରାଯାଇଛି।" ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ସତ୍ୟପ୍ରିୟ ମହାଲିକଙ୍କର ପ୍ରଥମ ଗଳ୍ପ ସଂକଳନ 'ସତ୍ୟବଚନ' ଏବଂ ଏଥିରେ ସ୍ଥାନିତ ଅଧିକାଂଶ ଗଳ୍ପ ତାଙ୍କର ଆଦ୍ୟ ସୃଷ୍ଟି।

'ଅଳ୍ପଗଳ୍ପ' ସଂକଳନରେ ସ୍ଥାନିତ ପ୍ରଥମ ଗଳ୍ପ 'ସୁବର୍ଣ୍ଣ କଳସ'ର ପ୍ରଥମ ପ୍ରକାଶ କାଳ ୧୯୯୨ ମସିହା। 'ବୈତାଳିକ' ପତ୍ରିକାରେ ଏହା ପ୍ରକାଶ ପାଇ ପାଠକୀୟ ଆଦର ଲାଭ କରିଥିଲା। ପୁରୁଣା ଭିତରେ ନୂଆକୁ ଖୋଜିବା ଓ ସେହି ନୂଆ ଭିତରେ ସାଂପ୍ରତିକ ଜୀବନଚିତ୍ରକୁ ଆରୋପିତ କରିବାର ଯେଉଁ ଭାବଧାରା ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଦେଖିବାକୁ ମିଳିଥିଲା ସତ୍ୟପ୍ରିୟ ଥିଲେ ସେହି ଗାଳ୍ପିକମାନଙ୍କ ମଧ୍ୟରୁ ଅନ୍ୟତମ। ଅଳ୍ପଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପଗୁଡ଼ିକର ହୋଇଛି ପୁନଃନିର୍ମାଣ।

ଜଣେ ରାଜା ନିଜ ଉତ୍ତରାଧିକାରୀ ବାଛିବା ନିମନ୍ତେ ଡାକିଛନ୍ତି ଦୁଇପୁଅଙ୍କୁ। ରାଜ୍ୟରେ ଦେଖା ଦେଇଥିବା ବିଶୃଙ୍ଖଳା, ଭ୍ରଷ୍ଟାଚାର ଓ ବିଦ୍ରୋହ ଦମନ କରିବା ନିମନ୍ତେ ଦୁଇପୁତ୍ରଙ୍କୁ ପଚାରନ୍ତି ପ୍ରଶ୍ନ। ଜ୍ୟେଷ୍ଠ ଓ କନିଷ୍ଠ ପୁତ୍ରଙ୍କ ଉତ୍ତର ଶୁଣିବା ପରେ ରାଜା ମହାମନ୍ତ୍ରୀ ଓ କୁଳଗୁରୁଙ୍କର ପରାମର୍ଶ ଚାହିଁଛନ୍ତି କେଉଁ ପୁତ୍ରଙ୍କୁ ରାଜଗାଦି ଦେବାକୁ। ମହାମନ୍ତ୍ରୀ ଜ୍ୟେଷ୍ଠପୁତ୍ର ଏବଂ କୁଳଗୁରୁ କନିଷ୍ଠପୁତ୍ରଙ୍କ ସପକ୍ଷରେ ଜଣାଇଲେ ଉତ୍ତର। ଏଥର ରାଜା ନିରବ କ'ଣ ନିଷ୍ପତ୍ତି ଦେବେ ତାହା ତାଙ୍କର ଏକାନ୍ତ ନିଜସ୍ୱ। ଗଳ୍ପର ଶୋଷାଂଶ ହିଁ ଏକ ଉତ୍କଣ୍ଠା। ପୁରୁଣା କଥା ଫର୍ମରେ ନୂଆ ସୃଷ୍ଟି କରିବାର ଏକ ମୌଳିକ ଚିନ୍ତନ। ରାଜା କ'ଣ ନିଷ୍ପତ୍ତି ନେବେ ତାହା ଜଣା ନଥିଲେ ମଧ୍ୟ ଅନ୍ୟମାନଙ୍କ ମତାମତକୁ ଶୁଣିବା ହିଁ ସାଂପ୍ରତିକ ରାଜନୈତିକ ନିଷ୍ପତ୍ତିକୁ ସୂଚିତ କରେ।

ସଂକଳନରେ ସ୍ଥାନିତ 'ହଂସ ଶିକାର' ଗଳ୍ପଟି ଯଦିଓ ଆଗରୁ ଜନଜୀବନରେ ଥିଲା 'ହଂସଟି କାହାର'। ଜୀବେଦୟାର ଏକ ସମ୍ବେଦନଶୀଳ ବାର୍ତ୍ତାବହନ କରୁଥିଲା ଗଳ୍ପଟି, ଦେବଦତ୍ତ ନାମକ ଚରିତ୍ରଟି ମାରିଥିଲା ତୀର ଆଉ ଖସେଇ ଦେଇଥିଲା ନିଜ ଅହଂପ୍ରମତ୍ତ ଧନୁଶିକ୍ଷାର ପାରାକାଷ୍ଠା ଦେଖାଇ ଉଡ଼ାୟମାନ ହଂସଟିକୁ। ହଂସଟି ପଡ଼ିଲା ଶାନ୍ତିକାମୀ ଗୌତମଙ୍କ ନିକଟରେ। ସେଠାରେ ଦେବଦତ୍ତ ପହଞ୍ଚି ଦାବି କଲା ହଂସଟିକୁ, ମାତ୍ର ବିଚାର ଅନୁଯାୟୀ ଜୀବନ ଦାନ କରିଥିବା ବ୍ୟକ୍ତିଟିର ହୋଇଥିଲା ହଂସ। ସତ୍ୟପ୍ରିୟ ଯଦିଓ ଉପରୋକ୍ତ କଥା ଭୂମିଟିକୁ ନେଇ 'ହଂସ ଶିକାର' ଗଳ୍ପଟି ରଚନା କରିଛନ୍ତି, ମାତ୍ର ଗଳ୍ପଟିର ପରିଣତି ତାଙ୍କ ମୌଳିକ ଚିନ୍ତନ ଓ ଗଳ୍ପ ଭିତରେ ଛପିଥିବା ନୂତନ ଇଙ୍ଗିତକୁ ସୂଚିତ କରୁଅଛି ଏବଂ ଏହା ମୂଳଗଳ୍ପଠାରୁ ଅଧିକ ବାସ୍ତବ ଓ ଇଙ୍ଗିତଧର୍ମୀହୋଇ ଉଠିଛି।

ସତ୍ୟପ୍ରିୟଙ୍କ 'ହଂସ ଶିକାର' ଗଳ୍ପରେ ଉଭୟ ଗୌତମ ଓ ଦେବୀଦତ୍ତ ହଂସଟି କାହାର ନ୍ୟାୟ ପାଇବା ନିମନ୍ତେ ରାଜାଙ୍କ

ନିକଟକୁ ଯାଇଛନ୍ତି । ପରିଣତିରେ ରାଜାଙ୍କ ବକ୍ତବ୍ୟ ବିଚାର ଯୋଗ୍ୟ । ରାଜା ଆହତ ହଂସଟିକୁ ଦେଖି, "ଉଭୟଙ୍କର ଯୁକ୍ତି ଓ ମନ୍ତବ୍ୟ ଶୁଣି କିଛି କାଳ ଗମ୍ଭୀର ହୋଇ ବସିଲେ । ଉଭୟଙ୍କୁ ଚାହିଁ କିଛି ସମୟ ପରେ କହିଲେ, ଶୁଣ ହଂସଟିକୁ ଯିଏ ମାରୁ ବା ଧରୁ ସେଥିରେ କିଛି ଯାଏ ଆସେ ନାହିଁ । ରାଜହଂସ ତେଣୁ ଏହା ରାଜଭୋଗ୍ୟ ।" ଯେତକ କହି ରାଜା ହଂସଟିକୁ ନିଜ ହାତକୁ ନେଲେ ଓ ଓଠଚାଟି ନିଜର ପାଟ ସୂପକାରକୁ ଦେଲେ ନିର୍ଦ୍ଦେଶ- "ନେଇଯାଅ, ଅନେଇଛ କ'ଣ ?" ପରିଣତିଟି ଚମତ୍କାର । ରାଜାଙ୍କର ହଂସ ମାଂସ ଖାଇବାର ପିପାସା ସବୁ ଦୟା ମାୟା ଓ ହିଂସ୍ରତାଠାରୁ ବହୁ ଆଗକୁ ବଳେଇ ଯାଇଛି । ଆଧୁନିକ ମଣିଷର ଜଟିଳ ମନୋସ୍ଥିତିକୁ ଗାଳ୍ପିକ ପ୍ରତୀକାତ୍ମକ ରୂପେ ଚିତ୍ରଣ କରିଅଛନ୍ତି । କଥାକାର ମନୋଜ ଦାସଙ୍କ 'ଆକାଶ କଇଁଛ' ଗଳ୍ପଟିର ପ୍ରଭାବ ଏହି ଗଳ୍ପଟିର ଭାବଭୂମି ଉପରେ ପଡ଼ିଲା ଭଳି ମନେହୁଏ । 'ହଂସ ଶିକାର'ର ଶେଷ ତିନୋଟି ଧାଡ଼ି ହିଁ ବଦଳେଇ ଦେଇଛି ଗଳ୍ପଟିର ଘଟଣା ଚରିତ୍ର ଆଉ ପ୍ରସଙ୍ଗ । ପୁରୁଣା କଥାକୁ ପରିହାର କରି ନେଇଛି ନୂଆ ରୂପ । ଏହି ନୂତନତ୍ୱରେ ରହିଛି ତୁଚ୍ଛା ଭାବପ୍ରବଣତାକୁ ପରିହାର କରି ନିଛକ ବାସ୍ତବତାକୁ ଆପଣେଇ ନେବା । ଏହାହିଁ ସତ୍ୟ ପ୍ରିୟଙ୍କ ଲେଖନୀର ବିଶେଷତ୍ୱ ।

'ବିଶ୍ୱସ୍ତ' ଗଳ୍ପଟି 'ସପର୍ଯ୍ୟା' ପତ୍ରିକାର ଜାନୁୟାରୀ ସଂଖ୍ୟା ୧୯୯୧ ମସିହାରେ ପ୍ରକାଶ ପାଇଥିଲା । ଆମେ ସମସ୍ତେ କିଭଳି ଆଧୁନିକ ଜୀବନଚର୍ଯ୍ୟାର ଛଳନା, ପ୍ରତାରଣା ବିଶେଷକରି ଗୋପନୀୟତା ରକ୍ଷାଠାରୁ ବିମୁଖ ହୋଇ ଯାଉଛେ, ନିଜ ଭିତରେ ଭୁଷୁଡ଼ି ପଡୁଛି ଧୈର୍ଯ୍ୟଶକ୍ତି, ତାହାକୁ ପ୍ରତିକାତ୍ମକ ଭାବେ ଆଲୋଚ୍ୟ ଗଳ୍ପରେ ଗାଳ୍ପିକ ଉପସ୍ଥାପିତ କରିଅଛନ୍ତି । ଗଳ୍ପର ଆରମ୍ଭ ଭାଗଟି ବେଶ୍ ହୃଦୟ ଗ୍ରାହୀ । ନଈ କହିଲା ପବନକୁ ଚୁପ୍‌ଚୁପ୍- "ଶୁଣ, କାହାକୁ କହିବୁନି । ଗୋଟେ ଗୋପନ କଥା, ତୁ ମୋର ଅତି ବିଶ୍ୱସ୍ତ ।" ପବନ କହିଲା- 'ହଉ ଗୁପ୍ତ ରଖିବି' । ସେଠୁ ପବନ ଯାଇ ଗଛକୁ କହିଲା- "ଜାଣୁ ଗୋଟେ ଗୋପନ କଥା ? ଶୁଣ, କାହାକୁ କହିବୁ ନାହିଁ । ତୁ ମୋର ଅତି ଅନ୍ତରଂଗ ବିଶ୍ୱସ୍ତ ।" ଗଛ କହିଲା- 'କେଉଁଠୁ ଶୁଣିଲୁ' ପବନ କହିଲା- "ଅତିଗହନ କଥା ଯେ, କାହାକୁ ନ କହିବା ପାଇଁ, ମୋତେ ମନା କରିଥିଲା ନଈ ।" ତହୁଁ ଗଛ କହିଲା- "ଆଚ୍ଛା, ବିଶ୍ୱାସର କଥା ଯେ । ରାଣ ଦେଲି କାହାକୁ ମୁଁ କହିବି ନାହିଁ ।" ମାତ୍ର କଥାଟି କାହା ପାଖରେ ଗୋପନ ହୋଇ ରହିନାହିଁ । ଶେଷରେ କଥାଟି ଯେଉଁଠୁ ଉତ୍ପନ୍ନ ସେଇଠି ସେଇ ନଈ ପାଖରେ ପହଞ୍ଚି ଯାଇଛି । ଆଉ ନଈ ଗମ୍ଭୀର ହୋଇ ସବୁ ଭୁଲ୍ ତା'ର ବୋଲି ସ୍ୱୀକାର କରିଛି । ଯେତେବେଳେ ପବନ, ଗଛ, ପାହାଡ଼ ଓ ଚଢ଼େଇମାନେ ସମସ୍ତେ ଗଛକୁ ପଚାରିଛନ୍ତି କହ ସତ କହ ତୁ କେଉଁଠୁ ଶୁଣିଥିଲୁ ? ନଈ କହିଛି ବିଶ୍ୱସ୍ତ ସୂତ୍ରରୁ..... । ଏଇଠି ହିଁ ଗଳ୍ପର କାହାଣୀ ଭାଗଟି ସାର୍ଥକ ରୂପ ନେଇଛି । ପାଠକର ମଗଜରେ ଏହା ସାଂପ୍ରତିକ ମଣିଷର ବିଶ୍ୱସ୍ତତା ଓ ନିଷ୍ଠାପରତା ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସତ୍ୟପ୍ରିୟଙ୍କର ଏହି ଚମତ୍କାର ଉପସ୍ଥାପନ ଶୈଳୀ ହିଁ ତାଙ୍କୁ ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟରେ ସ୍ୱତନ୍ତ୍ର କରି ଛିଡ଼ା କରାଇଛି । ସତ୍ୟକୁ ମୁଖା ଖୋଲି ଦେଖାଇ ଦେବାର ପ୍ରୟାସ କରିଛନ୍ତି ସତ୍ୟପ୍ରିୟ ତାଙ୍କର 'ଅଳ୍ପଗଳ୍ପ' ସଂକଳନରେ ସ୍ଥାନିତ ଅଧିକାଂଶ ଗଳ୍ପରେ ।

'ଚାରି ଅନ୍ଧକଥା' ଗଳ୍ପଟି ଆମ ଲୋକ ଜୀବନରେ ଥିବା 'ଅନ୍ଧଙ୍କ ହାତୀ ଦେଖା' କଥାର ଏକ ନବୀକରଣ ରୂପ । ଆଇମା' କାହାଣୀ ପେଡ଼ିରେ ଥିବା ଚାରି ଅନ୍ଧ ଦିନେ ହାତୀ ଦେଖିବାକୁ ମନକରି ହାତୀ ପାଖରେ ପହଞ୍ଚି ନିଜ ନିଜର ଅନୁଭୂତିକୁ ପରିପ୍ରକାଶ କରିଥିଲେ । ଯେଉଁ ଅନ୍ଧଟି ହାତୀର ଗୋଡ଼ ସ୍ପର୍ଶ କରିଥିଲା ସେ କହିଥିଲା ହାତୀଟି ଗୋଟେ ଖମ୍ବ ଭଳି । ଅନୁରୂପ ଭାବରେ ଅନ୍ୟ ତିନି ଅନ୍ଧ ହାତୀର ପିଠିକୁ ଛୁଇଁ ଏହା କାନ୍ଥ ଭଳି, କାନକୁ ଛୁଇଁ ଏହା କୁଲା ଭଳି ଏବଂ ଲାଞ୍ଜକୁ ଛୁଇଁ ଏହା ଏକ ଦଉଡ଼ି ଭଳି ବୋଲି ମନ୍ତବ୍ୟ ରଖିଥିଲେ । ମାତ୍ର ସତ୍ୟପ୍ରିୟ ଏହି କାହାଣୀ ଧାରାକୁ ଦେଇଛନ୍ତି ନବ ମୂଲ୍ୟାୟନ । ତାଙ୍କ ଗଳ୍ପର ପ୍ରଥମ ଅନ୍ଧ ହାତୀର ଲମ୍ବଲମ୍ବ ଗୋଡ଼କୁ ସ୍ପର୍ଶ କରି ଏହା ଏକ ମସ୍‌ଜିତ୍ ବୋଲି ମତ ରଖିଛି । ଅନୁରୂପ ଭାବରେ ଦ୍ୱିତୀୟ ଅନ୍ଧଜଣଙ୍କ କହୁଛି ହାତୀ ଗୋଟିଏ ମନ୍ଦିର ତୁଲ୍ୟ ଏବଂ ତୃତୀୟ ଜଣଙ୍କ ଚିନ୍ତନରେ ହାତୀ ଗୋଟିଏ 'ଗୀର୍ଜା' ଭଳି ଉପସ୍ଥାପିତ ହୋଇଛି । ସବୁଠୁ ବଡ଼କଥା ହେଉଛି ଚତୁର୍ଥ ଅନ୍ଧଟିର ବୟାନ ସେ କହୁଛି ଏହା ଏକ ହାତୀ । ଏହି ଲୋକ କାହାଣୀ ମାଧ୍ୟମରେ ସତ୍ୟପ୍ରିୟ ଆମେ କିଭଳି ସତ୍ୟଠାରୁ ବହୁ ଦୂରରେ, ସତ୍ୟକୁ ସ୍ୱୀକାର ନକରି ଆମେ ଧର୍ମାନ୍ଧ ହୋଇ ବୁଲୁଛେ, ଶେଷ ଅନ୍ଧଟିର ବକ୍ତବ୍ୟ ଭିତରେ ଜଣେ ଦୂରଦୃଷ୍ଟି ସଂପନ୍ନ କଥାକାରଙ୍କୁ ଭେଟି ହୁଏ । ଯିଏ କି ସତ୍ୟର ପୂଜାରୀ । ସତ୍ୟନିଷ୍ଠତା ସାହିତ୍ୟିକର ସବୁଠୁ ବଡ଼ ଗୁଣ ।

'ଦକ୍ଷଣା' ଗଳ୍ପ ଆମ ଗୁରୁଶିଷ୍ୟ ପରଂପରାର ରୂପାନ୍ତରିତ ରୂପଚିତ୍ରକୁ ବଖାଣୁଛି । ପୁରାଣ ପୃଷ୍ଠାର ଆଦର୍ଶବାନ ଗୁରୁ ଓ ତ୍ୟାଗଶୀଳ ଶିଷ୍ୟ ସାଂପ୍ରତିକ ସ୍ଥିତାବସ୍ଥାରେ ସବୁ ଲୋଭ ଓ ଲାଭକୁ ଆପଣେଇ ନେଇଛନ୍ତି । ଆଦର୍ଶବାଦ ଅପେକ୍ଷା ଚତୁରତା ହିଁ ପ୍ରମୁଖ ଭୂମିକା ନିଭାଉଛି ଗଳ୍ପଟିର ଭାବ ଭୂମିରେ । ଛାତ୍ରର ଜିଜ୍ଞାସା ପ୍ରବଣତା ଗୁରୁଙ୍କର ଅନ୍ଧାନୁକରଣରେ ମିଳେଇ ଯାଇଛି । ଯେତେବେଳେ ଗୁରୁଦେବ ଛାତ୍ରର ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି- "ପୋଥିରେ ଯାହା ଲେଖାଅଛି, ତାହା ପରୀକ୍ଷାରେ ଲେଖିବାକୁ ହବ । ମୌଳିକ ଚିନ୍ତା କଲେ ତୁମେ ଅକୃତ କାର୍ଯ୍ୟ ହେବ, ବୁଝିଲ ?" ଏହି ବକ୍ତବ୍ୟଟି ହିଁ ଗଳ୍ପର ସାରମର୍ମ । ଯାହା ଆମ ଶିକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ଉଠାଇଛି । ଆଜିର ଶିକ୍ଷା ଛାତ୍ରର ମୌଳିକ ଚିନ୍ତନ ଉପରେ ଗୁରୁତ୍ୱାରୋପ କରୁ ନାହିଁ, ବରଂ ଗତାନୁଗତିକତାକୁ ଗୁରୁତ୍ୱ ଦେଉଛି । ହୃଦୟ ଅପେକ୍ଷା ମସ୍ତିଷ୍କକୁ ଅଧିକ ବିନିଯୋଗ କରୁଅଛି ।

ଉତ୍ତରଅଶି ବେଳକୁ ଆମ ଜୀବନଧାରାରେ ଯେଉଁ ପରିବର୍ତ୍ତନ ଘଟିଲା, ମୁଖାପିନ୍ଧା ମଣିଷ ସଂପର୍କର ଦ୍ୱାହିରେ ଯେଉଁ ଛଳନାର ଆଶ୍ରୟ ନେଲା, ତାହାକୁ ଅତି ବାସ୍ତବ, କରୁଣ, ବ୍ୟଙ୍ଗ ଓ ଶ୍ଳେଷ ମାଧ୍ୟମରେ ସତ୍ୟପ୍ରିୟ ଆଲୋଚ୍ୟ ଗଳ୍ପଗୁଡ଼ିକରେ ଉପସ୍ଥାପିତ କରିଅଛନ୍ତି। ଗଢ଼ଣରେ ରହିଛି ପ୍ରାଚୀନ କାହାଣୀ ଧାରା, ଚିନ୍ତନ କିନ୍ତୁ ସଂପୂର୍ଣ୍ଣ ରୂପେ ଅର୍ବାଚୀନ। ସଂକଳନରେ ସ୍ଥାନିତ 'ଗଛ ମଣିଷ', 'ଇତିହାସର ଜଣେ ସହିଦ୍, 'ଈଶ୍ୱରୀୟ' 'ଯୀଶୁଖ୍ରୀଷ୍ଟର ଶେଷଗଳ୍ପ, 'ଦଃଖର ପାହାଡ଼ ଚଢ଼ାଳି' ଆଦି ଗଳ୍ପଗୁଡ଼ିକର ଭାବଭୂମି ଆଧୁନିକ ରୂପାନ୍ତରିତ ଛଳମଣିଷର ମୁଖା ଖୋଲି ଦେଇଛି। ଗୋଟିଏ ଗୋଟିଏ ସୂକ୍ଷ୍ମଭାବବୋଧକୁ ଅବତାରଣା କରି ସତ୍ୟପ୍ରିୟ ଗଳ୍ପଗୁଡ଼ିକରେ 'ମୁଁ'ତ୍ୱର ଗୁରୁତ୍ୱକୁ ପରିହାର କରିବା ସହିତ ଜୀବନ ଓ ଯନ୍ତ୍ରଣାର ନିଛକ ସ୍ୱରକୁ ଦର୍ଶାଇ ଅଛନ୍ତି। ତୀକ୍ଷ୍ଣ ଓ ଶାଣିତ ଦୃଷ୍ଟିରେ ବ୍ୟଙ୍ଗ ମଧ କରିଅଛନ୍ତି।

'ଅଳ୍ପଗଳ୍ପ' ସଂକଳନରେ ସ୍ଥାନିତ ୨୩ଗୋଟି ଗଳ୍ପ କଳେବର ବା ଆୟତନ ଦୃଷ୍ଟିରୁ ଅଣୁଗଳ୍ପ ବା ମିନି ଗଳ୍ପ ପର୍ଯ୍ୟାୟର। ଅଧିକାଂଶ ଗଳ୍ପର ଭାଷା ଓ କଥ୍ୟ ପ୍ରାଚୀନ ଲୋକକଥା ବା ଐତିହାସିକ, କିମ୍ବଦନ୍ତୀ ମୂଳକ। ସଂକଳନର ପ୍ରଥମ ଗଳ୍ପ 'ସୁବର୍ଣ୍ଣ କଳସ' ରାଜା ଓ ରାଜପୁତ୍ରଙ୍କୁ ନେଇ କ୍ଷମତା ଓ ଉତ୍ତରାଧିକାରର ଯକ୍ଷପ୍ରଶ୍ନ– କିଏ ହେବ ରାଜା ? 'ହଂସ ଶିକାର' ଗଳ୍ପରେ ଗୌତମ ଓ ଦେବଦତ୍ତଙ୍କର ସେହି ପ୍ରାଚୀନ କଥାକୁ ଆଧୁନିକ ଶ୍ଳେଷରେ ରୂପାନ୍ତରିତ କରିଦିଆଯାଇଛି। 'ବିଶ୍ୱସ୍ତ' ଗଳ୍ପରେ ଚରିତ୍ରମାନେ ସବୁ ଜଡ଼ ଓ ମାନବେତର, ନଈ, ପବନ, ଗଛ, ପାହାଡ଼ ଓ ଚଢ଼େଇ ଇତ୍ୟାଦି। ଗୋଟେ ମୂଳକଥା କିପରି ଯେଉଁଠୁ ଆରମ୍ଭ ହୋଇଥାଏ ପୁଣି ଘୂରିଘୂରି ଆସି ସେଇଠି ପହଞ୍ଚିଯାଏ ଓ ବିଶ୍ୱାସ ବୋଲି କିଛି ଗୋପନୀୟତା ନଥାଏ, ତାହା ଅତି ସୁନ୍ଦର ଭାବେ ପ୍ରକାଶିତ ହୋଇଛି ଗଳ୍ପଟିରେ। 'ଅଳ୍ପଗଳ୍ପ' ସଂକଳନରେ ଥିବା ଚାରି 'ଅନ୍ଧକଥା', 'ଦକ୍ଷିଣା', 'ଟାଟୁ', 'ଘର', 'ପ୍ରହରୀ', 'ଗୁପ୍ତବିଦ୍ୟା', 'ଦୁଃଖୀ ଲୋକର ସଂଜ୍ଞା', 'ଭୃତ୍ୟ', 'ଗଛ ମଣିଷ', 'ଈଶ୍ୱରୀୟ', 'ଯୀଶୁଖ୍ରୀଷ୍ଟର ଶେଷ ଗଳ୍ପ' ଏବଂ 'ଇତିହାସର ଜଣେ ସହୀଦ' ଆଦି ଗଳ୍ପଗୁଡ଼ିକର କଳେବର ଓ ଭାଷାଗତ ଉପସ୍ଥାପନା ଦୃଷ୍ଟିରୁ ଦେଖିଲେ ଅଳ୍ପଗଳ୍ପ ଏକ ତୀର୍ଯ୍ୟକ।

'ଅଳ୍ପଗଳ୍ପ' ସଂକଳନର ଗଳ୍ପଗୁଡ଼ିକରେ ସୂକ୍ଷ୍ମ ଭାବେ ସ୍ଥୁଳ କଥାଟିର ଅବତାରଣା କରି ଦିଆଯାଇଛି ଅତି ଦକ୍ଷତାର ସହିତ। ବିନ୍ଦୁଟିରେ ମହାସମୁଦ୍ରର ଅତଳତାକୁ ରୂପାୟିତ କରି ଦିଆଯାଇଛି। ଏ ସଂପର୍କରେ ସତ୍ୟପ୍ରିୟଙ୍କ ବକ୍ତବ୍ୟ ହେଲା– "ମୋ' ଗପର ଥିମ୍, କ୍ରାଫଟ୍ ଓ ଭାଷା ଏକଦମ୍ ସ୍ୱତନ୍ତ୍ର। ମୁଁ ପ୍ରଚଳିତ ସିଷ୍ଟମ ଭିତରୁ ମୋର ଚରିତ୍ର ଓ କାହାଣୀଗୁଡ଼ିକୁ ବାଛେ ଓ ସ୍ୱତନ୍ତ୍ର ଭାବେ ତାକୁ ବ୍ୟକ୍ତ କରେ। ମୋ' ଗପ କଦାପି ଶୋଇ କରି ବିଛଣାରେ ପଢ଼ିବାର ସଉକିନ୍ ସ୍ଲିପିଂପିଲ୍ ନୁହେଁ। ଏହା ବିରକ୍ତି କର, ଅମନୋରୋଚକ ଭୂତାଣୁ। ଏହା ସାଂଘାତିକ ଓ ସଂକ୍ରାମକ। ଏଣୁ କେବଳ ଚେଇଁ ଉଠିବା ପାଇଁ ଏହା ପଢ଼ା ଯାଇପାରେ ଶୋଇ ପଢ଼ିବା ପାଇଁ ନୁହେଁ।"

ସତ୍ୟପ୍ରିୟ ମହାଳିକଙ୍କ ଅଳ୍ପଗଳ୍ପ ସଂକଳନର 'ଐନ୍ଦ୍ରିଜାଲିକର କ୍ଷୁଧା ଚରିତ ପ୍ରଦର୍ଶନ', 'ଦୁଃଖର ପାହାଡ଼ ଚଢ଼ାଳି', 'ବର୍ଣ୍ଣବୋଧ', 'ଶବରୀ ଉପାଖ୍ୟାନ', 'ସତ ମଣିଷ' ତଥା 'ମଇଳା' ଆଦି କଳେବର ଦୃଷ୍ଟିରୁ ତୁଳନାତ୍ମକ ଭାବେ ଅନ୍ୟ ଗଳ୍ପଠାରୁ ସାମାନ୍ୟ ବଡ଼। ଗଳ୍ପଗୁଡ଼ିକର କଥ୍ୟ ଓ ଭାବ ସଂପ୍ରସାରଣତା ଏବଂ ଦାର୍ଶନିକତା ପୂର୍ବବର୍ତ୍ତୀ ଗଳ୍ପଗୁଡ଼ିକ ଅପେକ୍ଷା ଅଧିକ ତୀବ୍ର ଓ ତଟସ୍ଥ। ପ୍ରୟୋଗାତ୍ମକ କଥାଶୈଳୀ, ଆଙ୍ଗିକ ଓ ଆତ୍ମିକ ସଂରଚନାରେ ଅଭିନବତା ସତ୍ୟପ୍ରିୟଙ୍କର ଏହି ଗଳ୍ପଗୁଡ଼ିକୁ ଏକ ଭିନ୍ନ ପରିଚୟ ଆଣି ଦେଇଛି। ବହୁମୁଖୀ ଓ ବହୁ ଆୟାମର ଏହି ଅଳ୍ପଗଳ୍ପଗୁଡ଼ିକ ସତ୍ୟପ୍ରିୟଙ୍କ କଥାକର୍ମର ଅନନ୍ୟ ଯୋଗଦାନ। ସତ୍ୟପ୍ରିୟ ମହାଳିକ ତାଙ୍କ ଗଳ୍ପ ପୃଷ୍ଠାରେ କବିତା ଲେଖିଛନ୍ତି ଯେପରି ତାଙ୍କ ଭାଷା ଭାରି କାବ୍ୟିକ। ଟିକିଏ ଅଧିକ ମନ୍ମୟତା ରହିଛି ତାଙ୍କ ଶୈଳୀରେ। ବୋଧେ ତାଙ୍କ ନିଜ ପ୍ରେମିକତା କାରଣରୁ। ପାରମ୍ପରିକ କଥା ଭିତରୁ ଗଳ୍ପର ଗୁଣସୂତ୍ର ଖୋଜିବା ସହିତ ମଣିଷ ମନର ସମ୍ବେଦନା, ମାନବୀୟ ଗୁଣାବଳୀ ଏବଂ ଆଚରଣ ଓ ଉଚ୍ଚାରଣକୁ ସେ ଗଳ୍ପର ଉତ୍ତରଣରେ ବାସ୍ତବତା ଓ କଳ୍ପନାର ଅପୂର୍ବ ସମନ୍ୱୟ କରିପାରନ୍ତି, ଯାହା ତାଙ୍କ କାହାଣୀ ପାଟବର ସୌନ୍ଦର୍ଯ୍ୟ।

❖❖❖

# ଆତ୍ମପ୍ରତ୍ୟୟର ଅନୁଭବୀ ଅନ୍ୱେଷଣ : ସ୍ଥାବରଜଙ୍ଗମ ଉପନ୍ୟାସ



ISSN-2583-6978
Volume-4
Issue-10
OCTOBER-2024

**ବିଜୟଲକ୍ଷ୍ମୀ ଦାଶ, ପିଏଚ୍.ଡ଼ି**

**ସହକାରୀ ପ୍ରଫେସର**
**ଓଡ଼ିଆ ବିଭାଗ**
**ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ**

ମଣିଷ ସ୍ୱପ୍ନରେ ବଂଚେନି; ବଂଚେ ସଂଘର୍ଷରେ। ସଂଘର୍ଷ ତାକୁ ଶିଖାଏ ଜୀବନର ବାସ୍ତବତା। ବାସ୍ତବତାକୁ ବୁଝିଗଲେ ପରିବ୍ୟାପ୍ତ ହୋଇଯାଏ ଦୃଷ୍ଟିଭଙ୍ଗୀ। ଚାରିପାଖର ପରିସୀମାକୁ ଅତିକ୍ରମି ଯାଏ। ନିଜ ଦୃଷ୍ଟି ପ୍ରସାରିତ ହୋଇଯାଏ ଭୂମିରୁ ଭୂମା ଯାଏ, ଇତିହାସରୁ ବର୍ତ୍ତମାନ ଯାଏ। ଆଉ ମାନବରୁ ମାନବ ଇତର ପ୍ରାଣୀଯାଏ। ପୃଥିବୀର ମାଟି ଉପରେ ଠିଆ ହୋଇ ସମଗ୍ର ଭୂଇଁକୁ ଆପଣା ପଣରେ ବାନ୍ଧିଦିଏ କଥାକାର ସ୍ରଷ୍ଟାଜଣକ। ମାଟି ସହ ସମ୍ବନ୍ଧ ଯୋଡ଼ିବାର ଜଣେ ସୁଦକ୍ଷ କଥନକାର ହେଉଛନ୍ତି କଇଳାଶ ପଟ୍ଟନାୟକ। କଇଳାଶଙ୍କ ଉପନ୍ୟାସ ଯାତ୍ରାର ପ୍ରଥମ ପାଦ 'ସ୍ଥାବର ଜଙ୍ଗମ'। ଏ ଉପନ୍ୟାସର ଉଦ୍‌ଭାସନ, ବୈଶିଷ୍ଟ୍ୟ, ନାମକରଣ ସଂପର୍କିତ ସୂଚନା ଲେଖକୀୟ ସାକ୍ଷାତକାରରୁ ପ୍ରାପ୍ତ ହୋଇପାରିବ। ସାକ୍ଷାତକାରଟି କାଦମ୍ବିନୀ ପତ୍ରିକାର ଜୁଲାଇ ୨୦୦୬ ସଂଖ୍ୟାରେ ପ୍ରକାଶ ପାଇଥିଲା। 'ସ୍ଥାବର ଜଙ୍ଗମ' ଉପନ୍ୟାସ ଯାହାର ପରବର୍ତ୍ତୀ ନୂତନ ସଂସ୍କରଣ ୨୦୨୨ (ପ୍ରଥମ ସଂସ୍କରଣ-୨୦୦୭ ଜୁଲାଇ)ରେ ପ୍ରକାଶ ପାଇଥିଲା। ପ୍ରକାଶକ -ବ୍ଲାକ୍ ଇଗଲ ବୁକ୍ସ : ଭୁବନେଶ୍ୱର, ଓଡ଼ିଶା, ଡବଲିନ୍, ଯୁକ୍ତରାଷ୍ଟ୍ର ଆମେରିକା।

ଉପନ୍ୟାସର ସୃଷ୍ଟି ସଂପର୍କରେ କଥାକାର କଇଳାଶ କୁହନ୍ତି, "ଗଳ୍ପ ଲେଖୁ ଲେଖୁ ଉପନ୍ୟାସର କଥା ଭାବିନଥିଲି, କାରଣ ଉପନ୍ୟାସ ଲେଖାର ଯେଉଁ ପ୍ରସ୍ତୁତି ଓ ଆତ୍ମବିଶ୍ୱାସ ତାହା ନିଜ ଭିତରେ ମୋର ନଥିଲା; ମାତ୍ର ହଠାତ୍ ୧୯୮୭ ମସିହା ନଭେମ୍ବର ୨ ତାରିଖ ରାତି ୧୧.୧୫ ମିନିଟ୍‌ରେ ନିଜ ଭିତରୁ ଏକ ପ୍ରେରଣା ଆସିଲା। ତାକୁ ଆପଣଙ୍କ ଭାଷାରେ 'ଉଦ୍‌ଭାସନ' କହିପାରନ୍ତି। ତେବେ ସେ ଉଦ୍‌ଭାସନାର ଏକ ଅଦ୍ଭୁତ ପୃଷ୍ଠଭୂମି ରହିବ। ଶାନ୍ତିନିକେତନରେ ସକାଳେ କ୍ଲାସ୍ ହୁଏ। ଶୀତଦିନେ ଆମେ ଖରାରେ ବସି ବାହାରେ କ୍ଲାସ୍ କରୁ। ଦିନେ ହୁଏତ ସେଇ ନଭେମ୍ବର ୧୧ ତାରିଖ ସକାଳେ ଏଠାକା 'ଉପାସନା ମନ୍ଦିର' ପାଖରେ ଖରାରେ ବସି କ୍ଲାସ୍ ନଉନଉ ଦେଖିଲି ଦି'ଟି ଚଢ଼େଇ ଖୁବ୍ ସ୍ୱାଭାବିକ ଭାବେ ଖେଳାବୁଲା କରୁଛନ୍ତି। ଦୃଶ୍ୟଟି ଖୁବ୍ ସାଧାରଣ, ମାତ୍ର ସେଇ ଅନୁକୂଳ ମୁହୂର୍ତ୍ତରେ ଦୃଶ୍ୟଟି ଅନୁପ୍ରେରଣା ହେଇ ମୋତେ ଉତ୍ସାହିତ କଲା ଓ ସୂତ୍ରପାତ ହେଲା 'ସ୍ଥାବର ଜଙ୍ଗମ'ର। ଯେ ତେଣୁ ଏକ ଦୀର୍ଘ ପରିକଳ୍ପନାର ଫଳଶ୍ରୁତି ନୁହେଁ, ଏକ ଅପ୍ରତ୍ୟାଶିତ ଉଦ୍‌ଭାସନ !"(ସ୍ଥାବର ଜଙ୍ଗମ, ପୃ୬୭) କଥାକାର କଇଳାଶଙ୍କ ଉକ୍ତିରୁ ସ୍ପଷ୍ଟ ହୁଏ ଯେ, ସେ ଭାବିବାକୁ ଭଲପାଆନ୍ତି। ଭାବନା ଜଗତ ଭିତରେ ଥାଏ ପ୍ରଶ୍ନ, ସୌନ୍ଦର୍ଯ୍ୟ ଅନେକ କିଛି। ଏଥିରୁ ହିଁ ବୁଝିବାକୁ ପଡ଼େ ବାସ୍ତବ ଜଗତକୁ। ସର୍ବଦା ଭାବନାରେ ମଗ୍ନ ଥିବା କଥାକାର କଇଳାଶ ଯଦିଓ ମଣିଷକୁ ଚରିତ୍ର ଭାବରେ ନେଇ ନାହାନ୍ତି, କିନ୍ତୁ ମଣିଷକୁ ଅନୁଧ୍ୟାନ ଓ ଅଧ୍ୟୟନ କରିଛନ୍ତି। ଜ୍ଞାନର ଗଭୀରତାରେ ମଣିଷର ଅନ୍ଧାରୀ ମନ ଭିତରେ ଲୁଚିରହିଥିବା ଅକୁହା କଥାକୁ ଭଲଭାବରେ ପଢ଼ିଛନ୍ତି। ମାନବେତର ଚରିତ୍ରମାନଙ୍କୁ ଉପନ୍ୟାସର ଭୂମି କରିନେଇଛନ୍ତି। ଏମାନଙ୍କ ମାଧ୍ୟମରେ ମଣିଷର କଥା କୁହାଇଛନ୍ତି। ଶାନ୍ତିନିକେତନ ହିଁ ପାଲଟିଛି ଏ କଥା କୁହାଇବା ପାଇଁ ସାମର୍ଥ୍ୟର ଭୂମି। ପ୍ରେରଣାର ଭୂମି ମଧ୍ୟ। ସେଥିପାଇଁ କଇଳାଶ କୁହନ୍ତି –

"ମଣିଷ ଭିତରେ କେତୋଟି ମୌଳିକ ସକାରାତ୍ମକ ଗୁଣର ବିକାଶ ପାଇଁ ମୁଁ ଆଗ୍ରହୀ। ଶାଳଗଛର ଚଳମାନତାର ଆଗ୍ରହ ହେଉ କି ଗଞ୍ଜାର ଗଭୀର ଆତ୍ମପ୍ରତ୍ୟୟ, କୋଚିଲାଖାଇ ଦମ୍ପତିଙ୍କ ପାରସ୍ପରିକ ପ୍ରୀତି ଓ ଦାୟିତ୍ୱବୋଧ ଭିତରେ ସେଇ ଗୁଣାବଳୀର ସୂତ୍ର ନିହିତ। ସ୍ଥିର ଭିତରେ ଚଳମାନତା ଶଗଡ଼ ଗୁଳାରୁ ବାହାରି ନୂଆ ରାସ୍ତା ତିଆରି କରିବାର ଅଭିପ୍ସା ହୁଏତ ଦେବ। ମାନବେତର ଜୀବମାନଙ୍କ

ଭିତରେ ଜୀବନବୋଧର ପରିଚିତ ଅଥଚ ଅପରିଚିତ କିଛିକଥା ହୁଏତ ମିଳିବ। ଏଥିପାଇଁ 'ପ୍ରଭାବ' କାହାରି କାମ କରିନାଇଁ, କରିଚି ଶାନ୍ତିନିକେତନର ଏ ସବୁର ପୃଥିବୀ ତ ତହିଁରେ ଚଳଚଂଚଳତାର ନିରୀକ୍ଷଣ।"(୨) (ସ୍ଥାବର ଜଙ୍ଗମ, ପୃ-୨୯)।

ମଣିଷର ଚିନ୍ତା-ଚେତନା କୌଣସି ନା କୌଣସି ସୂତ୍ରରେ ମାନବେତର ପ୍ରାଣୀର ଚିନ୍ତା ଚେତନା ସହ ସମନ୍ୱିତ। ମଣିଷ ଜୀବନର ବିବିଧ ସ୍ଥିତି, ଅନୁଭୂତି, ଭିନ୍ନ ଭିନ୍ନ ଦିଗ ସଂପର୍କରେ ତାଙ୍କର ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀ ରହିଛି। ଏବଂ ଏହି ଦୃଷ୍ଟିଭଙ୍ଗୀ ହିଁ ସ୍ଥାବର ଜଙ୍ଗମର ଆଦ୍ୟ ପ୍ରେରଣାର ଉତ୍ସ। ମଣିଷର ଜୀବନ ସ୍ଥାବର ଓ ଜଙ୍ଗମର ଭୂମି। ଗୋଟିଏ ପାର୍ଶ୍ୱରେ ସ୍ଥାୟୀତ୍ୱ ଅପର ପାର୍ଶ୍ୱରେ ଅସ୍ଥାବର ଅର୍ଥାତ୍ ଯାହା ଚଳମାନ। ସ୍ଥାୟୀତ୍ୱ ପୁରୁଷାନୁକ୍ରମେ ପ୍ରାପ୍ତ ସଂପଦ। ବିଚିତ୍ର ପ୍ରକୃତି ଓ ମାନବର ଜୀବନ ସ୍ଥାବରଜଙ୍ଗମର ଗୋଟିଏ ପ୍ରାରୂପ। ଏଠାରେ ସବୁ ସମୟରେ ସ୍ଥାୟୀ-ଅସ୍ଥାୟୀକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥାଏ। ଗୋଟିଏ ପଟେ ମଣିଷର ଜୀବନ ନୈରାଶ୍ୟ, ପ୍ରବଂଚନା ଏବଂ ନିର୍ଜନତାର ଭୂମି ଉପରେ ଦଣ୍ଡାୟମାନ। ଜୀବନରେ ଆମେ ସମସ୍ତେ ପରସ୍ପର ଠାରୁ ଅନେକ ଦୂରରେ। ସଂପୂର୍ଣ୍ଣ ଏକା। ସତେଯେମିତି ଏକ ନିର୍ଜନ ଦ୍ୱୀପରେ ଏକା ହୋଇ ମଣିଷ ଛିଡା ହୋଇଛି। ଆଗକୁ ପଛକୁ କେହି ନାହିଁ। ଉପରେ କେବଳ ରଂଗ ବଦଳୁଥିବା ଆକାଶ। ଅପରପଟେ ମଣିଷର ମୁକ୍ତି ପିପାସା। ଏ ବିଚିତ୍ର ସୃଷ୍ଟି ସ୍ଥାବରଜଂଗମର ଲୀଳା କ୍ଷେତ୍ର। ଏହା ପ୍ରକୃତିର ନିୟମ। ଏ ନିୟମକୁ ଲଂଘିବାର ସାଧ କାହାର ନାହିଁ। କିନ୍ତୁ ବେଳେବେଳେ ମଣିଷ ପାରିଲାପଣିଆ ଦେଖାଇ ଏହି ନିୟମ ବିରୋଧରେ ଯାଏ। ଏହା ମାନବ ମନର ଅହଂକାର।

ଗତାନୁଗତିକ ବିଧି ବ୍ୟବସ୍ଥାର ବିରୋଧରେ ଗଲାବେଳେ ସମୟେ ସମୟେ ମଣିଷ ଅସହାୟ ପାଲଟିଯାଏ। କି ବିଚିତ୍ର ଏ ଜୀବନ। ଏଠି ବଂଚି ବଂଚି ମଣିଷ ମରିପାରେ। ସମସ୍ତ ବ୍ୟବସ୍ଥାର ବଂଧନ ଭିତରେ ଥାଇ ମୁକ୍ତ ହୋଇପାରେ। ପୁଣି ମୁକ୍ତିର ବଂଧନହୀନତାରେ ଛଟପଟ ହୋଇ ନିରୁତ୍ତାପତାର ଆଶ୍ଲେଷ ଭିତରେ କ୍ଳାନ୍ତ ପାଲଟି ପୁଣି ଚାହେଁ ବଂଧନ। ସେଇ ବଂଧନ ଭିତରେ ବଂଚେ। ମଣିଷର ବଂଚିବାର ଏଇ ଆଶ୍ଚର୍ଯ୍ୟଜନକ ଦିଗଟି ଗଛଲତା (ସ୍ଥାବର) ପଶୁପକ୍ଷୀ (ଅବସ୍ଥାବର)ଙ୍କ ଭିତରେ ମଧ୍ୟ ବିଦ୍ୟମାନ। କଥାକାରଙ୍କ ବର୍ଣ୍ଣନାଟି ବେଶ୍ ହୃଦୟସ୍ପର୍ଶୀ।

"ବରଗଛ ଖୁସି ହେଲା। ତା'ର ଅନନ୍ତ ଅତୀତକୁ କାଉ ଯେମିତି ମୁହୂର୍ତ୍ତକେ ଉଦ୍‌ଭାସିତ କରିଦେଇଚି। ସତକଥା, ବର୍ତ୍ତମାନର ଏ ଦୃପ୍ତି, ଏ ତେଜ କ'ଣ ଆଗରୁ ଥିଲା ? ନିଜେ କେମିତି ଜନ୍ମିଲା ସେ ଅବଶ୍ୟ ଭୁଲି ଗଲାଣି। ତେବେ ଏତକ ମନେଅଛି ସେଇ ଅଙ୍କୁର ଉଦ୍‌ଗମ ସମୟରୁ ଅହରହ ସେ ଯୁଝିଚାଲିଛି। ଏ ଯୁଝିବା ଆରମ୍ଭ ହେଲା ଜଳରୁ। ହଁ, ଜଳ-ଜଳ ହିଁ ତାର ପ୍ରଥମ ଶତ୍ରୁ ହୋଇଛିଡା ହେଲା। ସେତେବେଳେ ସେ ଏଡିକି ବକଟେଗଛ। ସାମାନ୍ୟ ପବନରେ କାଣ୍ଡ ନହକି ଯାଉଥାଏ। ପତ୍ର ଦିଚାରିଟା ମେଲିଥାଏ। ସୂର୍ଯ୍ୟ ଉଠିଲେ। ଆଲୁଅ ହେଲା ଚଉଦିଗ। ଆଲୁଅ ଦେଖି ବରଗଛ ବଳ ପାଇଲା। ସଳଖି ହେଲା। ନିଜକୁ ଦମ୍ଭିଲା କରିବାକୁ ସାହସ ପାଇଲା। ପଟୁରେ ଚେର ଥାପିବା ଆରମ୍ଭ ଗଲା। ଅପରିଶତ ମାଟି। ଅନାକାଂକ୍ଷିତ ସ୍ଥିତି। ତା'ରି ଭିତରେ ନିଜକୁ ଦମ୍ଭିଲା କରିବାକୁ ସେ ଚେଷ୍ଟା କରିଚାଲିଲା। (ସ୍ଥାବର ଜଂଗମ, ପୃ-୧୫)

ସ୍ଥାବର ଜଂଗମ ଉପନ୍ୟାସ ଭିତରେ କଥାକାର କଇଳାଶ ଜୀବନର ଗୋଟିଏ ଗୋଟିଏ ମୁହୂର୍ତ୍ତକୁ ଧରି ରଖିଛନ୍ତି। ଉପନ୍ୟାସରେ ଅନୁଭବର ବିଭିନ୍ନତାର ଏକକତ୍ୱ ଫୁଟି ଉଠିଛି। ଏଇ ଅନୁଭବର ଭିନ୍ନତା ସୀମାହୀନ। ପ୍ରେମ, ବିରହ, ହିଂସା, ବିଦ୍ରୋହ ସବୁ ଏଥିରେ ରୂପ ପାଇଥାଏ। କାରଣ ଏସବୁ ଉପାଦାନ ହିଁ ଜୀବନର ପୂର୍ଣ୍ଣତାର ହେତୁ। ତେଣୁ କଥାକାର କଇଳାଶ ଜୀବନକୁ ଭଲ ପାଆନ୍ତି। ଜୀବନର ପୂର୍ଣ୍ଣତା, ଭିନ୍ନତା ଓ ଗଭୀରତାକୁ ନିଜର କରନ୍ତି। ସେଇ ବିଭିନ୍ନତା ଭିତରୁ ଗୋଟିଏ ଗୋଟିଏ ମୁହୂର୍ତ୍ତ, ଘଟଣା, ଚରିତ୍ରର ଗୋଟିଏ ଦିଗକୁ ପ୍ରକାଶ କରି ତାହାରି ଜରିଆରେ ଜୀବନର ରହସ୍ୟ ଓ ବିରାଟତା ଉପରେ ସୂଚନା ପ୍ରଦାନ କରନ୍ତି। କଇଳାଶ ମଧ୍ୟ ବରଗଛର ସଂଘର୍ଷ ଭିତରେ କୁହନ୍ତି -

"ସେଇ ତୀବ୍ର ସ୍ରୋତରୁ ବଂଚେଇ ନିଜକୁ ପୁନର୍ବାର ସ୍ଥାପିତ କରିପାରିଥିବାର ସଫଳତା ତା' ଭିତରେ ଯଥେଷ୍ଟ ଅଭିଜ୍ଞତା ଭରିଦେଲା। ଅଭିଜ୍ଞତା ଜନ୍ମ ଦେଲା ଆତ୍ମବିଶ୍ୱାସ। ଆତ୍ମବିଶ୍ୱାସରୁ ଆସିଲା ସାହସ। ସାହସ ଦେଲା ବୃଦ୍ଧି। କ୍ଷୀଣବପୁ ବାସ୍ତୁହରା ବରଗଛଟି ଧୀରେ ଧୀରେ ନିଜର ସ୍ଥିତି ସୁଦୃଢ଼ କଲା। ନିଜକୁ ସେ ଅଂଚଳ ଓ ପରିବେଶ ସଂଗେ ପରିଚିତ କଲା। ପ୍ରତିଷ୍ଠିତ କଲା। ଡାଳପତ୍ର ମେଲିଲା। ତା'ର ଫଳ ହେଲା। ଓହଳ ଆସିଲା। ଓହଳ ମାଟି ଛୁଇଁଲା। ସେ ହେଲା ପ୍ରବୀଣ।"(ସ୍ଥାବରଜଙ୍ଗମ, ପୃ-୧୬)

ଏଇ ପ୍ରସଙ୍ଗରେ ସୁରେନ୍ଦ୍ର ମହାନ୍ତିଙ୍କର ଜୀବନ ସଂପର୍କରେ ଏକ ଟିପ୍‌ପଣୀ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ସୁରେନ୍ଦ୍ରଙ୍କ ମତରେ, "ତେବେ ମୁଁ ଭାବେ, ଜୀବନ ହେଉଛି ନିତ୍ୟନୂତନ ଅଭିଜ୍ଞତା, ନୂଆ ନୂଆ ଅନୁଭୂତି ଆହରଣ କରିବା ପାଇଁ ଗୋଟିଏ ସୁଯୋଗ ଗୋଟିଏ ଅବକାଶ।"

ସୁରେନ୍ଦ୍ରଙ୍କ ଏ କଥାଟିରୁ ସ୍ପଷ୍ଟ ହୁଏ ଯେ, ପ୍ରତ୍ୟେକ କଥାକାର ପାଇଁ ଉପନ୍ୟାସ ହେଉଛି ଏକ ମାନବିକ ଅନୁଭବ। ଯାହା ଅନେକ ସଂପର୍କ ସ୍ଥାପନ କରିବାର ସଫଳ ହୋଇଥାଏ। ତେଣୁ ପ୍ରତ୍ୟେକ ସର୍ଜନଶୀଳ ସ୍ରଷ୍ଟା ଜୀବନକୁ ଭଲପାଆନ୍ତି। ଜୀବନକୁ ହସଲୁହ ଦେଇ ସହି ଥାଆନ୍ତି। ସାରା ଜୀବନକୁ ଗ୍ରହଣ କରି ତାର ଉହଡହ ସଂଗ୍ରାମ ଭିତରୁ ଜୀବନକୁ ଖୋଜି ପାଇବା ଯେତେ ନୁହେଁ, ତାଠାରୁ ବେଶୀ ବଂଚି ରହିବାର ପ୍ରଚେଷ୍ଟା। ଯେଉଁ ପ୍ରଚେଷ୍ଟା ଉପନ୍ୟାସରେ ବରଗଛ ପାଖରୁ ଶିଖିବାକୁ ମିଳେ। ବରଗଛ କାଉକୁ କହୁଛି -

"ତମେ ପକ୍ଷୀମାନେ ଯେତିକି ସାହାସୀ ହବାକଥା, ସମସ୍ତେ

କ'ଣ ସେମିତି ହେଇଚନ୍ତି ? ତୁମ କାଉମାନଙ୍କ ପରି ସେ କ୍ଷମତାକୁ କିଏ ବା ଠିକ୍ ଠିକ୍ ଉପଯୋଗ କରୁଛି ? ମୁଁ ତ ସେଇଥିଲାଗି ତମର ପ୍ରଶଂସା କଲି। ମୁଁ ଜାଣେ ମୋର ପ୍ରଶଂସା ଅପାତ୍ରୋଚିତ ନୁହେଁ। ସେଇମାନଙ୍କୁ ଦେଖିଲେ ତ ମୋତେ ଖୁସିଲାଗେ। ଯେଉଁମାନେ ମୋରି ପରି ଜୀବନରେ ଯୁଝିବା ଶିଖିଛନ୍ତି ସେଇମାନଙ୍କର ଯୁଦ୍ଧ ଦେଖି ମୋର ଅତୀତ ମନେପଡେ। ଅତୀତ ଶିଖାଇ ଦେଇଚି ମତେ, ଯେ ଧାରାବାହିକ ଯୁଝିଶିଖିଚି ସେ ଅବଶ୍ୟ ବିଜୟୀ ହେବ। (ସ୍ଥାବରଜଙ୍ଗମ, ପୃ-୧୭)

ବରଗଛର ସଂଗ୍ରାମ ପରି ଶାଳଗଛ ମଧ ବଂଚିବା ପାଇଁ ସଂଗ୍ରାମ କରୁଛି। ଯୁଆନ୍ ଶାଳଗଛ ଭାବେ "ଦଶ ପନ୍ଦରଟା ଖରାକୁ ହାର୍ ମନେଇଛି, କିନ୍ତୁ ଚାଲିପାରୁନାହିଁ। ଏମିତି କେତେ ଦିନ ଆକାଶ ଦେଖୁଥିବି, ମାଟି ଦେଖୁଥିବି ଆଉ ବିସ୍ତାରିତ ହଉଥିବି ଟିକେ ଟିକେ ଗତିମାନେ ତ ଏତିକି। ନିଧଡକ ଚାଲିବା ପାଇଁ? ଧିକ୍ ଏ ଉଭିଦ ଜୀବନ !(ସ୍ଥାବରଜଙ୍ଗମ, ପୃ-୧)ଶାଳକୁ ବୁଝାଇ ଶାଗୁଆନ୍ କହେ, "ଏଇଦିନୁ ଏମିତି ଭାଂଗି ପଡୁଛୁ ? ହଇରେ ଆମର ଜୀବନ ଗଢ଼ାତ ଏଇମିତି। ମାଟି ଦେଖିବା, ଆକାଶ ଦେଖିବା, ଡାଳପତ୍ର ମେଲିଥିବା ଅଂଶ ପର୍ଯ୍ୟନ୍ତ ଅଂଚଳର ଖବର ପାଇବା। ବଡ ହ, ଡାଳ ମେଲା, ପତ୍ର ଗହଳା, ଚେର ମୁକୁଳା, ଆହୁରି ଜାଣିବୁ, ଆହୁରି ବଡ ହବୁ, ଆହୁରି ବପୁମାନ ହବୁ। ଆହୁରି ଜାଣିବୁ। ଯେଉଁମାନେ ଦୌଡ଼ି ବୁଲୁଛନ୍ତି, ପଚାରିବୁ କେବେ ମାଟି ଭିତରଟା କେମିତି, ଆମ ପରି ସେ ଜାଣନ୍ତି କି ?ଆରେ, ସମସ୍ତେ ସବୁକଥା ଜାଣି ପାରନ୍ତି ନାହିଁ।"(ପୃ-୦୬)

ଶାଳଗଛ, ବରଗଛମାନେ ଆକାଶଚୁମ୍ବୀ ହେବାର ଅଭିପ୍ସା ରଖି ଦିଗଦିଗନ୍ତକୁ ବାହୁ ମେଲାଇ ମାଟି ଭିତରେ ଚେର ଲମ୍ବାଇ ସ୍ଥିତିକୁ ଦୃଢ଼ କରିରଖନ୍ତି। କିନ୍ତୁ ଏମାନେ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଯାଇପାରନ୍ତି ନାହିଁ। କିନ୍ତୁ ନିଜ ପାଖରେ ଅନେକ ପଶୁପକ୍ଷୀ (ଶାଗୁଣା, କାଉ, ମାଈ ମାଙ୍କଡ଼) ଓ କୀଟପତଙ୍ଗଙ୍କୁ ଆଶ୍ରୟ ଦିଅନ୍ତି। ଏହା ତାଙ୍କର ମହାନତା, ମାତ୍ର ଗୋଟିଏ ଚଳମାନତା ସେମାନଙ୍କ ପାଇଁ ସ୍ୱପ୍ନ। ଶାଳ ଶାଗୁଆନ, ବରଗଛ, ଏକଥାକୁ ଭଲଭାବରେ ବୁଝି ଏହାରି ଭିତରେ ବଂଚିଛନ୍ତି। ସ୍ଥାବର ଏଇ ଗଛଲତା ଭିତରେ ଅସ୍ଥାବର ପଶୁପକ୍ଷୀ ମାଙ୍କଡ଼, ଗଂଜା, କାଉ, ପିମ୍ପୁଡ଼ି, କୋଚିଲାଖାଇ, ଶାଗୁଣା ଭଳି ଅନେକ ପ୍ରଜାତିର ଜୀବଜନ୍ତୁ ଆଶ୍ରିତ ହୋଇଛନ୍ତି। କଥାକାରଙ୍କ ବର୍ଣ୍ଣନାରୁ ଏହା ସୁସ୍ପଷ୍ଟ।

"ବରଗଛର ପ୍ରପିତାମହତୁଲ୍ୟ ରୂପ ଓ ସ୍ନେହ ଆଦର କାଉଟିକୁ ଆପଣେଇ ନେଲା। କାଉଟି ବରଡାଳର ପତ୍ରଗହଳ ଉଷୁମରେ ଆହୁରି ଘନିଷ୍ଠ, ନିବିଡ଼ ହୋଇଗଲା।" (ପୃ.-୧୭)

ସ୍ଥାଣୁତା ଓ ଚଳମାନତାକୁ ନେଇ ଶାଗୁଆନ ଆଉ ଶାଳ ମନରେ ଅନେକ ପ୍ରଶ୍ନ।

"ଦିନେ ପଚାରିଥିଲା ଶାଗୁଆନକୁ, କହତ, ତୁ ବି ମୋ ପରି ଦେଖୁଚୁ ଜନ୍ମବେଳୁ ଏ ଆଲୋକ ପିଣ୍ଡ ? ମୁଁ ? ନା ତ ! ଶାଗୁଆନ କଉତୁକିଆ ଉତ୍ତର ଦେଲା ।

ଯେ ଆଲୁଅର ଗୋଟେ ପ୍ରକାର ଖେଳ ହୋଇଥିବ। ହଁ ଖେଳ ଯେମିତି ଖେଳନ୍ତି ମାଙ୍କଡ଼ ପଲ ତା ଦେହରେ ।

ମାନେ ଗୋଟିଏ ଜାଗାରୁ ଆଉ ଠାଏ .... ମାନେ ଗତି .... ଆଲୋକପିଣ୍ଡ ବି ପୂର୍ବରୁ ପଶ୍ଚିମକୁ ..... ମାନେ ସେ ବି ଗତିଶୀଳ।"(ପୃ.୨୪,୨୫)

କଇଳାଶଙ୍କ ସ୍ଥାବର ଜଙ୍ଗମ ଉପନ୍ୟାସ ଜୀବନକୁ ବ୍ୟାପକ ଭାବରେ ଚିହ୍ନାଇ ଦିଏ। ଜୀବନର ମଂଜିକୁ ଆମ ଆଗରେ ସୂଚିତ କରାଏ। କାହାଣୀ ନୁହେଁ ଅନୁଭବର ଭାବଟା ମୁଖ୍ୟ ହୋଇଯାଏ। କଥାକାର କଇଳାଶ ସେଇ ଜୀବନ ଘରେ ଜଳୁଥିବା ଭାବ ରୂପକ ଛୋଟ ଲଣ୍ଠନଟିକୁ ଖୋଜନ୍ତି। ନିଜେ ଦେଖି ପାଠକମାନଙ୍କୁ ଦେଖାଇ ଦିଅନ୍ତି। ଯେତେ ଦୟନୀୟ ସ୍ଥିତି, ବ୍ୟର୍ଥତା, ବିଷାଦ ଗଂଜାର ଚାରିପାଖରେ କୁଣ୍ଡଳି ବାନ୍ଧିଲେ ବି, ସକାଳର ନରମ ଆଲୁଅର ସ୍ୱପ୍ନ ତା' ସମ୍ମୁଖରେ ବିଦ୍ୟମାନ। ପୃଥିବୀକୁ ଛାଡି ଚିର ବିଦାୟ ନେବା ତା' ପକ୍ଷେ ସମ୍ଭବ ନୁହେଁ। ଜୀବନଯନ୍ତ୍ରଣା ବଢ଼ି ବଢ଼ି ଶେଷ ସୀମାରେ ଯାଇ ପହଞ୍ଚିଲେ ମଧ ତା' ଉପରକୁ କ'ଣ ଆଉ କିଛି ନାହିଁ। ସେଇଠାରେ କ'ଣ ଜୀବନର ପୂର୍ଣ୍ଣଚ୍ଛେଦ ଟାଣି ଦେବାକୁ ଆମେ ବାଧ ? ସ୍ଥାବର ଜଙ୍ଗମର ଗଂଜା ଚରିତ୍ରର ଭାବନାରୁ ଏହାର ଚମତ୍କାର ଉତ୍ତର ପାଠକଟିଏ ପାଇପାରିବ "ଗଣ୍ଡି ଉପରେ ଠିଆହୋଇ ଛତୁ ଖୁମ୍ପିବାର ଚେଷ୍ଟାରୁ ଗଂଜା ଭିତରେ ଏଇ ଭାବାନ୍ତର ହଉଥିଲା। ସେ ଯେ କେତେବେଳ ଯାଏଁ ମନମାରି ବସିଛି ସେ ବି ଜାଣେ ନାଇଁ।

ନିଜର ବିକଳାଙ୍ଗତ୍ୱ ତାକୁ ଅସହାୟ କରିଦଉଥିଲା, ସେ ଗଭୀର ଭାବେ ବୁଡି ଯାଇଥିଲା ତା ନିଜ ଭିତରେ ।

ବିପଦ କୋଉ ରୂପରେ ତା ଚାରିପଟେ କେଉଁଠି ଅଛି କେଜାଣି ! ବିପଦ, ମୁଁ କ'ଣ ଡରୁଚି ମରିଯିବାକୁ ? ଏମିତି ବଂଚିରହିବା ଠଉଁ ତ ମରିଯିବା ଭଲ। ନା ଦୌଡ଼ି ହବ ନା ଚାଲିହବ ନା ଖାଇହବ। ଏ କଣ କୁକୁଡ଼ାର ଜୀବନ ! ଏ ଜୀବନର ଲାଭ କ'ଣ – ଆସୁ ବିପଦ, କରୁ କେହି ଆକ୍ରମଣ । ଜୀବନ ଭାରି ହୋଇଯାଇଛି ମୋ ଲାଗି। ମୁଁ ମରିବାକୁ ଚାହେଁ, ମରିବାକୁ। ଗଂଜର ସେ ଦୟନୀୟ ସ୍ଥିତ କୌଣସି ବି ବିପଦକୁ ଆକୃଷ୍ଟ କରିପାରିଲାନି । ଗଂଜା ବଂଚି ରହିଲା।

ମରିଯିବାଟା ତ ବଡ ସହଜ ବଂଚିବାରେ ସିନା ଅଛି ବାହାଦୁରି। ମୁଁ ଯେମିତି ହୁଏନା କାହିଁକି, ଭାଂଗିଯାଇଥାଉ ବେକ ଗୋଡ .... ମତେ ବଂଚିବାକୁ ହେବ। ନ ବଂଚିଲେ ଜୀବନ ମୋ ଠୁ ଦୂରେଇ ଯିବ।

ଗଂଜା ବଂଚିବାର ପଣ କଲା।" (ପୃ.-୫୧-୫୨)

ମାଇ ମାଙ୍କଡ଼ର ଅସହାୟତା, ଚିନ୍ତା, ଚେତନା, ଅତୀତ୍, ବର୍ତ୍ତମାନ ଏବଂ ସ୍ମୃତି ଓ ଅନୁଭୂତିରେ ହନୁ ପ୍ରତି ଆପଣାର ଭାବଟି ଜଡ଼ିତ ହୋଇରହିଥିଲା। ନିଜ ଚେତନାର କୋଣ, ଅନୁକୋଣରେ ହନୁର ଅସ୍ତିତ୍ୱକୁ ସେ ଉପଲବ୍ଧି କରୁଥିଲା। ହନୁର ଅସ୍ତିତ୍ୱ ସତେଯେମିତି ମାଇ ମାଙ୍କଡ଼ର ମନରେ ହନୁ ପ୍ରତି ଥିବା ଦୁର୍ବଳତାକୁ ପ୍ରକା କରୁଥିଲା। ଏହି ପ୍ରସଙ୍ଗକୁ କଥାକାର କଇଳାଶ ଅତିସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି।

"ମାଇମାଙ୍କଡ଼କୁ ଘାରୁଥିଲା ଗୋଛାଏ ପ୍ରଶ୍ନ -ରାତିର ଅଂଧାର, ବନଭୂଇଁର ବିଜନତା, ପ୍ରିୟଜନଙ୍କ ଅଭାବ, ବିପଦର ଆଶଙ୍କାକୁ ବହୁଗୁଣିତ କରୁଥିବାବେଳେ ମାଇ ମାଙ୍କଡ଼ ଅଭିମାନରେ ଫାଟି ପଡୁଥିଲା। ହନୁର ଭାବ ତାକୁ ଆଘାତ ଦେଇଥିଲା। ତା' ପ୍ରତି ଯେ ହନୁର ଅବହେଳା ବୋଲି ଭାବି ନେଇଥିଲା ମାଇ ମାଙ୍କଡ଼। ଅଭିମାନ ବଢ଼ିଯାଇଥିଲା ସେଇଠୁ। ସେ ଅଭିମାନ ହନୁକୁ ଲମ୍ପଟ, ବୀଟ କରି ସଜେଇଥିଲା।

ରାତିର ଅଂଧାର ତାକୁ ଆଶଙ୍କିତ କରିଥିଲା, ଅରଣ୍ୟ ମନେ ହେଇଥିଲା ନିଷ୍ପ୍ରାଣ, ସେ ପ୍ରଥମଥର ଲାଗି ବିଚଳନ ଅନୁଭବ କରିଥିଲା। ହନୁ ତା'ର ମନେପଡିଥିଲା ବେଶୀବେଶୀ।" (ପୃଷ୍ଠା.୫୨)

ଜୀବନକୁ ପ୍ରକାଶ କରିବାର ନୂଆ ପ୍ରଚେଷ୍ଟାର ଅନ୍ୱେଷା। ଉପନ୍ୟାସକୁ ଅଯଥା ବର୍ଣ୍ଣନାକୁ ମୁକ୍ତ କରି ସୂଚନାଧର୍ମୀ କରିବାର ପ୍ରୟାସ। କଇଳାଶ ଏପରି କରିବାରେ ଅନେକଟା ସଫଳ ହୋଇଛନ୍ତି। ଉପନ୍ୟାସକୁ କାହାଣୀଧର୍ମୀତାର ଗଡଡାଳିକା ପ୍ରବାହରୁ ମୁକ୍ତ କରି, ମାନବ ଚରିତ୍ର ଶାରୀରିକ ସ୍ଥିତିକୁ ଅସ୍ୱୀକାରକରି ଆବେଗକୁ ପ୍ରକାଶ କରିବା ପାଇଁ ଚେଷ୍ଟା କରିଛନ୍ତି। ସତେଯେମିତି ସ୍ଥାବର ଜଂଗମର ପ୍ରତ୍ୟେକ କ୍ଷେତ୍ରର ଅନୁଭବ ଜୀବନର ବାହ୍ୟତାରୁ ଦୂରେଇଯାଇ ଜୀବନର ଆବେଗକୁ ପ୍ରକାଶ କରିବାକୁ ମନ ଭିତରକୁ ପ୍ରବେଶ କରିବାକୁ ଚାହିଁଛନ୍ତି, କଇଳାଶଙ୍କ ହାତରେ ଉପନ୍ୟାସଟି ହୋଇଛି ଅନ୍ତର୍ମୁଖୀ।

ପରିବେଶ ଓ ବାତାବରଣ ମଧ୍ୟ ଅନ୍ତର୍ମୁଖୀ ଆବେଗ ପାଇଁ ବେଳେବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ଏ ଦୁଇଟିଯାକ ବିଭବ ସତେଯେପରି ଉପନ୍ୟାସର ଆତ୍ମା ସହ ସଂପୃକ୍ତ ହୋଇଯାଇଛନ୍ତି। ଏଇ ସଂପୃକ୍ତି ଜନିତ ଅବବୋଧ ଜୀବନକୁ ଅର୍ଥମୟ କରିବା ସଂଗେସଂଗେ ଚେତନାକୁ ଋଦ୍ଧିମନ୍ତ କରିଥାଏ। ସୁଖ ଆଉ ଅର୍ଥମୟତାର ସନ୍ଧାନ କରୁକରୁ ଜୀବନରେ ବହୁ ପ୍ରକାର ଦୁଃଖକୁ ସାମ୍ନା କରିବାକୁ ପଡ଼େ। ଉପନ୍ୟାସର ଚରିତ୍ର ଗଛ,ପଶୁପକ୍ଷୀ, ଏମାନଙ୍କ ଭାବାବେଗ ସହ ମାନବୀୟ ଭାବାବେଗର ଯୋଡଣ ସଂପର୍କର ଚିରନ୍ତନତାକୁ ସୂଚାଉଛି।

ଖାଦ୍ୟ, ବାସସ୍ଥାନ ସହିତ ପାରିବାରିକ ସଂପର୍କର ଅତୁଟ ବନ୍ଧନ ଭିତରେ ମଣିଷ ବଂଚେ। ମଣିଷ ଜୀବନଧାରାର ଏଇ ଦିଗଟି ମାନବେତର ଚରିତ୍ର ମାଇମାଙ୍କଡ଼ ଓ ସ୍ତ୍ରୀ କୋଚିଲାଖାଇର ଚାରିତ୍ରିକ ବୈଶିଷ୍ଟ୍ୟ ଭିତରେ ଦର୍ଶାଇ ଦିଆଯାଇଛି। ଜଙ୍ଗଲ ଭିତରେ ଶାଳଗଛ ପଚାରିଥିବା ପ୍ରଶ୍ନର ଉତ୍ତର ଦେଉଦେଉ ହନୁ ଓ ସାଥୀମାନଙ୍କୁ ହରାଇ ଦେଇଛି। ହନୁକୁ ହରାଇ ଅସହାୟ ହୋଇପଡ଼ିଛି। ତଥାପି ସେ ଆତ୍ମବିଶ୍ୱାସର ସହ ବଂଚିଛି। ଛୁଆର ମୁହଁକୁ ଯାଇ ସବୁ ଦୁଃଖ ଭୁଲିଯାଇଛି। ମାଇ ମାଙ୍କଡ଼ ଭଲଭାବରେ ବୁଝିଛି ଗତି ହିଁ ଜୀବନ। ସ୍ରୋତ ହିଁ ଜୀବନ। ସ୍ଥିର ପୋଖରୀର ଶାନ୍ତି ମୋର ଦରକାର ନାହିଁ। ଅପରିଚିତ ଅରଣ୍ୟ ଭିତରେ ସେ ଅଣନିଃଶ୍ୱାସୀ ହୋଇପଡୁଥିଲେ ମଧ୍ୟ ପୁଣିଥରେ ନୂଆକରି ଜୀବନକୁ ଦେଖିବାର ଶପଥ ନେଉଛି। ମାଇ ମାଙ୍କଡ଼ ପାଇଁ ଜୀବନ କେବଳ ଶାନ୍ତି, ସନ୍ତୋଷ ଓ ଆନନ୍ଦର ଗନ୍ତାଘର ନୁହେଁ। ସମସ୍ତ ବୈପରୀତ୍ୟ, ବିରୋଧିତା ଏବଂ ସଂପଦ-ବିପଦର ଏକ ମିଶ୍ରିତ ପ୍ରବାହ ହିଁ ଜୀବନ। ଜୀବନଟା ଗୋଟାଏ ନଦୀ। ଯେଉଁଥିରେ ଭଉଁରୀ ଅଛି, ଘୂର୍ଣ୍ଣିଅଛି, କେଉଁଠି ବାଙ୍କ, କେଉଁଠି ଜଳପ୍ରପାତ, କେଉଁଠି ବା ସ୍ରୋତସ୍ୱତୀ। ବୋହିଯାଉଛି କୁଳୁକୁଳୁ ନାଳରେ ଆଦିଗନ୍ତ। ସବୁଥିରେ ମଜା ଅଛି, ଆନନ୍ଦ ଅଛି। ମାଇମାଙ୍କଡ଼ର ଦୃଢ଼ ଆତ୍ମବିଶ୍ୱାସ ଅଛି। ଦିନେ ନା ଦିନେ ସେ, ପରିବାରକୁ ଭେଟିବ। କଥାକାର କଇଳାଶ ଜୀବନକୁ କୌଣସି ଏକ ନିର୍ଦ୍ଦିଷ୍ଟ ଦିଗ୍‌ବଳୟ ତଳେ ବାନ୍ଧି ରଖିବାକୁ ଭଲପାଆନ୍ତି ନାହିଁ, ସଂଘର୍ଷକୁ "ସାମ୍ନା କରିବା ଏବଂ ଆତ୍ମବିଶ୍ୱାସ ମଧ୍ୟରେ ଆନନ୍ଦକୁ ଖୋଜିବା ଏ ତତ୍ତ୍ୱରେ ସେ ବିଶ୍ୱାସୀ" ମାଇମାଙ୍କଡ଼ ଆନନ୍ଦ ଖୋଜିଛି ମାତୃହୃଦୟର ଅବ୍ୟକ୍ତ ବେଦନା ମଧ୍ୟରେ। ସେଥିପାଇଁ ସେ କେଚିଲାଖାଇର କଅଁଳିଆ ଛୁଆ ଯୋଡ଼ିକୁ ଆଘାତ ଦେଇ ପାରିନି। ମାଇମାଙ୍କଡ଼ ଓ କେଚିଲାଖାଇର ଦୃଷ୍ଟିରେ ପ୍ରତ୍ୟେକ ପିତାମାତା ପାଇଁ ପୁଅଝିଅ ଆଶା-ବିଶ୍ୱାସ ଓ ଭରସାର ସୁଦୃଢ଼ ସେତୁଟିଏ। ଏଇ ସେତୁ ମଣିଷର ଆତ୍ମପ୍ରତ୍ୟୟକୁ ବଢ଼ାଇଦିଏ। ଏଇ ଆତ୍ମବିଶ୍ୱାସ ନଥିଲେ ଗଂଜା ସହିତ ମାଇ କୁକୁଡ଼ା ସ୍ୱଇଚ୍ଛାରେ ବୁଲିନଥାନ୍ତା। ହୋଇପାରେ ବୁଲିବା ସମୟର କୋକିଶିଆଳିର ଆକ୍ରମଣକୁ ସାମ୍ନା କରିବାକୁ ପଡ଼ିଛି। କିନ୍ତୁ ଆତ୍ମବିଶ୍ୱାସ ଏମାନଙ୍କୁ ସଳଖ କରି ଠିଆ କରାଇଛି। ତେଣୁ ଏ ଘଟଣା ଆମକୁ ଶିଖାଉଛି ଯେ, ଜୀବନର ବାସ୍ତବତା ସହ ମୁହାଁମୁହିଁ ଯୁଝିବାକୁ ହେବ, ଗୋଟାକ ପରେ ଗୋଟାଏ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରିଯିବାର ସାହସ, କୌଶଳ, ଦକ୍ଷତା, ଯୋଗ୍ୟତା ଅର୍ଜନ କରିବାକୁ ହେବ। ସେଥିରେ ଜୀବନର ସାର୍ଥକତା, ତୃପ୍ତି ଓ ଆନନ୍ଦ। ଜୀବନ ସଂପର୍କରେ ଏହାହିଁ କଇଳାଶଙ୍କ ଦୃଷ୍ଟିଭଂଗୀ।

ସ୍ଥାବର ଜଙ୍ଗମ ମାନବେତର ଚରିତ୍ରଧର୍ମୀ ଓଡ଼ିଆ ଉପନ୍ୟାସ। ଗଛଲତା , ବଣପାହାଡ଼, ଘାଟିବଣ, ଶିଉଳି ଶାମୁକା ପଶୁପକ୍ଷୀର କଥାରେ ଉପନ୍ୟାସଟି ସମୃଦ୍ଧ। ଏମାନେ ମଣିଷ ଭଳି କଥା କହି

ପାରୁନଥିଲେ ମଧ୍ୟ ମାନବୀୟ ଭାବାବେଗରେ ପରିପୂର୍ଣ୍ଣ। କିଏ ଚଳମାନ ତ କିଏ ଅଚଳମାନ। କିନ୍ତୁ ଏମାନେ ପରସ୍ପରକୁ ବୁଝିବାକୁ ସମର୍ଥ ହୋଇଛନ୍ତି। ପ୍ରକୃତିର ନିୟମକୁ ଯଥାବିଧି ସମ୍ମାନ ପ୍ରଦର୍ଶନ ପୂର୍ବକ ସ୍ୱଜୀବନ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଛନ୍ତି।

ମାନବେତର ଚରିତ୍ରମାନଙ୍କ ମଧ୍ୟରେ ମଣିଷ ଜୀବନର ବିଚିତ୍ର ଜଗତର ରୂପରେଖକୁ ବିନ୍ୟାସ କରିବାରେ ଜଣେ କୁଶଳୀ କଳାକାର ହେଲେ କଥାକାର କଇଳାଶ ପଟ୍ଟନାୟକ। ସ୍ଥାବରଜଙ୍ଗମରେ ବିଭିନ୍ନ ସମସ୍ୟା, ବୌଦ୍ଧିକତା ସହିତ ଆବେଗ, ଉତ୍କଣ୍ଠା, ଆତ୍ମବିଶ୍ୱାସ, ବିଶ୍ଳେଷଣର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହେଲେ ମଧ୍ୟ ମଣିଷ ଜୀବନର କାରୁଣ୍ୟଭରା ସୂକ୍ଷ୍ମାନୁଭୂତି ସହିତ ସଂପର୍କାନ୍ୱିତ। ଉପନ୍ୟାସର କଥନଭଂଗୀ ମପାଚୁପା କଳାତ୍ମକ, ତେଣୁ ଆକର୍ଷଣୀୟ। ମାନବେତର ଚରିତ୍ରମାନଙ୍କୁ ନେଇ ଘଟିଯାଉଥିବା ଘଟଣା ଗୁଡ଼ିକର ଉପସ୍ଥାପନ ପଦ୍ଧତି କୌଶଳଯୁକ୍ତ। ନୂତନ, କାବ୍ୟିକ ଓ ରସସିକ୍ତ। ପ୍ରତ୍ୟେକ ପ୍ରସଙ୍ଗର ପୃଷ୍ଠପଟରେ ମନୁଷ୍ୟ ପ୍ରତି ସହାନୁଭୂତି। ମହା ସଂଘର୍ଷମୟ ଜୀବନ ପ୍ରତି ରହିଛି ଦରଦଭିଜା ସମବେଦନା।

କଥାକାର କଇଳାଶ ମାନବ ଜୀବନର ରୂପକାର। ବିବିଧ ସମସ୍ୟାର ସମୀକ୍ଷକ। ମାନବେତର ହେତୁ ମଧ୍ୟ ପ୍ରତ୍ୟେକ ଚରିତ୍ର ଭାବନା ସର୍ବସ୍ୱ। ଆଗେଇ ଚାଲିବାରେ ସେମାନେ ବିଶ୍ୱାସୀ। 'ସ୍ଥାବରଜଙ୍ଗମ' ଜୀବନରେ ଘଟିଯାଇଥିବା ଘଟଣାର ଅନ୍ତରାଳରେ ଲୁଚି ରହିଥିବା ଗୋଟିଏ ଗୋଟିଏ ଅନୁଭୂତି। ଆବେଗଭରା କରୁଣ କାହାଣୀ। ସେ କାହାଣୀ ମନର, ମନତଳର, ସ୍ୱପ୍ନାବିଷ୍ଟ- ସ୍ୱପ୍ନ ପରାହତ, ସୁଖ-ବିଷାଦ ଜର୍ଜରିତ ମଣିଷର। କଇଳାଶଙ୍କ ସ୍ଥାବରଜଙ୍ଗମ ମନର କଥା ଓ ମାନବିକତାର କଥା ବେଶୀକହେ। ଘଟଣା ଓ କାହାଣୀର ଅନ୍ତରାଳରେ ଲୁଚି ରହିଥିବା ଅନ୍ତର୍ଜଗତକୁ ଖୁବ୍ ଅନୁଶୀଳନ କରେ। ସେ ଜୀବନର ଗଭୀରତାକୁ ଯେତିକି ବିଶ୍ଳେଷଣ କରିଛନ୍ତି ଜୀବନର ଉଜ୍ଜ୍ୱଳ ସମ୍ଭାବନାକୁ ସେତିକି ଖୋଜି ପାଇବାରେ ସମର୍ଥ ହୋଇଛନ୍ତି। ତାଙ୍କ ଦୃଷ୍ଟିରେ ଜୀବନ ଅବୁଝା ହେଲେ ବି ଆକର୍ଷଣୀୟ ଓ ସୁନ୍ଦର।

ଜୀବନ ସଂଗ୍ରାମରେ ପଥଭ୍ରଷ୍ଟ ହୋଇ ଯାଇଥିବା ମନୁଷ୍ୟକୁ ସଠିକ୍ ମାର୍ଗରେ ଆଗେଇ ନେବାପାଇଁ ଏକ ସକାରାତ୍ମକ ମନୋବୃତ୍ତିକୁ ସାଥିରେ ଧରି, ଅଭିନବ ରୀତିରେ ମାନବେତର ଚରିତ୍ର ମାଧ୍ୟମରେ କଇଳାଶ ସଫଳ ଉପନ୍ୟାସଟିଏ ଆମକୁ ଭେଟି ଦେଇଛନ୍ତି।

❖❖❖

# ମହିମାଧର୍ମର ମୌଳିକତା



ISSN-2583-6978
Volume-4
Issue-10
OCTOBER-2024

**ଡକ୍ଟର ହିମାଦ୍ରି ତନୟା ମିଶ୍ର**

**ସହଯୋଗୀ ଗବେଷିକା**
**ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ,**
**ସର୍ଦ୍ଦାର ପଟେଲ ହଲ କମ୍ପ୍ଲେକ୍ସ, ଭୁବନେଶ୍ୱର**

ମହିମାଧର୍ମର ପୂରା ନାମ 'ସତ୍ୟ ମହିମା ଅଲେଖ ଧର୍ମ' । 'ମହିମା' ଓଡ଼ିଆ ଶବ୍ଦ 'ମହିମ' ଶବ୍ଦରୁ ଆସିଅଛି । ଏହି ଧର୍ମ ଏକ ମୌଳିକ ବିଚାର ବହନ କରୁଥିବା ଏକ ସାଂସ୍କୃତିକ ସଂସ୍ଥାପନ ଉପରେ ଅଧିକ ଗୁରୁତ୍ୱ ଦେଇ ଆସିଛି । ମହିମାଧର୍ମ ଓଡ଼ିଆ ମାଟିର ଏକାନ୍ତ ନିଜସ୍ୱ ଏକ ଅଦ୍ୱୈତ ସାମାଜିକ ଧର୍ମଧାରା । ଶାକ୍ତ, ଶୈବ, ବୈଷ୍ଣବ ପ୍ରଭୃତି ପ୍ରାଚୀନତମ ଧର୍ମ ସର୍ବଭାରତୀୟ ସ୍ତରରେ ବିକଶିତ ହୋଇ ଓଡ଼ିଶାରେ ପ୍ରସାର ଲାଭ କରିଥିଲା । ମାତ୍ର ମହିମାଧର୍ମ ଆମ ଓଡ଼ିଶାର ପୁଣ୍ୟ ମାଟିରେ ଆବିର୍ଭାବ ହୋଇ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାର, ଆସାମ ପ୍ରଭୃତି ରାଜ୍ୟକୁ ପରିବ୍ୟାପ୍ତ ହୋଇଥିଲା ।

**ମହିମାଧର୍ମର ଅଭ୍ୟୁଦୟ**

ମହିମାଧର୍ମର ସଂସ୍ଥାପକ ଓ ପ୍ରଚାରକ ହେଉଛନ୍ତି ମହିମା ସ୍ୱାମୀ। ଊନବିଂଶ ଶତାବ୍ଦୀରେ ଧୂଳିଆବାବା ଓଡ଼ିଶାରେ ଦେଖା ଦେଇଥିଲେ। ମହିମା ଧର୍ମର ମୂଳଆଧାର 'ନିରାକାର ବାଦ' ଅଥବା 'ଶୂନ୍ୟ ପୁରୁଷ' ଉପରେ ଆଧାରିତ । ଏହା ବ୍ରାହ୍ମଣ ପ୍ରାଧାନ୍ୟ ମୂର୍ତ୍ତି ପୂଜାର ଘୋର ବିରୋଧୀ । ଏଥିରେ ଓଡ଼ିଶାର ମୌଳିକ ଆରାଧନା ସୂର୍ଯ୍ୟପୂଜା 'ଅଲେଖ' ଭାବରେ ସାଙ୍କେତିକ ରୂପରେ ପୂଜିତ । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶା ଆଧାତ୍ମିକ ଅବକ୍ଷୟର ଗ୍ଲାନିରେ ପରାଭୂତ ଥିଲା । ଗୌଡ଼ୀୟ ବୈଷ୍ଣବମାନଙ୍କର ପ୍ରେମଧର୍ମର ପ୍ରଚାର ଫଳରେ ସମାଜର ଆଧାତ୍ମିକ ଦିଗଟି ପ୍ରଦୂଷିତ ହୋଇ ସୁସ୍ଥ ସାମାଜିକ ଜୀବନକୁ ଦୁର୍ବିସହ କରି ଦେଇଥିଲା । ଠିକ୍ ଏହା ପରେ  ପରେ ହିନ୍ଦୁଧର୍ମ ସଂସ୍କାର ଉପରେ ଆରମ୍ଭ ହେଲା ଖ୍ରୀଷ୍ଟିୟାନ ମିଶନାରୀମାନଙ୍କର ତାଡ଼ନା । ହିନ୍ଦୁମାନଙ୍କୁ ଉଚ୍ଚ ପଦପଦବୀର ଲୋଭ ଦେଖାଇ ବହୁ ହିନ୍ଦୁମାନଙ୍କୁ ଖ୍ରୀଷ୍ଟଧର୍ମ ଗ୍ରହଣ ଉଦ୍ଦେଶ୍ୟରେ ପ୍ରବର୍ତ୍ତାଇ ଥିଲେ । ସେହି ସମୟରେ ବ୍ରାହ୍ମଣମାନଙ୍କ ଅତ୍ୟାଚାର ମଧ୍ୟ ବୋଝ ଉପରେ ନଳିତା ବିଡ଼ା ସଦୃଶ ଲୋକମାଙ୍କର ଜୀବନକୁ ଅସନ୍ତୁଳନ ଦିଗ ଆଡ଼କୁ ନେଇଯାଇଥିଲା । ରାଜା ଓ ଜମିଦାରମାନେ ବ୍ରାହ୍ମଣମାନଙ୍କୁ ଏପରି କାର୍ଯ୍ୟପାଇଁ ପ୍ରଶୟ ଦେଇଥିଲେ । ଫଳରେ ଅବହେଳିତ ଗୋଷ୍ଠୀମାନଙ୍କୁ ସମସ୍ତ ପ୍ରକାର ଆଧାତ୍ମିକ କର୍ମରୁ ନିବୃତ କରି ଦେଇଥିଲେ । ସବର୍ଣ୍ଣମାନଙ୍କ ଏହି ହୀନ ବିଚାରଧାରାକୁ ଉଚିତ୍ ମାର୍ଗରେ ଆଣିବା ପାଇଁ ଓ ସନାତନ ହିନ୍ଦୁଧର୍ମର ମୌଳିକତାକୁ ପ୍ରତିଷ୍ଠା ଦେବା ପାଇଁ ସତ୍ୟ ମାର୍ଗ ମହିମାଧର୍ମର ସୃଷ୍ଟି ହେଲା । ଏଥିରେ ବୌଦ୍ଧଧର୍ମ ଓ ଜୈନଧର୍ମର ବେଦ ବିରୋଧୀ ସ୍ୱର ଯୁଗ ସ୍ରଷ୍ଟା ଲେଲିନ୍‌ଙ୍କର ସଂଗ୍ରାମୀ ସାହସ ଓ ସନାତନ ଆର୍ଯ୍ୟଧର୍ମର ସକଳ ଜୀବନକୁ ଭାତୃ ବନ୍ଧନରେ ବାନ୍ଧି ଦେବାର ଅହେତୁକ ଆତ୍ମୀୟତା ସାମିଲ ଥିଲା । ଅନ୍ଧ ପରମ୍ପରାକୁ ବିରୋଧ କରିବାରେ ବିପ୍ଳବ ମହିମାଧର୍ମର ମୁଖ୍ୟ ଉଦ୍ଦେଶ୍ୟ ଓ ଅନ୍ତଃସ୍ୱର ଗୁଞ୍ଜରିତ ହୋଇଥିଲା ସାରା ଓଡ଼ିଶାବାସୀଙ୍କ ପାଇଁ ।

**ମହିମାସ୍ୱାମୀଙ୍କ ମାହାତ୍ମ୍ୟ**

ଓଡ଼ିଆଭାଷା ଓ ସାହିତ୍ୟର ଗୌରବ ଭକ୍ତକବି ସନ୍ଥକବି ଭୀମଭୋଇଙ୍କ ରଚିତ 'ସ୍ତୁତି ଚିନ୍ତାମଣି', ଶ୍ୟାମଘନ ଦାସଙ୍କ ରଚିତ 'ଅଲେଖ ଲୀଳା', ମହିମା ସାଧୁବ୍ରହ୍ମ ଅବଧୂତ ବିଶ୍ୱନାଥ ବାବାଙ୍କ 'ସତ୍ୟ ମହିମାଧର୍ମର ଇତିହାସ' ଗ୍ରନ୍ଥରୁ ଓଡ଼ିଶାରେ ମହିମା ସ୍ୱାମୀଙ୍କ ଆବିର୍ଭାବ ଓ ମହିମାଧର୍ମର ପ୍ରଚାର ପ୍ରସାର ସମ୍ପର୍କରେ ଅନେକ ତଥ୍ୟ

ମିଳିଥାଏ । ବିଶ୍ୱନାଥ ବାବାଙ୍କ 'ସତ୍ୟ ମହିମାଧର୍ମ'ର ସ୍ଥାପନାର୍ଥେ ଜଗତ୍‌ଗୁରୁ ପ୍ରବୁଦ୍ଧ ନାରାୟଣ ମହିମା ସ୍ୱାମୀ ପ୍ରଥମେ ଦିଲ୍ଲୀଶ୍ୱରାବ୍ଦ ଖ୍ରୀଷ୍ଟୀୟ ୧୮୨୬ରେ ପୁରୀ ବଡ଼ଦାଣ୍ଡରେ ଧୂଳିଆବାବା ଭାବରେ ପରିଚୟ ପାଇଥିଲେ । ମହିମାଧର୍ମର ଅନ୍ୟ ସାଧୁମାନେ ତଥା ବିଶ୍ୱନାଥ ବାବା ତାଙ୍କୁ ଅଯୋନିସମ୍ଭୁତ ସ୍ୱୟଂ ବ୍ରହ୍ମମୂର୍ତ୍ତି ଭାବରେ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ସେହି ପୂଜ୍ୟଗୁରୁଙ୍କୁ ଅନାଦି, ଅନନ୍ତ, ସାକ୍ଷାତ ନିରଞ୍ଜନ ପୁରୁଷ ଭାବରେ ପ୍ରମାଣ କରିବାରେ ସକ୍ଷମ ହୋଇ ପାରିଥିଲେ । ବ୍ରହ୍ମ ଅବଧୂତ ବିଶ୍ୱନାଥ ବାବା ଏହି ଯେଉଁ ଇତିହାସ ରଚନା କରିଛନ୍ତି ଏହା ଲୋକମୁଖରେ ପ୍ରଚଳିତ କଥିତ କାହାଣୀ ଉପରେ ରହିଥିଲେ ମଧ୍ୟ ସେ କେତେକ ପ୍ରଥମ ପନ୍ଥୀ ସାଧୁମାନଙ୍କଠାରୁ ସେମାନଙ୍କ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ସଂଗ୍ରହ କରିଛନ୍ତି। ତାଙ୍କ ରଚିତ 'ସତ୍ୟ ମହିମା ଧର୍ମର ଇତିହାସ' ଗ୍ରନ୍ଥରୁ ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି । ଏହି କଥାକୁ ଅନୁଶୀଳନ ପୂର୍ବକ ନେଲେ ମହିମା ସ୍ୱାମୀଙ୍କୁ ଉତ୍ତର ଭାରତ ଆଗତ ଅବଧୂତ ପନ୍ଥୀ ନାଗା ସାଧୁ କୁହାଯାଇପାରେ । ସତ୍ୟ ମହିମା ଧର୍ମର ଇତିହାସ ଅନୁଯାୟୀ ଭୁବନେଶ୍ୱରର ଖଣ୍ଡଗିରି, ଉଦୟଗିରି ଓ ଧଉଳିଗିରି ଆଦି ଗୁମ୍ଫାମାନଙ୍କରେ ବାରବର୍ଷ କାଳ ଆତ୍ମଯୋଗ ସମାଧିରେ ରହି ମହିମା ସ୍ୱାମୀ ଢେଙ୍କାନାଳର କପିଳାସ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ସେ କୁମ୍ଭୀବୃକ୍ଷ ବକ୍‌କଳ ବାନା ପିନ୍ଧି ଏକବିଂଶ ଦିନ ଅନନ୍ତ ଶଯ୍ୟାରେ ଆତ୍ମ ସମାଧିରେ ରହି ବାରବର୍ଷ ଫଳମୂଳ ଓ ଶେଷ ବାରବର୍ଷ କ୍ଷୀରଆହାର କରି କାଳଯାପନ କରିଥିଲେ । ତତ୍‌କାଳୀନ ଢେଙ୍କାନାଳର ରାଜା ଭାଗିରଥି ଭ୍ରମରବର ବାହାଦୂର, ସ୍ୱାମୀଙ୍କ ମହିମାରେ ଦୀକ୍ଷିତ ହୋଇଥିଲେ ସେ ସମୟରେ ଗୋବିନ୍ଦ ବାବା ଅବଧୂତାଶ୍ରମରେ ପରିଚିତ ଥିଲେ । ଭୀମଭୋଇ ମଧ୍ୟ ମହିମା ଧର୍ମ ସଦୃଶ କରି ଦିବ୍ୟଦୃଷ୍ଟି ଲାଭ କରିଥିବା କଥା 'ସତ୍ୟ ମହିମା ଧର୍ମ ଇତିହାସ' ପୁସ୍ତକରେ ବର୍ଣ୍ଣନା ରହିଛି ।

୧୮୬୩ ଖ୍ରୀଷ୍ଟାବ୍ଦରେ ମହିମାସ୍ୱାମୀ ପ୍ରଥମେ ପରିବ୍ରାଜକ ଜୀବନ ଆରମ୍ଭ କରଥିଲେ । ମୃତକୁ ଜୀବନଦାନ, ଅନ୍ଧକୁ ଚକ୍ଷୁଦାନ, ଶୂନ୍ୟରେ ଗମନ, ନୈଶ ଆକାଶରେ ଏକାଧିକ ସୂର୍ଯ୍ୟଙ୍କ ସୃଷ୍ଟି, ବନ୍ୟାଜଳ ଅପସାରଣ, ବନ୍ଧ୍ୟା ଗାଈ ଠାରୁ ଦୁଗ୍ଧ ଦୋହନ, ରୋଗୀର ରୋଗହରଣ ଆଦି ଅଲୌକିକ କାର୍ଯ୍ୟ ଦ୍ୱାରା ଜନମାନସରେ ଆଦୃତ ହୋଇଯାଇଥିଲେ । ସବୁଠାରୁ ବଡ଼ କଥା ଥିଲା କି ମହିମା ଧର୍ମର ସରଳ ଉପଦେଶାତ୍ମକ କଥା କେଇପଦରେ ଆକୃଷ୍ଟ ହୋଇ ସହସ୍ର ସଂଖ୍ୟାରେ ସାଧାରଣ ଲୋକମାନେ ମହିମାଧର୍ମ ଗ୍ରହଣ କରିଥିଲେ। ଏହା ପରେ ଓଡ଼ିଶାର ଅନେକ ସ୍ଥାନରେ ମହିମା ସଂପ୍ରଦାୟର ଧ୍ୱନୀ ମନ୍ଦିର ପ୍ରତିଷ୍ଠା ହେଲା । ସମ୍ବଲପୁର ଜିଲ୍ଲାରେ ଏହା ପ୍ରଚାର ପ୍ରସାର ବିଶେଷ ହୋଇପାରିଥିଲା, ଯାହାର ପ୍ରମାଣ ୧୮୮୧ ମସିହାରେ ପ୍ରକାଶିତ 'ଉତ୍କଳ ଦୀପିକା' ପତ୍ରିକାରେ ଉଲ୍ଲେଖ ରହିଛି । ମହିମାପନ୍ଥୀମାନେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଆଚାର ନିଷ୍ଠତାକୁ ଗୁରୁତ୍ୱ ଦେଲେ । ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟାତ୍ୟାଗ କରିବା । ପ୍ରାତଃ କାଳରେ ସ୍ନାନ କାର୍ଯ୍ୟ ସମାପନ କରିବା । ପ୍ରାତଃ ଓ ସାନ୍ଧ୍ୟ ସମୟରେ ପୂର୍ବ ଓ ପଶ୍ଚିମମୁଖ ହୋଇ ବ୍ରହ୍ମ ସ୍ମରଣ ପୂର୍ବକ ଅଲେଖସ୍ୱାମୀଙ୍କ ଶରଣ ଯିବା । ରାତିରେ ଭୋଜନ ଗ୍ରହଣ ନ କରିବା ଓ ମହିମା ସ୍ୱାମୀ / ମହାପ୍ରଭୁଙ୍କୁ ନିଜର ଇହକାଳ ଓ ପରକାଳର ଗତିମୁକ୍ତି ଦାତା ରୂପେ ଗ୍ରହଣ କରିବା ମହିମା ଧର୍ମର ନୀତିଶିକ୍ଷା ସମାଜକୁ ଶୃଙ୍ଖଳିତ ଧାରାରେ ନେବାର ପ୍ରଚେଷ୍ଟା ରହିଥିଲା ।

**ମହିମାଧର୍ମର ଉପାସନା**

ମହିମା ଧର୍ମରେ ସନ୍ନ୍ୟାସୀ ଓ ଗୃହୀମାନଙ୍କ ପାଇଁ ସ୍ୱତନ୍ତ୍ର ଆଚରଣମାନ ମଧ୍ୟ ରହିଛି । ପର, ଅପର ଓ ବୈରାଗୀ ତିନୋଟି ଭାଗରେ ଏମାନଙ୍କୁ ଗ୍ରହଣ କରାଯାଇଛି । ଯଦିଓ ସନ୍ନ୍ୟାସ ଜୀବନ ଦେଶର ଆଧାତ୍ମିକ ଜୀବନର ପ୍ରକୃତ ପରିଚାୟକ ତଥାପି ଗୃହସ୍ଥାଶ୍ରମରେ ସୁଖଶାନ୍ତି ସ୍ଥାପନ କରିବା ପ୍ରତ୍ୟେକ ଧର୍ମପ୍ରାଣ ମନୀଷୀ ମାନଙ୍କର ଉଦ୍ଦେଶ୍ୟ ରହିଥିଲା ସ୍ପଷ୍ଟ ଅନୁମିତ ହୁଏ । ପ୍ରତ୍ୟେକ ଗୃହସ୍ଥ ସାଧୁସନ୍ଥଙ୍କ ସେବା କରିବେ, ଅତିଥିମାନଙ୍କୁ ଉପଯୁକ୍ତ ସମ୍ମାନ ଦେବେ, ପତିପତ୍ନୀ କେବଳ ବଂଶ ରକ୍ଷା ନିମନ୍ତେ ଋତୁ ଅନୁସାରେ ମିଳିତ ହେବେ, ଦିବସରେ ରତି ଓ ରାତ୍ରିରେ ଭୋଜନ ଦୁଇଟିକୁ ବର୍ଜନ କରିବେ, ଋତୁମତୀ ନାରୀ ପାକାଦିରେ ଭାଗ ନେବେ ନାହିଁ, ମୃତକାଦି ଅଶୌଚ ଅବସ୍ଥାରେ ଗୃହୀମୁକ୍ତ ବ୍ରହ୍ମଶରଣରୁ ବଞ୍ଚିତ ରହି ସକାଳେ ସନ୍ଧ୍ୟାରେ କେବଳ ପ୍ରଭୁଙ୍କୁ ସ୍ମରଣେ କରିବେ, ସତ୍ୟ ଧର୍ମ ଓ ନ୍ୟାୟ ପଥରେ ରହିବେ, ଜ୍ଞାତିକୁଟୁମ୍ବଙ୍କ ବିୟୋଗରେ ଶୋକାଭିଭୁତ ହେବେ ନାହିଁ ଆଦିର ଉପଦେଶ ମଧ୍ୟ ରହିଛି । ମହିମା ଧର୍ମରେ ଅଖଣ୍ଡ ଅଦ୍ୱିତୀୟ ବ୍ରହ୍ମଙ୍କର ଉପାସନା କରାଯାଏ । ସଚ୍ଚିଦାନନ୍ଦମୟ ନିର୍ଗୁଣ ନିରହଙ୍କାର ନିରଞ୍ଜାନ ସ୍ୱରୂପ ବ୍ରହ୍ମ ହିଁ ମହିମା ଧର୍ମର ପ୍ରଧାନ ଉପାସ୍ୟ । ତେଣୁ ନିଷ୍କାମ ଭକ୍ତି ହିଁ ମହିମା ଧର୍ମରୁ ସର୍ବଶ୍ରେଷ୍ଠ ଅବଲମ୍ବନ । ମହିମା ଧର୍ମରେ ଶୂନ୍ୟରୁ ସକଳ ଜଗତର ସୃଷ୍ଟି ସମ୍ଭବ ହୋଇଥିବାର ବିଶ୍ୱାସ କରାଯାଏ । ଏହି ଶୂନ୍ୟ ଆକାଶ ବାଚକ । ବିଶେଷ ଶକ୍ତି ବିଶିଷ୍ଟ ତମଃ ପ୍ରଧାନ ଅଜ୍ଞାନ ଆବୃତ୍ତ ଚୈତନ୍ୟରୁ ଆକାଶ, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ ଓ ଜଳରୁ ପୃଥିବୀ ଉତ୍ପନ୍ନ ହୋଇଥାଏ । ଏହି ପଞ୍ଚମହାଭୂତ ସହ ମନ, ବୁଦ୍ଧି ଓ ଅହଂକାରର ସମ୍ମିଶ୍ରଣ ହେବା ଫଳରେ ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୋଇଛି । ପୃଥବୀରୁ ତୃଣଲତା ସମ୍ଭବ ହେବା ଭଳି ମହିମାଙ୍କ ଅପାର କରୁଣାରୁ ଏ ବିଶାଳ ସୃଷ୍ଟି ସମ୍ଭବ ହୋଇଛି । ବିଗତ

ଦିନମାନଙ୍କରେ ଆର୍ଯ୍ୟ ଓ ଆର୍ଯ୍ୟେତର ସଂସ୍କୃତିର ସମ୍ମେଳନ ଫଳରେ ପ୍ରତୀକବାଦୀ ଉପାସନା ଆର୍ଯ୍ୟଧର୍ମକୁ ପ୍ରଭାବିତ ହେବା ଫଳରେ ପୌତ୍ତଳିକା ସହିତ ପୌରୋହିତ୍ୟର ଉଦ୍ଭବ ଘଟିଥିଲା । ମାତ୍ର ଏସବୁକୁ ମହିମାଧର୍ମ ବିରୋଧ କରିଆସିଛି ସତ ଈଶ୍ୱରଙ୍କୁ ସାରା ସଂସାରର ସୃଷ୍ଟିକର୍ତ୍ତା ଭାବରେ ଦୃଢ଼ୋକ୍ତି ପ୍ରକାଶ କରିଛି । ମହିମା ଧର୍ମରେ କର୍ମ, ଜ୍ଞାନ ଓ ଭକ୍ତିର ଏହି ତିନୋଟି ତତ୍ତ୍ୱ ମଧ୍ୟରେ ସମନ୍ୱୟ ସ୍ଥାପନା କରାଯାଇଛି । କର୍ମ ବିହୀନ ଜ୍ଞାନ ଜ୍ଞାନ ନୁହେଁ ଓ ଜ୍ଞାନହୀନ ଭକ୍ତି ପଶୁ ଆଚରଣ ସହିତ ସମାନ । ନିଷ୍କାମ ଭାବ ହିଁ ନିଷ୍କାମ କର୍ମ, ନିଷ୍କାମ ଜ୍ଞାନ ଓ ନିଷ୍କାମ ଭକ୍ତିର ଅଧିକାରୀ କରାଇଥାଏ । 'ମୁଁ' ତତ୍ତ୍ୱ ଭାବ ମଣିଷକୁ ଏହି ନିଷ୍କାମ କର୍ମରୁ ବଞ୍ଚିତ କରିଦିଏ । ମହିମା ଧର୍ମରେ ମହିମାସ୍ୱାମୀ ହିଁ ଗୁରୁ ପଦବାଚ୍ୟ । ବସୁଧୈବ କୁଟୁମ୍ବକମ୍ ନୀତିରେ ସମଗ୍ର ବିଶ୍ୱକୁ ନିଜର ମନେକରି ବିଶ୍ୱବାସୀଙ୍କ ମଙ୍ଗଳ କାମନା ନିମିତ୍ତ ସକଳ ଆକାଂକ୍ଷାକୁ ତ୍ୟାଗ କରିବା ମହିମା ଧର୍ମର ବିଶେଷତ୍ୱ ରହିଛି ।

**ସାହିତ୍ୟରେ ମହିମାଧର୍ମ**

ପ୍ରତ୍ୟେକ ଧର୍ମର ପ୍ରଚାର ପ୍ରସାର ସାହିତ୍ୟ ମାଧ୍ୟମରେ ହିଁ ବିଶେଷ ଭାବରେ ହୋଇଥାଏ । ଧର୍ମ ସର୍ବଦା ଦୁଇଟି ଦିଗରେ ନିଜର ମତାମତ ପ୍ରଚାର କରିଥାଏ । ବ୍ୟାବହାରିକ ଦିଗ ମାଧ୍ୟମରେ ସମାଜରେ ସାଧାରଣ ପ୍ରବେଶ କରିଥାଏ, ଧର୍ମର ବୈଶିଷ୍ଟ୍ୟ । ରୀତି, ନୀତି, ଆଚାର, ବ୍ୟବହାର ଦ୍ୱାରା ଲୋକ ମୁଗ୍ଧ ହୋଇ ସେହି ଧର୍ମ ଆଡ଼କୁ ଆକୃଷ୍ଟ ହୋଇଥାନ୍ତି । ଦାର୍ଶନିକ ଦିଗରେ ଧର୍ମର ତତ୍ତ୍ୱ ନିହିତ ରହିଥାଏ । ଉଭୟର ସାମ୍ୟରେ ହିଁ ଧର୍ମର ଉଦ୍ଦେଶ୍ୟ ଲୋକଲୋଚନକୁ ଆସିଥାଏ ଯେଉଁଠି ସାହିତ୍ୟର ଆବଶ୍ୟକତା ପଡ଼ିଥାଏ । ଦୁଇଟି ଦିଗକୁ ଧ୍ୟାନରେ ରଖି ସୁନ୍ଦର ଏକ ସେତୁ ସାହିତ୍ୟ ନିର୍ମାଣ କରିଥାଏ । ସମସ୍ତଙ୍କ ନିକଟରେ ବୋଧଗମ୍ୟ ହେବା ଭଳି ଧର୍ମ ସାଧନର ମହତ ଲକ୍ଷ୍ୟକୁ ବିଶ୍ୱଦରବାରରେ ପହଞ୍ଚାଇ ଦେଇଥାଏ । ଏହା ଅନେକ ଉଦାହରଣ ରହିଛି । ବୁଦ୍ଧ, ମହାବୀର, ଯୀଶୁ, ମହମ୍ମଦ, ଚୈତନ୍ୟ କି ମହିମା ସ୍ୱାମୀ ପ୍ରଭୃତି ଅନେକ ଧର୍ମପ୍ରଚାରକମାନେ ନିଜେ କୌଣସି ସାହିତ୍ୟ ଗ୍ରନ୍ଥ ରଚନା କରି ନିଜ ଧର୍ମ ପ୍ରଚାର କରିଯାଇନାହାନ୍ତି । ସେମାନଙ୍କ ଦ୍ୱାରା ପ୍ରଚାରିତ ଧର୍ମଭିତ୍ତିକ ଉପଦେଶକୁ ପରବର୍ତ୍ତୀ କାଳରେ ସ୍ୱର, ପିଟକ, ବାଇବେଲ, କୋରାନ ପ୍ରଭୃତି ଆକାରରେ ସଙ୍କଳିତ କରାଯାଇଛି । ଅନେକ ସାହିତ୍ୟିକ ସେମାନଙ୍କ ଉପଦେଶକୁ ହୃଦୟଙ୍ଗମ କରି ନିଜର କଳାତ୍ମକ ଦୃଷ୍ଟିକୋଣ ନେଇ ରୂପ ଦେଇଛନ୍ତି । ଭୀମଭୋଇଙ୍କ ରଚିତ ମହିମା ସାହିତ୍ୟକୁ ଆଲୋଚନା କଲେ ସହଜରେ ବୁଝାଯାଇପାରିବ । ଜାତିରେ କନ୍ଧ ପୁଣି ଜନ୍ମରୁ ଅନ୍ଧ ତଥାପି ସେ ଥିଲେ ଦିବ୍ୟଦ୍ରଷ୍ଟା । ନିଜର ଦିବ୍ୟଦୃଷ୍ଟି ବଳରେ ସେ ଯେଉଁ ମହିମାମୟ ଜଗତ ଈଶ୍ୱରଙ୍କୁ ଦେଖିପାରିଛନ୍ତି ତାହା କ'ଣ ଏତେ ସହଜ କଥା ? ନା କଦାପି ସମ୍ଭବ ନୁହେଁ । ପ୍ରଭୁଙ୍କ କୃପାରୁ ତାଙ୍କର ଆତ୍ମଜ୍ଞାନ ପ୍ରାପ୍ତ ହୋଇଛି । ଆତ୍ମଜ୍ଞାନୀ ସାଧୁ ଆପଣଙ୍କୁ ଚିହ୍ନିବା ପରି ଜଗତକୁ ଚିହ୍ନିବାକୁ ଚେଷ୍ଟା କରେ ଓ ଈଶ୍ୱରଙ୍କ ଉପସ୍ଥିତିକୁ ବୁଝିଥାଏ । କବି ଲେଖୁଛନ୍ତି;

**"କାହିଁ ମୁଁ ଲୁଚିବି କେମନ୍ତ ବଞ୍ଚିବି**
**ପଳାଇବି କେଉଁ ପଥେ**
**ଜଗତ କଷଣ କେତେ ମୁଁ ସହିବି**
**ବିପତ୍ତି ପଡ଼ିବ ଯେତେ ।**
**ମୋର ପିଣ୍ଡପ୍ରାଣ ଦେଇଅଛି ଦାନ**
**ଅଲେଖ ପୁରୁଷ ପାଦେ**
**ଶ୍ରୀ ଛାମୁରେ ମୁହିଁ ବ୍ରହ୍ମାଣ୍ଡର ପାଇଁ**
**ଜଣାଣ କରୁଛି ଏବେ ।"**

ଭୀମଭୋଇଙ୍କ ସମସାମୟିକ କବି ଭାବରେ ଭକ୍ତକବି ଜୟକୃଷ୍ଣ ମହିମା ଧର୍ମାବଲମ୍ବୀ ଭକ୍ତମାନଙ୍କ ନିକଟରେ ବେଶ୍ ପରିଚିତ ଅଟନ୍ତି । ଖଞ୍ଜଣିର ତାଳେତାଳେ ତାଙ୍କ ରଚିତ 'ଜୟକୃଷ୍ଣ ଭଜନ' ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ ଅତ୍ୟନ୍ତ ମନମୁଗ୍ଧକର ଗୀତଗୁଡ଼ିକ ଗାନ ସମୟରେ ସାକ୍ଷାତ ଈଶ୍ୱରଙ୍କ ସାନ୍ନିଧ ମିଳିବା ପରି ଅନୁଭବ ଆସିଥାଏ । ଓଡ଼ିଶାର ଅର୍ଦ୍ଧଶିକ୍ଷିତ ସମାଜର ନିମ୍ନ ସ୍ତରର ଲୋକ କିପରି ଆପଣାର ସରଳ ସହଜ ରଚନା ଚାତୁରୀ ଦ୍ୱାରା ଭାଷାର କରୁଣ ପ୍ରାଣଟିକୁ ରଖିପାରିଥିଲେ ମନରେ ଜାଣିବାର ଉତ୍କଣ୍ଠା ବଢ଼ିଯାଇଥାଏ । ସେହିପରି ବିଶ୍ୱନାଥ ବାବା ଏକାଧାରାରେ କବି ଓ ତାତ୍ତ୍ୱିକ । ମହିମାଧର୍ମ ଓ ଦର୍ଶନ ତତ୍ତ୍ୱକୁ ବ୍ୟାଖ୍ୟା କରିବା ପାଇଁ ସେ ଯେପରି 'ସତ୍ୟ ମହିମା ଧର୍ମ ପ୍ରତିପାଦକ', 'ସତ୍ୟ ମହିମା ଧର୍ମର ଇତିହାସ', 'ସତ୍ୟ ମହିମା ଧର୍ମ ତତ୍ତ୍ୱ ସାର', 'ସତ୍ୟ ମହିମା ଧର୍ମ ପ୍ରଦୀପ', 'ସତ୍ୟ ମହିମା ଧର୍ମ ସଚେତ ବାଣୀ', 'ସତ୍ୟ ମହିମା ଧର୍ମ ସ୍ୱରୂପ', 'ଅଲେଖ ପରବ୍ରହ୍ମ ଦର୍ଶନମ୍' ପ୍ରଭୃତି ମହିମା ଧର୍ମର ବ୍ୟାପକତାକୁ ପ୍ରତିଷ୍ଠା ମଧ୍ୟ ଦେଇପାରିବ । ମହିମାଧର୍ମର ଏକ ଉଚ୍ଚକୋଟୀର ସମାଲୋଚନା ସାହିତ୍ୟ ଭାବରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ରଚିତ ଗ୍ରନ୍ଥ 'ଓଡ଼ିଶାରେ ମହିମା ଧର୍ମ' ଗ୍ରନ୍ଥଟି ସ୍ମରଣକୁ ଆସେ । ଯେଉଁଥିରେ ମହିମା ଧର୍ମ ଉପରେ ବହୁ ଲୁକ୍କାୟିତ ତଥ୍ୟର ପ୍ରକାଶ ହୋଇଛି । ଏହା ବ୍ୟତୀତ ପଦ୍ମଶ୍ରୀ ଡକ୍ଟର ଲକ୍ଷ୍ମୀନାରାୟଣ ସାହୁଙ୍କ ରଚିତ 'ମହିମା ଧର୍ମର ସଂକ୍ଷିପ୍ତ ସାରକଥା' ଓ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ରଚିତ 'ଭକ୍ତକବି ଭୀମଭୋଇ' ଗ୍ରନ୍ଥ ଓଡ଼ିଆ ମହିମା ସାହିତ୍ୟ ଓ ଓଡ଼ିଶାରେ ମହିମା ଧର୍ମର ବ୍ୟାପକତାକୁ ପ୍ରକାଶ କରିଅଛି । ଏହା ବ୍ୟତୀତ ମହିମା ଧର୍ମର ପ୍ରଚାର ପ୍ରସାର ପାଇଁ କିଛି ଓଡ଼ିଆ ପତ୍ରପତ୍ରିକା

ମଧ୍ୟ ସୃଷ୍ଟି ହୋଇଥିଲା । ୧୯୩୫ ସାଲରେ ପ୍ରଥମ କରି ମହିମା ଧର୍ମ ପ୍ରସାର ଉଦ୍ଦେଶ୍ୟରେ 'ସତ୍ୟଧର୍ମ' ପତ୍ରିକାଟି ପ୍ରକାଶ ପାଇଥିଲା। ଏଥିରେ ମହିମା ଧର୍ମର ମୂଳ କଥା- ଜାତି ବିଚାର, ମଣିଷର ଧର୍ମାଚରଣ, ପରମ ଦେବତାର ପୂଜା, ସାଧୁମାନଙ୍କ ପରିଚୟ, ବିଭିନ୍ନ ଗ୍ରାମର ସାଧୁ ସମ୍ମିଳନୀ ଓ ବାଲ୍ୟଜୀବନର ବିବରଣୀ ପ୍ରକାଶ ପାଉଥିଲା। ଏହାର ପରବର୍ତ୍ତୀ ସମୟରେ 'ଅଲେଖ' ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ ପାଇଥିଲା । ୧୯୪୦ ଖ୍ରୀଷ୍ଟାବ୍ଦରେ ଗଞ୍ଜାମର ଖଡ଼ସିଙ୍ଗରୁ 'ମହିମା' ନାମକ ଏକ ପତ୍ରିକା ପ୍ରକାଶ ପାଇଥିଲା । ୧୯୮୨ ମସିହାରେ 'ମହିମା ମୟୁଖ' ପ୍ରମୁଖ ପତ୍ରିକାଗୁଡ଼ିକ ମହିମା ଧର୍ମର ଗୁରୁତ୍ୱକୁ ପ୍ରତିପାଦନ କରିଥିଲେ ।

ଓଡ଼ିଆ ଭାଷା ଓ ସାହିତ୍ୟର ଗୌରବ ଭକ୍ତକବି ସନ୍ଥ ଭୀମ ଭୋଇଙ୍କ ରଚିତ ସ୍ତୁତିଚିନ୍ତାମଣି, ଶ୍ୟାମଘନ ଦାସଙ୍କ ରଚିତ ଅଲେଖ ଲୀଳା, ମହିମା ସାଧୁବ୍ରହ୍ମ ଅବଧୂତ ବିଶ୍ୱନାଥ ବାବାଙ୍କ ସତ୍ୟ ମହିମା ଧର୍ମର ଇତିହାସ ଗ୍ରନ୍ଥରୁ ଓଡ଼ିଶାରେ ମହିମା ସ୍ୱାମୀଙ୍କ ଆବିର୍ଭାବ ଓ ମହିମାଧର୍ମର ପ୍ରଚାର ପ୍ରଚାର ସଂପର୍କରେ ଅନେକ ତଥ୍ୟ ମିଳିଥାଏ।

ପରିଶେଷରେ ମହିମାଧର୍ମ ଓଡ଼ିଶାର ଧର୍ମୀୟ ଚେତନାର ଏକ ନୂତନ ଅଧ୍ୟାୟ । ମକର ମାସ ଉଭୟ ସୌର ଉପାସକ ଓ ମହିମା ଉପାସକମାନଙ୍କର ପବିତ୍ର ମାସ ଅଟେ । ମକର ଶୁକ୍ଳ ସପ୍ତମୀରେ ସୂର୍ଯ୍ୟଙ୍କର ପୂଜା କରାଯାଉଥିବାବେଳେ ଚତୁର୍ଦ୍ଦଶୀରେ ମହିମା ସ୍ୱାମୀଙ୍କର ପୂଜା କରାଯାଇଥାଏ । ପୁରାଣରେ ବର୍ଣ୍ଣିତ ସମସ୍ତ ସୌର ଉପାସକ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରି ବର ପାଇବା ନିମନ୍ତେ ଏହି ମାସଟିକୁ ଉତ୍କୃଷ୍ଟ ମନେ କରିଛନ୍ତି ମହିମା ଧର୍ମାବଲମ୍ବୀମାନେ ଏହି ମାସର ମହତ୍ତ୍ୱକୁ ବୁଝିଛନ୍ତି । ସବୁ ଧର୍ମର ଯାହା ଏକାନ୍ତ ମୌଳିକ ଲକ୍ଷ୍ୟ ମଣିଷ ଜୀବନର ଶାନ୍ତି-ମହିମା ଧର୍ମରେ ମଧ୍ୟ ତାହାହିଁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଆସୁଅଛି ।

❖❖❖

# ଶିଶୁ-କିଶୋର ଉପନ୍ୟାସର କଳେବର ଓ ଶୈଳୀ



ISSN-2583-6978
Volume-4
Issue-10
OCTOBER-2024

**ପ୍ରିୟଙ୍କା ମହାନ୍ତି**

**ଗବେଷିକା, ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ**
**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର**

ଶିଶୁ-କିଶୋର ଉପନ୍ୟାସରେ କୌଣସି ପ୍ରକାରର ଭୁଲ, ଭ୍ରମ, ତ୍ରୁଟି-ବିଚ୍ୟୁତି ରହିବା ସର୍ବଦା ବର୍ଜନୀୟ । ତ୍ରୁଟି ଅର୍ଥାତ୍ ତାହା ତଥ୍ୟଭିତ୍ତିକ, ଅର୍ଥଭିତ୍ତିକ, ବାକ୍ୟଗଠନ ଶବ୍ଦ ଚୟନ, ଡ଼ିଟିପି ଜନିତ କିମ୍ବା ଅନ୍ୟ କୌଣସି ପ୍ରକାରର ତ୍ରୁଟିର ଆଦୌ ସ୍ଥାନ ନାହିଁ । ସେହି ତ୍ରୁଟିକୁ ବୟୋଜ୍ୟେଷ୍ଠ ପାଠକ ହୁଏତ ସଂଶୋଧିତ କରି ପଢ଼ି ବୁଝିପାରିବେ କିନ୍ତୁ ଶିଶୁ-କିଶୋରମାନଙ୍କ ନିମନ୍ତେ ଏହା ସଂପୂର୍ଣ୍ଣ ଅସମ୍ଭବ । ତେଣୁ ଜଣେ ଲେଖକ ଯେତେବେଳେ ଶିଶୁ-କିଶୋର ଉପନ୍ୟାସ ରଚନା କରୁଛନ୍ତି, ସେତେବେଳେ ତାଙ୍କୁ ଅଧିକ ଯତ୍ନଶୀଳ ଏବଂ ସଚେତନଶୀଳ ହୋଇ ଲେଖିବାକୁ ହୋଇଥାଏ । ବିଷୟବସ୍ତୁ ଚୟନ ସମୟରେ, ଜୀବନର ଦୀର୍ଘ ଅନୁଭୂତି କିମ୍ବା କ୍ଷୁଦ୍ର କ୍ଷୁଦ୍ର କିଛି ଅନୁଭୂତିର ସମାହାର ଯାହା ସେହି ଚରିତ୍ରମାନଙ୍କୁ ନେଇ ସାମଞ୍ଜସ୍ୟ ଜନିତ ଗତିଶୀଳତାକୁ ଧାରଣ କରୁଥିବ, ତାହା ଶିଶୁ-କିଶୋର ଉପନ୍ୟାସ ନିମନ୍ତେ ଉପଯୋଗୀ ହୋଇପାରିବ । ପ୍ରେରଣାପ୍ରଦ ବା ଉତ୍ସାହପ୍ରଦ ବାର୍ତ୍ତା, ଶିକ୍ଷା, ସାହାସ, ନିଷ୍ଠା, ଜ୍ଞାନ-ବିଜ୍ଞାନ ପ୍ରତି ଆଗ୍ରହ, ଦୃଢ଼ ଇଚ୍ଛାଶକ୍ତି, ସ୍ନେହ-ଶ୍ରଦ୍ଧା-କ୍ଷମା, ଜୀବେଦୟା, ଭ୍ରମଣ, ବଡ଼ ମଣିଷଙ୍କ ଜୀବନର କିଛି ପ୍ରାମାଣିକ ତଥ୍ୟ ତଥା ସମସ୍ୟାରୁ ମୁକୁଳିବାର ଉପାୟ ଏବଂ ସାହସିକ କାର୍ଯ୍ୟ ଆଦି ଶିଶୁ-କିଶୋର ଉପନ୍ୟାସ ନିମନ୍ତେ ଉପାଦାନ ସଦୃଶ୍ୟ ।

**କଥାବସ୍ତୁ :**

ଶିଶୁ-କିଶୋର ଉପନ୍ୟାସର କଥାବସ୍ତୁ ଚୟନ ସମୟରେ ଲେଖକମାନେ ଧ୍ୟାନ ଦେବା ଜରୁରୀ ଯେ, ଶିଶୁ-କିଶୋରମାନଙ୍କର ପରିବେଶ, ପରିସ୍ଥିତି, ସେମାନଙ୍କର ଆଖିଆଗରେ ଦେଖାଯାଉଥିବା ଚିହ୍ନା ପରିଚିତ ଚରିତ୍ର ସେମାନେ ବ୍ୟବହାର କରୁଥିବା ଜିନିଷଗୁଡ଼ିକ ଅନୁଯାୟୀ ବିଷୟବସ୍ତୁ ଗ୍ରହଣ କରାଯିବ । ଅନ୍ୟାନ୍ୟ ଜଟିଳ କିମ୍ବା ସରଳ ବିଷୟବସ୍ତୁ ମଧ୍ୟ ପିଲାମାନଙ୍କର ଆଗ୍ରହକୁ ମନ୍ଥର କରିବାର ସମ୍ଭାବନା ରହିଛି । ତେଣୁ ଶିଶୁ-କିଶୋର ଉପନ୍ୟାସ ରଚନା କରିବା ସମୟରେ ଅତ୍ୟନ୍ତ ସରଳ ନ ହୋଇ ସାମାନ୍ୟ ସରଳ, ସାମାନ୍ୟ ଦ୍ୱନ୍ଦ, ସାମାନ୍ୟ ଉତ୍କଣ୍ଠା, କିଛି ଲୁଚିଯାଉଥିବା, କିଛି ଦୃଶ୍ୟମାନ ହେଉଥିବା ବିଷୟବସ୍ତୁ ରହିଲେ ହିଁ ତାହା ପିଲାମାନଙ୍କ ଚିତ୍ତକୁ ଆକର୍ଷିତ କରି ବାନ୍ଧି ରଖିବାରେ ସଫଳ ହୋଇପାରିବ ।

"ଶିଶୁ ଉପନ୍ୟାସ ଦୀର୍ଘ ରଚନା ହେତୁ ପିଲାମାନଙ୍କ ପକ୍ଷରେ ପାଠ କରିବା ପାଇଁ ହୁଏତ ଅସୁବିଧା ସୃଷ୍ଟି କରିପାରେ । ତେଣୁ ଏହାକୁ କେତୋଟି କ୍ଷୁଦ୍ର କ୍ଷୁଦ୍ର ପରିଚ୍ଛେଦରେ ବିଭକ୍ତ କରାଯାଇପାରେ । ଗୋଟିଏ ପରିଚ୍ଛେଦକୁ ପିଲାମାନେ ଅନ୍ତତଃ ଗୋଟିଏ ବୈଠକରେ ଯେପରି ପାଠକରି ଶେଷ କରିପାରିବେ, ସେଥିପ୍ରତି ଲକ୍ଷ୍ୟ ଦିଆଯାଇଥାଏ । କଥନକ ହେଲା ଏହାର ପ୍ରାଣ । ଏହି କଥନକ ପୁଣି ଘଟଣା ପ୍ରଧାନ ହେବା ବିଧେୟ । ବିଭିନ୍ନ ଘଟଣାକ୍ରମେ ସଜ୍ଜିକରଣରେ ହିଁ ଏହାର ସଫଳତା ନିର୍ଭର କରେ । ଏହି ଘଟଣାଗୁଡ଼ିକ 'କାର୍ଯ୍ୟ-କାରଣ' ନିୟମରେ ପରସ୍ପର ସହିତ ସଂପୃକ୍ତ । ଏହା ନହେଲେ ପିଲାମାନଙ୍କର ବୋଧଶକ୍ତିରେ ବାଧା ପଡ଼ିବାର ସମ୍ଭାବନା ରହିଛି । ତାହା ପ୍ରତି ପ୍ରତ୍ୟେକ ଶିଶୁ ଔପନ୍ୟାସିକ ସଚେତନ ହେବା ଆବଶ୍ୟକ । ଘଟଣାଗୁଡ଼ିକରେ ପ୍ରବାହମାନତା ଗୁଣ ରକ୍ଷିତ ହେବା ଆବଶ୍ୟକ । ଏହି ଘଟଣାର ସଜ୍ଜିକରଣରେ ପୁଣି ଉତ୍କଣ୍ଠା ଓ କୌତୂହଳ କ୍ଷରିତ ରକ୍ଷିତ ହେବା ଉଚିତ୍ ।"(୧)

**ଚରିତ୍ର ଚିତ୍ରଣ :**

"ଚରିତ୍ର ହେଉଛି ଉପନ୍ୟାସର ପ୍ରଧାନ ଅଙ୍ଗ । ଚରିତ୍ରକୁ ବାଦ୍‌ଦେଇ ଉପନ୍ୟାସ ଲେଖା ସମ୍ଭବ ନୁହେଁ । କାରଣ ନାଟକର ପ୍ରାତପାତ୍ରୀଙ୍କୁ ବାଦ୍ ଦେଲେ ତାହା ଯେପରି ଆଉ ନାଟକ ହୋଇପାରିବ ନାହିଁ, ଉପନ୍ୟାସରୁ ଚରିତ୍ରକୁ ବାଦ୍‌ଦେଲେ ତାକୁ ଆଉ ଉପନ୍ୟାସ ବୋଲି ଚିହ୍ନିହେବ ନାହିଁ । ଉପନ୍ୟାସ ରଚନାର

ଆଦିକାଳରେ ପ୍ଲଟ୍‌ର ଯେତେବେଳେ ପ୍ରାଧାନ୍ୟ ଥିଲା, ସେତେବେଳେ ଚରିତ୍ର ମଧ୍ୟ କାହାଣୀ ସହିତ ସହାବସ୍ଥାନ କରୁଥିଲା; ପରେ ଚରିତ୍ରର ପ୍ରାଧାନ୍ୟ ବଢ଼ିଲା ଓ କାହାଣୀ ଚରିତ୍ରର ଅନୁସରଣ କଲା । ବର୍ତ୍ତମାନ କାହାଣୀ ଓ ଚରିତ୍ର ଉଭୟ ନିଜେ ନିଜର ପ୍ରାଧାନ୍ୟ ହରାଇବାକୁ ବସିଛନ୍ତି । କୌଣସି କୌଣସି ଉପନ୍ୟାସରେ ଚରିତ୍ରମାନେ ନାମହୀନ ହୋଇ ଗୋଟିଏ ଗୋଟିଏ ଅକ୍ଷରର ସଂକେତ ଭାବରେ ଉପନ୍ୟାସରେ ଯିବାଆସିବା କରୁଛନ୍ତି । କୁହାଯାଏ "Novel is no more than a biography of an imaginany person." ଏକ କାଳ୍ପନିକ ମଣିଷର ଜୀବନ କାହାଣୀ ହେଉଛି ଉପନ୍ୟାସ, ଅର୍ଥାତ୍ ଚରିତ୍ର ଚିତ୍ରଣ ମାଧ୍ୟମରେ ହିଁ ଉପନ୍ୟାସରେ ସେହି ମଣିଷର ପୂର୍ଣ୍ଣାଙ୍ଗ ଚିତ୍ର ଚିତ୍ରିତ ହୋଇଥାଏ । ତେଣୁ ଚରିତ୍ରକୁ ବାଦ୍‌ଦେଇ ଉପନ୍ୟାସ ହୁଏ ନାହିଁ ।"(୨)

ଶିଶୁ-କିଶୋର ଉପନ୍ୟାସ ନିମନ୍ତେ ଚରିତ୍ର ଚୟନ ସମୟରେ ଲେଖକଙ୍କୁ ଅଧିକ ସତର୍କ ରହିବାକୁ ପଡ଼ିବ । ସାଧାରଣତଃ ଶିଶୁ-ମନୋସ୍ତତ୍ତ୍ୱ କହେ, ଶିଶୁ-କିଶୋରାନଙ୍କ ମନ ଭିତରେ ରହିଛି ସର୍ବପ୍ରାଣବାଦ, ସବୁଥିରେ ଜୀବନ ରହିଛି ବୋଲି ସେମାନେ ବୁଝନ୍ତି । ଶିଶୁ-କିଶୋରମାନେ ମଧ୍ୟ କଥା କହନ୍ତି, ହସନ୍ତି, ସୁଖଦୁଃଖ ସହିତ ଆଦାନପ୍ରଦାନ କରିପାରନ୍ତି । ଏହି ଭାବନା ପିଲାମାନଙ୍କ ମଧ୍ୟରେ ରହିଥିବାରୁ ଏହାକୁ ଜାଗ୍ରତ କରାଇବାର ଆବଶ୍ୟକାତ ନାହିଁ । ତେଣୁ ସେମାନଙ୍କ ମନକୁ ନେଇ କିପରି ପଶୁ-ପଶୁ ମଧ୍ୟରେ କଥାବାର୍ତ୍ତା ହେବେ, ପକ୍ଷୀ-ପକ୍ଷୀମଧ୍ୟରେ କଥା ହୋଇପାରିବେ, କିନ୍ତୁ ଏହା ମନେ ରଖିବାକୁ ହେବ ଯେ, ମନୁଷ୍ୟ ସହିତ ପଶୁ, ମନୁଷ୍ୟ ସହିତ ଗଛ ଓ ସମ୍ବର୍ଦ୍ଧିତ ସଂଳାପ ସେଥିରେ ନଥିବ । ଏହା ପିଲାମାନଙ୍କ ନିମନ୍ତେ ସାମାନ୍ୟ ଭ୍ରମ ବା ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ । କାରଣ ଆଜିର ପିଲା ଆଉ ଛୋଟ ପିଲା ହୋଇ ରହିନାହାନ୍ତି । ସେମାନେ ବୟସ୍କମାନଙ୍କଠାରୁ ଅଧିକ ବୁଝନ୍ତି, ଅଧିକ ଜାଣନ୍ତି । ଅନ୍ୟପକ୍ଷରେ ସେମାନଙ୍କ ମଧ୍ୟରେ ଯେହେତୁ 'ସର୍ବପ୍ରାଣବାଦ' ନିହିତ ଥାଏ, ତେଣୁ ସେମାନେ ବୁଝନ୍ତି, ଜୀବମାତ୍ରେ ହିଁ କଥା କହିପାରନ୍ତି । ବିଜ୍ଞାନ ମଧ୍ୟ ଏବେ ପ୍ରମାଣ କରିସାରିଛି ଯେ, ବୃକ୍ଷଲତାମାନେ ମଧ୍ୟ କଥାବାର୍ତ୍ତା କରିପାରନ୍ତି । ବୈଜ୍ଞାନିକ ବିଚାରଧାରା ସମ୍ପର୍କରେ ସେମାନଙ୍କର ଜ୍ଞାନ ନଥାଇ ମଧ୍ୟ ସେମାନେ ତାହା ଜାଣିଥାନ୍ତି । ତେଣୁ ଲେଖକମାନଙ୍କୁ ଏଥିପ୍ରତି ସଚେତନ ହେବାକୁ ହେବ ଯେ ସମଜାତି, ସମଗୁଣ ବିଶିଷ୍ଟ ଜୀବ ସହିତ ଜୀବ କଥାବାର୍ତ୍ତା, ଭାବର ଆଦାନପ୍ରଦାନ ହେବ, ଯାହାଦ୍ୱାରା ସହଜରେ ପିଲାମାନଙ୍କ ନିମନ୍ତେ ତାହା ଅଧିକ ବୋଧଗମ୍ୟ ହୋଇପାରିବ ।

ଶିଶୁ-କିଶୋର ଉପନ୍ୟାସରେ ମୁଖ୍ୟତଃ ଚରିତ୍ରମାନଙ୍କୁ ଦୁଇ ଭାଗରେ ବିଭାଜନ କରାଯାଇଥାଏ ଯଥା– ମୁଖ୍ୟ ଚରିତ୍ର ଏବଂ ଗୌଣ ଚରିତ୍ର । ସଦାସର୍ବଦା ଶିଶୁ-କିଶୋର ଏବଂ ଅନ୍ୟ ପଶୁପକ୍ଷୀ-ଜୀବଯନ୍ତୁ ତଥା ବୃକ୍ଷଲତା ମୁଖ୍ୟ ଚରିତ୍ରରେ ଥିବାବେଳେ ବୟୋଜ୍ୟେଷ୍ଠ ଓ ଅନ୍ୟମାନେ ଯେ କେହି ଗୌଣ ଚରିତ୍ରରେ ରହିପାରିବେ । ଯେପରି ତନୟା ଦାସ ଗୋସ୍ୱାମୀଙ୍କ 'ସପନ ଫୁଲ' ଉପନ୍ୟାସରେ ଚରିତ୍ର ଦୀପୁ, ଆଈ, ମନ୍ଦାରଫୁଲ, ରାଧାମାଧବ ରଥଙ୍କ 'ଚଞ୍ଚଳା' ଉପନ୍ୟାସର ଚରିତ୍ରରେ ଗୋଟିଏ 'ନଦୀ' ହେଉଛି ମୁଖ୍ୟ ଚରିତ୍ର । ପର୍ଶୁରାମ ବେହେରାଙ୍କ 'ଚମ୍ପକ ବଣର ରାଜା' ଉପନ୍ୟାସର ଚରିତ୍ର ବାଘରାଜା ଟାଇଗର ସିଂ, ହନୁ, କୁକୁର, ଠେକୁଆ ଏବଂ ହାତୀ । ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ 'ସପନ ପୁରୀରେ ପିଙ୍କୁ' ଉପନ୍ୟାସର ଚରିତ୍ରମାନଙ୍କ ମଧ୍ୟରେ ଅଛନ୍ତି ପିଙ୍କୁ, ଜଳପରୀ, ହାତୀ, କଇଁଚ, ଫୁଲରାଣୀ ଏବଂ ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କ 'ସପନ ରାଇଜ' ଉପନ୍ୟାସରେ ଚରିତ୍ର ମଧ୍ୟରେ ଅଛନ୍ତି ବୁଲୁ, ଅପରାଜିତା, ସୂର୍ଯ୍ୟମୁଖୀ ଆଦି ଫୁଲ ।

**ଉତ୍କଣ୍ଠା :**

ଶିଶୁ-କିଶୋର ଉପନ୍ୟାସରେ ଉତ୍କଣ୍ଠା ନ ରହି ସିଧା ସଳଖ ଭାବରେ ସଂଳାପ ପ୍ରୟୋଗ କରାଗଲେ ତାହା ଅଧିକ ମନଛୁଆଁ ହୋଇଥାଏ । ପରନ୍ତୁ ଆବଶ୍ୟକତା ଦୃଷ୍ଟିରୁ କିଶୋର ଉପନ୍ୟାସରେ ସାମାନ୍ୟ ଉତ୍କଣ୍ଠା ରଖାଗଲେ ତାହା ଦୋଷଯୁକ୍ତ ନୁହେଁ । ଉଦାହରଣ ସ୍ୱରୂପ ଡଃ କୃତ୍ତିବାସ ନାୟକଙ୍କ 'ଚନ୍ଦନ ଚକୁଳି'କୁ ଗ୍ରହଣ କରାଯାଇପାରେ । ସେଥିରେ ଶେଷ ପର୍ଯ୍ୟନ୍ତ ଚନ୍ଦନର ଉତ୍କଣ୍ଠା ରହିଛି ଯେ, ବାପା ଗୋଟିଏ 'ମଜା କଥା' କହିବେ ତାହା ସେଠାରେ ଉପାଦେୟ ଏବଂ ସକରାତ୍ମକତା ପ୍ରଦାନ କରିଛି । ତେଣୁ ସାମାନ୍ୟ ଉତ୍କଣ୍ଠା ଆବଶ୍ୟକତା ଅନୁଯାଇ ପ୍ରୟୋଗ କରାଗଲେ ତାହା ଶିଶୁ-କିଶୋରମାନଙ୍କ ପାଇଁ ଉପଯୋଗୀ ସିଦ୍ଧ ହୋଇପାରିବ । କିନ୍ତୁ ଲେଖକଙ୍କୁ ମନେ ରଖିବାକୁ ହେବ ଯେ, 'ଉତ୍କଣ୍ଠା'ର ମାତ୍ରା ଯେପରି ଆବଶ୍ୟକତାଠାରୁ ଅଧିକ ନହୁଏ, ନଚେତ୍ ତାହା ଶିଶୁ-କିଶୋରମାନଙ୍କ କୋମଳମତି ମନର ବୋଧକ୍ରିୟାରେ ବାଧା ଉପୁଯାଇବାର ସମ୍ଭାବନା ରହିଛି ।

**ସଂଗୀତ :**

ଭାରତୀୟ ପରମ୍ପରା, ଜୀବନ-ଜୀବିକା, ସାହିତ୍ୟ-ସଂସ୍କୃତି ହେଉଛି ସଂଗୀତମୟ । କଥା କଥାରେ ପଦ ଛିଡୁଥିବା ଓ ଢଗଢମାଳୀ ଆଦି ସରଳ ଏବଂ କ୍ଷୁଦ୍ର ସଂଗୀତ ଶିଶୁ-କିଶୋର ଉପନ୍ୟାସରେ ସଂଯୋଜିତ କରାଯାଇପାରେ । ଧ୍ୟାନ ଦେବାକୁ ହେବ ଯେ, କ୍ଲିଷ୍ଟ, ଦ୍ୱିଅର୍ଥବୋଧକ, ନକରାତ୍ମକ ଭାବଦ୍ୟୋତକ କଠିନ ପ୍ରସଙ୍ଗକୁ ବ୍ୟବହାର କରାଯିବ ନାହିଁ । ଉଦାହରଣ – 'ଖଇ' ଗୋଟିଏ ହାଲୁକା ଏବଂ ନରମ ଖାଦ୍ୟ । ପାଣିରେ ପଡ଼ିଲେ ଆହୁରି ନରମ ହୋଇଯାଏ, ପିଲାଙ୍କ ପାଇଁ ଭଲ ହୋଇପାରେ, କିନ୍ତୁ 'ଖଇ' ଖାଇଲେ ବଦହଜମୀ ହୁଏ, ଖଇ ହାକୁଟି ମାରେ, ଦେହ ଖରାପ କରାଏ ଏସବୁ ବିଷୟ ପ୍ରତି ଲୋକମାନେ ସଜାଗ ରହିବା ଆବଶ୍ୟକ । କୌଣସି ସହଜ,

ସରଳ, ଭଲ ଲାଗୁଥିବା ପ୍ରୟୋଗରେ ଯଦି ଅର୍ଥ ବିକୃତି ଘଟିବାର ସମ୍ଭାବନା ଥାଏ, ତେବେ ସେପରି ଶବ୍ଦ, ବାକ୍ୟ ସର୍ବଦା ବର୍ଜନୀୟ। କିଛି ଉପାଦେୟ ସଂଗୀତ ଯାହା ପିଲାମାନଙ୍କ ମନୋରଂଜନ ଏବଂ ଶିକ୍ଷଣ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଛି ସେଥିରୁ କିଛି ଉଦାହରଣ ରୂପେ ଏଠାରେ ସଂଶ୍ଳିଷ୍ଟ କରାଯାଇପାରେ । ଯଥା–

ଗୋଦାବରୀଶ ମହାପାତ୍ରଙ୍କ 'ଠେକୁଆ ଭାଇ' ଶିଶୁ ଉପନ୍ୟାସରେ 'କିଟୁ' ଗାଇଛି –

**"ଟିକି ଚଢ଼େଇ**
**ଟିକି ଛଢ଼େଇ**
**ବାପା ଯାଇଛନ୍ତି ବାଘ ଓଢ଼େଇ**
**ମତେ ଆ'ଯିବୁ ଗୀତ ପଢ଼େଇ ।"**

**ଭାଷା ଓ ଉପସ୍ଥାପନା ଶୈଳୀ :**

ଶିଶୁ-କିଶୋର ଉପନ୍ୟାସରେ ଭାଷା ପ୍ରସଙ୍ଗ ଏକ ପ୍ରମୁଖ ପ୍ରସଙ୍ଗ। ଭାଷା କ୍ଲିଷ୍ଟ ହେଲେ ପିଲାମାନଙ୍କୁ ବୋଧଗମ୍ୟତା ଦୃଷ୍ଟିରୁ କଷ୍ଟସାଧ ହେବା କାରଣରୁ ସେମାନଙ୍କର ଆଗ୍ରହ ହ୍ରାସ ହେବ । ତେଣୁ ବାକ୍ୟ ଗଠନ, ଶବ୍ଦ ଚୟନ କ୍ଷେତ୍ରରେ ଲେଖକ ସର୍ବଦା ଧ୍ୟାନ ରଖିବେ ଯେ, ତାହା ଯେପରି ସରଳ, କ୍ଷୁଦ୍ର ଏବଂ ପିଲାମାନଙ୍କ ବୋଧଶକ୍ତିର ପରିସର ମଧ୍ୟରେ ରହିବ । ସେଠାରେ ଯୌଗିକ ବାକ୍ୟ, ଜଟିଳ ବାକ୍ୟର କୌଣସି ସ୍ଥାନ ନାହିଁ । ଏଥିପାଇଁ ତିନୋଟି 'S' ଅର୍ଥାତ୍ Simple, Shirt, Sweet ଏବଂ ଓଡ଼ିଆରେ ତିନୋଟି 'ସ' ଅର୍ଥାତ୍ ସହଜ, ସରଳ, ସୁମିଷ୍ଟ ଶବ୍ଦ ଓ ଶୈଳୀ ମାଧ୍ୟମରେ ଶିଶୁ-କିଶୋରମାନଙ୍କ କୋମଳମତି ମନକୁ ଆକୃଷ୍ଟ କରାଯାଇପାରିବ । ମନେ ରଖିବାକୁ ହେବ ଯେ, ପିଲାମାନଙ୍କ ନିମନ୍ତେ 'ସ' ଅକ୍ଷର ସର୍ବଦା ସକରାତ୍ମକ ଏବଂ 'ଅ' ଅକ୍ଷର ସର୍ବଦା ନକରାତ୍ମକ, ତେଣୁ ପିଲାମାନଙ୍କର ନିମନ୍ତେ ସର୍ବଦା ସକରାତ୍ମକ ଶବ୍ଦର ବ୍ୟବହାର କରିବାକୁ ପଡ଼ିଥାଏ । ଯୋଡ଼ାଶବ୍ଦ କାନକୁ ସୁମଧୁର ଲାଗୁଥିବା ଶବ୍ଦ ପ୍ରୟୋଗ ଏବଂ ସେମାନଙ୍କ ମନକୁ ଛୁଇଁଲା ଭଳି ଶବ୍ଦ ପ୍ରୟୋଗ ସଫଳ ଉପନ୍ୟାସର ଅନ୍ୟ ଏକ ଦିଗ । ବିଲୁପ୍ତ ପ୍ରାୟ ଗ୍ରାମ୍ୟ ସଂସ୍କୃତି ସହ ଜଡ଼ିତ ଶବ୍ଦ କିଛି ନୂଆ କିମ୍ବା ଭିନ୍ନ ଧରଣର ଶବ୍ଦ ଏବଂ ସାମାନ୍ୟ ବ୍ୟଙ୍ଗ ପ୍ରୟୋଗ ହୋଇଥିବା ବୋଧଗମ୍ୟ ଶବ୍ଦ ପିଲାମାନଙ୍କ ମନକୁ ଛୁଇଁଥାଏ । ଏହି ପରିପ୍ରେକ୍ଷୀରେ ସେହିଭଳି କିଛି ଉପନ୍ୟାସକୁ ଆଲୋଚନା କରାଯାଇପାରେ ।

ରାଧାମାଧବ ରଥଙ୍କ 'ଡାକୁଛି ଗାଁ ମାଟି' ଶିଶୁ-କିଶୋର ଉପନ୍ୟାସରେ ସ୍ଥାନିତ ଲୁପ୍ତପ୍ରାୟ ଶବ୍ଦ 'ତାଳପତ୍ର ଭୋଗେଇ', ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ 'ଡଙ୍ଗାବାଲାର କାହାଣୀ'ରେ ସ୍ଥାନିତ 'କୁମ୍ଭାଟୁଆ ବସା ସିନ୍ଧିକାଠି' ଆଦି ପ୍ରଧାନ । ପ୍ରତିଭା ରାୟଙ୍କ 'ତିନି ଓସ୍ତାଦ'ରେ ସ୍ଥାନିତ 'ହସଫଳ', ନିଦଫଳ, ଭୂତଫଳ ଆଦି ଶବ୍ଦ ପ୍ରଧାନ । କୃତ୍ତିବାସ ନାୟକଙ୍କ 'ହସକୁରୀ ଜହ୍ନ'ରେ ସ୍ଥାନିତ ସୁଁ ସୁଁ କାନ୍ଦ, ମଗଜ, ଡୁମା, ମା'ପ୍ଲୁ, ଛନକା ପଶିଲା, ସଲାସୁତୁରା, ପରପଞ୍ଝିଆ କାମ, ଘୁଣ ଖାଇବା ପରି, ହେମାଳ ହୋଇଗଲାଣି, ହାତ ପାପୁଲିକୁ ଅଣ୍ଟାଳି ଜାଣିଲା, ସବାଖିଆ ଆତଙ୍କବାଦୀ, ସାତପୁରୁଷଙ୍କୁ ଉଝାଳି ପକେଇବ, ଇତି ତୁମର ହସକୁରୀ ଜହ୍ନ ଆଦି ପ୍ରଧାନ । ରାଜକିଶୋର ପାଢ଼ୀଙ୍କ 'ନୀଳ ଆକାଶର ସୁନାପରୀ' ଉପନ୍ୟାସରେ ସ୍ଥାନିତ ଭକୁଆ ହେବେ, କୁନ୍ଦୁଲୁ କୁନ୍ଦୁ, କାଆ କାଆ, ଉଠି ଯା । 'ରାଜାର ଜୟଯାତ୍ରା' ଉପନ୍ୟାସରେ ସ୍ଥାନିତ କରମାଣି ପାଠ, ଗରଗର, ଟାଣଟୁଣ, ବିଶିକେଶନ, କିରାସିନି ଡ଼ିବି କି ଲଟକଣ । ଗୋବିନ୍ଦ ତ୍ରିପାଠୀଙ୍କ 'କୁନି ବରଗଛ'ରେ ସ୍ଥାନିତ ଫଡ୍ ଫଡ୍ ଫଡ୍, ସାଇଁ ସର୍ ସର୍, କଟମଟ, ଖାଁ ଖାଁ, ହଇରାଣ-ହରକତ, ଗୁଲୁଗୁଲିଆ, ଚିଁ ଚିଁ, ଛଟପଟ, ତରତର, ସାହା ସାହା, ତମ୍ଭାଥାଳି ପରି ସୂର୍ଯ୍ୟ । ଦାସ ବେନ୍‌ହୁର୍‌ଙ୍କ 'ଗୋଲଡ୍ ଫିସ୍' ଉପନ୍ୟାସରେ ସ୍ଥାନିତ ଡ଼ବଡ଼ବ, ଚୁପ୍‌ଚାପ, ଜୁଲୁଜୁଲୁ, ଫଅସ, ସଟ୍‌କିନା, ଫଅର୍ ଫାଆର୍, ଟମ୍‌ଟମ୍, ମସ୍‌କିଯାଏ, ଅସକତିଆ, ଢୁକ୍‌ଢୁକ୍, ଚକ୍‌ଚଇ, ଟୁଲୁଟୁଲୁ, ହୋସ୍ ଫୋସ୍, ଛଟକିନା, ସାଉଁ ସାଉଁ, ଚିକ୍ ଚିକ୍, ଥୁପ୍‌କିନା, ଆକ୍‌ତା ମାକ୍‌ତା । ହେମନ୍ତ କୁମାର ଦାସଙ୍କ 'ପିକ୍‌ନିକ୍' ଶିଶୁ-କିଶୋର ଉପନ୍ୟାସରେ ସ୍ଥାନିତ ସତ୍ୟାନାଶିଆ ଡ୍ରାଇଭର, ପୌ... ପୌ... ରାନୀ, ଦ୍ୱିଜବର ଦ ଗ୍ରେଟ୍, ଗଣଧୁଲାଇ ଏବଂ ମାଳାକାରଙ୍କ 'ଜେଜେମା' ଉପନ୍ୟାସରେ ସ୍ଥାନିତ ଜାଗୁଲୁ ଜାରୁଲୁ, ଦ୍ରୁମ୍‌ଦ୍ରୁମ୍, ଭେଁ ଭେଁ, ନାକେଦମ୍, ପିର୍ ପିର୍, ଧୋବ ଫରଫର, ଲାଲ ଟହଟହ, ଥାକୁଲ୍ ଥାକୁଲ୍, କୁଁ କୁଁ, ନସର ପସର, ନୁଥୁର ନୁଥୁରୁ, ନାକୁଆ କାନ୍ଦୁଆ, ସାଁ ସାଁ ଇତ୍ୟାଦି ଭଳି ଅନେକ ଉଦାହରଣ ରହିଅଛି ।

ଉପରୋକ୍ତ ଶବ୍ଦ ସଦୃଶ୍ୟ ଆକର୍ଷଣୀୟ ତଥା ଶିଶୁ ମନଲୋଭା ଶବ୍ଦ ପ୍ରୟୋଗ ମାଧ୍ୟମରେ ଲେଖକ ଉପନ୍ୟାସକୁ ଆହୁରି ସରସ ସୁନ୍ଦର କରିପାରିବେ । ମନୋରଂଜନ ବା ଆନନ୍ଦ ପ୍ରାପ୍ତି ମାଧ୍ୟମରେ ହିଁ ପିଲାମାନଙ୍କୁ ଚରିତ୍ର ଗଠନ ଭଳି ଏକାଧିକ ଗୁଣାବଳୀ ଶିଶୁ ଉପନ୍ୟାସ ସେମାନଙ୍କୁ ଶିକ୍ଷାଦେବ । ନଚେତ୍ ଯେତେ ସୁନ୍ଦର ବାର୍ତ୍ତା, ସଫଳତାର ସୂତ୍ର ଆଦି ଉପନ୍ୟାସ ମଧ୍ୟରେ ନିହିତ ଥିଲେ ମଧ୍ୟ ଶିଶୁମାନଙ୍କର ଉତ୍ସାହ ଭାଙ୍ଗିଲେ ଉପନ୍ୟାସ ମାଧ୍ୟମରେ ସେମାନଙ୍କ ମଧ୍ୟରେ ସୁଗୁଣାବଳୀର ବୀଜ ବପନ କରିବା ସଂପୂର୍ଣ୍ଣ ଅସମ୍ଭବ ହୋଇପଡ଼ିବ । ତେଣୁ ଲେଖକ ଶବ୍ଦ, ବାକ୍ୟ ଆଦି ପ୍ରତି ଧ୍ୟାନ ଦେବା ନିତାନ୍ତ ଜରୁରୀ । ପୁନଶ୍ଚ ଏହା କୁହାଯାଇପାରେ ଯେ, ଦ୍ୱିଅର୍ଥବୋଧକ ଶବ୍ଦ କିମ୍ବା ଅର୍ଥର ବିକୃତି ଘଟିବାର ସାମାନ୍ୟ ସମ୍ଭାବନା ଥିବା ଶବ୍ଦ ଶିଶୁ-କିଶୋର ଉପନ୍ୟାସ ନିମନ୍ତେ ସର୍ବଦା ବର୍ଜନୀୟ ।

**ସଂଳାପ :**

ପାତ୍ରୋପଯୋଗୀ ଆବଶ୍ୟକୀୟ ଭାଷା ବା ସଂଳାପ ଉପନ୍ୟାସରେ ରହିବା ଆବଶ୍ୟକ । ସାପଟି ପୋଷାକ ପିନ୍ଧି, ଟାଇ ଭିଡ଼ିଲା, ଯୋତା ପିନ୍ଧିଲା, କାନରେ ବ୍ଲୁଟୁଥ୍ ଲଗାଇ ଗୀତ ଶୁଣିଶୁଣି କାର୍ ଚଳାଇ

ଅଫିସ୍‌କୁ ବାହାରିଲା ଏହା ସଂପୂର୍ଣ୍ଣ ଅସମ୍ଭବ ଏବଂ ଅଯୌକ୍ତିକ । ତେଣୁ ଏତାଦୃଶ୍ୟ ଅନାବଶ୍ୟକ ସଂଳାପ ସର୍ବଦା ବର୍ଜନୀୟ । ଆଜିର ଶିଶୁ-କିଶୋର ବିଜ୍ଞାନ, ସଭ୍ୟତା ସହ ବଡ଼ମାନଙ୍କଠାରୁ ମଧ୍ୟ ଅଧିକ ବୁଝିବା ଶକ୍ତି ରଖିଥାନ୍ତି । ତେଣୁ ସେମାନଙ୍କ ପାଇଁ ଏପରି ବକ୍ତବ୍ୟ ରୁଚିକର ଏବଂ ପ୍ରେରଣାପଦ ତଥା ଉପାଦେୟ ହୋଇପାରିବ ନାହିଁ। ଜଣେ ଗ୍ରାମବାସୀଙ୍କ ଭାଷା, ଶିକ୍ଷକ-ଡାକ୍ତର ଏବଂ ଶିଶୁ-କିଶୋରମାନଙ୍କ ଭାଷା ଭିନ୍ନ ଭିନ୍ନ । ତେଣୁ କେଉଁ ଚରିତ୍ର ମୁଖରେ କିପରି ଭାଷା ଦେବାକୁ ହେବ, ଲେଖକ ସେଥିପ୍ରତି ସର୍ବଦା ସଚେତନ ରହିବା ଆବଶ୍ୟକ । ଜଣେ ଗ୍ରାମୀଣ ଅଶିକ୍ଷିତ ବ୍ୟକ୍ତିଙ୍କ ମୁଖର ସଂଳାପ 'ମୁଁ ଯିମି ନାଇଁ ଗୋ' ହେଲେ ଭୁଲ ନୁହେଁ । କିନ୍ତୁ ଜଣେ ଡାକ୍ତର ଏହା କହିଲେ ତାହା ଭୁଲ ହେବ । ତେଣୁ ଲେଖକ ସଂଳାପ ରଚନା ସମୟରେ ଧ୍ୟାନ ରଖିବେ ଯେ ଶିକ୍ଷିତ, ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଶିଶୁ-କିଶୋର କିମ୍ବା ଅନ୍ୟ କେହି ଚରିତ୍ରଙ୍କ ଭାଷା କେଉଁ ସ୍ଥଳରେ, କିଭଳି ରହିଲେ ତାହା ଶିଶୁ ଉପଯୋଗୀ ହୋଇପାରିବ । ଅଧିକ ବାସ୍ତବବୋଧ ହେବ ଏ ସମସ୍ତ ଦିଗ ପ୍ରତି ସଚେତନ ହେବା ସହିତ କ୍ଷୁଦ୍ରକ୍ଷୁଦ୍ର ସଂଳାପ ପ୍ରୟୋଗ ମାଧ୍ୟମରେ ହିଁ ଶିଶୁ-କିଶୋର ଉପନ୍ୟାସ ଅଧିକ ମନୋରମ ହୋଇପାରିବ । ଏହି ପରିପ୍ରେକ୍ଷୀରେ କେତୋଟି ସଂଳାପ ଏଠାରେ ଉଦ୍ଧାର କରାଗଲା ।

ଫତୁରାନନ୍ଦଙ୍କ 'ନାଲୁର ଚନ୍ଦ୍ରଯାତ୍ରା' ଉପନ୍ୟାସରେ ପୃଥିବୀ ଚନ୍ଦ୍ରପୃଷ୍ଠରୁ ଅଧିକ ଶାଗୁଆ ନ ଦିଶିବାର କାରଣ ସମ୍ପର୍କରେ ନାଲୁ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମହାବୁଢ଼ା ବାପା ମୁଖରେ ଲେଖକ ସଂଳାପ ଦେଇଛନ୍ତି । ଯଥା– "ଏବେ ପୃଥିବୀର ଲୋକଗୁଡ଼ାକଙ୍କ ପ୍ରକୃତି ବଡ଼ ଖରାପ ହୋଇଗଲାଣି । ଈଶ୍ୱର ଦେଇଥିବା ଘଞ୍ଜଜଙ୍ଗଲକୁ ଖିନ୍‌ଭିନ୍ କରିସାରିଲେଣି । ତାଙ୍କୁ ଜ୍ଞାନୀ ଲୋକ ଯେତେ ବୁଝାଉଛନ୍ତି ସେ ମୂର୍ଖମାନେ ତାହା ବୁଝୁନାହାନ୍ତି । ଏଥିଲାଗି ସେଠି ଲୋକେ ବହୁତ ଦୁଃଖକଷ୍ଟ ଭୋଗିଲେଣି । ଅନାବୃଷ୍ଟି, ଅତିବୃଷ୍ଟି, ଭୟଙ୍କର ଥଣ୍ଡା ଓ ଗରମ ସେମାନଙ୍କୁ ଭୟଙ୍କର ପୀଡ଼ା ଦେଲାଣି । ଯଦି ସେମାନେ ଏହିପରି ମୂର୍ଖାମି କରିଚାଲନ୍ତି, ତେବେ ଆଉ ଅଳ୍ପ ଦିନରେ ସମସ୍ତେ ଶେଷ ହୋଇଯିବେ । ସେମାନଙ୍କୁ ଖାଇବାକୁ ପିନ୍ଧିବାକୁ ମଧ୍ୟ ମିଳିବ ନାହିଁ । ଜମିର ଉର୍ବର ସବୁ ନଷ୍ଟ ହୋଇଯିବ । ଆଉ ଦୁଇଶହ ବର୍ଷ ମଧ୍ୟରେ ଚନ୍ଦ୍ରର ପୃଷ୍ଠ ଭଳି ହୋଇଯିବ ।"

ବିଭୂତି ପଟ୍ଟନାୟକଙ୍କ 'ଖରାବର୍ଷାର ଖେଳ' ଉପନ୍ୟାସରେ ଛୁଆବାବୁଙ୍କ ମୁଖର ସଂଳାପ ବାସ୍ତବଧର୍ମୀ ମନେହୁଏ । ଯଥା– ମୁଁ ବର୍ତ୍ତମାନ ବୁଝିପାରୁଛି ମଲାବେଳର ଯନ୍ତ୍ରଣା ଅପେକ୍ଷା, ବଞ୍ଚିଥିବା ବେଳେ ମରିବାର ପରିକଳ୍ପନାଟା ହିଁ ବେଶି ଯନ୍ତ୍ରଣାଦାୟକ ।(ପୃ.୧୫୭)

**ଛବି :**

ଛବି ବା ଚିତ୍ର ହେଉଛି ଶିଶୁ-କିଶୋର ଉପନ୍ୟାସର ପ୍ରମୁଖ ଉପାଦାନ । ଯାହା, ବ୍ୟତିରେକ ଶିଶୁ-କିଶୋର ଉପନ୍ୟାସ ପୂର୍ଣ୍ଣାଙ୍ଗ ବା ସାର୍ଥକ ହେବା ସଂପୂର୍ଣ୍ଣ ଅସମ୍ଭବ । ପିଲାମାନେ ବକ୍ତବ୍ୟ ଶୁଣି, କାହାଣୀ ପଢ଼ି ଯେତିକି ବୁଝିବେ ତାହା ଉପରେ ସେତିକି ଚିନ୍ତନ କରିବେ, ଉପନ୍ୟାସର ଅନ୍ୟ ସମସ୍ତ ଉପାଦାନ ପିଲାମାନଙ୍କ ମନରେ ଯେତିକି ପ୍ରଭାବ ବିସ୍ତାର କରିପାରିବ ତାହାଠୁ ଢେର୍ ଅଧିକ କେବଳ ଛବି ହିଁ ପ୍ରଭାବ ପାଇଥାଏ । ତେଣୁ ପୁସ୍ତକରେ କେଉଁଠାରେ ଚିତ୍ରର ଆବଶ୍ୟକତା ରହିଛି ସେ ସମ୍ପର୍କରେ ଲେଖକଙ୍କର ଜ୍ଞାନ ଥିବା ମଧ୍ୟ ଆବଶ୍ୟକ ବୋଲି ଡକ୍ଟର ମନୀନ୍ଦ୍ର ମହାନ୍ତି ତାଙ୍କର 'ପିଲାଙ୍କୁ କି ପ୍ରକାର ବହି ଦେବା' ପୁସ୍ତକରେ ଉଲ୍ଲେଖ କରିଛନ୍ତି ।

ସାଧାରଣତଃ "ଶିଶୁଟିଏ ତାକୁ ଦିଆଯାଇଥିବା ଦାମିକା ଖେଳଣାଠାରୁ ଖେଳନାଗୁଡ଼ା ହୋଇ ଆସିଥିବା ରଙ୍ଗୀନ୍ କାଗଜକୁ ବେଶୀ ଭଲପାଉଅଛି । ସେ ଦାମିକା, ଅଳ୍ପ ଦାମିକା ବୁଝେନାହିଁ । ତାଙ୍କୁ ଯାହା ଆକର୍ଷିତ କରେ ତାହା ରଙ୍ଗୀନ୍ କାଜଜର ନାଲି ନେଳି ରଙ୍ଗ । ସେଥିପାଇଁ କୁହାଯାଏ ଯେ, ଚିତ୍ର ସାହାଯ୍ୟରେ ଶିଶୁ ମନରେ ସ୍ଥାୟୀ ପ୍ରଭାବ ପକାଇବା ସମ୍ଭବ । ??? ଶିଶୁସାହିତ୍ୟ କଥା କହିଲେ ଶିଶୁ ସାହିତ୍ୟରେ ଖାଲି ସରଳ ଭାଷା ବା ଚିତ୍ର ଯୋଡ଼ିଦେଲେ ତାହା ଢେର୍ ନୁହେଁ । ଏସବୁ ମନକୁ ବାନ୍ଧି ରଖିବାରେ ନିଜର ଦାୟିତ୍ୱ ତୁଲାଇବା ଦରକାର ।"(୩) ପୁନଶ୍ଚ "ଚିତ୍ର ଗୋଟିଏ - କଥା ଅନେକ, ଅର୍ଥାତ୍ ଗୋଟିଏ ପୃଷ୍ଠାରେ 'ଚିତ୍ର' ଯେତିକି କଥା କହେ, ଅନେକ ପୃଷ୍ଠାର ଧାଡ଼ି ଧାଡ଼ି ଅକ୍ଷୟ ମଧ୍ୟ ସେତିକି 'କଥା' କହିପାରନ୍ତି ନାହିଁ । ତେଣୁ 'ଲେଖା' ଅପେକ୍ଷା 'ଚିତ୍ର' ହିଁ ପିଲାମାନଙ୍କର ଅତିପ୍ରିୟା"(୪)

ଗବେଷକମାନେ ସର୍ବେକ୍ଷଣ କରି ଜାଣିପାରିଛନ୍ତି ଯେ, ଶତକଡ଼ା ୬୪ ସଂଖ୍ୟକ ପିଲା ରଙ୍ଗୀନ୍ ଚିତ୍ର ଏବଂ ଶତକଥା ୩୮.୮ ସଂଖ୍ୟକ ପିଲା କଳା-ଧଳା ଚିତ୍ରକୁ ପସନ୍ଦ କରନ୍ତି ।(୫) ଡକ୍ଟର ମନୀନ୍ଦ୍ର ମହାନ୍ତି ତାଙ୍କ 'ଶିଶୁ ସାହିତ୍ୟରେ 'ଚିତ୍ର' କାହିଁକି ଓ କେମିତି ?' ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି ଯେ– "ବିଷୟବସ୍ତୁ ଉପଯୁକ୍ତ ସ୍ଥାନ ବା ପୃଷ୍ଠାରେ ଚିତ୍ରଟି ଥିବା ଆବଶ୍ୟକ । ସେପରି ନହେଲେ, ପିଲାଟିର ଅସୁବିଧା ନିଶ୍ଚୟ ହେବ ଓ ତା'ର ରସ ଗ୍ରହଣ ବାଧାପ୍ରାପ୍ତ ହେବ । ମନେ କରାଯାଉ ପନ୍ଦର ପୃଷ୍ଠାର ରାଜାପୁଅ ଓ ମନ୍ତ୍ରୀପୁଅକୁ ଆକ୍ରମଣ କଥା ଅଛି । ଯଦି ଚିତ୍ରଟି ଷୋହଳ ପୃଷ୍ଠାରେ ରଖାଯାଏ, ତେବେ ପିଲାଟି କଥାଟିକୁ ପଢ଼ିଲାବେଳେ ତାକୁ ଦେଖି ସେଥିରୁ ରସ ଆସ୍ୱାଦନ କରିପାରେ ନାହିଁ । ତାହା ଆକର୍ଷଣ ହରାଇସାରିଥାଏ । ପୁନଶ୍ଚ ଯଦି ଚିତ୍ରଟି ଏହି ଘଟଣାର ପୂର୍ବରେ ରହିଥାଏ, ତେବେ ପିଲାଟି ମନରେ ଉତ୍କଣ୍ଠା ନଷ୍ଟ ହୋଇଯାଏ । କାରଣ ସେ ପଢ଼ିବା ପୂର୍ବରୁ ବାଘ ଆକ୍ରମଣ କଥା ଜାଣିପାରିଲେ ତା'ର ଆଗ୍ରହ କମିଯାଏ । ପୁନଶ୍ଚ 'ଶିଶୁସାହିତ୍ୟ ଚିତ୍ରଠାରୁ 'ବିଦଗ୍ଧ ସାହିତ୍ୟ'ର ଚିତ୍ର ସଂପୂର୍ଣ୍ଣ ଭିନ୍ନ ।"(୬) ଶିଶୁ-କିଶୋର ଉପନ୍ୟାସର ଅନ୍ୟ ସମସ୍ତ ଉପାଦାନ କ୍ଷେତ୍ରରେ କେବଳ

ଲେଖକଙ୍କର ଲେଖନୀ ହିଁ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ସମୟରେ ଚିତ୍ର ବା ଛବି କ୍ଷେତ୍ରରେ ସମପରିମାଣରେ ଚିତ୍ରକରମାନଙ୍କର ଭୂମିକା ରହିଅଛି । ଚିତ୍ରକରଙ୍କୁ ଧ୍ୟାନ ରଖିବାକୁ ହେବ ଯେ ପିଲାଙ୍କ ନିମନ୍ତେ ଯେଉଁ ଚିତ୍ର ଅଙ୍କନ କରାଯିବ, ତାହା ବର୍ଣ୍ଣନାତ୍ମକ ହେବା ଅପରିହାର୍ଯ୍ୟ। ଏହା ସଂକେତଧର୍ମୀ ହେବା ଅନୁଚିତ । ଛବି ଆଙ୍କିବା ସହିତ ସେଥିରେ ପ୍ରଦତ୍ତ ରଙ୍ଗ ମଧ୍ୟ ଖୁବ୍ ଗୁରୁତ୍ୱ ରଖିଥାଏ । ଜଣେ କୃଷକ, ସୈନିକ, ଶିକ୍ଷକ ଏବଂ ପରିବାବାଲା ସମସ୍ତଙ୍କ ଉପକରଣ, ପୋଷାକ ଆଦି ଭିନ୍ନଭିନ୍ନ । ତେଣୁ ଏଥିପ୍ରତି ଦୃଷ୍ଟି ରଖି ଚିତ୍ରକର ସତର୍କତାର ସହ ଚିତ୍ର ଅଙ୍କନ କରିବା ଆବଶ୍ୟକ ହୋଇଥାଏ ।

ଗୋଟିଏ ମଣିଷ ଛିଡ଼ା ହୋଇଛି, ଏହାର ଏକ ତୈଳଚିତ୍ର ବା ଫଟୋଚିତ୍ର ପିଲାମାନଙ୍କୁ ଦିଆଗଲେ, ତାହା ସେମାନଙ୍କୁ ଆକୃଷ୍ଟ କରାଇପାରିବ ନାହିଁ, କିନ୍ତୁ ଗାରଟିଏ ଟାଣି ଚିତ୍ର ଆଙ୍କି, ବଡ଼ ବଡ଼ ଆଖି, ନାକ, ପାଟିର ବିକୃତି କିମ୍ବା ଆକୃତିରେ ପରିବର୍ତ୍ତନ, ଚୁଟିକୁ ରଙ୍ଗୀନ୍ କିମ୍ବା ଅନ୍ୟ ପ୍ରସାଦନ ମାଧ୍ୟମରେ ସଜ୍ଜିକରଣ କରାଗଲେ ତାହା ପିଲାମାନଙ୍କୁ ଅଧିକ ଆକର୍ଷିତ କରିପାରିବ । ଏଠାରେ ମନେରଖିବାକୁ ହେବ ଯେ ପିଲାମାନେ ସର୍ବଦା ଅପ୍ରାକୃତିକ ଜିନିଷ ଅର୍ଥାତ୍ ଯାହାକୁ ବାରଣ କରାଯାଇଥିବ, ଯାହା ସମ୍ଭବ ନୁହେଁ ତାହାକୁ ସେମାନେ ଅଧିକ ପସନ୍ଦ କରିଥାନ୍ତି । ଶିଶୁ-କିଶୋର ଉପନ୍ୟାସରେ ଅନ୍ୟାନ୍ୟ ପୁସ୍ତକ ତୁଳନାରେ ଅକ୍ଷରର ଆକାର କିଞ୍ଚିତ୍ ବଡ଼ ରଖିବାକୁ ପଡ଼ିଥାଏ । ଅକ୍ଷରଗୁଡ଼ିକ ଅସ୍ପଷ୍ଟ ହୋଇନଥିବା ଆବଶ୍ୟକ । ନଚେତ୍ ପଠନ ଏବଂ ବୋଧଗମ୍ୟ ଦୃଷ୍ଟିରୁ ତାହା ବାଧା ଉପୁଯାଇବ । ତେଣୁ ଶିଶୁ-କିଶୋର ଉପନ୍ୟାସ ନିମନ୍ତେ ସ୍ପଷ୍ଟ ଏବଂ ବଡ଼ ଅକ୍ଷରର ଉପଯୋଗିତା ରହିଛି । ଏ ସମ୍ବନ୍ଧରେ Institute of Child Psychologyରେ ଉଲ୍ଲେଖ ରହିଛି – "Before they speak they sing. Before they write they paint as soon they stand, they dance, art is the basis of human experience." ତେଣୁ ଛବି ବା ଚିତ୍ରର ଆବଶ୍ୟକତା ଏବଂ ଉପାଦେୟତା ସର୍ବାଗ୍ରେ ।

ଡକ୍ଟର ମନୀନ୍ଦ୍ର ମହାନ୍ତି ତାଙ୍କର ପ୍ରବନ୍ଧ 'ଶିଶୁସାହିତ୍ୟରେ ଚିତ୍ର : କାହିଁକି ଓ କେମିତି ?'ରେ ଉଲ୍ଲେଖ କରିଛନ୍ତି ଯେ, ଶିଶୁ ପୁସ୍ତକରେ ମୁଖ୍ୟତଃ ଚାରିଗୋଟି ଚିତ୍ର ପ୍ରଦାନ କରାଯାଇଥାଏ । ଯଥା- (କ) ପ୍ରଚ୍ଛଦପଟ୍ଟରେ, (ଖ) ବିଷୟର ନାମକରଣ ସ୍ଥାନରେ, (ଗ) ବିଷୟରେ ଭିନ୍ନଭିନ୍ନ ଅବସ୍ଥା ପ୍ରକାଶରେ, (ଘ) ବିଷୟର ଶେଷ ପୃଷ୍ଠାରେ । ଏସବୁ ସମ୍ବନ୍ଧରେ ବିଷଦ ଆଲୋଚନା କରିବା ସହିତ ଡ. ମହାନ୍ତି ପିଲାମାନଙ୍କ ପାଇଁ ମୁଖ୍ୟତଃ ଚାରିଗୋଟି ଶୈଳୀରେ ଚିତ୍ରକର ରୂପ ଦେଇଥାନ୍ତି ବୋଲି ମତବ୍ୟକ୍ତ କରିଛନ୍ତି । ଯଥା –

(୧) ପାରମ୍ପରିକ ଚିତ୍ର (Traditional Approach)
(୨) ବାସ୍ତବଧର୍ମୀ ଚିତ୍ର (Realistic Approach)
(୩) କାର୍ଟୁନ୍ ଚିତ୍ର (Kartoon Approach)
(୪) କିନାସ୍ଥେଟିକ୍ ଚିତ୍ର (Kinaesthetic Approach)

କାର୍ଟୁନ୍ ଚିତ୍ର ପିଲାମାନଙ୍କର ସବୁଠାରୁ ପ୍ରିୟ । କିନାସ୍ଥେଟିକ୍ ଚିତ୍ର ହେଲା ଶିଶୁ ନିଜେ ଆଙ୍କିଥିବା ଚିତ୍ର । ଏପରି ଚିତ୍ର ପିଲାମାନଙ୍କୁ ବିଶେଷ ଆକର୍ଷଣ କରିପାରେ ନାହିଁ । କାରଣ ପିଲାମାନେ ଚିତ୍ର ଆଙ୍କିବାରେ ପୋଖତ ହୋଇନଥାନ୍ତି ।

ତେଣୁ ବୌଦ୍ଧିକ ଉପନ୍ୟାସ ଭଳି ଶିଶୁ-କିଶୋର ଉପନ୍ୟାସରେ ଲେଖକଙ୍କୁ ସଂପୂର୍ଣ୍ଣ ସ୍ୱାଧୀନତା ମିଳି ନଥାଏ । ଖୁବ୍ ମାପଚୁପ, ସୀମାସରହଦ ମଧ୍ୟରେ ଲେଖକଙ୍କୁ ଲେଖନୀଚାଳନା କରିବାକୁ ପଡ଼ିଥାଏ । ତେବେ ଶିଶୁ-କିଶୋର ଉପନ୍ୟାସ ରଚନା ସମୟରେ ଏତାଦୃଶ୍ୟ କଥାବସ୍ତୁ, ଚରିତ୍ର-ଚିତ୍ରଣ, ଉତ୍କଣ୍ଠା, ସଂଗୀତ, ଭାଷା ଓ ଉପସ୍ଥାପନା ଶୈଳୀକୁ ଅନୁସରଣ କରାଯାଇପାରେ ।

**ସହାୟକ ଗ୍ରନ୍ଥସୂଚୀ**

୧. ମହାନ୍ତି, ମନୀନ୍ଦ୍ର : ଓଡ଼ିଆ ଶିଶୁସାହିତ୍ୟ ଉନ୍ମେଷ ଓ ବିକାଶ, ପୃ.୩୪୩
୨. ପଟ୍ଟନାୟକ, ବିଭୂତି : ସାହିତ୍ୟର ସୂଚୀପତ୍ର, ସୁଧା ପ୍ରକାଶନ, କଟକ, ୨୦୨୦, ପୃ.୬୫
୩. ମିଶ୍ର, ସଂଘମିତ୍ରା : ଶିଶୁସାହିତ୍ୟ କିଛି ଚିନ୍ତା : କିଞ୍ଚିତ ଆତ୍ମୀୟତା, ଆଧୁନିକ ଓଡ଼ିଆ ଶିଶୁସାହିତ୍ୟ, କୈଳାସ ଚନ୍ଦ୍ର ଟିକାୟତରାୟ, ବୀରେନ୍ଦ୍ର ମହାନ୍ତି, ପ୍ରଥମ ସଂସ୍କରଣ-୨୦୧୫
୪. ମହାନ୍ତି, ମନୀନ୍ଦ୍ର : 'ଶିଶୁସାହିତ୍ୟରେ ଚିତ୍ର : କାହିଁକି ଓ କେମିତି' ଆଧୁନିକ ଓଡ଼ିଆ ଶିଶୁସାହିତ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨୦୧୫, ପୃ.୨୩୨
୫. Brahma, D : 'Children'sû Literature and Education in India' Deep and Pablication, New Delhi, 1982, p.2014û
୬. ନନ୍ଦ, ରାମକୃଷ୍ଣ : 'ଶିଶୁସାହିତ୍ୟର ସମସ୍ୟା ଓ ସମାଧାନ, ସଂ. ଡକ୍ଟର ଜଗନ୍ନାଥ ମହାନ୍ତି, ଓଡ଼ିଶା ବୁକ୍ ଷ୍ଟୋର, ୧୯୮୭, ପୃ.୫

❖❖❖

# ଆଗ ଧାଡ଼ିର ଲୋକ : ଏକ ବିହଙ୍ଗାବଲୋକନ



ISSN-2583-6978
Volume-4
Issue-10
OCTOBER-2024

ଡ. ପ୍ରତୀଚୀ ନନ୍ଦ

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

ଜୀବନର ବାସ୍ତବତା ସହିତ କିଛି କାଳ୍ପନିକତାର ପୁଟ ଦେଇ ସାହିତ୍ୟ ସାଧନାରେ ବ୍ରତୀ ହୁଅନ୍ତି ଅନେକ ସାହିତ୍ୟିକ। ଜୀବନର ଅଙ୍ଗେଲିଭା କଥା ହେଉ ଅଥବା ଭାବନା ରାଜ୍ୟରେ ବିଚରଣ କରୁ କରୁ କୌଣସି ଗୋଟିଏ ଉପାଦାନ ଆଣି ହେଉ; ଅଜସ୍ର କଥା ଫେଣ୍ଟା ଫେଣ୍ଟି କରି ସାହିତ୍ୟ ମାଧ୍ୟମରେ ପାଠକ ସମ୍ମୁଖରେ ଛିଡ଼ା କରାଇ ଦିଅନ୍ତି ସ୍ରୋଷ୍ଟା। ଏଇଟା ବାସ୍ତବ କଥା ଯେ, ଲେଖିବାର ନିଶା ଜଣେ ସାଧାରଣ ମଣିଷକୁ ସାହିତ୍ୟିକର ପରିଚୟ ଆଣି ଦେଇପାରେ। ପେଶାରେ ଭିନ୍ନ ହେଲେ ମଧ୍ୟ ନିଶାରେ ଏମିତି ଅନେକ ବ୍ୟକ୍ତିତ୍ୱଙ୍କୁ ଦେଖାଯାଏ, ଯେଉଁମାନେ ସାହିତ୍ୟ ସାଧନାକୁ ମୁଖ୍ୟଦିଗ ଭାବରେ ଗ୍ରହଣ କରି ନିଅନ୍ତି ଏବଂ ସଫଳ ମଧ୍ୟ ହୋଇଯାଆନ୍ତି। ସେହିପରି ଜଣେ ସଫଳ ସାହିତ୍ୟିକ ହେଉଛନ୍ତି କଥାକାର ଦେବାଶିଷ ପାଣିଗ୍ରାହୀ। ପେଶାରେ ସେ ଜଣେ ପୋଲିସ୍ ଅଫିସର। କିନ୍ତୁ ସର୍ଜନାର ନିଶା ତାଙ୍କୁ ଏପରି ଘାରିଲା ଯେ ସେ ନିଜକୁ ଜଣେ ସାରସ୍ୱତ ସାହିତ୍ୟିକ ଭାବରେ ପ୍ରତିଷ୍ଠା କରାଇ ପାରିଛନ୍ତି। ସାହିତ୍ୟଠାରୁ ଭିନ୍ନ ତଥା କର୍ମମୟ ଜୀବନର ବ୍ୟସ୍ତବହୁଳ ଅବଧି ଭିତରୁ ସେ ସମୟ ବାହାର କରି ରାଶି ରାଶି ଗଳ୍ପ ରଚନା କରିବା କୌଣସି ସାଧାରଣ କାର୍ଯ୍ୟ ନୁହେଁ। ତେଣୁ ଜଣେ ତାଙ୍କୁ ଭଲ ପ୍ରଶାସକ ଅପେକ୍ଷା ଭଲ ସାହିତ୍ୟାନୁରାଗୀ ବ୍ୟକ୍ତି କହିଲେ କୌଣସି ଭୁଲ ହୋଇନପାରେ। ସାହିତ୍ୟ ପ୍ରତି ତାଙ୍କର ଥିବା ଅଭିରୂଚି, ଭଲପାଇବା, ନିଷ୍ଠା, ସମର୍ପଣ ତାଙ୍କ ସର୍ଜନାରୁ ସ୍ପଷ୍ଟ ବାରି ହୁଏ। ତେଣୁ ଦେବାଶିଷ ପାଣିଗ୍ରାହୀଙ୍କୁ ଜଣେ ସଫଳ କଥାକାର ଭାବରେ ଅଭିହିତ କରିବା ସମୀଚିନ ହେବ। ତରୁଣ ବୟସରୁ ତାଙ୍କର ଲେଖା ପ୍ରତି ଥିବା ଅଭିରୂଚି ତାଙ୍କ ରଚନାକୁ ଅନୁଧ୍ୟାନ କଲେ ଜଣାପଡ଼େ। ଏହି ସାହିତ୍ୟ ସାଧକ ତଥା ସଫଳ କଥାକାରଙ୍କର ଜନ୍ମ ବାଲେଶ୍ୱର ଜିଲ୍ଲାର ନୀଳଗିରିଠାରେ ହୋଇଥିଲା। ସମାଜର ବାସ୍ତବତା ତଥା ବ୍ୟକ୍ତିଗତ ଜୀବନର ଅନୁଭୂତିକୁ ବେଶ୍ ଚମତ୍କାର ଭାବରେ ସେ ଗଳ୍ପରେ ରୂପାୟିତ କରିପାରିଛନ୍ତି। ସେ କେବଳ ଲେଖିବା ପାଇଁ ନୁହେଁ , ତାଙ୍କ ଲେଖା ମାଧ୍ୟମରେ ଏକ ସ୍ୱତନ୍ତ୍ର ଆବେଦନକୁ ଜାହିର କରିବାର ଦୃଷ୍ଟିଭଙ୍ଗୀ ପ୍ରତୀୟମାନ ହୁଏ। ସେହି ଆବେଦନକୁ ପାଠକ ସମ୍ମୁଖରେ ଉପନୀତ କରାଇବାକୁ ହିଁ ସେ ଗୋଟିଏ ପ୍ରକାର ବ୍ରତ ଭାବରେ ପାଳନ କରିଛନ୍ତି। ତେଣୁ ସେ ପାଠକଙ୍କୁ ଭେଟି ଦେଇଛନ୍ତି ଅନେକ ରୂଚିର ଗଳ୍ପ। ଫଳରେ ସେ ପାଠକୀୟ ମହଲରେ ନିଜକୁ ଜଣେ ସ୍ୱତନ୍ତ୍ର ସ୍ଥାନୀୟ କରିପାରିଛନ୍ତି। ଅତଏବ ସେ ଜଣେ କର୍ତ୍ତବ୍ୟନିଷ୍ଠ, ଉଚ୍ଚପଦସ୍ଥ, ସୁଦକ୍ଷ ପୋଲିସ ଅଫିସର ଭାବରେ ଯେତିକି ପରିଚୟ ବହନ କରିଛନ୍ତି, ତା'ଠାରୁ ଅଧିକ ପରିଚିତ, ପ୍ରତିଷ୍ଠିତ ଓ ସମ୍ମାନିତ ହୋଇଛନ୍ତି ଜଣେ ସାହିତ୍ୟ ସାଧକ ଭାବରେ।

ବ୍ୟସ୍ତବହୁଳ ଜୀବନ ଭିତରୁ କାଣିଚାଏ ସମୟ ବାହାର କରି ସାହିତ୍ୟ ସାଧନାରେ ବ୍ରତୀ ହେବା ବାସ୍ତବରେ କାଠିକର ପାଠ। କଥାକାର ଦେବାଶିଷ ପାଣିଗ୍ରାହୀ ପ୍ରାଥମିକ ପର୍ଯ୍ୟାୟରେ କ୍ଷୁଦ୍ରଗଳ୍ପ ରଚନା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ପରବର୍ତ୍ତୀ ସମୟରେ ସେ ଦୀର୍ଘଗଳ୍ପ ବା ଉପନ୍ୟାସିକା ରଚନା କ୍ଷେତ୍ରରେ ମନନିବେଶ କଲେ। 'ତଥା କଥିତ' ହେଉଛି ତାଙ୍କର ପ୍ରଥମ ଗଳ୍ପ ସଂକଳନ। ଯାହା ୨୦୦୨ ମସିହାରେ ପ୍ରକାଶିତ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲା। ଏହା ପରେ ସେ ସାଧନାର ଫଳସ୍ମୃତି ଓଡ଼ିଆ ବାଣୀଭଣ୍ଡାରକୁ ପ୍ରଦାନ କରି ଚାଲିଛନ୍ତି ଗୋଟେ ପରେ ଗୋଟେ ଗଳ୍ପ ସଂକଳନ। ସେଗୁଡ଼ିକ ହେଲା – 'ଅତୀନ୍ଦ୍ରିୟ', 'ପରିବ୍ରାଜକ', 'ଅନ୍ୟମନସ୍କ', 'ଅଭିଭାବକ', 'ଅୟମାରମ୍ଭ', 'ଶୁଭକାମନା', 'ସୁର ମଲ୍ଲାର', 'ଦ୍ରାଘିମା', 'ଅନାମିକା'ଇତ୍ୟାଦି। ତାଙ୍କର ସର୍ଜନା ପାରଦର୍ଶିତା ହେତୁ ସେ 'ସୁବ୍ରତ ରଥ ସ୍ମାରକୀ ସମ୍ମାନ', 'ପଠାଣି ସାମନ୍ତ ସାହିତ୍ୟ ସମ୍ମାନ', 'କାଦମ୍ବିନୀ ଗଳ୍ପ

ସମ୍ମାନ'

ଆଦି ଅନେକ ସାରସ୍ୱତ ଅନୁଷ୍ଠାନ ତଥା ସାହିତ୍ୟ ବିଭଅଗ ଦ୍ୱାରା ସମ୍ମାନିତ ହୋଇଛନ୍ତି। ସେ 'ଆଗ ଧାଡ଼ିର ଲୋକ' ଓ 'ପାହାଡ଼ ପଛର ଜହ୍ନ' ଉପନ୍ୟାସିକା ଦୁଇଟି ରଚନା କରିଛନ୍ତି। ଏହି ଉପନ୍ୟାସିକା ଦ୍ୱୟର ଏକତ୍ରିକା ୨୦୧୧ ମସିହାରେ ପ୍ରକାଶ ଲାଭ କରିଥିଲା। ଏହା ଉପନ୍ୟାସିକା ରଚନାରେ ତାଙ୍କର ଆଦ୍ୟ ପ୍ରୟାସ। ଉତ୍କୃଷ୍ଟ ଭାଷା ବିନ୍ୟାସ ସହିତ ଗଭୀର ଅନୁଚିନ୍ତା ଏହି ଦୁଇଗୋଟି ଉପନ୍ୟାସିକାରେ ଦେଖିବାକୁ ମିଳେ। ଆମର ଆଲୋଚ୍ୟ ପ୍ରସଙ୍ଗ ହେଉଛି 'ଆଗ ଧାଡ଼ିର ଲୋକ' ଉପନ୍ୟାସିକାକୁ ନେଇ। ଯେଉଁଥିରେ କଳ୍ପନାର ଆଢୁଆଳ ଭିତରେ ବାସ୍ତବ ଘଟଣାକୁ ଉପସ୍ଥାପନା କରାଯାଇଛି। ଲେଖକଙ୍କ ସ୍ୱୀକାରୋକ୍ତି ଅନୁସାରେ ଉକ୍ତ ଉପନ୍ୟାସିକାର ମୁଖ୍ୟସ୍ୱର ହେଉଛି ଏକ ଅନ୍ତର୍ମୁଖୀ ବ୍ୟକ୍ତି ସତ୍ତା। ଯାହା ବେଗ ଓ ଆବେଗର ନିୟତ ସଙ୍ଘର୍ଷ ମଧ୍ୟରେ ବହୁଧା ବିଭକ୍ତ। ପ୍ରଗତିଶୀଳ ମଣିଷର ଆବେଗହୀନତା, ନିସଙ୍ଗତା ଓ ଆତ୍ମକୈନ୍ଦ୍ରିକ ମନସ୍କତାକୁ ଲେଖକ ତର୍ଜମା କରିଛନ୍ତି। ମନୁଷ୍ୟର ନୈରାଶ୍ୟବୋଧ ଭିତରେ କୋଉ ଅନ୍ତିମା କୋଣରେ ଉଙ୍କି ମାରୁଥିବା ଆଶା, ଆକାଙ୍କ୍ଷା, ସ୍ୱପ୍ନକୁ କଥାକାର ସର୍ବଦା ରଚନା ମଧ୍ୟମରେ ଲୋକଲୋଚନକୁ ଆଣିବାର ପ୍ରୟତ୍ନ କାରିଛନ୍ତି। ଜୀବନ ପଥରେ ଅନେକ ସମସ୍ୟା ସହିତ ବହୁ ସଙ୍ଘର୍ଷ ଯୋଡ଼ି ହୋଇ ରହିଥାଏ। ଠିକ୍ ସେହିପରି ଜୀବନର ସବୁକିଛି ହରାଇ ସାରିଥିଲେ ମଧ୍ୟ ଯାହା ପାଖରେ ଆଶାଟିଏ ସବୁବେଳେ ଉଦ୍‌ଜୀବିତ ହୋଇ ରହିଥିଏ, ସେ ଦିନେ ସଫଳତାର ଶୀର୍ଷରେ ଉପନିତ ହୋଇପାରେ। ଯାହାକୁ ଅନିରୁଦ୍ଧ ଚରିତ୍ର ମାଧ୍ୟମରେ ସ୍ରୋଷ୍ଟା ଦେଖାଇ ଦେଇଛନ୍ତି।

ଉପନ୍ୟାସିକା 'ଆଗ ଧାଡ଼ିର ଲୋକ' ପୂର୍ଣ୍ଣତଃ ମନସ୍ତାତ୍ତ୍ୱିକ ତର୍ଜମା ଆଧାରିତ କଥାବସ୍ତୁ ଉପରେ ପର୍ଯ୍ୟବେଶିତ। ଏଥିରେ ଜୀବନରେ ସଫଳତା ହାସଲ କରି ଆଗ ଧାଡ଼ିର ଅର୍ଥାତ୍ ସମ୍ଭ୍ରାନ୍ତ ବର୍ଗରେ ନିଜକୁ ସାମିଲ କରାଇଥିବା ଲୋକଙ୍କ ମନସ୍ତାତ୍ତ୍ୱିକ ସ୍ଥିତିକୁ ଅନିରୁଦ୍ଧ ଚରିତ୍ର ମାଧ୍ୟମରେ ରୂପାୟିତ କରାଯାଇଛି। ଗୋଟିଏ ନିମ୍ନ-ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ଅନିରୁଦ୍ଧ , ତିନି ବର୍ଷ ବୟସରୁ ପିତାକୁ ହରାଇଥିଲା। ମା' ଶୈଳଭାମା ଥିଲେ ପାଠୋଇ, ବୁଦ୍ଧୀମତୀ ଓ ସବୁ କାମରେ ଧୁରୀଣା। ତାଙ୍କର ସ୍ୱାମୀ ଚିକିତ୍ସା ଅଭାବରୁ ମହାବ୍ୟାଧୀ ଯକ୍ଷ୍ମାରେ ମୃତ୍ୟୁବରଣ କରିଥିବାରୁ ସେ ତାଙ୍କ ପୁଅକୁ ଡାକ୍ତର କରାଇବାର ସ୍ୱପ୍ନ ଦେଖିଥିଲେ। ତାଙ୍କର ପରିଶ୍ରମ ଓ ସାଧନା ତଥା ଅନିରୁଦ୍ଧର ନିଷ୍ଠା, ପ୍ରଚେଷ୍ଟା ଓ ଅଧ୍ୟବସାୟ ଫଳରେ ସେ ମେଧାବୃତ୍ତି ଲାଭକଲା। ବୃତ୍ତି ଟଙ୍କରେ ପାଠ ପଢ଼ି ମା'ର ସ୍ୱପ୍ନ ଦିଗରେ ଅଗ୍ରସର ହେଲା। ଦିଲ୍ଲୀର ଏମ୍‌ସ୍‌ରେ ଏମ୍.ବି.ବି.ଏସ୍. ପାସ୍ କରି ସେହିଠାରେ ଆସିଷ୍ଟାଣ୍ଡ ପ୍ରଫେସର ଭାବରେ ନିଯୁକ୍ତି ଲାଭ କଲା। ମାନ-ସମ୍ମାନ, ଦକ୍ଷତା, ପ୍ରତିପତ୍ତି, ଧନ-ସମ୍ପତ୍ତି, ଯୋଶୋକ୍ଷାତି ସବୁକିଛିର ଅଧିକାରୀ ହୋଇ ପାରିଲା। ମାତ୍ର ସବୁ ପ୍ରାପ୍ତି ମଧ୍ୟରେ ବି ଗୋଟିଏ ଖାଁ ଖାଁ ପଣ, ନୈରାଶ୍ୟ, ଏକାକୀତ୍ୱବୋଧ ଯେପରି ତାକୁ ଭିତରୁ ଭିତରୁ ଖାଇ ଚାଲିଥିଲା। ପ୍ରତିପତ୍ତିଶାଳୀ ବଡ଼ଲୋକଙ୍କ ପରି ଗାମ୍ଭୀର୍ଯ୍ୟ, ପରିପାଟୀ ଧାରଣ କରିବା ପରେ ମଧ୍ୟ ଅନ୍ତରାତ୍ମା ବ୍ୟାକୁଳ ହୋଇ ଉଠୁଥିଲା ପିଲାଦିନର ସେହି ନିର୍ବୋଧପଣ, ସରଳ ନିଷ୍କପଟ ଜୀବନ ପାଇଁ। ମାତ୍ର ତାହା ମରୁମରିଚିକା ପରି। ସମାଜର ଶୃଙ୍ଖଳାବଦ୍ଧ ବଡ଼ଲୋକିପଣ ବଜାୟ ରଖିବା ପାଇଁ ସେ ଯେ ଆଉ ପଛକୁ ଫେରି ଆସି ପାରିବ ନାହିଁ, ଏହା ଏକ ଅଲିଖିତ ସତ୍ୟ।

ପ୍ରତ୍ୟେକ ମଣିଷର ସଫଳତା ପଛରେ ଅନେକ ବିଫଳ ପ୍ରୟାସ ଓ ପ୍ରତିକୂଳତା ଲୁଚି ରହିଥାଏ। ଠିକ ସେହିପରି ସଫଳ ହେବା ପରେ ଅନିରୁଦ୍ଧ ମଧ୍ୟ ଅନେକ ଆକ୍ରୋଶ ଓ ଷଡ଼ଯନ୍ତ୍ରର ଶିକାର ହୋଇଥିଲା। ଆସିଷ୍ଟାଣ୍ଟ ପ୍ରଫେସର ହେବା ପରେ ଚିହ୍ନାଜଣା ଲୋକ ଗଲେ ସେ ତା' ପାରୁ ପର୍ଯ୍ୟନ୍ତ ସେମାନଙ୍କୁ ସାହାଯ୍ୟ କରୁଥିଲା ମାତ୍ର ଯାଇଥିବା ଲୋକ ଆଶାନୁରୂପ ସହେଯାଗ ପାଇପାରି ନାହିଁ ବୋଲି ପରେ ନିନ୍ଦା ରଚନା କଲେ। ଯଦିଓ କେତେଜଣ ବ୍ୟତିକ୍ରମ ମଧ୍ୟ ଅଛନ୍ତି। ତେଣୁ ଅନିରୁଦ୍ଧ ଧିରେ ଧିରେ ଏଥିରୁ ବିରତ

ହୋଇଥିଲା। ଜୀବନରେ ଏହିପରି କେତେକ ମୋଡ଼ରେ ଠକିବା ପରେ ସେ ବୁଝିଛି ଜୀବନର ମାନଦଣ୍ଡକୁ ଆଗ ଧାଡ଼ିର ଲୋକ ଭାବରେ। କଥାକାରଙ୍କ ଭାଷାରେ- ଆଗ ଧାଡ଼ିର ଲୋକଙ୍କ ପାଇଁ ସବୁ ରିଲେସନସିପ୍‌ର ମୂଳଭିତ୍ତି 'ଗିଭ୍ ଆଣ୍ଡ ଟେକ୍' ରେସିପ୍ରୋସିଟି। ତମେ କେତେ ପାଇଲ ଓ କେତେ ଦେଲର ବାଲାନ୍ସ ସିଟ୍‌ର ହିସାବ ସବୁଦିନ ସକାଳୁ ନେବାକୁ ହୁଏ। ତେଣୁ ବିଜ୍ଞତାର ଏୟା ହିଁ ନିୟାମକ, ପରିଚାୟକ - ଯଦି ବେଗ ଚାହଁ, ତେବେ ଆବେଗକୁ ଛାଡ଼।(ଆଗ ଧାଡ଼ିର ଲୋକ, ପୃ-୧୮) ଜଣେ ସଫଳ ପ୍ଲାଷ୍ଟିକ ସର୍ଜନ ଭାବରେ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିବା ପରେ ସହକର୍ମୀଙ୍କ ଈର୍ଷା, କୁତ୍ସାରଟନା ଓ ଷଡ଼ଯନ୍ତ୍ର ତାକୁ ଦୋହଲାଇ ଦେଇଥିଲା। ପରେ ଗଣ୍ଡା ପରି ଚମଡ଼ାକୁ ଟାଣ କରି ପରିସ୍ଥିତିର ସାମ୍ନା କରି ଶିଖିଲା। ନିଜର ସହକର୍ମୀ ଜଣେ ନାରୀ ପଚାଶ ଲକ୍ଷ ଟଙ୍କା ପାଇଁ ବିରୋଧୀପକ୍ଷଙ୍କ ଇଙ୍ଗୀତରେ ଅନିରୁଦ୍ଧ ଉପରେ ବଳାତ୍କାର ଓ ଯୌନ ଶୋଷଣର ଅଭିଯୋଗ କରିଥିଲା। ଅନିରୁଦ୍ଧ ତା'ର କ୍ଷମତା ଓ ପ୍ରତିପତ୍ତି ବଳରେ ଭଲ ଓକିଲ ନିଯୁକ୍ତ କରି ଏହାର ସମାଧାନ କରିଥିଲା। ସଫଳ ହେବାର ଘୋଡ଼ାଦୌଡ଼ରେ ମାତି ସବୁକିଛିକୁ ପାସୋରୀ ଦେଇଥିଲା ସେ। ଦଶ ବର୍ଷ ତଳୁ ମା' ଦେଇଥିବା ବିବାହ ପ୍ରସ୍ତାବକୁ ଅନିରୁଦ୍ଧ ରୋକଠୋକ ମନା କରିଦେଇଥିଲା। ପଇଁତିରିଶି ବର୍ଷର ଉତ୍ତୀର୍ଣ୍ଣ ବୟସରେ ସେ ବିବାହର ଆବଶ୍ୟକତାକୁ ଅନୁଭବ କରିଛି। ସେ ବିବାହ କରିଛି ଜଣେ ସହକର୍ମୀ ଡାକ୍ତରାଣୀ ରୀତାକୁ। ଉତ୍ତୀର୍ଣ୍ଣ ବୟସର ଶିଥିଳତା ସନ୍ତାନ ପ୍ରାପ୍ତିରେ ପ୍ରତିବନ୍ଧକ ସାଜିଛି। କୌଣସି ଡାକ୍ତରୀ କୌଶଳ ମଧ୍ୟ ସନ୍ତାନ ଉପୁଯାଇ ପାରି ନାହିଁ। ତା' ପାଖରେ ଥିଲା

ସୁସଜ୍ଜିତ ତ୍ରିତଳ ପ୍ରାସାଦ ଗ୍ରେଟ୍ କୈଲାଶ୍, ମର୍ସିଡିଜ ବେଞ୍ଜ କାର, ଧନ୍ୱନ୍ତରୀ ହସପିଟା, ଡାକ୍ତରାଣୀ ସ୍ତ୍ରୀ ହେଲେ ବି ସେ ପ୍ରାସାଦ କେବେ ଘର ହୋଇପାରିନି। ନା ସେଠାରେ ଅଛି କୌଣସି ପକ୍ଷୀର କୁଜନ, ନା ପିଲାର କୁଆଁ କୁଆଁ। ଉଭୟେ ଯେ ଯାହା କାମରେ ବ୍ୟସ୍ତ କେବଳ ବିଶ୍ରାମ ଟିକିଏ ପାଇଁ ବିଳମ୍ବରାତ୍ରୀରେ ଘରକୁ ଫେରନ୍ତି ଦୁହେଁ। ଜୀବନରେ ଆବେଗହୀନତା , ପୁଣି ସନ୍ତାନ ହୀନତା ଅନ୍ୟଏକ ଖାଲିପଣକୁ ହୃଦୟରେ ଉଦ୍‌ବେଳିତ କରେ। କାର୍ଯ୍ୟ ବ୍ୟସ୍ତତା ହେତୁ ସେ ଗାଁକୁ ମଧ୍ୟ ଆସିପାରି ନାହିଁ ଅନେକ ଦିନ ଧରି। ଦୀର୍ଘ କୋଡ଼ିଏ ବର୍ଷ ପରେ ଗାଁକୁ ଆସିଛି ଅନିରୁଦ୍ଧ। ବର୍ତ୍ତମାନର ପରିବର୍ତ୍ତିତ ପରିବେଶ ଦେଖି ତା' ଆଖି ଆଗରେ ନାଚି ଉଠିଛି ପିଲା ଦିନର ପରିବେଶ ଓ ଘଟଣା। କେବଳ ପରିବେଶ ନୁହେଁ ସ୍ଥାନ, କାଳ, ପାତ୍ର, ବାତାବରଣ, ଜଳବାୟୁ, ଏପରିକି ମଣିଷର ମାନସିକତା ମଧ୍ୟ କିପରି ସହରାଭିମୁଖୀ ହୋଇଯାଇଛି ତାହା ସେ ଉପଲବ୍ଧି କରିଛି। ମାତ୍ର ବ୍ରଜଦାଦାଙ୍କ ଘରେ ଦାଦା ଖୁଡ଼ିଙ୍କ ଅନାବିଳ ସ୍ନେହ ତାକୁ ଏକ ଅଭୂତ ତୃପ୍ତି ଦେଇଛି। ଯାହା ତାକୁ ମିଳିପାରି ନାହିଁ ଯୋଶ ଓ ସାମ୍ରାଜ୍ୟର ଉଚ୍ଚତମ ସୋପାନରେ। ତା'ର ଉପଲବ୍ଧି ଆସିଛି ବାସ୍ତବରେ ଘର ତିଆରି ହୁଏ ସ୍ନେହ, ଆନ୍ତରିକତା, ଭଲପାଇବାରେ, କିଛି ପ୍ରାପ୍ତି ଓ ଅପ୍ରାପ୍ତି ଭିତରେ। ସବୁକିଛି ମିଳିଗଲେ, ସବୁ ଯଥାଯଥ ହୋଇଗଲେ ତାହା ଆଉ ଘର ହୋଇ ରହେନା, ପାଲଟି ଯାଏ ଦର୍ଶନୀୟ ସ୍ଥାନ। କଥାକାରଙ୍କ ଭାଷାରେ -ପରଫେକ୍ଟ ଡେକର୍ ଓ ବିଶାଳ ଆୟତନ ଘରଠୁ ତା'ର ଘରୋଇପଣ ଛଡ଼େଇ ନିଏ। ଘର ପାଲଟି ଯାଏ ଅତିଥିଶାଳା ଏବଂ ସେ ଘରର ସଦସ୍ୟ ପାଲଟି ଯାଆନ୍ତି ପାନ୍ଥଶାଳାର ପଥିକ। ପରିବାରର ସୁଖଦୁଃଖ ବାଣ୍ଟୁଥିବା, ସଂପର୍କର, ସ୍ନେହଶ୍ରଦ୍ଧା, ମମତାର ଅତୁଟ ଡୋରୀରେ ବନ୍ଧା ହୋଇଥିବା ବାପାମାଆ, ପିଲାଛୁଆ, ଜ୍ଞାତିକୁଟିମ୍ବଙ୍କର ଆବାସସ୍ଥାନ ହେବା ପାଇଁ, ଘରକୁ ତା'ର ଘରୋଇପଣ ଅକ୍ଷୁର୍ଣ୍ଣ ରଖିବା ପାଇଁ ଇମ୍ପରଫେକ୍ଟ ହେବାକୁ ହୁଏ, ବ୍ରଜଦାଦା ଓ ବାସନ୍ତୀ ଖୁଡ଼ୀଙ୍କ ହାଉସିଂ ବୋର୍ଡର ଠାଏଁ ଠାଏଁ ରଙ୍ଗ ଓ ପଲସ୍ତରା ଛାଡ଼ି ଯାଇଥିବା, କିନ୍ତୁ ତୁଳସୀ ଚଉରା, କାଠଚମ୍ପା ଓ ରକ୍ତଚମ୍ପା ଗଛ ଥିବା ଘରଟିଏ ପରି। ?(ଆଗ ଧାଡ଼ିର ଲୋକ,ପୃ-୨୧)

ବ୍ରଜଦାଦାଙ୍କଠାରୁ ବିଦାୟ ନେଇ ଅନିରୁଦ୍ଧ ଅଗ୍ରସର ହୋଇଥିଲା ନିଜର ଗାଁ ପାଟପୁର ଅଭିମୁଖେ। ରାସ୍ତାରେ ଇନୋଭା ଗାଡ଼ିରେ ଦୂରତା ଅତିକ୍ରମ କରୁଥିବା ବେଳେ କିଛି କିଛି ପରିଚିତ ଜାଗା ଅଖି ଆଗରେ ଆସି ଅନେକ ଭାବନା ସୃଷ୍ଟି କରୁଥିଲେ। ସେହି

ଭାବନାକୁ ଉତ୍‌ପ୍ରେରିତ କରୁଥିଲା କାରରେ ବାଜୁଥିବା ପୁରୁଣା ଚଳଚିତ୍ରର ଗୀତ। ଗାଁ ଯେତେ ପାଖେଇ ଆସୁଥାଏ, ସେତେ ପିଲା ଦିନର ସ୍ମୃତି ବଳବତ୍ତର ହୋଇଉଠୁଥାଏ। ତରମାକାନ୍ତର ପରିତ୍ୟକ୍ତ ଓ ବିଧ୍ୱସ୍ତ ଅବସ୍ଥା ଦେଖି ପିଲା ଦିନେ ତରମାକାନ୍ତରେ ଚାଷ ହେଉଥିବା ସୁଗନ୍ଧିତ ଚା' ବଗିଚା, ମ୍ୟାନେଜର ବଙ୍ଗାଳୀ ଭଦ୍ରଲୋକ ଶ୍ୟାମଲ୍ ସରକାର, ସ୍କୁଲ ଶିକ୍ଷକଙ୍କ ଭୂଗୋଳ ବୁଝାଇବା ଆଦି ଅନେକ କଥା ତା' ଆଖି ଆଗରେ ଭାସି ଉଠିଲା। ଏମିତି ଗାଡ଼ି ଯାଇ ଅଟକିଲା ନିଜ ଘର ପାଖରେ। ଏକ ତାଲା କୋଠାଘର। ଘରେ ମା' ଏକା, ତାଙ୍କ ପାଖରେ ଭାଗଚାଷୀ ଦଇତାରୀ ଓ ପୁଅ କାଳିଆ ରହିଥାଏ ବୋଲହାଙ୍କ କରିବା ପାଇଁ। ମା'ଙ୍କର ଜରାଜୀର୍ଣ୍ଣ ଅବସ୍ଥା ଦେଖି ଅନିରୁଦ୍ଧ ହୃଦ୍‌ବୋଧ କରିଛି " ତା' ଆଗ ଧାଡ଼ିର ଲୋକ ହେବା ପଛରେ ତା' ମା'ଙ୍କର ଥିବା ଜୀବନବ୍ୟାପୀ ସାଧନା ଓ ବେଦନାର ପରିମାଣକୁ। ମାତ୍ର ମା' ଶୈଳଭାମା ଗାଁରେ ଏକାକୀ ବାସ କରନ୍ତି ନିଜ ବେଦନା, ଯନ୍ତ୍ରଣା, ହତାଶା, ଏକାକୀତ୍ୱକୁ ଛାତିତଳେ ଚାପିରଖି ପୁଅର ମଙ୍ଗଳ ମନାସୁଥାନ୍ତି। ଅନିରୁଦ୍ଧ ଗାଁକୁ ଆସି ମା'ଙ୍କ ହାତରନ୍ଧା ଓ ସ୍ନେହବୋଳା ହାତର ସ୍ପର୍ଶରେ ଅନେକ ଶାନ୍ତି ଏବଂ ଆତ୍ମତୃପ୍ତି ଲାଭ କରିଛି। ସୁଖନିଦ୍ରା ହୋଇଛି ତାକୁ ଅନେକ ବର୍ଷପରେ। ଅନେକ କିଛି ପରିବର୍ତ୍ତନ ହୋଇଛି ଗାଁରେ ମାତ୍ର ଲୋକଙ୍କ ମାନସିକତାରେ ବିଶେଷ କିଛି ପ୍ରଭେଦ ଆସିନଥିବା ସେ ଅନୁଭବ କରିଛି। ତା'ର ପିଲାଦିନର ସାଙ୍ଗ ଜଗବନ୍ଧୁ ସହ ଦେଖା ହୋଇଛି। ପିଲାଦିନେ ପାଠ ପଢୁଥିବା ସ୍କୁଲରେ ସେ ହେଡ୍‌ମାଷ୍ଟର। ତା'ର ବୃତ୍ତିଗତ ଜୀବନରେ ସେ ସେତେଟା ସଫଳ ହୋଇପାରି ନଥିଲେ ହେଁ ଜୀବନ ଥିଲା ବେଶ ସୁନ୍ଦର। ତାର' ବନ୍ଧୁ ପରିଚର୍ଚ୍ଚା, ଆତିଥ୍ୟ ପ୍ରଦାନ ଅନିରୁଦ୍ଧକୁ ପ୍ରଭାବିତ କରିଥିଲା। ବିଶେଷତଃ ପ୍ରଭାବିତ କରିଥିଲା ଜଗବନ୍ଧୁର ପ୍ରେମପୂର୍ଣ୍ଣ ମଧୁର ଦାମ୍ପତ୍ୟ ଜୀବନ। ଯାହା ଅନିରୁଦ୍ଧର ସଫଳ ଜୀବନ ଭିତରେ ଆଦୌ ନଥିଲା। ଜୀବନରେ ଆଗ ଧାଡ଼ିର ଲୋକ ହେବାର ସଙ୍ଘର୍ଷରେ ସେ ଅନେକ ବ୍ୟଭିଚାରର ଶିକାର ହୋଇ ନାସ୍ତିକ ପାଲଟି ଯାଇଥିଲା। ମା'ଙ୍କର ପୂଜାର୍ଚ୍ଚନା, ଧୂପ, ଦୀପ, କର୍ପୂର ଆଳତି ଓ ଝୁଣାର ସୁଗନ୍ଧ ତାକୁ ଏକ ଅତୀନ୍ଦ୍ରିୟ ଚେତନା ଆଡ଼କୁ ଉତ୍ତରିତ କରୁଥିଲା। ମାତ୍ର ଆଗ ଧାଡ଼ିର ଲୋକ ହେବାପରେ ସମାଜର ଶୃଙ୍ଖଳା ତାକୁ ପଛକୁ ଫେରି ଚାହିଁବାରେ ବାଧକ ସାଜିଥିଲା। ତେଣୁ କଥାକାର କହିଛନ୍ତି " ଆଗ ଧାଡ଼ିର ଲୋକକୁ ବୈରାଗ୍ୟ ଶୋଭା ଦିଏନା, ଶୋଭା ଦିଏନି ଅନାସକ୍ତି, ମୋହମୁକ୍ତି ବା ସବୁକିଛି ମୁଣ୍ଡପାତି ସହିନେବାର, ହସି ହସି ଗ୍ରହଣ କରିନେବାର ମାନସିକତା। ?(ଆଗ ଧାଡ଼ିର ଲୋକ, ପୃ-୫୫)

ଆଗ ଧାଡ଼ିର ଲୋକ ହେବାକୁ ହେଲେ ନିଷ୍ଠା ପରିଶ୍ରମ, ପ୍ରଚେଷ୍ଟା ସହିତ ଅନେକେ ସତ୍- ଅସତ୍‌ର ପଥ ମଧ୍ୟ ଗ୍ରହଣ କରି ନିଅନ୍ତି। ଗୋଟିଏ ଲକ୍ଷରେ ଉପନିତ ହେବା ଭିତରେ ଅନେକ ଲକ୍ଷ, ଆଶା, ଆକାଙ୍କ୍ଷା, ଦାୟିତ୍ୱ, କର୍ତ୍ତବ୍ୟ ଅକାଳରେ ଲୋପ କରିବାକୁ ପଡ଼ିଥାଏ। ମାତ୍ର ସେଗୁଡ଼ିକ ଯେ ଜୀବନ ପ୍ରତି କେତେ ଉପାଦେୟ ତାହା ସଫଳତାର ଶୀର୍ଷରେ, ପରିଣତ ବୟସରେ ଉପଲବ୍ଧ ହୁଏ। ସେତେବେଳେ ଆଉ ପଛକୁ ଫେରିଆସିବାର ସୁଯୋଗ ନଥାଏ।

ନେଡ଼ିଗୋଡ଼ କହୁଣୀକୁ ବହି ଆସିଥାଏ। ଠିକ୍ ଏହି ଆବିଳତା ଅନିରୁଦ୍ଧ ମନରେ ମଧ୍ୟ ଏକ ବିଶାଳ ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଥିଲା। କଥାକାରଙ୍କ ମତାରେ " ଥରେ ପର୍ବତାରୋହୀ ହେଲାପରେ ଅନିରୁଦ୍ଧ କଣ ପଚାରି ପାରିବ କାହାକୁ, ପର୍ବତ ଉଠିବା ପାଇଁ ଯେଉଁ ରାସ୍ତା ଦେଇ ମୁଁ ଆସିଛି, ସେ ମାର୍ଗ ଠିକ୍ ଥିଲା ନା ନାହିଁ ! ?(ଆଗ ଧଡ଼ିର ଲୋକ, ପୃ-୫୬)

ଆଗ ଧାଡ଼ିର ଲୋକ ଉପନ୍ୟାସିକାର କାହାଣୀ ଆରମ୍ଭ ହୁଏ ଇଣ୍ଡିଗୋ ଏୟାରଲାଇନ୍‌ସର ଅପରାହ୍ଣ ଫ୍ଲାଇଟ୍‌ରୁ ଯାହା ଦିଲ୍ଲୀରୁ ଭୁବନେଶ୍ୱରକୁ ଯାତ୍ରା କରୁଥିଲା। ସେଥିରେ ଆଗ ଧାଡ଼ିରେ ଝରକା ପାଖ ସିଟ୍‌ରେ ବସି ଭୁବନେଶ୍ୱର ଯାତ୍ରା କରୁଥିଲା ଅନିରୁଦ୍ଧ।

ବିମାନ ଉପରୁ ଝରକା ଦେଇ ବିହଙ୍ଗାବଲୋକନ କାଳରେ କଥାକାର ଭୁବନେଶ୍ୱରର ପଟ୍ଟଚିତ୍ର ଅଙ୍କିଛନ୍ତି ପାଠକ ସମ୍ମୁଖରେ। ବିଜୁପଟ୍ଟନାୟକ ବିମାନ ବନ୍ଦର, ଭୁବନେଶ୍ୱର ରନଓ୍ୱେ ଛୁଇଁବା ପରେ ଅନିରୁଦ୍ଧ ପ୍ରଥମେ ଦେଖିଥିଲା ବିମାନ ବନ୍ଦରର ଦୃଶ୍ୟକୁ। ବେଶ୍ କିଛି ବଦଳି ଯାଇଛି ବିଗତ କୋଡ଼ିଏ ବର୍ଷ ମଧ୍ୟରେ। ଯେତେବେଳେ ସେ ବ୍ରଜଦାଦା ସହିତ ପିଲାଦିନେ ବିମାନବନ୍ଦର ଦେଖିବାକୁ ଆସିଥିଲା ସେତେବେଳେ ଅଳ୍ପ ଉଚ୍ଚାର ପ୍ରାଚୀର ଓ ତାରବାଡ଼ ପଛପାଖରେ ଛିଡ଼ା ହୋଇ ଲୋକେ ବିମାନ ଆରୋହଣ, ଅବତରଣ ଦୃଶ୍ୟକୁ ଦେଖୁଥିଲେ। ମାତ୍ର ବର୍ତ୍ତମାନ ସୁଉଚ୍ଚ ପ୍ରାଚୀର, କଡ଼ାପ୍ରହରା। କଥାକାର ଅନିରୁଦ୍ଧ ଚରିତ୍ରର ଅତୀତ ସ୍ମୃତିର ତର୍ଜମା ଆଳରେ ବେଶ୍ ଚତୁରତାର ସହିତ କୋଡ଼ିଏ ବର୍ଷ ତଳର ଭୁବନେଶ୍ୱର ସହିତ ବର୍ତ୍ତମାନର ପରିବେଶକୁ ତୁଳନା କରି ସହରୀକରଣର ଅଗ୍ରଗତି ଓ ପରିବର୍ତ୍ତମାନ ଭୁବନେଶ୍ୱରର ଏକ ସ୍ୱଷ୍ଟ ଚିତ୍ର ପ୍ରଦାନ କରିଛନ୍ତି।

କୋଡ଼ିଏ ବର୍ଷ ପୂର୍ବେ ଭୁବନେଶ୍ୱର ଏକ ଛୋଟିଆ ସହର ଥିଲା। ଏତେ କୋଠାବାଡ଼ି , ଗାଡ଼ିଘୋଡ଼ା ନଥିଲା। ଶୀତଳ ପବନ ପ୍ରାକୃତିକ ପରିବେଶରେ ସୁଶୋଭିତ ଥିଲା ଭୁବନେଶ୍ୱର। ଧଉଳି ଗିରିର ଶାନ୍ତିସ୍ତୁପ, ଲିଙ୍ଗରାଜ ମନ୍ଦିରର ଚୂଡ଼ା ଦୂରରୁ ଦେଖା ଯାଉଥିଲା। ଜୀବନଯାପନର ଶୈଳୀ ମଧ୍ୟ ଥିଲା ବେଶ୍ ଶାନ୍ତିପ୍ରଦ। ରାସ୍ତା କଡ଼ରେ କୃଷ୍ଣଚୂଡ଼ା, ରାଧାଚୂଡ଼ା, ଜାମୁକୋଳି ଗଛ ଶୋଭା ବଢ଼ାଉଥିଲା। ଆଖପାଖ ଗାଁରେ ବାସ କରୁଥିବା ଲୋକଙ୍କ ପାଇଁ ଏହା ଥିଲା ଏକ ମନୋରମ ଦର୍ଶନୀୟ ସ୍ଥାନ। ମାତ୍ର ବର୍ତ୍ତମାନର ଭୁବନେଶ୍ୱରରେ ଆକାଶ ପାତାଳ ପ୍ରଭେଦ। ଏବେ ଅଗଣିତ ପଞ୍ଚତାରକା, ତିନି ତାରକା ହୋଟେଲ, ସପିଂମୋଲ୍, ଛତୁଫୁଟିଲା ପରି କୋଠାବାଡ଼ି ଗଢ଼ି ଉଠିଛି। ଷ୍ଟାଡିୟମରେ କ୍ରିକେଟ ଖେଳ ହେଉଛି। ଚାରିଆଡ଼େ ପ୍ରଶସ୍ତ ରାଜରାସ୍ତା, ଗାଡ଼ିମଟରର ଚଳାଚଳ ବେଶ୍ ବଢ଼ି ଯାଇଛି। ରାସ୍ତା ମଝିରେ ବିଜ୍ଞାପନର ଅସଂଖ୍ୟ ହୋଡିଂ। ତାପମାତ୍ରା ମଧ୍ୟ ବେଶ ବୃଦ୍ଧି ପାଇଛି। ସକାଳେ ବି ଗରମ ଗୁଳୁଗୁଳି ଅନୁଭବ ହେଉଛି। ଶାନ୍ତ, ସୁନ୍ଦର, ସହଜ, ସରଳ ଗ୍ରାମ୍ୟ ପରିବେଶ ଓ ମାନସିକତାକୁ ସମୃଦ୍ଧିର ସ୍ୱପ୍ନ ଓ ସହରୀକରଣର ଚାକଚମକ ଯେମିତି ଗ୍ରାସ କରିଚାଲିଛି ଦିନକୁ ଦିନ। ତା'ର ବ୍ରଜଦାଦା ସେକ୍ରେଟାରୀଏଟ୍‌ରେ ଚାକିରୀ କରି ଅବସର ନେବା ପରେ ମଧ୍ୟ ଆଉ ଫେରି ଯାଇ ନାହାନ୍ତି ଗାଁ ପାଟପୁରକୁ। ସେ ହାଉସିଂ ବୋର୍ଡ଼ରେ ଘର କିଛି ସ୍ଥାୟୀ ହୋଇ ରହିଯାଇଛନ୍ତି ଡୁମଡୁମାରେ। ପାଟପୁର ଗାଁରେ ମଧ୍ୟ ବଦଳିଛି କିଛି କିଛି। ମାତ୍ର ଲୋକଙ୍କ ମାନସିକତାରେ ବିଶେଷ ପ୍ରଭେଦ ଦେଖାଦେଇ ନାହିଁ। ଅବଶ୍ୟ କେତୋଟି କୋଠାଘର ମୁଣ୍ଡ ଟେକିଛି, ପ୍ରାୟ ଘରେ ବିଜୁଳି ଆଲୋକ, ପାଇଖାନା ବ୍ୟବସ୍ଥାହୋଇଛି। ମଟର ସାଇକେଲ, ଟିଭି, ମୋବାଇଲ ଦେଖିବାକୁ ମିଳୁଛି। ହେଲେ ଗ୍ରାମୀଣ ସୁଲଭ ନିଷ୍କପଟତା, ସରଳତା, ନିରିହତା ଏଯାବତ୍ ବିଦ୍ୟମାନ। କଥାକାରଙ୍କ ଭାଷାରେ "ଛକାଳିଆକୁ ଦେଖି ଅନିରୁଦ୍ଧ ଜାଣି ପାରିଲା, ଦୀର୍ଘ ଦୁଇ ଦଶନ୍ଧି ଭିତରେ ବି ବିଶେଷ କିଛି ବଦଳିନି ତାର ପଲ୍ଲୀ ଗାଁ ପାତପୁରର ଆବହାଓ୍ୱା। ଏଠି ଏବେବି ଲୋକେ ଶିକ୍ଷିତ ନୁହେଁ କେବଳ ସାକ୍ଷର ହେବାକୁ ଚାହାନ୍ତି। ?(ଆଗ ଧାଡ଼ିର ଲୋକ, ପୃ-୪୬) କଥାକାର ବେଶ୍ ସୁନ୍ଦର ଭାବରେ ଭୁବନେଶ୍ୱରର ପରିବର୍ତ୍ତନ ଓ ପ୍ରାଚୀନ ଐତିହ୍ୟକୁ ଉପନ୍ୟାସିକା ମଧ୍ୟରେ ଦେଖାଇ ଦେଇଛନ୍ତି।

ଏହି ପରିବର୍ତ୍ତନ କେବଳ ଔପନିବେଶିକ ବା ଆର୍ଥନୀତିକ ନୁହେଁ; ପାରିବାରିକ ତଥା ମାନବିକ ଦିଗକୁ ମଧ୍ୟ ପ୍ରଭାବିତ କରିଛି। ଉନ୍ନତିର ନିଶା, ସହରୀକରଣର ଅଦବ୍‌କାଇଦାକୁ ଗ୍ରହଣ କରିବା ପ୍ରୟାସରେ ମନୁଷ୍ୟ ଭୁଲିଯାଉଛି ତା'ର ସାମୁହିକ ଜୀବନକୁ, ପ୍ରତିବଦ୍ଧତାକୁ, ଦାୟବଦ୍ଧତା ଓ କର୍ତ୍ତବ୍ୟବୋଧକୁ। ସେ କେବଳ ନିଜକୁ ଚିହ୍ନୁଛି ଓ ଚିହ୍ନେଇବାର ଚେଷ୍ଟା କରୁଛି। ନିଜକୁ ସ୍ୱତନ୍ତ୍ର କରି ଗଢ଼ିତୋଳିବାର ଚେଷ୍ଟାରେ ସେ ବରଣ କରୁଛି ନିସଙ୍ଗତା, ଏକାକୀତ୍ୱବୋଧକୁ। ଆଉ ଦେଖାଯାଉନି ଯୌଥ ପରିବାର। ପ୍ରତିଷ୍ଠିତ ହେବାର ଦୌଡ଼ରେ ସମସ୍ତେ ନିଜ ନିଜ କର୍ମରେ , ନିଜ ନଜ ଦୁନିଆରେ ବ୍ୟସ୍ତ। କାହାର କାହାରି ପାଇଁ ସମୟ ନାହିଁ। ଯେ ଯେତେ ଉନ୍ନତ, ସମ୍ଭ୍ରାନ୍ତ, ପ୍ରତିଷ୍ଠିତ, ଓ ପ୍ରତିପତ୍ତିଶାଳୀ; ସେ ସେତେ ବ୍ୟସ୍ତ ଏକଲା, ନିଃଶ୍ୱ ଓ ହତାଶ। ବ୍ରଜଦାଦା ଚାକିରୀ କରି ଭୁବନେଶ୍ୱରର ସ୍ଥାୟୀ ବାସିନ୍ଦା, ଆଉ ଫେରିନାହାନ୍ତି ପାଟପୁର ଗାଁକୁ। ଦାଦାଙ୍କ ପୁଅ କୁନା ଇଞ୍ଜିନିୟରିଙ୍ଗ୍ କରି ଚେନ୍ନାଇର ଟିସିଏସ୍ କମ୍ପାନୀରେ ଚାକିରୀ କରି ସ୍ତ୍ରୀ ପିଲା ସହ ସେହିଠାରେ। ଦାଦା ଝିଅ ତନି ଅପାର ବର କଟକରେ ମଟର ପାର୍ଟସ୍ ବ୍ୟବସାୟ ତେଣୁ ସେ ମଧ୍ୟ କଟକରେ ସ୍ଥାୟୀ । ଗାଁରେ ଅନିରୁଦ୍ଧର ମା' ଏକା। ଅନିରୁଦ୍ଧ ଚାକିରୀପରେ ଦିଲ୍ଲୀରେ ସ୍ତ୍ରୀସହ ରହୁଛି। ତେଣୁ ପ୍ରଗତି ସମୃଦ୍ଧି ଆଣିଛି

ସତ ମାତ୍ର ସାମୁହିକ, ମିଳିତ ଜୀବନକୁ ବିଧ୍ୱସ୍ତ କରିଦେଇଛି। ଏବେତ ଏକକ ପରିବାରରେ ବ୍ୟକ୍ତିସ୍ୱାଧୀନତାର ଅପାର ପ୍ରଭାବ ହେତୁ ସ୍ୱାମୀ ସ୍ତ୍ରୀ ଗୋଟିଏ ଛାତ ତଳେ ରହିଲେ ବି ପରସ୍ପର ପରସ୍ପର ସମ୍ବନ୍ଧରେ ଅଜ୍ଞ। କେବଳ କର୍ମ ବ୍ୟସ୍ତତା ସେମାନଙ୍କ ସମୟ ବ୍ୟୟର

ମାଧ୍ୟମ। ଅନିରୁଦ୍ଧର ଜୀବନ ମଧ୍ୟ ଠିକ୍ ସେହିପରି। କଥାକାରଙ୍କ ଶୈଳୀରେ "ଝସକାଳୁ ରାତି ଅଧ ପର୍ଯ୍ୟନ୍ତ ଧନ୍ୱନ୍ତରୀ ହସ୍‌ପିଟାଲ୍‌ରେ ସମୟ କାଟନ୍ତି ସ୍ୱାମୀ ସ୍ତ୍ରୀ ଦୁହେଁ; ରାତିର ଉତ୍ତୀର୍ଣ୍ଣ ପ୍ରହରରେ ସେମାନେ କେବଳ ସେ ଅତିଥିଶାଳାକୁ ଫେରୁଥିଲେ ରାତି ବିତେଇବା ପାଇଁ, ସେମାନଙ୍କ ଆଖିରେ ଯୁଗ୍ମ ଜୀବନର କିଛି ସ୍ୱପ୍ନ ବା ସମ୍ଭାବନା ନଥିଲା। କେବଳ ଗୋଟିଏ ବୁଝାମଣା ଭିତରେ ସେମାନଙ୍କର ଦାମ୍ପତ୍ୟ ଜୀବନ ବୈଚିତ୍ର୍ୟହୀନ ଭାବେ ବିତି ଚାଲିଥିଲା। (ଆଗ ଧାଡ଼ିର ଲୋକ, ପୃ-୨୪) ଦିନେ ଉଡ଼ାଜାହାଜକୁ ଦେଖି ପୁଷ୍ପକ ବିମାନର ପରିକଳ୍ପନା କରୁଥିବା ଅନିରୁଦ୍ଧ ଉଡ଼ାଜାହାଜରେ ଆଗ ଧାଡ଼ିରେ ବସିବାର ଯୋଗ୍ୟତା ଅର୍ଜନ କରିବା ପରେ ଅଯାଚିତ ଭାବରେ କ୍ରମଶଃ ଆପଣେଇ ନେଇଛି ସହରୀ ଢଙ୍ଗ ଓ ସାମ୍ଭ୍ରାନ୍ତ୍ୟର ଆଦବ୍‌କାଇଦାକୁ। ଯାହା ତା'ଠୁ ଛଡ଼େଇ ନେଇଛି ସୁଖ, ଶାନ୍ତି, ତୃପ୍ତି ଆଶ୍ୱସ୍ତି ପରି ଜୀବନ ପାଇଁ ବହୁ ଉପାଦେୟ ଉପାଦାନଗୁଡ଼ିକୁ, ତାହା ଅନିରୁଦ୍ଧ ଗାଁ ପାଟପୁରକୁ ଆସିବାପରେ ଉପଲବ୍ଧି କରିଛି। ଭାଗଚାଷୀ ଦଇତାରୀର ପୁଅ କାଳିଆ ପରି ଲୋକଙ୍କ ସରଳତା, ନିରୀହତା, ଗାଁ ଛକରେ ପୂଜା, ଗାଁର ମନରୋମ ହରିତ ପରିବେଶ, ଗୋବର ଲିପା ଅଗଣା, ବାଲ୍ୟବନ୍ଧୁ ଜଗବନ୍ଧୁ ପରି ମଧୁର ଦାମ୍ପତ୍ୟ ଜୀବନ ପାଖରେ ତା' ସଫଳତାର ପରିଚର୍ଚ୍ଚା, ପ୍ରତିପତ୍ତି, ଯଶବାନ, ଶିକ୍ଷିତ ଓ ମାନ୍ୟଗଣ୍ୟବ୍ୟକ୍ତି ହେବାର ଗୌରବ ଫିକା ଲାଗିଛି। ସହରୀ ପରିବେଶରେ ଜଟିଳ ମଣିଷର ଷଡ଼ଯନ୍ତ୍ରର ଶିକାର ହୋଇ ହୋଇ ନାସ୍ତିକ ପାଲଟି ଯାଇଥିବା ଅନିରୁଦ୍ଧ ମନରେ ଆସ୍ଥା ଜଗାଇ ପାରିଛି ମା'ଙ୍କ ସନ୍ଧ୍ୟା ଘିଅଦୀପ, କର୍ପୂର ଆଳତି ଓ ଝୁଣାର ସୁଗନ୍ଧ।

ଚିର ପରିବର୍ତ୍ତମାନ ସମୟ, ସମାଜ ଓ ସଭ୍ୟତାର ସ୍ରୋତରେ ସ୍ଥଗିତ ରହିବା ଅପାଙ୍‌କ୍ତେୟ। ମାତ୍ର ଯେତେ ଆକାଶରେ ଉଡ଼ିଲେ ବି ମଣିଷର ଭିତ୍ତିଭୂମି ଯେ ପୃଥିବୀରେ ଏ କଥା ମନେ ରଖିବା ବାଂଛନୀୟ। ମଣିଷ ଯେତେ ସଫଳତାର ଶିଖର ସ୍ପର୍ଶ କଲେ ହେଁ ଶାନ୍ତି ଯେ ସରଳତାରେ ଥାଏ, ସ୍ନେହ, ପ୍ରେମ, ଆନ୍ତରିକତାରେ ଥାଏ ତାହା ଅସ୍ୱୀକାର କରିହେବ ନାହିଁ। ବାସ୍ତବରେ 'ଆଗ ଧାଡ଼ିର ଲୋକ' ଉପନ୍ୟାସିକା ଅନ୍ତରାଳରେ କଥାକାରଙ୍କର ଆଭିମୁଖ୍ୟ ବେଶ ପ୍ରଭାବଶାଳୀ।

(୪)

'ଆଗ ଧାଡ଼ିର ଲୋକ' ଉପନ୍ୟାସିକାର ସ୍ୱଳ୍ପ କଳେବର ମଧ୍ୟରେ ଅନେକ ପ୍ରସଙ୍ଗ ଉପସ୍ଥାପନା କରିବାର କୌଶଳ ହିଁ କଥାକାର ଦେବାଶିଷ ପାଣିଗ୍ରାହୀଙ୍କୁ ଜଣେ ପ୍ରଭାବଶାଳୀ ସ୍ରୋଷ୍ଟାର ମାନ୍ୟତା ପ୍ରଦାନ କରେ। ଏଥିରେ କଥାକାର ଆତ୍ମଚିନ୍ତନ ଓ ଅତୀତ ଉଦ୍ଭାଷଣଶୈଳୀ ମାଧ୍ୟମରେ ଦୁଇ ଦଶନ୍ଧିର ପରିବର୍ତ୍ତନକୁ ଦେଖାଇବାର ଚେଷ୍ଟା କରିଛନ୍ତି। ଏଥି ସହିତ ଅନିରୁଦ୍ଧ ପରି ସଫଳ ବ୍ୟକ୍ତିତ୍ୱର ଜୀବନ ସଂଘର୍ଷ, ସମ୍ଭ୍ରାନ୍ତଗୋଷ୍ଠୀଙ୍କ ଜୀବନଯାପନ ଶୈଳୀ, ସମସ୍ୟା, ମଧ୍ୟବିତ୍ତ ପରିବାରର ଚଳଣୀ ଓ ଗ୍ରାମ୍ୟ ପରିବେଶର ବର୍ଣ୍ଣନା ସମାନ୍ତରାଳ ଭାବରେ ଉପନ୍ୟାସିକା ମଧ୍ୟରେ ଗତି କରିଛି। ଭୁବନେଶ୍ୱରର ପୃଷ୍ଠଭୂମି ଉପରେ ରଚିତ ଏହି ଉପନ୍ୟାସିକାରେ ସେହି ଅଞ୍ଚଳର ପ୍ରସଙ୍ଗ ଆସିବା ସ୍ୱାଭାବିକ କିନ୍ତୁ ଅନିରୁଦ୍ଧର ଆତ୍ମଚିନ୍ତନ ଓ ଅତୀତ ଉଦ୍ଭାଷଣ ମାଧ୍ୟମରେ ସଂଗଠିତ ହୋଇଥିବା ଅର୍ଥନୀତିକ, ଔପନିବେଶିକ, ପାରିବେଶିକ, ପାରିପାର୍ଶ୍ୱିକ, ପାରିବାରିକ ଓ ମନୁଷ୍ୟର ମାନସିକ ପରିବର୍ତ୍ତନକୁ ରୂପାୟିତ କରିବା ଆୟାସସାଧ୍ୟ ବ୍ୟାପାର। କୋଡ଼ିଏ ବର୍ଷ ପରେ ଭୁବନେଶ୍ୱରସ୍ଥ ପାଟପୁର ଗାଁକୁ ଆସିଥିବା ଅନିରୁଦ୍ଧ ଭୁବନେଶ୍ୱରକୁ ଦେଖି ପିଲାଦିନର କଥା ତଥା କୋଡ଼ିଏ ବର୍ଷ ତଳେ ଥିବା ଭୁବନେଶ୍ୱର, ଗାଁ, ପରିବେଶ, ପରିସ୍ଥିତିକୁ ମନେପକାଇବା ଅନ୍ତରାଳରେ ଏକ ତୁଳନାତ୍ମକ ତର୍ଜମା ପାଠକ ଅନୁଭବ କରିପାରେ। ଯାହା ବାରମ୍ଭାର ଅତୀତର ଘଟଣାକୁ ବାର୍ତ୍ତମାନିକ ଘଟନୀୟତା ସହିତ ସମ୍ମୁଖୀକୃତ (Forgrounding) କରାଏ।

କଥାକାର ସମଗ୍ର ଉପନ୍ୟାସିକା ମଧ୍ୟରେ ଅଗ ଧାଡ଼ିର ଲୋକଙ୍କ କଥା କହିଥିଲେ ହେଁ , ତାଙ୍କ ବକ୍ତବ୍ୟ ମଧ୍ୟରୁ ଅତୀତ ପ୍ରତି ମୋହ, ଅତୀତ ପ୍ରବଣତାର ଏକ ଆବିଳତା ଝଲସି ଉଠେ। ଗ୍ରାମ୍ୟ ମନସ୍କତା ତଥା ପ୍ରକୃତି କୋଳକୁ ପ୍ରତ୍ୟାବର୍ତ୍ତନର ଉଦ୍ଦେଶ୍ୟ ହେତୁ ସେ ଉକ୍ତ ଉପନ୍ୟାସିକର ମୁଖ୍ୟ ଚରିତ୍ର ଅନିରୁଦ୍ଧକୁ ଗ୍ରାମ୍ୟାଭିମୁଖୀ କରାଇଛନ୍ତି। କଥାକାରଙ୍କ ଭାଷାରେ "ବ୍ରଜଦାଦାଙ୍କ ଆପଣାପଣିଆ, ଆତ୍ମୀୟତା, ଖୁଡ଼ୀଙ୍କର ସ୍ନେହଶ୍ରଦ୍ଧା କଥା ଭାବି ସଜଳ ହୋଇ ଆସିଲା ଅନିରୁଦ୍ଧର ଆଖି। ସେ ଯେତେ ଯେଉଁଠି ଦେଶ ବିଦେଶ, ବିଶ୍ୱବ୍ରହ୍ମାଣ୍ଡ ବୁଲୁ ନା କାହିଁକି, ଯେତେ ଦୂର ପ୍ରବାସୀ ହେଉ, ଯେତେ ବଡ଼ଲୋକ, ଯେତେ ଖ୍ୟାତି ସମ୍ପନ୍ନ, ଯେତେ ଅଗଧାଡ଼ିର ଲୋକ ହେଉନା କିହିଁକି, ତାର ମୂଳ ତ ଏଇଠି, ଏଇ ମୂଳକରେ।( ଆଗ ଧାଡ଼ିର ଲୋକ, ପୃ- ୧୭) ଅନିରୁଦ୍ଧ ଚରିତ୍ର ମାଧ୍ୟମରେ କଥାକାର ସୂଚାଇ ଦେଇଛନ୍ତି ଯେ ଜୀବନର ବାସ୍ତବ ସଫଳତା କେଉଁଠାରେ ମିଳି ପାରିବ ! ଜୀବନର ନଶ୍ୱରତା, ଏକାକୀତ୍ୱ, ଉଦାଶୀନତା, ହତାଶାର ପ୍ରତିସେଧକ ଭାବରେ ସେ ମାତୃକୋଳକୁ ଇଙ୍ଗୀତ କରିଛନ୍ତି।

ଉପନ୍ୟାସିକାଟିର ସମଗ୍ର କଥବସ୍ତୁ ମଧ୍ୟରେ କଥାକାର ଅନିରୁଦ୍ଧ ଚରିତ୍ରର ମନସ୍ତତ୍ତ୍ୱ ତଥା ଆଭ୍ୟନ୍ତରୀଣ ଚେତନାକୁ ଉପସ୍ଥାପନା କରିଛନ୍ତି। ଏଠାରେ ଅନିରୁଦ୍ଧ ଏକ ପ୍ରତିନିଧି ସ୍ଥାନୀୟ ଚରିତ୍ର। ଯିଏ ଆଗ ଧାଡ଼ିରେ ସାମିଲ ହୋଇ ସାରିଥିବା, ଜୀବନରେ ସଫଳତାର ଶୀଖରରେ ଥିବା ବ୍ୟକ୍ତିବିଶେଷଙ୍କ ପ୍ରତିନିଧି। ସେମାନଙ୍କ ଗମ୍ଭୀର ରହିବାର ସ୍ୱଭାବକୁ ଅନିରୁଦ୍ଧର ଆତ୍ମତର୍ଜମା ମାଧ୍ୟମରେ ଚିତ୍ରଣ କରିଛନ୍ତି ଲେଖକ। "ତୁମେମାନେ ବଡ଼ଲୋକ, ତେଣୁ ଆଗ ଧାଡ଼ିର ଲୋକ, ତେଣୁ ତୁମେ ଗମ୍ଭୀର ରହିବା , କୌଣସି ପରିସ୍ଥିତିରେ ଭାବାବେଗ ପ୍ରକାଶ ନକରିବା, ବହୁଦର୍ଶୀ, ପରିପକ୍ୱ, ସିଜନଡ୍,

ମାଚିଓର୍ ଲୋକପରି ଆବହାଓ୍ୱା ଦେଖାଇବା କିଛି ବିଚିତ୍ର ନୁହେଁ ।?(ଆଗ ଧାଡ଼ିର ଲୋକ, ପୃ-୫) ଏଥିରେ କଥାକାର ବଡ଼ଲୋକଙ୍କର ଗୁଣାଗୁଣକୁ ବ୍ୟକ୍ତ କରିଛନ୍ତି । ମାତ୍ର ଅନିରୁଦ୍ଧର ନାହିଁ ଗାମ୍ଭୀର୍ଯ୍ୟପଣ । କାରଣ ପିଲାଦିନେ ବିମାନବନ୍ଦର ଦେଖି ଆସିଥିବା ବେଳେ ତନି ଅପା ଖତେଇ ହୋଇଥିବା ବାକ୍ୟ 'ତୁ ମୋଫଟା କିରେ' ତା' ମାନସିକତାରେ ଗଭୀର ରେଖାପାତ କରେ । ସେ ଯେତେବେଳେ ବି କୌଣସି ଭୁଲ କରେ ତାକୁ ଲାଗେ ଯେପରି ସମସ୍ତେ ତନି ଅପା ପରି ତାକୁ ଖତେଇ ହେଉଛନ୍ତି ।

ସବୁକିଛି ହାତପାହାନ୍ତାରେ ପାଇଲା ପରେ, ଅଶାତୀତ ସଫଳତା ଓ ପ୍ରସିଦ୍ଧି ଲାଭ କରିବା ପରେ ମଧ୍ୟ ତା'ର ମନଭିତରେ ଥିବା ଖାଲିପଣ, ହତାଶା, ନିରାଶା, ନିଃସଙ୍ଗତା କିପରି ଅନିରୁଦ୍ଧର ଜୀବନକୁ କରିଦେଇଛି ନିଃସ୍ୱ ତାହା କଥାକାର ଦେଖାଇବାକୁ ଚାହିଁଛନ୍ତି । ଗ୍ରେଟ କୈଳାଶ ପରି ସୁରମ୍ୟ ପ୍ରାସାଦ ତା ପାଇଁ ପାନ୍ଥନିବାସ ପାଲଟି ଯାଇଛି । ଜୀବନରେ ସନ୍ତାନର ଅଭାବ ତା'ର ଅତ୍ମାକୁ ସ୍ଥାଣୁ କରିଦେଇଛି । ସ୍ୱକୈନ୍ଦ୍ରିକ ହେବାପରେ ଅପାର ପ୍ରସିଦ୍ଧି ମିଳିଛି ସତ , ହେଲେ ସ୍ନେହ, ଆନ୍ତରିକତା, ଆପଣାପଣ ପରି ନୈସ୍ୱର୍ଗିକ ଉପାଦାନରୁ ସେ ବଞ୍ଚିତ ହୋଇଛି । ଯାହା ସେ ପ୍ରଥମେ ଉପଲବ୍ଧି କରିଥିଲା ବ୍ରଜଦାଦା ଓ ବାସନ୍ତୀ ଖୁଡ଼ୀଙ୍କ ଅନାବିଳ ସ୍ନେହ ଓ ଅନ୍ତରିକତାରେ । ପରେ ଗାଁ ପାଟପୁରର ପରିବେଶ ତା'ର ଶୁଷ୍କ ମାନସିକତାରେ ଶୀତଳତା ଭରିଦେଇଛି । ମା'ଙ୍କ ସ୍ନେହବୋଳା କଥା, ହାତରନ୍ଧା ତାକୁ ତୃପ୍ତ କରିଛି । ରାତି ରାତି ନିଦ ନଆସିବାରୁ ପ୍ରତ୍ୟେହ ନିଦ ବଟିକା ନେବାର ଅଭ୍ୟାସ ଥିଲା ମଧ୍ୟ ଗାଁରେ ବିନା ଔଷଧରେ ଗଭୀର ନିଦ୍ରା ଯାଇଛି ଅନିରୁଦ୍ଧ । ପ୍ରକୃତ ଜୀବନର ଅବସ୍ଥିତିକୁ ସେ ଉପଲବ୍ଧି କରିଛି ଗାଁରେ ।

ପିଲାଦିନର ବନ୍ଧୁ ଜଗବନ୍ଧୁକୁ ଭେଟିବାପରେ ସେ ତାକୁ ବିଦ୍ୟାଳୟରେ ପିଲାମାନଙ୍କ ସହ ପରିଚିତ କାରାଇଛି । ସେ ଅନିରୁଦ୍ଧକୁ ଆତିଥ୍ୟ ପ୍ରଦାନ କରିଛି । ସେଠାରେ ଜଗବନ୍ଧୁ ଓ ତା' ସ୍ତ୍ରୀ ମଧ୍ୟରେ ଥିବା ମଧୁର ପ୍ରେମ ପ୍ରଣୟପୂର୍ଣ୍ଣ ଦାମ୍ପତ୍ୟ ଜୀବନକୁ ଦେଖି ନିଜର ଶୁଷ୍କ ଜୀବନର କଥା ଚିନ୍ତା କରିଛି । ତାକୁ ଜୀବନର ସଫଳରା ମୂଲ୍ୟହୀନ ମନେ ହୋଇଛି । ସେ ପଶ୍ଚାତାପ କରିଛି ଯେ ଜୀବନରେ ସବୁକିଛି ସଫଳତା ହାସଲରେ ନଥାଏ, ସୁଖ, ଶାନ୍ତିରେ ଜୀବନକୁ ଉପଭୋଗ କରିବାରେ ଥାଏ ।

ଜୀବନ ବଞ୍ଚିବା ପାଇଁ , ଜୀବନ ରାସ୍ତାର ପିଚ୍ଛିଳତାକୁ ଅତିକ୍ରମ କରିବା ପାଇଁ ଲୋଡ଼ା ଟିକିଏ ଆଶା ଓ କାଣିଚାଏ ସ୍ୱପ୍ନ । ଯାହା ଇନ୍ଧନ ଯୋଗାଏ ଜୀବନ ସଂଘର୍ଷରେ ଉପନୀତ ହେବା ପାଇଁ । ସେହି ଆଶାବାଦ ଓ ସ୍ୱପ୍ନପ୍ରବଣତାର କଥା ମଧ୍ୟ ପ୍ରସଙ୍ଗକ୍ରମେ

ସ୍ଥାନାଧିକାର କରିଛି ଉପନ୍ୟାସିକା ମଧ୍ୟରେ । ଅନିରୁଦ୍ଧ ବିମାନ ଆରୋହଣର ଦୃଶ୍ୟ ଦେଖି ଉଲ୍ଲସିତ ହେଉଥିଲା । ଆକାଶରେ ଉଡ଼ି ଭିନ୍ନ ଇଲାକାକୁ ଚାଲିଯିବାର ସ୍ୱପ୍ନ ଦେଖୁଥିଲା । ମନରେ ହଜାରେ ଆଶଙ୍କା ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲା । ଉର୍ଦ୍ଧ୍ୱଗାମୀ ବିମାନର ଦୃଶ୍ୟ ତା' ପାଇଁ ଥିଲା କେଉଁ କୁହୁକ ନଗରୀର ମାୟାଜାଲ ପରି ଅଶ୍ଚର୍ଯ୍ୟଜନକ ଓ ଉଦ୍ଦୀପକ । ଲେଖକଙ୍କ ଭାଷାରେ -ଅଧିକାଂଶ ରାତିରେ ଅନିରୁଦ୍ଧ ସ୍ୱପ୍ନ ଦେଖୁଥିଲା, ସେ ଉଦ୍ଧ୍ୱଗାମୀ ବିମାନରେ ବସି ମେଘମାଳା ଭିତରେ ଅନ୍ତର୍ଦ୍ଧାନ ହୋଇଯାଉଛି କେଉଁ ଅଜଣା ଦ୍ୱୀପର ଉପନିବେଶ, କେଉଁ ସହର ବା ମୁଲକର ସନ୍ଧାନରେ । ତାର ସ୍ୱପ୍ନର ପୁଷ୍ପକ ବିମାନ ଉଡୁଛି କେବେ ନୀଳସାଗରର ଲହରୀ ଉପରେ ତ କେବେ ମରୁଭୂମିର ବାଲିବନ୍ତ ଉପରେତ ପୁଣି କେବେ ଶ୍ୟାମଳ କ୍ଷେତର ଗାଲିଚା ଉପରେ । ( ଆଗ ଧାଡ଼ିର ଲୋକ, ପୃ-୯) ସେହି ସ୍ୱପ୍ନକୁ ସାକାରରୂପ ଦେବାର ବୀଜମନ୍ତ୍ର ହେଉଛି ଅଧ୍ୟୟନ ଓ ଅଧ୍ୟବସାୟ ବୋଲି ମା' ବୁଝାଇ ଦେଥିଲେ । ସ୍ୱପ୍ନ ପଛରେ ଦୌଡୁ ଦୌଡୁ ଅନିରୁଦ୍ଧ ଆଗଧାଡ଼ିର ଲୋକ ହୋଇ ବିମାନରେ ନିର୍ବିବାଦରେ ଯାତାୟତ କରିବାର ସାମର୍ଥ୍ୟ ହାସଲ କରିପାରିଛି । ଗୋଟିଏ ଆଶା ଭାଙ୍ଗିଗଲେ ନୂଆ ଗୋଟିଏ ଆଶାର ସ୍ୱପ୍ନ ପୁଣି ସଞ୍ଚରିଯାଏ ମାନସପଟ୍ଟରେ । ଏହା ମଣିଷର ପ୍ରବୃତ୍ତି । କାରଣ ମଣିଷ ବୁଝେ , ଜାଣେ ସ୍ୱପ୍ନ ଓ ଆଶା ବିନା ଜୀବନ ଅସାର । ସ୍ୱପ୍ନହୀନ ମଣିଷ ଯେ ମୃତତୁଲ୍ୟ ତାହା ଏକାନ୍ତ ସତ୍ୟ । ତେଣୁ କଥାକାର ଜୀବନ ବଞ୍ଚିବାର ସ୍ୱପ୍ନ ଦେଖାଇଛନ୍ତି ଉପନ୍ୟାସିକା ମଧ୍ୟରେ ।

(୫)

ଭାଷା ହେଉଛି ଭାବ ପ୍ରକାଶର ମୁଖ୍ୟ ମାଧ୍ୟମ । ତେଣୁ ପ୍ରତ୍ୟେକ ସାହିତ୍ୟିକଙ୍କର ଭାଷାଜ୍ଞାନ ଓ ଶବ୍ଦ ଉପରେ ଅୟତ୍ତ ତାଙ୍କ ରଚନାକୁ ଉତ୍କୃଷ୍ଟ କାରଏ । ଶବ୍ଦର ଯାଦୁଗରୀ ଖେଳ ଭିତରେ ପାଠକକୁ ଅମୋଦିତ କରାଏ । କଥାକାର ଦେବାଶିଷ ପାଣିଗ୍ରାହୀଙ୍କ 'ଆଗ ଧାଡ଼ିର ଲୋକ' ଉପନ୍ୟାସିକା ମଧ୍ୟରେ ସୁନ୍ଦର ସାବଲୀଳ ଭାଷା ଓ ସରଳ ବର୍ଣ୍ଣନା ଚାତୁରୀ ଦେଖିବାକୁ ମିଳେ । ଯଦିଓ ଏଥିରେ ଅନେକ ସ୍ଥାନରେ ଇଂରାଜୀ ଶବ୍ଦ ଓ ପ୍ରବାଦ ପ୍ରୟୋଗର ନିଦର୍ଶନ ରହିଛି । ଯାହା ସମସାମୟିକ କେତେକ କଥାକାରଙ୍କ ରଚନାରେ ମଧ୍ୟ ଦେଖିବାକୁ ମିଳେ । ଏହି ଇଂରାଜୀ ଶବ୍ଦର ପ୍ରୟୋଗ କିନ୍ତୁ କୃତ୍ରିମ ମନେ ହୁଏ ନାହିଁ । କଥାକାର ନିଜର ଭାବକୁ ବ୍ୟକ୍ତ କଲାବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ଶବ୍ଦଗୁଡ଼ିକ ସ୍ଥାନ ଅଧିକାର କଲାପରି ମନେହୁଏ । ଯେପରି "ସେମାନଙ୍କର ଭାବବିହୀନ, ଗମ୍ଭୀର ମୁଖମଣ୍ଡଳ ଆଡ଼କୁ ଚାହିଁ ଅନିରୁଦ୍ଧ ଭାବିଲା- ତୁମେ ସଭିଏଁ ସମାଜର ଆଗଧାଡ଼ିର ଲୋକ, ତେଣୁ ତମେମାନେ ସଭା ସମିତିରେ ଆଗ ଧାଡ଼ିରେ ବସିବ; କନଫରେନ୍ସ ହେଉ ବା ସେମିନାର, କ୍ରିକେଟ ମ୍ୟାଚ ହେଉ ବା ସେଲିବ୍ରିଟି ସୋ, ସବୁଠି ଆଗଧାଡ଼ିର ଚୌକି ତୁମ ପାଇଁ ଥୁଆ । ହୋଟେଲର ପ୍ରେସିଡେନସିଆଲ୍ ସୁଇଟ୍ ତୁମ ପାଇଁ ରିଜର୍ଭଡ୍ ।( ଆଗ ଧାଡ଼ିର ଲୋକ, ପୃ-୪) ସେହିପରି ବହୁ ଇଂରାଜୀ ଶବ୍ଦ ଦେଖିବାକୁ ମିଳେ । ଯଥା- ମିନିଏଚର୍ ପେଣ୍ଟିଂ, ଅନାଉନ୍ସମେଣ୍ଟ, ଫ୍ରିକୁଏଣ୍ଟ

ଫ୍ଲାୟର୍, ଏୟାର କ୍ରାଶ, ଲ୍ୟାଣ୍ଡିଂ, ରିସିଭ୍, ଆରାଇଭାଲ୍ ଲାଉଞ୍ଜ, ସିକ୍ୟୁରିଟି, ନନ୍‌ରେସିଡେଣ୍ଟ ଇଣ୍ଡିଆନ୍, ହାଇ ଇନ୍‌କମ୍, ଇଲିଟ୍ କ୍ଲାସ ଇତ୍ୟାଦି ପରି ଅନେକ ଇଂରାଜୀ ଶବ୍ଦର ପ୍ରୟୋଗ ରହିଛି।

ନିଜର ଭାବକୁ ଅଧିକ ସ୍ପଷ୍ଟ କରିବା ପାଇଁ କଥାକାର ଅନେକ ଇଂରାଜୀ ଓ ଓଡ଼ିଆ ପ୍ରବାଦ ଓ ରୂଢ଼ିର ପ୍ରୟୋଗ କରିଛନ୍ତି। ଏଥିରେ ଇଂରାଜୀ ପ୍ରବାଦର ପରିମାଣ ଟିକିଏ ଅଧିକ। ସେଗୁଡ଼ିକ ହେଲା-

୧. ଗିଭ୍ ଆଣ୍ଡ ଟେକ୍ - ଅର୍ଥାତ ଦେଣ ନେଣ ସମ୍ପର୍କ। ସମାଜରେ ବାର୍ତ୍ତମାନିକ ସମ୍ପର୍କର ମାନଦଣ୍ଡକୁ ସୂଚାଇବା ପାଇଁ ଏହି ବାକ୍ୟର ପ୍ରୟୋଗ କରାଯାଇଛି।

୨.ଲିକ୍ ଏବଭ୍ କିକ୍ ବିଲୋ - ଜୀବନରେ ଆଗକୁ ବଢ଼ିବା ପାଇଁ ହେଲେ ତଳଲୋକଙ୍କ କାନ୍ଧରେ ଗୋଡ଼ ରଖି ଏବଂ ଉପରଲୋକଙ୍କ ପଦଲେହନ କରିବାକୁ ପଡ଼ିଥାଏ।

୩. ଏଭ୍ରି ଓ୍ୱାନ ଫର ହିମ୍ ସେଲଫ ଅର୍ ହାରସେଲଫ - ପ୍ରତ୍ୟେକ ମଣିଷ ଆତ୍ମସ୍ୱାର୍ଥୀ। ସେ କେବଳ ନିଜ ପାଇଁ ବଞ୍ଚେ।

୪. ଲିଭିଙ୍ଗ୍ ଓ୍ୱେଲ୍ ଇଜ୍ ଦ ବେଷ୍ଟ ରିଭେଞ୍ଜ - ସୁଖ ସ୍ୱାଚ୍ଛନ୍ଦରେ କାଳାତିପାତ କରିବା ହିଁ ଶତ୍ରୁ ପ୍ରତିସବୁଠୁ ବଡ଼ ପ୍ରତିଶୋଧ। ମେଟାଫିଜିକାଲ୍ ପଏଟ୍ ଜର୍ଜ ହରବର୍ଟଙ୍କ ଏହି ଉକ୍ତିକୁ ଯଥାଯଥ ସ୍ଥାନରେ ଉପଯୋଗ କରିଛନ୍ତି କଥାକାର।

୫. ଆଟାକ୍ ଇଜ୍ ଦ ବେଷ୍ଟ ଫର୍ମ୍ ଅଫ୍ ଡିଫେନ୍‌ସ - ଅର୍ଥାତ ଆକ୍ରମଣ ହିଁ ଆତ୍ମରକ୍ଷାର ସର୍ବଶ୍ରେଷ୍ଠ ଉପାୟ।

୬. ଦେୟାର ଆର୍ ମେନି ପାଥସ୍ ଟୁ ଦ ଟୁଫ ଅଫ୍ ଦ ମାଉଣ୍ଟେନ୍, ବଟ୍ ଦ ଭିଉ ଇଜ୍ ଅଲଓ୍ୱେଜ ଦ ସେମ୍। " ଏହି ଚାଇନା ପ୍ରୋଭାର୍ବର ଅର୍ଥ- ପର୍ବତର ଶିଖରକୁ ଉଠିବାର ରାସ୍ତା ଭିନ୍ନ ଭିନ୍ନ, ପର୍ଭତର ଶିଖରର ଦୃଶ୍ୟ କିନ୍ତୁ ସମସ୍ତଙ୍କପାଇଁ ସଦା ସର୍ବଦା ସମାନ।

ଓଡ଼ିଆରେ ସେହିପରି-୧. ନିଜ ଶିଙ୍ଗରେ ମାଟି ତାଡ଼ିବା। - ଅର୍ଥାତ୍ ଅନ୍ୟକୁ ଆଶ୍ରା ନକରି ନିଜର ଦକ୍ଷତା ଓ ପାରଦର୍ଶିତା ଅନୁସାରେ କାର୍ଯ୍ୟ କରିବା।

୨. ସଜ ମାଛରେ ପୋକ ପକେଇବା। - ଅର୍ଥାତ୍ ମିଥ୍ୟା ରଟନା କରି ଭଲ ଜିନିଷକୁ ମଧ୍ୟ ଖରାପ କରିଦେବା।

ସେହିପରି ଅନେକ କ୍ଷେତ୍ରରେ ଗୋଟିଏ କଥାର ବ୍ୟାଖ୍ୟା ଆଳରେ ଏକାଧିକ ତର୍ଜମାର ପ୍ରୟୋଗ କରିଛନ୍ତି। ଯାହା ପ୍ରାସଙ୍ଗିକ ହେଲେ ହେଁ ମାତ୍ରାଧିକ ମନେହୁଏ। ଅନିରୁଦ୍ଧ ଜଣେ ସଚୋଟ ଓ ଚରିତ୍ରବାନ ମଣିଷ ହୋଇଥିଲେ ହେଁ ତାକୁ ଅନେକ ଅପବାଦର ଶରବ୍ୟ ହେବାକୁ ପଡ଼ିଛି। ଏହି ପ୍ରସଙ୍ଗର ବ୍ୟାଖ୍ୟା ନିମନ୍ତେ କଥାକାର ଏକାଧିକ ଉଦାହରଣ ପ୍ରଦାନ କରିଛନ୍ତି। ଯେପରି "ବହୁତ ଭାବି ସେ ଏହି ନିର୍ଣ୍ଣୟରେ ପହଞ୍ଚିଲା, ଆମର ଗୋଟେ ରୂଢ଼ି ପ୍ରୟୋଗ ଅଛି, ସଜ ମାଛରେ ପୋକ ପକେଇବା। ଯେ ବୋଧେ ଏକ ପ୍ରବୃତ୍ତି ଯାହା ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ପ୍ରଯୁଜ୍ୟ।ଯେମିତି କାଚ ଘରଟିଏ ଦେଖିଲେ ତାକୁ ଟେକାମାରି ଭାଙ୍ଗିବା ପାଇଁ ବଗୁଲିଆ ଟୋକାର ହାତ ଖୁଜୁବୁଜୁ ହୁଏ, ଖୁବ୍ ସଫେଦ ଧଳା ରଙ୍ଗର ଜାମା ଦେଖିଲେ କାଳି ମେଞ୍ଚାଏ ପକାଇ ଦେବାକୁ ଏକ ନିଷିଦ୍ଧ ଇଚ୍ଛା ବଳବତୀ ହୁଏ, ସେମିତି କିଛି ମାନସିକତା ବୋଧେ ଅନ୍ୟକୁ ମିଛ ନିନ୍ଦା, ଅପବାଦ ଦେବା ମୂଳରେ ରହିଛି।" (ଆଗ ଧାଡ଼ିର ଲୋକ, ପୃ-୪୧)

ନିଜର ବକ୍ତବ୍ୟକୁ ଅଧିକ ପ୍ରାଞ୍ଜଳ ଓ ଆକର୍ଷଣୀୟ କରିବା ପାଇଁ କଥାକାର ଲୋକ କାହାଣୀର ଅଂଶଠାରୁ ପୁରାଣର ଅଂଶ ପର୍ଯ୍ୟନ୍ତ ନିଦର୍ଶନ ଛାଡ଼ି ଯାଇଛନ୍ତି ଉପନ୍ୟାସିକା ମଧ୍ୟରେ। ଅନିରୁଦ୍ଧର ସ୍ୱପ୍ନ ପ୍ରାବଣତାକୁ ଆହତ ନ କରିବା ପାଇଁ ମା' ଲୋକକାହାଣୀର ରାଜକୁମାର ଓ ପକ୍ଷୀରାଜ ଘୋଡ଼ା କଥା କହିଛନ୍ତି। ସେହିପରି ଅନିରୁଦ୍ଧ ପିଲାଦିନେ ବିମାନ ଦେଖି ପୁରାଣସ୍ଥ ପୁଷ୍ପକ ବିମାନର ପରିକଳ୍ପନା କରିବା ଏବଂ ଜୀବନର ପ୍ରତିକୂଳ ପରିସ୍ଥିତି କିପରି ଆସେ ତାହା ବୁଝାଇବା ଆଳରେ ରାମାୟଣ ବର୍ଣ୍ଣିତ ସୀତାଙ୍କ ଅଗ୍ନିପରୀକ୍ଷା ଓ ବସୁମାତା କୋଳରେ ଲିନ ହେବାର ପୁରାଣ ପ୍ରସିଦ୍ଧ ପ୍ରସଙ୍ଗକୁ କଥାକାର ରଚନାରେ ସ୍ଥାନ ଦେଇଛନ୍ତି।

ରଚନା ମଧ୍ୟରେ କୌଣସି ଘଟଣାର ତୁଳନା କାଳରେ ଅନ୍ୟ ପାଠ୍ୟର ଅଂଶ ଉଦ୍ଧାର କରିଛନ୍ତି କଥାକାର। ଏହାକୁ ସାହିତ୍ୟରେ Intertextuality ବା ଅନ୍ତଃପାଠୀୟ ଉପାଦାନ ବୋଲି କୁହାଯାଏ। ଯେପରି ଉଡ଼ନ୍ତା ବିମାନରୁ ଭୁବନେଶ୍ୱର ଦର୍ଶନ କରି ଅନିରୁଦ୍ଧ ମାୟାଧର ମାନସିଂହଙ୍କ କବିତା 'ମହାନଦୀରେ ଜ୍ୟୋସ୍ନା ବିହାର' କଥା ମନେ ପକାଇଛି। ମନେ ପକାଇଛି ଚିଲିକା ଦର୍ଶନ କରି ଗୋପବନ୍ଧୁ କହିଥିବା 'ରହରହ କ୍ଷଣେ ବାଷ୍ପୀୟ ଶକଟ, ଦେଖିବି ଚିଲିକା ଚାରୁ ଚିତ୍ରପଟ' ପ୍ରସଙ୍ଗ। ଯାହା ପାଠକର ଭାବନାକୁ ଟାଣିନିଏ ମାୟାଧର, ଗୋପବନ୍ଧୁଙ୍କ ପାଖକୁ। ସେହିପରି ଅନିରୁଦ୍ଧର ସ୍ୱପ୍ନ ସତ ହେବା ପାଇଁ ଅଧ୍ୟୟନ ଆବଶ୍ୟକ ବୋଲି ମା' ମୁହଁରେ ଝମନଦେଇ ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି ? ପଦ ଉଦ୍ଧାର କରିଛନ୍ତି। ଯାହା ମଧୁବାବୁଙ୍କ ବାହାଦୁରୀର କଥା ମନେ ପକାଇଦିଏ।

କଥାକାର ଉପନ୍ୟାସିକା ମଧ୍ୟରେ ସ୍ଥାନେ ସ୍ଥାନେ ଗୀତର ଉଦ୍ଧୃତାଂଶ ପ୍ରଦାନ କରିଛନ୍ତି। ଯାହା ପାଠକ ଚିତ୍ତରେ ନୂତନ ସ୍ୱାଦ ଆଣିଦିଏ। ଯେପରି - ଅକ୍ଷୟ ମହାନ୍ତିଙ୍କ ଗୀତ "ରାଜା ଝିଅ ସଙ୍ଗେ କରିଥିଲି ଭାବ ଭୁବନେଶ୍ୱର ହାଟରେ, ଆସୁ ଆସୁ ସେତ ଦଗା ଦେଇଗଲା ତେଲେଙ୍ଗାପେଣ୍ଠର ବାଟରେ ?। ସେହିପରି ଅନିରୁଦ୍ଧ ନାନା କଥା ଭାବୁ ଭାବୁ ତାର ମନେ ପଡ଼ିଛି ପିଲାଦିନର, ଗୀତ ଏଇ ମନ ବୃନ୍ଦାବନ, ଏଇ ମନ କାଶୀ, ଏଇ ମନ ବୃନ୍ଦାବନ ପୁରୀ ବାରାଣାସୀ।" ସେମିତି ଘର ପାଖେଇ ଆସିବା ସମୟରେ କାରରେ

ଗୀତ ବାଜୁଥିଲା ପୁରୁଣା ହିନ୍ଦୀ ଫିଲ୍ମ 'ଅମର ପ୍ରେମର' ଗୀତ- କୁଛ ତୋ ଲୋଗ କହେଙ୍ଗେ, ଲୋଗୋଁ କା କାମ ହେ କେହେନା, ଛୋଡ଼ୋ ବେକାର କି ବାତୋଁ ମେଁ, କେହିଁ ବିତ୍ ନା ଜାୟେ ରୈନା। ଏହିପରି ଗୀତର ଅବତାରଣା ମଧ୍ୟ ଅନିରୁଦ୍ଧର ମାନସିକ ସ୍ଥିତି ଓ ଭାବାବେଗ ସହ ସାମ୍ୟ ରକ୍ଷା କରିଛି। ତେଣୁ କଥାକାର ଯେ ଜଣେ ସଙ୍ଗୀତକୁ ଭଲ ପାଉଥିବା ବ୍ୟକ୍ତି ତାହା ବାରି ହୋଇ ପଡ଼େ। ଗାଁ ପହଞ୍ଚିବା ପରେ ଗାଁ ସ୍କୁଲ୍‌ର ବର୍ଣ୍ଣନା କାଳରେ ରାମକୃଷ୍ଣ ନନ୍ଦଙ୍କ 'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନାର ଅବତାରଣା କରାଯାଇଛି। ଯାହା ବାଲ୍ୟସ୍ମୃତିକୁ ଅଧିକ ଜୀବନ୍ତ ଓ ପ୍ରଭାବଶାଳୀ କରାଇଛି। ଏଠାରେ ସଙ୍ଗୀତ ଉତ୍‌ପ୍ରେରକର ଭୂମିକା ନିର୍ବାହ କରିଛି।

(୬)

ସ୍ରୋଷ୍ଟା ତା'ର ସୃଷ୍ଟିକୁ ସନ୍ତାନବତ୍ ପ୍ରାଣଭରି ଗଢ଼ିତୋଳେ। ତା'ର ସଫଳତା କାମନା କରେ। ନିଜର ବକ୍ତବ୍ୟକୁ ଯଥାର୍ଥ ଭାବରେ ବ୍ୟକ୍ତ କରିବା ପାଇଁ ଏବଂ ପାଠକୀୟ ଅଦର ସାଉଁଟିବା ପାଇଁ ସେ ରଚନା ମଧ୍ୟରେ କୌଶଳ ପ୍ରୟୋଗ କରେ। ସେହି କୌଶଳ ହିଁ ଲେଖକୀୟ ଶୈଳୀ। ଯାହା ପ୍ରତ୍ୟେକଙ୍କର ସ୍ୱତନ୍ତ୍ର। ରଚନା କାଳରେ ପୂର୍ବସୁରୀଙ୍କ ପ୍ରଭାବ ମଧ୍ୟ କେତେକାଂଶରେ ପ୍ରତିଫଳିତ ହୋଇପାରେ, ମାତ୍ର ତାହା ସ୍ୱାଭାବିକ। କିନ୍ତୁ ଯେଉଁ ରଚନା ଏହି ପ୍ରଭାବରୁ ମୁକ୍ତ ହୋଇ ନୂତନଧାରା ସୃଷ୍ଟି କରେ ତାହା ସେତେ ଅଦୃତି ଲାଭ କରେ। ନିଜସ୍ୱ ଜ୍ଞାନ, ଉପଲବ୍ଧି, ଗଭୀର ଆତ୍ମତତ୍ତ୍ୱ ଓ ପ୍ରତିଭା ସାଧାରଣ କଥାଟିଏକୁ ମଧ୍ୟ ଅସାଧାରଣ କରିଦେଇପାରେ। ବିନ୍ଦୁ ମଧ୍ୟରେ ସାଗର ଦର୍ଶନ ତଥା ସାଗର ବକ୍ଷରେ ବିନ୍ଦୁର ଉପସ୍ଥିତିକୁ ବ୍ୟକ୍ତ କରିପାରେ। ସେହିପରି ଖୁବ ବାସ୍ତବ ଏକ ସାମାଜିକ ପରିବର୍ତ୍ତମାନ ଘଟଣା ଓ ପରିସ୍ଥିତିକୁ ନେଇ ଜନ୍ମଲାଭ କରିଛି 'ଆଗଧାଡ଼ିର ଲୋକ' ଉପନ୍ୟାସିକା। ଏଥିରେ କଥାକାର ନାନା ତତ୍ତ୍ୱ, ତଥ୍ୟ, ଦର୍ଶନ, ଆବେଗ, ଅନୁଚିନ୍ତାର କଥା କହିଛନ୍ତି। ବକ୍ତବ୍ୟକୁ ଦୃଢ଼ ଓ ଚିତ୍ତାକର୍ଷକ କରିବା ନିମନ୍ତେ ରୂଢ଼ି, ପ୍ରବାଦ, ସଙ୍ଗୀତ, ଲୋକକାହାଣୀର ଅଂଶଠାରୁ ଆରମ୍ଭ କରି ପୁରାଣର ଉପାକ୍ଷାନ ପର୍ଯ୍ୟନ୍ତରୁ ଉପାଦାନ ଆଣି ଖଞ୍ଜି ଦେଇଛନ୍ତି କଥାକାର। ଯାହା ତାଙ୍କ ଗଭୀର ଜ୍ଞାନ, ପାଣ୍ଡିତ୍ୟ ଓ ବହୁଶାସ୍ତ୍ରଦର୍ଶିତାର ପ୍ରମାଣ ଦିଏ। ଗୋଟିଏ ଭାବନାକୁ ବ୍ୟକ୍ତ କରିବାକୁ ଯାଇ ଏକାଧିକ ଉଦାହରଣ ଦେଇଥିଲେ ହେଁ ତାହା ଅପ୍ରାସଙ୍ଗିକ ମନେହୁଏ ନାହିଁ। ଏହି ରଚନାଟି ପୂର୍ଣ୍ଣତଃ ଉପନ୍ୟାସିକାର ସମସ୍ତ ଗୁଣାବଳୀ ବହନ କରେ। ଏଥିରେ ଏକମୁଖୀ କଥାବସ୍ତୁ ଥିଲେ ହେଁ ବହୁ ଦିଗର ତର୍ଜମା କରାଯାଇଛି। ଏଥିରେ ଇଂରାଜୀ ଶବ୍ଦ ଓ ପ୍ରବାଦର ବହୁଳ ପ୍ରୟୋଗ ଦେଖିବାକୁ ମିଳେ। ମାତ୍ର କାହାଣୀର ଉଦ୍ଦେଶ୍ୟ ଓ ଆବେଦନର ଗୁରୁତ୍ୱ ଉପନ୍ୟାସିକାର ମୋହନୀୟତାକୁ ବଜାୟ ରଖିବାରେ ସଫଳ ହୋଇଛି।

❖❖❖

# ଜୀବନ କମାରାଶାଳ ଆତ୍ମଜୀବନୀରେ ସମକାଳୀନ ସମାଜ ଚିତ୍ର



ISSN-2583-6978
Volume-4
Issue-10
OCTOBER-2024

**ରୁଦ୍ରନାରାୟଣ ସାହୁ**

**ସହକାରୀ ପ୍ରଫେସର**
**ସ୍ନାତକୋତ୍ତର ଓଡ଼ିଆ ବିଭାଗ**
**ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳ, ଅନୁଗୋଳ**

ସମାଜ ଜୀବନର ପ୍ରତିଟି ଚିତ୍ର ସାହିତ୍ୟରେ ହୁଏ ରୂପାୟିତ। ସେ କବିତା ହେଉ କି, ଆତ୍ମଜୀବନୀ। ସାହିତ୍ୟର ସମସ୍ତ ବିଭାଗରେ ସମାଜ ଜୀବନର ପ୍ରତିଟି ଚିତ୍ର ଆପେ ଆପେ ଅଙ୍କିତ ହୋଇଯାଏ ସ୍ରଷ୍ଟାରେ ଲେଖନୀ ମୂନରେ। ସେଥିପାଇଁ ତ କୁହାଯାଏ 'ସାହିତ୍ୟ ହେଉଛି ସମାଜର ଦର୍ପଣ ସଦୃଶ'। ଯେଉଁ ର୍ପଣରେ ପ୍ରତିଫଳିତ ପ୍ରତିବିମ୍ବରୁ ପାଠକ ସାଉଁଟି ନିଏ ତା'ର ବ୍ୟବହାର ଉପଯୋଗୀ ତଥ୍ୟଗୁଡ଼ିକୁ। ସମାଜରେ ପ୍ରଚଳିତ ପରମ୍ପରା, ସଂସ୍କୃତି, ଆଚାର ବିଚାର ସଂପର୍କରେପାଠକ ଅନେକ ଜ୍ଞାନ ହାସଲ କରିବା ସହ ସେସବୁ ପରବର୍ତ୍ତୀ ପୀଢି ପାଇଁ କେତେ ଯୁଗୋପଯୋଗୀ ଓ ଗ୍ରହଣୀୟ, ତାହାର ଏକ ତାତ୍ତ୍ୱିକ ମୂଲ୍ୟାୟନ ହୋଇଥାଏ ତା'ର ଅନ୍ତର୍ମନରେ। ବିଂଶ ଶତାବ୍ଦୀରେ ଜନ୍ମିତ ରତ୍ନାକର ଚଇନି ହେଉଛନ୍ତି ଏକାଧାରାରେ ଜଣେ ସଫଳ ନାଟ୍ୟସ୍ରଷ୍ଟା ଓ ସମାଲେଚକ। ତାଙ୍କ ଆତ୍ମଜୀବନୀ ପୁସ୍ତକରନାମ ହେଉଛି 'ଜୀବନ କମାରଶାଳ'। ନିଦ ସମୟଖଣ୍ଡର ସମାଜ ଜୀବନର ଚିତ୍ରକୁ ଏପରି ନିପୁଣତାର ସହିତ ବର୍ଣ୍ଣନା କରିଛନ୍ତି ଯେ ତାହା ପାଠକକୁ କିୟତ କାଳ ପାଇଁ ସମାଜମନସ୍କ କରାଇବାକୁ ଏକରକମ ବାଧ୍ୟ କରେ। ନିମ୍ନୋକ୍ତ ବିନ୍ଦୁଗୁଡ଼ିକୁ ଏହିପରିପ୍ରେକ୍ଷୀରେ ଆଲୋଚନା କରାଯାଇପାରେ।

**ସାମାଜିକ ଜୀବନରେ ସୌହାର୍ଦ୍ଦ୍ୟ:**

ମନୁଷ୍ୟ ଭିତରେ ଥିବା ବିନ୍ନ ମହନୀୟ ଗୁଣ (ପାରସ୍ପରିକ ସଂପ୍ରୀତି, ସଦ୍‌ଭାବ, ଏକତା) ପ୍ରଭୃତି ସମୟକ୍ରମେ ହଜିଯିବାରୁ ସମାଜ ହୋଇପଡ଼ିଛି ବିପର୍ଯ୍ୟସ୍ତ। ମନୁଷ୍ୟ ସମାଜ ଧୀରେ ଧୀରେ ପତନାଭିମୁଖୀ ହେଉଛି ତା' ଭିତରୁ ହଜିଯାଉଥିବା ଏସବୁ ମାନବିକ ମୂଲ୍ୟବୋଧ ଓ ଗୁଣାବଳୀ ପାଇଁ। ଯୌଥ ପରିବାର ଆଜି ନାହିଁ। ପାରସ୍ପରିକ ଏକତା ଓ ବୁଝାମଣାର ଅଭାବରୁ ପରିବାର, ଗ୍ରାମ, ଦେଶରେ ବିଭ୍ରାଟ ସୃଷ୍ଟି ହେଉଛି।

ଏକବିଂଶ ଶତାବ୍ଦୀର ସମାଜ ଅପେକ୍ଷା ବିଂଶ ଶତାବ୍ଦୀର ସମାଜ ଥିଲା ପରସ୍ପର ଉପରେ ନିର୍ଭରଶୀଳ। ଏକବିଂଶ ଶତାବ୍ଦୀରେ ପ୍ରକାଶିତ ଆତ୍ମଜୀବନୀରେ ଆମେ ବିଂଶ ଶତାବ୍ଦୀର ସମାଜ ଜୀବନର ଚିତ୍ର ଦେଖିବାକୁ ପାଉ। ନାଟ୍ୟକାର ରତ୍ନାକର ଚୟନି ନିଜର ଆତ୍ମଜୀବନୀ 'ଜୀବନ କମାରଶାଳ'ରେ ସାମାଜିକ ଜୀବନର ସୌହାର୍ଦ୍ଦ୍ୟର କଥାକୁ ଉଲ୍ଲେଖ କରିଛନ୍ତି ସୁନ୍ଦର ଭାବରେ। ବାଲ୍ୟ ଜୀବନରୁ ପରିଣତ ବୟସ ପର୍ଯ୍ୟନ୍ତ ପ୍ରତିଟି ମଣିଷ ପାଖରୁ ଯେଉଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ସହଯୋଗ ଲାଭ କରିଛନ୍ତି ତାହାକୁ ସେ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି। କିଏ ବନ୍ଧୁ ରୂପରେ, କିଏ ପିତାରୂପରେ ତାଙ୍କର ତାଙ୍କର ଅଶେଷ ଅଶେଷ ମଙ୍ଗଳ କରିଯାଇଛନ୍ତି। ଏହା ଆଲୋଚ୍ୟ ଆତ୍ମଜୀବନୀ ପାଠ କରୁଥିବା ପ୍ରତିଟି ପାଠକ ଅନୁଭବ କରିପାରିବେ। ନିମ୍ନୋକ୍ତ ଦୃଷ୍ଟାନ୍ତରୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଚିତ୍ରକୁ ପାଠକ ଲକ୍ଷ୍ୟ କରିପାରିବେ। ଲେଖକ ଲେଖିଛନ୍ତି:

ମୋ ସାଙ୍ଗରେ ସାରାରାତି ଗୋଟିଏ ଛତାତଳେ ରହିଥିଲେ ଜଣେ ସୌମ୍ୟକାନ୍ତ ବ୍ୟକ୍ତି। ସକାଳୁ ଜାଣିଲି, ସେ ଜଣେ ଡାକ୍ତର, ବିଭୂତି ବାବୁ। ବଲାଙ୍ଗିର ମୁଖ୍ୟ ଡାକ୍ତରଖାନାକୁ ତାଙ୍କର ବଦଳି ହୋଇଥିଲା। ମୋ ସାଙ୍ଗରେ ସେ ଗ୍ରାମୀଣ ।ଚ' ଦୋକାନକୁ ଗଲେ, କିନ୍ତୁ ଚା' ଛଡ଼ା ଆଉ କିଛି ସେଠି ଖାଇବେ ନାହିଁ ବୋଲି ସେ ମୋତେ କହିଲେ।

ସେଦିନ ସେ ଡାକ୍ତରବାବୁ ମୋ କଥାରେ କେବଳ ସେଠି

ଖାଇଲେ ନାହିଁ; ତା' ପରେ ସେ ବଲାଙ୍ଗୀରର ସାଧାରଣ ଲୋକଙ୍କୁ ପରିବାରର ଚଳଣି ସହିତ ମିଶି ସେମାନଙ୍କର ଆପଣାର ଡାକ୍ତର ହୋଇଗଲେ। ବନ୍ଧୁ ବିଭୂତି ବାବୁ ବଲାଙ୍ଗୀର ସ୍ଥାୟୀ ବାସିନ୍ଦା ମଧ୍ୟ ହୋଇଯାଇଥିଲେ।

**ସାମାଜିକ ଜୀବନରେ କୁସଂସ୍କାର ପ୍ରଭାବ:**

ଆଦିମ କାଳରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ମନୁଷ୍ୟ ମନରେ ବସା ବାନ୍ଧି ରହିଆସିଛି। ମନୁଷ୍ୟ ଯେତେ ସଭ୍ୟ ଓ ଶିକ୍ଷିତ ହେଲେ ମଧ୍ୟ କୁ ସଂସ୍କାର ଓ ଅନ୍ଧବିଶ୍ୱାସକୁ ସେ ଏକାବେଳକେ ପରିତ୍ୟାଗ କରିପାରିନି କି କରିପାରିବ ନାହିଁ। କାରଣ ଏସବୁର ଅଖଣ୍ଡ ପ୍ରଭାବ ମନୁଷ୍ୟ ଉପରେ ପଡିଛି ଯେ ତାହାର ବିଲୟ ପରିକଳ୍ପନା କରିବା ସମ୍ଭବପର ନୁହେଁ। ଆତ୍ମଜୀବନୀ ସାହିତ୍ୟର ଏକ ବଳିଷ୍ଠ ବିଭାଗ ହୋଇଥିବାରୁ ଏଥିରେ ସମାଜ ଜୀବନର ନିଛକ ଘଟଣା ସ୍ୱାଭାବିକ ଭାବରେ ପ୍ରତିଫଳିତ ହୋଇଥାଏ। ଏତଦ୍‌ବ୍ୟତୀତ ଲେଖକ ଏହାର ବିଷୟବସ୍ତୁ ହୋଇଥିବାରୁ ଏବଂ ସମାଜ ସହିତ ଜଡ଼ିତ ରହିଥିବାରୁ ସମାଜ ଜୀବନର ଯାବତୀୟ ଘଟଣାବଳୀକୁ ପ୍ରକାଶ କରିବାରେ ସେ କୁଣ୍ଠା ପ୍ରକାଶ କରିନଥାଏ। ସମାଜ ଜୀବନରେ କୁସଂସ୍କାର କିପରି ବଳିଷ୍ଠ ପ୍ରଭାବ ରହିଛି। ତାହା ରତ୍ନାକର ଚୟନିଙ୍କ ଆତ୍ମଜୀବନୀ ଜୀବନ କମାରଶାଳ ରେ ସଚେତନ ପାଠକପାଠିକା ଲକ୍ଷ୍ୟ କରିପାରିବେ।

ନାଟ୍ୟକାର ଚୟନୀ ସ୍ୱୀୟ ଆତ୍ମଜୀବନୀରେ ନିଜ ମାଆଙ୍କଠାରେ ଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦେଖେଇଛନ୍ତି ସତ୍ୟନିଷ୍ଠ ଭାବରେ। ସାଙ୍ଗମାନଙ୍କ ସହିତ ଲେଖକ କୁକୁଡ଼ା ମାଂସ ଭୋଜି କରୁଥିଲା ବେଳେ, ତାଙ୍କ ମାଆ କିପରି ମାଂସ ହାଣ୍ଡି ଓ ଚୁଲିରେ ବାଲ୍‌ଟିଏ ପାଣି ଢଶଳି ଦେଇଥିଲେ ଏବଂ ତାଙ୍କୁ କାଠ ଫାଳିଆରେ ପ୍ରହାର କରିଥିଲେ, ସେଥିରୁ ତାଙ୍କ ପାରମ୍ପରିକ କୁସଂସ୍କାର ମାନସିକତାକୁ ସଚେତନ ପାଠକ ପାଠିକାମାନେ ନିବିଡ଼ ଭାବରେ ଅନୁଭବ କରିପାରିବ। ଏ ସଂପର୍କରେ ଲେଖକ ଲେଖିଛନ୍ତି - ବଟ କୁକୁଡ଼ା ମାଂସ ଆଣିଥିଲା। ଚଗୁଲୀ ହାଣ୍ଡି କଡ଼େଇ ଯୋଗାଡ଼ କରିଥିଲା। ବୈଷ୍ଣବ ଭାତ ରାନ୍ଧି ଛାଣି ସାରିଥିଲା। ଲଶଇବ୍ରେରୀ ଘର ସାମ୍ନାରେ କଡେଇରେ ମାଂସ ରନ୍ଧା ଆରମ୍ଭ କରିଥିଲା। ମୁଁ ଲାଇବ୍ରେରୀ ଘରେ ରେଡିଓ ବଜେଇ ଏମାନଙ୍କ କାମ ଦେଖୁଥିଲି। ହଠାତ ଝଡ଼ ଭଳି ସେଠି ମୋ ବୋଉ ପହଞ୍ଚିଗଲା। ଏକ ପ୍ରକାର ଗର୍ଜନ କରି କରି ଭାତ ଝୁଡିକୁ ମାଟିରେ ଅଜାଡି ଦେଲା। ମାଂସ କଡେଇ ସହ ଜଳନ୍ତା ଚୁଲିରେ ଭୁସକିନା ବାଲଟିଏ ପାଣି ଢାଳି ଦେଲା। ଶେଷକୁ ଗୋଟେ କାଠ ଫାଳିଆରେ ମତେ ପାହାରେ ପକାଇଲା। ସେମିତି ଗର୍ଜିଲା ସ୍ୱରରେ କହିଲା- ଧରମଛଡ଼ା ! ବାପ ମୁଠା ମୁଠା ଟଙ୍କା ଖରଚ କରି ତତେ ବ୍ରତ କରିଥିଲା କ'ଣ ଏଇୟା କରିବାକୁ- ହେଡ଼ା ଖାଇବାକୁ ? ପଞ୍ଚଗବ୍ୟ ନ ହେଲେ ପଇତା ନ ବଦଳେଇଲେ ତୁ ମୋର ଘର ପିଣ୍ଡା ମାଡ଼ିବୁନି।

**ରାଜନୈତିକ ବାତାବରଣ ପ୍ରତିଫଳନ:**

ବିଂଶ ଶତାବ୍ଦୀର ଭାରତବର୍ଷର ରାଜନୀତି ବେଶ ହଟଚମଟ ସୃଷ୍ଟି କରିଥିଲା। ସ୍ୱାଧୀନତା ପୂର୍ବରୁ ନେତାମାନଙ୍କର ରାଜନୀତିକୁ କେନ୍ଦ୍ର କରି ଯେଉଁ ନୀତିଗତ, ଆଦର୍ଶଗତ ମୂଲ୍ୟବୋଧ ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ସେସବୁର ଅବକ୍ଷୟ ହେବାକୁ ଲାଗିଲା। ଜନତାର ସ୍ୱାର୍ଥକୁ ଗୌଣ ମନେ କରି ନିଜର ସ୍ୱାର୍ଥକୁ ଅଥଧିକ ପ୍ରାଧାନ୍ୟ ଦେଲେ ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ରାଜନେତାଗଣ। ଏତଦବ୍ୟତୀତ ଯେଉଁ ରାଜଶକ୍ତି, ଅଫିସର ଅତୀତରେ ଥିଲେ ବ୍ରିଟିଶ ରାଜଶକ୍ତିର ପଦଲେହନ କାରୀ ସ୍ୱାଧୀନତା ପ୍ରାପ୍ତି ପରେ ସେମାନେ ହେଲେ ଭାରତୀୟ ରାଜନୀତିର ପ୍ରମୁଖ କର୍ଣ୍ଣଧାର। ଅର୍ଥାତ ଏମାନେ ହିଁ ଦିନେ ଭାରତୀୟ ଜାତୀୟ କଂଗ୍ରେସକୁ ବିରୋଧ କରୁଥିଲେ ଏବଂ ଦେଶରୁ ବ୍ରିଟିଶ ରାଜଶକ୍ତି ଅପସାରିତ ହୋଇଯିବା ପରେ କଂଗ୍ରେସରେ ମିଶି କ୍ଷମତା ହାସଲ କରିପାରିଥିଲେ ଅତି ସହଜ ଭାବରେ। ଭାରତ ସ୍ୱାଧୀନତା ପ୍ରାପ୍ତି ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଯେଉଁ ସମୟରେ ଆଦର୍ଶଗତ ରାଜନୈତିକ ମୂଲ୍ୟବୋଧ ବଞ୍ଚି କରିଥିଲା। ପରବର୍ତ୍ତୀ କାଳରେ ବହୁ ରାଜନୈତିକ ଦଳର ଉତ୍‌ଥାନ ପତନ ଘଟିଲା। କ୍ଷମତା ହାସଲ କରିବା ପାଇଁ ଜନତାଙ୍କୁ ନେତାମାନେ ଅନେକ ଛଳନା ପ୍ରତାରଣା କଲେ। ଲୋକମାନଙ୍କର ବହୁ ଅଭିଳତେ ସ୍ୱପ୍ନର ଅବକ୍ଷୟ ହେଲା।

ବିଂଶ ଶତାବ୍ଦୀ ଭାରତବର୍ଷର ଅନେକ ଘଟଣା ମଧ୍ୟରୁ ୧୯୭୫ ଜାତୀୟ ଜରୁରୀ ପରିସ୍ଥିତି ଥିଲଶ ଏକ ପ୍ରମୁଖ ଘଟଣା। ୧୯୭୫ ମସିହା ଜାତୀୟ ଜରୁରୀ ପରିସ୍ଥିତି ଭାରତୀୟ ରାଜନୀତିରେ ନୂଆ ମୋଡ଼ ଆଣିଥିଲା। ବିରୋଧୀ ଦଳର ନେତା କର୍ମୀଙ୍କଠାରୁ ଆରମ୍ଭ କରି ସରକାରୀ ଅଫିସର ପର୍ଯ୍ୟନ୍ତ ଯେଉଁମାନେ ସରକାରଙ୍କ ବିରୋଧ କରୁଥିଲେ ସେମାନେ ସେଣ୍ଟ୍ରାଲ ମିସା ୱାରେଣ୍ଟ ବଳରେ ଜେଲ୍‌ରେ ଭର୍ତ୍ତି ହୋଇଥିଲେ। ଏପରିକି ସେମାନଙ୍କ ଅନୁଗତ ମାନଙ୍କୁ ସରକାରଙ୍କ ପୋଲିସ ଓ ଗୋଇନ୍ଦା ବିଭାଗ କଡ଼ା ନଜରରେ ଦୃଷ୍ଟି ରଖୁଥିଲେ। ସାଧାରଣ ଜନତାଙ୍କ ଜୀବନଯାତ୍ରା ଦୁର୍ବିଷହ ହୋଇ ପଡ଼ିଥିଲା। ବହୁ ବୁଦ୍ଧିଜୀବୀ ଏ ଯାବତ ଏ ଘଟଣାକୁ ଭାରତବର୍ଷ ରାଜନୀତିର ଏକ କଳଙ୍କିତ ଅଧ୍ୟାୟ ରୂପେ ବିବେଚନା କରିଆସୁଛନ୍ତି। ୧୯୭୫ରୁ ୨୦୨୩ ଏହା ମଧ୍ୟରେ ଏ ଘଟଣା ୪୮ ବର୍ଷ ଅତିକ୍ରମ କରିଗଲାଣି। କିନ୍ତୁ ସେଦିନର ସେହି କଳା ଅନ୍ଧକାରର ଦିନ ଏବେବି ସେହି ଭୁକ୍ତ ଭୋଗୀ ଲେଖକ ଲେଖିକାଙ୍କ ହୃଦୟ ଭୂମିରେ ବିଚରଣ

କରୁଛି। ଯାହା ତାଙ୍କର ଆତ୍ମଜୀବନୀ ପାଠକଲେ ଏହା ଅନୁଭବ କରିହୁଏ। ରତ୍ନାକର ଚୟନି ନିଜର ଆତ୍ମଜୀବନୀରେ ଏ ସଂପର୍କରେ ବିଶଦ ଆଲୋଚନା କରିଛନ୍ତି। ଜେଲ୍‌ରେ ଥାଇ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କୁ ଯେଉଁ ଚିଠି ଦେଇଥିଲେ। ସେଇ କାରଣରୁ ସେ କିପରି ପୋଲିସର କଡ଼ା ଦୃଷ୍ଟିରେ ରହିଲେ ଏବଂ ତାଙ୍କୁ ନଜରବନ୍ଦୀ କରି ରଖାଗଲା ଏହା ପାଠକଲା ବେଳେ ପ୍ରତି ସଚେତନ ପାଠକ ୧୯୭୫ ମସିହା ଭାରତ ବର୍ଷର ସେହି ରାଜନୈତିକ ବାତାବରଣକୁ ପାଖରୁ ଅନୁଭବ କଲା ଭଳି ଅନୁଭୂତ ହୁଏ। ଏ ସଂପର୍କରେ ସେ ଲେଖିଛନ୍ତି- ୧୯୭୫ ମସିହାର କଥା। ସାରା ଦେଶରେ ଏମରଜେନ୍‌ସି। ସବୁଆଡ଼େ ଭିନ୍ନ ରକମର ପବନ। ସବୁଠି କେମିତି ଗୋଟେ ସନ୍ଦେହର ବାତାବରଣ। ସମସ୍ତେ ଭାବୁଥାନ୍ତି ମୁଁ କରୁଛି ବା କହୁଛି, ଅଦୃଶ୍ୟରେ ତାହା କେହି ଦେଖୁଛି ବା ଶୁଣୁଛି। ମୁଁ ଅଳ୍ପଦିନ ଆଗରୁ ବଲାଙ୍ଗୀର ରାଜେନ୍ଦ୍ର କଲେଜରୁ ବଦଳି ହୋଇ ଆସିଥାଏ ଢେଙ୍କାନାଳ କଲେଜକୁ। ଦଶହରା ଛୁଟି ପରର କଥା। ଟିଚର୍ସ କମନରୁମ୍‌ରେ ବସିଥାଏ। ପୋଷ୍ଟ ମ୍ୟାନ ଆସି ଧରାଇଲା ଖୁବ୍ ସ୍ଥୂଳକାୟ ଚିଠି ଖଣ୍ଡିଏ। ପ୍ରସଙ୍ଗଟି ଜାଣିବା ପରେ ପୋଲିସ ଅଫିସର ଜଣକ କ'ଣ ଭାବିଲେ କେଜାଣି କହିଲେ, ସାର! ମୁଁ ନିରୂପାୟ। ଆମକୁ ଉପରୁ ନିର୍ଦ୍ଦେଶ ଆସିଛି, ଆପଣଙ୍କ ଗତିବିଧି ଷ୍ଟଡି କରିବା ପାଇଁ।

**ସମକାଳୀନ ଧାର୍ମିକ ଭାବନାର ପ୍ରତିଧ୍ୱନି :**

ଧର୍ମ ଏବଂ ଈଶ୍ୱରଙ୍କ ପ୍ରତି ଆସ୍ଥା ଯୁଗେ ଯୁଗେ ସମାଜରେ ରହି ଆସିଥିଲା ଏବଂ ବର୍ତ୍ତମାନ ମଧ୍ୟ ରହିଛି। ଧର୍ମ ପ୍ରତି ହୃଦୟରେ ଯେଉଁ ପବିତ୍ର ଭାବନା ଓ ବିଶ୍ୱାସ ରହିଥାଏ ତାହା ମନୁଷ୍ୟକୁ ସମସ୍ତ ପାପ କାର୍ଯ୍ୟରୁ ନିବୃତ୍ତ କରି ଆଧାତ୍ମିକବାଦୀ କରାଏ। ଧାର୍ମିକ ଭାବନା ମନୁଷ୍ୟକୁ ନୀତି ପରାୟଣ କରେ, କର୍ତ୍ତବ୍ୟନିଷ୍ଠା ଭାବରେ କାର୍ଯ୍ୟ ସମାପନ କରିବା ନିମନ୍ତେ ଅହରହ ପ୍ରେରଣା ଯୋଗାଏ। ନିଜର ଧର୍ମ ବୁଝିପାରୁଥିବା ମନୁଷ୍ୟ ହିଁ ସକଳ ମାନବିକ ଗୁଣାବଳୀର ଅଧିକାରୀ ହୁଏ। ବେଳେବେଳେ ଧର୍ମାନ୍ଧତା କାରଣୁ ବି ସମାଜରେ ଅନ୍ଧବିଶ୍ୱାସର କାୟା ବିସ୍ତାର ହୁଏ। ଧର୍ମକୁ ଆଧାର କରି ସମାଜରେ ଅନେକ ଦେବାଦେବୀଙ୍କର ପରିକଳ୍ପନା କେଉଁ ଆବହମାନକାଳରୁ ହୋଇସାରିଛି। ମନୁଷ୍ୟ ଉପରେ ଯେ ଅନ୍ୟ ଏକ ବାହ୍ୟଶକ୍ତି ଅଛି ଏବଂ ସେହି ଶକ୍ତି ସଶ୍ୱର ବୋଲି ମନୁଷ୍ୟ ପ୍ରାଚୀନ କାଳରୁ ପୂଜା କରିଆସୁଛି। ସେହି ପରମଶକ୍ତିକୁ ମାନିବା ଏବଂ ତାଙ୍କ ଆଶୀର୍ବାଦରେ ନିଜର ପରିବାର, ସମାଜର କଲ୍ୟାଣ ମନାସିବା ହେଉଛି ମନୁଷ୍ୟର ଆଦିମଗତ ବିଶ୍ୱାସ। ସାହିତ୍ୟ ଯେହେତୁ ହେଉଛି ସମାଜର ଦର୍ପଣ, ସେହି ହେତୁ ସମାଜର ପ୍ରତିଟି ବସ୍ତୁ ପ୍ରତିଫଳିତ ହେବା ସାହିତ୍ୟର ଧର୍ମ। ଆତ୍ମଜୀବନୀ ସାହିତ୍ୟର ଏକ ପ୍ରମୁଖ ବିଭାଗ ହୋଇଥିବାରୁ ସମାଜର ପ୍ରତିଟି ଘଟଣା ଏଥିରେ ହୋଇଥାଏ ରୂପାୟିତ। ଓଡ଼ିଆ ଆତ୍ମଜୀବନୀରେ ସମସାମୟିକ ସମାଜର ଧାର୍ମିକ ଭାବନା କିଭଳି ପ୍ରତିଫଳିତ ହୋଇଛି ତାହା ବିଚାର କରିବା ଏ କ୍ଷେତ୍ରରେ ପ୍ରମୁଖ ପ୍ରସଙ୍ଗ।

ରତ୍ନାକର ଚୟନିଙ୍କ ଆତ୍ମଜୀବନୀ ପୁସ୍ତକରେ ସମକାଳୀନ ଧର୍ମୀୟ ଭାବନାର ସଫଳ ପ୍ରତିଫଳନ ଘଟିଥିବାର ଦେଖିବାକୁ ମିଳେ। ଲେଖକଙ୍କ ଈଶ୍ୱର ବିଶ୍ୱାସ କେତେ ଗଭୀର, ଆଲୋଚ୍ୟ ପୁସ୍ତକ ଅଧ୍ୟୟନ କରିଥିବା ପ୍ରତିଟି ସଚେତନ ପାଠକ ନିବିଡ଼ ଭାବରେ ଅନୁଭବ କରିପାରିବେ। କରୁଣାମୟ ଶ୍ରୀ ଜଗନ୍ନାଥଙ୍କ ବିନା ବୃକ୍ଷର ପତ୍ରଟିଏ ମଧ୍ୟ ହଲେ ନାହିଁ। ତାଙ୍କର କୃପାଦୃଷ୍ଟି ପଡ଼ିଲେ ମନୁଷ୍ୟ ବୈକୁଣ୍ଠ ପ୍ରାପ୍ତ ହୁଏ। ସିଏ ହିଁ ସର୍ବମୟ କର୍ତ୍ତା। ଏ ସଂପର୍କିତ ମଧୁର ଅନୁଭୂତି ଓ ଅଭିଜ୍ଞତାକୁ ବର୍ଣ୍ଣନା କରିଛନ୍ତି ଲେଖକ ଆଲୋଚ୍ୟ ଆତ୍ମଚରିତରେ । ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ପାଇଁ ତାଙ୍କୁ ଯେଉଁ ସୁଯୋଗ ମିଳିଥିଲା ଏବଂ ତାଙ୍କୁ ସାହସ ପ୍ରଦାନ କରିବା ପାଇଁ ସେ ଜଗନ୍ନାଥଙ୍କୁ ଆକୁଳ ନିବେଦନ କରିଥିଲେ ସେଥିରେ ତାଙ୍କର ଧର୍ମୀୟ ବିଶ୍ୱାସ ସନ୍ନିବେଶିତ ହୋଇଥିବାର ଦେଖିବାକୁ ମିଳେ। ଏ ସଂପର୍କରେ ସେ ଲେଖିଛନ୍ତି- କାଲି ଭଳି ମନେ ପଡୁଛି ସେଦିନର କଥା। ପ୍ରଥମଥର ଧାରାବିବରଣୀ ଦେବା ପାଇଁ ଆକାଶବାଣୀ ତରଫରୁ ପୁରୀ ରାଧାବଲ୍ଲଭ ମଠ ଉପରେ ଠିଆ ହୋଇଥାଏ। ମୋ ସହିତ ସେଠି ଥାଆନ୍ତି ପଣ୍ଡିତ ସଦାଶିବ ରଥଶର୍ମା, ଡଃ ବ୍ରଜମୋହନ ମହାନ୍ତି ଆଉ ବି ଜଣେ ଥିଲେ, ଏବେ ତାଙ୍କ ନାଁ ମନେ ପଡୁନି। ପ୍ରଥମେ ବ୍ରଜମୋହନ ମହାନ୍ତି ବିବରଣୀ ପ୍ରଦାନ ଆରମ୍ଭ କଲେ। ସଦାଶିବ ରଥଶର୍ମା ମନ୍ଦିର ଭିତରେ କାର୍ଯ୍ୟାବଳୀର ତଥ୍ୟ ସଂଗ୍ରହ କରି ଆସି ପହଞ୍ଚିନଥାନ୍ତି। ବ୍ରଜମୋହନଙ୍କ ପରେ ପଡ଼ିଲା ମୋ ପାଳି। ମୁଁ କ'ଣ କହିବି- କିଛି ତ ମନେ ପଡୁନି। ଜଗନ୍ନାଥଙ୍କ କଥା କ'ଣ ଅବା ଜାଣେ ମୁଁ। ତୁହାକୁ ତୁହା କୋହ ଉଠିଲା ମନରେ। କାହିଁକି ଏ ଦୁଃସାହସ କଲି ଆସି ଧାରାବିବରଣୀ ଦେବାକୁ। ଆଖି ବୁଜି ଜଗନ୍ନାଥଙ୍କୁ ଡାକିଲି। ପ୍ରଭୁଃ! ମୋର ଦୁଃସାହସକୁ କ୍ଷମା କର। ତୁମର ଲୀଳାକୁ ତୁମେ ପ୍ରସାର କର। ମୁଁ ନିମିତ୍ତ ମାତ୍ର, ଲକ୍ଷ ଲକ୍ଷ ଶ୍ରୋତା ମୋ ଆଖିରେ ତୁମକୁ ଦେଖନ୍ତୁ। ମୋ ମନ ପ୍ରାଣ ତୁମରି ଚତେନାମୟ ହେଇଯାଉ। ମୁଁ ଉତ୍ସାହିତ ହେଲି। ସେହି ବର୍ଷଠାରୁ ଜଗନ୍ନାଥଙ୍କ ଅପାର କରୁଣାରୁ ମୁଁ ତାଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଧାରାବିବରଣୀ ସହିତ ଯୋଡ଼ି ହୋଇଗଲି। ମୋର ଅନୁଭୂତି ହେଲା। ସେ ନ ଚାହିଁଲେ ଦୂର୍ବ ହେଲେ ନାହିଁ, ସେ ଚାହିଁଲେ କିଞ୍ଚିତ ମାତ୍ରକେ ଦାରୁ ଟଳିପଡ଼େ।

ଏତଦବ୍ୟତୀତ ଲେଖକ ଶୈକ୍ଷିକ ସଫଳତା ଓ ବିଫଳତାର ଯେଉଁ ଚିତ୍ର ଆଙ୍କିଛନ୍ତି, ସେଥିରୁ ପାଠକ ସମକାଳୀନ ଶିକ୍ଷା ବ୍ୟବସ୍ଥାର ବିସ୍ତୃତ ତଥ୍ୟ ପାଇବେ। ସେ ସମୟର ଶୈକ୍ଷିକ ପରିବେଶ, ଶିକ୍ଷାର ମାନ, ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା, ଅଧ୍ୟୟନ ପ୍ରତି ଆଗ୍ରହ ଯେମିତି ଶୈକ୍ଷିକ ସଫଳତାର ଗୋଟିଏ ଦିଗ ଥିଲା, ସେହିପରି ଶୈକ୍ଷିକ ବିଫଳତାର ଅନେକ ଗୁଡ଼ିଏ କାରଣ ମଧ୍ୟ ରହିଥିଲା, ଯାହାର ବର୍ଣ୍ଣନା ଆଲୋଚ୍ୟ ଆତ୍ମଜୀବନୀରେ ହୋଇଛି। ମୋଟାମୋଟି ଭାବରେ ସମାଜ ଜୀବନର ନାନାବିଧ ବୈଚିତ୍ର୍ୟକୁ ଉପସ୍ଥାପନା କରିବାର କାରଣ ହେଲା ପାଠକ ଗୋଟିଏ ସମୟଖଣ୍ଡ ମଧ୍ୟକୁ ପ୍ରବେଶ କରାଇବା ପାଇଁ ପ୍ରଶସ୍ତ ମାର୍ଗ ତିଆରିବା।

**ପ୍ରାନ୍ତ ସଙ୍କେତ**

୧. ଚୟନି ରତ୍ନାକର, ନୂଆ ଜୀବନ: ନୂଆ ଯନ୍ତ୍ରଣା: ଜୀବନ କମାରଶାଳ। ପ୍ରଥମ ପ୍ରକାଶ, ବିଜୟିନୀ ପବ୍ଲିକେଶନ, କଟକ- ୧୨, ୨୦୧୪। ପୃ-୧୨୩)
୨. ଚୟନି ରତ୍ନାକର, ନିଷିଦ୍ଧ ଇଲାକାରେ ଚାର୍ବାକ : ଜୀବନ କମାରଶାଳ। ପୃ-୩୬-୩୭)
୩. ଚୟନି ରତ୍ନାକର, ଏକ ବିରଳ ପତ୍ର ଓ ତାର ଇତିହାସ : ଜୀବନ କମାରଶାଳ। ପୃ-୧୬୯।
୪. ଚୟନି ରତ୍ନାକର, କିଛି ସ୍ମୃତି କିଛି ଅନୁଭୂତି: ଜୀବନ କମାରଶାଳ। ପୃ-୧୯୭-୧୯୮)

❖❖❖

# ସାମ୍ପ୍ରତିକ ସମାଜରେ ଗୁରୁଙ୍କ ସ୍ଥିତି

ISSN-2583-6978
Volume-4
Issue-10
OCTOBER-2024



**ଡ. ମାନସ ରଞ୍ଜନ ଶତପଥୀ**

**ନୟାଗଡ଼**

ମଣିଷର ଅହଂକାର, ଆତ୍ମ ଗର୍ବ ତାକୁ ଦୁର୍ଗମ ରାସ୍ତାରେ ଅନ୍ଧ ରାଇଜ ମଧ୍ୟକୁ ଟାଣି ନେଇ ଅପଦସ୍ତ କରାଏ ହେଲେ ମାନସିକ ଶାନ୍ତି ସହିତ ବୁଦ୍ଧିମତା ଦ୍ୱାରା କଠିନ ସମସ୍ୟାକୁ ସହଜରେ ସମାଧାନ କରାଯାଇପାରେ। ଏହା ସମସ୍ତଙ୍କ ପାଇଁ ତୁଳନାତ୍ମକ ଭାବେ ଦୁଇଟି ବିପରୀତ କଥା ହୋଇଥିଲେ ମଧ୍ୟ ଅନେକ ସମୟରେ ଅନୁରୂପ ଗୁଣଗ୍ରାମ ମଣିଷକୁ ନିରୁପାୟ କରିପକାଏ। ଏପରି ଚରିତ୍ର ଧନୀ ନିର୍ଦ୍ଧନ, ବଡ ଚାକିରିଆ ଛୋଟ ଚାକିରିଆ, ଗୋରା କଳା, ବଳଶାଳୀ ଦୁର୍ବଳ କୌଣସି ପ୍ରକାର ମଣିଷକୁ ବି ବାଦ ଦିଏ ନାହିଁ। ସାଧାରଣ ଭାବେ ମଣିଷ ସମାଜରେ ପ୍ରତିଷ୍ଠିତ ଓ ସ୍ୱଚ୍ଛଳତା ମଧ୍ୟରେ ଗତି କରୁଥିବା ବେଳେ କାହିଁକି ନିଜର ପରଶ୍ରୀକାତରତା ଓ ଅହଂଭାବକୁ ଅହେତୁକ ବୃଦ୍ଧି କରାଇ ଧରାକୁ ଶରା ମଣିଥାଏ ତାହା ବୁଝି ହୁଏନାହିଁ, ବିଶେଷ ଭାବେ, ଯେତେବେଳେ ସମସ୍ତେ ଜାଣନ୍ତି 'ଖାଲି ହାତରେ ଆସିଛେ ଏବଂ ଖାଲି ହାତରେ ଯିବା' ହିଁ କେବଳ ଧ୍ରୁବ ସତ୍ୟ ଅଟେ। ତଥାପି, ଆଜିକାଲି ସମାଜରେ ଟଙ୍କା, ଚାକଚକ୍ୟ ଓ ବଡ ଲୋକିଆ ଠାଣି ସହିତ ନିଜର ଅହଂର ଗନ୍ଧ ଅଧିକାଂଶଙ୍କଠାରେ ବେଶୀ ବାରି ହେଉଥିବା ବେଳେ ଶାଳୀନତା କମ ଲୋକଙ୍କ ଠାରେ ଲକ୍ଷ କରିହୁଏ।

ଏମିତି ଏକ ଛୋଟ ମର୍ମ ସ୍ପର୍ଶୀ ଘଟଣା ଘଟିବା ସମୟରେ ଜଣେ ତଥାକଥିତ ବଡ ବାବୁଙ୍କର କର୍କଶ ସମ୍ବୋଧନରେ 'ଶଳା ମାଷ୍ଟ୍ର ହେଲେ ପିଣ୍ଡା ଓଲୁ' ଏହି ଆଲେଖ୍ୟଟିର ଉତ୍ପତ୍ତିର କାରଣ।

ଦୁଇଜଣ ବାଟୋଇ ନିଜ ନିଜ ଚାରି ଚକିଆ ଯୋଗେଁ ଏକ ସଂକୁଚିତ ତିନି ଛକି ରାସ୍ତାରେ ସାମ୍ନା ସାମ୍ନି ହେଲେ। ବଡ ଗାଡି ଡାହାଣ ପଟକୁ ବୁଲିବାକୁ ଥିବା ବେଳେ ଛୋଟ ଗାଡିଟି ବାମ ପଟକୁ ବୁଲି ଯିବାକୁ ପ୍ରୟାସ କରୁଥିଲେ। ଛୋଟ ଗାଡିଟି ଅକସ୍ମାତ ପଶି ଆସିବାକୁ ଉଦ୍ୟମ କରି ବିଫଳ ହୋଇ ନିଜକୁ ରାସ୍ତାରେ ପାଖେଇବା ବଦଳରେ ମଝି ରାସ୍ତାରେ ଗାଡିଟିକୁ ସ୍ଥିର କରି ରଖିଦେଇ ବଡ ଗାଡିକୁ ଇଙ୍ଗିତ କରିବାକୁ ଲାଗିଲା ପଛକୁ ଫେରାଇବା ପାଇଁ। ଅନୁରୂପ ଭାବେ ବଡଗାଡ଼ି ବାବୁ କହିଲେ ମହାଶୟ ଆପଣ ଟିକେ ପଛକୁ ନେଇଗଲେ ଗାଡିଟି ଅନାୟାସରେ ବାହାରିଯିବ ଯଦ୍ୱାରା ଦୁହେଁ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଅନାୟାଶରେ ପ୍ରସ୍ଥାନ କରିପାରିବା। ହେଲେ ଛୋଟ ଗାଡ଼ିରେ ବସିଥିବା ବାବୁ ମହାଶୟ କ୍ରୋଧିତ ଅବସ୍ଥାରେ ବାହାରକୁ ଚାଲି ଆସି ଗର୍ଜନ କରିବାକୁ ଆରମ୍ଭ କରିଦେଲେ। ଆପଣ ଗାଡି କେବେ ଚଳେଇଛନ୍ତି, ମୁଁ ପଛକୁ କାହିଁକି ନେବି, ମତେ କଣ ନିର୍ଦ୍ଦେଶ ଦେଉଛନ୍ତି, ଇତ୍ୟାଦି ? ସେ କହିବା କଥା ଥିଲା ବଡ ଗାଡିବାଲା ପଛକୁ ନେଇଥିଲେ ଛୋଟ ଗାଡ଼ିଟି ସିଧା ରାସ୍ତାରେ କିଛି ବାଟ ଆଗକୁ ଯାଇ ରାସ୍ତା ଦେବାପରେ ବଡଗାଡ଼ି ଆଗ ପଳେଇବା ପରେ ଛୋଟ ଗାଡ଼ିଟି ପୁଣି ପଛକୁ ଫେରି ବାମ ପଟକୁ ବୁଲି ତାଙ୍କ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତେ। ବଡ ଗାଡିବାଲା ଏପରି ଅବାନ୍ତର ଓ ସମୟ ବରବାଦକାରୀ ବାକ୍ୟ ଶୁଣି ସ୍ମିତ ହାସ୍ୟ ସହିତ ପଚାରିଲା, ମହାଶୟ କୋଉଟା ସରଳ ଆପଣ ଯୋଉ କଥା କହୁଛନ୍ତି ନାଁ ମୋର ଉପାୟଟି ? ରାଗରେ ଆହୁରି ଜର୍ଜରିତ ମହାଶୟ କହିଲେ, 'ଡୁ ୟୁ ନୋ ମି ? ଆଇ ଆମ ଆନ ଆଇ.ଏ.ଏସ. ଅଫିସର'। ଏପରି କହିବା ସହିତ ତତକ୍ଷଣାତ ନିଜ ମୋବାଇଲ ବାହାର କରି ବଡ ଗାଡିର ନମ୍ବର ଫୋଟୋ ଉଠାଇ ପୁଣି ରାଗରେ କହିଲେ ଦେଖିବୁ ମୁଁ ଏବେ କଣ କରିପାରିବି, ମତେ ତୁ ପଛକୁ ଯିବାକୁ କହି 'ମିସ ବିହେବ' କରୁଛୁ। ବଡ ତମତମ ହୋଇ ଧୈର୍ଯ୍ୟଚ୍ୟୁତ ହୋଇପଡୁଥାନ୍ତି। ବଡ ଗାଡି ବାବୁ ରାଗ ତମତମ ହେଉଥିବା ଲୋକଟିର ବକ୍ୱାସ, ବିରକ୍ତିଭାବ ଏବଂ ବପୁ ଦେଖି ଏକ ରକମ ଭୟରେ ସେହି ସ୍ଥଳରୁ ଗାଡିଟିକୁ ପଛକୁ ନେଇ ଅନ୍ୟ ଏକ ଗଳି ବାଟରେ ଚାଲିଯିବାକୁ ଶ୍ରେୟସ୍କର ଭାବି ତତକ୍ଷଣାତ ସେଠାରୁ ଯିବାକୁ ଉଦ୍ୟତ ହେଲା ବେଳେ ଉତ୍ୟକ୍ତ ଲୋକଟି ଅତ୍ୟନ୍ତ କ୍ରୂର କଣ୍ଠରେ ପଚାରିଲା ତମେ ଏକ ଅନୁଭବୀ, ବୟସ୍କ, ଜାଣିବା ଶୁଣିବା ଲୋକ

ଭଳି ଦେଖାଯାଉଛ , ତମର ସର୍ବୋଚ୍ଚ ଶିକ୍ଷାଗତ ଯୋଗ୍ୟତା କଣ ? ଉତ୍ତର ରେ ପି.ଏଚ.ଡି. ଶୁଣିବା ମାତ୍ରେ ଆହୁରି ଉତ୍ୟକ୍ତ ହୋଇ ଥରିବାକୁ ଲାଗି କହିଲା 'ତମେ ଶଳା ମାଷ୍ଟ୍ର ପିଣ୍ଡା ଓଲୁ', ନିଜକୁ କଣ ଭାବୁଛ ବେ ଏବଂ ସବୁଠାରୁ କଦର୍ଯ୍ୟ ବୃତ୍ତିର ଲୋକ ହେଉଛନ୍ତି ଶଳା ମାଷ୍ଟ୍ର ଗୁଡାକ। ଦେଖିବାକୁ ଗଲେ ବଡ ଗାଡିବାଲା କେଉଁଠି ନିଜକୁ ଏକ ଶିକ୍ଷକ ବୋଲି ପରିଚୟ ଦେଇନଥିଲେ ମଧ୍ୟ ଏପରି ଗାଳି ଗୁଲ୍ଲଜର ଶରବ୍ୟ ହୋଇଥିଲେ।

ସେହି କିଛି ଗରମ ମୁହୂର୍ତ୍ତର ସାକ୍ଷୀ ଥିଲେ ଦୁଇ ଚାରି ଜଣ ବାଟୋଇ ଭାଇ ଯେଉଁ ମାନେ ଏପ୍ରିଲ ମାସର ୪୩ ଡିଗ୍ରୀ ତାତି ସତ୍ୱେ ଗରମରେ ସିଝି ରାସ୍ତାରେ ଚାଲି ଚାଲି ଯାଉଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ତିନି ଜଣ ବଡ ଗାଡିର ଭୁଲ ନଥିବା ଦେଖି ବାବୁଙ୍କ ସପକ୍ଷରେ ଦୁଇ ପଦ କହିଥିଲେ। କିନ୍ତୁ, ଏପରି ସାମାନ୍ୟ ଗରମ ପରିସ୍ଥିତିରେ ଅଳ୍ପ ପାଣି ଢାଳି ଉପଶମ ଆଣିବା ପ୍ରଚେଷ୍ଟା କ୍ଷଣିକରେ ଧୂଳିସାତ ହୋଇଗଲା ଯେବେ ସେମାନେ ସାନ ଗାଡି ବାବୁଙ୍କ ଆଇ.ଏ.ଏସ. ଅଫିସର କୁହା ଶୁଣିଦେଲେ। ପୁଣି, ସେ ବଡଗାଡ଼ି ବାବୁଙ୍କୁ କହିଲେ ଦେଖିବୁ ମୁଁ କଣ ତୋର କରିବି, ତା ପରେ ବାଟୋଇ ଦୁଇ ତିନି ଜଣ ସମ୍ପୂର୍ଣ୍ଣ ବିପଦ ଆଶଙ୍କା କରି ବଡଗାଡ଼ି ସପକ୍ଷରେ କହିବା ବନ୍ଦ କରି ନିରବ ଦ୍ରଷ୍ଟା ପାଲଟି ଗଲେ।

ଏଠାରେ ଦୁଇ ତିନୋଟି କଥା ମନକୁ ଛୁଇଁବା ସ୍ୱାଭାବିକ। ସେଗୁଡିକ ହେଲା ଯେ କୌଣସି ଗାଡି ଚାଳକ ମାନସିକ ଅବସ୍ଥା ଖରାପ ଥାଇ ମୋଟରଯାନ ଚଳାଇବା ଅନୁଚିତ କାରଣ ଏପରି ପରିସ୍ଥିତି ଅନ୍ୟ ପାଇଁ ଘାତକ ହୋଇପାରେ। ଦ୍ୱିତୀୟଟି ହେଲା ଜଣେ ଆଇ.ଏ.ଏସ. କିମ୍ବା ଯେ କୌଣସି ଉଚ୍ଚ ପଦସ୍ଥ ଅଧିକାରୀ କୌଣସି ପରିସ୍ଥିତିରେ ରାଜରାସ୍ତାରେ ଯାତାୟାତ କରୁଥିବା ସାଧାରଣ ନାଗରିକ ଠାରୁ ଭିନ୍ନ ନୁହନ୍ତି। ସେଦିନ ଛୋଟ ଗାଡି ବାବୁ ସତସତିଆ ଆଇ.ଏ.ଏସ. କି ନୁହନ୍ତି ଅଜଣା ଥିଲା କାରଣ ସେ ଜଣେ ଅନାମଧେୟ ବ୍ୟକ୍ତି ଭାବେ ଜଣାପଡୁଥିଲେ ଏବଂ ଏକ ବିଶେଷ ଚେହେରା କିମ୍ବା ଚର୍ଚିତ ବ୍ୟକ୍ତିତ୍ୱ ଆଦୌ ନଥିଲେ। ହେଲେ ପ୍ରଶ୍ନ ଉଠେ ପ୍ରକୃତରେ ଏପରି ବଡ ଅଧିକାରୀ ହେଲେ ସାଧାରଣ ମନୁଷ୍ୟକୁ କୀଟ ପତଙ୍ଗ ଭଳି ସମସ୍ତେ କଣ ବ୍ୟବହାର କରନ୍ତି ? ଏମିତି ବି ଦେଖାଯାଇଛି, ଅନେକ ପ୍ରଶାସନିକ ଅଧିକାରୀ ପି.ଏଚ.ଡି. ଧାରକ ହୋଇ ମଧ୍ୟ ଅତ୍ୟନ୍ତ ଶାନ୍ତ,ଭଦ୍ର ସ୍ୱଭାବର ଓ ମାର୍ଜିତ ଏବଂ ସେମାନେ ଅତ୍ୟନ୍ତ ମର୍ଯ୍ୟାଦା ସହିତ ଏପରି ଉଚ୍ଚ ଡିଗ୍ରୀ ଧାରଣ କରିଥାନ୍ତି। ତୃତୀୟଟି ହେଲା ମଣିଷ ଶିକ୍ଷିତ ହେବା ସହିତ ବ୍ୟବହାରରେ ମାର୍ଜିତ ଓ ଶାଳୀନତା ରକ୍ଷା ନିତାନ୍ତ ଆବଶ୍ୟକ, କୌଣସି ପରିସ୍ଥିତିରେ ନିଜକୁ ଅଣାୟତ୍ତ କରି ଆପଣ ସମ୍ବୋଧନ ବଦଳରେ କୌଣସି ଭଦ୍ର ବ୍ୟକ୍ତିଙ୍କୁ ଅଭଦ୍ରୋଚିତ 'ତୁ, ଶଳା' ପ୍ରଭୃତି ଭାଷା ପ୍ରୟୋଗ କରିବା ଅନୁଚିତ ଯାହା ନିଜର ଅସଭ୍ୟ ହେବା ପରିଚୟ ସହଜରେ ଦେଇପାରେ.

ଏ ସମସ୍ତ ସତ୍ୱେ ଶିକ୍ଷକତାକୁ ଆପଣେଇଥିବା ତଥା ଶିକ୍ଷକ ମାନଙ୍କ ପ୍ରତି ଅତି ନିକୃଷ୍ଟ ମନ୍ତବ୍ୟ ଦେବା ସର୍ବ ସାଧାରଣ ସ୍ଥାନରେ ନିଜର ଅପରିପକ୍ୱତା ସହିତ ଧୃଷ୍ଟତା ପ୍ରତିପାଦିତ କରିବା ଛଡା ଅନ୍ୟ କିଛି ନହୋଇପାରେ। ସମସ୍ତେ ଆଜି ଯିଏ ଶିକ୍ଷିତ ସେ ଭୁଲି ଯିବା ଅନୁଚିତ ଯେ ପ୍ରତିଟି ବ୍ୟକ୍ତିତ୍ୱ ର ସଫଳତା ପଛରେ କୌଣସି ନା କୌଣସି ଶିକ୍ଷକ ନିଶ୍ଚିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଦାୟିତ୍ୱ ନିଭାଇ ଥାଆନ୍ତି। ବିଶେଷ ଭାବେ, କୌଣସି ସାଧାରଣ ବା ଅସାଧାରଣ ମଣିଷ ଜୀବନ ଗଠନରେ ଶିକ୍ଷକର ନିତାନ୍ତ ଓ ନିରନ୍ତର ଆବଶ୍ୟକତା ରହିଛି କିନ୍ତୁ ପ୍ରଶାସକର ଆଦୌ ରହି ନଥାଏ। ତେବେ ଶିକ୍ଷକ ମାନେ ସମାଜରେ ନିନ୍ଦନୀୟ ହେଲେ କିପରି ? ଅନ୍ୟକୁ ଦିଗଦର୍ଶନ ଦେଉଥିବା ଶିକ୍ଷକକୁ 'ପିଣ୍ଡା ଓଲୁ' ସମ୍ବୋଧନ କରିବା କେତେଦୂର ଯଥାର୍ଥ ହେବ ଏହା ପାଠକଙ୍କ ବିଚାର ଯୋଗ୍ୟ। ଅବଶ୍ୟ କହିବା ଲୋକ ବଡ ନୁହେଁ ସହିବା ଲୋକ ହିଁ ବଡ। ସେହି କ୍ରମରେ ଶିକ୍ଷକ ସାରା ଜୀବନ ଲଢେଇ କରି ସାଧମତେ ନିଜ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିବାରେ ନିଜର ଖୁସିକୁ ଜଳାଞ୍ଜଳି ଦେଇଥାଏ ଯାହା ବୋଧେ ଏଭଳି କ୍ରୁର କଠୋର ପ୍ରଶାସନିକ ଅଧିକାରୀ ମାନଙ୍କ ବୁଝିବା କ୍ଷମତା ବାହାରେ। ସେହି ସମୟରେ ସେଠାରେ ଉପସ୍ଥିତ ଥିବା ବାଟୋଇ ରୂପୀ ଦର୍ଶକ ଏତାଦୃଶ ଅହଂ ଭରା ଗର୍ବ ଆଚରଣ ଦେଖି ଛି ଛି କରି ଝାଳ ପୋଛି ପୋଛି ନିଜ ବାଟରେ ଚାଲି ଯିବାକୁ ଶ୍ରେୟ ମଣିଥିଲେ,କେବଳ।

❖❖❖

# ଭାଗବତରେ ହଂସଗୀତା



ISSN-2583-6978
Volume-4
Issue-10
OCTOBER-2024

**ଡକ୍ଟର ବିନୋଦିନୀ ବେହେରା**

**ଭୁବନେଶ୍ୱର**

ଓଡ଼ିଆ ଭାଗବତରେ ହଂସଗୀତା ଜ୍ଞାନଯୋଗର ଏକ ସୁନ୍ଦର ସରଳ ବ୍ୟାଖ୍ୟାନ। ଜିଜ୍ଞାସୁ ଭକ୍ତ ଉଦ୍ଧବ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରଶ୍ନୋତ୍ତର ମାଧ୍ୟମରେ ତତ୍ତ୍ୱ ବ୍ୟାଖ୍ୟାନ କରାଯାଇଛି। ଉଦ୍ଧବଙ୍କର ସମସ୍ତ ପ୍ରଶ୍ନର ଉତ୍ତର ପୁରାକାଳାରେ ବ୍ରହ୍ମାଙ୍କର ପୁତ୍ରଗଣଙ୍କୁ ସବିସ୍ତର ପ୍ରକାଶ କରିଥିଲେ।

ବ୍ୟାଖ୍ୟାନ ଅନୁସାରେ ବହୁପ୍ରାଚୀନ କାଳରେ ପୁତ୍ରଗଣ ପିତା ବ୍ରହ୍ମାଙ୍କ ଯେଉଁ ପ୍ରଶ୍ନ କରିଥିଲେ ତାହାର ଉତ୍ତର ଦେବାରେ ସେ ଅସମର୍ଥ ହୋଇ ସହାୟତା ନିମନ୍ତେ ଭଗବାନଙ୍କୁ ଧ୍ୟାନ କରିଥିଲେ। ବ୍ରହ୍ମାଙ୍କର ସଭକ୍ତି ଧ୍ୟାନ ହେତୁ ଭଗବାନ ସହସା ହଂସରୂପେ ତାଙ୍କ ନିକଟରେ ଆବିର୍ଭାବ ହୋଇଥିଲେ। ପ୍ରଭୁଙ୍କର ଆକର୍ଷଣୀୟ ରୂପ ଓ ତେଜ ଦର୍ଶନକରି ବ୍ରହ୍ମାଙ୍କ ସମେତ ପୁତ୍ରଗଣ ତାଙ୍କୁ ପ୍ରଣାମ କରିଥିଲେ। କୁମାରଗଣ ସର୍ବପ୍ରଥମେ ପ୍ରଭୁଙ୍କର ନାମ ବା ପରିଚୟ, ବାସସ୍ଥାନ ଏବଂ ଆଗମନର କାରଣ ଜିଜ୍ଞାସା ରଖିଥିଲେ।

ସତ୍ତ୍ୱ ସ୍ୱଭାବର କୁମାରମାନଙ୍କର ହଂସରୂପ ଭଗବାନଙ୍କୁ ପରିଚୟ ଜିଜ୍ଞାସାରେ ଭଗବାନ ସେମାନଙ୍କ ସ୍ୱଭାବ ଅନୁରୂପ ଯଥାର୍ଥ ଉତ୍ତର ପ୍ରଦାନ କରିଥିଲେ। ଭଗବାନଙ୍କର ଭକ୍ତିରେ ସେ କୁମାର ଗଣଙ୍କର ଅଚିହ୍ନା ବା ଅପରିଚିତ ନୁହନ୍ତି। ସେମାନଙ୍କ ସମ (ହଂସ) ତାଙ୍କର ଶରୀର ପଞ୍ଚଭୂତରେ ଗଢ଼ା। କୁମାରମାନଙ୍କ ସହ ତାଙ୍କର ଆତ୍ମା ଏକ ଏବଂ ଅଭିନ୍ନ। ତେଣୁ ଶରୀର ଅଥବା ଆତ୍ମା ଉଭୟ ରୂପରେ କିପରି ପରିଚୟ ଦେଇହେବ। ହଂସ ଭଗବାନଙ୍କ ଭାଷାରେ ସେ ଇନ୍ଦ୍ରିୟ, ମନ, ବୁଦ୍ଧି, ଭୋଗ ଏବଂ ବିଷୟ ବା ଦେହ ସବୁ କିଛି। ସେ ମନଦ୍ୱାରା ମନନଯୋଗ୍ୟ। ସେ ବଚନଦ୍ୱାରା ଦୃଷ୍ଟିଦ୍ୱାରା ଦୃଶ୍ୟ, ଘ୍ରାଣଦ୍ୱାରା ଘ୍ରାତ, ରସନାଦ୍ୱାରା ସ୍ୱାଦ୍ୟ, ଶୋତ୍ରଦ୍ୱାରା ଶ୍ରୁତ ଏବଂ ସ୍ପର୍ଶେନ୍ଦ୍ରିୟଦ୍ୱାରା ସ୍ପୃଷ୍ଟ। ତାଙ୍କ ବ୍ୟତିରିକ୍ତ ଦ୍ୱିତୀୟ ଅନ୍ୟ କିଛିର ସ୍ଥିତି ନାହିଁ। ଭାଗବତ ବର୍ଣ୍ଣନାରେ –

"ସକଳଦେହେ ଏକ ଧର୍ମ / ସକଳ ଦେହେ ଏକ ବ୍ରହ୍ମ।
କେ ବୋଲି ପଚାରିଲ ମୋତେ / ଏ ପ୍ରଶ୍ନ ଘଟିବ କେମନ୍ତେ।
ମୁଁ ସର୍ବ ବିଷୟ ଗୋଚର / ମୋ ତହୁଁ ଆତ୍ମାନୋହେ ପର।
ଜୀବ ସ୍ୱରୂପେ ସର୍ବ ଦେହେ / ମୁଁ ଥାଇ ସକଳ ବିଷୟ।
ବିଷୟର ସେ ଚିତ୍ତ ପଶେ / ଏଣୁ ଇନ୍ଦ୍ରିୟ ରସେ ରସେ।
ଏ ଦେହେ ମାତ୍ର ଚିତ୍ର ଗତି / ବିଷୟ ବାସନା ସମ୍ଭୂତି।"

(ଅ. ୧୧.୧୪.୨୪)

ହଂସ ଭଗବାନଙ୍କ ଉତ୍ତରରୁ ବ୍ରହ୍ମାପୁତ୍ରଗଣ ତାଙ୍କୁ ସ୍ୱୟଂ ଭଗବାନ ବୋଲି ଜାଣି ଅତ୍ୟନ୍ତ ପ୍ରସନ୍ନ ହେଲେ। ସେମାନେ ନିଜର ପିତା ବ୍ରହ୍ମାଙ୍କୁ ପ୍ରକାଶ କରିଥିବା ପ୍ରଶ୍ନଗୁଡ଼ିକର ଉତ୍ତର ନିମନ୍ତେ ଭଗବାନଙ୍କୁ ନିବେଦନ କଲେ। କୁମାରମାନଙ୍କର ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ତାତ୍ତ୍ୱିକ ଏବଂ ଭାବଗର୍ଭକ ଥିଲା। ପ୍ରଥମ ପ୍ରଶ୍ନ ଥିଲା: ଭବସାଗର ଅତି ଦୁସ୍ତର ଏବଂ ବିଷ୍ଣୁଙ୍କର ମାୟାକୁ ସତ୍ୟ ଭାବନାରେ ସମସ୍ତେ ମଜ୍ଜିଛନ୍ତି। ଏହି ମାୟାକୁ କିପରି ଅତିକ୍ରାନ୍ତ କରିହେବ? ଦ୍ୱିତୀୟ ପ୍ରଶ୍ନ ଥିଲା- ବିଷୟ ଏବଂ ଚିତ୍ତ ଉଭୟଙ୍କର ଅତ୍ୟଧିକ ଆକର୍ଷଣ ଓ ସଙ୍ଗଭାବ କେଉଁ ଉପାୟରେ ଦୂର କରିହେବ? ଏହିଭଳି ସମୁଦାୟ ଛଅଟି ଭାବଗର୍ଭକ ପ୍ରଶ୍ନ ପଚାରିଥିଲେ।

ପୂର୍ବରୁ ବ୍ରହ୍ମାଙ୍କର ଧ୍ୟାନଗତ ଚିନ୍ତନରୁ ହଂସ ଭଗବାନଙ୍କୁ ଉପରୋକ୍ତ ପ୍ରଶ୍ନ ଅବଗତ ଥିଲା। ପୁନର୍ବାର ବ୍ରହ୍ମାପୁତ୍ରଙ୍କଠାରୁ ସେହି ପ୍ରଶ୍ନମାନ ଶ୍ରବଣ କରି ଭଗବାନ ଉତ୍ତର ମାଧ୍ୟମରେ ସେମାନଙ୍କ ସଂଶୟ ଦୂର କଲେ। ହଂସପ୍ରଭୁଙ୍କର ବ୍ୟାଖ୍ୟାନ ଅନୁସାରେ ଭବସିନ୍ଧୁରୂପୀ ମାୟା ଅତିକ୍ରମ ନିମିତ୍ତ ଭଗବାନଙ୍କଠାରେ ଉଭୟ ମନ ଓ ବୁଦ୍ଧି ନିବେଶ କଲେ ଦେହ ସ୍ୱପ୍ନବତ ମିଥ୍ୟା ଜ୍ଞାତ ହୁଏ। ଏଥିପାଇଁ ସତ୍‌ଗୁରୁଙ୍କ ବାକ୍ୟ ଶ୍ରବଣ ସଜ୍ଜନଙ୍କର ଅମୃତବାଣୀ ଶ୍ରବଣ,ସତସଙ୍ଗ, ଶାସ୍ତ୍ର ଅଧ୍ୟୟନ ସହ ଶ୍ରବଣ ଏବଂ ମନନଦ୍ୱାରା ମନରୁ ସମସ୍ତ ସଂଶୟ ଦୂର କରିବା ଆବଶ୍ୟକ। ଏହା ସହ ଭାଗବତ ପଦ ଭଜନ ମଧ୍ୟ ଆବଶ୍ୟକ। କାରଣ ଭକ୍ତିସୁଧାରେ ମଜ୍ଜିଗଲେ ସଂସାର ପାର ହେବା

ସହଜ ହୋଇଥାଏ।

ଦ୍ୱିତୀୟ ପ୍ରଶ୍ନ ଚିତ୍ତ ଏବଂ ବିଷୟ ଉଭୟଙ୍କର ଆକର୍ଷଣ ଦୂର କରିବାର ଉପାୟ କିପରି ସମ୍ଭବ ହେବ ? ବିଷୟମାନଙ୍କରେ ପ୍ରବେଶ କରିବା ଜୀବର ଅସଲ ସ୍ୱରୂପ ନୁହେଁ। ଯେଭଳି ଘଟର ବାସ୍ତବ ସ୍ୱରୂପ ମୃତ୍ତିକା ହେଲେ ମଧ ନାମରୂପଗତ କୁମ୍ଭ ଇତ୍ୟାଦି ତା'ର ଉପାଧି ଅଟେ। ଅନୁରୂପ ଭାବେ ଜୀବର ପ୍ରକୃତସ୍ୱରୂପ ବିଷୟ ନୁହେଁ। ଅହରହ ବିଷୟରେ ଅତ୍ୟନ୍ତ ଆକର୍ଷଣ ଓ ସେବନ ହେତୁ ଜୀବନର ଚିତ୍ତ ସେଥିରେ ପ୍ରବେଶ କରିଥାଏ। ଯେଭଳି ଲୁହା ଅଗ୍ନିରେ ତପ୍ତ ହୋଇ ଲାଲ ଦିଶିଲେ ମଧ ଥଣ୍ଡା ହୋଇ ଅଗ୍ନିତାପରୁ ଅଲଗା ରହିଲେ ନିଜର ଅବସ୍ଥାକୁ ଆସିଥାଏ। ଠିକ୍ ସେହିଭଳି ଚିତ୍ତବିଷୟ ନୁହେଁ। କିନ୍ତୁ ବିଷୟରେ ଚିତ୍ତ ଆବିଷ୍ଟ ହୋଇଥିବାରୁ ଏହା ମିଥ୍ୟା ଅଭିନିବେଶ ମାତ୍ର।

ତୃତୀୟ ପ୍ରଶ୍ନ: ବାସନାରୁ ନିବୃତ୍ତି କିପରି ହେବ ?

ବିଷୟର ସ୍ୱରୂପକୁ ଜୀବ ସମ୍ୟକ ଜ୍ଞାତ ନହେଲେ ବାରବାର ସଂସାର ଚକ୍ରରେ ଜନ୍ମମୃତ୍ୟୁ ହୋଇଥାଏ। ନିଜର ଶୁଦ୍ଧ ସ୍ୱରୂପର ସତ୍ୟତା ବୁଝିଲେ ଜୀବ ଚିତ୍ତଦ୍ୱାରା ଭ୍ରମିତ ହୁଏ ନାହିଁ। ବିଷୟବାସନା ପ୍ରବେଶ କଲେ ମଧ ଜୀବର ସୁଖଦୁଃଖାଦି ଭାବାନ୍ତର ହୁଏନାହିଁ। ଏଣୁ ନିଜକୁ ନିରୂପାଧିକ ଅନୁଭବ କରିବା ହେଉଛି ବାସନାନିବୃତ୍ତ ହେବା ବା ସଂସାରକୁ ଅତିକ୍ରମିବାର ବାସ୍ତବ କଳା।

ଚିତ୍ତ ବିଷୟମାନଙ୍କ ଠାରୁ ପୃଥକ ବୋଲି କିପରି ଭାବିହେବ ? ହଂସ ଭଗବାନଙ୍କର ଉତ୍ତରରେ ସେ ବର୍ଣ୍ଣନା କରିଛନ୍ତି ଯେ ଜୀବ ତିନି ଅବସ୍ଥା ଯଥା : ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତିରେ ସୁଖଦୁଃଖ ଅନୁଭବ କରିଥାଏ।କିନ୍ତୁ ଚତୁର୍ଥ ଅବସ୍ଥା ତୁରୀୟ କାଳ ପ୍ରଥମ ଅବସ୍ଥା ତିନୋଟିର ବିଲକ୍ଷଣ। ତୁରୀୟ ଅବସ୍ଥାରେ ଜୀବର କୌଣସି ପ୍ରକାର ଅଭିମାନ ନଥାଏ। ସେ ଆତ୍ମାରେ ସ୍ଥିତ ଥାଏ। କୌଣସି ସାଂସାରିକ ଚିନ୍ତା ବା ଦୁଃଖ ନଥାଏ। ଭେଦଭାବ ଥିବା ଯାଏ ସଂସାର ବନ୍ଧନ ବା ସୁଖଦୁଃଖ ଥାଏ। ତେଣୁ ଜାଗ୍ରତ ସ୍ୱପ୍ନ ଓ ସୁଷୁପ୍ତିର ଅଭିମାନ ତ୍ୟାଗ କରି ତୁରୀୟ ଆତ୍ମାରେ ସ୍ଥିତ ହୋଇପାରିଲେ ଚିତ୍ତ ବିଷୟରୁ ପୃଥକ ହୋଇପାରିବ।

ଉପରୋକ୍ତ ଭେଦବୁଦ୍ଧି କିପରି ଦୂର ହୋଇପାରିବ ? ଜୀବ ନିଜର ସମସ୍ତ ପ୍ରକାର ଚିନ୍ତା, ଚେତନା ଏବଂ ବିଚାରଦ୍ୱାରା ନିଜର ପ୍ରକୃତ ସ୍ୱରୂପ ସମ୍ୟକ ଅବବୋଧ କଲେ ଭେଦବୁଦ୍ଧି ଆପଣା ଛାଏଁ ଦୂର ହୋଇଯବ।

ସମସ୍ତ ବିଷୟ ଜାଣି ମଧ ଜୀବ ବିଷୟ ପ୍ରତି ଆସକ୍ତ ହେବାର କାରଣ କ'ଣ ? ଉକ୍ତ ପ୍ରଶ୍ନର ଉତ୍ତରରେ ହଂସ ଭଗବାନ ସ୍ୱପ୍ନ ଦୃଷ୍ଟାନ୍ତ ବର୍ଣ୍ଣନା କରିଛନ୍ତି। ସ୍ୱପ୍ନଦୃଷ୍ଟ ଘଟଣାର ସତ୍ୟତା ନଥାଏ। କିନ୍ତୁ ତାହା ସତ୍ୟ ବୋଲି ପ୍ରତୀତ ହୁଏ। ଠିକ୍ ସେହିଭଳି ଅଜ୍ଞାନ ହେତୁ ମଣିଷ ନିଜକୁ ଜାଗ୍ରତ ମଣେ, ସୁଖଦୁଃଖ ଭୋଗକରେ ଏବଂ ସଂସାରକୁ ସତ୍ୟ ମନେ କରି ବିଷୟାସକ୍ତ ହୁଏ। ବାସ୍ତବରେ ଆତ୍ମା ପରମ ଏକକ ଏବଂ ଅଦ୍ୱିତୀୟ। ବିଜାଗ୍ରତ, ସ୍ୱପ୍ନ ଏବଂ ସୁପୁପ୍ତିର ବୈଶ୍ୱାନର, ତୈଜସ ଏବଂ ପ୍ରାଜ୍ଞ ପରମାତ୍ମାଙ୍କର ଏକ ଏକ ସଂଜ୍ଞା ମାତ୍ର। ଜାଗ୍ରତାବସ୍ଥାରେ ଜୀବ ସମସ୍ତ ପଦାର୍ଥକୁ ସତ୍ୟ ଭାବେ। ସ୍ୱପ୍ନ ଅବସ୍ଥାରେ ଅନୁଭବକୁ ସତ୍ୟ ମଣେ। ସୁଷୁପ୍ତି ବା ଗାଢ ନିଦ୍ରାରେ ମନ ଏବଂ ଇନ୍ଦ୍ରିୟମାନଙ୍କ ଲୟ ବାଦ୍ ଯିଏ ସାକ୍ଷୀ ଥାଏ ସେ ଏକ। ନିଦ୍ରା ଭଙ୍ଗରେ ପୂର୍ବର ସୁଖ ନଥାଏ। ତେଣୁ ଅବସ୍ଥା କ୍ରମରେ ଏମାନେ ତିନୋଟି ଭିନ୍ନ ଭିନ୍ନ ସଂଜ୍ଞା। ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଆଦି ସମସ୍ତ ଅବସ୍ଥାର ଆଶ୍ରୟ ଅହଂକାର। ମାତ୍ର ବାସ୍ତବରେ ଆତ୍ମା ସଦା ଜାଗ୍ରତ। ଈଶ୍ୱରଙ୍କ ମାୟାଦ୍ୱାରା ମନରେ ବିଭିନ୍ନ ଭେଦଭାବ ସୃଷ୍ଟି ହୁଏ। ସଂସାର କେବଳ ଅସାର ମନର ବିଳାସ ମାତ୍ର। ଏଥିରୁ ପୃଥକ ହେବା ନିମନ୍ତେ ଅଭ୍ୟାସପୂର୍ବକ ବିଷୟ ଲାଳସା ତେଜି ମୌନ ରହି ଆତ୍ମାତତ୍ତ୍ୱର ଗଭୀର ଧ୍ୟାନ ଆବଶ୍ୟକ। ବିଷୟରୁ ମନକୁ ହଟାଇ ସଂସାରକୁ ଅସାର ଅସତ୍ୟ ଭାବନା ରଖି ଅଭ୍ୟାସ କଲେ ବାସ୍ତବ ଆତ୍ମାନନ୍ଦ ପ୍ରାପ୍ତ ହେବ। ସଂସାର ଭ୍ରମ ଦୂର ହୋଇଯିବ।

ଶେଷ ପ୍ରଶ୍ନ ଥିଲା– ଜ୍ଞାନ ପ୍ରାପ୍ତି ପରେ ସଂସାରରେ ଜ୍ଞାନୀର ସ୍ଥିତି କିଭଳି ଥାଏ ? ହଂସ ଭଗବାନ ଉତ୍ତରରେ ବ୍ୟାଖ୍ୟା କରିଛନ୍ତି ଯେ ଜ୍ଞାନୀ ଶରୀର ଧରି ବଞ୍ଚି ରହିଥିଲେ ମଧ ତାଙ୍କର ଶରୀର ଅଭିମାନ ନଥାଏ। ଶରୀର ପ୍ରତି ତାଙ୍କର ମୋହ ଲୋପପାଏ। ସମସ୍ତ ପ୍ରକାରର ଶରୀରର ସୁଖ ଦୁଃଖ ପ୍ରତି ସେ ନିରାସକ୍ତ ଥାଆନ୍ତି। ତେଣୁ ଜ୍ଞାନୀର ମନ ସମ୍ପୂର୍ଣ୍ଣ ଭୟଶୂନ୍ୟ ଥାଏ। ତାଙ୍କର ସମସ୍ତ ସଞ୍ଚିତ ଏବଂ କ୍ରିୟମାତା କର୍ମ ବିନାଶ ହୁଏ। କେବଳ ପୂର୍ବ ଜନ୍ମାର୍ଜିତ ପ୍ରାରବ୍ଧ କର୍ମ ନାଶ ହେବା ଯାଏ ସେ ସଂସାରରେ ଦେହ ଧରି ଜୀବିତ ରହିଥାଆନ୍ତି। ଅନ୍ୟମାନଙ୍କ ଭଳି ଶରୀରର କର୍ମ ସମ୍ପାଦନ କଲେ ହେଁ ସେ ନିସ୍ପୃହ ରହି ସମାଧିସ୍ଥ ହୋଇ ଆତ୍ମ ସାକ୍ଷାତକାର କରିଥାଆନ୍ତି। ନିଜର ଶରୀର ପ୍ରତି ଆସକ୍ତି, ଶରୀର ପୋଷଣର ଚିନ୍ତା ଅଥବା କର୍ମରେ ତାଙ୍କର ଆସକ୍ତି ମଧ ନଥାଏ। ଅର୍ଥାତ୍ ଜୀବନ୍ମୁକ୍ତ ଭାବେ ଦେହ ଧାରଣ କରି ସେ ନିରାସକ୍ତ ଜୀବନଯାପନ କରନ୍ତି।

ଉପରୋକ୍ତ ଷଡ଼ପ୍ରଶ୍ନର ଉତ୍ତର ଯଥାଯଥ ବ୍ୟାଖ୍ୟାନ କରିବା ପରେ ହଂସ ନିଜ ସଂପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ହଂସଙ୍କ ଉକ୍ତିରେ ସେ କୁମାରମାନଙ୍କ ପିତାଙ୍କର ପିତା ଅଟନ୍ତି। କୁମାରମାନଙ୍କର ସମସ୍ତ ସାଧନା, ଯୋଗ, କର୍ମ ଇତ୍ୟାଦିର ଅନ୍ତିମ ଲକ୍ଷ୍ୟ ପରମ ତତ୍ତ୍ୱ ବା ପରାମାର୍ଥ ତତ୍ତ୍ୱ ଜ୍ଞାନ ପ୍ରାପ୍ତି। ହଂସ ଭଗବାନ ସ୍ୱୟଂ ପରମ ସତ୍ୟ ଓ ସର୍ବବ୍ୟାପୀ ହେତୁ ମୁନି, ଋଷି, ଯୋଗୀ, ଯକ୍ଷ, ରକ୍ଷ, ଦେବତା ଓ ମାନବ ସମସ୍ତଙ୍କ ସାଧନାର ଅନ୍ତିମ ଲକ୍ଷ୍ୟ। ସେ ସମସ୍ତଙ୍କର ଭିତରେ ଏବଂ ସମସ୍ତଙ୍କର ବାହାରେ ସ୍ଥିର ଏକକ ପରମ ସତ୍ତା ଅଟନ୍ତି। ତେଣୁ ସମସ୍ତଙ୍କ ମଧ୍ୟରେ ତାଙ୍କର ସତ୍ତା ଅନୁଭବ କରିବା ଆବଶ୍ୟକ। ଏଥିପାଇଁ ଅସଙ୍ଗଶସ୍ତ୍ରରେ ସୁଦୃଢ଼ ଭାବେ ମୋହ

ବିନଷ୍ଟ କରି ଏକମାତ୍ର ଭଗବାନଙ୍କର ସଙ୍ଗ ହେବାର ଲକ୍ଷ୍ୟ ପୋଷଣ ଯୋଗ୍ୟ ଅଟେ। ସମସ୍ତଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ଭାବେ ସ୍ଥିତ ହେତୁ ତାଙ୍କ ବ୍ୟତୀତ ଅନ୍ୟ ଶସ୍ତ୍ର ଅସାର। ଅସତ୍ୟ ଓ ଗନ୍ଧର୍ବ ନଗରୀ ସଦୃଶ ଅଟେ । ସେହି ଏକମାତ୍ର ସତ୍ୟ ଉପଲବ୍ଧି ହିଁ ପରମ ସୁଖ।

ହଂସ ଭଗବାନଙ୍କର ଉପରୋକ୍ତ ଉତ୍ତର ଶ୍ରବଣଦ୍ୱାରା ବ୍ରହ୍ମାସୁତଗଣ ସମସ୍ତ ସଂଶୟ ଏବଂ ମୋହମୁକ୍ତ ହୋଇ ସଶ୍ରଦ୍ଧ ସଭକ୍ତି ପ୍ରଣାମ ଓ ପୂଜନ କରିବା ପରେ ହଂସ ଅନ୍ତର୍ଦ୍ଧାନ ହୋଇଥିଲେ।

ହଂସଗୀତା ପ୍ରସଙ୍ଗରେ ଭଗବାନଙ୍କର ହଂସରୂପେ ଅବତରଣ ସହ ସଂଶୟ ଦୂରୀକରଣ ଉଦ୍ଧବ ବିଶେଷ ପ୍ରଶ୍ନ ଉତ୍ଥାପନ କରିଥିଲେ। ବ୍ରହ୍ମାପୁତ୍ରଙ୍କର ସଂଶୟମୋଚନ ନିମନ୍ତେ ଅନ୍ୟ କୌଣସି ରୂପ ଗ୍ରହଣ ନକରି ହଂସପକ୍ଷୀ ରୂପେ ଆବିର୍ଭାବର କାରଣ କ'ଣ ? ସ୍ୱୟଂ ଭଗବାନ ଉଦ୍ଧବଙ୍କୁ ଏହାର ଯଥୋଚିତ ଉତ୍ତର ପ୍ରଦାନ କରିଛନ୍ତି।

ଭଗବାନ ହଂସରୂପେ ଆବିର୍ଭାବ ହେବାର ଏକାଧିକ ସବିଶେଷ କାରଣ ନିହିତ ଅଛି। ବ୍ରହ୍ମାପୁତ୍ରମାନେ ଅତ୍ୟନ୍ତ ଜ୍ଞାନୀ ଏବଂ ଜିଜ୍ଞାସୁ ସ୍ୱଭାବ ସମ୍ପନ୍ନ। ସେମାନେ ନୀରସ ସ୍ୱଭାବର ନିର୍ଗୁଣ ଉପାସକ ଅଟନ୍ତି। ନିର୍ଗୁଣ ହେଉଛି ଅଜପା ଗାୟତ୍ରୀ। ଯଥା ଶ୍ୱାସପ୍ରଶ୍ୱାସ ନିର୍ଗତରେ ଏବଂ ଗ୍ରହଣରେ 'ହଂ' ଓ 'ସ' ଉଚ୍ଚାରିତ ହୋଇଥାଏ। ଏହା ହଂସ ପରମମନ୍ତ୍ର। ଭଗବାନ ନିର୍ଗୁଣ ଉପାସକମାନଙ୍କୁ ଉପଦେଶ ପ୍ରଦାନ ନିମନ୍ତେ 'ହଂସ' ରୂପରେ ଆବିର୍ଭାବ ହୋଇଛନ୍ତି।

ଦ୍ୱିତୀୟରେ କୁମରାଗଣ ସାତ୍ତ୍ୱିକ ସ୍ୱଭାବର। ସେମାନଙ୍କ ଚେତନାରେ ପକ୍ଷୀଙ୍କଠାରୁ ମଧ୍ୟ ଜ୍ଞାନ ଗ୍ରହଣୀୟ। ହଂସପକ୍ଷୀ ଶ୍ୱେତବର୍ଣ୍ଣ ଏବଂ ପବିତ୍ରତାର ପ୍ରତୀକ ଅଟେ। ହଂସର ବିଶେଷ ଗୁଣ କ୍ଷୀରନୀରପ୍ରଭେଦ କରଣ। ତେଣୁ ସତ ଓ ଅସତ ମଧ୍ୟରୁ ସତ୍ ବିବେଚନା ଶିକ୍ଷା ପ୍ରଦାନାର୍ଥେ ହଂସରୂପ ଧାରଣ ହେବା ଯୁକ୍ତିଯୁକ୍ତ ଅଟେ। ସତ୍ତ୍ୱର ରୂପ ଶୁଭ୍ରବର୍ଣ୍ଣ ଏବଂ ହଂସ ମଧ୍ୟ ଶୁଭ୍ର। ଏଣୁ ଭଗବାନ ଶ୍ୱେତବର୍ଣ୍ଣ ହଂସରୂପରେ ସେମାନଙ୍କୁ ଉପଦେଶ ଦେଇଛନ୍ତି। କିନ୍ତୁ ଅସୁରଗଣ ତାମସ ସ୍ୱଭାବ ହେତୁ ପ୍ରଭୁ ବରାହ ରୂପେ ଅବତରି ଥିଲେ। ଉପରୋକ୍ତ ସମସ୍ତ କାରଣରୁ ଭଗବାନ ହଂସ ରୂପେ ଦର୍ଶନ ଦେଇ ବ୍ରହ୍ମାପୁତ୍ରମାନଙ୍କର ସନ୍ଦେହମୋଚନ କରିଥିଲେ।

ଭଗବାନ ଅନନ୍ତ ଅପାର ଶକ୍ତି ସମ୍ପନ୍ନ ଅଟନ୍ତି। ଅଣିମା ଇତ୍ୟାଦି ନିଧିସମ୍ପନ୍ନ ହେତୁ ସେ ଈଶ୍ୱର କଥିତ। ସମସ୍ତଙ୍କର ସ୍ରଷ୍ଟା ସେ ଏବଂ ସେଥିପାଇଁ ତାଙ୍କର ନିଜପର ଭାବ ନଥାଏ। ତାଙ୍କର ଶକ୍ତି ହେତୁ ବ୍ରହ୍ମା ସର୍ଜନା କର୍ମ ସମ୍ପାଦକ। ଏଣୁ ବ୍ରହ୍ମାଙ୍କର ଧ୍ୟାନ ହେତୁ ପ୍ରଭୁ ସହସା ଶ୍ୱେତହଂସପକ୍ଷୀ ରୂପେ ଆବିର୍ଭୂତ ହୋଇଛନ୍ତି। କୁମାରମାନଙ୍କର ସଂଶୟ ମୋଚନାର୍ଥେ ପ୍ରଭୁ ତତ୍ତ୍ୱଗର୍ଭିତ ପରମ ସାଂଖ୍ୟଯୋଗର ଅବତାରଣା କରିଛନ୍ତି।

ହଂସ ଭଗବାନ ସରଳ ସୁନ୍ଦର ଉତ୍ତର ମାଧ୍ୟମରେ କେବଳ ବ୍ରହ୍ମାକୁମାର ନୁହଁନ୍ତି; ବରଂ ସମସ୍ତ ସଂଶୟାଛନ୍ନ ପାଠକମାନଙ୍କର ଚିତ୍ତ ମଧ୍ୟରୁ ସଂଶୟ ଦୂର କରିଛନ୍ତି। ସକଳ ସଂଶୟର ଉର୍ଦ୍ଧ୍ୱରେ ସ୍ଥିର ପରମସତ୍ୟ ସ୍ୱରୂପ ହଂସଭଗବାନଙ୍କର ସମସ୍ତ ଉତ୍ତର ତତ୍ତ୍ୱଗର୍ଭିତ ସଂସାର ତାରଣର ଉପାୟ।

❖❖❖

# କିଶୋରୀ ଚରଣଙ୍କ ଉପନ୍ୟାସରେ ଶୋଷଣ ଓ ଦୁର୍ନୀତିର ଚିତ୍ର -ଏକ ଆକଳନ



ISSN-2583-6978
Volume-4
Issue-10
OCTOBER-2024

**ରାଜକିଶୋର ପଣ୍ଡିତ**

**ଗବେଷକ (ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ )**
**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଭୁବନେଶ୍ୱର**

ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ ଗାଳ୍ପିକ କିଶୋରୀ ଚରଣ ଦାସ ଉପନ୍ୟାସ ସୃଷ୍ଟିରେ ହାତଦେଇ ସଫଳ ହୋଇଛନ୍ତି । ମୋଟ ଆଠଖଣ୍ଡ ଉପନ୍ୟାସ ରଚନା କରି ଆଧୁନିକ ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତକୁ ପରିପୂର୍ଣ୍ଣ କରିବା ସହିତ ନିଜର ଔପନ୍ୟାସିକ ଛାପ ଯୁଗଯୁଗ ପାଇଁ ଛାଡିଯାଇଛନ୍ତି । କଥାକାର ରଚନା କରିଥିବା ଉପନ୍ୟାସ ଗୁଡ଼ିକ ହେଉଛି – ସାତୋଟି ଦିନର ସତୀ (୧୯୯୩), ନେତା ଓ ନେତ୍ରମଣୀ (୧୯୯୬), ସକଳ ସନ୍ତାନ (୧୯୯୫), ସ୍ୱର୍ଗସୀମା (୧୯୯୮), ବିଦେଶିନୀ (୨୦୦୦), ତୁମ୍ଭ ଆମ୍ଭ ଶତାବ୍ଦୀ (୨୦୦୨), ଶେଷ ଅଙ୍କ ପ୍ରଥମ ଦୃଶ୍ୟ (୨୦୦୩), ଏବଂ କୁଆଁରୀ ଓ କୁହୁଡ଼ି (୨୦୦୭)। ତାଙ୍କ ଉପନ୍ୟାସଗୁଡ଼ିକ ଶୈଳୀ ଦୃଷ୍ଟିରୁ ସ୍ୱତନ୍ତ୍ର ଓ ସାମ୍ପ୍ରତିକ କାଳରେ ସୁଖ ପଛରେ ଧାଉଁଥିବା ମଣିଷଙ୍କ ଅବଚେତନର ରହସ୍ୟ ଉନ୍ମୋଚନ କରିବାରେ ସାର୍ଥକତା ଲାଭ କରିଛନ୍ତି ।ଛୋଟ ପରଦାରୁ ବଡ଼ ପରଦାକୁ ଯିବା ପରି କିଶୋରୀ ଚରଣ ପ୍ରଥମେ ଗଳ୍ପ ଦୁନିଆରେ ନିଜର ପ୍ରତିଭା ପ୍ରସ୍ଫୁଟିତ କରି ସେଥିରୁ ମିଳିଥିବା ଅନୁଭୂତି ଓ ଅଭିଜ୍ଞତାକୁ ପୁଞ୍ଜିକରିଛି ଆପଣା ଉପନ୍ୟାସରେ ।ଆଧୁନିକ ମଣିଷ ନିଜକୁ ବଡ଼ଲୋକ ବୋଲାଇବା ପାଇଁ ସାଧାରଣ ଜନତାଙ୍କୁ ଆଶା, ଭରସା, ବିଶ୍ୱାସର ପ୍ରତିଶୃତି ଆଳରେ ଆପଣେଇ ନେଇଛି ଅନ୍ୟାୟ, ଅନୀତି ଓ ଦୁର୍ନୀତିର ପଥକୁ ।ସାଧାରଣ ଜନତା ଭକୁଆ ସାଜିଛି ସତ,ମାତ୍ର ନିର୍ଯାତନା, ପ୍ରତାରଣା ତାଙ୍କ ପଛ ଛାଡ଼ିନାହିଁ,ଯାହାର ନିଛକ ଚିତ୍ର ପ୍ରଦାନ କରିଛନ୍ତି ଔପନ୍ୟାସିକ ଆପଣା ଉପନ୍ୟାସରେ ।

୧୯୪୮ମସିହାରେ ରାଜତାନ୍ତ୍ରିକ ଶାସନର ବିଲୋପ ଏବଂ ୧୯୫୧ରେ ଜମିଦାରୀ ପ୍ରଥାର ଉଛେଦ ପରେ ସାଧାରଣ, ଗରିବ, ଖଟିଖିଆ,ନିରକ୍ଷର ମଣିଷ ସ୍ୱାଧୀନ ଭାବରେ ବଞ୍ଚିବାର ଯେଉଁ ଆଶା ସଞ୍ଚାର ହୋଇଥିଲା, ସେହି ଆଶା ଆଶାରେ ହିଁ ରହିଗଲା ।ସ୍ୱାଧୀନ ମଣିଷ ଯେତେଯେତେ ଆଧୁନିକତା ଆଡ଼କୁ ଅଗ୍ରସର ହେଉଛି ସେତିକି ପରାଧୀନତାର ଶିକୁଳିରେ ଛନ୍ଦି ହେଇଯାଉଛି ।ଔପନ୍ୟାସିକ କିଶୋରୀ ଚରଣ ଦାସ ତାଙ୍କର ପ୍ରାୟତଃ ଉପନ୍ୟାସରେ ସମାଜର ସମସ୍ୟା, ଦୁର୍ନୀତି, ଅବ୍ୟବସ୍ଥା ଓ ଶୋଷଣର ଚିତ୍ରକୁ ଉପସ୍ଥାପନା କରିଛନ୍ତି ।ସାତଟି ଦିନର ସତୀ, ସକଳ ସନ୍ତାନ, ନେତା ଓ ନେତ୍ରମଣୀ, ବିଦେଶିନୀ, ତୁମ୍ଭ ଆମ୍ଭ ଶତାବ୍ଦୀ, ଶେଷ ଅଙ୍କ ପ୍ରଥମ ଦୃଶ୍ୟ ଇତ୍ୟାଦି ଉପନ୍ୟାସରେ ସରକାର ଓ ନେତା ମନ୍ତ୍ରୀଙ୍କର ଦୁର୍ନୀତି, ବାଟମାରଣା ନୀତିର ନିଛକ ଚିତ୍ର ଦେଖାଇବା ସହିତ ସରକାରୀ, ବେସରକାରୀ, ପ୍ରଶାସନିକ ଅବ୍ୟବସ୍ଥା, ଅନ୍ୟାୟ, ଅନୀତିର ପ୍ରଭାବ ସାଧାରଣ ମଣିଷକୁ କିଭଳି ହନ୍ତସନ୍ତ କରି ହଇରାଣ କରୁଛି ତାର ଚିତ୍ର ଦେଖାଇଛନ୍ତି ଔପନ୍ୟାସିକ ।ଏହାର ଚିତ୍ର ଦେଖାଇବାକୁ ଯାଇ ବିଦେଶିନୀ ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି -'ଏଇ ହେଉଛି ଆମ ଦେଶର ପ୍ରଗତି, ଅଧିକରୁ ଅଧିକ ଚେର ମାଡ଼ିଯାଇଥିବା ଦୁର୍ନୀତି ଏବଂ ସ୍ୱାଧୀନତା ମିଳିବାର ଆସି ଏତେ ବର୍ଷପରେ ଏବଂ କେହି ବାପାମାଆ ନାହାନ୍ତି, ତାର ପ୍ରତିକାର କରିବା ପାଇଁ ? ନା, ନାହାନ୍ତି ? ବିଶେଷତଃ ସାବିତ୍ରୀ, ଲଛମୀ ଆଦି ପିଲା ଏବଂ ତାଙ୍କ ମାଆମାନଙ୍କ ପାଇଁ । କିଏ ଦଳିତ ତ କିଏ ଆଦିମ, ଯାହାଙ୍କର ରକ୍ଷକ ବୋଲି ନାହାନ୍ତି କେହି । ତାଙ୍କପାଇଁ ଦୁନିଆଟା ଯାକ ଭକ୍ଷକ।' (ଦାସ କିଶୋରୀ ଚରଣ – କିଶୋରୀ ଚରଣ ଉପନ୍ୟାସ ସମଗ୍ର, ଦ୍ୱିତୀୟ ଭାଗ -ବିଦ୍ୟାପୁରୀ -ପୃଷ୍ଠା -୭୩୦) ସ୍ୱାଧୀନ ମଣିଷ ଆଜି

ଯେତେଯେତେ ଆଧୁନିକତା ଆଡ଼କୁ ଅଗ୍ରସର ହେଉଛି, ସେତିକି ପରାଧୀନତାର ବନ୍ଧନରେ ଛନ୍ଦି ହେଇଯାଉଛି । ସମାଜରେ ଦୁର୍ନୀତି ଓ ଅବ୍ୟବସ୍ଥାର ଚେର ଏମିତି ମାଡ଼ିଯାଇଛି ଯେତେ ଉପରକୁ ଉଠିବାକୁ ଚେଷ୍ଟାକଲେ ବି ସେ ତଳକୁତଳକୁ ଚାଲିଯାଉଛି । ସରକାରୀ ଅବ୍ୟବସ୍ଥାର ସଲାସୁତୁରା ଜୀବନ ଭିତରେ ବଳିପଡ଼ିଯାଉଛି ସାଧାରଣ ମଣିଷ । ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଶିକ୍ଷା,ଏଇ ଶିକ୍ଷା ବ୍ୟବସ୍ଥାରେ ଆଜି କଳଙ୍କି ଲାଗିଯାଇଛି । ଶିକ୍ଷା ବ୍ୟବସାୟ ଭିତରେ ନିଲାମ କରାଯାଉଛି, ଯେଉଁଠି ବଡ଼ବଡ଼ ସାହେବ, ପ୍ରତିଷ୍ଠିତ ସମ୍ଭ୍ରାନ୍ତ ବ୍ୟକ୍ତି,ସରକାରୀ ଅଫିସରର ପିଲାମାନେ ତା'ର ସୁଯୋଗ ପାଇବେ ସିନା ସାଧାରଣ ଘରର ପିଲାପାଇଁ ସେଠି କୌଣସି ସ୍ଥାନ ନାହିଁ । ଶିକ୍ଷା ବ୍ୟବସ୍ଥାକୁ ନିଲାମ କରୁଥିବା ଦୁର୍ନୀତିଖୋର ବ୍ୟବସ୍ଥା ଉପରକୁ ଆଙ୍ଗୁଳି ନିର୍ଦ୍ଦେଶ କରି ବିରୋଧ କରିଛନ୍ତି ଔପନ୍ୟାସିକ । 'ବିଦେଶିନୀ' ଉପନ୍ୟାସରେ ଏହି ଅବ୍ୟବସ୍ଥାକୁ ତୀବ୍ର ବିରୋଧ କରି ବର୍ଣ୍ଣନା କରିଛନ୍ତି -'କଣ ତା ଦୋଷ ? କଣ ତାର ବୁଝିବା ଉଚିତ ଯେ ସଭ୍ୟ ଜଗତରେ ଏମିତି ହୁଏ, ନାଥୁପଣ୍ଡାମାନଙ୍କ ମୁଣ୍ଡରେ ପଗଡ଼ି ବନ୍ଧାଯାଏ, ଆଉ ନଗଣ୍ୟ ଲଛମୀମାନଙ୍କୁ ଘଉଡ଼େଇ ଦିଆଯାଏ, କୁହାଯାଏ ଯେ ଆହୁରି କେତେ ପଡ଼ିଆ ପଡ଼ିଛି, ତୁ ସେଇଠି ଚରିବୁ ଯା, କିନ୍ତୁ ଏଠି ନୁହେଁ, ଇଏ ଆମର ସୁରକ୍ଷିତ ଉଦ୍ୟାନ ଯେଉଁଠି କେଉଁ ଅସଭ୍ୟ ଲଙ୍ଗଳା ଦେଶର ପିଲାକୁ ପୁରେଇବାର ନୁହେଁ।'(ଦାସ କିଶୋରୀଚରଣ -କିଶୋରୀ ଚରଣଙ୍କ ଉପନ୍ୟାସ ସମଗ୍ର -ଦ୍ୱିତୀୟ ଭାଗ -ବିଦ୍ୟାପୁରୀ -ପୃଷ୍ଠା -୭୩୫)ଏହି ହେଉଛି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ନିଚ୍ଛକ ଚିତ୍ର, ଯାହା ଉପରକୁ ଚକଚକ ଦେଖାଯାଉଥିଲେ ମଧ୍ୟ ଭିତରୁ ଭିତରୁ ଫମ୍ପା ହେଇଗଲାଣି ।

ଦୁର୍ନୀତିଟା ଆଉ କଣ କି ? ଏହା କେବଳ, ସରକାରୀ, ବେସରକାରୀ କି ପ୍ରଶାସନିକ କ୍ଷେତ୍ରରେ କିମ୍ୱା ଅର୍ଥ, ପ୍ରତିପତ୍ତି, ପଦବୀ, ଟଙ୍କା ପଇସାରେ ଦେଖାଯାଏ ତାହା ନୁହେଁ, ସବୁଠୁ ବଡ଼ ଦୁର୍ନୀତି ଦେଖିବାକୁ ମିଳେ ନିଜ ନିଜ ଭିତରେ, ଯାହାର ନାଁ ହେଉଛି ପ୍ରିୟାପ୍ରୀତି ତୋଷଣ ।ନିଜ ପରିବାର, ଜ୍ଞାତି କୁଟୁମ୍ୱ, ଆତ୍ମୀୟସ୍ୱଜନ ପାଇଁ ପ୍ରିୟାପ୍ରୀତି ସକାଶେ ଦୁର୍ନୀତି ତୋସାମୋଦିଆ, ସାଲିସ, ଖୋସାମଦ, ପାଦସେବନ, ପ୍ରିୟାପ୍ରୀତି ତୋଷଣରୂପେ ସମାଜକୁ ଖୋଳ କରିସାରିଲାଣି । ଏହାର ଜୀବନ୍ତଚିତ୍ର ଉପସ୍ଥାପନା କରିବାକୁ ଯାଇ କଥାକାର 'ଶେଷ ଅଙ୍କ ପ୍ରଥମ ଦୃଶ୍ୟ' ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି -'ଦୁର୍ନୀତିର ମୂଳ କେବଳ ଟଙ୍କା, ସୁନାର ପ୍ରଲୋଭନ ନୁହେଁ ।ତାର ସ୍ତର ନିକୃଷ୍ଟ ଏବଂ ତାର ପ୍ରାଦୁର୍ଭାବ ସୀମିତ । ଚେଷ୍ଟାକଲେ ସେମାନଙ୍କୁ ସହଜେ ଧରି ହେବ । ଆଇନକାନୁନର ବିଶେଷ ତ୍ରୁଟି ନାହିଁ ସେ ଦିଗରେ କିନ୍ତୁ ଯେଉଁ ଦୁର୍ନୀତି ବ୍ୟାପକ ଏବଂ ଯାହାକୁ ଅନେକ ଦୁର୍ନୀତି ବୋଲି ମନେକରନ୍ତି ନାହିଁ, ହେଲେ ତାହାରି ଯୋଗୁଁ ଶହଶହ ଅଯୋଗ୍ୟ ଲୋକ ଅଛନ୍ତି ବିଭିନ୍ନ ପଦପଦବୀରେ ଏବଂ ସେଇଥିପାଇଁ ପ୍ରଶାସନ ରସାତଳକୁ ଗଲାଣି, ପ୍ରଗତି ପଛେଇ ଯାଉଛି, ତା ହେଉଛି ଏଇ କୁହାବୋଲା - ଧରାଧରିର ରାଜତ୍ୱ ଏବଂ ତାର ମୂଳାଧାର ଷଡ଼ରିପୁର ଅନ୍ତର୍ଗତ ଲୋଭ ନୁହେଁ । ପ୍ରିୟାପ୍ରୀତି ।'(ଦାସ କିଶୋରୀଚରଣ - କିଶୋରୀଚରଣ ଉପନ୍ୟାସ ସମଗ୍ର - ଦ୍ୱିତୀୟ ଭାଗ - ବିଦ୍ୟାପୁରୀ - ପୃଷ୍ଠା - ୧୦୬୩)ଦୁର୍ନୀତି କୌଣସି ନା କୌଣସି ବାଟରେ ମାଡ଼ିଚାଲେ । କେତେବେଳେ ବାହ୍ୟ ସମାଜର ଅବ୍ୟବସ୍ଥା, ଅନ୍ୟାୟ, ଅନୀତିକୁ ଆପଣେଇ ତ ଆଉ କେତେବେଳେ ଆପଣା ଅତିପ୍ରିୟଜନର ସ୍ୱାର୍ଥସିଦ୍ଧିପାଇଁ ସମାଜରେ ସମସ୍ୟା ପରେ ସମସ୍ୟା ବଢ଼ିବଢ଼ି ଚାଲିଛି । ସାମ୍ପ୍ରତିକ ସମାଜରେ ସବୁଠୁ ବଡ଼ ଦୁର୍ନୀତି ହେଉଛି ଲାଞ୍ଚ । ଲାଞ୍ଚ ଦେବା ଆଉ ନେବା ଏକ ଜଘନ୍ୟ ଅପରାଧ, ଏକଥା ସମସ୍ତେ ଜାଣି ମଧ୍ୟ ଆଇନର ବ୍ୟବସ୍ଥାକୁ ଫୁ କରି ଉଡ଼େଇ ଲୁଚାଛପା ହେଉ କି ଖୁଲମଖୁଲା ଲାଞ୍ଚ ଦିଆନିଆର ବ୍ୟାପାର ଜୋରସୋରରେ ଚାଲିଛି ଆମ ସମାଜରେ । ସମସ୍ତେ ଦେଖୁଛନ୍ତି, ଜାଣୁଛନ୍ତି କିନ୍ତୁ କହିବ କିଏ ? ନିଜ ଢ଼ିଙ୍କି ତ କୁମ୍ଭୀର ଅର୍ଥାତ ଯେଉଁମାନେ ଏ ବ୍ୟବସ୍ଥାକୁ ଦୂରକରିବାର ପ୍ରତିଶୃତି ଦେଇ ଆସୁଛନ୍ତି, ସେମାନଙ୍କର ପଦବୀ ହାସଲ ହେବାପରେ ନିଜେ ଅବ୍ୟବସ୍ଥାକୁ ଆପଣେଇ ନେଉଛନ୍ତି, ତେଣୁ ଲାଞ୍ଚ ରୂପକ ଦୁର୍ନୀତି ଦୂରହେବା ବଦଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କଥାଶିଳ୍ପୀ କିଶୋରୀଚରଣ ଦାସ 'ଶେଷ ଅଙ୍କ ପ୍ରଥମ ଦୃଶ୍ୟ' ଉପନ୍ୟାସରେ ଏହାର ବାସ୍ତବ ଚିତ୍ର ଦେଖାଇବାକୁ ଯାଇ ବର୍ଣ୍ଣନା କରିଛନ୍ତି -'ମୁଁ ବି ଲାଞ୍ଚ ଦିଏ ଆଉ ସିଏ ବି ଲାଞ୍ଚ ଦିଏ । ଆମେ ସମସ୍ତେ ଲାଞ୍ଚ ଦେଉ ଠିକଣା ସରକାରୀ କଣ୍ଟ୍ରାକ୍ଟ ହାସଲ କରିବା ପାଇଁ । କିନ୍ତୁ ସେ ଖଞ୍ଜାରେ, ଯେଉଁ ସ୍ତରରେ ଓ ଯେପରି ଭାବରେ ଲାଞ୍ଚ ଦେଇପାରେ, ଯେମିତିକି ତୀରଟା ଅବଶ୍ୟ ଲକ୍ଷଭେଦୀ ହବ, ତା ମୋ ଦେଇ ହବ କଉଠୁ ? କାହିଁ ମୋର ସେଇ ପ୍ରତିଭା, ସେଇ ଖାନଦାନୀ - ଗ୍ଲସ - ସାହେବି କଲଚର, ଯେଉଁଥିରେ ସେ ଜିଣିଯାଇଛି ମୋତେ ଠେଲିଦେଇ ମୋର ସ୍ୱସ୍ଥାନକୁ ?'(ଦାସ କିଶୋରୀଚରଣ - କିଶୋରୀଚରଣ ଉପନ୍ୟାସ ସମଗ୍ର - ଦ୍ୱିତୀୟ ଭାଗ - ବିଦ୍ୟାପୁରୀ - ପୃଷ୍ଠା - ୧୧୦୧)ସାମ୍ପ୍ରତିକ ଅତ୍ୟାଧୁନିକ ସମାଜରେ ଯୁଆଡେ ଚାହିଁଲେ ଖାଲି ଦୁର୍ନୀତି ଓ ଶୋଷଣର ଚିତ୍ର ଦେଖିବାକୁ ମିଳୁଛି । କେଉଁଠି ଟେବୁଲ ତଳେ ତ ଆଉ କେଉଁଠି ଟେବୁଲ ଉପରେ, କେତେବେଳେ ନେତାମନ୍ତ୍ରୀଙ୍କର ସଫେଦ ପରିଧାନ ତଳେ ତ ପୁଣି ବଡ଼ବଡ଼ିଆ ସାହେବଙ୍କ ପକେଟ ଭିତରେ, ଯେଉଁଠି ଦେଖ ସେଇଠି ଖାଲି ଦୁର୍ନୀତି ହିଁ ଦୁର୍ନୀତି । ଏପରିକି

ସମ୍ବିଧାନର ଚତୁର୍ଥ ସ୍ତମ୍ଭ ବୋଲାଉଥିବା ସତ୍ୟ ଓ ନ୍ୟାୟର ମୂର୍ତ୍ତିମନ୍ତ ପ୍ରତୀକ 'ଗଣମାଧ୍ୟମ', ଯିଏ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନିଷ୍ପକ୍ଷ ଓ ନିରପେକ୍ଷ ଭାବେ କାର୍ଯ୍ୟ କରିବା ଯାହାର ଧର୍ମ ସେ ମଧ୍ୟ ଆଜି ତୋଷାମୋଦିଆର ଜୀବନ ଅତିବାହିତ କରୁଛି । ନିରପେକ୍ଷ ଆଢୁଆଳରେ ପକ୍ଷଭୁକ୍ତକୁ ଆପଣେଇ ନିଜର କର୍ତ୍ତବ୍ୟକୁ ଅବମାନନା କରୁଥିବାର ଚିତ୍ରକୁ ଦେଖାଇବାକୁ ଯାଇ ଔପନ୍ୟାସିକ 'ତୁମ ଆମ ଶତାବ୍ଦୀ'ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି – 'ଏଇ ଖବର ଛପା ହୋଇପାରିବ ନାହିଁ । କାହିଁକି ବୋଲି କେହି କହିଲେ ନାହିଁ ତାକୁ, ସୁବିଖ୍ୟାତ ସମ୍ପାଦକ ମହାଶୟ ସମେତ । କିନ୍ତୁ ପରେ ସେ ବୁଝିବାକୁ ପାଇଲା, ତା ନିଜ ଚେଷ୍ଟାରେ, ଯେ ଏଥିରେ ମାଲିକ, ଅର୍ଥାତ ଖବରକାଗଜର ମାଲିକ ତଥା ଅନ୍ୟତମ ଶିଳ୍ପପତି ଅମୁକଙ୍କର ନ୍ୟସ୍ତସ୍ୱାର୍ଥ ରହିଛି ।ସରକାରୀ ମହଲରେ ଯେଉଁ ପ୍ରିୟାପ୍ରୀତି ତୋଷଣ ଏବଂ ଲାଞ୍ଚମିଛର ଆକ୍ଷେପ କରାଯାଇଛି ପ୍ରସ୍ତାବିତ ନିୟୁକ୍ତ ଆଇଟମରେ, ସେଥିରେ ମାଲିକଙ୍କର ସ୍ୱାର୍ଥ ମଧ୍ୟ ଜଡ଼ିତ ରହିଛି । ଅତଏବ ତମେ ତାକୁ ଛପେଇ ପାରିବ ନାହିଁ ।'(ଦାସ କିଶୋରୀଚରଣ – କିଶୋରୀଚରଣ ଉପନ୍ୟାସ ସମଗ୍ର – ଦ୍ୱିତୀୟ ଭାଗ – ବିଦ୍ୟାପୁରୀ-ପୃଷ୍ଠା –୯୧୬)

ଆଧୁନିକ ମଣିଷ ଅର୍ଥ ଓ ସ୍ୱାର୍ଥ ପଛରେ ପଡ଼ି ପାଗଳ ହୋଇଯାଇଛି ।ତା ଆଖିସାମ୍ନାରେ ଆପଣାପର , ଆତ୍ମୀୟ ସ୍ୱଜନ, ଜ୍ଞାତି କୁଟୁମ୍ବ ଆଦି ସ୍ୱପ୍ନ ପାଲଟି ଯାଇଛି ।ସ୍ୱାର୍ଥସିଦ୍ଧିପାଇଁ ସ୍ୱାର୍ଥପର ମଣିଷ ସବୁକିଛି ଭୁଲି ବଡ଼ବଡିଆଙ୍କ ପାଦସେବନ କରି ସ୍ୱାର୍ଥ ହାସଲ କରିବା ଏମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ।ଯେପରି କଥାଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ 'ଦାନାପାଣି' ଉପନ୍ୟାସର ମୁଖ୍ୟ ଚରିତ୍ର ବଳିଦତ୍ତ, ଯିଏ ନିଜର ସ୍ୱାର୍ଥ ହାସଲ ପାଇଁ ବଡ଼ବଡ଼ ଅଫିସରଙ୍କ ପାଦସେବା, ସାଲିସ ଏପରିକି ନିଜ ପ୍ରାଣପ୍ରିୟା ପତ୍ନୀକୁ ସାହେବ ମାନଙ୍କ ପାଖକୁ ପଠାଇଦେଇଥିଲେ, ଠିକ ସେହିପରି କଥାକାର କିଶୋରୀଚରଣ ଦାସ 'ସାତଟି ଦିନର ସତୀ ' ଉପନ୍ୟାସରେ ବିଶନ ବାବୁ ଚରିତ୍ର ମାଧ୍ୟମରେ ସ୍ୱାର୍ଥ ହାସଲର କାରସାଦିକୁ ଉଲ୍ଲେଖ କରିବାକୁ ଯାଇ ଔପନ୍ୟାସିକ ବର୍ଣ୍ଣନା କରିଛନ୍ତି –'ମିଛ ! ମୁଁ ତାକୁ ମିଛ ବୋଲି କହି କାଟିଦେଇଥିଲି । କହିଥିଲି ଯେ, ବାସ୍ତବରେ ସିଏ ଗୋଟିଏ କାରସାଦି । ହୁଣ୍ଡାମି, ପିଲାଳିଆମୀ, ଇତ୍ୟାଦିର ଆଳରେ ସ୍ୱାର୍ଥସିଦ୍ଧିର ଉପାୟ ।

ଯେମିତିକି ତମେ ତାଙ୍କ ସର୍କସ ଦେଖୁଦେଖୁ ସେମାନେ ତାଙ୍କ ଦେଖିଲା କାମ କରିନେବେ । ପୃଥିବୀଟାକୁ କିଣିନେବେ । ଡଲାର ଦେଇ, ବୋମା ପକେଇ, ମହା-ବୋମାର ଧମକ ଦେଇ । କହିବେ ଭୟ ନାହିଁ, ଇଏ ବି ଗୋଟେ ଫନ ।'(ଦାସ କିଶୋରୀଚରଣ – କିଶୋରୀଚରଣ ଉପନ୍ୟାସ ସମଗ୍ର –ପ୍ରଥମ ଭାଗ – ବିଦ୍ୟାପୁରୀ – ପୃଷ୍ଠା –୧୦୯)ଦୁର୍ନୀତି ଚେରପରି ଭିତରେ ଭିତରେ ବ୍ୟାପିବାରେ ଲାଗିଛି ।ଇଏତ ଦୁର୍ନୀତି ନୁହଁ, ପରସ୍ପର ବୁଝାମଣା ଭିତରେ ଏଭଳି ଏକ ରୀତିନୀତି ଆଗକୁ ଆଗକୁ ମାଡିଚାଲିଛି ।କେବଳ ସରକାରୀ କି ପ୍ରଶାସନିକ କ୍ଷେତ୍ରରେ ନୁହେଁ, ନେତା, ମନ୍ତ୍ରୀ, ବିଭିନ୍ନ ପଦପଦବୀରେ ଥିବା ଅଧିକାରୀ, କୁଳିନେତାଠୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ ପରସ୍ପର ସଲାସୁତୁରା ଜୀବନ ଭିତରେ ଦୁର୍ନୀତିକୁ ଗ୍ରହଣ କରିନେଇଛନ୍ତି । ଯାହାର ବାସ୍ତବ ଚିତ୍ର ଦେଖାଇବାକୁ ଯାଇ କଥାକାର 'ନେତା ଓ ନେତ୍ରମଣୀ' ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି –'ଏଇଥିପାଇଁ ଯେ ଶତ୍ରୁପକ୍ଷର ସଂଖ୍ୟା ଅଗଣିତ – ଚିହ୍ନା ଶତ୍ରୁ, ଅଚିହ୍ନା ଶତ୍ରୁ, ମିତ୍ର ବୋଲାଉଥିବା ଶତ୍ରୁ ;କାରଣ ଆମ ସମାଜର ଅଧିକାଂଶ ଲୋକ ସ୍ୱାର୍ଥସିଦ୍ଧିର ଲୋଭକୁ ଛାଡ଼ିପାରନ୍ତି ନାହିଁ । ତେଣୁ ଇଏ ଦୁର୍ନୀତି ନୁହେଁ, ଇଏ ହେଉଛି ବୁଝାମଣାର ରୀତି, ପ୍ରଗତିର ପନ୍ଥା, ପ୍ରାକ୍ଟିକାଲ କମନସେନ୍ସ ଇତ୍ୟାଦି ବିଭିନ୍ନ ଆଳରେ ତାକୁ ପ୍ରଶୟ ଦିଅନ୍ତି। ଏବଂ ଏଇ ସହଜିଆ ଧର୍ମର ସପକ୍ଷରେ ଲଢ଼ିବାକୁ ମଧ୍ୟ ଆଗେଇ ଯାଆନ୍ତି ଦରକାର ହେଲେ।' (ଦାସ କିଶୋରୀଚରଣ – କିଶୋରୀ ଚରଣ ଉପନ୍ୟାସ ସମଗ୍ର – ପ୍ରଥମ ଭାଗ – ବିଦ୍ୟାପୁରୀ – ପୃଷ୍ଠା – ୩୧୮)କିଛି ମୁଷ୍ଟିମେୟ ଲୋକ ନିଜ ସ୍ୱାର୍ଥ ହାସଲ ପାଇଁ ସରକାରଙ୍କ ସହିତ ସାଲିସ କରିବା ଫଳରେ ସାଧାରଣ ଜନତା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନୀତି ନିୟମର ଉର୍ଦ୍ଧ୍ୱକୁ ଯାଇ ତାକୁ ବଦଳେଇବାର କ୍ଷମତା ରହିଛି ଏହି ମୁଷ୍ଟିମେୟ ବ୍ୟକ୍ତିବିଶେଷଙ୍କ ହାତରେ ଯାହାକୁ ପର୍ଦ୍ଦାଫାଶ କରିବାକୁ ପ୍ରୟାସ କରିଛନ୍ତି କଥାକାର କିଶୋରୀ ଚରଣ ଦାସ । ଆଜିର ସମାଜରେ ଏହି ଅନ୍ୟାୟ ଅନୀତିର ସ୍ୱର ଏତେମାତ୍ରାରେ ଶୁଣିବାକୁ ମିଳୁଛି, ତାହା ଯେମିତି ଦେହସୁହା ହୋଇଗଲାଣି । ନା ବିରୋଧ ନା ପ୍ରତିବାଦ ବରଂ ସାଲିସ ଓ ଖୋସାମତ କରି ନିଜ କାର୍ଯ୍ୟ ହାସଲ କରିବା ଲୋକଙ୍କର ଅଭ୍ୟାସରେ ପରିଣତ ହେଲାଣି ଯାହାକୁ ଅତି ବ୍ୟଙ୍ଗୋକ୍ତି ଶୈଳୀରେ ଉପସ୍ଥାପନା କରି ଔପନ୍ୟାସିକ କହିଛନ୍ତି –' ମୁଁ ସଲାମ କରେ ସେହିମାନଙ୍କୁ ଯେଉଁମାନଙ୍କର ସାହସ ଅଛି ହାତାହାତି ଟଙ୍କା ଖାଇବା ପାଇଁ, ଲୋକନିନ୍ଦାକୁ ଖାତିର ନକରି । ଏଇ ଆଶାରେ ଯେ ସେ ଯେଉଁ ଶକ୍ତିମାନ କର୍ତ୍ତାମାନଙ୍କ ଉପକାର କରିଛି, ସେହିମାନେ ତାକୁ ଘଣ୍ଟଘୋଡ଼େଇ ରଖିବେ କିନ୍ତୁ ଯଦିବା ସେଇ ଆଶା ମାଡ଼ ଖାଇଯାଏ କୌଣସି କାରଣରୁ, ତଥାପି ତାଙ୍କର ସେଇ ଅର୍ଥବଳ ଅଛି, ଯାହାକୁ ଖଟେଇ ସେମାନେ ଆଉ କେତେ ଶକ୍ତିର ସଞ୍ଚାର କରିପାରିବେ, ବିପଦକୁ ଟାଳି ଦେବାପାଇଁ । ମଧ୍ୟ ଟାଳି ଦେଇପାରିଛନ୍ତି, ଶତକଡ଼ା

ଅନେଶତ କେସରେ ।'(ଦାସ କିଶୋରୀ ଚରଣ - କିଶୋରୀ ଚରଣ ଉପନ୍ୟାସ ସମଗ୍ର -ଦ୍ୱିତୀୟ ଭାଗ - ବିଦ୍ୟାପୁରୀ - ପୃଷ୍ଠା -୭୬୭)

ସବୁ ସମସ୍ୟାର କିଛିନା କିଛି ସମାଧାନ ରହିଛି । ସାମ୍ପ୍ରତିକ ସମାଜରେ ଦେଖାଯାଉଥିବା ଦୁର୍ନୀତି ଓ ଶୋଷଣ ରୂପକ ସମସ୍ୟାକୁ ପ୍ରତିରୋଧ ନକଲେ ଏହା ପରବର୍ତ୍ତୀ ସମୟ ପାଇଁ ଏହି ସମସ୍ୟା ଏକ ବିଶାଳକାୟ ରୂପ ନେବ । ତେଣୁ ଯଥାସମ୍ଭବ ଏହାର ସମାଧାନ ନିତାନ୍ତ ଆବଶ୍ୟକ । ଔପନ୍ୟାସିକ କିଶୋରୀ ଚରଣ ଦାସ ଆପଣା ଉପନ୍ୟାସମାନଙ୍କରେ ଏହି ଦୁର୍ନୀତି ଓ ଅବ୍ୟବସ୍ଥା ରୂପକ ସମସ୍ୟାର କେବଳ ଉତ୍ଥାନ କରିନାହାନ୍ତି ବରଂ ଏହାର ସମାଧାନର ଦିଗ ସମାଜ ଆଗରେ ଉପସ୍ଥାପନା କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି -'ପ୍ରଶାସନ ହେଉ କି ଉନ୍ନୟନ, କୃଷି ହେଉ କି କଳା, ଯେଉଁଥିରେ ସରକାର ବିଦ୍ୟମାନ, ସେଥିରେ ଦୁର୍ନୀତି ନରହୁ । ବଡବଡିଆଙ୍କୁ ଲାଞ୍ଚ, ବ୍ୟାପକ ବାଟମାରଣା, ତଳିଆଙ୍କୁ ହାତଗୁଞ୍ଜା, ପ୍ରିୟାପ୍ରୀତି ତୋଷଣ ଏବଂ ତୁଚ୍ଛା ଦେଖାଣିଆପଣ । ଆପଣ କେଇ ଜଣ ମିଶି ପୃଥିବୀଟାକୁ ଓଲଟେଇଦେବେ ମୁଁ ସେକଥା କହୁନାହିଁ ।କିନ୍ତୁ ଆପଣମାନେ ଅନେକ କିଛି କରିପାରିବେ, ଯାହା ଅନ୍ୟମାନଙ୍କ ଦ୍ୱାରା ସମ୍ଭବ ନୁହେଁ । କେବଳ ଆପଣମାନେ ତାକୁ ପଦାରେ ପକେଇଦେଇ ପାରିବେ ।'(ଦାସ କିଶୋରୀ ଚରଣ - କିଶୋରୀ ଚରଣ ଉପନ୍ୟାସ ସମଗ୍ର -ଦ୍ୱିତୀୟ ଭାଗ - ବିଦ୍ୟାପୁରୀ - ପୃଷ୍ଠା - ୭୯୦) ଏହିଭଳି ଭାବେ କଥାଶିଳ୍ପୀ କିଶୋରୀ ଚରଣ ଦାସ ପ୍ରତ୍ୟେକ ଉପନ୍ୟାସରେ ସମାଜରେ ଦେଖାଦେଉଥିବା ଦୁର୍ନୀତି, ଶୋଷଣ, ଅବ୍ୟବସ୍ଥାର ଚିତ୍ର ଦେଖାଇବା ସଙ୍ଗେସଙ୍ଗେ ଏହାର ଉପଯୁକ୍ତ ପ୍ରତିକାର ନିମନ୍ତେ ସମାଧାନର ପଥ ଦେଖାଇଛନ୍ତି । ମଣିଷ ମାତ୍ରକେ ଭୁଲ ଅଛି କିନ୍ତୁ ଜାଣିଶୁଣି ଭୁଲ କରିବାଦ୍ୱାରା ସୃଷ୍ଟିହୁଏ ବିଭିନ୍ନ ସମସ୍ୟା ।ସମାଜ ରହିଛି ମାନେ ସମସ୍ୟାତ ରହିବ କିନ୍ତୁ ସମସ୍ୟା ଦେହସୁଆ ହୋଇଗଲେ ଆସ୍ତେଆସ୍ତେ ସମାଜକୁ ଅକ୍ତିଆର କରିନିଏ । ସେଥିପାଇଁ ଶ୍ରୀଯୁକ୍ତ ଦାସ ସମାଜର ବିଭିନ୍ନ ସମସ୍ୟାକୁ ଜନସାଧାରଣ ଓ ପାଠକ ସମାଜକୁ ଦେଖାଇଦେଇ ଏହାର ସମାଧାନ ସହିତ ଭବିଷ୍ୟତ ପିଢ଼ିପାଇଁ ସୁସ୍ଥ ସୁନ୍ଦର ସମାଜ ଗଢ଼ିବା ପାଇଁ ପ୍ରୟାସ କରିଛନ୍ତି ।

❖❖❖

# ପ୍ରାଣବନ୍ଧୁ କରଙ୍କ ଗଳ୍ପରେ ବାସ୍ତବବାଦୀ ଚିନ୍ତାଧାରା



ISSN-2583-6978
Volume-4
Issue-10
OCTOBER-2024

**ଡ. ଶ୍ରୀବନ୍ତ କୁମାର ଦାଶ**

**ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର**

କଳ୍ପନା ଓ ବାସ୍ତବତାର ସମନ୍ୱୟରେ ସୁନ୍ଦର ସାହିତ୍ୟ ସୃଷ୍ଟି ହୁଏ। ମାତ୍ର କେତେକ ସାହିତ୍ୟରେ କଳ୍ପନାର ପ୍ରାବଲ୍ୟ ଥାଏ, ଆଉ କେତେକ ସାହିତ୍ୟରେ ବାସ୍ତବତାର ପ୍ରତିଧ୍ୱନି ଝଙ୍କୃତ। ଯେଉଁ ସାହିତ୍ୟରେ କଳ୍ପନାର ପୁଟ ବା ଯକ୍ଷ, କିନ୍ନର, ଦେବତା, ଦାନବ ଆଦି ଅଲୌକିକ ଚରିତ୍ର ନଥାନ୍ତି, ଧୂଳି ଧୂସରିତ ସାଧାରଣ ମଣିଷ ଜୀବନର ନିଚୋଳ ବାସ୍ତବ ଚିତ୍ର ଯେଉଁଠି ଅଙ୍କିତ ହୋଇଥାଏ ତାହା ବାସ୍ତବବାଦୀ ସାହିତ୍ୟର ଆଖ୍ୟା ପାଇଥାଏ। ଶ୍ରୀ ପ୍ରାଣବନ୍ଧୁ କରଙ୍କ ଗୁଡ଼ାଏ ଗଳ୍ପରେ ତାଙ୍କ ନିଜସ୍ୱ ଅନୁଭୂତି, ଅଭିଜ୍ଞତାର ବାସ୍ତବତା ଫୁଟି ଉଠିଛି। ଶ୍ରୀ ପ୍ରାଣବନ୍ଧୁ କର ସମାଜରେ ଘଟୁଥିବା ବହୁ ଘଟଣା, ସାମାଜିକ ଜୀବନରେ ସଂଘଟିତ ହେଉଥିବା ସମସ୍ୟା ଗୁଡ଼ିକୁ ସୂକ୍ଷ୍ମଦିଗରୁ ଅନୁଶୀଳନ କରିଛନ୍ତି ଏବଂ ସମାଜରୁ ସଂଗୃହିତ ସେହି ଅନୁଭୂତିକୁ କଳାତ୍ମକ ରୂପ ଦେଇ ଗୁଡ଼ାଏ ଗଳ୍ପ ସୃଷ୍ଟି କରିଛନ୍ତି। ଅତଏବ ତାଙ୍କ ବହୁ ଗଳ୍ପରେ ବାସ୍ତବବାଦୀ ଚିନ୍ତାଧାରା ପ୍ରତିଫଳିତ ହୋଇଛି। 'ଷଣ୍ଢ ଲଢ଼େଇ', 'ବଣଭାଲୁ' ଓ 'ଛାଡ଼ପତ୍ର', 'ଶିଶୁର ଜନ୍ମ', 'କୋଠା', 'ଝଡ଼ ରାତିର ସ୍ୱପ୍ନ' ଆଦି ଗଳ୍ପ ଏ କ୍ଷେତ୍ରରେ ଉଲ୍ଲେଖ ଯୋଗ୍ୟ।

ଅବସରପ୍ରାପ୍ତ ଡାକ୍ତର ସୁରେନ୍ଦ୍ର ପାଢ଼ୀଙ୍କର ପିଲାଦିନରୁ ଷଣ୍ଢ ଲଢ଼େଇ ଦେଖିବା ପ୍ରବଳ ଆଗ୍ରହ। ଏକଦା ସେ ରାସ୍ତାରେ ଗଲାବେଳେ ଗୋଟିଏ ସ୍ଥାନରେ ବହୁଲୋକ ଭିଡ଼ ହୋଇଥିବାର ଦେଖି ଷଣ୍ଢ ଲଢ଼େଇ ହେଉଥିବାର ଅନୁମାନ କରି ନିକଟକୁ ଯାଇ ଦେଖିଲେ ତାହା ଷଣ୍ଢ ଲଢ଼େଇ ନୁହେଁ, ବରଂ ସ୍ୱାମୀ-ସ୍ତ୍ରୀଙ୍କ ଲଢ଼େଇ। ମାତାଲ ଯୁବକଟିକୁ ତା' ଯୁବତୀ ସ୍ତ୍ରୀ ଖରାପ ଭାଷାରେ ଗାଳି କରୁଛି। ଉଭୟେ ଧସ୍ତାଧସ୍ତି ହେଉଛନ୍ତି। ଯୁବତୀଟି ଏତେ ଆବେଗପ୍ରବଣ ହୋଇଯାଇଛି ଯେ, ଆପଣାର ପିନ୍ଧିଥିବା ବସ୍ତ୍ର ପ୍ରତି ମଧ୍ୟ ସେ ସଚେତନ ନୁହେଁ ଏବଂ ଚତୁପାର୍ଶ୍ୱରେ ଲୋକମାନେ ଏମାନଙ୍କୁ ଦେଖୁଛନ୍ତି। ଅନେକ ଅଳାଜୁକ ଯୁବକଙ୍କ ଚକ୍ଷୁ ସେହି ଯୁବତୀର ଅସଂଯତ ବକ୍ଷ ଦେଶ ଉପରେ। ଏହି ଅବାଞ୍ଛିତ ରୁଚି-ହୀନ ପରିସ୍ଥିତିର ଅବସାନ ପାଇଁ ସୁରେନ୍ଦ୍ର ବାବୁ ଯୁବକ ଦ୍ୱାରା ଆହତହେଲେ ମଧ୍ୟ ବହୁ ପ୍ରୟାସପୂର୍ବକ ମାତାଲ ଯୁବକକୁ ରିକ୍ସାରେ ଘରକୁ ପଠାଇ ସମସ୍ୟାର ସମାଧାନ କରିଛନ୍ତି। ଏଠାରେ ଲଜ୍ୟାହୀନ ଲୋକମାନଙ୍କର ହୀନ ଅରୁଚିକର କାର୍ଯ୍ୟକଳାପ ଏବଂ ସୁରେନ୍ଦ୍ର ବାବୁଙ୍କ ସାଧୁଶୀଳ କାର୍ଯ୍ୟକଳାପ ତଥା ବିଚ୍ ରାସ୍ତାରେ ସେହି ସ୍ୱାମୀ-ସ୍ତ୍ରୀଙ୍କ ଲଢ଼େଇ ସାମାଜିକ ବାସ୍ତବତାକୁ ସୂଚିତ କରେ।

'ବଣଭାଲୁ ଓ ଛାଡ଼ପତ୍ର' ଗଳ୍ପଟି ଦାମ୍ପତ୍ୟ ଜୀବନର ସାମାଜିକ ଚିତ୍ର ଉପରେ ଆଧାରିତ। ସିଗାରେଟ୍‌କୁ କେନ୍ଦ୍ର କରି ସୁଲତା ଦେବୀଙ୍କର ବିନୁବାବୁଙ୍କୁ ତାଗିଦ୍ କରିବାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଶୀତଳ ଯୁଦ୍ଧ। ଉଭୟେ ରିକ୍ସାରେ ଏକଦା ବୁଲିଗଲାବେଳେ ରିକ୍ସାବାଲାର ସ୍ତ୍ରୀ ସହ ଛାଡ଼ପତ୍ର ମାମଲା ଏବଂ ବଣଭାଲୁ ଭୟରେ ତାହା ବିଫଳ ହେବା ପ୍ରସଙ୍ଗ ଶୁଣିବା ସହ ରିକ୍ସାବାଲାର ସ୍ତ୍ରୀ ଚିରଦିନ ପାଇଁ ରିକ୍ସାବାଲାକୁ ଛାଡ଼ପତ୍ର ଦେଇ ଚାଲିଯିବା ପ୍ରସଙ୍ଗ କାରୁଣ୍ୟଭରା କରୁଣ ରସ ସୃଷ୍ଟି କରେ। ଦାମ୍ପତ୍ୟ ଜୀବନର ସ୍ନେହଭରା ତାଗିଦ, ଛାଡ଼ପତ୍ର ମାମଲା, ରିକ୍ସାବାଲାର ଗରିବି ଜୀବନ ଓ ତା'ର ଦାମ୍ପତ୍ୟ ପ୍ରେମ, ସ୍ତ୍ରୀ ବିଚ୍ଛେଦ ଜନିତ ବିଷାଦବୋଧ ଗୋଟିଏ ଗୋଟିଏ ସାମାଜିକ ଚିତ୍ର ଅଟେ। ଦୁଇଟି ଶିଶୁ କେମିତି ଭିନ୍ନ ଭିନ୍ନ ପରିବେଶରେ ଜନ୍ମଲାଭ କରିଛନ୍ତି ତା'ର ସାମାଜିକ ବାସ୍ତବତା ଆଲୋଚିତ ହୋଇଛି 'ଶିଶୁର ଜନ୍ମ' ଗଳ୍ପରେ। ଗୋଟିଏ ସମାଜରେ ବସବାସ କରୁଥିବା ମଣିଷମାନଙ୍କ ମଧ୍ୟରେ ଜୀବନଶୈଳୀ ଜନିତ ପାର୍ଥକ୍ୟ ନିହିତ। ଅଲିଭାର ସନ୍ତାନ ଜନ୍ମ ହୋଇଛି ସ୍ୱାମୀ ସୁକାନ୍ତର ବହୁ ଯତ୍ନରେ। ସମ୍ଭ୍ରାନ୍ତ ବଂଶୀୟ ଅଲିଭାର ଅନ୍ତଃସତ୍ତ୍ୱା ଅବସ୍ଥାରେ ସ୍ୱାମୀ ସୁକାନ୍ତ ଖୁବ୍ ଯତ୍ନଶୀଳ। ମାତ୍ର ଘରର ଚାକରାଣୀ ରାଧୀ, ଯାହାର ସ୍ୱାମୀ

ଜଣେ ମଦ୍ୟପ, ସେ ଏତେ ନିଶାସକ୍ତ ଯେ ଅନ୍ତଃସତ୍ତ୍ୱା ଅବସ୍ଥାରେ ସେ ନିଶାକୁ ଛାଡ଼ି ନପାରି, ଛାଡ଼ିଛି ତା' ପରିବାରକୁ। ଅଲିଭା ଆଡ଼ମ୍ବରପୂର୍ଣ୍ଣ ହସପିଟାଲରେ ପିଲାଜନ୍ମ କଲାବେଳେ ରାଧୀ ପ୍ରବଳ ଝଡ଼ ତୋଫାନ ଭିତରେ ପିଲାଜନ୍ମ କରିଛି, କାଦୁଅ ଭୂମି ଉପରେ। ରାଧୀ ଓ ଅଲିଭାର ଚରିତ୍ର ମାଧ୍ୟମରେ ସାମାଜିକ ବାସ୍ତବତାର ସ୍ୱରଟିଏ ଏଠାରେ ଝଙ୍କୃତ।

ରୋମାଣ୍ଟିକ୍ ଚେତନାର ତୁଳନାତ୍ମକ ଚିତ୍ର ମାଧ୍ୟମରେ 'ରାଣୀ' ଗଳ୍ପଟି ସାମାଜିକ ବାସ୍ତବତାକୁ ବହନ କରିଛି। ନଗରର ଜଡ଼ ବୁକୁ ଉପରେ ସନ୍ଧ୍ୟାକାଳୀନ ପରିବେଶରେ ରାସ୍ତାରେ ଆଗେଇ ଯାଉଛନ୍ତି ଦୁଇଟି ଦୁଃଖୀ ଅବହେଳିତ ଜୀବ, ପଦି ଓ ତା'ର ଅନ୍ଧ ସ୍ୱାମୀ। ଭିକ ମାଗି ସେମାନେ ଜୀବନ ଅତିବାହିତ କରନ୍ତି। କ୍ଳାନ୍ତ ହୋଇ ଏକ ଦୁଇ ମହଲା ପିଣ୍ଡାରେ ଉଭୟେ ଆଶ୍ରୟ ନେଲେ। ଶୀତର ପ୍ରକୋପରେ ଥରୁଛନ୍ତି ଅଭାଗା ଦୁଇପ୍ରାଣୀ। ଦୋ' ମହଲା କୋଠାର ଆଡ଼ମ୍ବରପୂର୍ଣ୍ଣ ଆସବାବ ମଧ୍ୟରେ ଭରା ଯୌବନର ଉନ୍ମାଦନା ମଧ୍ୟରେ ଅନୁପମ ତରୁଣ ଓ ତରୁଣୀ ଉଭୟେ ସ୍ୱାମୀ ସ୍ତ୍ରୀ ଏକାନ୍ତ ଭାବେ ମସ୍‌ଗୁଲ। ପଦୀର ଛିନ୍ନ ବସନାନ୍ତରାଳ ଫାଙ୍କ ଦେଇ ଫୁଟି ଉଠିଛି ତା'ର ଯୌବନ, ମାତ୍ର ତାହା ତେଜହୀନ। ଦୁର୍ଭାଗ୍ୟବଶତଃ ତାର ସୁନେଲି ସ୍ୱପ୍ନ ଭାଙ୍ଗି ଯାଇଛି। ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ସ୍ୱାମୀ ସାଜିଛି ଅନ୍ଧ ଏବଂ ଭିକାରି। ଅଟ୍ଟାଳିକାର ଦମ୍ପତି ଏବଂ ପିଣ୍ଡାରେ ଆଶ୍ରୟ ନେଇଥିବା ଦମ୍ପତି ଉଭୟେ ସମାଜର ଅଙ୍ଗ। କିଏ ଭାଗ୍ୟର ବିଡ଼ମ୍ବନାରେ ଜୀବନଟାକୁ ତୁଚ୍ଛ ମଣୁଛି ତ, ଆଉ କିଏ ଭାଗ୍ୟର ନିର୍ଦ୍ଦେଶରେ ଜୀବନଟାକୁ ସୁଖର ଫୁଲଶେଯରେ ସଜାଇ ସାଫଲ୍ୟମଣ୍ଡିତ କରୁଛି। ଏହି ସାମାଜିକ ବାସ୍ତବତାକୁ ଲକ୍ଷ୍ୟକରି ଗାଳ୍ପିକ କହନ୍ତି, "ପ୍ରଭାତର ଉନ୍ମୁକ୍ତ ବରଫ- ଶୀତଳ ପଥରେ ଆମେ ରାଣୀକୁ ଦେଖିଛୁ, ଆଉ ରାଣୀକୁ ଦେଖିଲୁ ଅଟ୍ଟାଳିକାର ସ୍ନିଗ୍ଧ ପ୍ରଶାନ୍ତ ପରିମଣ୍ଡଳ ଭିତରେ। ପ୍ରେମ ରାଜ୍ୟରେ ଦୁହେଁ ଦୁହିଙ୍କର ସମାନ ପ୍ରତିଦ୍ୱନ୍ଦ୍ୱୀ।"

ଗୃହକର୍ତ୍ତା ନରହରି ବାବୁଙ୍କ ଚରିତ୍ର ମାଧ୍ୟମରେ 'କୋଠା' ଗଳ୍ପରେ ମଧ୍ୟବିତ୍ତ ଶ୍ରେଣୀ ମଣିଷଙ୍କ ଜୀବନ ଦର୍ଶନର ସାମାଜିକ ବାସ୍ତବତା ଲକ୍ଷ୍ୟ କରାଯାଏ। ନିଜସ୍ୱ ଅଭାବ, ଅସୁବିଧା ସତ୍ତ୍ୱେ ଅନ୍ୟମାନଙ୍କ ଦୁଃଖରେ ଦୁଃଖିତ ହେଉଥିବା ନରହରି ବାବୁ ବହୁଦିନର ଅଭୀପ୍ସାକୁ ପୂର୍ଣ୍ଣ କରିବାକୁ ଯାଇ ବ୍ୟାଙ୍କରୁ ଋଣ ଆଣି ଆଉକିଛି ଟଙ୍କା ଯୋଗାଡ଼ କରି ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ମାତ୍ର ପୁଅର ପାଠପଢ଼ା ଯୋଗୁଁ 'କୋଠା' ଅର୍ଦ୍ଧନିର୍ମିତ ହୋଇ ରହିଯାଇଛି। ଘର ନିର୍ମାଣରେ ସର୍ବସ୍ୱାନ୍ତ ହୋଇଯାଇଥିଲେ ହେଁ ପୁଅର ପାଠପଢ଼ା ଉଦ୍ଦେଶ୍ୟରେ ସ୍ତ୍ରୀ ବାସନ୍ତୀ ଦେବୀଙ୍କୁ ସେ କହୁଛନ୍ତି- "ତାକୁ କହିଦେବ ତାର କିଛି ଚିନ୍ତା କରିବାର ଦରକାର ନାହିଁ.... ତାର ଯେତେ ଟଙ୍କା ଅଧିକା ଲାଗିବ ଦିଆଯିବ...."। ସାମାଜିକ ଜୀବନରେ ଏଭଳି ଅନେକ ମଧ୍ୟବିତ୍ତ ଶ୍ରେଣୀର ନରହରି ବାବୁଙ୍କୁ ଦେଖିବାକୁ ମିଳେ। ଏଭଳି ସମସ୍ୟା ସମାଜର କଳେବର ମଧ୍ୟରେ ଏକ ବାସ୍ତବସ୍ୱର ବହନ କରେ।

ସାଧାରଣତଃ ସମାଜରେ ପ୍ରତ୍ୟେକ ସାଂସାରିକ ମଣିଷର ମନର ଅନ୍ତଃ ସ୍ଥଳରେ ପୁଅଟିଏ ପାଇଁ ଅଭାବବୋଧ ରହିଥାଏ। ସେହି ଅଭାବବୋଧ ରହିଛି ଶ୍ରୀ କରଙ୍କ "ଖାଲି ଝିଅ" ଗଳ୍ପରେ ଚେମା ସାହୁ ଚରିତ୍ରରେ। ହାଟବାର ଦିନ ଚେମା ସାହୁ ଶୀଘ୍ର ହାଟରୁ ଫେରି ଆସିବାର ସ୍ଥିର କରିଛି, କାହିଁକିନା ସ୍ତ୍ରୀ ଜହ୍ନ ସେଦିନ ବେଗାବେଗି ଫେରି ଆସିବା ପାଇଁ ତାକୁ କହିଛି। ଚେମା ସାହୁ ମୁହଁରେ ଉଦ୍‌ବେଗର ଚିହ୍ନ। ଦ୍ୱନ୍ଦ୍ୱ ଏବଂ ଉତ୍କଣ୍ଠା ମଧ୍ୟରେ ସେ ଆଶା ରଖିଛି, ସେଦିନ ତାର ପୁଅଟିଏ ହେବ। ଘରକୁ ଆସିବା ପୂର୍ବରୁ ଗାଆଁର ନରିଆ ବଜାର ମଧ୍ୟରେ ଚେମା ସାହୁକୁ ପାଟିକରି କହୁଛି- "ଚେମା ଭାଇ, ତୋର ଗୋଟିଏ ପୁଅ ହୋଇଛିରେ"। ଚେମାର ଆଖିରୁ ଏହି ଖବର ଶୁଣି ପ୍ରବାହିତ ହୋଇଛି ଆନନ୍ଦର ଅଶ୍ରୁ। ପ୍ରତ୍ୟେକ ଝିଅର ଜନ୍ମବେଳେ ଜହ୍ନକୁ ମଧ୍ୟ ସାଇପଡ଼ିଶା ମହିଳାଙ୍କଠୁ ଶୁଣିବାକୁ ପଡୁଥିଲା ଅନେକ ଟାହିଟାପରା। ଚେମା ଓ ଜହ୍ନର ମାନସିକ ଅଭାବବୋଧ ଦୂରୀଭୂତ ହୋଇଛି।

'ମଶା' ଗଳ୍ପଟି କଟକ ସହରର ମଶା ଉପଦ୍ରବ ପ୍ରସଙ୍ଗରେ ଗତିଶୀଳ। କଟକ ସହରରେ ମେସ୍‌ର ଛୋଟିଆ କୋଠରି ମଧ୍ୟରେ ରହି ଆଇ.ଏ.ଏସ୍ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ସୋମନାଥ ଦୈନନ୍ଦିନ ମଶା ଦୌରାତ୍ମ୍ୟର ସମ୍ମୁଖୀନ ହୋଇଛି। ପୁଣି ତାର ଭାବି ଶ୍ୱଶୁରଙ୍କ ତା' ନିକଟକୁ ଆଗମନ ଏବଂ ରାତ୍ରିଯାପନ ପରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ମଣିଷଙ୍କ ଭିତରେ ପ୍ରଭେଦ ସୂଚିତ କଥାଟିଏ ଉତ୍‌ଥାପିତ ହୋଇଛି। ସକାଳୁ ଭାବି ଶ୍ୱଶୁରଙ୍କ ସୁନ୍ଦର, ସୁଠାମ, ସୁଗୌର ଦେହ ଫୁଲି ଯାଇଥିବାର ଏବଂ ବହୁ ଜାଗାରେ ରକ୍ତଚିହ୍ନ ରହିଥିଲେ ହେଁ ସୋମନାଥ ବିସ୍ମିତ ହୋଇଛନ୍ତି। ମାତ୍ର ପ୍ରୌଢ଼ବ୍ୟକ୍ତି ସେଥିପ୍ରତି ମୋଟେ ବିଚଳିତ ନୁହନ୍ତି। ଏପରିକି ସୋମନାଥ କଟକର ମାତ୍ରାଧିକ ମଶା ପ୍ରସଙ୍ଗ କହି ମଶାରି ଟାଣିବା ପାଇଁ ପ୍ରୌଢ଼ଙ୍କୁ କହିଲାରୁ ସେ କହନ୍ତି- "ଆମେ ଗାଆଁଠୁ ତ ବେଶୀ ମଶା ହେଇ ନଥିବେ- ଏତେ ମଶା ଯେ ପାଟିରେ ନାକରେ ପଶିଯିବେ"। ସହରାଞ୍ଚଳ ହେଉ ବା ଗ୍ରାମାଞ୍ଚଳ ହେଉ ମଶା ସମସ୍ୟା ଏକ ସାମାଜିକ ସମସ୍ୟା ଅଟେ। ସବୁ ଅଞ୍ଚଳର ମଣିଷମାନେ ମଶା ଦୌରାତ୍ମ୍ୟର ସମ୍ମୁଖୀନ ହୁଅନ୍ତି। ଅତଏବ ଗଳ୍ପଟିରେ କଟକ ସହରର ମଶା ଉପଦ୍ରବ ବର୍ଣ୍ଣନା ପ୍ରସଙ୍ଗରେ ସାମାଜିକ ସ୍ୱରଟିଏ ଦେଖିବାକୁ ମିଳେ।

'ପଦ୍ମା' ଗଳ୍ପରେ ସୁମନ୍ତ ବାବୁ ଟି.ବି. ରୋଗଜନିତ ବିକାରରୁ ସମ୍ପୂର୍ଣ୍ଣ ମୁକ୍ତ ହେଲେ ମଧ୍ୟ ତାଙ୍କ ସ୍ତ୍ରୀ ଶୋଭାଦେବୀ ମୁକ୍ତ ହୋଇନାହାନ୍ତି। ପଦ୍ମାର ମାଆକୁ ଟି.ବି. ରୋଗ ହୋଇଛି ଏବଂ ସେହି ରୋଗ କାଳେ ପଦ୍ମା ମାଧ୍ୟମରେ ତାଙ୍କ ଘରେ ବ୍ୟାପିଯିବ

ଏହି ଆଶଙ୍କା ଶୋଭାଦେବୀଙ୍କର ରହିଛି ଏବଂ ସେହି ଆଶଙ୍କା ଏତେ ତୀବ୍ର ଅଟେ ଯେ, ପଦ୍ମାକୁ ସେମାନେ କାମରୁ ବାହାର କରିଦେଇଛନ୍ତି। ଛୋଟ ଝିଅ ଚାକରାଣୀ ପଦ୍ମା ମାସିକ ୩୦ ଟଙ୍କା ହରେଇଛି। ପଦ୍ମାର ବାପା-ମାଆ ଓ ତାର ଗୋଟିଏ ସାନ ଭାଇ ବଞ୍ଚିବେ କେମିତି ? ଏହି ପ୍ରଶ୍ନର ଉତ୍ତର ଦେବାକୁ କେହି ନାହାନ୍ତି। ଗୋଟିଏ ଛାତ ତଳେ ରହୁଥିବା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ରହିଛି ବିକାରଜନିତ ମନୋଭାବର ପାର୍ଥକ୍ୟ। ସୁମନ୍ତ ବାବୁ ଏହି ରୁଗ୍ଣ ମାନସିକତାକୁ ଦୂରୀଭୂତ କରିବାର ଚେଷ୍ଟା ସତ୍ତ୍ୱେ ପରାଜିତ ହୋଇଛନ୍ତି। ପଦ୍ମାକୁ କାମରୁ ବାହାର କରିଦେଇଛନ୍ତି ସତ, ମାତ୍ର ସୁମନ୍ତ ବାବୁଙ୍କ ମନରୁ ସେହି ଛୋଟ ଝିଅର ପ୍ରତିଛବି ଦୂରୀଭୂତ ହୋଇନାହିଁ- "ଅନେକ ଦିନ ବିତିଯାଇଛି... ତଥାପି ଏତେଦିନ ପରେ ବି ଗୋଟିଏ ପତଳା କାଳି ଝିଅର ବଡ଼ବଡ଼ ଗୋଲଗୋଲ ଆଖି ଦୁଇଟିରୁ ଝରିପଡୁଥିବା ଲୁହର ଫଟୋ ସୁମନ୍ତର ମନ- ପରଦାରେ ଭାସି ଉଠେ- ଶୋଭାଙ୍କର ଅସମୟରେ ଧଳା ହୋଇଆସୁଥିବା ବାଳ ଗୁଡ଼ାକ ଉପରେ ନଜର ପଡ଼ିଗଲେ"। ଏହା ସମାଜ ଜୀବନର ବାସ୍ତବ ସ୍ୱର ବହନ କରେ। ଯେଉଁ ସମସ୍ୟାର ସମାଧାନ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ।

ବାସ୍ତବତାର ପ୍ରତିଧ୍ୱନି ସୃଷ୍ଟି ହୋଇଛି ଗଳ୍ପ "ଜୀବନଟା ହେଲା ଖାଲି ଶହୀଦନଗରର ରାସ୍ତା"ରେ। ଭୁବନେଶ୍ୱରର ଶହୀଦନଗରର ଶୋଚନୀୟ ରାସ୍ତା ଏବଂ ସ୍ୱାର୍ଥ ଭିଜା ରାଜନେତା ମାନଙ୍କର ସ୍ୱାର୍ଥନ୍ୱେଷୀ କାର୍ଯ୍ୟକଳାପ ଏଥିରେ ଚିତ୍ରିତ। ସାଧାରଣତଃ ରାସ୍ତା ଖରାପ ହେଲେ, ଟ୍ୟୁବ୍‌ଲାଇଟ୍ ଖରାପ ହେଲେ ଶୀଘ୍ର ମରାମତି ହୁଏ ନାହିଁ। ଏମିତି ଆଲୁଅର ବ୍ୟବସ୍ଥା ରହିଛି ଯେ, ରାସ୍ତାର ମଝି ଅଂଶଟା ବିଲ୍‌କୁଲ୍ ଅନ୍ଧାର ଦେଖାଯାଏ। ଯଦି ଏଭଳି ସ୍ଥିତିର ପରିବର୍ତ୍ତନ ହେବାର ସୂଚନା ମିଳେ ତାହେଲେ ନିଶ୍ଚିତ ସେଠାରେ ଜଣେ ରାଜନେତା ରୂପକ ଠାକୁର ରହୁଥିବେ। ଆଧୁନିକା ଝିଅର ବେପରୁଆ ଗାଡ଼ି ଚାଳନା, ଝିଅର ବାପାଙ୍କ ଭଦ୍ର ଦମ୍ପତିଙ୍କୁ ଗାଳି କରିବା। ଦମ୍ପତିଙ୍କୁ ଗାଳିକରି ସାହିତ୍ୟିକଙ୍କ ପାଖରେ ସମାନ କାରଣକୁ ନେଇ ଦୁଃଖ ପ୍ରକାଶ କରିବା ଆଦି ବାସ୍ତବବାଦୀ ଚିତ୍ର ଉକ୍ତ ଗଳ୍ପରେ ଚିତ୍ରିତ। ରାଜଧାନୀର ବାସ୍ତବ ରୂପ ଦେବାକୁ ଯାଇ ଗାଳ୍ପିକ କହନ୍ତି- "ରାଜଧାନୀ ଚେହେରାଟା ଶୁଷ୍କ ଏକ ମରୁଭୂମି, ଆତ୍ମା ଏଠି ମହରଗ, ସ୍ୱାର୍ଥ ଭିଜା ରାଜନୀତି କେକିଆ କୋଠାବାଡ଼ି ବହୁତ, ଏଠି ଶସ୍ତା ଜୀବନଟା ହେଲା ଖାଲି ଶହୀଦ ନଗରର ରାସ୍ତା।" ଜଣେ ଉଚ୍ଚ ଶିକ୍ଷିତ ଯୁବକର କିରାଣି ଜୀବନର ଅଭାବ ଅନଟନ ତଥା ମନର ଇଚ୍ଛାକୁ ପୂରଣ କରି ନପାରିବାର ଅବଶୋଷ ମଧ୍ୟରେ ବାସ୍ତବତାର ସ୍ୱର ଝଙ୍କୃତ ହୋଇଛି।

ହରିଶ୍ ମନର ଅନ୍ତଃସ୍ଥଳରେ ସୃଷ୍ଟି ହୋଇଥିବା ବମ୍ବେଇ ଯିବାର ଅଦମନୀୟ ପିପାସା ପୂର୍ଣ୍ଣ ହୋଇପାରି ନାହିଁ। ସେ ଅନେକ ଥର ଚେଷ୍ଟା କରିଛି, ମାତ୍ର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁଁ ଜୀବନ ତମାମ ବମ୍ବେଇ ଯାଇପାରିନାହିଁ। ଏକଦା ସାଙ୍ଗମାନଙ୍କ ଗହଣରେ ବମ୍ବେଇ ଯିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିବାରୁ ଶେଷରେ ବମ୍ବେଇ ଯିବାର ବିଫଳତା ଯୋଗୁଁ ତାକୁ ମିଛ କହିବାକୁ ପଡ଼ିଛି। ବମ୍ବେଇରେ ଟଙ୍କା ଚୋରି ହୋଇଯିବାରୁ ସେ ସାଙ୍ଗମାନଙ୍କ ପାଇଁ କିଛି ଆଣି ପାରିଲା ନାହିଁ ବୋଲି ମିଛ କହିଛି। କିନ୍ତୁ, ପ୍ରକୃତ କାରଣ ହେଉଛି କୁମୁଟି ଟଙ୍କାଧାର ନଦେବାରୁ ସେ ଯାଇ ପାରିଲା ନାହିଁ। ଅବଶ୍ୟ ଶେଷରେ ସତକଥା ସାଙ୍ଗମାନେ ଜାଣିପାରିଛନ୍ତି। ବମ୍ବେଇ ଯିବା ବାହାନାରେ ସେ ଗାଆଁକୁ ଚାଲି ଯାଇଥିଲା। ହରିଶ୍ ଚରିତ୍ର ମାଧ୍ୟମରେ କିରାଣି ଜୀବନର ବାସ୍ତବତା ଉକ୍ତ ଗଳ୍ପଟିରେ ଫୁଟିଉଠିଛି।

ସାଂପ୍ରତିକ କାଳରେ ବିବାହର ପ୍ରତିଶ୍ରୁତି ଦେଇ କୌଣସି ଯୁବକ କୌଣସି ଝିଅର କୁମାରୀତ୍ୱକୁ ନଷ୍ଟ କରିବାର ବହୁ ଉଦାହରଣ ପରିଲକ୍ଷିତ। ଏମିତି ଏକ ଘଟଣା ଘଟିଛି ଶ୍ରୀ କରଙ୍କର "ନାନ୍‌ସି" ଗଳ୍ପରେ। ଭାରତୀୟ ଯୁବକ ଅନିମେଷ ଆମେରିକାରେ ପିଏଚ୍‌ଡି କଲାବେଳେ ବିଦେଶୀ ଯୁବତୀ ନାନ୍‌ସି ସହ ତାହାର ପ୍ରଥମେ ବନ୍ଧୁତା,ତା'ପରେ ପ୍ରେମ, ଶେଷରେ ବିବାହର ପ୍ରତିଶ୍ରୁତି ଦେଇ ତାର କୁମାରୀତ୍ୱକୁ ନଷ୍ଟ କରିଛି। ଥେସିସ୍ କାମ ସାରି ଅନିମେଷ ଚାଲିଆସିଛି ଭାରତବର୍ଷକୁ, ଆଉ ଫେରିନି ଆମେରିକା। ନାନ୍‌ସି ମାଆ ହୋଇଛି। ଚାହିଁଥିଲେ ସେ ପିଲାଟାକୁ ନଷ୍ଟ କରିପାରିଥାନ୍ତା, ମାତ୍ର ତାହା ସେ କରିନି। ପିତୃତ୍ୱର ପରିଚୟ ନଥାଇ ସେ ପିଲାଟିକୁ ଜନ୍ମ ଦେଇଛି। ଭାରତୀୟ ସାହିତ୍ୟିକଙ୍କୁ ଭାରତବର୍ଷର ବାସ୍ତବତା ଏବଂ ନିଜ ଜୀବନର ବାସ୍ତବତାକୁ ପ୍ରକାଶ କରିବାକୁ ଯାଇ ନାନ୍‌ସି କହିଛି- "ମୁଁ କଅଣ ତା' ସୃଷ୍ଟି ପାଇଁ ଦାୟୀ ନୁହେଁ ? ମୋର କଅଣ ଭାବିବା ଉଚିତ୍ ନଥିଲା ସବୁ ଦେଶ ଭଳି ଭାରତରେ ମଧ୍ୟ ହିପୋକ୍ରିଟ୍‌ସ ଅଛନ୍ତି ବୋଲି। ଯେଉଁ ଜୀବନଟି ମୋର ଜରାୟୁରେ ଅଙ୍କୁରିତ ହେଲା ଏଇ ପୃଥିବୀର ଆଲୋକ ଦେଖିବା ଆଶାରେ ତାକୁ ମୁଁ ନଷ୍ଟ କରି ଦେଇଥାଆନ୍ତି କିମିତି ? ତାକୁ ନଷ୍ଟ କରିଦେଇ ମୋର କୁମାରୀତ୍ୱ ନଷ୍ଟ ହେଇନି ଭାବି ଆଉ ଜଣେ ପୁରୁଷକୁ ବିବାହ କରି ଯଦି ତାର ସନ୍ତାନକୁ ମୁଁ ମୋର ଜରାୟୁରେ ଲାଳନ ପାଳନ କରିଥାନ୍ତି ଏଇ ମୃତ ଶିଶୁଟି ଅଭିମାନରେ ମତେ କହିନଥାନ୍ତାମମି, ମୁଁ କଅଣ ଦୋଷ କରିଥିଲି" ?

ଶ୍ରୀ ପ୍ରାଣବନ୍ଧୁ କରଙ୍କ ଗଳ୍ପ ସାହିତ୍ୟକୁ ଅନୁଶୀଳନ କଲେ ଅନୁଭୂତ ହୁଏ ଯେ ଗୁଡ଼ାଏ ଗଳ୍ପରେ ତାଙ୍କ ନିଜସ୍ୱ ଅନୁଭୂତି ଏବଂ ଅଭିଜ୍ଞତାର ଛାପ ରହିଛି। ସାମାଜିକ, ସାଂସ୍କୃତିକ, ରାଜନୈତିକ ଯାହା ହେଉନା କାହିଁକି, କଥାକାର ଯାହା ଦେଖିଲେ ଅବିକଳ ତାକୁ ତାଙ୍କ ଗଳ୍ପ ସାହିତ୍ୟରେ ଅଙ୍କନ କଲେ। ଯାହା ତାଙ୍କ ବାସ୍ତବବାଦୀ ଚିନ୍ତାଧାରାକୁ ପ୍ରମାଣିତ କରିଛି।

❖❖❖

# କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ କବିତାରେ ପଲ୍ଲୀ ଚେତନା



ISSN-2583-6978
Volume-4
Issue-10
OCTOBER-2024

**ଡ. ଜୟନ୍ତ କୁମାର ପରିଡ଼ା**

ଅତିଥି ଅଧ୍ୟାପକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
କୁନ୍ତଳାକୁମାରୀ ସାବତ ମହାବିଦ୍ୟାଳୟ, ବାଲେଶ୍ୱର

ଓଡ଼ିଆ ସାହିତ୍ୟରେ ମାନବବାଦୀ ଦରଦୀ କବି ତଥା ବାଣପୁରର ତୁରଣ କବି ଭାବେ କୃଷ୍ଣଚନ୍ଦ୍ର ତ୍ରିପାଠୀ ସୁପରିଚିତ। ସବୁଜ ଯୁଗ ପରେ ପରେ ଓଡ଼ିଆ କବିତା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା କୃଷ୍ଣଚନ୍ଦ୍ର ତ୍ରିପାଠୀ ଖୋର୍ଦ୍ଧା ଜିଲ୍ଲାର ବାଣପୁର ଅନ୍ତର୍ଗତ ଭୀମପୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ବୃତ୍ତିରେ ଜଣେ ଶିକ୍ଷକ, ପ୍ରବୃତ୍ତିରେ ଜଣେ କବି ଥିଲେ। ଜାତୀୟ ଚିନ୍ତା ଚେତନା ମୂଳକ କବିତା ତଥା ପାଇକମାନଙ୍କ ବୀରତ୍ୱବ୍ୟଞ୍ଜକ କବିତା ରଚନା କରିଥିବାରୁ ତାଙ୍କୁ 'ପାଇକକବି' ଆଖ୍ୟା ଦିଆଯାଇଛି। 'ଦିଗ୍‌ବଳୟ', 'ଆମ୍ରଲିପି', 'ରୂପାୟନ', 'ଆହୁତି', 'ଅଗ୍ନିଶଙ୍ଖ', 'ସାଧକର ସ୍ୱପ୍ନ', 'ବେଳା ଓ ବୀଚି', 'ମାଟିଦୀପ', 'ଛାୟାପଥ', 'ଗୋଧୂଳି', 'କୁଟୀର ବଂଶୀ' ଓ 'ତରୁ ଓ ତୃଣ' ପରି ଅନେକ ମନନଶୀଳ ସୃଷ୍ଟି ଓଡ଼ିଆ ସାରସ୍ୱତଜଗତକୁ ସମୃଦ୍ଧ ଓ ପ୍ରାଣବନ୍ତ କରିପାରିଛି। ତାଙ୍କୁ ସାରସ୍ୱତ ସୃଷ୍ଟି ପାଇଁ ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ କରାଯାଇଥିଲା।

କବି ତ୍ରିପାଠୀ ଭୀମପୁର ଗାଁର ଏକ କ୍ଷୁଦ୍ର କୁଟୀର ମାଟିପିଣ୍ଡାରେ ବସି କବିତା ଲେଖୁଥିଲେ। ତାଙ୍କ କବିତା ମୁଖ୍ୟ ବିଭାଗ ଥିଲା ପଲ୍ଲୀ ଚେତନା। ଗ୍ରାମ ପାଖରେ ବହିଯାଉଥିବା ଶାଳିଆ ନଈ ସହିତ ନିଜକୁ ତୁଳନା କରିଛନ୍ତି। ନିଜକୁ ଏକ ନଦୀ ବେଗଗାମୀ ସ୍ରୋତ ପରି ସେ ଆଗକୁ ଆଗକୁ ମାଡ଼ି ଚାଲିତଥିଲେ କାହାକୁ ଉପେକ୍ଷା ନକରି। ତାଙ୍କ ଭାଷାରେ-

"ମୁଁ ଏକ ଶାଳିଆ ନଈ
ମତେ କିଏ ଦେଖୁ ଅଥବା ନ ଦେଖୁ
ମତେ କିଏ ଲେଖୁ ଅଥବା ନ ଲେଖୁ
ଅବଧିତ ମୁଁ ଯେ ଚାଲିଥିବି ବହି ବହି।

କବି ଥିଲେ ପଲ୍ଲୀର ଜବନର ରୂପକାର। ପଲ୍ଲୀକୁ ନେଇ କବିତା ରଚନା କରିବା ତାଙ୍କ ପକ୍ଷରେ ଏକ ମୁଖ୍ୟ ବିଷୟ ଥିଲା। ତାଙ୍କ କବିତାରେ ନିଛକ ପଲ୍ଲୀର ଉପାଦାନ ମଧ୍ୟ ସହଜଲଭ୍ୟ। ଜନ୍ମମାଟି ବାଣପୁରର ବିଲ, ନଦନଦୀ, ବଣ, ପାହାଡ଼ର ଚିତ୍ର ସୁନ୍ଦର ଭାବେ ଫୁଟି ଉଠିଛି। ପଲ୍ଲୀର ବର୍ଷା ଓ ଏହି ବର୍ଷାରେ ପଲ୍ଲୀର ଦୃଶ୍ୟ ସହିତ ଦରିଦ୍ର ଜନତାର ଦୂର ବସ୍ଥା ତାଙ୍କ କାବ୍ୟ ମାନସରେ ଆନ୍ତରିକ ଭାବେ ମିଶିଯାଇଛି। ପଲ୍ଲୀକବିତା ଭିତରେ ଗରିବର କବି, ଛୋଟ ନଈ, ପଲ୍ଲୀ ବରଷା, ପଲ୍ଲୀ ବାଳା, କୃଷକ ସମାଧି, ମୂଷାହାଡ଼, ଗୋଟିଏ ପଉଷ ସନ୍ଧ୍ୟା, ଗରିବ କୁଟୀର, ସେ ଦିନର ସେଇ ପଲ୍ଲୀ ଗାଁ ଅନ୍ୟତମ। କବି ତ୍ରିପାଠୀ ବାଲ୍ୟଅବସ୍ଥାରେ ପଲ୍ଲୀର ଅପରୂପ ସୌନ୍ଦର୍ଯ୍ୟର ପ୍ରାକୃତିକ ପରିବେଶକୁ ନେଇ କବିତା ରଚନା କରିଥିଲେ। ସ୍କୁଲରେ ପାଠ ପଢୁଥିବା ବେଳେ ବାଣପୁର ନିକଟରେ ଥିବା ଶାଳିଆ ନଦୀ, ଆମ୍ବତୋଟା, ତାଳବଣ ଓ ଶୋଲେରୀ ପାହାଡ଼ ନିକଟରେ ବୁଲାବୁଲି କରି ଆନନ୍ଦ ଉପଭୋଗ କରୁଥିଲେ।

"ମୁଁ ମୋର ଏକା ବାଟିର କୁଡ଼ିଆ ଭିତରେ
ଶାଗ ପେଜ ଖାଇ ବଞ୍ଚି ରହିଛି।
ଏଠି ମୁଁ ଶାନ୍ତି ପାଏ, ଆନନ୍ଦ ପାଏ
ଗୌରବ ଅନୁଭବ କରେ।
ମୋର ସ୍ତ୍ରୀ, ମୋର ଝିଅ, ମୋର ନାତି
ଏମାନେ ମୋରି ଦୁଃଖୀ କୁଟୀରର
ଆଦରର ସମ୍ପଦ। (୨)"

କବିଙ୍କ ପାଇଁ ପଲ୍ଲୀ ହେଉଛି ପ୍ରେରଣାର ଉତ୍ସ। ପଲ୍ଲୀର ଚଳଚଞ୍ଚଳ ପ୍ରକୃତି କବିକୁ ଆନମନା କରିଦେଇଛି। କବି ପଲ୍ଲୀବାସୀ। ତାଙ୍କ କବିତାବଳୀରେ ଆମ୍ଭେମାନେ ବରାବର ପଲ୍ଲୀର ସରଳ, ନିର୍ମଳ ରୂପ ଓ ସହଜ, ସ୍ୱଚ୍ଛନ୍ଦ ଅଥଚ ଅଗର୍ବିତ ପ୍ରକାଶର କାନ୍ତ ମାଧୁର୍ଯ୍ୟ

ଦେଖିବାକୁ ପାଉ। ତାଙ୍କ ରଚିତ ଛୋଟ ନଈ କବିତାଟିରେ କବି ପଲ୍ଲୀକୁ ନେଇ ଏକ ଜୀବନ୍ତ ସାକ୍ଷୀ ରୂପେ ଗ୍ରହଣ କରିଛନ୍ତି। ଏ ନଈର ଯେ କେତେ ଦୁଃଖୀ ଓ ଦରିଦ୍ରରେ ଚିରସାଥୀ ଥିଲା, କେତେ ଆପଣାର ଥିଲା ତାହାକୁ ସେ ଭୁଲିପାରି ନାହାନ୍ତି। ନଈ କୂଳରେ ଗ୍ରୀଷ୍ମର ପ୍ରଚଣ୍ଡ ଦ୍ୱିପ୍ରହରରେ ପିତୃମାତୃହୀନ ଛୋଟ ବାଳିକାଟି ଅଇଁଠା କଂସା ମାଡ ଜିବାକୁ ଆସି ମହାକାଶକୁ ଶୂନ୍ୟଦୃଷ୍ଟିରେ ଅନାଇ ବୁକୁ ବ୍ୟଥା ସମ୍ଭାଳି ନପାରି ଆଖିରୁ ଲୁହ ଢାଳି ମାଲିକର ନିର୍ମମ ତିରସ୍କାରକୁ ବାରମ୍ବାର ମନେ ପକାଏ।

"ଦେଖିବାକୁ ଛୋଟ ନଈ ଦେଖିବାକୁ ମୋର।
ଅସହାୟ ବାଳିକାଟି କା' କୋଳ ସଙ୍ଗାଳି
ତୋ କୂଳେ ବାସନ ମାଜି ନେତ୍ରୁ ଲୁହଧାର
ଢାଳିବାର ବୁକୁବ୍ୟଥା ନପାରି ସମଭାଳି
କେ କହିଛି ଦୁଇ କଂସା ଖାଉଥିବୁ ଖାଲି
ପୋଲାଧନ ପାଇଚୁ କି କରିବୁନି କାମ?

ସେହିପରି ପଲ୍ଲୀ ବରଷା କବିତାରେ କବି ଗାଁରେ ହେଉଥିବା ବର୍ଷାକାଳୀନ ଦୃଶ୍ୟକୁ ଅତିସୁନ୍ଦର ଭାବେ ଚିତ୍ରଣ କରିଛନ୍ତି। ଆକାଶରେ ଦେଖାଯାଉଥିବା କଳାହାଣ୍ଡିଆ ମେଘ ସହ ବିଜୁଳି ଘଡ଼ଘଡ଼ିରେ ଗାଁ ସାରା ଲୋକେ ତାଟି କବାଟ ଦେଇ ଘରେ ପଶନ୍ତି। କିନ୍ତୁ କୃଷକଟି ଧାନକ୍ଷେତରେ ନିଜକୁ ନିୟୋଜିତ କରିବା ସହିତ ନାଉରିଆଟିଏ ନାଆ ମେଲିଦେଇ ଉଦାସ ମନେ ଗୀତ ଗାଇ ଆନନ୍ଦ ଅନୁଭବ କରେ। ମେଘର କଳାଅନ୍ଧାର ଭିତରେ ମୁହଁକୁ ମହୁଁ ଦିଶେ ନାହିଁ। ଆଉ କେହି କେହି ଘର ଭିତରେ ବସି ଚଉପଦୀର ସୁଅ ବୁଝାଇଥାନ୍ତି। ବର୍ଷା ହେଲେ ଗାଁରେ ପୋଖରୀ, ନାଳ ସବୁ ଭର୍ତ୍ତି ହୋଇଯାଏ। ବର୍ଷା ଭୟରେ କେହି ପଦାକୁ ବାହାରନ୍ତି ନାହିଁ। କିନ୍ତୁ କବି ଏହି ସମୟରେ ଲକ୍ଷ୍ୟ କରିଛନ୍ତି କେମିତି ଗୋଟିଏ ଭିକାରି ପିଲାଟେ ଭିକ ମାଗିଯାଇଛି। ଫେରିବାର ବିଳମ୍ବ ହେବାରୁ ତାର ବୋଉ ତା' ପାଇଁ କେତେ ଚିନ୍ତା କରିଛି। ଫେରି ଆସିବା ପାଇଁ ଠାକୁରଙ୍କ ନିକଟରେ ଆକୁଳ ପ୍ରାର୍ଥନା କରିଛି।

"ଭିକାରୀ ପିଲା ଜଣେ ଯାଇଛି ଦୂର ଗ୍ରାମେ
ଆଣିବା ପାଇଁ ଭିକ ମାଗି ଗୋ।
ଏ ଝଡ଼ ବରଷାରେ ଆସିନି ପାରିଷରେ
ବୋଉ ତା' ଘରେ ଅଛି ଜଗି ଗୋ
କଜଳ କଳା ମେଘ ଆକାଶେ ବୁଲିଯାଏ
ବରଷା ପଡ଼େ ନଭୁଝରି ଗୋ । (୫)"

ଗୋଟିଏ ପଉଷ ସନ୍ଧ୍ୟା କବିତାରେ କବି ଦେଖିଛନ୍ତି ଗାଁରେ ଥିବା ଦୀନା ସ୍ୱାଇଁ କୃଷକକୁ। ଯିଏ ପରିବାର ପ୍ରତିପୋଷଣ ପାଇଁ ଖରା, ବର୍ଷା, ଶୀତ, କାକର, ସହ୍ୟ କରି ମୁଣ୍ଡଝାଳ ତୁଣ୍ଡରେ ମାରି ହାଡ଼ଭଙ୍ଗା ପରିଶ୍ରମ କରି ଚାଷ କାର୍ଯ୍ୟ କରିଥାଏ। ନଇଁ ନଇଁ ଧାନ କାଟୁଥିବା ବେଳେ ଯେତେବେଳେ କ୍ଳାନ୍ତି ଆସେ ସେତେବେଳେ ସେ ଯାଇ ହିଡ଼ ମୁଣ୍ଡରେ ବସିଥାଏ। ଭାରିଜାଟି ତାର ହାତଧରି ବିଲକୁ ଆସେ। ଭାରିଜାର ମୁହଁକୁ ଦେଖିଦେଲା ମାତ୍ରେ ତାର ସବୁ କଷ୍ଟ ଆନନ୍ଦରେ ପରିଣତ ହୋଇଯାଏ।

"ଆମ ଗାଁ ଦୀନା ସ୍ୱାଇଁ ଲଇଁ ଲଇଁ କାଟୁଅଛି ଧାନ,
ବେଳେ ବେଳେ ହିଡ଼ମୁଣ୍ଡେ ବସୁଅଛି କ୍ଳାନ୍ତି ଯେବେଆସେ
ମୁଣ୍ଡରେ ବାନ୍ଧିଛି ଠେକା ହାତେ ତାର ଧରିଅଛି ବାଆ
ବଦନେ ଆର୍ଯ୍ୟ ଭରଣା ବେଳେ ବେଳେ ଉଠୁଅଛି ଫୁଟି।

ସେ ଦିନର ସେଇ ପଲ୍ଲୀ ଗାଁ କବିତାରେ କବି ଗାଁର ଶାନ୍ତସରଳ ପରିବେଶକୁ ଭୁଲିଯାଇନାହାନ୍ତି। ଅତୀତକୁ ମନେ ପକାଇ ଭାଳି ହୋଇଛନ୍ତି। ଅତୀତରେ ଗାଁର ସେ ଶାନ୍ତ ପରିବେଶ ବର୍ତ୍ତମାନ କୋଳାହଳମୟ ହୋଇଉଠିଛି। ଗାଁର ଚାଳଛପର ଘର ଜାଗାରେ ଗଢିଉଠିଛି ନଉଶିଖୀ ବିରାଟ ସୌଧମାନ। ସେ ଗାଁ ଆଜି ପାଲଟିଯାଇଛି ବିରାଟ ସହର। ତାଙ୍କ ଗାଁ ଯେ କି ଅତି ପରିଚିତ, ଅତିପ୍ରିୟ, ସୁଖ ଦୁଃଖର ସାଖୀ ତାକୁ ସେ ଖୋଜି ବୁଲିଛନ୍ତି-

ସେଦିନ ସେଇ ପଲ୍ଲୀ ଗାଥା ପାଲଟିଛି ବିରାଟ ସହର ବିଦ୍ୟୁତର ଆଲୋକ ଉତ୍ସବେ ଚତୁର୍ଦ୍ଦିଗ ଦିଶେ ଝଲମଲ।

ସୀମାହୀନ ଏ ଭୌଭାଗ୍ୟ ମେଳେ ମୁଁ ଖୋଜୁଛି ସେଇ ପଲ୍ଲୀ ଗାଆଁ ମୋ ସମ୍ପଦେ ଉଠନ୍ତା ଯେ' ନାଚି, ଦୁଃଖେ ମୋର କରନ୍ତା ଯେ ଆଭା।

ବାସ୍ତବରେ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ପଲ୍ଲୀ ଜୀବନର ଭାଷ୍ୟକାର। ତାଙ୍କ ରଚିତ ପଲ୍ଲୀ କବିତା ପାଠକକୁ ରସସିକ୍ତ ଓ ମନ୍ତ୍ରମୁଗ୍ଧ କରିପାରିଛି।

**ସହାୟକ ଗ୍ରନ୍ଥସୂଚୀ**


୧. ଡକ୍ଟର ଶତପଥୀ ନିତ୍ୟାନନ୍ଦ, ସବୁଜରୁ ସାଂପ୍ରତିକ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨, ଦ୍ୱିତୀୟ ପ୍ରକାଶନ ୧୯୮୫) ପୃ-୧୭୪)
୨. ତ୍ରିପାଠୀ କୃଷ୍ଣଚନ୍ଦ୍ର, କୃଷ୍ଣଚନ୍ଦ୍ର ଗ୍ରନ୍ଥାବଳୀ, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ପ୍ରଥମ ପ୍ରକାଶନ- ୧୯୬୯, ପୃ-୫୭୫।
୩. ତତ୍ରୈବ, ଆହୁତି, ମୁଖବନ୍ଧ- ମାୟାଧର ମାନସିଂହ, ପ୍ରଥମ ପ୍ରକାଶ ୧୯୬୯, ପୃ-୩୮୬।
୪. ତତ୍ରୈବ- ପୃ-୪୦।
୫. ତ୍ରିପାଠୀ କୃଷ୍ଣଚନ୍ଦ୍ର, କୃଷ୍ଣଚନ୍ଦ୍ର ଗ୍ରନ୍ଥାବଳୀ, ପ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨ ପ୍ରଥମ ପ୍ରକାଶ-୧୯୬୯, ପୃ- ୫୮।
୬. ତତ୍ରୈବ- ପୃ- ୩୫୯।
୭. ତତ୍ରୈବ- ପୃ-୫୮୧/୫୮୨

# କବି ଶତ୍ରୁଘ୍ନ ପାଣ୍ଡବଙ୍କ କବିତାର ଶିଳ୍ପରୀତି



ISSN-2583-6978
Volume-4
Issue-10
OCTOBER-2024

**ସଂଘମିତ୍ରା ଦାସ**

**ଅଧ୍ୟାପିକା, ଓଡ଼ିଆ ବିଭାଗ**
**ଚୌଦ୍ୱାର ମହାବିଦ୍ୟାଳୟ, କଟକ**

ଉତ୍ତର ଅଶୀର ବିବର୍ତ୍ତନ ପର୍ଯ୍ୟାୟରୁ କଲମ ଚାଳନା କରିଆସୁଥିବା କବିମାନଙ୍କମଧ୍ୟରେ କବି ଶତ୍ରୁଘ୍ନ ପାଣ୍ଡବ ଜଣେ ସୁପ୍ରତିଷ୍ଠିତ କାବ୍ୟ ବ୍ୟକ୍ତିତ୍ୱ । ତାଙ୍କ କବିତାରେ ସାମାଜିକ ଅବ୍ୟବସ୍ଥା ପ୍ରତି ପ୍ରତିରୋଧ ଅଛି, ପ୍ରତିବାଦ ମଧ୍ୟ ଅଛି । ଚେତାବନୀର ପ୍ରସ୍ତାବନା ଖୁବ୍ ଶକ୍ତିଶାଳୀ ଓ ତୀକ୍ଷ୍ଣ ମନେହୁଏ । ଯେଉଁ ଶବ୍ଦ କବିତା ପାଖରେ ଅଟକିଗଲେ ବି ବ୍ୟକ୍ତି ନୁହେଁ, ବ୍ୟକ୍ତିର ମୁହଁ ବରଂ ଅଧିକ ପ୍ରତିବିମ୍ବିତ ହୁଏ ଏହା ହିଁ ନିତ୍ୟକାଳ ସୃଜନଶୀଳତାର ପ୍ରତିବଦ୍ଧ ରୂପ। ଇତିହାସ, ମିଥ୍, ସମକାଳୀନତା ସହ ସ୍ଥାନୀୟତାକୁ ନେଇ ଶତ୍ରୁଘ୍ନଙ୍କ କବିତାରେ ରହିଛି ନିଆରା ପରିଚୟ । ସବୁ ସ୍ଥାନ ଓ ପରିଚୟ ଭିତରେ ବର୍ତ୍ତମାନକୁ ଖୋଜିବା, ଅତୀତକୁ ବର୍ତ୍ତମାନରେ ଦେଖିବା ଓ ବର୍ତ୍ତମାନକୁ ନେଇ ନିରାଶମୟ ଭବିଷ୍ୟତର ପରିକଳ୍ପନା ତାଙ୍କ କବିତାର ଯୁକ୍ତିସିଦ୍ଧ ପ୍ରାମାଣିକତା ବା ଆଇଡ଼ିଓଲୋଜି । କଥା କହିବା ଶୈଳୀ ଭିତରେ କବିତାକୁ ଠିକଣା ଜାଗାରେ ପହଁଚାଇ ଦିଅନ୍ତି କବି। କବିତା ଭିତରେ ପ୍ରଶ୍ନ ଗଢ଼ିବା ଓ ସେହି ପ୍ରଶ୍ନ ଭିତରେ କବିତାରୁ ଗୋଟିଏ ଗୋଟିଏ ଖିଅ କାଢ଼ିବା ତାଙ୍କ ଶୈଳୀର ସ୍ୱାତନ୍ତ୍ର୍ୟ । ପ୍ରତୀକ, ଚିତ୍ରକଳ୍ପ, ମିଥ୍, ସାଧାରଣ, ଦେଶୀୟ ଶବ୍ଦ ପ୍ରୟୋଗ କରି ଭୁଷୁଡ଼ି ପଡୁଥିବା ଐତିହ୍ୟ ପରଂପରା; ହଜିଯାଉଥିବା ସଂସ୍କୃତି, ସଭ୍ୟତା, ମାନବିକତାର ପୁନଃମୂଲ୍ୟାୟନ ଓ ପ୍ରତିସ୍ଥାପନ କରିବା ।

କବି ପାଣ୍ଡବ ୧୯୫୫ ମସିହା ଜୁଲାଇ ୧୮ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାସ୍ଥ ଆଳି ବ୍ଲକ ଅନ୍ତର୍ଗତ ମହାଦେଈ ପାଟଣାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ସ୍ୱର୍ଗତ ନାରାୟଣ ଚନ୍ଦ୍ର ପାଣ୍ଡବ, ମାତା ଖଡ଼ିକା ଦେବୀ । ଛାତ୍ରାବସ୍ଥାରୁ ହିଁ ତାଙ୍କ ସୃଜନୀର କିରଣ ବିଚ୍ଛୁରୀତ ହୋଇଥିଲା । ୧୯୭୨-୭୩ ଶିକ୍ଷାବର୍ଷ +୨ ବିଜ୍ଞାନ ଛାତ୍ର ଥିଲାବେଳେ ତାଙ୍କର ପ୍ରଥମ କବିତା ଛାତ୍ରାବାସ ପତ୍ରିକା 'ସାଗରିକା'ରେ (ବିନ୍ଦୁଏ ଲୁହରେ ପୃଥିବୀ) ପ୍ରକାଶ ପାଇଥିଲା । ୧୯୭୪-୭୫ ମସିହାରେ ତାଙ୍କ ପ୍ରଥମ ପ୍ରବନ୍ଧ ଓ ଗଳ୍ପ ପ୍ରକାଶିତ ହେଲା । ଏହି ପର୍ଯ୍ୟାୟରୁ ଚାରିଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ତାଙ୍କ ସୃଜନଯାତ୍ରା ଅବ୍ୟାହତ ରହିଛି । 'ଅରୁନ୍ଧତୀ ପାଇଁ ଗୋଟିଏ କବିତା', 'ଆମେ ସବୁ', 'ଫୁଲ ଫଗୁଣର କାବ୍ୟ' ବ୍ୟତୀତ କବିତା ସଂକଳନ ମଧ୍ୟରେ- 'ନିଃଶ୍ୱାସର ତାଳପତ୍ର (୧୯୮୩)', 'ପଦ୍ମପାଲିଙ୍କି(୧୯୯୬)', 'ସାବରମତି(୨୦୦୦)', 'ଦୃଶ୍ୟବୋଧ(୨୦୦୪)', 'ମିଶ୍ର ଧ୍ରୁପଦ (୨୦୧୬)' ଇତ୍ୟାଦି ପ୍ରଧାନ । କପିଳବସ୍ତୁ (ହିନ୍ଦୀ ଅନୂଦିତ କବିତା ଗ୍ରନ୍ଥ(୨୦୦୭) । ସାହିତ୍ୟ ଆଲୋଚନା ଓ ସଂପାଦନା କ୍ଷେତ୍ରରେ ମଧ୍ୟ ସେ ସିଦ୍ଧହସ୍ତ । ସାହିତ୍ୟ ଆଲୋଚନା ଗ୍ରନ୍ଥ – 'କଥାଶିଳ୍ପୀ ମନୋଜ ଦାସ (୧୯୯୪/ ୨୦୧୮), 'ଆଧୁନିକ ଓଡ଼ିଆ କବିତା ସମୀକ୍ଷଣ (୨୦୦୯)' ଏବଂ ସଂପାଦନା ଗ୍ରନ୍ଥ ମଧ୍ୟରେ 'ଅନ୍ଧଯୁଗର କାହାଣୀ (୧୯୭୮)', (ବାମାଚରଣ ଗଳ୍ପ ସମ୍ଭାର (୧୯୯୮/୨୦)୪)', 'ପ୍ରତିଭା ଶତପଥୀଙ୍କ ନିର୍ବାଚିତ କବିତା (୨୦୦୯)' ଉଲ୍ଲେଖନୀୟ । ବିଷୁବ ପୁରସ୍କାର (୧୯୮୦)ଠାରୁ ଆରମ୍ଭ କରି ଅଦ୍ୟାବଧି ୨୫ରୁ ଊର୍ଦ୍ଧ୍ୱ ପୁରସ୍କାର ଓ ସମ୍ମାନପ୍ରାପ୍ତି କରିଛନ୍ତି । ତାଙ୍କ କବିତା ସଂକଳନ 'ସାବରମତି' ପାଇଁ (୨୦୦୧) ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ 'ମିଶ୍ରଧ୍ରୁପଦ' ପାଇଁ ୨୦୧୮ ମସିହାରେ ସାରଳା ସଂସଦ ତରଫରୁ ପୁରସ୍କୃତ ହୋଇଛନ୍ତି ।

ସାହିତ୍ୟ ଓ ଜୀବନ ପରିପୂରକ। ବିଶେଷ କରି ଜୀବନକୁ ନିକଟରୁ ଦେଖିବାରେ କବିତା ହେଉଛି ଅଧିକ ପ୍ରତିବଦ୍ଧ।ସାମାଜିକ ଓ ଭୌତିକ ଜଗତଠାରୁ ଆରମ୍ଭ କରି ମାନବେତର ପ୍ରାଣୀ, ଗଛଲତା ତଥା ବିଶ୍ୱର ପ୍ରତ୍ୟେକ ଉପାଦାନକୁ ରୂପ ଦେବାପାଇଁ କବିଟିଏ ସର୍ବଦା ସଚେତନ ତେବେ ପ୍ରତ୍ୟେକ ସ୍ରଷ୍ଟାର କଥନଭଙ୍ଗୀ ସ୍ୱତନ୍ତ୍ର। କଥାରେ ଅଛି – 'କହିଜାଣିଲେ କଥାସୁନ୍ଦର, ବାନ୍ଧି ଜାଣିଲେ ମଥା

ସୁନ୍ଦର ।'

ବକ୍ତବ୍ୟକୁ ସୁନ୍ଦର ରୂପେ ପରିପ୍ରକାଶ କରିବା ପାଇଁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବାକୁ ପଡେ।ଭାଷା, ଶୈଳୀ, ପଦନିର୍ମାଣ ଚାତୁରୀ, ଛନ୍ଦ, ଅଳଙ୍କାର, ପ୍ରତୀକ, ଚିତ୍ରକଳ୍ପ ପ୍ରଭୃତି ବହୁ ଉପାଦାନର ସୁସମନ୍ୱିତ ସଂଯୋଜନ ହିଁ ଯଥାର୍ଥରେ କବିତାକୁ ବୋଧଗମ୍ୟ, ହୃଦୟଗ୍ରାହୀ ତଥା କଳାତ୍ମକ ରୂପ ଦିଏ। ସାମଗ୍ରିକ ଭାବେ ଏ ସମସ୍ତ ଉପାଦାନ ହେଉଛି ଯଥାର୍ଥରେ କବିତାର ଶିଳ୍ପରୀତି।

କବିତା ରଚନା କ୍ଷେତ୍ରରେ କବି ଆତ୍ମିକ ବାର୍ତ୍ତାଦେବାରେ ଯେତିକି ସଚେତନ, କବିତାର ଆଙ୍ଗୀକ ପରିପାଟି ନିର୍ମାଣ କରିବାରେ ମଧ୍ୟ ସେତିକି ସଚେତନ । କାରଣ ପ୍ରତ୍ୟେକ କବିଙ୍କର କବିତାର ସର୍ଜନାତ୍ମକ ଶୈଳୀ ସ୍ୱତନ୍ତ୍ର୍ୟ । ଏହି ସ୍ୱତନ୍ତ୍ରଶୈଳୀ ବା ଚମତ୍କାର ଅଭିବ୍ୟକ୍ତି, ଗଢଣରୀତି ପାଠକକୁ ଆକୃଷ୍ଟ କରେ । ୧୯୮୦ ପରବର୍ତ୍ତୀ କବିତାକୁ ଛନ୍ଦ ଦେଇଛି । ଗାଁ, ଗହଳି, ଚିହ୍ନାଚୌହଦୀର ପ୍ରତିଛବି କବିତାରେ ପୂର୍ଣ୍ଣରୂପ ପାଇଁ ସରଳ ଭାଷା ଓ କ୍ଷୁଦ୍ର କଳେବର ମଧ୍ୟରେ ସେ ବିଶ୍ୱବ୍ରହ୍ମାଣ୍ଡର ପରିକଳ୍ପନା କରିଛି । ତେବେ ଆଙ୍ଗିକ ଲକ୍ଷଣ ଦୃଷ୍ଟିରୁ କେତେକ ଉପାର୍ଜନ ସଂପର୍କରେ ଆଲୋଚନା କରାଯାଇ ପାରେ । କବି ପାଣ୍ଡବଙ୍କ କବିତାରେ ଦୃଶ୍ୟମାନ ବୈଶିଷ୍ଟ୍ୟ ଭିତରେ –

(୧) ପ୍ରତୀକର ପ୍ରୟୋଗ
(୨) ଚିତ୍ରକଳ୍ପର ପ୍ରୟୋଗ
(୩) ଛନ୍ଦ ନିର୍ମାଣ
(୪) ମିଥ୍ ଓ ଲୋକ ଉପାଦାନ
(୫) ସରଳ ଭାଷାବିନ୍ୟାସ ଦେଖିବାକୁ ମିଳେ ।

**୧) ପ୍ରତୀକର ପ୍ରୟୋଗ :-**

ପ୍ରତୀକ ହେଉଛି ଗୋଟିଏ ଶବ୍ଦର ଅନ୍ୟ ଏକ ରୂପ, ଯାହା ସମବସ୍ତୁକୁ ପ୍ରତୀକିତ କରେ । ଅର୍ଥାତ୍ ବସ୍ତୁଜନୀତ ଧ୍ୟାନ ଓ ଧାରଣକୁ ସ୍ପଷ୍ଟ କରିବା ପାଇଁ ପ୍ରତୀକର ପ୍ରୟୋଗ କରାଯାଏ । ଗୋଡ଼ି ଭିତରେ ଗିରି ଦର୍ଶନଦେଇ ଯାହା ଇନ୍ଦ୍ରିୟରୁ ଅତିନ୍ଦ୍ରିୟ ସ୍ତରକୁ ନେଇ ଚେତନାକୁ ଉତ୍ତରିତ କରାଏ ପ୍ରତୀକ । ଯେତେବେଳେ ମଣିଷ ନିଜର ମନୋଭାବକୁ ସିଧାସଳଖ ବ୍ୟକ୍ତ କରିପାରେ ନାହିଁ, ସେତେବେଳେ ସେ ପ୍ରତୀକର ସାହାଯ୍ୟ ନିଏ । କିନ୍ତୁ ବର୍ତ୍ତମାନ ଆଲୋଚ୍ୟ ପ୍ରସଙ୍ଗ ହେଉଛି କବି ପାଣ୍ଡବଙ୍କ କବିତାରେ ପ୍ରତୀକର ପ୍ରୟୋଗ ବହୁ ଦାର୍ଶନିକଚିନ୍ତନ ସଂପୂର୍ଣ୍ଣ ଓ ବହୁ ରହସ୍ୟଦିଗକୁ ଉଦ୍ଘାଟନ କରିବାର ସାମର୍ଥ୍ୟ ରଖେ କ୍ଷୁଦ୍ର କଳେବର ମଧ୍ୟରେ ବା ଗୋଟିଏ ଶବ୍ଦ ମଧ୍ୟରେ ଅନେକ କଥା କହିବାରେ ପ୍ରତୀକ ବେଶ୍ ସଫଳ । Dictionariesରେ ଏ ସମ୍ବନ୍ଧରେ ସ୍ପଷ୍ଟ ଭାବେ କୁହାଯାଇଛି । ଯଥା ଇତିହାସରେ ଗାନ୍ଧୀଙ୍କର ଲବଣ ସତ୍ୟାଗ୍ରହ ଆନ୍ଦୋଳନ ଏକ ସ୍ମରଣୀୟ ମୁହୂର୍ତ୍ତ। ତାଙ୍କ କବିତାର ଗାନ୍ଧୀବାଦୀ ଦର୍ଶନରେ ପ୍ରତୀକର ପ୍ରୟୋଗ ଏହିପରି :-

"ସିଏ କି ଖାଲି ମୁଠାଏ ଲୁଣ ?/ତା' ଭିତରେ ଦୃଶ୍ୟ ହୁଏନା କି/ ସଫେଦ ହାତରେ ମୁହଁ/ଆଉ ସେଇ ଭାତର ଧଳା ଭିତରେ/ ଲୁଚି ନଥାଏ କି ଗୋଟିଏ ଦେଶର/ଭୋକର ଆକାଶ..... କଷଣର ଇତିହାସ/ଅଭାବର ଫଟାଲୁଗା...... ଚିରାପଣତ ?" (ଉଠା ହେବ ବୋଲି ମୁଠାଏ ଲୁଣ)।

ଏଠାରେ ଲୁଣ ଆମ ସ୍ୱାଭିମାନ, ଦାବି, ସ୍ୱାଧିକାରର ପ୍ରତୀକ । ଲୁଣ ଭିତରେ ମଣିଷର ବୁନିଆଦ ଲୁଚିରହିଛି । ସମସାମୟିକ ସାଧାରଣ ମଣିଷର ଦାରିଦ୍ର୍ୟ, ଭୋକର ଯନ୍ତ୍ରଣା ଲୁଣ ମାଧ୍ୟମରେ ପ୍ରତିଫଳିତ ହୋଇଛି । ସ୍ୱାଧୀନତା ପରେ ମଧ୍ୟ କାଳକାଳ ଧରି ଅସହାୟତା, ଦରିଦ୍ରତା ମଧ୍ୟରେ ସଢୁଥିବା ମଣିଷ ନିଜର ସ୍ୱାଧିକାର ପାଇଁ ପ୍ରତିବାଦ କରୁଛି । କିନ୍ତୁ ସେ ସ୍ୱର କିପରି ମଉଳି ଯାଉଛି ତାହାହିଁ ଆଲୋଚ୍ୟ ପ୍ରାସଙ୍ଗିକ ବିଷୟ ।

ତାଙ୍କ ଅନ୍ୟ ଏକ କବିତାରେ ଏହି ଦୁଃଖୀ ମଣିଷର ଚିତ୍ର ଖୁବ୍ ଦୟନୀୟ । ବେଣୁଧର ରାଉତଙ୍କ 'କାଠଘୋଡ଼ା' ପରି କବି ପାଣ୍ଡବ 'ମେଣ୍ଢା' ଏପରି ଭ୍ରଷ୍ଟରାଜନୈତିକ ଧୋବଧବଳିଆ ନେତାଙ୍କ ଆଗରେ ମୂକ ପାଲଟିଯାନ୍ତି ।

''ଲଢ଼ି ଜାଣି ନାହାଁନ୍ତି ..... ଗୋଠରୁ ଫିଟନ୍ତି ଯୋ/ଖରାରେ ତରାରେ ସିଝୁଥାନ୍ତି ଦିନତମାମ/ପୋଡ଼େ ପେଟ .....ଫାଟେ ପିଠି ..... ଭାଙ୍ଗେ ହାଡ଼ / ନଇଁଯାଏ ବେକ ..... ଆଲୁଅକୁ ଉହୁଙ୍କ/ଚାହିଁ ବି ପାରନ୍ତି ନାହିଁ ..... ଦିଗନ୍ତରେ ସୂର୍ଯ୍ୟ କାହିଁ ?'' (ମେଣ୍ଢା – ସାବରମତି)

ମେଣ୍ଢା'ଏଠାରେ ସାଧାରଣ ଜନତାର ପ୍ରତୀକ, 'ସୂର୍ଯ୍ୟ', 'ଆଲୁଅ' ପ୍ରଗତିର ପ୍ରତୀକ । କିପରି ଜଣେ ସାଧାରଣ ମଣିଷ ନିର୍ଯ୍ୟାତିତ ଓ ଅବହେଳାର ଶିକାର ହୁଏ ତାହା ହିଁ ଏଠାରେ କୁହାଯାଇଛି।

**(୨)ଚିତ୍ରକଳ୍ପର ପ୍ରୟୋଗ:-**

ଚିତ୍ରକଳ୍ପ ହେଉଛି ଏକ 'ଶବ୍ଦର ଚିତ୍ର' । ଯେଉଁ ଶବ୍ଦ ଆମ ଇନ୍ଦ୍ରିୟୋତ୍ତର ଚେତନାକୁ ଅଭିପ୍ରେତ କରାଏ । ଶବ୍ଦର ଚିତ୍ର ଯେତେବେଳେ ଆମ ଚେତନା ଭିତରେ ବାହ୍ୟଚିତ୍ରକୁ ପ୍ରତିବିମ୍ବିତ କରାଏ ତେବେ ଚିତ୍ରକଳ୍ପ ହୁଏ ସଫଳ । ସ୍ୱପ୍ନରେ ମଣିଷ କଳ୍ପଜଗତରେ ଭ୍ରମଣ କରିବା ଯାହା, ଶବ୍ଦଚିତ୍ର ମନରେ ଏକ କଳ୍ପନା ଦୃଶ୍ୟକୁ ପୂର୍ଣ୍ଣ ରୂପ ଦେବା ସମତୁଲ୍ୟ । ତେଣୁ କୁହାଯାଏ 'A Poem should not mean, but be' ଅର୍ଥାତ୍ ଚିତ୍ରକଳ୍ପରେ ଦୈହିକ ଚେତନା ବା ଇନ୍ଦ୍ରିୟୋପଲବ୍ଧକୁ ଗୁରୁତ୍ୱ ଦିଆଯାଏ । ସେଥିପାଇଁ ଏଜେରା ପାଉଣ୍ଡ (ଚିତ୍ରକଳ୍ପବାଦର ପ୍ରଚାରକ) କୁହନ୍ତି, ଗୋଟିଏ ମୁହୂର୍ତ୍ତର ବୌଦ୍ଧିକ ଓ ଭାବଗତ ଉପସ୍ଥାପନ ହିଁ ଚିତ୍ରକଳ୍ପ । କବିଙ୍କ କବିତାରେ ଏହି ଆଙ୍ଗୀକ ବୈଚିତ୍ର୍ୟ ଖୁବ୍ ସ୍ପଷ୍ଟ । ମଣିଷ ଜୀବ ସହ ପ୍ରକୃତିର ଚିରାଚରିତ ଅବସ୍ଥାକୁ ସମନ୍ୱୟ କରି ଗଢିତୋଳିବାର ତାଙ୍କ

ବାକ୍‌ର ଚିତ୍ର ଏହିପରି:- ''ମେଘମାନେ କି ହରେକ ରଙ୍ଗର ଡେରା ପକାଇଥିବା ଶାନ୍ତଶିଷ୍ଟ ଯାଯାବର ଦଳ ଐ ବରହଂସ ଗେଣ୍ଡାଳିଆ ଚିଲ କି ଉଦଉଦଳିଆ ଉଡ଼ିଯାଉଯାଉ ଖୁସିବାସିକା ଛୁଇଁ ପକାନ୍ତି/ ମେଘର ପର- କ୍ୱଚିତ ପିଲାଙ୍କ ଗୁଡ଼ି ବି ... (ମେଘ/ .......

ଆଫ୍ରିକା : ୨ – 'ଆକାଶ ଯେ ବିଧବାର ହାତ ପରି /ଶ୍ରୀ ହୀନ ଓ ଫାଙ୍କା /ପକ୍ଷୀତ ତା'ର ରଙ୍ଗ.....................ରେଖା (ସାବରମତି)

'ଆକାଶର ଧୂସର ଶ୍ମଶାନରେ/ ସୂର୍ଯ୍ୟ ଏକ କାପାଳିକ/ଖରାର ଶାଣ କଟୁରୀରେ/ବଳିଦିଏ କୁଆଁରୀ ମେଘକୁ'

(ମରୁଡ଼ିର ଏକ ଆଭାସ ଚିତ୍ର / ସାବରମତି)

କବିଙ୍କ କବିତାରେ ଚିତ୍ରକଳ୍ପର ବହୁଳ ପ୍ରୟୋଗ ରହିଛି । ଆଫ୍ରିକାର ବିସ୍ଫୋରଣ ପରେ ହା ହୁତାଶନ ପରିସ୍ଥିତି, ବିଲବଣ ପାହାଡର ଅବକ୍ଷୟ, ମରୁଡ଼ିର ଚିତ୍ର ।ଯେମିତି ଆଖି ସାମ୍ନାରେ ଘଟୁଥିବା ସଦ୍ୟ ଘଟଣା ପରିମନେ ହୁଅନ୍ତି।

**(୩) ଛନ୍ଦ ନିର୍ମାଣ :**

କବିତାର କଥନ ଭଙ୍ଗୀରେ ଚମତ୍କାରିତା ଆଣିବା ପାଇଁ ଲୋକଛନ୍ଦର ପ୍ରୟୋଗ କରାଯାଏ । ଆଧୁନିକ ବା ସମକାଳୀନ ଓଡ଼ିଆ କବିତାର ଛନ୍ଦ ବ୍ୟବହାର କ୍ଷେତ୍ରରେ ସାଧାରଣତଃ ୪ପ୍ରକାର ରୀତି ପରିଲକ୍ଷିତ ହୁଏ । ଯଥା (୧) ଅସମଅକ୍ଷର ବିଶିଷ୍ଟ ପ୍ରାନ୍ତ ମିଳନ ରୀତି, (୨) ପ୍ରାନ୍ତମିଳନରହିତ ଗଦ୍ୟଧର୍ମୀ ରୀତି, (୩) ପୂର୍ବୋକ୍ତ ଦ୍ୱିବିଧ ରୀତି ସମ୍ମିଶ୍ରଣରେ ରଚିତ ମିଶ୍ରରୀତି ଏବଂ (୪) ପୂର୍ବାନୁସୃତ ବା ପାରମ୍ପରିକ ଛନ୍ଦ ମାଧ୍ୟମରେ ଆଧୁନିକ ଭାବ ପ୍ରକାଶରୀତି । (ସ୍ୱାଧୀନତା ପରବର୍ତ୍ତୀ କବିତାରେ କେତେକାଂଶରେ ସାମାଜିକ ବିଡ଼ମ୍ବନା ଯୋଗୁ ମୁକ୍ତଛନ୍ଦର ପ୍ରୟୋଗ ଥିଲା । ଉତ୍ତରଅଶୀ ବେଳକୁ ସେଇ ମାଟି, ପାଣି କଥା କହିବାବେଳେ ପାରଂପରିକ ରୀତିରେ ଉପରୋକ୍ତ ଶୈଳୀ ଦେଖିବାକୁ ମିଳେ । ଯଥା:- ଯତିପାତ ମିଳନ ପାରଂପରିକ ରୀତି 'ଏତେବଡ଼ ପୃଥିବୀରେ ମୁଣ୍ଡଗୁଞ୍ଜିବାକୁ/ ଘରମିଳେନା ...... ନିରାପଦ ନିଦ ମିଳେନା / ଜରାୟୁରେ ବଢୁଥିବା ସୁବର୍ଣ୍ଣ ଭବିଷ୍ୟତକୁ ଠା' ମିଳେନା ।'' (ସାବରମତି, ଭୋପାଳ: ୧)

**ଗଦ୍ୟ ଛନ୍ଦ**

ତୁମେ କହୁଛ କି ଦାନ ଦକ୍ଷିଣାର/ଗଦ୍ୟପରି କଥିତ ଶଢ ବା ମୁଁ ମାହିର/ଅକୃପଣ / ଯେ ନୁହେଁ ଭାବିବା ଲାଗି / ମୋ ଶୈଶବର କାବ୍ୟିକ ଶବ୍ଦ ଯେଉଁଥିରେ ନିଥର ଶୂନ୍ୟତା ନିଗୃହୀତପଣର ଦୈନ୍ୟ ? (କର୍ଣ୍ଣକଥା- ମିଶ୍ରଧୁପଦ)

ମୁକ୍ତଛନ୍ଦ- ବାସ୍ତବତାର ତିକ୍ତ ଅନୁଭବ ମଧ୍ୟରୁ ଏହି ନୂତନରୀତିର ସୃଷ୍ଟି । ଏକ ଅସ୍ଥିର, ସଙ୍କୁଳ, ବିଶ୍ୱଯୁଦ୍ଧକାଳୀନ ପରିବେଶରୁ ଅସ୍ଥିର ମାନସିକତାରେ ପରଂପରାହୀନ ଛନ୍ଦର ନାମ 'ମୁକ୍ତଛନ୍ଦ' (Free verse/verse libber) । ଯାହା ଖାଲା ଖୋଲିଭାବେ ମଣିଷର ଚିନ୍ତନକୁ ପ୍ରକାଶ କରେ । ତେବେ ଅଶୀପର କବିତାରେ ମଧ ଏହି ରୀତିର ଛନ୍ଦ ଦେଖିବାକୁ ମିଳେ । ଏଥିରେ ପାରଂପରିକ ଛନ୍ଦ ପରି ଯତିପାତର ଏକ ନିର୍ଦ୍ଧିଷ୍ଟ କ୍ରମବିଧି ଅନୁସୃତ ହୁଏ ନାହିଁ । କବି ପାଣ୍ଡବ କବିତାରେ ଏହାର ବ୍ୟବହାର ଦେଖିବାକୁ ମିଳେ-

''ଦଳିମକ୍ଳି ହୋଇଗଲେ ବି ଘାସମାନେ/ମାଡିଚାଲନ୍ତି ଆଗକୁ ଆଗକୁ /ଯେଉଁଠି ଦିଶେ ଅରାଏ ମାଟି/ତାକୁଇ କହିବେ ବୋଲି ସତେଜ ସବୁଜ ।' (ପାଣି ଓ ଅନ୍ୟାନ୍ୟ କବିତା – ଘାସକଥା)

(୪) ମିଥର ପ୍ରୟୋଗ

ମିଥ୍‌ର ଅନ୍ୟନାମ 'ପୁରାକଳ୍ପ' । ସାଧାରଣତଃ ପୁରାଣ, ଲୋକକଥା, ଇତିହାସ, କିମ୍ବଦନ୍ତୀ କାହାଣୀକୁ ଆଧାରକରି ଆଧୁନିକ ଯୁଗଯନ୍ତ୍ରଣାକୁ ଯିଏ ରୂପାୟିତ କରେ ତାକୁ ହିଁ ଆମେ 'ମିଥ୍ (Myth) କହିଥାଉ । ଏଣୁ 'ମିଥ୍' ମାନବ ସଭ୍ୟତାର ଆଦି ଇତିହାସ ସହ ସଂପୃକ୍ତ । (୮) ରିଚାର୍ଡ ଚିଜ୍ 'ମିଥ୍' କୁ କଳା ଭାବେ ଅଭିହିତ କରିଛନ୍ତି । (୯) କବି ପାଣ୍ଡବଙ୍କ କବିତାରେ ମିଥ୍ ଚରିତ୍ର ବସ୍ତୁ, ସ୍ଥାନ ଆଦି ସାମ୍ପ୍ରତିକ ଯୁଗ ଯନ୍ତ୍ରଣାକୁ ବ୍ୟକ୍ତ କରନ୍ତି । କୁରୁକ୍ଷେତ୍ରର ରକ୍ତଛିଟା, କର୍ଣ୍ଣ, ଶ୍ରୀୟା, ଲକ୍ଷ୍ମୀ ଠାକୁରାଣି, ମଧୁର ସବୁ ଗୋଟିଏ ଗୋଟିଏ ମିଥ୍ ।

-ପୌରାଣିକ ମିଥ୍ - ଯାହା ପୁରାଣକୁ ଆଧାର କରି ରଚିତ ହୋଇଥାଏ । ଯଥା:-

''ମୋ ପୂର୍ବଜ ମୋ ସତୀର୍ଥ ମୋ ଉତ୍ତରପୁରୁଷ/ଶୁଣିରଖ କର୍ଣ୍ଣର ଶେଷ ଉଚ୍ଚାରଣ :/ ଯେ କପଟପଶାର ମୁଁ ବି ଏକ ଅସହାୟ ଗୋଟି ଢ ଢ ଢ ମୁଁ ସବୁକାଳର ରାହାଧରା କାନ୍ଦ ଓ କାରୁଣ୍ୟ / ମୁଁ କର୍ଣ୍ଣ ....।' (କର୍ଣ୍ଣକଥା / ମିଶ୍ରଧ୍ରୁପଦ/ ପୃ- ୧୮)

''ତୁମେ ବିଜେ କରିବକି ନାଇଁ, ଠାକୁରାଣୀ / ସହଜେ ମୁଁ ଅଛବ ନାରୀ/ ଅଜ୍ଞାନ ପାମରୀ / କେତେ ଲାଞ୍ଛନା ଟିଟିକାରକୁ କଳିଣି / ଦେହର ଧୂଳିମଳି/ ଘରବାହାର ସଫାସୁତୁର କରି ।'' (ଲକ୍ଷ୍ମୀ ପୁରାଣ/ମିଶ୍ରଧ୍ରୁପଦ/ପୃ- ୨ ୮)

ଲୋକକଥା ମିଥ୍ -ଯାହା ଲୋକକାହାଣୀ, ଲୋକଗୀତ ଆଧାରରେ ରଚିତ ହୋଇଥାଏ,ତାହାକୁ ହିଁ ଆମେ 'ଲୋକକଥା ମିଥ୍' କହିଥାଉ । ପୁରାଣକଳ୍ପ ପରି ଲୋକ ଉପାଦାନ / ଲୋକକଳ୍ପର ବ୍ୟବହାର ୬୦ ପୂର୍ବବର୍ତ୍ତୀ କବିତାରେ କ୍ୱଚିତ୍ ପରିଦୃଷ୍ଟ ହୁଏ । ପରଂପରା ମାନ୍ୟତା ନ୍ୟାୟରେ ହେଉ ବା ନିଜ ଆଭିମୁଖ୍ୟ ଓ ବକ୍ତବ୍ୟର ପ୍ରାସଙ୍ଗିକତା ପାଇଁ ହେଉ ୮୦ପର କବିତାରେ ଲୋକ ଉପାଦାନ ଭିତ୍ତିକ ମିଥ୍ ବହୁଳ ପ୍ରୟୋଗ ଦେଖିବାକୁ ମିଳେ । ଯଥା- ଲୋକକାହାଣୀ ଆଧାରିତ ମିଥ୍ ।

''କୁମ୍ଭୀର କ'ଣ ଜାଣି ନଥିଲା ଯେ କିମ୍ପିରିଣୀ ଆଉ/ ତା'ର ହୋଇ ରହିବ ନାହିଁ କଳିଜାର ନାଁ ନେଇ

ପ୍ରେମଭରା ହୃଦୟ ଧରି ମାଙ୍କଡ଼ଟି ପହଁଚି ଗଲେ/ ତା' ଏକଣା ଘରକରଣାରେ ?'' (ମାଙ୍କଡ଼କୁମ୍ଭୀର କଥା/ ମିଶ୍ରଧ୍ରୁପଦ, ପୃ- ୪୬)

ଆମ ଲୋକ ପରଂପରାର ଏକ ବଳିଷ୍ଠ ଗୀତ ହେଉଛି 'ଯୋଗୀଗୀତ' । ସମକାଳର କାବ୍ୟନାୟକ ପାର୍ଥିବତାର ମୁକ୍ତି ପାଇଁ ଚେତନାକୁ ଉତ୍ତୀର୍ଣ୍ଣ କରିବା ପାଇଁ ଯୋଗୀଚେତନା ପ୍ରତି ଆକୁଳତା ପୋଷଣ କରେ ।

''ଆମକୁ ଡାକିଡାକି ଯାଏ/ଡାକିଲାଗିଥାଏ/କେଳରାର କି ଏକତାରାର/ଯୋଉ ଉଦାସ ସ୍ୱରଲହର-/ଆମେ ଶବଣ ଡେରୁ- ସେ ନୁହେଁ କି ଯୋଗୀର ?'' (ମି.ଧୁ: ଯୋଗୀକଥା, ପୃ- ୫୫)

ଇତିହାସ ଆଧାରିତ ମିଥ୍ - ''ଏବେ ବି ତୋ' ଚଉହଦିରେ / କେଉଁ ପଥରରୁ ସଦ୍ୟରକ୍ତ ଝରେ ?/ କେଉଁ ଅପ୍ସରୀଙ୍କ ରକ୍ତ ଝରେ / ନିସ୍ତବ୍ଧ ରାତ୍ରିରେ ? (ଧଉଳି / ସାବରମତି)

(୫) ଶବ୍ଦ ସଂଯୋଜନା / ସରଳଭାଷାର ପ୍ରୟୋଗ :

ଶବ୍ଦବସାଣ ଓ ଶବ୍ଦ ସଂଯୋଜନା ପ୍ରକ୍ରିୟାଟି କବିତାର ଶୈଳ୍ପିକ ସୌନ୍ଦର୍ଯ୍ୟ ସୃଷ୍ଟିରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏହି ପରିପ୍ରେକ୍ଷୀରେ ୮୦ପରବର୍ତ୍ତୀ ଓ କବିତାର ଭାଷାଶୈଳୀ ପ୍ରସଙ୍ଗକୁ ଆଧାରକରି ଦେଖିଲେ କବି ପାଣ୍ଡବଙ୍କ କବିତାର ଲୌକିକ ବାକରୀତି ପାଠକକୁ ପ୍ରିୟ କରିବାରେ ସକ୍ଷମ । ମାନକଓଡ଼ିଆ ଭାଷାର ବ୍ୟବହାର ସାଙ୍ଗକୁ ତତ୍ସମ, ଦେଶଜ, (ଗ୍ରାମ୍ୟ, କଥିତ). ବୈଦେଶିକ ଶବ୍ଦର ବ୍ୟବହାର, ଏହାର ଧ୍ୱନ୍ୟାତ୍ମକ ଶବ୍ଦ ବିଭବ ଦୃଷ୍ଟିରୁ କବିତାର ଭାଷାରେ ପାରମ୍ପରିକ, ଅପାରମ୍ପରିକ ଓ କାବ୍ୟିକ ସଂଯୋଜନା ପରିଲକ୍ଷିତ ।

ଯଥା :-''ରୁଟି ପୋଡ଼ା ଶୁଖିଲା ପରି ଲୋଚାକୋଚା ଏ କୋଳ/ ରୁଟି ପୋଡ଼ା ଶୁଖିଲା ପରି ବିପର୍ଯ୍ୟସ୍ତ ଓ ସେମ୍ଭା ଏ ଛାତି/ ରୁଟି ପୋଡ଼ା ଶୁଖିଲା ପରି ଶେଥା ଓ ମଲା/ ମୋତେ ରେ କଟୁଥିବା ମେଶ ପିଲାଙ୍କ ଆଖି

କ୍ଷୁଧାରେ ସର୍ବଗ୍ରାସୀ ଆଁରେ ଧାପେଧାପେ/ ନିଶେଷ ହେଉଥିବା ଛିଣ୍ଡା .... ଟୁକୁଡ଼ା ଏ ରୁଟି - /ଏ ମୋର ଭୂଗୋଳ । (କଳାହାଣ୍ଡି / ସାବରମତି)

ବିଶେଷତଃ ଧିକିଧିକି, କଇଁଥା, ନିଉଁଛଣ, ନିଘା, ଚଉହଦ, ଅନିଭୋଗ, 'ମିଞ୍ଜିମିଞ୍ଜି', 'ଘୋଡ଼ିଘୋଡ଼ି', 'ଜିଏଁ', 'ଧାପେ', 'ଦିଶେ', 'ରେକେଟା', 'ଖଙ୍କା', 'ଉଭା', 'ହଙ୍କାର', ନିଚିପର', 'ଆଲୁଅ' 'ସେକିବା ସାଉଟା', 'କୁଆଡ଼ିକ', 'ନିଅଣ୍ଟିଆ', ପିଚ୍ଚିଜ୍', 'ଭୋଦୁଅ', ଝପଟ', 'ଝୁଣିବା', 'ବେଜାଏ', 'ପେଜୁଆ', ନିରିମାଖି', 'ଶେଥା', 'ଚିରା', 'ମଲା', ରେକଟୁ', ଇତ୍ୟାଦି ଦେଶଜ ଓ ତଦ୍ଭବ ଶବ୍ଦ ବସାଣ କବିତାର ଶୈଳୀକୁ ଚାତୁର୍ଯ୍ୟପୂର୍ଣ୍ଣକରି ଗଢିତୋଳିଛି । ଏହାଛଡ଼ା କବିତା ଭିତରେ ପ୍ରଶ୍ନ ଗଢିବା ଓ ସେହି ପ୍ରଶ୍ନ ଭିତରେ କବିତାରୁ ଗୋଟିଏ ଗୋଟିଏ ଖିଅ କାଢିବାର କୌଶଳ ତାଙ୍କ କବିତାର ସ୍ୱାତନ୍ତ୍ର୍ୟ । କମା, ପୂର୍ଣ୍ଣଚ୍ଛେଦ, ପ୍ରଶ୍ନବାଚୀ, ବିସ୍ମୟଚିହ୍ନ, ବ୍ୟବହାର କବିତାର ବିଷୟ ଉପସ୍ଥାପନ ଶୈଳୀ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରେ । ଯଥା :-

''ଏଇ ନିଆଁ । ଦିନେ ଆସିଥିଲା ସେ ଅରଣ୍ୟକୁ/ ହାତପାଦ ସେକିଥିଲା କେଉଁ ଗୁଂଫାର ମଣିଷ

ଏ ନିଆଁ କ'ଣ ସେଇ ଏକା ନିଆଁ / ତା' ହେଲେ ସେ ଜଳି ଉଠିଲେ/ ବିକଟାଳ ଅନ୍ଧାରରେ କିଆଁ ଛାଇଯାଏ/ଦିଗ୍ୱିଦିଗ୍ / ପୋଡ଼ି ପାଉଁଶ ହୁଏ ବାମିୟାନର ବୁଦ୍ଧ ./ ପେଣ୍ଟାବନହ କେଉଁ ଇସ୍ପାତ ପ୍ରାସାଦ !''

(ନିଆଁ / ପାଣି ଓ ଅନ୍ୟାନ୍ୟ କବିତା, ପୃ- ୧୭/୧୮)

ସହଜ, ସରଳ, ଶ୍ରୁତି ମଧୁର ଭାଷାଶୈଳୀ କବିତାର ସ୍ୱାତନ୍ତ୍ର୍ୟ ଉପସ୍ଥାପନ କରେ । ନଚେତ୍ କବିତା ଦୁର୍ବୋଧ ହୁଏ । ଏହି ପରିପ୍ରେକ୍ଷୀରେ କବି କହନ୍ତି- 'ଭାବକୁ ବହନ କରିବା ନେଇ ଭାଷାର ଅସାମର୍ଥ୍ୟ, ଜଟିଳ ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ, ଅତ୍ୟଧିକ ସୂଚନା କବିତାକୁ ଦୁର୍ବୋଧ କରିଥାଏ । ପାଠକର ମନନ, ଅବଗାହନ, ସର୍ବୋପରି ପାଠକପଣ ନେଇ କବିତା ସୁବୋଧ ବା ଦୁର୍ବୋଧ ହୁଏ। ଏ କ୍ଷେତ୍ରରେ କବି ଶତ୍ରୁଘ୍ନ ପାଣ୍ଡବଙ୍କ କବିତା ସ୍ୱତନ୍ତ୍ରତା ବଜାୟ ରଖିଛି।

### ସହାୟକ ଗ୍ରନ୍ଥସୂଚୀ


୧. ପାଣ୍ଡବ ଶତ୍ରୁଘ୍ନ - ସାବରମତି । ପ୍ରଥମ ସଂସ୍କରଣ -୨୦୦୦ / ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨ ।

୨. ପାଣ୍ଡବ ଶତ୍ରୁଘ୍ନ - ପାଣି ଓ ଅନ୍ୟାନ କବିତା । ୧ମ ସଂସ୍କରଣ- ୨୦୧୧/ଅଗ୍ରଦୂତ, ବାଙ୍କାବଜାର, କଟକ- ୭୫୩୦୦୨

୩. ପାଣ୍ଡବ ଶତ୍ରୁଘ୍ନ - ମିଶ୍ରଧୁପଦ । ୧ମ ସଂସ୍କରଣ – ୨୦୧୭/ ଅଗ୍ରଦୂତ, ବାଙ୍କାବଜାର, କଟକ- ୭୫୩୦୦୮ ।

୪. ସ୍ୱାଇଁ ଦିଲୀପ କୁମାର – ପଚାଶ ବର୍ଷ : ଓଡ଼ିଆ କାବ୍ୟକବିତା, ପୃ- ୮୨ ।

୫. ମିଶ୍ର ଚିତ୍ତରଞ୍ଜନ – ସାମ୍ପ୍ରତିକ ପାଶ୍ଚାତ୍ୟ ତତ୍ତ୍ୱ । (୨ୟ ସଂସ୍କରଣ- ୨୦୧୩) / ଗ୍ରନ୍ଥମନ୍ଦିର : କଟକ- ୨ ।

୬. ପଟ୍ଟନାୟକ ବିଭୂତି – ସାହିତ୍ୟର ସୂଚୀପତ୍ର । (୨ୟ ସଂସ୍କରଣ / ୨୦୧୭), ସୁଧା ପ୍ରକାଶନ / ବାଖରାବାଦ, କଟକ- ୭୫୩୦୦୨) । ପୃ- ୧୭୦ ।

୭ ମହାନ୍ତି ଜାନକୀବଲ୍ଲଭ – କବିତାର ମାନଚିତ୍ର । (୫ମ ସଂସ୍କରଣ – ୨୦୧୭), ଫ୍ରେଣ୍ଡସ୍ ପବ୍ଲିସର, ବିନୋଦବିହାରୀ, କଟକ- ୭୫୩୦୦୨ ।

୮. ମହାନ୍ତି ପୂର୍ଣ୍ଣଚନ୍ଦ୍ର – ସାହିତ୍ୟର ସମ୍ବିଧାନ । (୩ୟ ସଂସ୍କରଣ) ୨୦୧୬ / ୱାର୍ଡ ୱାଲର୍ଡ । ଏ- ୪୨, ସେକ୍ଟର- ୭, ମର୍କତ ନଗର, କଟକ -୪ ।


❖❖❖

# ଆଉ ଶୁଭୁନି ଚଣ୍ଡୀ ପାଠ



ISSN-2583-6978
Volume-4
Issue-10
OCTOBER-2024

**ଡ. ପୀୟୂଷ ରାଉତ**

**ଭୁବନେଶ୍ୱର**

ଚାନ୍ଦି ମେଢ଼, ସୁନା ମୁକୁଟ, ବିଶାଳ ତୋରଣ, ଅହରାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ, ଦୁଲ ଦାଲ ଭଷାଣି ଉତ୍ସବ , ଇତ୍ୟାଦି ଇତ୍ୟାଦି। ହେଲେ କେବେ ଜାଣିବାକୁ ଚେଷ୍ଟା କରିଛନ୍ତି ଏହା ପଛର ଅର୍ଥ ଆଦାୟର ଭୟାନକ କାହାଣୀ ? ଦୁର୍ଗାପୂଜା ଆଉ ସେକାଳର ଆରମ୍ଭ ହୋଇଥିବା ବିନୋଦବିହାରି ଅବା ଆଜିର ପରିଚିତ ବାଲୁବଜାର ବଙ୍ଗୀୟ ପୂଜାହେଉ କି ଚୌଧୁରୀ ବଜ଼ାର ଚାନ୍ଦି ମେଢ଼ର ଉଦ୍ଦେଶ୍ୟ ଏବଂ ମହତ୍ତ୍ୱ ଆଜିର ଦୁର୍ଗା ପୂଜାରେ ଦେଖିବାକୁ ମିଳୁନି ବୋଲି କିଛି ବୁଦ୍ଧିଜୀବୀଙ୍କଠାରୁ ଶୁଣିବାକୁ ମିଳୁଛି ।

ଆଜିର ଦୁର୍ଗା ପୂଜା ଯୁବ ପିଢୀଙ୍କ ପାଇଁ ଏକ ସୌଖିନ ଉତ୍ସବ ଅବା ନିଜର ଦବଦବା ଅବା ପତିଆରା ଦେଖେଇବା। ନିକଟରେ କିଛି ପୂଜା କମିଟିର ବୟସ୍କ ବ୍ୟକ୍ତିଙ୍କ ସହିତ ମିଶିବାର ସୁଯୋଗ ମିଳିଥିଲା। ଆଉ କିଛି କହିଥିଲେ ଯେତେବେଳେ ଆମେ ଗଣମାଧ୍ୟମରେ ଦେଖୁ ଏବଂ ଶୁଣୁ, ଅବା ଖବରକାଗଜରେ ପଢୁ ଆମ ଅଞ୍ଚଳରେ ଏଥର ବିରାଟକାୟ ତୋରଣ ହେବ, ଅବା ଚାନ୍ଦି ମେଢ଼ ହେବ, ଅବା ଏଥର ସୁନା ମୁକୁଟ ହେବ, ସେତେବେଳେ ଆମ ମଧ୍ୟରେ ଭୟ ଆସେ। ଭୟ ଆସିବାର କାରଣ ମୋ ଭଳି ବ୍ୟବସାୟୀଙ୍କ ଉପରେ ଏହାର ଖର୍ଚ୍ଚ ନ୍ୟସ୍ତ ହୁଏ। ଚାରି ଦଶନ୍ଧି ତଳେ ଟଙ୍କା ଦୁଇ ଶହ ଚାନ୍ଦା ଦେଇ ଯୋଉ ଗର୍ବ ଅନଭୁତି କରୁଥିଲୁ, ଆଜି ଟଙ୍କା ଦୁଇଲକ୍ଷ ଦେଲାପରେ ମଧ୍ୟ ଆହୁରି ଦେବା ପାଇଁ ପଡୁଛି।

ପ୍ରଶ୍ନ ଉଠେ ଯେ ଆମ ଅଞ୍ଚଳରେ ଯେତେବେଳେ ପୂଜା କରିବା ନିଷ୍ପତ୍ତି ହୋଇଥିଲା, ସେତେବେଳେ ଆମେ ଏହାର କମିଟିରେ ଆଗ ଧାଡିରେ ଥିଲୁ। ପୂଜା କରିବାର ଉଦ୍ଦେଶ୍ୟ ଥିଲା ଅଞ୍ଚଳରେ ଭାଇଚାରା ଏବଂ ନିଜ ସଂସ୍କୃତିକୁ ବଜାୟ ରଖିବା। ହେଲେ ଏବେ କୋଉ ସଂସ୍କୃତିକୁ ବଜାୟ ରଖିଛି ଆଜିର ଦୁର୍ଗା ପୂଜା ବୋଲି କେହି କେହି ପ୍ରଶ୍ନ କରିବା ସ୍ୱାଭାବିକ। ସେଦିନର ଦାସକାଠିଆ ପାଲା, ଘଣ୍ଟ ମୃଦଙ୍ଗ ଶବ୍ଦ, ଚଣ୍ଡୀ ପାଠ ଆଉ ନା ଶୁଭୁଛି ନା ଦିଶୁଛି ବରଂ ଆଜିର ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ଯେମିତି ପ୍ରାୟୋଜିତ କାର୍ଯ୍ୟକ୍ରମ ହୋଇଗଲାଣି। ଆଉ ଏଥିରେ ଦୁର୍ଗା ମୂର୍ତ୍ତି ଏକ ବାହାନା ଯେପରିକି ପ୍ରାୟ ଦଶ ଦିନ ନିଜ ଅଞ୍ଚଳକୁ ବ୍ୟସ୍ତ ରଖିବା ! ମା ଆସୁଛନ୍ତିଠାରୁ ମା ମେଲାଣି ନେଉଛନ୍ତି ପର୍ଯ୍ୟନ୍ତ ।

ଏହାସବୁ ଶୁଣିବା ପରେ ମୋ ମନରେ ମଧ୍ୟ ବହୁ ପ୍ରଶ୍ନ ଆଶେ। ଆମ ଓଡ଼ିଆ ସଂସ୍କୃତି କହିଲେ ଜଗନ୍ନାଥ। ହେଲେ ଆମ ରଥଯାତ୍ରାରେ ଏମିତି କିଛି ଅସୁବିଧା ହେଉନି । ତେବେ କଣ ଚାନ୍ଦି ମେଢ଼, ସୁନା ମୁକୁଟ, ବିଶାଳ ତୋରଣ, ଅହରାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ, ଦୁଲ ଦାଲ ଭଷାଣି ଉତ୍ସବ ଇତ୍ୟାଦି ଇତ୍ୟାଦି ବିନା ପୂଜା ହୋଇ ପାରିବନି ? ସମ୍ଭବତଃ ବିଗତ ଦୁଇ ବର୍ଷ ମହାମାରିରେ ଦୁର୍ଗା ପୂଜାରୁ ବହୁତ କିଛି ଶିଖିବାର ଥିଲା ପରମ୍ପରାରେ କିଭଳି ପୂଜା ହୋଇ ପାରିଥିଲା। ମଣ୍ଡପରେ ଦର୍ଶନ ବାରଣ ଥିଲା ଏବଂ ମୂର୍ତ୍ତିର ଉଚ୍ଚତା କମ ଥିଲା ; ହେଲେ ଲୋକଙ୍କ ମଧ୍ୟରେ ଭକ୍ତି ଭାବନା ଥିଲା । ଲୋକେ ଶାରଦୀୟ ବିଶେଷାଙ୍କ ବହି ପଢୁଥିଲେ, ଯାହା ବିଗତ କିଛି ଦଶନ୍ଧିରେ ଦିଶୁନଥିଲା । ସାଧାରଣ ଲୋକେ ହୁଅନ୍ତୁ ଅବା ବ୍ୟବସାୟିକ ହୁଅନ୍ତୁ ସମସ୍ତେ ଅଧିକା ସମୟ ଘରେ ନିଜ ପରିବାର ସହିତ ବିତାଉଥିଲେ। ବହୁ ଲୋକେ ମତେ କହିଛନ୍ତି ମାଁଙ୍କୁ ସିନା ଚର୍ମ ଚକ୍ଷୁରେ ଦେଖି ପାରିଲୁନି ହେଲେ ପାର୍ବଣର ମହତ୍ତ୍ୱ ଏତେ ବର୍ଷ ପରେ ପୁନର୍ବାର ଅନୁଭୂତି ହୋଇଛି,ଏବଂ ଭବିଷ୍ୟତ ପୀଢ଼ି ମଧ୍ୟ ପରିବାର ସହିତ ଉପଭୋଗ କରିଛନ୍ତି।

ଅନ୍ୟପଟରେ ଯଦି ଓଡ଼ିଶାରେ ଦୁର୍ଗା ପୂଜାକୁ ନିକଟ ଅତୀତକୁ ଆଧାର କରି ବିଶ୍ଳେଷଣ କରାଯାଏ, ତେବେ ଏହା ମନ୍ଦିର ଅବା ପୀଠରେ ମୂଳାଅଷ୍ଟମୀଠାରୁ ଆରମ୍ଭ ହୋଇ ବିଜୟାଦଶମୀ ପର୍ଯ୍ୟନ୍ତ ଷୋଳ ଦିନ ଧରି କଳସ ପୂଜାକୁ ଷୋଳ ପୂଜା ବୋଲି କୁହାଯାଏ ଏବଂ ଏହା ମଧ୍ୟ ଶ୍ରୀକ୍ଷେତ୍ରରେ ଦୂର୍ଗାମାଧବ ପୂଜା ହେବାର ବିଧି ପ୍ରଚଳିତ ଅଛି। ଆଉ ଦୂର୍ଗା ପୂଜା କହିଲେ ଏକ ଅବା ଅଧିକରୁ

ଅଧିକ ଦୁଇ ଫୁଟ ମଧ୍ୟରେ ସୀମିତ । ଆଉ ଆଜି ମଧ୍ୟ ମଣ୍ଡପ ମଧ୍ୟରେ ପୂଜା ହେଉଛନ୍ତି ଏକ ଫୁଟ ମଧ୍ୟରେ ସୀମିତ ଘଟ ପୂଜା ଏବଂ ଘଟ ବିସର୍ଜନ ସହିତ ଦୂର୍ଗା ପୂଜା ସମ୍ପୂର୍ଣ୍ଣ ହୁଏ । ହେଲେ କିଛି ବର୍ଷ ପୂର୍ବେ ବଙ୍ଗୀୟ ସଂସ୍କୃତି ଆପଣାଇ ନେଇ ଓଡ଼ିଶାର ସାହି ବସ୍ତିରେ ପୂଜା ମଣ୍ଡପ ସୃଷ୍ଟି ହୋଇ ସାର୍ବଜନୀନ ଦୂର୍ଗା ମହୋତ୍ସବ ପାଳନ ହୋଇଆସୁଛି । ଯାହା ଆଗରୁ ଅଷ୍ଟମୀ, ନବମୀ ଏବଂ ଦଶମୀରେ ରାବଣ ପୋଡି ପର୍ଯ୍ୟନ୍ତ ସୀମିତ ଥିଲା । ତାହା ବର୍ତ୍ତମାନ ତିନି ଦିନରୁ ବଢି ପୁରା ସାତ ଦିନରେ ପହଞ୍ଚି ସାରିଛି । ଏହା ସହିତ ସହର ରଙ୍ଗ ମଧ୍ୟ ବଦଳି ସାରିଛି ପାର୍ବଣରେ ।

ତେବେ ପ୍ରଶ୍ନ ଆସିବା ସ୍ୱାଭାବିକ, ଯଦି ଆମର ପରମ୍ପରା ଏକ ଫୁଟରେ ସୀମିତ ତାହେଲେ ଦଶ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚତା ମୂର୍ତ୍ତି ନିର୍ମାଣ, ଚାନ୍ଦି ମେଢ଼, ସୁନା ମୁକୁଟ ହେବାର କାରଣ କଣ ହୋଇପାରେ ? ସତରେ କଣ ଆମେ ଯେଉଁ ଦଶ ଫୁଟ ମୂର୍ତ୍ତି ଦେଖି ଭାବ ବିହ୍ୱଳିତ ହୋଇ ପଡୁ ସିଏ କଣ ସତରେ ପୂଜା ପାଆନ୍ତି ? ଉତ୍ତର ଅବଶ୍ୟ ଚକିତ କରିପାରେ । ହେଲେ ଏହା ଶିଳ୍ପୀର ମନରେ ଥିବା ଦୁର୍ଗାଙ୍କ ଏକ କାଳ୍ପନିକ ଦୃଶ୍ୟ । ହୋଇପାରେ ଯାହା ମଣ୍ଡପରେ ଶୋଭା ପାଆନ୍ତି ଏବଂ ଭଷାଣିରେ ମୁଖ୍ୟ ଆକର୍ଷଣ ସାଜନ୍ତି । ହେଲେ ଏତେ ଆଡ଼ମ୍ବର ପାର୍ବଣରେ ଏହି ମୁଖ୍ୟ ଆକର୍ଷଣ ସାଜିଥିବା ମୂର୍ତ୍ତି ଯେତେବେଳେ ଅସ୍ଥାୟୀ ପୁଷ୍କରିଣୀରେ ଠେଲି ଦିଆ ଯାଏ, ସେତେବେଳେ ବହୁବାର ପ୍ରଶ୍ନ ଆସିଛି ସତରେ କଣ ମା ଦୁର୍ଗା ସ୍ୱପ୍ନରେ କହିଥିଲେକି ମୋତେ ମଣ୍ଡପରେ ପୂଜା କର, ନିଜର ଆମୋଦ ପ୍ରମୋଦ ରାଜ ରାସ୍ତାରେ କର ଏବଂ ଏମିତି ବିସର୍ଜନ କର ଯେପରି ଘରୁ ଅଳିଆ ବାହାରକୁ ଫିଙ୍ଗିଲା ପରି ।

ସମ୍ଭବତଃ ଆମ ପାର୍ବଣ ଋତୁରେ ଆମୂଳ ଚୂଳ ପରିବର୍ତ୍ତନର ଆବଶ୍ୟକତା ଅଛି । ନହେଲେ ଆଗାମୀ ଦିନରେ ଚଳ ଚଞ୍ଚଳ ସହର କେବଳ ଚାନ୍ଦି ମେଢ଼, ସୁନା ମୁକୁଟରେ, ତୋରଣରେ ସୀମିତ ରହିଯିବ । ସବୁଠୁ ଆଶ୍ଚର୍ଯ୍ୟ ଗୋଟେ ସହରକୁ ଏମିତି ଅଯଥା ବ୍ୟସ୍ତ ବହୁଳ କରିବା କଣ ଠିକ ? ଅନ୍ୟପଟରେ ପାର୍ବଣର ଅନ୍ତିମ ଅଧ୍ୟାୟ ବିସର୍ଜନରେ ଯାହାଙ୍କୁ ମା କହି ପୂଜା କରନ୍ତି, ତାଙ୍କୁ ଏତେ ପ୍ରଦୂଷିତ ଭାବେ ତିଆରି କରନ୍ତି ଯେ ନଦୀରେ ବିସର୍ଜନ ନକରିବା ପାଇଁ କଟକଣା ଲାଗେ । ତେଣୁ ଆଗାମୀ ଦିନରେ ପାର୍ବଣ ପାଇଁ ସମସ୍ତେ ପ୍ରଥମେ ନିଜ ଅଞ୍ଚଳରେ ପୁଷ୍କରିଣୀ ଖୋଳନ୍ତୁ । ମୂର୍ତ୍ତିକୁ ପ୍ରଦୂଷଣ ମୁକ୍ତ କରାଯାଉ । ସାଂସ୍କୃତିକ କର୍ଯ୍ୟକ୍ରମରେ ଚଣ୍ଡି ପାଠ ହେଉ । ନାଚ ଗୀତ ବନ୍ଦ ହେଉ । ପାର୍ବଣକୁ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ କରାଯାଉ । ରାସ୍ତା ଘାଟକୁ ମୁକୁଳା ରଖା ଯାଉ । ଯାତାୟାତରେ ଯେପରି କଟକଣା ନଲାଗୁ ଏବଂ ସହରକୁ ସହର ଭଳି ରହିବାକୁ ଦିଆଯାଉ ।

❖❖❖

# ଓଡ଼ିଆ ଅସ୍ମିତାରେ ଚର୍ଯ୍ୟାପଦ



ISSN-2583-6978
Volume-4
Issue-10
OCTOBER-2024

**ଡ. ତରୁଣ ଗାଙ୍ଗୁଲି**

**ଓଡ଼ିଆ ବିଭାଗ**
**ରିମୁଳି ମହାବିଦ୍ୟାଳୟ, ରିମୁଳି, କେନ୍ଦୁଝର**

ଧର୍ମ ଓ ଆଧ୍ୟାତ୍ମିକତାକୁ କେନ୍ଦ୍ର କରି ଭିନ୍ନ ଭାଷାର । ସାହିତ୍ୟର ଉନ୍ମେଷ ଓ ବିକାଶ ଘଟିଛି । ପ୍ରାକ୍ ସାରଳା ଯୁଗରେ ଯେଉଁ ଲିଖିତ ସାହିତ୍ୟ ଆମେ ପାଇଥାଉ ତାହା ମଧ୍ୟ ଆଧ୍ୟାତ୍ମଚେତନା ଓ ଧର୍ମକୁ ନେଇ ସୃଷ୍ଟି ହୋଇଥିବା ବୌଦ୍ଧ ସାହିତ୍ୟ ବା ଚର୍ଯ୍ୟା ସାହିତ୍ୟ । ଏହି ସାହିତ୍ୟ ସପ୍ତମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଗଢି ଉଠିଥିବାର ବିଭିନ୍ନ ଗବେଷକ ମାନେ ମତ ଦେଇଥାନ୍ତି । ଚର୍ଯ୍ୟାଶବ୍ଦର ଅର୍ଥ ଆଚାର ବା ଆଚରଣ ଅନ୍ୟ ଅର୍ଥରେ ଯୋଗ ସାଧନା ପଦ୍ଧତି ସମ୍ପର୍କିତ ଆଚରଣ । କେହି କେହି ଏହାକୁ ମାଇଷ୍ଟିକ ମ୍ୟାଜ୍ଜ / ମାଇଷ୍ଟିକ ପ୍ରାକ୍ଟିସ କହୁଥିବାବେଳେ ଅନ୍ୟକେତେକ ଗବେଷକ ଏହାକୁ ଚର୍ଯ୍ୟାପଦ କହିଥାନ୍ତି । ବୌଦ୍ଧ ଧର୍ମ ଆଧାରରେ ଗଢି ଉଠିଥିବା ଚର୍ଯ୍ୟା ସାହିତ୍ୟରେ କାଳକ୍ରମେ ଦୁଇଟି ମତ ଦେଖାଦେଲା ବଜ୍ରଯାନ ଓ ମହାଯାନ । ବଜ୍ରଯାନ ଦାନ, ଶୀଳ, ବୀର୍ଯ୍ୟ, ଧ୍ୟାନ ଓ ପ୍ରଜ୍ଞାକୁ ନେଇ ବିକଶିତ ହେଲା ମାତ୍ର ମହାଯାନ ଧର୍ମକାୟା, ସମେଭାଗ କାୟା ଓ ନିର୍ମାଣ କାୟାର ସିଦ୍ଧାନ୍ତକୁ ନେଇ ବିକଶିତ ହେଲା । ଫଳରେ ମହାଯାନ ପରବର୍ତ୍ତୀ କାଳରେ ୨ ଭାଗରେ ବିଭକ୍ତ ହୋଇ କାଳଚକ୍ର ଯାନ ଓ ସହ ଯାନ ରୂପେ ପରିବର୍ତ୍ତନ ହେଲା । ଏ ସଂପର୍କରେ ଡକ୍ଟର ଖଗେଶ୍ୱର ମହାପାତ୍ର ତାଙ୍କର ଗବେଷଣାଧର୍ମୀ ପୁସ୍ତକ ଚର୍ଯ୍ୟାଗୀତିକାରେ ଉଲ୍ଲେଖ କରିଛନ୍ତି, ମହାଯାନ ସି୍ଧାନ୍ତ ସମ୍ମତି ବୁଦ୍ଧ କାୟାର ତିନୋଟି ସତ୍ତା ଧର୍ମକାୟା, ସମ୍ଭୋଗକାୟା ଓ ନିର୍ମାଣ କାୟା ସହିତ ବକ୍ରକାୟା ସଂଯୁକ୍ତ ହେଲା ଏବଂ ଶୂନ୍ୟତା ଓ ବିଜ୍ଞାନ ସଂଗେ ମହାସୁଖ ସିଦ୍ଧାନ୍ତ ବିକଶିତ ହେଲା । ଶୂନ୍ୟର ରୂପାନ୍ତର ହେଲା ବ୍ରତ ଓ ବୋଧିସତ୍ତ୍ୱ ହେଲେ ବକ୍ର ସତ୍ତ୍ୱ ; ଶୂନ୍ୟତା ଓ କରୁଣା ହେଲା ପ୍ରଜ୍ଞା ଓ ଉପାୟ । ଏଇଠୁ ବକ୍ରଯାନର ଭିତ୍ତି ପତନ ହେଲା । ମନ୍ତ୍ର ମହାମଣ୍ଡଳ ବ୍ୟତୀତ କେତେକ ଦେବାଦେବୀ ପୂଜା, ଧ୍ୟାନ ଧାରଣା ଓ ଗୃହ୍ୟ ଯୋଗ ସାଧନାର ପ୍ରବର୍ତ୍ତନ ହେଲା । ଏଥିରୁ ପୁଣି ପରବର୍ତ୍ତୀ କାଳରେ ବିକଶିତ ହେଲା କାଳଚକ୍ର ଯାଏ ଓ ସହଜଯାନ । କାଳଚକ୍ରୀ ଯାନୀ ମାନେ ଶ୍ୱାସ ପ୍ରଶ୍ୱାସର ପ୍ରବାହକୁ କାଳ ପ୍ରବାହର ବାହାନ ରୂପେ ଗ୍ରହଣ କଲେ ଏବଂ ଶ୍ୱାସ ପ୍ରଶ୍ୱାସକୁ ନାନା ଭାବରେ ବିରୁଦ୍ଧ କରି କାଳଚକ୍ରକୁ ଅତିକ୍ରମ କରିବା ପାଇଁ ସାଧନା କଲେ । ସହଜଯାନୀ ମାନେ ସିଦ୍ଧାନ୍ତ କଲେ ଯେ ପ୍ରତ୍ୟେକ ବ୍ୟକ୍ତି ଓ ବସ୍ତୁ ମଧ୍ୟରେ ସମସ୍ତ ପରିବର୍ତ୍ତନ ମଧ୍ୟରେ ଏକ ଅପରିବର୍ତ୍ତନୀୟ ସହଜ ରୂପ ବିଦ୍ୟମାନ । ଏହି ସହଜ ସ୍ୱରୂପକୁ ଉପଲବ୍ଧି କରି ସହଜାନନ୍ଦ ବା ମହାସୁଖ ଲାଭ କରିବା ହେଲା ସେମାନଙ୍କ ଲକ୍ଷ୍ୟ । ଏହି ମହାସୁଖ ନିର୍ବାଣ ଠାରୁ ଉତ୍କୃଷ୍ଟ, ନିର୍ବାଣ ନିଞ୍ଚର୍ଥକ ବା ନୈତିବାଦକ କିନ୍ତୁ ମହାସୁଖ ଅସ୍ୱର୍ଥକ ବାଇତିବାଚକ । ମହାସୁଖ ଲାଭ ପାଇଁ ଦେବାଦେବୀ ପୂଜା ବଙ୍କାବାଟ ପ୍ରଚୁର ପାଣ୍ଡିତ୍ୟ ଅନାବଶ୍ୟକ । ମନୁଷ୍ୟତାର ସହଜ ସ୍ୱାଭାବିକ ବୃତ୍ତି ସମୂହ କଷ୍ଟପୂର୍ବକ ଅବଦମିତ ବା ଧ୍ୱସ ନକରି ସେସବୁର ରୂପାନ୍ତର ଓ ସତ୍‌ଗତି ଦ୍ୱାରା ସତ୍ୟ ଉପଲବ୍‌ଧ କରିପାରେ । ଏମାନଙ୍କ ସାଧ ଯେପରି ସହଜ, ସାଧନ ସେପରି ସହଜ । ତେଣୁ ଏମାନଙ୍କ ପଦ୍ଧତିକୁ ସହଜଯାନ ବୋଲି ପରବର୍ତ୍ତୀ କାଳରେ ନାମିତ କରାଯାଇଛି ।

ଚର୍ଯ୍ୟାପଦ ବା ଚର୍ଯ୍ୟାଗୀତିକା ଗୁଡ଼ିକୁ ସର୍ବପ୍ରଥମେ ମହାମହପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ପିଡ୍ଲ୍ୟୁଓଡ୍ଲ୍ୟୁ (୧୯୦୯) ମସିହାରେ ପୁସ୍ତକ ଆକାରରେ ବଙ୍ଗୀୟସାହିତ୍ୟ ସଂସଦ ଦ୍ୱାରା ପ୍ରକାଶିତ କରାଇଲେ । ଏହା ବ୍ୟତୀତ ଡକ୍ଟର ପ୍ରବୋଧ ଚନ୍ଦ୍ର ବାଗଚୀ ନେପାଳ ରହଣୀ କାଳରେ ୨ ଖଣ୍ଡ ପୁସ୍ତକ ଆବିଷ୍କାର କରିଥିଲେ । ଖଣ୍ଡିଏ ପଣ୍ଡିତ, ରାଜଗୁରୁ ହେମରାଜ ଶର୍ମାଙ୍କ ପୁସ୍ତକବାଦୀରୁ ତିଲୋପାଦଙ୍କ ଦୋହାବୋଷ ଓ ଅନ୍ୟଟି ନେପାଳ ଦରବାରରୁ ସରହପାଙ୍କ ଦୋହାକୋଷ ଯାହା ୧୯୩୩ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ଜର୍ଣ୍ଣାଲ ଅଫ୍ ଲିଟେରେଚର ପରେ ୧୯୩୮ ଖ୍ରୀଷ୍ଟାବ୍ଦରେ କଲିକତା

ସଂସ୍କୃତି ସିରିଜରେ ଦୋହାକୋଷ ନାମରେ ପ୍ରକାଶିତ।

ଚର୍ଯ୍ୟାଗୀତିକାକୁ ତା'ର ଗଠନ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଚର୍ଯ୍ୟାଗୀତିକାର ଦ୍ୱିତୀୟ ପାଦଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏହି ପଦକୁ ଧ୍ରୁବ ପଦ କୁହାଯାଏ ଯେଉଁଥିରେ ବି ସ୍ରଷ୍ଟା ନିଜର ଭଣିତା କରିଥା,। ୫୦ଟି ଗୀତିକାକୁ ୬ଟି ଗୀତିକାକୁ ଛାଡ଼ିଦେଲେ  ଅନ୍ୟ ୪୪ ଟି ଗୀତିକା ୧୦ ପାଦ ବିଶିଷ୍ଟ। ୮ଟି ଗୀତିକା (୧୦, ୨୮, ୫୦) ୧୪ ପାଦ ବିଶିଷ୍ଟ, ୨ଟି ଗୀତିକା (୨୧, ୨୨) ୧୨ ପାଦ ବିଶିଷ୍ଟ ଗୋଟିଏ (୪୩) ଗୀତିକାଟି ୮ ପାଦ ବିଶିଷ୍ଟ।

ଚର୍ଯ୍ୟା ଗୀତିକାର ରଚନାକାଳକୁ ବିଭିନ୍ନ ଗବେଷକମାନେ ବିଭିନ୍ନ ସମୟର ବୋଲି ମତ ଦେଉଛନ୍ତି। ହରପ୍ରସାଦ ଶାସ୍ତ୍ରୀ ବୌଦ୍ଧଗାନ ଓ ଦୋହା (୧୯୧୬)ର ୧୦୦୦ ବର୍ଷ ପୂର୍ବର ରଚନା, ସୁନୀତ କୁମାର ଚାଟାର୍ଜୀ କାହ୍ନୁପା ଓ ଗୁରୁପାକୁ ନେଇ ଚର୍ଯ୍ୟାର କାଳ ୯୫୦-୧୨୦୦ ମଧ୍ୟରେ  ରଚନା, ମହମ୍ମଦ ସହିଦୁଲାହ ପଦ୍ମ ସମ୍ଭବତ, ସମୟ ୭୧୨-୭୨୨ ଖ୍ରୀଷ୍ଟାବ୍ଦ ହୋଇଥିବାବେଳେ ଇନ୍ଦୁଭୂତିଙ୍କ, ସମୟ କାଳ ୭୦୦ ରୁ ଅଧିକ ହୋଇନ ଥିବା ସେ ପ୍ରମାଣ କରି ପ୍ରବୋଦ ଚନ୍ଦ୍ର ବାଗଚୀ ୧୩ଶହ ଶତାବ୍ଦୀ, ସକୁମାର ସେନ ଭାଷାଗତ ବୈଶିଟେ୍ୟକୁ ବିଚାରକୁ ନେଇ ୧୦ମ ୧୨୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚନା ବୋଲି ଗ୍ରହଣ କରିଛନ୍ତି। ନବୀନ କୁମାର ସାହୁ ଓଡ଼ିଆ ମ୍ୟୁଜିୟମରେ ଯେଉଁ ଅବଲୋକିତେଶ୍ୱର ମୂର୍ତ୍ତି ଅଛି ତା'ର ଯେଉଁ ଶିଳା ଲେଖ ଅଛି ସେଠାରୁ ହିଁ ସେ ଗୁରୁ ଶିଷ୍ୟ ପରମ୍ପରାକୁ ଗ୍ରହଣ କରି ସିଦ୍ଧଚର୍ଯ୍ୟାଙ୍କ ସମୟ ନିରୁପଣ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟର ଗବେଷକମାନେ ଓ ଐତିହାସିକମାନେ ଚର୍ଯ୍ୟାର ସମୟ ୭/୮ରୁ ୧୨୦୦ ଶତାବ୍ଦୀକୁ ଗ୍ରହଣ କରିଥିବା ବେଳେ ହିନ୍ଦୀ ଭାଷାରାଣୀ ସାହିତ୍ୟିକ ଗଣ ଏହାକୁ ୮-୧୧ ଶହ ଭାବରେ ଗ୍ରହଣ କରିଛନ୍ତି।

ଚର୍ଯ୍ୟାଗୀତିକାର ଭାଷାକୁ ନେଇ ଭିନ୍ନ ଭିନ୍ନ ଗବେଷକମାନେ ଭିନ୍ନ ଭିନ୍ନ ମତ ଦେଇଥାନ୍ତି। ସଂସ୍କୃତ ଟୀକାକାର ମୁନିଦତ୍ତ ଏହାକୁ ପ୍ରାକୃତ ଭାଷାର କହୁଥିବା ବେଳେ ଅଧ୍ୟାପକ ଶିଶିର ବେଣ୍ଡେଲ ଏହାକୁ ଅପଭ୍ରଂଶ ଭାଷା ବା ବୌଦ୍ଧ ପ୍ରାକୃତି ବୋଲି ଦାବି କରିଛନ୍ତି। ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ, ସୁନୀତ କୁମାର ଚାଟାର୍ଜୀ, ସୁକୁମାର ସେନ ଏହାକୁ ପ୍ରତ୍ନ ବଙ୍ଗଳା ଭାଷାର ବୋଲି ଦାବି କରନ୍ତି। ସେହିପରି ଜୟକାନ୍ତ ମିଶ୍ର ଏହାକୁ ମୈଥିଳୀ ଭାଷାର, ପଣ୍ଡିତ ରାଜୁତି ସଂସ୍କୃତାୟନ ହିନ୍ଦୀ ଭାଷାର ହୋମ ବରୁଆ, ବିରଞ୍ଚି କୁମାର କାକତି, ଡିମ୍ବେଶ୍ୱର ଏହାକୁ ଆସାମୀ ଭାଷାରେ ଆଦ୍ୟ ରୂପ କହୁଥିବା ବେଳେ ବିନାୟକ ମିଶ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ ଶଶୀଭୂଷଣ ରାୟ, ବଂଶୀଧର ମହାନ୍ତି, ନବୀନ କୁମାର ସାହୁ ଇତ୍ୟାଦି ଚର୍ଯ୍ୟାଗୀତିକାକୁ ଓଡ଼ିଆ ଭାଷାର ଆଦ୍ୟ ରୂପ ଭାବରେ ଦାବି କରୁଥିବା ବେଳେ ଗବେଷକ ଡକ୍ଟର କରୁଣାକର କର ତାଙ୍କର ଗବେଷଣା ନିବନ୍ଧ ଆଚାର୍ଯ୍ୟ ଚର୍ଯ୍ୟାଶ୍ଚରେ ଏହାର ଭାଷାକୁ ପ୍ରତ୍ନ ଓଡ଼ିଆ ଓ ସିଦ୍ଧଚାର୍ଯ୍ୟମାନେ ଓଡ଼ିଆ ଥିଲେ ବୋଲି ପ୍ରମାଣ କରିଛନ୍ତି।

ସୁରେନ୍ଦ୍ର ମହାନ୍ତି ଚର୍ଯ୍ୟାଗୀତିକାର ଭାଷାକୁ ମାଗଧି ଅପଭ୍ରଂଶ ଓ ଡକ୍ଟର ଖଗେଶ୍ୱର ମହାପାତ୍ର ଏହାକୁ ପ୍ରାଚ୍ୟ ଅପଭ୍ରଂଶ ଭାଷାରେ ଲିଖିତ ବୋଲି କହିଛନ୍ତି। ବାସ୍ତବିକ ଚର୍ଯ୍ୟାଗୀତିକାରୁ ଭାଷାକୁ ବିଚାର କଲେ ସୁରେନ୍ଦ୍ର ମହାନ୍ତି ଓ ଡକ୍ଟର ଖଗେଶ୍ୱର ମହାପାତ୍ରଙ୍କ ମତକୁ ଗ୍ରହଣ କରାଯାଇପାରେ କାରଣ ମାଗଧି ଅପଭ୍ରଂଶ ଭାଷାରୁ ବଙ୍ଗଳା, ଆସାମୀ, ଓଡ଼ିଆ, ମୈଥିଳୀ ଇତ୍ୟାଦି ଭାଷା ସୃଷ୍ଟି ହୋଇଥିବାରୁ ପ୍ରାୟ ଏହି ସମସ୍ତ ଭାଷାର ଆଦ୍ୟ ନିଦର୍ଶନ ଚର୍ଯ୍ୟାଗୀତିକାରେ ଦେଖିବାକୁ ମିଳିଥାଏ।

ସାହିତ୍ୟ ସର୍ବଦା ସମାଜର ତତ୍କାଳୀନ ସାମାଜିକ ଚିତ୍ର ବହନ କରିଥାଏ। ସଂସକୃତି ହେଉଛି ସାହିତ୍ୟ ଆତ୍ମା। ପ୍ରାଚୀନ ଓଡ଼ିଆ ସାହିତ୍ୟର ଲିଖିତ ସାହିତ୍ୟ ଚର୍ଯ୍ୟାଗୀତିକାରେ ତତ୍କାଳୀନ ସମୟର ସାମାଜିକ ଜୀବନ ଓ ସଂସ୍କୃତି ପ୍ରତିଫଳିତ ହୋଇଥାଏ। ୮୪ ଜଣ ସିଦ୍ଧଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ୫୦ଟି ଗୀତିକାରେ ଓଡ଼ିଆ ସମାଜ ଜୀବନର ବିଭିନ୍ନ ପ୍ରସଙ୍ଗ ଦେଖିବାକୁ ମିଳେ। ଯଥା ପାରିବାରିକ ଜୀବନ, ପ୍ରେମ ଜୀବନ, ପୋଷାକ ଓ ବେଶଭୂଷା, ସଂଗୀତ କଳା, ବିଭିନ୍ନ ସଂପ୍ରଦାୟର ଚିତ୍ର, ତନ୍ତ୍ରମନ୍ତ୍ର, ବୃତ୍ତିଗତ ଜୀବନ ନୌବାଣିଜ୍ୟ ଓ କ୍ରୀଡ଼ାଜୀବନ ଇତ୍ୟାଦି। ବିଭିନ୍ନ ମତାନୁମତକୁ ବିଚାର କରି ଭିନ୍ନ ଭିନ୍ନ ମତକୁ ସ୍ୱୀକାର କଲେ ମଧ୍ୟ ଶେଷରେ ଏତିକି କୁହାଯାଇ ପାରେ ଯେ ଚର୍ଯ୍ୟାପଦ ସାହିତ୍ୟ ହେଉଛି ଓଡ଼ିଆ ଭାଷା ଅସ୍ମିତାର ଶ୍ରେଷ୍ଠ ନିଦଶର୍ନ।

❖❖❖

# ଶୈଳେଶ୍ୱର ନନ୍ଦଙ୍କ ଏକାଙ୍କୀର ସାମାଜିକ ବାସ୍ତବତା



ISSN-2583-6978
Volume-4
Issue-10
OCTOBER-2024

**ଡ ରମେଶଚନ୍ଦ୍ର ବେହେରା**
**ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଉପ ଶାସନ ସଚିବ ଉଚ୍ଚଶିକ୍ଷା ବିଭାଗ**
**ଶ୍ରୀ ସୂର୍ଯ୍ୟକାନ୍ତ ମଲ୍ଲିକ**
**ଗବେଷକ, ଓଡ଼ିଆ ଭାଷା ସାହିତ୍ୟ ବିଭା, ଉତ୍କଳ ବିଶ୍ୱବିଦ୍ୟାଳୟ**

ସାହିତ୍ୟକୁ ସରସ ସୁନ୍ଦର ଓ ଭାବମୟ କରୁଥିବା ବର୍ଣ୍ଣଭିବା ମଧ୍ୟରୁ ଏକାଙ୍କିକା ହେଉଛି ଅନ୍ୟତମ। କାରଣ ନାଟକ ପରି ଏକାଙ୍କିକା ହେଉଛି ଦୃଶ୍ୟକାବ୍ୟ, ଯେଉଁଥିରେ ପରିବେଶ, ବ୍ୟକ୍ତି, ଜୀବନ ଓ ସମାଜର ଜୀବନ୍ତ ଚିତ୍ରକୁ ଅତି ସ୍ୱଳ୍ପ ସମୟ ମଧ୍ୟରେ ଦର୍ଶକ ଓ ପାଠକ ଉପଭୋଗ କରିଥାନ୍ତି। ଏକ ଅଙ୍କରେ ସମାପ୍ତ ହେଉଥିବାରୁ ଏହାକୁ ଏକାଙ୍କିକା କୁହାଯାଏ। ଏହା ଆମେ ସମସ୍ତେ ଜାଣିଥାଉ। କିନ୍ତୁ ଏହି ଏକ ଅଙ୍କ ଭିତରେ ଯେଉଁ ଗୁଢ଼ ରହସ୍ୟ ଥାଏ ତାହାକୁ ପ୍ରକାଶ କରିବା ସବୁ ବିଭାଗରେ ସମ୍ଭବ ହୋଇ ନଥାଏ। ସେଥିପାଇଁ ଏକାଙ୍କିକା ସାହିତ୍ୟର କନିଷ୍ଠ (ସବା ପଛରେ) ହୋଇ ମଧ୍ୟ ଉଚ୍ଚ ଆସନରେ ମଣ୍ଡିତ। ଓଡ଼ିଆ ଏକାଙ୍କିକା ରଚନା କରିବାରେ ଯଦିଓ ଅନେକଙ୍କର ଅବଦାନ ରହିଛି, କିନ୍ତୁ ଏକାଙ୍କିକାର ଡକ୍ଟର ଶୈଳେଶ୍ୱର ନନ୍ଦଙ୍କ ଅବଦାନ ଅତୁଳନୀୟ।

ଡକ୍ଟର ଶୈଳୋଶ୍ୱର ନନ୍ଦ ଥିଲେ ଜଣେ ଦକ୍ଷ ଅଭିନେତା ଆର୍ତ୍ତତ୍ରାଣ ନନ୍ଦଙ୍କ ପୁତ୍ର। ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ସମୟର ବା କାଳୀଚରଣଙ୍କ ନାଟ୍ୟଦଳର ଜଣେ ସାଥି ହେଉଛନ୍ତି ଆର୍ତ୍ତତ୍ରାଣ ନନ୍ଦ। ପିତା ଜଣେ କଳାକାର ଥିବାରୁ ପୁତ୍ର ସେହି କଳାକୁ ବଞ୍ଚାଇ ରଖିବାକୁ ସର୍ବଦା ତତ୍ପର ହୋଇଛନ୍ତି। ଶୈଳେଶ୍ୱର ନନ୍ଦ ଜଣେ ପେଶାରେ ଡାକ୍ତର କିନ୍ତୁ ନିଶାରେ ହେଉଛନ୍ତି ନାଟ୍ୟକାର। ଏହି ମହାନ ବ୍ୟକ୍ତି ୧୯୪୪ ମସିହା ନଭେମ୍ବର ମାସ ୪ ତାରିଖରେ କଟକ ଜିଲ୍ଲାର ମେରିଆ ବଜାରସ୍ଥ ମଣିଭବନଠାରେ ଜନ୍ମ ଗ୍ରହଣ କରିଥିଲେ। ଜଣେ ନାଟୁଆ ପରିବାରରେ ଜନ୍ମ ହୋଇ ନାଟ୍ୟକାର ଭାବେ ପରିଚୟ ଲାଭ କରିବା ବୋଧେ ସମସ୍ତଙ୍କ ଭାଗ୍ୟରେ ନଥାଏ। ଶୈଳେଶ୍ୱର ନନ୍ଦଙ୍କ ରଚନା ଉପରେ ନାଟ୍ୟକାର ନାରାୟଣ ସାହୁଙ୍କ ଏକ ସୁନ୍ଦର ମତ ଏହି ପରି "ଶୈଳେଶ୍ୱର ନନ୍ଦ ବିଜ୍ଞାନର ଜଟିଳ ତଥ୍ୟକୁ ନାଟକୀୟ ପାଣିପାଗ ମଧ୍ୟରେ ବଖାଣିବାରେ ବେଶ ପାରଦର୍ଶିତା ଅର୍ଜନ କରିଛନ୍ତି। ଭାରତୀୟ ପରମ୍ପରା, ଐତିହ୍ୟ, ଆଦର୍ଶବୋଧକୁ ଆଧାର କରି ସେ ରଚନା କରିଛନ୍ତି ଅନେକ ଏକାଙ୍କିକା। ଡିନିଦିନିଆ ଜୀବନରେ ଅନେକ ଘଟଣା ଘଟିଥାଏ। ତା'ରି ଭିତରୁ କେତୋଟି ସାଧାରଣ ଘଟଣାକୁ ନିର୍ବାଚନ କରି ରସାଳ ଭାଷାରେ ଜୀବନ୍ୟାସ ଦେଇଛନ୍ତି ନାଟ୍ୟକାର। ଯୁବ ସଂପ୍ରଦାୟର ଆଶା ନିରାଶା ସ୍ୱପ୍ନ ସମ୍ଭାବନାକୁ ପାଥେୟ କରି ଶ୍ରୀନନ୍ଦ ଏକାଙ୍କିକାର ସ୍ରୋତକୁ ଆଗକୁ ବଢାଉଛନ୍ତି। (ସାହୁ, ନାରାୟଣ, ନାଟ୍ୟଚର୍ଚ୍ଚା, କିତାବ ଭବନ, ୨୦୧୭, ପୃ-୧୪୬)

ନାଟ୍ୟକାର ସମାଜର ବିଭିନ୍ନ ଘଟଣାକୁ, ଆଧାର କରି ରଚନା କରିଥିବା ନାଟକ ଓ ଏକାଙ୍କିକାମାନଙ୍କ ମଧ୍ୟରେ ରହିଛି ଯଥା- 'ଶବଦ ଶବ୍ଦ', 'ଶିଳ୍ପୀ', 'ଅନନ୍ତ ଆକାଶର ନୀଳିମା', ଧୂପ, ସଂଗ୍ରାମ, ତୁଷାରକନ୍ୟା, କାଳିର ପୃଥିବୀ, ମୁକ୍ତି ସଂଗ୍ରାମ, ନାକଶିରୀ, ସଂଘର୍ଷ, ବୋପାରାଣ ଢିଙ୍କିଗିଳ ଆହୁତି ଆଦି ମାନଙ୍କରେ ସମାଜର ବାସ୍ତବ କଥାମାନକୁ ବଖାଣିଛନ୍ତି। ସମାଜର ବାସ୍ତବ କହିଲେ ଆମ ସମସ୍ତଙ୍କୁ ଜଣା। ଖାଲି ଦେଖିବା ନାଟ୍ୟକାର ନନ୍ଦଙ୍କ ରଚନାରେ କେଉଁ ପ୍ରକାରର ସାମାଜିକ ବାସ୍ତବତା ମାନ ପ୍ରକାଶ ପାଇଛି।

**ଶୈଳେଶ୍ୱର ନନ୍ଦଙ୍କ ନାଟ୍ୟସୃଷ୍ଟି**

ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଦେଖା ଦେଇଥିବା ସାମାଜିକ ଦ୍ୱନ୍ଦ୍ୱ ଏବଂ ବିକଳ୍ପ ମାନସିକତାର ପୃଷ୍ଠଭୂମିରେ ୧୯୭୮ରେ ରଚିତ ହୋଇଛି 'ଶବଦ ଶବ୍ଦ'। ମଣିଷ ସଭ୍ୟ ଆଚରଣ ଭିତରେ ଲୁଚି ରହିଥିବା ପାଶବିକ ପ୍ରବୃତ୍ତିର ଦ୍ୱାରକୁ କଟୁଭାଷାରେ ସମାଲୋଚନା କରିଛନ୍ତି ନାଟ୍ରକାର। ଗର୍ଭପାତ ସମସ୍ୟାର ଏକ ସଂସ୍କାରିତ ରୂପକୁ ଉନ୍ମୋଚନ କରିଛନ୍ତି ଶ୍ରୀନନ୍ଦ। ସମାଜର

ପ୍ରବହମାନ ଚିନ୍ତାଧାରାରେ କିଛିଟା ପରବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଏକ ନାଟକର ସର୍ଜନା। ନାଟ୍ୟକାର ଏକ ବିଜ୍ଞାନସମ୍ମତ ଶିକ୍ଷାପ୍ରଦ ଚିନ୍ତାଧାରାର ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। କୌଣସି ଏକ ଲଜ୍ଞିରେ ତିନିଜର ବନ୍ଧୁ ରହୁଛନ୍ତି। ସେଠାରେ ଜଣେ ଧର୍ମଯାଜକ ଏବଂ ଦୁଇଜଣ ମହିଳା ପହଞ୍ଚିବା ପରେ ବାସ୍ତବ ନାଟକ ଆରମ୍ଭ ହୋଇଛି। ଦୁଇଟି ନାରୀଲୀଳା ଓ ତରଙ୍ଗଙ୍କ ଜୀବନର ନଗ୍ନ ସ୍ୱରୂପ ଉଦ୍‌ଘାଟିତ ହୋଇଛି। ନାରୀମାଂସଲୋଭୀ ସଭ୍ୟ ମଣିଷମାନଙ୍କର ସ୍ୱରୂପ ପଦାରେ ପଡ଼ିଯାଇଛି। ବିଧବା ଲୀଳାର ଜୀବନଯନ୍ତ୍ରଣା ଏବଂ ତରଙ୍ଗର କୁମାରୀ ମାତୃତ୍ୱରେ ଆର୍ତ୍ତନାଦ ଉଭୟ ଏକ ପ୍ରଶ୍ନବାଚୀ ଉତ୍ତୋଳନ କରିଛି। ସମାଧାନର ପନ୍ଥା ଛାଡ଼ି ଦେଇଛି ସମାଜ ଉପରେ। ସ୍ୱାମୀର ମୃତ୍ୟୁପର ଦୁଇଟି ପିଲାଙ୍କୁ ନେଇ ବଞ୍ଚିବା ଲୀଳା ପକ୍ଷରେ କଷ୍ଟକର ହୋଇ ପଡ଼ିଛି। ତା'ର ମାଂସ ଲୋଭରେ ନିକଟତର ହୋଇଛି ପ୍ରଯୋଜକ, ଦୋକାନୀ, ଆହୁରି ଅନେକ। ନିଜର ସନ୍ତାନକୁ ନିଜ ହାତରେ ହତ୍ୟା କଲା ପରେ ମାନସିକ ସ୍ଥିରତା ହରାଇ ବସିଛି ଲୀଳା। କୁମାରୀ କନ୍ୟା ତରଙ୍ଗର ଗର୍ଭରେ ବଢୁଥିବା ସନ୍ତାନ ସମାଜ ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ଭୂମିଷ୍ଠ ହେବା ପୂର୍ବରୁ ଡାକ୍ତର ସାଗରଙ୍କ ଦ୍ୱାରା ସେ ଚିରଦିନ ପାଇଁ ହଜିଯାଇଛି। ଏଠାରେ ସାଗରଙ୍କ ଯୁକ୍ତି "ଈଶ୍ୱରଙ୍କ ଅମୃତ ସୃଷ୍ଟିକୁ ବିଷାକ୍ତ କରିବାର ଅଧିକାର ଆମର ନାହିଁ। ବରଂ ସେହି ଅନାଗତମାନଙ୍କୁ ଧ୍ୱଂସ କରିଦିଆଯିବା ଉଚିତ। ଲୀଳା ଏବଂ ତରଙ୍ଗର କାହାଣୀହେଉଛି ଏକ ଆତ୍ମସମୀକ୍ଷାର କାହାଣୀ। ନାଟ୍ୟକାରଙ୍କ ଭାଷାରେ ସେମାନେ ଆପଣଙ୍କର ଅତି ପରିଚିତ କିନ୍ତୁ ଆପଣଙ୍କ ଦ୍ୱାରା ଅବହେଳିତ ଅପମାନିତ। ଆସନ୍ତୁ ଥରେ ଆତ୍ମସମୀକ୍ଷା କରି ନିଜ ଭିତରେ ସେମାନଙ୍କୁ ଖୋଜି ବସିବା। ଏ ନାଟକ ଲେଖନୀୟ ସହାନୁଭୂତି ନୁହେଁ, ବରଂ ସାମାଜିକ ସଂସ୍କାର ଆନୟନ ପାଇଁ ଏକ ବଜ୍ରଦୀପ୍ତ ଆହ୍ୱାନ।

ଓ. ହେନେରୀଙ୍କ ଲିଷ୍ଟ ଲିଫ୍‌ ମନସ୍ତାତ୍ତ୍ୱିକ ଦର୍ଶନ ଉପରେ ଆଧାରିତ ହୋଇଛି ନାଟକ ଶିଳ୍ପୀ। ଉଦ୍ଭଟ ଚିନ୍ତା ବେଳେ ବେଳେ ମଣିଷର ମାନସିକ ସନ୍ତୁଳନକୁ ଦୋହଲାଇ ଦେଇ ତାକୁ ମୃତ୍ୟୁମୁଖକୁ ଠେଲିଦିଏ। ଏ ଘଟଣାର ଏକ ସୁଫଳ ପରୀକ୍ଷା କରାଯାଇଛି ନାଟକରେ। ୧୯୭୦ରେ ରଚିତ ଏବଂ ଅଭିନୀତ ନାଟକରେ ଶିଳ୍ପୀ ଜୀବନର ସଂଜସକାଳ ଏକ ଭିନ୍ନ ବର୍ଣ୍ଣବୋଧର ସଂଜ୍ଞାଧାରଣ କରିଛି। ପ୍ରେମ ମଣିଷକୁ ପୂର୍ଣ୍ଣତା ଆଣିଦିଏ, ପୁଣି ପ୍ରେମ ମଣିଷକୁ ସର୍ବସ୍ୱାନ୍ତ କରିଦିଏ। ଏହାର ଜୀବନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳେ 'ଶିଳ୍ପୀ' ନାଟକରେ। ଜୀବନରେ ପ୍ରେମରେ ପରାଜିତ ହୋଇଥିବା ମେଜର ଲମନଙ୍କ ଦୃଷ୍ଟିରେ ସବୁ ନାରୀ ବିଶ୍ୱାସଘାତିନୀ। ତେଣୁ ସେ ଚାହାନ୍ତି ସେମାନଙ୍କର କରୁଣ ମୃତ୍ୟୁ। ହସଖୁସି ଭରା ମାନସ ଏବଂ ସୁପ୍ରିତିଙ୍କ ସଂସାରରେ ସେ ସୃଷ୍ଟି କରିଛନ୍ତି ଝଡ଼। ସନ୍ତାନସମ୍ଭବା ସୁପ୍ରୀତି ଝଡ଼ି ପଡୁଥିବା ଆଇଭି ଲଡ଼ାଇ ପ୍ରତିଟି ପତ୍ର ସହିତ ନିଜ ଜୀବନକୁ ତୁଳନା କରିବସିଛି। ତାକୁ ଏକ ମାନସିକ ସଂକଟରୁ ରକ୍ଷା କରିବାକୁ ଆଗେଇ ଆସିଛନ୍ତି ଶିଳ୍ପୀ ସାହାଣୀ। ସେଲିମାକୁ ହରାଇ ନିଃସଙ୍ଗ ଜୀବନଯାପନ କରୁଥିବା ଶିଳ୍ପୀ ସାହାଣି। ପତ୍ର ଦେଉଥିବା ଆଇଭି ଲତାରେ ଯୋଡ଼ି ଦେଇଛନ୍ତି କେତୋଟି କୃତ୍ରିମ ପତ୍ର, ଯାହା ଆସନ୍ନ ମୃତ୍ୟୁକୁ ସୁପ୍ରୀତିକୁ ବଞ୍ଚାଇଛି। ହେଲେ ସେହି ବରଫ ଝଡ଼ରେ ମୃତ୍ୟୁବରଣ କରନ୍ତି ଶିଳ୍ପୀ। ମେଜର ସଲମାନ ନିଜର ଭୁଲ ବୁଝିପାରି ସ୍ୱପ୍ରୀତିକୁ କ୍ଷମା କରନ୍ତି ଏବଂ ଶିଳ୍ପୀର ଶୂନ୍ୟସ୍ଥାନ ପୂରଣ କରିବାକୁ ଆଗେଇ ଆସନ୍ତି। ନାଟକଟି ମନସ୍ତାତ୍ତ୍ୱିକ ପଟ୍ଟଭୂମି ଉପରେ ପର୍ଯ୍ୟବେସିତ। ନାଟକର କାହାଣୀ ନାଟକୀୟ ଏବଂ ରୋମାଞ୍ଚଧର୍ମୀ।

'ଅନନ୍ତ ଆକାଶର ନୀଳିମା' ୧୯୭୨ ମସିହାରେ ରଚିତ ଏବଂ ଅନ୍ନପୂର୍ଣ୍ଣ ରଙ୍ଗମଞ୍ଚରେ ଅଭିନୀତ। ଅତୀତର ପୃଷ୍ଠଭୂମିରେ ଦ୍ୱିଧାଗ୍ରସ୍ତ ବର୍ତ୍ତମାନକୁ ନାଟ୍ୟକାର ଉଦ୍‌ବୋଧନ ସଂଗୀତ ଶୁଣାଇଛନ୍ତି। ଅତୀତ ଏବଂ ବର୍ତ୍ତମାନ ଦୁଇଟି ଚରିତ୍ର ହୋଇ ଘଟଣାବଳୀର ଉପସ୍ଥାପନ କରିଛନ୍ତି ଫ୍ଲାଶ୍ ବ୍ୟାକ୍ ଶୈଳୀରେ। ସାଂପ୍ରତିକ ଯୁବଗୋଷ୍ଠୀର ହତାଶ, ଅସହାୟତାକୁ ନାଟ୍ୟକାର ବ୍ୟଙ୍ଗ କରି ପୁରାଣ ଏବଂ ଇତିହାସର ପୃଷ୍ଠଭୂମିକୁ ସେମାନଙ୍କ ଆଗରେ ଉଦାହରଣ ରୂପେ ଉପସ୍ଥାପନ କରିଛନ୍ତି। ଆଜିର ଯୁବଗୋଷ୍ଠୀ ସମସ୍ୟାର ସମ୍ମୁଖୀନ ହେବାକୁ ପଛଘୁଞ୍ଚା ଦେଇଛି। କିନ୍ତୁ ଇତିହାସର ଧରମା, ତାଜମହଲର ଶିଳ୍ପୀ ଜୀବନକୁ ବାଜି ଲଗାଇ ଦେଇଥିଲା ଲକ୍ଷ୍ୟ ହାସଲ ପାଇଁ। ପୁରାଣର କର୍ଣ୍ଣ ଜୀବନ ଯୁଦ୍ଧର ବାରମ୍ବାର ପରାଜିତ ହେଲେ ମଧ୍ୟ କେବେ ଲକ୍ଷ୍ୟ ପଥରୁ ସହରି ନଥିଲେ। ଏଇସବୁ ଚରିତ୍ର ଆଧୁନିକ ଦ୍ୱନ୍ଦ୍ୱଗ୍ରସ୍ତ ଯୁବଗୋଷ୍ଠୀ ପାଇଁଏକ ପ୍ରକାର ଆହ୍ୱାନ କହିଲେ ଭୁଲ ହେବ ନାହିଁ। ହିପ୍‌ପି ମତବାଦ ତଥା ନୈରାଶ୍ୟର ଘନ ଅନ୍ଧକାରରେ ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀକୁ ଆଶା ଓ ଆଲୋକର ସନ୍ଧାନ ଦେଇଛି ଏଇ ନାଟକ। ଅତୀତ ସହିତ ବର୍ତ୍ତମାନର ସମନ୍ୱୟ ଆଣି ,କ ନୂତନ ବିଶାର ସନ୍ଧାନ ଦେିଛି ଏଇ ନାଟକ। ଏଠାରେ ମାତୃଭୂମିର ମନ୍ତବ୍ୟକୁ ଉଦ୍ଧାର କରାଯାଇପାରେ "ଆଜିର ଅଶାନ୍ତି ହିପ୍‌ପି ଦର୍ଶନକୁ ଆମର ମହାଭାରତୀୟ ଦର୍ଶନର ଗୁଢ଼ତତ୍ତ୍ୱ ମଧ୍ୟକୁ ଟାଣି ନେଇ ଭଗବତ ଗୀତାର କର୍ମ ଓ ଜ୍ଞାନ ଯୋଗ ମାଧ୍ୟମରେ ଜୀବନ ଓ ମନବଧର୍ମର ମୂଲ୍ୟାଙ୍କନ କରିବାରେ ନାଟ୍ୟକାର ନନ୍ଦ ଖୁବ ସଫଳ ହୋଇଛନ୍ତି। ଦାର୍ଶନିକ ଦୃଷ୍ଟିକୋଣରୁ ବିଚାରକଲେ ବର୍ତ୍ତମାନର ଅଶାନ୍ତ ଅତୃପ୍ତ ମାନସିକ ଚିନ୍ତାର ସମାଧାନ ଆଣିବାରେ ଏହା ଯଥେଷ୍ଟ ସହାୟକ। ନାଟ୍ୟକାର ସାମାଜିକ ଚିନ୍ତାରେ ସଂସ୍କାର ଆଣିବାରେ ଏ ପ୍ରଚେଷ୍ଟା ସର୍ବାଦୌ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ। ଯୁବମାନସକୁ ଅତୀତର ଉଦ୍‌ଘୋଷଣା "ପଳାୟନବାଦର କାଳିମା ଅପେକ୍ଷା ଯୁଦ୍ଧରେ ହାରିବା ବରଂ ଶ୍ରେୟସ୍କର। କିନ୍ତୁ ହାରିବାରେ ମ୍ରିୟମାଣ ହେବା ବା ଅତିଷ୍ଟ ଅଶାନ୍ତ ହେବାର କିଛି ନାହିଁ। କାରଣ ହାରିବାର ଅନୁଭୂତି କାଲି ହୁଏତ ବଞ୍ଚିବାର ଜୟଗାନ କରିବ। ଯୁଗୋପଯୋଗୀ ନାଟକ ଭାବେ

ଅନନ୍ତ ଆକାଶର ନୀଳିମା  ଏକ ସଫଳ କୃତି ।

ଶୈଳେଶ୍ୱର ନନ୍ଦଙ୍କ ଏକାଙ୍କିକା ସମ୍ଭାର

ଡାକ୍ତର ଶୈଳେଶ୍ୱର ନନ୍ଦ ଜଣେ ସଫଳ ଏକାଙ୍କିକାର ବା କ୍ଷୁଦ୍ର ନାଟକର ସ୍ରଷ୍ଟା ତାଙ୍କର କେତୋଟି ଏକାଙ୍କିକା ମଧ୍ୟ ହିନ୍ଦୀ ଭାଷାରେ ଅନୁଦିତ ହୋଇଛି ଯଥା ଧୂପ, ସଂଗ୍ରାମ, ତୁଷାରକନ୍ୟା, କାଲିର ପୃଥିବୀ ଇତ୍ୟାଦି । ଭଂଜ ସଂସ୍କୃତିର ଉତ୍ତରଦାୟକ ଭାବେ ନାଟ୍ୟକାର ନନ୍ଦ ରଚନା କରିଛନ୍ତି- କବି ଉପେନ୍ଦ୍ର, ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ପୁତ୍ରଲାଭ ଆଦି ଗୀତିନାଟ୍ୟ । ଏସବୁ ଅନୁସୃଜନ  ପଛରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତି ନାଟ୍ୟକାରଙ୍କ ଥିବା ଗଭୀର ଆତ୍ମସମ୍ମାନ ତଥା ମମତ୍ୱବୋଧକୁ ସୂଚାଇଦିଏ । ବୈଦେହିଶ ବିଳାସ ଗୀତିନାଟ୍ୟର ଅଭିମତରେ ନାଟ୍ରକାର କହନ୍ତି "ସେହି ମନୋଜ୍ଞ ସଂଗୀତାବଳୀକୁ ଆଧାର କରି ଭଂଜ ଆଦର୍ଶର ଶ୍ରେଷ୍ଠ ଗ୍ରନ୍ଥ ରାମାୟଣର କଥାବସ୍ତୁକୁ ଗୀତିନାଟ୍ୟ ପରମ୍ପରାରେ ନାଟକୀୟ ଦୃଶ୍ୟାବଳୀ ମଧ୍ୟରେ ରୂପାୟିତ କରାଯାଇଛି । ମୋର ଆଶା ଏବଂ ଭଂଜ ଭାବାର ନାଟ୍ୟରୂପ ଗଣଚେତନାରେ ଆଦୃତ ବେହ ।"

ନାଟ୍ୟକାର ନନ୍ଦଙ୍କ ଏକାଙ୍କିକା ଜଗତରେ କେତୋଟି ସଶ୍ରଦ୍ଧ ସ୍ୱାକ୍ଷର ହେଉଛି- 'ମକ୍ତି ସଂକ୍ରାମ', 'ପାକଶିରୀ', 'ତୁଷାର କନ୍ୟା', 'କାଲିର ପୃଥିବୀ', 'ସଂଗ୍ରାମ', 'ସଂଘର୍ଷ', 'ବୋପାରାଣ ଡିଙ୍କି ଗିର' ଇତ୍ୟାଦି । 'ଆହୁତି' ହେଉଛି ନାଟ୍ରକାର ନନ୍ଦଙ୍କ ପ୍ରଥମ ଏକାଙ୍କିକା । ୧୯୬୪ ମସିହାରେ ଏହା ଆନ୍ତଃକଲେଜ ବେତାର ନାଟକ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲା । ଯୌବନର ଅୟମାରମ୍ଭରେ ଛାତ୍ର ଜୀବନରେ ଲେଖିଥିବା ଏହି ଏକାଙ୍କିକା ଶ୍ରୀନନ୍ଦଙ୍କୁ ନାଟ୍ୟକାର କରି ଗଢିତୋଳିବାରେ ବହୁତ ସାହାଯ୍ୟ କରିଥିଲା । ତା'ପରଠାରୁ ସେ ଆଉ ପଛକୁ ଫେରି ଚାହିନାହାନ୍ତି । ସ୍ୱାର୍ଥତ୍ୟାଗର ଏକ ବଳିଷ୍ଠ ଆଦର୍ଶ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛି ଏହି ଏକାଙ୍କିକା । ଦୁଇବନ୍ଧୁ ଇଞ୍ଜିନିୟର ସାଗର ଏବଂ ଡାକ୍ତର ସରୋଜ ନିଜ ନିଜ ପତ୍ନୀ ତରଙ୍ଗ ଓ ସୀମାଙ୍କ ସହିତ ପିକନିକରେ ଯାଆନ୍ତି । ସାଗରର ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୁଏ । ଏଥିରେ ତରଙ୍ଗ ମୃତ୍ୟୁବରଣ କରେ । ଆହତ ଅବସ୍ଥାରେ ଡାକ୍ତରଖାନା ଆସେ ସାଗର । ମଥାରେ ଏବଂ ଆଖିରେ ଗୁରୁତର ଆଘାତ । ବାରମ୍ବାର ତରଙ୍ଗଙ୍କୁ ଖୋଜି ନିଜ ସଂଜ୍ଞା ହରାଏ ସାଗର । ଏକ ଆସନ୍ନ ବିପଦରୁ ସାଗରକୁ ରକ୍ଷା କରିବା ପାଇଁ ସରୋଜ ନିଜର ପତ୍ନୀ ସୀମାକୁ ତରଙ୍ଗ ଭୂମିକାରେ ଅଭିନୟ ପାଇଁ ପରାମର୍ଶ ଦିଏ । ଅଭିନୟ ଫଳବତୀ ହୁଏ । ଏଥିପାଇଁ ସରୋଜ ମନରେ ଝଡ଼ ଉଠେ । ସାଗର ଆଖିରେ ପଟି ଖୋଲିବା ଦିନ ସ୍ଥିର ହୁଏ । ଏକ ଆସନ୍ନ ବିପଦରୁ ରକ୍ଷା ପାଇବା ପାଇଁ ସୀମା ଦୁଇବନ୍ଧୁଙ୍କ ଉଦ୍ଦେଶ୍ୟରେ ଦୁଇଟି ଚିଠି ଲେଖି ଦୁହିଁଙ୍କ ଜୀବନରୁ ସବୁଦିନ ପାଇଁ ଦୂରେଇଯାଏ । ଏହା ହିଁ ସୀମାର ଆହୁତି, ସ୍ୱାର୍ଥତ୍ୟାଗର ଏକ ଅମଳିନ ଆଦର୍ଶ । ଯଥାର୍ଥରେ ଏକାଙ୍କିକାଟି ଏକ ମହାନ ଆଦର୍ଶ ପରିଚାରକ । ବିଶେଷ କରି ଏହା ଯୁବ ସଂପ୍ରଦାୟ ପାଇଁ ସ୍ୱାର୍ତତ୍ୟାଗର ଏକ ଚରମ ନିଦର୍ଶନ । 'ଆହୁତି' ନାମକରଣ ଯଥାର୍ଥ ।

ଯୁଦ୍ଧ ପଟ୍ଟଭୂମିରେ 'ମୁକ୍ତି ସଂଗ୍ରାମ' ଏକାଙ୍କିକା । ୧୯୭୧ ମସିହାର ପୂର୍ବ ପାକିସ୍ତାନର ଗଣ ଆନ୍ଦୋଳନର ପରିପ୍ରେକ୍ଷୀରେ ଭାରତୀୟ ସେନାବାହିନୀର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ତାରିଫ କରାଯାଇଛି ଏଥିରେ । ପାକିସ୍ତାନ ସେନାବାହିନୀର ବାଂଲାର ଅଧିବାସୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର  ପରିପ୍ରେକ୍ଷୀରେ ଯୁବ ସଂପ୍ରଦାୟର ମୁକ୍ତି ଯୁଦ୍ଧ ଆହ୍ୱାନ ବାସତବରେ ମର୍ମସ୍ପର୍ଶୀ । ଅନ୍ନପୂର୍ଣ୍ଣା 'ବି' ଗ୍ରୁପ ମଞ୍ଚରେ ଏହି ଏକାଙ୍କିକା ଅଭିନୀତ ହୋଇ ଭଲ ପ୍ରଶଂସିତ ହୋଇଥିଲା । ଏଥିରେ ଯୁବ ସଂପ୍ରଦାୟର ସାହସିକତା, ଏକାଗ୍ରତା ସ୍ୱାର୍ଥତ୍ୟାଗ ଆଦିର ବଳିଠେ ଆଦର୍ଶ ପ୍ରତିଫଳିତ ହୋଇଥିଲା ।

'ନାକଶିରୀ' ଏକ ଭିନ୍ନ ସ୍ୱାଦର ଏକାଙ୍କିକା । ହାସ୍ୟରସ ହୋଇଛି ଏହାର ପ୍ରାଣ । ମେଡିକାଲ ଛାତ୍ରମାନଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟାକୁ ଆଧାର କରି ଲଘୁରସରେ ଏକାଙ୍କିକାଟି ରୂପ ନେଇି । କଥାକାର ମନୋଜ ଦାସଙ୍କ 'ଆବୁପୁରୁଷ' ଗଳ୍ପର ଛାୟାରେ ଡାକ୍ତରଖାନା ପଟ୍ଟଭୂମିରେ ଶ୍ରୀନନ୍ଦ ଏହି କ୍ଷୁଦ୍ରନାଟକ 'ନାକଶୀରୀ'ର ରୂପାୟନ କରିଛନ୍ତି । ରୋଗୀର ନାକ ଉପରେ ଉଠିଥିବ ଏକ ଆବୁ ବା 'ରାନୋଫାଇମା' ହେଉଛି ନାଟକର ଆଧାର ବିନ୍ଦୁ । ହାସ୍ୟରସାତ୍ମକ ଏହି ଏକାଙ୍କିକାଟି ଦର୍ଶକଙ୍କର ଭରପୂର ମନୋରଂଜନ କରିବାରେ ସକ୍ଷମ ହୋଇପାରିଥିଲା । ବିଜ୍ଞାନଭିତ୍ତିକ ଏହି ଏକାଙ୍କିକାଟି ଡାକ୍ତର ନନ୍ଦଙ୍କର ଏକ ଅଭିନୟ ପ୍ରଚେଷ୍ଟା । କାରଣ ରୋଗ ଏବଂ ରୋଗୀ ଥିଲେ ଏହାର କେନ୍ଦ୍ରବିନ୍ଦୁ । ଉପସ୍ଥାପନା ଶୈଳୀ ଅତ୍ୟନ୍ତ ମାର୍ଜିତ ଏବଂ ଉପଭୋଗ୍ୟ ଥିଲା ବୋଲି ନାଟକର ଦର୍ଶକ ଡାକ୍ତର ବସନ୍ତ ମହାପାତ୍ର ସେଦିନ ମନ୍ତବ୍ୟ ପ୍ରଦାନ କରିଥିଲେ ।

ଆମ ସମାଜରେ ଏମିତି କିଛି ତିନିଦିନିଆ ଗଟଣା ରହିଛି ଯାହା ସହିତ ଆମେ ଊଣା ଅଧିକେ ପରିଚିତ । ବେଳେ ବେଳେ ସେଇ ଛୋଟିଆ ଛୋଟିଆ ସମସ୍ୟାର ଘେରରେ ଆମେ ଲହୁଲୁହାଣ ହେଉ, କିନ୍ତୁ ମୁହଁରେ ହସ ଫୁଟାଇବାକୁ ବାଧ ହୋଇଥାଉ । ଏମିତି ଏକ ସମସ୍ୟାର ରୂପାୟନ ହେଉଛି ଏକାଙ୍କିକା 'ବୋପା ରାଣ ଡିଙ୍କିଗିରି' । ଶାଶୂ ଶ୍ୱଶୁରଙ୍କ ଆଖିର ଆଢୁଆଳରେ ରହି ଜୀବନକୁ କିଛିଟା ଉପଭୋଗ ପାଇଁ ସଦ୍ୟ ବିବାହିତା ଝିଅଟି ତା'ର ସ୍ୱାମୀକୁ ଉସୁକାଏ । ସ୍ୱଳ୍ପ ବେତନଭୋଗୀ ସ୍ୱାମୀଟି ବିଚରା ସହରରେ ଛୋଟ ଘରଟିଏ ଭଡ଼ା ନେଇ ସ୍ତ୍ରୀକୁ ରଖି ମାଡ଼ିମକଚି ହୋଇ ବଂଚିବାର ଅଭିନୟ କରେ । ଅଭାବ ଅସୁବିଧାର ତାଡ଼ନାକୁ ବାଧ ହୁଅନ୍ତି ସ୍ୱାମୀ ସ୍ତ୍ରୀ ସହିବାକୁ । ହେଲେ ଅବସ୍ଥା ଆହୁରି ଅସମ୍ଭାଳ ହୋଇପଡ଼େ ଯେତେବେଳେ ବନ୍ଧୁ, ବନ୍ଧୁପତ୍ନୀ ଏବଂ ତାଙ୍କର ତିନୋଟି ପିଲା ସହିତ ଶାଳକ ଆସି ଅତିଥି ଭାବେ ପହଞ୍ଚନ୍ତି ଏବଂ ଘରକୁ ଯିବାର

ନାଁ ଧରନ୍ତି ନାହିଁ। ଧାରଉଧାର କରି ବିଚରା ସ୍ୱାମୀ ସ୍ତ୍ରୀ ସେମାନଙ୍କୁ ଚଳାନ୍ତି। କିନ୍ତୁ ମୁହଁ ଖୋଲି କିଛି କହିପାରନ୍ତି ନାହିଁ। ଅତିଥି ମଧ୍ୟ କିଛି ଟଙ୍କା ଧାର ମାଗନ୍ତି। ସହରୀ ଜୀବନର ସୁଖ ଉପଭୋଗ କରିବାକୁ ଆସିଥିବା ବିଚରା ସ୍ୱାମୀ ସ୍ତ୍ରୀ ଲହୁଲୁହାଣ ହୁଅନ୍ତି। କିନ୍ତୁ କିଛି ପ୍ରକାଶ କରିପାରନ୍ତି ନାହିଁ। ନାଟ୍ୟକାର ଏ ଏକାଙ୍କିକାର ସମାଧାନ ଦର୍ଶକମାନଙ୍କ ଉପରେ ଛାଡ଼ି ଦେଇଛନ୍ତି। ହାସ୍ୟରସର ଏଇ ଏକାଙ୍କିକାଟି ସହରୀ ଜୀବନର ସୁଖ ସୌନ୍ଦର୍ଯ୍ୟକୁ ଉପହାସ କରିବା ସହିତ ଏକ ଚେତାବନୀ ମଧ୍ୟ ଶୁଣାଇଛି।

ଶ୍ରୀନନ୍ଦଙ୍କର ଆଉ ସାର୍ଥକ ବିଜ୍ଞାନ ଏକାଙ୍କିକା ଭିତ୍ତିକ ଏକାଙ୍କିକା ହେଉଛି 'ତୁଷାର କଥା' ବେତାର ଏକାଙ୍କିକା ଭାବେ ଏହାବହୁବାର ପ୍ରସାରିତ ହୋଇଛି। ବିପଦ ସଂକୁଳ ଆଣ୍ଟାର୍କଟିକା ଅଭିଯାନର ଅନୁଭୂତି ଏଥିରେ ଚିତ୍ରିତ। ନାନା ଘାତ ପ୍ରତିଘାତ ସହିତ ଭାରତୀୟ ବୈଜ୍ଞାନିକ ଦକ୍ଷିଣ ମେରୁରେ ପହଞ୍ଚିଛନ୍ତି ଏବଂ ନିଜର ବିଜ୍ଞାନଗାର ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇପାରିଛନ୍ତି। ସବୁଠୁଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହେଲା, ସହସ୍ର ବର୍ଷତଳର ଏକ ମଣିଷକୁ ସେମାନେ ବରଫତଳୁ ଉଦ୍ଧାର କରିଛନ୍ତି। ଏଇ ବୈଜ୍ଞାନିକାମେ ତା' ଦେହରେ ଜୀବନ ସଂଚାର କରିବାକୁ ସକ୍ଷମ ମଧ୍ୟ ହୋଇଛନ୍ତି। ଏଇ ମଣିଷଟି ହେଉଛି ତୁଷାର କନ୍ୟା। ତାକୁ କଥା କହିବା ଶିଖାଇଛନ୍ତି। ଏହାଦ୍ୱାରା କିଛି ତଥ୍ୟ ମିଳିଛି। ଏଇ ଆବିଷ୍କାରର ସଫଳତା ଭିତରେ ଜଣେ ବୈଜ୍ଞାନିକ ସାଥୀଙ୍କୁ ବରଫର ଚୋରା ଫାଟ ମଧ୍ୟରେ ସେମାନେ ହରେଇଛନ୍ତି। ଆବିଷ୍କାର ଉନ୍ମାଦନା ଏକ ପ୍ରକାର ଯନ୍ତ୍ରଣାରେ ଭରିଯାଇଛି। ଏକାଙ୍କିକାଟି ବୈଜ୍ଞାନିକ ଦିଗଦିଗନ୍ତ ଉନ୍ମୋଚନ କରିବାରେ ସକ୍ଷମ ହୋଇପାରିଛି।

ବିଜ୍ଞାନ ପ୍ରଚାର ସମିତି ପକ୍ଷରୁ କଳାବିକାଶ କେନ୍ଦ୍ରଠାରେ ପରିବେଷିତ ହୋଇଥିଲା ବିଜ୍ଞାନଭିତ୍ତିକ ଏକାଙ୍କିକା କଳାଶିର ପୃଥିବୀ। ଆକାଶବାଣୀରୁ ମଧ୍ୟ ଏହା ପ୍ରସାରିତ ହୋଇଥିଲା। ବିଜ୍ଞାନର ଜଟିଳ ତଥ୍ୟକୁ ରୋଚକ କଳାତ୍ମକ ଉପାୟରେ ପରିବେଷଣ କରାଯାଇଛି ଏହି ଏକାଙ୍କିକାରେ। ଗ୍ରହାନ୍ତରରୁ ଆସିଛନ୍ତି ପୃଥିବୀକୁ ଦୁଇଟି ଜୀବ। ସେମାନଙ୍କ ଚାଲିଚଳନ ତଥା ଜୀବନଧାରଣ ପ୍ରଣାଳୀ ଥିଲା ବିଚିତ୍ରଧରଣର। ସେମାନେ ବହୁ ଅସାଧ୍ୟ କାର୍ଯ୍ୟମାନ କରିପାରିଛନ୍ତି। ଭୂମିକମ୍ପ, ବାତ୍ୟାର ସମ୍ଭାବ୍ୟ ସୂଚନା ଦେବା ପ୍ରତିକାର ଏମାନେ ଦେଇପାରିଛନ୍ତି। ଏଇ ନାଟକର ବିଚିତ୍ର ଜୀବ ଦୁହିଁଙ୍କର କାର୍ଯ୍ୟକାରଣ ସଂପର୍କରେ ସମୀକ୍ଷକ ଡାକ୍ତର ନିରଂଜନ ତ୍ରିପାଠୀ ମନ୍ତବ୍ୟ ଦିଅନ୍ତି "ସେମାନଙ୍କର ଚାଲିଚଳଣି, କଥାବାର୍ତ୍ତା ବେଶପୋଷାକ ଓ ଖାଦ୍ୟ ଗ୍ରହଣର ସ୍ୱାତନ୍ତ୍ର୍ୟ ସହ ସେ ଗ୍ରହରେ ଘଟିଥିବା ବୈଜ୍ଞାନିକ ଅଗ୍ରଗତିର ସୂଚନା ମଧ୍ୟ ଚିତ୍ରିତ ହୋଇଛି ନାଟକରେ। ପୃଥିବୀରେ ଶାନ୍ତି ସ୍ଥାପନ, ଅଶ୍ୱିକ ସୃଷ୍ଟିର ଚମତ୍କାରିତାକୁ ମନୋଜ୍ଞ ପରିପାଟୀରେ ରୂପାୟିତ କରାଯାଇଛି। ଏପରିକି ଏକ ଭୟଙ୍କର ଭୂମିକମ୍ପର ପୂର୍ବାଭାଷ ପାଇଁ କିପରି ହଜାର ହଜାର ମଣିଷର ଜୀବନ ରକ୍ଷା କରାଯାଇପାରୁଛି ତାହା ନାଟକୀୟ ଭଙ୍ଗୀରେ ପରିବେଷିତ ହୋଇଛି। (ପ୍ରଜାତନ୍ତ୍ର ୧୫.୧୦.୧୯୮୯) ଏହି ଏକାଙ୍କିକାଟି ସାର୍ବକାଳୀନ ମୂଲ୍ୟ ରହିଛି। କାରଣ ଦୀର୍ଘ ବର୍ଷର ବ୍ୟବଧାନ ପରେ ଆଜି ହିନ୍ଦୀ ଚଳଚ୍ଚିତ୍ର ଜଗତରେ ହଇଚଇ ସୃଷ୍ଟି କରିଥିବା ସିନେମା 'କୋଇ ମିଲଗୟା' ମଧ୍ୟ ଏକ କାହାଣୀ ଉପରେ ପର୍ଯ୍ୟବସିତ।

ଏଇ ମଧ୍ୟବିତ୍ତ ପରିବାରର ଦୈନନ୍ଦିନ ଘଟଣାକୁ ଆଧାର କରି ଗଢ଼ିଉଠିଛି ଏକାଙ୍କିକା 'ସଂଘର୍ଷ'। ଜୀବନ ସଂଗ୍ରାମରେ ପଳାୟନକୁ କଟୁ ଭାବରେ ସମାଲୋଚନା କରିଛନ୍ତି ଶ୍ରୀନନ୍ଦ। ଜୀବନକୁ ଯଥାସମ୍ଭବ ଗ୍ରହଣ କରିନେଇ ତାହା ଭିତରେ ଖୁସି ଓ ଆନନ୍ଦ ଖୋଜି ବସିବାରେ ସାଂସାରିକ ନିର୍ଦ୍ଦେଶକ ଓ ସାମାଜିକ ନିୟମକୁ ଅଗ୍ରାଧିକାର ଦେଇଛନ୍ତି ନାଟ୍ୟକାର। ହସକାନ୍ଦ, ପ୍ରେମ ବିଚ୍ଛେଦ, ପ୍ରାପ୍ତି ଅପ୍ରାପ୍ତିର ବାସ୍ତବତାକୁ ନାଟ୍ୟକାର ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। ଏକ ଅଭିନେତ୍ରୀ ଜୀବନରେ ମାନସିକ ଦ୍ୱନ୍ଦ୍ୱକୁ ଦେଖାଇ ଦିଆଯାଇଛି। ସ୍ୱାର୍ଥତ୍ୟାଗରେ ଜୀବନର ପୂର୍ଣ୍ଣତା ଫୁଟିଉଠେ। ଏହାର ସଫଳ ପ୍ରୟୋଗ ଘଟିଛି ମାନସୀ ଜୀବନରେ। ଯୁବପ୍ରାଣର ଆଶା ଆକାଂକ୍ଷା ସ୍ୱପ୍ନ ସମ୍ଭାବନାର ଏକ ବର୍ଣ୍ଣିଳ ଦ୍ୟୁତି ଦେଖିବାକୁ ମିଳେ 'ପାରୁ' ଜୀବନରେ। ଅସରନ୍ତି ପ୍ରଶ୍ନବାଚୀ ଅଙ୍କନ କରିଛି 'ସଂଘର୍ଷ'।

ନାଟ୍ୟକାର ନନ୍ଦଙ୍କ ଏକାଙ୍କିକାଗୁଡ଼ିକ ସିଧାସଳଖ ପାଠକ ଦର୍ଶକ ସହିତ ସଂଯୋଗ ସ୍ଥାପନ କରେ। ମଣିଷ ଜୀବନର ବିବିଧ ସମସ୍ୟା ଏବଂ ତା'ର ସମାଧାନ ଦିଗରେ ନାଟ୍ୟକାରଙ୍କ ପ୍ରୟାସ ଜାରିରହିଛି। ଦୟା, କ୍ଷମା, ସ୍ନେହ, ପ୍ରେମ ଓ ତ୍ୟାଗର ପରିଭାଷା ମଧ୍ୟରେ ଶ୍ରୀନନ୍ଦଙ୍କ ଚରିତ୍ରମାନେ ବିଚରଣ କରିଛନ୍ତି। ଆମ ଚତୁଃପାର୍ଶ୍ୱ ପରିବେଷ୍ଟନୀ ମଧ୍ୟରୁ ଏକାଙ୍କିକାର ତାଙ୍କ ସୃଷ୍ଟି ପାଇଁ ଖୋରାକ ସଂଗ୍ରହ କରିଛନ୍ତି। ବିଜ୍ଞାନର ଜଟିଳ ତତ୍ତ୍ୱକୁ ରୋଚକ ଢଙ୍ଗରେ ଉପସ୍ଥାପନ କରିବାରେ ନାଟ୍ୟକାର ନନ୍ଦ ହିଁ ପ୍ରଥମ ବ୍ୟକ୍ତି। ସୁଯୋଗଯୋଗୀ କଥାଚୟନ କରି ସମସାମୟିକ ଭାଷା ପ୍ରୟାଗ କରି ଶ୍ରୀନନ୍ଦ ତାଙ୍କ ଏକାଙ୍କିକାଗୁଡ଼ିକ ଦର୍ଶକ ପାଠକର ଦରବାରରେ ଠିଆ କରାଇଛନ୍ତି। ତାଙ୍କ ଏକାଙ୍କିକା ପାଠ କଲେ, ଜଣାଯାଏ ଯେମିତି ଆମ ହାତ ପାଆନ୍ତାରେ ଘଟଣାଟି ଘଟିଯାଇଛି। ନୂଆ ତଥ୍ୟକୁ ମନୋବୈଜ୍ଞାନିକ ଶୈଳୀରେ ପରିବେଷଣ କରିବାରେ ଶ୍ରୀନନ୍ଦ ସଫଳତା ଅର୍ଜନ କରିଛନ୍ତି।

❖❖❖

# ଜୀବନ ପ୍ରୀତି ଓ ପ୍ରଣୟାନୁରାଗର ମାର୍ମିକ ଅଭିବ୍ୟକ୍ତି: ସକାଳ ସିନ୍ଦୂର



ISSN-2583-6978
Volume-4
Issue-10
OCTOBER-2024

**ସ୍ନିଗ୍ଧା ଶୁଭଦର୍ଶିନୀ**

**ଅତିଥି ଅଧ୍ୟାପିକା,**
**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

ପାର୍ଥିବ ଜୀବନ ଓ ପ୍ରକୃତି ଚିରକାଳ ସ୍ନେହ, ପ୍ରେମ ଓ ମହତ୍ୱର ସଂଯୋଗିତ ମମତା ବତ୍ସଳ ଅନୁରାଗ ହିଁ ଜୀବନର ମୂଳାଧାର। ପ୍ରେମପୂର୍ଣ୍ଣ ଏ ପୃଥିବୀ ପରସ୍ପର ସୌହାର୍ଦ୍ଦ୍ୟରେ ସମ୍ପର୍କିତ। ଭାରତୀୟ ସଂସ୍କୃତିରେ ତ୍ୟାଗସିକ୍ତ ପ୍ରେମ ହିଁ ଦାମ୍ପତ୍ୟ ଜୀବନକୁ କରେ ମହାର୍ଘ ଓ ମଧୁମୟ। ପ୍ରେମଶୂନ୍ୟ ହୃଦୟରେ ଜୀବନର ଉଲ୍ଲାସ କି ସରସତା ଅନୁଭବ କରିବା ଦୁଷ୍କର। ତେଣୁ ମାନବ ଜୀବନକୁ ଅଙ୍କନ କରୁଥିବା ଜୀବନ ପ୍ରେମୀ କବିମାନେ ଶତତ ପ୍ରଣୟର ଜୟଗାନରେ ମୁଖରିତ। ସମଗ୍ର ବିଶ୍ୱ ସାହିତ୍ୟରେ ସାଂସାରିକ ଜୀବନର ମାଦକତାକୁ ପ୍ରଣୟ ବୋଧ ମାଧ୍ୟମରେ ପ୍ରଦର୍ଶନ କରିବା ହେଉଛି କାଳେ କାଳେ କବିର କଳାଧର୍ମ। ବିଶ୍ୱବିଖ୍ୟାତ ପ୍ରଣୟ କବି ଓମ୍ରଖାୟାମଙ୍କଠାରୁ ଆରମ୍ଭ କରି ଓଡ଼ିଆ କବି ମାୟାଧର ମାନସିଂହଙ୍କ ପର୍ଯ୍ୟନ୍ତ କେତେ ଯେ କାବ୍ୟ ଶିଳ୍ପୀ ପ୍ରେମଦଗ୍ଧ ହୃଦୟର ଚିତ୍ରାଙ୍କନ କରିଛନ୍ତି ତାହାର ଇୟତ୍ତା ନାହିଁ। ଏହି ଅନୁକ୍ରମରେ କବି ପ୍ରମୋଦ ସରଙ୍କ କବିତା ଏକ ମୂଲ୍ୟବାନ ସଂଯୋଗ।

ସଂପ୍ରତିକ ସମାଜର ମାର୍ଜିତ ମୂଲ୍ୟବୋଧରେ ତାଙ୍କ କବିତାର ଧାଡ଼ିଗୁଡ଼ିକ ପ୍ରତୀୟମାନ। ପ୍ରେମର ସୌହାର୍ଦ୍ଦ୍ୟ, ତାର ଅଭିମାନ, ତା'ର ନୀରବ ଆଳାପ ଏସବୁ ଛୁଇଁଯାନ୍ତି ହୃଦୟର କେଉଁ ଅଦେଖା କୋଣକୁ। ଓଡ଼ିଆ ସାହିତ୍ୟର ଡକ୍ଟରେଟ ଲାଭ କରିଥିବା କବି ପ୍ରମୋଦ ସର ବର୍ତ୍ତମାନ ଏନ୍.ବି.ଟିରେ ସହ ସଂପାଦକ ଭାବେ କାର୍ଯ୍ୟରତ। ନିଜର ଶକ୍ତିଶାଳୀ କଲମ ମୂନରେ ସେ ଦେଇଛନ୍ତି ଓଡ଼ିଆ ସାହିତ୍ୟକୁ ବଳିଷ୍ଠ ଦାନ। ବହୁ ସର୍ଜନଶୀଳ ପୁସ୍ତକ ସହିତ ବହୁ ପ୍ରବନ୍ଧ ରଚନା କରିଛନ୍ତି। ତାଙ୍କର ଦୁଇଟି ପ୍ରସିଦ୍ଧ ସମାଲୋଚନା ପୁସ୍ତକ ହେଉଛି 'ସ୍ୱପ୍ନ, ସଂପର୍କ ଓ ସ୍ୱୀକାରୋକ୍ତି' ଏବଂ ଅନ୍ୟଟି ହେଉଛି। 'ସୀମାବଦ୍ଧ ସମୟ ଓ ସ୍ୱପ୍ନର ଅଭିସାର' (୧୯୯୯)। ତାଙ୍କର ଚାରୋଟି କବିତା ପୁସ୍ତକ ହେଉଛି 'ଅକ୍ଷିତ ଆକାଶ' (୧୯୯୦), 'ନୀରବତା ନିଜର ଯେଉଁଠି।' (୧୯୯୧), 'ଭିନ୍ନ ଏକ ସକାଳର ଝିଅ' (୨୦୦୧) ଏବଂ 'ସକାଳ ସିନ୍ଦୂର' (୨୦୦୩)

ସକାଳ ସିନ୍ଦୂର ପୁସ୍ତକଟି ୨୦୦୩ ମସିହାରେ ଅଗ୍ରଦୂତ ଦ୍ୱାରା ପ୍ରକାଶିତ। ସମୁଦାୟ ୪୪ ଗୋଟି କବିତା ପ୍ରକାଶିତ। ପ୍ରାୟ କବିତା ପ୍ରେମର ଉତ୍ସର୍ଗକୁ ନେଇ ଆଧାରିତ। ପ୍ରେମ ଏଠି ତ୍ୟାଗ ଓ ଦାହର ସମନ୍ୱୟ। ଚିରାଚରିତ ପ୍ରେମଠାରୁ ଟିକେ ଭିନ୍ନ କବି ପ୍ରମୋଦ ସରଙ୍କର କବିତାର ସ୍ୱର। ନିଆରା ଢଙ୍ଗରେ ପ୍ରେମ ବି ଅଭିମାନ କରିଛି। କବିତାକୁ ପଢ଼ିଲେ ମନେହୁଏ ପ୍ରେମ କେବଳ ଦୁଇଟି ମଣିଷଙ୍କ ଭିତରେ ସୀମିତ ନୁହେଁ, ଗଛ, ଲତା, ଈଶ୍ୱର, ଫୁଲ, ପାଣି, ପବନ ସମସ୍ତଙ୍କ ସହିତ ପ୍ରେମ ହୁଏ। ସମସ୍ତେ ହଜନ୍ତି ଆଉ ମଜନ୍ତି ନିଜସ୍ୱ ପ୍ରେମ ଦୁନିଆରେ। ପ୍ରେମ ହୁଏ। ନିରୋଳାରେ ଖୋଜି ବୁଲନ୍ତି କେଉଁ ଏକ ଅନ୍ତିମ ଅନ୍ତରଙ୍ଗକୁ।

କବିଙ୍କ ଭାଷାରେ

**'ଗଭୀର ନିଶୀଥରେ ଏକାକୀ ବସି**
**କ'ଣ ଖୋଜୁଛ ପ୍ରିୟତମା**
**ପରିଚିତ ଦୁଃଖଟିର ପରିଧି ବାହାରେ**
**ରହିଯାଇଛି ଆଉ କେଉଁ ସତ୍ୟ।'**

(ସୁବର୍ଣ୍ଣ ସ୍ୱସ୍ତିକ)

ପାଇ ହଜାଇବା ଆଉ ହଜାଇ ପାରିବାର ଅସରନ୍ତି ଆନନ୍ଦ ଭିତରେ ବୁଡ଼ି ରହିଛନ୍ତି କବିଙ୍କର ଅଦୃଶ୍ୟ ଚରିତ୍ରମାନେ।

କବିଙ୍କର ପ୍ରାୟତଃ କବିତାରେ ମାର୍ମିକ କାହାଣୀ ଦେଖିବାକୁ ମିଳେ। ଭାଷାର କୋମଳତା ଓ ଭାବର ଗଭୀରତା କବି ପ୍ରମୋଦ

ସରଙ୍ଗର କବିତାର ଏକ ଉଲ୍ଲେଖନୀୟ ଦିଗ। ସକାଳ ସିନ୍ଦୂର କବିତାଟି ତା'ର ଦୃଷ୍ଟାନ୍ତ। ଏହି କବିତାରେ କାବ୍ୟ ନାୟକ ତା'ର ଅତୀତର ପ୍ରେମାସ୍ପଦା ଆଜି କିପରି ବୈଧବ୍ୟ ବରଣ କରି ଯନ୍ତ୍ରଣା ଭୋଗୁଛି, ତାହା ଉଲ୍ଲେଖ କରାଯାଇଛି। ସେ ନା' ଆଶ୍ୱାସନା ଦେଇପାରୁଛି ପ୍ରଣୟିନୀକୁ ନା' ତାର ଜୀବନସାଥୀ ହେବାର ସୌଭାଗ୍ୟ ଲାଭ କରୁଛି।

କବିତାର ଉତ୍ତର ଭାଗରେ କିନ୍ତୁ ଏକ ଆଶାବାଦୀ ସ୍ୱର ଝଙ୍କୃତ। ଯେଉଁଠି ପ୍ରେମିକାର ସୁଖ ପାଇଁ ମାନସିକ ସ୍ତରରେ ଏକ ରୋମାଣ୍ଟିକ ଅତୀତର ଭାବାବେଗ ଉଲ୍ଲିଖିତ।

"ଯଥା : ଆଜି ନୂଆ କରି ପିନ୍ଧିଦିଅ
ସକାଳ ସିନ୍ଦୂର
ଉଜୁଡ଼ା ରାତିର ଶେଷେ
ପୂରିଉଠୁ କବିତାର ଘର
ପରିଚିତ ଅଦୃଶ୍ୟ ସକାଳ
କଅଁଳ ଖରାର ସାଥେ ଯୋଡ଼ି ଦେଉ
ହଜିଥିବା ଶବ୍ଦ ଆଉ ପକ୍ଷୀଟିର ପର।"

ପ୍ରେମ ଶାଶ୍ୱତ ଓ ଚିରନ୍ତନ। ମନର ମଣିଷ ନିକଟରେ ଥାଉ କି ନଥାଉ ତା'ର ସୁଖ ସମୃଦ୍ଧି ପାଇଁ ଅପରର ଆହ୍ଲାଦଭରା ଆଶ୍ୱାସନା ପ୍ରେମକୁ କରେ ଗଠନାଭିମୁଖୀ। ଏହି ସତ୍ୟଟି ଏଠାରେ ଅଭିବ୍ୟଞ୍ଜିତ। ପ୍ରେମାକାର ଜୀବନରେ ସୁଖ ନାହିଁ। ମଥାରେ ସିନ୍ଦୂର ନାହିଁ, ଦେହରେ ଅବଳ ବର୍ଣ୍ଣର ଶାଢୀ ତଥାପି ଅତୀତର ପ୍ରଣୟ ପୁରୁଷ ଏକ ନବ ସକାଳର ସିନ୍ଦୂର, ମଥାରେ ଆଙ୍କି ସୁଖଦ ଜୀବନ ନିର୍ବାହ କରିବାକୁ ପ୍ରେମାସ୍ପଦାକୁ ଯେଉଁ ଆଶାପ୍ରଦ ପ୍ରେରଣା ଦେଇଛି ତାହା ବେଶ ସ୍ୱାଗତ ଯୋଗ୍ୟ। ବିଚ୍ଛେଦ ଭଲ ପାଇବାର କଷଟି ପଥର। ସୁତରାଂ ନାୟକ ଓ ନାୟିକା କବିତାରେ ଉଭୟ ଭିନ୍ନ ମୁଖୀ ଜୀବନ ନିର୍ବାହ କରୁଥିଲେ ମଧ୍ୟ ସେମାନଙ୍କ ଭିତରେ ହୃଦୟର ଭାବାବେଗ ମୃତ୍ୟୁବରଣ କରିନାହିଁ। ପ୍ରେମିକାକୁ ନପାଇ ମଦ୍ୟ ତା ପ୍ରତି ରହିଥିବା ଅନୁରାଗ ତା'ର ଦୁଃଖ ଜର୍ଜର ଜୀବନରେ ଶୀତଳ ପବନ ପରି ଛୁଇଁ ଯାଉଥିବା କଥା ଏଠାରେ ଅନୁଭୂତ ହୁଏ।

ପ୍ରେମ ଓ ବିରହର ଏପରି ଛନ୍ଦାୟିତ ରୂପ ସଂକଳନରେ ଅନେକ କବିତାରେ ପ୍ରସ୍ଫୁଟିତ। ଜୀବନର ରଢ଼ ବାସ୍ତବତା ସତ୍ତ୍ୱେ ସଂପର୍କର ଗଭୀରତା ହିଁ ମଣିଷକୁ କରେ ଆଶ୍ୱସ୍ତ। ପାର୍ଥିବ ଜୀବନରେ ସଂପର୍କର ମାୟା ଜାଲ ହିଁ ରୁକ୍ଷ ଜୀବନକୁ କରେ ସରସ ଓ ମଧୁସିକ୍ତ। ତେଣୁ ପ୍ରେମର ଜୟଗାନ କରି କବି ପାର୍ଥିବ ଜୀବନରେ ତା'ର ମହନୀୟ ଭୂମିକାକୁ ପ୍ରଦର୍ଶନ କରିଛନ୍ତି।

ନାୟକର ପ୍ରଣୟ ଆକାଂକ୍ଷା ଓ ମିଳନାତୁର ଆବେଗ ବହୁ କବିତାର କେନ୍ଦ୍ରବିନ୍ଦୁ। ଆଲୋଖ ପୁସ୍ତକର ସୁବର୍ଣ୍ଣ ସ୍ୱସ୍ତିକ କବିତାରେ ନାୟକ ନାୟିକା ବିବାହିତ। ଦାମ୍ପତ୍ୟ ଜୀବନର ନିବିଡ଼ତାକୁ ଅଧିକ ଆକର୍ଷିତ କରେ ରାଣ୍ଡଚ଼ାଳ। କିନ୍ତୁ ସେହି ସମୟରେ ଶୂନ୍ୟ ଆକାଶକୁ ଚାହିଁ ପତ୍ନୀର ଉଦାସ ଭାବକୁ ଅନୁଭବ କରୁଛି ନାୟକ ଏବଂ ସେ ଅନୁରୋଧ କରୁଛି ଏପରି ଏକ ମିଳନ ମୁଖର ବାତାବରଣରେ ତୁମେ କାହା କଥା ଭାବୁଛ ?

କେଉଁ ଦୁଃଖର ସ୍ମୃତିଚାରଣ କରୁଛ ? ମିଳନ ହିଁ ତ ଶାଶ୍ୱତ ଦାମ୍ପତ୍ୟର ମୁକସାଥୀ। ଯେତେ ମାନସିକ ହେଲେ ମଧ୍ୟ ଦେହର ମିଳନରେ ହିଁ ତ ପ୍ରେମର ପରିପୂର୍ଣ୍ଣତା।

ଏଇଥିରେ ହିଁ ପରିତୃପ୍ତି ଓ ପ୍ରଶାନ୍ତି। ତେଣୁ ରାତ୍ରିର ନିବିଡ଼ ଅନ୍ଧକାର ମଧ୍ୟରେ କେଉଁ ଅଜଣା ରାଜ୍ୟରେ ହଜିଯିବା ଅପେକ୍ଷା ମିଳନର ମଧୁରାଗରେ ନିମଜ୍ଜିତ ହୋଇ 'ସୁବର୍ଣ୍ଣ ସ୍ୱସ୍ତିକ' ଅନୁଭବ କରିବାକୁ କାବ୍ୟ ନାୟକର ଆବେଗ ଆତୁର ଆହ୍ୱାନ ଏଠାରେ ପ୍ରତିଧ୍ୱନିତ।

ବିଶେଷ ଭାବରେ ଏହି ସଂକଳନଟି ପ୍ରେମର ବୈଚିତ୍ର୍ୟ ନେଇ ଉଦଭାସିତ। ତେଣୁ ବିରହ ଓ ମିଳନର ଧୂପ ଛାୟାରେ ସଂକଳନର କବିତାଗୁଡ଼ିକ ଆବେଗସିକ୍ତ ଓ ରସାଳ। ଆଧୁନିକ କବିତା ପ୍ରେମ ଜର୍ଜର ହୃଦୟାବେଗ ଠାରୁ ଦୂରେଇ ଯାଇ ରୁକ୍ଷ କର୍କଶ ଧୂସର ଜୀବନର ଚିତ୍ରାଙ୍କନ କରୁଥିବା ବେଳେ, କବି ପ୍ରମୋଦ ସର ପାରମ୍ପରିକ ପ୍ରେମମୟ ଜୀବନର ମଧୁରତାକୁ ଚିତ୍ରଣ କରିଛନ୍ତି ସଂକଳନର ବିବିଧ କବିତାରେ। ପ୍ରେମର ଆବେଗ ଉତ୍କଣ୍ଠା, ଉଚ୍ଛ୍ୱାସ ଓ ବିରହାନ୍ୱୀତ ପୀଡ଼ନ ଏଥିରେ ଭରପୂର ହୋଇ ରହିଛି। ଏବେ ମାନବ ଜୀବନର ଶାଶ୍ୱତ ପ୍ରେମାବେଗ ହିଁ ହେଉଛି ଜୀବନ ବଞ୍ଚିବାର ପ୍ରଧାନ ସମ୍ବନ୍ଧ। ପ୍ରେମ ନାହିଁ ତ ଜୀବନ ନାହିଁ। ଏ ଦୃଷ୍ଟିରେ ଉଲ୍ଲେଖ ଯୋଗ୍ୟ:

"ଏବେ ନିଜ ଭିତରକୁ ଚାହିଁ!
ଦେଖ ବୁଝିରେ ବୋଲିତ
ଅଥ ରାତିରେ ଅଲରା ନିଦରୁ ଉଠି
ଉଡ଼ିଯାଇଥିବା ରୋଗିଣା ପକ୍ଷୀଟିକୁ
ବାଉଳି ହୋଇ ଡାକ ଛାଡ଼ିଛ
ଆ' ପୁପୁନ ଫେରିଆ
ମୋ ରାଗ ନଧରି ଧନ
ମୋ ଛାତିରେ ମୁହଁ ଗୁଞ୍ଜି
ଭୋର ତାକର ସ୍ୱପ୍ନ ଦେଖି, ଶୋଇଯା ଶୋଇଯା।"

ପ୍ରାପ୍ତି ଅପେକ୍ଷା ଅପ୍ରାପ୍ତି ହିଁ ପ୍ରେମ ଜୀବନର ସୁଦୃଢ଼ ଭିତ୍ତିଭୂମି କୌଣସି ବହୁମୂଲ୍ୟ ଉପହାର ବା ଦୁର୍ମୁଲ୍ୟ ପଦାର୍ଥ ପ୍ରେମରେ ଦାବି କରାଯାଏ ନାହିଁ। ବସ୍ତୁଗତ ଦାନ ଅପେକ୍ଷା ହୃଦୟର ନିଭୃତ କୋଣରେ

ସଞ୍ଚିତ ଅନୁରାଗ ପ୍ରକୃତ ପ୍ରେମର ପ୍ରକଷ୍ଟ ଉପହାର। ତାହା ପ୍ରେମ ଜୀବନକୁ କରେ ନିବିଡ଼ ଓ ଅନ୍ତରଙ୍ଗ। ପ୍ରଣୟ ସଂପର୍କର ଏହି ଚିରନ୍ତନ ମୂଲ୍ୟବୋଧ ସଂସିତ କବିତାରେ ଉଦଘୋଷିତ। ଏହାର ଏକ ଉଦାହରଣ ନିମ୍ନରେ ଉଲ୍ଲେଖ ଯୋଗ୍ୟ

"ଭଲ କରିଛ,
ଦାବି କରି ନାହଁ
ସଜଫୁଲର ଅମରତ୍ୱ
ଜନ୍ମଜନ୍ମାନ୍ତର ଡେଇଁ ଡେଇଁ ଅଦୃଶ୍ୟ ପ୍ରେମର
ଅପରିଣତ ସଂଗୀତ
ମାଗିଛି ଯାହା
ଆମର ଆପାର୍ଥିବ ଆଲିଙ୍ଗନ
ଆମର ଅନୁରାଗମୟ ଅପରିଚିତ ନିର୍ଜନତା
ଆମର ନିରୀହ ନୀରବତା
ଯାହା ଶ୍ରାବଣର ସନ୍ଧ୍ୟାରେ
ରଙ୍ଗୀନ ଓ ନିଦାଘର
ସାମୟିକ ପୂଣ୍ୟ।"

ଏଠାରେ ଅପାର୍ଥିବ ଆଲିଙ୍ଗନର କଥା ଯାହା କୁହାଯାଇଛି ତାହା ଇନ୍ଦ୍ରିୟୋତ୍ତର ପ୍ରଣୟାନୁରାଗକୁ ଅଭିବ୍ୟଞ୍ଜିତ କରିଥାଏ। ପ୍ରେମ ଦେହଜ ନହୋଇ ବା ପାର୍ଥିବ ନହୋଇ ଏଠାରେ ଅପାର୍ଥିବ ସ୍ତରକୁ ଉନ୍ନୀତ।

ଏଠାରେ ଶାଶ୍ୱତ ପ୍ରେମର ଅଭିବ୍ୟକ୍ତି ପାଠକକୁ ଆକର୍ଷିତ କରିଥାଏ। କେଉଁ କେଉଁ କବିତାରେ ପ୍ରେମ ଆଶା ସଞ୍ଚାରି ଆବେଦନ ପ୍ରସ୍ଫୁଟିତ।

ଚିରକାଳ ପରସ୍ପର ଭିତରେ ସଂଯୁକ୍ତ ହୋଇ ରହିବାର ଅଭିଳାଷ ଓ ନିବେଦନ ଏଠି ବଳବତ୍ତର। ତେଣୁ ସବୁ ବିଚ୍ଛେଦ ଓ ବିରହ ମଧ୍ୟ ନବମିଳନର ପୂର୍ବରାଗ ରୂପେ ପରିକଳ୍ପିତ। ଅନ୍ତରଙ୍ଗ ମଣିଷଟି ସବୁ ଝଡ଼ ଝଞ୍ଜା ସତ୍ତ୍ୱେ ପଦାଘାତ କରି ଦୂରେଇ ନଯାଉ, ମହାକାଳ ବକ୍ଷରେ ଆତ୍ମୀୟତାର ଅନ୍ତରଙ୍ଗ ଭାବେ ଅତୁଟ ରହୁ, ତାହା କବିତାରେ ନାୟକର ମାନସିକତାରେ ଅର୍ନ୍ତଗୁମ୍ଫିତ ହୋଇରହିଛି। ଯଥାର୍ଥରେ ବାସ୍ତବ ପ୍ରେମ ସବୁ ପ୍ରତିବନ୍ଧକକୁ ଅତିକ୍ରମ କରିଯାଇପାରେ। ଭଲପାଇବାର ଦୃଢ଼ତା, ଜରା, ବ୍ୟାଧି, କଷ୍ଟ କାହାକୁ ଭ୍ରୂକ୍ଷେପ ନକରି ଅନ୍ତଃସଲିଳା ଫଲ୍‌ଗୁ ପରି ପ୍ରବାହିତ ହୋଇଥା,।

ବିଶ୍ୱ ବିଖ୍ୟାତ କବି ଓମରଖାୟାମଙ୍କ କବିତାଗୁଡ଼ିକରେ ଏହି ପରି ଭାବେ ଅଭିବ୍ୟକ୍ତ ହୋଇଥିବା ପରିଲକ୍ଷିତ ହୁଏ। ଘସରା ସାଂସାରିକ ଦେହଜ ଆକର୍ଷଣ ଅପେକ୍ଷା ମାନସିକ ସ୍ତରରେ ପ୍ରେମର ବ୍ୟାପ୍ତି ଓ ସଞ୍ଚରଣ ଶୀଳତା ଅଧିକ ମହନୀୟ। ସୀତା ବିଚ୍ଛେଦରେ ରାମଚନ୍ଦ୍ର, ଗଙ୍ଗାଧରଙ୍କ ତପସ୍ୱିନୀରେ ଏହି ମାନସିକତା ପୋଷଣ କରିଛନ୍ତି। ଯଥା:

"ମନ ଯେବେ ସଙ୍ଗ ହୋଇନାହିଁ ଭଙ୍ଗ
ସେହି ସୁଖ ସୁଖେ ଗଣ୍ୟ।

ପ୍ରାକୃତିକ ଚିତ୍ର ଚେତନା ମାଧ୍ୟମରେ ପ୍ରଣୟୀ ମନର ଆବେଗ ସିକ୍ତ ସ୍ୱର ଏଠି ଉଚ୍ଚାରିତ। ଯାହା ଅନ୍ୟକୁ କଷ୍ଟ ଦେବ ତାହା କଲେ, ସଂପର୍କରେ ସୃଷ୍ଟି ହୁଏ ଫାଟ। ତେଣୁ ପ୍ରଣୟୀର ନିବେଦନ।

ତମେ ଶ୍ରାବଣୀ ହୋଇ
ଅଧରାତିରେ ଏକାକୀ ବସି
ଝାରିବ ନାହିଁ ଲୁହ
ତମେ ସମୟ ହେଇ ମାଗିବ ନାହିଁ ମୂଲ।

ସେହିପରି ସ୍ୱୟଂ ପ୍ରଣୟୀ ମଧ୍ୟ ଯାହା ପ୍ରେମାସ୍ପଦାକୁ ବିବ୍ରତ ଓ ବିଚଳିତ କରିବ ତାହା ନ କରିବା ପାଇଁ ହୋଇଛି ସଂକଳ୍ପବଦ୍ଧ। ଯଥା

"ମୁଁ ଅନ୍ଧାର ହୋଇ
ଝାରିବି ନାହିଁ
ତମ ସ୍ୱପ୍ନର ଅବଶୋଷ
ମୁଁ ସଂଶୟ ହୋଇ
ଦେଇ ପାରିବିନି ଫୁଲ !

ଅତଏବ ପରସ୍ପର ମଧ୍ୟରେ ଉପରକୁ ଆନନ୍ଦ ଦେବାର ପ୍ରତିଶ୍ରୁତି ହିଁ ପ୍ରେମକୁ କିପରି ଦୀର୍ଘ ସ୍ଥାୟୀ ରୂପ ଦିଏ, ତାହା ଏଠାରେ ପ୍ରତିପାଦିତ। ଉତ୍ତମ ବୁଝାମଣା ହିଁ ସ୍ଥାୟୀ ସଂପର୍କର ଚାବିକାଠି। ଏଠି ସାରସତ୍ୱଟି ଆଲୋଚ୍ୟ କବିତାରେ ଉପଲବ୍ଧ ହୋଇଥାଏ।

ପ୍ରତୀକ୍ଷାର ଦୀପ ସଦାସର୍ବଦା ଅନିର୍ବାପିତ ହୋଇ ରହିଥାଏ। ପ୍ରତୀକ୍ଷିତ ବ୍ୟକ୍ତି ଆସୁ ବା ନ ଆସୁ ସେଥିରେ କିଛି ଫରକ ପଡେ ନାହିଁ। ଅପେକ୍ଷାର ଆନନ୍ଦ ଭିତରେ ମୁହୂର୍ତ୍ତ ସବୁ ମଧୁମୟ ହୋଇ ଉଠେ। ବୈଷ୍ଣବ କାବ୍ୟରେ ରାଧାକୃଷ୍ଣଙ୍କୁ ପ୍ରତୀକ୍ଷା କଲାପରି ଅଥବା ବିଶ୍ୱକବି ରବୀନ୍ଦ୍ରନାଥଙ୍କ କବିତାରେ ପ୍ରଭୁ ବିଶ୍ୱାସୀ ଭକ୍ତଟିଏ ଭଗବାନଙ୍କ ଅଭିସାରକୁ ଅପେକ୍ଷା କଲାପରି ଏଠାରେ ପ୍ରତିକ୍ଷୀତ ମୁହୂର୍ତ୍ତର ମାଦକତା ସାର୍ଥକ ରୂପେ ଚିତ୍ରିତ। ରବୀନ୍ଦ୍ରନାଥଙ୍କ କବିତାରେ କୁହାଯାଇଛି-

"ଆଜି ଝଡ଼େର ରାତେ ତୁମାର ଅଭିସାର୍
ପରାଣ ସଖା ବନ୍ଧୁ ହେ ଆମାର୍
ଆକାଶ କାନ୍ଦେ ହତାଶ ସମ
ନାଇଁ ଯେ ଘୁମ ନୟନେ ମମ
ଦ୍ୱିଆର ଖୋଲି ହେ ପ୍ରିୟତମ।

ଚାଇ ଯେ ବାର୍ ବାର୍।

ଈଶ୍ୱର ଆସନ୍ତୁ ବା ନ ଆସନ୍ତୁ ଭକ୍ତର ଆକୁଳ ପ୍ରତୀକ୍ଷା ଭିତରେ ବିତୁଥିବା ଉଦଗ୍ରୀବ ମୁହୂର୍ତ୍ତ ସବୁଠୁ ଆକର୍ଷଣୀୟ। ପ୍ରଣୟ ପ୍ରସଙ୍ଗରେ ଆଲୋଚ୍ୟ କବିତାରେ ସେହି ଭାବୋଚ୍ଛାସ ଅନୁମତି ହୋଇଥାଏ।

ବସ୍ତୁତଃ ସକାଳ ସିନ୍ଦୂର ସଙ୍କଳନଟିରେ ସ୍ଥାନିତ କବିତାଗୁଡ଼ିକ ଉଜ୍ଜ୍ୱଳ ପ୍ରେମ ଭାବୋଚ୍ଛ୍ୱାସ ବହନକରି ହୋଇଛି ସରସ ଓ ସୁଖପାଠ୍ୟ। ପ୍ରେମ ଗଦଗଦ ହୃଦୟର ଅବ୍ୟକ୍ତ ଭାଷାକୁ ଅନ୍ତରଙ୍ଗ ରୂପେ ବାଢିବାରେ ଏଠି କବି ହୋଇଛନ୍ତି ସମର୍ଥ। ରାଜନୀତିର ଜଟିଳତା, ସାମାଜିକ ଜୀବନର ଧୂସରତା ଅଥବା ଛଳନାପୂର୍ଣ୍ଣ ଜୀବନର ବିଶ୍ୱାସ ଘାତକତାକୁ ଅଙ୍କନ ନକରି କବି ମଣିଷ ହୃଦୟର ଗଳି ଉପଗଳିକୁ ଅନୁପ୍ରବେଶ କରି ଚିରନ୍ତନ ପ୍ରେମ ମଧୁରାଗ ପ୍ରସ୍ଫୁଟନ କରିଛନ୍ତି। ସମକାଳୀନ ଓଡ଼ିଆ କବିତାର ଦୃଷ୍ଟିଭଙ୍ଗୀରେ ହୁଏତ ଏହା ଯୁଗ ଉପଯୋଗୀ ହୋଇ ନପାରେ, କିନ୍ତୁ ସାମାଜିକ ଜୀବନର ପ୍ରାଣ ସ୍ପନ୍ଦନରେ ନିବିଡ଼ ସଂପର୍କର ଯେଉଁ ଉପାଦେୟତା ତାହାକୁ କଦାପି ଅସ୍ୱୀକାର କରାଯାଇ ନପାରେ। ସବୁକାଳର ମଣିଷ ହୃଦୟରେ ଫଗୁଣର ଫଗୁଣ ଉତ୍ସବ ବଜାୟ ରହୁ। ଜୀବନ ଫୁଲର ବଗିଚା ସୁଗନ୍ଧଯୁକ୍ତ ହେଉ। ବର୍ଷାଭିଜା ମାଟିର ମହକ ପରି ପ୍ରତ୍ୟେକ ଜୀବନରେ ପ୍ରେମର ମହମହ ବାସ୍ନା ଚହଟି ଯାଉ ଏହା ହିଁ ଏ ସଂକଳନର ପ୍ରମୁଖ ସ୍ୱର।

ସବୁଠି ହୃଦୟର ଭାଷା କୋମଳ ଓ ସ୍ୱାଦିଷ୍ଟ। ପ୍ରାଣର ଚଳଛଳ ଆବେଗାନୁଭୂତିକୁ ପରିପ୍ରକାଶ କରିବରା କ୍ଷମତା ରଖେ ପ୍ରଣୟ ସିକ୍ତ କବିତା। ସେହି ଦୃଷ୍ଟିରୁ ଏ ସଂକଳନର କାବ୍ୟ ଭାଷା ହୋଇଛି ସରଳ, ମଞ୍ଜୁଳ ଓ ବୋଧଗମ୍ୟ। ସମୁଦ୍ରର ଉତ୍ତାଳ ତରଙ୍ଗ ପରି ତୀବ୍ରତା ନୁହେଁ, ବରଂ ଝରଣାର କଳକଳ, ଛଳଛଳ ଜଳ ପ୍ରବାହ ପରି ଭାବର ତଲ୍ଲୀନତା ଏଠାରେ ପାଠକକୁ ବିମୁଗ୍ଧ କରିଥାଏ।

କବିତା ଭାଷା ଓ ଭାବର ସୁଦୃଢ଼ ବନ୍ଧନ। ଦେହ ଓ ମନ ପରି ଅଥବା ଆତ୍ମା ଓ ଶରୀର ପରି କବିତାର ଭଂଗୀ ଭାଷାର ଅନ୍ତରଙ୍ଗତା ନ ରହିଲେ କବିତା ହୁଏ ଦୁର୍ବୋଧ୍ୟ ଓ ଅରୁଚିକର। ସେହି କାବ୍ୟ ଦୋଷରୁ ମୁକ୍ତି ଲାଭ କରି ଏ ସଙ୍କଳନଟି ସବୁ ଶ୍ରେଣୀର ପାଠକଙ୍କୁ ଆପ୍ୟାୟିତ କରିବ ବୋଲି ବିଶ୍ୱାସ କରାଯାଏ।

❖❖❖

# ମାୟାଧର ମାନସିଂହଙ୍କ ଭାବଜଗତ



ISSN-2583-6978
Volume-4
Issue-10
OCTOBER-2024

**ତ୍ରିବେଣୀ ଭୋଳ**

**ଅଧ୍ୟାପିକା, ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟ**
**ନୟାସଡ଼କ କଟକ**

ଓଡ଼ିଆ ସାହିତ୍ୟରେ କବିବର ରାଧାନାଥଙ୍କ ପରେ ମାୟାଧର ମାନସିଂହ ହେଉଛନ୍ତି ନୂତନ ପିଢ଼ୀର ପ୍ରମୁଖ ରୋମାଣ୍ଟିକ କବି। ସେ ଏକାଧାରାରେ ଥିଲେ 'କବି', ପ୍ରାବନ୍ଧିକ, ନାଟ୍ୟକାର, ସମାଲୋଚକ, ଜୀବନୀକାର ଏବଂ କତିପୟ ପତ୍ରିକାର ସଂପାଦକ। ପ୍ରକୃତିର ଗନ୍ତାଘର ଚିଲିକାସ୍ଥ ପାରିକୁଦ 'ଗଡ଼ଜାତ' ନନ୍ଦଲା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ୧୯୦୫ ମସିହା ନଭେମ୍ବର ୫ ତାରିଖରେ। ବାଲ୍ୟକାଳରୁ ମାତୃପିତୃ ସ୍ନେହରୁ ବଞ୍ଚିତ ହୋଇ ଜୀବନର ସତ୍ୟକୁ ଉନ୍ମୋଚିତ କରିବାରେ ସମର୍ଥ ହୋଇଛନ୍ତି। ସେ ଓଡ଼ିଆ ସାହିତ୍ୟରେ ଜୀବନବାଦୀ କବି, ମାନବବାଦୀ କବି ଓ ପ୍ରେମ ପ୍ରଣୟର କବି। ଅତି ତରୁଣ ବୟସରୁ ତାଙ୍କ କାବ୍ୟ ପ୍ରତିଭାର ଉନ୍ମେଷ ଘଟିଥିଲା। ତାଙ୍କ କାବ୍ୟ ଗ୍ରନ୍ଥଗୁଡ଼ିକ ମଧ୍ୟରେ 'ଧୂପ', 'ହେମପୁଷ୍ପ', 'ହେମଶସ୍ୟ', 'କୋଣାର୍କ', 'ବାପୁ ତର୍ପଣ', 'ଅକ୍ଷତ, 'ମାଟିବାଣୀ', 'ଜୀବନଚିତା', 'କ୍ରୁଶ', 'ସିନ୍ଧୁବିନ୍ଦୁ', 'ସ୍ୱରାଜ୍ୟଶ୍ରମ', 'ଗୀତରେଣୁ', 'କିଶୋର କବିତା', 'ସାଧବ ଝିଅ, 'କମଳାୟନ' ଆଦି ପ୍ରମୁଖ। ମାନସିଂହଙ୍କ ସୃଷ୍ଟି ଜଗତ ଏତେ ବିଶାଳ ଓ ପ୍ରାରସିତ ଯେ, 'ଏହା ଗଭୀର' ସମ୍ବେଦନାରେ ପାଠକ ପ୍ରାଣକୁ ସ୍ପର୍ଶ କରେ। ତାଙ୍କ ସୃଷ୍ଟି ଜଗତରେ ପ୍ରକୃତିଭାବ, ସୌନ୍ଦର୍ଯ୍ୟଭାବ, ଐତିହ୍ୟଭାବ, ଜାତୀୟ ଭାବ, ବିଷଣ୍ଣଭାବ, ଦାର୍ଶନିକ ଭାବ, ପୌରାଣିକ ଭାବ ଆଦି ପାଠକ ହୃଦୟକୁ ବିମୋହିତ କରେ।

ଆମର ଆଲୋଚ୍ୟ ବିଷୟ ହେଉଛି, "ମାୟାଧର ମାନସିଂହଙ୍କ ଭାବ ଜଗତ"। ପ୍ରଥମେ ଆମେ ଜାଣିବାକୁ ହେବ ଏହି 'ଭାବ' କ'ଣ ? ପ୍ରଥମତଃ ଭାବ ସମସ୍ତଙ୍କ ପାଖରେ ଅଛି ଏହା ଦେବୀକୃତ। କାହା ପାଖରେ କେଉଁ ପ୍ରକାର ଭାବ କେତେ ପରିମାଣରେ ଅଛି ତାହା ଅଲଗା କଥା। ଭାବ ବିହ୍ୟୁନେ ମନୁଷ୍ୟ ଜନ୍ମ ନ୍ୟୁନ। ତେବେ କହିବା କଥା, କବି ବା ସାହିତ୍ୟିକମାନଙ୍କ ଭାବ କ'ଣ ନିଆରା ? ବା ତାଙ୍କ ପାଖରେ ଥିବା ଭାବ କ'ଣ ଅଧିକ ଶକ୍ତିଶାଳୀ ? ଏମିତି ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ। ସାଧାରଣ ମଣିଷର ଭାବ – ଅନ୍ୟକୁ ବୁଝିବା ପାଇଁ ଅନ୍ୟ ସହ ବାନ୍ଧି ହେବା ପାଇଁ, ଅନ୍ୟକୁ ଆପଣାର କରିବା ପାଇଁ, ଅନ୍ୟ ଏବଂ ଆପଣା ମଧ୍ୟରେ ବ୍ୟବଧାନ କମାଇ ଭାଗବତ ଅଦୃଶ୍ୟ ବନ୍ଧନୀ ଭିତରକୁ ଆକର୍ଷଣ କରିବା ପାଇଁ, ବୁଢ଼ିଆଣୀର ଅଦୃଶ୍ୟ ଜାଲପରି ଏ ଭାବ ବ୍ୟକ୍ତି ସତ୍ତ୍ୱାର ଏକ ନିରାପଦ ବନ୍ଧନୀ ନିର୍ମାଣ କରେ। କିନ୍ତୁ କବିର ଭାବ ଆମ ଭାବଠାରୁ ବ୍ୟାପକ ଓ ସ୍ୱତନ୍ତ୍ର୍ୟ। ତା' ପାଖରେ ବ୍ୟକ୍ତି ଭାବ ରୂପାନ୍ତରିତ ହୋଇଥାଏ କବି ଭାବକୁ। ସେଥିପାଇଁ ପ୍ରତ୍ୟେକ କବିଙ୍କର ଭାବ ଜଗତ ନିଜସ୍ୱ ଓ ସ୍ୱତନ୍ତ୍ର୍ୟ। ଅନ୍ୟ କାହା ସହ ତୁଳନୀୟ ନୁହେଁ। ସେଇ ଭାବ ଜଗତଟି କବିଙ୍କର ମାନସଗୃହ, ସୃଷ୍ଟି କର୍ମର ଏନ୍ତୁଡ଼ିଶାଳ ସେହି ସୃଷ୍ଟି ଅଙ୍କୁରୋଦଗମର ଚାରାମାଟି। ସେହି ସର୍ଜନାର ଭିତ୍ତିଭୂମି। କବି ଭିନ୍ନ ଆବେଗ, ଦର୍ଶନ, ଜୀବନ, ତତ୍ତ୍ୱ ନେଇ ଜୀବନ ସାରା କବିତା ଲେଖେ, ଭାବ କିନ୍ତୁ ଗୋଟିଏ। ତଳ ମାଟି ଯେଉଁ ଖାଦ୍ୟ ଯୋଗାଏ ସେ ଗଛ ସେମିତି ବଢ଼େ, ଫୁଲେ, ଫଳେ, ମାଟି ପାଇଁ କବି ମୂଲ୍ୟବୋଧ, ରୁଚି, ଅବରୋଧ ତଥା ସଂସ୍କାର ଓ ସାଂସ୍କୃତିକ ପ୍ରବାହକୁ ଖତଦିଏ। ଆଲୋଚ୍ୟ ମାନସିଂହଙ୍କ ଭାବ ଜଗତ ସ୍ୱତନ୍ତ୍ର୍ୟ ଓ ଭିନ୍ନ। ତାଙ୍କ ଭାବ ଜଗତରୁ ସୃଷ୍ଟି ହୋଇଛି ରାଶି ରାଶି କବିତା। ଏହା କିନ୍ତୁ ରୂପ ପାଇଛି ଭିନ୍ନ। ଆକାରରେ। ଆଲୋଚନାର ସୁବିଧା ପାଇଁ ତାଙ୍କ ଭାବ ଜଗତକୁ ସ୍ୱତନ୍ତ୍ର୍ୟ ଭାବରେ ଆଲୋଚନା କରାଯାଇପାରେ।

ପ୍ରେମ, ପ୍ରଣୟ ଓ ସୌନ୍ଦର୍ଯ୍ୟଭାବ:

ପ୍ରତ୍ୟେକ ମଣିଷ ଜଣେ ଜଣେ କବି। ପୃଥିବୀରେ ଏମିତି କେଉଁ ବ୍ୟକ୍ତି ନାହିଁ, ଯିଏ ମନକୁ ମନ, ଗୁଣୁଗୁଣୁ ହୋଇ ପଦଟିଏ ଗୀତ ଗାଇ ନଥିବ। ଏହି ଗୀତଯେ, ରୋମାଣ୍ଟିକ ଭାବାବେଗରୁ ବାହାରି ଆସୁଥିବ କହିଲେ ଅତ୍ୟୁକ୍ତ ହେବ ନାହିଁ। ତେବେ ମାନସିଂହଙ୍କ

କବିତାରେ ମଧ୍ୟ ବିପୁଳ ରୋମାଣ୍ଟିକ ଚେତନା ବା ଭାବର ପ୍ରୟୋଗ ଦେଖୁ। ପ୍ରେମିକ କବି ମାୟାଧର ମାନସିଂହ ପ୍ରେମ ଓ ପ୍ରଣୟକୁ ଏତେ ଉଚ୍ଚ ସ୍ଥାନରେ ରଖିଛନ୍ତି ଯେ, ସେହି ପ୍ରେମ ଓ ପ୍ରିୟା ପାଇଁ ପୁଣି ଧରାରେ ଅବତରଣ କରିବା ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି। ତେଣୁ ଗାଇବସିଛନ୍ତି-

ପ୍ରାଣଦହନର ପ୍ରତିଫଳନ ପାଠକକୁ ଚକିତ କରେ। ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର, ଜାତିପ୍ରଥା ଆଦିକୁ ବିରୋଧ କରି ସେ କବିତା ଲେଖିଲେ। ଦେବପୂଜା କବିତାରେ ସେ ମଣିଷର ପୂଜା ପାଇଁ ଆହ୍ୱାନ ଦେଲେ-

"ଏବେ କାଠ ପଥର ନପୂଜି, ଆ ପୂଜ ଜୀବନ୍ତ ଦେବତା
ଯା ଆଖିରୁ ଲୁହ ଯିବ ବହି, କହିଦେଲେ ପଦେ ମଧୁକଥା
ବନ୍ଦକର ମନ୍ତ୍ରପାଠ ତବ, ବନ୍ଦକର କର୍ପୂର ଆରତି,
ଦେଉଳର ବାହାରେ ଦେବତା ହାତପାତି ଉଭା ହୋଇଛନ୍ତି।"

ଉତ୍ତର ବୟସରେ ହୋଇ ଉଠିଥିଲେ ମାନବବାଦୀ ଏବଂ ବୌଦ୍ଧ ଧର୍ମ ପ୍ରତି ମଧ୍ୟ ଆକୃଷ୍ଟ ହୋଇଛନ୍ତି, ତାହା 'ବୁଦ୍ଧ' ନାଟକ ସହ ଅନେକ ବୌଦ୍ଧଧର୍ମୀ କବିତାରୁ ଜାଣିହୁଏ।

ପୌରାଣିକ ଭାବ:

କଳ୍ପନା ରାଜ୍ୟରେ ଘୁରିବୁଲି, ଇତିହାସକୁ ସନ୍ଧାନ କରି ବୁଲୁଥିବା ମାୟାଧର ମାନସିଂହଙ୍କ ପୌରାଣିକ ପିପାସା ମଧ୍ୟ ଥିଲା। ଅନେକ କବିତାରେ ସେ ପୌରାଣିକ ଭାବ ବା ଚେତନାକୁ ସ୍ଥାନ ଦେଇଛନ୍ତି। ତନ୍ମଧ୍ୟରୁ ଜନ୍ମାଷ୍ଟମୀ କବିତାଟି ଅନନ୍ୟ। ଏହି କବିତାରେ ସେ ପୁରାଣ ପ୍ରତି ଅନୁରାଗ ଓ ପ୍ରାକୃତିକ ପରିବେଶକୁ ଭଲ ପାଇବାର ଦୃଶ୍ୟ ବର୍ଣ୍ଣିତ :-

"ସ୍ତବ୍ଧ ଧରଣୀ ନୀରବ ଜଗତ
ବହଇ ଝଞ୍ଜା ପବନ
ବରଷେ ବାରି ଚମକେ ଚପଳା
ଶୁଭଇ ଘୋର ଗର୍ଜନ
ଅଦୃଶ୍ୟ ଆଜି ଅମ୍ବରେ ବିନ୍ଦୁ
ବାରିଦେ ଢଙ୍କା ଗଗନ
ନରତଭୀମ ମନ୍ଦ୍ର ନିଦାଘେ
କମ୍ପଇ ବିଶ୍ୱ ଭୁବନ"

କୃଷ୍ଣଙ୍କ ଜନ୍ମ ସମୟରେ ପ୍ରକୃତି ଯେଉଁ ରୂପ ଧାରଣ କରିଥିଲା କବି ତାହା ବର୍ଣ୍ଣନା କରିଛନ୍ତି।"

ବିଷାଦ ଭାବ:

ବେଦନାରୁ ବିଷାଦର ଜନ୍ମ। ଅପୂର୍ଣ୍ଣତା, ଅତୃପ୍ତି, ଅଭାବ, ଅନାଟନ, ଅନୁସନ୍ଧାନ ହେଉଛି ବିଷାଦ ଭାବର ଉତ୍ସ। ବାଲ୍ୟକାଳରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ତାଙ୍କ ଜୀବନ କ୍ଷତବିକ୍ଷତ। ତାଙ୍କ ମଧ୍ୟରେ ଥିଲା ପ୍ରେମ, ଥିଲା ପ୍ରଣୟ, ଥିଲା ମଧ୍ୟ ବିଷାଦ ଭାବ। ଏହି ପ୍ରେମ ଓ ବିଷାଦ ତାଙ୍କ ଜୀବନର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି। ତେଣୁ ତାଙ୍କର ଅନେକ କବିତା ବିଷାଦବୋଧରୁ ଜାତ। ପିତୃମାତୃହୀନ ମାନସିଂହଙ୍କ ପରିବାର କହିଲେ ବଡ଼ ଭଉଣୀ ସୁଜା ଅପା ଥିଲା; କିନ୍ତୁ ସେ ତାଙ୍କୁ ଗୋଟିଏ ସୁନାଚୁଡ଼ି ଦେଇପାରି ନାହାନ୍ତି। ପରବର୍ତ୍ତୀ ସମୟରେ ଏହି କଥା ମନେ ପକାଇ ତାଙ୍କ ହୃଦୟ ବ୍ୟାକୁଳ ହୋଇଛି। ତେଣୁ ସେ ଲେଖିଛନ୍ତି 'କଣ୍ଟକାଚ' କବିତା। ସେହିପରି ମୋ ଧନରେ ଯାଇଛି ସେ ଶିଶୁର ଦାନ ରୂପାନ୍ତର ଆଦି କବିତାରେ ସନ୍ତାନକୁ ହରାଇ ପିତା ଯେଉଁ ଦୁଃଖ ଯନ୍ତ୍ରଣା ପାଇଥାଏ ତାହାର କରୁଣ ବା ବିଷାଦ ଭାବ ଦେଖିବାକୁ ମିଳେ। ଝିଅର ମୃତ୍ୟୁକୁ ନେଇ ସେ ରଚନା କରିଛନ୍ତି- ମୋ ଧନରେ କବିତାଟି। ଶ୍ରୀମତୀ ପ୍ରାଣଦହନର ପ୍ରତିଫଳନ ପାଠକକୁ ଚକିତ କରେ। ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର, ଜାତିପ୍ରଥା ଅଦିକୁ ବିରୋଧ କରି ସେ କବିତା ଲେଖିଲେ। ଦେବପୂଜା କବିତାରେ ସେ ମଣିଷର ପୂଜା ପାଇଁ ଆହ୍ୱାନ ଦେଲେ-

"ଏବେ କାଠ ପଥର ନପୂଜି, ଆ ପୂଜ ଜୀବନ୍ତ ଦେବତା
ଯା ଆଖିରୁ ଲୁହ ଯିବ ବହି, କହିଦେଲେ ପଦେ ମଧୁକଥା
ବନ୍ଦ କର ମନତ୍ର ପାଠ ତବ, ବନ୍ଦକର କର୍ପୂର ଆରତି,
ଦେଉଳର ବାହାର ଦେବତା ହାତପାତି ଉଭା ହୋଇଛନ୍ତି।"

**ପୌରାଣିକ ଭାବ:**

କଳ୍ପନା ରାଜ୍ୟରେ ଘୁରିବୁଲି, ଇତିହାସକୁ ସନ୍ଧାନ କରି ବୁଲୁଥିବା ମାୟାଧର ମାନସିଂହଙ୍କ ପୌରାଣିକ ପିପାସା ମଧ୍ୟ ଥିଲା। ଅନେକ କବିତାରେ ସେ ପୌରାଣିକ ଭାବ ବା ଚେତନାକୁ ସ୍ଥାନ ଦେଇଛନ୍ତି। ତନ୍ମଧ୍ୟରୁ ଜନ୍ମାଷ୍ଟମୀ କବିତାଟି ଅନନ୍ୟ। ଏହି କବିତାରେ ସେ ପୁରାଣ ପ୍ରତି ଅନୁରାଗ ଓ ପ୍ରାକୃତିକ ପରିବେଶକୁ ଭଲ ପାଇବାର ଦୃଶ୍ୟ ବର୍ଣ୍ଣିତ :

"ସ୍ତବ୍ଧ ଧରଣୀ ନୀରବ ଜଗତ
ବହଇ ଝଞ୍ଜା ପବନ
ବରଷେ ବାରି ଚମକେ ଚପଳା
ଶୁଭଇ ଘୋର ଗର୍ଜନ
ଅଦୃଶ୍ୟ ଆଜି ଅମ୍ବରେ ବିନ୍ଦୁ
ବାରିଦେ ଢଙ୍କା ଗଗନ
ନରତଭୀମ ମନ୍ଦ୍ର ନିଦାଘେ
କମ୍ପଇ ବିଶ୍ୱ ଭୁବନ"

କୃଷ୍ଣଙ୍କ ଜନ୍ମ ସମୟରେ ପ୍ରକୃତି ଯେଉଁ ରୂପ ଧାରଣ କରି ତାହା ବର୍ଣ୍ଣନା କରିଛନ୍ତି।

ବିଷାଦ ଭାବ:

ବେଦନାରୁ ବିଷାଦର ଜନ୍ମ। ଅପୂର୍ଣ୍ଣତା, ଅତୃପ୍ତି, ଅଭାବ, ଅନାଟନ, ଅନୁସନ୍ଧାନ ହେଉଛି ବିଷାଦ ଭାବର ଉତ୍ସ। ବାଲ୍ୟକାଳରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ତାଙ୍କ ଜୀବନ କ୍ଷତବିକ୍ଷତ। ତାଙ୍କ ମଧ୍ୟରେ ଥିଲା

ପ୍ରେମ, ଥିଲା ପ୍ରଣୟ, ଥିଲା ମଧ୍ୟ ବିଷାଦ ଭାବ। ଏହି ପ୍ରେମ ଓ ବିଷାଦ ତାଙ୍କ ଜୀବନର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ତେଣୁ ତାଙ୍କର ଅନେକ କବିତା ବିଷାଦବୋଧରୁ ଜାତ। ପିତୃମାତୃ ହୀନ ମାନସିଂହଙ୍କ ପରିବାର କହିଲେ ବଡ଼ ଭଉଣୀ ସୁଜାଅପା ଥିଲା; କିନ୍ତୁ ସେ ତାଙ୍କୁ ଗୋଟିଏ ସୁନାଚୁଡ଼ି ଦେଇପାରିନାହାନ୍ତି। ପରବର୍ତ୍ତୀ ସମୟରେ ଏହି କଥା ମନେ ପକାଇ ତାଙ୍କ ହୃଦୟ ବ୍ୟାକୁଳ ହୋଇଛି। ତେଣୁ ସେ ଲେଖିଛନ୍ତି କଣ୍ଟକାଚ କବିତା। ସେହିପରି ମୋ ଧନରେ ଯାଇଛି ସେ ଶିଶୁର ଦାନ, ରୂପାନ୍ତର ଆଦି କବିତାରେ ସନ୍ତାନକୁ ହରାଇ ପିତା ଯେଉଁ ଦୁଃଖ ଯନ୍ତ୍ରଣା ପାଇଥାଏ ତାହାର କରୁଣ ବା ବିଷାଦଭାବ ଦେଖିବାକୁ ମିଳେ। ଝିଅର ମୃତ୍ୟୁକୁ ନେଇ ସେ ରଚନା କରିଛନ୍ତି– ମୋ ଧନରେ କବିତାଟି। ଶ୍ରୀମତୀ ମାନସିଂହ ଲେଖିଛନ୍ତି ଝିଅର ମୃତ୍ୟୁପରେ କନ୍ୟା ଶୋକ କାତର କବି ଯେତେବେଳେ ମୋ ଧନରେ କବିତାଟି ଲେଖିଲେ ସେତେବେଳେ ମୁଁ ତାଙ୍କ ପିତୃହୃଦୟର ଗଭୀର ମମତା ଉପଲବ୍ଧି କଲି। ଶୋକାକୁଳ ହୋଇ ସେ ବହୁଦିନ ଧରି ଝିଅର ପାଦୁକା ଦୁଇଟିକୁ ପୂଜା କରିଛନ୍ତି। (ପ୍ରିୟପରମ ଶ୍ରୀମତୀ ହେମଲତା ମାନସିଂହ) ବିଷାଦ ତାଙ୍କ ଜୀବନକୁ ଆଖ୍ୟାୟୀନ କରି ଦେଇଥିଲା।

ନାନା କାରଣ ତାଙ୍କ ହୃଦୟକୁ ବ୍ୟଥିତ କରିଛି। ଜୀବନ ସାରା କେବଳ ଜଳି ଜଳି ବଞ୍ଚିଛନ୍ତି। ଜୀବନଚିତା କବିତାରେ ତାଙ୍କ ହୃଦୟ ନେପଥ୍ୟରେ ଥିବା ବିଷାଦବାଦୀ ଭାବକୁ ପାଠକ ଅନୁଭବ କରିପାରେ

"ମୃତ୍ୟୁ ରାଜ୍ୟେ ଯିବି ଯେବେ ଛାଡ଼ି କୋଳ ମା ଧରିତ୍ରୀର
ବସନ୍ତର ପୁଷ୍ପୋତ୍ସବେ, ଶାରଦ ଜ୍ୟୋତ୍ସ୍ନାରେ
ସ୍ମରି କେବେ ମୋ ଦେଶର ଯୁବକ ଯୁବତୀ
ଆସି ସେ ସମାଧି ଉପରେ
ପୁଷ୍ପ ଢାଳି ପ୍ରୀତି ହରେ।

ପ୍ରେମର ମୁଗ୍ଧ ଉପାସକ ବା ପୂଜାରୀ ଥିଲେ, ମଧ୍ୟ, ମାନସିକହଙ୍କ ଭାବରାଜ୍ୟ କେବଳ ପ୍ରେମ ପ୍ରଣୟରେ ବାନ୍ଧି ରହିରହିନାହିଁ। ପୁରାଣ, ଇତିହାସ, ଦର୍ଶନ, ଭାଷା, ଜାତିୟତା, ତାଙ୍କ ମାନସ ରାଜ୍ୟକୁ ମନ୍ଥନ କରିଥିଲା। ତେଣୁ କଳ୍ପନାର କାରଗାରରୁ ନିଜକୁ ମୁକ୍ତ କରି ବାସ୍ତବତାକୁ ଜାବୁଡ଼ି ଧରିଲେ। ଜୀବନରେ ଯାହା ସତ୍ୟ, ଯାହା ସୁନ୍ଦର, ଯାହା ମହତ ତାହାରି ଉପାସନା କରି ଧୂପକାଠି ରୂପକ କଲମ ଦରି ସତ୍ୟ-ସୁନ୍ଦରର ପୂଜାର୍ଚ୍ଚନା କରିଲେ କବିତା ମଧ୍ୟରେ।

ତେବେ ମାୟାଧର ମାନସିଂହଙ୍କ ପାର୍ଥିବ ଶରୀର ଆମ ସହିତ ନାହିଁ ସତ, କିନ୍ତୁ ଚିନ୍ତା ଚେତନା ଆଦର୍ଶ ମୂଲ୍ୟବୋଧ, ପ୍ରେମ ସୌନ୍ଦର୍ଯ୍ୟ ପ୍ରତି ରହିଥିବା ତାଙ୍କ ଭାବ ଅନୁରଗା ଅଗଣିତ ପାଠକ ପ୍ରତି ମୁହୂର୍ତ୍ତରେ ସ୍ପର୍ଶ କରେ। ସାହିତ୍ୟରେ ସ୍ଥାନିତ ତାଙ୍କ ଭାବ ଜଗତ ଓଡ଼ିଆ ସାହିତ୍ୟ ଜଗତରୁ କେବେ ମଉଳି ଯିବ ନାହିଁ।

❖❖❖

# ବନ୍ୟା ପରର କାହାଣୀ :ହଂସହାନି



ISSN-2583-6978
Volume-4
Issue-10
OCTOBER-2024

**ସିମ୍ରନ୍ ରାଉତ୍**

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**
**ବାରିପଦା**

ଉପନ୍ୟାସ ହେଉଛି ବାସ୍ତବ ଜୀବନର କଳାତ୍ମକ ଇସ୍ତାହାର। ଏଥିରେ ଜନଜୀବନର ଜୀବନ୍ତ ସମସ୍ୟା ଉଦ୍‌ଭାସିତ ହୋଇଥାଏ। ଜୀବନର ବ୍ୟାପକତାକୁ ଆଙ୍କିବାରେ ବି ସାହିତ୍ୟର ଅନ୍ୟାନ୍ୟ ବିଭାଗ ଠାରୁ ଉପନ୍ୟାସର ଭୂମିକା ସ୍ୱତନ୍ତ୍ର। ଆଜିର ଉପନ୍ୟାସ କାହାଣୀର ଘନଘଟା ଭିତରେ ପାଠକର ମନୋରଞ୍ଜନ କରିବା ବ୍ୟତିରେକ, ଯାହା ସମକାଳୀନ ଚାକ୍ଷୁଷ ସତ୍ୟ ତାହାକୁ ଫୁଟାଇବାକୁ ପ୍ରୟାସ କରିଥାଏ। ସମକାଳୀନ ସାମାଜିକ ଜୀବନ ନାନାଦି ସମସ୍ୟାରେ ପ୍ରପୀଡ଼ିତ। ବ୍ୟକ୍ତିଜୀବନରୁ ଆଜି ଶାନ୍ତି ପରାହତ। ସମାଜର ଅଧିବାସୀମାନଙ୍କ ମଧରେ ମୈତ୍ରୀ, ମମତା ଓ ଭାଇଚାରାର ଅଭାବ ଦୃଷ୍ଟିଗୋଚର ହୁଏ। ଭୌତିକ ପ୍ରଗତିର ଧ୍ୱଜା ଧରି ମଣିଷ ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି। ଜାତି, ଧର୍ମ, ବର୍ଣ୍ଣଗତ ବିଦ୍ୱେଷ କମ୍ ବେଶୀରେ ବିଭିନ୍ନ ସ୍ଥାନରେ ସଂଘଟିତ ହେଉଛି। ପଦବୀଧାରୀ ମଣିଷ ତଥା ଉଚ୍ଚଶିକ୍ଷିତ କର୍ମଚାରୀମାନେ ଜନସାଧାରଣଙ୍କ ନିକଟରେ ସଙ୍କୋଚତାର ନଜିର ସୃଷ୍ଟି କରିପାରୁନାହାନ୍ତି। ସାଧାରଣ ଜନତା ବିଭିନ୍ନ ସରକାରୀ ଦପ୍ତରରେ ହଇରାଣ ହେବାର ଦେଖିବାକୁ ମିଳୁଛି। ସରକାରଙ୍କ ମାଳମାଳ ଯୋଜନା ପ୍ରକୃତ ହିତାଧିକାରୀ ପାଖରେ ଅପହଞ୍ଚ ରହିଯାଉଛି। ବନ୍ୟା, ବାତ୍ୟା ମରୁଡ଼ିର ଦେଶ ଓଡ଼ିଶାରେ ନାନା ଭାବେ ଅଭାବ ଓ ସଙ୍କଟରେ ଗରିବ ଜନତା ମ୍ରିୟମାଣ ହୋଇପଡୁଛି। ଏହି ପୃଷ୍ଠଭୂମିରେ ସମକାଳୀନ ଔପନ୍ୟାସିକମାନେ ସମାଜ ଜୀବନର ରୂଢ଼ ବାସ୍ତବତାକୁ ନିଜର କଳାସୃଷ୍ଟିରେ ରୂପାୟିତ କରିବା ଅତ୍ୟନ୍ତ ପ୍ରାସଙ୍ଗିକ। ଔପନ୍ୟାସିକ ପବିତ୍ର ମୋହନ ଦାଶଙ୍କ "ହଂସହାନି" ଏହି ଅନୁକ୍ରମରେ ଏକ ଉଲ୍ଲେଖଯୋଗ୍ୟ ବାସ୍ତବତାଧର୍ମୀ ଉପନ୍ୟାସ, ବନ୍ୟାର ବିଭୀଷିକାରେ ଆକ୍ରାନ୍ତ ଗୋଟିଏ ଗାଆଁର କରୁଣ ସ୍ଥିତି ଏ ଉପନ୍ୟାସରେ ପ୍ରଦତ୍ତ।

ପବିତ୍ର ମୋହନ ଦାଶ ଓଡ଼ିଆ ସାହିତ୍ୟରେ ତରୁଣ ପିଢ଼ିର ଜଣେ ପ୍ରତିଶ୍ରୁତି ସମ୍ପନ୍ନ କବି ଓ କଥାକାର। ବାଲିପୁଟ ପୁରୀ ଶାସ୍ତ୍ରୀ ସ୍ମୃତି ମହାବିଦ୍ୟାଳୟରେ ଇଂରାଜୀ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟରତ। ଲେଖକ ଶ୍ରୀ ଦାଶଙ୍କ 'ବଜ୍ରବଂଶୀ', 'ରକ୍ତଶସ୍ୟ', 'ସ୍ୱପ୍ନମେଧ', 'ମେଘସଂଚାର' ଓ 'ବିକ୍ଷୁବ୍ଧ ସମୁଦ୍ର' ଶୀର୍ଷକ ପାଞ୍ଚଗୋଟି କବିତା ସଂକଳନ ପ୍ରକାଶିତ। 'ହଂସହାନି' ଓ 'ପାହାର' ତାଙ୍କର ଦୁଇଗୋଟି ଚର୍ଚ୍ଚିତ ଉପନ୍ୟାସ। ୨୦୧୬ ମସିହାରେ ପ୍ରକାଶିତ 'ହଂସହାନି' ତାଙ୍କର ପ୍ରଥମ ଉପନ୍ୟାସ ହେଲେ ହେଁ ସମ୍ପ୍ରତି ଆମେ ସାମ୍ନା କରୁଥିବା କେତେକ ଜୀବନ୍ତ ସମସ୍ୟାକୁ ଭିତ୍ତିକରି ଉପନ୍ୟାସଟି ପରିପୁଷ୍ଟ। ସର୍ବୋପରି ଏହାର ନାମକରଣରେ ରହିଛି ଏକ ଆଧ୍ୟାତ୍ମିକତାର ସ୍ପର୍ଶ। ଭାରତୀୟ ଆଧ୍ୟାତ୍ମିକ ଜିଜ୍ଞାସାରେ ହଂସ ଆତ୍ମାର ପ୍ରତୀକ। ପ୍ରତ୍ୟେକ ପ୍ରାଣୀର ଶରୀରରେ ହଂସଟିଏ ବିରାଜିତ। ଅନ୍ନ ବା ଆହାର ବିନା ସେହି ହଂସର ମୃତ୍ୟୁ ଘଟେ। ଧ୍ୟାନ, ଧାରଣା, ଯୋଗ ଆଦି ଶାରୀରିକ କ୍ରିୟା ମାଧମରେ ମୁକ୍ତିର ଯେଉଁ ମାର୍ଗ ତାହା ହଂସ ବିନା କଦାପି ସମ୍ଭବ ନୁହେଁ। ଭାଗବତକାର ଜଗନ୍ନାଥ ଦାସ ଲେଖିଛନ୍ତି –

"ଅନ୍ନ ବିହୁନେ ହଂସ ହାନୀ
ଯୋଗ ସାଧିବି କାହା ଘେନି"

ଏହି ପଦକୁ ଅବଲମ୍ବନ କରି ଉପନ୍ୟାସର ନାମ 'ହଂସହାନି' ରଖାଯାଇଛି। ଅର୍ଥାତ୍ ଅନ୍ନ ହିଁ ଜୀବନ ଧାରଣର ନିୟାମକ। ଅନ୍ନ ବିନା ହଂସହାନି ସୁନିଶ୍ଚିତ। ଆଲୋଚ୍ୟ ଉପନ୍ୟାସରେ ବନ୍ୟାକୁ ସାମ୍ନା କରିଥିବା ସାଧାରଣ ଜନତାଙ୍କ କିପରି ହଂସହାନି ହୋଇଛି ତାହା ହିଁ ମୁଖ୍ୟ ପ୍ରତିପାଦ୍ୟ ବିଷୟ। ଏଠି ବନ୍ୟା ତ ନିମିତ୍ତ ମାତ୍ର, ବନ୍ୟା ପରବର୍ତ୍ତୀ ଜୀବନର ହାହାକାର ଭିତରେ ସେବା ନାମରେ ଶୋଷଣର ଯେଉଁ ପଟୁଆର ତାହା ପ୍ରକୃତରେ ଅସଲ ବାସ୍ତବତା। ରିଲିଫ ନାମରେ ହେଉଥିବା ନେତାଙ୍କ ଲୋକଦେଖାଣିଆ ସୁହାଗ ତଥା ବନ୍ୟା ବିପର୍ଯ୍ୟସ୍ତ ଜନମାନସର କରୁଣ ଦୁଃଖ ହିଁ ଏହି ଉପନ୍ୟାସର ପୃଷ୍ଠାକୁ

କରିଛି ଜୀବନ୍ତ। ବିପର୍ଯ୍ୟୟ ପରେ ନେତାମାନଙ୍କ ଧାଡ଼ି ଲାଗେ, ରିଲିଫ୍ ନାଆଁରେ କେତେ କ'ଣ ଆସେ। କିନ୍ତୁ ବିପର୍ଯ୍ୟସ୍ତ ଜନତାଙ୍କ ପାଖରେ ପହଞ୍ଚିପାରେନା ଆବଶ୍ୟକୀୟ ଦ୍ରବ୍ୟ ! ଜଳ ବହୁଳେ ଖାଦ୍ୟ ସମସ୍ୟା, ପାନୀୟ ଜଳ ସମସ୍ୟା ଏପରିକି ବାସ ସମସ୍ୟା ପରି ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଏକାଠି ବେଢ଼ି ବସେ। ସରକାରଙ୍କ ଯୋଜନା ହେଉ ଅବା ରିଲିଫ୍, କିଛି ହେଲେ ଠିକ୍ ଭାବେ ପହଞ୍ଚି ପାରେନା। ପହଞ୍ଚେ କେବଳ ଉଦାସୀନତା ଓ ହାହାକାର। ସେବାଦଳ ତରଫରୁ ମିଳୁଥିବା ହାଲୋଜେନ୍ ବଟିକା କଣ (ଖାଦ୍ୟ ଓ ପାନୀୟ ଅଭାବରେ) ପେଟକୁ ଯାଇ ସ୍ୱାସ୍ଥ୍ୟ ସମସ୍ୟା ଠିକ୍ କରିପାରେ ? ଏହା ବାସ୍ତବିକ୍ ଏକ ବଡ଼ ପ୍ରଶ୍ନବାଚୀ ନୁହେଁ କି ? ଏପରି ସମସ୍ୟାଗୁଡ଼ିକୁ ଏକତ୍ରିତ କରି ଔପନ୍ୟାସିକ 'ହଂସହାନି' ଉପନ୍ୟାସର ଭିତ୍ତିଭୂମିକୁ କରିଛନ୍ତି ବଳିଷ୍ଠ।

୨୬ଗୋଟି ପରିଚ୍ଛେଦ ବିଶିଷ୍ଟ ଏ ଉପନ୍ୟାସରେ ଯେଉଁ ଗାଆଁଟିର ଚିତ୍ର ଅଙ୍କିତ, ତା'ର ନାଁ 'ଅମାରସୁଆଁ'। ଭାର୍ଗବୀର କଜଳାଗଣ୍ଡା ଘାଇ ଭାଙ୍ଗି ବନ୍ୟାରେ ଭାସୁଛି ଗାଆଁଗୁଡ଼ିକ। ନାନା ରୋଗ ବଇରାଗ ସଙ୍ଗେ ଖାଦ୍ୟ ପାନୀୟ ଅଭାବରେ ଗାଆଁଲୋକ ବିଚଳିତ। ଏହି ସମୟରେ ଗାଆଁକୁ ଆସିଛନ୍ତି ନେତା ଧୂଳେଶ୍ୱର, ସାଙ୍ଗରେ ଅନ୍ୟ ନେତା ଉମାରଞ୍ଜନ ଓ ରବିବାବୁ। ସାଙ୍ଗରେ ରିଲିଫ୍ ଓ ମିଡ଼ିଆ। ଲୋକଙ୍କ ପାଖରେ ଠିକ୍ ଭାବେ ରିଲିଫ ପହଞ୍ଚୁ ଅବା ନ ପହଞ୍ଚୁ ଗଣମାଧ୍ୟମ ଦେଇ ଖବର ପହଞ୍ଚିବା ବେଶୀ ଜରୁରୀ। ବନ୍ୟା ପାଣିରେ ବଞ୍ଚୁଥିବା ଲୋକଙ୍କ ଦୁର୍ଦ୍ଦଶା କ'ଣ ଜାଣି ପାରିବେ ନାଲିବତୀ ଗାଡ଼ି ଚଢ଼ି, ମିନେରାଲ ପାଣି ପିଇ ବନ୍ୟା ଅଞ୍ଚଳ ପରିଦର୍ଶନ କରିବାକୁ ଆସିଥିବା ଧୋବଧୋବଳିଆ ନେତାମାନେ? ରିଲିଫ୍ ବଣ୍ଟନରେ ମଧ୍ୟ 'ଜୋର୍ ଯା'ର ମୁଲକ ତା'ର ନୀତି ଦେଖାଦେଇଛି। ରିଲିଫ୍ ପାଇଁ ଆସିଥିବା ଦ୍ରବ୍ୟଗୁଡ଼ିକ ବୋହି ନେଇଛନ୍ତି ଧୂଳବାବୁଙ୍କ ଚେଲା ନାରୁ ଓ ତା'ର ସୈନ୍ୟଦଳ।

ଗାଁର ଗୋଟିଏ ପରିବାରକୁ ଦର୍ଶାଇ ଔପନ୍ୟାସିକ ଦେଖାଇବାକୁ ଚାହିଁଛନ୍ତି ବନ୍ୟାପରେ କିପରି ଭାଙ୍ଗିପଡେ ଗୋଟେ ଗାଆଁ, ଗାଁର ଦୃଢ଼ତା ଓ ଗ୍ରାମବାସୀଙ୍କ ମନୋବଳ। ଚାଷ ଉପରେ ନିର୍ଭରଶୀଳ ପରିବାର ଋଣ ଚିନ୍ତାରେ ଶୋଇପାରେନି, କିଏ ଯାଏ ସୁରାଟ ଦାଦନ ଖଟି ତ ଅନ୍ୟ କିଏ ଚାଲିଯାଏ ନେତାଙ୍କ ପଛରେ ପରିବାରକୁ ଆଡ଼କରି। ଭୋକ ବିକଳରେ ଭାତ ବଦଳରେ ମଦ ପିଏ। ନିଜର ପଶୁତ୍ୱ ଜାହିର କରେ ଆଉ ପାଲଟିଯାଏ ମଣିଷରୁ ପଶୁ। ଗାଆଁରେ ବାପ ଛେଉଣ୍ଡ ପରିବାର। ପରିବାରରେ ମାଆ ମନ୍ଦୋଦରୀ, ପାଞ୍ଚ ପୁଅ ଜଗୁ, ସୁଧୀର, ନାରୁ, ସୁର ଓ ବୈରାଗୀ। ଉପନ୍ୟାସରେ ଏହି ପାଞ୍ଚଭାଇ ପାଞ୍ଚ ପ୍ରକାର ବ୍ୟକ୍ତିତ୍ୱର ପ୍ରତିନିଧିତ୍ୱ କରନ୍ତି। ମନ୍ଦୋଦରୀ ଅନେକ କଷ୍ଟକରି ବଡ଼ କରନ୍ତି ପୁଅମାନଙ୍କୁ ସ୍ୱାମୀଙ୍କ ମୃତ୍ୟୁପରେ। ଜଗୁ ଶାନ୍ତ ସ୍ୱଭାବର, ଚାଷ କାର୍ଯ୍ୟ କରି ପରିବାର ଚଳାନ୍ତି। ନାରୁ ସ୍ୱଭାବରେ ଉଗ୍ର। ଧୂଳବାବୁଙ୍କ ଚେଲା, ରାଜନୀତିପାଇଁ ନିଜ ପରିବାରକୁ ତ୍ୟାଗ କରିବାକୁ ମଧ୍ୟ ପଛାଇ ନାହିଁ। ସୁଧୀର ଘରର ଚାକିରିଆ ପୁଅ। ଦିନ ରାତି ଖଟି ଯାହା ଘରକୁ ପଠାଏ ତାର ଅର୍ଦ୍ଧେକ ମାଆର ଔଷଧରେ ଯାଏ। ସୁର ଘରେ ବସିଥାଏ କାମ ନକରି କିନ୍ତୁ ଯେତେବେଳେ ବନ୍ୟା ବିପ୍ଳାତ ଭାଙ୍ଗିଦିଏ ଘରର ଆର୍ଥିକ ମେରୁଦଣ୍ଡ, ଚାଷ କାର୍ଯ୍ୟ ଧୋଇଯାଏ ବନ୍ୟାଜଳରେ ଓ ଋଣ ବଢ଼ିଯାଏ ସେତେବେଳେ ସେ ଯାଏ ଦାଦନ ଖଟି ସୁରଟକୁ। ବୈରାଗୀ ଏକବାରେ ବୈରାଗ୍ୟ ହିଁ ଗ୍ରହଣ କରିନିଏ। ଭଜନ କୀର୍ତ୍ତନରେ ଦିନ ଯାଏ। ମୋହ-ମାୟାରୁ ଦୂରରେ ରହି ବଞ୍ଚେ। ଜଗୁଙ୍କ ସ୍ତ୍ରୀ ସାବିତ୍ରୀ ଘର ସମ୍ଭାଳନ୍ତି। କିନ୍ତୁ ସୁଧୀରଙ୍କ ସ୍ତ୍ରୀ ମମତା ପାଠପଢ଼ା ଝିଅ। ବୃତ୍ତିରେ ଓକିଲ। ସ୍ୱଇଚ୍ଛାରେ ବିବାହ କରିଛନ୍ତି। ପରମ୍ପରା ଓ ରୀତି-ନୀତି ପ୍ରତି ଆବେଗ ନାହିଁ ତାଙ୍କର। ଗାଆଁରେ ମଦ୍ୟପାନ ବିରୋଧରେ ସଭାକରି ଲୋକଙ୍କୁ ଏକତ୍ରିତ କରି ବୁଝାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ସେ। କନକ ସୁରର ପ୍ରେମିକା। ହରିଆ, ବାଦଲ, ମଣ୍ଟୁ, ଅଶୋକ, ପରମା ଆଦି ସୁର ସହିତ ସୁରଟରେ କାମ କରନ୍ତି। ଧୂଳେଶ୍ୱର ଜଣେ ଦୁର୍ନୀତିଗ୍ରସ୍ତ ରାଜନେତା। ସାମ୍ପ୍ରତିକ ନେତାମାନଙ୍କ କୁକର୍ମର ସେ ପ୍ରତିନିଧିତ୍ୱ କରନ୍ତି। ଔପନ୍ୟାସିକ ଏଭଳି ଜଣେ ଚରିତ୍ରକୁ ସ୍ଥାନ ଦେଇ ସମାଜରେ ରାଜନୀତି କ୍ଷେତ୍ରରେ ହେଉଥିବା ଦୁର୍ନୀତିର ପ୍ରତିବିମ୍ବ ପାଠକକୁ ଦେଖାଇଛନ୍ତି।

ଗୋଟିଏ ପକ୍ଷେ ଔପନ୍ୟାସିକ ଦେଖାଇଛନ୍ତି ନାରୁର ରାଜନୀତିକ ପ୍ରଚାର। ନାରୁ ସରପଞ୍ଚ ଭାବେ ଠିଆହୁଏ ଧୂଳବାବୁଙ୍କ ତରଫରୁ। ଭୋଟପାଇଁ ବଣ୍ଟାହୁଏ ପୁଳାପୁଳା ଟଙ୍କା, ମଦ-ମାଂସରେ ଭାସୁଥାଏ ଗାଆଁ। ଏଇ ତ ଆମ ଗଣତନ୍ତ୍ରର ଦୂରବସ୍ଥା। ନୋଟ୍ ବଦଳରେ ଭୋଟ୍ ଯେଉଁଠି ରାଜନୀତିର ଅସ୍ତ୍ର, ସେଇଠି କ'ଣ ଉଚିତ୍ ପ୍ରତିନିଧିଟିଏ ବାଛିହୁଏ ! ଯୁଆଡ଼େ ବର୍ଷା ସିଆଡେ ଛତା ପରି ଲୋକମାନେ ଟଙ୍କା କେଇଟା ବଦଳରେ ବିକ୍ରି କରିଦିଅନ୍ତି ନିଜର ମୂଲ୍ୟବାନ୍ ନାଗରିକତା। ଟଙ୍କା ନେଇ ପାଞ୍ଚବର୍ଷପାଇଁ ନିଜର ପ୍ରତିନିଧି ବାଛି ନିଅନ୍ତି। ମଣିଷର ନାଗରିକତା କଣ ସତରେ ଏତେ ଶସ୍ତା ? ଅନ୍ୟପକ୍ଷରେ ଔପନ୍ୟାସିକ ଦେଖାଇଛନ୍ତି ରାଜ୍ୟର ବେକାରୀସମସ୍ୟା ପାଇଁ ଦୂର ରାଇଜକୁ ଖଟିବାକୁ ଯାଉଥିବା ଓଡ଼ିଆ ଶ୍ରମିକମାନଙ୍କ ଦୁର୍ଦ୍ଦଶା। ସୁରଟରେ ତିନିଶହରୁ ବେଶି ବସ୍ତି ରହିଛି କେବଳ ଓଡ଼ିଆଙ୍କର। ଘରଗୁଡ଼ିକ ପାରାଭାଡ଼ି ପରି। ଗୋଟିଏ କୋଠରୀରେ ଅତିକମ୍‌ରେ ଆଠଦଶ ଜଣ। ମହାନଗର ନିଗମ ପକ୍ଷରୁ ଥିବା ଶୌଚାଳୟ ଉପରେ ସେମାନଙ୍କର ଭରସା। ଆଠ – ଦଶଟା ଶୌଚାଳୟକୁ ତିନିଚାରି ହଜାର ଲୋକ। ପୁଣି ବର୍ଷାଦିନରେ ସେଥିରୁ ଅର୍ଦ୍ଧେକ ଜାମ୍। ଏଭଳି ପରିସ୍ଥିତିରେ ରହି ରୋଗକୁ ଆମନ୍ତ୍ରଣ କରିବା ହିଁ ସାର। ଓଡ଼ିଶାର ଶ୍ରମିକମାନଙ୍କ ଭଲ-ମନ୍ଦ ବୁଝିବାପାଇଁ କୌଣସି ସଂଘ ବା ୟୁନିଅନ୍ ମଧ୍ୟ ନାହିଁ। ଶ୍ରମିକମାନେ ପରିବାର ଛାଡ଼ି ଆସି ଖଟନ୍ତି ଏଠି, ଦରମା ପାଇଲେ ମଦ ପିଅନ୍ତି, ଅନ୍ୟ ଅନୈତିକ କାର୍ଯ୍ୟ

କରିବାକୁ ମଧ ପଛାନ୍ତି ନାହିଁ । କାମରେ ଢିଲା କରୁଥିବା ଅଭିଯୋଗରେ ସୁର ମାଡ଼ଖାଏ କଣ୍ଟ୍ରାକ୍ଟର କାଳିଆ ଠାରୁ, ଯିଏ ଏଠାକୁ ଆଣି ସେମାନଙ୍କୁ କାମରେ ଲଗାଇଥିଲା । କମ୍ପାନୀ ଏ ଖବରକୁ ଚପାଇବାକୁ ଚେଷ୍ଟା କରେ । ପ୍ରତିବଦଳରେ ଟଙ୍କାର ଲୋଭ ଦେଖାଏ, କିନ୍ତୁ ଦିଏ ନାହିଁ । ସୁରଟର ଲୁଗାକଳର କର୍ମୀମାନଙ୍କ ପ୍ରତି ଶୋଷଣକୁ ସ୍ଥାନ ଦିଆଯାଇଛି ଉପନ୍ୟାସରେ । କମ୍ପାନୀ ଅଧିକ ଖଟାଏ, ଟଙ୍କା କମ୍ ଦିଏ । ଟିଙ୍କ ରକ୍ତ ଶୋଷିବା ପରି ଶ୍ରମ ଶୋଷେ । ସୁର ଘରକୁ ପଇସା ଦିଏ, ମାଆର ଚିକିତ୍ସା ଓ ଔଷଧ ଖର୍ଚ୍ଚ ପାଇଁ କିଛି ସହାୟକ ହୁଏ । କିଛି ପଇସା ସଞ୍ଚିବାକୁ ଚେଷ୍ଟାକରେ । ଦିନସାରା ଖଟେ, ରାତିରେ କନକକୁ ବାହା ହେବାକୁ ସ୍ୱପ୍ନ ଦେଖେ । ଗାଆଁରେ କନକକୁ କଥା ଦେଇ ଆସିଥିବା କଥା ମନେପଡେ ।

ପ୍ରାକୃତିକ ବ୍ୟୁପ୍ତିବେଳେ ଏହାକୁ ଏକ ସୁଯୋଗ ପରି ବ୍ୟବହାର କରୁଥିବା ଏନ୍.ଜି.ଓ ମାନଙ୍କୁ ମଧ ଔପନ୍ୟାସିକ ସ୍ଥାନ ଦେଇଛନ୍ତି । ଏନ୍.ଜି.ଓ ପୁସ୍ର ନିର୍ଦ୍ଦେଶକ ଆଶିଷ ବାବୁ, ଗବେଷିକା ସ୍ୱାତୀ, କ୍ଷେତ୍ରାଧିକାରୀ ସୁବ୍ରତ ପରିଦର୍ଶନ କରିବାକୁ ଆସନ୍ତି କୋଠଦେଶ ପରି ବନ୍ୟା ପ୍ରବଳିତ ଅଞ୍ଚଳକୁ । ସର୍ଭେ କରନ୍ତି, କେଉଁ ମୌଜା ତଥା ପଡ଼ାଗୁଡିକରେ କେତେ ଶତାଂଶ ଫସଲ ହାନି ହୋଇଛି ? କ୍ଷତିର ଅଟକଳ, ଲୋକଙ୍କ ନିଜ ଜମିର ଆକଳନ, ମୃତ୍ୟୁ ସଂଖ୍ୟା, ସରକାରଙ୍କ ଯୋଜନା କେତେଦୂର ସଫଳ ହୋଇପାରିଛି ପରି କାହିଁ କେତେ ପ୍ରଶ୍ନ । ବନ୍ୟା ପରିସ୍ଥିତିକୁ ନେଇ କିପରି ପ୍ରୋଜେକ୍ଟ ତିଆରି କରାଯାଇପାରିବ ଭାବନ୍ତି । ଖୋଜା ଚାଲେ ଅନାହାର, ପୁଷ୍ଟିହୀନତା ତଥା ହଇଜାରେ ମରିଥିବା ଲୋକ ଏବଂ ଖାଦ୍ୟ ନ ପାଇ ଓଲୁଅ ଓ ବଣ ସାରୁ ଖାଉଥିବା ଲୋକଙ୍କର ଫଟୋ ଓ ଆବଶ୍ୟକ ସ୍ଥଳେ ଭିଜୁଆଲ ରେକର୍ଡ । ପ୍ରୋଜେକ୍ଟ ଅନୁଯାୟୀ ଲୋକଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟ ଦେଖାଇ ଏମାନେ ଆସନ୍ତି ସତ । ଲୋକଙ୍କୁ କର୍ମ ନିଯୁକ୍ତି କରାଇବାର ବାଟ ମଧ ଦେଖାନ୍ତି । ମହିଳାମାନଙ୍କୁ ଆଚାର ପାମ୍ପଡ, ବଡ଼ି, ଠୁଙ୍ଗା ତିଆରି କରିବା ଶିଖାନ୍ତି ସ୍ୱାତୀ ପରି ସଦସ୍ୟ ଓ ଆଶିଷ ବାବୁ ପୁରୁଷମାନଙ୍କୁ ହୋଟେଲ ତିଆରି କରାଇ କାମରେ ଲଗାଇବାକୁ ଶିଖାନ୍ତି । ଭିଡିଓ ରେକର୍ଡ ମଧ କରାଯାଏ । ମାତ୍ର ଜଣା ଯାଏ ଯେ ଏହା ହେଉଛି ଏକ କୃତ୍ରିମ ପ୍ରହସନ । କେବଳ ମାତ୍ର ଏହି ପ୍ରାକୃତିକ ବିପର୍ଯ୍ୟୟ ଆଢୁଆଳରେ ଟଙ୍କା ଆତ୍ମସାତ୍ କରିବାର କୌଶଳ । ମାତ୍ର ତିନିଶହ ଟଙ୍କା ବିନିମୟରେ ଲୋକମାନେ ମଧ ଭିଡ଼ିଓ ରେକର୍ଡବେଳେ ଅଭିଜ୍ଞ ଅଭିନେତା ପରି ଅଭିନୟ କରନ୍ତି । ସେବା ନାମରେ ଶୋଷଣ ଓ ଆତ୍ମପ୍ରଚାରର ଏ ଅଭିଳାଷ କେତେ ଫମ୍ପାବାଜୀ ସତରେ ।

ଏଭଳି ପରିସ୍ଥିତିରେ ବେଳେବେଳେ ସାମ୍ବାଦିକମାନଙ୍କ ବ୍ୟବହାର ମଧ ମଣିଷକୁ ବିଚଳିତ କରିଦିଏ । ବନ୍ୟାର କରାଳତା ସବୁ ଧ୍ୱଂସ ବିଧ୍ୱଂସ କରିଦେଇଥିବାବେଳେ ସେମାନଙ୍କ ଆଚରଣ ବନ୍ୟା ପୀଡ଼ିତ ମଣିଷକୁ ବ୍ୟତିବ୍ୟସ୍ତ କରିଦିଏ । ବନ୍ୟାରେ ସାପଙ୍କ ପ୍ରାଦୁର୍ଭାବ ଓ ଭୟ ଲୋକଙ୍କୁ ବିଚଳିତ କରେ । ପୋଷ୍ୟ ପ୍ରାଣୀ ସବୁ ଭାସି ଯାଆନ୍ତି । ଘରେ ସବୁ ପାଣି ପଶିଯିବାବେଳେ ସମସ୍ତେ ଖୁନ୍ଦାଖୁନ୍ଦି ହୋଇ କେଉଁ ଏକ ବଡ଼ ଘରେ ଆଶ୍ରୟ ନେଇଛନ୍ତି । ଉଡାଜାହାଜରୁ ରିଲିଫ୍ ପଡ଼ିବା ବେଳେ ଜଣେ ଦି' ଜଣ ଗ୍ରାମବାସୀ ଆହତ ମଧ ହୋଇଛନ୍ତି । ଯେଉଁମାନଙ୍କ ସହାୟତାପାଇଁ ରିଲିଫ୍ ଆସିଛି, ସେଇମାନେ ତାଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି । ସମସ୍ତ ଘଟଣା କ୍ରମକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଚିତ୍ର ଉତ୍ତୋଳନ ବା ବିବରଣୀ ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି । କାରଣ ଏହି ଆକର୍ଷଣୀୟ ଖବର ହିଁ ତାଙ୍କର ଦାନାପାଣି । ଏଭଳି ପରିସ୍ଥିତିରେ ଯଦି ବିପର୍ଯ୍ୟସ୍ତ ମଣିଷମାନଙ୍କୁ ତାଙ୍କ ଅନୁଭବ ସମ୍ପର୍କୀୟ ପ୍ରଶ୍ନ କରାଯାଏ, ତେବେ ତାଙ୍କ ଉତ୍ତର ଆଉ କ'ଣ ବା ହୋଇପାରିବ ? ଏ ନେଇ ଔପନ୍ୟାସିକ ବ୍ୟଙ୍ଗ କରି କହିଛନ୍ତି "ହାତରେ ପାଉଁରୁଟି ଗୋଟେ କି ଚୁଡ଼ା ମୁଠେ ନାହିଁ । ମହରଡ଼ା ଫଳ ଦେଖେଇ ପାଠ ପଚାରିଲା ।" (୧) ଅର୍ଥାତ୍ ଭୋକିଲା ଅବସ୍ଥାରେ ପ୍ରାଣବିକଳରେ ଆଶ୍ରୟ ନେବାପାଇଁ ଜାଗା ଟିକିଏ ପାଇପାରୁ ନ ଥିବା ବନ୍ୟା ବିପନ୍ନ ଲୋକଙ୍କୁ ମୁଠାଏ ଚୁଡ଼ା କି ଦୁଇ ଖଣ୍ଡ ପାଉଁରୁଟି ନ ଦେଇ ଏ ସାମ୍ବାଦିକମାନେ କିପରି ସେମାନଙ୍କ ଦୁରବସ୍ଥାର ବିବରଣୀକୁ ଆକର୍ଷଣୀୟ ଢଙ୍ଗରେ ପରିବେଷଣ କରିବେ ସେଥିପାଇଁ ତତ୍ପର ଥିଲେ । ଭୋକିଲାକୁ ଖାଦ୍ୟ ଦରକାର । ତା' ଭୋକର କାହାଣୀ ଅନ୍ୟକୁ ଶୁଣାଇଲେ ବୁଭୁକ୍ଷୁର ପେଟ ପୂରେନା । ଏହା ହିଁ ବିରୋଧାଭାସ ।

ବନ୍ୟା ଛାଡ଼ିଯାଇଛି ସତ କିନ୍ତୁ ବନ୍ୟାର କରାଳତା ଛାଡ଼ିନାହିଁ ଚାଷଭୂଇଁରୁ ଓ ଭୟ ଲିଭିନାହିଁ ଲୋକଙ୍କ ମନରୁ । ସରକାର ଋଣ ମୁକ୍ତ କରିଛନ୍ତି ଛୋଟ ଚାଷୀମାନଙ୍କୁ, ଯାହାଙ୍କ ଜମି ପାଞ୍ଚ ଏକରରୁ କମ୍ କିନ୍ତୁ ବନ୍ୟାଜଳ ଫସଲ ଧୋଇ ନେବା ବେଳେ ଦେଖେ ନାହିଁ କାହାର କେତେ ଜମି ଅଛି । କିଏ ଛୋଟ ଚାଷୀ କିଏ ବଡ଼ ଚାଷୀ । ବାଲିଚର ହୁଏ ସବୁ ଜମିରେ । ତେବେ ସରକାରଙ୍କ ଏ ଛୋଟ ବଡ଼ ଚାଷୀଙ୍କ ଠାରେ ଅଲଗା ନିୟମ କେଉଁ କାରଣରୁ ! ଋଣ ଛାଡ଼ ଖବର ପାଇ ଜଗୁ ଯେତେବେଳେ ସେକ୍ରେଟାରୀ ଅଫିସ୍ ଯାଇଛି, ସେଠାରେ କୁହାଯାଇଛି "ସରକାର ସେଇମାନଙ୍କ ଋଣ ଛାଡ କରିଛନ୍ତି, ଯୋଉମାନଙ୍କ ଜମି ପାଞ୍ଚଏକର ବା ତା' ଠାରୁ କମ୍ । ସେମାନେ ଛୋଟ ଚାଷୀ । ସରକାର ତାଙ୍କୁ ଦୟା ଦେଖାଇବା କଥା । ଆଉ ତମର ତ ସାତ ଏକର ଜମି । ତମେ କଣ ଗରିବ ନା ଛୋଟ ଚାଷୀ ।" (୨) ତେବେ ଘରେ ୪ଜଣ ମଣିଷକୁ ପାଞ୍ଚଏକର ଜମି ଥିବା ଲୋକ ଛୋଟ ଚାଷୀ, ଆଉଘରକୁ ୧୦ଜଣରେ ସାତଏକର ଜମି ଥିବା ଲୋକ ବଡ ଚାଷୀ । ସରକାରଙ୍କ ଏ ନ୍ୟାୟ ବିଚାର ବୁଝିପାରେନା ଜଗୁ ।

୧୯୬ ପୃଷ୍ଠା ବିଶିଷ୍ଟ ଏ ଉପନ୍ୟାସରେ ଔପନ୍ୟାସିକ କେବଳ

ବନ୍ୟାର କରାଳତା ଦେଖାଇ ନାହାନ୍ତି, ଦେଖାଇଛନ୍ତି ବିପର୍ଯ୍ୟୟ ପରବର୍ତ୍ତୀ ପରିସ୍ଥିତି । ଦୂରଦର୍ଶନ, ବେତାର ମାଧ୍ୟମରେ ଦେଖାଯାଏ କେବଳ ଜଳ ପ୍ରବଳିତ ଅଞ୍ଚଳର ପ୍ରତିଛବି ଓ ସରକାରଙ୍କ ବଡବଡ ଯୋଜନା ସମ୍ପର୍କରେ । ବନ୍ୟାରେ ଭାସିଯାଇ ତଥା ହଇଜାରେ ଶହ ଶହ ମୃତ୍ୟୁର କେବେ ସଠିକ୍ ଗଣନା ହୋଇପାରେ ନାହିଁ । ସରକାର ତଥାକଥିତ ପ୍ରଚେଷ୍ଟା ଓ ସହାୟତା ପହଞ୍ଚି ପାରେନାହିଁ ସବୁ ଗାଆଁରେ । ପହଞ୍ଚି ପାରେନା ମଧ୍ୟ ଡାକ୍ତରୀ ଦଳ ଓ ସେବା ସୁବିଧା । ଦୂରଦର୍ଶନ ପର୍ଦ୍ଦା ଉପରେ ଉପାନ୍ତ ଅଞ୍ଚଳର ଲୋକଙ୍କ ହଇଜା, ଅନାହାର ଓ ଅଖାଦ୍ୟ ଖାଇ ମୃତ୍ୟୁ ଦେଖାଯାଉଥିବାବେଳେ ଗୋପନ ରହେ ନେତାମାନଙ୍କ ରିଲିଫ ଆତ୍ମସାତ୍ କରିବା ଘଟଣା । ବାସ୍ତବ ଦୁର୍ଦ୍ଦଶାର ଚିତ୍ର ଅଣଦେଖା ରହିଯାଏ ।

ସୁରଟରେ ଓଡ଼ିଆ ଶ୍ରମିକମାନଙ୍କ ଦୁର୍ଦ୍ଦଶାକୁ ନେଇ ସରକାରଙ୍କ ମୌନ ନୀତିକୁ ଔପନ୍ୟାସିକ ତାସଲ୍ୟ କରିଛନ୍ତି । ରାଜ୍ୟରେ ବେକାରୀ ସମସ୍ୟାର ପ୍ରାବଲ୍ୟ ହେତୁ ଶ୍ରମିକମାନେ ବାହାର ରାଜ୍ୟକୁ ଯାଇ ଖଟୁଛନ୍ତି, ମଦ୍ୟପାନର ବହୁଳତାପାଇଁ ରୋଗଗ୍ରସ୍ତ ମଧ୍ୟ ହେଉଛନ୍ତି । ଏହା ସଙ୍ଗେ ଶ୍ରମିକମାନଙ୍କ ମଧ୍ୟରେ ବ୍ୟାପୁଥିବା ଏଡ୍‌ସ ମହାମାରୀର ବ୍ୟାପକତା ମଧ୍ୟ ଏକ ଗୁରୁତର ସମସ୍ୟା ଭାବେ ଉପନ୍ୟାସରେ ସ୍ଥାନ ପାଇଛି । ଏଭଳି ଏକ ଗୁରୁତର ସମସ୍ୟାକୁ ଆଖିରେ ରଖି ସରକାରଙ୍କ ଦ୍ୱାରା ଏକ ଦଳ ସୁରଟ ପଠାଯାଇଛି । ସେମାନଙ୍କ ମଧ୍ୟରେ ସୁଧୀର ଓ ମମତା ମଧ୍ୟ ଯାଇଛନ୍ତି । କିନ୍ତୁ ସେମାନେ ସୁର ପାଖକୁ ଯିବା ପରିବର୍ତ୍ତେ ଅନ୍ୟାନ୍ୟ କାର୍ଯ୍ୟକୁ ଅଗ୍ରାଧିକାର ଦେଇଛନ୍ତି । ତାହା ସୁରକୁ ଅନେକ ମର୍ମାହତ କରିଛି । ଏଭଳି ଘଟଣା ମଧ୍ୟରେ ପରିବାରର ପାଞ୍ଚ ଭାଇ, ପାଞ୍ଚ ଆଙ୍ଗୁଳି ପରି ରହିବା ପରିବର୍ତ୍ତେ ପରିବାରର ମେରୁଦଣ୍ଡ ଭାଙ୍ଗି ଯାଇଛି । ଜଗୁ ଚାଷ ଚିନ୍ତାରେ ବୁଡ଼ି ରହିଛି, ନାରୁ ପରିବାର ଛାଡ଼ି ରାଜନୀତିକୁ ଅଗ୍ରାଧିକାର ଦେଇଛି । ସୁଧୀର ବିବାହ ପରେ ନିଜ ଦାମ୍ପତ୍ୟକୁ ଅଗ୍ରାଧିକାର ଦେଇ ମାଆର ସିଦ୍ଧିକ୍ରିୟାକୁ ମଧ୍ୟ ଆସି ନାହିଁ । ସୁର ପରିବାର ଛାଡ଼ି ସୁରଟରେ । ବୈରାଗୀ ପରିବାର ଚିନ୍ତା ନକରି କେବଳ ଭଜନ କୀର୍ତ୍ତନରେ ଜୀବନ ବିତାଉଛି । ଏଭଳି ଗୋଟିଏ ପରିବାର ଉଚ୍ଛନ୍ନ ଜୀବନ ଚିତ୍ର ଅତ୍ୟନ୍ତ ଜୀବନ୍ତ ଭାବେ ଫୁଟାଇଛନ୍ତି ଔପନ୍ୟାସିକ ।

'ଅମାରସୁଆଁ' ଗାଆଁରେ ରାଜନୀତିକ ପ୍ରଚାର ଯେ ମଦ୍ୟପାନର ପ୍ରସାର କରୁଛି ତାହା ଏକ ବଡ ସମସ୍ୟା । ଔପନ୍ୟାସିକ ଏହା ମାଧ୍ୟମରେ ରାଜ୍ୟରେ ଘଟୁଥିବା ଭୋଟ୍ ରାଜନୀତିର ନକାରାତ୍ମକ ଦିଗଗୁଡ଼ିକୁ ପ୍ରଦର୍ଶନ କରି ସମାଲୋଚନା କରିଛନ୍ତି । ନିଶାସକ୍ତ ମଣିଷ ନିଜର ହିତାହିତ ଜ୍ଞାନ ଭୁଲିଯାଏ । ତା'ର ପାଶବିକ ପ୍ରବୃତ୍ତି ଜାଗ୍ରତ ହୋଇଉଠେ । ଏହାର ଉଦାହରଣ ମଧ୍ୟ ଔପନ୍ୟାସିକ ଦେଇଛନ୍ତି । ନାରୁର ସୈନ୍ୟଦଳ ମଧ୍ୟରୁ ଗଦା ନାମକ ଗାଆଁ ପିଲାଟିଏ ଭଉଣୀ ଡାକୁଥିବା କନକ ପ୍ରତି ଯେଉଁ ଅପବ୍ୟବହାର କରିଛି ତାହାର କାରଣ ଯେ ମଦନିଶା ଏକଥା ଅଛପା ନୁହେଁ । ମଦ୍ୟପାନ ବିରୋଧରେ ଯେତେ ସଭା, ଆନ୍ଦୋଳନ ହେଲେ ମଧ୍ୟ, ଏହାର ଦୁଷ୍ପରିଣାମ ଭୋଗ କରୁଛନ୍ତି ସାଧାରଣ ଜନତା । ଏହି ମଦପାଇଁ କେତେ ଯେ ପରିବାର ଛାରକାର ହୋଇଯାଉଛି ତାହାର କଳନା ନାହିଁ ।

ଉପନ୍ୟାସରେ ବୁଦ୍ଧି ପାତ୍ର ଓ ବୈକୁଣ୍ଠ ପଲେଇ ଦୁଇ ଚରିତ୍ର ମାଧ୍ୟମରେ ଲେଖକ ଅତୀତରେ ପଣ୍ଡିତ ଗୋପବନ୍ଧୁଙ୍କ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟ କଥା ମନେ ପକାଇଛନ୍ତି । ତାଙ୍କର ସାହାଯ୍ୟ, ସେବାକୁ ତୁଳନା କରିଛନ୍ତି ସାମ୍ପ୍ରତିକ ସମାଜର ଧୋବଧୋବଳିଆ ନେତାମାନଙ୍କ ହେଲିକପ୍ଟରରେ ବନ୍ୟା ଅଞ୍ଚଳ ପରିଦର୍ଶନ ଓ ଲୋକଙ୍କୁ ରିଲିଫ୍ ଯୋଗାଣ ସହିତ । ସମୟର ବ୍ୟବଧାନରେ ସେବା ଆଜି କେଉଁ ସ୍ତରରେ ପହଞ୍ଚିଛି ସତରେ ? ସେଦିନ ପରି ଆଜି ବି ପ୍ରକୃତି ଦାଉ ସାଧୁଛି ସତ, କିନ୍ତୁ କାହିଁ ସେ ଗୋପବନ୍ଧୁଙ୍କ ହାତର ସ୍ନେହିଳ ସ୍ପର୍ଶ ଓ ସମବେଦନା ? ଏ ନେଇ ଔପନ୍ୟାସିକ ବୈକୁଣ୍ଠ ପଲେଇଙ୍କ ମାଧ୍ୟମରେ କହିଛନ୍ତି "ବସ୍ତା ଚିକ୍କଣ, ହାତ ଚିକ୍କଣ ସବୁ ଠିକ୍ ଯେ ହେଲେ ପାତ୍ରେ ଉତ୍କଳମଣିଙ୍କ ଆଉଁଶା ଟିକକ ଏମାନଙ୍କ ହାତରେ କାଇଁ ?" (୩) ବିପର୍ଯ୍ୟୟ ପରବର୍ତ୍ତୀ ଦୁଃଖ ତ ସମ୍ପୂର୍ଣ୍ଣ ମନୁଷ୍ୟକୃତ, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ । ବିଶିଷ୍ଟ ଲେଖକ ପି. ସାଇନାଥଙ୍କ "Everybody loves a good drought" (ଅନୁବାଦ – ଅଭୟ ସିଂ) (୪)ପୁସ୍ତକଟି ଏ ପ୍ରସଙ୍ଗରେ ସ୍ମରଣୀୟ । ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ଭିକ୍ଷ ପରି ପ୍ରାକୃତିକ ବିପର୍ଯ୍ୟୟ ଆସେ ବାରବାର ଏବଂ ଦୁର୍ଗତ ମଣିଷର ପ୍ରାପ୍ୟ ହଡ଼ପ କରି ମଉଜ କରନ୍ତି କିଛି ଲୋକ । ସ୍ୱାଧୀନତାର ଅମୃତ ମହୋତ୍ସବ ପାଳୁଥିବା ଏ ଦେଶରେ ଏହା ହିଁ ତ ପ୍ରକୃତ ସ୍ଥିତି । ବିପର୍ଯ୍ୟୟ ପରର ଏ କାହାଣୀ ଯେତେ ଜୀବନ୍ତ, ତତୋଧିକ ଅଶ୍ରୁ ସଞ୍ଚାରୀ । ଗଣତାନ୍ତ୍ରିକ ଭାରତର ଏହି ବିପନ୍ନ ମାନଚିତ୍ରକୁ ପାଠକ ଅନୁଭବ କରେ ଆଲୋଚ୍ୟ ଉପନ୍ୟାସରେ ।

### ପ୍ରାନ୍ତଟୀକା


(୧) ଦାସ, ପବିତ୍ର ମୋହନ, ହଂସହାନି, ପଶ୍ଚିମା ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୨୦୨୧, ପୃଷ୍ଠା- ୧୮

(୨) ତତ୍ରୈବ, ପୃଷ୍ଠା – ୧୭୭

(୩) ତତ୍ରୈବ, ପୃଷ୍ଠା – ୨୨

(୪) ଦ୍ରଷ୍ଟବ୍ୟ: Sainath.P, Everybody loves a good drought, penguin books, 1996


❖❖❖

# କୁନ୍ତଳାକୁମାରୀଙ୍କ କବିତାରେ ସୌନ୍ଦର୍ଯ୍ୟ ତତ୍ତ୍ୱ



ISSN-2583-6978
Volume-4
Issue-10
OCTOBER-2024

**ଡ. ସ୍ମୃତିରେଖା ମିଶ୍ର**

**ଭାଷା ଓ ସାହିତ୍ୟ ବିଭାଗ**
**ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ**

ନନ୍ଦନତିତ୍ୱ ବା ନାନ୍ଦନିକତା ଯେକୌଣସି କବିତାର ଏକ ମୁଖ୍ୟ ବିଭବ ଅଟେ। ନନ୍ଦନତତ୍ୱ ବା ସୌନ୍ଦର୍ଯ୍ୟତତ୍ୱ ଉଭୟ ସମପର୍ଯ୍ୟାୟ-ବାଚୀ । କବିମାତ୍ରେହିଁ ସୌନ୍ଦର୍ଯ୍ୟର ପୂଜାରୀ। ସୌନ୍ଦର୍ଯ୍ୟ ହୋଇପାରେ ବହିଃସୌନ୍ଦର୍ଯ୍ୟ ବା ଅନ୍ତଃ ସୌନ୍ଦର୍ଯ୍ୟ। ଅନ୍ତଃ ସୌନ୍ଦର୍ଯ୍ୟ ଅବଲୋକନରେ ରହିଛି କବିର ଚମତ୍କାରିତା। କବିର ଅନ୍ତର୍ଚକ୍ଷୁ ପ୍ରକୃତିର ପ୍ରତ୍ୟେକଟି ଉପାଦାନକୁ ନିରୀକ୍ଷଣ କରେ, ବିଶ୍ଲେଷଣ କରେ, ଯାହା ତାକୁ ସୁନ୍ଦର ବୋଲି ଅନୁମିତ ହୁଏ, ସେ ତାହାକୁ କବିତାର ଉପାଦାନ ଭାବରେ ଗ୍ରହଣ କରେ। କିନ୍ତୁ ସୌନ୍ଦର୍ଯ୍ୟତତ୍ୱ ବା ନନ୍ଦନତତ୍ୱ ସଂପର୍କରେ କୌଣସି ସ୍ୱଷ୍ଟ ସଂଜ୍ଞା ନିର୍ଦ୍ଧାରଣ କରାଯାଇ ନାହିଁ। କାରଣ କେତେକଙ୍କ ମତରେ ସୌନ୍ଦର୍ଯ୍ୟ ବସ୍ତୁଗତ ହୋଇଥିବା ବେଳେ କେତେକଙ୍କ ମତରେ ଏହା ଭାବଗତ। ପୁଣି କେତେକଙ୍କ ମତରେ ସୌନ୍ଦର୍ଯ୍ୟ ଚକ୍ଷୁଗତ ଅଟେ। ବ୍ୟକ୍ତିଠାରୁ ବ୍ୟକ୍ତି କ୍ଷେତ୍ରରେ ଭିନ୍ନତା ମଧ୍ୟ ପରିଲକ୍ଷିତ ହୋଇଥାଏ।

ସୌନ୍ଦର୍ଯ୍ୟ ସଂପର୍କରେ ପ୍ରକୃତ ଜ୍ଞାନ ବ୍ୟକ୍ତିକୁ ପ୍ରକୃତିରୁ ମିଳିଥାଏ। କାରଣ ସମସ୍ତ ସୌନ୍ଦର୍ଯ୍ୟର କେନ୍ଦ୍ରବିନ୍ଦୁ ବା ଆଧାର ହେଉଛି ପ୍ରକୃତି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ପ୍ରକୃତି କୋଳରେ ତା'ର ସମସ୍ତ ସମୟକୁ ଅତିବାହିତ କରିଥାଏ ଚନ୍ଦ୍ରଚର୍ଚ୍ଚିତ ରାତ୍ରି, ନୀଳ ଆକାଶ, ଘୋର ବର୍ଷାକାଳ, ସମୁଦ୍ରର ଉତାଳତରଙ୍ଗ, ସବୁଜବନାନୀରେ ସୂର୍ଯ୍ୟୋଦୟଏବଂ ସୂର୍ଯ୍ୟାସ୍ତ, ଇତ୍ୟାଦି ପ୍ରାକୃତିକ ଦୃଶ୍ୟରାଜି ମନରେ ବିମଳ ଆନନ୍ଦ ଭରିଦିଏ। ସୁତରାଂ କଳାସୃଷ୍ଟି ପାଇଁ, ରମ୍ୟତାବୋଧ ଏକାନ୍ତ ଅପରିହାର୍ଯ୍ୟ। କାରଣ ମନ ଓ ଚେତନା ସହିତ ଆନନ୍ଦାନୁଭୂତି ଓ ତତ୍ ସହିତ ସୌନ୍ଦର୍ଯ୍ୟାନୁଭୂତି ଅଙ୍ଗେ ଅଙ୍ଗ ଜଡିତ। ସୌନ୍ଦର୍ଯ୍ୟର ଅନୁଭବ ଯେପରି ବାସ୍ତବ ସେହିପରି ଇନ୍ଦ୍ରିୟଗ୍ରାହ୍ୟ। ପ୍ରେମ ଓ କରୁଣା ସହିତ ସୌନ୍ଦର୍ଯ୍ୟାନୁଭୂତିର ସମ୍ବନ୍ଧ ଅତ୍ୟନ୍ତ ନିବିଡ। ଆଧୁନିକ ସୌନ୍ଦର୍ଯ୍ୟ ବିଜ୍ଞାନୀମାନେ ମତବ୍ୟକ୍ତ କରିଛନ୍ତି ଯେ ଆମର ଫୁଲର ରଙ୍ଗଦେଖି ବିଭୋର ହେବା, ଫୁଲର ଗନ୍ଧ ଶୁଙ୍ଘି ପ୍ରବୋଧିତ ହେବା ଅବା ପକ୍ଷୀର ରାବ ଶ୍ରବଣ ସୁଖଦାୟକ ହେବା ଇତ୍ୟାଦି ସୌନ୍ଦର୍ଯ୍ୟଗ୍ରାହୀ ଦୃଷ୍ଟିକୋଣର ପରିଚୟ ଅଟେ, ଗୋଟିଏ କରୁଣାସିକ୍ତ ହୃଦୟହିଁ ସୌନ୍ଦର୍ଯ୍ୟାତ୍ମକ ଭାବନାକୁ ଉପଲବ୍ଧି କରିପାରେ। ଏ ଦୃଷ୍ଟିରୁ କୁନ୍ତଳାକୁମାରୀ ଥିଲେ ଅନ୍ୟତମ। ତାଙ୍କର ପ୍ରାଣ ଥିଲା ସମ୍ବେଦନଶୀଳ, ସୌନ୍ଦର୍ଯ୍ୟ କଳାର ସେ ଥିଲେ ପ୍ରକୃତ ରୂପକାର।

ବସ୍ତୁତ ସୌନ୍ଦର୍ଯ୍ୟ ସଂପୂର୍ଣ୍ଣ ବ୍ୟକ୍ତିଗତ ଅଟେ। ବ୍ୟକ୍ତିଠାରୁ ବ୍ୟକ୍ତି ପର୍ଯ୍ୟନ୍ତ ଏଥିରେ ଭିନ୍ନତା ଦେଖାଯାଏ। ଭାବଦୃଷ୍ଟିରୁ ବ୍ୟକ୍ତି ତା'ର କଳ୍ପନାର ନେତ୍ରରେ ସୌନ୍ଦର୍ଯ୍ୟକୁ ନୂତନ ରୂପଦିଏ, ପୁଣି ନିଜର ରୁଚି ଓ କଳା ପ୍ରାଣତାକୁ ନେଇ ବ୍ୟକ୍ତି ତା'ର ରଙ୍ଗତୁଳୀରେ ସୌନ୍ଦର୍ଯ୍ୟାତ୍ମକ ଚେତନାକୁ ରଙ୍ଗାୟୀତ କରେ। ପୁନଶ୍ଚ ବ୍ୟକ୍ତିର ସାମାଜିକ ଓ ସାଂସ୍କୃତିକ ଚେତନା ତା'ର ଅନ୍ତରର ଭାବକୁ ଶବ୍ଦ ମାଧ୍ୟମରେ ରୂପାୟୀତ କରେ। ଉପରୋକ୍ତ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କଲେ କବି କୁନ୍ତଳାଙ୍କ କବିତାର ପ୍ରତିଛତ୍ରେ ଛତ୍ରେ ପାଠକ ସୌନ୍ଦର୍ଯ୍ୟ ଚେତନାକୁ ଉପଲବ୍ଧି କରେ। କବିଙ୍କର ବ୍ୟକ୍ତିଗତ ଜୀବନବୋଧର ବେଦନା – ବିରସ ଭାବନା, ସାହିତ୍ୟରେ ସୌନ୍ଦର୍ଯ୍ୟ ସୃଷ୍ଟିକରିବାରେ ମୁଖ୍ୟଭୂମିକା ନେଇଛି, କାରଣ ବେଦନା ବିରସ ପ୍ରାଣ ଅନୁଭୂତିକୁ ତୀକ୍ଷ୍ଣ, ଶାଣିତ କରେ। ଏହାର ଉଦାହରଣ ବିଶ୍ୱ ସାହିତ୍ୟରେ ଅଭାବ ନାହିଁ। ଯେପରି ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟର ଚିତ୍ର ଆଙ୍କିଛନ୍ତି, ତାହା ପ୍ରକୃତରେ ତାଙ୍କ ଜୀବନରେ ଲୁକ୍କାୟିତ ରହିଥିବା ବିରହବଦଗ୍ଧ ବେଦନା, ସ୍ୱଦେଶରୁ ବିତାଡିତ ଜନିତ ଯନ୍ତ୍ରଣା, କ୍ଲେଶ, ଆଶ୍ରୟ ବିଶ୍ରାମହୀନତା ଆଦିର ଫଳଶ୍ରୁତି, ବୋଧହୁଏ ଏହିସବୁ ଯନ୍ତ୍ରଣାର ଶୀକାର ହୋଇନଥିଲେ ଦାନ୍ତେ ପ୍ରକୃତିର ଚମତ୍କାରିତାକୁ ଅନୁଭବ କରି ପାରିନଥାନ୍ତେ। ଏଦୃଷ୍ଟିରୁ ଓଡିଆ ସାହିତ୍ୟ ଇତିହାସରେ କୁନ୍ତଳାକୁମାରୀ ଅନନ୍ୟା ତାଙ୍କର

ବର୍ଣ୍ଣନା ଶବ୍ଦମଧ୍ୟରେ ସୀମିତ ନୁହେଁ।

ସୌନ୍ଦର୍ଯ୍ୟ ସୃଷ୍ଟି ନିମିତ ଆବଶ୍ୟକୀୟ ଉପାଦାନ ଏବଂ ସୌନ୍ଦର୍ଯ୍ୟରେ ଅବଗାହନ କରିବାର ପରିବେଶ ଉପଯୋଗୀ ବର୍ଣ୍ଣନା କୁନ୍ତଳାଙ୍କ ଅନେକ କବିତାରେ ପରିଲକ୍ଷିତ ହୋଇଥାଏ। ଏଦୃଷ୍ଟିରୁ 'ଉଚ୍ଛ୍ୱାସ' ର ସମ୍ବୋଧନାତ୍ମକ ଗୀତିକବିତା ଗୁଡିକ ଏବଂ 'ଅଞ୍ଜଳି' ର 'ଶେଫାଳିପ୍ରତି' କବିତାକୁ ଗ୍ରହଣ କରାଯାଇପାରେ।

ଯଥା –

"ପ୍ରଥମେ ପରିବେଶ ପ୍ରଭାବରୁ "ଭାବାବେଶ" ଜାତ।

ଦ୍ୱିତୀୟରେ ମୁଗ୍ଧ "ସ୍ୱପ୍ନମଜ୍ଜନ"।

ତୃତୀୟରେ ଭାବରାଜ୍ୟରେ ବିଚରଣ ହେତୁ "ଚେତନାହତତା"।

ଚତୁର୍ଥରେ ଅନ୍ତର "ଅନନ୍ତରାଜ୍ୟରେ କଳ୍ପନାର" ସମାବେଶ।

ପଂଚମରେ ଧ୍ୟାନମଗ୍ନ ଦୃଷ୍ଟି "ଅର୍ଦ୍ଧନିର୍ମିଳିତ"

ଷଷ୍ଠରେ "ଆବେଗ ପୁଲକରେ ନୟନ" ଅଶ୍ରୁ ଜରଜର,

ସପ୍ତମରେ ସୌନ୍ଦର୍ଯ୍ୟର ଗୋପନ ଦ୍ୱାର ଖୋଲିଯାଇ "ବିଶାଳ ବିଶ୍ୱକ୍ଷେତ୍ରରେ" ଉଛୁଳି ଉଠୁଥିବା ଶୋଭାରାଶି' ଦୃଶ୍ୟମାନ ହେବା,

ଅଷ୍ଟମ ଓ ଶେଷରେ ସିଦ୍ଧିଲାଭ ଘଟେ – ସୌନ୍ଦର୍ଯ୍ୟ ସହ ଶୁଭଦୃଷ୍ଟି ହେବାପରେ

ଆତ୍ମବିସ୍ମୃତି ଘଟି ମନେହୁଏ "ମୁଁ ତ ଅଛି ଅବା ସ୍ୱର୍ଗରେ।"

ଉପରୋକ୍ତ ପଦଗୁଡିକରୁ କୁନ୍ତଳାଙ୍କ କବିତାରେ ସୌନ୍ଦର୍ଯ୍ୟ ତତ୍ତ୍ୱର ଅଷ୍ଟାବସ୍ଥା ପରିଲକ୍ଷିତ ହୁଏ। ଏଇସବୁ ଅବସ୍ଥାନ୍ତର ଓ ମଗ୍ନତା ପାଇଁ ଅନୁକୂଳ ସମୟ ଓ ପରିବେଶ ଭାବରେ ସନ୍ଧ୍ୟା, ଦିବସ, ରଜନୀ, ନୀରବ ନିଶୀଥ ବା ପ୍ରଭାତ କାଳୀନ ସମୟକୁ ଗ୍ରହଣ କରାଯାଇଛି। ଉପରୋକ୍ତ ସମୟଗୁଡିକୁ ସୌନ୍ଦର୍ଯ୍ୟ ଉପଲବ୍ଧିର ପ୍ରକୃତ ସମୟ ଭାବେ କବି ଗ୍ରହଣ କରିଛନ୍ତି, କାରଣ ଦିବସର ପରିଶ୍ରମ କ୍ଳେଶ କ୍ଳାନ୍ତି, ରୋଗ ଶୋକାଦି ଚିନ୍ତା କଷ୍ଟପରେ ବିଶ୍ରାମର ମୁହୂର୍ତ୍ତ ଦେହ ଓ ମନକୁ ଶାନ୍ତି ଦିଏ। ଆତ୍ମା ତୃପ୍ତକରେ। ଦିବସାନ୍ତରେ କ୍ରମେ ସବିତା ଅସ୍ତାଚଳ ଧରିନିଅନ୍ତି। ଆକାଶର ନୀଳିମା ନାନା ଭାବରେ ଖଣ୍ଡ-ବିଖଣ୍ଡିତ ମେଘମାଳା ଦ୍ୱାରା ସୁସଜ୍ଜିତ ହୁଏ। ନୀଡ ବାହୁଡା ପକ୍ଷୀମାନେ ନୀଡାଭିମୁଖୀ ହେବା ସହିତ ଗୃହେ ଗୃହେ ସନ୍ଧ୍ୟାଦୀପ ଜଳିଉଠେ। ମନ୍ଦିରରୁ ଶୁଭେ ଘଂଟାଧ୍ୱନି। ଧୀରେଧୀରେ ସମଗ୍ର ପୃଥିବୀ ଶର୍ବରୀ ଦ୍ୱାରୀ କବଳିତ ହୁଏ। ସବୁଆଡେ ନିରବତା ରାଜତ୍ୱ କରେ। ଠିକ୍ ସେହି ସମୟରେ କବି ମଧ୍ୟ ମୌନହୋଇ ଯାଇଛନ୍ତି। ଯଥା-

'ନିରବ ନିଶୀଥେ ନଭସ୍ଥଳେ ଚାହିଁ
କୋଟି କୋଟି ତାର କ୍ଷଣକେ ଦେଖଇ
ନିରବ ଆକାଶ ନୀରବ ଧରଣୀ
ଗମ୍ଭୀରେ ପ୍ରଚାରେ ସତେ ଦିବ୍ୟବାଣ
ନିରବତା ଭେଦି ଆସି ମୋ ପରାଣେ
ଯଶେ ସେହି ସ୍ୱର ବାଜେ ଘନେ ଘନେ'

'ତାରାପ୍ରତି'

ଉପରୋକ୍ତ ସୌନ୍ଦର୍ଯ୍ୟକୁ କବି ଅନୁଭବ କରିଛନ୍ତି ରାତ୍ରିର ତାରକିତ ଆକାଶର ଶୋଭା ଭିତରେ। କିନ୍ତୁ ଉଷାର ଆଗମନରେ ଉକ୍ତ ସୌନ୍ଦର୍ଯ୍ୟ ନିଷ୍ପ୍ରଭ ହୋଇଯାଏ, ମ୍ଳାନ ହୋଇଯାଏ। ପୃଥିବୀ ପୃଷ୍ଠକୁ ସୂର୍ଯ୍ୟଙ୍କର ଆଗମନରେ କାମିନୀ, ଶେଫାଳୀ ଇତ୍ୟାଦି ପୁଷ୍ପ ବୃନ୍ତଚ୍ୟୁତ ହୋଇଯାଆନ୍ତି, କିନ୍ତୁ ତାଙ୍କର "କମଳ ପ୍ରତି" କବିତାରେ ସୌନ୍ଦର୍ଯ୍ୟ ଆରାଧନାର ସୂତ୍ରପାତ ହୋଇଛି ଉଷାର ଆଗମନରେ। ଅର୍ଥାତ୍ ସୂର୍ଯୋଦୟରେହିଁ 'କମଳ' ତା'ର ନବ ନବ ଆଭାରେ ବିମଣ୍ଡିତ ହୋଇଛି। ଯଥା-

'ଆରେ ଶତଦଳ !
ସତେ କି ସତତ ତୁହି ମଧୁର ଉଜ୍ଜ୍ୱଳ ?
ଏତେ ତୁ ସୁନ୍ଦର ତୋର ପଟାନ୍ତର କାହିଁ,
ଲେଖନୀ ଲଜ୍ଜିତ ମୋର ବର୍ଣ୍ଣି ପାରେ ନାହିଁ,
ଢଳଢଳ ରୂପରାଶି ଝଲୁଅଛି ଜଳେ ଭାସି
ଦଳେ ଦଳେ ଝରିପଡେ କି ପୁଣ୍ୟ ଅମୃତ
ନିରେଖି ନିରେଖି ମୋ ନେତ୍ର ହୁଏ ପୂତ।'

"କମଳ ପ୍ରତି"

"କମଳ ପ୍ରତି" କବିତାରେ କବି ଦିବସର ଆଗମନରେ "ପଦ୍ମ" ର ନୈସର୍ଗିକ ସୌନ୍ଦର୍ଯ୍ୟକୁ ଆକଣ୍ଠ ପାନକରିଥିବା ବେଳେ "ଶେଫାଳି ପ୍ରତି" କବିତାରେ ଦିବସର ଅବସାନରେ ସେ ଶେଫାଳିର ସୌନ୍ଦର୍ଯ୍ୟ ତାରକିତ ଆକାଶ ଓ ଚନ୍ଦ୍ରମାର ଉପସ୍ଥିତିରେ ଉପଭୋଗ କରିଛନ୍ତି। ଯଥା –

ଶେଫାଳି :
କେଉଁ ଦୂର ତରୁବରେ ଫୁଟିଅଛୁ ଗୋପନେ
ଭୁରୁଭୁରୁ ଗନ୍ଧତୋର ଭାସିଆସେ ପବନେ
ବାତାୟନ ପାଶେ ବସିଚାହେଁ ନବୋଦିତ ଶଶୀ
ହସି ହସି ସତେ ଉଙ୍କିଆସେ ଦୂର ଗଗନେ
ଭାବାବେଶେ ମୁଗଧ ମୁଁ କି ମଜ୍ଜିଅଛି ସ୍ୱପନେ !

(ଶେଫାଳି ପ୍ରତି)

ବାସ୍ତବିକ ଉପରୋକ୍ତ ବର୍ଣ୍ଣନା କବିଙ୍କର ସୌନ୍ଦର୍ଯ୍ୟଗ୍ରାହୀ ଦୃଷ୍ଟିକୋଣର ପରିଚୟ ପ୍ରଦାନକରେ, ଏଥିରୁ ଅନୁମିତ ହୁଏ ଯେ ରସ ପିପାସୁ କବି କୁନ୍ତଳାକୁମାରୀ ସତେ ଯେପରି ସୌନ୍ଦର୍ଯ୍ୟ ନିକଟରେ ଆତ୍ମସମର୍ପଣ କରଛନ୍ତି। ପ୍ରକୃତିକୁ ଅବଲୋକନ କରିବା କ୍ଷେତ୍ରରେ କବିଙ୍କ ଠାରେ ଶିଶୁସୁଲଭ ବାଲ୍ୟଚପଳତା ପ୍ରକାଶ ପାଇଛି। କେଉଁଠି କୋଇଲିର ସୁମଧୁର ସ୍ୱର। ପୁଣି କେଉଁଠି ବସନ୍ତର ମନ୍ଦ ମନ୍ଦ ମଳୟ ଇତ୍ୟାଦି ପାଖରେ ସତେ ଯେପରି କବି ଅଟକି ଯାଇଛନ୍ତି। ଚର୍ମଚକ୍ଷୁରେ ଦେଖି ନ ପାରିଲେବି ଅନ୍ତରାତ୍ମାରେ ହୃଦୟଚକ୍ଷୁରେ ସେ ପ୍ରକୃତିର ସେଇ ନୈସର୍ଗିକ ସୌନ୍ଦର୍ଯ୍ୟକୁ ଉପଲବ୍ଧି କରିଛନ୍ତି।

ଯଥା –

ଭୁବନ ମୋହନ ରୂପ କାହିଁ ଫୁଟି ଉଠିଛି
କାହିଁ ସେ ସୁନ୍ଦର ଶିରୀ  ଧୀରେ ଧୀରେ ଲୋଟୁଛି ?
ବିଜନ କାନନେ ଫୁଟି ଫୁଲ ସୁବାସେ ଚହଟି
ବସନ୍ତ ଅନିଳେ ଲୋଟି ମନ ମୋ ମୋହୁଛି ।
ଅନନ୍ତ ନୀଳିମା କୋଳେ ମୋହନ ମୂରତି ଦୋଳେ
ରବି ଶଶି କରେ କିବା ହସ ଫୁଟି ଉଠୁଛି ।
ରୂପର ଲହରୀ ପରା ଖେଳାଏ କି ବସୁନ୍ଧରା
ପତରେ ପତରେ ଫୁଲେ ରୂପ ଝରି ପଡୁଛି ।(ରୂପ, ପୃ-୨୨)

କବି ଦୃଷ୍ଟିରେ ଗୁଣକୁ ଯେପରି ଗୁଣବାନ୍ ବ୍ୟକ୍ତି ଚିହ୍ନିପାରେ, ପ୍ରକୃତ ସୁନାର ମୂଲ୍ୟକୁ ଯେପରି ଉପଯୁକ୍ତ ବଣିଆ ଚିହ୍ନିପାରେ, ସେହିପରି ଭାବରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ପ୍ରକୃତରେ ସୌନ୍ଦର୍ଯ୍ୟପିପାସୁ ବ୍ୟକ୍ତିହିଁ ଉପଲବ୍ଧି କରିପାରେ । ସୌନ୍ଦର୍ଯ୍ୟର ପଥ ଯେତେ ଅଗମ୍ୟ, ଯେତେ ଦୁର୍ଗମ ହେଲେ ମଧ୍ୟ ଅଳି ଯେପରି କଂଟକିତ କେତକୀ ପାଖରେ ପହଂଚିଯାଏ ସେହିପରି ଭାବରେ ସୌନ୍ଦର୍ଯ୍ୟଗ୍ରାହୀ ଦୃଷ୍ଟି ସୌନ୍ଦର୍ଯ୍ୟ ପାଖରେ ପହଂଚିଯାଏ । ଯଥା –

"କେତକୀ ଫୁଟେ ସିନା ଘନ କଂଟାରେ
ବିମୁଖ ହୁଏ କିରେ ଅଳି ତା' ଠାରେ ।" (ପୂଜା - ପୃ-୪୩)

କୁନ୍ତଳାକୁମାରୀ ଙ୍କ ଦୃଷ୍ଟିରେ ସୌନ୍ଦର୍ଯ୍ୟ ଅମର ସ୍ଥାନ ବା ଅବସ୍ଥାର ଭେଦରେ ତା'ର କୌଣସି କ୍ଷୟ-ବୃଦ୍ଧି ବା ପରିବର୍ତ୍ତନ ନାହିଁ । ପୁନଶ୍ଚ କବିଙ୍କ ଦୃଷ୍ଟିରେ କାୟାନୁହଁ ଗୁଣହିଁ ଜଗତରେ ପ୍ରକୃତ ପରିଚୟ ଦେଇଥାଏ । ସୌନ୍ଦର୍ଯ୍ୟର ବିବିଧ ରୂପ ମଧ୍ୟରେ ପ୍ରକୃତରେ 'ସ୍ନିଗ୍‌ଧତା' ହେଉଛି ଶ୍ରେୟସ୍କର । କବି ଦୃଷ୍ଟିରେ ସୌନ୍ଦର୍ଯ୍ୟ ସମ୍ବନ୍ଧୀୟ ନିୟମାବଳୀ ଗୁଡିକ ତାଙ୍କର କାବ୍ୟରେ ପ୍ରକଟିତ ହୋଇଛି । ଯଥା – କବିଙ୍କ ମତରେ ସୌନ୍ଦର୍ଯ୍ୟର ବିକାଶ ଏବଂ ସମୃଦ୍ଧି ପାଇଁ ଦୁଇଟି ପରସ୍ପର ସମଉପାଦାନ ଦରକାର ହୋଇଥାଏ । ଯଥା-

"ନୀରଦ ବିନାକି ନୀରେ ଚାତକ ରସିବ
ଶଶିବିନା ହସିବକି କୁମୁଦକି ନୀରେ ?
ରବିବିନା ରାଜୀବ କି ବିକାଶ କାସାରେ ?
ବିଭାବରୀ ବିନା ତାରା ନଭେ କି ଫୁଟିବ ?"
(ଅର୍ଚ୍ଚନା)

ପୁନଶ୍ଚ ପରସ୍ପର ପ୍ରତିକୂଳ ଉପାଦାନ କାବ୍ୟର ବା କବିର ସୌନ୍ଦର୍ଯ୍ୟାତ୍ମକ ଭାବକୁ କ୍ଷୁର୍ଣ୍ଣ କରିଥାଏ । ଯଥା-

'ଶୀତେ ପାଦପ ବପୁକି ପଲ୍ଲବେ ଶୋଭିବ ?
ପିପାସା ଶମିକବି ମରୀଚିକା ନୀରେ ?
ତାମସ ବିନାଶ କାହିଁ ଖଦ୍ୟୋତ ଦ୍ୟୋତିରେ ।' (ଅର୍ଚ୍ଚନା)

କବିଙ୍କର ବିରାଟ ତଥା ବିକଶିତ ଭାବନାରେ କ୍ଷୁଦ୍ର ମଧ୍ୟରେ ମଧ୍ୟ ଅପୂର୍ବ ସୁଷମାର ସମ୍ଭାବନା ରହିଥିବା କଥାକବି ଶେଫଳିପ୍ରତି କବିତାରେ ସିଧାସଳଖ ଶେଫାଳି ମାଧ୍ୟମରେ ପ୍ରକାଶ କରିଛନ୍ତି । ଯଥା-

"ଶେଫାଳି !
କ୍ଷୁଦ୍ର ତୋର ତନୁ ତହିଁ ଭରା ଏତେ ଅମୃତ
ବିହିଲୀଳା କେ ବୁଝିବ ଜ୍ଞାନାତୀତ ଅଦଭୂତ,
ଗୋପନେ ଫୁଟିଛୁ ଦୂରେ ତରୁ ପତ୍ର ଗହଳରେ
ତଥାପି ତୋ ବାସେ ମୋର ପ୍ରାଣ ହୁଏ ଆକୁଳ
କହ କେଉଁ ଶିଳ୍ପୀ ତୋତେ ଗଢି ଅଛିରେ ଫୁଲ !

କବିଙ୍କର ଦୃଷ୍ଟିରେ ସୌନ୍ଦର୍ଯ୍ୟତତ୍ୱ ବା ନନ୍ଦନତତ୍ତ୍ୱର ପ୍ରମୁଖ ଉପାଦାନ ହେଉଛି ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟ ଓ ଶାଶ୍ୱତ ପ୍ରେମ । ପୁନଶ୍ଚ କବିଙ୍କ ମତରେ ସୌନ୍ଦର୍ଯ୍ୟର କ୍ଷୟ ନାହିଁ ବା ପରିବର୍ତ୍ତିତ ପରିସ୍ଥିତିରେ ସୌନ୍ଦର୍ଯ୍ୟ ମଧ୍ୟ ମ୍ଳାନ ହୁଏ ନାହିଁ । ବିଭିନ୍ନ କଠିନ ପରିସ୍ଥିତିରେ ସୌନ୍ଦର୍ଯ୍ୟ ଆହୁରି ଉଜ୍ଜ୍ୱଳ ହୋଇଉଠେ । ଯଥା –

'ତୋ ରୂପେ ତନୁ ସିନା ଶୋଭା –କାନନ
ତୁପରା ପରିମଳ ମୁହିଁ ସୁମନ
ତୁ ଅବା ବସନ୍ତର ଚୋରାପବନ
ମୁଁ ତହିଁ ପଦ୍ମଗନ୍ଧ ମନୋମୋହନ ।
ତୁହି ସୁନ୍ଦରତମ ନୁହଇ କହି
ତୋ ବିନା ପ୍ରାଣ ମୋର କେତେ ବି ରହି ।'
"ଦୂର ଗଗନୁ ଚାହିଁ"

ସୌନ୍ଦର୍ଯ୍ୟ ଖାଲି ଆତ୍ମବିଭୋରତା ଆଣେନି ବରଂ ମୁକ୍ତି ପ୍ରଦାନ କରେ , ସୌନ୍ଦର୍ଯ୍ୟ ମଧ୍ୟ ବ୍ୟକ୍ତିନିଷ୍ଠ ଅଟେ, ଉପରୋକ୍ତ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କଲେ ଓଡିଆ ସାହିତ୍ୟରେ କୁନ୍ତଳାକୁମାରୀଙ୍କ କବିତାର ପ୍ରତି ଛତ୍ରେ ଛତ୍ରେ ସୌନ୍ଦର୍ଯ୍ୟ ପ୍ରକାଶିତ ।

❖❖❖

# ସ୍ୱାଧୀନତା ପରବର୍ତ୍ତୀ ନାଟ୍ୟଧାରା ଓ ନାଟ୍ୟକାର କାର୍ତ୍ତିକଚନ୍ଦ୍ର ରଥ



ISSN-2583-6978
Volume-4
Issue-10
OCTOBER-2024

**ଗବେଷିକା: ଅର୍ପିତା ବିଶ୍ୱାଳ**

**ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର, ବ୍ରହ୍ମପୁର**
**ତତ୍ତ୍ୱାବଧାରକ - ଡକ୍ଟର ଦେବୀପ୍ରସାଦ ଶତପଥୀ**
**ସହକାରୀ ପ୍ରଫେସର**

ଜୀବନ ଉପନ୍ୟାସର ଅଭିନୟାତ୍ମକ ଅମୃତ ହେଉଛି ନାଟକ । ଆତ୍ମଜିଜ୍ଞାସାର ସ୍ୱତଃସ୍ଫୁର୍ତ୍ତ ଉଦ୍‌ବେଗ, ସମାଜ ଜୀବନର କଳାତ୍ମକ ଅଭିବ୍ୟକ୍ତି, ମାନବର ସକଳ କ୍ରିୟା-ପ୍ରତିକ୍ରିୟା, ଘାତ-ପ୍ରତିଘାତ, ଦ୍ୱନ୍ଦ୍ୱ-ଉତ୍କଣ୍ଠାର ସମନ୍ୱୟରେ ନାଟକର କଳେବର ପରିପୁଷ୍ଟ । ତେଣୁ ନାଟକ ହେଉଛି ଅତୀତର ସାକ୍ଷୀ, ବର୍ତ୍ତମାନର ଆଖି ଏବଂ ଭବିଷ୍ୟତର ବାର୍ତ୍ତାବାହକ । ସ୍ୱାଧୀନତୋତ୍ତର ନାଟ୍ୟସାହିତ୍ୟର ବିଶିଷ୍ଟତା ହୃଦୟସ୍ପର୍ଶୀ ଉଭୟେ ଆଙ୍ଗିକ ଓ ଆତ୍ମିକରେ ନୂତନତା, ପରୀକ୍ଷାନିରୀକ୍ଷାର ପ୍ରୟୋଗ ସହିତ ମାନବର-ହତାଶ, ନୈରାଶ୍ୟ, ଅସହାୟତା, ସ୍ୱପ୍ନଭଙ୍ଗ, ଅବଚେତନ ମନର ଅକୁହା କଥା ଏବଂ ପଙ୍କିଳ ରାଜନୀତି, ସମାଜ କୈନ୍ଦ୍ରିକ ମାନସିକତା ପ୍ରଭୃତିର ଚିତ୍ରାୟନ ସ୍ୱାଧୀନତା ପରବର୍ତ୍ତୀ ନାଟ୍ୟସାହିତ୍ୟରେ ରୂପାୟିତ ।

ସାଧାରଣତଃ ନାଟକ ଆରମ୍ଭରୁ ଏକ ପ୍ରଥାବଦ୍ଧ ନାଟ୍ୟରୀତିକୁ ଅନୁସରଣ କରି ଓଡ଼ିଆ ନାଟ୍ୟକାରଗଣ ନାଟକ ରଚନା କରୁଥିଲେ । ବିଶେଷତଃ ସଂସ୍କୃତ ନାଟ୍ୟରୀତିର ପ୍ରଭାବ ଓଡ଼ିଆ ନାଟକରେ ଦେଖିବାକୁ ମିଳେ । କାହାଣୀ, ବିଷୟବସ୍ତୁ, ଚରିତ୍ର, ସଂଘାତ, ପଞ୍ଚସନ୍ଧି, ସଂଳାପ, ଦ୍ୱନ୍ଦ୍ୱ, ଉତ୍କଣ୍ଠା ଆଦିର ସମାହାରରେ ନାଟକଟି ରଚିତ ହେଉଥିଲା । ମୁଖ୍ୟତଃ ଐତିହାସିକ ଓ ପୌରାଣିକ ବିଷୟବସ୍ତୁର ପ୍ରାବଲ୍ୟ ବହୁଳ ଭାବରେ ଅନୁନ୍ନୟ । ଅବଶ୍ୟ କାଳୀଚରଣ, ଗୋପାଳ, ରାମଚନ୍ଦ୍ର ମିଶ୍ର ଆଦି ନାଟ୍ୟକାରଙ୍କ ନାଟକଗୁଡ଼ିକରେ ସାମାଜିକ ବାସ୍ତବତାର ସମାବେଶ ଦେଖିବାକୁ ମିଳେ । ଅଙ୍କ, ଦୃଶ୍ୟ ଓ ସଂଗୀତର ବହୁତା, ଦୀର୍ଘ ସଂଳାପ ସଂଯୋଜନା, ଏକ ନିର୍ଦ୍ଦିଷ୍ଟ କାହାଣୀ ଚୟନ ଆଦି ପ୍ରତ୍ୟେକ ନାଟକଗୁଡ଼ିକର ବିଷୟ ମଣ୍ଡନ କରୁଥିଲା । ବ୍ୟବସାୟିକ ରଙ୍ଗମଞ୍ଚରେ ଅଭିନୀତ ହେଉଥିବା ପାରମ୍ପରିକ ନାଟକ ରଚନାରେ ନାଟ୍ୟକାର ମନୋନିବେଶ କରିଥିଲେ ।

ସ୍ୱାଧୀନତା ପରେ ନାଟ୍ୟକ୍ଷେତ୍ରରେ ଆସିଛି ପରିବର୍ତ୍ତନ । ପ୍ରଥାସିଦ୍ଧ ନାଟକର ପରିହାର ଏବଂ ନବନାଟ୍ୟଧାରାକୁ ଆତ୍ମସ୍ଥ କରିବାର ଅଭିଳାଷ ନାଟ୍ୟକାରମାନଙ୍କ ପ୍ରେରଣା ଭାବ ହୋଇଛି ସୂକ୍ଷ୍ମ ବ୍ୟଞ୍ଜନାତ୍ମକ, ପ୍ରତୀକାତ୍ମକ ଓ ଇଙ୍ଗିତାତ୍ମକ ଶୈଳୀରେ ଅଭିବ୍ୟଞ୍ଜିତ । ଗୋଟିଏ ବାକ୍ୟ ବା ଶବ୍ଦ ମଧ୍ୟରେ ଅନେକ ଭାବର ଦ୍ୟୋତନା ନାଟକର ପରିସରକୁ ଲୋକପ୍ରିୟ କରାଇଛି । ନାଟ୍ୟକାର ତା' ସୃଷ୍ଟି ମଧ୍ୟରେ ଆଉ ତୃତୀୟ ପୁରୁଷ ବା ଦ୍ୱିତୀୟ ପୁରୁଷ ବ୍ୟବହାର ନ କରି ନିଜେ ଅବତରଣ କରିଛି ନାଟକ ମଧ୍ୟକୁ । ନାଟକର ଭାଷା ହୋଇଛି ସାଧାରଣ ସ୍ତରର । ଇତିହାସ ଓ ଲୋକକଥାର ନବମୂଲ୍ୟାୟନ, ପୁରାଣ ପୃଷ୍ଠଭୂମିରେ ପୁନଃସର୍ଜନା, ପ୍ରତୀକ- ଚିତ୍ରକଳ୍ପର ପ୍ରୟୋଗ ମଧ୍ୟରେ ନାଟକର କଳେବର ଆଣିଛି ଅପୂର୍ବ ମହକ । ରୋମାଣ୍ଟିକ୍ ଚିନ୍ତା-ଚେତନା ବଦଳରେ ପ୍ରବେଶ କରିଛି ଅନ୍ତର୍ନିହିତ ବସ୍ତୁବାଦୀ ଆଭିମୁଖ୍ୟ । ସେକ୍ସପିଅରଙ୍କ ପରିବର୍ତ୍ତେ ବର୍ଣ୍ଣଡ଼୍ ଶ' ହୋଇଛନ୍ତି ନାଟ୍ୟରଚନାର ଆଦର୍ଶ । ଷ୍ଟିଣ୍ଡବର୍ଗ, ଫ୍ରୟେଡ୍, ବ୍ରେକ୍‌ଶ୍‌ଟ୍‌ଙ୍କ ସାର୍ତ୍ତେ, କାମ୍ୟୁ, ଆୟୋନେସ୍କୋ ଆଦି ନାଟ୍ୟକାରଙ୍କ ଚିନ୍ତା-ଚେତନା ପ୍ରଭାବିତ କରିଛି ଓଡ଼ିଆ ନାଟ୍ୟକାରମାନଙ୍କୁ । ବିଷୟବସ୍ତୁ, ଗଠନ କୌଶଳ ଓ ରଚନାଶୈଳୀରେ ଆସିଛି ନୂତନତା । ସମାଜ ଜୀବନର ବହୁମୁଖୀ ସମସ୍ୟା ଓ ତା'ର ସମାଧାନ ଜନଗତ ପ୍ରୟାସ ମାନବର ନିଃସଙ୍ଗତାବୋଧ, ବ୍ୟାକୁଳତା, ବ୍ୟର୍ଥତା, ସୁବିଧାବାଦୀ ଓ ଉପଭୋଗ ପ୍ରବଣ ମାନସିକତା, ଯନ୍ତ୍ରଣା, ସ୍ୱାର୍ଥସର୍ବସ୍ୱ ରାଜନୀତି ଆଧୁନିକ ମଣିଷର ଛଦ୍ମତା, ଛଳନାମୟ ଧାର୍ମିକ ଅବବୋଧ, ନାରୀମାନଙ୍କର

ଅଭିରୁଚି ଅଭିଚାର ବିଭିନ୍ନ ଯୋଜନାର ବିଫଳତା, ମାନବର ମାନସମନ୍ଥନ ଶ୍ରେଣୀ ସଂଘର୍ଷ, ସନ୍ତ୍ରାସବାଦର ପ୍ରସଙ୍ଗ, ସ୍ୱାଧୀନତା ପରବର୍ତ୍ତୀକାଳୀନ ସ୍ୱପ୍ନଭଙ୍ଗ ପ୍ରଭୃତି ହୋଇଛି ନାଟକର ବିଷୟବସ୍ତୁ । ଏହି ନବନାଟ୍ୟ ଧାରାର ପ୍ରତିଷ୍ଠାତା ହେଉଛନ୍ତି ମନୋରଞ୍ଜନ ଦାସ । ତାଙ୍କର ନାଟ୍ୟସାହିତ୍ୟକୁ ପ୍ରଥମ ଅର୍ଘ୍ୟ ହେଉଛି 'ଆଗାମୀ' (୧୯୫୦) । ମନୋରଞ୍ଜନଙ୍କ ପ୍ରଚଳିତ ନବନାଟ୍ୟଧାରାକୁ ବିକାଶପଥକୁ ନେଇଯାଇଛନ୍ତି ବିଶ୍ୱଜିତ୍ ଦାସ, ବିଜୟ ମିଶ୍ର, ରମେଶ ପାଣିଗ୍ରାହୀ, ହରିହର ମିଶ୍ର, ରତିରଞ୍ଜନ ମିଶ୍ର, ପ୍ରଫୁଲ୍ଲ ମହାନ୍ତି, ରତ୍ନାକର ଚଇନି, କାର୍ତ୍ତିକଚନ୍ଦ୍ର ରଥ ପ୍ରମୁଖ ନାଟ୍ୟକାରଗଣ ।

ସ୍ୱାଧୀନତୋତ୍ତର ନାଟକରେ ମଞ୍ଚକଳାରେ ମଧ ଦେଖାଦେଇଛି ପରିବର୍ତ୍ତନ । ପ୍ରବେଶ କରିଛି ବିଭିନ୍ନବାଦ । ତତ୍ସହିତ ଓବ୍ରେକଶଟଙ୍କ ଏପିକ୍ ରିଅଲିଜିମ୍ ବା ମହାକାବ୍ୟିକ ବସ୍ତୁବାଦ । ସାର୍ତ୍ରେଙ୍କ ଏକଜିଷ୍ଟେନ୍ସିଆଲିଜିମ୍ ବା ସ୍ଥିତିବାଦ, ଆୟୋନେସ୍କୋଙ୍କ 'ଥିଓରି ଅଫ୍ ଆବ୍‌ସର୍ଡ଼ିଟି' ବା ଉଦ୍ଭଟତାବାଦ ଧାରା, ଲୋକନାଟକ ଓ ମୁକ୍ତଧାରା ଶୈଳୀ ମଧ ମଞ୍ଚକଳାର ନୂତନତାକୁ କ୍ରିୟାନ୍ୱିତ କରିଛି । ମଞ୍ଚ ସାଜସଜ୍ଜା, ବିଭିନ୍ନ ପଦ୍ଧତିର ପ୍ରୟୋଗ, ଅଙ୍କ ଓ ଦୃଶ୍ୟର ହ୍ରାସ ତଥା ଗୋଟିଏ ମାତ୍ର ସେଟିଂ ବା ସ୍ଥାୟୀ ଦୃଶ୍ୟ ଭିତ୍ତିରେ ନାଟକୀୟ କଥାବସ୍ତୁର ପରିକଳ୍ପନା, ଚକ୍ଷବସ୍ତରଶ୍ୱ ଯନ୍ତ୍ରବଞ୍ଚବର ପରିବେଷଣ, ଅଭିବ୍ୟକ୍ତିବାଦୀ ନାଟ୍ୟରୀତି ଅନୁସରଣରେ ଅତୀତ ଘଟଣାବଳୀ ସ୍ମରଣ ଏବଂ ସ୍ୱପ୍ନାଦିର ପ୍ରଦର୍ଶନ ପାଇଁ ଫ୍ଲାସବ୍ୟାକ୍ ପଦ୍ଧତିର ପ୍ରୟୋଗ ଇତ୍ୟାଦି ନାଟକର ଶୈଳ୍ପିକତାକୁ ଋଦ୍ଧିମନ୍ତ କରିଛି । ଚରିତ୍ର ଚିତ୍ରଣରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ସଂଳାପର ବାସ୍ତବାୟନ ତଥା ସଂଳାପ ରଚନାରେ ପ୍ରାତ୍ୟହିକ ଜୀବନର ସଂକ୍ଷିପ୍ତତା, ଅସଂଲଗ୍ନ ଭାଷା ପ୍ରୟୋଗ ମଧରେ ସାଂପ୍ରତିକ ଯୁଗ-ଯନ୍ତ୍ରଣାରେ ସନ୍ତୁଳିତ ମାନବାତ୍ମାର ଖଣ୍ଡିତ ଓ ବିଭକ୍ତ ବ୍ୟକ୍ତିତ୍ୱର ସଂଶ୍ଳେଷଣ ଆଧୁନିକ ମନୁଷ୍ୟର ସ୍ଖଳନ, ପତନ, ବ୍ୟାଧି, ମାନସିକ ବିକୃତି, ଯୌନାଚାର ଆଦି ନାଟକୀୟ କଥାବସ୍ତୁ ମଞ୍ଚକଳାରେ ଆଣିଛି ନୂତନତାର ପରିଭାଷା । ତତ୍ସହିତ ତୃତୀୟ ରଙ୍ଗମଞ୍ଚ (ଥାର୍ଡ଼ ଥିଏଟର) ଷ୍ଟ୍ରିଟ୍ ଥିଏଟର, ଅରବାନ ଥିଏଟର ଆଦି ମଞ୍ଚଗତ ନୂତନତା ମଧ ସ୍ୱାଧୀନତୋତ୍ତର ନାଟ୍ୟସାହିତ୍ୟକୁ ବଳିଷ୍ଠ କରିପାରିଛି ।

ଓଡ଼ିଆ ନାଟ୍ୟସାହିତ୍ୟରେ କାର୍ତ୍ତିକଚନ୍ଦ୍ର ରଥ ଜଣେ ଉଜ୍ଜ୍ୱଳ ନକ୍ଷତ୍ର ବିଶେଷକରି ସମାଜବାଦୀ ସ୍ରଷ୍ଟା ଭାବରେ ବେଶ୍ ଜଣାଶୁଣା । ମାନବ ଜୀବନର ସାମଗ୍ରିକ ରୂପସତ୍ତା ତାଙ୍କ ନାଟକଗୁଡ଼ିକର ବିଶେଷତ୍ୱ । ସେ ଏକାଧାରରେ ଜଣେ ନାଟ୍ୟ ନିର୍ଦ୍ଦେଶକ, ସକ୍ରିୟ ନାଟ୍ୟକାର, କୁଶଳୀ ଅଭିନେତା । ପ୍ରଥାସିଦ୍ଧ ତଥା ଚିରାଚରିତ ନାଟକ ପ୍ରତିବଦଳରେ ଏକ ନୂତନ ଧାରାର ନାଟକ ଅନ୍ୱେଷଣ କରିବା ଥିଲା ତାଙ୍କର ପ୍ରଧାନ ଲକ୍ଷ୍ୟ । ସମାଜ ସଚେତନ ହେଉଛି ତାଙ୍କ ନାଟକ ସମୂହର ବିଶେଷ ଦିଗ । ମଞ୍ଚ ସଂଗଠକ ଓ ଚଳଚ୍ଚିତ୍ର ସଂଳାପ ଲେଖକ ହିସାବରେ ସେ ସର୍ବଜନବିଦିତ । "୧୯୬୩ ମସିହାରୁ ଅଦ୍ୟାବଧି ତାଙ୍କର ୫୦ଗୋଟି ନାଟକ, ୩ ଖଣ୍ଡଯାତ୍ରା ନାୟକ, ୩୦ଗୋଟି ବେତାର ନାଟକ, ୨୦ଗୋଟି ଟେଲିଭିଜନ ନାଟକ ପ୍ରକାଶିତ ଓ ପ୍ରଚାରିତ । 'ଅକ୍ଷୀତୃତୀୟା' ଓ 'ଅସ୍ତରାଗ' ଆଦି ଚଳଚ୍ଚିତ୍ରରେ ସେ ଚିତ୍ରନାଟ୍ୟ ଓ ସଂଳାପ ରଚୟିତା । ତାଙ୍କ ରଚିତ ନୃତ୍ୟନାଟିକା 'ସୀତାବିବାହ' ଓ 'ଉଷା ପରିଣୟ' କଟକ କଳାବିକାଶ କେନ୍ଦ୍ର ଦ୍ୱାରା ଅଭିନୀତ ହୋଇ ପ୍ରଶଂସିତ ହୋଇଛି ।"(ରବି ରାୟ, ଓଡ଼ିଆ ନାଟ୍ୟସାହିତ୍ୟର ସଂକ୍ଷିପ୍ତ ଇତିବୃତ୍ତ) ତାଙ୍କର କୃତିତ୍ୱ ଓ ପ୍ରତିଭା ପାଇଁ ସେ ୧୯୭୧ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ପୁରସ୍କୃତ । ସର୍ବଭାରତୀୟ ସ୍ତରରେ ବହୁ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ । ସେ ମଧ ୧୯୭୫ରେ 'ଜୀବନ ରଙ୍ଗ ପୁରସ୍କାର', ୧୯୭୭ରେ 'ବିଷୁବ ମିଳନ' ପୁରସ୍କାର ପାଇଛନ୍ତି । ଏତଦ୍‌ବ୍ୟତୀତ ତାଙ୍କର ନାଟ୍ୟସାହିତ୍ୟକୁ ଅବଦାନ ପାଇଁ ୧୯୮୫ ମସିହାରେ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ପୁରସ୍କାର ଲାଭ କରିଛନ୍ତି ।

ଛାତ୍ର ଅବସ୍ଥାରୁ ସେ ନାଟ୍ୟଜଗତ ସହିତ ଜଡ଼ିତ । ପ୍ରଥମରୁ ହିଁ ସେ ଏ ଦିଗରେ ଉଦ୍ୟମ କରିଥିଲେ । ୧୯୬୩ ମସିହାରେ ରଚିତ 'ଏଇ ଦେଶ ଏଇ ମାଟି', 'ଦୁଇଟୋପା ଲୁହ', ନାଟ୍ୟକାରଙ୍କ ଆଦ୍ୟ ସୃଷ୍ଟି ହେଲେ ହେଁ ଶ୍ରେଷ୍ଠ ନାଟକ ରୂପେ ରାଜ୍ୟସ୍ତରୀୟ ଗୌରବ ଅର୍ଜନ କରିବାରେ ସଫଳତା ହାସଲ କରିଛି । ୧୯୬୪ରେ 'ଦୀପ ଲିଭିଯାଏ', 'ଗୋଟିଏ ସାଗର କୋଟିଏ ଢ଼େଉ', ୧୯୬୫ରେ 'ଏ ସୃଷ୍ଟି ଅମୃତମୟ', 'କଳାକଳଙ୍କ', ୧୯୬୬ ମସିହାରେ 'ଜୀବନ ଯଜ୍ଞର ମଞ୍ଚାୟନ' ତାଙ୍କର ନାଟକୀୟ ଜୀବନରେ ଆଣିଛି ନୂତନ ସୂର୍ଯୋଦୟ । ଏହା ବ୍ୟତୀତ 'ଉପତ୍ୟକା' (୧୯୬୭), 'କ୍ରୀତଦାସ' (୧୯୬୭), 'ସ୍ୱୟଂମ୍ବର' (୧୯୬୮), 'ଅନ୍ଧାର ଆଇନା' (୧୯୬୮), 'ସବୁଜ ସୂର୍ଯ୍ୟ' ଇତ୍ୟାଦି ପ୍ରାରମ୍ଭିକ ପର୍ଯ୍ୟାୟର ନାଟକ 'ଯୁଗ ରଚି' ଓ ମାନବାତ୍ମାର ପରିବର୍ତ୍ତନ ସ୍ଥିତିକୁ ପାଥେୟ କରି ଶ୍ରୀ ରଥଙ୍କ ନାଟ୍ୟଜୀବନରେ ଆସିଛି ଉତ୍ତରଣ । ଫଳତଃ ସମସାମୟିକ ସମାଜ ଜୀବନର ମାର୍ମିକ ଆଲେଖ୍ୟ ତାଙ୍କର ନାଟକଗୁଡ଼ିକରେ ହୋଇଛି ଅଭିନୀତ । 'ଜଉଘର' (୧୯୬୯), 'ସ୍ୱର୍ଗଦ୍ୱାର' (୧୯୬୯), 'ସମୁଦ୍ରର ରଙ୍ଗ ଯନ୍ତ୍ରଣା' (୧୯୭୦), 'ସ୍ମୃତି ସାନ୍ତ୍ୱନା ଓ ଶୂନ୍ୟତା' (୧୯୭୧), 'ତୃତୀୟ ପୃଥିବୀ' (୧୯୭୨), 'ଚାରିକାନ୍ଥର ନାଟକ', 'ମହାଭାରତର ଅନ୍ତିମ ପର୍ବ' (୧୯୭୫), 'ଚନ୍ଦ୍ରବିନ୍ଦୁ' (୧୯୭୮), 'ଚଇତି ଘୋଡ଼ା' (୧୯୮୦), 'ଶୁକଶାରୀ କଥା' (୧୯୮୧), 'ମା' ମାଟି ଓ ମଣିଷ' (୧୯୮୧), 'ନିଃସଙ୍ଗ ବିସର୍ଗ' (୧୯୮୨) ଇତ୍ୟାଦି ଏକଏକ ବଳିଷ୍ଠ ସୃଷ୍ଟି । ଯାହାରି ଭିତରେ ପ୍ରକାଶ ପାଇଛି ଯୁଗଯନ୍ତ୍ରଣା ଓ ଚିନ୍ତାଧାରା, ଜୀବନବୋଧର ମନୋଜ୍ଞ ରୂପଚିତ୍ର, ସମାଜ ଓ ରାଜନୀତି ଜୀବନର ବିବିଧ ଚିନ୍ତା ଚେତନା ।

ଶ୍ରୀ ରଥଙ୍କ ନାଟ୍ୟସମୂହରେ ବିବିଧ ଚିନ୍ତା-ଚେତନାର ସ୍ୱର ଧ୍ୱନିତ । ଶୈଳ୍ପିକ ବିଶିଷ୍ଟତା ଦୃଷ୍ଟିରୁ ନାଟକଗୁଡ଼ିକର ନୂତନ ପରୀକ୍ଷାନିରୀକ୍ଷା ବେଶ୍ ଆକର୍ଷଣୀୟ ଓ ଉପଭୋଗ୍ୟ । ମୁଖ୍ୟତଃ ନାଟକଗୁଡ଼ିକରେ ପ୍ରୟୋଗ ଓ ପରୀକ୍ଷାର ସ୍ୱର ମିଥ୍ ଓ ଲୋକଉପାଦାନର ସମନ୍ୱୟ ମଞ୍ଚକଳାର ନୂତନତା ଆଦି ଶ୍ରୀ ରଥଙ୍କୁ ବିପୁଳ ସଫଳତା ଆଣିଦେଇଛି । ମଣିଷ ମନର କାମ, କ୍ରୋଧ ଆଦି ପ୍ରବୃତ୍ତିକୁ ଚରିତ୍ର ରୂପେ ମଞ୍ଚରେ ଅବତୀର୍ଣ୍ଣ ହୋଇ ମଣିଷର ପ୍ରକୃତ ରୂପକୁ ଦର୍ଶକ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ଜୀବନ ଯଜ୍ଞରେ ନାୟକ ଶୀତେଶ ପଟ୍ଟନାୟକ ଓ ନାୟିକା ଚନ୍ଦ୍ରା ମଧ୍ୟରେ ଏହି ଚେତନାଟି ପ୍ରକାଶିତ । ସଂଳାପ, ପରିବେଷଣ ଶୈଳୀ ପ୍ରତ୍ୟେକ ଦୃଷ୍ଟିରୁ ନାଟକଟିରେ ନୂତନତ୍ୱ ଲକ୍ଷଣୀୟ । ଠିକ୍ ସେହିପରି 'ସବୁଜ ସୂର୍ଯ୍ୟ', 'କ୍ରୀତଦାସ', 'ସ୍ୱୟମ୍ବର', 'ସ୍ୱର୍ଗଦ୍ୱାର' ଆଦିରେ ପାତ୍ରୋଚିତ ସଂଳାପ, ନୂତନ ମଞ୍ଚକୌଶଳ, ସମାଜର ବାସ୍ତବ ଓ ଉତ୍କଟ ସମସ୍ୟାକୁ ନାଟକରେ ଚିତ୍ରିତ କରାଇ ନାଟ୍ୟକାର ସମାଜ ସଚେତନତାର ପରିଚୟ ଦେଇଛନ୍ତି ।

'ସ୍ୱର୍ଗଦ୍ୱାର' ଓଡ଼ିଆ ନାଟ୍ୟସାହିତ୍ୟରେ ଏକ ନୂତନ ପରୀକ୍ଷା । "ମନୁଷ୍ୟର ସାମ୍ପ୍ରତିକ ଚେତନାର ପରିପାର୍ଶ୍ୱ ଦ୍ୱାରା ବହୁଳାଂଶରେ ନିୟନ୍ତ୍ରିତ । ତେଣୁ ପରିପାର୍ଶ୍ୱର ପ୍ରଭାବରୁ ବିମୁକ୍ତ ଅତିଚେତନାରେ ମଣିଷର ସ୍ୱରୂପ କ'ଣ ହେବ ତା'ର ଏକ ପ୍ରୟୋଗାତ୍ମକ ବିଶ୍ଳେଷଣ ହେଉଛି ଏହି ନାଟକ ।"(ରବି ରାୟ, ଓଡ଼ିଆ ନାଟକର ସଂକ୍ଷିପ୍ତ ଇତିବୃତ୍ତି) ଉକ୍ତ ନାଟକରେ ଆଲୋକ ସଂପାତ ରେକର୍ଡ଼ ଯୋଗେ ଗୃହୀତ ହୋଇଛି ଶବ୍ଦର ଝଙ୍କାର । ବିଶେଷତଃ ପ୍ରଚ୍ଛଦପଟରେ ଦୁଇଟି ଛାୟାର କଥୋପକଥନ ପ୍ରଭୃତି ଅଭିବ୍ୟକ୍ତିବାଦୀ ନାଟ୍ୟ କୌଶଳ ପ୍ରୟୋଗ ଦ୍ୱାରା ଅବଚେତନ ମନର ବିଶ୍ଳେଷଣ ବେଶ୍ ବାସ୍ତବଧର୍ମୀ। ଏହା ବ୍ୟତୀତ ସଂଳାପର ପ୍ରତୀକଧର୍ମିତା ମର୍ମସ୍ପର୍ଶୀ ଦାର୍ଶନିକତାର ପୁଟ, ସୂତ୍ରଧରର ଏକାଧିକବାର ବ୍ୟବହାର ଓ ଜ୍ୟାମିତିକ ବିଭାଗରେ ଅଙ୍କ ବିଭାଜନ ଦୃଶ୍ୟବିହୀନ ନାଟକ (ସ୍ମୃତି, ସାନ୍ତ୍ୱନା ଓ ଶୂନ୍ୟତା) ମିଥ୍‌ର ପ୍ରୟୋଗ (ଈଶ୍ୱର ଜଣେ ଯୁବକ), ମିଥ୍ ମଧ୍ୟରେ ଅତିନ୍ଦ୍ରିୟ ଚେତନା (ଗରସ୍ପବକ୍ଷଷଙ୍ଗଷ୍ପସମବକ୍ଷ)ର ଉପସ୍ଥାପନା (ତୃତୀୟ ପୃଥିବୀ) ଲୋକନାଟକ ଶୈଳୀର ପ୍ରୟୋଗ (ଚଇତି ଘୋଡ଼ା) ଇତ୍ୟାଦି ନାଟକଗୁଡ଼ିକର ପ୍ରୟୋଜନ ଆଲୋଚନା ନାଟ୍ୟସାହିତ୍ୟକୁ ଦେଇଛି ଅଭିନବ ପ୍ରେରଣା ।

ଆତ୍ମା ବିନା ଶରୀରର ଯେପରି କୌଣସି ଅସ୍ତିତ୍ୱ ନଥାଏ, ସେହିପରି ଭାବ ବା ଆତ୍ମିକ ପକ୍ଷକୁ ହେୟ ମନେକଲେ ନାଟକର ଯଥାର୍ଥ ମୂଲ୍ୟାୟନ ଅସମ୍ଭବ । ଏହି ଦୃଷ୍ଟି ନାଟ୍ୟକାର କାର୍ତ୍ତିକ ରଥଙ୍କର ନାଟକଗୁଡ଼ିକରେ ଭାବଗତ ବିବିଧତା ବେଶ୍ ମନୋଜ୍ଞ । ବିଶେଷତଃ ସମାଜ ପରିବର୍ତ୍ତନର ସ୍ୱର, ମାର୍କସ୍‌ବାଦୀ ବିଚାରଧାରା, ନିବିଡ଼ ଜୀବନ ଦୃଷ୍ଟି, ମାନବିକ ମୂଲ୍ୟବୋଧର ସନ୍ଧାନ ଏବଂ ଜାତୀୟ ସଂହତିର ପ୍ରତିଷ୍ଠା ତାଙ୍କର ନାଟକଗୁଡ଼ିକରେ ଚମତ୍କାର ପରିଲକ୍ଷିତ ହୋଇଛି ।

କାର୍ତ୍ତିକଚନ୍ଦ୍ର ରଥ ଜଣେ ସଚେତନ ସ୍ରଷ୍ଟା । ସାମାଜିକ ଜୀବନରେ ବିଭିନ୍ନ ଚିନ୍ତା-ଚେତନାର ସମାବେଶ ତାଙ୍କ ନାଟକଗୁଡ଼ିକରେ ସଫଳ ଭାବେ ରୂପାୟିତ । ତତ୍‌ସହିତ ସମସ୍ୟାର ସମାଧାନ ପନ୍ଥା ଏବଂ ପରିବର୍ତ୍ତନର ସ୍ୱର ନାଟକରେ ତୀବ୍ର । ତତ୍‌କାଳୀନ ସମସ୍ୟାର ସମାଧାନ ପନ୍ଥା ଏବଂ ପରିବର୍ତ୍ତନର ସ୍ୱର ନାଟକରେ ତୀବ୍ର । ତତ୍‌କାଳୀନ ସମାଜରେ ଘଟୁଥିବା ଅନୈତିକ, ଅବିଚାରକୁ ସେ ବ୍ୟଙ୍ଗ କରିଛନ୍ତି । ବାସ୍ତବତାର ପଟ୍ଟଭୂମିରେ ନୂତନତାକୁ ପ୍ରତିଷ୍ଠା କରିଛନ୍ତି । ସାଂପ୍ରତିକ ସମାଜର ଛଳନା, ପ୍ରତାରଣା, ଯନ୍ତ୍ରଣାବୋଧକୁ ମଞ୍ଚ କୌଶଳ ମାଧ୍ୟମରେ ଉପସ୍ଥାପନ କରି ଅବଚେତନ ମନର ଚିନ୍ତାରାଜିକୁ ନାଟ୍ୟକାର 'ସ୍ୱର୍ଗଦ୍ୱାର' ନାଟକରେ ପରିସ୍ଫୁଟନ କରିପାରିଛନ୍ତି । ସାମାଜିକ ଅଙ୍ଗୀକାର ଏବଂ ଦର୍ଶକମାନଙ୍କର ଚିନ୍ତାଧାରା ମଧ୍ୟରେ ଏକାନ୍ତ ସଂଯୋଗ ସ୍ଥାପନ ହେଉଛି ତାଙ୍କ ନାଟକର ବୈଶିଷ୍ଟ୍ୟ । ସଂପ୍ରତି ସମାଜରେ ଦେଖା ଦେଇଥିବା ପାରିବାରିକ ଜୀବନର ବିଶୃଙ୍ଖଳା ତଥା କର୍ତ୍ତବ୍ୟ ପ୍ରତି ବିମୁଖତା, ମତାନ୍ତର, ସ୍ୱାର୍ଥ, ସ୍ନେହ, ପ୍ରୀତିର ଅଭାବ ବୋଧ କିପରି କାୟା ବିସ୍ତାର କରିଛି ତା'ର ପ୍ରତିଫଳନ 'ଅନ୍ୟ ଆକାଶ'ନାଟକରେ ରହିଛି । ଏହା ବ୍ୟତୀତ ଏକ ବହୁ କୁଟୁମ୍ବୀ ପରିବାର ମଧ୍ୟରେ ଦେଖାଦେଇଥିବା ତା'ର ମନୋଜ୍ଞ ଚିତ୍ର ମଧ୍ୟ ଦେଖିବାକୁ ମିଳେ । ପୁନଶ୍ଚ ବହ୍ନିମାନରେ ରହିଛି ଗୋଟିଏ ଚରିତ୍ର ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ତତ୍କାଳୀନ ସମାଜର ବିଭିନ୍ନ ସମସ୍ୟାର ଅଭିବ୍ୟକ୍ତି ।

ମାର୍କସ୍‌ବାଦୀ ଚେତନାର ସ୍ୱର ପ୍ରଗତିବାଦୀ ସାହିତ୍ୟରେ ଗୁଞ୍ଜରିତ ହୋଇଥିଲେ ମଧ୍ୟ ନାଟକ କ୍ଷେତ୍ରରେ ଏହାର ସାନ୍ଦ୍ରତା ହୃଦୟସ୍ପର୍ଶୀ । ମାର୍କସୀୟ ବିଚାରଧାରା କାର୍ତ୍ତିକଚନ୍ଦ୍ର ରଥଙ୍କ ନାଟକରେ ପରିଲକ୍ଷିତ । ସୃଷ୍ଟିର ଆରମ୍ଭରୁ ସାଂପ୍ରତିକ ଯୁଗ ପର୍ଯ୍ୟନ୍ତ ଶ୍ରେଣୀ ସଂଘର୍ଷ ମାଧ୍ୟମରେ ମାନବ ସଭ୍ୟତାର ବିକାଶ ସମ୍ପର୍କର ସୂଚନା 'ବହ୍ନିମାନ' ନାଟକରେ ଦିଆଯାଇଛି । 'ମାଂସର ଫୁଲ' ନାଟକରେ ଶୋଷକ ଓ ଶୋଷିତ ଗୋଷ୍ଠୀ ମଧ୍ୟରେ ଦେଖା ଦେଇଛି ସଂଘର୍ଷ । ଶୋଷିତ ଓ ନିଷ୍ପେସିତ ଜାତିର ପ୍ରତୀକ ରୂପେ ଯେଉଁ ଘୁଙ୍ଗା ଚରିତ୍ରକୁ ନାଟ୍ୟକାର ଗ୍ରହଣ କରିଛନ୍ତି, ତାହା ସମାଜ ବ୍ୟବସ୍ଥା ବିରୁଦ୍ଧରେ ମୌନ ପ୍ରତିବାଦ ହେଲେ ହେଁ, ପରିଣତିରେ ସେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛି । କାର୍ଲମାର୍କସ୍‌ଙ୍କ ବିଚାରବୋଧ ସହିତ ସମାଜବାଦୀ ବାସ୍ତବତାର ସମନ୍ୱୟ ତାଙ୍କ ନାଟକରେ କ୍ରିୟାଶୀଳ ।

ମାନବ ଜୀବନର ସାମଗ୍ରିକ ରୂପସତ୍ତା ତାଙ୍କ ନାଟକରେ ଅନୁଭବ୍ୟ । ଶ୍ରୀଯୁକ୍ତ ରଥ ଅତି ନିଖୁଣ ଭାବରେ ଜୀବନକୁ ନିରୀକ୍ଷଣ କରିବା ସହିତ ନିଜର ଅନୁଭୂତି ଓ ଅଭିଜ୍ଞତାକୁ ପୁଞ୍ଜି କରି ଏହାକୁ ମଞ୍ଚରେ ପରିବେଷଣ କରିଛନ୍ତି । ମାନବ ହୃଦୟର ସୀମାହୀନ ବ୍ୟାପ୍ତି

ଓ ଅତଳ ସ୍ପର୍ଶୀ ଗଭୀରତାର ଉନ୍ମୋଚନ, ଚୈତନ୍ୟର ଆଲୋକରେ ଚିରନ୍ତନତାକୁ ଉଦ୍ଭାସିତ କରିବାର ପ୍ରୟାସ ମାନବିକ ଆତ୍ମାର ମୁକ୍ତିତ୍ୱକୁ ରୂପ ଦେଇଛନ୍ତି ଆପଣାର ଗଭୀର ଦୃଷ୍ଟିଭଙ୍ଗୀ ମଧ୍ୟରେ । ତାଙ୍କର ପ୍ରତ୍ୟେକ ନାଟକରେ ଜୀବନ କୈନ୍ଦ୍ରିକ ଦୃଷ୍ଟିଭଙ୍ଗୀ ଚିତ୍ରାୟିତ । ଜାତୀୟ ସଂହତି ପ୍ରତିଷ୍ଠା କରିବାର ଅଭିପ୍ରାୟ କାର୍ତ୍ତିକଚନ୍ଦ୍ର ରଥଙ୍କ ନାଟକଗୁଡ଼ିକୁ କରିଛି ପ୍ରାଣବନ୍ତ । ଜାତି ଓ ଦେଶ ପ୍ରତି ଥିବା କର୍ତ୍ତବ୍ୟ, ମମତା, ସ୍ନେହର ପବିତ୍ର ଧାରା ତାଙ୍କ ନାଟକରେ ପ୍ରବାହିତ । ସାମସମୟିକ ମଣିଷର ଅସହାୟତା ଆନନ୍ଦର ଇଲାକାରେ ପହଞ୍ଚିବା ନିମନ୍ତେ ମାନବର ବ୍ୟର୍ଥ ଉଦ୍ୟମ (ସ୍ମୃତି, ସାନ୍ତ୍ୱନା ଓ ଶୂନ୍ୟତା) ବ୍ୟକ୍ତିକୈନ୍ଦ୍ରିକ ସ୍ୱାର୍ଥସର୍ବସ୍ୱ ମଣିଷ ଜାତିର ସାମ୍ପ୍ରତିକ ସ୍ଥିତି, ସାମାଜିକ ସଂକୀର୍ଣ୍ଣତା ଏବଂ ସୀମାବଦ୍ଧତା ବିରୁଦ୍ଧରେ ନାରୀର ପ୍ରତିକ୍ରିୟା, ଆଦିମ ମାନବର ଜାନ୍ତବ କ୍ଷୁଧା (ଜଉଘର ଓ ଆଜିର ରାଜା), ଥିଲାବାଲା ନଥିଲା ବାଲାର ଚିରନ୍ତନ ସଂଘର୍ଷ, ବେକାର ସମସ୍ୟା (ସମୁଦ୍ରର ରଙ୍ଗ, ଯନ୍ତ୍ରଣା), ମାନବିକ ମୂଲ୍ୟବୋଧର ସନ୍ଧାନ (ବହ୍ନିମାନ), ଜାତୀୟ ସଂହତି (ଚଇତି ଘୋଡ଼ା) ଶ୍ରେଣୀ ସଂଘର୍ଷର ଚିତ୍ର (ମାଂସର ଫୁଲ) ନାଟକରେ ଦେଖିବାକୁ ମିଳେ ।

କାର୍ତ୍ତିକଚନ୍ଦ୍ର ରଥ କେବଳ ଜଣେ ନାଟ୍ୟକାର ନୁହନ୍ତି ବରଂ ସେ ଜଣେ ବିଶିଷ୍ଟ ନାଟ୍ୟ ସଂଗଠକ । ବିଶେଷତଃ ନାଟକରେ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ଏବଂ ଓଡ଼ିଶାର ନାଟ୍ୟ ସଂଗଠନ ଦିଗରେ ତାଙ୍କର ଭୂମିକା ଅବିସ୍ମରଣୀୟ । କଟକ ନଗରର ହଜାର ବର୍ଷ ପୂର୍ତ୍ତି ଉପଲକ୍ଷେ ତିନିଶହ କଳାକାରଙ୍କୁ ନେଇ ଐତିହାସିକ ନାଟକ 'କଟକ ନଗର ବରଷ ହଜାର' ବାରବାଟୀ ଷ୍ଟାଡ଼ିୟମ୍‌ରେ ପ୍ରଥମଥର ପାଇଁ ଏବଂ ଆହ୍ଲାବାଦର ନାଟକ ପ୍ରତିଯୋଗିତାରେ ଦ୍ୱିତୀୟଥର ପାଇଁ ମଞ୍ଚସ୍ଥ ହୋଇ ବହୁ ପ୍ରଶଂସାଭାଜନ ହୋଇପାରିଥିଲା । ଗତିଶୀଳ ଚିନ୍ତାଧାରାକୁ ସମ୍ବଳକରି ସେ 'ଶ୍ରାବଣୀ' ଏବଂ 'କଳାତୀର୍ଥ' ନାମକ ଦୁଇଟି ସୌଖୀନ ନାଟ୍ୟସଂସ୍ଥା ଗଠନରେ ବ୍ରତୀ ହୋଇଥିଲେ ଯାହା ତାଙ୍କୁ ମଞ୍ଚଜଗତରେ ପରିଚିତ କରାଇଥିଲା ।

ନାଟ୍ୟକାର କାର୍ତ୍ତିକଚନ୍ଦ୍ର ରଥ ସାମ୍ପ୍ରତିକ କାଳରେ ନବ-ନାଟ୍ୟଧାରାର ଆଭିମୁଖ୍ୟକୁ ଆଖି ଆଗରେ ରଖି ଅନେକଗୁଡ଼ିଏ ନାଟକ ଓଡ଼ିଆ ନାଟ୍ୟସାହିତ୍ୟକୁ ଭେଟି ଦେଇଛନ୍ତି । ଯାହା ପାଇଁ ସେ ନାଟକ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ବହୁ ପରୀକ୍ଷାନିରୀକ୍ଷା ଚଳାଇ ସେ ନାଟ୍ୟସାହିତ୍ୟକୁ କରିଛନ୍ତ ଋଦ୍ଧିମନ୍ତ । ସମଗ୍ର ନାଟ୍ୟକୃତି ମଧ୍ୟରେ କେତେକ ନାଟକ ପାରମ୍ପରିକ ଶୈଳୀରେ ରଚିତ ହୋଇଥିଲେ ମଧ୍ୟ ପରୀକ୍ଷାଧର୍ମୀ ସ୍ୱର ତାଙ୍କ ନାଟକଗୁଡ଼ିକରେ ତୀବ୍ର ଅନୁଭବ୍ୟ । ସାମ୍ପ୍ରତିକ ସାମାଜିକ ଜୀବନର ବହୁ ସମସ୍ୟା ମାନବ ହୃଦୟର ଦୁଃଖ ଯନ୍ତ୍ରଣା ମଧ୍ୟରେ ବ୍ୟକ୍ତିସତ୍ତାର ପ୍ରଶାନ୍ତ ଓ ସମଗ୍ର ଜୀବନର ମୂଳ ଲକ୍ଷ୍ୟ ଆନନ୍ଦ ଓ ଶାନ୍ତିକୁ ସେ ଯନ୍ତ୍ରଣାକ୍ଲିଷ୍ଟ ଜୀବନ ଭିତରେ ଉପସ୍ଥାପନ କରିଛନ୍ତି। ସଂଳାପ ତାଙ୍କର ସରଳ, ଭାବବ୍ୟଞ୍ଜକ ଓ ସର୍ବଜନବୋଧ। ହାସ୍ୟରସର ଉଦ୍ରେକ ଲାଗି ସେ କୌଣସି ନିର୍ଦ୍ଦିଷ୍ଟ ଚରିତ୍ରକୁ ସୃଷ୍ଟି କରିନାହାନ୍ତି । ବରଂ ଭାଷାର ସୁମଧୁରତା ଭିତରେ ସଂଳାପର ଚମତ୍କାରିତାକୁ ଉପସ୍ଥାପନ କରି ଦର୍ଶକ ମନରେ ଭରିଛନ୍ତି ନୂତନ ଉନ୍ମାଦନା ଓ ପ୍ରଶାନ୍ତିର ଅମୃତଧାରା । ଲୋକନାଟକ ଶୈଳୀ ଯେପରି ତାଙ୍କ ନାଟକଗୁଡ଼ିକରେ ଅନୁସୃତ ଠିକ୍ ସେହିପରି ପାଶ୍ଚାତ୍ୟ ଦର୍ଶନ ଓ ବିଭିନ୍ନ ବାଦର ମଧ୍ୟ ପରିଲକ୍ଷିତ । ତାଙ୍କ ନାଟକର ଚରିତ୍ରଗୁଡ଼ିକର ବୈଶିଷ୍ଟ୍ୟ ହେଉଛି ସେମାନେ ଆର୍ତ୍ତନାଦ କରନ୍ତି ନାହିଁ ଅଧିକନ୍ତୁ ତାଙ୍କର କ୍ରିୟାକଳାପ ଦର୍ଶକ ମନରେ କେତେବେଳେ ଝଡ଼ ଉଠାଏ ତ ପୁଣି କେତେବେଳେ ପ୍ରଶାନ୍ତିର ଭାବକୁ ଅଭିବ୍ୟଞ୍ଜିତ କରେ। ଏହି ଦୃଷ୍ଟିରୁ ବିଚାର କଲେ ନାଟ୍ୟକାର କାର୍ତ୍ତିକଚନ୍ଦ୍ର ରଥ ଓଡ଼ିଆ ନାଟ୍ୟ ଆକାଶରେ ନବୀନ ସୂର୍ଯ୍ୟୋଦୟର ଆଶା ଓ ଭରସା ।

**ସହାୟକ ଗ୍ରନ୍ଥସୂଚୀ**


୧. ଦାଶ, ସର୍ବେଶ୍ୱର : ଓଡ଼ିଆ ନାଟ୍ୟସାହିତ୍ୟ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୧୯୮୧ ।

୨. ଦାଶ, ହେମନ୍ତ କୁମାର : ଓଡ଼ିଆ ନାଟ୍ୟସାହିତ୍ୟର ବିକାଶଧାରା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୨୦୦୦।

୩. ଦାଶ, ହେମନ୍ତ କୁମାର : ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ (ଦ୍ୱିତୀୟ ଭାଗ), ଏସ୍.ବି. ପବ୍ଲିକେଶନ୍, ବିନୋଦବିହାରୀ, କଟକ, ପ୍ରଥମ ପ୍ରକାଶ - ୨୦୦୬ ।

୪. ପଟ୍ଟନାୟକ, ହରପ୍ରସାଦ ପରିଚ୍ଛା, ସିଂହ, ବିଜୟାନନ୍ଦ : ପଚାଶବର୍ଷ : ଓଡ଼ିଆ ସାହିତ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୨୦୦୯।

୫. ମହାରଣା, ସୁରେନ୍ଦ୍ର କୁମାର : ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ, ୨୦୧୦ ।

୬. ସାମଲ, ବୈଷ୍ଣବଚରଣ: ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ, ଦ୍ୱିତୀୟ ପ୍ରକାଶ, ୨୦୧୫।

୭. ହରିଚନ୍ଦନ, ନୀଳାଦ୍ରିଭୂଷଣ : ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା, ବିଦ୍ୟାପୁରୀ, ବିନୋଦବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ, ୨୦୦୭ ।


❖❖❖

# ଶ୍ରେଣୀ ସଂଘର୍ଷର ପ୍ରତିଫଳନରେ "କୋକୁଆ" ନାଟକ



ISSN-2583-6978
Volume-4
Issue-10
OCTOBER-2024

**କାଳିଆ ସେଠୀ**

**ଅଧ୍ୟାପକ, ଜନତା ମହାବିଦ୍ୟାଳୟ**
**ବଇଣ୍ଡା,ଅନୁଗୋଳ**

ନାଟ୍ୟକାର ବିଜୟ କୁମାର ଶତପଥୀ ସାରଳା ମହାଭାରତରେ ରଚିତ 'କୋକୁଆ ଉପାଖ୍ୟାନ'କୁ ନେଇ 'କୋକୁଆ ' ନାଟକର ପରିକଳ୍ପନା କରିଥିଲେ । ଏହି 'କୋକୁଆ'ର ସୃଷ୍ଟି ପଛର ସ୍ରଷ୍ଟା ନିଶ୍ଚୟ ସାରଳା ଦାସ । ସେ ସ୍ପଷ୍ଟ କରି ଦେଇଛନ୍ତି, କୋକୁଆ କାଳର ପ୍ରତୀକ, ଚକ୍ରବତ୍ ? ଓ ଅମୂର୍ତ୍ତ। ତାକୁ ଜଣେ ବ୍ୟକ୍ତି ନିଜ ଭାବରେ ଅନୁଭବ କରିପାରେ, ଦେଖିପାରେ, ଶୁଣିପାରେ ଓ କହିପାରେ । ମାତ୍ର ଅନ୍ୟ କେହି, ଜଣକର ଅନୁଭବକୁ ଶୁଣିପାରେ ନାହିଁ, କହିପାରେ ନାହିଁ, କିମ୍ବା ଦେଖିପାରେ ନାହିଁ। କାଳର ରୂପ ବିସ୍ମୟକର। ତେଣୁ ସ୍ୱୟଂ କୃଷ୍ଣ ହିଁ 'କୋକୁଆ' ।

ଅତୀତରୁ ସାର ସଂଗ୍ରହ କରି ଭବିଷ୍ୟତ ଉପରେ ଦୃଷ୍ଟି ନିବଦ୍ଧ ରଖି ଯେଉଁ ସାହିତ୍ୟ ବର୍ତ୍ତମାନ ସମୟରେ ରଚିତ ହୁଏ ତାହା ଆଧୁନିକ ସାହିତ୍ୟ । ଠିକ୍ ସେହି ବିଚାରରେ ଆଧୁନିକ ସାହିତ୍ୟରୁ ସାର ଓ ଶ୍ରେୟ ସଂଗ୍ରହ କରି ଯେଉଁ ସର୍ଜନା ହୁଏ ତାହା ଉତ୍ତର ଆଧୁନିକ ସାହିତ୍ୟ । ନାଟ୍ୟକାର ବିଜୟ କୁମାର ଶତପଥୀଙ୍କ ' କୋକୁଆ ' ଉତ୍ତର ଆଧୁନିକତାର ଏକ ସଫଳ ନାଟକ । ଜଗତୀକରଣ ଆଜି ଦଳିତ ଓ ଆଦିବାସୀଙ୍କ ଲାଗି ଗୋଟେ ଭୟଙ୍କର ଅପଶବ୍ଦ । ସେମାନେ ବର୍ଷ ବର୍ଷ ଧରି ଯେଉଁ ପ୍ରକୃତି ସହ ଏକାତ୍ମ ହୋଇ ବଞ୍ଚିଥିଲେ, ସେଇଠୁ ସେମାନଙ୍କୁ ଉତଖାତ କରି ବିସ୍ଥାପିତ କରାଯାଉଛି । ବିକାଶ ଓ ଶିଳ୍ପାୟନ ଲାଗି ରାଷ୍ଟ୍ର ପ୍ରାୟୋଜିତ ଅର୍ଥନୈତିକ ଅଭିଯାନରେ ଆଦିବାସୀ ଓ ଦଳିତ ଆଜି ନିଜର ଜୀବିକା ହରାଇଛନ୍ତି । ଜଗତୀକରଣର ଆକ୍ରମଣରେ ସେମାନଙ୍କର ଜଗତ ଆଜି ବିପର୍ଯ୍ୟସ୍ତ । ଗ୍ରାମୀଣ ସମ୍ପ୍ରଦାୟ ଏହି ସମସ୍ୟାର ସବୁଠାରୁ ଅଧିକ ପୀଡିତ ଏବଂ ଏହା ସାମାଜିକ-ସାଂସ୍କୃତିକ ଦିଗ ଏବଂ ଆର୍ଥନୀତିକ ଦିଗ ଦୃଷ୍ଟିରୁ ମଧ୍ୟ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ । ବିଭିନ୍ନ କାରଣରୁ ଲୋକଙ୍କ ବିସ୍ଥାପନ ହୋଇଛି ।ମିଛ ଆଶ୍ୱାସନା ଦେଇ ସମାଜରେ ପୁଞ୍ଜିପତି ମାନେ କାୟାବିସ୍ତାର କରିବାରେ ଲାଗିପଡ଼ିଥିବାବେଳେ ଅନ୍ୟ ପଟରେ ନିରୀହ ଆଦିବାସୀ ମଣିଷମାନେ ସବୁକିଛି ହରେଇ ବାସହରା ହେଇଛନ୍ତି । ଆଲୋଚ୍ୟ ନାଟକରେ ଦାମ ମାନସିକ ଭାରସାମ୍ୟ ହରେଇଥିବା ଚରିତ୍ର ।

ସ୍ୱାଧୀନ ଭାରତରେ ରାମରାଜ୍ୟର କଳ୍ପନା କରିଥିଲେ ମହାତ୍ମା । ଦୁନିଆକୁ ଅହିଂସା ମନ୍ତ୍ର ଶିଖାଇଥିବା ବାପୁ ନିଜେ ହିଂସାର ଶିକାର ହେଲେ ଆଉ କହିଗଲେ ଜୀବନର ଶେଷ ଶବ୍ଦ ହେ ରାମ ! ସେହି ଦିନଠୁ ଆଜିଯାଏ ଦେଶ ଆଉ ଦେଶବାସୀ ଭୋଗିଚାଲିଛନ୍ତି ସୀମାପାର ଆତଙ୍କବାଦ କିନ୍ତୁ ଏବେ ଆଉ ଏକ ହିଂସା ମୁଣ୍ଡ ଉଠେଇଛି ତାହା ହେଲା ମାଓବାଦୀ ହିଂସା । ଏହି ଆନ୍ଦୋଳନ ଆଜିର ନୁହେଁ ସାମନ୍ତବାଦ ବିରୁଦ୍ଧରେ ସାମ୍ୟବାଦୀଙ୍କ ଏହି ଲଢ଼େଇର ଆରମ୍ଭ ଦେଶ ସ୍ୱାଧୀନ ହେଲାଠୁ । କିନ୍ତୁ ସ୍ୱାଧୀନତାର ଆଲୋକ ଦେଶର ଅଳ୍ପ କିଛି ଅଂଚଳରେ ସୀମାବଦ୍ଧ ହୋଇରହିଗଲା ବାକି ଅଂଶରେ ଅନ୍ଧାର ଯେମିତି ଥିଲା ସେମିତି ହିଁ ରହିଲା । ଏହି ଆନ୍ଦୋଳନ ଚାଲିଥିଲା ବ୍ୟବସ୍ଥା ବିରୁଦ୍ଧରେ ଶୋଷଣ ଆଉ ଅବହେଳା ବିରୁଦ୍ଧରେ କିନ୍ତୁ ଭୋକ, ଦାରିଦ୍ର୍ୟ ବେରୋଜଗାରୀ ଏସବୁ ଯେମିତି ଥିଲା ସେମିତି ହିଁ ରହିଲା । ପୁଞ୍ଜିପତି ଓ ଶୋଷଣକାରୀଙ୍କ କବଳରୁ ନିରୀହ ମଣିଷକୁ ଉଦ୍ଧାର କରିବାପାଇଁ ଆରମ୍ଭ ହୋଇଥଲା ନକ୍ସଲ ପନ୍ଥୀଙ୍କର ଆନ୍ଦୋଳନ । ଶହଶହ ଶିକ୍ଷିତ ଯୁବକ ଏବଂ ଚେତନଶୀଳ ନାଗରିକ ଏହି ଆହ୍ୱାନରେ ନିଜକୁ ସାମିଲ କରିଥିଲେ । ସ୍ୱପ୍ନ ଥିଲା ଗରିବଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର ଓ ଜୁଲୁମର ପ୍ରତିବାଦ କରିବା । ଆଲୋଚ୍ୟ

ନାଟକରେ ଅଜୟ ମାରାଣ୍ଡି ମାଓବାଦୀ ହୋଇଛି କାରଣ ମନରେ ଆଶା ବାନ୍ଧିଛି ଯେଉଁ ପୁଞ୍ଜିପତିମାନଙ୍କ ଦ୍ୱାରା ସେମାନଙ୍କ ଜୀବନ ଧ୍ୱଂସ ହୋଉଛି ସେମାନଂକୁ ଧ୍ୱଂସକରି ଫେରି ପାଇବ ତାର ଶାନ୍ତ ସରଳ ପରିବେଶକୁ ।

ମାଓବାଦୀ ଅଜୟ ମାରାଣ୍ଡିକୁ ପୋଲିସ ଖୋଜିଖୋଜି ଶ୍ୟାମାନନ୍ଦଙ୍କ ଆଶ୍ରମରେ ପହଁଚିଛିନ୍ତି ଏବଂ ଧମାଗୁଡ଼ା ଗାଁର ଶିବୁ ମାଝୀ କଥା ଆଲୋଚନା କଲାବେଳେ ବିସ୍ଥାପନ ସମସ୍ୟାହିଁ ଆଗକୁ ଆସିଛି । ଭାରତର ବିଭିନ୍ନ ସ୍ଥାନ ଭିତ୍ତିକ ସଂଘର୍ଷରେ ପୁଞ୍ଜିପତି ବିକାଶ ଏବଂ ଏହାର ପତନକୁ ବିରୋଧ କରାଯାଇଛି । ବିଶେଷକରି ଆଦିବାସୀ ମାନଙ୍କୁ ଉତ୍ସ-ସମୃଦ୍ଧ ଅଞ୍ଚଳରେ ସ୍ଥାନାନ୍ତର କରିବାକୁ ବାଧ କରିଛି ଏବଂ ଜମି, ଜଳ ଏବଂ ଜଙ୍ଗଲରେ ସେମାନଙ୍କୁ ବଞ୍ଚିତ କରିଦିଆଗଲା ।

କାରଖାନାର ମାଲିକ ସ୍ଥାନୀୟ ଏମ. ଏଲ. ଏ ହରେକୃଷ୍ଣ ଗୌନ୍ତିଆ ମାଧ୍ୟମରେ ଧମାଗୁଡ଼ା ବାସିନ୍ଦାଙ୍କ ଜମି ଉପରେ ଫେରୋ ଆଲୋଏଡ଼ କାରଖାନା ବସେଇବା ପାଇଁ ମନସ୍ତ ହୋଇଥିଲା ବେଳେ ଏହାର ତୀବ୍ର ପ୍ରତିବାଦ କରିଛି ଶିବୁ ମାଝି । ପୁଞ୍ଜିପତି ଏବଂ ସ୍ଥାନୀୟ ନେତାମାନଙ୍କ ପ୍ରଭାବରେ ଯେଉଁମାନେ ଭିଟାମାଟିକୁ ଛାଡିବାକୁ ଅରାଜିହେଲେ ସେମାନଙ୍କ ପରିବର୍ତ୍ତିତ ରୂପ ହୋଇଗଲା ନକ୍ସଲ । ସାମ୍ରାଜ୍ୟବାଦୀ ବିକାଶର ବିପଜ୍ଜନକ ଅଭିଯାନ ହେଉଛି ଆଦିବାସୀଙ୍କ ଜଙ୍ଗଲ ଓ ପରିବେଶକୁ ଧ୍ୱଂସ କରିବା । ଆମ ଦେଶରେ ଆଦିବାସୀଙ୍କ ଇତିହାସ ହେଉଛି ଶାସକ ଶ୍ରେଣୀଙ୍କ ଦ୍ୱାରା ଶୋଷଣ, ଦମନ ତଥା ଅତ୍ୟାଚାରର ଇତିହାସ। ବର୍ତ୍ତମାନ ଆଦିବାସୀ ଅଞ୍ଚଳରେ ବିସ୍ଥାପନ ଯୋଗୁ ଧୀରେ ଧୀରେ ସେମାନଙ୍କ ପରମ୍ପରା, ସଂସ୍କୃତି ଓ ଚାଲିଚଳନ ବିପନ୍ନ ହେଉଛି । ଆଦିବାସୀମାନେ ପ୍ରକୃତିର ସନ୍ତାନ। ଜଙ୍ଗଲ ସେମାନଙ୍କ ଜୀବନ ଓ ଜୀବିକାର ଆଧାର। ଆଦିବାସୀଙ୍କ ଜୀବନ, ବଞ୍ଚିବା ଏବଂ ଆଦିବାସୀମାନଙ୍କର ସାଂସ୍କୃତିକ ପରିଚୟ ଉପରେ ଏକ ବଡ଼ ପ୍ରଭାବ ପକାଇଥାଏ । ଆଦିବାସୀମାନଙ୍କୁ ସେମାନଙ୍କ ଜମିରୁ ବିସ୍ଥାପନର ଏକ ପ୍ରମୁଖ କାରଣ ହେଉଛି ଶିଳ୍ପାୟନ । ଜମି ହରାଇବା ଅର୍ଥ ଜୀବିକା ହରାଇବା ।

ସାରଳା ଦାସଙ୍କ ମହାଭାରତର ମୂଷଳୀ ପର୍ବରେ କୋକୁଆ ଯେପରି ଯଦୁବଂଶ ଧ୍ୱଂସର କାରଣ ହୋଇଥିଲା ଠିକ ସେହିପରି ପୁଞ୍ଜିପତି ମାନଙ୍କର ଶିକାର ପାଲଟିଛନ୍ତି ଧମାଗୁଡ଼ା ଗାଁର ସରଳ ଆଦିବାସୀ । ବିସ୍ଥାପନ ସମସ୍ୟା ଦ୍ୱାରା ଅଜୟ ମାରାଣ୍ଡି ଭଳି ଅନେକ ନକ୍ସଲ ସୃଷ୍ଟି ହୋଇଛନ୍ତି ଆଉ ନିଜର ଭିଟମାଟି କୁ ପାଇବା ପାଇଁ ସଂଗ୍ରାମ କଲେ ମଧ୍ୟ ପୁଞ୍ଜିପତି ମାନଙ୍କ ଦ୍ୱାରା ନିଜକୁ ରକ୍ଷା କରିବାପାଇଁ ନକ୍ସଲ ଛାଉଣୀକୁ ବାଛିଥିଲେ ।ନାଟକର ପରିସମାପ୍ତିରେ ଆମେ ଅବଗତ ହେବା ଯେ, ଶିବୁମାଝି, ଅଜୟ ମାରାଣ୍ଡି ଏବଂ ପୋଲିସ ଇନିସପେକ୍ଟର ଅତନୁ ପରସ୍ପର ବିରୋଧୀ ହୋଇଛନ୍ତି ।

ସାମ୍ରାଜ୍ୟବାଦୀ ବିକାଶର ବିପଜ୍ଜନକ ଅଭିଯାନ ହେଉଛି ଆଦିବାସୀଙ୍କ ଜଙ୍ଗଲ ଓ ପରିବେଶକୁ ଧ୍ୱଂସ କରିବା । ଆମ ଦେଶରେ ଆଦିବାସୀଙ୍କ ଇତିହାସ ହେଉଛି ଶାସକ ଶ୍ରେଣୀଙ୍କ ଦ୍ୱାରା ଶୋଷଣ, ଦମନ ତଥା ଅତ୍ୟାଚାରର ଇତିହାସ। ବର୍ତ୍ତମାନ ଆଦିବାସୀ ଅଞ୍ଚଳରେ ବିସ୍ଥାପନ ଯୋଗୁ ଧୀରେ ଧୀରେ ସେମାନଙ୍କ ପରମ୍ପରା, ସଂସ୍କୃତି ଓ ଚାଲିଚଳନ ବିପନ୍ନ ହେଉଛି । ଆଦିବାସୀମାନେ ପ୍ରକୃତିର ସନ୍ତାନ, ଜଙ୍ଗଲ ସେମାନଙ୍କ ଜୀବନ ଜୀବୀକାର ଆଧାର। ଆଦିବାସୀଙ୍କ ଜୀବନ ବଞ୍ଚିବା ଏବଂ ଆଦିବାସୀମାନଙ୍କର ସାଂସ୍କୃତିକ ପରିଚୟ ଉପରେ ଏକ ବଡ଼ ପ୍ରଭାବ ପକାଇଥାଏ । ଆଦିବାସୀମାନଙ୍କୁ ସେମାନଙ୍କ ଜମିରୁ ବିସ୍ଥାପନର ଏକ ପ୍ରମୁଖ କାରଣ ହେଉଛି ଶିଳ୍ପାୟନ । ଜମି ହରାଇବା ଅର୍ଥ ଜୀବିକା ହରାଇବା ।

ଯେଉଁ ମାଟି ତା' ଜୀବନର ମୂଳଉତ୍ସ ଥିଲା, ସେଥିରୁ କିଏ ତାକୁ କଲା ବେଦଖଲ, ବଂଚିତ ଓ ନିର୍ବାସିତ ! କାହାଦ୍ୱାରା ଅଭିଶପ୍ତ ହୋଇ ଅଜ୍ଞାତବାସର ଦୈନକୁ ନେଇ ଫକୀରଟିଏ ହେବାକୁ ପଡିଲା । ରାଜନୈତିକ ଷଡ଼ଯନ୍ତ୍ର, କାମଳ ସାମ୍ବାଦିକତା ଓ ବ୍ୟକ୍ତିଗତ ଉଚ୍ଚାଭିଳାଷ ଜାତି ଏବଂ ଧର୍ମକୁ ନେଇ ଯେଉଁ ଭେଦ-ଭାବର ପାଚେରି ସୃଷ୍ଟି କରିଛି, ସେଥିରେ ବଳି ପଡିଛି ରାମପଧାନ । ରାମ ପଧାନ ତାର ବାପା ଅଜା ଅମଳର ଭିଟାମାଟିକୁ ଫେରେଇବା ପାଇଁ ପ୍ରତିବାଦ କଲେ ମଧ୍ୟ ଗଙ୍ଗାରାମ ସେଠର ବାହୁବଳ ପାଖରେ ସେ ନତମସ୍ତ ହେବାକୁ ବାଧ । ଏହି ନାଟକରେ ଗାଁର ଜମିଦାର ମଧ୍ୟ ଶୋଷଣରୁ ମୁକ୍ତି ପାଇନି ଆଉ ହଁ !ଯେଉଁ ଧୂର୍ତ୍ତ ଚରିତ୍ର ଅଲେଖ ଗୁମାସ୍ତା ନିଜର ପାରିବା ପଣିଆରେ ଗଙ୍ଗାରାମ ସେଠକୁ ଆକାଶକୁ ଚଢ଼ିବାକୁ ସିଢ଼ି ତିଆରି କରିଥିଲା ସେହି ଚରିତ୍ର ନିଜ ଭୂଲ ବୁଝିଲାବେଳୁ କୋକୁଆ ଭୟ ଏମିତି ରୂପ ଧାରଣ କରିଥିଲା ତାକୁ ଅଟକେଇବାକୁ ଗାଁର ସମସ୍ତ ଲୋକ ଅସମର୍ଥ ।

ସ୍ୱାଧୀନ ଭାରତବର୍ଷ କାହାର ? ଛବିଲାଲ ପରି କପଟ ସାମ୍ବାଦିକର ନା ନୀଚ ରାଜନୀତିକ ନେତା ଅଥବା ସାମ୍ପ୍ରଦାୟିକ ଦଙ୍ଗାରୁ ଫାଇଦା ଉଠାଇବାକୁ ଚାଁହୁଥିବା କିଛି ମୁଷ୍ଟିମେୟ ମଣିଷ ଶରୀରଧାରୀ ଅମଣିଷଙ୍କର ? ଜଗତୀକରଣ ଯୁଗରେ ବଞ୍ଚିବାର ପ୍ରତିଯୋଗିତା ମଣିଷକୁ ତା'ର ସରଳତା, ଭାବପ୍ରବଣତା ଓ ମୂଲ୍ୟବୋଧଠାରୁ ଦୁରେଇ ନେଇ ଚାଲିଥାଏ । ପାରିବାରିକ ସୌହାର୍ଦ୍ଦ୍ୟ ଓ ମମତା ପ୍ରତିବଦଳରେ ଅର୍ଥ ଏବଂ କ୍ଷମତା ତା'ପାଇଁ ଅଧିକ କାମ୍ୟ

। ସମ୍ପର୍କ କେବଳ ଏକ ମାନସିକ ଆବେଗ ମାତ୍ର । ଜୀବନ ଯୁଦ୍ଧରେ ଆଧୁନିକ ମଣିଷ ତା'ର ମାନବିକପଣିଆକୁ ହତ୍ୟା କରିବାକୁ ମଧ୍ୟ କୁଣ୍ଠା ପ୍ରକାଶ କରେ ନାହିଁ । ଗ୍ରାମର ସରଳତା ମଧ୍ୟକୁ ସହରର କୃତ୍ରିମତା ପ୍ରବେଶ କରି ସରଳ ମଣିଷକୁ ସ୍ୱାର୍ଥୀ ବ୍ୟକ୍ତିକୈନ୍ଦ୍ରିକରେ ପରିଣତ କରିଦେଇଛି ।

ରାମ ପଧାନ ଜାତିରେ ବାଉରୀ ଥିଲା ଏବଂ ତାର ଝିଅ ଲତା ନାୟକ ବିଜୟ ସହ ମିଶି ଶୋଷଣ ବିରୁଦ୍ଧରେ ପ୍ରତିବାଦ କରିଥିଲେ । ସ୍ୱାଧୀନତା ପାଇଁ ଗାନ୍ଧିଜୀଙ୍କ ନେତୃତ୍ୱରେ ସାରା ଭାରତରେ ଡାକରା ଦିଆଯାଇଥିଲା 'ହରିଜନ ଆନ୍ଦୋଳନ' ।ଜଣେ ସମାଜ-ସଂସ୍କାରକ ଓ ସନ୍ଥ ରାଜନୀତିଜ୍ଞ ହୋଇଥିବାରୁ ମହାତ୍ମାଗାନ୍ଧୀ ସମାଜରେ ଅସ୍ପୃଶ୍ୟତା ଦୂର କରିବା ପାଇଁ ଏକ ଆନ୍ଦୋଳନର ଆଶ୍ରୟ ନେଇଥିଲେ । ନାଟକର ଶେଷ ପର୍ଯ୍ୟାୟରେ ସବର୍ଣ୍ଣ ଓ ଅସବର୍ଣ୍ଣ ମଧ୍ୟରେ ଗଢ଼ିଉଠିଥିବା ବିଭେଦ ପାଚେରୀକୁ ଭାଙ୍ଗିଦେଇଛି ନାୟକ ବିଜୟ । ଶେଷରେ ଲତାକୁ ବିବାହ କରି ଅସ୍ପୃଶ୍ୟତାର କୁସଂସ୍କାରକୁ ମୂଳରୁ ଉପାଡ଼ିଦେଇଛି ।

ଆଜିର ଏହି ପରିବର୍ତ୍ତନଶୀଳ ସମାଜରେ ଅସ୍ପୃଶ୍ୟତା ଏକ ପ୍ରତିବନ୍ଧକ ହୋଇ ଠିଆହୋଇଛି । ଏହି ଆଧୁନିକ ସଭ୍ୟତାରେ ଜାତି ଓ ଉପ-ଜାତି ପ୍ରଥା ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି, ଯାହା ଅସ୍ପୃଶ୍ୟତା ନାମରେ ବିବେଚିତ। ଜାତିପ୍ରଥା କେବଳ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଦେଖାଯାଏ ତାହା ନୁହେଁ, ସହରାଞ୍ଚଳରେ ବସବାସ କରୁଥିବା ବ୍ୟକ୍ତିସମୂହ ମଧ୍ୟ ଏହାଦ୍ୱାରା ପ୍ରଭାବିତ।

❖❖❖

# ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ନୂତନ ପ୍ରୟୋଗ



ISSN-2583-6978
Volume-4
Issue-10
OCTOBER-2024

ସୀମା ସ୍ୱାଇଁ

ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

ଓଡ଼ିଆ ଗଳ୍ପ ସାହିତ୍ୟ ବିଭିନ୍ନ ସମୟରେ ନୂତନତା ସ୍ୱୀକାର କରି ପାଠକକୁ ଆକର୍ଷିତ କରେ। ଉନବିଂଶ ଶତାବ୍ଦୀର ଗଳ୍ପ ମଧ୍ୟରେ ସମାଜକୈନ୍ଦ୍ରିକ ଚିତ୍ର, ଅତି ପାରିବାରିକ କଥା, ଜମିଦାରୀ ମାନଙ୍କର ଶୋଷଣ ଚିତ୍ର, ମନୁଷ୍ୟ କିପରି ଅସହାୟ ଭାବରେ ଜୀବନଯାପନ କରୁଥିଲା ତାହାର ଚିତ୍ର ମଧ୍ୟ ରହିଛି। ଏହାର ପରବର୍ତ୍ତୀ ସମୟରେ ଗଳ୍ପ ଲିଖନର ଶୈଳୀ ବଦଳିଲା ନିଜର ସ୍ୱାଭିମାନକୁ ଆପଣାଇ ମନୁଷ୍ୟ କିପରି ଭାବରେ ବଞ୍ଚିବ ଓ ଖୁସିରେ ଜୀବନଯାପନ କରିବ ତାହାର ମାଧ୍ୟମ ଖୋଜିଲା। ପରବର୍ତ୍ତୀ କାଳରେ ଗଳ୍ପର ଶୈଳୀ ପୁଣି ପରିବର୍ତ୍ତନ ହୋଇ ଚାଲିଲା। ସେହି ସମୟରେ ପ୍ରଗତିବାଦକୁ ଆଧାର କରି ଗଳ୍ପ ଲେଖା ହେଲା, ମାର୍କ୍ସବାଦୀ ଚେତନାର ପ୍ରବାହ, ନିଜର ଅଧିକାର ପାଇଁ ଲଢେଇ , ସମାଜରେ ସ୍ୱାଭିମାନ ସହ ବଞ୍ଚିବା ପାଇଁ ପ୍ରୟାସ। ଏହିପରି ଭାବରେ ଗଳ୍ପର ଧାରା ବିକଶିତ ହୋଇ ଚାଲିଲା। ଯେତେବେଳେ ୧୯୫୦ ପରବର୍ତ୍ତୀ ସମୟର ଗଳ୍ପ ରହିଛି ତାହା ମଧ୍ୟରେ ସ୍ୱାଧୀନତାର ମୋହ ଭଙ୍ଗର ଚିତ୍ର, ମନୁଷ୍ୟର ଅସହାୟତାର କଥା ମଧ୍ୟ ରହିଛି। ଠିକ୍ ସେହିପରି ଆମେ ୧୯୮୦ ପରବର୍ତ୍ତୀ ଗଳ୍ପରେ ଆମେ ଦେଖିବା, ଯେଉଁ ନୂତନତାର ପ୍ରୟୋଗ କରାଯାଇଛି, ତାହା ସଂପର୍କରେ ନିମ୍ନରେ ଆଲୋଚନା କରାଯାଇଛି:

(କ) ପୁରୁଷ ପ୍ରାଧାନ୍ୟକୁ ପ୍ରତିହତ ପାଇଁ ନାରୀର ବୌଦ୍ଧିକ କୌଶଳ।
(ଖ) ନିଜେ ନିଜର ପଥ ପ୍ରଦର୍ଶକ।
(ଗ) କୁହୁକ ବାସ୍ତବତାର ପ୍ରୟୋଗ
(ଘ) ମାନବେତର ଚରିତ୍ର ପ୍ରତି ସମବେଦନା।
(ଙ) ଦାଦନ ସମସ୍ୟା
(ଚ) ଶିଳ୍ପ ଶୋଷଣ।
(ଛ) ଗ୍ରାମ୍ୟ ମନସ୍କତା।

**(କ) ପୁରୁଷ ପ୍ରାଧାନ୍ୟକୁ ପ୍ରତିହତ ପାଇଁ ନାରୀର ବୌଦ୍ଧିକ କୌଶଳ:**

ପ୍ରଥମେ ପୁରୁଷମାନଙ୍କୁ ଗୁରୁତ୍ୱ ଦିଆଯାଉଥିଲା। ଏବଂ ନାରୀମାନଙ୍କୁ ଅବହେଳା ପ୍ରଦର୍ଶନ କରାଯାଉଥିଲା। କିନ୍ତୁ ଏବେ ନାରୀମାନେ ପୁରୁଷମାନଙ୍କ ସହିତ ସମକକ୍ଷ ହୋଇ ଚାଲୁଛନ୍ତି। ସେମାନଙ୍କୁ ଅଧିକାର ମଧ୍ୟ ମିଳିଛି ସେମାନେ ନିଷ୍ପତ୍ତି ମଧ୍ୟ ନେଇ ପାରିବେ। ନାରୀଟିଏ ତା'ର ବୌଦ୍ଧିକ ଜ୍ଞାନ ଦ୍ୱାରା ସବୁକିଛି ଆୟତ୍ତ କରିବାରେ ସକ୍ଷମ ହୋଇପାରୁଛି। ସେଥିପାଇଁ ପୁରୁଷମାନଙ୍କ ସହିତ ନାରୀମାନେ ପ୍ରତ୍ୟକ୍ଷ କ୍ଷେତ୍ରରେ ସକ୍ରିୟ ଅଟନ୍ତି। ଏହାକୁ ଆଧାର କରି ବୀଣାପାଣି ମହାନ୍ତି, ଗାୟତ୍ରୀ ସରାଫଙ୍କ ଗଳ୍ପ ମଧ୍ୟରେ ଏହାର ଚିତ୍ର ରହିଛି।

**(ଖ) ନିଜେ ନିଜର ପଥ ପ୍ରଦର୍ଶକ:**

ପୁରୁଷ ହେଉ କିମ୍ବା ନାରୀ ହେଉ ସେମାନେ ପ୍ରତ୍ୟକ ସମୟରେ ନିଜେ ନିଜକୁ ଶ୍ରେଷ୍ଠ ବୋଲି ଭାବିଥାନ୍ତି। ତେଣୁ ସେମାନେ କେବେ ଅନ୍ୟର ଉପଦେଶକୁ ଗ୍ରହଣ କରିବା ପାଇଁ ଚାହାନ୍ତି ନାହିଁ। ପ୍ରତ୍ୟେକ ଭୁଲ କଥାରେ ନିଜେ ନିଜର ସ୍ୱର ଉଠାଇଥାନ୍ତି ଏବଂ ପ୍ରତ୍ୟେକ କଥାକୁ ସ୍ପଷ୍ଟ ଭାବରେ ଖୋଲିକି ପ୍ରକାଶ କରନ୍ତି, କୌଣସି କଥା କହିବାରେ ସେମାନେ କୁଣ୍ଠାବୋଧ ପ୍ରକାଶ କରନ୍ତି ନାହିଁ। ଯାହା ଭାବନ୍ତି ତାହାକୁ ବୁଲେଇ ବଙ୍କେଇ କହିବା ଅପେକ୍ଷା ସିଧା ସଳଖ କହିବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଯେତେବେଳେ ଜଣେ ନିଜେ ନିଜକୁ ହିଁ ଶ୍ରେଷ୍ଠ କହିଥାଏ, ସେଠାରେ ସେ ନିଜେ ହିଁ ନିଜର ପଥ ପ୍ରଦର୍ଶକ ହୋଇଥାନ୍ତି। ୧୯୮୦ ପରବର୍ତ୍ତୀ ସମୟର ଗଳ୍ପ ମଧ୍ୟରେ ଏହାର ଚିତ୍ର ଆମେ ଦେଖିପାରିବା।

**(ଗ) କୁହୁକ ବାସ୍ତବତାର ପ୍ରୟୋଗ:**

କୁହୁକ ବାସ୍ତବତା ବା ମ୍ୟାଜିକ୍ ରିୟଲିଜିମ ହେଉଛି ସାହିତ୍ୟ

ଜଗତର କଳ୍ପନା ଏବଂ କଳାର ଏକ ଶୈଳୀ। ଏହା ଜଗତର ଏକ ବାସ୍ତବବାଦୀ ଦୃଶ୍ୟକୁ ଚିତ୍ରିତ କରିଥାଏ। ଯେତେବେଳେ କୁହୁକ ବାସ୍ତବତାର ଉପାଦାନ ଯୋଗ କରାଯାଏ, ଯେତେବେଳେ କଳ୍ପନା ଓ ବାସ୍ତବତାଗୁଡ଼ିକ ରେଖାଗୁଡ଼ିକ ଅସ୍ପଷ୍ଟ ହୋଇଯାଇଥାଏ। କୁହୁକ କଥା ବାସ୍ତବତାଠାରୁ ଅଲଗା।

୧୯୨୫ ମସିହାରେ,ଜର୍ମାନର କଳାସମାଲୋଚକ ଫ୍ରାଞ୍ଜ ରୋହ ବ୍ୟବହାର କରିଥିଲେ। କଳ୍ପନାଠାରୁ ଏକ ଭିନ୍ନ ଧାରା ଭାବରେ ଏହା ବିବେଚନା କରାଯାଇଥାଏ। କାରଣ କୁହୁକ ବାସ୍ତବତା ବହୁ ପରିମାଣରେ ବାସ୍ତବିକ କାହାଣୀ ଓ କାଳ୍ପନିକ କାହାଣୀର ସମ୍ମିଶ୍ରଣ ହୋଇଥାଏ। ଏଥିରେ ଅସମ୍ଭବ କଥାକୁ ମଧ୍ୟ ସମ୍ଭବ କରାଯାଇପାରେ। ଏହାକୁ ଆଧାର କରି ମନୋଜ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ, କିଶୋରୀ ଚରଣ ଦାସ ପ୍ରମୁଖ ଗଳ୍ପରଚନା କରିଛନ୍ତି।

**(ଘ) ମାନବେତର ଚରିତ୍ର ପ୍ରତି ସମବେଦନା :**

ମଣିଷ ନୁହେଁ, ଯେଉଁଠାରେ ପଶୁପକ୍ଷୀମାନଙ୍କୁ ମୁଖ୍ୟ ଚରିତ୍ର ଭାବରେ ଗ୍ରହଣ କରାଯାଇଥାଏ, ତାହାକୁ ମାନବେତର ଗଳ୍ପ କୁହାଯାଏ। ଯେଉଁଥିରେ ପଶୁପକ୍ଷୀ, କିମ୍ବଦନ୍ତୀ ପ୍ରାଣୀ, ଉଦ୍ଭିଦ, ଜୀବଜନ୍ତୁ କିମ୍ବା ପ୍ରକୃତିର ଶକ୍ତି ରହିଥାଏ। କାହାଣୀ ଲେଖୁଥିବା ବ୍ୟକ୍ତିକୁ ଜଣେ ଫାବୁଲିଷ୍ଟ ବୋଲି କୁହାଯାଇଥାଏ। ମନୁଷ୍ୟ ବେଳେବେଳେ ହିଂସ୍ର ହୋଇଯାଏ। ପଶୁପକ୍ଷୀମାନେ ତା' ପ୍ରତି ଏତେ ମାତ୍ରାରେ ଉତ୍ସର୍ଗୀକୃତ ଥାନ୍ତି ସିଏ ବୁଝିପାରିନଥାଏ। କାଳନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାସର ବିଳାପ' ଗଳ୍ପରେ ଏହାରଚିତ୍ର ଦେଖିପାରିବା। ୧୯୮୦ ପରବର୍ତ୍ତୀ ସମୟରେ ଏହାକୁ ଆଧାର କରି ରାମଚନ୍ଦ୍ର ବେହେରା, ପ୍ରଦୋଷ ମିଶ୍ର, ସତ୍ୟ ମିଶ୍ର, ସଦାନନ୍ଦ ତ୍ରିପାଠୀ, ପରେଶ କୁମାର ପଟ୍ଟନାୟକ, ରବି ପଟ୍ଟନାୟକ, ଅରବିନ୍ଦ ଧଳ ପ୍ରମୁଖ ଗଳ୍ପ ରଚନା କରିଛନ୍ତି।

**(ଙ) ଦାଦନ ସମସ୍ୟା:**

ଯେତେବେଳେ ଲୋକଟି ନିଜ ପରିବାରର ଭାରକୁ ଉଠାଇବା ପାଇଁ ଅକ୍ଷମ ହୋଇପଡ଼େ। ସେତେବେଳେ ସେ ବାଧ୍ୟ ହୋଇକି କାମ ଖୋଜିଥାଏ। ଏହାର ଲାଭ ଉଠାଇ ଏମାନଙ୍କୁ ଶୋଷଣ କରିଥାନ୍ତି ବାହାରେ ଥିବା ଇଣ୍ଡଷ୍ଟ୍ରିମାନଙ୍କ ମାଲିକ ସଂଘ। କାମ କରେଇ ନିଅନ୍ତି କିନ୍ତୁ ତାଙ୍କୁ ଠିକ ଭାବରେ ଅର୍ଥ ପ୍ରଦାନ କରନ୍ତି ନାହିଁ। ଯାହା ଫଳରେ ସେମାନେ ଶୋଷିତ ହୁଅନ୍ତି। ଏହାକୁ ଆଧାର କରି କ୍ଷେତ୍ରବାସୀ ନାୟକ, ଗାୟତ୍ରୀ ସରାଫ ଆଦି ଗାଳ୍ପିକ ଗଳ୍ପ ରଚନା କରିଛନ୍ତି।

**(ଚ) ଶିଳ୍ପ ଶୋଷଣ:**

ଶିଳ୍ପ ଶୋଷଣ ମଧ୍ୟ ଗୋଟିଏ ସ୍ୱତନ୍ତ୍ରତା, କାରଣ ପୂର୍ବରୁ ଲୋକମାନେ ଛୋଟ ଛୋଟ ବ୍ୟବସାୟ, ବାଣିଜ୍ୟ କରି ନିଜ ପରିବାରକୁ ଭରଣ ପୋଷଣ କରୁଥିଲେ, କିନ୍ତୁ ଏହି ସମୟରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଇଣ୍ଡଷ୍ଟ୍ରି, କମ୍ପାନୀ ହୋଇଯିବା ଫଳରେ ଲୋକମାନେ ଅଧିକ ପଇସା ଲୋଭରେ ସେଠାରେ କାମ କରୁଛନ୍ତି, ଯାହା ଫଳରେ ଛୋଟ ବ୍ୟବସାୟ କରୁଥିବା ବ୍ୟକ୍ତିଟି ମଧ୍ୟ ଶୋଷିତ ହୋଇଯାଉଛି। ଏହାକୁ ଆଧାର କରି ସଦାନନ୍ଦ ତ୍ରିପାଠୀ, କୃପାସାଗର ସାହୁ ଗଳ୍ପ ରଚନା କରିଛନ୍ତି।

**(ଛ) ଗ୍ରାମ୍ୟ ମନସ୍କତା :**

ଗ୍ରାମର ଲୋକମାନେ ଅଧିକ ପଇସା ରୋଜଗାର କରିବା ଲୋଭରେ ଗ୍ରାମକୁ ଛାଡ଼ି ସହରମୁଖୀ ହୋଇଯାଉଛନ୍ତି। ସହରର ଚାକଚକ୍ୟ କୋଠାଘର, ପକ୍କାସଡ଼କ, ଗମନାଗମନର ସୁବିଧା ଇତ୍ୟାଦି ନିଜ ପାଖରେ ପାଇଲାପରେ ସେମାନେ ଗାଁକୁ ଫେରିବା ପାଇଁ ମନ କରୁ ନାହାନ୍ତି। ସେହିଠାରେ ହିଁ ବସତି ସ୍ଥାପନ କରୁଛନ୍ତି। କିନ୍ତୁ ଯେତେବେଳେ କୌଣସି ବିପଦ ପଡୁଛି ସେତେବେଳେ ସେମାନେ କିଛି ଆଉ ଚିନ୍ତା ନକରିକି ଗ୍ରାମକୁ ଫେରି ଆସୁଛନ୍ତି। ଏହାକୁ ଆଧାର କରି ପ୍ରଦୀପ ନାୟକ, ଗିରୀଶ ଚନ୍ଦ୍ର ସାହୁ, ରବି ପଣ୍ଡା ଗଳ୍ପ ରଚନା କରିଛନ୍ତି।

୧୯୮୦ ପରବର୍ତ୍ତୀ ଗଳ୍ପ ଅନେକ ସ୍ୱତନ୍ତ୍ରତାର ଅଧିକାରୀ ଅଟେ। ଏହିପରି ଭାବରେ ଗଳ୍ପର ଅନେକ ନୂତନତାର ପ୍ରୟୋଗ ଦ୍ୱାରା ଗଳ୍ପ ସାହିତ୍ୟ ବିକଶିତ ହେବାରେ ଲାଗିଲା। ପୁରୁଣା କଥା ସହିତ ଅନେକ ନୂତନ କଥାର ସମ୍ମିଶ୍ରଣ ହେଲା। ଯାହା ପାଠକକୁ ଆକୃଷ୍ଟ କରିଲା ଗଳ୍ପ ପଢ଼ିବା ପାଇଁ। ଅଶୀ ପରବର୍ତ୍ତୀ ଗଳ୍ପ ତାର ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀରେ ପାଠକକୁ ପ୍ରଭାବିତ କରୁଛି ଏବଂ ମନୁଷ୍ୟ ଜୀବନ ସହିତ ଅନେକ ସମାନତା ରକ୍ଷା କରୁଛି।

**ସହାୟକ ଗ୍ରନ୍ଥସୂଚୀ**


୧. ସାମଲ ପ୍ରଫେସର ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ।

୨. ପତି ଅଚ୍ୟୁତାନନ୍ଦ, ମାନବେତର ଗଳ୍ପ, ପ୍ରବାହ, ଗୋବିନ୍ଦପୁର, ଜାହାନପୁର, ଦେବୀଦ୍ୱାର ଯାଜପୁର-୨।

୩. ମହାରଣା ଡକ୍ଟର ସୁରେନ୍ଦ୍ର କୁମାର, ସାହିତ୍ୟର ତାଳପତ୍ର, ଫ୍ରେଣ୍ଡଶ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପଞ୍ଚମ ସଂସ୍କାରଣ-୨୦୧୬।

୪. ବାରିକ ଡକ୍ଟର କବିତା, ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ: ଏକ ତାତ୍ତ୍ୱିକ ବିଶ୍ଳେଷଣ, (୧୮୯୮-୧୯୯୮), ବିଦ୍ୟାପୁରୀ, ବାଲୁବଜାର,କଟକ


❖❖❖

# ସାତକଡି ହୋତାଙ୍କ ଉପନ୍ୟାସରେ ସମାଜ ଚିତ୍ର : ଏକ ଆକଳନ



ISSN-2583-6978
Volume-4
Issue-10
OCTOBER-2024

**ବିକାଶ ଚନ୍ଦ୍ର ଧୁଂଗିଆ**

**ମହାରାଜା ଶ୍ରୀରାମଚନ୍ଦ୍ର ଭଂଜ ଦେଓ ବିଶ୍ୱବିଦ୍ୟାଳୟ, ବାରିପଦା**

ସମାଜ ଓ ସାହିତ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି । ତେଣୁ ସାହିତ୍ୟକୁ ସମାଜର ଦର୍ପଣ କୁହାଯାଏ । କିନ୍ତୁ ଏହି ସାହିତ୍ୟ ଓ ସମାଜ କେବେ ସୃଷ୍ଟି ହେଲା ତାହା ଇତିହାସ ମଧ୍ୟ ନୀରବ । କୁହାଯାଏ କିଛି ଆଦିମ ମଣିଷ ଏକାକୀ ଜୀବନ ପରିହାର କରି ଏକ ଗୋଷ୍ଠୀ ଗଠନ କରି ଶେଷରେ ସମାଜରେ ରୂପାନ୍ତର କଲା । ଏହି ସମାଜରେ ସେ ବିବିଧ କାର୍ଯ୍ୟକଳାପ ମଧ୍ୟ କଲା । ସେଥିମଧ୍ୟରୁ ଭାବ ବିନିମୟ, କଥାବାର୍ତ୍ତା ଏବଂ ଜୀବନ ଧାରଣ କରିବାର ବିଭିନ୍ନ ଶୈଳୀ । ସେ ବିଭିନ୍ନ ଅଙ୍ଗଭଙ୍ଗୀ ହେଉ ଅବା କଥାବାର୍ତ୍ତା। ତାକୁ ସେ ସାଇତି ରଖିବା ପାଇଁ ସାହିତ୍ୟ ଲିଖନ ବ୍ୟବହାର କଲା । ସାହିତ୍ୟ ତାର ଖଟାମିଠା ସମୟ ଦେଇ ପ୍ରାଚୀନ ଯୁଗରୁ ଆଧୁନିକ ଯୁଗକୁ ଅଗ୍ରସର ହୋଇ ଆଜି ଆମ ନିକଟରେ ପହଞ୍ଚିଛି ।

ପ୍ରାଚୀନ ଗତାନୁଗତିକ ରାଜା ମହାରାଜା ସାହିତ୍ୟର ଧାରା ପରିହାର କରି ଆଧୁନିକ କଥା ସାହିତ୍ୟର ସାଧାରଣ ଜୀବନର ବାସ୍ତବ ଚିତ୍ର ଅଙ୍କନ କରିଛି ଏବଂ ସମାଜର ସାଧାରଣ ମଣିଷର ସଂଘର୍ଷ ଚିତ୍ର ଦେଖାଦେଇଛି ଏହି ସାହିତ୍ୟର ଏକ ବିଭାଗ ଉପନ୍ୟାସ ମାଧ୍ୟମରେ । ଏହି ଉପନ୍ୟାସ ସାହିତ୍ୟ ସମାଜର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛି । ଏହି ଉପନ୍ୟାସ ସାହିତ୍ୟକୁ ବଳିଷ୍ଠ କରିବା ପାଇଁ ବହୁ ଔପନ୍ୟାସିକ ନିଜର ଶ୍ରମ ପ୍ରଦାନ କରି ଓଡ଼ିଆ ଉପନ୍ୟାସ ସାହିତ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ବିଂଶ ଶତାବ୍ଦୀର ସ୍ୱାଧିନତା ପୂର୍ବରୁ ଓ ସ୍ୱାଧୀନତା ପରେ ପ୍ରବୀଣ ଓ ତରୁଣ ସ୍ରଷ୍ଟାଙ୍କର ମିଶ୍ରଣରେ ଓଡ଼ିଆ ସାହିତ୍ୟ ଆଗକୁ ସମୃଦ୍ଧ ହେବାକୁ ଲାଗିଲା । 'ପ୍ରବୀଣ ଓ ନବୀନ' ସମସ୍ତଙ୍କ ପାଇଁ କଥା ସାହିତ୍ୟର ଦ୍ୱାର ଉନ୍ମୁକ୍ତ, ଏମାନଙ୍କ ମଧ୍ୟରେ ତିରିଶ ଦଶକର ଆତ୍ମପ୍ରକାଶ କରିଥିବା କରିଥିବା ପ୍ରବୀଣଙ୍କ ସହିତ ଷଷ୍ଠ ଦଶକରେ ଆତ୍ମପ୍ରକାଶ କରିଥିବା ନବୀନଙ୍କ ଏକତ୍ର ସହାବସ୍ଥାନ କରିବାର ଦେଖିବାକୁ ମିଳେ ।'(୧)

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଜଣେ ବଳିଷ୍ଠ କଥାକାର ହେଉଛନ୍ତି ସାତକଡି ହୋତା । ବହୁମୁଖି ପ୍ରତିଭାର ଅଧିକାରୀ ସାତକଡି ହୋତା ଔପନ୍ୟାସିକ ଭାବରେ ବେଶ୍ ପରିଚିତ ଓଡ଼ିଆ ସାହିତ୍ୟ ଜଗତରେ । ସମାଜରେ ଦେଖା ଦେଉଥିବା ସମସ୍ୟା ଏବଂ ତାହାର ବିବର୍ତ୍ତନ ରୂପକୁ ତାଙ୍କର ଲେଖନୀ ମୁନରେ ସେ ସମାଜ ଆଗରେ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି । ବର୍ତ୍ତମାନ ସମାଜର ବିଭିନ୍ନ ସମସ୍ୟା ଦିଗରେ ଯେପରି ଶୋଷଣ, ଅତ୍ୟାଚାର, ନାରୀ ନିର୍ଯାତନା , ପରକୀୟା ପ୍ରୀତି , ପାରିବାରିକ ସମସ୍ୟା ଆଦି ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରି ସମାଜ ସଂସ୍କାର ଦିଗରେ ସହାୟକ ହୋଇଛନ୍ତି ।

ସାତକଡି ହୋତାଙ୍କ ପ୍ରଥମ ଉପନ୍ୟାସ 'ବ୍ୟାକୁଳ ହୃଦୟ '। ଏହି ବ୍ୟାକୁଳ ହୃଦୟରେ ପ୍ରେମର ତ୍ରିକୋଣଭୂମିରେ ଦଣ୍ଡାୟମାନ ହୋଇ ଶୁଭେନ୍ଦୁ, ମାଧୁରୀ ଓ ସୁନନ୍ଦା ଏବଂ ବିଜୟ ପ୍ରଧାବିତ । ଉପନ୍ୟାସର ନାୟକ ଶୁଭେନ୍ଦୁ କଟକ ଇଞ୍ଜିନିୟରିଂ କଲେଜର ଛାତ୍ର। ସେ ସରକାରୀ ସ୍କଲାରଶିପ , ଟିଉସନ୍ କରି ଏବଂ ଖବର କାଗଜ ଓ ପତ୍ରିକା ବିକି ନିଜ ପଢା ଖର୍ଚ୍ଚ ତୁଲାଏ । ଜମିଦାର ନରେନ୍ଦ୍ର ବାବୁଙ୍କ ଏକମାତ୍ର କନ୍ୟା ମାଧୁରୀ ଭଲପାଏ ଶୁଭେନ୍ଦୁକୁ । ଏଠି ସମାଜର ଧନୀ ଆଉ ଗରୀବର ଭେଦଭାବ ଦେଖା ଦେଇଛି । ସମାଜର ସେହି ଧନୀ ଗରିବର ପାଚେରୀକୁଭେଦ କରି ପାରିନି ଶୁଭେନ୍ଦୁ । ମାଧୁରୀ ଶୁଭେନ୍ଦୁର ଏହି ଘୃଣ୍ୟ କାମକୁ ମାନକରିଛି । କିନ୍ତୁ ଶୁଭେନ୍ଦୁ ତାର ଆତ୍ମମର୍ଯ୍ୟାଦାଠାରୁ କିଛି ନାହିଁ ବୋଲି କହିଛି । ' ତୁମର ଦାନ ଓ ନେଇ ମୁଁ ନିଜର ପ୍ରକାଶକୁ ରୋଧ କରିପାରିବିନି । ମୋର

ଆତ୍ମମର୍ଯ୍ୟାଦା ଲୋପ କରିପାରିବିନି । '(୨) ଘଟଣା କ୍ରମରେ ଶୁଭେନ୍ଦୁ ଓ ନର୍ସ ସୁନନ୍ଦା ସହିତ ସମ୍ପର୍କ ଗଢ଼ିଉଠେ । ଓଡ଼ିଶାର ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଶୁଭେନ୍ଦୁ ସ୍ୱେଚ୍ଛାସେବୀ ସଂଗଠନ କରି ସାହାଯ୍ୟ କରେ । ପରୋପକାର ମନୋଭାବ ଦେଖି ନରେନ୍ଦ୍ର ବାବୁଙ୍କ ମନ ମଧ୍ୟ ପରିବର୍ତ୍ତନ ହୋଇଯାଏ । ଏପଟେ ବିବାହିତ ପୂର୍ବତନ ଜର୍ଜର ପୁତ୍ର ବିଜୟ ମାଧୁରୀଙ୍କୁ ପାଇବାର ଆଶା ପୋଷଣ କରି ବିଫଳ ହୁଏ ଏବଂ ପୁରୀ ଯାଇ ତାକୁ ବଳାତ୍କାର କରେ । ପରବର୍ତ୍ତୀ ପର୍ଯ୍ୟାୟରେ ବିଜୟ ପଶ୍ଚାତାପ କରିଛି ଏବଂ ମାଆ ଓ ସ୍ତ୍ରୀ ପାଖରେ ରହିଛି । ଶୁଭେନ୍ଦୁର ଅନୁପସ୍ଥିତିରେ ସୁନନ୍ଦା ରାଜଯକ୍ଷ୍ମାରେ ପୀଡ଼ିତହୋଇ ମୃତ୍ୟୁବରଣ କରେ । ସମାଜର ଅବକ୍ଷୟ ରୂପ ତଥା ଧନୀ ଗରିବର ଭେଦଭାବକୁ ଔପନ୍ୟାସିକ ସୁନ୍ଦର ଭାବରେ ଚିତ୍ରିତ କରିଛନ୍ତି ।

ସାତକଡି ହୋତାଙ୍କ ଏକ ସାମାଜିକ ଉପନ୍ୟାସ ହେଉଛି 'ଏତେ ସ୍ୱପ୍ନ ଏତେ ଆଲୋକ '। ସାମାଜିକ ଜୀବନରେ ଚରିତ୍ର ଅବକ୍ଷୟର ଚିତ୍ର ନିଖୁଣ ଭାବରେ ଗଢିତୋଳିଛନ୍ତି ଔପନ୍ୟାସିକ । ସୁନିତା କଟକକୁ ଚାକିରି ପାଇଁ ଆସି ନିରାଶ ହୁଏ । ମାତ୍ର ଉଷା ଖାନ୍ନା ନିଜର ଶରୀର ବିନିମୟରେ ଚାକିରି ପାଇଯାଏ । ସୁନିତା ମଧ୍ୟ ଅନିମା ମାଉସୀର ସିଫାରିଶରେ ଚାକିରି ପାଏ । ସେହିପରି ଇତିହାସ ବିଭାଗର ଛାତ୍ର ସବ୍ୟସାଚୀ ନିଜ ବନ୍ଧୁ ବାନ୍ଧବ ତଥା ଆତ୍ମୀୟ ପରିଜନଙ୍କଦ୍ୱାରା ଚାକିରି ପାଏ । ପୂର୍ବତନ ଜମିଦାର ବଂଶର ଦାୟାଦ ହିମାଂଶୁ ପଟ୍ଟନାୟକଙ୍କୁ ଉଷା ଖାନ୍ନା ନିଜର ରୂପ ସୋନ୍ଦର୍ଯ୍ୟରେ ଆକର୍ଷିତ କରିଛି । କିନ୍ତୁ ହିମାଂଶୁ ପଟ୍ଟନାୟକର ନଜର ପଡିଛି ସୁନିତା ଉପରେ । କିନ୍ତୁ ସୁନିତା ଆଉ ସବ୍ୟସାଚୀ ଦୁହେଁ ଦୁହିଁଙ୍କୁ ଭଲ ପାଆନ୍ତି । ଉଷା ମାଧ୍ୟମରେ ହିମାଂଶୁ ସେ ଦୁହିଁଙ୍କ ମଧ୍ୟରେ ସମ୍ପର୍କର ଫାଟ ସୃଷ୍ଟି କରେ । ସବ୍ୟସାଚୀ ସମାଜରେ ନିଶାନିବାରଣର ବାର୍ତ୍ତା ନେଇ ପ୍ରଚାର କରେ । ହିମାଂଶୁ ସୁନୀତାକୁ ଅପହରଣ କରି ବଳାତ୍କାର ଉଦ୍ୟମ କରି ବିଫଳ ହୁଏ ଏବଂ ଇନ୍ସପେକ୍ଟର ଅଭୟଙ୍କଦ୍ୱାରା ଉଦ୍ଧାର ପାଇ ସବ୍ୟସାଚୀ ସହିତ ମିଳନ ହୁଏ । ସମାଜର ଅବକ୍ଷୟ ରୂପ ତଥା ନିଶା ସେବନ ଉପରେ ଆଲୋକପାତ କରି ଦେଖେଇ ଦେଇଛନ୍ତି ଔପନ୍ୟାସିକ ।

'ଅନେକ ଦିଗନ୍ତ' ଉପନ୍ୟାସରେ ଉତ୍ପଳ ଇଞ୍ଜିନିୟରିଙ୍ଗ୍ ପାସ୍ କରିବା ପରେ ପିତାଙ୍କ ମୃତ୍ୟୁ ଖବର ପାଇ ମର୍ମାହତ ହୋଇପଡେ । ବନ୍ଧୁ ଅନୁପମ ଓ ଅଧ୍ୟାପକ ଡକ୍ଟର ନନ୍ଦଙ୍କ ସାହାଯ୍ୟରେ ଦୁହେଁ ଉତ୍ପଳ ଆଉ ଅନୁପମ ଗ୍ୟାରେଜ ଟିଏ କରନ୍ତି । ନନ୍ଦଙ୍କ ଝିଅ ନିଭା ଭଲ ପାଇଯାଏ ଉତ୍ପଳକୁ । ଉତ୍ପଳ ବନ୍ଧୁ ପତ୍ନୀ ବିନ୍ଦୁ କୁ ସାହାଯ୍ୟ କରି ଶିକ୍ଷୟିତ୍ରୀ କରାଇଛି । ଫଳରେ ଉତ୍ପଳ ପ୍ରତି ବିନ୍ଦୁର ଆକର୍ଷଣ ସୃଷ୍ଟି ହୋଇଛି । ଉତ୍ପଳ ଆଉ ବିନ୍ଦୁ ମଧ୍ୟରେ ଚିଠିର ଆଦାନ ପ୍ରଦାନ ନିଭା ଜାଣିବା ଦ୍ୱାରା ସେ ଅନ୍ୟତ୍ର ବିବାହ କରିଛି । ବିନ୍ଦୁର ସ୍ୱାମୀ ଅନ୍ୟତ୍ର ସମ୍ପର୍କ ରଖିଛି । ପାଖ ଗ୍ୟାରେଜ୍ ମାଲିକ ଆକ୍ରମଣ କରି ଆହତ ହୁଏ ଉତ୍ପଳ ଏବଂସେ ଚକ୍ରାନ୍ତ ଶିକାର ହୁଏ ମଧ୍ୟ । ବସ୍ ଦୁର୍ଘଟଣାରେ ସୁବାସ ମୃତ୍ୟୁବରଣ କରେ ବଞ୍ଚିଯାଏ ବିନ୍ଦୁ । ବିନ୍ଦୁକୁ ଉତ୍ପଳ ସାହାଯ୍ୟର ହାତ ବଢ଼ାଏ ଆଗକୁ ବଢ଼ିବା ପାଇଁ ।

'ଅଶାନ୍ତ ଅରଣ୍ୟ 'ତାଙ୍କର ବହୁ ଚର୍ଚ୍ଚିତ ଉପନ୍ୟାସ । ଆଦିବାସୀ ମାନଙ୍କର ଜୀବନ ଚର୍ଯ୍ୟା, ପର୍ବ ପର୍ବାଣୀ, ସାମାଜିକ ଅନ୍ଧ ବିଶ୍ୱାସ ତଥା କୁସଂସ୍କାର ସବୁ ଦେଖେଇ ଦେଇଛନ୍ତି ଏହି ଉପନ୍ୟାସରେ । ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଅଞ୍ଚଳରେ ବସବାସ କରୁଥିବା ଜନଜାତିମାନଙ୍କର ସାମାଜିକ ଓ ଆର୍ଥିକ ଜୀବନ ଉପରେ ଆଲୋକପାତ କରିଛନ୍ତି । ଉପନ୍ୟାସର ନାୟକ ପ୍ରଶାନ୍ତ ଜଣେ ଡାକ୍ତର । ଆଦିବାସୀ ହରିଜନମାନଙ୍କୁ ଶୋଷଣ କରୁଥିବା ଗାଁ ସାହୁକାର ଓ ମହାଜନମାନଙ୍କ ବିରୁଦ୍ଧରେ ସ୍ୱର-ଉତ୍ତୋଳନ କରିଛି । ଏଥିରେ ଯୋଗ ଦିଅନ୍ତି ବ୍ଲକ୍‌ର ନବନିଯୁକ୍ତା କର୍ମଚାରୀ କଲ୍ୟାଣୀ । ସାହୁକାର ଧନୁ ସାହୁ ଆଦିବାସୀମାନଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରି ଆଦିବାସୀମାନଙ୍କର ଗାଁରେ ଅଗ୍ନି ସଂଯୋଗ କରିଦିଏ । ସାନିଆର ସ୍ତ୍ରୀ ଫୁଲକୁ ବଳାତ୍କାର କରିବା ସମୟରେ ସନିଆ ଧନୁ ସାହୁକୁ ହତ୍ୟା କରେ । ପ୍ରଶାନ୍ତ ଆଉ କଲ୍ୟାଣୀ ଉଦ୍ୟମରେ ଆଦିବାସୀ ଗାଁରେ ବହୁଳ ପରିବର୍ତ୍ତନ ଘଟେ । ପ୍ରଶାନ୍ତ ରାଜଯକ୍ଷ୍ମାରେ ପୀଡ଼ିତ ହୁଏ କଲ୍ୟାଣୀ ହୁଏ ଧର୍ଷିତା । ସେହି ଅଶାନ୍ତ ଅରଣ୍ୟ ସେମିତି ଅଶାନ୍ତ ହୋଇ ରହିଯାଇଛି ।

ଯୌତୁକ ପ୍ରଥା ଏକ ସମାଜର ବ୍ୟାଧି । ସମାଜର ଯୌତୁକ ସମସ୍ୟା ଉପରେ ପର୍ଯ୍ୟବେସିତ ଉପନ୍ୟାସ 'ଶତାବ୍ଦୀର ଶୋଷ' । ଶିକ୍ଷକ ସୁଧାଂଶୁ ବାବୁ ଓ ସୁନିତିଙ୍କ ଏକମାତ୍ର କନ୍ୟା ଅପର୍ଣ୍ଣାକୁ ବନ୍ଧୁ ପୁତ୍ର ଅର୍ଦ୍ଧେନ୍ଦୁଙ୍କୁ ମନୋନୀତ କରନ୍ତି । ପୁତ୍ର ଅର୍ଦ୍ଧେନ୍ଦୁ ଆକସ୍ମିକ ଆଇ.ଏ.ଏସ ପାଇବା ପରେ ପିତା ମାତା ଯୌତୁକ ଲୋଭରେ ଅନ୍ୟତ୍ର ବିବାହ କରିବା ପାଇଁ ମନସ୍ଥ କରନ୍ତି । କିନ୍ତୁ ଔପନ୍ୟାସିକ ଆର୍ଦ୍ଧେନ୍ଦୁ ମୁଖରେ ଯୌତୁକ ପ୍ରଥାର ବିବର୍ତ୍ତନ ସ୍ୱର ଦେଇଛନ୍ତି, 'ଖାନ୍ଦାନି ଦବା ନବା ଉପରେ ନିର୍ଭର କରେ ନାହିଁ ମାଆ, ଏହା ନିର୍ଭର କରେ ଚଳଣି , ତ୍ୟାଗ , ନିଷ୍ଠା ଏବଂ ଆଚାର ଉପରେ ।'(୩)

ଯେ କେବଳ ଅପର୍ଣ୍ଣା ଯୌତୁକ ଜୁଇରେ ପୋଡ଼ିନାହିଁ ପଲ୍ଲବୀ , ଉମା ମଧ୍ୟ ଯୌତୁକ ନିଆଁରେ ଜଳିଛନ୍ତି ଏହି 'ଶତାବ୍ଦୀର ଶୋଷ'ଉପନ୍ୟାସରେ ।

'ପ୍ରଥମ ଅଧ୍ୟାୟ 'ଅନ୍ୟ ଏକ ସାମାଜିକ ଉପନ୍ୟାସ । ସମାଜର ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ କିପରି ଅର୍ଥ ପାଇଁ ଅନର୍ଥ ଅବା ଯେକୌଣସି କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ ତାର ନିଚ୍ଛକ

ଚିତ୍ର ଦେଇଛନ୍ତି ଔପନ୍ୟାସିକ । ରେଢ଼ାଖୋଲ ଭୀମଭୋଇ କଲେଜରେ ବି.ଏ ଫେଲ୍ ଶୈବାଳ ମହାପାତ୍ର ବିଭିନ୍ନ ଜାଗାରେ କର୍ମ କରି ଶେଷରେ ପହଞ୍ଚିଛି ଭୁବନେଶ୍ୱରରେ 'ଅଭ୍ୟୁଦୟ ସମାଜ' ନାମକ ଏକ ସାମାଜିକ ସଂଗଠନ କରି ବେଶ୍ ଲୋକପ୍ରିୟତା ଅର୍ଜନ କରନ୍ତି । ଚନ୍ଦ୍ର ଗୁପ୍ତଙ୍କ ପ୍ରରୋଚନାରେ ଶୈବାଳ ଏକ ବ୍ୟାଙ୍କ୍ ଖୋଲନ୍ତି। ଯେଉଁଠାରେ ନିଜର ରୋଜଗାର ଆଉ ବାହାରର ଖର୍ଚ୍ଚ ତୁଲାଇବା ପାଇଁ ଅସମର୍ଥ ସେଇଠି ଏହି ବ୍ୟାଙ୍କ୍ ଋଣ ପ୍ରଦାନ କରିଥାଏ। ସେହିପରି ଜଣେ ଋଣ କର୍ତ୍ତା ହେଉଛନ୍ତି ଦୀନବନ୍ଧୁ ମିଶ୍ର । ଯିଏକି ନିଜର ଦୁଇପୁଅ ଓ ତିନିଝିଅ ସହିତ ଅତି କଷ୍ଟରେ ଗୁଜୁରାଣ ମେଣ୍ଟାଉଥିଲେ ।

ଶୈବାଳର ନେତୃତ୍ୱରେ ଭୁବନେଶ୍ୱରରେ ବିରାଟ ସଭାର ଆୟୋଜନ ହୁଏ । ସେଥିରେ ସହଯୋଗ କରନ୍ତି ଚନ୍ଦ୍ରଗୁପ୍ତ । ସେଠାରେ ଦେଖାହୁଏ ଶୈବାଳ ସହିତ ପ୍ରେମିକ ଶୈଳର । ଶୈଳର ପ୍ରେରଣାରେ ଶୈବାଳ ବହୁ ଆଗକୁ ଯାଏ । ଏପଟେ ଦୀନବନ୍ଧୁ ମିଶ୍ରଙ୍କ ବଡ଼ ଝିଅ ବ୍ୟାଙ୍କ୍ ଅଫ୍ ଉତ୍କଳରେ ଚାକିରି ପାଇଯାଇଛି । ସେଠାରେ ସେ ଚନ୍ଦ୍ରଗୁପ୍ତ ସହିତ ସମ୍ପର୍କ ରଖେ । ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଙ୍କ୍ ଅଫ୍ ଉତ୍କଳ ନାମରେ ବିଭିନ୍ନ ଅଭିଯୋଗ ଶୁଣି ପୋଲିସ ଆସି ଶୈବାଳକୁ ଆରେଷ୍ଟ କରି ନେଇଯାଏ ।

'ରାଜଧାନୀର ରଙ୍ଗ'ତାଙ୍କର ଏକ ସାମାଜିକ ଉପନ୍ୟାସ । ଯେଉଁଥିରେ ମଣିଷରଏହି ଅପକିର୍ତ୍ତି ସବୁ ପ୍ରକାଶ ପାଇଛି ଏବଂ ସମାଜର ସହରୀ ଜୀବନର ଚାକଚକ୍ୟ ତଳେ ଦୁର୍ନୀତି, ମିଥ୍ୟା, ଅସାଧୁ, ଚରିତ୍ର ସ୍ଖଳନ କିପରି ଘଟିଛି ଏହି 'ରାଜଧାନୀର ରଙ୍ଗ' ଉପନ୍ୟାସ ମାଧ୍ୟମରେ ପ୍ରକାଶ କରିଛନ୍ତି ।

ଶଙ୍କରର ନବବିବାହିତା ପତ୍ନୀ ଶାଶ୍ୱତୀ ଆକସ୍ମିକ ଅନ୍ତର୍ଦ୍ଧାନ ହେବାପରଠାରୁ ହିଁ ରାଜଧାନୀର ରଙ୍ଗ ପ୍ରକାଶ ପାଏ । ଶଙ୍କରର ସାମ୍ବାଦିକ ବନ୍ଧୁ ମନୋଜ ଶାଶ୍ୱତୀକୁ ଖୋଜିବା ପାଇଁ ପ୍ରତିଶ୍ରୁତି ଦିଏ। ଶାଶ୍ୱତୀକୁ ଖୋଜିବା ବେଳେ ପ୍ରଥମେ ଆସନ୍ତି ଶ୍ରୀଲେଖା, ଯିଏ କି ଖଣ୍ଡଗିରି କଲେଜର ଜଣେ ଅଧ୍ୟାପିକା । ସେ ନିଜକୁ ସମାଜ ସେବାରୁ ରାଜନୀତିକୁ ଯାଇଥିବା ଦୁଷ୍ଟ ମାନବ ମହାନ୍ତିଙ୍କ ନିକଟରେ ନିଜକୁ ସମର୍ପଣନ କରିବାରୁ ସେ ତାର ରୋଷର କାରଣ ହୋଇ ତା ସ୍ୱାମୀକୁ ଚାକିରିରୁ ବାହାର କରିଦେଇଛି । ଏହି ମାନବ ମହାନ୍ତି ନାରୀ ଓ ସୁରାପାନରେ ସଦାବେଳେ ନିମଜ୍ଜିତ ରହିଛି । ଏକା ଯେ ମାନବତା ନୁହେଁ, ଶିକ୍ଷା ବିଭାଗର କମିଶନର, ମନ୍ତ୍ରୀ ନବକିଶୋର ଅର୍ଥ ଉପାର୍ଜନ ପାଇଁ ବିଭିନ୍ନ କୁକର୍ମରେ ଲିପ୍ତ ରହିଛନ୍ତି ।

'ପ୍ରତ୍ୟୁଷରୁ ପ୍ରଶ୍ନ' ତାଙ୍କର ଏକ ସାମାଜିକ ଉପନ୍ୟାସ । ସମାଜ ଆଉ ଭାଗ୍ୟ କିପରି ବଇରୀ ସାଜେ ତାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଧର୍ମ ନାମରେ କିପରି ଶଠତା ରହିଛି ତାକୁ ମଧ୍ୟ ଦେଖେଇଦେଇଛନ୍ତି । ଇଞ୍ଜିନିୟର ଛାତ୍ର ପ୍ରସନ୍ନ ଚାକିରିଟିଏ ପାଇବା ପାଇଁ ସେ ରାଉରକେଲା ପଳାଇଯାଏ । ସେଠାରେ ସାହାଯ୍ୟର ହାତ ବଢାନ୍ତି ବନ୍ଧୁ ସଦାନନ୍ଦ ଓ ତାଙ୍କ ପତ୍ନୀ ମାଳା । ସେଠାରେ ଦେଖାହୁଏ ପୂର୍ବତନ ପ୍ରିନ୍ସିପାଲ୍ ସହିତ ଏବଂ ସେ ସାହାଯ୍ୟର ପ୍ରତିଶ୍ରୁତି ମଧ୍ୟ ଦିଅନ୍ତି । ପରେ ସେ ଜଣେ କମ୍ପାନୀର ବଡ଼ ବାବୁଙ୍କଦ୍ୱାରା ଚାକିରିଟିଏ ପାଏ । ବଡବାବୁଙ୍କ ଝିଅଅନୁ ଭଲ ପାଏ ପ୍ରସନ୍ନକୁ । ଫଳରେ ପ୍ରସନ୍ନ ଆକ୍ରମଣର ଶିକାର ମଧ୍ୟ ହୁଏ ଏବଂ ଅନୁରାଧା ଅପହୃତା ହୁଏ । ବିବାହର ପାଞ୍ଚବର୍ଷ ପରେ ବି ବନ୍ଧୁ ସଦାନନ୍ଦର ସନ୍ତାନ ନହେବାରୁ ସେ ଧର୍ମ ନାମରେ ଭଣ୍ଡାମୀ କରୁଥିବା ବାବାର ଆଶ୍ରୟ ନେଇଛି । ସେହି ଆଶ୍ରମରୁ ବନ୍ଧୁ ଅଜୟର ସହାୟତାରେ ପ୍ରସନ୍ନ, ଅନୁରାଧା ଆଉ ମାଳାକୁ ସନ୍ଦେହ ଜନକ ଭାବରେ ଉଦ୍ଧାର କରାଯାଇଛି । କିନ୍ତୁ ରାତି ପାହିବା ପୂର୍ବରୁ ଅନୁରାଧାର ମୃତ୍ୟୁ ହେବାରୁ ପୋଲିସ୍ ଅଜୟ ଆଉ ପ୍ରସନ୍ନକୁ ଆରେଷ୍ଟ୍ କରିଛି । ଧର୍ମର ଛତ୍ର ଛାୟା ତଳେ କିପରି ଅସାଧୁ କାମ କରୁଛନ୍ତି ତାହା ସ୍ପଷ୍ଟ ଭାବରେ ଦେଖେଇଦେଇଛନ୍ତି ।

ସଂସାର ମଙ୍ଗଳ ପାଇଁ ଯୀଶୁ ଯେପରି ପ୍ରାଣ ଉତ୍ସର୍ଗ କରି କ୍ରୁଶବିଦ୍ଧ ହୋଇଯାଇଥିଲେ ; ଠିକ୍ ସେହିପରି 'କ୍ରୁଶବିଦ୍ଧ 'ଉପନ୍ୟାସରେ ଶୁଭାୟ ସମାଜ କଲ୍ୟାଣ ପାଇଁ ନିଜ ଜୀବନ ଉତ୍ସର୍ଗ କରିଦେଇଥିଲେ। ଚାକିରି ପାଇଁ ପାରାଦ୍ୱୀପକୁ ଯାଇ ଶ୍ରମିକ ନେତା ଅନାଦି ସହିତ ତାର ଦେଖା ହୁଏ । ଏହି ଅନାଦି ବଡ଼ ଅଫିସରମାନଙ୍କୁ ମଦ ଆଉ ଝିଅ ଯୋଗାଏ । ଯେ କେବଳ ଅନାଦି ଝିଅ ଯୋଗାଏ ତା ନୁହେଁ, ପଦ୍ମା ମାଉସୀ ମଧ୍ୟ ଝିଅ ଯୋଗାଇ ଅସୁମାରି ଅର୍ଥ ଉପାର୍ଜନ କରିଛି।

ଅନେକ ଝିଅ ରୋଜଗାର ଆଶାରେ ନିଜ ଦେହ ମଧ୍ୟ ଦାନ କରିଦିଅନ୍ତି । ଶୁଭାୟୁ ବଳାତ୍କାରରୁ ଉଦ୍ଧାର କରିଥିବା ଝିଅ ରୀତା ପୁଣି ଧର୍ଷଣର ଶିକାର ହୋଇଛି । ଶୁଭାୟୁ ଶ୍ରମିକ ସଂଗଠନ କରି ଏହାର ପ୍ରତିବାଦ କରିଛି । ଶେଷରେ ଦଳ ଭାଙ୍ଗିଯାଇ ଜେଲ ମଧ୍ୟ ଯାଇଛିଶୁଭାୟ । ଶୁଭାୟୁ ସହିତ ଡାକ୍ତରାଣୀ ମିତାର ସମ୍ପର୍କକୁ ମଧ୍ୟ ଭାଙ୍ଗି ଦେଇଛନ୍ତି ଏମାନେ । ରିତାକୁ ଧର୍ଷଣ କରିଥିବା ଇନ୍ଦ୍ରନୀଳ ଧରାପଡେ, ବେଶ୍ୟାବୃତ୍ତିରେ ଲିପ୍ତଥିବା ପଦ୍ମା ମାଉସୀ ଧରାପଡେ କିନ୍ତୁ ଫଳ ଶୂନ । ରାଜନୀତିର ଚାପରେ ସବୁ ଲୁଚିରହେ । ଶେଷରେ ନିର୍ବାଚନ ହୁଏ । ନିର୍ବାଚନରେ ଶୁଭାୟୁ ବିଜୟ ଲାଭ କରେ ସତ; ମାତ୍ର ତା ପୂର୍ବରୁ ତାକୁ ଅପହରଣ କରି ନିଆଯାଏ ଏବଂ ହତ୍ୟା କରିଦିଆଯାଏ ।

'ଭଂଗାକାଚ' ତାଙ୍କର ଏକ ପାରିବାରିକ ସମସ୍ୟା ମୂଳକ ସାମାଜିକ ଉପନ୍ୟାସ । ପରିବାରରେ ଦେଖାଦେଉଥିବା ସମସ୍ୟା,

ସ୍ୱାମୀ ସ୍ତ୍ରୀ ମଧ୍ୟରେ ଅବିଶ୍ୱାସ ଏବଂ ଏହି ଅବିଶ୍ୱାସ ସ୍ୱରୂପର କରୁଣ ପରିଣତିକୁ ଦେଖାଇବା ପାଇଁ ପ୍ରୟାସ କରିଛନ୍ତି ।

'ସୂର୍ଯ୍ୟ ଉଇଁଲେ ସ୍ୱପ୍ନରେ ନରୋତ୍ତମ ଜଣେ ପରମ୍ପରା ବାଦି ଲୋକ । ବନ୍ୟାରେ ପରିବାରର ସମସ୍ତ ଲୋକଙ୍କୁ ହରାଇବା ପରେ ସେ ସହର ପଳାଇବା ପାଇଁ ମନସ୍ଥ କଲା । କିନ୍ତୁ ଗୌତମ ଜେନାଙ୍କ ଝିଅ ଶକୁନ୍ତଳାର ସ୍ନେହ ଓ ପ୍ରେମରେ ସେ ବାନ୍ଧି ହୋଇ ରହିଗଲା ସବୁଦିନ ପାଇଁ ଗାଁରେ । ଗାଁରେ ଏହି ସେ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିଛି । କିନ୍ତୁ ବନ୍ୟା ବାତ୍ୟା ନାଁରେ ଆସୁଥିବା ସମସ୍ତ ସୁବିଧାକୁ ପୂର୍ବତନ ମନ୍ତ୍ରୀ ପୁଅ ବିଭୂପଦ ବାଟମାରଣା କରିଛି । ନିଜର ସ୍ୱାର୍ଥ ହାସଲପାଇଁ ଇଞ୍ଜିନିୟର ସରୋଜ ନିଜ ସ୍ତ୍ରୀକୁ ମଧ୍ୟ ବିଭୁପଦ ପାଖକୁ ପଠାଇବା ପାଇଁ କୁଣ୍ଠାବୋଧ କରିନାହିଁ । ନରୋତ୍ତମ ଯେତେବେଳେ ମନ୍ତ୍ରୀ ବାପପୁଅର ଅସଲରୂପ ସମାଜ ସାମ୍ନାରେ ଖୋଲିଦିଏ ସେମାନେ କ୍ରୋଧାନ୍ୱିତ ହୋଇ ଗ୍ରାମ୍ୟ ବିକାଶ ପରିଷଦ ସଭାରେ ବମ୍ ବିସ୍ଫୋରଣ କରାଇ ମାରିଦିଅନ୍ତି । ସମାଜର ଦୁର୍ନୀତି, ବନ୍ୟା ନାଁରେ ଆସୁଥିବା ଅର୍ଥର ଆତ୍ମସାତ ତଥା ସ୍ୱାର୍ଥ ହାସଲ ପାଇଁ ନିଜ ସ୍ତ୍ରୀ ଙ୍କୁ ଅନ୍ୟ ପୁରୁଷଙ୍କ ପାଖକୁ ପ୍ରେରଣ କରିବା ଭଳି ସମାଜର ନଗ୍ନ ଚିତ୍ରକୁ ଦେଖେଇ ଦେଇଛନ୍ତି ଔପନ୍ୟାସିକ ।

'ଅସମୟ'ସାତକଡି ହୋତାଙ୍କଅନ୍ୟ ଏକ ସାମାଜିକ ଉପନ୍ୟାସ। ସମାଜରେ ଦେଖା ଯାଉଥିବା ସାମ୍ପ୍ରଦାୟିକ ଦଙ୍ଗା, ଅବାଧ ନିଶାକାରବାର, ବେଶ୍ୟାବୃତ୍ତି, ନାରୀଧର୍ଷଣ ଆଦି ବହୁବିଧ ଚିତ୍ରକୁ ଏହି ଅସମୟ ଉପନ୍ୟାସରେ ଦେଖେଇ ଦେଇଛନ୍ତି । ବିସ୍ଥାପିତ ସୁଦର୍ଶନ ବାବୁ ନିର୍ବାଚନରେ ହାରିଯିବା ପରେ ଝିଅ ସୁଜାତାର ଅପହରଣରେ ସେ ପାଗଳ ହୋଇଗଲେ ।

'ମୁହାଁ ମୁହିଁ 'ଲେଖକଙ୍କର ରାଜନୀତି ଉପରେ ପର୍ଯ୍ୟବେସିତ ଏକ ସାମାଜିକ ଉପନ୍ୟାସ । ସୁଦୂର ବରଗଡ଼ରୁ ପଳେଇ ଆସିଛି କେଶବ କାମ ଉଦ୍ଦେଶ୍ୟରେ ଭୁବନେଶ୍ୱରକୁ । ସେ ନେତାଜୀ ଜଗନ୍ନାଥ ବଳିଆର ସିଂହଙ୍କ ଘରେ ରହିଯାଏ । ଏହି ନେତାଜୀ ବିଭିନ୍ନ କୁକର୍ମରେ ଲିପ୍ତ ଥାଆନ୍ତି । ଏପରିକି ନିଜ ସ୍ତ୍ରୀ ଥାଇ ମଧ୍ୟ ଅନେକ ନାରୀ ସହିତ ରମଣ କରନ୍ତି । ପଡ଼ୋଶୀ ସୂର୍ଯ୍ୟପ୍ରସାଦ ନିଜ ସ୍ତ୍ରୀ ଲାବନ୍ୟାକୁ ହତ୍ୟା କଲାପରେ ନେତାଜୀ ଖୋଦ୍ ଦେଖିଥାନ୍ତି । କଥା ଚପେଇଦେବା ପାଇଁ ସେ ବହୁ ଅର୍ଥ ନିଅନ୍ତି । ଏକଥାକୁ ଯେତେବେଳେ କେଶବ ସାକ୍ଷ୍ୟ ଦେବାକୁ ବାହାରେ ତାକୁ ମାରିଦେବା ପାଇଁ ଡାକ୍ତରଖାନାରେ ଚକ୍ରାନ୍ତ ଚାଲେ । ଏପଟେ ନେତାଜୀଙ୍କ ଦଳ ହାରିଯିବାପରେ ତାଙ୍କୁ କେହି ପଚାରନ୍ତି ନାହିଁ । ଶେଷରେ ତାଙ୍କ ସ୍ତ୍ରୀ ଶ୍ରେୟାଦେବୀ ସାନ୍ତ୍ୱନା ଦେଇ କହନ୍ତି,'ତୁମେ କଣ ଜାଣ ଯେ, ସେମାନେ କେହି ତୁମର ନିଜର ନୁହନ୍ତି ! କ୍ଷମତା ନଥିଲେ, ଦଳ ନଥିଲେ, ପାଣ୍ଠି ନଥିଲେ ସେମାନେ କେହି ଅସମୟରେ ବି ଦେଖା ଦେବେନି.....।' (୪) ଲାବଣ୍ୟର ମୃତ୍ୟୁ ପାଇଁ ନେତାଜୀଙ୍କୁ ବି ଆରେଷ୍ଟ କରାଗଲା । ଶେଷରେ ଶ୍ରେୟାଦେବୀ ତାଙ୍କୁ ଜେଲ୍‌ରୁ ମୁକୁଳାଇ ଆଣିଲେ । ଉପନ୍ୟାସରେ ରାଜନୀତି ନାଁରେ ଶଠତା, ଲୁଟ୍ ତରାଜ୍, ଠକେଇ , ନାରୀ ମନର ଅକୁହା ବେଦନା ଆଦି ଚିତ୍ରକୁ ଦେଖେଇ ଦେଇଛନ୍ତି ।

'ସତ୍ୟନଗର 'ତାଙ୍କର ଏକ ସାମାଜିକ ଉପନ୍ୟାସ । ଯେଉଁଠି ସମାଜରେ ଘଟି ଯାଉଥିବା ବିଭିନ୍ନ ଘଟଣା, ଯେପରି ପରକୀୟା ପ୍ରୀତି, ଅଶ୍ଳୀଳତା, ସଭ୍ୟ ମଣିଷର ଅସଭ୍ୟ ରୀତି ଆଦି ବିଭିନ୍ନ କଥାକୁ ସ୍ଥାନ ଦେଇଛନ୍ତି ଏହି ଉପନ୍ୟାସରେ ।

ଦେଶ ସ୍ୱାଧୀନତା ପୂର୍ବରୁ କିପରି ତାହା ଦୁଇ ଭାଗରେ ବିଭକ୍ତ ହୋଇଗଲା ତାହାର କରୁଣ ଚିତ୍ର ଏବଂ ବିଭିନ୍ନ ସମ୍ପ୍ରଦାୟ କିପରି ଉଭୟ ଉଭୟଙ୍କୁ ହତ୍ୟା, ଧର୍ଷଣ କରିଛନ୍ତି ତାହା ବର୍ଣ୍ଣନା ମଧ୍ୟ କରିଛନ୍ତି 'ଜନନୀ ଜନ୍ମଭୂମି' ଉପନ୍ୟାସରେ । ସ୍ୱାଧୀନତା ପରେ ଲୋକମାନଙ୍କର ଧାରଣା ହେଲା ଯେ ଗଡଜାତ ରାଜ୍ୟ ଆଉ ରାଜା ଶାସନ ମଧ୍ୟ ଯାଇଛି । ଏବେ ଗଣତନ୍ତ୍ର ଶାସନରେ ନିଜେ ହିଁ ଶାସକ ନିଜେ ହିଁ ଶାସିତ ପ୍ରଜା । ଫଳତଃ ଜନନୀ ଓ ଜନ୍ମଭୂମି ଏକ । ଏହି ଜନନୀ ଆଉ ଜନ୍ମଭୂମି ଉପରେ ବିଶ୍ୱନାଥ ମରିବା ପୂର୍ବରୁ ଶଙ୍କରକୁ କହିଯାଇଥିଲେ,'ଜନନୀ ଜନ୍ମଭୂମିକୁ ଯଦି ନିଜ ମା 'ପରି ବା ତା'ଠାରୁ ଆହୁରି ବେଶୀ ଭଲପାଅ, ଜନନୀ ପରି ଜନ୍ମଭୂମିର ଶ୍ରୀ ଓ ମର୍ଯ୍ୟାଦା ରକ୍ଷା କରିବା ପାଇଁ ସର୍ବସ୍ୱ ତ୍ୟାଗ କର ତେବେ ଜାଣିବ ଯେ ତୁମର ଜନ୍ମ ଧନ୍ୟ, ତୁମର ଜୀବନ ପୂର୍ଣ୍ଣ ହୋଇଛି ।'(୫)

'ମୁକ୍ତି ଯୁଦ୍ଧ' ଏକ ନକ୍ସଲ ସମସ୍ୟା ଉପରେ ଆଧାରିତ ଏକ ଉପନ୍ୟାସ । ଯେଉଁଥିରେ ଜୀବନର ଦୁଃଖ କଷ୍ଟ ଏବଂ ନ୍ୟାୟ ପାଇଁ ମଣିଷ କିପରି ନିଜ ଜୀବନକୁ ଜଳାଞ୍ଜଳି ଦେଇଦିଏ ଏବଂ ସମାଜରେ ସାମ୍ୟବାଦ ପ୍ରତିଷ୍ଠାପାଇଁ କିପରି ସମସ୍ତ ଦୁଃଖକଷ୍ଟକୁ ବରଣ କରିନିଏ ତାହାକୁ ଔପନ୍ୟାସିକ ଏଠାରେ ଦେଖେଇ ଦେଇଛନ୍ତି । ଯୋଦ୍ଧା ଯୁଦ୍ଧ କ୍ଷେତ୍ରରେ ନିଜ ପାଇଁ ଲଢେ ନାହିଁ । ସମଗ୍ର ଜାତି ସମଗ୍ର ଦେଶ ପାଇଁ ଲଢ଼େ । ଶ୍ରୀହରି ସେହିପରି ଗଣତନ୍ତ୍ରର ଅବ୍ୟବସ୍ଥା ଉପରେ ସ୍ୱର ଉତ୍ତୋଳନ କରି ସର୍ବହରା ଖଟିଖିଆ ମାନଙ୍କ ପାଇଁ ସଶସ୍ତ୍ର ସଂଗ୍ରାମ କରିଛି । ସେ କହେ, 'ସେହି କାରଣରୁ ମୁଁ ଗଣତନ୍ତ୍ର ମଧ୍ୟମ ଛାଡ଼ି ସଶସ୍ତ୍ର ସଂଗ୍ରାମଦ୍ୱାରା ପ୍ରଚଳିତ ବ୍ୟବସ୍ଥା ବଦଳାଇବା ପାଇଁ ହିଁ ଏକ ମାତ୍ର ବାଟ ବୋଲି ଧରି ନେଇ 'ମୁକ୍ତି ଯୁଦ୍ଧ 'ରେ ଯୋଗ ଦେଇଛି.... ଏବଂ ଦୁର୍ଗମ ଅନିଶ୍ଚିତ ପଥରେ ଯେ କ୍ଷମତା ଦଖଲ କରିବା ସହଜ ନୁହେଁ ତାହା ଜାଣି ମଧ୍ୟ ଏଇ ବାଟରେ ଚାଲିଛି ।'( ୬)

'ଯୁଗସନ୍ଧି 'ତାଙ୍କର ଏକ ପାରିବାରିକ ସମସ୍ୟାମୂଳକ ସାମାଜିକ ଉପନ୍ୟାସ । ପରକୀୟା ପ୍ରୀତି ଯେ ସ୍ୱାମୀ ସ୍ତ୍ରୀକୁ ଛାଡ଼ି ,ସ୍ତ୍ରୀ ସ୍ୱାମୀ କୁ ଛାଡ଼ିଦିଏ ଏହାର ଚିତ୍ରକୁ ଉପନ୍ୟାସରେ ଦର୍ଶାଇଛନ୍ତି ଔପନ୍ୟାସିକ । ଯେ, କେବଳ ପାରିବାରିକ ସମସ୍ୟା ଦେଖେଇଛନ୍ତି ତା ନୁହେଁ ; ନକ୍ସଲ ସମସ୍ୟାକୁ ମଧ୍ୟ ଚିତ୍ରିତ କରିଛନ୍ତି ।

ଗଣତନ୍ତ୍ର ଶାସନରେ ଚତୁର୍ଥସ୍ତମ୍ଭ ହେଉଛି ଗଣମାଧ୍ୟମ । ଏହି ଗଣମାଧ୍ୟମର ସାମ୍ବାଦିକତା ଉପରେ ପର୍ଯ୍ୟବେସିତ ଏକ ଉପନ୍ୟାସ ହେଉଛି 'ଧର୍ମ ଯୁଦ୍ଧ'। ଗଣମାଧ୍ୟମକୁ ଆଶ୍ରା କରି ଅନେକ କ୍ଷମତାଶାଳୀ ଲୋକ ରାଜନୀତିର ନଦୀକୁ ପାରିହେବା ପାଇଁ ପ୍ରୟାସ କରନ୍ତି । ଧର୍ମବିରୁଦ୍ଧରେ କୁତ୍ସାରଟଣା କରି ଧର୍ମକୁ ଭାଗ ଭାଗ ବାଣ୍ଟିବା ପାଇଁ ପ୍ରୟାସ କରନ୍ତି । କିନ୍ତୁ ଔପନ୍ୟାସିକ ଏଠାରେ ଧର୍ମର ଏକତ୍ରିକରଣକୁ ପ୍ରାଧାନ୍ୟ ଦେଇଛନ୍ତି ।

ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ ଯେ, ବିଂଶ ଶତାବ୍ଦୀର ମଧ୍ୟପାଦରୁ ଏକବିଂଶ ଶତାବ୍ଦୀର ଆଦ୍ୟପାଦ ପର୍ଯ୍ୟନ୍ତ ଓଡ଼ିଆ ଉପନ୍ୟାସ ସାଂପ୍ରତିକ ସମାଜର ଅନ୍ୟାୟ, ଅନ୍ଧବିଶ୍ୱାସ, କୁସଂସ୍କାର, ଦୁର୍ନୀତି ଆଦି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ସେ ଯେ କେବଳ ସମାଜର କଥା କହିଛନ୍ତି ତା ନୁହେଁ ; ସମକାଳୀନ ମଣିଷର ବାସ୍ତବ ଚିତ୍ରକୁ ମଧ୍ୟ ଚିତ୍ରିତ କରିଛନ୍ତି ତାଙ୍କ ଉପନ୍ୟାସରେ ।

**ପୃଷ୍ଟଟୀକା:-**

୧– ମିଶ୍ର ଡଃ ନରେନ୍ଦ୍ର ନାଥ, 'ଆଧୁନିକ ଓଡ଼ିଆ କଥା ସାହିତ୍ୟ', ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପୃଷ୍ଠା-୯୧ ।

୨– ହୋତା ସାତକଡି , "ବ୍ୟାକୁଳ ହୃଦୟ '' ଗ୍ରନ୍ଥ ମନ୍ଦିର ବିନୋଦବିହାରୀ କଟକ -୨

୩– ହୋତା ସାତକଡ଼ି, 'ଶତାବ୍ଦୀର ଶୋଷ ', ଉପଗୁପ୍ତ ପବ୍ଲିକେଶନ ବ୍ରହ୍ମପୁର - ୭୬୦୦୦୩, ପୃଷ୍ଠା - ୩୪ ।

୪– ହୋତା ସାତକଡ଼ି, 'ମୁହଁ ମୁହିଁ ', ଓଡ଼ିଶା ବୁକ୍ ଷ୍ଟୋର ବିନୋଦ ବିହାରୀ କଟକ - ୭୫୩୦୦୨, ପୃଷ୍ଠା - ୨୨୭ ।

୫– ହୋତା ସାତକଡ଼ି, 'ଜନନୀ ଜନ୍ମଭୂମି ', ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ବିନୋଦ ବିହାରୀ କଟକ- ୨, ପୃଷ୍ଠା- ୫୧୫ ।

୬– ହୋତା ସାତକଡ଼ି,'ମୁକ୍ତି ଯୁଦ୍ଧ ', ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ବିନୋଦ ବିହାରୀ କଟକ - ୨, ପୃଷ୍ଠା- ୨୬୩ ।

❖❖❖

# ଲୋକଗୀତ: ଏକ ସଂକ୍ଷିପ୍ତ ଅନୁଧ୍ୟାନ



ISSN-2583-6978
Volume-4
Issue-10
OCTOBER-2024

ଭାରତୀ ମୁଦୁଲି

ଗବେଷିକା, ଓଡ଼ିଆବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର

ମନୁଷ୍ୟ ଜୀବନହିଁ ସଙ୍ଗୀତମୟ। ଏହିସଂଗୀତ ମନୁଷ୍ୟର ଏକ ପ୍ରବୃତ୍ତି । ଲୋକ ମୁଖରୁ ନିସୃତ ହେଉଥିବା ହେତୁ ଏହା ଲୋକଗୀତ ।କାଳଭେଦରେ ଲୋକ ମୁଖରେ ଏହା ହୋଇଥାଏ ପରିବର୍ଦ୍ଧିତ ଓ ପରିବର୍ତ୍ତିତ ।ସୁଖରେ ହେଉ ବା ଦୁଃଖରେ ହେଉ ମନୁଷ୍ୟ ଯୁଗ ଯୁଗ ଧରି ଗୀତ ଗାଇ ଆସୁଛି। ଏହା ପରିବେଶ ଓ ପରିସ୍ଥିତିର ଏକ ମୂଲ୍ୟବାନ ଫସଲ ।ସମୟର ସ୍ପନ୍ଦନ ଭିତରେ ମାନବ ସଭ୍ୟତାର ସେ କେଉଁ ବିସ୍ମୃତ ଲଗ୍ନରେ ଲୋକଗୀତର ଆଦ୍ୟଧାରା ଝରିଆସିଥିଲା। ତା'ର ନିର୍ଦ୍ଦିଷ୍ଟ ବର୍ଷ, ମାସ, ଦିନ, ଦଣ୍ଡ ନିରୂପଣ କରିବା ଆଜି ଆମର ଅଜ୍ଞାତ ହେଲେ ହେଁ ଏହା ପ୍ରାଚୀନ । ପ୍ରକୃତି କୋଳରେ ଲାଳିତ ପାଳିତ ଅମୃତର ସନ୍ତାନ ଯେବେଠାରୁ କଥା କହିବା ଶିଖିଛି, ସେବେଠାରୁ ଗୀତ ଗାଇ ଆସୁଛି ।

ଲୋକଗୀତ ଚିର ଅମର ଓ ଅବିନଶ୍ୱର । ଏହାର ଚେର କେଉଁ ଅତୀତ ଧରିତ୍ରୀର ଗର୍ଭରେ ଜଡିତ ରହିଥାଏ, ଯେଉଁଥିରେ ସର୍ବଦା ନୂଆ ନୂଆ ଡାଳ, ପତ୍ର ଏବଂ ଫଳ ସୃଷ୍ଟି ହୁଏ ତଥା ଶ୍ରୁତିରୁ ଶ୍ରୁତିକୁ ଗଡିଆସି ନିଜର ପ୍ରଚାର ଓ ପ୍ରସାର କରେ । ତେଣୁ Ralph.V William କହନ୍ତି–"A Folk-Song is neither new nor old, it is like a forest tree with its roots deeply burried in the past, but which continually puts forth new branches, new leaves, new fruits."1W. ଭଟ୍ଟାଚାର୍ଯ୍ୟଙ୍କ ମତରେ ଲୋକଗୀତ ଭାବ ଅବବୋଧକ ଓ ପ୍ରତୀକାତ୍ମକ । ଏହା ପୁଣି ଲୋକଙ୍କଦ୍ୱାରା ମୌଖିକ ପରମ୍ପରା ରୂପେ ପ୍ରସାରିତ ହୋଇଥାଏ । ୨ ବିଶିଷ୍ଟ ଲୋକତତ୍ତ୍ୱବିଦ୍ ଚକ୍ରଧର ମହାପାତ୍ର ଲୋକଗୀତକୁ ପକ୍ଷୀର ମଧୁର କାକଳି ରୂପେ ତୁଳନା କରି ଏହାକୁ ସରସ୍ୱତୀ ନଦୀ ତଟସ୍ଥ ଆଦି ମୁଖ ନିଃସୃତ ଝଙ୍କାର ବୋଲି କହିଛନ୍ତି। ୩ଲୋକ ସାହିତ୍ୟବିଦ୍ ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ମତରେ ଲୋକଗୀତ ଯୁଗୀୟ ପରିବର୍ତ୍ତନସହ ପରିବର୍ତ୍ତନଶୀଳ ବ୍ୟକ୍ତିର ଶିକ୍ଷା ଓ ସମାଜୀକରଣର ଏକ ଅବିଚ୍ଛିନ୍ନ ମୌଖିକ ପରମ୍ପରା ଅଟେ। ୪ଲୋକଗୀତ ସବୁବେଳେ ପରିବର୍ତ୍ତନଶୀଳ । ଏହା ସ୍ଥାନ, କାଳ ଓ ଗାୟକର ଇଚ୍ଛାନୁସାରେ ପରିବର୍ଦ୍ଧିତ ହୋଇଥାଏ। ଏହା ଶ୍ରୁତିରୁ ଶ୍ରୁତିକୁ ଗତି କରୁଥିବା ହେତୁ ପରିବର୍ତ୍ତନ ହେବା ସ୍ୱାଭାବିକ।

ଲୋକଗୀତ ଜଣଙ୍କର ନୁହେଁ, ସମସ୍ତଙ୍କର। ଗାଉଁଲି ଲୋକ ଯଶ କିମ୍ବା ଅର୍ଥ ଉଦ୍ଦେଶ୍ୟରେ ଗୀତ ଗାଏ ନାହିଁ। ତେଣୁ ସେ ଗୀତର ଶେଷରେ ଭଣିତା ଦିଏ ନାହିଁ । ହିନ୍ଦୀ ଲୋକସାହିତ୍ୟବିଦ୍ ଶ୍ରୀରାମ ନରେଶ ତ୍ରିପାଠୀଙ୍କ ମତରେ– "ଲୋକଗୀତପ୍ରକୃତିର ଉଦ୍‌ଗାର, ଏଥିରେ ଅଳଙ୍କାର ନାହିଁ କେବଳ ରସ ଅଛି । ଛନ୍ଦ ନାହିଁ ଲୟ ଅଛି, ଲାଳିତ୍ୟ ନାହିଁ ମାଧୁର୍ଯ୍ୟ ଅଛି । ସ୍ତ୍ରୀ ପୁରୁଷଙ୍କ ହୃଦୟ ସିଂହାସନରେ ବସି ପ୍ରକୃତି ଗୀତ ଗାଏ ।"୫ଲୋକଗୀତ ନିଚ୍ଛକ ସତ୍ୟର କଥା କହେ । ଲୋକଗୀତ କିଛି ଲୁଚାଏ ନାହିଁ । ସେ ଯାହା ଦେଖେ, ଅନୁଭବ କରେ, କହିବାକୁ ଚାହେଁ, ତାହା ସିଧାସଳଖ ରୋକ୍ ଠୋକ୍ କହିଦିଏ । ସେ କାହାରି ପ୍ରୀତି ଅପ୍ରୀତିର ଅପେକ୍ଷା ରଖେ ନାହିଁ ।

କର୍ମର ସାଥୀ ହେଉଛି ଲୋକଗୀତ । ସାମାଜିକ, ବ୍ୟକ୍ତିଗତ ତଥା ଜାତୀୟ ଜୀବନର ବିଭିନ୍ନ କ୍ରିୟା କର୍ମ ସହ ଏହା ଜଡିତ । ଜନ୍ମ, ବିବାହ, ମୃତ୍ୟୁ ପରି ଜୀବନର ବିଶେଷ ଘଟଣାରେ ଲୋକଗୀତ ଏକ ଅପରିହାର୍ଯ୍ୟ ଅଙ୍ଗ । ଶିଶୁ ଗୀତ, ପ୍ରେମଗୀତ, ବିବାହ ଗୀତ, କନ୍ୟାବିଦାୟକାଳୀନ, ମୃତ୍ୟୁକାଳୀନକାନ୍ଦଣା ଗୀତ ଲୋକର ମନକୁ, ଚିନ୍ତାକୁ କେବଳ ନୁହେଁ, ହୃଦୟକୁ ସ୍ପର୍ଶ କରି ଅତି ଆପଣାର ହୋଇଯାଏ । କ୍ଷୁଦ୍ର ଅନୁଭୂତି ମଧ୍ୟରେ ବୃହତ କଥା କହିବା ଏହାର ଉଦ୍ଦେଶ୍ୟ । ବିନ୍ଦୁ ମଧ୍ୟରେ ସିନ୍ଧୁର ସୃଷ୍ଟି ଏହାର ଲକ୍ଷ୍ୟ । ଏହା ଆପେଆପେ ହୃଦୟ କନ୍ଦରରୁ ଝରିଆସିଥାଏ।

ଓଡ଼ିଆସାହିତ୍ୟର ଆଦ୍ୟ ସ୍ୱର ଝଙ୍କୃତ ହୋଇଛି ଲୋକଗୀତରୁ । ଓଡ଼ିଆ ସାହିତ୍ୟର ଆଦି କବି ସାରଳା ଦାସ ଥିଲେ ହଳିଆ ସମ୍ପ୍ରଦାୟର ମାଟିର ସନ୍ତାନ । ହଳିଆ ଗୀତର ମହକ ମୂର୍ଚ୍ଛନାରେ ମୁଗ୍ଧଚକିତ ହୋଇ ଦେବୀ ସରସ୍ୱତୀ ଲୋକଗୀତରେ ମହାଭାରତ ରଚନା କରିବାକୁ ଆଜ୍ଞା ଦେଇଥିଲେ ଏବଂ ତା'ର ଅମୃତମୟ ଫଳ ହେଉଛି ଜନଜୀବନର ପ୍ରାଣ ସ୍ପନ୍ଦନ ସାରଳା ମହାଭାରତ । ପଲ୍ଲୀରେ ପ୍ରଚଳିତ 'ଝିମିଟିଖେଳ'ରୁ 'ମହାଭାରତ'ର ସୃଷ୍ଟି ଏହାକୁ ଅଧିକ ଲୋକାଭିମୁଖୀ କରାଇଛି । ପଞ୍ଚସଖା ସାହିତ୍ୟ ଲୋକ ସାହିତ୍ୟର କାଳ ବୋଲି ଅନୁମାନ କରାଯାଇପାରେ। ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ଜଗନ୍ନାଥ ଦାସଙ୍କର 'ଭାଗବତ', ଯଶୋବନ୍ତ ଦାସଙ୍କ 'ଗୋବିନ୍ଦ ଚନ୍ଦ୍ର'ର ଅନେକ ପଦ ଅଗଣିତ ଜନତାର ଅନନ୍ତ ଅନ୍ତରରୁ ପରିସ୍ଥିତି ଓ ପରିବେଶ ଅନୁସାରେ ଆଜିବି ଆପେ ଆପେ ବାହାରି ଆସୁଛି ଅତି ଆପଣାର ହୋଇ। ଆଧୁନିକ ଯୁଗରେ ମଧ୍ୟପ୍ରତିଷ୍ଠିତ କବିମାନଙ୍କର ଅନେକ କବିତା ଲୋକଗୀତର ବିଭିନ୍ନ ଦିଗକୁ ନେଇ କଳେବର ମଣ୍ଡନ କରିଛି । ପ୍ରଗତି ଯୁଗର ଶିଳ୍ପୀ ସଚ୍ଚି ରାଉତରାୟ ନାରୀ କବି ବିଦ୍ୟୁତପ୍ରଭା ଦେବୀ, ଆଧୁନିକ ଯୁଗର ନନ୍ଦକିଶୋର ବଳ, ରାଧାମୋହନ ଗଡନାୟକ ପ୍ରଭୃତି କବିମାନଙ୍କର କାଳଜୟୀ କବିତା ସବୁ ଲୋକଗୀତର ଚାରୁ ଅଙ୍ଗରୁ ଅନେକ ଉପାଦାନ ନେଇ ସମୃଦ୍ଧ ହୋଇଛି । ଲୋକଗୀତର ଭାବ ଭୂମିରେ ପାଦ ଥାପି କବିତା ରଚନା କରିବାକୁ ପ୍ରୟାସ କରୁଥିବାବେଳେ ଲୋକଗୀତର ଅବିକଳ ପଦମାନ ଉଚ୍ଚାରିତ ହୋଇଛି –

**ଉଡିଗଲା ଗେଣ୍ଡାଳିଆ ଝାଡି ଦେଇ ପର**
**ରାଜ ଜେମା କାନ୍ଦୁଅଛି ଦେଖୁ ବୁଢାବର**

ଗୀତ ସହିତ ଜୀବନର ସମ୍ପର୍କ ଅତି ନିବିଡ । ଗୀତକୁ ବାଦ ଦେଇ ମଣିଷର ଜୀବନ ଯେଉଳି ନିରର୍ଥକ, ମଣିଷକୁ ଛାଡି ଗୀତ ସେଭଳି ମୂଲ୍ୟହୀନ ।ଲୋକଗୀତରେ ପୁରୁଷ ଓ ନାରୀ ଉଭୟଙ୍କ ଭୂମିକା ରହିଛି । ସମାଜର ବିଭିନ୍ନ ସାମାଜିକ କର୍ମ, ପର୍ବପାଳନ, କୃଷିକର୍ମ ଇତ୍ୟାଦିରେ ନାରୀ ପୁରୁଷଙ୍କୁ ସାହାଯ୍ୟ କରିଥାଏ । ଏପରିକି ଝୋଟି କାଟିବା, ଢେଙ୍କି କୁଟିବା, ରୋଷେଇ, ଶିଶୁର ଯତ୍ନଭଳି କାର୍ଯ୍ୟରେ ପୁରୁଷଠାରୁ ଏମାନେ ଅଧିକ ପାରଦର୍ଶିତା ଦେଖାଇଥାନ୍ତି।

ମଣିଷ ପରିବେଶ ଏବଂ ସାମାଜିକ ଧର୍ମ, କର୍ମ ଭିତରେ ବୁଡ଼ି ରହିବା ସହିତ ଜୀବନ ଜୀବିକା ପାଇଁ ଖୁଅଟିଏ ଧାରଣ କରି ଜୀବନ ବିତାଏ । ଏହି ଚଲାପଥରେ ଗତି କଲାବେଳେ ଅନେକ ସମସ୍ୟା ସହିତ ଭେଟହୁଏ । ଲୋକଗୀତ ହେଉଛି ପଲ୍ଲୀ ସର୍ବସ୍ୱ । ଗାଁ ମାଟିର ଗନ୍ଧରେ ବଢୁଥିବା ବ୍ୟକ୍ତିଟିଏ ହିଁ ଲୋକଗୀତ ଗାଇବାକୁ ଭଲପାଏ। ଏଣୁ ତା' ଗୀତ ହେଉଛି ପଲ୍ଲୀ ଜୀବନର ଝଙ୍କାର । ଏଥିରେ ସବୁଜ ପ୍ରକୃତିର ଚିତ୍ରପଟ ଜୀବନ୍ତ ଭାବେ ରୂପାୟିତ ହୋଇ ରହିଥାଏ ।

ଲୋକଗୀତ ହେଉଛି ସବୁବେଳେ ଏକ ଆନ୍ତରିକ ସୃଷ୍ଟି । ସାମାଜିକ ବ୍ୟକ୍ତିବିଶେଷ ହିଁ ସ୍ୱତଃସ୍ଫୁର୍ତ୍ତ ଭାବେ ଏହାକୁ ପରିପ୍ରକାଶ କରେ। ଏହା ବିଚକ୍ଷଣ ବୁଦ୍ଧିସଂପନ୍ନ ବ୍ୟକ୍ତିଠାରୁ ଉତ୍ପନ୍ନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଲୋକଗୀତରେ ଗୀତ ଗାୟନ ବେଳେ ଗୀତର ଲହରୀ ଏବଂ ଗାୟକର କଣ୍ଠସ୍ୱର ହିଁ ତାକୁ ବେଶି ଆକର୍ଷିତ କରେ । ଅନେକ ସ୍ଥଳେ ତନ୍ତୀଟିଏ ବା ଶ୍ରମଜୀବୀଟିଏ ଲୁଗାବୁଣିବା, କର୍ମକରିବା ଭିତରେ ଗୀତଗାଏ । ଏହାଦ୍ୱାରା ତା'ର କର୍ମଜନିତ ଅବସାଦ ମେଣ୍ଟିଯାଏ ଓ କର୍ମଜନିତ କଷ୍ଟ ତା'କୁ ଜଣାପଡ଼େନି; କ୍ରମେ ଗୀତରେ ବିଭୋର ହୋଇଯାଏ । ଏହାଦ୍ୱାରା ତା'ର କ୍ରିୟାଶକ୍ତିଅଧିକ ବୃଦ୍ଧି ପାଇଥାଏ । ପ୍ରକୃତରେ ମଣିଷର ଉତ୍ତମ ଚଳଣି ପାଇଁ ଯେଉଁ ସାମାଜିକ ବିଧିବ୍ୟବସ୍ଥା ରହିଛି, ତାହା ଜନତାର ହିତାକାଂକ୍ଷା ଏବଂ ଉତ୍ତମ ବୁଝାମଣା ପାଇଁ ଉଦ୍ଦିଷ୍ଟ । ମଣିଷ ବଡ଼ଲୋକଙ୍କୁ ସମ୍ମାନ ଦେବା ଏବଂ ଦେବାଦେବୀଙ୍କୁ ପୂଜାକରିବା ଭାବନାଯୋଗୁଁହିଁ ତା' ମନକୁ ଏକ ସୁସ୍ଥ ପ୍ରଶାନ୍ତ ଭାବନାଟିଏ ଅକ୍ତିଆର କରିନିଏ । ସେଥିପାଇଁ ସେ ଅନେକ ସମୟରେ ଆଧ୍ୟାତ୍ମିକ ଭାବନାରେ ନିଜକୁ ଭିଜାଇ ରଖେ । ଏଇଥିପାଇଁ ସମାଜରେ ପୂଜା ପାର୍ବଣର ବିସ୍ତାରିତ ରୂପ ଦୃଷ୍ଟିଗୋଚର ହୋଇଥାଏ।

ଲୋକଗୀତ ସବୁକ୍ଷେତ୍ରରେ ସାମାଜିକ ବିଭବକୁ ନେଇ ସମୃଦ୍ଧିଶାଳୀ । ଏହା ମାନବ ସମାଜର କଥାକୁ ପ୍ରକାଶ କରୁଥିବା ହେତୁ ଲୋକମାନଙ୍କର ସଂପତ୍ତି ଅଟେ । ଗୋଟିଏ ପଟେ ସମାଜ ଏବଂ ଅନ୍ୟ ପଟେ ସମାଜରେ ରହି ଜୀବନ ଧାରଣ କରୁଥିବା ଲୋକଙ୍କ ଜୀବନର ଧାରା । ଲୋକଗୀତସମାଜର ଅସଲ ସ୍ୱରୂପକୁ ଚାବିକାଠି କରି ଜନ ସମାଜରେ ଆନନ୍ଦର ବିଷୟବସ୍ତୁ ପାଲଟିଯାଏ। ମାନବୀୟ ଜୀବନ ଉପରେ ପଡୁଥିବା ଧାର୍ମିକ ପ୍ରଭାବ ଲୋକଗୀତରେ ପ୍ରତିଫଳିତ ହୁଏ । ଲୋକଗୀତ ସାମାଜିକ ଉପାଦାନକୁ ଭିତ୍ତି କରି ଗତିଶୀଳ ହୋଇଥାଏ ।

ଲୋକଗୀତ ଅନେକ ପରିମାଣରେ ପାରିବାରିକ ଚିତ୍ରକୁ ନେଇ ଋଦ୍ଧିମନ୍ତ । ଏଠାରେ ଥାଏ ଅନାବିଳ ସ୍ନେହ ଏବଂ ନିଷ୍କପଟ ପ୍ରେମ। ମଣିଷ ସହିତ ମଣିଷର ସଂପର୍କ କେତେ ଗଭୀର ଏବଂ ପବିତ୍ର ହୋଇପାରେ ତାହାର ବାସ୍ତବ ଚିତ୍ର ନିରୀହ ପରିବାରଗୁଡ଼ିକରେ ଦେଖିବାକୁ ମିଳେ । ଏବେ ବି ଗାଁଗୁଡ଼ିକରେ ଯୌଥ ପରିବାର ଦୃଷ୍ଟିଗୋଚରହୁଏ। ସହରୀଜୀବନଗୁଡ଼ିକରେ ବୃଦ୍ଧ-ବୃଦ୍ଧାଙ୍କ ବ୍ୟବହାର ଏବଂ ଭାବର ଆଦାନ ପ୍ରଦାନରେ ଦୂରତ୍ୱ ରହୁଥିଗବା ବେଳେ ଗାଁ ମାଟି ସେହି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଦେବତା ଜ୍ଞାନ କରେ । ପରିବାରର ପରିବେଷ୍ଟନୀ ମଧ୍ୟରେ ପରସ୍ପର ପ୍ରତି ଉପଯୁକ୍ତ ସମ୍ମାନ ରହିଆସିଛି । ଛୋଟ ଛୋଟ ଶିଶୁ, କିଶୋରଙ୍କ ସହ ଅଜା, ଆଈଙ୍କ ଥଟ୍ଟା-କୌତୁକ ଦେଖିଲେ ବିସ୍ମିତ ମନେହୁଏ । ଏହିଠାରେ ହିଁ ଲୋକକଥା, କିମ୍ବଦନ୍ତୀ, ଜନଶ୍ରୁତି, ଓଷା, ବ୍ରତର ପ୍ରକୃଷ୍ଟ ସ୍ୱରୂପ ବନ୍ଦ ରହିଛି । ଗାଁ ଯାକ ଦାଦା, ଭାଇ, ବାପା, ବଡ଼ବାପା, ମା, ବଡ଼ମା,

କାକି, ଖୁଡ଼ୀ, ଅଜା-ଆଈ, ମାମୁଁ-ମାଈଁର ମାନ୍ୟ କରି ପର ଆପଣାକୁ ଡାକିବାରେ ଅଭ୍ୟସ୍ତ । ଏହି ସମ୍ବୋଧନ ଯେମିତିକି ମଣିଷ ଭିତରେ ସୁ-ସଂପର୍କକୁ ଆହୁରି ନିବିଡ଼ କରେ । ଏହା ଦ୍ୱାରା ଭାବର ବନ୍ଧନ ସୁଦୃଢ଼ ରହେ ଏବଂ କାହା ଘରେ ଅଭାବଟିଏ ଦେଖାଗଲେ କିମ୍ବା ବିଘ୍ନଟିଏ ଘଟିଲେ ପର ଆପଣାର ଭେଦାଭେଦ ଭୁଲି ସେବାରେ ଲାଗି ଯିବା ଦେଖାଯାଏ । ସମସ୍ତେ ଦକ୍ଷତା ଅନୁସାରେ କାର୍ଯ୍ୟ ଭାରକୁ ନିଜ ନିଜ ଭିତରେ ବାଣ୍ଟି ନିଅନ୍ତି ।

ବାସ୍ତବିକ ଗ୍ରାମ୍ୟ ଜନତାର ସ୍ମୃତି, ଅନୁଭୂତିର କିମ୍ବଦନ୍ତୀ ହେଉଛି ଲୋକଗୀତ । ସମାଜ ଯେପରି ଗତିଶୀଳ ମଣିଷ ମଧ୍ୟ ସେହିପରି ଭାବେ କର୍ମମୁଖର । ତା' ପାଇଁ ସବୁବେଳେ ପରଂପରାକୁ ସମ୍ମାନ ଦେବା ହେଉଛି ବଡ଼କଥା । ଲୋକଗୀତର ଭାବରେ ଗୋଟିଏ ଜାତିର ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ପାଣିପାଗର ବାତାବରଣ ସ୍ପଷ୍ଟତଃ ପ୍ରକାଶିତ ହୋଇଥାଏ । ଏହା ନିଜର ସ୍ୱରୂପ ଭିତରେ ପଲ୍ଲୀ ଜୀବନର ସରଳତା, ସୌନ୍ଦର୍ଯ୍ୟ ଓ ଜୀବନ ଜିଜ୍ଞାସାକୁ ସ୍ଥାନ ଦେଇଥାଏ । ସର୍ବୋପରି ଲୋକଗୀତ ପଲ୍ଲୀ ଆବେଦନରେ ପରିପୂର୍ଣ୍ଣ ।

**ସଂକେତ ସୂଚୀ**


- ☐ ପ୍ରଧାନ,କୃଷ୍ଣଚନ୍ଦ୍ର-ଲୋକସାହିତ୍ୟ ତତ୍ତ୍ୱରୂପ ଓ କଳାରୂପ, ପୃଷ୍ଠା-୯୫ ।
- ☐ ମିଶ୍ର,ମହେନ୍ଦ୍ର-କଳାହାଣ୍ଡିର ଲୋକ ସଂସ୍କୃତି, ଡ. କୁମାର, ଫ୍ରେଣ୍ଡସପବ୍ଲିଶର୍ସ, କଟକ,୧୯୯୬, ପୃଷ୍ଠା-୧୨୬ ।
- ☐ ମିଶ୍ର,ମହେନ୍ଦ୍ର-କଳାହାଣ୍ଡିର ଲୋକ ସଂସ୍କୃତି, ଡ. କୁମାର, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ,୧୯୯୬, ପୃଷ୍ଠା-୧୨୬ ।
- ☐ ମିଶ୍ର,ମହେନ୍ଦ୍ର-କଳାହାଣ୍ଡିର ଲୋକ ସଂସ୍କୃତି, ଡ. କୁମାର, ଫ୍ରେଣ୍ଡସପବ୍ଲିଶର୍ସ, କଟକ,୧୯୯୬, ପୃଷ୍ଠା-୧୨୬ ।
- ☐ ଦାଶ,କୁଞ୍ଜବିହାରୀ-"ଓଡ଼ିଆ ଲୋକଗୀତ ଓ କାହାଣୀ-ବିଶ୍ୱ ଭାରତୀ, ଶାନ୍ତି ନିକେତନ, ଓଡ଼ିଆ ଗବେଷଣା ବିଭାଗ, ପ୍ରଥମ ପ୍ରକାଶ, ୧୯୫୮, ପୃ ୫ ।


❖❖❖

# ଆଧୁନିକ ଓଡ଼ିଆ କବିତାରେ ମିଥ୍‌ର ପ୍ରୟୋଗ



ISSN-2583-6978
Volume-4
Issue-10
OCTOBER-2024

**ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ**

**ଅତିଥି ଅଧ୍ୟାପିକା**
**ଓଡ଼ିଆ ଭାଷା ସାହିତ୍ୟ ବିଭାଗ**
**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର**

"Legend and myth and fairy - tale are not in themselves literature, they are not art at all but fantasies, as such, however, they are the natural materials of art " - Richard Chase

ରିଚାର୍ଡ ଚିଜ ମିଥ୍ କୁ କଳା ନାମରେ ଆଖ୍ୟାୟିତ କରିଛନ୍ତି । ତାଂକ ଦୃଷ୍ଟିରେ ମିଥ୍ ହିଁ ସାରସ୍ୱତ ଏବଂ ମାନବୀୟ କଳ୍ପନାର ଶୈଳ୍ପିକ ବିଭବ ରୂପେ ସ୍ୱୀକୃତ ।

ସାହିତ୍ୟ ସତତ ପ୍ରବାହମାନ। କାଳେ କାଳେ ତା'ର ରୂପାନ୍ତର। ବର୍ଣ୍ଣ ବୈଭବର ଅନୁପମ ଶ୍ରୀ ରେ ତାହା ବିମଣ୍ଡିତ । ସାହିତ୍ୟରେ କେତେବେଳେ ଭାବଗତତ ଆଉ କେତେବେଳେ ସ୍ଥାପତ୍ୟଗତ ପରିବର୍ତ୍ତନ ପରିଲକ୍ଷିତ ହୁଏ। ଏହି ବିଭିନ୍ନ ମତବାଦ ନେଇ ସାହିତ୍ୟାକାଶ ସତତ ମହିମାନ୍ୱିତ। ସଭ୍ୟତାର ଅଗ୍ରଗତି ସହିତ ମୁଖ୍ୟତଃ ପାଶ୍ଚାତ୍ୟ ସାହିତ୍ୟ ଜଗତ କେତେକ ମତବାଦର ଇନ୍ଦ୍ରଧନୁ ଶୋଭା ଝଲସି ଉଠି ପୁଣି ବିଲୟ ହୋଇଛନ୍ତି। ଆକାଶରେ ରୂପଲୀଳା ପରି ସାହିତ୍ୟରେ ବିଭିନ୍ନ ବାଦର ଖେଳା ବେଶ୍ କୌତୁହଳପ୍ରଦ । ସେହିପରି ଆଧୁନିକ କବିତାରେ ମିଥ୍ ର ପ୍ରୟୋଗ ଏକାନ୍ତ ଅପରିହାର୍ଯ୍ୟ ପରି ମନେହୁଏ । ମିଥ୍ କୁ କାବ୍ୟ ଜଗତରେ ଗ୍ରହଣ କରାଯିବା ଏକାନ୍ତ ସମିଚୀନ। ମିଥ୍ ଆଧୁନିକ କବିତାକୁ ଆବୟିକ କ୍ରମରେ ବାନ୍ଧି ରଖେ । ଚିତ୍ରକଳ୍ପ ପରି ଏହା ଏକ କାବ୍ୟିକ ବିଭବ । ସମୟକ୍ରମେ ଚିତ୍ରକଳ୍ପର ରୂପାନ୍ତର ଘଟିଲେ ସୁଦ୍ଧା ମିଥ୍ ଅପରିବର୍ତ୍ତିତ ରୁହେ । ଆଦିମ ଓ କଳ୍ପନାପ୍ରବଣ ମନ ହିଁ ମିଥ୍ ସୃଷ୍ଟି କରିପାରେ । ତେଣୁ କବିତାରେ ମିଥ୍ ର ପ୍ରୟୋଗ ଏକ ଲକ୍ଷଣୀୟ ବିଷୟ । ମିଥ୍ କାବ୍ୟ କବିତାରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି। ଆଧୁନିକ ଚିନ୍ତା ଚେତନାକୁ ପ୍ରକାଶ କରିବାକୁ ପୁରାଣ ପ୍ରସଙ୍ଗର ଅବତାରଣା ଏକ ନିତ୍ୟ ନୈମିତ୍ତିକ କଥା । ତେଣୁ ମିଥ୍ ଦ୍ୱାରା କାବ୍ୟର ଅଙ୍ଗସୌଷ୍ଟବ ସୁଷମାମୟ ହୋଇଉଠେ। ଫଳରେ କାବ୍ୟର ଗଠନ ଅଧିକ ଦୃଢ ହୁଏ ।

ମିଥ୍ ବା ପୁରାକଳ୍ପ ଅର୍ଥ - ପୌରାଣିକ ଓ କେତେକାଂଶରେ ସୁଦୂର ଅତୀତର କାଳ୍ପନିକ କାହାଣୀ ଯାହା ପୁରାଣମାନଙ୍କରେ ଲିପିବଦ୍ଧ ହୋଇଅଛି । Myth ଶବ୍ଦ ଗ୍ରୀକ୍ Mythos ଶବ୍ଦରୁ ଆସିଛି । ଆଜିର ଆଧୁନିକ କବିତାରେ ମିଥ୍ ମୁଖ୍ୟତଃ ପୁରାଣ ପ୍ରସଙ୍ଗ ବା ଅନୁସଙ୍ଗ ରୂପେ ବ୍ୟବହୃତ। ପ୍ରାଚ୍ୟର ରାମାୟଣ, ମହାଭାରତ କିମ୍ବା ପାଶ୍ଚାତ୍ୟ ଜଗତର ହୋମର ଙ୍କ ଓଡେଶୀ ଓ ଇଲିଆଡ ଅଜସ୍ର ମିଥ୍ ର ଗନ୍ତାଘର। ପରବର୍ତ୍ତୀ କାଳରେ Aeschylus ଙ୍କ Oresteia , Vergil ଙ୍କ Aeneid , Dante ଙ୍କ Divine Comedy, Sekspear ଙ୍କ A Midsummer Nightଙ୍କ The Tempest, Milton ଙ୍କ Paradise Lost, T.S . Eliotଙ୍କ The Weste Land ଏବଂ Goethe ଙ୍କ Faustରେ ବହୁ ମିଥ୍‌ର ସଫଳ ପ୍ରୟୋଗ ଲକ୍ଷ କରାଯାଇପାରେ।

ମିଥ୍ ମଧ୍ୟରେ ଏକ କାହାଣୀଧର୍ମିତା ବିଦ୍ୟମାନ। ଏହା ମାନବ ଜାତିର ଏକ ଅକ୍ଷୟ ସମ୍ପଦ। ଅତୀତ ଓ ବର୍ତ୍ତମାନର ସମଞ୍ଜସ୍ୟ ଓ ବିରୋଧ ଏକତ୍ର ପ୍ରକାଶିତ ହୋଇ କବିତାକୁ ଏକ ବିଚିତ୍ର ବର୍ଣ୍ଣ ବିଭାରେ ମଣ୍ଡିତ କରିଛନ୍ତି । ସଭ୍ୟତାର କ୍ରମବିକାଶ ସହିତ ମିଥ୍ ର ଉଦ୍ଭବ ଘଟିଛି । କିନ୍ତୁ ଆଦିମ କଳ୍ପନା ପ୍ରବଣ ମନ ହିଁ ମିଥ୍ ସୃଷ୍ଟିର ଗନ୍ତାଘର । ଅତୀତର ସେହି ପୁରାଣକୁ ଆଜି କବିତାରେ ବ୍ୟବହାର

କରାଯାଉଛି । ଅତୀତରେ ମିଥ୍ ଆଖ୍ୟାୟିକା, ନୀତିକଥା, ପୁରାଣକଥା ଆଦି ଅର୍ଥରେ ବ୍ୟବହୃତ ହେଉଥିଲା । ମାତ୍ର ଅଧୁନା କାବ୍ୟାନୁବୋଧକୁ ଅଭିବ୍ୟକ୍ତ କରିବା ପାଇଁ ଏହାର ପ୍ରୟୋଗ ଏକ କାବ୍ୟ କୌଶଳ । ତେବେ ଆଧୁନିକ କାବ୍ୟ କବିତାରେ ପାଶ୍ଚାତ୍ୟ କବିମାନେ ପ୍ରଥମେ ଆଧୁନିକ ଚେତନାକୁ ବ୍ୟକ୍ତ କରିବାକୁ ମିଥ୍ ର ପ୍ରୟୋଗ ଆରମ୍ଭ କଲେ। ଏ କ୍ଷେତ୍ରରେ W.B. Yeats ଏବଂ T.S. Eliotଙ୍କ ନାମ ଏକାନ୍ତ ସ୍ମରଣୀୟ ।

ଆଧୁନିକ ଚିନ୍ତା ଚେତନାକୁ ପ୍ରକାଶ କରିବାକୁ ପୁରାଣ ପ୍ରସଙ୍ଗର ଅବତାରଣା ଏକ ନିତ୍ୟ ନୈମିତ୍ତିକ କଥା। ବସ୍ତୁତଃ ମିଥ୍ ଦ୍ୱାରା କାବ୍ୟର ଅଙ୍ଗସୌଷ୍ଠବ ସୁଷମାମୟ ହୋଇଉଠେ। ପାଶ୍ଚାତ୍ୟ ସାହିତ୍ୟ ଜଗତର କବିତାଗୁଡ଼ିକରେ ବହୁ ମିଥ୍ର ସଫଳ ପ୍ରୟୋଗ ଲକ୍ଷ୍ୟ କରାଯାଏ । ଓଡ଼ିଆ ସାହିତ୍ୟର ଉନ୍ମେଷ କାଳରେ 'କଳସା ଚଉତିଶା' ଠାରୁ ଆରମ୍ଭ କରି 'କଳପୁରୁଷ' ପର୍ଯ୍ୟନ୍ତ ସର୍ବତ୍ର ମିଥ୍ ର ଜୟଜୟକାର ହୋଇଛି । ଅଧୁନା ଓଡ଼ିଆ ସାହିତ୍ୟରେ ମଧ୍ୟ ମିଥ୍ ପ୍ରୟୋଗ କ୍ଷେତ୍ରରେ ବହୁ କାବ୍ୟ ସଫଳ ହୋଇଛି । ଆଧୁନିକ ସାହିତ୍ୟରେ ରାଧାନାଥ, ସଚ୍ଚି ରାଉତରାୟ, ରମାକାନ୍ତ ରଥ, ଗୁରୁପ୍ରସାଦ ମହାନ୍ତି, ସୀତାକାନ୍ତ ମହାପାତ୍ରଙ୍କ କବିତାରେ ସଫଳ ମିଥ୍ ର ପ୍ରୟୋଗ ଲକ୍ଷ୍ୟ କରାଯାଏ।

ଗୁରୁପ୍ରସାଦ ମହାନ୍ତିଙ୍କ ' କାଳପୁରୁଷ' କବିତାରେ ଆଧୁନିକ ଯୁଗ ଯନ୍ତ୍ରଣାକୁ ରୂପ ପାଇଛି ।ଏଥିରେ ଭାଗବତର ଏକପାଦ ବୃଷଭ ଓ କଳି ଆଗମନ ପ୍ରସଙ୍ଗ ବର୍ଣ୍ଣିତ । ଆଜିର ଜୀବନ ଶ୍ରୀହୀନ। ଏକପାଦ ବୃଷଭ ପରି ସମ୍ପ୍ରତି ମନୁଷ୍ୟର ଜୀବନଯାତ୍ରା ବିଡ଼ମ୍ବିତ। କଳିର ଆଗମନ ସହିତ ଆଧୁନିକ ମଣିଷକୁ ବ୍ୟଙ୍ଗ କରାଯାଇଛି ।

'ହେ ଅକ୍ରୁର! ହେ ଉଦ୍ଧବ! ସଖା ମୋର, ପ୍ରାଣର ସୋଦର
ରୁହ ରୁହ ଛିଡ଼ା ରୁହ ପିଠିରେ ମୋ ତୁମ ପରି ବୋଝ ।'
( କାଳପୁରୁଷ - ରମାକାନ୍ତ ରଥ)

ସଚ୍ଚି ରାଉତରାୟ 'ସ୍ୱଗତ' କବିତାରେ ଯେଉଁ ମିଥ୍ ପ୍ରୟୋଗ କରିଛନ୍ତି, ତାହା ବେଶ୍ ପ୍ରାସଙ୍ଗିକ । ସାଂପ୍ରତିକ ମଣିଷ କିପରି ତାର ସାମର୍ଥ୍ୟ ଓ ବିଶ୍ୱାସକୁ ହରାଇବସିଛି, ଏହାହିଁ କବିତାର ଉପଜୀବ୍ୟ।

'ତେଣୁ ମୁଁ ତ ଭଗ୍ନଜାନୁ। ଖସିପଡେ ମୋର ରାଇଫଲ୍।
ଉଠାଇ ପାରେନା ଆଉ ଗାଣ୍ଡିବ ଯେ ହାତ ଥର ଥର ।
ହେ ମୋର ଶେଷ ଚିହ୍ନ ! ସଂଗ୍ରାମର ଶୁଭ୍ର କ୍ଷତ ସବୁ ।
ତୁମେ ମତେ ଶାନ୍ତି ଦିଅ। ଦିଅ ନିଦ୍ରା ।
ଟାଣିଦିଅ ତୁମେ ମାୟ ତନ୍ତୁ । '(ସ୍ୱଗତ - ସଚ୍ଚି ରାଉତରାୟ)

କବିବର ରାଧାନାଥ ରାୟଙ୍କ' ଚନ୍ଦ୍ରଭାଗା ' କବିତା ତାଙ୍କର ସର୍ଜନଶୀଳ ପ୍ରତିଭାର ଅନ୍ୟତମ ନିଦର୍ଶନ। ସୂର୍ଯ୍ୟଦେବଙ୍କ ଚନ୍ଦ୍ରଭାଗା ପ୍ରତି ପ୍ରେମ ଏବଂ ଏକପାର୍ଶ୍ୱିକ ପ୍ରେମ ଯୋଗୁଁ ତହିଁରେ ବିଫଳତା ହେଉଛି ଏହି କାବ୍ୟଟିର ଆଭିମୁଖ୍ୟ । ସୂର୍ଯ୍ୟଦେତା ଓ କମଦେବଙ୍କ କ୍ରୋଧ ଓ କଳି ଏଥିରେ ବର୍ଣ୍ଣିତ ।

'ଦୂର କୋପବନେ ଥରେ ତୁ ଜଳିଥିଲୁ ମଦନ
ପୁଣି ଜଳିବାକୁ ଏ ଦେହେ ପରା ବଳିଛି ମନ'
( ଚନ୍ଦ୍ରଭାଗା - ରାଧାନାଥ ରାୟ)

କବି ବେଣୁଧର ରାଉତଙ୍କ 'ବୃହନ୍ନଳା' କବିତାଟି ଏକ ଉଚ୍ଚକୋଟୀର ମିଥ୍ ଧର୍ମୀ କବିତା । ଆଜିର ମଣିଷ କିପରି ଆତ୍ମଗୋପନ କରି ବୃହନ୍ନଳା ସାଜିଛି , ତାହାହିଁ କବିତାର ମର୍ମବାଣୀ। କବି କବିତା ମାଧମରେ ଆଜିର ମଣିଷକୁ ସଚେତନ କରାଇଛନ୍ତି ନିଜର ପୌରୁଷ ଓ ମଣିଷପଣିଆକୁ ପ୍ରତିଷ୍ଠା କରିବା ପାଇଁ ।

'ହେ ମଣିଷ ଭାଇ, ଆଜିର ବୃହନ୍ନଳା,
ମଣିଷପଣ ତୁ ହୁଏତ ପାଇବୁ ଫେରି ,
ଅର୍ଜ୍ଜୁନପଣ ପାଇବୁ, ନାହିଁ ବି ଡେରି -
ବିରାଟ ଗୋଧନ ଚୋରି ଯଦି ହୁଏ କାଳେ।
କ୍ଲିବର ତିଆଗି ଗାନ ଓ ନୃତ୍ତକଳା
ଶମୀତରୁ ଦିହୁ ସେ ଦି ' ହାତେ ଆଣି ତୋ ଗୋପିତ ଧନୁଶର।
'( ବୃହନ୍ନଳା- ବେଣୁଧର ରାଉତ)

ସୀତାକାନ୍ତ ମହାପାତ୍ରଙ୍କ ' ଅଷ୍ଟପଦୀ ' କବିତା ସଂକଳନରେ ୮ ଗୋଟି ଦୀର୍ଘ କବିତା ରହିଛି ଏବଂ ଏଗୁଡ଼ିକ ପରୀକ୍ଷାମୂଳକ । ଏଥିରେ ମିଥ୍ ର ବ୍ୟବହାର ଯୋଗୁଁ କେତେକ ପରୀକ୍ଷା ନିରୀକ୍ଷା କରାଯାଇଛି । ଆଧୁନିକ ଜୀବନ କେତେ ଦୁର୍ବିସହ ତାହା ତାଂକ କବିତାରେ ବର୍ଣ୍ଣିତ । ଆଧୁନିକ କବିତାରେ ଆଧାତ୍ମିକ ଅସ୍ପୃହା ଏକ ବିଶେଷ ଲକ୍ଷଣ ।

' ହେ ଅନାଦି ଶ୍ୟାମଘନ ।
ଆଜି ତୋରି ପାଇଁ
ଦେହ, ମନ, ହୃଦୟ ସ ଆତ୍ମାର ନିଦାଘ ଶେଷେ
ରୌଦ୍ରକାଳ ନିପୀଡ଼ିତ ସମୟର ପଥଶେଷେ
ସୀମିତ , ଅପୂର୍ଣ୍ଣ, ରୁଗ୍ଣ, କୁବୁଜ୍ ପ୍ରାଣ ମରୁଶେଷେ
ସ୍ୱପ୍ନ - କ୍ଷମା କୁବୁଜା ଯେ
ଦେହ, ମନ, ହୃଦୟ ମଣ୍ଡାଇ
ବସିଅଛି ପଥ ତୋର ଚାହିଁ।
( କୁବୁଜା ପାଇଁ ଗୋଟିଏ ସଂଗୀତ - ସୀତାକାନ୍ତ ମହାପାତ୍ର)

ସୌଭାଗ୍ୟ କୁମାର ମିଶ୍ରଙ୍କ ' ବାନର ମକର କଥା ' କବିତାଟି ଲୋକକଥାର ମିଥ୍ ଉପରେ ଆଧାରିତ । ଆଜିର ସମାଜରେ ମଣିଷ ସ୍ୱାର୍ଥ ସାଧନ ନିମିତ୍ତ କିପରି ବନ୍ଧୁତାର ମୁଖା ପିନ୍ଧେ, ତାହାହିଁ କବିତାର ସନ୍ଦେଶ ।

' ତୁମେ ରୂପାର ଝଳମଲ୍ ଲାଞ୍ଜପିଟି ପାଣିରେ
ମାଡ଼ି ଆସୁଚ କୂଳ ଆଡ଼କୁ ଦେଖୁଚି
ରକ୍ତସ୍ରାବ ହେଉଛି ମୋ ଭିତରେ
ଆମେ ପରସ୍ପରକୁ ଶେଷ ଥର ପାଇଁ
ବିଶ୍ୱାସ କରିବା ମୁହୂର୍ତ୍ତ କ'ଣ ଆସିଗଲା ?
ପରସ୍ପରକୁ ସନ୍ଦେହ କରିବାର ?
ମୁଁ ଆଉ ତଳକୁ ଡେଇଁ ପାରିବିନି
ଗଛ ସମେତ ଉପାଡି ନେଇଯାଅ ।'

( ବାନର ମକର କଥା - ସୌଭାଗ୍ୟ କୁମାର ମିଶ୍ର)

ସଂପ୍ରତି ଓଡ଼ିଆ ସାହିତ୍ୟରେ ମିଥ୍ ବା ପୁରାଣକଳ୍ପନାରେ ସଫଳ ପ୍ରୟୋଗ ଲକ୍ଷ୍ୟ କରାଯାଇଥାଏ । ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ କବିତାରେ ସ୍ଥାନେ ସ୍ଥାନେ ନାୟକ - ନାୟିକାଙ୍କର ପୂର୍ବ ଜନ୍ମ ପ୍ରସଙ୍ଗରେ ପୁରାଣ କଥାର ଅବତାରଣା କରାଯାଇଛି । ମାତ୍ର ଆଧୁନିକ ଓଡ଼ିଆ କବିତାରେ ମିଥ୍ କେବଳ ପୁରାଣାଶ୍ରୟୀ ନହୋଇ କାବ୍ୟ କବିତାର ଏକ ମୁଖ୍ୟ ଅଙ୍ଗ ହୋଇପଡିଛି । ଫଳରେ ଓଡ଼ିଆ ସାହିତ୍ୟରେ ମିଥ୍ ପ୍ରୟୋଗ କ୍ଷେତ୍ରରେ ଅଧୁନା ବହୁ କାବ୍ୟ ସଫଳକାମ ହୋଇଛି ।

❖❖❖

# ନିରାଶାରେ ଆଶାରେ ଭାବ...ପ୍ରମୋଦ ସର



ISSN-2583-6978
Volume-4
Issue-10
OCTOBER-2024

**ଲିଜାରାଣୀ ପାଇଟାଳ**

**ସହକାରୀ ଗବେଷିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

ମାନବ ଜୀବନ ଅପରିଚିତ ସୂତାଖିଅରେ ପରିଚିତ ସଂସାର। ସେଇ ପରିଚିତ ଚେହେରା ଯାହାକୁ ଆମେ ପଢିବାକୁ ଅକ୍ଷମ। ସେଇ ଅନ୍ତରଙ୍ଗ ଲୁହ ଟୋପାଟି ଯାହା ଆମ ପାଇଁ ଅଚିହ୍ନା। ଏହିଭଳି ପରିସ୍ଥିତିରେ କବି ପ୍ରମୋଦ ସର ବାଢ଼ିଦେଇଛନ୍ତି "ଅପରିଚିତ ଆତ୍ମକଥା''କବିତା ପୁସ୍ତକ। ପୁସ୍ତକର ସମସ୍ତ କବିତାରେ ରହିଛି କେତେ ଅକୁହା, ଅପରିଚିତ ହୃଦୟର କଥା। ସେଇ ସ୍ମୃତି ଯାହାକେବେ ହୃଦୟ ପାଚେରୀ ଭାଙ୍ଗି ଆଗକୁ ବଢି ପାରିନି , ସେଇ ଅପ୍ରକାଶ୍ୟ ଅନୁଭବ, ଅବ୍ୟକ୍ତ ବେଦନା ତାହା ଶବ୍ଦରୂପେ କବି ପ୍ରମୋଦ ସରଙ୍କ କବିତାରେ ରୂପାୟିତ। ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ ପ୍ରମୋଦ ସର ଜଣେ ଅସାଧାରଣ କବି ପ୍ରତିଭା। ପ୍ରେମ , ନିର୍ଜନତା, ଅତୃପ୍ତି , ଅଭାବବୋଧର ଦିବ୍ୟ ହାହାକାର ଭିତରୁ କବି ସୃଷ୍ଟି କରିଛନ୍ତି କବିତାଗୁଡିକୁ। କବିତାମାନଙ୍କରେ କବିଙ୍କ ଆବେଗ ବତୁରା କବିପ୍ରାଣର କମନୀୟ ରୂପ ଦେଖିବାକୁ ମିଳେ। ଦେଖିବାକୁ ମିଳେ ଜୀବନର ଅନ୍ୟଏକ ପଥ। କବିତା ଗୁଡିକ କବିଙ୍କ କଳ୍ପନାର ଫୁଲ, କଳ୍ପନାରେ ପ୍ରେମ , ପ୍ରେମରେ ଆଶା। ସେଇ ଅଶା, ପ୍ରେମର ଅଭାବରେ ଘାରିହୁଏ କବିଟିଏ ବାରମ୍ବାର। ସେଇ ଆଶା ଜୀବନର ସଞ୍ଜିବନୀ। ସେଇ ସଞ୍ଜିବନୀକୁ କବି ଢାଳିଦେଇଛନ୍ତି ତାଙ୍କ କବିତାରେ। ଦେଖାଇଛନ୍ତି ନିରାଶ ଭିତରେ ଅଶାର ଆଲୋକ।

ଜୀବନ ନାମୀ ସଙ୍ଗୀତକୁ ସ୍ୱର ଓ ଶବ୍ଦ ଦିଏ କବି ଓ ସେଇ ଅପରିଚିତ ମୃଦୁ ମଧୁର ସ୍ୱରରେ ତାର ବୀଣା ଝଙ୍କୃତ ହୋଇଉଠେ। କେବେତାକୁ ସୂର୍ଯ୍ୟଙ୍କ କିରଣ ଶୀତଳ ଲାଗେ ତ କେବେ ପୁଣି ଚନ୍ଦ୍ରଙ୍କ ଜ୍ୟୋସ୍ନା କଣ୍ଟକିତ ଓ ଶୀତଳତାର ସେଇ କଣ୍ଟକିତ ଜ୍ୟୋସ୍ନାରେ ନିଜକୁ ଅନୁଭବି ସଜେଇବାକୁ ସେ ବ୍ୟଗ୍ର ହୋଇଉଠେ ଓ ଆଙ୍କିଦିଏ ନିରାଶ ମନରେ ଅଶାର ଚିତ୍ର ଓ ସେଇ ଚିତ୍ର ତାକୁ କବି ସଜାଏ। କବିତାତ ଅନେକ ଲେଖନ୍ତି କିନ୍ତୁ ସମସ୍ତେ ଯେ କବି ହୋଇପାରନ୍ତି ତାହା କହିବା ଅନୁଚିତ ଓ ବାସ୍ତବରେ କବିର ଜୀବନଟିଏ ବଞ୍ଚିବା , ବାସ୍ତବତାକୁ କଳ୍ପନାରେ , କଳ୍ପନାକୁ ଭାବନାରେ , ଭାବନାକୁ ଶବ୍ଦରେ ପହଞ୍ଚାଇବା ଈଶ୍ୱରଙ୍କ କରୁଣା ବିନା ଅସମ୍ଭବ ଓ ଗୋଟିଏ ବିନ୍ଦୁକୁ ଲକ୍ଷକରି ସମ୍ପୂର୍ଣ୍ଣ ପର୍ବତର ବାଖ୍ୟା କରିବା କିମ୍ବା ନଦୀଶ୍ରୋତର ଜଳଧାରାକୁ ଚାହିଁ ସମ୍ପୂର୍ଣ୍ଣ ସମୁଦ୍ରର ଗଭୀରତା ମାପିବା ହିଁ କବିତା। ଅଳସୀ ନଦୀର ତୀରେ ତୀରେ ଅଳସ ଭାଙ୍ଗୁଥିବା ଲହଡି ଯେମିତି କିଛି ପାଇବା ଆଶାରେ କୂଳ ଛୁଇଁ ଯାଉଛି ହେଲେ କିଛି ନପାଇ ହତାଶ ଭାବରେ ଫେରି ଯାଉଛି ଓ ପ୍ରତିଥର ମନରେ କେତେଆଶା ନେଇ ଆସି ନିରାଶରେ ସେ ଫେରୁଛି ହେଲେ ସେ ନୀରବ, ସେଇ ନୀରବତାର କୋଳାହଳକୁ କେବଳ କବିଟିଏ ହିଁ ବୁଝିପାରେ ଓ ସେଇ ନିରାଶାର ସ୍ୱରକୁ କବିଟିଏ ରୂପଦିଏ ତା'ର ଶବ୍ଦରେ ଓ ତୋଳିଦିଏ ଅଶାର ମନ୍ଦିର କେବେ ଫୁଲ ଉପରେ ଉଡ଼ିବୁଲୁଥିବା ସେ ଭ୍ରମରର ଗୀତକୁ, କେବେ ଅପରାହ୍ନର ସେ ଅସ୍ତସୂର୍ଯ୍ୟର ଅଳତା ଧାର ରଙ୍ଗକୁ, ମେଘୁଆ ଆକାଶର ସେ ଭଷାମେଘଖଣ୍ଡକୁ ନେଇ କବିଟିଏ ତା'ର ମାନସିକ ସ୍ତରରେ ଚିତ୍ରଟିଏ ଆଙ୍କିବସେ। ସେଇଚିତ୍ର ତା ବର୍ଣ୍ଣନାର ପ୍ରିୟତମା। ତା' ସାଥେ ମିଶି ଗାଇଚାଲେ କେତେ ଗୋପନ ସଙ୍ଗୀତ ଓ ନିରୀହ ନୀରବତାକୁ ହଜେଇଦିଏ ସନ୍ଧ୍ୟାର ମନ୍ଦିରଧ୍ୱନିରେ। ସେଇଠି ନା ଶୂନ୍ୟତା ଥାଏ ନା ବିରହ, କବିତାର କ'ଣ କେବେ ମୃତ୍ୟୁ ଥାଏ ? ସେଇ ଧ୍ୱନିରେ ସେ ଖୋଜିନିଏ ତା'ର ପ୍ରିୟତମାକୁ ଓ ମନରାଜ୍ୟରେ ତା'ର ସ୍ମୃତି ପ୍ରଜାପତିଟିଏ ହୋଇ ଉଡ଼ିବୁଲେ। ପ୍ରତିଟି ନିଶ୍ୱାସରେ ଶୂନ୍ୟତା ସେ ଶୂନ୍ୟତାରେ କବିତାର ଆଶା, ସେଇ ଆଶା ହୃଦୟେ ସଞ୍ଚାରେ ନିବିଡ଼ତା ଓ ସକାଳ କିରଣର ସୁନେଲି ରଙ୍ଗରେ, ସମିରଣର ପ୍ରତିଟି ସ୍ପର୍ଶରେ, ଶିଶିରର ପ୍ରତିଟି ବୁନ୍ଦାରେ, ପକ୍ଷୀର କାକଳୀ ଅବା ଭ୍ରମର ଗୁଞ୍ଜନରେ, ମଉଳା ଫୁଲର ବାସ୍ନାରେ, ସ୍ୱପ୍ନାୟିତ ଆଖିରେ ସେ ଅନୁଭବୀ ସାଜେ ଓ ଶୂନ୍ୟତାର ମରୁଭୂମିରେ ସେ ଅଶାର ମଞ୍ଜିବୁଣି ଅନୁଭବ କରେ କୁସୁମର ବାସ୍ନାକୁ, ଅନୁଭବ କରେ ପ୍ରିୟତମାର

ସ୍ପର୍ଶକୁ , ଗନ୍ଧବାହ ସ୍ପର୍ଶରେ। ଜୀବନର ପ୍ରତିଟି ନିଃଶ୍ୱାସରେ ତୋଳିଧରେ ପ୍ରିୟତମାକୁ, ତେବେ ସେ ବିରହରେ ଶୂନ୍ୟତା କାହିଁ? କବିଙ୍କ ଭାଷାରେ –

"ଆମ ବିରହରେ ଶୂନ୍ୟତା କାହିଁ ପ୍ରିୟତମା
କବିତାର ପୁଣି ମୃତ୍ୟୁ କାହିଁ !
କେଉଁଠି ବା ନାହଁ ତମେ
ବର୍ଣ୍ଣମୟ ସକାଳର ସଂଯତ ଦୁଆରେ
ଗୋପନ ଦେବତାଟିର ଅନ୍ଧ ଅଭିସାରେ
ମଉଳା ଫୁଲର ତାତି
ନିଶୂନ ଘରର ଛାତି
ସନ୍ଧ୍ୟାର ଏକଲା ଗୀତି
ଆତ୍ମାର ସବୁଜ କ୍ଷିତି
ସ୍ୱପ୍ନାୟିତ ରାତିଟିର ଶ୍ୱାସରେ ଶରୀର
ଆମ ସୁବାସିତ ଶୂନ୍ୟତାର ଶେଷ କୋଠରିରେ ଓ
(ପ୍ରଗଲ୍‌ଭ ଶୂନ୍ୟତା)"

ଅଗନାଅଗନି ବନସ୍ତରେ ଥିବା ଅପରିଚିତ ଝରଣାର ନୀଳ ସୀମାନ୍ତରେ ଅଶାର ମଞ୍ଜିବୁଣି ଦୂରତାକୁ ସାନ୍ତ୍ୱନା ଦିଏ କବି। ଜୀବନର ଅନ୍ଧକୂପ ମଧ୍ୟରେ ପଡିଥିବା ବେଙ୍ଗୁଲିର କେଁ କଟର ଶବ୍ଦରେ ଯେ ସେ ତାର ଦୁନିଆ ଦେଖିବାର ଆଶା ପ୍ରକାଶ କରେ, ତାକୁ କେବଳ କବିଟିଏ ହିଁ ବୁଝିପାରେ। ବୁଝିପାରେ ସେଇ ଶବ୍ଦ କେଉଁଏ ଯାହା ନିର୍ଜନତାର ଓଠରୁ ଫୁଟି ପାରୁନଥାଏ। ସେଇ କଢ଼ିକୁ ଫୁଟାଇବାର ଆଶା ହେଉଛି କବିତା। ବଞ୍ଚିବାର ରାହା ଦେଖାଏ କବିତା। ଆଖିରୁ ଝରିପଡିଥିବା ଉଷ୍ଣଜଳଧାରାକୁ ମୋତିମାଳାରେ ପରିଣତ କରିବାର କଳା ଶିଖାଏ କବିତା।ଅଶାର ନିରିହ ମୁଦା ଆଖିରୁ ନିରାଶାକୁ ଫିଙ୍ଗିବାର ଗୀତଟିଏ ହେଉଛି କବିତା।

କବି ବର୍ଣ୍ଣନା କରିଛନ୍ତି –

"ମହାକାଳ ଭଉଁରୀ ଭିତରେ
କବିତା ଆମକୁ ରାହା ଦେଖାଏ ବନ୍ଧୁ
କାନ୍ଦିପାରିବାର ଛନ୍ଦ ଶିଖାଏ
ଅଧରାତିରେ ଅଲରା ନିଦରୁ ଉଠି
ପିଲାଦିନକୁ
ଡାକିପାରିବାର ଭାଷା ଶିଖାଏ
ଅଜଣା ଅଶୁଣା ଜଙ୍ଗଲି ଛକରେ
ପରସ୍ପରକୁ ଭେଟି
ହସି ପାରିବାର ସାହସ ଶିଖାଏ
ଆଗକୁ ଆଗକୁ
ଚାଲିବାର ସ୍ୱପ୍ନ ଶିଖାଏ .....
(କବିତାର ଅଭିମାନ)"

ନିର୍ଜନ ଶିଶିର ବିନ୍ଦୁରେ ପଡିଥିବା ସୂର୍ଯ୍ୟର ସେ ଚିକ୍‌ଚିକ୍ କିରଣକୁ କବିଟିଏ ରତ୍ନ-ହୀରା-ମୋତି କାହିଁ କେତେ ଅମୂଲ୍ୟ ପଦାର୍ଥ ସହ ତୁଳନା କରିବସେ। ସେଇ ଅମୂଲ୍ୟ ମାଳାକୁ ସେ ସଜେଇଦିଏ ତାର ଭାବନାରେ, ଅଶାର ନାୟିକା ସାଦୃଶ୍ୟ। ସେଇ ଭାବନା, ଆଶା ହେଉଛି ତା'ର ପ୍ରେମ। ପ୍ରେମ – ନିଃସ୍ୱାର୍ଥ, ସ୍ୱର୍ଗୀୟ, ଶାଶ୍ୱତ, ସେଇ ପ୍ରେମ ନିରାଶାରେ ଅଶାର ମଞ୍ଜି ବୁଣିଦିଏ। ଯଦି ପ୍ରେମରେ ଆଶା ନଥାଏ ତେବେ ପ୍ରେମ ଅବାଞ୍ଛିତ ବୋଝପରି ବୋଧ ହୁଏ। '' ଆଶା'' ଯିଏ ଜୀବନ ବଞ୍ଚିବାକୁ ଯୋଗାଏ ସ୍ପନ୍ଦନ , ଜୀଇଁବାର ଇଚ୍ଛା ବଢାଏ। ସେଇ ନିରାଶାରେ ଆଶାଟିକକ ଝଲକାଇ କବି ସର କହିଛନ୍ତି –

"ଲହୁଲୁହାଣ ହୋଇ ଗୋଟାଇ ଥିବା
ଉପଳଖଣ୍ଡରୁ ଉଦାସ ଖୋଜନାହିଁ ।
ଛପିଛପିକା ମେଘ ଉହାଢ଼ରୁ
ସେ ଡାକିବ ହିଁ ଡ଼ାକିବ
ପ୍ରତୀଚୀର ଟିକା ପିନ୍ଧିଦେଇ
ତୁମେ ଆଗକୁ ଆଗକୁ ଚାଲିବ....
(ଶ୍ରାବଣୀ ଜହ୍ନର ଡାକ)"

ଜୀବନର ଅନ୍ୟ ଏକ ସତ୍ୟକୁ କବି ଦର୍ଶାଇଛନ୍ତି 'ହଜିଯାଇଥିବା ଲୋକଟିର ଗୀତ' କବିତାରେ। ପ୍ରେମରେ ଆଶା ଅନ୍ଧକାରର ଦୀପଶିଖା ସଦୃଶ୍ୟ। ସେଇ ଶିଖାର ରଶ୍ମି ନିରାଶାର ଅଗାଧ ଜଳରୁ ଆଶାକୁ ଶାମୁକା ସାଦୃଶ୍ୟ ଗୋଟାଇ ଆଣେ। ତାକୁ ଭରସାକରି ଆମେ ଜୀବନ ବଞ୍ଚିପାରୁ । ଜୀବନର କଣ୍ଟକିତ ପଥରେ ନିଜର ଚଲାପଥ ନିଜକୁ ଖୋଜିବାକୁ ପଡେ। ସେଇ କଣ୍ଟକିତ ପଥରେ ପାଦଥାପି କୋମଳ ପୁଷ୍ପ ସାଦୃଶ୍ୟ ତାକୁ ସଜେଇବାକୁ ପଡେ । କେବେକେବେ ମେଘାସ୍ଥି ମଧ୍ୟ ଶରୀରକୁ କ୍ଷତାକ୍ତ କରେ। ହେଲେ ସମୟ ଆଳରେ ସେ ନିଜକୁ ସମର୍ପିଦିଏ ଆଦିତ୍ୟ ପାଦପଦ୍ମରେ। ସମାହିତ କରିନିଏ ନିଜକୁ ଜଳ ସ୍ରୋତରେ। ତେଣୁ କାହାଉପରେ ଅଭିମାନ ନକରି ନିଜର ପଥକୁ ନିଜକୁ ସୁଗମ କରିବାକୁ କବି କହିଛନ୍ତି –

"କାହା ଉପରେ ଅଭିମାନ କରିଛୁ ପକ୍ଷୀମୋର।
କେଉଁ ଦୁଃଖରେ
ଭୁଲିଯାଇଛୁ ଘର
କେଉଁ ଭୟରେ
ଗାଇପାରୁନୁ ଗୀତ
ଏଡ଼େ ଘନଘୋର ମେଘ ରାତିରେ
କଟାଉଛୁ ଉନିଦ୍ର ପ୍ରହର"

ଯେତେ ମାନ – ଅଭିମାନ – ଅଭିଯୋଗ – କୋଳାହଳ – ପରିଚତ – ଅପରିଚିତ ନିର୍ଜନତାରେ ହାରିଥିଲେ ମଧ୍ୟ ନୂଆକରି ଗଢିବାର ସ୍ୱପ୍ନ ହିଁ ଜୀବନର ଆଲୋକ। ନିଜ ପାପୁଲିରେ ଥିବା

ଅସୀମିତ ଅନ୍ଧାରକୁ ସେଇ ସ୍ୱପ୍ନର ଆଲୋକରେ ଆଲୋକିତ କରିବାରେ, ଭାଙ୍ଗିବାରେ ସେ ଦେଖିପାରେ ନୂଆକରି ଗଢ଼ିବାର ଚିତ୍ର ।

"ଏଣିକି ପକ୍ଷୀ
ନିଜେ ନିଜର ଲୁହ ପୋଛିଦିଏ
ଅଧାଭାଙ୍ଗି ନଇଁ ପଡ଼ିଥିବା ବସା ଭିତରେ
ଆଖି ମୁଦିଦିଏ ....
ହାରିଯାଇଥିବା ଦୁଃଖରେ - କ୍ଲାନ୍ତିରେ
ନୂଆକରି ଉଡ଼ିପାରିବାର ସ୍ୱପ୍ନରେ - ସରାଗରେ ।"

ସୂର୍ଯ୍ୟଙ୍କର ପହିଲି କିରଣ ଜୀବନ ବଞ୍ଚିବାର ନୂଆ ଆଶା ନେଇଆସେ । ଜୀବନ ଏକ ପୁରୁଣା ପୃଷ୍ଠାନୁହେଁ, କବି ଦର୍ଶାଇଛନ୍ତି ଜୀବନର ପ୍ରତିଟି ସୂର୍ଯ୍ୟୋଦୟ ନୂଆବୀଜ ବୁଣୁଥିବା ଅନନ୍ତ ଆରମ୍ଭଟିଏ । କଣ୍ଟକିତ ପଥରେ ଚାଲି ହୋଇଥିବା ଆମର ଅସହାୟ କ୍ଷତ, ନିରୀହତମ ସ୍ୱପ୍ନକୁ ଦେଇଥିବା ପ୍ରତିଶୃତିକୁ - କ୍ଲାନ୍ତିହୀନ କୁହୁଟିଏ ଦେବାର ଆଶା ନେଇଆସେ ସୁନେଲି କିରଣ । ସେଇ କିରଣରେ ନଥାଏ ଅଭିଯୋଗ ନଥାଏ କ୍ଲାନ୍ତି । ଘାସର କାକର୍ ବୁନ୍ଦା, ଫୁଲଙ୍କର ଖିଲିଖିଲି ହସରେ ସକାଳ ବୀଜବୁଣେ ସଫେଦ ରଙ୍ଗର ପୃଷ୍ଠାର । ଦେଖାଏ ନୂଆ ଜୀବନ ବଞ୍ଚିବାର ଆଶା । କବିସର ସନ୍ଧ୍ୟାରେ ନିଜକୁ ସମର୍ପି ସକାଳକୁ କରିଛନ୍ତି ନିମନ୍ତ୍ରଣ । ଆକାଶର ସୁନେଲି ସାନ୍ତ୍ୱନାରେ ସ୍ୱପ୍ନର ଶୃଙ୍ଖଳା ଅବସୋସକୁ ନଖୋଜିବାର ସ୍ୱର ଶୁଭେ କବିଙ୍କ ଉକ୍ତିରେ-

"ନା
ଫୁଟିଥିବା ଫୁଲପରି ନିଷ୍ପାପ ସକାଳଟିକୁ
ଉଜାଡ଼ିଦେବା ନାହିଁ
ପକ୍ଷୀ ପରି ଆତ୍ମା ପରି ସ୍ୱପ୍ନ ପରି ନିର୍ମଳ ପବନଟିକୁ
ଫେରାଇ ଦେବା ନାହିଁ
ଗତ ରାତିର କ୍ରୋଧ ଅଭିଯୋଗ
ଆଜି ଖୋଜିବା ନାହିଁ ।
(ନିଷ୍ପାପ ସକାଳ)"

ଜୀବନର ପ୍ରତିଟି ସୋପାନରେ କବି କବିତାକୁ ଅନୁଭବ କରିଛନ୍ତି । ବର୍ଷାଢଙ୍କା ବାଦଲ ଖଣ୍ଡରୁ ନିର୍ଗତ ସାମାନ୍ୟ ସୂର୍ଯ୍ୟାଲୋକକୁ ଦେଖି ସୁନାରପର୍ଦା ବୋଲି ଭାବି ଦୁଃଖର ଶୋଭାଯାତ୍ରାଠାରୁ ସେଇ ସାମାନ୍ୟ ଆଲୋକକୁ ଅର୍ଥପୂର୍ଣ୍ଣ ଶବ୍ଦଦେଇ କବି ସମର୍ପଣ ଭାବନେଇ ଗାଇଛନ୍ତି ନିମନ୍ତ୍ରଣର ସଙ୍ଗୀତ -

"ଅଦୃଶ୍ୟ ଓ ଉଦାସୀନ
ଇଶ୍ୱର ସାଜିବା ଠାରୁ
କେତେ ଭଲ ନୁହେଁ
ନିରର୍ଥକ ଶବ୍ଦ ନେଇ
ଅର୍ଥପୂର୍ଣ୍ଣ ଖେଳରେ ମାତିବା ।
(ନିମନ୍ତ୍ରଣ)"

ଜୀବନ ନାମୀ ନିରୀହ ନଈ କୂଳରେ ଆମେ ଆତ୍ମୀୟତାର ପବନ ସାଉଁଟୁ । ଜୀବନ ଏକ ଦର୍ପଣ ଯେଉଁଥିରେ ଚିତ୍ରିତ ହୋଇରହେ ଆଲିଙ୍ଗନର ନୀରବତା । ସେଇ ନୀରବତାର ବାଲିଘରକୁ ଦୁଃସ୍ୱପ୍ନର ବିଭୀଷିକାରୁ ରକ୍ଷା କରିବାକୁ ଗଲାବେଳେ ଜୀବନରେ ଖୋଲେ ଏକ ଗୋପନ ଦ୍ୱାର 'କବିତା' । ସେଇ ନିରର୍ଥକ ଶବ୍ଦରେ ମନ୍ଦିର ଗଢ଼ୁଗଢ଼ୁ ପାଲଟେ ଶ୍ରୀମନ୍ଦିର । ଜୀବନରେ ସଞ୍ଚାରିଦିଏ ବଞ୍ଚିବାର ଆଶା । ଜୀବନର ଅନେକ ଅକୁହା କଥା ସବୁ ସେଇ ମନ୍ଦିରର ଦେବତା । ସେଇ ମନ୍ଦିର କବିତାର ଘର । ପରିଚିତ ବର୍ଣ୍ଣମାଳାର ଗୋପନ ସଂଳାପ, ସ୍ୱପ୍ନିଳ ନୀରବତା, ସରଳ ଅଭିଳାଷ ଯାହା ଶୀତଳ ରକ୍ତରେ ସମର୍ପଣ । ରକ୍ତଝରା ହୃଦୟ ଯାହା ନିର୍ଜନତାର ଆଳରେ ଗୁମୁରି ଗୁମୁରି କାନ୍ଦିଉଠେ, ହୃଦୟର ସଞ୍ଚିତ କୋହକୁ କବି ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି -

"ଜୀବନ ତ ଏମିତି
ଅନେକ ଅକୁହା କଥାର ଘର
ଅନେକ ଗୋପନ ନିଶ୍ୱାସର ନୀରବ ନଗର !
(ସଞ୍ଚିତ ସଂଭ୍ରମ)"

ଶବ୍ଦ ଓ କବିତା ଏପରି ଆଶା ଯିଏ ଲହୁଲୁହାଣ ନିରବତାକୁ ନକ୍ଷତ୍ରଙ୍କ ସ୍ୱପ୍ନ ଡେଇଁ ରଙ୍ଗିନ କରେ, ରଙ୍ଗିନ୍ କରେ ଆମର ଅବ୍ୟକ୍ତ ଅଭିମାନକୁ । ଯେଉଁ ଅଭିମାନର ଜାଲରେ ଆମେ ନିଜେ ନିଜକୁ ଛନ୍ଦି ଦେଖି ଚାଲନ୍ତି ନିରୀହ ଅଦ୍ଭୁତ ନୀଳିମା । ଅଭିମାନ, ସ୍ୱାଭିମାନ, ସମର୍ପଣର ସତମିଛ ଗୀତହିଁ ଆମ ଦୁଃଖର ଭରଣା । ହୋଇପାରେ ସତମିଛ ଦୁହେଁ ଆମର ଅପ୍ରାପ୍ତି । ଦୁହେଁ ବାଟର ସାଥି । ସେଇ ବାଟରେ ପଡ଼ିରହିଛି ଅସରନ୍ତି ରଙ୍ଗିନ୍ କବିତା । ଯାହା ନିଜକୁ ନିଜେ ଗାଇପାରିବାର ଭାଷା ଶିଖାଏ । ଶିଖାଏ ଉଆଁସୀ ଭରସା ଯାହା ସରଳ କରେ ନିର୍ଜନତା । ସେଇ ନିର୍ଜନତା ଯାହା ଚିହ୍ନାଏ ସରଳତମ ସତ୍ୟଟିର ନିରୀହତା । ସେଇ ନିରୀହତା ଆଙ୍କିଦିଏ ଜୀବନରେ ଅସରନ୍ତି ରଙ୍ଗିନ୍ କବିତା । ସେ କବିତା ରିମଝିମ ରକ୍ତର ଗୋପନ ପରିଭାଷା । ଗୋପନତମ ଲୁହର ନିଃଶବ୍ଦ ନିଃଶ୍ୱାସ । ଜୀବନ ବଞ୍ଚିବାର ପବିତ୍ର ନିରୀହ ଅଧିକାର । ଜୀବନର ଅନେକ ନିରାଶା ମଧ୍ୟରେ ଆଶାଟିଏ "ଭିନ୍ନ ଏକ ସକାଳର ଝିଅ" । କବିତାର ଅନେକ ପଙ୍କ୍ତିରେ କବି ଚାହିଁଛନ୍ତି ଝିଅଠାରୁ ଆଶା ଓ ଆଶ୍ୱାସନା । ସୈନିକଟିଏ ସାଜିବାକୁ କରିଛନ୍ତି ଆହ୍ୱାନ -

ସନ୍ତ୍ରାସିଟିଏ ନୁହେଁ
ସୈନିକ ଟିଏ ହେବୁ ।

ମାଗୁଛନ୍ତି ପ୍ରତିଶୃତି । ହଜି ଯାଇଥିବା ଶବ୍ଦର ଛନ୍ଦ ଭିତରେ ଫେରି ପାଇବାର ଆଶା ଟିକକ ।

ପରାଜୟର ଗ୍ଳାନିରେ ସଢ଼ିବୁ ନାହିଁ ମା -
ତୁଷାରାର ଘନ ଅନ୍ଧାରରେ ଅବିରାମ ଜଳୁଥିବା
ନୀଳ ଦୀପଟିକୁ ସଂବୋଧି ଶିଖିବୁ
ମୃତ ବରଫର ଅମର ଆତ୍ମାକୁ ନେଇ
କାରଗିଲରୁ ବି କବିତା ଲେଖିବୁ ।"

ଭରିଦେଇଛନ୍ତି ଝିଅ ମନରେ ଦୃଢ ବିଶ୍ୱାସ । ଶିଖାଇଛନ୍ତି ନିରାଶା ଭିତରେ ଅଶାର ସଞ୍ଚାର । ଅନ୍ଧାରରେ ଫୁଟିଥିବା ସେଇ ସୁନା ରଙ୍ଗର ସୂର୍ଯ୍ୟକୁ ତୋଳିପାରିବାର ଦୃଢବିଶ୍ୱାସ ଦେଇଛନ୍ତି କବିସର ଝିଅ ହାତରେ ।

"ବିଶ୍ୱାସ ରଖିବୁ
ସେଇ ରକ୍ତ ଦିନେ ଫୁଲ ହୋଇ ଫୁଟିବ
ଦରନଙ୍ଗଳା ଯୀଶୁଟିଏ ଶ୍ୱେତହସ୍ତୀର ସ୍ୱପ୍ନ ଦେଖିବ
ସନ୍ତ୍ରାସର ହାତ ବିଧବା ଆକାଶର ଦୀପ ଜାଳିବ ।"

କବି ଝିଅକୁ ବୁଝାଇଛନ୍ତି ଜୀବନର ଛନ୍ଦ । ବୁଝାଇଛନ୍ତି ଜୀବନରେ ଦୁଃଖ ଓ ନିର୍ଜନତା । ସେ ନିର୍ଜନତା ଜୀବନରେ ନିରାଶ ନୁହେଁ । ନିର୍ଜନତାରେ ଲୁଚି ରହିଥାଏ ଜୀବନର ଭାଷା । ସେଇ ନିର୍ଜନତା ହୋଇପାରେ ନିସ୍ତବ୍ଧ, ନିଶ୍ଚଳ । ହେଲେ ଶିଖାଏ ନିଜକୁ ଚିହ୍ନିବାର ଭାଷା । ଶିଖାଏ ଅଜଣା ଆତ୍ମାକୁ ଖୋଜିବାର ଭାଷା , ଦିଏ ଅଜଣା ଗୀତକୁ ଗାଇବାର ଛନ୍ଦ । ସେଇ ନୀରବତାର ବଂଶୀ ଗାଇପାରେ ସବୁଜ କବିତା -

"ଦୁଃଖ ହିଁ ଆମକୁ ଶିଖାଇ ପାରେ
ଗୀତ ଗାଇବାର ଛନ୍ଦ
ଦେଖିବୁ -
ଦୁଃଖର ଗୀତ କେତେ ସୁନା ସକାଳର ସ୍ୱର ଦେଇପାରେ
ନିର୍ଜନତାର ନୀରବତା
କେତେ ମୁଖରିତ ମୁହୂର୍ତ୍ତର ଭାଷା ଦେଇପାରେ"

ଲେଖକ ପୁଣି ବୁଝାଇ କହିଛନ୍ତି ଝିଅକୁ ସ୍ନେହ , କ୍ଷମା ତିତିକ୍ଷାରେ ଜୀବନରେ ଥିବା ନିରାଶାକୁ ଆଶାରେ ବାନ୍ଧିବା ଶିଖିବୁ । କ୍ରୋଧ ନୁହେଁ ସଭିଙ୍କୁ ପ୍ରେମର ଭାଷା ଶିଖେଇବୁ -

"ଖରାରେ ବର୍ଷାରେ ଶୀତରେ ସୋହାଗରେ
ଭିଜିବା ଶିଖିବୁ
ଲୁହରେ ଲହୁରେ ସ୍ୱେଦରେ ସୋହାଗରେ
ବିଷ ପି ଅମୃତ ବାଣ୍ଟିବୁ"

ଲେଖକ କର ଝିଅକୁ ବୁଝାଇ କହିଛନ୍ତି । କାହାରି କଥାକୁ ନଶୁଣି କାମ କରିବାକୁ ହେବ । କୌଣସି ନିନ୍ଦା ଓ ପ୍ରଶସ୍ତିରେ ପୁଲକିତ ନହୋଇ ତୁ ତୋ ପୃଥୀ ବାନ୍ଧିବୁ । କାହାରି କଥାରେ ତୁ ନଭାଙ୍ଗି ମହାପ୍ରଳୟର ଦ୍ୱାର ଦେଶରେ ବହିଯାଉଥିବା ଛନ୍ଦକୁ ତୋଳି ନୂଆ ଗୀତଟିଏ ଗାଇବୁ । ଭାଙ୍ଗି ଯାଇଥିବା ଗଛଡାଳର କାହାଣୀ ଶୁଣିବୁ -

"ନୂଆ ଜନ୍ମରେ ବିଶ୍ୱାସ ରଖିବୁ -
ଭାସିଯାଇଥିବା କଢ଼ଟିକୁ ତୋଳି ଆଣି
କାନ୍ଦୁଥିବା ଗଛ ଡାଳେ ଫୁଟିବାକୁ ଦେବୁ
ଅନାଥ ଶାବକଟିର ବସା ବାନ୍ଧିଦେବୁ
ଅପରାଜେୟ ଜୀବନର କ୍ଳାନ୍ତିହୀନ କାହାଣୀ ଶୁଣିବୁ"

କାହାକୁ ଅପେକ୍ଷା ନକରି ନିଜ ଆଦିମ ଅନ୍ଧାର ରାସ୍ତାରେ ନୀଳଶୁଭ୍ର ଜ୍ୟୋତିଟିଏ ଜାଳିବୁ । ଜୀବନର ସକାଳକୁ ନିଜେ ଚିହ୍ନିବୁ । ସୁନେଲି ପଂକ୍ତିରେ ନିଜ କଥା ନିଜେ ଲେଖିବୁ । କ୍ଳାନ୍ତିରେ ନଶୋଇ ସିନ୍ଦୁରିତ ଶୁଭ ସୂର୍ଯ୍ୟୋଦୟରେ ଗୀତ ଗାଇବୁ । କବିଙ୍କ ହୃଦୟକୁ ବ୍ୟଥିତ କରେ ପୃଥିବୀର ଦୁଃଖ , ଶୋକ । ସେଇ ଅମାଅନ୍ଧାର ଦୁଃଖରେ ଦିବ୍ୟ ଆଲୋକର ପ୍ରଦୀପ 'କବିତା' । କବିତା କଅଁଳ ସୂର୍ଯ୍ୟର ଗୀତ । ସେଇ ଗୀତ କରେ ମୃତ ଦେହରେ ପ୍ରାଣ ସଞ୍ଚାର । କବିତାର ଆତ୍ମା ଜହ୍ନପରି ସ୍ୱପ୍ନିଳ । ସେଇ ସ୍ୱପ୍ନ ମରୁଭୂମିକୁ କରିଦିଏ ଶଷ୍ୟଶ୍ୟାମଳା । - କବିଙ୍କ ଉକ୍ତିରେ

କବି ହ ନ ହ
କବିତାଟିଏ ହେବୁ ମା କବିତାଟିଏ ହେବୁ ।

ଜୀବନ ନିରୀହ ନିଦାରୁଣ ସ୍ୱପ୍ନର ଛାଇ ଆଲୁଅ ଖେଳ, ବର୍ଷାଧୁଆ ଜହ୍ନ ରାତିଟି ପରି । କେବେ ଢେଉସାଜି ନୀଳ ସମୁଦ୍ରରେ ମିଶେ କେବେ ନୂଆ ବେଶ ପିନ୍ଧି ନୀରବ ଅଭିସାରର ପଥଖୋଜେ । କବି ଝିଅର ଆତ୍ମବିଶ୍ୱାସ ବଢ଼ାଇ ଉପଦେଶ ଦେଇ କହିଛନ୍ତି -

"ଫୁଲ ଝଡ଼େ - ଭାଷା ସରିଯାଏ
ଶବ୍ଦ ଅକାରଣ ବାରଣ ନ ମାନି
ନିଜ ଆତ୍ମାର ଡାକ ଶୁଣେ
ଗୋପନ ବଂଶୀର ସ୍ୱର ଶୁଣେ
ଆପଣାକୁ ଖୋଜେ
ନୀରବତାକୁ ଖୋଜେ"

ଆଶାର ଅନ୍ୟନାମ ସ୍ୱପ୍ନ । ଜୀବନରେ ଅଶାର ଆଲୋକକୁ ଯେତେବେଳେ ନିରାଶର କଳାବାଦଲ ଘେରିଯାଏ ସେତେବେଳେ ଜୀବନ ବଞ୍ଚିବାର ନିର୍ମଳ ଅନ୍ଧକାରକୁ ଦୂର କରିବାର ପ୍ରାର୍ଥନା ଶିଖାଏ ସ୍ୱପ୍ନ । ସେଇ ସ୍ୱପ୍ନ ରୂପକ ଆଶାକୁ ଆଖିର ମରୁଭୂମିରେ ବୁଣି ମୁଁ ଅପେକ୍ଷା କରେ କେବେସେଇ ନିରବ ଅନ୍ଧକାରକୁ ଚିରି ଓଠ ଧାରରେ ସୂର୍ଯ୍ୟଙ୍କ ସୁନେଲି କିରଣର ଧାର ଛୁଟିବ, କେବେ ସେଇ ଭାସିଲା ବଉଦ ଭିତରୁ ବର୍ଷା ତୁମ ଖବର ନେଇ ଝରିଯିବ -

"ତୁମେ ଆସିବ ନାହିଁ
ଏକଥା ମୁଁ ଜାଣି ବି ଅପେକ୍ଷା କରେ ।"

ମୋର ବିଶ୍ୱାସ ତୁମେ ଆସିବ । ଅଶାର ପ୍ରଥମ ବିନ୍ଦୁରେ ନହେଲେ ବି ଶେଷ ବିନ୍ଦୁରେ ଭେଦିବ ତୁମ ଶରୀର । ସାଗରର

ଶେଷ ଢେଉସାଥେ ଆସି ତୁମେ ଛୁଇଁଯିବ ମତେ। ଜାଳିଦେବ ପ୍ରଦୀପର ଶିଖା। ଜିଇଁବାର ନିରାଶା ଭିତରେ ଭରିଦେବ ବଞ୍ଚିବାର କୁହୁକ ମନ୍ତ୍ର।

"ଜହ୍ନର ଝରା ଫଗୁଣରେ ନ ହେଲେ ବି
ପାହାନ୍ତାର ପ୍ରଥମ ଅନ୍ଧାରରେ
ତମେ ତାରା ହୋଇ ଆସିବ ପ୍ରିୟତମା !
ପ୍ରଦୀପର ଶେଷ ଶିଖାରେ
ସ୍ୱପ୍ନ ହୋଇ , ଲୁହହୋଇ ତମେ ଆସିବ !"

ତୁମ ଭିତରେ ମୁଁ ଦେଖିବି ମତେ। ତୁମ ଆଗମନରେ ଇଚ୍ଛାମାନଙ୍କ ଆୟୁରେ ବୋଳିହୋଇ ଯାଉଛି 'ବସନ୍ତ'। ସେଇ ବସନ୍ତର ବଉଳ ଜୀବନର ଶେଷସତ୍ୟ। ସେଇ ସତ୍ୟ ଯେତେବେଳେ ମୋର ନିକଟତମ ହେବ ଭରିଯିବ ମୋ କଳ୍ପିତ ସ୍ୱପ୍ନରେ ଖୁସି , ମୁକ୍ତି, ସ୍ୱାଦ। ଖେଳିଯିବ ବଞ୍ଚିବାର ମେଞ୍ଚାଏ ପବନ।

"ବାଡ଼ିପଟୁ ଜହ୍ନର ଗୀତ ଶୁଭିବ
ଚୁପଚାପ ମୋ କାନ ପାଖରେ
ଜିଇଁବାର ନିଶା ଭରିଦେବ"

କଳ୍ପନାରେ ମନ ଉଡ଼ିବୁଲେ ସ୍ୱପ୍ନ ରାଇଜେ। ଖୋଜେ ମରୁଭୂମିରେ ପୁଷ୍ପିତ ଉଦ୍ୟାନ । ସେଇ ଉଦ୍ୟାନ ଆମର ସ୍ୱପ୍ନ। ସ୍ୱପ୍ନ ବଞ୍ଚିବାର ଆଶା। ସେଇ ଆଶା ଜୀବନରେ ଭରେ ଆବେଗ। କବି ପ୍ରମୋଦ ସର ସେଇ ସ୍ୱପ୍ନକୁ ତୋଳିଛନ୍ତି ସମସ୍ତ ପଂକ୍ତିରେ। ତାଙ୍କ କବିତାମାନଙ୍କ ଭିତରେ ଆମେ ଭେଟିଛୁ ରବି ଠାକୁରଙ୍କୁ , ମାନସିଂହଙ୍କୁ, ଓ୍ୱାର୍ଡସଓ୍ୱାର୍ଥଙ୍କୁ, କାମ୍ୟୁଙ୍କୁ ମଧ୍ୟ। କଳ୍ପନାରେ ଥିବା ସେଇ ଗୋପନ ଇଚ୍ଛାକୁ ଦୂର ପାହାଡକୁ, ଶ୍ୟାମଳ ସତ୍ୟଟି ସଦୃଶ୍ୟ କବି ବର୍ଣ୍ଣନା କରିଛନ୍ତି । 'ଆଶାବାଦ' ତାଙ୍କ କବିତାର ମୁଖ୍ୟସ୍ୱର। ନିରାଶା ଗର୍ଭରୁ ସେ ସାଉଁଟିଛନ୍ତି ଅଶାର ମଉଳା ପୁଷ୍ପ। ସେଇ ପୁଷ୍ପକୁ ସଜେଇଛନ୍ତି ତାଙ୍କ ଶବ୍ଦ ମନ୍ଦିରେ। ସେଇ ମନ୍ଦିରେ ସେ ସଜେଇଛନ୍ତି ଜୀବନର ପ୍ରତିଟି ସୂକ୍ଷ୍ମାତିସୂକ୍ଷ୍ମ ନିର୍ଜନତା। କେଉଁ ଏକ ଦିବ୍ୟ ଜଗତରୁ ତୋଳିଛନ୍ତି ଶବ୍ଦପୁଞ୍ଜ। ଆଶାଭରା, କୋହଭରା ତାଙ୍କ କବିତା ଗୁଡ଼ିକ ନିସ୍ତବ୍ଧ ପ୍ରାଣରେ ଢ଼ାଳିଦେବ ଅମୃତର ଶୀତଳତା। ସେଇ ଶୀତଳତାର ଝରଣାରେ ପାଦ ବୁଡାଇ ପାଠକ ପହଞ୍ଚିବ ଅଶାର ଏକ ସୁନେଲି ଜଗତରେ। ସ୍ୱପ୍ନମୟ , ଆଶାମୟ ସେଇ ଜଗତରୁ ଫେରିବା ପାଠକ ପକ୍ଷେ କଷ୍ଟସାଧ୍ୟ।

କବିତାମାନଙ୍କରେ କବି ଦେଖାଇଛନ୍ତି ନୂଆକରି ବଞ୍ଚିବାର ଆଶା। ପୁରୁଣା ଉଦାସର ଛାଇ ଭୁଲି ନିଜକୁ ନୂଆକରି ଗଢ଼ିବାର ଆଶା। କବି କହିଛନ୍ତି ପ୍ରେମ, ପାପ, ଭାଷା, ଧର୍ମ ପରିଶେଷରେ ନିଜ ଭିତରକୁ ଚାହଁ, ମେଘ ପଛରେ ତାରାହୋଇ ବଞ୍ଚିଛି ସର୍ତ୍ତହୀନ ପ୍ରେମ। ସେଇ ଆମ ଆତ୍ମାର ସ୍ୱର୍ଗଦେଶ। ସେଇ ପ୍ରେମ ସ୍ୱପ୍ନ ଚିହ୍ନାଇବ, ନୀବିଡତାର ଭାଷା ଶିଖାଇବ। ଧୌର୍ଯ୍ୟ ଶିଖାଇବ।

ପ୍ରେମ ଧର୍ମ ଲୋଡ଼େ ନାହିଁ 'ଜାକବ'
ରୀତି ଲୋଡ଼େ ନାହିଁ ।

ଜୀବନର ଅକୁହା ଭାବନାକୁ କବି ଯେଉଁପରି ଭାବରେ ସହଜ, ସରଳ, ରସମୟ ଭାବେ ତୋଳିଧରିଛନ୍ତି ତାଙ୍କ କଳ୍ପନାରେ, ତାଙ୍କ ଶବ୍ଦରେ ତାହା ଅନନ୍ୟ।

କବିଙ୍କୁ ପ୍ରଣାମ।
ତାଙ୍କ କବିତ୍ୱକୁ ପ୍ରଣାମ ।

❖❖❖

# ଏକବିଂଶ ଶତାବ୍ଦୀର ଗଳ୍ପରେ ଅସହାୟତାବୋଧ ଓ ନିଃସଂଗତା



ISSN-2583-6978
Volume-4
Issue-10
OCTOBER-2024

**ରାଜୀବ ଲୋଚନ ସାହୁ**

**ପିଏଚ୍‌ଡି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ**
**ଅମୃତ ବିହାର, ସମ୍ବଲପୁର**

ଆଧୁନିକ ମଣିଷର ଅସହାୟତା ଓ ନିଃସଂଗତା ତା'ର କାର୍ଯ୍ୟବ୍ୟସ୍ତତା ପରିସରକୁ ନେଇ ଉଙ୍କିମାରିଛି । ସମୟର ଅଭାବ, ସମ୍ପର୍କରେ ଦୂରତ୍ୱ ଓ ଅର୍ଥପ୍ରାପ୍ତିର ନିଶା ଫଳରେ ପ୍ରତ୍ୟେକଟି ମଣିଷ ଅସହାୟ ଓ ନିଃସଂଗତାବୋଧ ହୁଏ । ଏହି ଅସହାୟତାବୋଧ ଓ ନିଃସଂଗତାବୋଧ ତା'ର ଜନ୍ମରୁ ଶୈଶବ ପର୍ଯ୍ୟନ୍ତ ବ୍ୟାପ୍ତ । ଏହିସବୁ ଭାବନାକୁ ନେଇ ଏକବିଂଶ ଶତାବ୍ଦୀର ଗାଳ୍ପିକ ଆଗେଇ ଆସିଛନ୍ତି । ତନ୍ମଧ୍ୟରୁ ଗାଳ୍ପିକ ଚିରଶ୍ରୀ ଇନ୍ଦ୍ର ସିଂଙ୍କ 'ଅମୃତଛୁଆଁ ' ଗଳ୍ପରେ ଗୋଟିଏ ଅସହାୟ ପୁତ୍ରର କାହାଣୀ ବର୍ଣ୍ଣିତ । ସହରର ଝକଚକ୍ୟ ଯେତେ ଥିଲେ ମଧ୍ୟ ଜୀବନର ପୂର୍ଣ୍ଣତା ସେ ପାଇପାରିନାହିଁ । ଶେଷରେ ନିଜ ଗାଁକୁ ଫେରିଯାଇଛି ବର୍ଷାର ଅନ୍ଧାର ରାତିରେ । ମା'ର ସେଇ ଅମୃତସ୍ପର୍ଶ ତାକୁ ସୁଖ ନିଦ୍ରା ପ୍ରଦାନ କରିଛି । ଗାଳ୍ପିକ ବିଷ୍ଣୁ ସାହୁଙ୍କ ଗଳ୍ପ 'ଗୋଟିଏ ମାଙ୍କଡ଼ର କାହାଣୀ' ଗଳ୍ପରେ ଅନ୍ତର୍ଯ୍ୟାମୀ ଗୋଟାଏ ଅଫିସରେ ପିଅନ ଚାକିରୀ କରେ । ତା' ଜୀବନର ଅସହାୟ ଓ ଦୁଃଖକୁ ଚିତ୍ରଣ କରି ଗାଳ୍ପିକ ବର୍ଣ୍ଣନା କରିଛନ୍ତି –"ତାକୁ ଲାଗେ ସେ ଯେମିତି ଗୋଟାଏ ମାଙ୍କଡ଼ ଓ ଜୀବନଟା ତା ଲାଗି ଗୋଟାଏ ପ୍ରକାଣ୍ଡ ତୈଳାକ୍ତ ଖମ୍ବ । ଯେତେ ଚେଷ୍ଟା କରି ଚଢ଼ିଲେ ବି ସେ ବାରମ୍ବାର ଖସି ପଡୁଛି ପରାଜୟ ଜନିତ ଗ୍ଲାନିରେ । ଖମ୍ବର ଶୀର୍ଷକୁ ଗୋଟିଏ ଖେପାରେ ଚଢ଼ି ପାରିବାର ଅଦ୍ଭୁତଶକ୍ତି ତା'ର ନାହିଁ । ଏଠାରେ ଗଳ୍ପନାୟକର ସଂଘର୍ଷମୟ ଜୀବନର ଚିତ୍ର ଉଦ୍‌ଭାସିତ । ସେ ଯେତେ ଚେଷ୍ଟା କରି ମଧ୍ୟ ଉପରକୁ ଉଠି ପାରିବା ତା'ର ଅସହାୟତାକୁ ସୂଚେଇ ଦିଏ । 'ପୁଅ' ଗଳ୍ପରେ ବଢ଼ିଲା ଝିଅ ମିତାର ବିବାହ ପାଇଁ ପିତା ଦୀନବନ୍ଧୁ ଚିନ୍ତିତ ଥିଲେ ହେଁ କନ୍ୟାର ବିବାହ ପ୍ରତି ଅସମ୍ମତି ସୂଚନା ତାଙ୍କୁ ବିଷାଦବୋଧ ମନେ ହୋଇଛି ।

ସେହିପରି 'ବରଗଛର ଚେର' ମଧ୍ୟ ମଣିଷ ଜୀବନର ନିଃସଂଗତା ଓ ଅସହାୟତାକୁ ଚରିତ୍ର ପାର୍ଥ ମଉସା ମାଧ୍ୟମରେ ଦର୍ଶାଯାଇଛି । ଲେଖକ ଏ ଚରିତ୍ର ମାଧ୍ୟମରେ ଜଣାଇବାକୁ ଚାହିଁଛନ୍ତି ଯେ ଇଟା, ସିମେଣ୍ଟ କାନ୍ଥ ଭିତରେ ବା ବଡ଼ କୋଠାଘରରେ ଜୀବନର ଆନନ୍ଦ ନାହିଁ – ରହିଛି ପରସ୍ପର ମୈତ୍ରୀରେ, ପାରିବାରିକ ମିଳନରେ, ଆଶା ଓ ବିଶ୍ୱାସର ଦୃଢ଼ତାରେ ।

'ଭାଙ୍ଗିପଡୁ ଥିବା କାନ୍ଥ' ଗଳ୍ପରେ ଗାଳ୍ପିକ ବିଷ୍ଣୁ ସାହୁ ଗଳ୍ପନାୟକର ଭାବାବେଗକୁ ପ୍ରକାଶ କରି ଉଲ୍ଲେଖ କରିଛନ୍ତି - ପ୍ରଥମତଃ ସମସ୍ତ ସାମାଜିକ ସୁରକ୍ଷା ସତ୍ତ୍ୱେ ମଣିଷ ଏକାନ୍ତ ଭାବେ ନିଃସଂଗ । ଦ୍ୱିତୀୟତଃ ନିଜର ଶିକ୍ଷା, ଦୀକ୍ଷା, ଉପାର୍ଜନ କ୍ଷମତା ଓ ଶକ୍ତି-ସାମର୍ଥ୍ୟ ସବୁ ଥିବା ସତ୍ତ୍ୱେ ମଣିଷ ଆଶ୍ଚର୍ଯ୍ୟଜନକ ଭାବେ ଦରିଦ୍ର । ତା'ର ଉଦ୍ୟତ ଆଞ୍ଜୁଳାରେ ଅଯାଚିତ ଭାବେ ପହଞ୍ଚୁଥିବା ସହାନୁଭୂତି ପୂର୍ଣ୍ଣ ପଦିଏ କଥା ତା'ର ସମଗ୍ର ଜୀବନର ଉପାର୍ଜନଠାରୁ ଅଧିକ ମୂଲ୍ୟବାନ ମଧ୍ୟ ହୋଇପାରେ । ବାସ୍ତବରେ ଏଇଠି ଲେଖକଙ୍କର ଜୀବନଦର୍ଶନ ବୁଝାପଡ଼େ । ଅଯାଚିତ ସହାନୁଭୂତିର ଅଭାବରେ ସବୁ ସାମର୍ଥ୍ୟ ଓ ସମ୍ବଳ ଥାଇ ମଧ୍ୟ ମଣିଷ ସାଜିପାରେ ଦରିଦ୍ର । ସୁତରାଂ ଜୀବନ ପାଇଁ ଅନ୍ୟର ସ୍ନେହ, ସଦିଚ୍ଛା ଓ ସହାନୁଭୂତି ଏକାନ୍ତ ଲୋଡ଼ା । ଏହିପରି 'ଦେହାଗ୍ନି', 'ଠିକଣା ହଜାଇଥିବା ମଣିଷ', 'ପ୍ରାର୍ଥନାର ପରିଭାଷା', 'ଦୀପଟିଏ ଜାଳିବା ପାଇଁ' ଗଳ୍ପରେ ଅସହାୟତା ଓ ନିଃସଂଗତାବୋଧ ପ୍ରତିଫଳିତ ହୋଇଛି ।

ଗାଳ୍ପିକ ଦେବାଶିଷ ପାଣିଗ୍ରାହୀଙ୍କ 'ବନ୍ଦ ଝର୍କାର ଘର' ଗଳ୍ପଟିରେ କିପରି ମଣିଷ ବିଷାଦଗ୍ରସ୍ତ ହେଲେ ଏକୁଟିଆ ରହିବାକୁ ଭଲପାଏ ତାହା ବର୍ଣ୍ଣିତ । ସମାଜ ଏହି ଧରଣର ଲୋକମାନଙ୍କୁ ଭିନ୍ନ ଦୃଷ୍ଟିରେ

ଦେଖିଥାନ୍ତି । ମଣିଷ ବିଷାଦର ମାତ୍ରାକୁ ଦୂର କରିବା ପାଇଁ ଯେତେବେଳେ କିଛି ଅବଲମ୍ବନ ପାଇଯାଏ, ସେତେବେଳେ ଚପଲ୍ୟ ଏବଂ ହସଉଲ୍ଲାସରେ ଜୀବନ ରୂପାନ୍ତରିତ ହୋଇଯାଏ । ମଣିଷ ବିଷାଦଗ୍ରସ୍ତ ହୁଏ କୌଣସି ଯନ୍ତ୍ରଣା ବା ଦୁଃଖ ପାଇଁ । ଅମରେନ୍ଦ୍ର ବାବୁ ନିଜ ଦୁଃଖ ବା ବେଦନାକୁ ହୃଦୟରେ ଚପି ରଖିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ରୂପା ନାମ୍ନୀ ଛୋଟ ଝିଅର ଆଗମନରେ ପୁଣି ଥରେ ବଞ୍ଚିବାର ସାହାରା ପାଇଛନ୍ତି । ରୂପାର କୋମଳ ଶୈଶବ ପାଖରେ ଅମରେନ୍ଦ୍ର ନିଜର କନ୍ୟା ଏବଂ ପତ୍ନୀଙ୍କୁ ଦେଖିବା ସହ ନିଜକୁ ମଧ୍ୟ ଦେଖି ପାରିଛନ୍ତି ।

ସେହିପରି ଅନ୍ୟ ଏକ ଗଳ୍ପ 'ନଡ଼ିଆଗଛ ଓ ଅର୍ଦ୍ଧଚନ୍ଦ୍ର' ଗଳ୍ପରେ ପଚାଶବର୍ଷ ଅତିକ୍ରମ କରିଥିବା ଚାରିବନ୍ଧୁ ଓ ବାନ୍ଧବୀଙ୍କର ମିଳନକୁ ନେଇ ଗଳ୍ପଟି ଗଢ଼ିଉଠିଛି । ପ୍ରତିଯୋଗିତାମୂଳକ ଦୁନିଆରେ ଯୁବାବସ୍ଥାର ଲକ୍ଷ୍ୟ ପୂରଣ, ଚାକିରି, ନିଜ ପିଲାଛୁଆଙ୍କ ବ୍ୟସ୍ତତାରେ ଯନ୍ତ୍ରଚାଳିତ ମେସିନ୍ ପରି ସେମାନେ ଜୀବନ ଅତିବାହିତ କରିଦେଇଛନ୍ତି । ଯୁବାବସ୍ଥାର ସେହି ବ୍ୟସ୍ତ ଜୀବନ ତଥା ଅତୀତର ସ୍ମୃତି ସବୁକୁ ମନେ ପକାଇଛନ୍ତି । ସବୁ ଚରିତ୍ରମାନେ ଜୀବନରୂପକ ଝଡ଼ରେ ନଡ଼ିଆ ଗଛ ପରି ନଇଁ ପଡ଼ିଛନ୍ତି ବା ବକ୍ର ହୋଇପଡ଼ିଛନ୍ତି । ଏହି ବଙ୍କା ମେରୁଦଣ୍ଡ ଯେପରି ଛିଡ଼ା ହେବାର ଆସ୍ପର୍ଦ୍ଧା ରଖୁନାହିଁ । ତଥାପି ଅର୍ଦ୍ଧଚନ୍ଦ୍ର ଅପୂର୍ଣ୍ଣତା ଭିତରେ ପୂର୍ଣ୍ଣତା ଆଣିବା ପାଇଁ ଚରିତ୍ରମାନଙ୍କ ମନ ମଧ୍ୟରେ ଉତ୍କଣ୍ଠା ବଢ଼ିଚାଲିଛି ।

ସଂପ୍ରତି ସମାଜରେ ମଣିଷ ବହୁବିଧ ବାସ୍ତବତା ମଧ୍ୟରେ କାଳଯାପନ କରିଥିବାର ଯୁଗ ଯୁଗ ଧରି ପ୍ରତିଷ୍ଠିତ ହୋଇ ଆସୁଥିବା ସମ୍ପର୍କରେ ଫାଟ ସୃଷ୍ଟି ହେଉଛି । ଗାଳ୍ପିକ ପାଣିଗ୍ରାହୀଙ୍କ 'ଅନାମିକା' ଗଳ୍ପରେ ଦେବାନେବା ଭିତରେ ଯେଉଁ ସମ୍ପର୍କ ଗଢ଼ି ଉଠିଥାଏ ସେ ସମ୍ପର୍କ କି ଭଳି ପ୍ରକୃତ ସମ୍ପର୍କ ନୁହେଁ, ତାହା କୁହାଯାଇଛି । ଯେଉଁ ସମ୍ପର୍କରେ କିଛି ପାଇବାକୁ ଆଶା ନଥାଏ, କିନ୍ତୁ ବିପଦ ସମୟରେ ସେ ପାଖେ ପାଖେ ଥାଏ, ତାହାରି କଥା ହିଁ ଏହି ଗଳ୍ପର ମୁଖ୍ୟ ସ୍ୱର । ସମାଜରେ ଏହି ସମ୍ପର୍କ ଅନେକ ଦେଖାଯାଇଥାଏ, ଯାହାର କୌଣସି ନାମ ନ ଥିଲେ ମଧ୍ୟ ନାମଥିବା ସମ୍ପର୍କଠାରୁ ବେଶ୍ ଉର୍ଦ୍ଧ୍ୱତର । ସମାଜରେ ବାପା-ମାଆ, ଭାଇ-ଭଉଣୀ, ସ୍ୱାମୀ-ସ୍ତ୍ରୀ, ଦାଦା-ଖୁଡ଼ୀ ଆଦି ନାମ ଥିବା ରକ୍ତ ସମ୍ପର୍କ ଆଲୋଚ୍ୟ 'ଅନାମିକା' ଗଳ୍ପର ଅନାମିକା ସମ୍ପର୍କ ଆଗରେ ମଳିନ ପଡ଼ିଯାଇଛି । ଏହି ସମ୍ପର୍କର ଜୀବନ୍ତ ଚିତ୍ର ସୁନୀଲ ଓ ଅନାମିକା ଚରିତ୍ର ମାଧ୍ୟମରେ ଗାଳ୍ପିକ ସମାଜକୁ ଦେଖେଇବାକୁ ଚାହିଁଛନ୍ତି ।

ଅନ୍ୟ ଏକ ଗଳ୍ପ 'ଆତ୍ମୀୟ'ରେ ଆଜିର ଆଧୁନିକ ମଣିଷର ଜୀବନରେ ସମସ୍ତେ ସ୍ୱାର୍ଥବାଦୀ । ଏମିତିକି ନିଜର ରକ୍ତ ସମ୍ପର୍କୀୟମାନେ ରଙ୍ଗ ବଦଳେଇବାକୁ ପଶ୍ଚାତପଦ ହୁଅନ୍ତି ନାହିଁ । ଶୁଭକାନ୍ତର ଅପରେସନ ସମୟରେ ନିଜର ପରିବାର ଲୋକ କେହି ପାଖରେ ସାହାସ ଦେବା ପାଇଁ ଛିଡ଼ା ହୁଅନ୍ତି ନାହିଁ । ସମସ୍ତେ ନିଜ ନିଜର କାର୍ଯ୍ୟବ୍ୟସ୍ତତା ଦେଖାଇ ଠାକୁରଙ୍କ ପାଖରେ ଆରୋଗ୍ୟ କାମନାର ବୃଥା ପ୍ରୟାସ କରିଛନ୍ତି, କିନ୍ତୁ ଅଫିସର ସହକର୍ମୀ ଓ ପଡ଼ୋଶୀ ଘର ଲୋକମାନେ ଅପରେସନ ସମୟରେ ପାଖରେ ଛିଡ଼ା ହୋଇଛନ୍ତି ।

'ଶୁଭ କାମନା' ଗଳ୍ପରେ ସମାଜରେ କିପରି ଅନାବିଳ ସ୍ନେହ, ଶ୍ରଦ୍ଧା ଓ ସଦିଚ୍ଛାର ଅଭାବ ଦ୍ୱାରା ଆମର ବ୍ୟକ୍ତିଗତ, ବୃତ୍ତିଗତ ଓ ବୃହତ୍ତର ସାମାଜିକ ଜୀବନ ଅଧିକ ଦୁର୍ଗମ ଓ ଦୁର୍ବିସହ ହୋଇଉଠୁଛି ତାହା ବର୍ଣ୍ଣିତ । ସମାଜରେ ମଣିଷ ଅନ୍ୟ ଏକ ମଣିଷ ପ୍ରତି ଈର୍ଷୁକ, ଅସଭ୍ୟ ହୋଇପଡୁଛନ୍ତି । ଶୁଭ କାମନାର ସାର୍ବଜନୀନ ମାଙ୍ଗଳିକ ସ୍ୱର ଆଉ ଦେଖିବାକୁ ମିଳୁନାହିଁ । ରାଧେଶ୍ୟାମ ସାରଙ୍କୁ ସେହି ଶୁଭକାମନାର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ଗଳ୍ପରେ ଚିତ୍ରିତ କରାଯାଇଛି । ନିଜ ଛାତ୍ର ଶୋଭନର ଭଲମନ୍ଦ ବୁଝିବା ପାଇଁ ବୃଦ୍ଧ ବୟସରେ ଆସି ଶୁଭକାମନା ଜ୍ଞାପନ କରିଛନ୍ତି ।

ଅନ୍ୟ 'ଅପତ୍ୟ' ଗଳ୍ପରେ ମଧ୍ୟବୟସ୍କ ସୁମନ୍ୟୁ ଓ ସୁମନା ଏବଂ ତାଙ୍କ ଦୁଇ ଝିଅଙ୍କୁ ନେଇ ରଚିତ । ପିଲାମାନେ ନିଜର ଲକ୍ଷ୍ୟ ପୂରଣ ପାଇଁ ଥରେ ଘରୁ ବାହାରି ଆଉ ଫେରି ନାହାନ୍ତି । ସେମାନେ ନିଜ ଇଚ୍ଛାରେ ଜୀଇଁବେ ଏବଂ ନିଜେ ନିଜର ନୀଡ ଗଢ଼ିବେ । କିଛି ଦିନ ପରେ ସେ ନୀଡ ଭାଙ୍ଗିଯିବ । ତା'ପରେ ଆଉ ଗୋଟିଏ ନୂତନ ପୀଢ଼ି ସୃଷ୍ଟି ହେବ । ଅନୁ ଓ ତନୁ ବାହାରେ ରହି ପାଠପଢୁଛନ୍ତି । ନିଜ ଝିଅମାନଙ୍କୁ ସୁମନ୍ୟୁ ଓ ସୁମନା ଝୁରି ହେଉଛନ୍ତି । ଝିଅମାନଙ୍କର ଘରକୁ ଆସିବା ଖବର ପାଇ କିଛି ସମୟ ସୁମନ୍ୟୁ ଓ ସୁମନା ଖୁସିରେ ଚଳଚଞ୍ଚଳ ହୋଇପଡ଼ିଛନ୍ତି । ତଥାପି ସମ୍ପର୍କର ଦୂରତ୍ୱ କମି ନାହିଁ ।

'ଉତ୍ତରାଧିକାର' ଗଳ୍ପରେ ସମୟ ସୁଅରେ କିପରି ସମ୍ପର୍କରେ ପରିବର୍ତ୍ତନ ଘଟିଛି ତହା ଗାଳ୍ପିକ ଦେଖେଇବାକୁ ଚାହିଁଛନ୍ତି । ରବୀନ୍ଦ୍ରନାଥ ବାବୁ ନିଜ ସନ୍ତାନମାନଙ୍କୁ ଛୋଟରୁ ବଡ଼ କରି ତାଙ୍କର ସମସ୍ତ ସୁବିଧା ସୁଯୋଗ ଦେଇଥିଲେ କିନ୍ତୁ ସେମାନେ ବଡ଼ ହେବାପରେ ନିଜର ରହିବା ଘର ନିଜେ ନିର୍ମାଣ କରିଛନ୍ତି । ବାପା ମାଆଙ୍କର ସେବାଯତ୍ନର ମହତ୍ତ୍ୱ ତାଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ହୋଇ ରହିନାହିଁ । ଫଳରେ 'ସ୍ୱାତୀ ନିଳୟ' ଗୃହଟିକୁ ରବୀନ୍ଦ୍ରବାବୁ ଭଡ଼ାରେ ଲଗାଇଛନ୍ତି । ନିଜ ସ୍ତ୍ରୀର ରକ୍ତ କର୍କଟ ଚିକିତ୍ସା ପାଇଁ ଘରକୁ ଶେଷରେ ବିକ୍ରି କରିବାକୁ ବାହାରିଛନ୍ତି । ବ୍ୟବସାୟ ବଦଳରେ ସମ୍ପର୍କରେ ବିନିଯୋଗ କରିଥିବା ଇନ୍‌ଭେଷ୍ଟମେଣ୍ଟରେ ତାଙ୍କୁ କ୍ଷତି ସହିବାକୁ ପଡ଼ିଛି । ଉତ୍ତରାଧିକାର ସୂତ୍ରରେ ଶନ୍ୟତା ଛଡ଼ା ଆଉ କିଛି ମିଳିନାହିଁ

। ଗାଳ୍ପିକ କୃପାସାଗର ସାହୁଙ୍କ ଗଳ୍ପ 'ସରନାନୀ' ଗଳ୍ପରେ ଗାଁ'ରେ ରହୁଥିବା ସରନାନୀ ଯେତେବେଳେ ସହରରେ କାଳାତିପାତ କରୁଥିବା ନିଜ ସାନଭାଇ ଘରକୁ ଯାଆନ୍ତି, ଘର ଭିତରେ ସେତେବେଳେ ଏକ ମେଘୁଆ ବାତାବରଣ ଖେଳିଯାଏ । ପିଲାମାନେ କିଏ କୁଆଡ଼େ କବାଟ କିଳି ପଶନ୍ତି । ଭାଉଜ ମାନିନୀ ଗୃହ କାର୍ଯ୍ୟରେ ବ୍ୟସ୍ତ ହୋଇପଡ଼ନ୍ତି । ନିଃସଂଗ ଭାବରେ ସରନାନୀ ଡ୍ରଇଁ ରୁମ୍‌ରେ ବସି ରୁହନ୍ତି । ଆନ୍ତରିକତା ଶୂନ୍ୟ ସହରୀ ସଭ୍ୟତାର ଏହି ନିଛକ ଚିତ୍ରଣ ବାସ୍ତବିକ ପାଠକକୁ କ୍ଷୁବ୍ଧ କରେ ।

ଗାଳ୍ପିକ ଶାନ୍ତନୁ ଆଚାର୍ଯ୍ୟଙ୍କ ଗଳ୍ପ 'ଜଣେ ବୀର ପୁରୁଷଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ'ରେ ଗଳ୍ପନାୟକ ଟେନଜିଂ ଜଣେ ଅଭିଶପ୍ତ ଚରିତ୍ର । ହିମାଳୟ ଆରୋହଣ କରିବା ଥିଲା ତାଙ୍କର ଏକ ଶୈଶବ କାଳୀନ ଅଭିପ୍ସା । ସୁତରାଂ ସେ ତାଙ୍କର ରେସିଂ କାମ ନେଇ ହିମାଳୟ ଆରୋହଣ କରିବାର ଏକ ଦୁର୍ଗମ ପଥରେ ଶହେ ଫୁଟ ଗଭୀର ଏକ ଗହ୍ୱର ମଧ୍ୟକୁ ଖସିପଡ଼ି ମୃତ୍ୟୁବରଣ କରେ । ତଥାପି ଗଳ୍ପଟ ମାନବର ଚରମ ଅସହାୟତା ଓ ତଦ୍‌ଜନିତ ସମ୍ବେଦନସିକ୍ତ ଚେତନାର ପ୍ରତିଲିପି ବହନ କରେ । ସେହିପରି 'ସାବିବେଓ୍ୱା' ଗଳ୍ପରେ ଜଣେ ଅସହାୟା ବିଧବା ନାରୀ ଜୀବନର କରୁଣ ଆର୍ତ୍ତ ପ୍ରକାଶିତ । 'ରାଜା' ଗଳ୍ପଟି ସଂସ୍କାରଧର୍ମୀ ସମାଜରେ ଧର୍ଷିତା ଝିଅ (ରାଜା)ମାନଙ୍କ ବିବାହର ଗୌରବ ଦେଇ ଏହି ପଚମାନ ସମାଜରେ ଯେଉଁ ସଂସ୍କାର ଆଣିବାକୁ ପ୍ରୟାସ କରିଛନ୍ତି ତାହା ସ୍ୱାଗତଯୋଗ୍ୟ । 'କାକବାରତା' ଗଳ୍ପରେ ଲେଖକ ତାଙ୍କର କିଶୋର କାଳୀନ ଦୁଃଖଦ ସ୍ମୃତିକୁ ମନେ ପକାଇଛନ୍ତି । ମାତ୍ର ନଅବର୍ଷ ବୟସରେ ଗାଳ୍ପିକଙ୍କ ମା'ଙ୍କ ମୃତ୍ୟୁ ପାଇଁ ଥିଲା ଏକ ଅବିସ୍ମୃତ କରୁଣ ଅନୁଭୂତି, ଯାହାର ପ୍ରେରଣାରେ ସେ ଏକାଧିକ ଗଳ୍ପ ଲେଖିଛନ୍ତି । ଆମ ସମାଜର ଏଇ ବିଶ୍ୱାସବୋଧ ଯେତେ ପାରମ୍ପରିକ ଓ କୁସଂସ୍କାରଧର୍ମୀ ହେଲେ ହେଁ ଏହା ଆମ ସାଂସ୍କୃତିକ ଜୀବନ ପ୍ରକ୍ରିୟାକୁ ପରିପୂର୍ଣ୍ଣ କରିରଖିଛି ।

ଗାଳ୍ପିକଙ୍କ ଅନ୍ୟଗଳ୍ପ 'କୋଣାର୍କର ଅଶ୍ୱ' ଗଳ୍ପଟି ଉତ୍କଳୀୟ ସଂସ୍କୃତି, ଭାସ୍କର୍ଯ୍ୟ ଓ ଶିଳ୍ପ ନୈପୁଣ୍ୟତାର ନିଦର୍ଶନ ବହନ କରେ । ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ କୋଣାର୍କର ସୂର୍ଯ୍ୟମନ୍ଦିର, ମନ୍ଦିର ଗାତ୍ରରେ ଖୋଦିତ ଦେବ-ଦେବୀ ଓ ଅଶ୍ୱର ପ୍ରତିମୂର୍ତ୍ତି, ତା'ର ଶୈଳିକ ପରାକାଷ୍ଠା ନେଇ ଯେଉଁ ଗର୍ବ ଓ ଆସ୍ଫାଳନ ପ୍ରକାଶ କରୁଥିବା ସଂପ୍ରତି ମୁଖ୍ୟ ମନ୍ଦିରର ଧ୍ୱଂସ ତା'ର ଅବକ୍ଷୟ ଗାଳ୍ପିକଙ୍କୁ ବ୍ୟଥିତ କରିଛି । ଶାନ୍ତନୁ ଆଚାର୍ଯ୍ୟଙ୍କ 'ରମା' ଗଳ୍ପରେ ଜଣେ ଅସୁନ୍ଦରୀ କାଳୀ ତଥା ଅସହାୟା ବିଧବା ନାରୀର ଯନ୍ତ୍ରଣାଦଗ୍ଧ ଜୀବନର କରୁଣ କାହାଣୀକୁ ବର୍ଣ୍ଣନା କରାଯାଇଛି । ରମା ଅଳ୍ପ ବୟସରେ ବିଧବା ହୋଇ ବାପଘରକୁ ଫେରିଆସିଛି । ଘରେ ଭାଇ, ଭାଉଜ ଓ ସେମାନଙ୍କ ପିଲାଙ୍କ ସହିତ କିଛିଦିନ ଭଲରେ ଚଳିବାପରେ ମନ୍ଦ ବ୍ୟବହାର ମାନସିକ ଯନ୍ତ୍ରଣା ଭୋଗ କରିଛି ।

ରାମଚନ୍ଦ୍ର ବେହେରାଙ୍କ 'ଭୂମିକା' ଗଳ୍ପରେ ବାର୍ଦ୍ଧକ୍ୟର ଅସହାୟତାକୁ ନିଜ ପୁତ୍ରକନ୍ୟାମାନେ କିପରି ପ୍ରତି ପୁରୁଷ ମାଧ୍ୟମରେ କର୍ତ୍ତବ୍ୟ ସଂପାଦନ କରୁଛନ୍ତି ତା'ର ଏକ ଜ୍ୱଳନ୍ତ ସ୍ୱାକ୍ଷର ଗଳ୍ପରେ ବର୍ଣ୍ଣିତ । ପ୍ରତିଭା ରାୟଙ୍କ 'ଚନ୍ଦ୍ରଭାଗା ଓ ଚନ୍ଦ୍ରକଳା' ଗଳ୍ପରେ ଅସହାୟ ଜୀବନର କାରୁଣ୍ୟ, ଦୃଢ଼ ମାନସିକତାରେ କିପରି ଉପେକ୍ଷିତ ଓ ବ୍ୟକ୍ତିବିଶେଷ ଏହି ମନନଶୀଳତା ନେଇ ବଞ୍ଚିରହିବାର ଆଲୋକ ରଶ୍ମିର ସ୍ପର୍ଶ ପାଇଥାଏ ତାହା ବର୍ଣ୍ଣିତ ।

ରଜନୀ କାନ୍ତ ମହାନ୍ତିଙ୍କ 'ଅକାଳ' ଗଳ୍ପରେ ଉତ୍କଟ ଦାରିଦ୍ର୍ୟର କଷାଘାତଜନିତ ଅସହାୟତା କିପରି ପରିବାରର ସମସ୍ତ ବ୍ୟକ୍ତିଙ୍କର ମୃତ୍ୟୁର କାରଣ ହୋଇଥାଏ, ତାହା ପ୍ରକାଶିତ । ସ୍ୱାମୀ, ଦୁଇପୁଅ, ଦୁଇଝିଅଙ୍କୁ ନେଇ ଦନେଇ ଓ ରଜନୀର ପରିବାର । ଦାରିଦ୍ର୍ୟ ଦୈନ୍ୟରେ ପ୍ରପୀଡ଼ିତ ହୋଇ ଜୀବନରେ ବଞ୍ଚିବାର କୌଣସି ରାହା ଦନେଇ ପାଇନାହିଁ । ଏହା ତା ମନରେ ଏପରି ଆଘାତ ଦେଇଛି ଯେ, ନିଜେ ନିଜକୁ ଦାୟୀ କରି ତା'ର ସମାଧାନ ପାଇଁ ଅଟାରେ ବିଷ ମିଶାଇ ଆଣିଛି । ଗାୟତ୍ରୀ ସରାଫଙ୍କ 'ବାପା ଭଲ ଅଛନ୍ତି' ଗଳ୍ପରେ ବାର୍ଦ୍ଧକ୍ୟ ଅବସ୍ଥାର ଅପ୍ରକାଶିତ ଯନ୍ତ୍ରଣାବୋଧ କୋହକୁ କିପରି ଅବଦମିତ କରି ଜୀବନଯାପନ କରିବାକୁ ହୁଏ ତା'ର ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି । ବୃଦ୍ଧବାପାଙ୍କୁ ତାଙ୍କ ବୋହୂ ମାଧୁରୀ, ବିଦେଶରେ ରହୁଥିବା ନଣନ୍ଦଙ୍କ ଉପସ୍ଥିତିରେ ଖୁବ୍ ଭଲ ସେବାଯତ୍ନ କରି ଦୁର୍ବ୍ୟବହାର ଓ ଅଣଦେଖା କରିଛନ୍ତି ତା'ର ଚିତ୍ର ପ୍ରଦତ୍ତ ।

ଗାଳ୍ପିକ ବିଷ୍ଣୁ ସାହୁଙ୍କ ଗଳ୍ପ 'ମୁନ୍ନା ପାଇଁ ପ୍ରାର୍ଥନା' ଗଳ୍ପରେ ଗାଳ୍ପିକ ଅସହାୟତାର ଉଗ୍ର ରୂପ ସାର୍ଥକ ଚିତ୍ର ବର୍ଣ୍ଣନା କରିଛନ୍ତି । ଦେବବ୍ରତ ମଦନ ରାୟଙ୍କ 'ଲୋଭ' ଗଳ୍ପରେ ଲୋଭର ଆଧିକ୍ୟ ହେତୁ ମଣିଷ କିପରି ଅସହାୟତା ମଧ୍ୟରେ ସମୟ ଅତିବାହିତ କରେ ତାହାର ଚିତ୍ର ପ୍ରଦଶିତ । କବିତା ବାରିକଙ୍କ 'ଆଦର୍ଶ' ଗଳ୍ପରେ ଜଣେ ଆଦର୍ଶ ଶିକ୍ଷକର ଶେଷ ଅବସ୍ଥା ପ୍ରଶାସନିକ ସ୍ଥାଣୁତା ଓ ଅବହେଳା ପାଇଁ କିପରି ରୋଗ, ଶୋକ, ଦାରିଦ୍ର୍ୟ ଓ ଅଚିକିତ୍ସା ଆଦିର ଶିକାର ହୋଇଛନ୍ତି ତାହା ବର୍ଣ୍ଣିତ । ଗାଳ୍ପିକା ସୁପ୍ରିୟା ପଣ୍ଡାଙ୍କ 'ମହ୍ଲାର ତୁମେ ମହ୍ଲାର' ଗଳ୍ପରେ ମଣିଷ ଜୀବନର କ୍ରୂର, ନିଷ୍ଠୁର ଓ ଅସହାୟତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଏଥିରେ ଆଲୋଚନା କରିଛନ୍ତି ଯେ, ସର୍କସରେ ଅଭିନୟ କରୁଥିବା ବାଳିକାମାନେ କିପରି ପେଟ ପୋଷିବା ପାଇଁ ଘରୁ ଗୋଡ଼ କାଢ଼ି ବାହାରି ଯାଉଛନ୍ତି କିନ୍ତୁ ସେମାନଙ୍କର ପରାଧିନତା ମଧ୍ୟରେ ଅବଲୁଣ୍ଠିତ କରି ଜୀବନର କରୁଣ ଚିତ୍ର ପ୍ରଦତ୍ତ । ତାଙ୍କର ଅନ୍ୟଏକ ଗଳ୍ପ 'ରାଜମିସ୍ତ୍ରୀ' ଗଳ୍ପରେ ଜଣେ ନାରୀ ଜୀବନର

ଅସହାୟତାକୁ ବର୍ଣ୍ଣନା କରିଛନ୍ତି । ଗାଳ୍ପିକା ପାରମିତା ଶତପଥୀଙ୍କ 'ଭୋକଭୋକ' ଗଳ୍ପରେ ବାର୍ଦ୍ଧକ୍ୟରେ ଅସହାୟତା କିପରି ଦୁର୍ବିସହ ଓ ଯନ୍ତ୍ରଣାପୂର୍ଣ୍ଣ ତାହା ବର୍ଣ୍ଣନା କରିଛନ୍ତି ।

ସେହିପରି ସୁପ୍ରିୟା ପଣ୍ଡାଙ୍କ 'ପାଦୁକା', ଅନୀଲ ପାଢ଼ୀଙ୍କ 'ବା', ପ୍ରତିଭା ରାୟଙ୍କ 'ଭୋକ', ଦେବ୍ରାଜ ଲେଙ୍କାଙ୍କ 'ମଲା ମଣିଷର ଆଶା', କବିତା ବାରିକଙ୍କ 'ଫେରିବାର ବାଟ', 'ନିଜ ନିଜର ଅପେକ୍ଷା', ରତିକାନ୍ତ ବେହେରାଙ୍କ 'ପୁନନ୍ୟାସ', 'ଶୋଭା ଯାତ୍ରା', 'ଇନ୍ଦିରାଆବାସ', 'ମୋକ୍ଷ', 'ଝରାପତ୍ର', 'ବର୍ଷା', 'ଅନ୍ଧାରୀ ଓ ଦାନମାଝୀ, ପୁଷ୍ପାଞ୍ଜଳି ନାୟକଙ୍କ 'ସଫଳ ମଣିଷ', 'ଅଶ୍ରୁନଦୀର ସ୍ରୋତ' ଆଦି ଗଳ୍ପରେ ଅସହାୟତାର ଚିତ୍ର ପ୍ରତିଫଳିତ ।

**ସାହାୟକ ଗ୍ରନ୍ଥସୂଚୀ**


୧ ପରିଡ଼ା, ପ୍ରକାଶ କୁମାର: ଗଳ୍ପ ବିଚାର ବିମର୍ଶ, ବିଶ୍ୱବୁକ୍‌ସ, ବାଲୁବଜାର, କଟକ-୨, ପ୍ରଥମ ପ୍ରକାଶ, ୨୦୦୪

୨ ଗାହାଣ, କପିଳେଶ୍ୱର: ସୀମାବଦ୍ଧତା ଓ ମୁକ୍ତିର ସୂକ୍ଷ୍ମ (ଓଡ଼ିଆ କ୍ଷୁଦ୍ରଗଳ୍ପ), ଅଗ୍ରଦୂତ, ବାଙ୍କାବଜାର, କଟକ-୨, ୧୯୯୪

୩ ବାରିକ, ଶ୍ରୀକାନ୍ତ କୁମାର: ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ ସୃଷ୍ଟି ଓ ସମ୍ଭାବନା, ସତ୍ୟନାରାୟଣ ବୁକ୍‌ଷ୍ଟୋର, ବିନୋଦବିହାରୀ, କଟକ-୨, ୨୦୧୯

୪ ବେହେରା, କ୍ଷୀରୋଦ ଚନ୍ଦ୍ର: ଏକବିଂଶ ଶତାବ୍ଦୀରେ ଓଡ଼ିଆ ଗଳ୍ପ: ପ୍ରତିଶ୍ରୁତି ଓ ସମ୍ଭାବନା, ପ୍ରକାଶକ ସୁଶୀଳାବତୀ ମହିଳା ମହାବିଦ୍ୟାଳୟ, ସେକ୍ଟର-୨, ରାଉରକେଲା, ୨୦୦୩


❖❖❖

# ରବି ପଟ୍ଟନାୟକଙ୍କ ଗଳ୍ପରେ ନାରୀଚରିତ୍ର : ଏକ ବିଶ୍ଳେଷଣ



ISSN-2583-6978
Volume-4
Issue-10
OCTOBER-2024

**ରଞ୍ଜନ କୁମାର ବାରିକ**

**ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**

ଗାଳ୍ପିକ ରବି ପଟ୍ଟନାୟକ ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଜଣେ ପ୍ରଚଣ୍ଡ ପ୍ରତିଭା ।ତାଙ୍କର ଦୀର୍ଘ ତିରିଶବର୍ଷର ଅବିରତ ସାହିତ୍ୟସାଧନା ଓଡ଼ିଆ ଗଳ୍ପସାମ୍ରାଜ୍ୟକୁ ବହୁଭାବରେ ସମୃଦ୍ଧ କରିଛି । ଭିନ୍ନଭିନ୍ନ ପରିବେଶରୁ ବିଭିନ୍ନ ଅବସ୍ଥାରେ ସେ ଜୀବମାନଙ୍କୁ ଅତି ନିକଟରୁ ତନ୍ନତନ୍ନ ଭାବେ ବିଶ୍ଳେଷଣ କରିଛନ୍ତି । ଗାଳ୍ପିକଙ୍କ ସୁଦୂରପ୍ରସାରୀ ଦୃଷ୍ଟିକୋଣ ତାଙ୍କ ଗଳ୍ପରାଜ୍ୟକୁ ଉଜ୍ଜ୍ୱଳ କରିବାରେ ସମର୍ଥ ହୋଇପାରିଛି ।ଦୀର୍ଘବର୍ଷ ଧରି ସାହିତ୍ୟ ସାଧନାର ଅନୁଭୂତି,ଅନୁଭବର ତୀକ୍ଷଣ ଜିଜ୍ଞାସାବୋଧ ତାଙ୍କ ସମଗ୍ର ସୃଷ୍ଟିର ଚରିତ୍ରମାନଙ୍କୁ ରସୋତ୍ତୀର୍ଣ୍ଣ କରିବାସହ ବାସ୍ତବଧର୍ମୀ କରିପାରିଛି ।

ଗାଳ୍ପିକ ପଟ୍ଟନାୟକ ତାଙ୍କ ଜୀବନର କୌଣସି ସମୟରେ ଶୂନ୍ୟତାବୋଧକୁ ନେଇ ଚିନ୍ତିତ ହୋଇନାହାନ୍ତି, ବରଂ ଚରିତ୍ରମାନଙ୍କ ମଧ୍ୟରେ ଭାରସାମ୍ୟ ରକ୍ଷାକରି ସେମାନଙ୍କୁ ଗଳ୍ପରେ ଆଣି ଏକଜୁଟ୍ କରିଛନ୍ତି ।ତାଙ୍କ ଗଳ୍ପର ଚରିତ୍ରମାନେ ତାଙ୍କର ଅଧୀନ ହୋଇନାହାନ୍ତି ବରଂ ତାଙ୍କ ଲେଖନୀ ଚରିତ୍ରମାନଙ୍କୁ ଅନୁସରଣ କରିବା ନିମିତ୍ତ ବାଧ୍ୟ ହୋଇଛି । ଗାଳ୍ପିକ ଗଳ୍ପରଚନା କରିବାବେଳେ ଗୋଟିଏ କଥାପ୍ରତି ବିଶେଷ ଦୃଷ୍ଟି ଆକର୍ଷଣ କରିଛନ୍ତି,ତାହା ହେଉଛି ଜୀବନକୁ ଗଭୀରଭାବରେ ଭଲପାଇବା ।ତେଣୁ ସେ 'ମହଲ' ପତ୍ରିକାର ସାକ୍ଷାତକାର ରେ କହିଛନ୍ତି –"ସାହିତ୍ୟଠାରୁ ଜୀବନ ସୁନ୍ଦର ।ଏହି ବିପୁଳ ଜୀବନକୁ ଅନୁଭବ କରି ଅନୁଭୂତି ଭିତରୁ କେତୋଟିକୁ ଅପରର ଆନନ୍ଦ ପାଇଁ ସତ୍ୟନିଷ୍ଠ ଲିପିବଦ୍ଧ କରିବା ହିଁ ମୋର ଗାଳ୍ପିକ ଜୀବନର ଏକମାତ୍ର ସତ୍ୟ । ପୁଣି କହନ୍ତି ଜୀବନକୁ ଭଲ ନପାଇଲେ କେହି ଲେଖକ ହୋଇ ପାରେନା ।ତା' ଜୀବନର ସମସ୍ତ ଦୁଃଖ, ଦୁର୍ଦ୍ଦଶା, ହତାଶା, ଅନ୍ୟାୟ, ଅତ୍ୟାଚାର, ଅବିଚାର ସତ୍ତ୍ୱେ ବି ଜୀବନକୁ ଭଲପାଏ ବୋଲି ଏକ ଉର୍ଦ୍ଧ୍ୱତର ଜୀବନର ସ୍ୱପ୍ନ ହିଁ କେବଳ ଦେଖିପାରେ । ଏହାହିଁ ହେଉଛି ସତ୍ ଶିଳ୍ପୀର ପ୍ରକୃତ ପରିଚୟ ।"( ୧ )

ରବି ପଟ୍ଟନାୟକଙ୍କ କ୍ଷୁଦ୍ରଗଳ୍ପ ଚରିତ୍ରମାନଙ୍କର ଏକ ଜୀବନ୍ତ ଚିତ୍ରଶାଳା । ସେ ତାଙ୍କ ଗଳ୍ପରେ ପୁରୁଷ ଚରିତ୍ର ଅପେକ୍ଷା ନାରୀ ଚରିତ୍ର ଚିତ୍ରଣକୁ ଅତ୍ୟଧିକ ଗୁରୁତ୍ୱ ଦେଇଛନ୍ତି ।ସପୁରୁଷ ଚରିତ୍ରଠାରୁ ନାରୀ ଚରିତ୍ରଙ୍କର ରହସ୍ୟବୋଧ ଜଟିଳତା ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀକୁ ଗାଳ୍ପିକ ଖୁବ୍ ଚମତ୍କାରଭାବେ ବିଶ୍ଳେଷଣ କରିଛନ୍ତି ।ସମାଜର ଭିନ୍ନ ଭିନ୍ନ ପରିସ୍ଥିତି ଓ ପରିବେଶରେ ନାରୀ ଚରିତ୍ରର ବହୁବିଧ ରୂପ ତାଙ୍କ ସୃଷ୍ଟିରେ ବାସ୍ତବ ରୂପ ଧାରଣକରିଛି । ସାମାଜିକ ନୀତିନିୟମ, ପାରିବାରିକ ଜୀବନରେ ଅତ୍ୟାଚାରିତ ଓ ନିଷ୍ପେସିତ ହେଉଥିବା ବିରୁଦ୍ଧରେ ସେମାନେ ସ୍ୱର ଉଠାଇଛନ୍ତି । ପ୍ରଚଳିତ ନୀତିନିୟମକୁ ପାଦରେ ଏଡାଇ ସମାଜକୁ ପ୍ରଶ୍ନ କରିବାକୁ ପଛେଇ ଯାଇ ନାହାନ୍ତି ।ତାହା ତାଙ୍କ ଗଳ୍ପରୁ ସ୍ପଷ୍ଟ ପ୍ରତିଭାତ ହୁଏ । ସାମ୍ପ୍ରତିକ କାଳରେ ସମାଜ ଏବଂ ଜୀବନର ଯେଉଁ ଅବକ୍ଷୟ ଦେଖାଦେଇଛି ତାହାର ସମ୍ୟକ୍ ଚିତ୍ର ପ୍ରତିଟି ସାହିତ୍ୟର ପୃଷ୍ଠା ଭିତରେ ଖୁବ୍ ଜୀବନ୍ତ ହୋଇଛି । ଏକ ସଭ୍ୟ, ଶିକ୍ଷିତ, ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହାର ଦୃଷ୍ଟାନ୍ତ ପ୍ରକାଶ୍ୟ ଏବଂ ଅପ୍ରକାଶ୍ୟ ଭାବେ ମୁଣ୍ଡ ଟେକି ଉଠିଛି । ଗାଳ୍ପିକଙ୍କ 'ସାବିତ୍ରୀ' ଗଳ୍ପରେ ତାହାର ନିଚ୍ଛକ ଚିତ୍ର ପ୍ରତିଫଳିତ । ଏଠାରେ ନାରୀର ଚିତ୍ରକୁ ବାସ୍ତବ ଓ ଅନୁରଞ୍ଜିତ ଭାବେ ବର୍ଣ୍ଣନା କରାଯାଇଛି । ଏହି ଗଳ୍ପରେ ସାଲୁଖି ଜଣେ ସାଧାରଣ ଓ ନିରୀହ ଚରିତ୍ର । ଖଣି ଧର୍ମଘଟରେ ଆଦୌ ସଂପୃକ୍ତ ନଥିବା ନିରୀହ ସାଲୁଖିକୁ ପୋଲିସବାବୁ ଥାନାକୁ ଧରି ଆଣି ତା ଉପରେ ନିର୍ମମ ଅତ୍ୟାଚାର କରିଛନ୍ତି । ସରଳ ନିରୀହ ନିର୍ଦ୍ଦୋଷ ସ୍ୱାମୀକୁ ଥାନାରୁ ମୁକୁଳାଇ ଆଣିବା ପାଇଁ ତା ନବବିବାହିତା ପତ୍ନୀ ମୁଲଗୀ ଯାଇଛି ।କିନ୍ତୁ ଥାନା ଭିତରେ ସେ ହୋଇଛି ନରରାକ୍ଷସ ଥାନାବାବୁ ଓ କନେଷ୍ଟବଳର ଲୋଭିଲା ଆଖିର ଶିକାର । ସେମାନଙ୍କ ଦ୍ୱାରା ଅତି ଅମାନୁଷିକ ଭାବରେ ସେ ହୋଇଛି

ଧର୍ଷିତା। ସ୍ୱାମୀକୁ ଥାନାରୁ ମୁକୁଳାଇବାର ଆନନ୍ଦରେ ସେ ନିଜ ସତୀତ୍ୱକୁ ବଳି ପକେଇଦେଇଛି। ତା ମନରେ କୌଣସି ପାପ ଚିନ୍ତା ନଥିଲା, ସେ ସାବିତ୍ରୀ। ଅମାବାସ୍ୟା ରାତ୍ରିର ପ୍ରଚଣ୍ଡ ଅନ୍ଧକାର ଭିତରେ ସେ ତା ସ୍ୱାମୀକୁ ଥାନାରୁ ମୁକୁଳାଇ ଆଣି ଫେରିଆସିଛି।

ଆଦିବାସୀ ଅଶିକ୍ଷିତ ନାରୀ ମୂଲଗୀ ପାଖରେ ଯାହା ଘଟିଛି ତାହା କିନ୍ତୁ ହୋଇପାରିନି 'ସ୍ୱୟଂଭୁଜା'ଗଳ୍ପର ନାୟିକା ଅଧ୍ୟାପିକା ମୀନାକ୍ଷୀ ମହାନ୍ତି ପାଖରେ। ସମାଜର ଅଧିକାଂଶ କ୍ଷମତାଶୀଳ ଅଧିକାରୀଙ୍କ ପୁଅମାନଙ୍କ ଦ୍ୱାରା ଧର୍ଷିତାହୋଇ ମିନାକ୍ଷୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଏଭଳି ଘଟଣାରେ ନାନା ଅପବାଦ, ସାମାଜିକ କଳଙ୍କ ଏବଂ ଭବିଷ୍ୟତ ଜୀବନକୁ ଭୟକରି କେଶ୍ ନକରିବା ପାଇଁ ତା ବାପା ଓ ମଉସା ନିଷ୍ପତି ନେଇଛନ୍ତି। ଏସବୁ ଶୁଣି ମିନାକ୍ଷୀ ଭିତରେ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା।ନାରୀକୁ ପୁରୁଷ ପ୍ରଧାନ ସମାଜରେ ସମକକ୍ଷ କରି ଗଢିତୋଳିବାରେ ଯେଉଁ ସମାଜ ଅନେକ ଯୁଗରୁ କୁଣ୍ଠିତ, ପାରମ୍ପରିକ କୁଶିକ୍ଷା ,ଧର୍ମ ଧାରଣାର ଆଳ ଦେଖାଇ କାବ୍ୟପୁରାଣ ସାହିତ୍ୟରେ ନାରୀକୁ କେବଳ ଅବଳା ଓ ଦୁର୍ବଳା ଭାବେ ମାନି ନିଆଯାଇଛି। ଏମିତି ବହୁ ନାରୀ ସବୁଦେଶରେ ସବୁ ସମୟରେ ଧର୍ଷିତା ହୁଅନ୍ତି। ଏଥିପାଇଁ ଆଜିକାର ପୁରୁଷ ଯେତେ ଦାୟୀ ନୁହେଁ, ସେତିକି ଦାୟୀ ସମାଜର ବଡ଼ପଣ୍ଡା ବୋଲାଉଥିବା ଶାସ୍ତ୍ରୀ, ପଣ୍ଡିତ,ମୋଲ୍ଲା ,ପାଦ୍ରୀଗଣ।ଈଶ୍ୱରଙ୍କ ବାଣୀ ନାମରେ ଅଗଣିତ ଧର୍ମଗ୍ରନ୍ଥ ସାହାଯ୍ୟରେ ସେମାନେ ନାରୀକୁ ଏକ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବରେ ଗ୍ରହଣ କରି ଆସିଛନ୍ତି।ସେଇ ଶିକ୍ଷା ଦେଇ ଆସିଛନ୍ତି।ସେ ଶିକ୍ଷାର ପ୍ରଭାବରେ ଯୁଗ ଯୁଗ ଧରି ପୁରୁଷର ମନସ୍ତତ୍ତ୍ୱ ପ୍ରଭାବିତ ହୋଇଛି।ପୁରୁଷର ଜୀବନ ଦର୍ଶନ ଗଠିତ ହେବା ସଙ୍ଗେ ସଙ୍ଗେ ନାରୀର ଜୀବନଦର୍ଶନ ମଧ୍ୟ ଠିକ୍ ସେମିତି ଭାବେ ଯୁଗ ଯୁଗ ଧରି ଗଠିତ ହୋଇଆସିଛି।ସେ ନିଜକୁ ମଣିଷ ବୋଲି କେବେ ଭାବିପାରିନାହିଁ- ତାକୁ ଭାବିବାର ସୁଯୋଗ ବା ଶିକ୍ଷା ଦିଆଯାଇନାହିଁ। ତେଣୁ ମିନାକ୍ଷୀ ଫୋନ ମାଧ୍ୟମରେ ଜଷ୍ଟିସ ମହାପାତ୍ରଙ୍କୁ ଡାକ୍ତରଖାନାରେ ଭେଟି ଗୋଟି ଗୋଟି କରି ସବୁକଥାର ବୟାନ ଦେଇଛି।ପାରମ୍ପରିକ ଧର୍ମଧାରଣା, ବିଶ୍ୱାସ,ନୀତିନିୟମ ଆଦର୍ଶକୁ ଜାଳି ପୋଡ଼ି ଧ୍ୱଂସ କରିଦେବାପାଇଁ ନେଇଛି ଦୃଢ ପ୍ରତିଜ୍ଞା।ଏହି ଗଳ୍ପରେ ଏକ ବିରାଟ ନାରୀସତ୍ତା ଜାଗ୍ରତ ହୋଇଛି।

'ଉଆଁସୀ କନ୍ୟା' ଗଳ୍ପଟିରେ ନବଜାତ ଶିଶୁକନ୍ୟାଟି ଅମାବାସ୍ୟା ରାତ୍ରିରେ ଜନ୍ମ।ଏହା ଅଶୁଭ ସଂକେତ ବୋଲି ସମାଜ ବ୍ରାହ୍ମଣ ପିତାକୁ ବିଭିନ୍ନ ପ୍ରଥା ପରମ୍ପରାର ଆଳ ଦେଖାଇ ଶିଶୁଟିକୁ ପରିବାରଠାରୁ ଓ ସମାଜରୁ ବାସନ୍ଦ କରିଥିବାର ନଗ୍ନଚିତ୍ର ଏଥିରେ ପରିଦୃଷ୍ଟ। ପିତା ସମାଜର ନୀତିନିୟମ ଶୁଣିବାପରେ ଶିଶୁକନ୍ୟାଟିକୁ ଚଣ୍ଡାଳୀ ସାବତମା'କୁ ଦେଇ ତାର ଲାଳନପାଳନ ଦାୟିତ୍ୱ ବୁଝିବାପାଇଁ କହିଛନ୍ତି। ଶିଶୁକନ୍ୟାଟି କିଶୋରୀ ହେବାପରେ ସାବତ ମା'ଠାରୁ ସମାଜର କଦର୍ଯ୍ୟ ବ୍ୟବହାର ସଂପର୍କରେ ଅବଗତ ହେବାପରେ ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛି ଯେ,ସେ ଯେମିତି କେବେବି ଯୌବନ ପ୍ରାପ୍ତି ନ ହୁଏ।କିନ୍ତୁ ଏହା ସମ୍ଭବ ହୋଇପାରିନି।କାରଣ ଏହା ବିଧିର ବିଧାନ। ନାରୀ ହେଉଛି ସୃଷ୍ଟିକର୍ତ୍ତା।ଏହି ପରିପ୍ରେକ୍ଷୀରେ ଗାଳ୍ପିକଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। ଗାଳ୍ପିକଙ୍କ ମତରେ:-"ଭଦ୍ରେ ଆପଣ ଜଣେ ନାରୀ।ଆଉ ନାରୀ ହିଁ ପ୍ରକୃତି। ସୃଷ୍ଟି କରିବା ତା'ର ଧର୍ମ। ପ୍ରକୃତି କେବଳ ଚିହ୍ନେ ଜୀବନ।ସେ ଜୀବନ ଦିଏ ଓ ତାର ପାଳନ କରେ।ଆଉ ଅନ୍ୟ ସବୁ ବିଷୟ ପ୍ରତି ସେ ଅନ୍ଧ।ଆପଣ ପ୍ରକୃତିର ଅନବଦ୍ୟ ସନ୍ତାନ।ତେଣୁ ଯେତେ ଚେଷ୍ଟା କଲେ ବି ଆପଣ ପ୍ରକୃତି ବିରୁଦ୍ଧରେ ଯିବେ କିପରି ?ସୃଷ୍ଟି ଯେ ଆପଣଙ୍କର ସ୍ୱଭାବ।ଆପଣଙ୍କର ଧର୍ମ,ଆପଣଙ୍କର ବୈଶିଷ୍ଟ୍ୟ।ସ୍ୱଭାବ ବିରୁଦ୍ଧରେ ଆପଣ ଲଢ଼ିବେ କିପରି ? ସେ ଜନ୍ମଗତ। ନିଷ୍ଫଳା ତପସ୍ୟା ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ।ଯାହାର ଯେମିତି ସ୍ୱଭାବ ସେ ସେମିତି ଭାବରେ ଭଗବାନଙ୍କୁ ପ୍ରାର୍ଥନା କରିବା ଉଚିତ୍।ସ୍ୱଭାବ ପ୍ରବୃତ୍ତି ନୁହେଁ । ସ୍ୱଭାବ ହିଁ ସୃଷ୍ଟିର ରକ୍ଷଣଶୀଳ ଜନନୀ।ତେଣୁ ସ୍ୱଭାବ ବିରୁଦ୍ଧରେ ଯିବା ଅର୍ଥ ଆପଣ ଭଗବାନଙ୍କ ବିରୁଦ୍ଧରେ ଯାଇଛନ୍ତି। ତେଣୁ ତପସ୍ୟାର ଫଳ ପାଇବେ କୋଉଠୁ ?"(୨)

'ବନ୍ଧ୍ୟା ଗାନ୍ଧାରୀ' ଗଳ୍ପର ଭାରତୀ ମିଶ୍ର ବିବାହପୂର୍ବରୁ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହେବାର ନିଷ୍ପତ୍ତି ଗ୍ରହଣକରି ଡ଼ାକ୍ତରଙ୍କୁ ଅନୁରୋଧ କରିବା, ସମାଜପାଇଁ ସେ ଯେଉଁଭଳି ଏକ ନୂତନ ବାର୍ତ୍ତା ଦେଇଛନ୍ତି, ତାହା ଖୁବ୍ ଜୀବନ୍ତ ଏବଂ ମର୍ମସ୍ପର୍ଶୀ। ନାରୀ ଭିତରର ଏଇ ସଂଗୁପ୍ତ ନୂତନ ପ୍ରତିବାଦର ସ୍ୱର ବାସ୍ତବରେ ସାମ୍ପ୍ରତିକ ସମାଜ ପାଇଁ ଏକ ସ୍ୱାଗତଯୋଗ୍ୟ ଉଦାହରଣ। ଡକାୟତ, ଅପରାଧୀ,ଧର୍ଷଣକାରୀ, ହତ୍ୟାକାରୀ ବିନା ପଣ୍ଡା ଦିବାଲୋକରେ ହତ୍ୟାକରିଛି କୁନା ସାହୁକୁ। ଦିବାଲୋକରେ ସମସ୍ତଙ୍କ ସାମ୍ନାରେ ଏ ହତ୍ୟାକାଣ୍ଡ ଘଟିଥିଲେ ସୁଦ୍ଧା ନିଜ ପ୍ରତି ବିପଦ ପଡ଼ିବାର ଆଶଙ୍କାରେ ଭୟଭୀତ ହୋଇ ପୋଲିସ ସମ୍ମୁଖରେ କେହି ସାକ୍ଷ୍ୟପ୍ରଦାନ କରିନାହାନ୍ତି। କିନ୍ତୁ ଚଉଦବର୍ଷ ବୟସ୍କା ସ୍କୁଲଛାତ୍ରୀ ଭାରତୀ ସାହସର ସହିତ ପୋଲିସ ଆଗରେ ସମସ୍ତ ସତ୍ୟ ପ୍ରକାଶ କରିଛି।ଭାରତୀର ବାପା ବିନା ପଣ୍ଡାର କ୍ରୋଧରୁ ନିଜ ପରିବାରକୁ ଏବଂ ଭାରତୀର ଭବିଷ୍ୟତକୁ ଆଖିଆଗରେ ରଖି ପୋଲିସକୁ ଲାଞ୍ଚଦେଇ ତାଙ୍କ ନାମ ସାକ୍ଷୀ ତାଲିକାରୁ କଟେଇ ଆଣିଥିଲେ।କିନ୍ତୁ ପୂର୍ବ ପ୍ରତିଶୋଧ ନେବାପାଇଁ ବିନା ପଣ୍ଡା ଭାରତୀକୁ ବିବାହ କରିବାପାଇଁ ଆୟୋଜନ କରିଛି।ଏହା ଜାଣିବାପରେ ଉଣେଇଶ ବର୍ଷ ବୟସ୍କା ଭାରତୀ ନିଜ ଅଞ୍ଚଳରେ ଅସ୍ତ୍ରୋପଚାର କ୍ୟାମ୍ପ୍ ପଡ଼ିଥିବା ଜାଣି,ସେ ସେଠାକୁ ଯାଇ ଡ଼ାକ୍ତରଙ୍କୁ ଅନୁରୋଧ କରିଛି ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପାଇଁ।ଡାକ୍ତରଙ୍କ ପାଖରେ ସେ ସମସ୍ତ କଥା ପ୍ରକାଶ କରିଛି।ସେ ଏକଥା ମଧ୍ୟ କହିଛି ଯେ, ଜଣେ ହତ୍ୟାକାରୀର ସ୍ତ୍ରୀ ହେବାକୁ ତାର ଆପତ୍ତି ନାହିଁ; କିନ୍ତୁ ଜଣେ ଖୁନୀ ଆସାମୀର ମା ହେବାକୁ କିମ୍ବା ନପୁଂସକ, ଭୀରୁ ସନ୍ତାନର ଜନନୀ ହେବାର ପାପରୁ ନିଜକୁ ରକ୍ଷା

କରିବା ପାଇଁ ତାର ନିଷ୍ପତ୍ତି । ତେଣୁ ସେ ବିବାହପୂର୍ବରୁ ଚିରଦିନ ପାଇଁ ବନ୍ଧ୍ୟାତ୍ୱକୁ ସ୍ୱୀକାରକରିବା ନିମିତ୍ତ ତା'ର ଶପଥ । ବାସ୍ତବିକ୍ ଗାଳ୍ପିକଙ୍କ ଭାରତୀ ମିଶ୍ର ସାମ୍ପ୍ରତିକ ସମାଜପାଇଁ ଏକ ନୂତନମୋଡ଼ ସୃଷ୍ଟିକରିଛି କହିଲେ ସତ୍ୟର ଅପଲାପ ହେବନାହିଁ ।

ପ୍ରେମର ପରିଭାଷା ଭିନ୍ନରୂପରେ ପ୍ରକାଶିତ ହୋଇଥାଏ ନାରୀ ପାଖରେ । ରବି ପଟ୍ଟନାୟକଙ୍କର 'କଳଙ୍କିନୀ' କ୍ଷୁଦ୍ର ଗଳ୍ପରେ ଭାନୁମତୀ ପରିଣତ ବୟସରେ ସ୍ୱାମୀ, ପିଲା,ଘରଦ୍ୱାର, ପ୍ରତିଷ୍ଠା ସବୁକିଛିକୁ ଛାଡ଼ି ଚାଲିଯାଇଛନ୍ତି ତାଙ୍କ ପୁଅ ବୟସର ଯୁବକ ଫୁଳୁନ୍ ସାଙ୍ଗରେ । ନିନ୍ଦା,କଳଙ୍କ ଓ ଅପମାନକୁ ଭ୍ରୂକ୍ଷେପ ନକରି ଦେହାତୀତ ପ୍ରେମ ଭିତରେ ସେ ବଞ୍ଚିବାକୁ ଚାହିଁଛନ୍ତି । ସେ ସ୍ୱାମୀ ପାଇଥିଲେ ହେଲେ ପାଇ ନଥିଲେ ପ୍ରେମିକ । ତେଣୁ ଭାନୁମତୀ ଫୁଲୁନ୍ ମନ ଭିତରେ ଥିବା ପ୍ରେମର ସତ୍ତା ଉପଲବ୍ଧି କଲାପରେ ସେ ପ୍ରେମକୁ ଶାଶ୍ୱତ ଏବଂ ଚିରନ୍ତନ କରି ରଖିବାକୁ ଫୁଲୁନ୍ ସାଙ୍ଗରେ ଚାଲିଯାଇଛି । ସେହିପରି 'ଯାଜ୍ଞସେନୀ' କ୍ଷୁଦ୍ରଗଳ୍ପକୁ ଗାଳ୍ପିକ ଭିନ୍ନ ଏକ ଦର୍ଶନ ମଧ୍ୟଦେଇ ଖୁବ୍ ମନୋଜ୍ଞ କରିପାରିଛନ୍ତି । ସମାଜରେ ନିଜର ବ୍ୟକ୍ତିତ୍ୱ ପାଇଁ ଡଲି ମହାନ୍ତି ନିଜ ଭାଇଙ୍କଠାରୁ ପ୍ରେରଣା ପାଇ ପୋଲିସ୍ ସବ୍ ଇନିସପେକ୍ଟରଙ୍କ ଦ୍ୱାରା ଧର୍ଷିତା ହେବା ପରେ ସେ ତାଙ୍କୁ ହତ୍ୟା କରିଛି ।ସସତୀ ଅସତୀ ଭିତରେ ସେ କିଛି ଫରକ୍ ଦେଖିନି । ହିପୋକ୍ରିଟ ଯୁଗରେ ସହସ୍ର ସହସ୍ର ଉପପତି ଗ୍ରହଣ କରି ସେ ହୋଇପାରିଛି ଅନାଗତ ଯୁଗର ମହାସତୀ ।ଗାଳ୍ପିକ ଡଲି ଚରିତ୍ରରେ କହିଛନ୍ତି – "ଯଦି ନୂତନ ସମୟର ଅସଂଖ୍ୟ ଘଟଣାର ସମୁଦ୍ର ମନ୍ଥନରୁ ଉଦଭୂତ ହଳାହଳ ପିଇ, ପରସ୍ପର ବିବଦମାନ ଆଦର୍ଶଗତ ସଂଘର୍ଷର ହୋମାନଳ ଭିତରୁ ସ୍ୱୟଂଭୂ ପ୍ରତିମା ରୂପରେ ଆବିର୍ଭୂତା ଯାଜ୍ଞସେନୀ ପଞ୍ଚପତି ଗ୍ରହଣକରି ଜଣେ ସତୀ ମୁଁ ବି ଏଇ ନୂତନ ଯୁଗର ହିଂସା, ଦ୍ୱେଷ, କପଟତା, ପରଶ୍ରୀକାତରତା ,ସ୍ୱେଚ୍ଛାଚାରିତା, କାପୁରୁଷତା, ହୀନମନ୍ୟତା, ଶଠଚାରିତା ଓ ଅହଂକାର ପ୍ରଭୃତି ବିଭିନ୍ନ ପ୍ରତିକୂଳ ଶକ୍ତିର ପ୍ରତିନିୟତ ଘୂର୍ଣ୍ଣନର ବିସ୍ଫୋରଣର ବିଷକୁ ଆକୁଣ୍ଠ ପାନକରି,ଦ୍ୱିତୀୟ ବିଶ୍ୱଯୁଦ୍ଧର ଆଣବିକ ମହାଯଜ୍ଞର ପ୍ରଜ୍ୱଳିତ ଅଗ୍ନିଉତ୍ସବ ଭିତରୁ ଉଦ୍ଭୂତ ନୀଳକଣ୍ଠୀ ନାୟିକା ତୃତୀୟ ବିଶ୍ୱଯୁଦ୍ଧରେ ନିଜକୁ ନିଜେ ଧ୍ୱଂସ କରିବାର ଭୟାନକୀ ଇଚ୍ଛାର ମୁଦଗର ଧାରଣକରି ଅପେକ୍ଷମାଣ ଏ ଯୁଗର ପ୍ରତିଭୂ ମୁଁ ଡଲି ମହାନ୍ତି ସହସ୍ର ଉପପତି ଗ୍ରହଣକରି ଆଗାମୀ ଅନୁଗତ ବହୁ ଲକ୍ଷ ଯୁଗର ଆଦର୍ଶ ନାୟିକା ମହାସତୀ, ନୂତନ ଯାଜ୍ଞସେନୀ ।"(୩)

'ସୁରୁଚି ଓ ସୁନିତୀ' ଗଳ୍ପରେ ସୁରୁଚିର କଥାବାର୍ତ୍ତା,ବ୍ୟବହାରରେ ଅନେକ କାଇଦା ପ୍ରତ୍ୟେକଟିରେ ମାର୍ଜିତ ରୁଚିର ପରିଚୟ ମିଳେ । ସେ ଶିକ୍ଷିତା, ସୁଶ୍ରୀ ଏବଂ ଗୃହକର୍ମ ନିପୁଣା ନାରୀଟିଏ ।ଯାହାକୁ କହନ୍ତି ସର୍ବଗୁଣସମ୍ପନ୍ନା । ସୁରୁଚିର ପ୍ରତ୍ୟେକଟି ଜିନିଷରେ ଗୋଟାଏ ଆର୍ଟିଷ୍ଟିକ ଛାପ ।ରଙ୍ଗର ବହୁଳତା ନାହିଁ । ଜିନିଷପତ୍ରର ପ୍ରାଚୁର୍ଯ୍ୟ ନାହିଁ,କିନ୍ତୁ ଦେଖିଲେ ମନେହେବ ତାର ଏଇ ସରଳ ସୁନ୍ଦର ସାଜସଜ୍ଜା ଭିତରେ ବି ସେ ଅନ୍ୟମାନଙ୍କ ବହୁମୂଲ୍ୟ ଜିନିଷଠାରୁ ଯଥେଷ୍ଟ ଉପରେ ।ନିଜ ଭିତରେ ସେ ଅନ୍ଧ ହୁଏ । ଅଜ୍ଞାନ ହୁଏ ।ସବୁ ପ୍ରାପ୍ତି ଭିତରେ ବି ତା ମନନଭିତରେ ରହିଥିବା ସୁନିତୀର କାନ୍ଦ ତାକୁ ଆନମନା କରେ ।ଯେପରି ହୋଇଛି କଲେଜ୍ ପଢୁଆ ଶିକ୍ଷିତା ଯୁବତୀ ମଞ୍ଜୁଳା ସହିତ ।ଏକ ଆବେଗତା ପୂର୍ଣ୍ଣ ମୁହୂର୍ତ୍ତରେ ତା'ର କ୍ଳାନ୍ତି ଏବଂ ଦୁର୍ବଳତା ତାକୁ ନିଜ ସ୍ଥିତିଠାରୁ ବହୁଦୂରକୁ ନେଇଯାଇଛି ।ଧନୀ ଘରର ଝିଅ ହେଲେ ମଧ୍ୟ ଗୋଟିଏ ଶସ୍ତା କଲମ ଚୋରି କରିବାର ବିଚିତ୍ର ଅନୁଭବ 'କଲମ' କ୍ଷୁଦ୍ରଗଳ୍ପରେ ଖୁବ୍ ଆବେଦନଶୀଳ ହୋଇପାରିଛି ।

'ରାଜକୁମାରୀ' ଗଳ୍ପରେ ପାଞ୍ଚବର୍ଷର ଝିଅ ଲୋଲିର କାନ୍ଦୁରା ମୁହଁ ଓ ବିଚଳିତ ହେବା ଦେଖି ଉଚ୍ଚଶିକ୍ଷିତା ଭଦ୍ରମହିଳା ଜଣକ ତାକୁ କୋଳେଇ ନେବା, ମିଃ ମହାନ୍ତିଙ୍କଠାରୁ ସମସ୍ତ ବିଷୟ ଶୁଣିବା ପରେ ସେ ସ୍କୁଲରେ ଲୋଲିର ଆଡ଼ମିସନ କରାଇବା ଆଦି ମଧ୍ୟରେ ରହିଛି ରାଜକୁମାରୀ ରତ୍ନପ୍ରଭା ସିଂହଦେଓଙ୍କ ଗୋଟିଏ ଶିଶୁ ଓ ତାର ପରିବାର ପ୍ରତି ଶ୍ରଦ୍ଧା, ସହଯୋଗ ଓ ସହାନୁଭୂତି ପ୍ରଦର୍ଶନର ଚିତ୍ର । ଉଚ୍ଚ ଆଭିଜାତ୍ୟ ବଂଶଜ ରତ୍ନପ୍ରଭା ଥିଲେ ନିଷ୍କଳଙ୍କ,ଚରିତ୍ରବତୀ କନ୍ୟା । ଯାହାକି ଭାରତବର୍ଷରେ ଦୁର୍ଲ୍ଲଭ ।କୌଣସି ପୁରୁଷକୁ ସେ ଆଡଆଖିରେ ମଧ୍ୟ ଚାହିଁ ନାହାନ୍ତି । ଦୃପ୍ତ,ଅହଙ୍କାରୀ ଓ ଅଗ୍ନିଶିଖା ପରି ଜ୍ୱଳମାନ ଥିଲେ ସେ ।ତେଣୁ ସେ ବିବାହ ନକରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଏବଂ ମିସେସ୍ ମହାନ୍ତିଙ୍କ ସମ୍ମୁଖରେ ନିଜ ମନଗହନର ସଂଗୁପ୍ତ ସତ୍ୟତାକୁ ପ୍ରକାଶ କରି କହିଛନ୍ତି:-"ଆପଣ ବୁଝିପାରିବେ ନାହିଁ ମିସେସ୍ ମହାନ୍ତି !ସେଇଟା ଆମ ରାଜକୁମାରୀ ମାନଙ୍କର ନିଜସ୍ୱ ଦୁଃଖ- ନିଜସ୍ୱ ବେଦି । ଆପଣମାନଙ୍କ ପକ୍ଷରେ ସେ ସୋନ୍ଦର୍ଯ୍ୟ, କ୍ଷମତା, ଧନ ବଡ଼ ହୋଇ ଦେଖାଦିଏ । ମୋ ପାଖରେ କିନ୍ତୁ ସେ ସମୟ ତୁଚ୍ଛ ।ଅନେକ କ୍ଷମତା,ଧନ ଦେଖିଛି ମୁଁ । ସୌନ୍ଦର୍ଯ୍ୟ ପୁରୁଷତ୍ୱ ବି ଅନେକ ଦେଖିଛି । ଆଃ କେମିତି କହିବି ବୁଝିପାରୁନି । ଆପଣଙ୍କ ଦେହରେ ରକ୍ତର ରଙ୍ଗ ନାଲି । ରାଜକୁମାରୀମାନଙ୍କର ରକ୍ତର ରଙ୍ଗ ନୀଳ । ଏଇ ନୀଳ ରଙ୍ଗର ରକ୍ତଧାରିଣୀ କୌଣସି କନ୍ୟା ଯେତେ କ୍ଷମତା ସମ୍ପନ୍ନ, କୋଟିପତି, ସୁପୁରୁଷ ହେଉପଛେ ତା ଆଗରେ ସାଧାରଣ ବ୍ୟକ୍ତି ମାତ୍ର । ତାକୁ ସେ ଦେହଦାନ କରିପାରେନା । ଅନ୍ତତଃ ମୁଁ ପାରିବି ନାହିଁ । ମୁଁ ରାଜକୁମାରୀ ମିସେସ୍ ମହାନ୍ତି, ମୁଁ ରାଜକୁମାରୀ ।"(୪)ଗାଳ୍ପିକ ରବି ପଟ୍ଟନାୟକ ରାଜକୁମାରୀ ଚରିତ୍ରଟିକୁ ଖୁବ୍ ଚମତ୍କାର ଭାବେ ବିଶ୍ଳେଷଣ କରିଛନ୍ତି ।

'କୁମାରୀବଧୂ' ଗଳ୍ପରେ ସୁରମା,ସ୍ୱାମୀ ସୁରଜିତଙ୍କ କର୍ମ ବ୍ୟସ୍ତଜୀବନ ଭିତରୁ ଅନେକ ଆଦର ସୋହାଗ ପାଇଲାପରେ ମଧ୍ୟ ସୁରମାକୁ ଯେପରି ଅନେକ କିଛି ଅପ୍ରାପ୍ତି ଭିତରେ ବଞ୍ଚିଥିଲା ପରି ମନେହୋଇଛି । ପୁଅ,ଝିଅ, କୋଠା, ଗାଡ଼ି, ବ୍ୟାଙ୍କ୍ ବାଲାନ୍ସ ଏସବୁ ତାକୁ ଯେପରି ଅଣନିଃଶ୍ୱାସୀ କରିଦେଇଛି । ସାମାଜିକ ବନ୍ଧନ ଭିତରେ ଜଣେ ଆଦର୍ଶଶୀଳ ସ୍ୱାମୀ ସହ ଦୀର୍ଘ ବାରବର୍ଷ ସଂସାର କରିବାପରେ ମଧ୍ୟ ସ୍ୱାମୀ ଅପ୍ରାପ୍ତି ଜନିତ ହୃଦୟର ଶୂନ୍ୟତାକୁ ଅନୁଭବ କରି ସେ

ଖୁବ୍ ସନ୍ତୁଳିତ ହୋଇଛନ୍ତି । ବଧୂ ହେବାର ମୁକୁଟ ଧାରଣ କରିଥିଲେ ମଧ୍ୟ ସେ ଆଜି ଯାଏଁ କୁଆଁରୀ ହୋଇ ରହିଛନ୍ତି ।ଏହି ହେତୁ ଗାଳ୍ପିକ କହିଛନ୍ତି:-"ବୋଧହୁଏ ଏଇଥିପାଇଁ ସ୍ୱାମୀ,ପୁତ୍ର,କନ୍ୟା ନେଇ ସୁଖରେ ଘରସଂସାର କରୁଥିବା ଷୋଳ ସହସ୍ର ଗୋପୀ ହୃଦୟର ଏଇ ଶୂନ୍ୟତା ଟିକକ ପୂରଣ କରିବା ପାଇଁ ଲୋକଲଜ୍ଜ୍ୟା, କୁଳମାନ ମହତ ସବୁ ତ୍ୟାଗକରି ଛୁଟି ଯାଉଥିଲେ ଯମୁନା କୂଳକୁ ସେଇ ଶୂନ୍ୟତାଟିକକୁ ପୂର୍ଣ୍ଣ କରିବାପାଇଁ ଏକ ଅଲୌକିକ ଭାବସତ୍ତାରେ ।"(୫)

ନୁଆବାଟ କ୍ଷୁଦ୍ରଗଳ୍ପରେ ବିଜୟା ଚରିତ୍ରରେ ପରିବର୍ତ୍ତନ ଘଟିଥିବା ଘଟଣାକୁ ଗାଳ୍ପିକ ଭିନ୍ନ ରୂପରେ ଚିତ୍ରଣ କରିଛନ୍ତି । ବିଜୟା ବିବାହ କରିଥିଲା ଜଣେ ଇଞ୍ଜିନିୟରକୁ ।କିଛି ମାସର ବ୍ୟବଧାନ ଭିତରେ ସେ ଶୁଣିବାକୁ ପାଇଲା ଯେ ତାଙ୍କ ସ୍ୱାମୀ ଜଣେ ବଙ୍ଗୀୟ ଡାକ୍ତରାଣୀ ସହିତ ଅନୈତିକ ସଂପର୍କରେ ଲିପ୍ତଅଛନ୍ତି ।ଏହାକୁ ସେ ସହ୍ୟ କରିପାରିନି । ପୃଥିବୀର ଯେକୋ?ଣସି ନାରୀ ପକ୍ଷରେ ମଧ୍ୟ ଏହା ଅସମ୍ଭବ ।ତେଣୁ ସେ ସ୍ୱାମୀଙ୍କୁ ଠାରୁ ମୁକ୍ତ ହେବା ପାଇଁ ନିଷ୍ପତ୍ତି ନେଇଛି । ମା'ଙ୍କଠାରୁ ସାନ୍ତ୍ୱନା ଓ ପ୍ରେରଣା ପାଇବାପରେ ସେ ସ୍ୱାମୀକୁ ଛାଡ଼ପତ୍ର ଦେଇ ଦ୍ୱିତୀୟ ଥର ବିବାହ କରିବ ବୋଲି ସ୍ଥିର କରିଛି । ଅସୀ ବର୍ଷ ବୟସର ଜେଜେମାଙ୍କଠାରୁ ଅତୀତର ପୁରୁଷମାନଙ୍କ ପାରମ୍ପରିକ ଜୀବନବାଣୀ ଶୁଣିଛି ।କିନ୍ତୁ ସେସବୁ ପୁରୁଣା କାଳିଆ ମୂଲ୍ୟବୋଧକୁ ସେ ସହଜରେ ଗ୍ରହଣ କରିପାରିନି । କାରଣ ସେ ସାମ୍ପ୍ରତିକ ସମାଜର ପରିବର୍ତ୍ତନଶୀଳ ନାରୀ ।କିନ୍ତୁ ଯେତେବେଳେ ସେ ଛାଡ଼ପତ୍ରରେ ଦସ୍ତଖତ କରିବାକୁ ବାହାରିଛି ତା ଭିତରେ ଜେଜେମାଙ୍କର କଥା ମୁତାବକ ସେଇ ପାରମ୍ପରିକ ମୂଲ୍ୟବୋଧ ଉପରେ ବଞ୍ଚି ରହିଥିବା ନାରୀଟି ପୁଣି ଜୀବନ୍ତ ହୋଇଉଠିଛି ।ବିଜୟାର ଅନ୍ତରରେ ଘଟିଛି ରୂପାନ୍ତର ।ଏକ ଭିନ୍ନ ରୂପରେ ସେ ପାଠକ ଆଗରେ ଉଭା ହୋଇଛି ।ବିଶ୍ୱାସ ଏବଂ ଅବିଶ୍ୱାସ ଭିତରେ ବଞ୍ଚି ରହିବାର ଗୋଟିଏ ନୂତନ ଚେତନାକୁ ବିଜୟା ଆପଣେଇ ନେଇଛି ।ଏକ ନୂତନମାର୍ଗର ସନ୍ଧାନ ଅଭିମୁଖେ ବିଜୟା ପଥ ପ୍ରସ୍ତୁତ କରିଛି ।ବାସ୍ତବିକ ଗାଳ୍ପିକଙ୍କ ଲେଖା ଖୁବ୍ ମର୍ମସ୍ପର୍ଶୀ ।

ରବି ପଟ୍ଟନାୟକଙ୍କର କେତେକ ଗଳ୍ପରେ ଯୌନଚେତନାର ଚିତ୍ର ପ୍ରତିଫଳିତ ହୋଇଥିବାର ସ୍ପଷ୍ଟ ପ୍ରମାଣ ମିଳେ ।ନାରୀ ମନଗହନରେ ଯୌନ ଚେତନା ସୃଷ୍ଟିର ଆରମ୍ଭରୁ ହିଁ ରହି ଆସିଛି ।ତାର ଅନୁଭୂତି ଓ ଅନୁଶୀଳନ ସାମାଜିକ ପରିବର୍ତ୍ତନ ଦୃଷ୍ଟିକୋଣରୁ ଭିନ୍ନ ରୂପରେ ଚିତ୍ରାୟିତ ହୋଇଛି । ଫ୍ରଏଡୀୟ ଚେତନା ଆଧାରିତ ଯୌନ ଚେତନାର ସଫଳ ରୂପଚର୍ଯ୍ୟା ଭିତରେ ଗାଳ୍ପିକଙ୍କ କ୍ଷୁଦ୍ର ଗଳ୍ପର କେତକ ନାରୀ ଚରିତ୍ର ବେଶ୍ ରସୋତ୍ତୀର୍ଣ୍ଣ ହୋଇପାରିଛି । ଯାଜ୍ଞସେନୀ,ସନ୍ଧି, ପରକୀୟା, ମିସ୍ କାରୋଲିନା କୁଜୁର୍, ରାଗତୋଡ଼ି, ଦୋଚାରୁଣୀ , ବ୍ୟଭିଚାରିଣୀ ପରି ଅନେକ ଗଳ୍ପରେ ଏହିଭଳି ଚିତ୍ର ଲକ୍ଷ୍ୟ କରିହୁଏ । ମିସ୍ କାରୋଲିନା କୁଜୁର୍ ତାଙ୍କ ଯୌବନ ସମୟରେ ଥିଲେ ଦେହଜୀବୀ, ରାଉରକେଲାରେ ତାଙ୍କ ପରିଚୟ ଅସାଧାରଣ ।ସେ ତାଙ୍କ ରୂପରେ ଜର୍ମାନ ପୁରୁଷଙ୍କୁ ମୋହିତ କରି ତାଙ୍କର ଅତି ପ୍ରିୟ ହୋଇ ରହିଥିଲେ । କୁଜୁରଙ୍କ ବୟସ ଅତିକ୍ରାନ୍ତ ହେବାପରେ ସେ ବୃଦ୍ଧା ଅବସ୍ଥାରେ ତାଙ୍କ ଅତୀତର କୃତକର୍ମକୁ ମନେ ପକାନ୍ତି ।କୃତ କର୍ମ ପାଇଁ ଶୋଚନା କରନ୍ତି । ତାଙ୍କ ପାପକୁ ସେ ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି । ଅନୁଶୋଚନା ଭିତରେ ଥାଇ ନିଜେ କରିଥିବା ପାପ କର୍ମ ପାଇଁ ପ୍ରାୟଶ୍ଚିତ କରିବାକୁ ଚେଷ୍ଟା କରନ୍ତି । ସେହିପରି 'ରାଗତୋଡ଼ି' ଗଳ୍ପରେ କାର୍ଲିଫର୍ଣ୍ଣିଆ ଝିଅ ମିସ୍ ଇସାବେଲା ଚରିତ୍ରରେ ଗାଳ୍ପିକ ଯୌନ ଚେତନାର ଯେଉଁ ସତ୍ୟ ଉଦଘାଟନ କରିଛନ୍ତି ତାହା ଶାଶ୍ୱତ ଏବଂ କାଳଜୟୀ । ପରକୀୟା ଗଳ୍ପରେ ସୁନନ୍ଦାର ନାରୀତ୍ୱ ଅପୂର୍ଣ୍ଣ ରହିଛି । ସୁନନ୍ଦାର ସ୍ୱାମୀ ମଦ୍ୟପ । ଯିଏ କି ନିଜର ପୌରୁଷ ଜାହିର କରିବା ପାଇଁ ଦିନ ଭିତରେ କେବଳ ମାତ୍ର ଅଧ ଘଣ୍ଟାଏ ସମୟ ଦିଏ ।ତେଣୁ ସୁନନ୍ଦା ସ୍ୱାମୀର ବନ୍ଧୁ ଜ୍ଞାନେନ୍ଦ୍ର ପାଖରେ ନିଜକୁ ସମର୍ପି ଦେଇଛି । ଏସବୁ ଗଳ୍ପରେ ନାରୀ ମନତଳର ଅନେକ ପରିଭାଷା ଏବଂ ଅଦୃଶ୍ୟ ରୂପ ବିଭବକୁ ଲେଖକ ଚମତ୍କାରଭାବେ ଚିତ୍ରଣ କରିଛନ୍ତି ।

ବାସ୍ତବରେ ଦେଖିବାକୁ ଗଲେ ରବି ପଟ୍ଟନାୟକଙ୍କ କ୍ଷୁଦ୍ରଗଳ୍ପର ନାରୀମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ପ୍ରତିନିଧିତ୍ୱ କରିନାହାନ୍ତି ବରଂ ଭିନ୍ନ ଭିନ୍ନ ଚେତନା, ଦର୍ଶନ ଏବଂ ରୂପଚର୍ଯ୍ୟା ଭିତରେ ଏମାନେ କେତେବେଳେ ସାଧାରଣ ବାସ୍ତବ ଜୀବନର ଅନୁଭୂତି ମଧ୍ୟ ଦେଇ ପାଠକ ସମାଜରେ ଦେଖା ଦେଇଛନ୍ତି ତ ଆଉ କେତେବେଳେ ନୂତନ ମାନଚିତ୍ରର ଚିତ୍ରକର ହୋଇ ଉଭା ହୋଇଛନ୍ତି । ମୁଳଗୀ,ଭାରତୀ,ମିନାକ୍ଷୀ, ସୁରୁଚି, ରତ୍ନପ୍ରଭା, ସୁରମା, ବିଜୟା,ମଞ୍ଜୁଳା, ରିନା, ଚନ୍ଦ୍ରା, ଡଲି, ସୁଲୀ, ଝୁନକି, ଭାନୁମତୀ, ସୁମିତ୍ରା, କାରୋଲିନା ଏବଂ ଇସାବେଲା ପ୍ରଭୃତି ଅନେକ ନାରୀ ଗାଳ୍ପିକ ରବି ପଟ୍ଟନାୟକଙ୍କ ସୃଷ୍ଟି ସମ୍ପଦର ଗୋଟିଏ ଗୋଟିଏ ଜ୍ୱଳନ୍ତ ପ୍ରତିନିଧିଭାବେ ପାଠକସମାଜରେ ଚିରଦିନ ଆଦୃତହୋଇ ରହିବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ସଙ୍କେତ ସୂଚୀ :**


୧. ରବି ପଟ୍ଟନାୟକ ଗଳ୍ପମାନସ – ସମ୍ପାଦକ- ସନତ ଦାସ ପଟ୍ଟନାୟକ , ଜୀବନାନନ୍ଦ ମହାପାତ୍ର ପ୍ରକାଶ କାଳ– ୧୯୯୫,ଆର୍ଯ୍ୟ ପ୍ରକାଶନ

୨. ରବି ପଟ୍ଟନାୟକ ଗଳ୍ପ ସମଗ୍ର, ଦ୍ୱିତୀୟ ଭାଗ-ଉଆଁସୀ କନ୍ୟା, ପୃଷ୍ଠା-୧୯୭, ଦ୍ୱିତୀୟ ପ୍ରକାଶ-୨୦୨୧

୩. ତତ୍ରୈବ- ଯାଜ୍ଞସେନୀ, ପୃଷ୍ଠା-୧୦୮

୪. ତତ୍ରୈବ- ରାଜକୁମାରୀ, ପୃଷ୍ଠା-୫୨୩

୫. ତତ୍ରୈବ- କୁମାରୀବଧୂ, ପୃଷ୍ଠା-୫୪୫

# ‘ଭୋର୍’ ଏକ କ୍ରାନ୍ତିକାରୀ ଆହ୍ୱାନ



ISSN-2583-6978
Volume-4
Issue-10
OCTOBER-2024

**ଡକ୍ଟର ପ୍ରିୟଦର୍ଶିନୀ ସ୍ୱାଇଁ**

ସହକାରୀ ଅତିଥି ଅଧ୍ୟାପିକା
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଦେବ ପ୍ରସାଦ ଦାଶ ଜଣେ ବହୁମୁଖୀ ପ୍ରତିଭା। ଏକାଧାରାରେ ସେ ଜଣେ ସମ୍ବାଦ ପାଠକ, ଅଭିନେତା, ଗଳ୍ପ, ପ୍ରବନ୍ଧ, ଅନୁବାଦର ଲେଖକ। ଜଣେ ସୁସଂଯୋଜକ ସହ ପ୍ରଶାସନିକ ଅଧିକାରୀ। ସଂପ୍ରତି ଏକ ଆଲୋଚନା ସଭାରେ ତାଙ୍କ ପ୍ରତିଭାଶାଳୀ ବକ୍ତବ୍ୟଗୁଡ଼ିକୁ ଶୁଣିବାର ସୁଯୋଗ ମିଳିଥିଲା ମୋତେ। ସେଥିରୁ କିୟଦଂଶ ଦେବାକୁ ଉଚିତ ମନେ କରୁଛି। ଶ୍ରୀଯୁକ୍ତ ଦାଶଙ୍କ ବାପା ସରକାରୀ ଚାକିରୀକରିଥିବା ହେତୁ ତାଙ୍କ ବାଲ୍ୟ ଜୀବନ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନ କଟି ଓଡ଼ିଶାର ବିଭିନ୍ନ ସ୍ଥାନରେ ଅତିବାହିତ ହୋଇଛି। ସେଥିପାଇଁ ଏକାଦଶ ଶ୍ରେଣୀ ପଢ଼ିବା ସମୟକୁ ୧୧ଟି ବିଦ୍ୟାଳୟର ଛାତ୍ର ହୋଇଥିଲେ ସେ। ରାଜନୀତି ବିଭାଗରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ସାହିତ୍ୟର ପ୍ରେମରେ ପଡିଯାଇଥିଲେ। ଗଳ୍ପ ଲେଖିବାର ଉପାଦାନ କେଉଁଠୁ ପାଆନ୍ତି ? ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଯୁକ୍ତ ଦାଶ କୁହନ୍ତି ଆମେ ସମସ୍ତେ ପ୍ରତିଦିନ ପ୍ରାୟ ୧୦୦ଟି କାହାଣୀର ସଂସ୍ପର୍ଶରେ ଆସୁ। ସେଥିରୁ କିଛି ଜୀବନ୍ୟାସ ପାଆନ୍ତି। ପ୍ରଥମ ଗଳ୍ପ ଲେଖିବାର ଅନୁଭୂତି ବଖାଣିବା ଅବକାଶରେ ସେ ଜଣେ ଭଲ ପ୍ରେମିକ ହେବା ପାଇଁ କଲେଜ ପଢିବା ସମୟରେ କଲେଜର ମ୍ୟାଗାଜିନ ପାଇଁ ଗଳ୍ପ ଲେଖିଥଲେ। ଯେଉଁ ଝିଅ ପାଇଁ ଗଳ୍ପ ଲେଖିଥିଲେ ତାକୁ ଯେତେବେଳେ ଗଳ୍ପ ପଢିବା ପାଇଁ ଦିଅନ୍ତି ସେ ଗଳ୍ପ ପଢିପାରେନି କି ବୁଝିପାରେନି। କାରଣ ସେ ଝିଅଟି ଇଂରାଜୀ ମିଡିୟମ ବିଦ୍ୟାଳୟର ଛାତ୍ରୀ ଥିଲା। ଏହି କଥା କହି ଶ୍ରୀଯୁକ୍ତ ଦାଶ ସମଗ୍ର ପରିବେଶକୁ ହାସ୍ୟରୋଳ ରେ ଭରି ଦିଅନ୍ତି। ଦ୍ୱିତୀୟରେ ଯେତେବେଳେ ଗଳ୍ପ ଲେଖିବା ପାଇଁ ବିବସ ହୋଇପଡନ୍ତି ସେତେବେଳେ ସମ୍ବାଦ ଦ୍ୱାରା ପ୍ରସ୍ତୁତ କଥା ପତ୍ରିକାର ନବ ପ୍ରତିଭା ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରତି ମାସରେ ଗଳ୍ପ ଲେଖି ଚାଲିଲେ ଏବଂ ପୁରସ୍କୃତ ହେଲେ ମଧ୍ୟ। ତୃତୀୟତଃ ଯେତେବେଳେ ଜୀବନ ଓ ଜଗତକୁ ହୃଦୟଙ୍ଗମ କଲେ, ପ୍ରଶାସନିକ ସ୍ତରରେ ଥାଇ ବିରୋଧଭାସର ସ୍ୱୀକାର ହୋଇଛନ୍ତି,ହୃଦୟ ଚାହୁଁଥିବା କଥା କହିପାରିନାହାନ୍ତି, ସେବେଠାରୁ ତାଙ୍କ କଲମ ଅବିରତ ଗତିରେ ଚାଲିଛି ଆଜି ପର୍ଯ୍ୟନ୍ତ। ଆମ ଓଡ଼ିଆ ସାହିତ୍ୟକୁ ଅନେକ ସାହିତ୍ୟିକ କୃତୀ ଭେଟି ଦେଇ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ପରିପୁଷ୍ଟ କରିଛନ୍ତି।

ଆଲୋଚ୍ୟ ଗଳ୍ପ ସଂକଳନ ‘ଭୋର’ ୨୦୦୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଛି। ଏହି ପୁସ୍ତକ ଭୁବନେଶ୍ୱର ପୁସ୍ତକ ମେଳାରେ ଉନ୍ମୋଚନ ଉତ୍ସବରେ ପ୍ରଖ୍ୟାତ ଲେଖିକା ତସଲିମା ନସରିନ୍‌ଙ୍କ ହାତରେ ଉତ୍ସର୍ଗ କରିଛନ୍ତି ଲେଖକ ଶ୍ରୀଯୁକ୍ତ ଦାଶ। ‘ଭୋର’ ଗଳ୍ପ ସଂକଳନଟି ‘ଧୂଆଁ’, ‘ଦୀପଟିଏ ଜଳୁଥାଉ’, ‘ରକ୍ତସ୍ନାନ’, ‘ଅଗ୍ନିପଥ’, ‘ଡେରି’, ‘ମହାଲକ୍ଷ୍ମୀ’, ‘ମହାତ୍ମା ଓ ଇତିହାସ’, ‘ଭୋର୍’, ‘ଆଲ୍ଲାଦୀନ୍‌ର ଦୀପ’, ‘ମେଘ ଫେରିଗଲା ପରେ’ ଓ ‘ଜୀବନ ଓ ମୃତ୍ୟୁ’କୁ ନେଇ ଋଦ୍ଧିମନ୍ତ। ‘ଭୋର’ ସଂକଳନର ଗଳ୍ପଗୁଡ଼ିକ ଏକୁ ଆରେକ ବଳି। ପ୍ରତି ଗଳ୍ପରେ ବିପ୍ଳବର ସ୍ୱର ବାରି ହୋଇ ପଡେ। ଏକ ଆଲୋଚନା ଚକ୍ରରେ ଲେଖକଙ୍କୁ ପଚରାଗଲା ‘ଆପଣ ପ୍ରଶାସନ ଅଧିକାରୀ ବା ସାହିତ୍ୟକ ନ ହୋଇଥଲେ କ’ଣ ହୋଇଥାନ୍ତେ ?’ ସେ ଏହାର ଉତ୍ତରରେ କହିଲେ, ‘ମୁଁ ସନ୍ତ୍ରାସବାଦୀ ହୋଇଥାନ୍ତି, ‘କେତେ ଦୃଢ଼, ନିର୍ଭୀକ କଥାକାର ଦାଶଙ୍କର ସ୍ୱର। ତାଙ୍କ ଗଳ୍ପ ଗୁଡ଼ିକରେ ମଧ୍ୟ ଏହା ପରିସ୍ଫୁଟ। ସର୍ବହରା, ଦଳିତ, ନିଷ୍ପେଷିତ,ସାଧାରଣ ଜନତା କିପରି ଅତ୍ୟାଚାରିତ, ନିର୍ଯାତନାର ଶିକାର ହୋଇଛନ୍ତି, ଶୋଷଣ ହୋଇଛନ୍ତି।

ଏ ସବୁରେ ଅତିଷ୍ଠ ହୋଇ ତାଙ୍କ ଗଳ୍ପର ନାୟକ, ନାୟିକାଙ୍କ ମୁହଁରେ ପୁଞ୍ଜିପତି, ଶାସକ, ଧନୀକଗୋଷ୍ଠୀ ପ୍ରତି ସ୍ୱର ଉତ୍ତୋଳନ କରାଇଛନ୍ତି। ସେମାନଙ୍କ ହକ୍, ନାର୍ଯ୍ୟ ଅଧିକାର ପ୍ରାପ୍ୟ ଦେବାକୁ ଶତଚେଷ୍ଟା କରିଛନ୍ତି କଥାକାର ଦେବ ପ୍ରସାଦ ଦାଶ। ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ମତରେ, 'ଯେଉଁ ସାହିତ୍ୟ ମଣିଷକୁ ଶୁଣାଏ ଏହି ଧୂଳି ଧୂସରିତ ଧରଣୀର ମହତ୍ତ୍ୱ, ମାଟିର ମଣିଷକୁ ଯାହା ସଂଗ୍ରାମ ଶୀଳ କରାଇ ଛିଡ଼ା କରାଏ, ଯାହା ପ୍ରେରଣା ଦିଏ ମୁଷ୍ଟିମେୟ ପରାଙ୍ଗପୁଷ୍ଟ ବୁର୍ଜୁୟା ଗୋଷ୍ଠୀର ଦାନବିକ ପ୍ରବୃତ୍ତିକୁ ଧ୍ୱଂସ କରିବା ପାଇଁ, ଯାହା ଇଙ୍ଗିତ ଦିଏ ପରଶୁରାମ ଭଳି ଅପମାନର ପ୍ରତିଶୋଧ ନେବାକୁ, କେବଳ ଇଭୋଲ୍ୟୁସନ ନୁହେଁ ରକ୍ତ ରଞ୍ଜିତ ରିଭୋଲ୍ୟୁସନ ମଧ୍ୟ ଦେଇ ଯାହା ଜୀବନର ଊର୍ଦ୍ଧ୍ୱନାଦ କରେ ତାହା ହିଁ ପ୍ରଗତି ସାହିତ୍ୟ।' ୧

ଶ୍ରୀଯୁକ୍ତ ଦାସଙ୍କ ଗଳ୍ପରେ ସାମାଜିକ ଚିତ୍ର ଦେଖିବାକୁ ମିଳେ। ରାଜନୈତିକ କୁଟଚକ୍ରାନ୍ତ, ଘୋର ଅର୍ଥନୀତିକ, ସଂକଟ, ଦାରୁଣ ଅଭାବ ଗ୍ରସ୍ତରେ କଳବଳ ସାଧାରଣ ମଣିଷ, ସମ୍ଭ୍ରାନ୍ତ, ସାମର୍ଥ୍ୟବାନର ଅମାନବିକ ପଣିଆ, ସାମ୍ପ୍ରଦାୟିକତା, ଦଙ୍ଗା, ବିସ୍ଥାପିତ, ବିପ୍ଳବାତ୍ମକ, ମାନବିକତାର ନିଖୁଣ ଚିତ୍ରରେ ଚିତ୍ରାୟିତ 'ଭୋର' ଗଳ୍ପ ସଂକଳନ।

'ଧୂଆ' ଗଳ୍ପଟି ବ୍ରିଟିଶ ଶାସନ ପରବର୍ତ୍ତୀ ସମୟର ଜମିଦାର ମାନଙ୍କର ପ୍ରଜାମାନଙ୍କ ପ୍ରତି ପାଶବିକ ଅତ୍ୟାଚାର, ପ୍ରଜାପୀଡ଼ନ, ଶୋଷଣ, ସୁରାପାନ, ନାରୀମାନଙ୍କୁ ଯୌନ ଶୋଷଣ ଆଦିର ଏକ ମାର୍ମିକ ଚିତ୍ରର ରହସ୍ୟମୟ ଘଟଣାର ପର୍ଦ୍ଦାଫାସ କରିଛନ୍ତି ନାୟକ ଯୁବକ ଅଧ୍ୟାପକ। ଦୀପଟିଏ ଜଳୁଥାଉ ଗଳ୍ପରେ କ୍ଷମତା, ପ୍ରତିପତ୍ତି ସମ୍ପନ୍ନ ବ୍ୟକ୍ତିତ୍ୱ ନିଜର ସ୍ୱାର୍ଥ ପାଇଁ ନିରୀହ ପଡୋଶୀକୁ କିଭଳି ତଳିତଳାନ୍ତ କରିଦିଅନ୍ତି, ମିଛ କେସରେ ଫସାଇ ଗୁଣ୍ଡା, ଗର୍ଦ୍ଦି କରି ତାର ଘରକୁ ଧୂଳିସାତ କରିଦିଅନ୍ତି। ଏଭଳି ଅନ୍ୟାୟକୁ ସହ୍ୟ କରିପାରୁନଥିବା ଅନ୍ୟ ଜଣେ ପ୍ରତିବେଶୀ ବୃଦ୍ଧ ବିପ୍ରଚରଣ ସମୟ ସହ ସାଲିସ ନକରି ବିରୋଧାଚାରଣ କରିଛନ୍ତି। ସେଥିପାଇଁ ସେ ପୋଲିସ କର୍ମଚାରୀଙ୍କ କ୍ରୋଧର ଶିକାର ହୋଇଛନ୍ତି। "ଆଇନ କାନୁନ ପ୍ରଶାସନ ନୈତିକତା ସବୁ ବାଟ ଛାଡ଼ି ଦିଅନ୍ତି କ୍ଷମତା ଓ ସାମର୍ଥ୍ୟକୁ, ଜଣେ ଅସଭ୍ୟ, ଅଶିକ୍ଷିତ, ଅସାମାଜିକ ଲୋକର ଔଦ୍ଧତ୍ୟକୁ ବୁଝିହୁଏ। କିନ୍ତୁ ଭଦ୍ରଲୋକର ଖୋଳପା ପିନ୍ଧି ଯେ ଜଣେ ଏଭଳି ଅପରାଧ କରିପାରେ, ତାହା ତାଙ୍କ କଳ୍ପନାର ବାହାରେ। ସମସ୍ତ ପୋଲିସ କର୍ମଚାରୀ ତଳୁ ଉପରେ ସ୍ତର ଯାଏ ବିକ୍ରି ହୋଇ ସାରିଛନ୍ତି।" ୨

ଶେଷରେ ନ୍ୟାୟ ପାଇଁ ବିପ୍ରଚରଣ ଅଦାଲତର ଆଶ୍ରୟ ନେଇଛନ୍ତି। କ୍ଷୀଣ ଆଶାର ଆଲୋକ ମଧ୍ୟ ଝଙ୍କୃତ ହୋଇଛି। ଏହି ଗଳ୍ପରେ ସାମର୍ଥ୍ୟ ଓ ଅସାମର୍ଥ୍ୟ ମଧ୍ୟରେ ଲଢ଼େଇ ପ୍ରତିଫଳିତ।

'ରକ୍ତସ୍ନାନ' ଗଳ୍ପଟିରେ ସାଧାରଣ ଶୋଷିତ, ଦଳିତ ଜନଜାତିର ବିପ୍ଳବାତ୍ମକ ବାଣୀ ଦୋହଲାଇ ଦେଇଛି ରାଜନୀତିକୁ ଶାସକଙ୍କୁ। ରାଜନୀତିକ ଭିତ୍ତିଭୂମିରେ ଶୋଷଣ ଓ ଲୁଣ୍ଠନର ସ୍ୱୀକାର ହୋଇଛି ସାଧାରଣ ଜନତା। ତା'ର ନମୁନା 'ରକ୍ତସ୍ନାନ' ଗଳ୍ପ। ସାଧାରଣ ଜନତାକୁ ବାପ, ଅଜା ଅମଳର ଭିଟାମାଟିକୁ ତ୍ୟାଗ କରିବାକୁ ବାଧ୍ୟ କରାଯାଉଛି କାରଣ ସେଠାରେ ସରକାର କାରଖାନା ବସାଇବେ, ଯାହାର ଜାଗା, ଜମି ଯିବ, ସେ ପରିବାରକୁ କ୍ଷତିପୂରଣ ଦିଆଯିବ। ପରିବାରର ଲୋକକୁ କାରଖାନାରେ ଚାକିରି ଦିଆଯିବାର ପ୍ରଲୋଭନ ଦିଆଯାଉଛି। ସାଧାରଣ ଲୋକଙ୍କୁ ଢାଲ ବନାଇ ଶସ୍ତା ରାଜନୀତିର କୁଟନୀତି ଖେଳିବାକୁ ବିରୋଧୀ ଦଳ, ଶାସକ ଦଳ ଟିକେ ବି ମଉକା ଛାଡ଼ି ନାହାନ୍ତି। ଫକୀର ମୋହନ ସେନାପତିଙ୍କ 'ରାଣ୍ଡିପୁଅ ଅନନ୍ତା' ଗଳ୍ପର ଅନନ୍ତା ଚରିତ୍ର ଭଳି ସମସ୍ତ ଦଳିତ, ଶୋଷିତଙ୍କ ନାର୍ଯ୍ୟ ଦାବିପୂରଣ ପାଇଁ ବିପ୍ଳବର ଅଗ୍ରଣୀ ନାୟକ ସଦାନନ୍ଦର ଶରୀର ସବୁଦିନ ପାଇଁ ମାଟିରେ ଲୋଟି ଯାଇଥିଲା। ନିରିହା, ସରଳା 'ଜୟନ୍ତୀ' ପ୍ରେମକୁ ପାଥେୟ କରି ସଦାନନ୍ଦର ଫେରନ୍ତା ବାଟକୁ ଅପେକ୍ଷା କରି ରହିଛି। ଶାସକ, ଶାସିତ ମଧ୍ୟରେ ଠେକୁଆ, କଇଁଛ ଲୋକଗଳ୍ପର ମିଥ୍ ପ୍ରୟୋଗ କରାଯାଇଛି। ଶେଷରେ ଠେକୁଆର ଜିତ ଘଟିଛି। "ଏଇଠି ଜୀବନ, ଏଇଠି ମରଣ, ଏଇଠି ସୁଖ, ଏଇଠି ଦୁଃଖ, ଏଇଠି ଯାତନା, ଏଇଠି ପରବ, ଇଏ ମୋ ମାଟି, ଏ ଧୂଳିରେ ମୋ ବହୁ ପୁରୁଷର ରକ୍ତ ମିଶିଛି। ଯା ଉପରେ ମୁଁରାଗିଲେ ଅଭିମାନ କଲେ ବି ଇଏ ମୋ ନିଜର। ଆଉ ଆଜି ପଇସା ପାଇଁ ମୁଁ ମୋ ମା'କୁ ବିକିଦେବି?" ୩

ନିର୍ଯାତିତ, ଶୋଷିତ କିପରି ଶାସକ ବିରୋଧରେ ତୀବ୍ର ସ୍ୱର ଉତ୍ତୋଳନ କରିଛି ତାହା ପରିସ୍ଫୁଟ 'ରକ୍ତସ୍ନାନ' ଗଳ୍ପରେ।

'ଅଗ୍ନିପଥ' ଗଳ୍ପ ଏକ ସାର୍ଥକ ଗଳ୍ପ। 'ବିଦ୍ୟା' ଜଣେ କିଶୋରୀ, ବାଲ୍ୟକାଳରୁ ବାପା, ମା'ଙ୍କ ପ୍ରତି ସାହୁକାର, ଜମିଦାରର ନିର୍ମମ ଶୋଷଣ, ଅତ୍ୟାଚାରକୁ ସେ ନିଜେ ଦେଖିଛି। ସାହୁକାରର ପୀଡନରେ ବାପା, ମା'ଙ୍କ ମୃତ୍ୟୁ ଘଟି। ବିଦ୍ୟା ମଧ୍ୟରେ ବିପ୍ଳବର ଲେଲିହାନ ଶିଖା ଜଳିଉଠିଛି। ଘର, ଜନପଦ ଛାଡ଼ି ଘଞ୍ଚ ଜଙ୍ଗଲରେ ରହି ବନ୍ଧୁକଧରି ଗୁଳି ଚଳନା ଶିଖିଛି। ବିପ୍ଳବିନୀ ସାଜିଛି। ଏ ଦୁନିଆର ସବୁ ସାହୁକାର, ସବୁ ଶୋଷଣକାରୀ ତା'ର ଲକ୍ଷ୍ୟ। ଗଳ୍ପନାୟକ ବିବେକ ବିପ୍ଳବର ମୁଖ୍ୟ ପୁରୋଧା, ଯେ କି ମାର୍କସୀୟ ସାମ୍ୟବାଦୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ। ଗାଳ୍ପିକ ଶ୍ରୀଯୁକ୍ତ ଦାଶ ବିପ୍ଳବ ସପକ୍ଷରେ ସୁନ୍ଦରଧାଡ଼ିଟିଏ ବିବେକ ମୁହଁରେକୁହାଇଛନ୍ତି– 'ବିପ୍ଳବ ଭାଙ୍ଗି ପଡ଼ିବା ଶିଖାଏ ନାହିଁ, ଦୃଢ଼ କରେ ଓ ଶସକ୍ତ କରେ। ସେମାନଙ୍କର ଯୁଦ୍ଧ

ବ୍ୟକ୍ତିବିଶେଷ ବିରୁଦ୍ଧରେ  ନୁହେଁ, ବ୍ୟବସ୍ଥା ବିରୋଧରେ, ବ୍ୟବସ୍ଥା ନ ବଦଳିବା ପର୍ଯ୍ୟନ୍ତ ବିପ୍ଳବର ଅନ୍ତ ନାହିଁ।"୪

ଚିରନ୍ତନ ସ୍ଥିତିବାଦର  ସ୍ୱରଚକ୍ରାନ୍ତିକାରୀ ଆହ୍ୱାନ ଦେଇଛନ୍ତି ଗାଳ୍ପିକ ଗଳ୍ପ ମାଧ୍ୟମରେ ସମାଜର ପୁଞ୍ଜିପତିଙ୍କ ବିରୋଧରେ ପ୍ରଶାସନିକ ସ୍ତରରେ ଯେହେତୁ କଥାକାର ଅବତୀର୍ଣ୍ଣ, ଯାହା ବ୍ୟବସ୍ଥା ବିରୋଧରେ ସେ କରିପାରିନାହାନ୍ତି ବିବେକ ସମସ୍ତ ଆଘାତରେ ତାହା ରୂପାନ୍ତରିତ ହୋଇଉଠିଛି ଏହିସବୁ ଗଳ୍ପ ମାଧ୍ୟମରେ। ବିଦ୍ୟାର ବାପା ମା ଅସହାୟ ଚରିତ୍ର। ବାପର ମୃତ୍ୟୁ ପରେ ତା'ର ମା' ପ୍ରତି ସାହୁକାରର ବାଘଛେଳି ଛକା ପଞ୍ଝା, ଏଥିରେ ବିଫଳ ହେବାରୁ ନିରୀହା ମହିଳାକୁ ଡାହାଣୀର ଆରୋପ ଲଗାଇ ଗାଁ ଦାଣ୍ଡରେ ଉଲଗ୍ନ କରି ବୁଲାଇଥିଲା ସାହୁକାର। ଶେଷରେ ଏ ଅପମାନ ସହ୍ୟ କରିନପାରି ଆତ୍ମହତ୍ୟା କରିଥିଲା। ବିଦ୍ୟାର ମା', ବିପ୍ଳବିନୀ ସାଜିବାପରେ ବିଦ୍ୟା କେବେ କିଶୋରୀରୁ ଯୁବା ବୟସରେ ରୂପାନ୍ତରିତ ହୋଇଛି। ତାହା ତାକୁ ଜଣାନାହିଁ। ତା'ର ସ୍ୱପ୍ନ ବସୁଧୈବ କୁଟୁମ୍ବକମ୍, ଯେଉଁଠି ମଣିଷ ଭିତରେ ପ୍ରଭେଦ ନାହିଁ, ତାରତମ୍ୟ ନାହିଁ, ପାଚେରୀ ନାହିଁ, ମାନବବାଦର ଜୟଗାନ କରିଛି। ଶେଷରେ କମ୍ରେଡ ଓ ବିଦ୍ୟା ଏକ ନୂଆ ସକାଳର ସ୍ୱପ୍ନ ଦେଖିଛନ୍ତି। ଶତ ପ୍ରତିରୋଧ, ଗୁଳିଗୋଳ ସତ୍ତ୍ୱେ ସେ ଦୁହେଁ ଜନପଦ ଅଭିମୁଖେ ଆଗକୁ ବଢିଛନ୍ତି। ସମାଜରେ ନିଜର ଅସ୍ତିତ୍ୱ ପାଇଁ ନାର୍ଯ୍ୟ ପାଇଁ ଏମାନେ ସଂଗ୍ରାମଶୀଳ।

'ଡେରି' ଗଳ୍ପରେ ଜେଜେ ଏକ ଅସହାୟ ବିସ୍ମୟ ଚରିତ୍ର। ପରିବାରର ସମସ୍ତ ସଦସ୍ୟଙ୍କ ପ୍ରତି ମାନବିକ  ସମ୍ବେଦନାରେ ତାଙ୍କ ହୃଦୟ ବିଗଳିତ। ସେ ନଥିଲେ ଅଥର୍ବ ହୋଇ ଦାଣ୍ଡଘର ଖଟରେ ଗୋଟିଏ ଯାଗାରେ ପଡିରହିଛନ୍ତି ତାଙ୍କ ପାଇଁ କାହା ପାଖରେ ସମୟ ନାହିଁ। ବାଲ୍ୟ ଅବସ୍ଥାରୁ ସେ ମାତୃହରା, ବାପାଙ୍କ ହାତ ଧରି ସଂସାର ରୂପକ ଯାତ୍ରା ପଥକୁ ସେ ତପସ୍ୟା ରୂପେ ବରଣ କରିଥିଲେ। ଆଧାତ୍ମିକବାଦୀ ଜେଜେ ପିତଳ ଦୁର୍ଗା ମୂର୍ତ୍ତି ଉପରେ ଅନେକ ଆସ୍ଥାବାନ। ତାଙ୍କ ହାଡ଼ ଓ ନିଜ ହାତ ଭଙ୍ଗା ପରିଶ୍ରମରେ ସଫଳତାର ପୂର୍ଣ୍ଣ ଜୀବନ ଜୀଇଁଥିଲେ। ଅନ୍ୟର ଆଶ୍ରିତ ହେବାକୁ ସେ ଆଦୌ ପସନ୍ଦ କରନ୍ତି ନାହିଁ। କିନ୍ତୁ ବୃଦ୍ଧାବସ୍ଥାରେ ସେ ନିଜକୁ ଅସହାୟ ମଣିଛନ୍ତି। ଶେଷରେ ତାଙ୍କ ମୃତ୍ୟୁ ଘଟିଛି। ଗଳ୍ପ କଥକଙ୍କ ମନରେ ଅବଶୋଷ ବଞ୍ଚିଥିବା ସମୟରେ ଜେଜେଙ୍କ ପାଇଁ ଟିକେ ସମୟ ଦେଇ ନଥିବାରୁ ବଞ୍ଚିଥିବା ସମୟରେ ଆମେ ଆମ ଆତ୍ମଜମାନଙ୍କୁ ଅଣଦେଖା କରୁ କିନ୍ତୁ ସେମାନଙ୍କୁ ମୃତ୍ୟୁ ପରେ ଆମେ ଅନୁଭବ କରୁ କେତେ ଆବଶ୍ୟକ ସେମାନେ ଆମ ପାଇଁ। କେତେ ମହତ୍ୱ ରଖେ। ସେମାନଙ୍କ ପ୍ରତିଟି କଥା। କେତେ ଯେ ସ୍ନେହ, ପ୍ରେମ ପୂର୍ଣ୍ଣ, ଆତ୍ମୀୟତା ଭରା ସେମାନଙ୍କ ଅନୁଭବ। ସେମାନଙ୍କ ବିନା ଆମକୁ ଅସହାୟ ଲାଗେ। ଆମ ଉପରୁ କାହାର ଯେପରି ଛତ୍ରଛାୟା ଉଠିଗଲା ପରି ଲାଗେ। ବାସ୍ତବରେ 'ଡେରି' ଗଳ୍ପଟି ତା'ର ନାମକରଣର ସାର୍ଥକତା ରଖେ। ଡେରିରେ ହେଉ ପଛେ ଗଳ୍ପ ନାୟକ ପୂର୍ବ ସୁରୀମାନଙ୍କ ମହତ୍ୱକୁ ଉପଲବ୍ଧି କରିପାରିଛନ୍ତି।

ଗାଳ୍ପିକ ଦେବ ପ୍ରସାଦ ଦାଶ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା। 'ମହାଲକ୍ଷ୍ମୀ' ଗଳ୍ପରେ ଅଭାବ, ଅନାଟନ ଦାରିଦ୍ର ପୀଡନର ପୀଡିତ ଦମ୍ପତିଙ୍କ କାରୁଣ୍ୟର କାହାଣୀ ସହ ଭ୍ରୁଣ ହତ୍ୟା ଭଳି ଏକ ନିଷ୍ଠୁର ନିନ୍ଦନିକ କାର୍ଯ୍ୟରୁ ନାୟକ କିପରି ନିବୃତ ହୋଇଛି ତାହାର ଏକ ନିଛକ ଦୃଶ୍ୟପଟ। ରସାନନ୍ଦ ଗଳ୍ପନାୟକ ବୁର୍ଜୁଆ ପ୍ରପୀଡ଼ିତ ଶ୍ରମଜୀବୀ, ତା' ଶ୍ରେଣୀର ବ୍ୟକ୍ତିମାନେ କିପରି ଅନ୍ୟାୟ କରି ବ୍ୟଭିଚାର କରି, ପୁଞ୍ଜିପତିର ହଁରେ ହଁ ମିଶାଇ ନିଜେ ଉପରକୁ ଉଠନ୍ତି ପରିସ୍ଥିତି ସହ ସାଲିସ କରନ୍ତି। କିନ୍ତୁ ସେ ପାରିନି। ନିଜ ଇଚ୍ଛା ମାନଙ୍କୁ ସେ ମାରି ତାର ଛୋଟ ପରିବାରଟିକୁ ଚଳାଏ ଦାରିଦ୍ର୍ୟତା ମଧ୍ୟରେ। ସ୍ତ୍ରୀ ଗର୍ଭବତୀ ହେବା ଜାଣି ସେ ଆତଙ୍କିତ ହୁଏ। ଭ୍ରୂଣ ହତ୍ୟା ପାଇଁ ଯୋଜିନ କରେ। କାରଣ ତା'ର ଅଭାବ ଗ୍ରସ୍ତ ସଂସାର ଭିତରେ ଇଏ ଆଉ ଏକ ବିସ୍ଫୋରଣ। ତା'ର ସ୍ତ୍ରୀ ଶୁଭଶ୍ରୀ, ନେହୁରା ହୁଏ ରସାନନ୍ଦଙ୍କୁ ଭ୍ରୁଣହତ୍ୟା ନକରିବା ପାଇଁ, ତା'ର ମାତୃତ୍ୱ ବିଳପି ଉଠେ। ସେହି ଅଧା ଭ୍ରୁଣ ମଧ୍ୟରେ ସେ ଅଧାଗଢ଼ା ଜଗନ୍ନାଥ, ଅଧାଗଢ଼ା ବ୍ରହ୍ମ, ଅଧାଚାନ୍ଦର ଦର୍ଶନ ପାଏ। ରସାନନ୍ଦର ଏକାନିହ ଅସ୍ତିତ୍ୱ ପ୍ରକଟ କରିନଥିବା ମାଂସ ପିଣ୍ଡୁଳାକୁ ଜୀବନ୍ୟାସ ପୂର୍ବରୁ ହତ୍ୟା କରିଦେବ। "ଯାହାକୁ ଲାଳନ ପାଳନ କରିବା କଷ୍ଟ, ତାକୁ ଦୁନିଆକୁ ଆଣିବାର ଅର୍ଥ କ'ଣ ?" ୫

ସାମ୍ପ୍ରତିକ ସମାଜର ନିଚ୍ଛକ ଚିତ୍ରଟି ଉପସ୍ଥାପିତ କରିଛନ୍ତି ଗାଳ୍ପିକ ଶ୍ରୀଯୁକ୍ତ ଦାଶ, କାହାଣୀଟିକୁ ଭିନ୍ନ ମୋଡ଼ ଦେଇଛନ୍ତି ଗାଳ୍ପିକ। ସଦାନନ୍ଦ ସ୍ୱପ୍ନରେ ତା'ର କନ୍ୟା ସନ୍ତାନଟିଏ ଜନ୍ମ ହେବାର ଦେଖିଛି। ତା'ର ସ୍ତ୍ରୀର ଚେତା ଆସିବା ପୂର୍ବରୁ କନ୍ୟା ସନ୍ତାନଟିକୁ ସହରର ନିବୃତ ପରିତ୍ୟକ୍ତ ଅଳିଆ ଆବର୍ଜନା ସ୍ଥାନରେ ଫୋପାଡ଼ି ଦିଆଯାଇଛି। ଶ୍ୱାନ ଶ୍ୱାପଦଙ୍କ ଆହାର ହେବା ଆଗରୁ ସେ ଶିଶୁ କନ୍ୟାଟି ମଦ୍ୟପ ହାତରେ ଉଦ୍ଧାର ପାଇଁ ଏକ ଗଣିକା ପାଖରେ ପହଞ୍ଚିଛି। ରସାନନ୍ଦ ଭିତରେ ମାନବିକ ସମ୍ବେଦନଶୀଳତାର ଉତ୍ତରଣ ସହ ଆଧାତ୍ମିକ ଚେତନା ଦେଖାଦେଇଛି। ନିଜ ସନ୍ତାନକୁ ସେ ବହୁଭୋଗ୍ୟା କରିବାକୁ ନ ଦେବାର ଶପଥ ନେଇଛି।  ସତକୁ ସତ ତାର କନ୍ୟା ସନ୍ତାନଟିଏ ଜନ୍ମ ହେବାର ଖବର ଶୁଣି ନିଜ ସ୍ତ୍ରୀକୁ ମହାଲକ୍ଷ୍ମୀଙ୍କ ଆଗମନ ହୋଇଛି ବୋଲି କହିଛି । ସଦାନନ୍ଦ ମନ୍ଦିର ଫେରିବା ସମୟରେ ବ୍ୟାଙ୍କର ପିଅନ ତାକୁ ଲୋନ ମଞ୍ଜୁର ହେବାର ଖୁସି ଖବର ଶୁଣାଏ। 'ମହାଲକ୍ଷ୍ମୀ' ଗଳ୍ପରେ ତଳ ଶ୍ରେଣୀର ଲୋକମାନେ ଆର୍ଥିକ ଉତ୍କଟତା

ମଧ୍ୟରେ ଜୀବନ ବଞ୍ଚିବାକୁ ଯେପରି ସଂଘର୍ଷ କରିଛନ୍ତି ତା'ର ଦୁଃଖଦ ଚିତ୍ର ବର୍ଣ୍ଣନା କରିଛନ୍ତି।

'ଭୋର' ଗଳ୍ପଟି ମାର୍କସବାଦୀ ଚିନ୍ତାଧାରା ସମ୍ପନ୍ନ। କିଶୋର ପାର୍ଥର ମନସ୍ତତ୍ତ୍ୱକୁ ନେଇ ଗତିଶୀଳ ହୋଇଛି ଗଳ୍ପ। ଶ୍ରୀକୃଷ୍ଣ ପାର୍ଥକୁ ମହାଭାରତ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇବା, ଅଧର୍ମ, ଅନ୍ୟାୟ ବିରୁଦ୍ଧରେ ନିଜ ସଂପର୍କୀୟ ହେଲେ ବି ଯୁଦ୍ଧ କରିବା ଆବଶ୍ୟକ। ଏହି ଗଳ୍ପରେ ମଧ୍ୟ ପାର୍ଥ ପ୍ରତିମ ନିଜ ସମ୍ପର୍କୀୟଙ୍କ ଦ୍ୱାରା ଅତ୍ୟାଚାରିତ। ତା' ମା'ଙ୍କୁ ପଚାରେ "ଆମେ କ'ଣ ସବୁବେଳେ ଏମିତି କଷ୍ଟରେ ଥିଲେ ମା?" ସଂସାରଟା ଯାକତ ଭଲରେ ଅଛନ୍ତି, କେବଳ ତା' ନିଜ ପରିବାରଟିକୁ ଛାଡ଼ି ଦେଇ। ଏତେ ଦାରିଦ୍ର୍ୟ ଭିତରେ ସେମାନେ ବଞ୍ଚିଛନ୍ତି କିପରି? ୬

ବିରାଟ ଜମିଦାର ଥିବା ପାର୍ଥର ବାପା ବଂଶୀଧର ନିଜ ସମ୍ପର୍କୀୟଙ୍କ ଦ୍ୱାରା ପ୍ରତାରିତ ହୋଇଛନ୍ତି। ବାପ ବିଦ୍ୟାବିକି ଜ୍ଞାନର ସଉଦା କରନ୍ତି ପେଟ ପୋଷିବା ପାଇଁ ଚିରାଫଟା ଧୋତି ଓ ରଫୁ ଲଗା ଗାମୁଛା, ମା ପୂର୍ଣ୍ଣିମା ଯା ତା' ଘରେ ଧାନ କୁଟି ଚକିରେ ବିରି ବଟା କାମ କରନ୍ତି । ତା' ବୋଉର ଚିରାଫଟା ଶାଢୀ ଭିତରେ ପାର୍ଥ ଦେଖେ ଦୁଃଖର ଏକ କଳାଧଳା ନକସା। ଦୁଇ ଭଉଣୀ ଚିରାଲୁଗା ପିନ୍ଧି ଗାଁ ଟୋକାଙ୍କ ନଜର ବଞ୍ଚାଇ ଲୁଚିଲୁଚି ଯାଆନ୍ତି ଚୁଲି ଜାଳିବା ପାଇଁ କୁଟାକାଠି ଯୋଗାଡ଼ କରିବା ପାଇଁ। ସବୁ ଦୁଃଖକୁ କାନ୍ଧରେ ବୋହି ନେବ ବଳଦ ବେକର ଜୁଆଳୀ ଭଳି। ପାର୍ଥର ପରିବାର ପ୍ରତି ହେଉଥିବାଅନ୍ୟାୟ, ତା'ର ସମ୍ପର୍କୀୟଙ୍କ ଦ୍ୱାରା ଅତ୍ୟାଚାର, ଏସବୁ ଦେଖିଦେଖି ସେ ପ୍ରତିକ୍ରିୟାଶୀଳ ହୋଇ ହିଂସ୍ର ହୋଇ ଉଠେ। ଗାଁରୁ ସହରକୁ ଯାଏ ରୋଜଗାର କରିବା ପାଇଁ ଚିରଦିନ ଖୁସିର ସୁନା ଦେଉଥିବା ସହରକୁ ଯାଏ। କଥାକାର ତରୁଣକାନ୍ତି ମିଶ୍ରଙ୍କ 'ଲୁବ୍ଧକର ରାତି' ଗଳ୍ପର ନାୟକ କିଶୋର ଦିପୁ ଭଳି। ନିଜ ପରିବାରକୁ ଖୁସି ଦେବା ପାଇଁ ସେ ସଂଘର୍ଷ କରିଛି। କେତେ ଟଙ୍କା ଏକାଠି କଲେ ମିଳିପାରେ ଖୁସି। ଯେଉଁ ଖୁସି କେବେ ଲିଭିବାର ନୁହେଁ। ଏଠାରେ ପାର୍ଥ ପ୍ରିତିମ ସେହିଭଳି ଚରିତ୍ର। ସହରର ବିଭିନ୍ନ ସ୍ଥାନରେ ରୋଜଗାର କରିବା ପରେ ଶେଷରେ ବିନା ଦୋଷରେ ମିଛ କେସ୍‌ରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଛି। ଠିକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଶିକାର ଗଳ୍ପର ଘିନୁଆ ଭଳି, ଏହିଭଳି ଅନେକ ଘିନୁଆ, ଦିପୁ,ପାର୍ଥ ପ୍ରତିମ ଶୋଷକ ପୁଞ୍ଜିପତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଆସିଛନ୍ତି, ଆସିବେ ମଧ୍ୟ। ଯେ ପର୍ଯ୍ୟନ୍ତ ସାମ୍ୟବାଦର ତୁର୍ଯ୍ୟ ନାଦ ନ ବାଜିଛି।

'ଆଲ୍ଲାଦୀନର ଦୀପ' ଗଳ୍ପର ନାମକରଣ ମିଥ୍ଧର୍ମୀ, ଆଲ୍ଲାଦୀନ ଦୀପକୁ ଯାହା ମାଗିଲେ ଯେମିତି ସମସ୍ତ ମନୋବାଞ୍ଛା ପୂରଣ କରେ। ଠିକ୍ ଥରେ ରାଜନେତା ହେବା ପରେ ସାଧାରଣ ଲୋକଙ୍କୁ କିଭଳି ଭକୁଆ ବନେଇ ସରକାରୀ ଅର୍ଥକୁ ବିନା ଦ୍ୱିଧାରେ ତୋଷାରପାତ କରେ ତା'ର ଦୃଷ୍ଟାନ୍ତ ଏହି ଗଳ୍ପ। କିଭଳି ଚନ୍ଦ୍ରଭୂଷଣ ନାମ୍ନି ବିଧାୟକ ଲୋକଙ୍କ ସମ୍ମୁଖରେ ଜନତା ଜନାର୍ଦ୍ଦନର ରୂପ ଭେଳିକି କରେ। ଅସଲରେ ସେ ସବୁ ଲୋକ ଦେଖାଣିଆ ମୂଲ୍ୟହୀନ। ଯେତେବେଳେ ନିର୍ବାଚନ ମଣ୍ଡଳୀର ସମସ୍ତ ସ୍ଥାନ ମାନ ବୁଲି ଲୋକମାନଙ୍କ ଭଲମନ୍ଦ ବୁଝିବାକୁ ଯାଇଛନ୍ତି। କିଛି ଯୁବଗୋଷ୍ଠୀଙ୍କ ମୁଖରେ ଗାଳ୍ପିକ ତୀବ୍ର ସ୍ୱର ଉତ୍ତୋଳନ କରାଇଛନ୍ତି, ଏହି ଚିରାଚରିତ ନେତାଙ୍କ ବିପକ୍ଷରେ।

'ମେଘ ଫେରିଗଲା ପରେ' ପୂଜା ନାମ୍ନୀ ନାରୀ ଚରିତ୍ର ମଧ୍ୟରେ କ୍ରାନ୍ତିକାରୀ ଆହ୍ୱାନ ଆଣିଛନ୍ତି ଗାଳ୍ପିକ। ଜୀବନ କ'ଣ ଶିଖିବା ଆଗରୁ ଅଧା କଲେଜ ପାଠ ପଢାରୁ ଡୋରି ବାନ୍ଧିଲା। କାରଣ ତାର ବାପା ଅନ୍ତର୍ଦ୍ଧାନ ହୋଇଗଲେ। ତା' ଉପରେ ଚାରୋଟି ଭଉଣୀ ଏବଂ ମା'ର ଭରଣପୋଷଣର ଦାୟିତ୍ୱ। ପରିବାରର ସଭିଙ୍କ ପେଟକୁ ଦାନା, ଦେହକୁ କନା, ମୁହଁରେ ହସ ଦେବା ପାଇଁ ଶିଳ୍ପପତିର ବ୍ୟକ୍ତିଗତ ସହାୟକ ଚାକିରି ପାଇଛି। ବହୁ କଷ୍ଟରେ ଏ ଚାକିରି ନାଁକୁ ମାତ୍ର। ଏହାର ଉହାଡ଼ରେ ତାକୁ ଦେହ ବିକ୍ରି କରିବାକୁ ପଡ଼ିଛି। "ଅନେକ ଶଯ୍ୟା, ଅନେକ ଲୁଣ୍ଠନ, ଅନେକର ପୁରୁଷଙ୍କ ଆତ୍ମତୃପ୍ତି ପାଇଁ ରୋଜ ରୋଜ ସେହି ଦିନଲିପି।" ୭

ତା'ର ବାପା ହଠାତ ଦିନେ ଆସିଛନ୍ତି ଗୈରିକ ବସ୍ତ୍ର ପରିଧାନ କରି। ସବୁଦିନ ପାଇଁ ସେମାନଙ୍କ ଠାରୁ ସଂସାର ବନ୍ଧନ କାଟିବା ପାଇଁ। ଏହିଠାରେ ପୂଜାର ଆତ୍ମବିଶ୍ୱାସ ତୁଟିଯାଇଛି। ସ୍ୱାର୍ଥପର, ଛଦ୍ମବେଶୀ, ହୀନବୁଦ୍ଧି ପାପାଚାରୀ ପିତା ପ୍ରତି ସେ ସ୍ୱର ଉତ୍ତୋଳନ କରିଛି।

'ଜୀବନମୃତ୍ୟୁ' ଗଳ୍ପ ଲଟେରୀ ବାଲା ଏବଂ ପାଠୁଆ ବେରୋଜଗାର ଯୁବକର କାହାଣୀ, ଲଟେରୀ ବାଲା ପ୍ରତି ପରିବେଶ ସହ ସାଲିସ କରିଛି ବଞ୍ଚିବା ପାଇଁ। ତା'ର ପ୍ରତିଟି କଥାରେ ଦାର୍ଶନିକତା ଅଛି। ବିଭିନ୍ନ ପରିସ୍ଥିତିରେ ବିଭିନ୍ନ କର୍ମରେ ବେରୋଜଗାରିଆ ଯୁବକ ତାକୁ ଭେଟେ। ଏଠାରେ ଲଟେରୀବାଲା ଫିଡ୍ ବ୍ୟାକ। କେତେବେଳେ ଲଟେରୀ ବିକ୍ରି କରି, ସରକାରଙ୍କ ବିରୋଧରେ ନିରୀହ ସରଳ ଜନତା ବିକ୍ଷୋଭକାରୀଙ୍କ ମଧ୍ୟରେ ଦିଶେ, ରବୀନ୍ଦ୍ର ମଣ୍ଡପରେ ତବଲା ବାଦକ ତ, ଶବ ଶୋଭାଯାତ୍ରାରେ ଶବ ବାହକ, ଶେଷରେ ଟ୍ରେନରେ ମୁଣ୍ଡ ଗଣ୍ଡି କଟିଥିବା ଶବ। ବେକାର ଯୁବକ ଯେତେବେଳେ ଲଟେରୀ ବାଲାକୁ ପଚାରିଛି ଏହି ସବୁ କର୍ମସ୍ଥାନରେ। ସେ କେବଳ ଅନୁଭୂତି ମାନ ସାଉଁଯିଛି। "ଏଇ ମୁହୂର୍ତ୍ତଟି ହିଁ ମୋ ପାଇଁ ଜୀବନ। ବଞ୍ଚିବାକୁ ହେଲେ ପ୍ରତି ମୁହୂର୍ତ୍ତକୁ ଜୀଇଁବାକୁ ହୁଏ।" କେତେ ମହାନ ଉଦାତ୍ତ ଏ ବାଣୀ। ବେକାର

ଶିକ୍ଷିତ ଯୁବକ ଚାକିରି ପାଇଁ ବିଭିନ୍ନ ପ୍ରତିଦ୍ୱନ୍ଦ୍ୱୀମୂଳକ ପରୀକ୍ଷାରେ ବିଫଳ ହୋଇ ହତାଶା, ଆଶା ଶୂନ୍ୟ ହୋଇ ନିଜ ଭିତରେ ବିପ୍ଳବର ବହ୍ନି ଜାଳି ଦେଇଛି।

"ଏ ସଂସାରକୁ ସେ ଧ୍ୱଂସ କରିଦେବ। ସନ୍ତ୍ରାସବାଦୀ ସାଜିବ, ତାଣ୍ଡବ ନାଚିବ। ଖିନଭିନ୍ କରିଦେବ ତା ପାଇଁ ନିରର୍ଥକ ଏ ପୃଥିବୀକୁ। ଏଣିକି ଏଠି କିଛି ଘଟିଗଲେ ତା'ର ଯାଏ ଆସେ ନାହିଁ। ସେ ଏବେ ଏକ ଜୀବନ୍ତ ଆଗ୍ନେୟଗିରି।" (୯)

ବେକାର ଶିକ୍ଷିତ ଯୁବକ ମଧ୍ୟରେ ଗାଳ୍ପିକ ବିପ୍ଳବାତ୍ମକ ବହ୍ନି ଭରିଦେଇଛନ୍ତି ତଥାକଥିତ ସମାଜପ୍ରତି।

ଦେବ ପ୍ରସାଦ ଦାସ ଜଣେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ। ତାଙ୍କ ଗଳ୍ପ ସାହିତ୍ୟରେ ଏକ ଉଦ୍ଭାଭବାଣୀ ଶୁଣିବାକୁ ମିଳେ। ସରଳ, ନିଷ୍କପଟ, ଦଳିତ, ସାଧାରଣ ଜନତାକୁ କିପରି ତଥାକଥିତ ଉଚ୍ଚବର୍ଗ ଆଧୁନିକ ସମାଜ ତାର ସ୍ୱାର୍ଥ ହାସଲ ପାଇଁ ପ୍ରୟୋଗ କରୁଛି। ପୁଞ୍ଜିପତିଙ୍କ ଦ୍ୱାରା ସଦାସର୍ବଦା ସେ ନିଷ୍ପେଷିତ, ଅତ୍ୟାଚାରିତ ହେଉଛି, ଯେତେବେଳେ ଏହାର ମାତ୍ରା ଅତ୍ୟଧିକ ହେଉଛି। ସାଧାରଣ ଜନତା ମଧ୍ୟ ଦୁର୍ନୀତି, ଅତ୍ୟାଚାର, ଶୋଷଣ, ଲୁଣ୍ଠନ, ବିରୋଧରେ ସଂଗ୍ରାମ କରିବାକୁ ଆଗେଇ ଆସୁଛି। ଶ୍ରୀଯୁକ୍ତ ଦାଶ ତାଙ୍କ ଚରିତ୍ରମାନଙ୍କ ଭିତରେ ଏକ କ୍ରାନ୍ତିକାରୀ ଆହ୍ୱାନ ଭରି ଦେଇଛନ୍ତି।

**ସହାୟକ ଗ୍ରନ୍ଥସୂଚୀ**


୧. ସାମଲ ବୈଷ୍ଣବ ଚରଣ, ମାର୍କସୀୟ ଜୀବନଦର୍ଶନ ଓ ପ୍ରଗତିବାଦୀ ଭାବଧାରା, ଓଡ଼ିଆ ଗଳ୍ପର ଇତିବୃତ୍ତ, ଫ୍ରେଣ୍ଡସ ପବ୍ଲିସର୍ସ, ବିନୋଦ ବିହାରୀ କଟକ, ୧ମ ସଂସ୍କରଣ ୨୦୧୯, ପୃ-୯୦୩।

୨. ଦାଶ ଦେବପ୍ରସାଦ, ଦୀପଟିଏ ଜଳୁଥିଲା, ଭୋର, ପଶ୍ଚିମା ପବ୍ଲିକେସନ, ୧୮୮୨, ନୟାପଲ୍ଲୀ ଭୁବନେଶ୍ୱର, ୨ୟ ପ୍ରକାଶ-୨୦୨୧ ପୃ-୩୫

୩. ତତ୍ରୈବ 'ରକ୍ତସ୍ନାନ' ପୃ-୪୬)

୪. ତତ୍ରୈବ 'ଅଗ୍ନିପଥ' ପୃ-୫୬)

୫. ତତ୍ରୈବ 'ମହାଲକ୍ଷ୍ମୀ' ପୃ-୭୫

୬. ତତ୍ରୈବ 'ଭୋର' ପୃ-୮୯

୭. ତତ୍ରୈବ 'ମେଘ ଫେରିଗଲା ପରେ' ପୃ-୧୧୩

୮. ତତ୍ରୈବ 'ଜୀବନମୃତ୍ୟୁ' ପୃ-୧୨୪

୯. ତତ୍ରୈବ ପୃ-୧୨୬


❖❖❖

# ମଣୀନ୍ଦ୍ର ମେହେରଙ୍କ ଗଳ୍ପସୃଜନ



ISSN-2583-6978
Volume-4
Issue-10
OCTOBER-2024

**ପ୍ରିୟଦର୍ଶିନୀ ନାୟକ**

**ଅଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବାଲେଶ୍ୱର**

ବାହ୍ୟ ଦୃଷ୍ଟିରୁ ଦେଖିଲେ ୧୯୮୭ ମସିହା ପରେ ତାଙ୍କ ଗଳ୍ପ ପୁସ୍ତକ ପ୍ରକାଶିତ ହୋଇପାରିନାହିଁ ମାତ୍ର ତନ୍ନତନ୍ନ କରି ତାଙ୍କ ଲେଖାର ତାଲିକା ଅନୁଧ୍ୟାନ କଲେ ଜଣାପଡେ ଯେ ସେ କିପରି ମଝିରେ ମଝିରେ ଗଳ୍ପ ସୃଜନରେ ଧ୍ୟାନସୁନ୍ଧ ହୋଇଛନ୍ତି ତାହାର ପ୍ରାମାଣିକ ତଥ୍ୟରାଜି । ଯେଉଁ ଚରିତ୍ରମାନଙ୍କ ସଂସ୍ପର୍ଶରେ ଆସି ସେ ହୋଇଛନ୍ତି ପ୍ରଭାବିତ ଓ ଅଭିଭୂତ, ସେମାନେ ସତେକି ଗାଳ୍ପିକ ମଣୀନ୍ଦ୍ର କୁମାର ମେହେରଙ୍କ ଲେଖନୀ ମୁନରେ ପ୍ରସ୍ଫୁଟିତ ହୋଇଯିବାକୁ ବ୍ୟାକୁଳ ଚିତ୍ତ। ଏହି ଅନ୍ତରଙ୍ଗ ଚରିତ୍ରମାନଙ୍କ ସ୍ମୃତିରେ ମଣୀନ୍ଦ୍ର ଉଦ୍‌ବେଳିତ ହୋଇଛନ୍ତି। ରାତିଦିନ ହୃଦୟ ବକ୍ଷରେ କେତେ ଗଳ୍ପ ରଚନା ହୋଇଛି ଓ ତାହା ସବୁ କାଗଜରେ ରୂପାୟିତ ହେବା ପୂର୍ବରୁ ଆତ୍ମିକ ସ୍ତରରେ କିପରି ସୁସଜ୍ଜିତ ହୋଇଛି ତାହା ଏକ ନୂତନ ପ୍ରକାର ଗବେଷଣାର ଅପେକ୍ଷା ରଖେ ।

କେବଳ ମଣୀନ୍ଦ୍ରଙ୍କ କ୍ଷେତ୍ରରେ ଯେ ଏହା ପ୍ରଯୁଜ୍ୟ ତାହା ନୁହେଁ। ପ୍ରତ୍ୟେକଟି ସାହିତ୍ୟ ଶିଳ୍ପୀର ଅନ୍ତର୍ଜୀବନର ସ୍ରୋତକୁ ନିରିକ୍ଷତା କରିପାରିବା ହେଉଛି ସୁକ୍ଷ୍ମତରର ଗବେଷଣା ଧାରାର ଅନ୍ତଃଭୁକ୍ତ ବିଷୟ।

ସାହିତ୍ୟ ଶିଳ୍ପୀର ସୃଜନ କକ୍ଷ ବାସ୍ତବରେ ଅବସ୍ଥିତ ଅନ୍ତର ମଧ୍ୟରେ। ଏହି ଅନ୍ତକାଳରେ କ'ଣ ଘଟୁଛି ତାହା ଅନ୍ୟ କେହି ଜାଣିପାରିବା ସମ୍ଭବ ନୁହେଁ । ଛୋଟ ବେଳରୁ ମଣୀନ୍ଦ୍ର ପରିବାର ଭିତରେ ଓ ବାହାରେ ଯେଉଁ ଦୁର୍ଲ୍ଲଭ ସ୍ନେହ ଲାଭ କରିଛନ୍ତି, ସେମାନେ ମଣୀନ୍ଦ୍ରଙ୍କ ସ୍ରଷ୍ଟା ମାନସକୁ ମନ୍ଥିତ କରିଛନ୍ତି ଅହରହ । କିପରି ଭାବରେ ସେ ଏ ଅନୁଭୁତିକୁ ରୂପ ଦେଲେ ସେହି ମାର୍ଗ ଅନ୍ୱେଷଣ କରି ଆସିଛନ୍ତି ନୀରନ୍ତର । ଏହି ନିଭୃତ କକ୍ଷ ମଧ୍ୟରେ ଯେଉଁମାନେ ଚଳପ୍ରଚଳ ହେଉଥିଲେ ସେମାନଙ୍କୁ ଯଥୋଚିତ ମର୍ଯ୍ୟାଦା ସହକାରେ ଉପସ୍ଥାପିତ କରିବା କେତେ କଷ୍ଟସାଧ ତାହା ଜାଣିପାରୁଥିଲେ ଏକୁଟିଆ ମଣୀନ୍ଦ୍ର । ଗଳ୍ପ ରଚନାର ଭାବନାରେ ବିତୁଥିଲା ଅନେକ ନୀରବ କ୍ଷଣ । ସେହି ଅନୁଭୂତିର ରୂପାୟନ ପାଇଁ ସେ ନିର୍ଦ୍ଦିଷ୍ଟ ଚିତ୍ତରେ ରାତିରାତି ବସିଆସିଛନ୍ତି ସାଧନା ମଗ୍ନ ରୂପ ନେଇ । ଏହି ଅନ୍ତଃରୂପ ଉଦ୍‌ଘାଟନ କରିବା ଅନ୍ୟ କାହାରି ପକ୍ଷରେ ସମ୍ଭବ ନୁହେଁ। ଗଳ୍ପ ରଚନା ତାଙ୍କର ସମ୍ପୂର୍ଣ୍ଣ ହେବାପାଇଁ ଗଭୀର ନିଶାର୍ଥର ସ୍ୱପ୍ନରେ କିମ୍ବା ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ସେ ଏପରି ଏକ ସଙ୍କେତ ଦେଖିଛନ୍ତି, ମେଘମାଳରେ ବିଦ୍ୟୁତ୍ ଲେଖା ଚମକି ଉଠିବା ପରି ସେ ଲାଭ କରିଛନ୍ତି ମହନୀୟ ଓ ଗୋପନୀୟ ପ୍ରେରଣାର ସୁସ୍ପଷ୍ଟ ଇଙ୍ଗିତ ।

ଏହି ସମୟ ମଧ୍ୟରେ ଯେଉଁ ଗଳ୍ପ ଗୁଡିକର ସୃଷ୍ଟି ପାଇଁ ସେ ହୋଇଛନ୍ତି ସକ୍ଷମ ତାହା 'ଯଦୁନନ୍ଦନ' ଗଳ୍ପ ସଂକଳନରେ ସ୍ଥାନୀତ ହୋଇଛି । ଏହି ପୁସ୍ତକରେ ପ୍ରଥମରୁ ସେ ଯେଉଁ ଭୂମିକା ରଚନା କରିଛନ୍ତି ତାହାର ଶୀର୍ଷକ ହେଲା 'ମୁଁ କାହିଁକି ଏତେ ଦିନ ନୀରବ ଥିଲି' । ଏହି ରଚନାଟିରେ ସେ ତାଙ୍କ ଜୀବନର ନିବୃତ ଜଗତରେ କିପରି ଥିଲେ ଗଳ୍ପମନସ୍କ ତାହାର ଅତ୍ୟନ୍ତ ଆକର୍ଷଣୀୟ ବର୍ଣ୍ଣନା ଉପସ୍ଥାପନ କରିଛନ୍ତି । ଏହିପରି ଯେ :-

"ଯେତେବେଳେ କଲେଜ ଜୀବନରେ ପାଦ ଦେଇଥିଲି ସେହି ସମୟରୁ ଆରମ୍ଭ ହୋଇଥିଲା ମୋ ଦ୍ୱାରା ଗଳ୍ପସୃଜନ। ପ୍ରେରଣା ଦାତା ଥିଲେ ମୋର ପରମାରାଧ ପିତା ସ୍ୱଭାବକବି ଗଙ୍ଗାଧରଙ୍କ ପୌତ୍ର କିଶୋର ଚନ୍ଦ୍ର ମେହେର । ପ୍ରଥମ ଗଳ୍ପଟି ଲେଖିବା ପରେ ଧୀରେ ଧୀରେ ଗଳ୍ପ ଲେଖାରୁ ଅନୁରାଗରେ ଅନୁରଣିତ ହେଉଥିଲା ମୋର ହୃଦୟ । ୧୯୮୭ ମସିହାରେ ଯେତେବେଳେ ଅଧ୍ୟାପକ ଭାବରେ ଯୋଗଦେଲି ବରପାଲି ମହାବିଦ୍ୟାଳୟରେ ସେତେବେଳେ ମୋର ପ୍ରଥମ ଗଳ୍ପ ସଂକଳନ ପ୍ରକାଶ କରିଥିଲେ ପୂଜ୍ୟ ଅଗ୍ରଜ ମନୋରଞ୍ଜନ ମେହେର । ନାଁଟି ବି ଥିଲା ତାଙ୍କରି

ପ୍ରଦତ୍ତ । 'ମୋର ସ୍ୱପ୍ନ ଓ ସ୍ମୃତିରୁ କେତୋଟି'" ।

ବାସ୍ତବରେ ପୁଣି ଲେଖକଙ୍କ ଉପଲବ୍ଧ ହାଇଛି ଯେ 'କଳ୍ପନା ଜଗତରେ ପ୍ରବେଶ କରି ଗଳ୍ପ ଲେଖିବା ଥିଲା ମୋ ପାଇଁ ଅତ୍ୟନ୍ତ କଠିନ । ହୁଏତ ସେହି କାରଣରୁ କିମ୍ବା ଯାହା କିଛି ଜୀବନରେ ପ୍ରତ୍ୟକ୍ଷ କରୁଥିଲି ତାକୁ କଳାତ୍ମକ ରୂପ ପ୍ରଦାନ କରିବାର ଅସାମର୍ଥ୍ୟ ହେତୁ ନିରବ ହୋଇ ରହିଗଲା ମୋର ଲେଖନୀ । ତଥାପି ମଧ୍ୟରେ ମଧ୍ୟରେ ଯେ ଗୋଟିଏ ଗୋଟିଏ ଗଳ୍ପ ମୋ କଲମରୁ ଝରି ଆସୁନଥିଲା ତାହା ନୁହେଁ । ତେବେ ସମ୍ପୂର୍ଣ୍ଣ ଭାବରେ ଗଳ୍ପ ରଚନାରେ ନିଜକୁ ଉତ୍ସର୍ଗ କରିବା ମୋ ପକ୍ଷରେ ସମ୍ଭବ ହେଲା ନାହିଁ, କାରଣ ମୋ ହୃଦୟଟିକୁ ମୁଁ ଅର୍ପିତ କରିଦେଇଥିଲି ମୋର ପ୍ରିୟ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ।'

ଉକ୍ତ ଆତ୍ମସ୍ୱୀକାରୋକ୍ତି ହିଁ ପ୍ରମାଣ କରିଦିଏ ଯେ ତାଙ୍କ ଜୀବନାନୁଭୂତି ଥିଲା କେତେ ଗଭୀର । ଜଣେ ନୀରବତାର ରାଜ୍ୟକୁ ପ୍ରବଶେ କରି ନ ପାରିଲେ ତା'ଦ୍ୱାରା ସମ୍ଭବ ହୁଏ ନାହିଁ କୌଣସି ସର୍ଜନ । 'ଯଦୁନନ୍ଦନ' ଗଳ୍ପ ସଂକଳନରେ ସ୍ଥାନୀତ ଗଳ୍ପ ଗୁଡିକୁ ଯେଉଁମାନେ ଲକ୍ଷ କରିବେ ସେମାନେ ସହଜରେ ଏ କଥା ମଧ୍ୟ ଉପଲବ୍ଧି କରିପାରିବେ ଯେ ଏହି ଗଳ୍ପ ଗୁଡିକ କିପରି ଭାବରେ ନୀରବନତାର ସୁଗଭୀର ପର୍ଯ୍ୟାୟରେ ଉତ୍ଥିତ ହୋଇଆସିଛି । 'ଯଦୁନନ୍ଦନ' ଏହି ନିର୍ଦ୍ଦିଷ୍ଟ ଗଳ୍ପଟି ପ୍ରକାଶିତ ହୋଇଥିଲା ସର୍ବପ୍ରଥମେ 'ବିଜୟା' ପତ୍ରିକାରେ । ଯେଉଁ ଅର୍ନ୍ତଦୃଷ୍ଟି ସମ୍ପର୍ଣ୍ଣ ପାଠକ ତାହା ଅଧ୍ୟୟନ କରିବାର ସୁଯୋଗ ପାଇଛନ୍ତି ସେମାନେ ଜାଣନ୍ତି ଯେ ଗଳ୍ପଟି ସମଗ୍ର ଓଡିଆ ସାହିତ୍ୟର ଏକ ବ୍ୟତିକ୍ରମ ଏହା କୌଣସି ଦୃଶ୍ୟମାନ ଘଟଣାଦ୍ୱାରା ପ୍ରଭାବିତ ହୋଇ ଲେଖକ ଲେଖିନାହାଁନ୍ତି । ସ୍ୱପ୍ନରେ ଆକସ୍ମିକ ଭାବରେ ଦିନେ ରାତିରେ ସେ ଦେଖିଛନ୍ତି ଏକ ଅଲୌକିକ ଘଟଣା । ତାହାକୁ ହିଁ ସେ ରୂପାୟିତ କରିଛନ୍ତି ଅବିକଳ ଭାବରେ । ଏପରି କଥାବସ୍ତୁ ଓଡିଆ ଗଳ୍ପକ୍ଷେତ୍ରରେ କୁତ୍ରାପି ଲିପିବଦ୍ଧ କରାଯାଇ ପାରିନାହିଁ । ଆପଣାର ଏହି ବ୍ୟକ୍ତିଗତ ଜୀବନର ସ୍ୱପ୍ନ ସତ୍ୟ ପ୍ରତିପାଦିତ ହୋଇପାରେ କିମ୍ବା ସତ୍ୟରେ ପରିଣତ ହେବା ପୂର୍ବରୁ ଏପରି ପ୍ରସଙ୍ଗ ସ୍ୱପ୍ନରେ ଉଦ୍‌ଭାସିତ ହୋଇପାରେ । ସେହିଭଳି ଗାଳ୍ପିକଙ୍କ ଦୁଇଟି ଗଳ୍ପ ହେଉଛି 'ଯଦୁନନ୍ଦନ' ଓ 'ଦୁଇଟି ନୀଳ ଆଖି' ।

ଏହି ସୁଦୀର୍ଘ ମଧ୍ୟାନ୍ତର ସମୟରେ ସେ ଲେଖିଛନ୍ତି ଏପରି ଏକ ଏକ ହୃଦୟସ୍ପର୍ଶୀ ଗଳ୍ପ ଯାହା ପାଠକୀୟ ଚେତନାକୁ ଦୋହଲାଇ ଦେଇଛି । ସେପରି ଏକ ଗଳ୍ପର ଦୃଷ୍ଟାନ୍ତ ନିଆଯାଇପାରେ 'ପ୍ରିୟ ପାପୁ ମୋର' । ଜଣେ ଶିକ୍ଷକର ନିଷ୍ଠୁର ହୃଦୟ କିପରି ପରିବର୍ତ୍ତିତ ହୋଇପଯାଇଛି ଏକ ଅବିସ୍ମରଣୀୟ ଘଟଣା ଦ୍ୱାରା, ତାହାକୁ ଲେଖକ ଚିତ୍ରାୟିତ କରିଛନ୍ତି ମାର୍ମିକ ଶୈଳୀ ସଂଯୋଗରେ । ଯାହା ସେ ଦେଖିଛନ୍ତି ସ୍ୱପ୍ନରେ ତାକୁ ଗଳ୍ପ ରୂପ ପ୍ରଦାନ କରିଛନ୍ତି ପାଠକ ଭାବରେ । ଆଉ ଅନ୍ୟାନ୍ୟ ଗଳ୍ପ ସବୁ ଜୀବନାନୁଭୂତି ଉପରେ ପ୍ରତିଷ୍ଠିତ । କେବଳ କଳ୍ପନାର ଆଶ୍ରୟରେ ଗଳ୍ପ ରଚନା କରିବାର ପ୍ରେରଣା ସେ ଲାଭ କରନ୍ତି ନାହିଁ; ଯଦିଓ ତାଙ୍କର କଳ୍ପନା ପ୍ରବଣତା ବା ଇମାଜିନେଟିଭ୍ ପାଓ୍ୱାର ହେଉଛି ସମୁଚ୍ଚ ସ୍ତରର । ଜ୍ୟୋତିବିହାର ହଷ୍ଟେଲ ମଧ୍ୟରେ ଯେଉଁ ନିର୍ଜନ ନିସ୍ତବ୍ଧ ରାତ୍ରିରେ ତାଙ୍କର ହୋଇଛି ଭୟଙ୍କର ଅନୁଭୂତି ତାକୁ କଳାତ୍ମକ ରୂପ ଦେଇପାରିଛନ୍ତି 'ଏକ ଆତ୍ମହତ୍ୟା ସମ୍ପର୍କରେ' ଶୀର୍ଷକ ଗଳ୍ପରେ । ଆଜି ବି ଏହି ଗଳ୍ପ ଯେଉଁମାନେ ପଢ଼ନ୍ତି ସେମାନଙ୍କ ଦେହ ଶୀତେଇ ଉଠେ । ଅନେକ ପାଠକ ପାଠିକା ଏହି ନିର୍ଦ୍ଦିଷ୍ଟ ଗଳ୍ପ ସଂପର୍କରେ ତାକୁ ପଚାରି ଚାଲିଛନ୍ତି ସମାନ ପ୍ରଶ୍ନ । ତାହା ହେଲା 'ଏହି ଘଟଣାଟି ବାସ୍ତବରେ ସତ୍ୟ କି ?' ଗଳ୍ପଟିର ସମାପ୍ତିରେଖା ଏପରି କୌଶଳର ସହିତ ଟାଣିଦେଇଛନ୍ତି, ଯାହାଦ୍ୱାରା ପ୍ରତ୍ୟେକ ପାଠକ ମଧ୍ୟରେ ଭରିଯିବ ଅଜସ୍ର ଉତ୍କଣ୍ଠା ଓ ଜିଜ୍ଞାସା । ଜଣେ ଗାଳ୍ପିକ ଭାବରେ ପାଠକମାନଙ୍କୁ ସେ କି ଉତ୍ତର ଦେବେ ତାହା ନିଜେ ମଧ୍ୟ ଭାବିପାରନ୍ତି ନାହିଁ । ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ସେ ଦିଅନ୍ତି 'ଯାହା ଗଳ୍ପରେ ରୂପାୟିତ ତାହା ହିଁ ହେଉଛି ସତ୍ୟ' । ଗାଳ୍ପିକ ଜାଣନ୍ତି ଯେ ପାଠକମାନେ ଗଭୀରରୁ ଗଭରସ୍ତର ପର୍ଯ୍ୟନ୍ତ ଯିବା ପାଇଁ ଅପ୍ରସ୍ତୁତ । ସେମାନେ କେବଳ ବାହ୍ୟ ଘଟଣା ଆଧାରରେ ପଚାରିଥାନ୍ତି ଏହି ସବୁ ସାଧାରଣ ପ୍ରଶ୍ନ । ଯେ ହେତୁ ଗଳ୍ପ ପାଠକ ପାଠିକା ଲେଖକଙ୍କ ନିକଟରୁ ଚାହାଁନ୍ତି ଏକ ପ୍ରାମାଣିକ ଉତ୍ତର, ସେ ମଧ୍ୟ ସେଭଳି ଉତ୍ତରରେ ସନ୍ତୁଷ୍ଟ କରନ୍ତି ସେମାନଙ୍କୁ । ନିଜ ଉପଲବ୍ଧ ବ୍ୟକ୍ତି କରି ସେ କୁହନ୍ତି ଏହି ଆତ୍ମହତ୍ୟା ପ୍ରସଙ୍ଗ ବ୍ୟତୀତ ଅନ୍ୟ ଗଳ୍ପଗୁଡିକ ସମ୍ପର୍କରେ ପାଠକମାନେ କୌଣସି ଜିଜ୍ଞାସା ପ୍ରକଟ ନ କରିବା ସେମାନଙ୍କ ସୂକ୍ଷ୍ମ ଅନୁଭୂତିର ଅଭାବ । ଉଚ୍ଚକୋଟୀର ଗାଳ୍ପିକମାନେ ଓଡିଶାରେ ଯଦିଓ ଜନ୍ମ ନେଇଛନ୍ତି ସେମାନଙ୍କ ସୃଷ୍ଟିର ରହସ୍ୟ ଭେଦ କରିବାର ଆନ୍ତରିକତା ଅତ୍ୟନ୍ତ କ୍ୱଚିତ୍ । (ଫୁଟ ନୋଟ୍ – ଇଣ୍ଟର୍ଭ୍ୟୁ– ତା–୩.୩.୨)

ନିଜେ ଗାଳ୍ପିକ ଯେଉଁସ୍ତରରେ ରହି ଗଳ୍ପ ରଚନା କରିବାର ରହିଛି ଆବଶ୍ୟକତା, ସେହି ଦିଗ ପ୍ରତି ଧ୍ୟାନଶୀଳତା ପାଠକ ଶ୍ରେଣୀର ନ ରହିବା ହେଉଛି ଚିନ୍ତାର ବିଷୟ ବୋଲି ତାଙ୍କର ଅଭିମତ । ପାଠକ ମାନେତ ବାହ୍ୟସ୍ତରର ସାଧନା ଦେଖିପାରୁ ନାହାଁନ୍ତି, ସେମାନେ ମୋ ନିବୃତ କକ୍ଷକୁ ପ୍ରବେଶ କରିବେ ବା କାହିଁକି ? ଏହା ଗାଳ୍ପିକ ମଣୀନ୍ଦ୍ରଙ୍କ ଅବଶୋଷପୂର୍ଣ୍ଣ ଆତ୍ମସ୍ୱୀକାରରୋକ୍ତି । ତେବେ ଯାହା ହେଉନା କାହିଁକି 'ଯଦୁନନ୍ଦନ' ସଂକଳନରେ ସ୍ଥାନୀତ ଗଳ୍ପଗୁଡିକର ସୃଷ୍ଟି ସମ୍ଭବ ହୋଇଛି ସେହି ନିବୃତ ଜଗତରେ ଗାଳ୍ପିକ ଅବସ୍ଥାନ

କରୁଥିବା ସମୟରେ । ସେ ଯେ କେବଳ ମୌଳିକ ଗଳ୍ପ ରଚନା କରିଛନ୍ତି ସେତିକି ନୁହେଁ ଆହୁରି ମଧ୍ୟ ବିଶିଷ୍ଟ ଗାଳ୍ପିକମାନଙ୍କ ଗଳ୍ପର ଅନୁବାଦ ମଧ୍ୟ କରି ଅଭିନନ୍ଦିତ ହୋଇଛନ୍ତି । ଝଙ୍କାର ପତ୍ରିକାରେ ତାଙ୍କର ଏକ ଗଳ୍ପର ଅନୁବାଦ ପ୍ରକାଶିତ ହୋଇଥିଲା ଯାହାର ଶୀର୍ଷକ ହେଉଛି 'ଜଣେ ନାଉରୀ' ଯାହା ବଙ୍ଗଳାରେ ବିଶିଷ୍ଟ କଥାଶିଳ୍ପୀ ବିମଳ ମିତ୍ରଙ୍କ ରଚନା । ଅନୁବାଦକ ହେବାର ଲକ୍ଷ ନେଇ ତାହା ସେ ଅନୁବାଦ କରି ନାହାଁନ୍ତି । ଅସଲ ବିଷୟ ହେଲା ନିଜ ଜୀବନ ଦର୍ଶନ ପ୍ରତିଫଳିତ ହୋଇଥିବା ଯୋଗୁଁ ତାକୁ ସେ ଅନୁବାଦ କରିଛନ୍ତି। ଯେଉଁ ପ୍ରକାରର ଚରିତ୍ର ଉକ୍ତ ଗଳ୍ପରେ ଅଙ୍କିତ ମନେହେବ; ଯତୀନ୍ଦ୍ର ବ୍ୟତିତ ସେ ଆଉ କେହି ହୋଇପାରନ୍ତି । ସେ ଦୃଷ୍ଟିରୁ ତାହା ତାଙ୍କର ମୌଳିକ ସର୍ଜନା ସହିତ ଏକ ଶ୍ରେଷ୍ଠ ଗଳ୍ପକୃତି । ସେହିପରି ବିଶ୍ୱ କବି ରବୀନ୍ଦ୍ରନାଥଙ୍କ କ୍ଷୁଦ୍ରଗଳ୍ପ ବା ମିନିଗଳ୍ପ ତିନୋଟି ସେ ଅନୁବାଦ କରିଛନ୍ତି ଯାହା ସମ୍ପର୍କ ନାମକ ମିନିପତ୍ରିକାରେ ପ୍ରକାଶିତ ହୋଇ ସଂପ୍ରତି ଏକ ପ୍ରକାରର ଅବଲୁପ୍ତ । ଏ ସମସ୍ତ ଘଟଣା କିଏ ବା କାହିଁକି ଜାଣିବାକୁ ଇଚ୍ଛା ପ୍ରକଟ କରିବେ ? ତାହା ତ ତାଙ୍କର ସେହି ନିଭୃତ କକ୍ଷମଧ୍ୟରେ ଅନୁଷ୍ଠିତ ଆନ୍ତରିକ ନୀରବ ପ୍ରାର୍ଥନା । ଏଭଳି ଏକ ଅନାଲୋଚିତ ଦିଗ ସମ୍ପର୍କରେ କୋଚିତ୍ ଆଲୋକପାତ କରିବା ଦ୍ୱାରା ତାଙ୍କ ସୃଷ୍ଟି ରହସ୍ୟର ଗୋଟିଏ ଦୁଇଟି ପୃଷ୍ଠା ଉନ୍ମୋଚନ କରିବା ବୋଲି କୁହାଯାଇପାରିବ ।

❖❖❖

# ଫଟୋ ଶୁଟ୍



ISSN-2583-6978
Volume-4
Issue-10
OCTOBER-2024

**ଡ. ମାନସ ବେହେରା**

**ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ**

ଏବେ ବଜାରରେ ଫଟୋ ଶୁଟ୍ ପ୍ରାଧାନ୍ୟ ବିସ୍ତାର କରିସାରିଲାଣି ଓ ବିବାହ, ପ୍ରାକ୍-ବିବାହ, ମେହେନ୍ଦି ଆଦି ଅନେକ ଉତ୍ସବର ସ୍ମରଣୀୟ ମୁହୂର୍ତ୍ତକୁ କ୍ୟାମେରାରେ ଧରି ରଖିବାର ପ୍ରୟାସ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରରେ ବିବାହ ବଜେଟର ଏକ ଆଖିଦୃଶିଆ ଭାଗ ଅଟେ ଓ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରରେ ଏହା ବୋଝ ଉପରେ ନଳିତା ବିଡ଼ା ସଦୃଶ ଓ ଯୁବ ପିଢ଼ି ଏହା ସହ ସାଲିସ କରିବାକୁ ରାଜି ନୁହଁନ୍ତି ଓ ଏହା ତଥା କଥିତ ସାମାଜିକ ସ୍ଥିତି (ସ୍ଟାଟସ)ରେ ପରିଣତ ହେଲାଣି ଓ ଏହି ରୋଗ ଏବେ ଆଉ ସହରାଂଚଳ ଭିତରେ ସୀମିତ ନୁହଁ, ଗ୍ରାମାଞ୍ଚଳରେ ମଧ୍ୟ ଏହା କାୟା ବିସ୍ତାର କଲାଣି କିନ୍ତୁ ଏ ଫଟୋ ଶୁଟ୍ କୁ ଆହୁରି ରୋମାଞ୍ଚକର କରିଛି ନିକଟରେ ସାମାଜିକ ଗଣ ମାଧ୍ୟମରେ ପ୍ରସାରିତ ଏହାର ଅନ୍ୟତମ ସଂସ୍କରଣ। ଜଣେ ମହିଳା ତାଙ୍କ ବିବାହ ବିଚ୍ଛେଦକୁ ପାଳନ କରୁଛନ୍ତି, ଏହି ଫଟୋ ପ୍ରସାରିତ ହୋଇଛି ଓ ସେ ତାଙ୍କ ପୂର୍ବତନ ସ୍ୱାମୀଙ୍କ ସହ ତାଙ୍କ ଫଟୋକୁ ମଝିରୁ ଚିରିବାର ଫଟୋ ଉଠାଇଛନ୍ତି। ତାଙ୍କ ସ୍ୱାମୀଙ୍କ ଫଟୋ ଉପରେ ପାଦ ରଖି ଦଳିବାରେ ଫଟୋ ମଧ୍ୟ ଉଠାଇଛନ୍ତି। ବିଚ୍ଛେଦର କାରଣ , ସେ ମହିଳାଙ୍କ ବିଜୟ ପରାଜୟ ତଥା ମୁକ୍ତିର କଥା ଏଠି ଆଲୋଚନାର ବିଷୟ ନୁହଁ। କାରଣ ଆମେ ସେ ସମ୍ପର୍କରେ ଅଜ୍ଞ ଓ ଏ ପ୍ରବନ୍ଧର ଉଦ୍ଦେଶ୍ୟ ମଧ୍ୟ ଭିନ୍ନ। ଏହି ନୂତନ ପରିବର୍ତ୍ତନର ଅର୍ଥନୈତିକ ଓ ସାମାଜିକ ବିଶ୍ଳେଷଣ ଏହାର ଉଦ୍ଦେଶ୍ୟ ଅଟେ।

ନବ୍ୟଉଦାରବାଦ ଅର୍ଥନୀତି ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିଶ୍ୱକୁ ଗ୍ରାସ କରିଛି। ଏଥି ସହିତ ନବ୍ୟଉଦାରବାଦୀ ଚେତନା ମଧ୍ୟ ଓ କେବଳ ଧନୀକ ଶ୍ରେଣୀ ନୁହଁ ମଧ୍ୟବିତ୍ତ, ଶ୍ରମିକ, ବୁଦ୍ଧିଜୀବୀ ମଧ୍ୟ ଏ ଚେତନାର ଶିକାର ହୋଇଛନ୍ତି ଓ ନବ୍ୟଉଦାରବାଦ ର ବିକଳ୍ପ ନାହିଁ (There is no alternative to it-TINA ) ପରି ପ୍ରଚାର ଗୋଟେ ସମୟରେ ସଂଖ୍ୟାଧିକ ବିଶ୍ୱବାସୀଙ୍କୁ ଗ୍ରାସ କରିଥିଲା ଓ ଏହାର ପରିଣାମ ସ୍ୱରୂପ ଫ୍ରାନସିସ ଫୁକୁଆମଓ ଞhe End of History ପୁସ୍ତକ ଲେଖିଲେ।ଓ ଅର୍ଥାତ୍ ନବ୍ୟଉଦାରବାଦ ଓ ଉଦାରବାଦୀ ଗଣତନ୍ତ୍ର ମାନବ ଇତିହାସର ଶେଷ କଥା ଓ ଶେଷ ଆଦର୍ଶ। କିନ୍ତୁ କ୍ରମେ କ୍ରମେ ନବ୍ୟଉଦାରବାଦ ବ୍ୟବସ୍ଥାରେ କ୍ରମ ବର୍ଦ୍ଧିଷ୍ଣୁ ଅସମାନତା, ଶୋଷଣ, ଏକଛତ୍ରବାଦ, ପରିବେଶ ନଷ୍ଟ , ଫଓସିବାଦ ଓ ସାମ୍ରାଜ୍ୟବାଦର ଅଭିବୃଦ୍ଧି ସ୍ୱଷ୍ଟ ହେବାକୁ ଲାଗିଲା ଓ ବିଶ୍ୱବ୍ୟାପୀ ଏହା ବିରୋଧରେ ପ୍ରତିବାଦ ଓ ପ୍ରତିରୋଧ ହେଲା। ଫଳରେ ନବ୍ୟଉଦାରବାଦର ପ୍ରବକ୍ତା ମାନେ ମଧ୍ୟ ଏହାର ନକାରାତ୍ମକ ଦିଗକୁ ସ୍ୱୀକାର କରିବାକୁ ବାଧ୍ୟ ହେଲେ ଓ ଜୋସେଫ ସ୍ଟିଗ୍ଲିଜ୍ ତାଙ୍କ ପୁସ୍ତକ ‘ Globalisation & its discontents’ ରେ ଏହାକୁ ଦର୍ଶାଇଲେ ଓ ଫୁକୁଆମଓ ନିଜେ ସ୍ୱୀକାର କଲେ ଯେ ସମାଜବାଦ ଏବେ ବି ପ୍ରାସଙ୍ଗିକ।

ଏ ସବୁ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଉଛି ଯେ ନବ୍ୟଉଦାରବାଦର ଗ୍ରହଣୀୟତା ଦୁର୍ବଳ ହୋଇଥିଲେ ମଧ୍ୟ ଓ ଏହା ବିରୋଧରେ ଅସନ୍ତୋଷ ବ୍ୟାପକ ହୋଇଥିଲେ ମଧ୍ୟ ଏଥିରୁ ସୃଷ୍ଟ ଚେତନା ସେଇ ପରିମାଣରେ ଦୁର୍ବଳ ହୋଇନାହିଁ। ପୁଞ୍ଜି , ରାଷ୍ଟ୍ର, ନାଗରିକ ସମାଜ। ବଜ଼ାର ଆକ୍ରମଣାତ୍ମକ ଢଙ୍ଗରେ ଏ ଚେତନା ସୃଷ୍ଟି କରିଛନ୍ତି। ସଫଳତାର ସହ ନବ୍ୟଉଦାରବାଦର ଶିକାର ହେଉଥିବା ଲୋକମାନଙ୍କୁ ଏହାର ଭକ୍ତ କରାଇପାରିଛନ୍ତି। ଏ ପ୍ରକ୍ରିୟାରେ ବଜ଼ାର ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଛି ଓ ରାଷ୍ଟ୍ର ସହ ମିଶି ନାଗରିକ ସମାଜକୁ ନିଜଆଡ଼କୁ ନେଇପାରିଛି ଓ ଏହା ମାଧ୍ୟମରେ ନବ୍ୟଉଦାରବାଦୀ ଚେତନାର ବିଶ୍ୱବ୍ୟାପୀ ଅଭିବୃଦ୍ଧି ହୋଇଛି ଓ ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ତାଙ୍କ ବିରୋଧରେ ରାଷ୍ଟ୍ରଶକ୍ତିକୁ ବ୍ୟବହାର କରାଯାଇଛି ଓ କେବଳ ଏତିକି ନୁହଁ ବୌଦ୍ଧିକ ସ୍ତରରେ ତାଙ୍କ ବିରୋଧରେ ମଧ୍ୟ ପ୍ରଚାର କରାଯାଇଛି। ବର୍ତ୍ତମାନ ଏ ଫଟୋ ଶୁଟ୍‌ର ପ୍ରସାରକୁ ଏହି ପୃଷ୍ଠ ଭୂମିରେ ଦେଖିବାକୁ

ପଡିବ। ଏହା ସ୍ୱାଭାବିକ ନୁହଁ। ବଜାରର ମଧ୍ୟସ୍ଥିତତାରେ ପୁଞ୍ଜି ନିବେଶର ଏହା ନୂତନ ରଣ କୌଶଳ। ଏହା ଏକ ନୂତନ କ୍ଷେତ୍ର ଯେଉଁଥିରେ କମ ଶ୍ରମ ବିନିଯୋଗରେ ଲାଭ ହୋଇପାରିବ ଓ ବଜ଼ାର, ଏଥିପାଇଁ ଏହାର ଆବଶ୍ୟକତା ସମ୍ପର୍କରେ ଏକ ଚେତନା ସୃଷ୍ଟି କରିପାରିଛି ଓ ଏହା ବଜ଼ାରର ଆବଶ୍ୟକତାରୁ ସୃଷ୍ଟି କରାଯାଇଛି। ଗ୍ରାହକଙ୍କ ଉପରେ ଲଦା ଯାଇଛି ।ଏହାର ଆଧୁନିକତା ସହ କୌଣସି ସମ୍ପର୍କ ନାହିଁ କାରଣ ଏହା ଯୌତୁକ, ଜାତିପ୍ରଥା, ପିତୃତନ୍ତ୍ର ଆଦି ସାମନ୍ତବାଦୀ ପରମ୍ପରା ଉପରେ ପ୍ରହାର କରୁନାହିଁ ଓ ଏହା ପୁଞ୍ଜିର ବିଶେଷ ଲକ୍ଷଣ।

ନବ୍ୟଉଦାରବାଦୀ ପୁଞ୍ଜି ବ୍ୟବସ୍ଥା ସମ୍ପ୍ରତି ସଙ୍କଟ ଗ୍ରସ୍ତ। ଏହା ନିଜର ଲାଭକୁ ବୃଦ୍ଧି କରିବା ପାଇଁ ନୂଆ ନୂଆ କ୍ଷେତ୍ର ଅନୁସନ୍ଧାନରେ ଥାଏ। ଏହାର ଘୋଷଯାତ୍ରାରେ ପରିବାର, ମୂଲ୍ୟବୋଧ,ପରମ୍ପରା, ସଂସ୍କୃତି ସମ୍ପର୍କର ଅର୍ଥ କିଛି ନଥାଏ। ବିବାହ ଓ ତତ୍ ସମ୍ପର୍କିତ ଉତ୍ସବର ଫଟୋ ଶୁଟ୍‌ରୁ ବିଛେଦର ଫଟୋ ଶୁଟ୍ ପର୍ଯ୍ୟନ୍ତ ପ୍ରକ୍ରିୟା ବଜ଼ାର ନିର୍ଦ୍ଦେଶିତ ଓପୁରୁଣା ସଂସ୍କୃତି ଓ ପରମ୍ପରା ପୁଞ୍ଜିର ନିବେଶ ଅନୁସନ୍ଧାନରେ ଧ୍ୱଂସ ହୋଇ ନୂଆ ସୃଷ୍ଟି ହୁଏ କିନ୍ତୁ ଏ ଧ୍ୱଂସ ସମ୍ପୂର୍ଣ୍ଣ ହୁଏ ନାହିଁ ଓ ବଜ଼ାର ନିଜର ଆବଶ୍ୟକତା ଅନୁଯାୟୀ ଏହାକୁ ସୃଷ୍ଟି କରେ। ମଣିଷର ଆର୍ଥନୀତିକ ସ୍ଥିତି ସହ ଏହା ଜଡିତ ହୁଏ ଅର୍ଥାତ୍ ଧନୀକ ଶ୍ରେଣୀ ନୂଆ କାରିଗରୀ କୌଶଳ ଯେପରିକି ଆଧୁନିକ। ଉନ୍ନତମାନର ଫଟୋ ଶୁଟ୍‌କୁ ଆପଣେଇବାରେ ଅସୁବିଧା ହୁଏ ନାହିଁ ଓ କିନ୍ତୁ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପକ୍ଷରେ ଏହା କଷ୍ଟଦାୟକ ହୁଏ କିନ୍ତୁ ତ ସତ୍ତ୍ୱେ ଏ ଦୁଇ ଶ୍ରେଣୀ ଏଥିପାଇଁ ବ୍ୟୟ କରିବାକୁ ବାଧ୍ୟ ହୁଅନ୍ତି କାରଣ ତାଙ୍କ ସ୍ଥିତି ସହ ବଜ଼ାର ଏହାକୁ ଯୋଡିବାକୁ ସକ୍ଷମ ହୋଇଯାଏ। ଏ କ୍ଷେତ୍ରରେ ପୁଣି ଶ୍ରେଣୀ ବିଭାଜନ ଯୋଡି ହୋଇଯାଏ। ଏ ପ୍ରକ୍ରିୟା ନୂଆ ନୁହଁ ଓ ଇତିହାସରେ ଏହାର ଅନେକ ଉଦାହରଣ ଅଛି।

ବର୍ତ୍ତମାନର ଫଟୋ ଶୁଟ୍‌କୁ ବିଚାରକୁ ନେଲେ ଏହା ସ୍ପଷ୍ଟ ଯେ ଏହାକୁ ବଜ଼ାରର ଏକ ଅଂଶ ଭାବରେ ଓ ବିବାହ ବଜ଼ାରର ଏକ ଅଙ୍ଗ ଭାବରେ ଲୋକଙ୍କ ଉପରେ ଲଦି ଦେବାରେ ନବ୍ୟଉଦାରବାଦୀ ବଜ଼ାର ବ୍ୟବସ୍ଥା ସକ୍ଷମ ହୋଇଛି। ଯୌତୁକରେ ରୂପରେଖ ବଦଳି ଫଟୋ ଶୁଟ୍ ଖର୍ଚ୍ଚ ମଧ୍ୟ ଏହାର ଅଂଶ ଭାବରେ ପରିଣତ ହୋଇଛି। ଛୋଟ ସହର। ଗ୍ରାମାଞ୍ଚଳରେ ମଧ୍ୟ ଏ କଥା ଦେଖା ଦେଇଛି। ମୋଟର ଗାଡି ର ବ୍ୟବହାରରୁ ପାଲିଙ୍କି ବିଦାୟ ନେଇଛି। ଡିଜେ ଆସିଲା ପରେ ପାରମ୍ପରିକ ବାଦ୍ୟ ଆଉ ନାହିଁ କହିଲେ ଚଳେ। ଏମିତି ଅନେକ ଉଦାହରଣ ଅଛି ଓଗ୍ରାମାଞ୍ଚଳରେ। ସହରାଞ୍ଚଳରେ ପରିବାରମାନଙ୍କରେ ଫଟୋ ଶୁଟ୍‌କୁ ନେଇ ଦ୍ୱନ୍ଦ ଓ ଏହା ମୁଖ୍ୟତଃ ସାମାଜିକ ଓ ଅର୍ଥନୈତିକ। ଏହାର ଅର୍ଥନୈତିକ ବୋଝ ପଡୁଥିବାରୁ ଏଥିରେ ସାଲିସ କରିବାକୁ ବା ଏ ଖର୍ଚ୍ଚ କମାଇବାକୁ ପରିବାରର ବୟସ୍କମାନେ କହୁଥିଲା ବେଳେ ଯୁବ ଗୋଷ୍ଠୀ ଏଥିରେ ରାଜି ହେଉନାହାନ୍ତି। ଏମାନଙ୍କ ମଧ୍ୟରେ ଏହାକୁ ନେଇ ଏକ ମିଥ୍ୟା ଚେତନା ବା ଗର୍ବ ସୃଷ୍ଟି କରାଯାଇଛି ଓ ବଜ଼ାରର ମଧ୍ୟସ୍ଥିତତାରେ ଏହା ସମ୍ଭବ ହୋଇଛି ଓ ପୁଞ୍ଜି ନିବେଶ। କ୍ଷୁଦ୍ର ବ୍ୟବସାୟୀଙ୍କୁ ଶୋଷଣ ତଥା ଏକ ନୂତନ କ୍ଷେତ୍ର ସୃଷ୍ଟି କରି ଗରାଖ ଯୋଗାଡ କରିବା ପାଇଁ ଏହାର ସୃଷ୍ଟି ଓଏଥିପାଇଁ ଜଣେ ମହିଳା ତାଙ୍କ ବିଚ୍ଛେଦକୁ ଫଟୋ ଶୁଟ୍ ମାଧ୍ୟମରେ ସାମାଜିକ ଗଣମାଧ୍ୟମକୁ ଆଣିଛନ୍ତି ଓ ଅର୍ଥାତ୍ ବଜ଼ାର ବ୍ୟକ୍ତିର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ପରିସରରେ ପ୍ରବେଶ କରିପାରିଛି।

ବଜ଼ାର ବ୍ୟକ୍ତିଗତ ପରିସର ବା ବ୍ୟକ୍ତିଗତ ସ୍ୱାଧୀନତାକୁ ବିଚାରକୁ ନିଏନା। ଏହା କେବଳ ଗରାଖ ସୃଷ୍ଟି, ଲାଭ। ନିବେଶକୁ ଦେଖିଥାଏ। ଏ ସବୁ ପାଇଁ କାମ କରିଥାଏ ଓ ନବ୍ୟଉଦାରବାଦୀ ବ୍ୟବସ୍ଥାରେ ବଜ଼ାର ସର୍ବଶକ୍ତିମାନ। ଜନମଙ୍ଗଳ ରାଷ୍ଟ୍ରରେ ଯାହା କିଛି ରାଷ୍ଟ୍ରର ବଜ଼ାର ଉପରେ ନିୟନ୍ତ୍ରଣ ଥାଏ ତାହା ନବ୍ୟଉଦାରବାଦୀ ରାଷ୍ଟ୍ରରେ ଲୋପ ପାଇଯାଏ ଓ ଫଟୋ ଶୁଟ୍‌ଟିକୁ ବ୍ୟବସାୟ ଆକାରରେ ସୃଷ୍ଟି କରି ବଜ଼ାର ଗରାଖ ମାନଙ୍କ ପାଖରେ ପହଁଚାଇଲା। ଏଥିରେ ବିଛେଦ ପରି ଅବସାଦ ମୂଳକ ଘଟଣାକୁ ଏହା ମାଧ୍ୟମରେ ଉତ୍ସବରେ ପରିଣତ କଲେ ବଜ଼ାରର ଭୂମିକା ଏଥିରେ କିଛି ନଥାଏ। କାରଣ ବଜ଼ାର କେବଳ ଗ୍ରାହକ ଓ ଲାଭକୁ ଦେଖେ ଓ କିନ୍ତୁ କେହି କହିପାରନ୍ତି ମହିଳା ଜଣକ ପୁରୁଷ ପ୍ରାଧାନ୍ୟ ବ୍ୟବସ୍ଥାର ଶିକାର ହୋଇ ନିର୍ଯ୍ୟାତୀତ ହେଲେ ଓ ବିଛେଦ ମାଧ୍ୟମରେ ମୁକ୍ତି ପାଇଲେ। ଏହାକୁ ଖୁସିରେ ପାଳନ କଲେ ଅସୁବିଧା କେଉଁଠି ? ଏ ସବୁ ପ୍ରଶ୍ନ ବଜ଼ାର ପାଇଁ ବିଶେଷ କରି ନବ୍ୟଉଦାରବାଦୀ ବଜ଼ାର ପାଇଁ ଅପ୍ରାସଙ୍ଗିକ।

❖❖❖

# ନାରୀବାଦର ଆଲୋକରେ କବିତା ବାରିକଙ୍କ ଗଳ୍ପ କଳା ଏକ ଅଧ୍ୟୟନ



ISSN-2583-6978
Volume-4
Issue-10
OCTOBER-2024

**ମେଘମାଳା ଦାସ**

**ଗବେଷିକା, ଓଡ଼ିଆଭାଷା ସାହିତ୍ୟ ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା**

ନାରୀବାଦୀ ଚେତନା ଆଧୁନିକ ଓଡ଼ିଆ ସାହିତ୍ୟର ଏକ ପ୍ରମୁଖ ପ୍ରସଙ୍ଗ। ବିଶେଷତ୍ୱ କଥା ସାହିତ୍ୟ କ୍ଷେତ୍ରରେ ଆଧୁନିକ ନାରୀର ଜୀବନ ଚର୍ଯ୍ୟାକୁ ଆଙ୍କିଲା ବେଳେ ଲେଖକମାନେ ନାରୀବାଦୀ ଦୃଷ୍ଟିକୋଣକୁ ପରିପ୍ରକାଶ କରିଛନ୍ତି। ଓଡ଼ିଆ ଗଳ୍ପ ସାହିତ୍ୟରେ ଉତ୍ତର ଅଶୀ କାଳରେ ନାରୀବାଦୀ ଚେତନାର ବ୍ୟାପକତା ପରିଲକ୍ଷିତ ହୋଇଥାଏ। ବିଶେଷତ୍ୱ ନାରୀ ଗଳ୍ପକାରମାନେ ନାରୀ ଜୀବନରେ ସାମ୍ନା କରୁଥିବା ବିବିଧ ପରିସ୍ଥିତି ଓ ସମସ୍ୟାକୁ ଅତ୍ୟନ୍ତ ପ୍ରାଣପୂର୍ଣ୍ଣ ରୂପେ ଅଙ୍କନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗାଳ୍ପିକା କବିତା ବାରିକଙ୍କ ଗଳ୍ପଗୁଡ଼ିକ ଅତ୍ୟନ୍ତ ମର୍ଯ୍ୟାଦାପୂର୍ଣ୍ଣ। କବିତା ବାରିକ ୧୯୮୦ ପରକାଳରେ ଜଣେ ସୁନାମଧନ୍ୟା କଥା ଶିଳ୍ପୀ ଗଳ୍ପ ଓ ଉପନ୍ୟାସ ଉଭୟ କ୍ଷେତ୍ରରେ ତାଙ୍କ ପ୍ରତିଭା ଓ ପାରଦର୍ଶିତା ଅନୁଭୂତି ହୋଇଥାଏ। ବ୍ୟକ୍ତି ଜୀବନରେ ଅଧ୍ୟାପନା ବୃତ୍ତି ନେଇ ସାଫଲ୍ୟ ଅର୍ଜନ କରିଥିବା କବିତା ବାରିକଙ୍କ ଗଳ୍ପ ଜଗତ ବହୁ ବର୍ଣ୍ଣା। ଭାଷା ଶୈଳୀ ଦୃଷ୍ଟିରୁ ତାଙ୍କ ଗଳ୍ପ କଳାର ଆବେଦନ ଯେପରି ପାଠକକୁ ଆପ୍ୟାୟିତ କରିଥାଏ, ଭାବଚେତନା ଦୃଷ୍ଟିରୁ ସେଗୁଡ଼ିକର ସମାଜର ବହୁମୁଖୀ ଦିଗକୁ ଉଦ୍ ଭାସିତ କରିଥାଏ। ସର୍ବପରି ସମାଜର ବିବିଧ ବର୍ଗର ନାରୀ ଜୀବନକୁ ଆଙ୍କିବାରେ ତାଙ୍କର କୃତିତ୍ୱ ଅନବଦ୍ୟ।

ଏଯାବତ ତାଙ୍କର ୧୬ ଗୋଟି ଗଳ୍ପ ଗ୍ରନ୍ଥ ପ୍ରକାଶିତ। (୧) ଭିନ୍ନ ସହର (୧୯୮୭), (୨) ଛକ (୧୯୯୦), (୩) ସଞ୍ଜ ଯେବେ ଆସେ -୧୯୯୯, (୪) ଗଙ୍ଗାସ୍ନାନ - ୨୦୦୦, (୫) ଜୀବନ କେବେ କେମିତି - ୨୦୦୦, (୬) ପବିତ୍ର ନିରଞ୍ଜନା - ୨୦୦୪, (୭) ଭଲ ଦିନର ଠିକଣା - ୨୦୦୮, (୮) ଅଧାଗଢ଼ା ସଂପର୍କ- ୨୦୧୩, (୯) ନିଃସର୍ତ୍ତ ଉଚ୍ଚାରଣ- ୨୦୧୪, (୧୦) ପୁଣି ଜଣେ ଅରୁଣା ସାନବାଗ, (୧୧) ଚରିତ୍ର ମାନେ - ୨୦୧୬), (୧୨) ରାତିର ବାସନ୍ତି, (୧୩) ମୁକ୍ତିବାଲି, (୧୪) ସ୍ୱୟଂସିଦ୍ଧା, (୧୫) କବିତା ବାରିକଙ୍କ ନିର୍ବାଚିତ ଗଳ୍ପ। କେବଳ ପରିମାଣ ଦୃଷ୍ଟିରୁ ନୁହେଁ ବରଂ ଗୁଣାତ୍ମକ ଦୃଷ୍ଟିରୁ ସେଗୁଡ଼ିକର ମାନ ଓ ମହତ୍ୱ ସିକାର୍ଯ୍ୟ। ନାରୀର ସ୍ୱାଭିମାନ। ସ୍ୱାତ୍ମ୍ୟିତା ତା'ର ଅଧିକାର ବୋଧ, ତଥା ତା'ର ମାନବିକ ମୂଲ୍ୟବୋଧକୁ ଭିତ୍ତି କରି ତାଙ୍କର ବହୁ ଗଳ୍ପ ରସପୁଷ୍ଟ। ଯଥାର୍ଥରେ କହିଲେ ନାରୀ ହିଁ ତାଙ୍କ ଗଳ୍ପ ସାହିତ୍ୟର କେନ୍ଦ୍ରବିନ୍ଦୁ। ଗାଳ୍ପିକା ଜଣେ ନାରୀ ହୋଇଥିବାରୁ ସମାଜରେ ଘଟୁଥିବା ନାରୀ ମାନଙ୍କ ପ୍ରତି ଅତ୍ୟାଚାର ଦୁର୍ବ୍ୟବହାରର ସାମ୍ନା କରିବା ପାଇଁ କିପରି ନାରୀ ସଶକ୍ତ, ଜାଗ୍ରତ ହୋଇପାରିବ, ଗଳ୍ପ ମାଧ୍ୟମରେ ସେ ପ୍ରସ୍ଫୁଟିତ କରିଛନ୍ତି।

ଏଣୁ ତାଙ୍କ ଗଳ୍ପରେ ନାରୀ ଚରିତ୍ରର ବହୁଳ ବିସ୍ତାର ଦେଖିବାକୁ ମିଳିଥାଏ। କୌଣସି ବିଶେଷ ମୁହୂର୍ତ୍ତରେ ଯେତେବେଳେ ଗାଳ୍ପିକାଙ୍କୁ ଘଟଣା ସବୁ ସ୍ପନ୍ଦିତ କରିଛନ୍ତି। ସେତେବେଳେ ଏହି ନାରୀମାନେ ତାଙ୍କ ମନରେ ଗଭୀର ରେଖାପାତ କରିବା ସଂଗେ ସଂଗେ ତାଙ୍କ ଗଳ୍ପରେ ରୂପ ପାଇଛନ୍ତି। ନାରୀର ସାମାଜିକ ଆଭିମୁଖ୍ୟ, ଚାରିତ୍ରିକ ଗୁଣ ବୈଚିତ୍ର ପୂର୍ଣ୍ଣ। ତେବେ ନାରୀର ସ୍ୱେଚ୍ଛାଚାରିତା, ଉଗ୍ର ଆଧୁନିକତା, ଅତିଶୟତାକୁ ଗାଳ୍ପିକା ଗପ ମାଧ୍ୟମରେ କେବଳ ଦେଖାଇ ନାହାନ୍ତି। ବରଂ ସେ ସବୁକୁ ସେ ଘୃଣା କରନ୍ତି। ତାଙ୍କ ଗଳ୍ପରେ ନାରୀମାନେ ଖୁବ୍ ସ୍ୱାଭିମାନୀ। ସେମାନେ କାହର ଦୟା, ସହାନୁଭୂତି, ଘୃଣା, ଅବହେଳାକୁ ନେଇ ବଞ୍ଚନ୍ତି ନାହିଁ। ସେମାନେ ନିଜ ଗୋଡ଼ରେ ନିଜେ ଠିଆ ହୁଅନ୍ତି। ନିଜ ପାଇଁ ନିଜେ ପାଦ ତଳରେ ମାଟି ତିଆରି କରନ୍ତି। ପୁଣି ନାରୀକୁ ସମାଜର ବଡ଼ ପଣ୍ଡାମାନେ ତ୍ୟାଗ, ସତୀତ୍ୱ, ନୀତି, ନିୟମର ଢାଙ୍କୁଣୀ ଭିତରେ ଆବଦ୍ଧ ରଖିବାର ପ୍ରୟାସ କରିଛନ୍ତି। ସେଥିପାଇଁ ତାଙ୍କ ଗଳ୍ପରେ ନାରୀ ଚରିତ୍ରମାନେ ସମାଜ ପତିମାନଙ୍କୁ ପ୍ରଶ୍ନ କରିଥାନ୍ତି, କେବଳନାରୀ କ'ଣ ତ୍ୟାଗ କରିବାକୁ ଜନ୍ମ ନେଇଛି ? ସେ ହିଁ ସମାଜର ନୀତିନିୟମ

ପାଳିବ ବୋଲି ଲେଖାଯାଇଛି । କହିବା ବାହୁଲ୍ୟ ଯେ ପୁରୁଷ ଗଢ଼ା ନୀତିନିୟମ ସମାଜ ବିରୁଦ୍ଧରେ ତାଙ୍କ ନାରୀମାନେ ବିଦ୍ରୋହ କରିଛନ୍ତି । ନାରୀବାଦୀ ଚେତନା ଦୃଷ୍ଟିରୁ ଗାଳ୍ପିକାଙ୍କ ଟିକି ଅଗଣାର ଝିଅ ଚରିତ୍ରମାନେ ଗଳ୍ପ ସଂକଳନରୁ ଗୃହିତ । ଏହି ଗଳ୍ପର ମୁଖ୍ୟ ସ୍ୱର ନାରୀକୁ ପୁରୁଷ ଭଳି ବଡ଼ ଅଗଣା ମନା । ସେ କେବଳ ଝୋଟି ଦେବ, ଲୁଡୁ ଖେଳିବ । ପୁଚି ଖେଳିବ । ଚକା ଚକା ଭଉଁରି ଭିତରେ ନିଜକୁ ସୀମିତ ରଖିବ । ପୁଅ ଭଳି ଜୋରରେ ହସିପାରିବ ନାହିଁ । ହେଲେ 'ସୁନ୍ଦରୀ' ସେସବୁ ମାନି ନାହିଁ । ସେ ପିଲାଟି ଦିନରୁ ବଡ଼ ଅଗଣାର ସ୍ୱପ୍ନ ଦେଖିଛି ଓ ମାଆ ଭାଇକୁ ଭଲ ଭଲ ଖାଇବାକୁ ଦେଲା ବେଳେ ଭାଇ ଥାଳିରୁ ଛଡ଼ାଇ ଖାଇଛି ଓ ମାଡ଼ ମଧ୍ୟ ସେଥିପାଇଁ ଖାଇଛି । ତା' ଭିତରେ ଏକ ବିଦ୍ରୋହର ନାରୀ ଜନ୍ମ ନେଇଛି । ବଡ଼ ଅଗଣାରେ ସେ ଶେଷରେ ପହଞ୍ଚି ପାରିଛି । ଲେଖିକା କବିତା ବାରିକ କହିଛନ୍ତି ସୁନ୍ଦରୀ ପିଲାଦିନରୁ ଥିଲା ନିର୍ଭିକ, ସ୍ପଷ୍ଟବାଦୀ, ସେ ଦେଖିଛି ମାଆ, ଜେଜୀ ମା'ଙ୍କର ପାତର ଅନ୍ତର ନୀତି । ପୁଅକୁ କ୍ଷୀର ଘିଅ ପରଟା ମିଠା, ଅଣ୍ଡା, ମାଛ ମାଂସ ସବୁ ମିଳିବ । ଖାଇବାକୁ ଇଚ୍ଛା ନଥିଲେ ବି ବଳେଇ ବଳେଇ ଜବରଦସ୍ତ ଖିଆ ଯିବ । ଝିଅଭାଗରେ କିନ୍ତୁ ଶୁଖିଲା ରୁଟି, ପାଣି ସନ୍ତୁଳା, ଭଲମନ୍ଦ ଘରେ ହେଲେ ବଳିଲେ ଖାଇ । ନ ହେଲେ ଆମ୍ବୁଲ ଲଙ୍କା ଚକଟି ଶୁଖିଲା ଭାତ । ସେହି ପିଲାଦିନରୁ ହିଁ ସେ ପ୍ରତିବାଦ କରି ଶିଖିଥିଲା । ସେ ବୁଝିଥିଲା ତା' ଜୀବନର ଡଙ୍ଗାକୁ ତାକୁ ହିଁ ଆଗକୁ ଭସାଇବାକୁ ପଡ଼ିବ । (୧)

'ମୁକ୍ତି' ଗଳ୍ପର ମିସ୍ ଲିଜାଙ୍କ ଚରିତ୍ର ଦ୍ୱାରା ଗାଳ୍ପିକା ଓଡ଼ିଶାର ସଂସ୍କୃତିର କେତୋଟି ଚଳଣିକୁ ଆକ୍ଷେପ କରିଛନ୍ତି । ମିସ୍ ଲିଜା ବିଦେଶିନୀ ହେବା ସତ୍ତେ୍ୱ ଆମ ଓଡ଼ିଶାର କଳା, ସଂସ୍କୃତି, ଜଗନ୍ନାଥଙ୍କ ଭକ୍ତିର ପ୍ରେମର ପଡ଼ିଯାଇଛନ୍ତି । ଏବଂ ଗଳ୍ପ କଥକ ଯିଏକି ଓଡ଼ିଶାର ତାଙ୍କ ସହ ବାହା ହୋଇ ଓଡ଼ିଶା ଆସିଛନ୍ତି । ଗୋଟିଏ ପରେ ଗୋଟିଏ କୁ ସଂସ୍କାର ତାଙ୍କୁ ଆଘାତ ଦେଇଛି । ପରିବାର ସହ ରହିବାର ଆଶାରେ ତାଙ୍କୁ ଠାକୁରଘର, ତୁଳସୀ ମୂଳ, ରୋଷେଇ ଘର ନିଷିଦ୍ଧ କରି ଦିଆଯାଇଛି । ଲେଖିକାଙ୍କ ଭାଷା "ଯେଉଁ ବିଦେଶିନୀ ଲିଜାମାନେ ଭାରତୀୟ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇ ଓଡ଼ିଆ ପଞ୍ଜୁରିରେ ଧରା ଦିଅନ୍ତି, ସେମାନେ କାହିଁକି ସ୍ୱ ଇଚ୍ଛାରେ ସେ ପଞ୍ଜୁରିକୁ ଭାଙ୍ଗି ଦେଇ ଉଡିଯାଆନ୍ତି । କାହିଁକି ?" (୨)

'ପୁଣି ଜଣେ ଅରୁଣା ସାନବାଗ' ଗଳ୍ପରେ ବିଶ୍ୱର କଳା କଳ୍ପନାରେ, ଶିଳ୍ପୀର ତୂଳୀ ଓ ଲେଖକର କଲମରେ ନାରୀ ହୋଇଛି ସବୁ ସମୟରେ ସୁନ୍ଦର ଲାବଣ୍ୟମୟୀ ମୋଟାଫରା ନିର ବଧି କାଳ ପରି ନାରୀ ଯୁଗେ ଯୁଗେ ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟରେ ମଣ୍ଡିତ ହୋଇ ପୃଥିବୀର ମହା ବିବର୍ତ୍ତନର ଅନେକ କେନ୍ଦ୍ରବିନ୍ଦୁ ସାଜିଛନ୍ତି । ସୁରେଲି ବଇଁଶୀର ଧ୍ୱନି ଭଳି କୁଆଡ଼େ ଏକ ମଧୁର ସମ୍ମୋହନ । ଅଥଚ ଆଜି ସମୟର ବିବର୍ତ୍ତନରେ ସେହି ନାରୀ ମେଟା ଫରରେ ମଣ୍ଡିତ ହୋଇଥିବା ଅପୂର୍ବାନାରୀ କେତେବେଳେ ନିର୍ଯାତିତ, ପ୍ରତାରିତା, ଧର୍ଷିତା ହୋଇ ଯାଏ । ତାକୁ କେଉଁଲେଖକ ସଜାଇବେ ନିଜ ତୂଳୀରେ ଲେଖନୀରେ ? ଲେଖିକାଙ୍କ ଉକ୍ତ: " କେତେ ସାମଞ୍ଜସ୍ୟ ବମ୍ବେର ଅରୁଣା ଆଉ ପିଲିର ଅରୁଣା ଭିତରେ । ବମ୍ବେର କିଙ୍ଗ ଏଡୱାର୍ଡ ହସପିଟାଲର ସେଦିନର ରୂପଶୀ ଧରୁଣା ଅଡ଼ତିରିଶ ବର୍ଷ ଧରି ଶୋଇରହିଛି । ତେର ନମ୍ବର କୋଠରୀରେ କୋମାରେ । କଟକ ହସ୍ପିଟାଲର ସେଣ୍ଟ୍ରାଲ ଆଇସିୟୁରେ ତେର ନମ୍ବର ଶଯ୍ୟାରେ ଓଡ଼ିଶାର ଅରୁଣା ସାନବାଗ୍ । ତେର ନମ୍ବର ସତେକି ଦୁହିଁଙ୍କ ପାଇଁ ସାବ୍ୟସ୍ତ ହୋଇସାରିଛି ।" (୩)

'ନିଜ ଠିକଣା' ଗଳ୍ପରେ କେଉଁଠି ଥାଏ ଗୋଟାଏ ଗୋଟାଏ ଘଟଣା, ଯାହା ଜୀବନର ମୋଡ଼ ଏକ ବାରରେ ବଦଳାଇ ଦିଏ । କେଉଁ ଛକ ଅପେକ୍ଷା କରିଥାଏ ଗୋଟାଏ ଗୋଟାଏ ମୁହୂର୍ତ୍ତ । ଯାହା ଜୀବନକୁ ରୂପାନ୍ତରିତ କରିଦିଏ ଅନ୍ୟ ଏକ ଜୀବନରେ । ଇତି ନିଜକୁ ପଚାରୁ ଥିଲା ତାହା କ'ଣ ତା'ର ହଜି ଯାଇଥିବା ନିଜ ଠିକଣା । କାହାକୁ ଦୋଷ ଦୋଷ ଦେବ ଇତି ? ଅଭିଜିତଙ୍କୁ ନା ନିଜ ଭାଗ୍ୟକୁ । ତା'ର ସବୁଠୁ ବଡ଼ ଦୋଷ ହେଲା ଅନ୍ୟ ସ୍ତ୍ରୀ ଭଳି ସେ ଲୁଗା କାନିରେ ସ୍ୱାମୀଙ୍କୁ ବାନ୍ଧି ପାରିଲା ନାହିଁ । ଅଭିଜିତଙ୍କ ଉଦ୍ଧତ ସ୍ୱଭାବ ଅହଙ୍କାରୀ ଗୁଣ ଓ ପ୍ରଚଣ୍ଡ କ୍ରୋଧକୁ ସେ ଯଦି ଆଗରୁ ସହ୍ୟ କରିନଥାନ୍ତା ହୁଏତ ଜୀବନ ଆଜି ଏମିତି ପର୍ଯ୍ୟାୟରେ ପହଞ୍ଚିନଥାନ୍ତା । ଲେଖିକାଙ୍କ ଭାଷାରେ "ଜୀବନକୁ ପିଲାଟି ଦିନରୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିନେଇଥିବା ଇତି ଆଜି ବି ନିଜ ସ୍ୱଭାବକୁ ବିଳାଇପାରିନାହିଁ । ନାରୀତ୍ୱର ଅପମାନକୁ ସେ ଆଦୌ ବରଦାସ୍ତ କରିପାରୁନଥିଲା । ହୁଏତ ଏହା ହିଁ ହୋଇପାରେ ତା'ର ଏକ ସାଲିସ କରି ନପାରିବାର ବ୍ୟର୍ଥତା, ଆଜି ତାକୁ ଏଇ ସ୍ଥାନରେ ଆଣି ଛିଡ଼ା କରାଇ ଦେଇଛି ।" (୪)

"ପୁଣି ଗୋଟେ ଝିଅ ପାଇଁ ଅପେକ୍ଷା" ଗଳ୍ପରେ ଝିଅଟି ଜନ୍ମ ହେଲେ କିଏ ବାପା ମା' ଖୁସି ନ ହୁଅନ୍ତି ଯେମିତି । ନିତେଶ ବାବୁଙ୍କ ପରିବାରର ସୁକନ୍ୟାର ଜନ୍ମ । ଏତେ ଅଳି ଅର୍ଦ୍ଦଳିରେ ସୁକନ୍ୟା ସୁନ୍ଦରୀ ଶିକ୍ଷିତା ହୋଇଥିଲେ ମଧ୍ୟ ଶାଶୁ ଘରେ ଯୌତୁକର ଜୁଇରେ ନିଜକୁ ଜଳାଇ ଦିନ ସେସବୁ ଏହି ଗଳ୍ପରେ ବାରି ହୋଇ ପଡେ । ଏଣୁ ଡ. କବିତା ବାରିକ କହନ୍ତି । "ଝିଅ ଯେତେ ସୁନ୍ଦରୀ, ଶିକ୍ଷିତା ହେଉ ପଛେ ଯୌତୁକ ବଜାରରେ ତା'ର ଦର କଷା କଷି ଚାଲିଥିବ । ମୋତେ ତ କୌଣସି ରାସ୍ତା ଦିଶୁନାହିଁ ସମାଧାନର" (୫) ଯାହା ବାପାଙ୍କ୍ ମୁହଁରେ ଲେଖିକା ସ୍ପଷ୍ଟ କରିଛନ୍ତି ।ଆମ ଭଳି ଅସହାୟ ବାପା ମାଆ ମାନେ କେବଳ ଲୁହ ଗଡ଼ାଇ ବାହିଁ ସାର । ଉପାୟ କ'ଣ ନା, ଅର୍ଥବଳ ଅଛି ନା କ୍ଷମତା ।

"ସୋନାଗାଛିରୁ ଶାନ୍ତି ନିକେତନ" ଗଳ୍ପରେ ସାଧନା ଯିଏ କି, ଶାନ୍ତି ନିକେତନ ଶିକ୍ଷା ଅନୁଷ୍ଠାନର ସ୍ୱପ୍ନ ନେଇ କଲିକତାକୁ

ଯାଇଥିଲା। ତା'ର ମାଟି, ପବନ, ରବି ହଂସଗୀତ, ଆକାଶ, ମିଶି ରହିଥିବାର ସ୍ୱପ୍ନ ଦେଖି ଥିଲା। ସେ କ'ଣ ଜାଣିଥିଲା ତା' ପାଇଁ ଆଉ ଗୋଟିଏ ସ୍ଥାନ ଖୋଲା ହୋଇଛି। ଯେଉଁଠି ସେ ତା'ର ସବୁ କିଛି କୁ ପାଇବା ଆଶାରେ ହରାଇ ଦେବ। ଟ୍ରେନ୍‌ରେ ଚଢ଼ିଲା ଦିନ ସାଧନାର ଟିକି ମନ ଭିତରେ କେତେ କ'ଣ କଳ୍ପନା ଲମ୍ଫିଯାଇଥିଲା। ହେଲେ ଗାଡ଼ି ଅଟକିଲା ସନ୍ତସନ୍ତିଆ ଗଳିର ଏକ ପୁରୁଣା ଦୋମହଲା କୋଠ ସାମ୍ନାରେ ଗୀତ ଗାଇବାକୁ ଯାଇଥିବା ସାଧନା କିନ୍ତୁ ତା' ପରେ ବି ତା' ମନରେ ଉଙ୍କି ମାରିଥିଲା ସୋନାଗାଛିରୁ ଶାନ୍ତିନିକେତନ କେତେ ବା ଦୂର। ଡ ବାରିକଙ୍କ ଭାଷାରେ "ତଥାପି ସାଧନ ନିଜକୁ ସାନ୍ତ୍ୱନା ଦିଏ ବାସ୍ତବତାକୁ ଗ୍ରହଣ କରିନିଏ। ଏ ଜୀବନ ନାଶ ଶୀଳ' ସେଥିପାଇଁ ସାଧନା ନାଶ ଶୀଳ ଜୀବନର ବହୁ କିଛି ହଜାର ଦେଇ ବି ବଞ୍ଚିବାରେ କଣିକା ଗୋଟିଏ। ବହୁ ତିକ୍ତ ସ୍ମୃତିକୁ ଭୁଲିବାର ଚେଷ୍ଟା କରେ। ଆଉ କବାଟ ଦେଇ ଚାଲେ ତା'ର ଅବଶିଷ୍ଟ ଜୀବନ। (୬)

"କର୍ମଜୀମୀ ମହିଳା ହଷ୍ଟେଲ" ଏକ ସମାଜ ପାଇଁ ବାସ୍ତବଧର୍ମୀ ଗଳ୍ପ। ହଷ୍ଟେଲ ଅନ୍ତେବାସିନୀ ରୀତାକୁ ନେଇ ଗତି କରିଛି ଗଳ୍ପର କାହାଣୀ ଯିଏ ସବୁବେଳେ ରୀତାର ବାନ୍ଧବୀ ଗଳ୍ପ କଥକଙ୍କୁ କହୁଥିଲା ତାକୁ ନେଇ ଗୋଟେ ଗପ ଲେଖିବାକୁ ଏବଂ ଲେଖିକା ଲେଖି ଥିଲେ ମଧ୍ୟ। କାହାଣୀଟି ।କିରି କରୁଥିବା ଗୋଟିଏ ସ୍ୱାବଲମ୍ବୀ ଆଶା କରିଥିବା ସରଳ ରୀତାର ସରଳତାକୁ ନେଇ ତାକୁ କେମିତି ଧର୍ଷଣ କରାଯାଇଛି।

ତା'ର ପରିବାର, ସମାଜ ତାକୁ ଗ୍ରହଣ କରିନି। ଝିଅଟିର ବାହାଘର ସବୁ ଜାଗାରେ ଭାଙ୍ଗି ଯାଇଛି। ଅନ୍ୟର ପରିହାସର ଶିକାର ହୋଇ ସହିନପାରି ଆତ୍ମହତ୍ୟା କରିଛି। କିନ୍ତୁ ଏଇଠୁ ବଦଳି ଯାଇଛି ଗପର ମୋଡ଼। ରୀତା ସେ ଡ୍ରିକାକୁ ତା' ଉପରକୁ ଫୋପାଡ଼ି ଦେଇଛି କହୁଛି। ଆମ ଭଳି ଚରିତ୍ର ମାନଙ୍କୁ ତୁ କି ଆଶ୍ୱାସନା ଦେଲୁ? ତୁ ତା' ହେଲେ ଚାହୁଁ ମୁଁ ଆତ୍ମହତ୍ୟା କରେ ତୋ କଲମ ରେ ଟିକିଏ ବି ବଂଚିବା ର ରାସ୍ତା ବତାଇ ପାରିଲୁନି। ମୋ ଭଳି କାଲି ସକାଳେ ତୁ ବି ଯଦି ରେପ ହେଉ ତେବେ ତୁ କ'ଣ ଆତ୍ମହତ୍ୟା କରିପାରିବୁ।" (୭)

ଏହି ସଂଳାପରୁ ଜଣାପଡେ ଯେ ରୀତା ହାରିଯାଇନି ବରଂ ଜୀବନ ସଂଗ୍ରାମର ଆଗକୁ ବଢିଛି। ଏହା ପ୍ରକୃତରେ ଏକ ନାରୀବାଦୀର ସ୍ୱର। ତେଣୁ ନାରୀର ନିରାପତ୍ତା ଆଜି ସବୁ ବାଡ଼ ଯଦି କ୍ଷେତ ଖାଏ କାହାକୁ କହିବା। ଏତିକି ସ୍ୱୀକାର୍ଯ୍ୟ ଶୀଳା ହୋଇଛି। କିଛିଟା ସ୍ୱେଚ୍ଛାଚାରିଣୀ ମଧ ହୋଇଛି ସ୍ୱାମୀ ସ୍ତ୍ରୀକୁ ଆଗେ ଯେଉଁଭଳି ନିଜର ବ୍ୟକ୍ତିଗତ ସମ୍ପତ୍ତି ଆଜି ନାରୀ ଆଉ ସ୍ୱାମୀର ଖେଳନା ହୋଇନାହିଁ। ବଂଚିବା ଶିଖିଛି। ଏକା ଜୀବନ ସଂଗ୍ରାମରେ ଲହୁଲୁହାଣ ହୋଇ ବି ନିଜ ସହ ସମାଜ ସହ ଯୁଝି ଶିଖିଛି। ସେ ଯେ କେ କିଣା ବିକାର ସାମଗ୍ରୀ ନୁହେଁ ତାହା ପ୍ରମାଣିତ କରିଛି ନାରୀ।

ମୋଟ ଉପରେ ଗାଳ୍ପିକା କବିତା ବାରିକ ଜଣେ ସଫଳ ନାରୀବାଦୀ ସ୍ରଷ୍ଟା କିନ୍ତୁ ତାଙ୍କ ଗଳ୍ପରେ ପାଶ୍ଚାତ୍ୟ ପରମ୍ପରା ଓ ଭୋଗବାଦୀ ସଭ୍ୟତାର ଉଶୃଙ୍ଖଳିତ ନାରୀଟିକୁ ସେ କଦାପି ପ୍ରଶୟ ଦେଇନାହାନ୍ତି।

ସ୍ୱାଭିମାନ ଓ ସିଷ୍ଟାଚାର ପରିଧି ଭିତରେ ନାରୀର ମାନବିକ ଗୁଣକୁ ପ୍ରକାଶ କରିବା ସହିତ ନାରୀମାନଙ୍କୁ ନିଜ ଗୋଡ଼ରେ ଛିଡ଼ା ହବା ପାଇଁ ଅନୁପ୍ରେରିତ କରିଥିବା ଉପଲବ୍ଧ ହୁଏ। ସମାଜରେ ପୁରୁଷ ଓ ନାରୀଙ୍କୁ ନେଇ ପାତର ଅନ୍ତର ପୂର୍ଣ୍ଣ ବିଚାରକୁ ସେ ତୀବ୍ର ବିରୋଧ କରିଛନ୍ତି। ନାରୀ ଓ ପୁରୁଷ ଉଭୟ ହେଉଛନ୍ତି ମଣିଷ ତେଣୁ (ଜଷ୍ଟିସ ଫର ଅଲ୍) ନ୍ୟାୟରେ ଉଭୟଙ୍କୁ ମାନ ସାମାଜିକ ନ୍ୟାୟ ମିଳିବା ଆବଶ୍ୟକ ଏହି ନାରୀବାଦୀ ଅନୁଚିନ୍ତା ତାଙ୍କ ଗଳ୍ପ କଳାକୁ କରିଛି ଅଧିକ ଆକର୍ଷଣୀୟ। ସର୍ବପରୀ ନାରୀଟିଏ ସମାଜର ପ୍ରତିଷ୍ଠା ଲାଭ କରି ଜାତୀୟ ଜୀବନର ବିକାଶ ନାରୀ ଚରିତ୍ର ରୂପାୟନର ପ୍ରମୁଖ ବକ୍ତବ୍ୟ। ଅନ୍ୟନ ଚାପ ବା ପୁରୁଷ ପ୍ରଧାନ ସମାଜର ଅତ୍ୟାଚାରରେ ଭାଙ୍ଗିନପଡ଼ି ନାରୀକୁ ସଶକ୍ତ ମୁକାବିଲା କରିବା ପାଇଁ ସେ ଯେଉଁ ଦିଗଦର୍ଶନ ଦେଇଛନ୍ତି ତାହା ସର୍ବା ଦଉ ପ୍ରଶଂସନୀୟ, ପ୍ରସ୍ତୁତ କବିତା ବାରିକଙ୍କ ଗଳ୍ପ ଜଗତରେ ନାରୀର ସ୍ଥାନ ସ୍ୱତନ୍ତ୍ର ଓ ସମ୍ମାନନୀୟ ଏକଥା ଅନୁଶୀଳନ କରାଯାଇପାରେ।

**ଗ୍ରନ୍ଥସୂଚୀ**


୧. ବାରିକ, କବିତା- ଟିକି ଅଗଣାର ଝିଅ- ଚରିତ୍ରମାନେ, ଜ୍ଞାନ ଯୁଗ ପବ୍ଲିକେସନ (ପୃଷ୍ଠା ସଂଖ୍ୟା ୪୮-୫୦)

୨. ବାରିକ, କବିତା- ମୁକ୍ତି - ସ୍ୱୟଂସିଦ୍ଧା- ଲେଖାଲେଖି ପବ୍ଲିଶର୍ସ - ୨୦୧୯, ପୃଷ୍ଠା ସଂଖ୍ୟା - ୪୭

୩. ବାରିକ, କବିତା - ପୁଣି ଜଣେ ଅରୁଣା ସାନବାଗ- ପୁଣି ଜଣେ ଅରୁଣା ସାନବାଗ, ଲେଖାଲେଖି ପବ୍ଲିଶର୍ସ- ୨୦୧୫, ପୃଷ୍ଠା - ୧୬

୪. ବାରିକ, କବିତା - ନିଜ ଠିକଣା - ନିଃ ସର୍ତ୍ତ ଉଚ୍ଚାରଣ- ଜ୍ଞାନ ଯୁଗ ପବ୍ଲିକେଶସନ, ୨୦୧୪ ପୃଷ୍ଠା-- ୧୯୮

୫. ବାରିକ, କବିତା - ପୁଣି ଗୋଟେ ଝିଅ ପାଇଁ ଅପେକ୍ଷା- ଭଲ ଦିନର ଠିକଣା ହାଇଫେନ, ନୂଆ ବଜାର ବାଲେଶ୍ୱର- ୨୦୦୮ ପୃଷ୍ଠା ସଂଖ୍ୟା - ୪୦

୬. ବାରିକ, କବିତା - କର୍ମଜୀବୀ ମହିଳା ହଷ୍ଟେଲ- ଛକ- ଓଡ଼ିଶା ବୁକ୍ ଷ୍ଟୋର ୧୯୯୦, ପୃଷ୍ଠା - ୫୮


❖❖❖

# ସୁରେନ୍ଦ୍ର ଶତପଥୀଙ୍କ ଦୃଷ୍ଟିରେ ଜାନକୀଙ୍କ ଅସହାୟତା



ISSN-2583-6978
Volume-4
Issue-10
OCTOBER-2024

**ସ୍ନେହଲତା ସାହୁ**

**ଗବେଷିକା, ଉତ୍କଳ ୟୁନିଭର୍ସିଟି, ବାଣିବିହାର**

ଦୁହିତା ଦୁଇ କୁଳକୁ ହିତା - ଏହି ଅର୍ଥରେ ଯଦି ଗୋଟିଏ ନାରୀର ଜୀବନକୁ ମୂଲ୍ୟାଙ୍କନ କରାଯାଏ ତେବେ ସାଧାରଣ ନାରୀର ଜୀବନ ପ୍ରବାହ କେତେ ଯେ ଅସହାୟତା ମଧ୍ୟ ଦେଇ ଗତି କରେ ତାହା କେବଳ ସେ ଅନୁଭବୀ ନାରୀଟି ସଫଳତାର ସହ ବ୍ୟକ୍ତ କରିପାରେ। ନାରୀ ଜୀବନକୁ ଯେତେ ବେଶୀ ଅଧ୍ୟୟନ କରାଯାଏ, ଜଣାପଡେ ଦୁଃଖ ଓ କ୍ଳେଶ ତାହାର ଜୀବନ ସହ କିପରି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ନାରୀଟିଏ ଜୀବନର ପ୍ରତିଟି ମୋଡ଼ରେ ନିଷ୍ପତ୍ତି ବଦଳାଇବାକୁ ଲାଗିଥାଏ, ବିଭିନ୍ନ ପରିସ୍ଥିତିରେ ପଡ଼ି ତାହା ପୁଣି ନିଜ ପାଇଁ ନୁହେଁ ସମାଜ ଓ ପରିବାର ନିମନ୍ତେ। ସେ ନିଜକୁ ସମାଜ ଆଗରେ ଯେତିକି ପରିମାଣରେ ବ୍ୟକ୍ତ କରିଦେବା ନିମନ୍ତେ ଚେଷ୍ଟା କରେ ସେତକ ନିଜ ଭିତରେ ଥିବା ତା'ର ଅସୁମାରୀ ଆକାଂକ୍ଷାକୁ ହୃଦୟରେ ଚାପି ଦେଇଥାଏ। କାରଣ ଏହି ସମାଜ ଓଠର ହସ ଦେଖିପାରେ ହୃଦୟର ଯନ୍ତ୍ରଣା ନୁହେଁ। ବିଧାତା ଯେଉଁ କମନୀୟ ରୂପକୁ ଗଢ଼ି ନାରୀର ନାମାଙ୍କନ କରି ଏହି ଧରାପୃଷ୍ଠକୁ ପଠାଇଛନ୍ତି ତା' ମଧ୍ୟରେ ସେ ଏଇ ସଂସାରର ଅନେକ ଦୁଃଖ, ଯନ୍ତ୍ରଣା, ଲାଞ୍ଛନା ସହିବା ନିମନ୍ତେ ସହନଶୀଳତା ଓ ଧୈର୍ଯ୍ୟର ଶକ୍ତି ମଧ୍ୟ ଦେଇଛନ୍ତି।

ମହାଭାରତ, ରାମାୟଣ, ଭଗବତଗୀତା ଆଦି ପୁରାଣର ଚରିତ୍ର ମାନଙ୍କୁ ଅଧ୍ୟୟନ କଲେ ଆମେ ଅବଗତ ହେଉ ସେ ଯୁଗର ନାରୀ ଥିଲେ ତ୍ୟାଗ ଓ ସହନଶୀଳତାର ପ୍ରତୀକ। ଉଦାହରଣ, ଦ୍ରୌପଦୀ , କୁନ୍ତୀ, ଗାନ୍ଧାରୀ, ଅହଲ୍ୟା ଇତ୍ୟାଦି। ବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ଉପନ୍ୟାସ କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଲକ୍ଷ୍ୟ କରାଗଲା ସେଥିରେ ମିଥ୍‌କୁ ଆଧାରକରି ଚରିତ୍ର ମାଧ୍ୟମରେ ସାଂପ୍ରତିକ ସମୟକୁ ପ୍ରକାଶ କରିବା କ୍ଷେତ୍ରରେ ସୁରେନ୍ଦ୍ର ଶତପଥୀ ଯେଉଁ ଭୂମିକା ଗ୍ରହଣ କରିଛନ୍ତି ତାହା ତାଙ୍କର ସ୍ୱାତନ୍ତ୍ର୍ୟକୁ ପ୍ରତିପାଦନ କରିଥାଏ। ଗୋଟିଏ ଚରିତ୍ର ଭିତରେ ରହିଥିବା ହସ, ଲୁହ ତଥା ଆବେଗକୁ ସୁରେନ୍ଦ୍ର ନାଥ ଶତପଥୀ ନିଜର ଦୃଷ୍ଟିଭଙ୍ଗୀରେ ଉପସ୍ଥାପନ କଲାବେଳେ ସମସାମୟିକ ପରିବେଶକୁ ଏଡାଇ ଯାଇ ପାରିନାହାନ୍ତି। ସମୟେ ସମୟେ ନିଜ ଚତୁଃପାର୍ଶ୍ୱରେ ଭେଟୁଥିବା ମଣିଷମାନଙ୍କର ମାନସିକତା ଆଧାରରେ ଏହିମାନଙ୍କୁ ପ୍ରାଣ ପ୍ରଦାନ କରିଛନ୍ତି। ରାମାୟଣର କଥା ଆଧାରରେ ତାଙ୍କର ରାବଣ, ମନ୍ଥରା, ଜାନକୀ ଆଦି ଉପନ୍ୟାସ ରଚନା ହୋଇଥିଲେ ମଧ୍ୟ ସୀତା ରାମାୟଣର କେନ୍ଦ୍ର ଚରିତ୍ର ଭାବରେ ଆଜିବି ପାଠକର ହୃଦୟରେ କିପରି ସ୍ପନ୍ଦନ ତୋଳି ପାରନ୍ତି ତାହା ସୁରେନ୍ଦ୍ର ଶତପଥୀ ବେଶ୍ ଭଲ ଭାବେ ଅନୁଭବ କରିପାରିଥିଲେ। ଯାହାର ସକଳ ପରିପ୍ରକାଶ ହୋଇଛି 'ଜାନକୀ' ଉପନ୍ୟାସ। ଏହା ମଧ୍ୟରେ ସୀତାଙ୍କୁ ପୌରାଣିକ ଚରିତ୍ର ଭାବେ ନୁହେଁ ବରଂ ସାଧାରଣ ନାରୀ ରୂପେ ଉପସ୍ଥାପନ କରିଛନ୍ତି। ସମଗ୍ର ନାରୀ ଜୀବନ ଦୁଃଖ, କ୍ଳେଶ, ଯନ୍ତ୍ରଣାକୁ ସୀତାଙ୍କ ଆତ୍ମକଥନ ଶୈଳୀରେ ପାଠକ ସମ୍ମୁଖରେ କହିବାକୁ ଚେଷ୍ଟା କରିଛନ୍ତି। ଏହା ମଧ୍ୟରେ ପୁରାଣର ଛାପ ରହିପାରେ ମାତ୍ର; ଆଧୁନିକତାର ସ୍ୱର ପୁରାଣ ମଧ୍ୟ ଦେଇ ଦେଖାଯାଇଅଛି।

ସୀତା ଚରିତ୍ରଟି ଘରେ ଘରେ ପରିଚିତ। ଗୃହଠାରୁ ଆରମ୍ଭ କରି ବିଦ୍ୟାଳୟ ପର୍ଯ୍ୟନ୍ତ ଯେତେବେଳେ ଆଦର୍ଶ ଝିଅ କଥା ପ୍ରସଙ୍ଗ କ୍ରମେ ଆସିଥାଏ ଆମେ ସଂଗେ ସଂଗେ ପୁରାଣର ସତୀ ସୀତା ଚରିତ୍ରଟିକୁ ଉଦାହରଣ ଦେଇଥାଉ। ପୁନଶ୍ଚ ସତୀତ୍ୱର ବିଷୟ ଆଲୋଚନା ବେଳେ ଆମର ସତୀ ଶିରୋମଣି ମା ସୀତାଙ୍କ ପ୍ରତିଛବି ମାନସ ପଟକୁ ଆସିଯାଇଥାଏ। ଏହି ଚରିତ୍ରଟି ଆଦର୍ଶ ଓ ସତୀତ୍ୱର ମର୍ଯ୍ୟାଦା ପାଇବା ନିମନ୍ତେ କେତେ ଯେ ଅକଥନୀୟ ଯନ୍ତ୍ରଣା ସହି ନିଜର ଅକୁହା ବେଦନାକୁ ଛାତି ତଳେ ଚାପି ରଖିଅଛି ତାହା ଏହି ଉପନ୍ୟାସ ପାଠ କରିବାବେଳେ ପ୍ରତିଟି ଅନୁଚ୍ଛେଦରେ ପାଠକ ମର୍ମେ ମର୍ମେ ଅନୁଭବ କରିଥାଏ।

ବାଲ୍ମିକୀଙ୍କ ରଚିତ 'ରାମାୟଣ' ଏକ ସାଧାରଣ ଗ୍ରନ୍ଥ ନୁହେଁ, ଏହି ଗ୍ରନ୍ଥ ମଧ୍ୟରେ ଫୁଟି ଉଠିଛି ଭାରତୀୟ ସୂକ୍ଷ୍ମ ଚେତନା। ଏହି

ଗ୍ରନ୍ଥର ମୁଖ୍ୟ ଚରିତ୍ର ହେଉଛନ୍ତି ସୀତା । ଏହି ନାମଟି ଉଠିବା ମାତ୍ରେ; ତ୍ୟାଗ ଓ ସହନଶୀଳତାର ମୂର୍ତ୍ତିଟିଏ ଆମମାନଙ୍କ ଦୃଷ୍ଟି ସମ୍ମୁଖକୁ ଆସିଥାଏ। ଜୀବନ ପ୍ରତ୍ୟେକ ମୋଡ଼ରେ ନିଜର ଅସୁମାରି ଇଚ୍ଛାକୁ ଆତ୍ମୀୟମାନଙ୍କ ଖୁସି ନିମନ୍ତେ ଜାଳି ଦେଇ ତନ୍ମଧ୍ୟରେ ଦେଖୁଥିଲେ ସେ ନିଜ ଭବିଷ୍ୟତକୁ। ଏହା କେବଳ ସ୍ୱୟଂ ସୀତାଙ୍କ ଜୀବନୀ ନୁହେଁ, ଏହା ସମଗ୍ର ନାରୀଜାତିର ଜୀବନ ଗାଥା। ଉପନ୍ୟାସ ଆରମ୍ଭ ସୀତାଙ୍କ ଆତ୍ମକଥନ ଶୈଳୀରୁ ହୋଇଅଛି। ମା ସୀତା ବାଲ୍ମିକୀଙ୍କ ଆଶ୍ରମ ପାଖରେ ଥିବା ତମସା ନଦୀ ତୀରରେ ବସି ନିଜର ଅତୀତକୁ ରୋମନ୍ଥନ କରିଛନ୍ତି। ଜୀବନର ଚଲାପଥରେ ଅନେକ ଛୋଟ ଛୋଟ ଘଟଣା କିପରି ତାଙ୍କ ଜୀବନକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେଇଛି ତାହା ଔପନ୍ୟାସିକ ଖୁବ୍ ଜୀବନ୍ତ ରୂପେ ଉପସ୍ଥାପନ କରିଛନ୍ତି।

ବିଦେହର ଅଲିଅଳି ରାଜକନ୍ୟା ଥିଲେ ସୀତା। ତାଙ୍କର ନାମ ଥିଲା ବୈଦେହୀ। ଅଥଚ ସୀତା ନାମରେ ସେ ବେଶୀ ପରିଚିତ। ପିତା ଜନକ ହଳ ସିଆରରୁ ତାଙ୍କୁ ପାଇଥିବାରୁ ତାଙ୍କ ନାମ ଥିଲା ସୀତା। ଜନ୍ମର ଏହି କାହାଣୀ ତାଙ୍କଠାରୁ ଗୋପନ ରଖାଯାଇଥିଲା ମାତ୍ର; ଯେଉଁଦିନ ତାଙ୍କ କୌତୁହଳୀ ମନ ପିତାଙ୍କର ଦୈନନ୍ଦିନୀ ପଢ଼ି ଦେଇଥିଲା ସେହି ଦିନହିଁ ସେ ପାଇଯାଇଥିଲେ ତାଙ୍କର ପ୍ରକୃତ ପରିଚୟ। ନିଜର ଅସଲ ପିତାମାତା କିଏ ଜାଣିବା ନିମନ୍ତେ ବହୁବାର ତାଙ୍କ ହେତୁବାଦୀ ମନ ପ୍ରଶ୍ନ ତାଙ୍କ ନିଜକୁ ପଚାରିଛି ମାତ୍ର; ପ୍ରତ୍ୟୁତ୍ତରରେ ପୁନଶ୍ଚ ନୀରବି ଯାଇଛି। ପିତାମାତାଙ୍କୁ ସମ୍ମାନ ଜଣାଇ ଚିରଦିନ ରହସ୍ୟ ଘେରରେ ରହିଛନ୍ତି। ଜୀବନର ଚଲାପଥରେ ଅନେକ ଦୁଃଖ, ଯନ୍ତ୍ରଣା ସହିଥିଲେ ମଧ୍ୟ କେବେ ଅଭିଯୋଗ କରିନାହାନ୍ତି ବରଂ ତାହା ବିଧିନିର୍ଦ୍ଦେଶ ଭାବି ଆପଣେଇ ନେଇଛନ୍ତି।

ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଅନ୍ୟ ନିମନ୍ତେ କ୍ଷମା ପ୍ରଦାୟିନୀ ହୋଇ ସେ ପାଇଛନ୍ତି କ'ଣ ? କେବଳ ଦୁଃଖ ଓ ଯନ୍ତ୍ରଣା। ଔପନ୍ୟାସିକ ସୁରେନ୍ଦ୍ର ଶତପଥୀ ଅତି ଚମତ୍କାର ଭାବେ ସୀତା ଓ ତାଙ୍କ ମାତାଙ୍କ କଥୋପକଥନ ମାଧ୍ୟମରେ ଏହି ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି। ଔପନ୍ୟାସିକଙ୍କ ଭାଷାରେ: 'ମାଆ ! ଝିଅର ବଡ଼ ଗୁଣ ହେଲା ସହିବା। ପୁଣି ବୋହୂ ହେଲେ ତ ମନକୁ ପଥର ଠାରୁ ଆହୁରି ଟାଣ କରିବାକୁ ହେବ। ଯିଏ ଯାହା କହୁ ବା କରୁ ପଛକେ ତାହାକୁ ସହିଯିବାକୁ ହେବ। କ୍ଷମାଠାରୁ ଆଉ ବଡ଼ ଗୁଣ ସଂସାରରେ ଆଉ କିଛି ନାହିଁ, (ଜାନକୀ-ସୁରେନ୍ଦ୍ର ଶତପଥୀ ପୃଷ୍ଠା-୫୮) ଏହି ଭଳି ଭାବେ ଉପନ୍ୟାସର ବିଭିନ୍ନ ପରିଚ୍ଛେଦରେ ତ୍ୟାଗ ଓ ସହନଶୀଳତାର ପ୍ରସଙ୍ଗ ଆଲୋଚନା କରି ପ୍ରତ୍ୟୁତ୍ତରରେ ସୀତାଙ୍କ ବିଦ୍ରୋହୀ ମନର ଭାବନାକୁ ସୁନ୍ଦର ଭାବେ ଦର୍ଶାଇଛନ୍ତି। ଦାସୀ ମନ୍ଥରାର କୁମନ୍ତ୍ରଣାରେ ପଡ଼ି କୈକେୟୀ ତାଙ୍କୁ ବକ୍‌କଳ ପିନ୍ଧି ବନବାସ ଗମନ ନିମନ୍ତେ କହିଛନ୍ତି ସେତେବେଳେ ସ୍ୱୟଂ ସୀତାଙ୍କ ମନରେ ଅନେକ ବିଦ୍ରୋହର ବହ୍ନି ଫୁଟିଥିଲେ ମଧ୍ୟ ନିଜର ସ୍ୱାମୀଙ୍କ ମର୍ଯ୍ୟାଦାକୁ ଚାହିଁ ସବୁ ଅପମାନକୁ ସହ୍ୟ କରିଛନ୍ତି। ବନବାସ ଗମନ ପରେ ପଞ୍ଚବଟୀ ବନରୁ ରାବଣ ଛଳରେ ଅପହରଣ କରିନେଇ ନିଜର ପାଟରାଣୀ କରିବା ନିମନ୍ତେ ବହୁବାର ଚେଷ୍ଟା କରିଥିଲେ ମଧ୍ୟ ସେ ତାଙ୍କୁ କ୍ଷମା ପ୍ରଦାନ କରିଛନ୍ତି। ରାବଣର ବଧ ପରେ ନିଜର ପତି ଯାହାଙ୍କୁ ସେ ପ୍ରାଣଠାରୁ ଅଧିକ ପ୍ରେମ କରୁଥିଲେ ସେ ମଧ୍ୟ ସତୀତ୍ୱ ପରୀକ୍ଷା ନିମନ୍ତେ ତାଙ୍କୁ ଅଗ୍ନିରେ ଝାସ ଦେବା ପାଇଁ କହିଛନ୍ତି। ମାତ୍ର; ସୀତା ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନିଜ ମନର ଅବସାଦ, ସ୍ୱୟଂର ଅପମାନ, ଦୁଃଖକୁ ସହ୍ୟ କରି ସ୍ୱାମୀଙ୍କ ପ୍ରତି କ୍ଷମା ଆଚରଣ କରିଛନ୍ତି। ସମୟକ୍ରମେ ମଧ୍ୟ ତାଙ୍କ ଦୁଃଖ, ଯନ୍ତ୍ରଣାର ଅନ୍ତ ହୋଇନାହିଁ। ଅନ୍ତସତ୍ତ୍ୱା ସମୟରେ ପତି ଦ୍ୱାରା ନିର୍ବାସିତ ହୋଇ ବାଲ୍ମିକୀଙ୍କ ଆଶ୍ରମରେ ଜୀବନ କଟାଇଛନ୍ତି। ସ୍ୱୟଂ ସୀତା ଜାଣିଥିଲେ ତାଙ୍କ ଦୁଇପୁତ୍ର ରାଜକୁମାର ମାତ୍ର; ଅକଥନୀୟ ମାନସିକ ଯନ୍ତ୍ରଣାରେ ରହି ସେ ତାଙ୍କୁ ପିତୃ ପରିଚୟ ଦେଇପାରିନଥିଲେ। ତାଙ୍କ ସହ ଘଟିଯାଇଥିବା ସମସ୍ତ ଘଟଣା ନିମନ୍ତେ ସେ କାହାକୁ ଦୋଷ ନ ଦେଇ ଭାଗ୍ୟକୁ ଆଦରି ନେଇଛନ୍ତି। ପ୍ରତ୍ୟେକ ମୁହୂର୍ତ୍ତରେ ଅନ୍ୟକୁ କ୍ଷମା ଦେଇ ସେ ପାଇଛନ୍ତି କେବଳ ବେଦନା ଓ ଲାଞ୍ଛନା।

ସମଗ୍ର 'ଜାନକୀ' ଉପନ୍ୟାସରେ ଔପନ୍ୟାସକୁ ସୁରେନ୍ଦ୍ର ଶତପଥୀ ସୀତାଙ୍କ ଜନ୍ମଠାରୁ ଅଯୋଧ୍ୟା ପ୍ରତ୍ୟାଗମନ ପର୍ଯ୍ୟନ୍ତ ଯେଉଁ ପ୍ରସଙ୍ଗକୁ ଅତି ଚମତ୍କାର ଭାବେ ଉପସ୍ଥାପନ କରିଛନ୍ତି ତାହାକୁ ଯଦି ଗଭୀର ଭାବେ ଅଧ୍ୟୟନ କରିବା ତାହା ହେଲେ ଆମେ ଜାଣିପାରିବା ଏହା କେବଳ ସ୍ୱୟଂ ସୀତାଙ୍କର ଆତ୍ମକାହାଣୀ ନୁହେଁ ପ୍ରତ୍ୟେକ ନାରୀର ସହନଶୀଳତାର ପ୍ରତିଛବି। ବିବାହ ପୂର୍ବରୁ ପ୍ରତ୍ୟେକ ମା' ମାନେ ଯେପରି ଝିଅମାନଙ୍କୁ ନିଜର ଆଗାମୀ ବୈବାହିକ ଜୀବନ ସଂପର୍କରେ ଶିକ୍ଷା ଦେଇଥାନ୍ତି ଠିକ୍ ସେହିପରି ଔପନ୍ୟାସିକ ସୀତାଙ୍କ ମା' ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରିଛନ୍ତି। ବିବାହ ସମୟରେ ପ୍ରତ୍ୟେକ ଝିଅର ମା' ଯେପରି ଭାବେ ଚଳଚଞ୍ଚଳ ଥାଏ ଠିକ ସେହି ପରି ଭାବେ ଗମ୍ଭୀର ହୋଇଯାଇଥାଏ। ଔପନ୍ୟାସିକ ଭାଷାରେ : 'ସବୁ ମାଆ ଠିକ୍ ଏମିତି। ଝିଅକୁ ବାହା ଦେବା ଲାଗି କେତେ ଚିନ୍ତା କରି ଧନ୍ଦି ହେଉଥିବେ। ବର ଖୋଜି ଖୋଜି ନୟାନ୍ତ ହେଉଥିବେ। ଆଖିକୁ ନିଦ ଆସୁନଥିବ ଅଥଚ ବାହାଘର ସେହି ଶୁଭ ଦିନଟି ପାଖେଇ ଆସିଲେ ଦୁଃଖରେ ତାଙ୍କ ଛାତି ଫାଟି ଯାଉଥିବ' (ସୁରେନ୍ଦ୍ର ଶତପଥୀ- ମନ୍ଥରା ପୃଷ୍ଠା ୫୬)

ରାମାୟଣ ପଠନ ବେଳେ ଆମ ସମ୍ମୁଖରେ ଯେତେବେଳେ ସୀତା ଚରିତ୍ରଟି ଆସିଥାଏ ସେତେବେଳେ ସେହି ଚରିତ୍ର ମଧ୍ୟରେ କେବଳ ସୀତାଙ୍କୁ ହିଁ ଦେଖିଥାଉ। ମାତ୍ର; ଜାନକୀ ଉପନ୍ୟାସ ପଠନ ବେଳେ ସୀତା ମାନବୀ ରୂପେ ଅବତୀର୍ଣ୍ଣା। ତାଙ୍କ ଆତ୍ମକାହାଣୀ କେବଳ ତାଙ୍କ ନିଜର ନୁହେଁ ସତେ ଯେପରି ସମଗ୍ର ନାରୀ ଜୀବନର ଜୀବନ୍ତ ଆଲେଖ୍ୟ ଭାବେ ଦୃଷ୍ଟି ଗୋଚର ହୋଇଥାଏ। ସୀତାଙ୍କୁ

ଆଧାର କରି ଓଡ଼ିଆ ଉପନ୍ୟାସ ଅଗ୍ରଗତି କରିଥିଲେ ମଧ୍ୟ ତାଙ୍କ ମାନସିକତାକୁ ସଫଳତାର ସହ ଶ୍ରୀ ଶତପଥୀ ଉପସ୍ଥାପନ କରିଛନ୍ତି। କଥା ସାହିତ୍ୟକୁ ପୁରାଣ ସେତିକିବେଳେ ନ୍ୟାୟ ପ୍ରଦାନ କରିପାରେ ଯେତେବେଳେ କଥାଶିଳ୍ପୀ ସ୍ୱଚିନ୍ତନ ସହ ତତକାଳୀନ ସମାଜକୁ ମୂଲ୍ୟାଙ୍କନ କରିବାର ସାମର୍ଥ୍ୟ ରଖିଥାଏ।

ସୀତାଙ୍କୁ ଆଜୀବନ ତ୍ୟାଗ ଓ ସହନଶୀଳତାର ପ୍ରତିମୂର୍ତ୍ତିଟିଏ କରି ଉପନ୍ୟାସ ଶେଷରେ ସ୍ୱାମୀ ଓ ସନ୍ତାନ ସହ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଦୃଶ୍ୟକୁ ଜୀବନ୍ତ ଭାବେ ଶତପଥୀ ଚିତ୍ରିତ କରାଇଛନ୍ତି। ଉପନ୍ୟାସର ଶେଷ ପର୍ଯ୍ୟାୟରେ ଶ୍ରୀ ଶତପଥୀ ସୀତାଙ୍କ ଚରିତ୍ର ମାଧ୍ୟମରେ ନିଜ ମନରେ ଥିବା ବିଭିନ୍ନ ବିଦ୍ରୋହୀ ପ୍ରଶ୍ନକୁ ଚମତ୍କାର ଭାବେ ଉପସ୍ଥାପନ କରିଛନ୍ତି। ତାଙ୍କ ଭାଷାରେ : 'ନାରୀତ ମଣିଷ। ସେ ତ ପଥର ନୁହେଁ ଯେ ତାକୁ ଯେତେବେଳେ ଚାହିଁବ ଫିଙ୍ଗିଦେବ। ପୁଣି ଯେତେବେଳେ ଚାହିଁବ ପଥର ମୂର୍ତ୍ତି କରି ପୂଜା କରିବ। ପୁଣି ଯେତେବେଳେ ଚାହିଁବ ତୁଠର ପାଦ ଘଷା ପଥର କରିବ ତାର ପୁଣି ମାନ ସମ୍ମାନ ଅଛି' (ସୁରେନ୍ଦ୍ର ଶତପଥୀ ମନ୍ଥରା ପୃଷ୍ଠା ୩୧୯୫) ନାରୀର ସାମଗ୍ରିକ ଜୀବନ ସତ୍ତାର ପ୍ରତିଛବି ହେଉଛି 'ଜାନକୀ'।

ସମଗ୍ର ଉପନ୍ୟାସ ପାଠ କଲେ ପ୍ରତ୍ୟେକ ପରିଚ୍ଛେଦରେ ଔପନ୍ୟାସିକ କିପରି ସୀତା ପରି ଚରିତ୍ର ମଧ୍ୟ ଦେଇ ପ୍ରତ୍ୟେକ ନାରୀର ଅନ୍ତରର ବେଦନାକୁ ଉପସ୍ଥାପିତ କରିଛନ୍ତି ତାହା ଜଣାପଡ଼ିଥାଏ। ରାମାୟଣର କାହାଣୀ ଅନୁଯାୟୀ ଆମେ ସମସ୍ତେ ଜାଣିଛୁ ସୀତାଙ୍କର ଶେଷ ପରିଣତି ପାତାଳଗାମୀ ମାତ୍ର ଔପନ୍ୟାସିକ ତାଙ୍କୁ ପାତାଳଗାମୀ ନକରାଇ ପତି, ପୁତ୍ର ସହ ଅଯୋଧ୍ୟା ପ୍ରତ୍ୟାଗମନ କରାଇଛନ୍ତି। ହୁଏତ ତାଙ୍କ ଲେଖନୀ ମୁନ ସୀତାଙ୍କୁ ପାତାଳଗାମୀ କରାଇବା ପାଇଁ ଶକ୍ତି ପାଇନାହିଁ। ନାରୀଟିଏ ସମଗ୍ର ଜୀବନ କଷ୍ଟ, ଯନ୍ତ୍ରଣା ପାଇ ଶେଷରେ ତାର ପରିଣତି ମୃତ୍ୟୁ ହେବ ତାହାକୁ ରୂପ ଦେଇପାରିନାହାନ୍ତି। ଔପନ୍ୟାସିକ ବରଂ ଉପନ୍ୟାସର ବହୁ ଅଂଶରେ ସୀତା ଚରିତ୍ର ଦେଇ ବିଦ୍ରୋହର ବହୁ ପ୍ରଶ୍ନ ସମାଜକୁ ପଚାରିଛନ୍ତି। ତାଙ୍କୁ ପୁରାଣର ନାରୀରେ ସୀମିତ ନରଖି ସମସାମୟିକ ସମାଜରେ ଆଣି ଠିଆ କରି ଦେଇଛନ୍ତି। ତାଙ୍କ ଚରିତ୍ର ମଧ୍ୟ ଦେଇ ଆଧୁନିକ ସମାଜରେ ଥିବା ପ୍ରତ୍ୟେକ ନାରୀ ଜୀବନର ଜୀବନୀ ଆଙ୍କିଛନ୍ତି।

ଦୁହିତା ଉଭୟ ପିତୃଗୃହ ଓ ଶ୍ୱଶୁରାଳୟରେ ଯେଉଁ ସୁସମନ୍ୱୟ ରକ୍ଷା କରି ନିଜକୁ ଦୀପଶିଖାଟିଏ ପରି ଜଳାଇଚାଲିଥାଏ ତାହାର ପରିଣତି କ'ଣ? ହୁଏତ ସାଧାରଣ ମଣିଷ ନାରୀର ଅସହାୟତା ଦେଖି ଆହା ପଦ କହିଦେଇପାରେ। କିନ୍ତୁ ଜଣେ ସୃଜନଶୀଳୀ ନିଜ ଅନ୍ତରର ସମବେଦନା ଶବ୍ଦ ମାଧ୍ୟମରେ ହିଁ ପ୍ରତିଫଳନ କରାଏ। ସୁରେନ୍ଦ୍ର ଶତପଥୀ ଜାନକୀ ଉପନ୍ୟାସ ଲେଖିବାବେଳେ ସେହିପରି କମ ଯନ୍ତ୍ରଣାର ଶିକାର ହୋଇନଥିବେ କୁହାଯାଇନପାରେ। ନିଜ ଅନ୍ତରକୁ ସମଭାବାପନ୍ନ ନକରି ପାରିଲେ ଏପରି ଦରଦଭରା ଉପନ୍ୟାସଟିଏରରଚନା କରାଯାଇପାରନ୍ତା ନାହିଁ। ସମଗ୍ର ଜାନକୀ ଉପନ୍ୟାସଟିକୁ ପାଠ କରି ପାଠକଟିଏ ଯଦି ସୁରେନ୍ଦ୍ର ଶତପଥୀଙ୍କ ହୃଦୟ ସହିତ ସମାନ ଅନୁଭବ ସ୍ୱୀକାର କରେ,ତେବେ ଏହି ଉପନ୍ୟାସଟି ସାର୍ଥକ ହୋଇପାରିବ ଏହା ନିଃସନ୍ଦେହ।

❖❖❖

# ବାଲେଶ୍ୱର ଅଞ୍ଚଳର ଦଧିନାଟ୍ୟ ପରମ୍ପରା



ISSN-2583-6978
Volume-4
Issue-10
OCTOBER-2024

**ରୋହିତ ମଲିକ**

**(ଗବେଷକ ), ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ**
**ବାରିପଦା, ଓଡିଶା**

ଶସ୍ୟ ଶ୍ୟାମଳ ଭରା ଭାରତ ଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ରାଜ୍ୟ। ଓଡ଼ିଶା ଅନେକ ବିପର୍ଯ୍ୟୟର ସାମ୍ନା କରି ମଧ୍ୟ ନିଜ ସଂସ୍କୃତିକୁ କେବେ ଦୂରେଇ ଦେଇନାହିଁ। ବାର ମାସେ ତେର ପର୍ବ, ଯାନି ଯାତରା ସବୁକୁ ଧୁମ୍ଧାମରେ ପାଳନ ହୁଏ। ପ୍ରାଚୀନ କାଳରୁ ଏହାର ନାମ କଳିଙ୍ଗ, ଉତ୍କଳ ଦେଇ ଓଡ଼ିଶା ହୋଇଛି। ଏହା ସହ ଅନେକ ଲୋକଗୀତ, ଲୋକ କାହାଣୀ ଓ ଲୋକନାଟ୍ୟ ପରମ୍ପରାକୁ ଆଜି ପର୍ଯ୍ୟନ୍ତ ଓଡ଼ିଶାବାସୀ ପ୍ରଚଳନ କରି ଆସିଛନ୍ତି। ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ଲୋକନାଟ୍ୟ ପ୍ରଚଳିତ। ଓଡ଼ିଶା ମାନଚିତ୍ରରେ ବାଲେଶ୍ୱର ଅଞ୍ଚଳଟିର ଭୌଗୋଳିକ ସ୍ଥିତିକୁ ବିଚାର କରାଗଲେ, ଏହା ଦେଶର ପୂର୍ବଦିଗରେ ଅବସ୍ଥାନ କରିଥିବା ବେଳେ ପଡ଼ୋଶୀ ପଶ୍ଚିମବଙ୍ଗକୁ ଏହାର ସୀମାଗୁଡ଼ିକ ବାନ୍ଧି ହୋଇ ରହିଛି। ପଡ଼ୋଶୀ ଜିଲ୍ଲା ଦୃଷ୍ଟିରେ ଦେଖୁବାକୁ ଗଲେ, ସେଗୁଡ଼ିକ ମଧ୍ୟରେ ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଭଳି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବନ-ପର୍ବତ- ନଦୀ- ସାଗର ଭରପୁର ଥିବା ଜିଲ୍ଲାଗୁଡ଼ିକ ବାଲେଶ୍ୱର ଅଞ୍ଚଳଟିକୁ ଲାଗିରହିଛି। ବିଶେଷକରି ଉକ୍ତ ଅଞ୍ଚଳଟି ମଧ୍ୟ ପ୍ରାକୃତିକ ବନ-ପର୍ବତ-ନଦ-ନଦୀ ଓ ସାଗରକୁ ନେଇ ଦଣ୍ଡାୟମାନ ହୋଇଅଛି। ଏପରି ଭାବରେ ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ବିଚାର କରାଗଲେ, କେଉଁ ପ୍ରାଚୀନ କାଳରୁ ବିଦେଶୀ ଶାସନ କାଳ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳଟି ଗୁରୁତ୍ୱପୂର୍ଣ୍ଣ ଭାବେ ତା'ର ସ୍ଥିତି ନିର୍ବାହ କରିଆସୁଅଛି। ଏହି ଅଞ୍ଚଳର ନର-ନାରୀମାନେ ନିଜର ସ୍ୱାଭିମାନ ଓ ଅଧିକାର ପାଇଁ ଶତ୍ରୁଙ୍କ ସହିତ ବହୁବାର ଲଢ଼େଇ କରି ସଫଳତା ଓ ବିଫଳତା ସ୍ୱାଦକୁ ଅନୁଭବ କରି ନିଜର ମସ୍ତକକୁ ଶତ୍ରୁ ଆଗେ ନୁଆଁଇବାକୁ ସୁଯୋଗ ଦେଇନାହାନ୍ତି ।

ସବୁଠୁ ଦୁଃଖଦାୟକ ଘଟଣାଟି ଏହି ଅଞ୍ଚଳରେ ଘଟିଯାଇଥିଲା, ତାହା ଆମେ ଶୁଣିଲେ ଆମ ଲୋମଟାଙ୍କୁରୀ ଉଠିବା ସହିତ ଆମ ଦେଶ ପ୍ରେମର ଯନ୍ତ୍ରଣାଦାୟକ ଅଶ୍ରୁଗୁଡ଼ିକ ଆମ ଆଖିରୁ ଆପେ ଆପେ ଢ଼ଳଢ଼ଳ ହୋଇ ଝରିପଡ଼ିବ। ୧୯୪୨ ମସିହା ମହାତ୍ମାଗାନ୍ଧୀଙ୍କ ଭାରତଛାଡ଼ ଆନ୍ଦୋଳନ ଡାକରାରେ ସାରା ଭାରତବର୍ଷ ସ୍ୱାଧୀନତାର ସ୍ୱାଦ ପାଇବା ପାଇଁ ଯେମିତି ସମସ୍ତଙ୍କ ମନରେ ଉତ୍ସାହର ମାହୋଲ ସୃଷ୍ଟି ହୋଇଥିଲା। ଏଭଳି ଏକ ଦେଶପ୍ରେମ ମହାପର୍ବରେ ମିଳନ ନ ହୋଇ ବାଲେଶ୍ୱର ଅଞ୍ଚଳଟି କେମିତିବା ଚୁପ୍ ହୋଇ ବସିପାରିଥାନ୍ତା। ଉକ୍ତ ଅଞ୍ଚଳର ଇରମ ମାଟି(ସମ୍ପ୍ରତି ଭଦ୍ରକଜିଲ୍ଲା ଅନ୍ତର୍ଭୁକ୍ତ) ଦେଶର ଦ୍ୱିତୀୟ ଜାଲିଆନୱ଼ାଲାବାଗ ଭାବରେ ନିଜର ବୀରତ୍ୱର ଗାଥା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିପାରିଛି । ଏହି ଇରମ ମାଟିରେ ଦେଶପ୍ରେମୀ ବୀରମାନେ ନିଜର ଅଧିକାର ପାଇଁ ଇଂରେଜମାନଙ୍କ ସହ ଲଢ଼ି ୨୯ଜଣ ବୀର ଇଂରେଜମାନଙ୍କ ଗୁଳିରେ ଜୀବନ ହାରିଥିଲେ, ଯାହା ସେତେବେଳର ସାରା ଭାରତବର୍ଷ ଏହି ବୀରତ୍ୱର ବଳିଦାନକୁ ପ୍ରଶଂସା ଓ ସମ୍ମାନ ଜଣାଇ ଉତ୍ସାହର ସହିତ ଇଂରେଜମାନଙ୍କ ସହ ଲଢ଼ି ସ୍ୱାଧୀନତାର ସଫଳତା ଅର୍ଜନ କରିବାରେ ସହଜସାଧ କରି ପାରିଥିଲେ ।

କଳା-ସଂସ୍କୃତି ଦିଗରେ ମଧ୍ୟ ଉକ୍ତ ଅଞ୍ଚଳଟି ବେଶ୍ ଗୁରୁତ୍ୱପୂର୍ଣ୍ଣ ଭାବେ ନିଜର କାର୍ଯ୍ୟଶୈଳୀକୁ ନିର୍ବାହ କରି ଆସିଅଛି । ଏହିପରି ଭାବେ ସାହିତ୍ୟ ସାଧନାକୁ ବିଚାର କରାଗଲେ ରାଧାନାଥ, ବାଞ୍ଛାନିଧି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଚିନ୍ତାମଣି ମହାନ୍ତି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରି ଆଧୁନିକ ସାହିତ୍ୟକୁ ବିମଣ୍ଡିତ କରିବାରେ ନିଜର ପରିଶ୍ରମ ଜ୍ଞାନ କୌଶଳକୁ ଏ ମାଟି ଓ ଜାତି ପାଇଁ ବଳିଦାନ ଦେଇଛନ୍ତି । ଲୋକସାହିତ୍ୟ କ୍ଷେତ୍ରରେ ମଧ୍ୟ ଉକ୍ତ ଅଞ୍ଚଳଟି ବିଶେଷଭାବେ ପରିଗଣିତ ହୋଇଅଛି । ଲୋକନାଟକ ଭାବରେ

'ଦଧିନାଟ୍ୟ' ପରମ୍ପରାଟି ଓଡ଼ିଶାର ଉକ୍ତ ଅଞ୍ଚଳ ବ୍ୟତୀତ ଅନ୍ୟ ସ୍ଥାନରେ ବିଶେଷ ଭାବେ ଦେଖିବାକୁ ମିଳେନାହିଁ। ଯାହା ଏହି ଅଞ୍ଚଳ ପାଇଁ ଏକ ସ୍ୱତନ୍ତ୍ର ଏକତାକୁ ବାନ୍ଧି ରଖିବାରେ ସହଜସାଧ୍ୟ ହୋଇପାରିଛି ।

ବାଲେଶ୍ୱର ଅଞ୍ଚଳଟି ବିଶେଷ ଭାବରେ ପଶ୍ଚିମବଙ୍ଗ ରାଜ୍ୟ ସହ ବାନ୍ଧି ହୋଇ ରହିଥିବା ହେତୁ, ଏହାର କଳା-ସଂସ୍କୃତି ଓ ସାହିତ୍ୟର ଦିଗଗୁଡ଼ିକ ପ୍ରାୟତଃ ବଙ୍ଗଳା ପରମ୍ପରା ସହ ଜଡ଼ିତ ହୋଇ ରହିଅଛି। ଏହିପରି ଭାବରେ ବଙ୍ଗଳା ସଂକୀର୍ତ୍ତନ ପ୍ରସଙ୍ଗରୁ 'ଦଧିନାଟ୍ୟ' କଥାବସ୍ତୁଟି ଆସିଥିବାର ଜଣାଯାଏ । ବଙ୍ଗଳାର ଗୋବିନ୍ଦ ଦାସ ହେଉଛନ୍ତି ଜଣେ ବୈଷ୍ଣବ ସମ୍ପ୍ରଦାୟର ବିଶିଷ୍ଟ କବି । ତାଙ୍କର 'ସଙ୍ଗୀତ ମାଧବ' ରଚନାବଳୀରୁ 'ଦଧି' ପ୍ରସଙ୍ଗଟି ଓଡ଼ିଆରେ ଅନୁବାଦ କରି ଗୀତ ବୋଲା ଯାଇଥାଏ ଏବଂ ପାଳିଆମାନେ ଉକ୍ତ ଗୀତକୁ ପାଳିକରି ଏହି ଲୋକନାଟ୍ୟକୁ ପ୍ରଦର୍ଶିତ କରି ଦର୍ଶନମାନଙ୍କ ମନରେ ଆନନ୍ଦ ଉତ୍ସାହ ଭରି ଦେଇଥାଆନ୍ତି । ବୈଷ୍ଣବ ସମ୍ପ୍ରଦାୟର ରାଧା-କୃଷ୍ଣ ମିଳନଧର୍ମୀ କାହାଣୀର ବିଷୟବସ୍ତୁ ଆଧାରିତ ଏହି 'ଦଧିନାଟ୍ୟ' ପ୍ରସଙ୍ଗଟି ଏହି ଅଞ୍ଚଳ ପାଇଁ ନୀତିଦିନିଆ ପରମ୍ପରା ଭାବେ ପ୍ରଚଳିତ ହେବାରେ ଦେଖାଯାଉଅଛି ।

ଉତ୍ତର ଓଡ଼ିଶାର ଏକ ପାରମ୍ପରିକ ଲୋକନାଟ ହେଉଛି 'ଦଧି', ଯାହାକୁ ସାଧାରଣତଃ 'ଦଧିନାଟ' ଭାବରେ ଆଖ୍ୟାୟିତ କରାଯାଏ। ଭଦ୍ରକ ଏବଂ ବାଲେଶ୍ୱର ଅଞ୍ଚଳରେ ଏକ ବିଶିଷ୍ଟ ହିନ୍ଦୁଜାତିଙ୍କ ଦ୍ୱାରା ଏହା ପାଳିତ ହୋଇଥାଏ । ଅବ୍ରାହ୍ମଣ ହାଟୁଆ ଶ୍ରେଣୀର ସାଂସାରିକ ଜୀବନ କ୍ଷେତ୍ରରେ ଏହାର ରହିଛି ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା। ମୃତ ଆତ୍ମୀୟସ୍ୱଜନର ଆତ୍ମାର ସଦ୍‌ଗତି ଓ ମୋକ୍ଷ କାମନା କରି 'ଦଧିନାଟ' ଅନୁଷ୍ଠାନଟି ପାରମ୍ପରିକ ଶୁଦ୍ଧ ସଂସ୍କାର କର୍ମ ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇ ରହିଛି । ଉପକୂଳ ଓଡ଼ିଶାରେ ଆତ୍ମୀୟସ୍ୱଜନର ମୃତ୍ୟୁର ୧୪ ଦିନ, ଅନୁଷ୍ଠିତ ହୋଇଥାଏ ପବିତ୍ର ହରିନାମ ସଂକୀର୍ତ୍ତନ ଅନୁଷ୍ଠାନ, ଯାହା ଦିବଗତ ଆତ୍ମାର ମୋକ୍ଷପ୍ରାପ୍ତି ନିମନ୍ତେ ଉଦ୍ଦିଷ୍ଟ ଥାଏ । ମାତ୍ର ଏଭଳି 'ସଂକୀର୍ତ୍ତନ' ଉତ୍ସବ ପରିବର୍ତ୍ତେ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ପ୍ରଭୃତି ଅଞ୍ଚଳରେ ଅନୁଷ୍ଠିତ ହୋଇଥାଏ ଏହି 'ଦଧିନାଟ' ।

ମୃତ୍ୟୁର ୧୧ଦିନ ( ଏକାଦଶାହ) ସମୟ ଶୁଦ୍ଧି ସଂସ୍କାର କର୍ମ ସମ୍ପାଦିତ ହୋଇ ସାରିବା ପରେ ଆରମ୍ଭ ହୋଇଥାଏ 'ଦଧିନାଟ' । ରାତି ୧୨ଟା ପରେ ସାଧାରଣତଃ ଅନୁଷ୍ଠିତ ହେଉଥିବା ଏହି ନାଟକ ହେଉଛି 'କୃଷ୍ଣଲୀଳା'ର ଏକ ଭିନ୍ନ ନାଟ୍ୟରୂପ । କୃଷ୍ଣଙ୍କର ବାଲ୍ୟଲୀଳା ଠାରୁ ଆରମ୍ଭ କରି କଂସ ପ୍ରେରିତ ମାୟାବୀ ଅସୁରମାନଙ୍କୁ 'ବଧ' କରିବା ଘଟଣା ସହିତ ଗୋପପୁରରେ କୃଷ୍ଣଙ୍କର ବାଲ୍ୟସାଥୀ 'ସୁବଳ' ଓ 'ସୁଦାମ'ଙ୍କ ସହିତ ବିହାର ଭ୍ରମଣର ପ୍ରସଙ୍ଗ ଏଥିରେ ସ୍ଥାନ ପାଇଥାଏ । ଏହି ନାଟକର ମୁଖ୍ୟ ଓ ଆକର୍ଷଣୀୟ ଅଧ୍ୟାୟଟି ହେଉଛି 'ନାବକେଳି'ର ପ୍ରସଙ୍ଗ । ନାଉରିଆ ରୂପରେ କୃଷ୍ଣଙ୍କର 'ରାଧା'ଙ୍କୁ ଯମୁନା ପାରି କରିବା ଓ 'କଉଡ଼ି ' ପାଇଁ ଅଳି କରିବା ଘଟଣାଟିକୁ ଅଧିକ ପ୍ରାଧାନ୍ୟ ପ୍ରଦତ୍ତ ହୋଇଥାଏ ଦଧିନାଟରେ । 'ଦଧିଭାଣ୍ଡ' ବହନ କରୁଥିବା 'ରାଧା'ଙ୍କର ରହିଥାଏ ପୁଣି ନାଟକରେ ଏକ ପ୍ରମୁଖ ଭୂମିକା ।

ନାଟକର ଶେଷ ଦୃଶ୍ୟରେ ଅବଶ୍ୟ କଂସାସୁରକୁ ବଧ କରିଥାନ୍ତି କୃଷ୍ଣ । କଂସ ବଧର ଘଟଣା ପରେ ସମୁଦାୟ ନାଟ୍ୟଦଳ ଶ୍ମଶାନକୁ ଯାତ୍ରା କରନ୍ତି । ସଂସ୍କାର ହୋଇଥିବା ସ୍ଥାନକୁ ପରିକ୍ରମା କରିବା ପରେ ଗ୍ରାମକୁ ପୁନଶ୍ଚ ପ୍ରତ୍ୟାବର୍ତ୍ତନ କରିଥାନ୍ତି ଏହି ଭ୍ରାମ୍ୟମାଣ ନାଟ୍ୟଦଳ । ମୃତ ବ୍ୟକ୍ତିର ଆତ୍ମୀୟସ୍ୱଜନଙ୍କ ଘରକୁ ଏହି ଶୋଭାଯାତ୍ରା ଚାଲେ । ହରିନାମ ସଂକୀର୍ତ୍ତନ ସହିତ ଶୋଭାଯାତ୍ରାର ସମ୍ମୁଖ ଭାଗରେ 'ଦଧିଭାଣ୍ଡ' ବହନ କରୁଥିବା 'ରାଧା'ଙ୍କୁ ଦେଖିବାକୁ ମିଳେ । ଶୋଭାଯାତ୍ରାଟି ଦ୍ୱାରଦେଶରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରିଥାନ୍ତି ଗୃହସ୍ଥ ଆତ୍ମୀୟ ଓ 'ଦଧିଭାଣ୍ଡ' ରେ ଅର୍ପଣ କରନ୍ତି ସାମର୍ଥ୍ୟ ଅନୁସାରେ କଉଡ଼ି । ଅବଶ୍ୟ କଉଡ଼ିର ସ୍ଥାନ ଏବେ ଗ୍ରହଣ କରିଛି ଆଧୁନିକ ମୁଦ୍ରା । ସଂଗୃହୀତ ଅର୍ଥ ଯାଇଥାଏ ନାଟ୍ୟଦଳର ସଦସ୍ୟମାନଙ୍କ ପାଖକୁ। ଗ୍ରାମ ପରିକ୍ରମା ପରେ ଦଧିନାଟର ପରିସମାପ୍ତି ଘଟେ ।

'ଦଧିଭାଣ୍ଡ' ଓ 'କଉଡ଼ି' ପ୍ରଦାନର ପରମ୍ପରା ଦୃଷ୍ଟିରୁ ଏହି ଲୋକନାଟକର ନାମକରଣ ହୋଇଛି, ଯଥାର୍ଥରେ 'ଦଧିନାଟ' ଅଭିନେତା ମାନେ ପାରମ୍ପରିକ ବେଶପୋଷାକରେ ସଜ୍ଜିତ ହୋଇଥାନ୍ତି । ନୃତ୍ୟଗୀତ ସହିତ ବାଦ୍ୟବୃନ୍ଦର ଉପସ୍ଥାପନା ଦଧିନାଟକୁ ପ୍ରଦାନ କରିଥାଏ ଏକ ଅଲୌକିକ ଆତ୍ମପରିଚିତ । ପାରମ୍ପରିକ ବାଦ୍ୟ ସଂଯୋଜନା ସହିତ 'ଆଲୋକ'ର ଯଥୋଚିତ ଆୟୋଜନ ଏହି ଦଧିନାଟକୁ 'ଯାତ୍ରା'ର ନିକଟବର୍ତ୍ତୀ ପରିଚୟ ପ୍ରଦାନ କରିଥାଏ। ଅଭିନୟଭିତ୍ତିକ ଆହୁରି ଅନେକ ଲୋକନାଟକର ପ୍ରଚଳନ ଓ ପରମ୍ପରା ରହିଛି ଓଡ଼ିଆ ଲୋକ ସଂସ୍କୃତିର ପରମ୍ପରାରେ, ଯାହାକୁ ତଥାପି ଆବିଷ୍କାର କରିବାକୁ ଏଯାବତ୍ ଗବେଷକମାନେ ସମର୍ଥ ହୋଇନାହାନ୍ତି। ବାଲେଶ୍ୱରର ଏହି ଲୋକନାଟକର ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଚାର କରାଗଲେ, ଏହା ଏକ ଧାର୍ମିକ ମୂଲ୍ୟୋବୋଧର ସଂକେତ। ସେ ଦୃଷ୍ଟିରୁ ମାନବ ଜୀବନ ପାଇଁ ଏହା ଉପାଦେୟ। ବୈଷ୍ଣବ ସମ୍ପ୍ରଦାୟର ରାଧା-କୃଷ୍ଣ ମିଳନର କଥାବସ୍ତୁକୁ ଏହି ଲୋକ ନାଟକରେ ଏକ ଭିନ୍ନ ମୋଡ଼ ଦେଇ ମୃତ ବ୍ୟକ୍ତିର ଆତ୍ମାକୁ ସଦ୍‌ଗତି ଦେବାରେ ରାଧାକୁ ଆତ୍ମା ଓ କୃଷ୍ଣଙ୍କୁ ପରମାତ୍ମା ଭାବରେ ଗ୍ରହଣ କରାଯାଇ ଏହି ଦୁଃଖ ମୋହ-ମାୟା ସଂସାରରୁ ମୁକ୍ତି ପାଇବା ପାଇଁ କାମନା କରାଯାଇ ଥାଏ ଏବଂ ମୃତ ବ୍ୟକ୍ତି ଜଣକ ପରିବାରରେ ମୁଖ୍ୟ ହୋଇଥିଲେ, ତାଙ୍କଠାରୁ ବୟସରେ ସାନ ହୋଇଥିବା ପରିବାରର ଅନ୍ୟ ସଦସ୍ୟଗଣ ସମ୍ମାନ ପୂର୍ବକ

ମୃତ ବ୍ୟକ୍ତିର ମୃତ୍ୟୁ ଦିନଠାରୁ ୧୩ ଦିନ ପର୍ଯ୍ୟନ୍ତ ଏକ ପାରମ୍ପରିକ ରୀତି-ନୀତି ପାଳନ କରିଥାନ୍ତି । ଏହାକୁ ' ଦଧିନାଟ୍ୟ' ମାଧ୍ୟମରେ ପ୍ରକାଶ କରି ପରିବାର ସଦସ୍ୟମାନଙ୍କ ମନରେ ଥିବା ମୃତବ୍ୟକ୍ତି ପ୍ରତି ଥିବା ଦୁର୍ବଳତାକୁ ଦୂରେଇବା ପାଇଁ ପ୍ରଚେଷ୍ଟା କରାଯାଇଥାଏ।

ଈଶ୍ୱରୀୟ ଚିନ୍ତା-ଚେତନା ବା ଭାବ-ଭାବନାକୁ ଯଦି ସ୍ମରଣ କରାଯାଏ, ତା'ର ସ୍ମୃତିପଟରେ ଏହି ଦଧିନାଟ ରେଖାପାତ କରେ, ପରବର୍ତ୍ତୀ ଅବସ୍ଥାରେ ମୃତବ୍ୟକ୍ତିର ଆତ୍ମାକୁ ସଦ୍‌ଗତି ମିଳେ ବୋଲି ଲୋକ ବିଶ୍ୱାସ ରହିଅଛି। ଉକ୍ତ ନାଟ୍ୟରେ ଆଧାତ୍ମିକ କାହାଣୀ ପରିବେଷଣ କରିବା ସହିତ ସଂପ୍ରତି ବିଭିନ୍ନ ଆଧୁନିକ ନୃତ୍ୟ-ଗୀତ ପରିବେଷଣ କରାଯାଇ ମୃତବ୍ୟକ୍ତିର ପରିବାର ସଦସ୍ୟଙ୍କୁ ଆନନ୍ଦ-ଉଲ୍ଲାସରେ ବିମୋହିତ କରିବା ସହ ମନରେ ଥିବା ମୃତବ୍ୟକ୍ତି ପ୍ରତି ପ୍ରେମ ଓ ଦୁର୍ବଳତାକୁ ଲାଘବ କରାଯାଏ ।

ପ୍ରାଚୀନକାଳରେ ବଙ୍ଗଳା ସାହିତ୍ୟ ଭାଷାତତ୍ତ୍ୱକୁ ଆଧାର କରି ଓଡ଼ିଶାର ବିଭିନ୍ନ ନୃତ୍ୟ-ନାଟକ ପରିବେଷଣ କରାଯିବାର ଦେଖାଯାଉଥିଲା । ପରବର୍ତ୍ତୀ ଅବସ୍ଥାରେ ନିଜର ସ୍ୱାଭିମାନର ଦୃଷ୍ଟିଭଙ୍ଗୀକୁ ବିଚାରକୁ ନିଆଯାଇ ଏକ ଆଞ୍ଚଳିକ ଭାବାବେଗର ନୂତନ ପରମ୍ପରା ସୃଷ୍ଟି ହେବାରେ ଦେଖାଯାଇଅଛି । ପ୍ରାଚୀନକାଳରେ ବୈଷ୍ଣବ ସମ୍ପ୍ରଦାୟର କଥାବସ୍ତୁକୁ ଆଧାରକରି 'ଦଧିନାଟ୍ୟ' ପରମ୍ପରା କାର୍ଯ୍ୟକ୍ରମଟି ପରିବେଷଣ ହେଉଥିବା ବେଳେ, ପରବର୍ତ୍ତୀ ଅବସ୍ଥାରେ ତାହା ଆଧୁନିକ ମୂଲ୍ୟାବୋଧର ଚିନ୍ତା-ଚେତନାର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନଶୀଳ ହୋଇଅଛି।

ଆଧୁନିକ ଜୀବନଧାରା ପ୍ରତ୍ୟେକ ମୁହୂର୍ତ୍ତ ପରିବର୍ତ୍ତନଶୀଳ ଥିବାବେଳେ, 'ଦଧିନାଟ୍ୟ' ପରମ୍ପରାଟି ମଧ୍ୟ କାଳକ୍ରମେ ଏକ ଛୋଟ ରଙ୍ଗମଞ୍ଚରେ ବାନ୍ଧିହୋଇ ବିଭିନ୍ନ ଅତ୍ୟାଧୁନିକ ନୃତ୍ୟ-ଗୀତ ପରିବେଷଣ କରାଯାଇ ଦର୍ଶକମାନଙ୍କୁ ଅଧିକରୁ ଅଧିକ ଆନନ୍ଦ-ଉଲ୍ଲାସରେ ବିମୋହିତ କରାଯିବାରେ ଦେଖାଯାଇଅଛି । ଉକ୍ତ 'ଦଧିନାଟ୍ୟ' ମଞ୍ଚଟିକୁ ବିଭିନ୍ନ ଅତ୍ୟାଧୁନିକ ସାଜସଜ୍ଜାରେ ସଜ୍ଜିତ କରାଯାଇ ଅଭିନେତା ଓ ଅଭିନେତ୍ରୀମାନେ ବିଭିନ୍ନ ଢ଼ଙ୍ଗରେ ଆଧୁନିକ ଭାଷା-ଶୈଳୀକୁ ରୂପଦେଇ ତାଙ୍କର ଅଭିନୟକୁ ଏକ ସ୍ୱତନ୍ତ୍ର ହାସରସରେ ପୂର୍ଣ୍ଣକରି ଦର୍ଶକ ମାନଙ୍କୁ ଖୁସି କରିବାରେ ଚେଷ୍ଟା କରୁଛନ୍ତି। ସୁତରାଂ ପ୍ରାଚୀନ 'ଦଧିନାଟ୍ୟ' ଓ ବର୍ତ୍ତମାନର 'ଦଧିନାଟ୍ୟ' ବହୁ ପରିମାଣରେ ପାର୍ଥକ୍ୟ ଥିବାର ଦେଖିବାକୁ ମିଳେ ।

ସାହିତ୍ୟ ବିଳାସର ରଙ୍ଗଭୂମି ନୁହେଁ, ପରନ୍ତୁ ବାସ୍ତବ ଜୀବନର ଲୀଳାଭୂମି । ଏହା ମନୁଷ୍ୟ ଜୀବନର ବିଭିନ୍ନ ବିଭାଗକୁ ଉପଜୀବ୍ୟ କରି ଗଢ଼ି ଉଠିଥାଏ । ଉତ୍କଳର ସଂସ୍କୃତି, ପରମ୍ପରା, ରୀତି, ନୀତି ଓ ଲୋକ ବିଶ୍ୱାସର ଏକ ମହାନ ସଂସ୍କୃତି ବହନ କରେ । ପ୍ରାଚୀନ ଉତ୍କଳ ସଂସ୍କୃତିରେ ବାଲେଶ୍ୱରର 'ଦଧିନାଟ୍ୟ' ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ମୁଁ ଆଶା ପ୍ରକଟ କରିଅଛି । ପରିଶେଷରେ ଏତିକି କୁହାଯାଇପାରେ ଯେ, 'ଦଧିନାଟ୍ୟ' ଏକ ମାନବୀୟ ଭାବନା, ବିଶ୍ୱାସ ଓ ଧାର୍ମିକ ଚେତନାର ଦାୟିତ୍ୱ ବହନ କରି ଉତ୍କଳର ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଅଛି ।

ଲୋକ ସାହିତ୍ୟର ଆଭିମୁଖ୍ୟ ଏକ ଲୋକ ଗୋଷ୍ଠୀର ବିଶ୍ୱାସ ଓ ଭାବାଲୋକ ଉପରେ ନିର୍ଭର କରିଥାଏ। ଲୋକ ସାହିତ୍ୟ ବ୍ୟତିରେକ ଯେକୌଣସି ଭାଷା ଓ ସାହିତ୍ୟର ପ୍ରାଥମିକ ଅବସ୍ଥା ତଥା ଉକ୍ତ ଜାତିର ଇତିହାସ ସଂରଚନା କରିବା ଅସମ୍ଭବ । ବାଲେଶ୍ୱର 'ଦଧିନାଟ୍ୟ' ପରମ୍ପରା ବିଷୟରେ ବିଶେଷ ଗବେଷଣା ହୋଇନାହିଁ, ଯାହାଫଳରେ ଓଡ଼ିଶାର ପରମ୍ପରା ଓ ସଂସ୍କୃତି ସହ ଜଡ଼ିତ ଥିବା 'ଦଧିନାଟ୍ୟ'ର ତତ୍ତ୍ୱ, ବିଶେଷତ୍ୱ ଓ ଆଭିମୁଖ୍ୟକୁ ପାଠକ ଓ ଗବେଷକଙ୍କ ନିକଟରେ ପହଞ୍ଚାଇବା ହେଉଛି ଶଂସିତ-ପ୍ରବନ୍ଧର ଉଦ୍ଦେଶ୍ୟ।

**ସହାୟକ ଗ୍ରନ୍ଥସୂଚୀ :**

୧- ନାୟକ, ଉପେନ୍ଦ୍ର ପ୍ରସାଦ, ' ଓଡ଼ିଆ ଲୋକନାଟ୍ୟ ପରମ୍ପରା ଓ ଜଗନ୍ନାଥ ପାଣି ' ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୩, ପ୍ରଥମ ପ୍ରକାଶ-୨୦୧୭

୨- ପାଢ଼ୀ, ବେଣୁଧର, ଲୋକସାହିତ୍ୟ ଓ ଲୋକସାହିତ୍ୟ ତତ୍ତ୍ୱ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ, କଟକ-୨, ଦ୍ୱିତୀୟ ସଂସ୍କରଣ-୨୦୨୧

୩- ପ୍ରଧାନ, କୃଷ୍ଣଚନ୍ଦ୍ର, ' ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି', ବିଦ୍ୟାପୁରୀ, ବାଲୁବଜାର, କଟକ, ପ୍ରଥମ ପ୍ରକାଶ-୧୯୯୫

୪- ପ୍ରଧାନ, ମନ୍ମଥ କୁମାର, ସାଂସ୍କୃତିକ ସ୍ମୃତିରେ ଭଦ୍ରକ, ପାହାନ୍ତିତାରା, ଭାସ୍କରରଞ୍ଜୀ, ବାଲେଶ୍ୱର, ପ୍ରଥମ ପ୍ରକାଶ, ୨୦୨୧

୫- ମହାପାତ୍ର, ଶ୍ୟାମସୁନ୍ଦର, 'ଲୋକସାହିତ୍ୟ ତତ୍ତ୍ୱ ', ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ, ପ୍ରଥମ ପ୍ରକାଶ-୧୯୯୫

୬- ସାହୁ, ନାରାୟଣ, ସାହୁ, ମନୋଜା ମଞ୍ଜରୀ, ' ଲୋକସଂସ୍କୃତି ଓ ଲୋକସାହିତ୍ୟ', ଚିନ୍ମୟ ପ୍ରକାଶନ, ବିନୋଦବିହାରୀ, କଟକ-୨, ଦ୍ୱିତୀୟ ସଂସ୍କରଣ-୨୦୧୮

❖❖❖



# ଗ୍ରନ୍ଥବିଚାରମ୍



# ଗ୍ରୀଷ୍ମର ପହିଲି ବର୍ଷାରେ କାଗଜ ଡଙ୍ଗା ଭସାଉଥିବା ନାୟକ : କବି ଦୀପକ



ISSN-2583-6978
Volume-4
Issue-10
OCTOBER-2024

**ଡକ୍ଟର ସୁମନ୍ତ ନାୟକ**

ସହକାରୀ ପ୍ରଫେସର ଧରଣୀ ଧର ବିଶ୍ୱ ବିଦ୍ୟାଳୟ
କେନ୍ଦୁଝର

କବିତା କବି ହୃଦୟର ଏକ ଆନନ୍ଦମୟ ପରିପ୍ରକାଶ ଓ ସରଳ ହୃଦୟର ଆବେଗମୟ ଭାବସତ୍ତା। କବିତା କବିର କୋମଳ ଓ କମନୀୟ କଳାଶିଳ୍ପ। କୁହାଯାଇପାରେ କବିତା ମଣିଷର ଭାବାବେଗର ସର୍ବଶ୍ରେଷ୍ଠ ଓ ବଳିଷ୍ଠ ଅଭିବ୍ୟକ୍ତି। କବିତାର ଶବ୍ଦରେ ଅନୁରଣିତ ହୁଏ ଜୀବନର ସଙ୍ଗୀତ। ଉନ୍ମୋଚିତ ହୋଇଥାଏ ବିଶ୍ୱ ଜୀବନର ଚିତ୍ର ଓ ଚରିତ୍ର। କବିତା ମଣିଷକୁ ଆନନ୍ଦଦାନ ସହିତ ମଣିଷ ହୃଦୟରେ ସୃଷ୍ଟି କରେ ଆବେଗ ଓ ଅନୁରାଗ।

କବିତା କହିଲେ ବୁଝାଯାଏ ଏକ ଚମତ୍କାର ରଚନାକୁ ଯେଉଁଥିରେ କାବ୍ୟ ପୁରୁଷ ସୁନ୍ଦର କଳ୍ପନା ଶକ୍ତି ବଳରେ ଶବ୍ଦ ଓ ଅର୍ଥକୁ ଦେଇ ଏକ ଭାବନା ଅବା ଚେତନାର ସୁନ୍ଦର ତଥା ଜୀବନ୍ତ ଚିତ୍ର ପ୍ରଦାନ କରିପାରେ। କବିତ୍ୱଭାବ ଥିବା ମଣିଷଟି କେବଳ କବି ନୁହେଁ ସେ ଦ୍ରଷ୍ଟା, ଖୁବ୍ ଅନୁରାଗରେ ବାହ୍ୟ ବିଶ୍ୱକୁ ଦେଖେ ଓ ସେ ସ୍ରଷ୍ଟା ସୃଷ୍ଟି କରେ ସାମାଜିକ ଜୀବନର ସମତ୍ୱ ଭାବ। କବି ଖୁବ୍ ଶକ୍ତିଶାଳୀ ସେ ଯେତେବେଳେ ସୃଷ୍ଟି କରେ ତାର ସୃଷ୍ଟି ଲୌକିକ ଜଗତକୁ ମଧ୍ୟ ଅତିକ୍ରମ କରିଯାଏ। ଅମୃତମୟ କବିର ସୃଷ୍ଟି। ତା'ର କାବ୍ୟିକ ଦକ୍ଷତାରେ ସବୁ ଋତୁ ପାଲଟେ ବସନ୍ତ, ଅମାବାସ୍ୟାରେ ହସେ ଜହ୍ନ ପଥରରେ ଫୁଟେ ପଦ୍ମ। ତେଣୁ କବିକୁ କୁହାଯାଏ ଦ୍ୱିତୀୟ ଈଶ୍ୱର। କାବ୍ୟ ତତ୍ତ୍ୱର ଏହି ଭାବକୁ କବି ଦୀପକ ମିଶ୍ର ବି ଗ୍ରହଣ କରନ୍ତି ଆଉ ସେ କବିଟିଏ ମାତ୍ର କବିତାରେ ଲେଖନ୍ତି-

"ମତ୍ସ୍ୟ କନ୍ୟା ସାଜି ସାଗରର
ଉତ୍ତାଳ ଲଉଡ଼ିକୁ ଭାଙ୍ଗି ପହଁରିପାରେ
ମରୁଭୂମିରେ ସମୁଦ୍ରର ଭ୍ରମ ସୃଷ୍ଟି କରେ,
ସକାଳ ମଧ୍ୟାହ୍ନ, ଅପରାହ୍ଣ, ସଞ୍ଜ
ରାତିକୁ ବି ପ୍ରେମିକା କହିପାରେ।
ମୁଁ ବ୍ରହ୍ମା, ବିଶ୍ୱକର୍ମା, ଧର୍ମପଦ
ପଢେ ବ୍ରହ୍ମାଣ୍ଡ, ମୁଣ୍ଡିମାର କୋଣାର୍କ"

ଯୁଗୀୟ ତତ୍ତ୍ୱ ଚେତନା, ଆବେଗ ଓ ଅନୁଭୂତି ତଥା ସ୍ମୃତି ସଂସ୍କୃତିକୁ ନେଇ କବିତା ଅପୂର୍ବ ସୌନ୍ଦର୍ଯ୍ୟରେ ବିମଣ୍ଡିତ ହୋଇଥାଏ। କବି ସବୁବେଳେ ସାମାଜିକ ବ୍ୟବସ୍ଥା ଓ ପାରିପାଶ୍ୱିକ ଅବସ୍ଥାକୁ ନେଇ ଲେଖେ। ସାମାଜିକ ଜୀବନର ଅକୁହା କଥାକୁ ନିଜସ୍ୱ ଅନୁଭବର ଭାବଧାରାର କୁହେ। ଆବେଗ ଓ ଅନୁଭୂତି ଭରା ହୋଇଥିବାରୁ କବିତା ଚିରୋଭାସ୍କର। କବିତାର ଏହି ଅନନ୍ୟ ଭାବର ସଫଳ ରୂପ କାର ହେଉଛନ୍ତି ସାଂପ୍ରତିକ କାଳଖଣ୍ଡର ସାରସ୍ୱତ ପ୍ରତିଭା କବି ଦୀପକ କୁମାର ମିଶ୍ର। ଯାହାଙ୍କର କବିତା ସଂକଳନଟି ଜୀବନର ଗଭୀର, ଜଟିଳ ଆଉ ଅନୁଭବର ଆବେଗଭରା ହସ୍ତାକ୍ଷର। ସଂକଳନର ଅନେକ କବିତା ଜୀବନର ମର୍ମ ଚିତ୍ରକୁ କରିଛି ପ୍ରଦର୍ଶିତ-

"ସପନ ମରିଛି ଆଜି ଉତ୍ତପ୍ତ ମରୁରେ
ମରୁଭୂମି ଖୋଜେ ଜୀବନ
ଜୀବନ ବନାନୀରେ ଲାଗିଛି ଯନ୍ତ୍ରପାର ନିଆଁ
ପ୍ରାଣର ହରିଣୀ ଏଣେତେଣେ ଧାଏଁ ବିକଳରେ
ଧୂଆଁ ମୟ ହୋଇଯାଏ ମୋରି ହୃଦୟ
କିଏ ଲିଭେଇବ ଅଗ୍ନି ଜଣାତ ପଡେନା।"

କାବ୍ୟ ପୁରୁଷଙ୍କର ଚେତନାଟି ଖୁବ୍ ସ୍ୱଷ୍ଟ। କବି ଦୀପକ ମିଶ୍ର ବୁଝନ୍ତି ଜୀବନକୁ ଖୋଜିବା ଆଉ ବୁଝିବାର ଅନ୍ୟ ନାମ ହେଉି କବିତା। ଆଉ କବିତାରେ ଜୀବନକୁ ସାର୍ଥକ ପ୍ରତିଫଳନ କରାଇବା ହେଉଛି ନିରୁତା କବି କର୍ମ ତେଣୁ ଜଣେ ପଦସ୍ଥ ପୋଲିସ ଅଫିସର

ହେଲେ ହେଁ ଖୁବ୍ ସରଳ ମଣିଷ ପରି ସେ ନିଜ ସଂପର୍କରେ କହନ୍ତି–

"ଅତୀତର ପ୍ରତ୍ୟେକଟି ଅନୁଭୂତି ଗୋଟେ ଗୋଟେ କାଗଜ ଡଙ୍ଗା ସଦୃଶ। ଛିଦ୍ରମୟ ଜୀବନରେ ସୁଖ-ଦୁଃକ, ପ୍ରେମ-ଘୃଣା, ମିଳନ ବିଗ୍ରହ ଇତ୍ୟାଦିକୁ ନେଇ ଆଗକୁ ଚାଲିବାକୁ ପଡିଥାଏ। ଆଖି ପିଛୁଳାକେ, ନିମିଷକେ ସୁଖ, ଦୁଃଖ ଓ ଯନ୍ତ୍ରଣାରେ ପରିଣତ ହୋଇଯାଏ। ଅତିଷ୍ଠମୟ ହୁଏ ଜୀବନ,ନିଜକୁ ବୁଝିବାକୁ ବା ସମୟ ସହିତ ବୁଝିବାକୁ ବି ଫୁରସର ଟିକିଏ ମିଳିନଥାଏ। ଏତ ଜୀବନ।"

ସାଂପ୍ରତିକ କାଳଖଣ୍ଡର ମଣିଷ ଖୁବ୍ ବ୍ୟକ୍ତିବାଦୀ। ପ୍ରତିପତି ଦେଶ ଓ ବ୍ୟକ୍ତି ଦ୍ୱାରା ଉପଭୋକ୍ତା ସାଜିଥିବା ମଣିଷ ବସ୍ତୁବାଦରେ ଖୁସି ଖୋଜି ଚାଲିଛି। ଏ ପରିସ୍ଥିତିରେ ରାଜନୈତିକ ଚକ୍ରାନ୍ତରେ ସେ ଯେତେବେଳେ ମଣିଷରୁ ଭୋଟର ପାଲଟି ଯାଇଛି ତା' ଖୁସି ପାଇଁ ଯେତେବେଳେ ରାଜନୈତିକ ବ୍ୟକ୍ତିମାନେ ତାକୁ ମୋହଗ୍ରସ୍ତ କରଉଛନ୍ତି। ଫଳତଃ ସମାଜରେ ଏକ ବିରଳବାଦର ଅଭ୍ୟୁଦୟ ହୋଇଛି ଯାହା ଭୋଟର ବାଦ। ସେହି ବାଦରୁ ମାରାତ୍ମକ ଚେତନା ମଣିଷ ହୃଦୟର ସୂକ୍ଷ୍ମ ମଣିଷପଣିଆଟି ଛଡ଼ାଇ ନେଇଛି। ଦେହରୁ ହୃଦୟ ହୃତ୍‌ପିଣ୍ଡ ପାଲଟିଗଲା ପରେ ସେ ମଣିଷର ମାର୍ମିକ ଭାବକୁ ବୁଝିପାରୁନାହିଁ। ଫଳତଃ ବସ୍ତୁପ୍ରାପ୍ତିରେ ସେ ମହାସୁଖ ଖୋଜି ଚାଲିଛି। ଆଉ ଅପ୍ରାପ୍ତିକୁ ସାମ୍ନା କଲେ ଜୀବନ ପ୍ରତି ମୋହଭଙ୍ଗ ହେଉଛି। ତେଣୁ ବର୍ତ୍ତମାନର ମଣିଷ ଫୁଟାଡଙ୍ଗାକୁ ନଈ ମଝିକୁ ପେଲି ଦେଇ ସାଜିଛି ପଳାୟନବାଦୀ। ସେ ବର୍ତ୍ତମାନ ପଳାୟନବାଦୀ ସମାଜଠାରୁ, ଜୀବନଠାରୁ ଆଉ ନିଦଠାରୁ ବି।

ସାମାଜିକ ବ୍ୟବସ୍ଥାର ଏପରି ସନ୍ଧିକ୍ଷଣରେ ବି କାବ୍ୟ ପୁରୁଷଙ୍କର ରହିଛି ଜୀବନ ପ୍ରତି ଗଭୀର ମୋହ। ଅତୀତର ତିକ୍ତ ମଧୁର ଯନ୍ତ୍ରଣାକ୍ତ ସ୍ମୃତିକୁ ମନେ ପକାଇ ଜୀବନକୁ ଖବ୍ ଭଲ ପାଇ ବସିଛନ୍ତି। ଏ "ବ୍ୟଥା" କବିତାରେ ଏକଥା ଉଲ୍ଲେଖ କରି କହନ୍ତି–

"ଜୀବନର ପ୍ରତିଟି
ଚଢା ଗଢା ପାହାଚରେ
ବାରମ୍ବାର ଝୁଣ୍ଟି ପଡ଼ି ଉଠି
କ୍ଷତାକ୍ତ ଦେହ ମନରୁ ନିଃସୃତ
ଲୁହ-ଲହୁ-କୋହରେ ଭିଜିଛି
ମୋର ଦରସିଝା ଯୌବନର ଗାଥା
ଯହିଁରୁ ଥପ୍ ଥପ୍ ନିଗାଡ଼ି ସ୍ୟାହିରେ
ଲେଖୁଛି ମୁଁ ଆଜି ମୋ ଜୀବନ କବିତା। (ବ୍ୟଥା)"

ସଂକଳନରେ ସଂକଳିତ ହୋଇଛି ବାଷଠିଟି କବିତା। ଅନେକ କବିତାରେ କବିଙ୍କର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ସ୍ୱତନ୍ତ୍ର। ଏଥି ସହିତ ଅନେକ କବିତାରେ ରହିଛି ଆଧ୍ୟାତ୍ମଜ୍ଞାନ ସହିତ ଅନୁପମ ଦର୍ଶନ। ଦର୍ଶନ ଓ ଆଧ୍ୟାତ୍ମିକତାର ଚମତ୍କାର ଉପସ୍ଥାପନା କବିତାଗୁଡ଼ିକୁ କରିଛି ହୃଦୟଗ୍ରାହୀ।

"ମୋ ଜୀବନ ନଉକାରେ
ତୁମେ ଯେ ଏକକ ନାଉରୀ
ଉଜାଣି ସ୍ରୋତର ଭରା ପବନ ବେଗରେ
ଉଡ଼ା ତୁମେ ବିଶ୍ୱାସର ସଂକଳ୍ପ ଆହୁଲା
ହଜିଯାଏ ନଉକା ମୋ ଯେବେ
ଅଶାନ୍ତିଆ ସମୁଦ୍ର ଝଡ଼ରେ
ବାହି ଆଣି ରଖବ ଦିଅ ତାକୁ
ତୁମେ ଅତି ଯତନରେ
ନିରାପଦେ ସଂସାର ତଟରେ। (ସମର୍ପଣ)"

କବିତାଟି କବିଙ୍କର ଆତ୍ମୀକ ଆବେଗ ଓ ମୁକ୍ତିମନ୍ତ୍ରରେ ବେଶ୍ ହୃଦୟଗ୍ରାହୀ ହୋଇଛି। ତାଙ୍କର ଦାର୍ଶନିକ ଚେତନା ସଂସାରର ଅଳିକତା ଓ କ୍ଷଣଭଙ୍ଗୁରତାକୁ ପ୍ରଦର୍ଶିତ କରି ଜୀବନର ବାସ୍ତବତା କୁ ସୁନ୍ଦର ଭାବରେ ଉପସ୍ଥାପିତ କରାଇଛି।

କବି ଦୀପକ କୁମାର ମିଶ୍ରଙ୍କ ଅନ୍ତଃର୍ନିହତ ଭାବବୋଧଟି ହେଉଛି ଜୀବନ ଓ ପ୍ରେମ। ସେ ବୁଝନ୍ତି ପ୍ରେମ ବିଜଡ଼ିତ ଜୀବନ ବ୍ୟକ୍ତିସତ୍ତାକୁ ଚିରନ୍ତନୀ ସୁଖ ପ୍ରଦାନ କରେ। କବି ଶ୍ରୀ ଦୀପକ ମିଶ୍ରଙ୍କର ପ୍ରେମ ପ୍ରତି ମାଭାବଟି ହେଉଛି ପ୍ରେମରେ ପ୍ରାପ୍ତି ଓ ଅପ୍ରାପ୍ତି ବୋଲି କିଛି ନଥାଏ। ପ୍ରେମ କେବଳ ମାତ୍ର ସ୍ୱର୍ଗୀୟ ଅନୁଭବ। ପ୍ରେମର ସ୍ଥିତି ହେଉଛି ଯେମିତି ପ୍ରାପ୍ତିରେ ପ୍ରାଜ୍ଞ ସେମିତି ଅପ୍ରାପ୍ତିରେ ମହନୀୟ। ତେଣୁ ପ୍ରେମିକାକୁ କରାଇବାର ଦୁଃଖ ମଧୁର ସ୍ମୃତିରେ ମନକୁ କରେ ଖୁବ୍ ବିଭୋର। ପୁଣି ପ୍ରେମିକାର ପ୍ରତୀକ୍ଷା ଓ ପ୍ରାପ୍ତି ଜୀବନକୁ କରେ ବର୍ଣ୍ଣୋଜବଳ।

"ତୁମ ପ୍ରତି ଥିବା ମୋର ଫିକା ଫିକା ପଢୁଆଁ ପସନ୍ଦ
ରଙ୍ଗୀନ ଆସକ୍ତି ଅବିର ମାଖିବା ଆଗରୁ
ଦେଇଥିଲି ତୁମକୁ ପ୍ରଥମ ପ୍ରଣୟର ମୋର ପ୍ରଥମ ଚିଠି
ତା' ପରର ପ୍ରଥମ ଦେଖାରେ
ତୁମ ଚାହାଁଣୀରେ, ନା ଓଠର ଠରରେ
ନା ତୁମ ପାଦର ବୁଢା ଆଙ୍ଗୁଠି ଟାଣିଥିବା ମାଟିର ଗାରରେ
ଥିଲା ମୋ ପ୍ରଥମ ଚିଠିର ପ୍ରଥମ ଉତ୍ତର
ପରିଲା ବେଳେ ତୁମ ପଛକୁ
ଫେରି ଚାହିଁବରେ ଠାଣି ହୋଇ ପାରେ କି ଉତ୍ତର... !
ଆଜି ବି ହୃଦୟ ଅପେକ୍ଷିତ, ପାଇବାକୁ ତୁମ ଚିଠିର ଉତ୍ତର

"ବୟସ ଫଗୁଣର ପ୍ରଥମ ଚିଠି"

ସାଂପ୍ରତିକ କାଳଖଣ୍ଡ ଯେତେବେଳେ ସମଗ୍ର ବିଶ୍ୱ ଏକ ଗ୍ରାମ ବା ଗ୍ଲୋବାଲ ଭିଲେଜର କଥା କହୁଛି ସେତେବେଳେ ସାରସ୍ୱତ ସାଧକମାନେ ମଧ୍ୟ ଆଧୁନିକତାର ଆଁ ଭିତରେ ହଜେଇ ଦେଇଥିବା ଗାଁକୁ ଖୋଜିଛନ୍ତି। କଂକ୍ରିଟର ବଳୟ ଭିତରେ ଶୀତ ତାପ ନିୟନ୍ତ୍ରିତ ଆବଦ୍ଧ ଘେରେ ଆଖିପତା ପଡିଗଲେ ମନେ ପଡିଯାଏ ଗାଁ। ସ୍ମୃତିର ସୁଅରେ ଭାସି ଆସେ ହଜିଯାଇଥିବା ଅବିସ୍ମରଣୀୟ ଅନୁଭବ। ଏହି ଅନୁଭବ ବ୍ୟସ୍ତତାର ଜୀବନ ଯାତ୍ରାକୁ କରିଦିଏ ଅନ୍ୟମନସ୍କ। ଏହି ଅନ୍ୟମନସ୍କତା ଭିତରେ ଅନୁରଣିତ ହୁଏ ସୋରିଷ ଫୁଲର ଗୀତ। ଅଥୟ କରେ କୁଳୁକୁଳୁ ଝରଣା, ଭିଜାମାଟିର ବାସ୍ନା, ପକ୍ଷୀର କାକଳୀ, ଉସା ବାଦଲର ରୋଷଣୀ, ଜହ୍ନର ଗୀତ, ମାମୁଁ ଘରର ଦୋଳି ଆଉ କୈଶୋରର ତାଳ ମାଙ୍କୁଡ଼ି।

ଦିନେ ଯେଉଁ ଆଧୁନିକତା ଗାଁ ମାଟିକୁ ପର କରି ସହର ମୁହାଁ ହୋଇଥିଲା, ମାର୍ବଲର ଆଭିଜାତ୍ୟରେ ନିଜକୁ ହଜେଇ ଦେଇଥିଲା, ଚିମିନି ଧୂଆଁରେ ବିଭୋର ହୋଇଥିଲା, ଲଣ୍ଠନ ଆଲୁଅର ଦରଜରେ ଅତିଷ୍ଠ ହୋଇଥିଲା ସେହି ମଣିଷ ଆଜିର କାଳଖଣ୍ଡରେ ଖୋଜିବାକୁ ଆରମ୍ଭ କରିଛି ଶୀତର ଘର୍ଗର ଯୋଗ, ଗୋବରା ମାଆର ବାଡିରୁ ପିଜୁଳି ଚୋରାଇ ଖାଇବା ବେଳର "ରାକାଣୀଖିଆ" ର ମଧୁର ମୂର୍ଚ୍ଛନା।

କବି ଦୀପକ କୁମାର ମିଶ୍ର ଗାଁ ମଣିଷ। ପଦସ୍ଥ କର୍ମଚାରୀର ପ୍ରଭାବରେ ବିଭୋର ହୋଇ ସେ କେବେ ବି ସହରର ମୋହ ରଖନ୍ତି ନାହିଁ। ତେଣୁ ଗାଁ ମନସ୍କତା ଓ ମାଟିର ମୋହ ତାକୁ ସାରସ୍ୱତ ସର୍ଜନା ପାଇଁ ବିଭୋର କରିଛି। ଗାଁ ଓ ମାଟିକୁ ଭଲ ପାଇବାର ପ୍ରବୃତ୍ତି ତାଙ୍କୁ ଅନେକ କବିତା ସୃଷ୍ଟି ପାଇଁ ଅଥୟ କରିଛି-

"କେନ୍ଦୁଝର ଜିଲ୍ଲାର କିରୀ ସ୍ପର୍ଶ
ମୋ ମାଆ ମାଟି ଶୋଭା ପାଏ
ତିନି ପଟୁ ବେଷ୍ଟିତ ନଈ ନିର୍ଝରିଣୀ
ଅର୍ଦ୍ଧଚାପୁଟାଏ ସତେ।
ପୁଣ୍ୟତୋୟା ନଦୀ ବୈତରଣୀ ନାମେ
ମୋ ମାଆ ଦେହେ ଝରା ରକ୍ତ
ଗୋଧୂଳି ଲଗନେ ଗୋ ଧୂଳି ଉଡୁଛି
କଡେ ଶ୍ରୀରାମଙ୍କ ତୀର୍ଥ ସ୍ଥାନ
ଧରିଛି ବୁକୁରେ ହୀରା ନୀଳା ଦ୍ରବ୍ୟ
ରହିଛି ନିରିହା ହୋଇ
କହେନି କେତେ ତା ମରମ ବେଦନା
ଭୂ-ଲୁଣ୍ଠିତ ହୋଇ।"

"ମୋ ଗାଁ"

କବିଙ୍କୁ ବିଭୋର କରିଛି ଅତୀତରେ ଛାଡ଼ି ଆସିଥିବା ଗାଁକୁ। ତେଣୁ ପ୍ରତ୍ୟେକ ଏକାନ୍ତ ମୁହୂର୍ତ୍ତର ଗାଁର ପ୍ରାକୃତିକ ଆଭାକୁ ସେ ମନେ ପକାନ୍ତି। କବିଙ୍କର ଜନ୍ମ କେନ୍ଦୁଝର ଚମ୍ପୁଆ ଗ୍ରାମରେ। କେନ୍ଦୁଝର ହେଉଛି ପ୍ରକୃତିର ନୈସର୍ଗିକ ଲୀଳାଭୂମି। ଏହାର ବୃକ୍ଷଲତା ପାଣି ପଥର ସବୁ ସୁନ୍ଦର। ତେଣୁ କବି ଆପଣାପଣରେ ପ୍ରକୃତିର ଏହି ସୁନ୍ଦରତାକୁ କବିତାମାନଙ୍କର ସ୍ଥାନ ଦେଇ ଅନେକ କବିତାର ନାମ ତଦନୁସାରେ ଦେଇଛନ୍ତି ଯଥା- ଶ୍ରାବଣୀପ୍ରେମିକା, ଅନ୍ତରଙ୍ଗ ବର୍ଷା, ଇନ୍ଦ୍ରଧନୁ, ବିବସ୍ତ୍ର ଶୀତ, ଶରତ ସମ୍ଭାର, ବର୍ଷା ପରେ, ଝଡ଼ି ତୁମେ ଫେରିଆସ, ମନ ନଈ, ତୁଠ ହଳଦୀ, ଫୁଲ ପରି କବିତାର ଶୀର୍ଷକ। କବିଙ୍କର କାବ୍ୟିକ କୌଶଳଟି ହେଉଛି ବର୍ହିଃ ପ୍ରକୃତି ଓ ଅନ୍ତଃପ୍ରକୃତିର ଅପୂର୍ବ ସମନ୍ୱୟ କରିବା। ତେଣୁ ପ୍ରକୃତି ଭିତରେ ଜୀବନ କବିତାଗୁଡ଼ିକ କରିଛି ବେଶ ମନ୍ମୟ। ଯଥା-

"ମନ ଗୋଟେ କ୍ଷତାକ୍ତ ନଈ
ବହେ ଅଶ୍ରୁର ଦୁଇଧାର ହୋଇ
ନଈ ଗୋଟେ ମନୁଆ ଧାରା
ବୋହେ ନିଜ କୂଳ ଖାଇ ଖାଇ
ନଈକୁ ବନ୍ଧ ବାନ୍ଧି ଅଟକାଇ ହୁଏ
କିନ୍ତୁ ମନ ତ ବନ୍ଧବାଡ଼ କିଛି ବି ମାନେ ନା।"

ସଂକଳନରେ ସଂକଳିତ ହୋଇଥିବା କବିତାଗୁଡ଼ିକୁ ଅନୁକ୍ଷଣ କଲେ ଦେଖାଯାଏ କବିଙ୍କର ଜୀବନଯାତ୍ରା ସହିତ ସମ୍ପର୍କିତ ସମସ୍ତ କବିତା। ବାଲ୍ୟକାଳର ଅନୁପମ ସ୍ମୃତି ସହିତ ଉତ୍ତୀର୍ଣ୍ଣ ବୟସର ଦିବ୍ୟ ଅନୁଭବ ପର୍ଯ୍ୟନ୍ତ କବିତାମାନଙ୍କରେ ରହିଛି ସ୍ୱତନ୍ତ୍ର ଉପସ୍ଥାପନା। ଅତୀତ, ଗାଁ, ମାଟି କଥା ମନେପଡିଲେ ସୁନ୍ଦର ଘରକଥା ଆପେ ଆପେ ସ୍ମୃତି ପରଦାରେ ଭାସିଆସେ। ବୁଢୀ ମା' କୋଳରେ ଗପ ଶୁଣି ଶୁଣି ଢୁଳେଇ ପଡିବାର ଅଝଟ ବୟସ ସହିତ ପାରିଜାତ ପରି ଆକର୍ଷଣର ମାମୁଁଘର ଗାଁ ପୁଣି ବୋଉର କାନୀକୁ ଧରି ଆଗପଛ ହୋଇ ନଈ କୂଳକୁ ଅଝଟ ପଣରେ ଧାଁ ଦଉଡ଼ ଆଉ ଧୂଳିଆ ପିଠିରେ ବାପାଙ୍କର ପାଞ୍ଚଣ ସତରେ ମଧୁର ସ୍ମୃତିସବୁ ଧସେଇ ଆସେ ସ୍ମୃତି ପରଦାକୁ। ଯାହାକୁ ଦୀପକ ମିଶ୍ର ଖୁବ୍ କବିତା ମାନଭ୍‌କରେ ମନେ ପକାଇ ମା'କୁ ଖୁବ୍ ଝୁରି ହୁଅନ୍ତି।

"ପଖାଳ କଂସାରୁ ଆକାଶର ଚାନ୍ଦ ଯାଏ
ଜାଗୃତିର ନିଦ, ନିଦରୁ ସପନ ଯାଏ
ସବୁଠି ଦିଶେ ତ ମୁହଁ

ବର୍ଣ୍ଣବୋଧରୁ ଜୀବନର ମୂଲ୍ୟ ବୋଧ ଯାଏ
ସବୁଠି ଝାର ତୋ ସ୍ନେହ
ତୁ ମୋ ଜୀବନର ଆରମ୍ଭ
ତୁ ମୋ ଜୀବନର ଶେଷ।
ଇଚ୍ଛା ହୁଏ ଏବେ ବି କାନ୍ଦିବାକୁ
ତୋ କୋଳରେ ମୁହଁ ଲୁଚାଇ।"

"ମାଆ"

କେବଳ ଯେ କାବ୍ୟ ପୁରୁଷ ମା'ର ପଣତ କୁ ଅବା ମା'ର ପଖାଳ କଂସାକୁ ଝୁରି ହୁଅନ୍ତି ସେ କଥା ନୁହେଁ। ଗାଁର ଆଣ୍ଠୁଆ ଗୋପାଳ ପରି ବାପାଙ୍କର କରୁଣ ଆଶିଷ କବିଙ୍କୁ ଖୁବ୍ ଅଥୟ କରିଛି। ବାପାଟେ ପ୍ରତି କବିଙ୍କର ଆବେଗମୟ ପ୍ରତିଧ୍ୱନୀ ବେଶ କରୁଣାକ୍ତ-

"ଦରଦର ରାତିର ନିଦରେ
କିଏ ଜଣେ ନିତି ଆସେ
ପାଖରେ ବସି ଝାଲୁଆ ହାଡୁଆ ହାତରେ
ମୁଣ୍ଡଟିକୁ ଆଉଁଶୀ ଦେଇ
ବସା ଗଳାରେ କହନ୍ତି
ତୋ ପାଇଁ ବେଶୀ କିଛି କରି ପାରିଲିନିରେ ... ଧରିବୁନି"

କାବ୍ୟ ପୁରୁଷ ସମାଜରେ ଅନେକ ପ୍ରତିଷ୍ଠା ଲାଭ ପରେ ମଧ୍ୟ ବାପାଙ୍କର ସେହି କୋମଳ ଆଶିଷକୁ ଆଜି ବି ମନେ ପକାନ୍ତି "ଥର ଥର କଣ୍ଠର ବୁଢାଟିଏ ହେ, ବୁଢାଯିଏ ହେଁ।" ସତରେ କେତେ ମାର୍ମିକ କାବ୍ୟପୁରୁଷଙ୍କ କାବ୍ୟ ସ୍ୱର।

ନୂତନ ସମ୍ଭାଷଣରେ ସମୃଦ୍ଧ କାବ୍ୟ ପୁରୁଷଙ୍କର କାଗଜ ଡଙ୍ଗା କବିତା ସଂକଳନ। ଅନେକ କବିତା ଭିତରେ ରହିଛି ଜୀବନ ପ୍ରତି ଆକଳୁତା। ସାଧାରଣ ମଣିଷଟିଏ ସବୁବେଳେ ଦୁଃଖ ଭିତରେ ବି ଖୋଜେ ସ୍ୱପ୍ନ ଆଉ ସୁଖ। କବିତାମାନଙ୍କରେ ରହିଛି ସ୍ୱପ୍ନ, ଆବେଗ ଆଉ ଭାବ ପ୍ରବଣତା। ଜୀବନର ଫୁଟା ଡଙ୍ଗାକୁ ଧରି ନଦୀ ଲଙ୍ଘିବାର ଇଚ୍ଛା କବିତା ଗୁଡ଼ିକର ଆତ୍ମସ୍ୱର। କାବ୍ୟ ପୁରୁଷ ଜୀବନର ସତ୍ୟ ଖୋଜାରେ ମଗ୍ନ। ଜୀବନ ପ୍ରତି ସକାରତ୍ମକ ଦୃଷ୍ଟିଭଙ୍ଗୀ ସହିତ ବହିବାର ଦୁର୍ବାର ଅଭିପ୍ସା କବିତାଙ୍କ ସୂକ୍ଷ୍ମ ଦର୍ଶନକୁ ପ୍ରଦର୍ଶିତ କରୁଛି। ପ୍ରତ୍ୟେକ କବିତା ନିଜସ୍ୱ ସ୍ୱତନ୍ତ୍ରତାରେ ଗାରିମାମୟ। କବିଙ୍କର କଲମ ମୁନର ସାଧନା ବଳବତ୍ତର ରହିବାର ଆହୁରି ପରିପକବ ହୋଇ ପାଠକ ଓ ସମାଲୋଚକଙ୍କୁ ଅଧିକ ଆକୃଷ୍ଟ କରିବ ଏହା ନିଃସନ୍ଦେହ।




❖❖❖

# ପରମ୍ପରା ପ୍ରତି ମୁଗ୍ଧ ସ୍ୱର : ଡକ୍ଟର ସୁମନ୍ତ ନାଏକଙ୍କ କଥାକଳ୍ପ 'ପୁଣ୍ୟ ତଟିନୀର ତୀର'



ISSN-2583-6978
Volume-4
Issue-10
OCTOBER-2024

**ଡକ୍ଟର ଅନିରୁଦ୍ଧ ବିଶ୍ୱାଳ**

**ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର**

ଉତ୍ତର ଆଧୁନିକ ଭାବ ଚେତନାରେ ପରମ୍ପରା ଦୃଷ୍ଟି ଏକ ସମର୍ଥିତ ତାତ୍ତ୍ୱିକ ଅଭିବ୍ୟକ୍ତି। ମାଟି ମନସ୍କ ହେବା, ଭିଟା ମାଟିରେ ବୁନିୟାଦିର ଗନ୍ଧକୁ ପୁଣି ଆଘ୍ରାଣ କରିବାର ଅଭିଜାତ ଚେତନା ବଳୟରେ ପଛକୁ ଫେରି ଚାହିଁବାର ପ୍ରୟାସ ପ୍ରତି ଏହି ସମୟ ଖଣ୍ଡର ରହିଛି ବଳିଷ୍ଠ ସମର୍ଥନ। ଅପସଂସ୍କୃତିରୁ ଅନନୁଭୂତ କିଛି ବିଭଙ୍ଗ ବୈକଲ୍ୟ ଉଚ୍ଚାଟନକୁ ଉଧାର ସୂତ୍ରରେ ଆଣି ପ୍ରତିକୂଳ ପରିବେଶରେ ଖୁବ ଉଦ୍ଦଣ୍ଡ କାଳିସୀ ନାଚି ସାରିଲା ପରେ ଚୈତନ୍ୟୋଦୟ ହେଲାଣି ଉଦଭ୍ରାନ୍ତ ବ୍ୟକ୍ତି ସତ୍ତାର। ପାରମ୍ପରିକ ମୂଲ୍ୟବୋଧକୁ ପଣ୍ୟ ବଜାରରୁ ମୁକୁଳେଇ ଆଣି ପୁଣି ଖଟୁଲି ମଣ୍ଡିତ କରିବା ପାଇଁ ଏବେ ଏବେ ପ୍ରଯତ୍ନ ହେଲାଣି। କଥା କଳ୍ପନାରେ ରାଜା ପୁଅର ଅଭିଷେକ ପାଇଁ ପୁଣି ଆରମ୍ଭ ହେଲାଣି ଆଡମ୍ବରପୂର୍ଣ୍ଣ ଆୟୋଜନ । ସବୁ ଜଟିଳତାର ବ୍ୟବଚ୍ଛେଦ ଭିତରୁ ମୁକୁଳାପଣର ଜୀବନ ଖୋଜିବାର ପ୍ରଯତ୍ନ ହେଲାଣି। ଏଇ ଲେଉଟାଣି ପର୍ବର ବଂଶୀଗାନକୁ କାନ ଡେରିଲା ବେଳେ ଜୀବନ ବାହାରେ ଜୀବନ ଖୋଜି ଖୋଜି ନୟାନ୍ତ ହୋଇଥିବା ମଣିଷକୁ ପୁଣି କୂଳକୁ ଫେରେଇବାର ପ୍ରଚେଷ୍ଟାରେ ଯେଉଁ କେତେଜଣ ଆମନ୍ତ୍ରଣ ମୁଦ୍ରାରେ ଆମ ସାମ୍ନାରେ ଠିଆ ହେଇଯାନ୍ତି, ସେମାନଙ୍କ ଭିତରୁ ଗାଳ୍ପିକ ସୁମନ୍ତ ନାଏକଙ୍କୁ ସ୍ପଷ୍ଟ ଚିହ୍ନି ହୋଇଯାଏ। ଗାଳ୍ପିକଙ୍କ ନବ ପ୍ରକାଶିତ 'ପୁଣ୍ୟ ତଟିନୀର ତୀର ' ସେହି ବଂଶୀଗାନର ଅମ୍ଳାନ ସ୍ୱାକ୍ଷର।

ଏହି ଗଳ୍ପ କଥନର ପ୍ରଥମ ସ୍ପର୍ଶ 'ସ୍ୱପ୍ନାବିଷ୍ଟା'। ଭୁଷୁଡ଼ି ପଡୁଥିବା ମୂଲ୍ୟବୋଧ, ବସ୍ତୁବାଦୀ ବିଳାସୀ ମାନସିକତା, ଜୀବନ ସଂଗ୍ରାମରେ ଜର୍ଜରିତ ମଧ୍ୟବିତ୍ତ ସହରୀ ମଣିଷର ଅସହାୟତା ,ଆବେଗହୀନ ସମ୍ପର୍କର ଛଦ୍ମ ଆମନ୍ତ୍ରଣ, ଅବଦମିତ କ୍ଷୁଧିତ ଯୌନ ପିପାସାର ବିକୃତ ପରିପ୍ରକାଶ, ମୂଲ୍ୟବୋଧର ବ୍ୟବସାୟୀକରଣ, ସଭ୍ୟତାର ଛଦ୍ମ ଆବରଣ ଭିତରେ ମଣିଷର କୁତ୍ସିତ କାର୍ଯ୍ୟାଧାରା, ଗ୍ରାମ୍ୟ ସଂସ୍କୃତିପ୍ରତି ବିଦ୍ରୁପ ଦୃଷ୍ଟି ଓ ଅନ୍ତଃସାରଶୂନ୍ୟ ଚାକଚକ୍ୟପୂର୍ଣ୍ଣ ସହରୀ ପରିମଣ୍ଡଳ ପ୍ରତି ଅହେତୁକ ଆକର୍ଷଣ, ବର୍ତ୍ତମାନ ସର୍ବସ୍ୱ ଜୀବନ ବଂଚୁଥିବା ସମକାଳର ଖର୍ବ ମଣିଷ, ବାସ୍ତବତାର ଊର୍ଦ୍ଧ୍ୱରେ ସ୍ୱପ୍ନାଚ୍ଛନ୍ନ ଅହେତୁକ ଅଭିଳାଷର ବିକୃତ ପରିଣାମ, ବଜାରବାଦ ଓ ନିରର୍ଥକ ସମାଜ ବ୍ୟବସ୍ଥା, ସାମୟିକ ତୃପ୍ତିବୋଧର ମୋହରେ ପ୍ରତିକୂଳରେ ପ୍ରଧାବିତ ଏକ ବିପଥଗାମୀ ମାନସିକତା, ପାଶ୍ଚାତ୍ୟ ଆଦବକାଇଦାରେ କ୍ଷମତା ଅଳିନ୍ଦ ଭିତରେ ଜୀବନକୁ ଉପଭୋଗ କରିବାର ଅଦମ୍ୟ ପିପାସାରେ ମୂଲ୍ୟବୋଧକୁ ପଦାଘାତ କରୁଥିବା ସମକାଳର କ୍ଷମତାନ୍ଧ ମଣିଷ ସବୁର ବାସ୍ତବ ଚିତ୍ରର ଇସ୍ତାହାର ଏହି ଗଳ୍ପ।

ପାରମ୍ପରିକ ପ୍ରଥା ଓ ସାଂସ୍କୃତିକ ମୂଲ୍ୟବୋଧକୁ ଉପଜିବ୍ୟ କରି ରଚିତ ପରବର୍ତ୍ତୀ ଗଳ୍ପ 'ଦାଣ୍ଡିଆ'ରେ ଗାଳ୍ପିକ ବୈବାହିକ ସମ୍ବନ୍ଧ ପ୍ରତିଷ୍ଠା ରେ ଯୋଗସୂତ୍ର ରକ୍ଷାକାରୀ ' ଦାଣ୍ଡିଆ'( ମଧ୍ୟସ୍ଥି )ମାନଙ୍କର ଭୂମିକାର ଗୁରୁତ୍ୱକୁ ବର୍ଣ୍ଣନା କରି ଆମ ସମାଜ ବ୍ୟବସ୍ଥାରେ ପ୍ରଚଳିତ ସେହି ପ୍ରଥାସିଦ୍ଧ ପାରମ୍ପରିକ ବ୍ୟବସ୍ଥାର ଚିତ୍ର ଆଙ୍କିଛନ୍ତି। ପୁଣି ପରିବର୍ତ୍ତିତ ସମୟ ଖଣ୍ଡରେ ସେହି ମଧ୍ୟସ୍ଥିମାନଙ୍କଠାରେ ସତ୍ୟନିଷ୍ଠ, ପରୋପକାରୀ ଦାୟିତ୍ୱବାନ ଆଭିମୁଖ୍ୟଟି ବଦଳି ଯାଇ କିପରି ତାହା ତାଙ୍କର ସ୍ୱାର୍ଥ ସାଧନର ମାଧ୍ୟମ ପାଲଟିଛି ଓ ସେମାନଙ୍କ ମିଥ୍ୟା ସୂଚନା ଓ ଭ୍ରାନ୍ତ ପ୍ରତିଶ୍ରୁତିଦ୍ୱାରା ବିଶ୍ୱାସ ବାନ୍ଧିଥିବା ମଣିଷମାନେ କିପରି ପ୍ରତାରିତ ହେଉଛନ୍ତି, ତାର ମାର୍ମିକ ଚିତ୍ର ଏହି ଗଳ୍ପରେ ମଧ୍ୟ ମିଳେ। ଏଥି ସହିତ ପରିବର୍ତ୍ତିତ ମାନସିକତାରେ ଆନ୍ତରିକତାହୀନ ଉଚ୍ଛୃଙ୍ଖଳ ଓ ଔଦ୍ଧତ୍ୟ ଆଚରଣଯୋଗୁଁ ବିବାହ ପରି ଏକ ପବିତ୍ର ଅନୁଷ୍ଠାନ କିପରି ତାର ମହତ୍ତ୍ୱ ହରେଇବସିଛି, ସମକାଳର ଏହି ସମସ୍ୟାଟି ପ୍ରତି ଗାଳ୍ପିକଙ୍କର ସଚେତନ ଦୃଷ୍ଟି ମଧ୍ୟ ଲକ୍ଷ୍ୟ କରାଯାଏ।

ନିର୍ବାଚନକାଳୀନ ପ୍ରତିଶ୍ରୁତିର ପ୍ରଲୋଭନରେ ସାଧାରଣ ଜନତାଙ୍କୁ ପ୍ରଲୋଭିତ କରି ନିଜ ସପକ୍ଷରେ ଜନ ସମର୍ଥନ ହାସଲ କଲାପରେ

ସମକାଳୀନ କଳୁଷିତ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିକାଶର ଉଦଘୋଷଣାଯେ କିପରି ପ୍ରଚାରସର୍ବସ୍ୱ ହୋଇଯାଇଛି, ତାର ନଗ୍ନ ଉଦାହରଣ ଗାଳ୍ପିକଙ୍କ 'କୁହୁଡ଼ି' ଗଳ୍ପ। ମୁଷ୍ଟିମେୟ, ଧୂର୍ତ୍ତ, ସ୍ୱାର୍ଥପର, କ୍ଷମତାଲିପ୍ସୁ ଅସାମାଜିକତତ୍ତ୍ୱଙ୍କର ଯୋଜନାବଦ୍ଧ ଷଡଯନ୍ତ୍ରରେ ଅବହେଳିତ, ସରଳ, ଉପାନ୍ତ ଗ୍ରାମ୍ୟ ମଣିଷଙ୍କର ପରାହତ ସ୍ୱପ୍ନର ମାର୍ମିକ ସ୍ୱର ଏଥିରେ ତୀବ୍ର। ପରୋକ୍ଷରେ ଗଣତାନ୍ତ୍ରିକ ବ୍ୟବସ୍ଥାର ବିଫଳ ଦିଗଗୁଡ଼ିକ ପ୍ରତି କଟାକ୍ଷ ଦୃଷ୍ଟି ଏହି ଗଳ୍ପର ମର୍ମବାଣୀ।

ଏ ସଂକଳନର ଅନ୍ୟ ଏକ ପ୍ରଭାବଶାଳୀ ବଳିଷ୍ଠ ଗଳ୍ପ ହେଉଛି 'ପରାହତ'। ପରିବର୍ତ୍ତିତ ସମୟ ସହିତ ବଦଳୁଥିବା ଦୃଶ୍ୟପଟ୍ଟ, ପରିବର୍ତ୍ତନର ବହୁପାକ୍ଷିକ ପ୍ରଭାବ, ନୂତନ ଆହ୍ୱାନ, ନୂତନ ସମସ୍ୟା, ମାନସିକ ସଙ୍କଟ ଓ ତାର ଭୟାବହ କରୁଣ ପରିଣତି, ପରାହତ ସ୍ୱପ୍ନ, ଏ ସବୁର ପ୍ରାସଙ୍ଗିକ ଓ ସାର୍ଥକ ପ୍ରୟୋଗିକ ଦୃଷ୍ଟି, ' ପରାହତ'। ଗାଳ୍ପିକଙ୍କର ଜନଜାତି ଜୀବନ, ସଂସ୍କୃତି, ବନ୍ୟ ପରିମଣ୍ଡଳର ଅପୂର୍ବ ସୁଷମା ଓ ଗିରିଜନଙ୍କର କର୍ମମୟ ବ୍ୟସ୍ତ ଜୀବନଶୈଳୀ ସହ ସେମାନଙ୍କ ଅନାବିଳ, ସରଳ ଜୀବନବୋଧ ସମ୍ପର୍କରେ ନିବିଡ଼ ଭାବରେ ପରିଚିତି ଏହି ଗଳ୍ପକୁ ସେସବୁର ଜୀବନ୍ତ ବର୍ଣ୍ଣନାରେ ପ୍ରାଣସ୍ପର୍ଶୀ କରିବା ସହିତ କାଳଖଣ୍ଡର ପ୍ରଭାବରେ ପ୍ରଯୁକ୍ତି ଜ୍ଞାନର ବିକାଶ ସହିତ ସେହି ସରଳପଣିଆ ଟିକକ କିପରି ବିପଥଗାମୀ ହୋଇ ଅଶ୍ଳୀଳ ପରିଣତିକୁ ସମ୍ମୁଖୀନ ହୋଇଛି, ତାର କରୁଣ ପ୍ରତିବେଦନ ଏହି ଗଳ୍ପ। ଗିରିଜନଙ୍କର ନିରୀହତା, ଅଜ୍ଞାନତା, ଅନାବିଳ ଆପଣାବୋଧ ଓ ଦାରିଦ୍ର୍ୟ ତଥା ସେମାନଙ୍କ ବିଚ୍ଛିନ୍ନ, ଉପେକ୍ଷିତ, ଅସଚେତନ ଜୀବନଧାରାର କାରୁଣ୍ୟ ଏହି ଗଳ୍ପରେ ମର୍ମରିତ। ବିଶ୍ୱ ପ୍ରେକ୍ଷାପଟ୍ଟରେ କରୋନା ମହାମାରୀକାଳୀନ ପରିବର୍ତ୍ତିତ ଜୀବନଧାରା ଓ ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥାରେ ପ୍ରଯୁକ୍ତି ଜ୍ଞାନ କୌଶଳ ସହ ଅନଭିଜ୍ଞ ଅପହଞ୍ଚ ଇଲାକାର ମଣିଷ ନିକଟରେ ଯେଉଁ ନୂତନ ଆହ୍ୱାନ ଛିଡା କରାଇଛି ଏବଂ ମୋବାଇଲର ବହୁଳ ବ୍ୟବହାର ସହିତ ଅଜ୍ଞତା ଓ ଅସଚେତନତା ହେତୁ ତାର ଅପବ୍ୟବହାର କୋମଳମତି ଛାତ୍ରଛାତ୍ରୀଙ୍କଠାରେ ଯେଉଁ ଭିନ୍ନ ପ୍ରବଣତା ଓ ବିଷାଦାବସ୍ଥାର କାରଣ ହୋଇଛି, ସେହି ଦିଗଟି ପ୍ରତି ଗୁରୁତ୍ୱ ଦେଇ ଏହି ନୂତନ ଆହ୍ୱାନ ପ୍ରତି ବିଚାର ବିମର୍ଶ ର ପ୍ରାସଙ୍ଗିକତା ସମ୍ପର୍କରେ ଏଠାରେ ଗାଳ୍ପିକ ଏକ ସ୍ପଷ୍ଟ ଆହ୍ୱାନ ଦେଇଛନ୍ତି।

ଏହି ସଂକଳନର ଶୀର୍ଷକ ଗଳ୍ପ 'ପୁଣ୍ୟ ତଟିନୀର ତୀର' ଅତ୍ୟନ୍ତ ପ୍ରଭାବଶାଳୀ ଗଳ୍ପ। କାହାଣୀର ଶବ୍ଦାୟିତ ବ୍ୟଞ୍ଜନା ଓ ଚିତ୍ରାୟନ ଏହି ବଳିଷ୍ଠତାର ହେତୁ। ବସ୍ତୁବାଦୀ ପ୍ରଲୁବ୍ଧ ଆକର୍ଷଣାକ୍ରାନ୍ତ ବିଳାସପ୍ରିୟ ଭୋଗପ୍ରବଣ ମାନସିକତାର ସବୁ ମୂଲ୍ୟବୋଧକୁ ଦ୍ୱିଧାହୀନ ଭାବେ ଅତିକ୍ରମଣର ଏହି ସନ୍ଧିକ୍ଷଣରେ ବିଚ୍ୟୁତ ବ୍ୟକ୍ତିବୋଧର କପଟପାଶାରେ ସମକାଳୀନ ଯେଉଁ ବିକୃତ ରୁଚିବୋଧର ଦୃଶ୍ୟପଟ୍ଟ ଉନ୍ମୋଚିତ ହୋଇଛି, ଫ୍ରୟେଡିୟ ଦର୍ଶନର ସେହି ମୁକ୍ତସ୍ୱରର ଆଲେଖ୍ୟ ଏହି ଗଳ୍ପ। ଏଥିରେ ଦୁଇଟି ପ୍ରଶ୍ନର ଉତ୍ତର ଖୋଜିଛନ୍ତି ଗାଳ୍ପିକ। ତାଙ୍କ ଭାଷାରେ, 'ପବିତ୍ରର ଅନେକ ଇଚ୍ଛା, ଥରେ ବୁଲି ଯାଆନ୍ତା ସେ ଅଞ୍ଚଳକୁ, ଦେଖନ୍ତା ରୂପ ବ୍ୟବସାୟର ଅନ୍ତରାଳକୁ। ଦେହ କେମିତି ଜୀବନ ବଞ୍ଚେଇଛି ଖୁବ ବୁଝିବାକୁ ଚେଷ୍ଟା କରନ୍ତା। ଏ ହେଲା କଲିକତା ରୂପ ବଜାରର ଗୋଟିଏ ପାର୍ଶ୍ୱ। ରୂପ ବଜାରର ଅନ୍ୟ ପାର୍ଶ୍ୱଟି ହେଲା, - ଜୟାକୁ ତା ସ୍ୱାମୀ ବୁଲୁଦାଦା (ବୁଲୁ ବେହେରା ) ନିଶା ବ୍ୟବସାୟୀ ବିପିନ ସହିତ ଅସଂଯତ ଅବସ୍ଥାରେ ଦେଖିଦେଲାପରେ, - ଜୟାର ଉଦ୍ଧତ ବେଖାତିର ପ୍ରତ୍ୟୁତ୍ତର -' ତୁମେ ଯେଉଁ ରୋଜଗାର କରୁଛ, ଭାବୁଛ, ସେଥିରେ ମୋର ସବୁ ଆବଶ୍ୟକତା ପୂରଣ ହେଉଛି, ଏହି ବିପିନଦାଦା ହିଁ ମୋତେ ବହୁତ ଟଙ୍କା ଦେଉଛି। ଜୟାର ବେଖାତିର ଉତ୍ତରରେ ବୁଲୁଦାଦାର ଅସହାୟ ଅବସ୍ଥା ଓ ତାର ମାନସିକ ଯନ୍ତ୍ରଣାର ଚିତ୍ରକୁ ଗାଳ୍ପିକ ପଦିଏ କଥାରେ ଉତାରି ଦେଇ କହିଛନ୍ତି, -' ଗୋଟିଏ ରୋଜଗାରହୀନ ମଣିଷର ପ୍ରତିବାଦ କରିବାର କ୍ଷମତା କେଉଁଠି ଅଛି ? ମୋଟାମୋଟି ଜୀବନ ପାଇଁ ଦେହ ଆଉ ବିଳାସ ପାଇଁ ଦେହ ଏହି ଦୁଇଟି ପରସ୍ପର ବିରୋଧୀ ତତ୍ତ୍ୱର ଏକ ସାର୍ଥକ ଇସ୍ତାହାର ଏହି ଗଳ୍ପ। ପୃଷ୍ଠଭୂମିରେ କଲିକତା ସହରକୁ ଆଧାର କରି ସମକାଳର ବ୍ୟକ୍ତିବୋଧର ବହୁପାକ୍ଷିକ ଚିତ୍ରକୁ ଜୀବନ୍ତ ଓ ଯଥାର୍ଥ ରୂପ ଦେଇଛନ୍ତି ଗାଳ୍ପିକ। କଲିକତା ସହରର ଅଭିଜାତ୍ୟ, ତାର ରୁଚି, ଆଦର୍ଶ, ଜୀବନ ପ୍ରବାହ, ଐତିହ୍ୟ, କଳା ସଂସ୍କୃତିର ସର୍ବପାକ୍ଷିକ ନିଚ୍ଛକ ଚିତ୍ର ପ୍ରଦାନ ବେଳେ, ଗାଳ୍ପିକଙ୍କ ପ୍ରତ୍ୟକ୍ଷ ଅନୁଭୂତିର ଜୀବନ୍ତ ସଂକେତଗୁଡ଼ିକ ଆପେ ଆପେ ଧରାପଡ଼ିଯାଏ। ଆଟୋପହୀନ ଭାଷା, ଅନୁଭୂତିପୂର୍ଣ୍ଣ ବର୍ଣ୍ଣନାର ସାନ୍ଦ୍ର କ୍ରମିକତା ଓ ପ୍ରାସଙ୍ଗିକ ଯୁଗ ଚେତନା, ସବୁର ଏକ ଫେଣ୍ଟାଫେଣ୍ଟି ସମନ୍ୱୟ ଏହି ଗଳ୍ପ।

ଗ୍ରାମ୍ୟ ଜୀବନ ପ୍ରତି ବୀତସ୍ପୃହ, ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ପ୍ରତି ପ୍ରୀତିବୋଧର ଅଭାବ, ବସ୍ତୁବାଦୀ ବିଳାସପ୍ରିୟ ଆତ୍ମ କୈନ୍ଦ୍ରିକ ସଂକୀର୍ଣ୍ଣ ମାନସିକତା, ମାନବିକତା ଶୂନ୍ୟ ଆବେଗହୀନ

ବିତାଶ୍ରଦ୍ଧ ଆଚରଣ, ଅହଂବଦ୍ଧ ସ୍ୱାର୍ଥନିଷ୍ଠ ପ୍ରତୁର୍ଯ୍ୟାଭିଳାଷୀ ଖର୍ବ ମଣିଷମାନଙ୍କର ଚାରିତ୍ରିକ ଇସ୍ତାହାର ଗାଳ୍ପିକଙ୍କ ଅନ୍ୟ ଏକ ଗଳ୍ପ ' ଅଶ୍ରଦ୍ଧା'। ସହରୀ ମଣିଷମାନଙ୍କର ଆତ୍ମକୈନ୍ଦ୍ରିକ ଜୀବନଧାରା ଓ ସେମାନଙ୍କ ଛଦ୍ମ ଆବରଣ ତଳେ ଆତ୍ମଗୋପନ କରିଥିବା ଅଦ୍ଭିକୀ ଅମଣିଷପଣିଆର ସାର୍ଥକ ପ୍ରତିବେଦନ ଏହି ଗଳ୍ପ।

ବାମାବାଦୀ ଚେତନା ଆଧାରିତ 'ମାଟିହାଣ୍ଡି' ଗଳ୍ପ ଗାଳ୍ପିକଙ୍କ ଉତ୍ତର ଆଧୁନିକ ଭାବ ସଂକେତର ଏକ ସଫଳ ନିଦର୍ଶନ। ପାରମ୍ପରିକ ବିଚାରବୋଧରୁ ବିମୁକ୍ତ ହେବାପାଇଁ ଏହି ଗଳ୍ପରେ ବନାନୀ ଚରିତ୍ରଟି ତା ଅନ୍ତର୍ଜ୍ୱଳନର ସ୍ଫୁଲିଙ୍ଗକୁ ଉଦଗୀରଣ କରି ଯେଉଁ ସାହସିକତାର ପରିଚୟ ଦେଇଛି, ସେଇଠି ଏଇ ନବଚେତନାର ସଂକେତଟି ସ୍ପଷ୍ଟ ହେଇଛି। ଏଠାରେ ନିଜର ସାହସ, ଧୈର୍ଯ୍ୟ ଓ

ଦୃଢପରାୟଣତାକୁ ପ୍ରଦର୍ଶିତ କରି ଚୁପ ନରହି ବିରୋଧ ଓ ପ୍ରତିବାଦର ସ୍ୱରରେ ମୁଖର ହୋଇ ଉଠିଛି ବନାନୀ। ନିଜ ନିଷ୍ପତ୍ତିରେ ଅଟଳ ରହି ନିଜକୁ ଶକ୍ତ କରିଛି। ସବୁ ଇଙ୍ଗିତ, ସବୁ ଆକ୍ଷେପ, ପ୍ରଥାସିଦ୍ଧ କଳଙ୍କ ଅପବାଦର ପରିଭାଷାକୁ ବଦଳେଇ ଦେବାପାଇଁ ବନାନୀର ସବୁତକ ପ୍ରଚେଷ୍ଟା ଓ ଅଭିଯାନ ଏହି ଗଳ୍ପକୁ ବେଶ ସଫଳତା ଦେଇଛି। ଏହି ଗଳ୍ପରେ ଗାଳ୍ପିକ ବନାନୀର ଯୁକ୍ତି ଓ ଦୃଢ଼ତା ଆଧାରରେ ଗତାନୁଗତିକ ଏକପାକ୍ଷିକ ବିଚାରବୋଧର ଅର୍ଗଳିକୁ ଭାଙ୍ଗିଛନ୍ତି। ସମବେଦନାର ଆହା ପଦରେ ନୁହେଁ, ସାହସିକତାର ତୃପ୍ତିବୋଧରେ ବନାନୀ ତା ଲକ୍ଷ୍ୟକୁ ଛୁଇଁଛି। ଜଣେ ଧର୍ଷିତା ଯୁବତୀ ଆଗରେ ପାରମ୍ପରିକ ବିଚାରଧାରାର ଏହି ସମାଜ ଯେଉଁ ପ୍ରଶ୍ନର ପାହାଡ଼ ଠିଆ କରେଇଛି, ତାକୁ ସାହସର ସହ ମୁକାବିଲା କରି ବନାନୀ ଉତ୍ତର ଦେଇଛି, – 'ଏ ସମାଜକୁ ଦେଖେଇଦେବି ଝିଅ କେବଳ ମାଟିହାଣ୍ଡି ନୁହେଁ ଯେ, ତାକୁ ଛୁଇଁଦେଲେ ଛଅନ୍ତା ହେଇଯିବ। ସେ ଦୁର୍ଗା, ସେ କାଳୀ, ସେ ଶକ୍ତି।' ସେ ସମାଜକୁ ଦେଖେଇ ଦେଇଛି, ଶରତ ଯିଏ ତାକୁ ଧର୍ଷଣ କରି ନିଜ ପୌରୁଷତ୍ୱର ଅହମ୍ମିକାରେ ଉତଫୁଲ୍ଲିତ ହେଉଥିଲା, ସେ କେମିତି ସମାଜ ଆଗରେ ନିନ୍ଦିତ ହୋଇଛି ଓ ନିଜ କୃତକର୍ମପାଇଁ ଅନୁଶୋଚିତ ମଧ୍ୟ ହୋଇଛି। ଶେଷରେ ଶରତର ପିତା ଗୋବର୍ଦ୍ଧନବାବୁଙ୍କ ଅନୁଶୋଚନାଭରା ଅନୁଚ୍ଚାରିତ ସ୍ୱଗତୋକ୍ତି, – 'ସତରେ ବନାନୀ କେତେ ଭଲ ଝିଅଟେ? 'ରେ ବନାନୀର ଏହି ସଂଗ୍ରାମକୁ ସ୍ୱୀକୃତି ମିଳିଛି।

ଆଦିବାସୀ ସଂସ୍କୃତି, ପରମ୍ପରା, ସେମାନଙ୍କ ଜୀବନ ଯାତ୍ରା, ଆତ୍ମପ୍ରତ୍ୟୟ, ବିଶ୍ୱାସ ଓ ନିରୀହତା, ଏସବୁର ନିଚ୍ଛକ ଓ ଅନୁଭବ୍ୟ ଚିତ୍ର ପ୍ରକଟ କରେ ' ନବଘନ ' ଗଳ୍ପ। ଗାଳ୍ପିକଙ୍କ ନିଜସ୍ୱ ଅନୁଭୂତିର ଗଭୀରତା ଓ ତାଙ୍କ ଲେଖକୀୟ କୁଶଳତାର ସମନ୍ୱୟରେ ଅଭିଭୂତ କଲାପରି ସାମର୍ଥ୍ୟ ବହନ କରେ ଏହି ଗଳ୍ପ। ଶିମିଳିପାଳର ଅନୁପମ ରମ୍ୟ ପ୍ରାକୃତିକ ପରିବେଶରେ ପ୍ରକୃତିପ୍ରାଣ ସରଳ ଆଦିବାସୀ ମଣିଷଙ୍କର ସହଜାତ ଜୀବନଧାରାର ସାମଗ୍ରିକ ପରିଚିତି ଏହି ଗଳ୍ପର ଭାବଧର୍ମ। ବାଘ ଆକ୍ରମଣରେ ସୁମୀର ମୃତ୍ୟୁ ପରେ, ପ୍ରାଣପ୍ରିୟା ସୁମୀର ଅନାବିଳ ଅତୁଟ ପ୍ରେମ ଆକର୍ଷଣର ପ୍ରତିବଦଳରେ କଳେବଳେ କୌଶଳେ ସେହି ମହାବଳ ବାଘକୁ ଶର ସନ୍ଧାନ କରି ନିଜ ପ୍ରେମର ପରିଚୟ ଦେଇଛି ନବଘନ। ଜଙ୍ଗଲୀ ମଣିଷଟିଏ ଜଙ୍ଗଲର ଅତୁଟ ବନ୍ଧନରେ ବାନ୍ଧିହୋଇ ଜୀବନ ବଞ୍ଚେ। ଜଙ୍ଗଲ ହିଁ ତାର ଜୀବନ, ଜଙ୍ଗଲ ହିଁ ତାର ଜୀବିକା। ସେ ଭଲପାଏ ଗଛବୃଛ, ପଶୁପକ୍ଷୀ, ଜୀବଜନ୍ତୁ ଓ ତା ବିଶ୍ୱାସର ଦେବଦେବୀଙ୍କୁ। ଅନାବିଳ ଆତ୍ମିକତାରେ ସେ ସପରିପାର୍ଶ୍ୱ ବାନ୍ଧି ହୋଇଥାଏ। ତା ପକ୍ଷରେ ରୁକ୍ଷ ବାସ୍ତବତା ଯେତିକି ସହଜ ଓ ପ୍ରଭାବହୀନ, ଅପରପକ୍ଷରେ ଭାବପ୍ରବଣତାରେ ଅତିଶୟ ଉତ୍ସବମୁଖର ତାର ଆନନ୍ଦପୂର୍ଣ୍ଣ ଜୀବନ। ଆଦିବାସୀ ମଣିଷର ଆବେଗମୟତା ପାଖରେ ଆଧୁନିକ ଚାକଚକ୍ୟପୂର୍ଣ୍ଣ ସହରୀ ବିଳାସୀ ଜୀବନ ଅତ୍ୟନ୍ତ ମୂଲ୍ୟହୀନ। ଆଦିବାସୀ ମଣିଷ ତ୍ୟାଗ ଜାଣେ, ପ୍ରତିଶୋଧ ବି ନେଇପାରେ। ତାର ସରଳତା ତାର ନିରୀହତା, ତାର ଆତ୍ମୀୟତା ଭିତରେ ତ୍ୟାଗର ଛଳଛଳ ପରିଚୟ ମିଳେ। କିନ୍ତୁ ତାର ଏହି ଛଳଛଳ ପ୍ରାଣପ୍ରାଚୁର୍ଯ୍ୟକୁ ଆଘାତ ଲାଗିଲେ ସେ ମହାବଳ ହିଂସ୍ର ବ୍ ବ୍ୟାଘ୍ର୍ୟ ପର୍ଯ୍ୟନ୍ତବି ସଂହାର କରିପାରେ। ସେ ଆଇନ ବୁଝେନା, ପରିଣାମ ବୁଝେନା। ଜେଲର ଚାରିକାନ୍ଥ କିମ୍ବା ଫାଶୀ ଖୁଣ୍ଟର ଭୟ ତାକୁ ତା ପାଖରେ ସେତେ ଗୁରୁତ୍ୱ ରଖେନା।

ସମୟର ପରିବର୍ତ୍ତନ ସହିତ ବଦଳିଛି ସାମାଜିକ ମୂଲ୍ୟବୋଧ। ଗ୍ରାମ୍ୟ ଜୀବନଧାରା, ଗ୍ରାମ୍ୟ ସଂସ୍କୃତି, ପାରମ୍ପରିକ ବିଚାରବୋଧ, ନୀତି ନୈତିକତା ଓ ଆଦର୍ଶର ପରିଭାଷା ସବୁ ବଦଳିଛି। ସ୍ୱାମୀ ସ୍ତ୍ରୀର ପବିତ୍ର ସମ୍ପର୍କ, ତ୍ୟାଗପୂତ ସଂଯତ ଦାମ୍ପତ୍ୟ ଜୀବନର ମଧୁର ଆକର୍ଷଣ, ସବୁକିଛି ପୂର୍ବର ଗୁରୁତ୍ୱ ହରେଇଛି। ବଦଳିଛି ବିବାହର ପରିଭାଷା। ଉଗ୍ର ଆଧୁନିକତାର ମୋହାଚ୍ଛନ୍ନତାରେ ଉଚ୍ଛୃଙ୍ଖଳ ଯୌନପିପାସୁ ପାଲଟି ଯାଇଛନ୍ତି କାମାନ୍ଧ ଯୁବସମାଜ। ବିଶୃଙ୍ଖଳ ଓ ଶ୍ଲଥ ହୋଇପଡିଛି ବୈବାହିକ ସମ୍ପର୍କ। ଏହି ଉଚ୍ଛୃଙ୍ଖଳ ଉଦଗ୍ର କାମନା ଜର୍ଜରିତ ଭୋଗବାଦୀ ମାନସିକତାର ବିକୃତ ଓ ଅସହାୟ ପରିଣତିର ସାର୍ଥକ ଚିତ୍ର ହେଉଛି 'ଆଶ୍ୱସ୍ତି ' ଗଳ୍ପ। ପ୍ରେମିକା ଶ୍ୱେତାସହ ପ୍ରେମବ୍ୟାପାରର ବର୍ଣ୍ଣନା ପରେ ପ୍ରେମିକ ରାଜୁ ଯେତେବେଳେ ତା ବାପାଙ୍କ ଆଗରେ ତାଙ୍କ ବିବାହର ସ୍ୱୀକୃତି ପାଇଁ ସମର୍ଥନ ଚାହିଁଛି, ସେତେବେଳେ ତା ବାପାଙ୍କର ଯେଉଁ ଅବସୋସପୂର୍ଣ୍ଣ ଉକ୍ତିଟି ଏହି ଗଳ୍ପରେ ବେଶୀ ଗୁରୁତ୍ୱ ରଖେ। ତା ବାପା କହିଛନ୍ତି, –' ପୁଅ ଦେଖ, ତୁ ତୋର ସଂସାର କରିବୁ। କିନ୍ତୁ ତୁ ଯେଉଁ ପ୍ରକ୍ରିୟା ଆରମ୍ଭ କରିଛୁ, ତାକୁ ଶେଷ ସମର୍ଥନ ଦେଇ ପାରିବୁତ? ମୁଁ ତୋର ସବୁବେଳେ ଖୁସି ଚାହୁଁଛି। ଆଉ ଆଶୀର୍ବାଦ କରୁଛି, ଖୁସିରେ ରହ'। ପ୍ରକୃତରେ ରାଜୁ ମହାପାତ୍ର ଯେଉଁ ପ୍ରକ୍ରିୟା ଆରମ୍ଭ କରିଥିଲା, ତାକୁ ସେ ଶେଷ ସମର୍ଥନ ଦେଇ ନପାରି ପଳାୟନପନ୍ଥୀ ସାଜିଛି। ଜଣେ ଗରିବ ଚାଷୀ ପରିବାରରେ ଜନ୍ମ ରାଜୁର ଏକମାତ୍ର ଏତିକି ପରିଚୟ ଥିଲା, ସେ ଜଣେ ପରିଚିତ ସଂଗୀତ କଳାକାର। ତାର ଏହି ପରିଚିତି ହିଁ ଆକର୍ଷିତ କରିଥିଲା ଧନାଢ୍ୟ ଓ ପ୍ରତିପତ୍ତିସମ୍ପନ୍ନ ବାପାର ଏକମାତ୍ର ଅଲିଅଳି କନ୍ୟା ଶ୍ୱେତା ପଣ୍ଡାକୁ। ଶ୍ୱେତାକୁ ବିବାହ କରିବା ପରେ ତାର ଔଦ୍ଧତ୍ୟ ଓ ସ୍ୱେଚ୍ଛାଚାରିତା ରାଜୁ ମହାପାତ୍ରକୁ ଦୂରେଇ ନେଇଥିଲା ତା ପରିବାରଠାରୁ। ସ୍ତ୍ରୀର ଉଚ୍ଛୃଙ୍ଖଳ ଆଚରଣ ଓ ପୁଅ ସମ୍ଭିତ ଓ ଝିଅ ଶ୍ରାବଣୀ ପ୍ରତି ଅବାଧ ସ୍ୱାଧୀନତା, ଯାହା ସେମାନଙ୍କୁ ବିପଥଗାମୀ ଓ ପଥଭ୍ରଷ୍ଟ କରିଥିଲା, ତାହା ବାପା ରାଜୁ ମହାପାତ୍ରର ସମ୍ମାନ ଓ ପିତୃତ୍ୱବୋଧ ପ୍ରତି ଅତ୍ୟନ୍ତ ଅସହ୍ୟ ହୋଇପଡିଛି ଏବଂ ସେ ତା ବାପାଙ୍କର ସେହି ଅବସୋସପୂର୍ଣ୍ଣ କଥା କେଇପଦର ମର୍ମକୁ ମନେ ପକାଇ ପକାଇ ଅନୁତାପଦଗ୍ଧ ମାନସିକତାରେ ଶେଷରେ ଆତ୍ମହତ୍ୟା

କରିବାକୁ ବାଧ୍ୟ ହୋଇଛି । ପ୍ରକୃତରେ ଉଗ୍ର ଆଧୁନିକତାର ନାଁରେ ଆମେ ଭାଙ୍ଗି ଚାଲିଥିବା ଆମ ନୈତିକତାପୂର୍ଣ୍ଣ ପ୍ରଥା, ପରମ୍ପରା ଓ ଅନୁଷ୍ଠାନସବୁର ଭୟାବହ ପରିଣତି ହିଁ ହେଉଛି ବର୍ତ୍ତମାନର ବିଶୃଙ୍ଖଳିତ ସାମାଜିକ ଅବସ୍ଥା । ବିଶେଷକରି ବୈବାହିକ ଜୀବନରେ ବର୍ତ୍ତମାନ ପରସ୍ପର ପ୍ରତି ପ୍ରେମ, ପ୍ରୀତି ଓ ସହଯୋଗୀ ମାନସିକତାର ଯେଉଁ ଅଭାବ ବୋଧ ପରିଲକ୍ଷିତ ହେଉଛି, ସେହି ଦିଗଟି ପ୍ରତି ନିଜର ଦୃଷ୍ଟିକୁ କେନ୍ଦ୍ରୀଭୂତ କରିଛନ୍ତି ଗାଳ୍ପିକ ଏହି ଗଳ୍ପରେ ।

ଏ ସଂକଳନର ଶେଷ ଗଳ୍ପ 'ବିଦୀର୍ଣ୍ଣ ବିଦ୍ରୁମ' । ଫ୍ରୟେଡିୟ ଚେତନାର ଏହା ଏକ ସଫଳ ଗଳ୍ପ । ଯୌନ ଆକାଂକ୍ଷାର ଅଦମନୀୟ ଉଦଗ୍ର ପ୍ରଭାବର ଚିତ୍ର ଏହି ଗଳ୍ପରେ ମିଳେ । ଦେହସର୍ବସ୍ୱ ମଣିଷର କାମନାଭିଳାଷ ଆଗରେ ପରିବାର ଓ ସନ୍ତାନସନ୍ତତିଙ୍କର ଆକର୍ଷଣ ବି ଗୌଣ ହେଇଯାଏ । ଗାଳ୍ପିକଙ୍କ ଭାଷାରେ ନିଜର ପୂର୍ବ ପ୍ରେମିକ ' ସୁରେଶ ସହିତ ଆଦିମ ସମ୍ପର୍କରେ ସମୀକ୍ଷାର ମାନସିକ ପରିବର୍ତ୍ତନ ଘଟିଲା । ସୁରେଶ ସହିତ ମିଶିବାରେ ତା ଶାଶୁ ଯେମିତି ବାଧକ ସାଜୁଛନ୍ତି, ତାକୁ ଅନୁଭବ ହେଲା । ସ୍ମିତା(ଝିଅ ) ପ୍ରତି ସ୍ନେହ ସୋହାଗ କମିଗଲା ।' ବାସ୍ତବିକ ଯଥେଚ୍ଛା ଉଦଗ୍ର ଯୌନ କାମନାକୁ ଚରିତାର୍ଥ କରିବାକୁ ଯାଇ ପରକୀୟା ସମ୍ପର୍କରେ ଯୋଡ଼ି ହେଲାବେଳେ, ନିଜ ସମ୍ପର୍କର ଆକର୍ଷଣଗୁଡ଼ିକ କିପରି କ୍ଷୀଣ ଓ ମୂଲ୍ୟହୀନ ହୋଇପଡ଼େ ଏହିଭଳି ଏକ ବିଷାକ୍ତ ଓ ଅସ୍ୱାଭାବିକ ପରିମଣ୍ଡଳରେ ନିକ୍ଷେପିତ ହେଇ ଯାଉଥିବା ଅସହାୟ ଶିଶୁ ମନସ୍ତତ୍ତ୍ୱଟି କିପରି ଗଭୀର ଭାବରେ ଆଘାତପ୍ରାପ୍ତ ହୁଏ, ତାର ବାସ୍ତବ ଚିତ୍ର ଏ ଗଳ୍ପରେ ମିଳେ ।

ଦଶଟି ଗଳ୍ପର ସମାବେଶରେ 'ପୁଣ୍ୟ ତଟିନୀର ତୀର' ସମକାଳର ପ୍ରାସଙ୍ଗିକତାକୁ ପ୍ରତିପାଦିତ କରି ପାରିଛି ବୋଲି ମୋର ମତ । ଗଳ୍ପାଭିବ୍ୟକ୍ତିରେ ଗାଳ୍ପିକଙ୍କ ନିଜସ୍ୱ ଅଭିବ୍ୟକ୍ତିରୁ ଏହି ଗଳ୍ପଗୁଡ଼ିକର ଭ୍ୟାଦର୍ଶ ସମ୍ପର୍କରେ ପାଠକଟିଏ ସହଜ ଅବଧାରଣା କରିନିଏ । ଏ ସଂକଳନ ସମ୍ପର୍କରେ ତାଙ୍କର ଅଭିବ୍ୟକ୍ତି ହେଲା, 'ଏକବିଂଶ ଶତାବ୍ଦୀର ମଣିଷ ନିଜ ଭିତରେ ମାନବିକ ମୂଲ୍ୟବୋଧକୁ ଦେଖିବାକୁ ଚେଷ୍ଟା କରୁଥିଲା ବେଳେ, ପାରିପାର୍ଶ୍ୱିକ ଅବସ୍ଥା ତାକୁ ଭୋଟର ଆଉ ଉପଭୋକ୍ତା କରିଦେଇଛି । ଈ ଏପରି ପାରିପାର୍ଶ୍ୱିକ ବ୍ୟବସ୍ଥାରେ ମଣିଷ ଦ୍ୱନ୍ଦ୍ୱରେ । ବିଶ୍ୱାୟନକୁ ବୁଝୁବୁଝୁ ସାମାଜିକ ସଂସ୍କାର, ମୂଲ୍ୟବୋଧ, ସଂସ୍କୃତି, ପରମ୍ପରା ତା ପାଖରୁ ଦୂରେଇ ଯାଉଛି । ଏପରି ସ୍ଥଳେ ସ୍ରଷ୍ଟାର ଦାୟିତ୍ୱ ବଢ଼ିବା କଥା ? ଏହି ଚେତନାରେ ଏହା ମୋର କ୍ଷୁଦ୍ର ପ୍ରୟାସ ।'

ତାଙ୍କ ନିଜସ୍ୱ ଗଳ୍ପ ରଚନାର ଶୈଳୀ ସମ୍ପର୍କରେ ତାଙ୍କର ସ୍ୱୀକାରୋକ୍ତି ହେଲା, – 'ଗଳ୍ପ ମାତ୍ରେ ବୁଢ଼ୀମା କାହାଣୀ ପ୍ରତ୍ୟେକ ହୃଦୟରେ ଆସୁ । ଯେଉଁ କାହାଣୀ ତତ୍ତ୍ୱ, ଦର୍ଶନ, ମିଥ୍, ଚିତ୍ରକଳ୍ପର ଇଲ୍ୟୁଜନରେ ଛନ୍ଦି ନହୋଇ ପାଠକକୁ ଟିକେ ଖୁସି ଦେଉ । ସେହି ଖୁସିର ଅମୃତ ଛୁଆଁ ସମାଜ ନିର୍ମାଣରେ ସହାୟକ ହେଉ ।'

ଯଥାର୍ଥରେ, କାହାଣୀଧାରାରେ ସମକାଳର ସଂଘର୍ଷ ସଂଘାତ ଅନ୍ତର୍ଦହନର ଅଭିବ୍ୟକ୍ତି ମାଧ୍ୟମରେ ବିଲୁଣ୍ଠିତ ପାରମ୍ପରିକ ମୂଲ୍ୟବୋଧ, ଅବକ୍ଷୟମୁଖୀ ନୀତି ନୈତିକତା ଓ ଆଦର୍ଶର ପ୍ରାସଙ୍ଗିକତାକୁ ଜୋର ଦେଇ ନିଜ କଥନିକାର ମୌଳିକତାକୁ ସୁରକ୍ଷିତ ରଖିବାକୁ ସର୍ବାଂଶରେ ଚେଷ୍ଟିତ ହୋଇଛନ୍ତି ଗାଳ୍ପିକ । ତାଙ୍କ ଗଳ୍ପରେ କାହାଣୀଧର୍ମୀତା, ବର୍ଣ୍ଣନାରେ ଅତିଶୟ ସ୍ୱଚ୍ଛନ୍ଦତା, ସହଜ ସରଳ ଅନୁଭୂତିସମ୍ପନ୍ନ ଭାବ ବ୍ୟଞ୍ଜନାର ଚମତ୍କାରିତା ଏହି କଥାସୃଷ୍ଟିକୁ ପାଠକପ୍ରିୟତା ପ୍ରଦାନରେ ଯେ ସମର୍ଥ ହୋଇପାରିବ, ଏକଥା ସ୍ୱୀକାର କରାଯାଇପାରେ ।




❖❖❖

# ସେରିନ୍: ପ୍ରେମ କାହାଣୀର ନାୟିକା




ISSN-2583-6978
Volume-4
Issue-10
OCTOBER-2024

**ଉପନ୍ୟାସିକା: ସ୍ନିଗ୍ଧା ନାୟକ, ସମୀକ୍ଷା: ଡକ୍ଟର ଲକ୍ଷ୍ମଣ ସାହୁ**

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**

Never drust wait touch pain to write
untill his in were tempered with
love's shighs .

ଓଡ଼ିଆ ସାହିତ୍ୟ ଜଗତର ଖ୍ୟାତି ସଂପନ୍ନା ଲେଖିକା ସ୍ନିଗ୍ଧା ନାୟକ। ଅନେକ ଗଳ୍ପ/କବିତା/ଉପନ୍ୟାସ ସର୍ଜନାକର୍ମରେ ଲିପ୍ତ ଥିବା ବେଳେ ତାଙ୍କର ସଦ୍ୟ ପ୍ରକାଶିତ ଉପନ୍ୟାସ 'ସେରିନ୍'ମୋର ହସ୍ତ ଗତ ହୋଇଛି । ଉପନ୍ୟାସଟି ପାଠକଙ୍କ ହସ୍ତରେ ଉତ୍ସର୍ଗ କରି ଲେଖିଛନ୍ତି- ' ସେ ସମସ୍ତ ପ୍ରେମୀ ଯୁଗଳଙ୍କୁ ଯେଉଁମାନେ ପ୍ରେମର ଏ ଜଟିଳ ପଥ ଦେଇ ଗତି କରିଛନ୍ତି' - ଚମତ୍କାର ଅଭିବ୍ୟକ୍ତି । ଉପନ୍ୟାସଟି ପ୍ରାରମ୍ଭରୁ ସୂଚେଇ ଦିଏ ଏହା ଏକ ରୋମାଣ୍ଟିକ ଭିତ୍ତିକ ଉପନ୍ୟାସ ।

ସବୁବେଳେ ପ୍ରେମ,ପ୍ରଣୟ ଓ ପ୍ରୀତିର ବାର୍ତ୍ତା ନିଆରା । ସତରେ ବଡ଼ ବିଚିତ୍ର ଏ ପ୍ରେମ । କେତେବେଳେ ନିଜେ ହାରେ ତ କେତେବେଳେ ଅନ୍ୟକୁ ହରାଏ, ପୁଣି କେତେବେଳେ ନିଜେ ଜିତେ ତ କେତେବେଳେ ଅନ୍ୟକୁ ଜିତାଏ । କେଉଁ ଆବହମାନ କାଳରୁ ଜୀବନର ପ୍ରତ୍ୟେକଟି ସୋପାନରେ ଏହାର ଅନୁଭବ । ପ୍ରେମର ଅଫେରା ବାଟରେ ଥରେ ପାଦ ପଡିଗଲେ ଆଉ ଫେରିବା ସହଜ ହୁଏନି । ପ୍ରେମ କରିବା ପାପ ନୁହେଁ, ହେଲେ ତାହା ଯଦି ଗ୍ରହଣୀୟ ନ ହୁଏ ପ୍ରେମ ପାଲଟିଯାଏ ଅସରାଏ ଲୁହ ଆଉ ବିଚ୍ଛେଦଜନିତ କୋହ । ଯେମିତି ପ୍ରିୟାନ୍ସ ଓ ସେରିନ୍ ଙ୍କ କ୍ଷେତ୍ରରେ ଘଟିଛି । ତାଙ୍କ ମତରେ ପ୍ରେମ ଶାଶ୍ୱତ, ଚିରନ୍ତନ । ନିରବଚ୍ଛିନ୍ନ ନିରନ୍ତର ଭାବେ ଭଲ ପାଇବାକୁ ପ୍ରେମ କହନ୍ତି । ତେଣୁ ପ୍ରେମସୂତା ମଝିରେ ଗଣ୍ଠି ପଡ଼ିବାକୁ ସେ ନାପସନ୍ଦ କରିଛନ୍ତି । ଭଲ ପାଇବା ଭିତରେ ସନ୍ଦେହ,ଅବିଶ୍ୱାସ,ମନାନ୍ତର ଓ ମତାନ୍ତର ରହେ, ରହିବା ସ୍ୱାଭାବିକ। ତଥାପି ପ୍ରେମର ପିଚ୍ଛିଳ ପଥରେ ଗୋଡ଼ ଖସି ପଡ଼ିବା ହିଁ ସାର ହୁଏ । ପ୍ରେମରେ ଉବୁଟୁବୁ ହେଇନି , ପ୍ରତାରଣାର ବହ୍ନିରେ ଜଳିଛି ବି.. ! ସାରା ଜୀବନ ପ୍ରତାରଣାରେ ସନ୍ତୁଳି ହେଲେ ବି ନିଜର ପ୍ରେମର ଦୀପାଳିକୁ କେବେ ନିର୍ବାପିତ ହେବାକୁ ଦେଇନାହିଁ । ବରଂ ପ୍ରତାରଣାକୁ ଭୁଲିଯିବା ପାଇଁ ଜୀବନକୁ ପ୍ରେମରେ ଅଧିକ ବାସ୍ନାୟିତ କରିବାକୁ ଶତଚେଷ୍ଟା କରିଛନ୍ତି । ପ୍ରେମିକକୁ ଅଭିଶାପ ନଦେଇ, ବରଂ ଶୁଭ କାମନା ଜଣାଇ ଈଶ୍ୱରଙ୍କୁ ପ୍ରାର୍ଥନା କରିଛନ୍ତି ।

ପ୍ରେମ ପ୍ରଣୟର ଇନ୍ଦ୍ରିୟାତୀତ ରୂପ ପ୍ରକାଶ କରିବା ଦିଗରେ ଉପନ୍ୟାସିକା ଜଣେ ସ୍ୱର୍ଣ୍ଣକାତର ସ୍ରଷ୍ଟା । ତାଙ୍କର ପ୍ରେମାନୁଭୂତିରେ ଗଭୀର ଆତ୍ମତ୍ୟାଗର ସମ୍ବଳିତ ଭାବ ଉପନ୍ୟାସକୁ ଜୀବନ୍ତ କରିଛି । ଏପରିକି ସେ ସର୍ବଦା ଆତ୍ମସୁଖ ବଳିଦାନ କରି ପ୍ରେମିକର ମନସ୍ତୁଷ୍ଟି ସାଧନରେ ବ୍ୟସ୍ତ ଅଛନ୍ତି । ପରସ୍ପରକୁ ସାନ୍ତ୍ୱନା କି ଆଶ୍ୱାସନା ଦେବା ପରିବର୍ତ୍ତେ ଉଭୟେ ବଢ଼ୁରୁଥାଆନ୍ତି ଏକ ଅଜଣା ଭାବାବେଗରେ । ଲେଖିକାଙ୍କ ପ୍ରେମ ହେଉଛି ନିରୋଳା ପ୍ରେମ । ଯେଉଁଠି ଅବିଶ୍ୱାସ କି ଛଳନାର ଲେଶମାତ୍ର ସ୍ଥାନ ନାହିଁ । ସେଠି ପ୍ରେମ ସଙ୍ଗୀତରେ ଅଛି ଖାଲି ଆବାହନ ସଂଗୀତର ମୂର୍ଚ୍ଛନା । ପ୍ରେମର ସାତ ରଙ୍ଗର ବର୍ଣ୍ଣିଳ ଇନ୍ଦ୍ରଧନୁ, ସାତ ସ୍ୱରର ସା-ରେ-ଗା-ମା ବୁଝି ନାହିଁ ଉଚ୍ଚ-ନୀଚ,ଜାତି-ଧର୍ମ କି ବର୍ଣ୍ଣ । ବୁଝି ନାହିଁ ବୟସ, ବୁଝି ନାହିଁ ଥରେ ସ୍ଥାନ କାଳ ପାତ୍ର । ଜୀବନରେ ରୋମାନ୍ସ ନ ଥିଲେ ଜୀବନର ମାନେ କିଛି ନାହିଁ । ଉପନ୍ୟାସିକା ସ୍ନିଗ୍ଧା ଏହା ସ୍ୱୀକାର କରିଛନ୍ତି । ତାଙ୍କରି ଭାଷାରେ-

' ସେରିନ୍' ଦୁଃଖ, ଯନ୍ତ୍ରଣା ବିରହ ଯୁକ୍ତ ଏକ ପ୍ରେମ କାହାଣୀ। ପ୍ରେମ ହୃଦୟର ସଂପର୍କ, ଜାଣେନା କୌଣସି ପ୍ରତିବନ୍ଧକ ବୟସ ସମୟ କି ସମାଜର.. ! କିନ୍ତୁ ଗୋଟିଏ ପବିତ୍ର ପ୍ରେମ ସଂପର୍କର ପଥ

କେବେ ସରଳ ନଥାଏ । ତଥାପି ଏ ଜଟିଳ ପଥରେ ବି ସେମାନଙ୍କ ଅସ୍ତିତ୍ୱ ଲୋପ ପାଏନି , ଅମର ହୋଇ ରହେ ଚିରଦିନ ପାଇଁ...!!'

ପ୍ରିୟାନ୍ସ ଓ ସେରିନ୍‌କୁ ନେଇ ଉପନ୍ୟାସ ଗତିଶୀଳ । ଶବ୍ଦ ବିନ୍ୟାସର ଯାଦୁକରୀ ସ୍ପର୍ଶ, ହୃଦୟ ଛୁଆଁ ଭାବ ପ୍ରକାଶ ପାଠକଙ୍କୁ ବାନ୍ଧି ରଖିବ ସଂଦେହ ନାହିଁ । ଏପର୍ଯ୍ୟନ୍ତ ତିନି ଲକ୍ଷରୁ ଉର୍ଦ୍ଧ୍ୱ ପାଠକ 'ସେରିନ୍'କୁ ସ୍ୱୀକୃତି ଦେଇସାରିଛନ୍ତି ।

ଲେଖିକାଙ୍କ ଦୃଷ୍ଟିରେ -'ମିଛ ପ୍ରେମ ତା ଖେଳ ଖେଳି ବାଜି ମାରିନିଏ । ଆଉ ସଚ୍ଚା ପ୍ରେମ ସର୍ବଦା ସଂଘର୍ଷ ଆଉ ଛଡାଝଂଜା ଦେଇ ଗତିକରେ, ସବୁକିଛି ଶେଷ ହୋଇଯାଏ କେବଳ ପ୍ରେମ ଅମର ହୋଇଯାଏ ।' ତାହାହିଁ ସତ୍ୟର ରୂପାନ୍ତର ନେଇଛି ପ୍ରିୟାନ୍ସ ଓ ସେରିନ୍ ଙ୍କ ଅମ୍ଳାନ ପ୍ରେମରେ , ପ୍ରେମ ଜିତିଛି ଅମର ଲଭିଛି । ପାରସ୍ପରିକ ପ୍ରେମର ଗଭୀରତା ଭେଟିବାକୁ ହେଲେ ଉପନ୍ୟାସିକା ଶ୍ରୀମତୀ ସ୍ନିଗ୍ଧା ନାୟକଙ୍କ ସଦ୍ୟ ପ୍ରକାଶିତ ଉପନ୍ୟାସ 'ସେରିନ୍' ପଢ଼ିବାକୁ ପାଠକଙ୍କୁ ଅନୁରୋଧ କରିବି । ଶେଷରେ କେବଳ ଏତିକି ଉପନ୍ୟାସିକା ସ୍ନିଗ୍ଧାଙ୍କ ପରି କହିବି- ଜୀବନର ମାନଚିତ୍ରରେ ପ୍ରେମ କେବଳ ସବୁଜ ଘାସର ସ୍ମୃତି ପରି ମୁହୂର୍ତ୍ତକ ବିଶ୍ୱାସରେ ବିଲ୍ଲୀନ ହୋଇ ନଯାଉ, ବରଂ ମରୁଦଗ୍ଧ ଯାତ୍ରୀ ପାଇଁ ଓଏସିସରେ କ୍ଷୀଣ ଆଶ୍ରୟ ଭଳି ପ୍ରେମ ଶାଶ୍ୱତ ଲଭୁ । ପ୍ରେମ ମଙ୍ଗଳମୟ ସତ୍ୟ ଶିବ ସୁନ୍ଦରର ପ୍ରତୀକ ହେଉ ।

❖❖❖





# ଗଳ୍ପମ୍



# ସୂଚୀପତ୍ର


| | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ରକ୍ତଶଯ୍ୟା | ଡ. ପ୍ରତିଭା ରାୟ | ୧୭୩ |
| ୨. | ମଧ୍ୟାହ୍ନର ଛାଇ | କାଳିଚରଣ ଦାସ | ୧୭୮ |
| ୩. | ଚନ୍ଦ୍ରମଧୁର ଝରେ | ଅର୍ଚ୍ଚନା ନାୟକ | ୧୮୨ |
| ୪. | ଗୁପ୍ତଧନ | ଡ. ଶଶି ରଥ | ୧୯୬ |
| ୫. | ତିମିରାନ୍ତ | ଜ୍ୟୋସ୍ନା ମହାନ୍ତି | ୨୦୨ |
| ୬. | ଚିତ୍ରକର | ମନୋଜ କୁମାର ମହାନ୍ତି | ୨୦୬ |
| ୭. | କାଳିଜହ୍ନ | ସଂଯୁକ୍ତା ନାୟକ | ୨୧୩ |
| ୮. | ଶ୍ରୀକୃଷ୍ଣଙ୍କ ସ୍ମିତ-ହାସ୍ୟ | ଶ୍ରୀ ଶମ୍ଭୁନାଥ ଦାସ | ୨୧୯ |
| ୯. | ଏମିତି କେତେ ଗେହ୍ଲିନା ପ୍ରତିଦିନ ବଳି ପଡୁଛନ୍ତି | ଅନସୂୟା ପଣ୍ଡା | ୨୨୨ |
| ୧୦. | ପାର୍ଥେନିୟମ | ଶୈଳେନ୍ଦ୍ର କୁମାର ଜେନା | ୨୨୮ |
| ୧୧. | ନବରବୟା | ଗାୟତ୍ରୀ ଦାସ | ୨୩୧ |
| ୧୨. | ମୁର୍ତ୍ତି | ସରୋଜ ଦାସ | ୨୩୫ |
| ୧୩. | ବାଡ଼ବାଗ୍ନି | ସାଇଜ୍ୟୋତି ପ୍ରଧାନ | ୨୩୭ |
| ୧୪. | ପ୍ରତାପୀଙ୍କ ପ୍ରଣୟ ପରିଣତି | ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ | ୨୪୧ |
| ୧୫. | ବନ୍ଧନ | ଲିପ୍‌ସା ପଟେଲ | ୨୪୩ |
| ୧୬. | ଆଠ ଋତୁ | ରତ୍ନପ୍ରଭା ବାଇ | ୨୪୬ |
| ୧୭. | ଭସାଣି | ଅଳଙ୍କାର ଆଚାର୍ଯ୍ୟ | ୨୪୯ |
| ୧୮. | ଅଦିନିଆ ମେଘ ଓ ଚିକ୍ ମିକ୍ ବିଜୁଳି | ବିସ୍ମିତା ସାହୁ | ୨୫୨ |
| ୧୯. | ଡେଟିଙ୍ଗ୍ | ମନୋରମା ମିଶ୍ର | ୨୫୫ |
| ୨୦. | କିଛି ବର୍ଷା ଛିଟା | ସହସମ୍ପାଦକ ପ୍ରଜ୍ଞା ମହାନ୍ତି | ୨୫୮ |
| ୨୧. | କରୋନାର ଦିଟା ସତଗପ | ପୁଷ୍ପାଞ୍ଜଳି ପଣ୍ଡା | ୨୫୯ |
| ୨୨. | ଚରା | ଜିନାତମାମ ଦର୍ଜୀ | ୨୬୦ |
| ୨୩. | ବଡଘର ବଡ ଗୁମର କଥା | ପ୍ରଜ୍ଞା ପାରମିତା ପଣ୍ଡା | ୨୬୪ |
| ୨୪. | ଶବ ବିବାଦ | ବିନୋଦ | ୨୬୬ |
| ୨୫. | ପୁରୁଷାର୍ଥ ନାମ-ବିଶ୍ୱଜିତ ଦାସ | ବିଶ୍ୱଜିତ ଦାସ | ୨୭୦ |
| ୨୬. | ହନି ଟ୍ରାପ୍ | ସୁରଜ | ୨୭୪ |
| ୨୭. | କୁଆଡେ ଗଲା କୁକୁଡା | ଡଃ କିଶୋର ଚନ୍ଦ୍ର ଦାଶ | ୨୭୭ |
| ୨୮. | ବାପା | ତପସ୍ୱିନୀ ପଣ୍ଡା (ରୂପା) | ୨୭୯ |

# ରକ୍ତଶଯ୍ୟା



ISSN-2583-6978
Volume-4
Issue-10
OCTOBER-2024

**ଡ. ପ୍ରତିଭା ରାୟ**

**ଆଖ୍ୟାୟିକା, ଗଜପତିନଗର, ଭୁବନେଶ୍ୱର**

ପ୍ରତି ରାତିରେ ବାରବାର ଧର୍ଷିତା ହୁଏ ସରୋଜିନୀ । ବିବାହ ସ୍ଥିର ହୋଇସାରିବା ପରେ ସେ ଦୁଃସ୍ୱପ୍ନଟା ଆହୁରି ସ୍ପଷ୍ଟ ହୋଇ ଦିଶେ । ଆହୁରି ଭୟଙ୍କର ହୁଏ ଧର୍ଷଣ ତାଣ୍ଡବ, କେବଳ ଶରୀରରେ ନୁହେଁ, ମନରେ ଚେତନାରେ, ଆତ୍ମସତ୍ତାରେ। ଆଖି ବୁଜିଦେଲେ ସେଇ ନାରକୀୟ ଘଟଣାଟି ପୁନର୍ବାର ଘଟିଯାଏ ତା'ର ପ୍ରତିଟି ଜୀବକୋଷରେ। ଶୋଇବା ଅସମ୍ଭବ ହୋଇପଡ଼େ। ଘୃଣାରେ, କ୍ରୋଧରେ, ପ୍ରତିଶୋଧର ଜ୍ୱାଳାରେ ସେ ବିଛଣାରୁ ଓହ୍ଲାଇ ଘର ଭିତରେ ଇତସ୍ତତଃ ବୁଲେ। ସେଇ ଦୂଷିତ ପଶୁଟାର କଳୁଷର ଦୁର୍ଗନ୍ଧରେ ତା'ର ବାନ୍ତି ଉଠାଏ । ସେ ଭକ୍ ଭକ୍ ବାନ୍ତି କରେ । ଘର ଲୋକଙ୍କ ନିଦ ଭାଙ୍ଗେ, ବିବାହ ପରେ ସବୁକିଛି ଠିକ୍ ହୋଇଯିବ ବୋଲି ବାପା, ମା' ଆତ୍ମୀୟସ୍ୱଜନ ପ୍ରବୋଧନା ଦିଅନ୍ତି । ସେଇ ନାରକୀୟ ଘଟଣାଟି ଘଟିବା ପରେ, ପୁଣି ବହୁଳ ପ୍ରଚାରିତ ହେବା ପରେ ମଧ୍ୟ ସରୋଜିନୀର ବିବାହ ଏତେ ଶୀଘ୍ର ସମ୍ପନ୍ନ ହେବାକୁ ଯାଉଛି । ତେଣୁ ସେ ଭାଗ୍ୟବତୀ ବୋଲି ଭାବିବା ଉଚିତ ଏବଂ ପଛକଥା ଭୁଲିଯାଇ ସୁଖର ସଂସାର ଗଢ଼ିବା ଉଚିତ ବୋଲି ଉପଦେଶ ଦିଅନ୍ତି ସମସ୍ତେ । ସୁଖର ସଂସାର ! ଜୀବନରେ ସେଇ ଘଟଣାଟି ନିଜ ଉପରେ ଘଟିଗଲେ ମନର କି ଅବସ୍ଥା ହୁଏ, ସେକଥା ସରୋଜିନୀର ମା' ମଧ୍ୟ ଅନୁଭବ କରିପାରନ୍ତି ନାହିଁ । ବାପା ଭାଇଙ୍କ କଥା ଛାଡ଼, ସେମାନେ ତ ପୁରୁଷ । ନାରୀ ମନର ସୂକ୍ଷ୍ମ ତନ୍ତ୍ରୀ ସବୁ ଏମିତି ଘଟଣାରେ ଛିନ୍‌ଭିନ୍ ହୋଇଯାଏ ଏବଂ ସେ କ୍ଷତରୁ ସାରା ଜୀବନ ରକ୍ତକ୍ଷରଣ ହୁଏ ବୋଲି ସେମାନେ ବୁଝି ନପାରିବା ସ୍ୱାଭାବିକ କଥା । ସେ ଏଭଳି କ୍ଷତ ଯେ ତା'ର ଉପଚାର ନାହିଁ । ବିବାହ ସେ କ୍ଷତକୁ ଶୁଖାଇ ପାରେ ନାହିଁ, ବରଂ ଅଧିକ ଗଭୀର, ଅଧିକ ଯନ୍ତ୍ରଣାଦାୟକ କରିଦିଏ । ଏ ବିବାହ ତା'ର ହୃଦୟ ବିପର୍ଯ୍ୟୟର କ୍ଷତିପୂରଣ ନୁହେଁ । ମୁଣ୍ଡରୁ ବୋଝ ଖସାଇବା ଏ ବିବାହର ମୂଳଲକ୍ଷ୍ୟ । ଯେଉଁମାନେ ଏପରି ଏକ ଘୃଣିତ ବିବାହର ପୁରୋଧା ସେମାନେ ସ୍ୱାର୍ଥୀ ସମାଜର କରତାଳି ନେବାକୁ ଚାହାନ୍ତି । ତା'ର କ୍ଷତ ଉପରେ ସମସ୍ତେ ମିଳିମିଶି ଜ୍ୱାଳାମୟ ବିଷ ବୋଳିବାରେ ପ୍ରୟାସୀ । ପାଟିବୁଜି ଏ ଅବିଚାରକୁ ମାନିନେବା ପାଇଁ ତା' ଉପରେ ସମସ୍ତେ ଚାପ ପକାଇଛନ୍ତି, କେବଳ ଭଗବାନଙ୍କୁ ଓ ତା'ର ବିବେକକୁ ଛାଡ଼ି । ଗୋଟିଏ ଝିଅର ଭବିଷ୍ୟର ଶେଷକଥା ହେଉଛି ବିବାହ - ଭାଗ୍ୟର ଶୀର୍ଷବିନ୍ଦୁ ହେଉଛି ବିବାହ । ଆଉ ଯଦି ଧର୍ଷିତା ହୋଇସାରିଛି ତେବେ ଅତୀତର ଗୌରବ ଧୂଳିସାତ୍ ହୋଇସାରିଛି-ଭବିଷ୍ୟତ ବୋଲି ଆଉ କିଛି ନାହିଁ ତା' ଭାଗ୍ୟରେଖାରେ । ପତିତା, ଘୃଣିତା ହୋଇ ସାରା ଜୀବନ ସେ ନିନ୍ଦିତ ଜୀବନ ବଞ୍ଚିବ । ଅଥଚ ସେ ଧର୍ଷଣ କରିନାହିଁ, ଧର୍ଷଣର ଶିକାର ହୋଇଛି । ଯିଏ ପତନକୁ ଠେଲିଦିଏ ସେ ଉଚ୍ଚସ୍ଥାନରେ ଠିଆ ହୋଇଥାଏ, ଯିଏ ପତନର ଶିକାର ହୁଏ ପାପ ତା'ର ! ସେ ପତିତା ! ସମାଜର ନିୟମ ତ ଏମିତି ।

ଯେଉଁଦିନ ହତ୍ୟା ଓ ଧର୍ଷଣ ଅପରାଧରେ ଦଣ୍ଡିତ ହୋଇ ଧନେଶ୍ୱର ମଣ୍ଡଳଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା ସେଦିନ କେତେ ସମାଜସେବୀ ସଂସ୍ଥା, ବୁଦ୍ଧିଜୀବୀଗଣ, ମାନବ ଅଧିକାର ସଂସ୍ଥା, କଳାକାର ଅଭିନେତା ଆଦି ଧନେଶ୍ୱରର ପ୍ରାଣଭିକ୍ଷା କରିଥିଲେ । ବିଫଳ ହୋଇ ବିଚାର ବିଭାଗକୁ ସମାଲୋଚନା କରିଥିଲେ । ଧର୍ଷଣକାରୀ ଧନେଶ୍ୱରର ବଞ୍ଚିବାର ଅଧିକାର ଅଛି ବୋଲି ଦୟାଳୁମାନେ କହିଥିଲେ । ତେବେ ଧନେଶ୍ୱରର ଧର୍ଷଣ କରିବାର ଏବଂ ହତ୍ୟା କରିବାର ଅଧିକାର ଅଛି ବୋଲି କହିଲେ ନାହିଁ କାହିଁକି ? ଚଉଦବର୍ଷ ଧରି ପ୍ରତିଦିନ ମୃତ୍ୟୁ ଶଙ୍କାର ଫାଶୀଖୁଣ୍ଟରେ ଝୁଲୁଥିବା ଧନେଶ୍ୱରକୁ ଯେଉଁଦିନ ଫାଶୀ ଦିଆଗଲା, ସେଦିନ ପୃଥିବୀରେ ତଥା ଏ ଦେଶରେ ସମସ୍ତେ ଭାବିଲେ ଯେ, ପୃଥିବୀରେ ଆଉ ଧର୍ଷଣ ଭଳି ଅପରାଧ ଘଟିବ ନାହିଁ । ମୃତ୍ୟୁ ଭୟରେ ଧର୍ଷଣ ଭଳି

ପାଶବିକତା କରିବା ପାଇଁ ଲୋକେ ପଛଘୁଞ୍ଚା ଦେବେ, ଜୀବନ ବାସନା ଆଗରେ କାମବାସନା ତୁଚ୍ଛ ମନେହେବ । କାରଣ ଜୀବନଠାରୁ ଶ୍ରେୟ ମଣିଷ ପାଖରେ ଆଉ କିଛି ନାହିଁ । ଅଥଚ ଧନେଶ୍ୱରର ଫାଶୀଦଣ୍ଡ ପୁରୁଷର ପଶୁ ପ୍ରବୃତ୍ତିକୁ ତିଳେହେଲେ ଦମନ କରିପାରିଲା ନାହିଁ ।

ପୁରୁଷ ଯେତେବେଳେ ଧର୍ଷଣକାରୀ ହୁଏ, ସେତେବେଳେ ଗୋଟାଏ କଦାକାର ପଶୁ ପାଲଟି ଯାଇଥାଏ ବୋଲି ସେ ନିଜେ ବୁଝିପାରୁଥିବ । ପୁରୁଷ ଭିତରେ ଏଇ କାମଦାନବଟି ବଡ଼ ବଳୀୟାନ୍ । ତାକୁଇ ଅନେକ ଭାବନ୍ତି ପୁରୁଷପଣିଆ । ସେଇଥିପାଇଁ ରାଜା ମହାରାଜାମାନେ ଶହ ଶହ ରାଣୀ ଓ ରକ୍ଷିତାଙ୍କୁ ରଖିଥିଲେ । ସରୋଜିନୀ ନିଜେ ବିବାହିତା ନୁହେଁ । ମାତ୍ର ତା'ର ସାଙ୍ଗସାଥୀଗଣ ବିବାହ କରିସାରିଛନ୍ତି । ସେମାନଙ୍କ ଭିତରୁ ଅନେକ ବିବାହର ପ୍ରଥମ ରାତିରେ ସ୍ୱାମୀଙ୍କ ଦ୍ୱାରା ଧର୍ଷିତା ହୋଇଛନ୍ତି ବୋଲି ସରୋଜିନୀକୁ କହିଥିଲେ । ଅନ୍ତରଙ୍ଗ ବାନ୍ଧବୀ ନମିତା କହିଥିଲା- "ପ୍ରତି ପୁରୁଷ ଭିତରେ ଏକ ଧର୍ଷଣକାରୀ ପ୍ରବୃତ୍ତିର ଦାନବ ରହିଛି । ବିବାହିତ ଜୀବନରେ ପତ୍ନୀକୁ ଧର୍ଷଣ କରିନଥିବା ପୁରୁଷ ଜଣେହେଲେ ନଥିବେ। ଏ ପୃଥିବୀରେ ବହୁ ପୁରୁଷ ପତ୍ନୀ ଧର୍ଷଣକାରୀ।" ସରୋଜିନୀ ମଧ୍ୟ ଜାଣେ ପୁରୁଷମାନେ ସୁଯୋଗ ପାଇଲେ କେତେମନ୍ତେ ଧର୍ଷଣ କରନ୍ତି । କେତେବେଳେ କୁତ୍ସିତ ଲାଳସାପୂର୍ଣ୍ଣ ଦୃଷ୍ଟି ସାହାଯ୍ୟରେ, କେତେବେଳେ ଇଙ୍ଗିତପୂର୍ଣ୍ଣ ବାକ୍ୟ ସାହାଯ୍ୟରେ, କେତେବେଳେ ଅଶ୍ଳୀଳ ମନ୍ତବ୍ୟ ମାଧ୍ୟମରେ- ଅଫିସ୍‌ରେ, ପାଖ ପଡ଼ିଶା ଘରେ, ରାସ୍ତାଘାଟରେ ନାରୀ ଧର୍ଷଣ ଚାଲିଥାଏ । ସରୋଜିନୀ ବେଶୀ ପାଠ ପଢ଼ିନାହିଁ । ଗ୍ରାମ୍ୟ କଲେଜରୁ ସେ ବି.ଏ. ପାସ୍ କରିଥିଲା । ଗୋଟାଏ ପ୍ରାଇଭେଟ୍ ସ୍କୁଲ୍‌ରେ ଚାକିରି ବି କରିଥିଲା । ସବୁ କଥାକୁ ଗହୀରେଇ ବୁଝିବା ତା'ର ଜନ୍ମଗତ ଗୁଣ ହୋଇଥିବାରୁ ସେ କଷ୍ଟ ପାଏ । ସେ ଧର୍ଷଣକୁ ଏମିତି ଘୃଣା କରେ ଯେ, ଚଳଚ୍ଚିତ୍ରରେ ଧର୍ଷଣ ଦୃଶ୍ୟ ପ୍ରଦର୍ଶିତ ହେଲେ ସେ ହଲ୍‌ରେ ବାନ୍ତି କରିଦିଏ । ନାୟକ ନାୟିକାମାନେ ରୂପେଲି ପରଦାରେ କ'ଣ ବା ନକରନ୍ତି ! ଯେଉଁ ଲୀଳା କେବଳ ପ୍ରେମୀଯୁଗଳ ଭିତରେ ନିଭୃତରେ ହିଁ ଘଟିତ ହେବା କଥା, ଯେଉଁ ବାସନାପୂର୍ତ୍ତିର ସୁଖ କେବଳ ଦୁଇଜଣଙ୍କ ମଧ୍ୟରେ ସୀମାବଦ୍ଧ, ସେକଥା ଘଟେ ଦର୍ଶକଙ୍କ ସମ୍ମୁଖରେ, ସେଇ ବାସନାପୂର୍ତ୍ତିର ଉତ୍ସବରେ ଦର୍ଶକର ବାସନାପୂର୍ତ୍ତି ହୁଏ ପରୋକ୍ଷରେ । ଏସବୁକୁ ବାଦ୍‌ଦେଲେ ଚଳଚ୍ଚିତ୍ର ନିର୍ମାଣ ସମ୍ଭବ, ମାତ୍ର ବ୍ୟବସାୟିକ ସଫଳତା କୁଆଡ଼େ ସମ୍ଭବ ନୁହେଁ । ଚଳଚ୍ଚିତ୍ରରେ ଏଭଳି ଦୃଶ୍ୟକୁ ସରୋଜିନୀ ସହ୍ୟ କରିପାରେ, ଉପଭୋଗ ବି କରେ । ଯଦିଓ ପ୍ରଥମେ ପ୍ରଥମେ ଏ ଦୃଶ୍ୟ ଅଶ୍ଳୀଳ ମନେ ହେଉଥିଲା, ଧୀରେ ଧୀରେ ଅଭ୍ୟାସରେ ପଡ଼ିଯିବାରୁ ସ୍ୱାଭାବିକ ମନେହୁଏ । ନାରୀ ପୁରୁଷ ଭିତରେ ପ୍ରେମରାସ ମଣିଷ ମନର ସ୍ୱାଭାବିକ ଆବେଗର କଥା । ମାତ୍ର ଚଳଚ୍ଚିତ୍ରର ପରଦାରେ ଧର୍ଷଣ ଅଭିନୟକୁ ସରୋଜିନୀ ଆଦୌ ବରଦାସ୍ତ କରିପାରେ ନାହିଁ । ଧର୍ଷଣ ହେଉଛି ପୁରୁଷର ପଶୁପ୍ରବୃତ୍ତି ଚରିତାର୍ଥ କରିବାର ଏକତରଫା ନାରକୀୟ ତାଣ୍ଡବ । ଅଥଚ ଚଳଚ୍ଚିତ୍ରରେ ଧର୍ଷଣ ଏକ ସ୍ୱାଭାବିକ ଦୃଶ୍ୟରେ ପରିଣତ ହୋଇସାରିଲାଣି । ଧର୍ଷଣ ଦୃଶ୍ୟ ବ୍ୟବସାୟିକ ସଫଳତାର ଅନ୍ୟ ଏକ ଉପାଦାନ । ମାତ୍ର ଏପରି ଦୃଶ୍ୟକୁ ସ୍ୱାଭାବିକ ଭାବରେ ଗ୍ରହଣ କରିପାରେ ନାହିଁ ସରୋଜିନୀ । ସେ ଦୃଶ୍ୟ ଦେଖିଲେ ତା'ର ମୁଣ୍ଡ ଗରମ ହୋଇଯାଏ । ରୂପେଲି ପରଦାରେ ନିଆଁ ଲଗାଇଦେବାକୁ ଇଚ୍ଛାହୁଏ । ଦର୍ଶକମାନଙ୍କ ଆଖିମାନଙ୍କୁ ଉତ୍ପାଟନ କରି ସମଗ୍ର ସମାଜକୁ ଦୃଷ୍ଟିହୀନ କରିଦେବା ବରଂ ଶ୍ରେୟ ବୋଲି ଭାବେ । ଏଭଳି ଦୃଶ୍ୟ ସେନ୍ସର ବୋର୍ଡ଼ର ଅନୁମୋଦନ କିଭଳି ଲାଭ କରେ ବୋଲି ସେ ନିଜକୁ ପ୍ରଶ୍ନ କରେ - ଅନ୍ୟମାନଙ୍କୁ ପଚାରେ । କେହି କେହି କହନ୍ତି - "ସମାଜରେ ଯାହା ଘଟେ, ଚଳଚ୍ଚିତ୍ରରେ ତାକୁ ସ୍ଥାନ ଦେଲେ ହିଁ ଚଳଚ୍ଚିତ୍ରରେ ବାସ୍ତବତା ଫୁଟେ, ଚଳଚ୍ଚିତ୍ର ଜୀବନ୍ତ ହୁଏ । ପ୍ରତିଦିନ ସମ୍ବାଦପତ୍ରରେ ଏକାଧିକ ଧର୍ଷଣ, ଗଣଧର୍ଷଣ ସମ୍ବାଦ ପ୍ରକାଶ ପାଏ। ତେଣୁ ଚଳଚ୍ଚିତ୍ରର ପର୍ଦ୍ଦା ଉପରେ ପର୍ଦ୍ଦା ଟାଣିବାର ଆବଶ୍ୟକତା କ'ଣ ? କାହାକୁ କୋଉ କଥା ବା ଅଛପା ଅଛି ? ଦଶ ବର୍ଷର ପିଲା ବି ଧର୍ଷଣର ଅର୍ଥ ବୁଝିସାରିଲାଣି । ସରୋଜିନୀ ଉତ୍ତର ଦିଏ, "ତେବେ ମଣିଷ ଲୁଗା ପିନ୍ଧିବାର ଆବଶ୍ୟକତା କ'ଣ ? କିଏ ବା ନଜାଣେ ନାରୀ ପୁରୁଷ ଦେହର ନକ୍ସା ? ଶରୀର ଉପରେ ତେବେ ପର୍ଦ୍ଦା କାହିଁକି ?' ସରୋଜିନୀ ଧର୍ଷଣ ଘଟଣା ପ୍ରତି ଅତିମାତ୍ରାରେ ପ୍ରତିକ୍ରିୟାଶୀଳ ବୋଲି ଅନ୍ୟମାନେ ମନ୍ତବ୍ୟ ଦିଅନ୍ତି । ଆଜିକାଲି ଚଳଚ୍ଚିତ୍ରମାନଙ୍କରେ ଏକତରଫା ପ୍ରେମକୁ ନେଇ ଯାବତ୍ୟ ହିଂସାତ୍ମକ କାହାଣୀ ପ୍ରଦର୍ଶନ କରାଯାଉଛି । ଯୋଉଠି ପ୍ରେମ, ସେଠି ହିଂସାର ସ୍ଥାନ କାହିଁ ? ପ୍ରେମରେ ଧର୍ଷଣ ବି କାହିଁ ? ପୁଣି ପ୍ରେମରେ ହତ୍ୟା ? ଜଣେ ଏକତରଫା ଜଣକ ପ୍ରତି ଆକର୍ଷିତ ହେଲା ବୋଲି ଆଉଜଣେ ଅନ୍ଧ ଭଳି ସେ ଆକର୍ଷଣର ମୂଲ୍ୟ ଦେବାପାଇଁ କ'ଣ ବାଧ୍ୟ ? ସେଇ ପ୍ରକାର ସିନେମା ଦେଖି ଗାଁ ଗାଁରେ, ସ୍କୁଲ୍ କଲେଜରେ, ରାସ୍ତାଘାଟରେ ଏକତରଫା ପ୍ରେମଲୀଳା ଆଉ ସେଥିପାଇଁ ନିରୀହା ଝିଅମାନଙ୍କ ଉପରେ ଏସିଡ୍ ଫୋପଡ଼ା ଘଟଣାମାନ ଘଟୁଛି । ଜଣକର ପ୍ରେମ ନିବେଦନକୁ ଆଉଜଣେ ପ୍ରତ୍ୟାଖ୍ୟାନ କରିବା କ'ଣ ଅପରାଧ ? ସରୋଜିନୀର ଯୁବତୀ ଦେହ ବହୁ ଯୁବକଙ୍କୁ ଆକର୍ଷିତ କରେ । ସରୋଜିନୀ ବହୁ ଯୁବକଙ୍କର ଏକତରଫା ପ୍ରେମ ନିବେଦନକୁ ନମ୍ର ଭାବରେ ପ୍ରତ୍ୟାଖ୍ୟାନ କରିଦେଇଥିଲା । ତା'ରି ଫଳ ସମ୍ଭବତଃ ଏଇ ନାରକୀୟ ଘଟଣା । ତେବେ କ'ଣ ସେ ସମସ୍ତଙ୍କର ପ୍ରେମଭିକ୍ଷା ପାଖରେ ନିଜକୁ ସମର୍ପଣ କରିଥାନ୍ତା ? ସରୋଜିନୀର ବିବାହ ସ୍ଥିର ହୋଇଯିବା ପରେ ସେ ନିଶ୍ଚିତ ହୋଇଯାଇଥିଲା । ଗାଁଗଣ୍ଡାରେ

ଦରପାଠୁଆ ନାଗରମାନଙ୍କ କୁତ୍ସିତ ଲାଳସାପୂର୍ଣ୍ଣ ଦୃଷ୍ଟିରୁ ବଞ୍ଚିଯାଇ ସେ ଦୂର ସହରରେ ଶାନ୍ତିପୂର୍ଣ୍ଣ ସରଳ ଜୀବନଟିଏ ବିତାଇଥାନ୍ତା । ମାତ୍ର ସେଇ ନାରକୀୟ ଘଟଣାଟି ତା' ଉପରେ ଦିନେ ଧୂ ଧୂ ଖରାବେଳଟାରେ ଘଟିଗଲା । ବାପା ଭାଇ ଶୁଭେଚ୍ଛୁମାନେ କହିଥିଲେ କଥାଟାକୁ ଚପାଇଦେବା ପାଇଁ । ଯାହା ଗଲା ତା' ଆଉ ଫେରିବ ନାହିଁ । କଥା ପ୍ରଘଟ ହେଲେ ବାହାଘର ଭାଙ୍ଗିଯିବ ଓ ଆଉ କେଉଁଠି ବାହାଘର ହୋଇପାରିବ ନାହିଁ ସେକଥା ସମସ୍ତଙ୍କୁ ଜଣାଥିଲା, ସରୋଜିନୀକୁ ମଧ୍ୟ । ଦୋଷୀକୁ ଫାଶୀ ହେଲେ ମଧ୍ୟ ସରୋଜିନୀର ଲାଭ କ'ଣ ? କିନ୍ତୁ କଥାଟା ଲୁଚାଇ ଆଉ ଜଣକୁ ବାହାହେବା କ'ଣ ଅପରାଧ ନୁହେଁ । ସେଥିରେ କ'ଣ ସରୋଜିନୀକୁ ଶାନ୍ତି ମିଳିଥାନ୍ତା ?

ସମସ୍ତଙ୍କ ଉପଦେଶକୁ ଅଗ୍ରାହ୍ୟ କରି ସରୋଜିନୀ ଥାନାରେ ଏତଲା ଦେଲା । ଖଣ୍ଡମଣ୍ଡଳରେ ଚାଞ୍ଚଲ୍ୟ ଖେଳିଗଲା । ଅବଶ୍ୟ ଧର୍ଷଣ ଘଟଣା ଏବେ ଆଉ ଚାଞ୍ଚଲ୍ୟ ଖେଳାଇବା ଭଳି କାନ ନଶୁଣିଥିବା ଘଟଣା ନୁହେଁ । ଚୋରି, ଡକାୟତି, ସବୁସ୍ତରରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଭଳି ଧର୍ଷଣ ମଧ୍ୟ ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି । ତେଣୁ ସଞ୍ଜ ଗଡ଼ିବା ପରେ ଏକଲା ଯୁବତୀ ମାଷ୍ଟ୍ରାଣୀଟାଏ ସ୍କୁଲ୍‌ରୁ ଫେରୁଥିବା ବେଳେ ତା' ଉପରେ ଯଦି ଧର୍ଷଣ ହୁଏ ତେବେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? କିନ୍ତୁ ଧର୍ଷଣକାରୀର ନାମ ଓ ପରିଚୟ ହିଁ ଗାଁ ଲୋକଙ୍କ ମନରେ ଚାଞ୍ଚଲ୍ୟ ଖେଳାଇ ଦେଲା । ପାଷାଣ୍ଡଟା କିଛି ଅଜଣା ଅଚିହ୍ନା ନଥିଲା । ବଂଶ ବୁନିଆଦିରେ ବି ଊଣା ନଥିଲା । ଜମିଦାରୀ ନଥିଲେ ବି ଲୋକେ ଏବେ ବି କହୁଥିଲେ ଜମିଦାର ଘର ପୁଅ । ଚାକିରି ନଥିଲେ ନଥାଉ ପଛକେ ଘରେ ଖାଇବାକୁ ଥିଲା । ବାପା ରାଜନୀତି କରୁଥିଲେ । ଘରକୁ ନେତାମାନେ ଆସୁଥିଲେ । ଟୋକାଟା ଭବିଷ୍ୟତରେ ମନ୍ତ୍ରୀ ନହେଲେ ବି ଏମ୍.ଏଲ୍.ଏ. ଟାଏ ହେବ ବୋଲି ଲୋକେ ଜାଣିଥିଲେ । ଅଥଚ ଟୋକାଟା କଲା କ'ଣ ? ଚାହିଁଥିଲେ ଟୋକାଟା ସରୋଜିନୀକୁ ବାହା ହୋଇପାରିଥାନ୍ତା, ମାତ୍ର ଏ ବିବାହର ପ୍ରତିବନ୍ଧକ ଥିଲା ନିଜେ ସରୋଜିନୀ, ଆଉ ଟୋକାଟାର ଖାନ୍‌ଦାନି ଘରର ଉଚ୍ଚା ପିଣ୍ଡା । ସରୋଜିନୀ କୁଆଡ଼େ ଟୋକାଟାକୁ ଆଡ଼ ଆଖିରେ ଚାହୁଁ ନଥିଲା । ଏଣେ ସରୋଜିନୀ ବାପାଙ୍କର କ'ଣ ବା ଆର୍ଥିକ, ସାମାଜିକ ସ୍ଥିତି ଥିଲା ସେ ଘରେ ବନ୍ଧୁ ବାନ୍ଧିବା ପାଇଁ ? ଟୋକାଟାର ବାପା ତ ସରୋଜିନୀର ବାପା ଉପରେ ରକ୍ତଚାଉଳ ଚୋବାଉଥିଲେ । ଝିଅକୁ ଶୀଘ୍ର ବାହାକରି ଏ ଗାଁରୁ ବିଦା କରିବା ପାଇଁ ଖବର ପଠାଇଥିଲେ । ରାଜନୀତିଆଙ୍କ ହାତରେ କ୍ଷମତା ଥାଉ କି ନଥାଉ ଦି ପଇସା ଥାଏ, ଦି'ଟା ଗୋଟାଏ ଗୁଣ୍ଡା ବି ଥା'ନ୍ତି । ସେଇ ଭୟରେ ସରୋଜିନୀର ବାହାଘର ତା' ବାପା ତୁରନ୍ତ ପକ୍କା କରି ଦେଇଥିଲେ । ଦିନ କେଇଟାରେ ସରୋଜିନୀ ଗାଁରୁ ବିଦା ହୋଇଥାନ୍ତା, ବାପା ଭାଇଙ୍କର ଚିନ୍ତା ଯାଇଥାନ୍ତା । ମାତ୍ର ଏମିତି ଘଟଣାଟାଏ ଘଟିଗଲା ଯେ, ସରୋଜିନୀ କୋଉ କୂଳର ହୋଇ ରହିଲା ନାହିଁ । କଥାଟା ପ୍ରଘଟ ନହୋଇଥିଲେ ବାହାଘର କାମ ବଢ଼ିଯାଇଥାନ୍ତା । ତା' ପରେ ଯାହା ଘଟିଥାନ୍ତା ତା' ସରୋଜିନୀର ଭାଗ୍ୟ ନଇଲେ ଦୁର୍ଭାଗ୍ୟ । ମାତ୍ର ସରୋଜିନୀ ନିଜେ ଘଟଣାଟା ପ୍ରଘଟ କରିଦେଇ ନିଜର ସର୍ବନାଶ କେବଳ କଲାନାହିଁ, ପୂରା ପରିବାରର ସର୍ବନାଶ କଲା, ବଂଶ କୁଟୁମ୍ବଙ୍କ ମୁହଁରେ କାଳି ବୋଳିଲା । ସାପ ଲାଞ୍ଜରେ ହାତ ମାରିଲା ସରୋଜିନୀ । ଟୋକାଟା ହାତେ ହାତେ ଧରାପଡ଼ିଗଲା । କେସ୍ ହୋଇଗଲା, ଟୋକାଟା ଜେଲ୍‌ରେ ରହିଲା । ତା'ର ରାଜନୀତିଆ ବାପା କ'ଣ ସରୋଜିନୀର ପରିବାରକୁ ସହଜରେ ଛାଡ଼ିଦେବ ? ସରୋଜିନୀ ବାହାଘରଟା ଭାଙ୍ଗିଗଲା । ତା' ଭବିଷ୍ୟତ ତ ଜଳି ପୋଡ଼ି ଭସ୍ମ ହୋଇଗଲା । ସାନ ଭଉଣୀମାନଙ୍କର ଭବିଷ୍ୟତ ବି ଗଲା । ଏ ଘରେ ଆଉ କିଏ ବନ୍ଧୁ ବାନ୍ଧିବେ ବୋଲି ଆଶା କରିବା ବୃଥା । ଟୋକାଟାର ବାପା ରକ୍ତଚାଉଳ ଚୋବାଉଥିଲେ । କହୁଥିଲେ – "ଆମେ ଜମିଦାର, ସରୋଜିନୀର ବଂଶ କୁଟୁମ୍ବ ଦିନେ ଆମର ପ୍ରଜା ଥିଲେ । ଜମିଦାରି ଉଠିଯାଇଛି ବୋଲି ସରୋଜିନୀର ବାପା କ'ଣ ଜମିଦାର ହୋଇଗଲେ ? ପ୍ରଜାର ଝିଅକୁ ଜମିଦାର ଘର ପୁଅ ଭୋଗ କଲା, କିଛି ନୂଆ କଥା ନୁହେଁ । ସେଥିରେ ଥାନା ପୋଲିସ୍ କରି ସରୋଜିନୀ ନିଜେ କଳଙ୍କିନୀ ହେଲା । ତାଙ୍କ ପୁଅକୁ ଜେଲ୍ ଖଟାଇ ସରୋଜିନୀ ନିଜର କ୍ଷତି କଲା । ମୁଁ ଉପର କୋର୍ଟରେ ଲଢ଼ିବି । ପୁଅକୁ ନିର୍ଦ୍ଦୋଷରେ ଖଲାସ କରାଇବି ।" ପୁଣି ନିଜ ପୁଅ ଉପରେ ଦାନ୍ତରଗଡ଼ି କହୁଥିଲେ, "ମୂର୍ଖଟା, ଭୋଗ କଲୁ ତ କଲୁ ତାକୁ ଜୀବନରୁ ମାରି ନଦେଇ ଜିଅନ୍ତା ଛାଡ଼ିଲୁ କାହିଁକି ? ଆଜିକାଲି ଛୋଟଲୋକଙ୍କର ମୁହଁ ବଢ଼ି ଯାଇଛି ବୋଲି କ'ଣ ଜାଣିନଥିଲୁ ? ଝିଅମାନଙ୍କର ମୁହଁକୁ ଆଉ ଲାଜ ସରମ ନାହିଁ ବୋଲି ଜାଣିପାରିଲୁ ନାହିଁ ?"

ବାଘ ନେବାଠାରୁ ଘୋଷରା ବଳେ । ବଳାତ୍କାରଠାରୁ ସରୋଜିନୀକୁ ବେଶୀ ବାଧୁଥିଲା ସାମାଜିକ ଲାଞ୍ଛନା । ଘରେ ବାହାରେ ନାନାଦି ଲାଞ୍ଛନା ଭୋଗିବାକୁ ପଡ଼ିଲା । ସରୋଜିନୀର ସାନ ଭଉଣୀ ପାଇଁ ମଧ୍ୟ ବିବାହ ପ୍ରସ୍ତାବ, ଏହି କାରଣରୁ ଭାଙ୍ଗିଗଲା ।

ସରୋଜିନୀକୁ ସ୍କୁଲ୍‌ରୁ ଇସ୍ତଫା ଦେବାକୁ ବାଧ୍ୟ କରାଗଲା । ଗୋଟିଏ ଗ୍ରାମ୍ୟ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ଉପରେ ସରୋଜିନୀର ଉପସ୍ଥିତି କୁପ୍ରଭାବ ପକାଇବ ବୋଲି ସରୋଜିନୀକୁ ବୁଝାଇ ଦିଆଗଲା । ସରୋଜିନୀ ଭାବୁଥିଲା–କୁଆଡ଼େ ଯିବ ? ଏ ପୃଥିବୀରେ ମୁଣ୍ଡ ଗୁଞ୍ଜିବ କୋଉଠି ? ବାସ୍ତବରେ ଧର୍ଷଣଜନିତ କ୍ଷତର କ୍ଷତିପୂରଣ ନାହିଁ । ଧର୍ଷଣକାରୀକୁ ମୃତ୍ୟୁଦଣ୍ଡ ମିଳିଲେ ବି ଧର୍ଷିତାର କ୍ଷତଚିହ୍ନ ଲିଭେନାହିଁ । ବାଘ ଆକ୍ରମଣ କ୍ଷତଚିହ୍ନ ଲିଭିଯାଏ, କ୍ଷତ ବି ପୂରଣ ହୋଇଯାଏ, ରକ୍ତକ୍ଷରଣ ବନ୍ଦ ହୋଇଯାଏ ସେବା, ଯତ୍ନ ଚିକିତ୍ସା ବଳରେ ।

ମାତ୍ର ମଣିଷ ପଶୁର ଆକ୍ରମଣ ଓ ବଳାତ୍କାରର କ୍ଷତରୁ ଜୀବନତମାମ୍ ରକ୍ତକ୍ଷରଣ ହେଉଥାଏ । କାରଣ ଆତ୍ମାରେ ଲାଗିଥିବା କ୍ଷତଚିହ୍ନର ଚିକିତ୍ସା କାହାରିକୁ ଜଣା ନାହିଁ । ସରୋଜିନୀ ତେବେ କ'ଣ ଜୀବନ ହାରିଦେବ ? କି ଦୋଷ ସେ କରିଛି ଯେ ମିରିବ ? ଏମିତି ଏକ ଦ୍ୱନ୍ଦ୍ୱରେ ସରୋଜିନୀର ମନୋସ୍ଥିତି ଟଳମଳ ହେଉଥିବା ସମୟରେ ତା'ର ବିବାହ ପୁନର୍ବାର ସ୍ଥିର ହୋଇଗଲା । ବାପ, ଭାଇ, ଆତ୍ମୀୟସ୍ୱଜନଙ୍କ ମୁଣ୍ଡରୁ କଳଙ୍କ ପସରା ଓହ୍ଲାଇଯିବାର ଆନନ୍ଦଲହରୀ ଖେଳିଲା ଘରେ । କିନ୍ତୁ ସରୋଜିନୀ ଝଡ଼ପୂର୍ବର ଆକାଶ ପରି 'ଗୁମ୍' ହୋଇ ରହିଥିଲା । ସେ ଆକାଶ ପାତାଳ ଭାବି ଚାଲିଥିଲା । ବାହାଘର ଯେତେ ନିକଟତର ହେଉଥିଲା ସରୋଜିନୀ ସେତିକି ପଥର ପାଲଟି ଯାଉଥିଲା । ବାହାରକୁ ପଥର ପାଲଟି ଯାଇଥିଲେ ବି ତା' ମନରେ ସେଇ ଘୃଣିତ ଘଟଣାଟି ଦୃଶ୍ୟ ହେଉଥିଲା । ସେ ବିବାହ କରିପାରିବ ନାହିଁ ବୋଲି କହିପାରୁ ନଥିଲା, କାରଣ ଏହି ବିରଳ ବିବାହର ବିବରଣୀ ସେତେବେଳକୁ ସମ୍ବାଦପତ୍ରରେ ବାହାରି ସାରିଥିଲା, ଦୂରଦର୍ଶନରେ ତା'ର ଭାବୀ ସ୍ୱାମୀ ସହ ସାକ୍ଷାତକାର ସହ ବିବାହର ମଧ୍ୟସ୍ଥ ତଥା ଆୟୋଜକଙ୍କ ମଧ୍ୟ ସାକ୍ଷାତକାର ପ୍ରସାରିତ ହୋଇଥିଲା । ବରକନ୍ୟାଙ୍କ ବେକରେ ଫୁଲମାଳ ପଡ଼ିବା ପୂର୍ବରୁ ଏପରି ଏକ ଅଭାବିତ ବିବାହର ଆୟୋଜକଙ୍କ ବେକରେ ଫୁଲମାଳ ପଡ଼ିସାରିଥିଲା । ଜାତୀୟ ସମ୍ବାଦପତ୍ରମାନ ଆୟୋଜକଙ୍କ ପ୍ରଶଂସାରେ ମୁଖର ହୋଇ ଉଠିଥିଲେ । ଆମ ସମାଜରେ ଏପରି ଘଟଣା ଘଟେ ନାହିଁ । ତେଣୁ ବିବାହର ଆୟୋଜକଙ୍କୁ ମଧ୍ୟ ପଦ୍ମଶ୍ରୀ ବା ପଦ୍ମଭୂଷଣ ସମ୍ମାନରେ ଭୂଷିତ କରାଯିବାର ସମ୍ଭାବନା ରହିଛି ବୋଲି ଲୋକେ ଚର୍ଚ୍ଚା କରୁଥିଲେ । ନିଜର ଭାବୀ ସ୍ୱାମୀର ମୁହଁକୁ ମନେ ପକାଇଲେ ସେଇ ବର୍ବର ବାସନାଜର୍ଜରିତ କୁତ୍ସିତ ମୁହଁଟା ଛଡ଼ା ଆଉ କିଛି ଦିଶୁ ନଥିଲା । ସେଇ ପଶୁଟାର ଆକ୍ରମଣର ଦୁଃସ୍ୱପ୍ନରେ ତା'ର ନିଦ ଭାଙ୍ଗି ଯାଉଥିଲା, ସେ ଚିତ୍କାର କରି ଉଠି ପଡୁଥିଲା । କାନ୍ଦୁଥିଲା, ଅଦୃଷ୍ଟକୁ ଭର୍ତ୍ସନା କରି ଚାଲିଥିଲା । ସରୋଜିନୀର ଏପରି ଅସ୍ୱାଭାବିକ ବ୍ୟବହାର ପ୍ରତି କାହାରି ଧ୍ୟାନ ନଥିଲା । ତା'ର ମନୋସ୍ଥିତି ପ୍ରତି କେହି ଗୁରୁତ୍ୱ ଦେଉ ନଥିଲେ, ବରଂ ଘରେ, ବାହାରେ ତାକୁ ଏପରି ଆଚରଣ ପାଇଁ ଭର୍ତ୍ସନା ସହିବାକୁ ପଡୁଥିଲା । ଅଥଳ ସମୁଦ୍ରରେ ଭାସୁଥିବା ସରୋଜିନୀକୁ କୂଳରେ ଲଗାଇବାର ପ୍ରଚେଷ୍ଟାକୁ ସରୋଜିନୀ କୃତଜ୍ଞ ହୃଦୟରେ ଗ୍ରହଣ କରିବା ଉଚିତ ବୋଲି ତାକୁ କୁହାଯାଉଥିଲା । ସରୋଜିନୀର ଭାବନା ପ୍ରତି କାହାରି ସହାନୁଭୂତିଶୀଳ ଭାବ ନଥିଲା, ବରଂ ସରୋଜିନୀ ଭଳି ଗଳଗ୍ରହଠାରୁ ମୁକ୍ତି ପାଇବାର ଆନନ୍ଦରେ ସମଗ୍ର ପରିବାର ଉତ୍‌ଫୁଲ୍ଲିତ ହେଉଥିଲେ । ମହା ଆଡ଼ମ୍ବର ସହକାରେ ସରୋଜିନୀର ବିବାହ ବେଦି ବନ୍ଧା ହୋଇଥିଲା । ବିବାହର ସମସ୍ତ ଆୟୋଜନ ଚାଲିଥିଲା । କିନ୍ତୁ ସରୋଜିନୀର ଘରେ ନୁହେଁ, ଜେଲ୍‌ଖାନାର ପରିସରରେ । ଖୁଣୀ ଆସାମୀ ତଥା ଅନେକ ଦୁର୍ଦ୍ଦାନ୍ତ ଅପରାଧୀ ଏ ବିବାହର ସବୁ କାର୍ଯ୍ୟରେ ଶ୍ରମଦାନ କରୁଥିଲେ । ସେଇମାନେ ମଧ୍ୟ ବରସହ ବରଯାତ୍ରୀ ହୋଇ ଆସିଥିଲେ ବରର ସେଲ୍‌ରୁ ବେଦି ପର୍ଯ୍ୟନ୍ତ । ଜେଲ୍‌ର ସୁପରିଣ୍ଟେଣ୍ଡେଣ୍ଟ୍ ଏ ବିବାହର ପଇଟପୁରୋଧା ଥିଲେ । ତେଣୁ ବରପକ୍ଷର କର୍ତ୍ତା ବେଶରେ ଧୋତି, ମଠା, ପଞ୍ଜାବୀ, ଅଙ୍ଗବସ୍ତ୍ର ପରିଧାନ କରି ବଡ଼ ଉତ୍ସାହ ସହକାରେ ବିବାହ କାର୍ଯ୍ୟ ତଦାରଖ କରୁଥିଲେ । କନ୍ୟା ପକ୍ଷରୁ ସରୋଜିନୀର ବାପା ଓ ଭାଇ ସରୋଜିନୀକୁ ଆଣି ଜେଲ୍ ପରିସରକୁ ଆସିଥିଲେ । ସମ୍ବାଦପତ୍ର, ଦୂରଦର୍ଶନ ଆଦି ଗଣମାଧ୍ୟମଙ୍କ ଉପସ୍ଥିତିରେ ବିବାହ ସମ୍ପନ୍ନ ହେବାର ବ୍ୟବସ୍ଥା ଥିଲା । କାରଣ ଏ ଏକ ଆଦର୍ଶ ବିବାହ ଥିଲା । ଏକ ଧର୍ଷିତା ଝିଅକୁ ବିବାହ ହେବାର ଏ ଥିଲା ଏକ ସହଜ ପନ୍ଥା । ଜେଲ୍‌ଖାନାରେ ଏବେ କୈଦୀମାନଙ୍କୁ ନାନା ଉପାୟରେ ଭଲବାଟକୁ ଆଣି ସୁସ୍ଥ ସ୍ୱାଭାବିକ ଜୀବନ ବିତାଇବାର ନୀତିଶିକ୍ଷା ଦିଆଯାଉଛି । ଧର୍ଷଣକାରୀକୁ ଧର୍ଷିତା ସହ ବିବାହ କରାଇଦେବାଠାରୁ ଧର୍ମକାର୍ଯ୍ୟ ଆଉ କ'ଣ ଥାଇପାରେ ? ଏହାଦ୍ୱାରା ଧର୍ଷିତା କୂଳରେ ଲାଗିଲା, ପୁଣି ଧର୍ଷଣକାରୀର ଦଣ୍ଡ କୋହଳ ବି ହୋଇପାରେ ? କିଏ ଜାଣେ ? ଧର୍ଷଣକାରୀର ସ୍ତ୍ରୀ ହେବା ପରେ ସରୋଜିନୀ କେସ୍ ମଧ୍ୟ ଉଠାଇ ନେଇପାରେ ।

ସରୋଜିନୀର କାଠୁଆ, ଶୀତଳ, ସଙ୍କୁଚିତ ହାତ ଧର୍ଷଣକାରୀର ହାତ ସହ ମିଳିତ ହେଲା । ହାତଗଣ୍ଠି ପଡ଼ିଲା । ଶୁଭଶଙ୍ଖ ବାଜିଲା । ମନ୍ତ୍ରପାଠ ହେଲା । ଅଗ୍ନିକୁ ସାକ୍ଷୀରଖି, ଗଣମାଧ୍ୟମକୁ ସାକ୍ଷୀ ରଖି ପାଷାଣ୍ଡ ଦୁରାଚାରୀ ଧର୍ଷଣକାରୀକୁ ସରୋଜିନୀର ସ୍ୱାମୀଦେବତା ସ୍ଥାନରେ ସ୍ଥାପିତ କରାଗଲା । ଏ ବିବାହରେ ବରପିତା ଉପସ୍ଥିତ ନଥିବାରୁ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ୍ ବରପକ୍ଷର ପୁରୋଧା ହେଲେ । ସରୋଜିନୀର ବାପା ଜେଲର୍ ସମୁଦିଙ୍କ ହାତଧରି ଅନୁନୟ କଲେ କନ୍ୟାର ଦୋଷ ନଧରିବା ପାଇଁ । ଧର୍ଷଣକାରୀ ଘୃଣିତ ଅପରାଧୀ ତଥା ସରୋଜିନୀର ସ୍ୱାମୀ ଅଗ୍ନିକୁ ସାକ୍ଷୀ ରଖି ପ୍ରତିଜ୍ଞା କଲା–ସ୍ତ୍ରୀର 'ଦଶଦୋଷ' କ୍ଷମା କରିବା ପାଇଁ । ଏଭଳି ଶପଥ କେବଳ ସ୍ୱାମୀ ଦେବତାଙ୍କୁ କରିବା ପାଇଁ ପଡ଼େ, ସ୍ତ୍ରୀକୁ ନୁହେଁ । ତେଣୁ ସରୋଜିନୀ ତା'ର ଧର୍ଷଣକାରୀ ସ୍ୱାମୀର ସେଇ ଗୋଟିଏ ଅପରାଧକୁ କ୍ଷମା କଲା କି ନାହିଁ କେହି ଜାଣିଲେ ନାହିଁ । ଧର୍ଷଣକାରୀକୁ ଯଦି ସ୍ୱାମୀର ଆସନରେ ବସାଇ ଦିଆଯାଏ ତେବେ ତା'ର ଆଉ 'ଦୋଷ' କ'ଣ ? ବରଂ ଏକ ଧର୍ଷିତାକୁ ସ୍ତ୍ରୀର ସାମାଜିକ ସମ୍ମାନ ଦେଇ ସେ ତ ପୁଣ୍ୟକାର୍ଯ୍ୟ କଲା । ସମସ୍ତେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଧନ୍ୟ ଧନ୍ୟ ପ୍ରଶଂସା କରୁଥିଲେ । କେହି କେହି କହୁଥିଲେ, "ଖୁବ୍ ଭଲ ହେଲା । ସବୁ ଧର୍ଷିତାଙ୍କ ଭାଗ୍ୟରେ ଯଦି ଏପରି ବିବାହ ଘଟନ୍ତା ତେବେ ଧର୍ଷଣ କାର୍ଯ୍ୟକୁ ପ୍ରୋତ୍ସାହନ ମିଳନ୍ତା ସତ, ମାତ୍ର ଧର୍ଷିତାମାନଙ୍କର ଦୁଃଖ ଦୂର ହୁଅନ୍ତା ।" ଥରେ ବିବାହ

ବନ୍ଧନରେ ଆବଦ୍ଧ ହେଲେ ସ୍ୱାମୀମାନଙ୍କୁ ସ୍ତ୍ରୀଙ୍କୁ ନିଜ ଇଚ୍ଛାମୁତାବକ ଧର୍ଷଣ କରିବାର ଅଧିକାର ମିଳିଯାଏ; ମାତ୍ର ଧର୍ଷଣକାରୀଙ୍କୁ ସ୍ୱାମୀ ହେବାର ଅଧିକାର ସଚରାଚର ମିଳେ ନାହିଁ । ତେଣୁ ଏଭଳି ବିବାହ ସ୍ୱାଗତଯୋଗ୍ୟ ବୋଲି ସମସ୍ତେ ଅନୁଭବ କରୁଥିଲେ । ଜଣେ ଦେଖଣାହାରି ଯୁବସାମ୍ବାଦିକ କହୁଥିବାର ସରୋଜିନୀ ଶୁଣିଲା "ଏକତରଫା ପ୍ରେମ ପ୍ରତ୍ୟାଖ୍ୟାନ ହେବା ପରେ ପ୍ରେମିକମାନଙ୍କୁ ଆଉ ହତାଶ ହେବାକୁ ପଡ଼ିବ ନାହିଁ । ସୁଯୋଗ ଦେଖି ପ୍ରେମିକାକୁ ଧର୍ଷଣ କର, ଧର୍ଷିତାକୁ ବିବାହ କରିବାରେ ବାଧା କ'ଣ ? ବରଂ ଏକ ସାମାଜିକ ପୁଣ୍ୟ କାର୍ଯ୍ୟ ! କେବଳ ଏଇଭଳି ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ଜେଲ୍‌ରେ ରହିବାର ଭାଗ୍ୟ ମିଳିଲେ ହେଲା।" ସରୋଜିନୀକୁ ଏସବୁ କଥା ବ୍ୟଙ୍ଗ ଭଳି ଲାଗୁ ନଥିଲା । ତାକୁ ଲାଗୁଥିଲା ଏଣିକି ଗାଁ ଗହଳରେ ଧର୍ଷଣକାଣ୍ଡ ହୁ, ହୁ ବଢ଼ିବ । ଧର୍ଷଣକାରୀ ଆଉ ମୁହଁ ଲୁଚାଇ ବୁଲିବ ନାହିଁ । ଧର୍ଷଣ କରିସାରି ନିଜେ ଯାଇ ନିର୍ଭୟ ହୋଇ ଥାନାରେ କହିବ, "ମୁଁ ଧର୍ଷଣ କରିଛି, କିନ୍ତୁ ଝିଅକୁ ମୁଁ ବିବାହ କରିବା ପାଇଁ ପ୍ରସ୍ତୁତ ଅଛି । ମତେ ଯାହା ଦଣ୍ଡ ଦେବ ଦିଅ ।"

କେତେଜଣ ସାମ୍ବାଦିକ ଜେଲ୍ ଅଧକ୍ଷଙ୍କୁ ଏଭଳି ପ୍ରଶ୍ନମାନ ପଚାରିବାରୁ ସେ ଉତ୍ତର ଦେଲେ, "ଧନେଶ୍ୱର ମଣ୍ଡଳକୁ ଫାଶୀଦଣ୍ଡ ହେଲା-ଧର୍ଷଣ କ'ଣ କମିଲା ? ପଶୁ ସମାଜରେ ଧର୍ଷଣ ନାହିଁ, କିନ୍ତୁ ମଣିଷ ସାମଜରେ ଧର୍ଷଣ ଥିଲା ଓ ରହିବ । ମଣିଷର ପ୍ରବୃତ୍ତି ବଡ଼ ବଳବାନ୍ । ଦେବତାମାନେ ଧର୍ଷଣ କରିବାର ଦୃଷ୍ଟାନ୍ତ ଅଛି, ମଣିଷ କେମିତି ପ୍ରବୃତ୍ତି କବଳରୁ ମୁକ୍ତ ହେବ ? ତେଣୁ ଧର୍ଷଣଜନିତ ସାମାଜିକ କଳଙ୍କରୁ ସ୍ତ୍ରୀ ଜାତିକୁ ଉଦ୍ଧାର କରିବାର ଉପାୟ ଯା'ଠୁ ବଳି ଆଉ କ'ଣ ଅଛି ? ଅନ୍ତତଃ ଗୋଟାଏ ଝିଅ ଧର୍ଷିତା ହେବା ପରେ ନିଜର ଧର୍ଷଣକାରୀକୁ ବିବାହ କଲେ ତା'ର ସତୀତ୍ୱ ରକ୍ଷା ହୋଇପାରିବ ଓ ସାମାଜିକ ଲାଞ୍ଛନାରୁ ମୁକ୍ତି ମିଳିବ । ଧର୍ଷଣକାରୀକୁ ଫାଶୀ ଦେଲେ ଧର୍ଷିତାକୁ ନ୍ୟାୟ ମିଳେ ନାହିଁ, ଧର୍ଷଣକାରୀ ସହ ଧର୍ଷିତାକୁ ବିବାହ ଦେଲେ ବରଂ ତାକୁ ନ୍ୟାୟ ମିଳେ ।''

ଜେଲ୍ ପରିସରରୁ ହିଁ ଝିଅ ବିଦା ହେଲା । ଜେଲ୍ ଅଧକ୍ଷଙ୍କ ପାଦ ଛୁଇଁ ନବବିବାହିତା ସରୋଜିନୀ ପ୍ରଶ୍ନ କଲା- "ମୁଁ ଆପଣଙ୍କ ଝିଅ ହୋଇଥିଲେ ଆପଣ କ'ଣ ମୋତେ ଗୋଟାଏ ଧର୍ଷଣକାରୀ ସହ ବିବାହ ଦେଇଥାନ୍ତେ ?"

ଜେଲ୍ ଅଧକ୍ଷ ଭାବିଥିଲେ ସରୋଜିନୀ କହିବ, "ଆପଣଙ୍କର ଏ ଉପକାର ସାତଜନ୍ମରେ ଶୁଝିହେବ ନାହିଁ ।" ଅଥଚ ଝିଅଟାର ଉଦ୍ଧତପଣିଆକୁ ଦେଖ ! ନିର୍ଲଜତାର ବି ସୀମା ନାହିଁ । ସେ ବିରକ୍ତ ହୋଇ ଉତ୍ତର ଦେଲେ, "ଆଉ କୋଉ ଦେବଦୂତ ତତେ ଉଦ୍ଧାର କରିବା ପାଇଁ ବର ସାଜି ଆସିଥାନ୍ତା ? ଯାହା ଘଟିଲା ଯଥାରୁ ଅଧିକ ମଙ୍ଗଳକର ଜଣେ ଧର୍ଷିତା ପାଇଁ ଆଉ କିଛି ନାହିଁ । ସ୍ୱାମୀ ପାଖରେ ଉଦ୍ଧତପଣିଆ ନଦେଖାଇ ଚୁପ୍‌ଚାପ୍ ଘର ସଂସାର କର । ତତେ ସେ ସ୍ତ୍ରୀର ମର୍ଯ୍ୟାଦା ଦେଇଛି ବୋଲି ସାତଜନ୍ମ ପାଇଁ ତା' ପାଖରେ ତୁ ଋଣୀ ହୋଇ ରହିବୁ – ଏତିକି ମନେ ରଖିବୁ । ନଚେତ୍ ତୋ ଭାଗ୍ୟରେ ଆହୁରି କେତେ ଦୁଃଖ ଅଛି ତା'ର ହିସାବ ନାହିଁ।"

ସରୋଜିନୀ ନିରୁତ୍ତର ରହିଲା, ଚୁପ୍‌ଚାପ୍ ଶାଶୁଘରକୁ ଗଲା । ଶାଶୁଘରେ ତାକୁ କେହି ଖୋଲାମନରେ ସ୍ୱାଗତ କଲେ ନାହିଁ । ସେଠାରେ ସେ ଦାସୀ ହୋଇ ଖଟିବ ଏବଂ ପ୍ରତି ରାତିରେ ଧର୍ଷିତା ହେବ ! ସରୋଜିନୀ ଅଚାନକ ଧର୍ଷଣର ଶିକାର ହୋଇଥିଲା । ମାତ୍ର ତା'ର ଜ୍ଞାତସାରରେ ସାରା ଜୀବନ ତା' ଉପରେ ଧର୍ଷଣର ତାଣ୍ଡବଲୀଳା ଘଟିବ ଏକଥା ବରଦାସ୍ତ କରିବ କେମିତି ? ଦାସୀ ହୋଇ ଖଟିବାରେ ତା'ର ଦୁଃଖ ନାହିଁ, କିନ୍ତୁ ଧର୍ଷଣକାରୀ ବର୍ବରର ସ୍ତ୍ରୀ ହୋଇ ରହିବା ନର୍କଭୋଗଠାରୁ ବଳେ । ମାତ୍ର ସେ ଯିବ କୁଆଡ଼େ ?

ଏ ବିବାହରେ ଧର୍ଷଣକାରୀକୁ ଶାସ୍ତି ମିଳିଲା ନା ଧର୍ଷିତା ସରୋଜିନୀକୁ ଆଜୀବନ ଧର୍ଷିତା ହେବାର ଶାସ୍ତି ବିଧାନ ହେଲା ?

ସରୋଜିନୀର ସ୍ୱାମୀକୁ ମଧୁଶଯ୍ୟା ପାଳିବା ପାଇଁ ଜେଲ୍‌ରୁ ଘରକୁ ଛଡ଼ାଯାଇଥିଲା । ସରୋଜିନୀ ଭିତରେ ଗୋଟାଏ ପ୍ରତିଜ୍ଞା ଦୃଢ଼ ରୂପ ନେଇସାରିଥିଲା । ବିବାହ ବନ୍ଧନରେ ମଣ୍ଡିତ ହୋଇଥିବା ତା'ର ପବିତ୍ର ଶରୀରକୁ ସେ ଗୋଟାଏ ଧର୍ଷଣକାରୀକୁ ସ୍ପର୍ଶ କରିବା ପାଇଁ ଦେବ ନାହିଁ । ଶେଷ ସିଦ୍ଧାନ୍ତ ସେ ନେଇସାରିଛି । ଏ ସମାଜ ତା'ର ସମ୍ମାନ ରକ୍ଷା କରିପାରି ନାହିଁ । ତା'ର ସମ୍ମାନ ରକ୍ଷା କରିବାର ଦାୟିତ୍ୱ ତା' ନିଜର । ବିନା ପ୍ରସ୍ତୁତିରେ ସେ ଧର୍ଷଣ ଭୋଗିଥିଲା । ଏବେ ସେ ନିଜକୁ ପ୍ରସ୍ତୁତ କରିଛି ଧର୍ଷଣକାରୀର ମୁକାବିଲା କରିବା ପାଇଁ । କାତ୍ୟାୟିନୀ ସାଜିବାକୁ ସରୋଜିନୀ ବାଧ୍ୟ । ମାତ୍ର ସେ ସ୍ୱାମୀ ହତ୍ୟାକାରିଣୀ ହୋଇପାରିବ ନାହିଁ । ଗୋଟିଏ ଧର୍ଷଣକାରୀର ସ୍ତ୍ରୀ ହୋଇ ଘୃଣିତ ଜୀବନ ବଞ୍ଚିବାଠାରୁ ଗୋଟାଏ ନପୁଂସକର ସ୍ତ୍ରୀ ହୋଇ ରହିବା ବରଂ ଶ୍ରେୟ । ଏଭଳି ନ୍ୟାୟ ବିଚାର ତା' ନିଜ ବ୍ୟତୀତ ତାକୁ ଆଉ କେହି ଦେଇପାରିବେ ନାହିଁ ।

ସରୋଜିନୀର ଆହତ ବିଚାରରେ ଗୋଟାଏ ପଶୁ ସହ ମଧୁଶଯ୍ୟା ରଚନା କରିବା ଅପେକ୍ଷା ରକ୍ତଶଯ୍ୟା ରଚନା କରିବା ସ୍ତ୍ରୀର ପରମ କର୍ତ୍ତବ୍ୟ ।

❖❖❖

# ମଧ୍ୟାହ୍ନର ଛାଇ



ISSN-2583-6978
Volume-4
Issue-10
OCTOBER-2024

**କାଳିଚରଣ ଦାସ**

**ଭୁବନେଶ୍ୱର**

'ମାଳା ମାଉସୀ ଆସୁଛନ୍ତି' ଏ ସମ୍ବାଦଟିରେ କ'ଣ ଏତେ ତାତ୍ପର୍ଯ୍ୟ ଥିଲା କେଜାଣି ଆମ ଘରେ ଗୋଟିଏ ଚମତ୍କାର ବାତାବରଣ ସୃଷ୍ଟି ହୋଇଯାଉଥିଲା। ବୋଉ ତ ବୋଉ ବାପା ଦାଦା ଏତେ ତତ୍ପର ହୋଇ ଉଠୁଥିଲେ- ମନେ ହେଉଥିଲା: ଯେମିତି କାହା ଗୋଡ଼ ଆଉ ତଳେ ପଡୁନି। ଏଇ ସୁଯୋଗରେ ଘର ବଗିଚାକୁ ନୂଆ ପ୍ରକାରେ ସଜାଇବା ଠାରୁ ଆରମ୍ଭ କରି ପର୍ଦ୍ଦା, ବିଛଣାଚାଦର ଓ ଘରକରଣାର ଜିନିଷପତ୍ର ନୂଆ ପୁରୁଣା ହେବାର ଗୋଟିଏ ଅବସର ମଧ ଆସି ଯାଉଥିଲା। ମାଳା ମାଉସୀ ଆସିବେ, ଚାଲିଯିବେ କିନ୍ତୁ କୌଣସି ଭି.ଆଇ.ପିଙ୍କ ଆଗମନକୁ କେନ୍ଦ୍ର କରି ଆଗପଛ ହୋଇ ମାସେ ପନ୍ଦର ଦିନ ଯେପରି ସରକାରୀ ଓ ରାଜନୈତିକ ମହଲରେ ପ୍ରସ୍ତୁତିପର୍ବ ଓ ସ୍ତୁତିଚାରଣ ଚାଲେ, ଆମ ଘର ସେମିତି ସରଗରମ ହୋଇ ଉଠୁଥିଲା ତାଙ୍କ ଉପାଖ୍ୟାନର ଗଭୀର ଆଲୋଚନାରେ।

ବର୍ଷକେ ଚାରି ପାଞ୍ଚ ଥର ଆମ ଘରେ ମାଳା ମାଉସୀଙ୍କ ଆବିର୍ଭାବ ଘଟୁଥିଲା। ଆସିଥିବେ ଚାରି କି ଛଅ ଦିନ ପ୍ରୋଗ୍ରାମରେ। କିନ୍ତୁ କାଲି, କାଲି, ଆଉ ଦିନେ, ଆଉ ଦିନେ ହୋଇ ମାସେ ପନ୍ଦର ଦିନ ଯାଏଁ ସମସ୍ତେ ତାଙ୍କୁ ସ୍ନେହ ଫାଶରେ ବାନ୍ଧି ରଖୁଥିଲେ।

ସାଧାରଣତଃ ସେ ଆସନ୍ତି ଅଜା କି ସାନମାମୁଙ୍କ ସାଙ୍ଗରେ। କେବେ କିମିତି ବୋଉ, ବାପା କି ଦାଦା ମାମୁଘରଗାମୀ ହେଲେ ସେ ଏକା କାହିଁକି, ତାଙ୍କ ଘରେ ସମସ୍ତେ ନାହିଁ ନାହିଁ କରୁଥିବେ- ତାଙ୍କୁ ସାଙ୍ଗରେ ଧରି ଆସିବେ ଜବରଦସ୍ତି। ଜାଗର, ଅଶୋକାଷ୍ଟମୀ, ସ୍ୱାଧୀନତା ଦିବସ ପ୍ୟାରେଡ, କେ. ଲାଲଙ୍କ ମ୍ୟାଜିକ ସୋ, ଏସିଆନ ସର୍କସ କିମ୍ବା ମୋର କି ଭାଇର ଜନ୍ମ ଦିନ ଅଥବା ନୂଆବର୍ଷ ପିକନିକ ଉପଲକ୍ଷେ ସେ ଆସିଯାଆନ୍ତି। ଅଜାଙ୍କ ସାଙ୍ଗେ ଆସିଥିଲେ ବୁଢ଼ା ଜିଦ ଧରି ବସେ : ମୁଁ ସାଙ୍ଗରେ ନେଇଯିବି, ଆମ ଘର କଥା କିଏ ବୁଝିବ। ତେଣୁ ସେଥରକ ତାଙ୍କ ରହଣି ସଂକ୍ଷିପ୍ତ ହୋଇଥାଏ। ନଚେତ୍ ଏମିତି ଆଉ କାହା ସାଙ୍ଗେ ଆସିବା ଅର୍ଥ, ତାଙ୍କର ପଦ୍ମ ଗୁଞ୍ଜି ଗୁଞ୍ଜି ଯିବ। ନିହାତି ଅମାନିଆ ନ ହେବା ପର୍ଯ୍ୟନ୍ତ ସମସ୍ତେ ତାଙ୍କ ବାଟ ଓଗାଳି ଠିଆ ହୋଇଯାଆନ୍ତି।

ମାଳା ମାଉସୀ ଆସିଲେ ଆମ ସମସ୍ତଙ୍କର ଖୁସି। ବାପା ବ୍ୟାଗ ଭର୍ତ୍ତି ପନିପରିବା ଆଣିଲା ବେଳକୁ ଦାଦାଙ୍କ-ମାଛ ମାଂସ ଅଣ୍ଡାରେ ଘର ଗନ୍ଧେଇ ଯାଏ। ମାଉସୀ ଥିବା ତକ ବାପାଙ୍କ କଚେରୀ ଯିବା ଅନିୟମିତ ହୁଏ। ଦଶଟା ସୁଦ୍ଧା କ'ଣ ଦିଇଟା ନାକ କାନରେ ପୂରେଇ ଦେବାନି ସିରସ୍ତା ଜଗି ଆସିଥିବା ବାପାଙ୍କ ନିଷ୍ଠା ଆଉ ରହେ ନାହିଁ। ଗଲେ-ଗଲେ, ନ ହେଲେ ନାହିଁ। ନୂଆ ଚାକିରି ସତ୍ତ୍ୱେ ଦାଦା ମଧ ସ୍କୁଲ ଯାଆନ୍ତି ନାହିଁ। ଯଦି ଗଲେ ଏ କ୍ଲାସ ହେଲାନି, ହେଡମାଷ୍ଟ୍ରେ କହିଲେ ଶେଷ ପିରିୟଡ ଦିଇଟା ନନେଲେ ଚଳିଯିବ କିମ୍ବା ଅଧେ ଦିନ କିଛି ନ ଖାଇ ସ୍କୁଲ ଚାଲି ଯାଇଥିବେ- ରିସେସ୍‌ରେ ଆସିବେ ଖାଇବା ବାହାନାରେ ସେ ଆଉ ଯିବେନି ଘରଟା ଭିତରେ ଖାଲି ଏପଟ ସେପଟ ହେଉଥିବେ।

ମାଳା ମାଉସୀ ବୋଉର ସବା ସାନ ଭଉଣୀ। ଚାରି ଝିଅ, ତିନି ପୁଅଙ୍କ ଭିତରେ ସବୁଠୁ ସାନ। କୌଣସି ପ୍ରକାରେ ଗାଆଁ ହାଇସ୍କୁଲରୁ ମାଟ୍ରିକ ଖଣ୍ଡକ ପାସ କରି ଯାଇଥିଲେ। ବୋଉଠାରୁ ସୁନ୍ଦର, ଚାଲାକ; ତାଙ୍କ ପରିବାରର ପ୍ରଥମ ମାଟ୍ରିକ ପାସ୍ କରା ଝିଅ। ସମସ୍ତଙ୍କ ସ୍ନେହ ଆଦର ଓ ପ୍ରଶଂସାର କେନ୍ଦ୍ରବିନ୍ଦୁ ଥିଲେ। କୌଣସି ଗୁଣରେ ତାଙ୍କୁ ଖୁଣିବାକୁ ନ ଥିଲା। ବୋଉ ଭଳି ବଦରାଗୀ କି ନାକଟେକା ପ୍ରକୃତି ତାଙ୍କର ନଥିଲା। କଥା କହିବେ; ଏ କାନରୁ ସେ କାନକୁ ଶୁଭିବ ନାହିଁ। ସ୍ନେହ ଆଦରରେ ସାତପରକୁ ନିମିଷକେ ଆପଣାର କରିନେବେ। ତେଣୁ ଆମ ଭାଇଭଉଣୀଙ୍କ ଭିତରେ କିଏ ମାଉସୀ ସାଙ୍ଗେ ଖାଇବ, କିଏ ମାଉସୀ ପାଖେ ଶୋଇବାକୁ ନେଇ ରୀତିମତ ମାଡ଼ଗୋଳ ଲାଗି ଯାଉଥିଲା।

ମାଉସୀ ଆସିବା ମାନେ ଆମ ଘରକାମ ଅଧେ ସମ୍ଭାଳି ନେବେ। ବାପା ଦାଦାଙ୍କ ଅର୍ଦ୍ଦଳିରୁ ବୋଉ କିଛିଟା ହାଲକା ହୋଇଯିବ। ସବୁ

କଥାରେ ବାପା ଦାଦାଙ୍କ ଡାକରା ପଡ଼ିବ ମାଉସୀଙ୍କୁ। କାହା ତୁଣ୍ଡ ଫିଟିଲାବେଳକୁ ସେ ମୁଣ୍ଡରେ ମୁଣ୍ଡେଇ ସାରିଥିବେ। ଏଘର ସେଘର ହୋଇ ଛାଇ ଭଳି ବାପା ଦାଦାଙ୍କ ପଛରେ ଲାଗି ରହିଥିବେ।

ଆମେ ସେତେବେଳେ ପିଲା ବୟସ ବୋଲି ଜାଣି ପାରୁ ନଥିଲୁ ମାଳା ମାଉସୀ ଆମ ପରିବାର ପାଇଁ କାହିଁକି ଏତେ ଅନିବାର୍ଯ୍ୟ ହୋଇ ପଡିଛନ୍ତି। ତାଙ୍କ ପାଇଁ ଘର ଭର୍ତ୍ତି ଖୁସି କୁଆଡୁ ଏତେ ଆସୁଥିଲା। ସେ ଥିବା ପର୍ଯ୍ୟନ୍ତ ବାପା ଦାଦାଙ୍କ ଗର୍ଜନ ତର୍ଜନ, ବୋଉର ପାଲଟା ରଡ଼ିରେ ଆମ ଘର ଫାଟି ପଡୁନଥିଲା। ସେଥିପାଇଁ ମାଉସୀଙ୍କ ସ୍ୱାଗତ ସମାରୋହ ଓ ବିଦାୟ ସମ୍ବର୍ଦ୍ଧନାର ଗୋଟିଏ ବୈଶିଷ୍ଟ୍ୟ ଥିଲା। କିଏ ଛାଡ଼ିବାକୁ ଯିବ ମାଉସୀଙ୍କୁ ଓ କଅଣ କଅଣ ଦିଆହେବ ଥିଲା ଏକ ଚର୍ଚ୍ଚାର ବିଷୟ। ଉଦାରପନ୍ଥୀ ମିତବ୍ୟୟୀ ବାପାଙ୍କ ପରିବର୍ତ୍ତେ ବୋଉ ପକ୍ଷ ନେଉଥିଲା ଦାଦାଙ୍କର। ଆମ ଘରେ ମାଳା ମାଉସୀଙ୍କ ଏ ରେକର୍ଡ ଥିଲା ପ୍ରାୟ ସାତ ଆଠ ବର୍ଷର।

ସେ ବର୍ଷ ମୋର ସପ୍ତମ ଶ୍ରେଣୀ। ମୋ ତଳଭାଇଟା ଷଷ୍ଠରେ ଫେଲ ହୋଇ ମାଡ଼ ଗାଳି ଭୟରେ ମାମୁ ଘରେ ଯାଇ ପନ୍ଦର ଦିନ ଲୁଚି ରହିବା ପରେ ମାଉସୀ ଆସିଲେ ଛାଡ଼ିବାକୁ-ଦାଦା କେଉଁଠି ଚିଠି ଦେଇଥିଲେ ମାଉସୀଙ୍କୁ ତୁ ଛାଡ଼ିବାକୁ ଆସିଲେ ଭାଇ ନୂଆବୋଉ ତାକୁ କିଛି କହିବେନି। ସେଥର ରହୁ ରହୁ ମାଉସୀ ଦି ମାସ କି ଅଢେଇ ମାସ ରହିଗଲେ। କେତେ ଖବର, ଚିଠି ପରେ ଯେତେବେଳେ କେହି ଛାଡ଼ିବାକୁ ଗଲେନି, ଅଜା ହଠାତ୍ ଦିନେ ଖରାବେଳିଆ ଆସି ପହଞ୍ଚିଗଲେ।

ସେଦିନ ସକାଳୁ ଦାଦା ବାହାରି ଯାଇଥାଆନ୍ତି ସ୍କୁଲ ପିକ୍‌ନିକ୍‌ରେ। ସାଙ୍ଗରେ ନେଇ ଯାଇଥିଲେ ଜେଜେଙ୍କ ବଡ଼ ପିତଳ ମିଲ୍‌ସ କ୍ୟାରିଅରଟା। ରାତିକୁ ରୋଷେଇ ବନ୍ଦ। ଭୋଜି ଆସିଲେ ସମସ୍ତେ ଖାଇବେ। ପଲଉ ମାଂସର ଗୋଟାଏ ଆମେଜ ନେଇ ଆମେ ମସଗୁଲ ଥାଉ। ଛୁଟିଦିନ ଯୋଗୁଁ ଘରେ ବାପା ଥାଆନ୍ତି। ଏଗାରଟା ବାରଟା ବେଳକୁ ଅଚାନକ ଆସି ଅଜା ପହଂଚିଗଲେ। ଆମେ ପିଲା ପଞ୍ଝାଏ ମାଉସୀଙ୍କୁ ଧରି ବଗିଚା ଆମ୍ବଗଛ ବେଢ଼ାରେ ଗପରେ ମଜି ଯାଇଥିଲୁ ଓ ଅଜାଙ୍କୁ ଦେଖି ପାଟି କରି ଉଠିଲୁ, ଅଜା ଆସିଲେ ଅଜା।

କ'ଣ ସେଦିନ ଅଜାଙ୍କର ହୋଇଥିଲା କେଜାଣି, ଭାରି ଗମ୍ଭୀର ଦେଖାଯାଉଥାନ୍ତି ଓ ନିହାତି ବିପଦ ମୁଣ୍ଡେଇ ଆସିଥିବା ଭଳି ଖାଲି ହାତରେ, ଗୋଡ଼ ମୁହଁ ଧୂଆ ନାହିଁ ସିଧା ବୋଉ ଶୋଇଲାଘରକୁ ପଶିଗଲେ। ଦିନେ କାଳେ ନଥିବା ଭଳି ବୋଉ ଉପରେ ବର୍ଷିଗଲେ ଅଦିନ ମେଘ ଭଳି। କିଛି ସମୟ ଚୁପ ରହିବା ପରେ ବୋଉ ବି ମୁହଁ ଖୋଲିଲା। ବାପା ଆର ଘରୁ ଉଠି ଆସି ବାପ ଝିଅଙ୍କ ତର୍କ ବିତର୍କ ଭିତରେ ମଧ୍ୟ ପଶିଗଲେ।

ବାପା ବୋଉ ଓ ଅଜାଙ୍କ କଥାରୁ ଆମେ କିଛି ଧାଡ଼ି ନାଡ଼ି ପାଉନଥିଲୁ। କ'ଣ ଗୋଟିଏ ଅଘଟଣ ଘଟିଛି ଯେଉଁଥିପାଇଁ ସମସ୍ତେ ପରସ୍ପରକୁ ଦାୟୀ କରୁଥିଲେ। ଆମେ ଜଳ ଜଳ ହୋଇ ଦୂରରୁ ଖାଲି ଦେଖି ଯାଉଥିଲୁ ଓ ନିଜ ନିଜ ବୁଦ୍ଧିରେ କଳନା କରୁଥିଲୁ ପ୍ରକୃତରେ କେଉଁଠି କ'ଣ ହୋଇଛି ଅଥଚ କୂଳ କିନାରା କିଛି ମିଳୁ ନଥିଲା।

ସେଇ ଖରାବେଳଟାରେ ମାଉସୀଙ୍କୁ ଧରି ଅଜା କାକଟପୁର ବସ୍‌କୁ ବାହାରିଗଲେ। ପାଣି ଟିକିଏ କି ସରବତ ଟିକିଏ ନାହିଁ- ଅଖିଆ ଅପିଆ ଚାଲିଗଲେ। ମାଉସୀ ମଧ୍ୟ ଏମିତି କେବେ ଘରୁ ଯାଇନଥିଲେ। ଗଲାବେଳେ ତାଙ୍କ ମୁହଁରେ ଟିକିଏ ହସ ନଥିଲା କି କୌଣସି ବିଧିବ୍ୟବସ୍ଥା। ଏପରିକି ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ବାପା ସେଦିନ ବଳେଇ ଦେବାକୁ ଯାଇନଥିଲେ। ଘର ଭିତରେ ନିଃଶବ୍ଦରେ ଯେମିତି ଗୋଟିଏ ଝଡ଼ ବୋହି ଯାଇଥିଲା।

ସେମାନେ ଚାଲିଯିବା ପରେ ଆରମ୍ଭ ହେଲା ବାପା ବୋଉଙ୍କ ପର୍ବ। ଆମେ କେହି ଶୁଣି ନପାରିଲା ଭଳି ଦିହେଁ ଦିହିଁଙ୍କ କଥାର ପ୍ରଚଣ୍ଡ ପ୍ରତିବାଦ କରୁଥାନ୍ତି। ସନ୍ଧ୍ୟା ବେଳକୁ ଦାଦା ମଧ ବାପା ବୋଉଙ୍କ ତୀବ୍ର ଆକ୍ରମଣର ସମ୍ମୁଖୀନ ହେଲେ। ଆମ ଛୋଟ ବୁଦ୍ଧିରେ ଆମେ ଏତିକି ମାତ୍ର ବୁଝିଥିଲୁ-ମାଳା ମାଉସୀଙ୍କୁ ନେଇ କ'ଣ ଗୋଟିଏ ସମସ୍ୟା ସୃଷ୍ଟି ହୋଇଛି।

ଯେଉଁ ମାଳା ମାଉସୀଙ୍କ ପାଇଁ ଆମ ଘର ଦିନେ ମଉଳି ଯାଉଥିଲା ସେଇ ମାଳା ମାଉସୀଙ୍କ ପାଇଁ ଆମ ଘରେ ମହାଭାରତଟାଏ ସୃଷ୍ଟି ହେଲା। ଖାଲି ଆମ ଘରେ ନୁହେଁ, ମାମୁ ଘରେ ମଧ୍ୟ ଅନୁରୂପ ଦ୍ୱନ୍ଦ ଲାଗି ରହିଥିଲା ଚାରି କି ଛଅ ମାସ ଯାଏ। ବାପା ଦାଦାଙ୍କ ମଝିରେ ଥାଇ ବୋଉ ଯେମିତି କାହାରି ଜିଦ ଭାଙ୍ଗି ପାରିନଥିଲା-ବଡ଼ ମାମୁ ଓ ଅଜାଙ୍କୁ ଏକମତ କରାଇ ପାରି ନଥିଲା ଆଈ। ଦିଇଟା ଯାକ ପରିବାର-ବାପ ଝିଅ, ଭାଇ ଭଉଣୀ, ଶାଶୁ ବୋହୂ, ଝିଅ ଜ୍ୱାଇଁ ଭଳି ନିବିଡ଼ ସଂପର୍କକୁ ଅସ୍ୱୀକାର କରି ଆକ୍ରମଣ ଓ ପ୍ରତି ଆକ୍ରମଣରେ ଲିପ୍ତ ହୋଇ ଯାଇଥିଲା।

ଦାଦା ମାଳା ମାଉସୀଙ୍କୁ ଖୁସି ବାଣ୍ଟିବାକୁ କେନ୍ଦ୍ର କରି ଏ ଯେଉଁ ଗୋଳଯୁଦ୍ଧର ସୂତ୍ରପାତ ହୋଇଥିଲା ସାନମାମୁଁ ଅତ୍ୟନ୍ତ ଚତୁରତାର ସହ ଏକ ସର୍ବମାନ୍ୟ ସମାଧାନର ସୂତ୍ର ବାହାର କଲେ। ଶେଷକୁ ଆମ ଘରେ ପାଚେରୀ ପଡ଼ିଲା। ଅତି ବେଛପରିଆ ଭାବେ ମାଳା ମାଉସୀ ଆମ ପରିବାରକୁ ବୋହୂ ହୋଇ ଆସିଲେ। ଖୁଡୀଟିଏ ତ ପାଇଲୁ ନାହିଁ ଅପରନ୍ତୁ ମାଉସୀଟିଏ ହରାଇଲୁ। ଜୀବନଠାରୁ ଅଧିକ ଆମକୁ ଭଲ ପାଉଥିବା ଦାଦାଙ୍କ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ହେଲୁ କ'ଣ ସେ ଆଉ ଆଡ଼ ଆଖିରେ ବି ଆମକୁ ଚାହିଁଲେ ନାହିଁ। ଅଜା ଆଈ, ମାମୁ ମାଈଁ ମାଉସୀ ଶପଥ ନେବା ଭଳି ଆଉ ଆମ ମାଟି ମାଡ଼ିଲେ ନାହିଁ।

ବାପା ବୋଉଙ୍କର ଆମ ଉପରେ ନିଷେଧାଜ୍ଞା ଅନେକ ଦିନ ବଳବତ୍ତର ରହିଲା। ରହିଲା ମାନେ ବାପା ବୋଉ ଭାଙ୍ଗିଗଲେ

ପଛେ ନଇଁଲେ ନାହିଁ। ଗୋଟିଏ ସନ୍ଧିପତ୍ର ସ୍ୱାକ୍ଷରିତ ହେବା ଭଳି କେହି କାହା ମୁହଁ ଚାହିଁଲେ ନାହିଁ। ସାତ ପର ଭଳି ଜୀବନ ବିତେଇ ଦେଲେ। ଏମିତିକି ସାଧାରଣ ପଡୋଶୀ ଭଳି ଶେଷ ପର୍ଯ୍ୟନ୍ତ କେହି କାହାକୁ ମାନି ନେଲେ ନାହିଁ।

ଆମେ ପାଞ୍ଚଟା, ଦାଦାଙ୍କର ତିନିଟା-ଆଠଟା ପିଲା ପାଠ ପଢି ମଣିଷ ହେଲୁ ଅଥଚ କେହି କାହାକୁ ଚିହ୍ନିଲୁ ନାହିଁ। ଏମିତି କଟକଣା ଜାରି ରଖିଥିଲେ ବାପା, ବୋଉ, ଦାଦା ଖୁଡ଼ୀ ଯେ, ଆମେ କେହି କାହା ଛାଇ ମାଡୁନଥିଲୁ, ଏପରିକି ବାହାର ଜାଗାରେ କେହି କାହାକୁ ଦେଖୁଥିଲେ ମୁହଁ ପୋତି ବାଟ ଭାଙ୍ଗି ଚାଲି ଯାଉଥିଲୁ କିଏ କାହା ପରିଚୟ ଦେବା ତ ଦୂରର କଥା। ଏକା ଘର ଭାଙ୍ଗି ଦି' ଭାଗ ହୋଇଥିଲା, ଏ ଘରେ ଜିରା ଫୁଟିଲେ ସେ ଘରକୁ ବାସ୍ନା ଯାଉଥିଲା, କିନ୍ତୁ ରାଣ ହେଲା ଭଳି କୋଡ଼ିଏ ବର୍ଷ ବିନା ସ୍ୱର ଶବ୍ଦରେ କଟିଗଲା ସେ ଘରେ କ'ଣ ହେଉଛି, ଏ ଘରେ ଜାଣିବାର ଚେଷ୍ଟା କାହରି ନଥିଲା।

ଆମେ ବଡ଼ ଭାଇ ଭଉଣୀ ଦିହେଁ ଚାକିରି ପାଇବା ବର୍ଷ ବାପା ଗଲେ, ତାଙ୍କ ଯିବାର ବର୍ଷେ ନ ପୁରୁଣୁ ବୋଉ। କିମିତି ଛାତିରେ ପଥର ଲଦି ଦେଇଥିଲେ ଦାଦା ଖୁଡ଼ୀ, ଟିକିଏ ସାନ୍ତ୍ୱନା ଦେବାକୁ ମଧ୍ୟ ଆସିଲେ ନାହିଁ। ଅବଶ୍ୟ ବାପା ବୋଉଙ୍କ ଅବର୍ତ୍ତମାନରେ ଆମେ ବିଶେଷ ଅସୁବିଧା ଭୋଗି ନଥିଲୁ। ସବା ସାନ ଭାଇ ସେ ବର୍ଷ ବି.ଏ. ପରୀକ୍ଷା ଦେଇଥିଲା ଓ ବାପାଙ୍କ ଜାଗାରେ ଚାକିରି ପାଇଲା। କେବଳ ସମସ୍ୟା ଥିଲା ବାହାଚୋରାର। ତା ଉପରେ ଆମେ ସେତେବେଳେ କେହି ଗୁରୁତ୍ୱ ଦେଉନଥିଲୁ।

କିମିତି ମଣିଷ ଡାକିହାକି ହୋଇଯାଆନ୍ତି ତା'ର ପ୍ରମାଣ ଦେଲେ ଦାଦା। ବୋଉ ଯିବାର ଛ' ମାସ ହୋଇନି ଦାଦା ନିମୁନିଆରେ ପଡ଼ି ଚାଲିଗଲେ। ଆମେ ଭାଇଭଉଣୀ ବାପା ବୋଉଙ୍କ ପାଇଁ ଯେତିକି ଦୁଃଖ ପାଇନଥିଲୁ- ଦାଦା ଚାଲିଯିବାଟା ଆମକୁ ଦାରୁଣ ଆଘାତ ଦେଲା। ବୟସରେ ବାପାଙ୍କଠାରୁ ପନ୍ଦର ବର୍ଷ ସାନ ଦାଦା ହଠାତ ଏମିତି ଅଧା ବୟସରେ ଚାଲିଯିବା ଆମକୁ ଆନ୍ଦୋଳିତ କଲା। ଆମେ ଭାଇଭଉଣୀ ଅକୁହା ଅପୁଛା ଆଗୁଆ ହୋଇ ଦାଦାଙ୍କ କାମରେ କାନ୍ଧ ଲଗାଇଲୁ। ତାଙ୍କ ଘର ଥଇଥାନ କଲୁ। ଲାଗିପଡ଼ି ଝିଅଟାକୁ ଚାକିରି ଖଣ୍ଡେ ଧରେଇ ଦେଲୁ। ପେନସନ ଟଙ୍କା ଓ ଝିଅଟାର ଯତକିଞ୍ଚିତ ଉପାର୍ଜନରେ ପଡ଼ି ଉଠି ତିନିଟା ଯାକ ପିଲାମଣିଷ ହୋଇଗଲେ। ମାଳା ମାଉସୀଙ୍କୁ ବିଶେଷ କଷ୍ଟ ଉଠାଇବାକୁ ପଡ଼ିଲାନି କି ବାପଘରକୁ ଖୋଜିବାର ଆବଶ୍ୟକତା ପଡିଲାନି।

ବାପା ବୋଉ ଯିବା ପରେ ଘରର ଦାୟିତ୍ୱ ପଡ଼ିଥିଲା ମୋ ଉପରେ। ତାଙ୍କ ଅସମାପ୍ତ କାର୍ଯ୍ୟର ମୁଣ୍ଡ ମାରୁ ମାରୁ ମଁ କେତେବେଳେ ଏକୁଟିଆ ହୋଇଯାଇଥିଲି ଜାଣିପାରିଲି ନାହିଁ। ସେଥିପାଇଁ ମୋର ଅବଶୋଷ ନଥିଲା। କାରଣ ସମସ୍ତଙ୍କର ମୋ ଉପରେ ଅସୀମ ଶ୍ରଦ୍ଧା କେବଳ ନଥିଲା ଅପରନ୍ତୁ ମୁଁ ଯେପରି କୌଣସି ଅଭାବ ଅସୁବିଧା ଅନୁଭବ ନକରେ ଓ ନିଃସଙ୍ଗତାରେ ଛଟପଟ ନହୁଏ ସେଥିପ୍ରତି ଯତ୍ନବାନ ଥିଲେ। କେହି ନା କେହି ଆସି ମୋତେ କୋଳାହଳ ଭିତରେ ବୁଡ଼େଇ ରଖୁଥିଲେ।

ସେ ଘରେ ମାଳା ମାଉସୀ, ଏ ଘରେ ମୁଁ। ସବୁ କଥାରେ ସେ ମୋତେ ବୁଦ୍ଧି ମାଗୁଥିଲେ। ପିଲାଗୁଡ଼ାକ କେବେ କେମିତି ମୋ ପାଖେ ଅମାନିଆ ହୋଇଯାଉଥିଲେ ସିନା, କିନ୍ତୁ ମାଉସୀ କେବେ ମୋ କଥାକୁ ତଳେ ଥୋଇ ଦେଉନଥିଲେ। ତେବେ ଆମ ଭିତରେ ପିଲାଦିନର ସେ ଆତ୍ମିକ ଆବେଦନ ନଥଲା, ଗୋଟିଏ ଅଫିସିଆଲ ସଂପର୍କ ନେଇ ଆମେ ଯାହା ପରସ୍ପରକୁ ଜାବୋଡ଼ି ଧରିଥିଲୁ। ମାଳା ମାଉସୀ ଝିଅ ବାହାଘର କଲେ। ବଡ଼ପୁଅ ବି ଚାକିରି ପାଇଲା, ବାହା ହେଲା। ସାନଟା ଚାକିରି ନକରି ଭଲ ବ୍ୟବସାୟ ଖଣ୍ଡେ ଧରିଲା। ମାଉସୀଙ୍କ ଗାମ୍ଭୀର୍ଯ୍ୟ ପୁଣି ଫେରିଆସିଲା। ଜଣେ ପୋଖତ ଅଭିଭାବକ ଭଳି ଆସ୍ଥାନ ମାଡ଼ି ବସିଲେ ବଂଶମର୍ଯ୍ୟାଦା ଏକଚାଟିଆ ଖାନଦାନୀ ନେଇ।

ଯେତେଟା ପାରିଥିଲେ, ମାଳା ମାଉସୀ ବଡ଼ ଦିଇଟାଙ୍କ ପାଇଁ ଭଲ ଘର ଖୋଜି ବନ୍ଧୁ ବାନ୍ଧିଥିଲେ। ଆଖି ଥିଲା ସାନଟା ଉପରେ। ମନେ ମନେ ଖୋଜି ହେଉଥିଲେ ଏମିତି ଜାଗା ଦେଖି ବସିବେ- ପାଞ୍ଚ ପଚିଶରେ ତାଙ୍କ ନାଆଁ ଗଣା ହେବ।

ମାଉସୀ ସ୍ୱପ୍ନ ଦେଖୁଥିଲେ ସାନପୁଅ ପିଲୁକୁ ନେଇ। ବେଳେବେଳେ କହି ବି ଦେଉଥିଲେ; କ'ଣ ସବୁ ତାଙ୍କ ମନରେ ଅଛି। ଏଥର ସେ ବାହାଘର କରିବେ ବାହାଘର ଭଳି। ପିଲୁ ଭଳିଆ ସୁନ୍ଦର, ସ୍ୱାସ୍ଥ୍ୟବାନ, ଯୋଗ୍ୟ ଓ ଉପାର୍ଜନକ୍ଷମ ପିଲାଟା ପାଇଁ ସେ ତରବରିଆ ନିଷ୍ପତ୍ତି କିଛି ନେବେ ନାହିଁ। ପୁଣି ଏଇଟା ତ ତାଙ୍କର ଶେଷ କାର୍ଯ୍ୟ। ଗୋଟିଏ ରେକର୍ଡ ଭାଙ୍ଗିବା ଅଭିଳାଷ ନେଇ ମାଳା ମାଉସୀ ଦିନ ଗଣୁଥିଲେ-କେବେ ସେ ସମୟ ଆସିବ।

ନିହାତି କାମ ନଥିଲେ ମାଳା ମାଉସୀ ସମୟ ନଷ୍ଟ କରି କେବେ ଆସି ଘଣ୍ଟାଏ ଅଧଘଣ୍ଟାଏ ଗପି ଯାଆନ୍ତି ନାହିଁ। ପଅରଦିନ ଆସି କେମିତି ଗୁମ୍ ମାରି ବସିଗଲେ। କ'ଣ କହିବେ କହିବେ ହୋଇ ଅଟକି ଯାଉଥିଲେ କି କେଉଁଠୁ ଆରମ୍ଭ କରିବେ ଚିନ୍ତୁଥିଲେ, ତାଙ୍କ ହାବଭାବରୁ ହଠାତ ବୁଝି ହେଉନଥିଲା। ଏମିତି ଆନମନା ହୋଇ କିଛି ସମୟ ବସିଥିଲେ ହଠାତ୍ ଉଠି ଚାଲିଗଲେ ଓ କହିଲେ କାଲି ଆସିବି।

କାଲି ତ ଆସିଲେନାହିଁ। ଆଜି ଦି' ପହରିଆ ନିଛାଟିଆ ବେଳ ଦେଖି ଚାଲି ଆସିଲେ। ଗୋଟିଏ ବିରାଟ ବିପତ୍ତିରେ ପଡ଼ି ଯାଇଥିବା ଭଳି ତାଙ୍କ ଚାଲି ଚାହାଣି ବଡ଼ ଅଜବ ଥିଲା। କେତେ ଦିନ ଧରି କାନ୍ଦି କାନ୍ଦି ଭିଜି ଯାଉଥିବା ଅବସ୍ଥା ଭଳି ଅତ୍ୟନ୍ତ ଦୟନୀୟ ଦେଖାଯାଉଥିଲେ। ଏମିତି କେଉଁଠି କଣ ତାଙ୍କର ହୋଇଥିବ ମୁଁ

ଅନୁମାନ କରିବା ଆଗରୁ ସେ ଟିକିଏ ଟାଣିଓଟାରି ହୋଇ କହିଲେ, ଆମ ପିଲୁ କଥା ଶୁଣିବୁ, ସେ ଏକାଜିଦ ଲଗେଇଛି,ଗତି ପ୍ରହରାଜ ଝିଅ ମୀନାକୁ ବାହାହେବ। କି କପାଳ ମୋ'ର ବ୍ରାହ୍ମଣ ଘର ଝିଅଟାକୁ କିମିତି ବୋହୂ କରି ଆଣିବି କହିଲୁ ? ପୁଣି ତୁ ତ ମୀନାକୁ ଦେଖିଛୁ, ତା ବାପାମାଆଙ୍କୁ ଦେଖିଛୁ। ଅଛି ତାଙ୍କର କ'ଣ, ମୋ ସଙ୍ଗାତ ଝିଅ ହେଲେ କଣ ହେଲା- ସେ କ'ଣ ଆମ ସମାସ୍କନ୍ଧ। ମୁଁ ଧନଦଉଲତ ସୁନ୍ଦର ଅସୁନ୍ଦର କଥା କହୁନି- ଅସଲ କଥା ହେଲା ବ୍ରାହ୍ମଣ ଘର ଝିଅଟାକୁ ଆଣି ସାଇତିବି କେଉଁଠି ? ଏ କ'ଣ ପିଲଖେଳ ନା ଦିନିକିଆ କଥା ହୋଇଛି।

ବଲ ବଲ ହୋଇ ମୁଁ ଚାହିଁଥିଲି ମାଳା ମାଉସୀଙ୍କୁ। କିଏ ସର୍ବସ୍ୱ ତାଙ୍କର ହରି ନେଇ ଯାଇଥିବା ଭଳି ବଡ଼ କାକୁସ୍ଥ ଦେଖାଯାଉଥିଲେ। ମୋ ଠାରୁ କିଛି ଶୁଣିବାକୁ ଅପେକ୍ଷା ରଖିଥିବା ବୁଝିପାରି ମୁଁ ଏତିକି କହିଲି; ଆଜିକାଲି ଜାତି ଗୋତ୍ର ନେଇ ଏତେ ଚିନ୍ତା କରିବାର କିଛି ନାହିଁ- ପୁଣି ତମେ ଯଦି ନିହାତି ନ ଚାହୁଁଛ, ପିଲୁକୁ ବୁଝାଇ ଦେଉନ।

କେତେ ବୁଝାଇବି,ବର୍ଷେ ଦେଲା ମୁଁ ତାକୁ ଶୁଆ ପରି ପଢାଉଛି- ସେ କିନ୍ତୁ ଏକା ରାହା ଧରିଛି, ମୀନାକୁ ସେ ଅଲବତ ବାହାହେବ। ମୁଁ କ'ଣ ନ କରିଛି ଏମାନଙ୍କ ପାଇଁ। ବାଲ୍ୟ ବିଧବାଙ୍କ ଭଳି ଜୀବନଟାକୁ ଉଜେଇଁ ଦେଲି,କେତେ ଝଡ଼ଝଞ୍ଜା ନ ସହିଛି- ମୁଁ କ'ଣ ଏଇ ସ୍ୱପ୍ନ ନେଇ ବଂଚି ରହିଥିଲି ! ନ ହେଲା ପଛେ ପୁଅ, ମୁଁ ରାତି ପାହିଲା ବେଳକୁ ଏ ଅଧର୍ମ କାମ କରିପାରିବି ନାହିଁ। ନିଜ ନିଷ୍ପତ୍ତିରେ ଅଟଳ ମାଳା ମାଉସୀ ଏ ପ୍ରସଙ୍ଗକୁ ଅତ୍ୟନ୍ତ ସମ୍ମାନଜନକ ଭାବେ ଗ୍ରହଣ କରି ସାରିଥିବା ମନୋଭାବ କ୍ରମେ ତାଙ୍କ କଥାରୁ ସ୍ପଷ୍ଟ ହୋଇ ଆସୁଥିଲା।

ମାଳାମାଉସୀଙ୍କ ଅଦ୍‌ଭୁତ ଚିନ୍ତାଧାରା ମୋତେ ବିସ୍ମିତ କଲା। କ'ଣ ଏମିତି ଜଘନ୍ୟ ଅପରାଧଟାଏ କରିବାକୁ ଯାଉଛି ପିଲୁ। ନିଜ ପସନ୍ଦରେ ବାହାହେବାକୁ ଜିଦ୍ ଧରି କେଉଁ ରାମାୟଣ ଅଶୁଦ୍ଧ କରି ପକାଇଲା। କାଲି ପର୍ଯ୍ୟନ୍ତ ସର୍ବାପେକ୍ଷା ଅଧିକ ପ୍ରାଧାନ୍ୟ ଦେଉଥିବା ପୁଅକୁ ଆଜି ସାତପର ଭଳି ପାଦରେ ଠେଲି ଦେବାର ସିଦ୍ଧାନ୍ତ କିମିତି ସାଜୁଛି ମାଳାମାଉସୀକୁ।

ମୋତେ ଆକାଶରୁ ଖସି ପଡ଼ିବା ଭଳି ଲାଗୁଥିଲା। ମୋର ଦୃଢ଼ ପ୍ରତିବାଦ କରିବାକୁ ଇଚ୍ଛା ହେଉଥିଲା- ମାଉସୀ, ତମେ ପିଲୁ ପ୍ରତି ଏତେ ନିଷ୍ଠୁର ହୋଇଯାଉଛ କାହିଁକି ? ଗୋଟାଏ ପ୍ରାପ୍ତ ବୟସ୍କ ପୁଅ ପ୍ରତି ତମେ ଅବିଚାର କରୁଛ। କିନ୍ତୁ ମୋ ବିଦ୍ରୋହୀ ମନକୁ ଆୟତରେ ରଖି ଚାହିଁ ରହିଥିଲି ମାଳାମାଉସୀଙ୍କୁ। ଜଣେ ପ୍ରବୀଣ ବିଚାରପତି ଭଳି ନିରପେକ୍ଷ ଗମ୍ଭୀର ହୋଇ ବସିଥିଲେ ମୋ ଅନୁମୋଦନ ଅପେକ୍ଷାରେ।

ମୁଁ ମାଳାମାଉସୀଙ୍କ ଭାବଭଙ୍ଗୀ ଲକ୍ଷ୍ୟ କରୁଥିଲି ଗୋଟିଏ ବିବ୍ରତ ମନ ନେଇ। ମୁହେଁ ମୁହେଁ କହିଦେବାକୁ ଇଚ୍ଛା ହେଉଥିଲା, ଯୁଗ କେଉଁଠି ଯାଇ ପହଞ୍ଚିଲାଣି, ତମେ କେଉଁଠି ଅଛ ମାଉସୀ। ତମେ ମୀନାକୁ ଘରକୁ ବୋହୂ କରି ନଆଣିଲେ ପୁଅଟାଏ ହରାଇବ। ପିଲୁକୁ ତମେ ବାଟ ଓଗାଳି ପାରିବ ନାହିଁ। ସେ ବର୍ଷେ ହେଲା ତମ କଥା ମାନି ନ ନେବା ଅର୍ଥ ସେ ଆଉ ମାନିବ ନାହିଁ।

ମାଳାମାଉସୀ ଏଥର ତାଙ୍କ କଥାରେ ପୁନରାବୃତ୍ତି କଲେ, ମୁଁ ବଂଚିଥିବା ଯାଏଁ ଏ ବାହାଘର ହୋଇପାରିବ ନାହିଁ,ଦୁନିଆଁ ବଦଳି ଯାଉ, ମୁଁ ମୋ ନିଷ୍ପତ୍ତିରୁ ଓହରିଯିବି ନାହିଁ। ମାଉସୀ ଟିକିଏ ମାତ୍ରା ଅତିକ୍ରମ କଲେ, କ୍ରୋଧରେ ସତେ ଏବେ ଫାଟି ପଡ଼ିବ। ମୋତେ ତାଙ୍କ ମୁହଁରେ ଆଉ ଗୋଟେ ମୁହଁ ଦେଖାଗଲା। ସତର ଅଠର ବର୍ଷ ଝିଅଟାର ହସକୁରୀ ମୁହଁ। ଯିଏ ତିରିଶ ବର୍ଷ ତଳେ ଦୁଇଟା ରକ୍ଷଣଶୀଳ ପରିବାରର ବେଷ୍ଟନୀ ଭାଙ୍ଗି ବାହାରି ଯାଉଛି। ଅଜସ୍ର ସ୍ନେହ ମମତାର କବର ଉପରେ ଠିଆ ହୋଇ ନିଜକୁ ଜାହିର କରୁଛି। ସେଇ ମାଳାମାଉସୀ ତମେ। ତମ ବିଚାର ତମ ପାଇଁ ଯାହା- ତମ ପୁଅ ପାଇଁ କାହିଁକି ହେବନି ? କହ ତମେ ମାଳାମାଉସୀ, ଏ ପରିବର୍ତ୍ତନଶୀଳ ଜଗତଠାରୁ କ'ଣ ପାଇଁ ତମେ ନିଜକୁ ପୃଥକ ରଖିବାକୁ ଚାହୁଁଛ ?

ମାଳାମାଉସୀଙ୍କ ମୁହଁକୁ ପଢ଼ିବାକୁ ଯାଇ ମୁଁ ବାରମ୍ବାର ବ୍ୟର୍ଥ ହେଉଥିଲି। କ'ଣ ପାଇଁ ସେ ଥରେ ପଛକୁ ଫେରି ଚାହୁଁନାହାନ୍ତି ? ସେ ଦିନ ଏ ଦିନ ଭିତରେ କି ପାର୍ଥକ୍ୟ ରଖୁଛନ୍ତି ମାଳାମାଉସୀ। କିନ୍ତୁ ମୋତେ ତ ପରିଷ୍କାର ଦେଖାଯାଉଛି- ସେଇ କଳକଳ ଛଳଛଳ ଝିଅଟାର ଅମାନିଆ ପ୍ରତିଛବି। ଅଥଚ ମୁଁ ମୁହଁ ଖୋଲି କିଛି କହି ପାରୁନଥିଲି।

ଆମର କ୍ଷଣିକ ନୀରବତା ଭାଙ୍ଗିଲା ପିଲୁର ଉପସ୍ଥିତିରେ। ଖୁବ ଅସନ୍ତୋଷ ଥିବା ଭଳି କହିଲା, ବୋଉ, ତୁ ଏଠି, ଘରେ ଅଧଘଣ୍ଟାଏ ହେଲାକୁଣିଆ ଆସି ବସିଛନ୍ତି ତୋ ଅପେକ୍ଷାରେ।

ମାଳାମାଉସୀ ପଚାରି ପାରିଲେନି- କେଉଁଠୁ କୁଣିଆ ଆସିଛନ୍ତି। ଉଠି ଠିଆହେବାକୁ ଆଦୌ ଇଚ୍ଛା ନଥିଲେ ବି ପିଲୁ ତାଙ୍କ ହାତ ଧରି ବାଟ କଢାଇଲା।

ଇତିହାସରେ ଲୀନ ହୋଇ ଯାଇଥିବା ଅଧ୍ୟାୟର ଶେଷ ଦୃଶ୍ୟଟି ମୋ ଆଖି ଆଗରେ ହଠାତ ଭାସି ଉଠିଲା; ଅସ୍ପଷ୍ଟ ଅଥଚ ବେଦନାତ୍ମକ; ଉଦୁଉଦୁଆ ଦି' ପହରରେ ଅଖିଆ ଅପିଆ କାକଟପୁର ବସ୍‌କୁ ଅଜା କିମିତି ମାଳାମାଉସୀଙ୍କୁ ଏକ ପ୍ରକାର ଟାଣି ଟାଣି ନେଇ ଯାଉଥିଲେ ଅବିକଳ ତା'ରି ଏକ ଛାୟା ଚିତ୍ର।

❖❖❖

# ଚନ୍ଦ୍ରମଧୁର ଝର



ISSN-2583-6978
Volume-4
Issue-10
OCTOBER-2024

**ଅର୍ଚ୍ଚନା ନାୟକ**

ଅଭୀପ୍‌ସା
୧୦୨, ଶହୀଦନଗର, ଭୁବନେଶ୍ୱର-୭
ଦୂରଭାଷ: ୯୩୩୭୬୬୯୬୫୪

ସୁବର୍ଣ୍ଣପୁର ରାଜ୍ୟ। ପ୍ରକୃତି ସତେକି ତା'ର ସମସ୍ତ ସୁଷମାର ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ କରିଦେଇଥିଲା ତା'ର ପରିବେଶକୁ। ଶ୍ୟାମଳବର୍ଣ୍ଣ ଅରଣ୍ୟଶ୍ରେଣୀ, ଚିରସ୍ରୋତା ନଦୀ, ସଂଗୀତର ଛନ୍ଦତାଳରେ ଝରୁଥିବା ଝରଣା ଓ ସବୁ ଋତୁରେ ବିଚିତ୍ରବର୍ଣ୍ଣା ପୁଷ୍ପାବଳୀରେ ପରିଶୋଭିତ ଥିଲା ସେ ରାଜ୍ୟ।

ରାଜ୍ୟର ଶାସନକର୍ତ୍ତା ମେଧାବୀ ଥିଲେ ଉତ୍ତମଗୁଣ ସଂପନ୍ନ, ବୀର ଓ ପ୍ରଜାବତ୍ସଳ ନରପତି। ତାଙ୍କ ଶାସନରେ ପ୍ରଜାଗଣ ଖୁବ୍ ଶାନ୍ତିସନ୍ତୋଷରେ ବାସ କରୁଥିଲେ। ରାଣୀ ସୁନ୍ଦରୀ ନନ୍ଦାବତୀ ଥିଲେ ଖୁବ୍ ଧର୍ମପରାୟଣା। ଲକ୍ଷ୍ମୀ ନାରାୟଣଙ୍କ ପରି ମନେ ହେଉଥିଲେ ରାଜା ଓ ରାଣୀ। ପ୍ରଜାମାନେ ସେ ଦୁହିଁଙ୍କୁ ପିତାମାତା ପରି ଜ୍ଞାନ କରୁଥିଲେ।

ସେ ଦୁହେଁ ଖୁବ୍ କର୍ତ୍ତବ୍ୟପରାୟଣ ଥିବାରୁ ପ୍ରଜାମାନଙ୍କର ସମସ୍ତପ୍ରକାର ସୁଖସୁବିଧା ପ୍ରତି ସର୍ବଦା ଧ୍ୟାନଶୀଳ ରହୁଥିଲେ। କିନ୍ତୁ ସେ ଦୁହିଁଙ୍କ ହୃଦୟରେ ଆନନ୍ଦ ନଥିଲା। ବରଂ ଏକାନ୍ତରେ ସେମାନେ ଖୁବ୍ ବିଷଣ୍ଣ ରହୁଥିଲେ। ତା'ର କାରଣ ସେମାନେ ଥିଲେ ନିଃସନ୍ତାନ। ରାଜସିଂହାସନର ଉତ୍ତରାଧିକାରୀଟିଏ ସେମାନେ ପାଇ ପାରିନଥିଲେ। ଏଣେ ବୟସ ଉତ୍ତୀର୍ଣ୍ଣ ହୋଇଯାଉଛି।

ଦିନେ ଜଣେ ସାଧୁ ରାଜପ୍ରାସାଦରେ ଆତିଥ୍ୟ ଗ୍ରହଣ କରିଥିଲେ। ସେ ରାଜାରାଣୀଙ୍କର ଦୁଃଖ ଜାଣିବା ପରେ ସେମାନଙ୍କୁ ଭଗବାନ ବିଷ୍ଣୁଙ୍କୁ ଉପାସନା କରିବାକୁ ପରାମର୍ଶ ଦେଇଥିଲେ। କାରଣ ସାଧୁ ଜାଣିପାରିଥିଲେ ଯେଉଁ କର୍ମଫଳ ସେମାନଙ୍କୁ ସନ୍ତାନ ଲାଭକରିବାରେ ବାଧକ ହେଉଛି ତା'କୁ ଦୂରକରିବା କେବଳ ବିଷ୍ଣୁଙ୍କର କୃପାରେ ସମ୍ଭବ ହୋଇପାରିବ।

ସାଧୁଙ୍କ ପରାମର୍ଶ ଅନୁସାରେ ରାଜାରାଣୀ ଦୁହେଁ ବିଷ୍ଣୁଙ୍କର ଉପାସନା ଖୁବ୍ ନିଷ୍ଠାପର ଭାବରେ କରିବାକୁ ଲାଗିଲେ। ସତକୁସତ କିଛିଦିନ ପରେ ରାଣୀ ଗର୍ଭଧାରଣ କରି ଜନ୍ମଦେଲେ ଏକ ପୁତ୍ର ସନ୍ତାନକୁ। ନବଜାତ ପୁତ୍ରଟିର କୋମଳ ଶରୀରଟି ସତେକି ଚନ୍ଦ୍ରକିରଣରେ ନିର୍ମିତ ହୋଇଥିଲା। ତା' ଓଠରେ ଜାଗ୍ରତ ଓ ନିଦ୍ରିତ ଉଭୟ ଅବସ୍ଥାରେ ଖେଳୁଥିଲା ସୁଧାମଧୁର ହସଧାରେ। ସେଥିପାଇଁ ରାଜାରାଣୀ ଓ ପ୍ରଜାବର୍ଗଙ୍କ ମନରେ ଆନନ୍ଦର ଲହରୀ ଖେଳୁଥିଲା।

ନିଃସନ୍ତାନ ରାଜଦମ୍ପତି ଲାଭ କରିଥିଲେ ଏକ ପୁତ୍ର ସନ୍ତାନ ଓ ରାଜ୍ୟବାସୀଙ୍କୁ ମିଳିଯାଇଥିଲା ରାଜସିଂହାସନର ଉତ୍ତରାଧିକାରୀ। ସମସ୍ତେ ଆଶା କରୁଥିଲେ ପ୍ରଜାବତ୍ସଳ ନରପତି ମେଧାବୀଙ୍କ ପରି ତାଙ୍କର ପୁତ୍ର ମଧ୍ୟ ଭବିଷ୍ୟତରେ ସିଂହାସନ ଆରୋହଣ କଲେ ସେଇ ପ୍ରକାର ସୁଶାସନ ପ୍ରଦାନ କରିବେ।

ରାଜା ଓ ରାଜ୍ୟବାସୀ ଯେତେବେଳେ ରାଜ୍ୟର ଭବିଷ୍ୟତକୁ ନେଇ ଆଶ୍ୱସ୍ତ ହୋଇ ଶାନ୍ତିପୂର୍ଣ୍ଣ ଜୀବନ ବିତାଉଥିଲେ ଅଚାନକ ରାଜ୍ୟ ଉପରକୁ ମାଡ଼ି ଆସିଥିଲା ଭୟଙ୍କର ବିପଦ। ଶତ୍ରୁରାଜ୍ୟର ଶାସକ ସୁବର୍ଣ୍ଣପୁରର ଅମାପ ଐଶ୍ୱର୍ଯ୍ୟ ଲୁଣ୍ଠନ କରିବା ପାଇଁ ଅଚାନକ ଆକ୍ରମଣ କରିବା ଆରମ୍ଭ କରିଦେଲେ। ରାଜା ମେଧାବୀ ଏଥିପାଇଁ ପ୍ରସ୍ତୁତ ନଥିଲେ। ତଥାପି ନିଜର ସୈନ୍ୟବଳ ନେଇ ସେ ଶତ୍ରୁମାନଙ୍କର ପ୍ରତିରୋଧ କରିବାର ସକଳ ଚେଷ୍ଟା କଲେ। ଯୁଦ୍ଧକ୍ଷେତ୍ରରେ ଖୁବ୍ ବୀରତ୍ୱର ସହ ଲଢୁଥିବା ମେଧାବୀ ଶତ୍ରୁପକ୍ଷର ଶରାଘାତରେ ମୃତ୍ୟୁବରଣ କଲେ। ରାଜାଙ୍କର ମୃତ୍ୟୁ ସୈନ୍ୟବଳର ମନୋବଳ ଭାଙ୍ଗିଦେଲା। ସେମାନେ ଛତ୍ରଭଙ୍ଗ ଦେଲେ। ରାଜାଙ୍କର ଦୁର୍ଗ ଭିତରେ ଥିବା ରାଣୀଙ୍କୁ ନିରାପତ୍ତା ଦେବାପାଇଁ ଥିଲେ ମୁଷ୍ଟିମେୟ କିଛି ସୈନ୍ୟ।

ଯେକୌଣସି ମୁହୂର୍ତ୍ତରେ ଦୁର୍ଗପତନର ସମ୍ଭାବନା ଥିଲା। ରାଣୀ

ନନ୍ଦାବତୀ ଜାଣିପାରିଥିଲେ ଦୁର୍ଗ ରକ୍ଷା କରିବାର ସମ୍ଭାବନା ଆଉ ନାହିଁ। ନିଜର ପଥ ସେ ନିଜେ ବାଛି ନେଇଥିଲେ ଯେ ସ୍ୱାମୀଙ୍କ ସହ ସହମରଣ ପାଇଁ ସେ ନିଜକୁ ଅଗ୍ନିରେ ବିସର୍ଜନ ଦେବେ। କିନ୍ତୁ ତାଙ୍କର ନବଜାତ ଶିଶୁପୁତ୍ରକୁ କିପରି ରକ୍ଷାକରିବେ !

ଏପରି ଅଘଟଣ ପାଇଁ କେହି ପ୍ରସ୍ତୁତ ନଥିଲେ ସତ କିନ୍ତୁ ଅବସ୍ଥା ଅନୁରୂପ ବ୍ୟବସ୍ଥା କରିବା ପାଇଁ ରାଣୀ, ମନ୍ତ୍ରୀ ଓ ସେନାପତିଙ୍କ ସହ ପରାମର୍ଶ କଲେ। ରାଜକୁମାରଙ୍କୁ ନିରାପଦ ରଖିବାକୁ ରାଜପରିବାରର ସବୁଠାରୁ ବିଶ୍ୱସ୍ତା ବୃଦ୍ଧା ଧାତ୍ରୀକୁ ଡକାଗଲା। ସ୍ଥିର ହେଲା ସେ ରାଜକୁମାରଙ୍କୁ ନେଇ ଦୁର୍ଗର ଗୋପନ ଦ୍ୱାର ଦେଇ ସେ ପଳାୟନ କରିବ। ସୁଡ଼ଙ୍ଗ ରାସ୍ତାର ଶେଷ ହୋଇଛି ଅନ୍ୟ ଏକ ରାଜ୍ୟରେ। ଧାତ୍ରୀ କୌଣସି ପ୍ରକାରେ ରାଜକୁମାରଙ୍କର ପରିଚୟ ଗୋପନ ରଖି ତାଙ୍କର ଲାଳନପାଳନ କରିବ। ଅଧିକ ବିଚାରବିମର୍ଷ ପାଇଁ ଆଉ ସମୟ ନଥିଲା। ଦୁର୍ଗ ଉପରେ ଶତ୍ରୁର ଆକ୍ରମଣ ବୃଦ୍ଧି ପାଉଛି। ଯେତେ ସମୟ ଯାଏ ଶତ୍ରୁର ପ୍ରତିରୋଧ କରାଯାଇପାରିବ ତାହା କରିବାକୁ ପଡ଼ିବ। ସେନାପତି ଓ ମନ୍ତ୍ରୀ ରାଣୀଙ୍କ ନିକଟରୁ ବିଦାୟ ନେଇ ଗଡ଼ରକ୍ଷା କାର୍ଯ୍ୟ ପରିଚାଳନା କରିବାକୁ ଚାଲିଗଲେ। ରାଣୀ ନନ୍ଦାବତୀ ଶେଷଥର ପାଇଁ ନିଦ୍ରିତ ଶିଶୁପୁତ୍ରକୁ ନିଜ ଛାତି ଉପରେ ଜଡ଼ାଇ ଧରିଲେ। ଆଖିରୁ ଝରି ଯାଉଥିବା ଲୁହକୁ ପୋଛି ଦେବାର ସମୟ ମଧ୍ୟ ନାହିଁ। ସେ ସେହିପରି ଅଶ୍ରୁସଜଳ ଆଖିରେ ପୁତ୍ରର ମସ୍ତକ ଚୁମ୍ବନ କରି କହିଲେ, "ଧନରେ ତୁ ଭଗବାନ ବିଷ୍ଣୁଙ୍କ କରୁଣାରୁ ଜନ୍ମ ହୋଇଛୁ। ସେ ତତେ ନିଶ୍ଚୟ ରକ୍ଷାକରିବେ। ମୁଁ ଏବେ ତୋ' ପିତାଙ୍କ ସହିତ ମିଳିତ ହେବାପାଇଁ ଯାତ୍ରା କରିବି।"

ରାଣୀ ତାଙ୍କର ନିଦ୍ରିତ ପୁତ୍ରକୁ ଧାତ୍ରୀ ହାତକୁ ଟେକି ଦେଇ ତାଙ୍କ ପାଇଁ ପ୍ରସ୍ତୁତ ଚିତା ଦିଗରେ ଆଗେଇ ଗଲେ।

ଧାତ୍ରୀ ଓ ରାଜକୁମାରଙ୍କର ନିରାପଦ ପଳାୟନ ପାଇଁ ରାଜାଙ୍କର ବିଶ୍ୱସ୍ତ କର୍ମଚାରୀ ଦୁହେଁ ସୁଡ଼ଙ୍ଗର ଦ୍ୱାର ଖୋଲିଦେଲେ।

ସେଇ ପଥ ଦେଇ ରାଜକୁମାରଙ୍କୁ ଛାତିରେ ଜାକିଧରି ବୃଦ୍ଧା ଧାତ୍ରୀ ଜଣକ ଚାଲିବାକୁ ଲାଗିଲା। ସେଇ ଅନ୍ଧକାରମୟ କଙ୍କରିଳ ପଥ ଦେଇ ବୃଦ୍ଧ ବୟସରେ ଅବସନ୍ନ ହୋଇ ଆସିଥିବା ଶରୀର ସତ୍ତ୍ୱେ ରାଜଭକ୍ତିର ବଳରେ ସେ କୌଣସି ପ୍ରତିବନ୍ଧକକୁ ନମାନି ଆଗକୁଆଗକୁ ଚାଲିଥିଲା। ସୁଡ଼ଙ୍ଗ ଶେଷରେ ସୂର୍ଯ୍ୟୋଦୟ ତାଙ୍କୁ ଅପେକ୍ଷା କରୁଥିଲା। ରାତି ପାହି ଯାଇଥିଲା, ଅନ୍ଧାରି ଯାତ୍ରା ସରି ଯାଇଥିଲା। ବାହାରେ ଆଦିଗନ୍ତବିସ୍ତାରୀ ସବୁଜ ପ୍ରାନ୍ତର। ସେଠି ବହୁ ସଂଖ୍ୟାରେ ଗାଈଗୋରୁ ଚରି ବୁଲୁଛନ୍ତି।

ରାଜକୁମାରଙ୍କର ନିଦ ଭାଙ୍ଗିଯାଇଥିଲା। ସେ କ୍ଷୁଧାରେ ଅସ୍ଥିର ହୋଇ କାନ୍ଦିବାକୁ ଲାଗିଥିଲେ। ଧାତ୍ରୀ ପୁଣ୍ୟା ତାଙ୍କ ଶରୀରରେ ଥିବା ରାଜକୀୟ ପରିଚ୍ଛଦ ଓ ଅଳଙ୍କାରକୁ ବାହାର କରିଦେଇ ଦୂରକୁ ଫୋପାଡ଼ି ଦେଇଥିଲା। ଏବେ ରାଜକୁମାରଙ୍କ ପାଇଁ କିଛି କ୍ଷୀରର ବ୍ୟବସ୍ଥା କରିବାକୁ ହେବ। ପତ୍ର ଠୋଲା କରି ସେ ଧାତ୍ରୀ ଯାଇ ଠିଆହେଲା ନିଜ ବାଛୁରୀକୁ କ୍ଷୀର ପିଆଉଥିବା ଗୋଟିଏ ଗାଈ ପାଖରେ। ତା' ଉଦ୍ଦେଶ୍ୟରେ ମନେମନେ କହିଲା "ତୋ' ପିଲା ପରି ଇଏ ବି ଗୋଟିଏ ପିଲା। ତା' ମା ଆଉ ନାହିଁ। ତୋ କ୍ଷୀରରୁ କିଛି ଦେଲେ ସେ ବଞ୍ଚିଯାନ୍ତା।"

ଗାଈଟି କ'ଣ ବୁଝିଲା କେଜାଣି ଧାତ୍ରୀ ପୁଣ୍ୟା ତା' ପହ୍ନା ଦିଗରେ ପ୍ରସାରିତ କରିଥିବା ପତ୍ର ଠୋଲାକୁ ସେ କ୍ଷୀରରେ ପୂର୍ଣ୍ଣ କରିଦେଲା। ସେଇ କ୍ଷୀର ତକ ଧରି ପୁଣ୍ୟା ଘାସ ଉପରେ ଶୋଇଥିବା ରାଜକୁମାରଙ୍କ ପାଟିରେ ଧୀରେଧୀରେ ଢାଳିଦେଲା। ଅବୋଧ ଶିଶୁ କ୍ଷୁଧାତୃଷ୍ଣାରେ ଅସ୍ଥିର ହେଉଥିବା ବେଳେ ଏ ଅମୃତପାନ ପୁଣି ତାଙ୍କୁ ଶାନ୍ତ କରିଦେଲା। ତେଣିକି ସେ ଶିଶୁଟିକୁ ନିଜର ମଇଳା ଛିଣ୍ଡା ଲୁଗା ଭିତରେ ଜାକିଧରି ଧାତ୍ରୀ ପୁଣ୍ୟା ଚାଲିଲା ଜନପଦ ଦିଗରେ। ଯାହାହେଲେବି କିଛି ଭିକ୍ଷା ତ ମିଳିବ। ଜନପଦରେ ଘରକୁଘର ବୁଲୁଥିଲା ପୁଣ୍ୟା। ଶିଶୁଟିକୁ ବଞ୍ଚାଇ ରଖିବାକୁ ଅନ୍ନ ଅପେକ୍ଷା କ୍ଷୀର ଟିକେ ଭିକ୍ଷା କରୁଥିଲା ସେ। ଲୋକଙ୍କର ସହାନୁଭୂତି ପାଇବା ପାଇଁ ତା'ର ପୁତ୍ର ଓ ପୁତ୍ରବଧୂର ଆକସ୍ମିକ ମୃତ୍ୟୁ ହୋଇଯାଇଥିବାରୁ ଏ ବୃଦ୍ଧ ବୟସରେ ନାତିକୁ ବଂଚାଇବାର ଦାୟିତ୍ୱ ତା'ର ବୋଲି ସେ ମନଗଢ଼ା କାହାଣୀଟିଏ କହୁଥିଲା। ମୁଖ୍ୟତଃ ସ୍ତ୍ରୀଲୋକମାନେ ବୃଦ୍ଧା ଓ ତା'ର ନାତି ପାଇଁ ଖାଦ୍ୟ ଓ କ୍ଷୀରର ବ୍ୟବସ୍ଥା କରୁଥିଲେ।

କିନ୍ତୁ ପୁଣ୍ୟା ଗୋଟିଏ ସ୍ଥାନରେ ରହିବା ନିରାପଦ ନୁହେଁ ବୋଲି ଚିନ୍ତା କରୁଥିଲା। ସୁବର୍ଣ୍ଣପୁର ନଗରୀ ଠାରୁ ଯେତେ ଦୂରକୁ ଚାଲିଯାଇପାରିବ ସେତେ ଭଲ। ତାକୁ ଆଉ ତା' ନାତିକୁ ନେଇ କାହା ମନରେ କିଛି ସନ୍ଦେହ ଉଠିବା ପୂର୍ବରୁ ସେ ଦୂରକୁଦୂରକୁ ଚାଲିଯାଉଥିଲା।

ଶେଷରେ ସେ ନିଜ ରାଜ୍ୟଠାରୁ ବହୁଦୂରରେ ଥିବା କୁନ୍ତଳ ନଗରୀରେ ପହଂଚିଲା। ରାଜକୁମାର ଧୀରେଧୀରେ ବଡ଼ ହେଉଥିଲେ। ଯିଏ ଦେଖୁଥିଲା ସେ ତାଙ୍କ ଆଡ଼େ ଘଡ଼ିଏ ଚାହୁଁଥିଲା। ତା'ଙ୍କ ଓଠରେ ଚହଟି ଉଠୁଥିବା ହସଟିକକ ଦେଖିବା ପାଇଁ ସ୍ତ୍ରୀଲୋକମାନେ ପାଗଳ ହୋଇ ଯାଉଥିଲେ। ବୃଦ୍ଧା ଓ ତା'ର ନାତି ପାଇଁ ଖାଦ୍ୟର ଅଭାବ ହେଲାନାହିଁ। ଭିକ୍ଷା କରି ଆଣିଥିବା ଖାଦ୍ୟକୁ ରାଜକୁମାର ଆଗ୍ରହରେ ଖାଉଥିବାର ଦେଖିଲେ ଧାତ୍ରୀ ପୁଣ୍ୟା ଭିତରୁ କୋହ ଉଠିଆସେ। କେତେ ବଡ଼ ରାଜ୍ୟର ରାଜପୁତ୍ର ଭିକ୍ଷାନ୍ନରେ ପ୍ରତିପାଳିତ ହେଉଛନ୍ତି। କିନ୍ତୁ କ'ଣ କରିବ ସେ ! ବାଳକ ରାଜକୁମାରଙ୍କୁ ତାଙ୍କ ଜୀବନର ଏତେବଡ଼ ରହସ୍ୟର କଥା ସେ କହିପାରିବକି ? ସେ ତ ଏବେବି ଅବୋଧ ବାଳକ। କ'ଣ ବୁଝିବେ ସେ ରାଜ୍ୟ, ରାଜା, ରାଣୀ ଓ ପ୍ରଜାଙ୍କ କଥା। ହୁଏତ ବାଳସୁଲଭ ଚପଳତାରେ କାହା ଆଗରେ ଖୋଲି ଦେଇପାରନ୍ତି ନିଜର ଜନ୍ମରହସ୍ୟ। ଆଉ କାହାକୁ ଏ ଅପରିଚିତ ରାଜ୍ୟରେ ବିଶ୍ୱାସ କରି କହିବ ସେକଥା। ପୁଣ୍ୟା ଅନୁଭବ

କରୁଥିଲା ତା'ର ଜୀବନଦୀପଟି ଯେ କୌଣସି ମୁହୂର୍ତ୍ତରେ ଲିଭିଯିବ। ସେ ଜାଣିଥିଲା ସେ ଚାଲିଯିବା ପରେ ଅନାଥ ବାଳକ ପରି ଭିକ୍ଷାକରି ଚଳୁଥିବା ରାଜପୁତ୍ରଙ୍କର ପରିଚୟଟି ତା' ସହିତ ଚାଲିଯିବ। କିଏ ବା ଆଉ ପ୍ରମାଣ ଦେବ ସୁବର୍ଣ୍ଣପୁରର ରାଜା ମେଧାବୀଙ୍କର ଇଏ ଏକମାତ୍ର ପୁତ୍ର। ସେ ରାଜ୍ୟର ଏକମାତ୍ର ଉତ୍ତରାଧିକାରୀ। ପୁଣ୍ୟା କିଛି ବୁଦ୍ଧିବାଟ ପାଉନଥିଲା। ସେ ଭାବୁଥିଲା ବାଳକ ରାଜକୁମାରଙ୍କର ପରିଚୟ ତା' ଯିବାପରେ ସବୁଦିନ ପାଇଁ ନିଶ୍ଚିହ୍ନ ହୋଇଯିବ। ସିଏ ସେଇ ଭିକ୍ଷୁକମାନଙ୍କ ଗହଣରେ ହିଁ ରହିବେ। ରାଜପୁତ୍ର ସେ, କିନ୍ତୁ କି ଭାଗ୍ୟ ନେଇ ଆସିଛନ୍ତି।

ପୁଣ୍ୟାର ମନେ ପଡ଼ିଗଲା ତା' ହାତରେ ପୁତ୍ରକୁ ଟେକି ଦେବାବେଳେ ରାଣୀ ପୁତ୍ରକୁ ଲକ୍ଷ୍ୟ କରି କହିଥିଲେ ଭଗବାନ ବିଷ୍ଣୁଙ୍କ କରୁଣାରୁ ତାଙ୍କର ଜନ୍ମ ହୋଇ ଥିବାରୁ ସେ ନିଶ୍ଚୟ ତାଙ୍କୁ ରକ୍ଷା କରିବେ। ବୃଦ୍ଧା ଧାତ୍ରୀର ପ୍ରାଣରେ ଭରିଗଲା ଏକ ଅଦ୍ଭୁତ ପ୍ରଶାନ୍ତି। ଭଗବାନ ବିଷ୍ଣୁ ହିଁ ରାଜକୁମାରଙ୍କର ଜନ୍ମର କାରଣ, ରକ୍ଷା କରିବାର ଦାୟିତ୍ୱ ବି ତାଙ୍କର। ସେ ଆଉ କାହିଁକି ବ୍ୟସ୍ତ ହେବ। ସେ ଯେ ଭାବୁଥିଲା ରାଜକୁମାରଙ୍କୁ ସେ ବଂଚାଇ ରଖିଛି, ତାହା ତା'ର ଭ୍ରମ। କୋଉ ନା କୋଉ ଭାବରେ ବିଷ୍ଣୁ ତାଙ୍କୁ ରକ୍ଷା କରିଥାନ୍ତେ। ତେଣୁ ତା'ର ନିଜର ମୃତ୍ୟୁ ପାଇଁ ସେ ଆଉ ଚିନ୍ତିତ ହେଲାନାହିଁ। ମନେମନେ ଭଗବାନ ବିଷ୍ଣୁଙ୍କୁ ରାଜକୁମାରଙ୍କର ସବୁ ଦାୟିତ୍ୱ ସେ ଅର୍ପଣ କରିଦେଲା।

ସେଦିନ ରାତି ପାହିଲା ସବୁଦିନ ପରି। ଗଛମୂଳରେ ଆଶ୍ରୟ ନେଇଥିବା ବୃଦ୍ଧା ଧାତ୍ରୀ ଓ ରାଜକୁମାରଙ୍କ ଭିତରୁ ଧାତ୍ରୀ ଜଣକ ଶୋଇଯାଇଥିଲା ଚିର ନିଦ୍ରାରେ। ବାଳକ ରାଜପୁତ୍ର ଉଚ୍ଚ ସ୍ୱରରେ କାନ୍ଦି କାନ୍ଦି ତାକୁ ଉଠାଇବାକୁ ଚେଷ୍ଟା କରୁଥିଲେ। ସାମାନ୍ୟ ଜ୍ଞାନ ହେଲା ଦିନରୁ ସେ ଜାଣନ୍ତି ସେଇ ଶୀର୍ଣ୍ଣକାୟା ବୃଦ୍ଧା ନାରୀଟି ହିଁ ତାଙ୍କର ମା'। ଏଇ ସଂସାରରେ ତାଙ୍କର ଅନ୍ୟ କେହି ନାହିଁ। ତାଙ୍କ କାନ୍ଦରେ ପାଖରେ ଥିବା ଘରଟିଏର କବାଟ ଖୋଲି ଯାଇଥିଲା। ଜଣେ ଦୟାବତୀ ନାରୀ ଧାଇଁଆସି ଚନ୍ଦ୍ରହାସକୁ କୋଳକୁ ଉଠାଇ ନେଇ ତାଙ୍କୁ ବୁଝାବୁଝି କରି ଘରକୁ ଡାକିନେଇ କିଛି ଉଷୁମ କ୍ଷୀର ପିଇବାକୁ ଦେଲେ। ତା'ପରେ ଆଖପାଖ ପଡ଼ୋଶୀରେ ରହୁଥିବା ସ୍ତ୍ରୀଲୋକମାନେ ତାଙ୍କ ଖାଇବା ପିଇବାର ଯତ୍ନ ନେଲେ। କାହା ନା କାହା ପିଣ୍ଡାରେ ରାତିରେ ଶୋଇ ପଡୁଥିଲେ ବାଳକ ରାଜକୁମାର।

ଅନ୍ୟ ବାଳକମାନେ ଖେଳିବା ବେଳେ ତାଙ୍କର ମଧ୍ୟ ଇଚ୍ଛା ହୁଏ ସେମାନଙ୍କ ସହିତ ଖେଳିବା ପାଇଁ। କିନ୍ତୁ ସେମାନେ ତାଙ୍କୁ ଅନାଥ ପିଲାଟେ ଭାବି ନିଜ ଦଳରେ ମିଶାନ୍ତି ନାହିଁ। ଖେଳ ଭିତରେ ବାଳକମାନଙ୍କର ସବୁଠାରୁ ପ୍ରିୟ ଥିଲା ଗୋଡ଼ି ଖେଳ। କେତୋଟି ଗୋଲାକୃତି ଛୋଟଛୋଟ ପଥରକୁ ନେଇ ସେମାନେ ଖେଳନ୍ତି। ଦୁଇଚାରିଟା ପଥରକୁ ବିଂଚିଦିଅନ୍ତି। ଜଣେ ସେ ପଥର ଭିତରୁ ଗୋଟିକୁ ଲକ୍ଷ୍ୟକରି ହାତରେ ଧରିଥିବା ପଥର ଗୁଳିରେ ମାରିଥାଏ। ତା' ପଥର ଯଦି ଲକ୍ଷ୍ୟକୁ ସ୍ପର୍ଶ କରେ ସେ ପୁଣି ଆଉ ଥରକ ପାଇଁ ସୁଯୋଗ ପାଏ।

ରାଜକୁମାର ସେ ଖେଳ ଦେଖୁଦେଖୁ ମୋହିତ ହୋଇଯାନ୍ତି, ତାଙ୍କର ଭାରି ଇଚ୍ଛା ହୁଏ ସେ ଖେଳରେ ଭାଗ ନେବାପାଇଁ। ସେ ଥରେ ଖେଳୁଥିବା ବାଳକମାନଙ୍କୁ ବହୁତ ନେହୁରା ହେଲେ ତାଙ୍କୁ ସୁଯୋଗ ଦେବାପାଇଁ। ସମବେତ ହୋଇଥିବା ବାଳକମାନଙ୍କ ଭିତରୁ ଜଣେ କହିଲା "ହଁ ତୁ ଆମ ସାଙ୍ଗରେ ଖେଳିପାରିବୁ। ତେବେ ଏମିତିଆ ଗୋଲିଆ ପଥର ଖଣ୍ଡେ ତତେ ଆଣିବାକୁ ପଡ଼ିବ। ତୁ ସେଇଥିରେ ଖେଳିବୁ।"

ରାଜକୁମାରଙ୍କର ମନ ଖୁସି ହୋଇଗଲା। ଅନ୍ୟ ବାଳକମାନଙ୍କ ସହ ତାଙ୍କୁ ଖେଳିବାକୁ ସୁଯୋଗ ମିଳିବ। କିନ୍ତୁ ସେମାନେ ଯେଉଁ ପଥରଗୁଡ଼ିକରେ ଖେଳୁଛନ୍ତି ସେ ତାକୁ କୋଉଠୁ ବା ପାଇବେ। ଭଗବାନ ବିଷ୍ଣୁଙ୍କୁ ସବୁକଥାରେ ପ୍ରାର୍ଥନା କରିବାକୁ ତାଙ୍କୁ ପାଳିଥିବା ବୃଦ୍ଧା ଧାତ୍ରୀ ଶିଖାଇଥିଲା। ସେ ସେହିକ୍ଷଣି ମନେମନେ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ ପଥରଖଣ୍ଡଟିଏ ପାଇବା ପାଇଁ।

ପରଦିନ ସକାଳେ ସେ ପିଲାମାନେ ଖେଳୁଥିବା ଜାଗାକୁ ଦଉଡ଼ିଲେ। କିନ୍ତୁ ପଥର ଗୁଳି ତ ନାହିଁ କେମିତି ଖେଳିବେ। ତାଙ୍କ ମନ ଉଦାସ ହୋଇଗଲା। ତଥାପି ସେଇ ଦିଗରେ ଯାଉଯାଉ ହଠାତ୍ ତାଙ୍କର ଦୃଷ୍ଟି ପଡ଼ିଲା କଳାରଙ୍ଗର ଗୋଲାକୃତି ଛୋଟ ପଥରଟିଏ ଉପରେ। ସେ ତାକୁ ଉଠାଇ ନେଇ ଖୁସିରେ ପିଲାଙ୍କପାଖକୁ ଖେଳିବାକୁ ଦୌଡ଼ିଲେ। ସରଳ ବାଳକଟି ଆଦୌ ଜାଣିନଥିଲେ ଯେ ସେ ହାତରେ ଯାହାକୁ ପଥର ଭାବି ଧରିଛନ୍ତି ସେ ଗୋଟେ ଶାଳଗ୍ରାମ; ଭଗବାନ ବିଷ୍ଣୁଙ୍କର ଅଂଶ।

ସେ ପଥର ଗୁଳିରେ ଖେଳିବାକୁ ଲାଗିଲେ। ତାଙ୍କ ଲକ୍ଷ୍ୟ ଅଭେଦ୍ୟ ଥିଲା। ପ୍ରତିଥର ସେ ତାଙ୍କ ପଥରଗୁଳିରେ ଅନ୍ୟସବୁ ପଥରକୁ ସ୍ଥାନଚ୍ୟୁତ କରିବାରୁ ପିଲାମାନେ ବହୁତ ଖୁସି ହୋଇଗଲେ। ଆପେଆପେ ସେ ବାଳକମାନଙ୍କର ନେତା ହୋଇଗଲେ। ତେଣିକି ବାଳକସୁଲଭ କାର୍ଯ୍ୟକ୍ରମ ଗଛଚଢ଼ିବା, ନଦୀ ପାଣିରେ ସନ୍ତରଣ କରିବା, ଖେଳକୁଦ କରିବାରେ ସେ ସବୁଠାରୁ ଆଗରେ ଥିଲେ।

ତାଙ୍କର ଘରଦ୍ୱାର ନଥିଲା। ଶୋଇବା ଖାଇବାର ଠିକଣା ନଥିଲା। କେହି ଯଦି କିଛି ଦିଏ ସେ ତାକୁ ଖାଇନେଇ କେତେବେଳେ କାହାର ଦାଣ୍ଡ ବାରଣ୍ଡାରେ ତ କେବେ କେଉଁ ଗଛମୂଳେ ଶୋଇପଡ଼ନ୍ତି। ବେଳେବେଳେ ପୂରା ଉପାସ, କିନ୍ତୁ ଦେହରେ ଛିଣ୍ଡା ଲୁଗା ପିନ୍ଧିଥିବା ନିର୍ବାସିତ ରାଜକୁମାର ସବୁବେଳେ ପ୍ରଫୁଲ୍ଲ ରହୁଥିଲେ। କୌଣସି ପରିସ୍ଥିତିରେ ମଧ୍ୟ ତାଙ୍କର ପ୍ରସନ୍ନତା ଊଣା ହେଉନଥିଲା। ତାଙ୍କ ଓଠରେ ସର୍ବଦା ଲାଗିରହିଥିଲା ସେଇ ମଧୁହାସର ରେଖା। ତାଙ୍କୁ ଯିଏ ଦେଖୁଥିଲା ସେ ନିଜେ ପ୍ରସନ୍ନତା

ଅନୁଭବ କରୁଥିଲା ।

ଦିନେ ନିର୍ବାସିତ ରାଜକୁମାର ଓ ତାଙ୍କ ସାଥିବାଳକମାନେ କୁନ୍ତଳ ନଗରୀର ମନ୍ତ୍ରୀ ଦୁଷ୍ଟବୁଦ୍ଧିଙ୍କ ଘର ଆଗରେ ଖେଳୁଥିଲେ । ଦୁଷ୍ଟବୁଦ୍ଧି ତାଙ୍କର ଜଣେ ବ୍ରାହ୍ମଣ ଅତିଥିଙ୍କୁ ବିଦାୟ ଦେବାପାଇଁ ଘରୁ ବାହାରି ଦ୍ୱାରଦେଶରେ ପହଞ୍ଚିଲେ ।

ହଠାତ୍ ସେ ବେଦଜ୍ଞ ବ୍ରାହ୍ମଣଙ୍କର ଦୃଷ୍ଟି ପଡ଼ିଗଲା ରାଜକୁମାରଙ୍କ ଉପରେ । ସେ ଟିକେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ "ଦୁଷ୍ଟବୁଦ୍ଧି, ଏଇ ଯେଉଁପିଲାମାନେ ଖେଳୁଛନ୍ତି ସେଠି ମଝିରେ ଠିଆ ହୋଇଥିବା ବାଳକଟି କିଏ ? କ'ଣ ତା'ର ପରିଚୟ ?"

ଦୁଷ୍ଟବୁଦ୍ଧି ଖୁବ୍ ଅବଜ୍ଞାରେ ଉତ୍ତର ଦେଲେ "ଓ, ସେ ପିଲାଟି କଥା କହୁଛନ୍ତି କି ? ସେ ଗୋଟେ ଅନାଥ ପିଲା । ତା'ର କେହି ନାହାନ୍ତି । ସେ ସବୁବେଳେ ଏମିତି ଏଠିସେଠି ବୁଲୁଥାଏ । କିନ୍ତୁ ଆପଣ ତା' କଥା କାହିଁକି ପଚାରୁଛନ୍ତି ?

ବ୍ରାହ୍ମଣ ଅତିଥି ଟିକେ ରହିଯାଇ ଖୁବ୍ ଗମ୍ଭୀର ଭାବରେ କହିଲେ "ଇଏ ତ ଏକ ଦେବଶିଶୁ । ଏ ପିଲାଠାରେ ମୁଁ ରାଜା ହେବାର ସମସ୍ତ ଲକ୍ଷଣ ଦେଖିପାରୁଛି । ଏହି କୁନ୍ତଳ ନଗରୀରେ ସେ ନିଶ୍ଚୟ ଦିନେ ରାଜା ହେବ । ଶୁଣ ଦୁଷ୍ଟବୁଦ୍ଧି, ଏଇ କୁନ୍ତଳ ରାଜ୍ୟର ରାଜା ଅପୁତ୍ରିକ । ତାଙ୍କ ମୃତ୍ୟୁପରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଯିବ । ସିଂହାସନର କିଏ ଉତ୍ତରାଧିକାରୀ ହେବ, ତାକୁ ନେଇ ନାନା କନ୍ଦଳ ସୃଷ୍ଟି ହେବ । ତୁମେ ଏ ରାଜ୍ୟର ମନ୍ତ୍ରୀ । ରାଜ୍ୟର ମଙ୍ଗଳବିଧାନ ତୁମ୍ଭର ଧର୍ମ । ତେଣୁ ଗୋଟିଏ କାମ କର, ଏଇ ବାଳକଟିକୁ ତୁମ ପାଖରେ ରଖ । ତାକୁ ଶିକ୍ଷିତ କର । ରାଜା ହେବା ପାଇଁ ଯେଉଁ ପ୍ରକାର ଶାସ୍ତ୍ର ଓ ଶସ୍ତ୍ର ବିଦ୍ୟାର ପ୍ରୟୋଜନ ହୁଏ ତୁମେ ତାହା ତାକୁ ଶିକ୍ଷାଦେବା ପାଇଁ ଉପଯୁକ୍ତ ଗୁରୁର ବ୍ୟବସ୍ଥା କର ।"

ଦୁଷ୍ଟବୁଦ୍ଧି ମଥାନତ କରି ତାଙ୍କର ପରାମର୍ଶ ଗ୍ରହଣ କରିଥିବାର ସୂଚନା ଦେଲେ । ବ୍ରାହ୍ମଣ ଅତିଥି ବିଦାୟ ନେଇ ଚାଲିଗଲେ । ଦୁଷ୍ଟବୁଦ୍ଧି କ୍ରୋଧରେ ଅସ୍ଥିର ହୋଇଉଠିଲେ । ତାଙ୍କର ଯୋଜନା ଥିଲା ରାଜାଙ୍କ ପରେ ତାଙ୍କ ସ୍ୱପୁତ୍ର ମଦନକୁ ସେ ସିଂହାସନରେ ବସାଇବେ । ସେଥିପାଇଁ ସେ ବହୁ କୌଶଳ ଅବଲମ୍ବନ କରୁଥିଲେ । ରାଜା ତାଙ୍କର ଅଭିପ୍ରାୟର କୌଣସି ସୂଚନା ଯେପରି ନ ପାଆନ୍ତି ସେଥିପାଇଁ ଖୁବ୍ ସତର୍କ ଥିଲେ । ଅଥଚ ବ୍ରାହ୍ମଣସ୍ୱାମୀ କହିଲେ ଯେ ରାସ୍ତାରେ ବୁଲୁଥିବା ଏ ଅନାଥ ପିଲାଟା ଭବିଷ୍ୟତରେ ରାଜା ହେବ । ନାଁ ସେକଥା ସେ କେବେବି କରେଇ ଦେବେନି । ସତ ହେଉ ବା ମିଛ ହେଉ ବ୍ରାହ୍ମଣ ଯଦି ସେପରି କିଛି ସୂଚନା ପାଇଛନ୍ତି ତେବେ ତା'ର ପ୍ରତିକାର ପ୍ରଥମରୁ କରାଯିବା ଉଚିତ ହେବ । ପିଲାଟିକୁ ଏ ସଂସାରରୁ ବିଦାୟ ଦେବାକୁ ହେବ । ଏ ତ ଗୋଟେ ଅନାଥ ବାରବୁଲା ବାଳକଟିଏ । ଏହାର ମାତାପିତା କି କେହି ଆତ୍ମୀୟସ୍ୱଜନ ନାହାନ୍ତି । ତେଣୁ ଆଉ ଅଚାନକ ମୃତ୍ୟୁ ହେଲେ କାହାର ବା କ'ଣ ଯିବ । କେହି ତ ତା'ର ଖୋଜଖବର ନେବେନି ।

କିନ୍ତୁ ଏ କାର୍ଯ୍ୟ ଅତ୍ୟନ୍ତ ଗୋପନରେ ହେବା ବିଧେୟ । ଏ ବାଳକର ମୃତ୍ୟୁଖବର ଯେମିତି କାହାରି ପାଖରେ ନ ପହଁଚେ । ଅବଶ୍ୟ ରାଜ୍ୟରେ ଏ ବାଳକର ମରିବା ବଂଚିବାକୁ ନେଇ କିଛି ପ୍ରତିକ୍ରିୟା ହେବ ନାହିଁ ସତ, ତଥାପି ଗୋପନୀୟତା ରହିବା ଆବଶ୍ୟକ । ଦୁଷ୍ଟବୁଦ୍ଧି ତତ୍‌କ୍ଷଣାତ ତାଙ୍କର ଦୁଇଜଣ ବିଶ୍ୱସ୍ତ ଘାତକଙ୍କୁ ଡକାଇ ପଠାଇଲେ । ସେ ଦୁହେଁ ଅଳ୍ପ ସମୟ ଭିତରେ ଦୁଷ୍ଟବୁଦ୍ଧିଙ୍କ ନିକଟରେ ପହଂଚି ତାଙ୍କର ନିର୍ଦ୍ଦେଶକୁ ଅପେକ୍ଷା କଲେ ।

ମନ୍ତ୍ରୀ ସେ ଦୁହିଁଙ୍କୁ ତାଙ୍କ ବାତାୟନ ପାଖକୁ ଡାକିନେଇ ଅଳ୍ପଦୂରରେ ଖେଳୁଥିବା ପିଲାମାନଙ୍କ ଦିଗରେ ଅଙ୍ଗୁଳି ଦେଖାଇ କହିଲେ "ହେଇ ଦେଖ, ଗୋଡ଼ି ଖେଳୁଥିବା ପିଲାମାନଙ୍କ ମଝିରେ ଯୋଉ ପିଲାଟି ଛିଡ଼ା ହୋଇଛି, ଯାହାର ପିନ୍ଧିଥିବା ବସ୍ତ୍ରଟି ଖୁବ୍ ଅପରିଷ୍କାର ଓ ଛିଣ୍ଡା ତାକୁ ଦେଖି ପାରୁଛ ତ ?"

ଘାତକ ଦୁଇଜଣ ସ୍ପଷ୍ଟଭାବରେ ରାଜକୁମାରଙ୍କୁ ଦେଖିପାରୁଥିଲେ । ସେମାନେ ନିଜର ସମ୍ମତି ଜଣାଇଲେ । ଦୁଷ୍ଟବୁଦ୍ଧି ସେ ଦୁହିଁଙ୍କୁ ପ୍ରଚୁର ଅର୍ଥ ଦେବାର ଲୋଭ ଦେଖାଇ ସେ ବାଳକକୁ ନେଇ ଅରଣ୍ୟରେ ହତ୍ୟାକରି ତା'ର ଶବକୁ ମଧ୍ୟ ନିଶ୍ଚିହ୍ନ କରିଦେବା ପାଇଁ ନିର୍ଦ୍ଦେଶ ଦେଲେ ।

ଘାତକଙ୍କ ପାଇଁ ଏ କାମ ଖୁବ୍ ସହଜ ଥିଲା । ଜାଣି ବାଳକ, ପୁଣି ଅନାଥ । ତାକୁ ହତ୍ୟା କରିବା ସହଜ । କାରଣ କୌଣସି ପ୍ରକାର ପ୍ରତିରୋଧର ସାମ୍ନା କରିବାକୁ ସେମାନଙ୍କୁ ପଡ଼ିବ ନାହିଁ ।

ଭୟଙ୍କର ଚେହେରାର ଦୁଇଟା ବିରାଟ ଲୋକ ବାଳକମାନଙ୍କର ନିକଟତର ହେଉଥିବାର ଦେଖି ସେମାନେ ଖେଳ ଛାଡ଼ି ଯିଏ ଯୁଆଡ଼େ ଦୌଡ଼ିଲେ । ଘଟଣା କ'ଣ ବୁଝିବା ପୂର୍ବରୁ ରାଜପୁତ୍ରଙ୍କୁ ସେମାନେ ଧରି ନେଇଥିଲେ । କିନ୍ତୁ ଏ ଖବର ପାଇ କିଏ ବା ତାଙ୍କୁ ଖୋଜିବାକୁ ଆସିବ । କେହି ନାହିଁ । ଦୁଇ ଘାତକ ବାଳକ ରାଜକୁମାରଙ୍କୁ ନେଇ ପହଂଚିଲେ ଘନ ଅରଣ୍ୟରେ । କେହି କୁଆଡ଼େ ନାହାନ୍ତି । ସେଠି ଥିବା ଏକ ଶିଳାଖଣ୍ଡ ଉପରେ ତାଙ୍କୁ ହତ୍ୟାକରି ସେ ଶବକୁ ଅରଣ୍ୟ ଭିତରକୁ ଫୋପାଡ଼ି ଦେଲେ ବନ୍ୟପଶୁମାନେ ତାକୁ ଆହାର କରି ନିଶ୍ଚିହ୍ନ କରିଦେବେ ।

ବାଳକ ରାଜକୁମାର ସେମାନଙ୍କ ଉଦ୍ଦେଶ୍ୟ ଜାଣିସାରିଥିଲେ । କିନ୍ତୁ କେଉଁ କାରଣରୁ ତାଙ୍କୁ ସେ ଦୁହେଁ ହତ୍ୟା କରିବାକୁ ଚାହୁଁଛନ୍ତି ବୁଝିପାରୁ ନଥିଲେ । ଛୋଟ ବାଳକଟିଏର ଦୁଇପାଖରେ ଦୁଇଜଣ ବିରାଟକାୟ ବିକଟ ଦର୍ଶନ ଘାତକ । ହାତରେ ଉଦ୍ୟତ ଖଡ୍‌ଗ । ରାଜକୁମାର ବ୍ୟାକୁଳ ହୋଇ ଭଗବାନ ବିଷ୍ଣୁଙ୍କୁ ମନେମନେ ସ୍ମରଣ କରୁଥାନ୍ତି ।

ପ୍ରଥମ ଘାତକଟି ଖଣ୍ଡାଧରି ଆଗେଇ ଆସିଲା । ସେ ଜାଣିଲେ ଗୋଟିଏ ମୁହୂର୍ତ୍ତରେ ତାଙ୍କ ମସ୍ତକ ସ୍କନ୍ଧଚ୍ୟୁତ ହୋଇଯିବ । ରାଜକୁମାର

ଆଖି ବୁଜିଦେଲେ। କିନ୍ତୁ କ'ଣ ହେଲା କେଜାଣି ପ୍ରଥମ ଘାତକ ହଠାତ୍ ରହିଯାଇ ଦ୍ୱିତୀୟ ଘାତକକୁ କହିଲା "ମୁଁ ଏ ପିଲାର ମସ୍ତକକୁ ଶିଳାଖଣ୍ଡ ଉପରେ ଧରି ରଖୁଛି ତୁ ତାକୁ ତୋ' ଖଣ୍ଡାରେ ହାଣିଦେ।"

ଦ୍ୱିତୀୟ ଘାତକ ତା'ର ଉଦ୍ୟତ ଖଡ଼୍ଗ ବାଳକର ବେକ ପାଖକୁ ଆଣି ପାରିଲା ନାହିଁ। ଦୁହେଁ ବାଳକହତ୍ୟାର ଦାୟିତ୍ୱ ପରସ୍ପର ଉପରେ ଲଦି ଚାଲିଲେ। କାରଣ ଦୁହେଁଯାକ ଏକା ସାଙ୍ଗରେ ଅନୁଭବ କରୁଥିଲେ ଯେ ତାଙ୍କ ପରି ନିଷ୍ଠୁର ଲୋକର ମନ କିପରି ବିଚଳିତ ହୋଇଉଠୁଛି। ବାଳକଟିକୁ ହତ୍ୟାକରିବା ପାଇଁ ସେମାନେ ନିଜକୁ ପ୍ରସ୍ତୁତ କରିପାରୁ ନାହାନ୍ତି। ଏଣେ ମନ୍ତ୍ରୀ ଦୁଷ୍ଟବୁଦ୍ଧିର ଅର୍ଥପ୍ରଲୋଭନକୁ ଏଡ଼ାଇବା ସହଜ ନୁହେଁ।

ହଠାତ୍ ସେମାନଙ୍କ ଆଖି ପଡ଼ିଲା ରାଜକୁମାରଙ୍କର ବାମପାଦ ଉପରେ। ସେଥିରେ ଥିଲା ଛ'ଟି ଆଙ୍ଗୁଳି। ଜଣେ ଘାତକ ଖୁସି ହୋଇଯାଇ ଅନ୍ୟଜଣକୁ କହିଲା, "ହେଇ ଦେଖ୍, ଏ ବାଳକ ପାଦରେ ଥିବା ଷଷ୍ଠ ଆଙ୍ଗୁଠିଟି କାଟି ନେଇ ଆମେ ବାଳକ ହତ୍ୟାର ପ୍ରମାଣ ମନ୍ତ୍ରୀକୁ ଦେଇ ଅର୍ଥ ନେଇଯିବା। ଏ ଘନ ଜଙ୍ଗଲରେ ଏ ବାଳକ କ'ଣ କରିପାରିବ। ଅନାହାରରେ ହେଉ କି ବନ୍ୟପଶୁଙ୍କର ଆହାର ହୋଇ ହେଉ ସେ ନିଶ୍ଚୟ ଶେଷ ହୋଇଯିବ। ଆ'କୁ କିଏବି ଖୋଜିବାକୁ ଆସିବେନି।"

ପରସ୍ପର ସଙ୍ଗେ ମନ୍ତ୍ରଣା କରି ଦୁଇଜଣ ଘାତକ ରାଜକୁମାରଙ୍କର ବାମପାଦର ଷଷ୍ଠ ଆଙ୍ଗୁଳିଟିକୁ କାଟିନେଇ ରାଜଧାନୀ ଅଭିମୁଖେ ବାହାରିଗଲେ।

ଘନ ଅରଣ୍ୟ ଭିତରେ ଏକାକୀ ବାଳକ ରାଜକୁମାର କଟା ଅଙ୍ଗୁଳିର ଯନ୍ତ୍ରଣା ସହ ଭୋକରେ ଆଉଟିପାଉଟି ହେଉଥିଲେ। ସେ ବୁଝି ପାରୁଥିଲେ ଯେ ଏ ଅରଣ୍ୟ ଭିତରୁ ବାହାରି ଜନପଦକୁ ଯିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। ତା'ଛଡ଼ା ଦୁଇ ଘାତକଙ୍କର କଥାବାର୍ତ୍ତାରୁ ସେ ବୁଝିସାରିଥିଲେ ଯେ କେହିଜଣେ ପ୍ରଭାବଶାଳୀ ବ୍ୟକ୍ତି ତାଙ୍କୁ ହତ୍ୟା କରିବାକୁ ଚାହୁଁଛି। ତେଣୁ ଯାହା ହେଲେବି ଏଇ ଆରଣ୍ୟକ ପରିବେଶରେ ହିଁ ତାଙ୍କୁ ରହିବାକୁ ହେବ।

ଯେଉଁ ଶିଳାଖଣ୍ଡଟି ଉପରେ ସେ ବସିଥିଲେ ସେଇଠି କ୍ଳାନ୍ତ ଓ ଅଭୁକ୍ତ ହୋଇ ସେ ଶୋଇପଡ଼ିଲେ। କିଛି ସମୟ ପରେ ତାଙ୍କର ନିଦ ଭାଙ୍ଗିଗଲା। କିନ୍ତୁ ଏମାନେ ସବୁ କିଏ? ବାଳକ ରାଜକୁମାର ଉଠି ବସି ଚାରିଆଡ଼କୁ ଚାହିଁଲେ। ଦଳଦଳ ହରିଣ, ଠେକୁଆ ଓ ମାଙ୍କଡ଼ ପରି ବଣର ଜନ୍ତୁମାନେ ତାଙ୍କୁ ଘେରି ରହିଥିଲେ। ତାଙ୍କୁ ଜାଗିଉଠିବାର ଦେଖି ଅଦୂରରେ ମୟୂରଟିଏ ତା'ର ଚନ୍ଦ୍ରିକା ମେଲେଇ ନାଚିଗଲା ଓ ପକ୍ଷୀମାନେ ଗଛଡାଳରେ ବସି ଆନନ୍ଦରେ କାକଳି କରିବାରେ ଲାଗିଲେ। ମାଙ୍କଡ଼ ହାତରେ ଥିଲା ତାଙ୍କ ପାଇଁ ସୁପକ୍ୱ ଫଳ। ରାଜକୁମାର ମାଙ୍କଡ଼ହାତରୁ ଫଳ ନେଇ ଖାଇଲେ। କେଇଟି ମୁହୂର୍ତ୍ତ ଭିତରେ ବଣର ପଶୁ ଓ ମଣିଷ ପିଲାଟି ଭିତରେ ଗଭୀର ସଖ୍ୟ ସ୍ଥାପନ ହୋଇଗଲା।

ବାଳକ ରାଜକୁମାର ଖୁବ୍ ଖୁସିରେ ସେଇ ପଶୁ ପକ୍ଷୀଙ୍କ ସହ ସମୟ କଟାଇଲେ। ଏମିତି କିଛି କାଳ ଅତିବାହିତ ହୋଇଗଲା।

ଦିନେ କୁନ୍ତଳର ବନ୍ଧୁରାଜ୍ୟ ଚନ୍ଦନାବତୀ ନଗରୀର ରାଜା କାଳିନ୍ଦକ ମୃଗୟା ଅନ୍ୱେଷଣରେ ରଥାରୋହଣ ପୂର୍ବକ ବାଳକ ରାଜକୁମାର ରହୁଥିବା ଅରଣ୍ୟରେ ପ୍ରବେଶ କଲେ। ଗଭୀର ଅରଣ୍ୟରେ ପ୍ରବେଶ କରି ଦେଖିଲେ ଗୋଟିଏ ବାଳକକୁ ପଶୁପକ୍ଷୀମାନେ ଚତୁପାର୍ଶ୍ୱରୁ ଘେରି ରହିଛନ୍ତି। ସେ ସେମାନଙ୍କ ସହ ସ୍ୱଚ୍ଛନ୍ଦରେ ଖେଳୁଥିବାର ଦେଖି ରାଜାଙ୍କର କୌତୂହଳ ହେଲା। ସେ ରଥକୁ ସେଇ ଦିଗରେ ନେବାପାଇଁ ରଥଚାଳକକୁ ନିର୍ଦ୍ଦେଶ ଦେଲେ। ତାଙ୍କର ରଥ ନିକଟବର୍ତ୍ତୀ ହେବାମାତ୍ରେ ସେଠାରେ ଏକତ୍ରିତ ହୋଇଥିବା ପଶୁପକ୍ଷୀମାନେ ଦୂରକୁ ଚାଲିଗଲେ। କିନ୍ତୁ ବାଳକଟି ରାଜାଙ୍କୁ ଦେଖି ଶିଳାଖଣ୍ଡ ଉପରୁ ଉଠିଆସି ତାଙ୍କୁ ଯଥାମାନ୍ୟ ଜଣାଇଲା। ରାଜା ବୁଝିପାରିଲେ ଏ ବାଳକ ଅରଣ୍ୟବାସୀ ନୁହେଁ; କୌଣସି ଜନପଦରୁ ଆସିଛି।

ରାଜା ପଚାରିଲେ "ତୁମ ନାମ କ'ଣ?"

ପିଲାଟି ଉତ୍ତର ଦେଲା "ମୋର କିଛି ନାମ ନାହିଁ, ଯିଏ ଯାହା ଡାକି ପାରିଲା।"

ରାଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, - "ତୁମ ବାପାଙ୍କ ନାମ କ'ଣ?"

- ଜାଣେନି।

- ମା' କିଏ?

- ଜାଣେନି। ଜଣେ ବୁଢ଼ୀ ମତେ ପାଳିଥିଲେ। ମୁଁ ତାଙ୍କୁ ମା ଡାକୁଥିଲି।

- ତୁମ ରାଜ୍ୟର ନାମ କ'ଣ?

- ମୁଁ ଜାଣେନି। ମୋର ବୁଢ଼ୀମା ମତେ ସାଙ୍ଗରେ ନେଇ ଜନପଦରୁ ଜନପଦ, ଗ୍ରାମରୁ ଗ୍ରାମ ଘୂରି ବୁଲୁଥିଲେ।

- ତୁମେ ଚଳୁଥିଲ କିପରି?

- ଭିକ୍ଷା କରି।

- ଏଠି ଏ ନିଘଂଚ ଅରଣ୍ୟ ଭିତରକୁ ଏକାକୀ ଆସିଲ କିପରି?

ବାଳକ ରାଜକୁମାର ସେଇ ଦୁଇ ଘାତକଙ୍କ କଥା ବର୍ଣ୍ଣନା କଲେ। କିନ୍ତୁ ଏ ଘଟଣା କାହା ନିର୍ଦ୍ଦେଶରେ ହୋଇଥିଲା ସେ ଜାଣିନଥିଲେ। ତାଙ୍କ ବୟସରେ ଏପରି ଭୟଙ୍କର ଷଡ଼ଯନ୍ତ୍ର କିଏ ରଚିପାରେ କଳ୍ପନା କରିବା ମଧ୍ୟ ସମ୍ଭବ ନଥିଲା।

ରାଜା କାଳିନ୍ଦକ ବାଳକଙ୍କ ମୁହଁକୁ ଚାହିଁଲେ। ସେ ମୁହଁରେ ନିଜର ଅନାଥ ପରିଚୟ, ଭିକ୍ଷୁକଜୀବନ, କେଉଁ ଅଜଣା କାରଣରୁ ଘାତକମାନଙ୍କର ତାଙ୍କୁ ହତ୍ୟା କରିବାର ଉଦ୍ୟମ ପ୍ରଭୃତିର କୌଣସି କାଳିମାର ଛାପ ନଥିଲା। ବାଳକର ମୁହଁରେ ଅଦ୍ଭୁତ ଏକ ପ୍ରସନ୍ନତା

ଓ ଓଠରେ ହସର ଧାରଟିଏ ଲକ୍ଷ୍ୟ କରି ରାଜା ବିଭୋର ହୋଇଗଲେ। ଭିତରେ ତାଙ୍କର ସୃଷ୍ଟି ହୋଇ ସାରିଥିଲା ବାତ୍ସଲ୍ୟ ମମତା। ସେ ଏକ ଗଭୀର ଆବେଗରେ ବାଳକ ରାଜକୁମାରଙ୍କୁ କୋଳକୁ ଟାଣିନେଇ ତାଙ୍କର ମସ୍ତକ ଚୁମ୍ବନ କରି କହିଲେ, "ବାଳକ, ତୁ ଆଜିଠାରୁ ମୋର ପୁତ୍ର ହେଲୁ ଓ ମୁଁ ତୋ'ର ପିତା। ମୋର କୌଣସି ସନ୍ତାନ ସନ୍ତତି ନ ଥିଲେ, ତୁ ଏବେ ମୋର ସବୁକିଛି।"

ରାଜା କାଳିନ୍ଦକ ଅନାଥ ବାଳକଟିକୁ କୋଳାଗ୍ରତ କରି ରଥ ଉପରେ ଉପବେଶନ କଲେ। ରଥ ଏବେ କ୍ଷିପ୍ର ଗତିରେ ଚନ୍ଦନାବତୀ ନଗର ଦିଗରେ ପ୍ରଧାବିତ ହେଲା।

ରାଜପ୍ରାସାଦର ଅନ୍ତଃପୁରରେ କାଳିନ୍ଦକଙ୍କର ପତ୍ନୀ ରାଣୀ ଆନନ୍ଦି ନିଃସନ୍ତାନ ଥିବା କାରଣରୁ ସବୁବେଳେ ମନ ମାରି ରହୁଥିଲେ। ପୂଜା ଓ ଉପବାସରେ ତାଙ୍କର ଅଧିକାଂଶ ସମୟ ବିତିଯାଉଥିଲା। ସେ ଥିଲେ ଭଗବାନ ବିଷ୍ଣୁଙ୍କର ଉପାସିକା। ନିଜ ଅନ୍ତଃପୁରର ପରିଧିଭିତରେ ସେ ନିର୍ମାଣ କରିଥିଲେ ଲକ୍ଷ୍ମୀନାରାୟଣଙ୍କର ମନ୍ଦିରଟିଏ। ଅଧିକାଂଶ ସମୟ ତାଙ୍କର ସେଇ ମନ୍ଦିର ପରିସର ମଧ୍ୟରେ କଟି ଯାଉଥିଲା। ପୁତ୍ରସନ୍ତାନଟିଏ କାମନା କରି ସେ ଭଗବାନ ବିଷ୍ଣୁଙ୍କର ଆଶୀର୍ବାଦ ଭିକ୍ଷା କରୁଥିଲେ। ଏତେ ବଡ଼ ରାଜ୍ୟ ଅଥଚ ତା'ର ଉତ୍ତରାଧିକାରୀ କେହି ନାହିଁ। ସେଥିପାଇଁ ସେ ନିଜକୁ ବଡ଼ ଅପରାଧିନୀ ମନେ କରୁଥିଲେ।

ସେଦିନ ରାଜା କାଳିନ୍ଦକ ମୃଗୟାରୁ ଏତେ ଶୀଘ୍ର ପ୍ରତ୍ୟାବର୍ତ୍ତନ କରି ଆସିବେ ବୋଲି ରାଣୀଙ୍କୁ ଜଣାନଥିଲା। ତେଣୁ ରାଜାଙ୍କର ପ୍ରାସାଦକୁ ଆଗମନ କାଳରେ ଯେଉଁପରି ସ୍ୱାଗତ କରାଯିବାର ବ୍ୟବସ୍ଥା ହେବା କଥା କିଛି ହୋଇନଥିଲା। ରାଣୀ ସ୍ୱୟଂ ମଧ୍ୟ କୌଣସି ରାଜକୀୟ ବେଶ ପରିଧାନ କରିନଥିଲେ ବରଂ ସ୍ନାନ ସାରି ମନ୍ଦିରରେ ପୂଜାରିଣୀ ବେଶରେ ସେ ଯେ ପ୍ରବେଶ କରିଥିଲେ ମଧ୍ୟାହ୍ନ ଅତିକ୍ରାନ୍ତ ହେବାପରେ ବି ସେଇ ଭାବରେ ମନ୍ଦିର ବେଢ଼ାରେ ବସି ରହିଥିଲେ।

ଏକ ଧ୍ୟାନସ୍ଥ ଅବସ୍ଥାରେ ସେଦିନ ରାଣୀଙ୍କର ସମୟ ବିତିଚାଲିଥିଲା। ହଠାତ୍ ମନ୍ଦିର ବେଢ଼ାର ବାହାରେ ରଥର ନିର୍ଘୋଷ ତାଙ୍କର ଧ୍ୟାନ ଭାଙ୍ଗିଦେଲା।

ମନ୍ଦିର ବେଢ଼ା ଭିତରକୁ ପ୍ରବେଶ କରୁଥିଲେ ରାଜା କାଳିନ୍ଦକ। ତାଙ୍କ ହାତଧରି ଥିଲା ଗୋଟିଏ ଆଠ ଦଶ ବର୍ଷର ବାଳକ। ରାଣୀ ରାଜାଙ୍କୁ ଯଥାମାନ୍ୟ ଜଣାଇବା କଥା ଭୁଲିଗଲେ। ସେ କାହିଁକି ମୃଗୟାକୁ ଯାଇ ହଠାତ୍ ଫେରି ଆସିଲେ ସେ କଥା ମଧ୍ୟ ପଚାରି ପାରିଲେ ନାହିଁ। ତାଙ୍କ ଦୃଷ୍ଟି ବାଳକଟି ଉପରେ ସ୍ଥିର ହୋଇଯାଇଥିଲା। ଉଜ୍ଜ୍ୱଳ ଗୌରବର୍ଣ୍ଣ, ସୁଠାମ-ସୁଗଠିତ ଶରୀର, ମୁଣ୍ଡରେ କଂଚୁକୁଚିଆ କେଶର ମୁକୁଟଟିଏ ପିନ୍ଧିବା ପରି ଦିଶୁଛି। ପାଦରେ କ୍ଷତଚିହ୍ନ। ଓଠରେ ତା'ର ହସର ଧାରଟିଏ ଲାଗିରହିଛି। ରାଣୀ ତା' ମୁହଁକୁ ଚାହିଁ ମୁଗ୍ଧ ହୋଇ ରହିଗଲେ। ଭିତରେ ଅନ୍ତରାତ୍ମା ବ୍ୟାକୁଳ ହୋଇ କହୁଥାଏ "ଆହା ମୋର ଏମିତି ପୁଅଟିଏ ଥାନ୍ତାକି!"

ସତେ ଯେମିତି ରାଜା କାଳିନ୍ଦକ ଶୁଣି ପାରିଲେ ରାଣୀଙ୍କର ଅନୁଚ୍ଚାରିତ ଶବ୍ଦ। ସେ କୌଣସି ଗୌରଚନ୍ଦ୍ରିକା ନକରି ସିଧା କହିଲେ "ଇଏ ଆମ ପୁଅ। ଲକ୍ଷ୍ମୀନାରାୟଣ ଆମକୁ କୃପାକରି ଏଇ ପୁତ୍ରଟିକୁ ପ୍ରଦାନ କରିଛନ୍ତି। ଇଏ ଆମ ପାଇଁ ଭଗବାନଙ୍କର ବରଦାନ।"

ରାଣୀ ଆଉ କିଛି ପଚାରିଲେ ନାହିଁ, ଦୁଇ ବାହୁ ମେଲେଇ ଦେଇ ବାଳକକୁ ଉଦ୍ଦେଶ୍ୟ କରି କହିଲେ, "ଆ ମୋ କୋଳକୁ ଆ।"

ଅନାଥ ବାଳକଟି ଏପରି ଡାକଟିଏ କେବେ ଶୁଣି ନଥିଲେ। ମା' ମାନେ ତାଙ୍କର ସନ୍ତାନକୁ କିପରି ଆଦର କରନ୍ତି ସେ ଦେଖିଥିଲେ। ତାକୁ ପାଳିଥିବା ସେଇ ବୃଦ୍ଧା ନାରୀଟିର କଥା ସେ ସ୍ମରଣ କଲେ। ତାକୁ ମା' ବୋଲି ସଂବୋଧନ କଲେ ସେ ବାରଣ କରେ। ତାଙ୍କୁ ତୁ ବୋଲି କେବେ କୁହେନା। ତାଙ୍କର ସବୁ ପ୍ରକାର ଯତ୍ନ ସେ ନେଉଥିଲା ସତ କିନ୍ତୁ ଦୁହିଁଙ୍କ ଭିତରେ କେମିତି ଗୋଟେ ବ୍ୟବଧାନ ତ ନିଶ୍ଚୟ ରହୁଥିଲା।

ଅନାଥ ରାଜକୁମାରରଙ୍କ ଧ୍ୟାନ ଭାଙ୍ଗିଗଲା। ତାଙ୍କ ସମ୍ମୁଖରେ ହାତ ମେଲେଇ ରଖି ନାରୀଟିଏ ବାରବାର ଡାକୁଥିଲା "ଆ ମୋ ଧନ, ମୋ ପୁଅ। ମୋ କୋଳକୁ ଆ।"

ବାଳକ ରାଜକୁମାର ଏପରି ସମ୍ବୋଧନ ପୂର୍ବରୁ କେବେ ଶୁଣି ନଥିଲେ। ସେ ସମ୍ମୋହିତ ହେବାପରି ରାଜାଙ୍କ ହାତମୁଠାରୁ ନିଜ ହାତଟି ଖସାଇ ନେଇ ଦୁଇ ହାତ ମେଲା କରି 'ମା' 'ମା' ଡାକି ରାଣୀଙ୍କ ଦେହରେ ଜଡ଼େଇ ହୋଇଗଲେ। ସତେ ଯେମିତି ତାଙ୍କର ହଜିଯାଇଥିବା ପୁଅ ବହୁଦିନ ପରେ ତାଙ୍କ ପାଖକୁ ଫେରି ଆସିଛି। ମା'ପୁଅଙ୍କର ଏ ଦିବ୍ୟ ମିଳନରେ ରାଜାଙ୍କ ଆଖିରୁ ଲୁହର ଧାର ଅବାରିତ ଭାବରେ ଝରି ଚାଲିଥିଲା। ସେଇ ମିଳନକୁ ଆହୁରି ଆନନ୍ଦପ୍ରଦ କରିବାକୁ ସିଏ ମଧ୍ୟ ଆଗେଇ ଯାଇ ନିଜର ପ୍ରସାରିତ ବାହୁ ଭିତରେ ମା' ପୁଅ ଉଭୟଙ୍କୁ ଜଡ଼ାଇ ଧରିଲେ।

ମନ୍ଦିରରୁ ଭାସି ଆସୁଥିଲା ଶଂଖ ଓ ଘଣ୍ଟନାଦ। ରାଜପୁରୀ ମହୋତ୍ସବମୟ ହୋଇ ଉଠିଲା। ରାଜାରାଣୀଙ୍କୁ ପ୍ରାପ୍ତ ହୋଇଛି ତାଙ୍କର ବହୁ ଆକାଂକ୍ଷିତ ସନ୍ତାନ। ସିଂହାସନର ଉତ୍ତରାଧିକାରୀ ଓ ପ୍ରଜାସକଳଙ୍କୁ ମିଳିସାରିଛି ତାଙ୍କର ଭାବୀ ରାଜା।

ଏପରି ସୌଭାଗ୍ୟ ଓ ଆନନ୍ଦର ସମୟ ଆଉ କ'ଣ ହୋଇପାରେ। ଚନ୍ଦନାବତୀ ରାଜ୍ୟରେ ଆନନ୍ଦ ଉତ୍ସବ ଲାଗିରହିଲା। ରାଜା ଓ ପ୍ରଜା ଉଭୟେ ନିଜର ସୌଭାଗ୍ୟକୁ ନେଇ ଉଲ୍ଲାସ ଅନୁଭବ କରୁଥିଲେ। ରାଣୀ ମୁହୂର୍ତ୍ତକ ପାଇଁ ବାଳକକୁ ନିଜ ପାଖରୁ ଅନ୍ତର କରୁ ନଥିଲେ। କେବଳ "ମୋ ପୁତ୍ର ଓ ମୋ ଧନ" ସମ୍ବୋଧନ କରୁଥିଲେ ବାଳକକୁ। ନିର୍ଦ୍ଦିଷ୍ଟ କିଛି ନାମ ଧରି ଡାକିବାର ଆବଶ୍ୟକତା ଅନୁଭବ କରୁ ନଥିଲେ।

ସେଦିନ ରାଣୀ ଓ ବାଳକ ପଲଙ୍କ ଉପରେ ବସିଥିଲେ। ରାଜା ଭିତରକୁ ଆସିବାବେଳେ ରାଣୀ ହଠାତ୍ କହିଲେ, "ମହାରାଜ ଲକ୍ଷ୍ୟ କରନ୍ତୁ ତ ଏଇ ଆମର ପୁତ୍ର ଟିକେ ହସିଦେବା ବେଳେ ମନେ ହେଉଛି ସତେକି ଚନ୍ଦ୍ର କିରଣର ଧାରା ଆମ ରାଜପୁରୀ ଭିତରେ ଲହରୀ ଖେଳୁଛି। ସବୁ ଯେମିତି ଚନ୍ଦ୍ରିକାର ସ୍ପର୍ଶରେ ଉଜ୍ଜ୍ୱଳ ଓ ସୁନ୍ଦର ଜଣାପଡୁଛି।"

ରାଜାଙ୍କ ମନକୁ ରାଣୀଙ୍କ କଥାଟା ପୂରା ପାଇଯାଇଥିଲା। ସେ କହିଲେ, "ରାଣୀ ତୁମେ ପୂରା ଠିକ୍ କଥାଟି ହିଁ କହିଛ। ମୁଁ ମଧ୍ୟ ସେହି ସମାନ କଥାଟି ଲକ୍ଷ୍ୟ କରିଛି। ଏବେ ଆମେ ପୁତ୍ରର ଉପଯୁକ୍ତ ନାମକରଣ କରିବା 'ଚନ୍ଦ୍ରହାସ'।

ସେଦିନ ନାମହୀନ ସେ ବାଳକଟି 'ଚନ୍ଦ୍ରହାସ' ନାମରେ ନାମିତ ହୋଇଗଲେ। ମାତାପିତା ଏବେ ବାରମ୍ବାର ସେଇ ନାମଟିକୁ ଘୋଷିବା ପରି ଡାକୁଥିଲେ ଓ ପ୍ରତିଥର ଅନୁଭବ କରୁଥିଲେ କିଛି ଉଜ୍ଜ୍ୱଳ ମଧୁରତା ତାଙ୍କର ଚତୁଃପାର୍ଶ୍ୱରେ ଅଜାଡ଼ି ହୋଇ ପଡୁଛି।

ଏବେ ରାଜକୁମାର ଚନ୍ଦ୍ରହାସଙ୍କର ଶାସ୍ତ୍ର ଓ ଶସ୍ତ୍ର ଶିକ୍ଷା କରିବାର ସମୟ। ପ୍ରଥମରୁ ତ ଯଥେଷ୍ଟ ବିଳମ୍ବ ହୋଇଗଲାଣି। କାଳିନ୍ଦକ ଆଉ ବିଳମ୍ବ ନକରି ମହର୍ଷି ଆନନ୍ଦାନନ୍ଦଙ୍କ ଗୁରୁକୁଳରେ ଚନ୍ଦ୍ରହାସଙ୍କର ଶିକ୍ଷା ଲାଭର ବ୍ୟବସ୍ଥା କଲେ। ମହର୍ଷି ଆନନ୍ଦାନନ୍ଦ ଥିଲେ କାଳିନ୍ଦକଙ୍କର ମଧ୍ୟ ଗୁରୁ। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚନ୍ଦ୍ରହାସ ଶାସ୍ତ୍ର ଅଧ୍ୟୟନ କରିବା ସହିତ ସମସ୍ତ ପ୍ରକାର ଅସ୍ତ୍ର ଚାଳନା ମଧ୍ୟ ଶିକ୍ଷାକଲେ। ବିଳମ୍ବରେ ଶିକ୍ଷା ଆରମ୍ଭ କରିଥିଲେ ବି ଚନ୍ଦ୍ରହାସଙ୍କର ଅଧ୍ୟୟନ ଓ ଅନ୍ୟ ସବୁ ପ୍ରକାର ଶିକ୍ଷାରେ ଏତେ ଶୀଘ୍ର ପ୍ରବୀଣ ହୋଇଉଠିବା ଗୁରୁଙ୍କ ଆଶ୍ଚର୍ଯ୍ୟ କରିଥିଲା। ସେ ପ୍ରଥମରୁ ଜାଣିଥିଲେ ଚନ୍ଦ୍ରହାସ ରାଜାଙ୍କର ନିଜ ପୁତ୍ର ନୁହନ୍ତି। ତାଙ୍କର ମାତାପିତା, ବଂଶ ଓ ଜନ୍ମସ୍ଥାନର କୌଣସି ପରିଚୟ ନାହିଁ। କିନ୍ତୁ ଚନ୍ଦ୍ରହାସଙ୍କ ଶାସ୍ତ୍ରଜ୍ଞାନ ଓ ଶସ୍ତ୍ରଚାଳନାରେ ପାରଙ୍ଗମତା ଲକ୍ଷ୍ୟ କରି ସେ ଠିକ୍ ବୁଝିପାରିଥିଲେ ଏ ବାଳକ ସାଧାରଣ ବର୍ଗର ନୁହେଁ; ନିଶ୍ଚୟ କୌଣସି ରାଜବଂଶର ବା ଉଚ୍ଚ କ୍ଷତ୍ରିୟବଂଶଜ। ତେଣୁ ସେ ସଂପର୍କରେ କିଛି ଅନୁସନ୍ଧାନ କରାଯିବା ଆବଶ୍ୟକ।

ଆଚାର୍ଯ୍ୟ ରାଜାଙ୍କୁ ନିଜର ବିଚାର ବିଷୟରେ ଅବଗତ କରାଇଥିଲେ କିନ୍ତୁ ରାଜା କାଳିନ୍ଦକ ତା' ଉପରେ ବିଶେଷ ଗୁରୁତ୍ୱ ନଦେଇ କହିଥିଲେ "ଗୁରୁଦେବ ଚନ୍ଦ୍ରହାସ ଯେଉଁ ବଂଶର ହୋଇଥାଉ ପଛେ ମୁଁ ସେ ପରିଚୟ ଜାଣିବାକୁ ଚାହେଁନାହିଁ। ସେ କେବଳ ମୋ ପୁଅ ଓ ଚନ୍ଦନାବତୀ ରାଜ୍ୟର ଭାବୀ ରାଜା। ତା'ର ଯଦି ସେପରି କିଛି ପରିଚୟ ଥିବ ତାହା ହୁଏତ ଆମ ପାଇଁ ସଂକଟ ସୃଷ୍ଟି କରିପାରେ। ଆପଣ ତାକୁ କେବଳ ଆଶୀର୍ବାଦ କରନ୍ତୁ ସେ ଯେପରି ଚନ୍ଦନାବତୀ ରାଜ୍ୟର ଯୋଗ୍ୟ ରାଜା ଭାବରେ ନିଜକୁ ପ୍ରତିପାଦିତ କରିପାରିବ।"

ଆଚାର୍ଯ୍ୟ ସ୍ମିତ ହସି ରାଜାଙ୍କୁ ଆଶୀର୍ବାଦ କଲେ। ଏ ଭିତରେ ବିତିଗଲା ଦଶବର୍ଷ। ରାଜପୁତ୍ର ଚନ୍ଦ୍ରହାସ ଗୁରୁକୁଳରେ ତାଙ୍କ ଶିକ୍ଷା ସମାପ୍ତ କରି ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲେ। ରାଜାରାଣୀଙ୍କର ଜୀବନ ଆନନ୍ଦରେ ପରିପୂର୍ଣ୍ଣ ହୋଇଗଲା। ଶାସ୍ତ୍ରଜ୍ଞାନ ଓ ଯୁଦ୍ଧବିଦ୍ୟାରେ ପାରଙ୍ଗମ ଚନ୍ଦ୍ରହାସଙ୍କ ବ୍ୟକ୍ତିତ୍ୱ ଥିଲା ଖୁବ୍ ମହାନ୍। ସେ ଥିଲେ ନମ୍ର, ଦୟାବନ୍ତ, ଶ୍ରଦ୍ଧାବାନ, କ୍ଷମାଶୀଳ ଓ ବିଚାରବନ୍ତ। ତାଙ୍କର ବ୍ୟବହାର ସମସ୍ତଙ୍କ ପ୍ରତି ଯଥୋଚିତ ଥିଲା। ବିଶେଷ କରି ତାଙ୍କ ଓଷ୍ଠଧାରରେ ଲାଗିରହୁଥିବା ହସର ଧାରଟି ଅନ୍ୟମାନଙ୍କ ପାଇଁ ସତେକି ସଂଜୀବନୀ ଥିଲା।

ଚନ୍ଦ୍ରହାସଙ୍କୁ ଯେଉଁଦିନ ଅଠର ବର୍ଷ ପୂରିଲା ସେହିଦିନ ରାଜା କାଳିନ୍ଦକ ମହାସମାରୋହରେ ତାଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କଲେ। ତାଙ୍କ ଅନ୍ତେ ଯୁବରାଜ ରାଜସିଂହାସନ ସିନା ଆରୋହଣ କରିବେ କିନ୍ତୁ ଏବେ ସେ ରାଜ୍ୟର ସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ପରିଚାଳନା କରିବେ।

ଦିନେ ରାଜା କାଳିନ୍ଦକ ଯୁବରାଜ ଚନ୍ଦ୍ରହାସଙ୍କୁ ଡାକି କହିଲେ "ପୁତ୍ର କୁନ୍ତଳ ହେଉଛି ଆମର ମିତ୍ର ରାଜ୍ୟ। ସେ ରାଜ୍ୟର ମହାମନ୍ତ୍ରୀ ଦୁଷ୍ଟବୁଦ୍ଧି ଏକ ବିଶେଷ କାର୍ଯ୍ୟରେ ଆମ ରାଜ୍ୟକୁ ଆଗମନ କରୁଛନ୍ତି। ସେ ଆମ ସୀମାରେ ପହଞ୍ଚିବା ବେଳେ ତୁମେ ସେଠାରେ ଉପସ୍ଥିତ ରହି ରାଜକୀୟ ସମାଦାରରେ ତାଙ୍କୁ ଆମର ରାଜ୍ୟ ଅତିଥିଭବନକୁ ପାଛୋଟି ଆଣିବ।"

ଚନ୍ଦ୍ରହାସ ରାଜକୀୟ ସମାଦାରରେ ଦୁଷ୍ଟବୁଦ୍ଧିଙ୍କୁ ପାଛୋଟି ଆଣିଲେ। ତାଙ୍କର ସୌମ୍ୟରୂପ ଓ ବ୍ୟବହାରରେ ଦୁଷ୍ଟବୁଦ୍ଧି ଖୁବ୍ ପ୍ରଭାବିତ ହୋଇଗଲେ। ଯେତେବେଳେ ରାଜା କାଳିନ୍ଦକଙ୍କ ସହ ତାଙ୍କର ସାକ୍ଷାତ ହେଲା ସେ ପଚାରିଲେ "ଆଚ୍ଛା ମହାରାଜ, ଯେଉଁ ତରୁଣ ବ୍ୟକ୍ତିଜଣକ ମତେ ପାଛୋଟି ଆଣିଲେ ସିଏ କିଏ କି?"

ରାଜା ହସି ହସି ଉତ୍ତର ଦେଲେ "ସେ ମୋର ପୁତ୍ର ଚନ୍ଦ୍ରହାସ।"

ଦୁଷ୍ଟବୁଦ୍ଧି ଆଶ୍ଚର୍ଯ୍ୟ ହୋଇ ପଚାରିଲେ "ଆପଣଙ୍କରତ କୌଣସି ସନ୍ତାନ ନଥିଲେ। ଏ ପୁତ୍ର କୋଉଠୁ ଆସିଲେ।"

ରାଜା କାଳିନ୍ଦକ କହିଲେ "ଏ ପୁତ୍ର ମତେ ପ୍ରଭୁ ନାରାୟଣଙ୍କର ବରଦାନ।"

ଦୁଷ୍ଟବୁଦ୍ଧି କଥାଟା ବୁଝିନପାରି ଆଶ୍ଚର୍ଯ୍ୟ ହୋଇ ପଚାରିଲେ "ଆପଣଙ୍କ କଥାର ଅର୍ଥ ବୁଝିପାରିଲିନି।"

କାଳିନ୍ଦକ ମଥାରେ ହାତ ଯୋଡ଼ି ଈଶ୍ୱରଙ୍କୁ ପ୍ରଣାମ କରି କହିଲେ "ଆଜିକୁ ପ୍ରାୟ ତେରବର୍ଷ ପୂର୍ବେ ମୁଁ ମୃଗୟା ଅନ୍ୱେଷଣରେ ମୋର ସବୁଠାରୁ ଦ୍ରୁତଗାମୀ ଅଶ୍ୱବାହିତ ରଥରେ ଯାଇଥିଲି। ମୁଁ ପ୍ରାୟ ଆପଣଙ୍କ ରାଜ୍ୟ କୁନ୍ତଳର ସୀମା ପାଖାପାଖି ଥିବା ଅରଣ୍ୟରେ ମୃଗର ପଶ୍ଚାଦ୍ଧାବନ କରୁଥିବା ବେଳେ ଦେଖିଲି ଗୋଟେ ଶିଳାଖଣ୍ଡ ଉପରେ ଏକାକୀ ବାଳକଟିଏ ବସିଥିଲା। ମାଙ୍କଡ଼, ଠେକୁଆ, ହରିଣମାନେ

ତାକୁ ଘେରି ରହିଥିଲେ। ବହୁ ସଂଖ୍ୟାରେ ପକ୍ଷୀ ତା'ର ନିକଟରେ ଥିବା ବୃକ୍ଷଶାଖାରେ ବସିଥିଲେ। ମତେ ଏ ଦୃଶ୍ୟ ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗିଥିଲା। ମୁଁ ପିଲାଟିକୁ ଡାକି ତା'ର ପରିଚୟ ଜାଣିବାକୁ ଚାହିଁଲି। ବାଳକଟି ତା'ର ପିତାମାତା କିଏ କହିପାରିଲାନି, ତା'ଘର କେଉଁ ରାଜ୍ୟରେ ସେ ଜାଣିନଥିଲା, ତା'ର ନାଁ କ'ଣ ପଚାରିବାରୁ ସେ କହିଥିଲା ତା'ର କିଛି ନାଁ ନାହିଁ। ଯାହାର ଯାହା ଇଚ୍ଛା ସିଏ ତାକୁ ସେଇପରି ଡାକେ। ମତେ ବାଳକଟିକୁ ବହୁତ ଭଲ ଲାଗିଲା। ମୁଁ ତାକୁ ସାଥିରେ ନେଇ ଆସିଲି। ରାଣୀ ମଧ ତାକୁ ପୁତ୍ର ଭାବରେ ଗ୍ରହଣ କଲେ। ତା'ର ପରିଚୟ ଏବେ ସେ ଆମର ପୁତ୍ର ଚନ୍ଦ୍ରହାସ, ଚନ୍ଦନାବତୀ ରାଜ୍ୟର ଭାବୀ ରାଜା।"

ଦୁଷ୍ଟବୁଦ୍ଧିଙ୍କ ମନକୁ କଥାଟା ଲାଗି ଯାଇଥିଲା। ଆଜକୁ ପ୍ରାୟ ତେର ବର୍ଷ ତଳର କଥା। ହଁ ତ ଇଏ ନିଶ୍ଚୟ ସେଇ ବାଳକ। ଘାତକ ଦୁହେଁ ତାଙ୍କୁ ମିଥ୍ୟା କଥା କହି ତାଙ୍କଠାରୁ ବିପୁଳ ଅର୍ଥ ଠକି ନେଇଛନ୍ତି। ସେମାନେ ହତ୍ୟା କରିଥିବାର ଗୋଟିଏ ପ୍ରମାଣ କଥା ତାଙ୍କର ମନେପଡ଼ିଗଲା। ସେ ରାଜାଙ୍କ କଥାକୁ ସହାସ୍ୟ ବଦନରେ ଗ୍ରହଣ କରୁଥିବା ପରି ଅଭିନୟ କଲେବି ରାଜପୁତ୍ର ତରୁଣ ଚନ୍ଦ୍ରହାସଙ୍କର ବାମ ପାଦକୁ ଲକ୍ଷ୍ୟ କରୁଥିଲେ। ବାମ ପାଦର କନିଷ୍ଠ ଆଙ୍ଗୁଠି ପାଖରେ କଟାଦାଗଟି ସ୍ପଷ୍ଟ ଦେଖାଯାଉଥିଲା। ଏବେ ଦୁଷ୍ଟବୁଦ୍ଧିଙ୍କର ଚନ୍ଦ୍ରହାସଙ୍କର ପରିଚୟକୁ ନେଇ ସନ୍ଦେହ ରହିଲା ନାହିଁ। ବେଦଜ୍ଞ ବ୍ରାହ୍ମଣଙ୍କର ସେ ଭବିଷ୍ୟବାଣୀ ତାଙ୍କ କାନରେ ବାଜୁଥିଲା। ସେ ସ୍ଥିର କଲେ କୌଣସି ପ୍ରକାରେ ଚନ୍ଦ୍ରହାସଙ୍କୁ ରାସ୍ତାରୁ ହଟାଇଦେବେ। ଚନ୍ଦ୍ରହାସଙ୍କର ମୃତ୍ୟୁ ହିଁ ତାଙ୍କ ପୁତ୍ର ମଦନ ପାଇଁ କୁନ୍ତଳ ରାଜସିଂହାସନ ପ୍ରାପ୍ତିର ପଥ ପରିଷ୍କାର କରିଦେବ।

ସେ ଗୋଟେ ଉପାୟ ମନେମନେ ପାଞ୍ଚିଲେ। ସେ ରାଜା କାଳିନ୍ଦକଙ୍କୁ କହିଲେ "ମହାରାଜ, ମୁଁ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଦାୟିତ୍ୱ ଦେବାକୁ ଭୁଲି ଆସିଛି। ତା' ନହୋଇପାରିଲେ କୁନ୍ତଳ ରାଜ୍ୟରେ ମହା ବିଭ୍ରାଟ ହୋଇଯିବ। ମୁଁ ଚାହୁଁଛି ଆପଣଙ୍କର ଏହି ଦାୟିତ୍ୱବାନ ପୁତ୍ର ରାଜକୁମାର ଚନ୍ଦ୍ରହାସ ମୋର ପତ୍ରଟି ନେଇ ମୋ ପୁତ୍ର ମଦନ ହାତରେ କେବଳ ଦେଇଦେବେ। କୁନ୍ତଳ ମଧ ଆପଣଙ୍କର ମିତ୍ରରାଜ୍ୟ। ଯୁବରାଜ ଏହି ଅବସରରେ ଯାଇ କୁନ୍ତଳ ରାଜପ୍ରାସାଦରେ ଆତିଥ୍ୟ ଗ୍ରହଣ କରି କିଛିଦିନ ଅବସ୍ଥାନ କରି ଫେରି ଆସିବେ।"

ରାଜା କାଳିନ୍ଦକଙ୍କୁ ଦୁଷ୍ଟବୁଦ୍ଧିର ପ୍ରସ୍ତାବ ଠିକ୍ ଲାଗିଲା। ପିତାଙ୍କ ନିର୍ଦ୍ଦେଶରେ ଚନ୍ଦ୍ରହାସ ପ୍ରସ୍ତୁତ ହେଲେ। ତାଙ୍କର ପ୍ରିୟ ବେଗଗାମୀ ଅଶ୍ୱ ଦନ୍ତକ ପ୍ରସ୍ତୁତ ହୋଇ ଆସିଲା। ଚନ୍ଦ୍ରହାସଙ୍କ ମନରେ ଅମାପ ଆନନ୍ଦ। ପ୍ରଥମ କରି ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ରାଜକାର୍ଯ୍ୟ କରିବାର ଦାୟିତ୍ୱ ମିଳିଲା। ବହୁଦିନ ହେଲାଣି ସେ ଏକାକୀ ଭ୍ରମଣ କରିବାର ସୁଯୋଗ ପାଇନାହାନ୍ତି। ପୁଣି ଅନ୍ୟ ଏକ ରାଜ୍ୟରେ ଚନ୍ଦନାବତୀର ଯୁବରାଜ ଭାବରେ ସେ ଆତିଥ୍ୟ ଗ୍ରହଣ କରିବେ। ତାଙ୍କ ମନରେ ପ୍ରବଳ ଉତ୍ସାହ ସୃଷ୍ଟି ହେଲା।

ସେ ପିତାମାତାଙ୍କର ଅନୁମତି ନେଇ ଦୁଷ୍ଟବୁଦ୍ଧି ପ୍ରଦତ୍ତ ଲେଖାଟି ନିଜ ବସ୍ତ୍ରାଂଚଳରେ ଯତ୍ନରେ ରଖି ଅଶ୍ୱାରୋହଣ କଲେ। ଅଶ୍ୱ ବିଜୁଳି ପରି କୁନ୍ତଳ ନଗରୀ ଦିଗରେ ଧାବମାନ ହେବାର ଦେଖି ଦୁଷ୍ଟବୁଦ୍ଧିଙ୍କର ଭିତରଟା ଆନନ୍ଦରେ କୁରୁଳି ଉଠୁଥାଏ। ଏଥର ତାଙ୍କର ଯୋଜନା ନିଶ୍ଚୟ କାର୍ଯ୍ୟକାରୀ ହେବ ଓ ଚନ୍ଦ୍ରହାସ ଆଉ ଚନ୍ଦନାବତୀକୁ ଜୀବନ ନେଇ ଫେରିବେ ନାହିଁ। କୁନ୍ତଳର ରାଜ ସିଂହାସନରେ ତାଙ୍କର ପୁତ୍ର ମଦନ ହିଁ ଅଭିଷିକ୍ତ ହେବେ।

ଅଶ୍ୱ ଦନ୍ତକ ମଧ ରାଜଧାନୀରୁ ବାହାରି ଅରଣ୍ୟ ପଥରେ ଆନନ୍ଦରେ ଗତି କରୁଥାଏ। ଅରଣ୍ୟର ପରିବେଶ ତାକୁ କେମିତି ଏକ ମୁକ୍ତିର ଅନୁଭବ ଦେଉଥାଏ। ଅଶ୍ୱ ଓ ଅଶ୍ୱାରୋହୀ ମୁକ୍ତ ସ୍ୱାଧୀନ ବିଚରଣର ଆନନ୍ଦ ଆସ୍ୱାଦନ କରୁଥାନ୍ତି।

ଏ ଭିତରେ ବିତି ଯାଇଥିଲା ଦୁଇଦିନ। କୁନ୍ତଳ ରାଜ୍ୟରେ ଚନ୍ଦ୍ରହାସ ପିଲାଦିନେ ବେଶ୍ କିଛିଦିନ ରହିଥିଲେ। ଉକ୍ତ ନଗରୀ ତାଙ୍କର ପରିଚିତ ଥିଲା। କୁନ୍ତଳ ନଗରୀରେ ପ୍ରବେଶ କରିବା ପୂର୍ବରୁ ବେଶ୍ କିଛି ପଥ ଘନ ଅରଣ୍ୟ ଦେଇ ଯିବାକୁ ହୁଏ। ଅଶ୍ୱର ଗତି କମି ଆସିଥିଲା। ଚନ୍ଦ୍ରହାସ ଦେଖିପାରିଲେ ସେହି ଶିଳାଖଣ୍ଡ ଯାହା ଉପରେ ତାଙ୍କୁ ହତ୍ୟା କରିବାକୁ ଘାତକ ଦ୍ୱୟ ଚେଷ୍ଟା କରିଥିଲେ। ତାଙ୍କ ବାମପାଦର ଆଙ୍ଗୁଠିକୁ ଚାହିଁଲେ। ତାଙ୍କ ମନରେ କୌଣସି ବିରୂପ ଭାବ ଆସିଲା ନାହିଁ। ସେ ସମୟରେ ତାଙ୍କୁ ସଖ୍ୟ ଦେଇଥିବା ପଶୁପକ୍ଷୀଙ୍କୁ ଶ୍ରଦ୍ଧାରେ ସ୍ମରଣ କଲେ। ତାଙ୍କ ଜୀବନରକ୍ଷା କରିବା ପାଇଁ ସେମାନେ ତାଙ୍କୁ କେତେ ସାହାଯ୍ୟ କରିଥିଲେ ସେସବୁ ସ୍ମରଣ କରି ତାଙ୍କର ହୃଦୟ କୃତଜ୍ଞତାରେ ଭରିଗଲା। ସେ ଆଉ କିଛି ବାଟ ଆଗକୁ ଯିବାପରେ ନିଦ୍ରାର ଆବେଶ ଅନୁଭବ କରୁଥିଲେ। କିଛି ସମୟ ବିଶ୍ରାମ ତାଙ୍କ କ୍ଳାନ୍ତ ଶରୀରକୁ ଦେବାପାଇଁ ସେ ଅଶ୍ୱପୃଷ୍ଠରୁ ଅବତରଣ କଲେ।। ଅଶ୍ୱ ଦନ୍ତକକୁ ଅଦୂରରେ ଥିବା ଏକ ବୃକ୍ଷ ଗଣ୍ଡିରେ ବାନ୍ଧିଦେଇ ଅନ୍ୟ ଏକ ବୃକ୍ଷର ଛାୟା ତଳେ ବିଶ୍ରାମ ନେଲେ। ଅରଣ୍ୟର ଛାୟାଚ୍ଛନ୍ନ ଶାନ୍ତ ଶୀତଳ ପରିବେଶରେ ଚନ୍ଦ୍ରହାସ କେତେବେଳେ ଗଭୀରନିଦ୍ରାରେ ବୁଡି ଯାଇଥିଲେ ଜାଣିପାରିଲେ ନହିଁ।

ସେ ସମୟରେ ମନ୍ତ୍ରୀ ଦୁଷ୍ଟବୁଦ୍ଧିଙ୍କର କନ୍ୟା ବିଷୟା ତା'ର ପ୍ରିୟ ସଖୀମାନଙ୍କ ସହ ଅରଣ୍ୟ ଭ୍ରମଣରେ ଆସିଥିଲେ। ଏମିତି ବୁଲୁଥିବା ବେଳେ ବିଷୟାଙ୍କର ଜଣେ ସଖୀ ସମସ୍ତଙ୍କୁ ଡାକି କହିଲା, "ହେଇ ଦେଖନା, ଅଶ୍ୱଟିଏ ସେ ଗଛଗଣ୍ଡିରେ ବନ୍ଧା ହୋଇଛି। ନିଶ୍ଚୟ କେହି ଅଶ୍ୱାରୋହୀ ଏହି ଅଞ୍ଚଳ ଭିତରେ ଅଛନ୍ତି।"

ସମସ୍ତଙ୍କ ଦୃଷ୍ଟି ସେହିକ୍ଷଣି ସବୁଦିଗରେ ଖେଳିଗଲା। କିନ୍ତୁ ଅଶ୍ୱାରୋହୀ କେଉଁଠି ! ତାଙ୍କର ଉପସ୍ଥିତିର ତ କୌଣସି ସୂଚନା

ମିଳୁନି । କୌତୂହଳବଶତଃ ବିଷୟା ଅଶ୍ୱାରୋହୀଙ୍କର ସନ୍ଧାନ କରିବାକୁ ଲାଗିଲେ । ହଠାତ୍ ସେ ଦେଖିପାରିଲେ ଏକ ଛାୟାପ୍ରଦ ବୃକ୍ଷମୂଳରେ କେହି ଜଣେ ବ୍ୟକ୍ତି ଶୋଇଛନ୍ତି । ଧୀରେଧୀରେ ବୁଦାଗୁଡ଼ିକର ଗହଳପତ୍ର ଆଡ଼େଇ ଆଡ଼େଇ ସେ ସେଇ ଦିଗରେ ଚାଲିଲେ ।

ଏବେ ତାଙ୍କର ଆଖି ଆଗରେ ପୂରା ଦୃଶ୍ୟଟି ଉଦ୍‌ଭାସିତ ହୋଇଗଲା । ତରୁଣ ଅଶ୍ୱାରୋହୀ ଜଣେ ବୃକ୍ଷର ଗଣ୍ଡିକୁ ଆଉଜି ଶୋଇପଡ଼ିଛନ୍ତି । ପ୍ରଥମେ ସେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ ଯେ ଏପରି ସୌମ୍ୟଦର୍ଶନ ମଣିଷ ଏ ଜଗତରେ ଥାଇପାରନ୍ତି । ଦୀର୍ଘକାୟ, ବଳିଷ୍ଠ ସୁଠାମ ବପୁ, ଉଜ୍ଜ୍ୱଳ ଗୌରବର୍ଣ୍ଣ, ମସ୍ତକରେ କୃଷ୍ଣକୁଞ୍ଚିତ କେଶରାଶି, ପ୍ରଶସ୍ତ କପାଳ, ସୁପୁଷ୍ଟ ଓଷ୍ଠଧାର । ତରୁଣୀ ବିଷୟା ତାଙ୍କୁ ମୁଗ୍ଧ ଦୃଷ୍ଟିରେ ଚାହିଁ ରହିଲେ । ହଠାତ୍ କିଛି ସ୍ୱପ୍ନ ଦେଖି ହେଉ ବା କେଉଁ କାରଣରୁ ହେଉ ନିଦ୍ରିତ ତରୁଣଙ୍କ ଓଠରେ ଖେଳିଗଲା ସ୍ମିତ ହସର ଧାରଟିଏ । ବିଷୟାଙ୍କର ମନେହେଲା ସତେ ଯେପରି ଚନ୍ଦ୍ରକିରଣର ଶୀତଳ ଝରଟିଏ ବୋହି ଆସି ବନଭୂମିକୁ ପ୍ଳାବିତ କରିଦେଲା ।

ସୁନ୍ଦରୀ ବିଷୟାଙ୍କର ନିଦ୍ରିତ ତରୁଣଙ୍କୁ ନେଇ ବିସ୍ମୟ ଓ ମୁଗ୍‌ଧତା ବଢ଼ି ଚାଲିଥିଲା । ହଠାତ୍ ତାଙ୍କର ଆଖି ପଡ଼ିଲା ତରୁଣଙ୍କ କଟିବନ୍ଧରେ ସଯତ୍ନରେ ଖୋଷା ହୋଇଛି ସ୍ୱତନ୍ତ୍ର ଶୈଳୀର ପତ୍ରଲେଖାଟିଏ । ସେ ଜାଣିପାରିଲେ ଏ ଯୁବକ ନିଶ୍ଚୟ କାହାର ପତ୍ରବାହକ ଭାବରେ ତାଙ୍କ ରାଜ୍ୟକୁ ଆସିଛନ୍ତି । ତାଙ୍କର କୌତୂହଳ ହେଲା ସେ ପତ୍ରରେ କ'ଣ ଲେଖା ହୋଇଛି ଜାଣିବା ପାଇଁ । ସେ ନିଃଶବ୍ଦରେ ନିଦ୍ରିତ ତରୁଣଙ୍କ ନିକଟକୁ ଯାଇ ଖୁବ୍ ସନ୍ତର୍ପଣରେ ତାଙ୍କ କଟିବନ୍ଧରୁ ପତ୍ରଲେଖାଟିକୁ କାଢ଼ି ଆଣିଲେ । ପତ୍ର ତଳେ ଥିଲା ତାଙ୍କ ପିତା ଦୁଷ୍ଟବୁଦ୍ଧିଙ୍କର ନାମର ମୋହର । ସେ ଆଗ୍ରହୀ ହୋଇ ପଢ଼ିବାକୁ ଲାଗିଲେ ପତ୍ରଟି ।

ତାଙ୍କର ଭ୍ରାତା ମଦନଙ୍କ ଉଦ୍ଦେଶ୍ୟରେ ଲେଖା ହୋଇଥିଲା ସେ ପତ୍ର- "ପ୍ରିୟ ପୁତ୍ର ମଦନ । ରାଜକାର୍ଯ୍ୟରେ ମୁଁ ଚନ୍ଦନାବତୀକୁ ଆସିଥିବାରୁ ମୋର ଫେରିବାରେ କିଛି ବିଳମ୍ବ ହେବ । ତୁମେ ଏ ପତ୍ରବାହକଙ୍କୁ ଆତିଥ୍ୟ ଦେଇ ତାଙ୍କୁ ବିଷ ପ୍ରଦାନ କରିବ । ମୁଁ ପହଞ୍ଚିବା ପୂର୍ବରୁ ଏ କାର୍ଯ୍ୟ ଯେପରି ସମାପନ ହେବ, ସେଥିପ୍ରତି ଦୃଷ୍ଟିଦେବ ।" ତଳେ ଥିଲା ଦୁଷ୍ଟବୁଦ୍ଧିଙ୍କର ନାମର ସନ୍ତକ ।

ସୁନ୍ଦରୀ ବିଷୟା ଦ୍ୱନ୍ଦ୍ୱରେ ପଡ଼ିଗଲେ । ପିତା ଚନ୍ଦନାବତୀ ରାଜ୍ୟରୁ ଏ ପତ୍ରବାହକଙ୍କ ହାତରେ ଯେଉଁ ପତ୍ରଟି ପଠାଇଛନ୍ତି ସେଥିରୁ କଥାଟିତ ସ୍ପଷ୍ଟ ଜଣା ପଡୁନି । ସେ ଭାବି ପାରିଲେନି ଏ ସୌମ୍ୟଦର୍ଶନ ଯୁବକଙ୍କୁ ପିତା କାହିଁକି ପଠାଇଛନ୍ତି । ତାଙ୍କ ମନକୁ ଆସିଲା ନିଶ୍ଚୟ ତାଙ୍କର ପିତା କନ୍ୟା ବିଷୟାର ବିବାହ ପ୍ରସଙ୍ଗରେ ଲେଖିଛନ୍ତି । ହୁଏତ ଭୁଲ୍‌ରେ ବିଷ ଶବ୍ଦଟିରେ 'ୟା'ଟି ଲେଖିବାକୁ ଭୁଲିଯାଇଛନ୍ତି । ତେଣୁ ତାଙ୍କ ଭାଇ ମଦନଙ୍କର କାଳେ କିଛି ସଂଶୟ ସୃଷ୍ଟି ହେବାର ଆଶଙ୍କା କରି ସେ ତାଙ୍କ ଆଖିର କଜ୍ଜଳରେ କଣ୍ଟାମୁନରେ ବିଷପରେ 'ୟା' ଅକ୍ଷରଟି ଯତ୍ନରେ ଲେଖିଦେଲେ । ଏବେ ଲେଖି ହୋଇଗଲା 'ବିଷୟା' ପ୍ରଦାନ କରିବ ।

ଖୁବ୍ ସନ୍ତର୍ପଣରେ ମନ୍ତ୍ରୀ ତନୟା ସେଇ ପତ୍ରଲେଖାଟିକୁ ନିଦ୍ରିତ ତରୁଣଙ୍କର କଟିବନ୍ଧରେ ଖୋଷି ଦେଇ ସେଠାରୁ ଅପସରି ଗଲେ ଓ ଅଶ୍ୱାରୋହୀଙ୍କୁ ଖୋଜୁଥିବା ସଖୀମାନଙ୍କୁ ଡାକି ସେଇ ଅରଣ୍ୟ ଭିତରେ ଥିବା ପଦ୍ମ ପୁଷ୍କରିଣୀ ନିକଟକୁ ଯିବାକୁ କହିଲେ । ସେ ଆସନ୍ତି ବିଶେଷ କରି ବସନ୍ତଋତୁରେ । ବନ ପ୍ରକୃତିର ଅପରିସୀମ ସୁଷମା ଯେମିତି ଚତୁର୍ଦ୍ଦିଗରେ ବିଚ୍ଛୁରିତ ହେଉଥାଏ । ପ୍ରସ୍ଫୁଟିତ ରକ୍ତବର୍ଣ୍ଣ ଓ ଶ୍ୱେତବର୍ଣ୍ଣର ପଦ୍ମଫୁଲରେ ଅପୂର୍ବ ସୌନ୍ଦର୍ଯ୍ୟ ଧାରଣ କରିଥିବା ସେଇ ସ୍ୱଚ୍ଛନୀରା ପୁଷ୍କରିଣୀ ନିକଟରେ ସେ ବେଶ୍ କିଛି ସମୟ କଟାଇଥା'ନ୍ତି । ତେଣୁ ତାଙ୍କର ସଖୀମାନଙ୍କ ମନରେ କିଛି ପ୍ରଶ୍ନ ନ ଉଠୁ ଭାବି ସେ ପୁଷ୍କରିଣୀ ନିକଟକୁ ଗଲେ । କିନ୍ତୁ ଉତ୍‌କଣ୍ଠା ଓ ଉଦ୍‌ବେଗରେ ତାଙ୍କ ହୃଦୟର ସ୍ପନ୍ଦନ ବଢ଼ିଯାଉଥିଲା । ସେ ପଦ୍ମପୁଷ୍ପକୁ ଚାହୁଁଥିଲେ କିନ୍ତୁ ନିଦ୍ରିତ ତରୁଣଙ୍କର ମୁଦ୍ରିତ ପଦ୍ମକୋରକ ପରି ଚକ୍ଷୁଯୁଗଳ ତାଙ୍କୁ ଦୃଶ୍ୟ ହେଉଥିଲା । ସେ ବାରମ୍ବାର ଆନମନା ହୋଇଯାଉଥିଲେ । ତାଙ୍କ ସମବୟସୀ ତରୁଣୀମାନେ ବନଭୂମିର ପୁଷ୍ପିତ ପରିବେଶ, ପଦ୍ମପୋଖରୀ, ପକ୍ଷୀମାନଙ୍କର କାକଳି ଶୁଣି ଆତ୍ମହରା ହୋଇଯାଉଥିଲେ ।

ବିଷୟାଙ୍କର ଅନ୍ୟମନସ୍କତା ଓ ଭାବାନ୍ତର ପ୍ରତି କାହାରି ଲକ୍ଷ୍ୟ ନଥିଲା । ବିଷୟା ରଥାରୋହଣପୂର୍ବକ ତ୍ୱରିତ ଯାଇ ତାଙ୍କ ପ୍ରାସାଦରେ ପହଞ୍ଚିଯିବାକୁ ଚାହୁଁଥିଲେ । କିନ୍ତୁ ଏଣେ ସେ ଚାହୁଁଥିଲେ ଅଶ୍ୱାରୋହୀ ତରୁଣ ଜଣକ ପ୍ରଥମେ ତାଙ୍କ ପ୍ରାସାଦରେ ପହଞ୍ଚି ସେ ପତ୍ରଲେଖାଟି ମଦନଙ୍କୁ ପ୍ରଦାନ କରନ୍ତୁ । ସେ ଇତସ୍ତତଃ ବୁଲାବୁଲି କରି କେବଳ କାଳକ୍ଷେପଣ କରୁଥଲେ । ସେ ଜାଣିପାରୁ ନଥିଲେ ନିଦ୍ରିତ ତରୁଣ ଜାଗ୍ରତ ହୋଇ ଅଶ୍ୱାରୋହଣ କରି ଯାତ୍ରା ଆରମ୍ଭ କଲେଣିକି ନାହିଁ । ସେ ନଜାଣିବା ପରି ପୁଣି ସେଇଦିଗରେ କିଛି ବାଟ ଗମନ କରି ଦେଖିଲେ ଗଛ ଗଣ୍ଡିରେ ବନ୍ଧା ହୋଇଥିବା ଅଶ୍ୱଟି ଆଉ ଦେଖା ଯାଉନି ।

ବିଷୟା ସ୍ୱସ୍ତିର ନିଶ୍ୱାସଟିଏ ମାରିଲେ ।। ତାଙ୍କ ଅନ୍ତରରେ ସୃଷ୍ଟି ହୋଇଥିବା ଆଲୋଡ଼ନକୁ ସେ ଗୋପନ ରଖିବାର ପ୍ରୟାସ କରୁଥିଲେ । ଯେପରିକି ତାଙ୍କ ସହଚରୀମାନେ ତା'ର ସୂଚନା ନପାଆନ୍ତି । କିନ୍ତୁ ନିଜ ପ୍ରାସାଦକୁ ଫେରିବା ପଥରେ ସେ ବାରମ୍ବାର ଅନ୍ୟମନସ୍କ ହୋଇଯାଉଥିଲେ । ହୁଏତ ଅଶ୍ୱାରୋହୀ ପ୍ରାସାଦରେ ପହଞ୍ଚି ସାରିବେଣି । ଇତ୍ୟବସରରେ ତାଙ୍କର ଜ୍ୟେଷ୍ଠଭ୍ରାତା ମଦନ ସେ ପତ୍ରଟି ପଢ଼ି ସାରିବେଣି । କ'ଣ ତାଙ୍କର ପ୍ରତିକ୍ରିୟା ହେବ ! ପିତା ବା କାହିଁକି ତାଙ୍କ ଅନୁପସ୍ଥିତିରେ କନ୍ୟାର ବିବାହ କାର୍ଯ୍ୟ

ସମାପନ କରିବାର ନିର୍ଦ୍ଦେଶ ଦେଲେ। ସେ କାରଣ ଅନୁମାନ କରିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା। କିନ୍ତୁ ତାଙ୍କର ଭାବୀ ପତିଙ୍କର ଶୌର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ସେ ଏକପ୍ରକାର ସମ୍ମୋହିତ ହୋଇ ଯାଇଥିଲେ।

ତାଙ୍କର ଅସ୍ୱାଭାବିକ ନୀରବତା ଲକ୍ଷ୍ୟ କରି ସହଚରୀମାନେ ତା'ର କାରଣ ଜାଣିବାକୁ ଚାହିଁଥିଲେ। କିନ୍ତୁ ବିଷୟା ହଠାତ୍ ଅସୁସ୍ଥ ଅନୁଭବ କରୁଥିବାର କାରଣ ଦର୍ଶାଇ ସେମାନଙ୍କ ପ୍ରଶ୍ନକୁ ଏଡ଼େଇ ଗଲେ।

ପିତାଙ୍କର ବିଶାଳ ସୁରମ୍ୟ ପ୍ରାସାଦ ଯେତେ ନିକଟତର ହୋଇ ଆସୁଥିଲା ବିଷୟାଙ୍କର ଉଦ୍‌ବେଗ ସେତିକି ବଢ଼ି ଚାଲିଥିଲା। ସେ ରଥରୁ ଅବତରଣ କରି ତାଙ୍କ ଅନ୍ତଃପୁର ଦିଗରେ ଯିବାବେଳେ ଶୁଣିପାରିଲେ ତାଙ୍କର ଭ୍ରାତା ମଦନ ତାଙ୍କୁ ପଛରୁ ଡାକୁଛନ୍ତି। ସେ ଫେରି ଚାହିଁଲେ। ମଦନ ତାଙ୍କ ନିକଟକୁ ଆସିବା ପାଇଁ ଇସାରା କଲେ।

ବିଷୟା ତାଙ୍କ ପାଖରେ ପହଞ୍ଚିବା ପରେ ନିକଟରେ ଥିବା ଏକ ସୁସଜ୍ଜିତ କକ୍ଷ ଦିଗରେ ସେ ଆଙ୍ଗୁଳି ନିର୍ଦ୍ଦେଶ କରି କହିଲେ, "ଭଗିନୀ ତୁମେ ବହୁତ ସୌଭାଗ୍ୟବତୀ। ସେ କକ୍ଷ ଭିତରେ ବସିଥିବା ତରୁଣଙ୍କୁ ଦେଖ ତ। ସାକ୍ଷାତ୍ କାମଦେବଙ୍କ ପରି ରୂପ। ପିତା ଏପରି ବରପାତ୍ରର ସନ୍ଧାନ କରିବା ପରେ ଆଉ ବିଳମ୍ବ ନ କରି ତାଙ୍କ ଅନୁପସ୍ଥିତିରେ ତୁମ ବିବାହ ସଂପନ୍ନ କରିବାର ନିର୍ଦ୍ଦେଶ ଦେଇଛନ୍ତି। ମୁଁ ତାଙ୍କ ସହିତ ବାର୍ତ୍ତାଳାପ ପରେ ଜାଣିଲି ଇଏ ହେଉଛନ୍ତି ଚନ୍ଦନାବତୀ ରାଜ୍ୟର ଯୁବରାଜ ଚନ୍ଦ୍ରହାସ। ତେବେ ମୁଁ ଭାବୁଛି ଏ ବିବାହ ତ ସଂପୂର୍ଣ୍ଣ ରାଜକୀୟ ରୀତିରେ ହେବାକଥା। କିନ୍ତୁ ପିତା କାହିଁକି ଏପରି ନିର୍ଦ୍ଦେଶ ଦେଇଛନ୍ତି ମୁଁ ବୁଝିପାରୁନି। ତେବେ ତାଙ୍କ ଆଦେଶ ଶିରୋଧାର୍ଯ୍ୟ।"

କିଛି ସମୟ ନୀରବ ରହି ମଦନ ପଚାରିଲେ, "ଭଗିନୀ ବିଷୟା! ତୁମେ ବର୍ତ୍ତମାନ ଏହି ବିବାହ କାର୍ଯ୍ୟ କିପରି ସୂଚାରୁ ରୂପେ ସଂପନ୍ନ ହେବ ସେଥିପାଇଁ ମତେ ସହାୟତା କର। ତେବେ ପ୍ରଧାନ କଥା ହେଲା, ତୁମର ଏ ବରପାତ୍ର ମନୋମତ ହୋଇଛନ୍ତି ତ?"

ବିଷୟା, ଲଜ୍ଜାରେ ତଳକୁ ମୁଖ ଅବନତ କରି ନିଜର ସମ୍ମତି ଜଣାଇଲେ।

ଚନ୍ଦ୍ରହାସ ଜାଣିଲେ ପତ୍ର ଲେଖାରେ ମନ୍ତ୍ରୀ ଦୁଷ୍ଟବୁଦ୍ଧି ତାଙ୍କର ପୁତ୍ର ମଦନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ତାଙ୍କର କନ୍ୟା ବିଷୟାଙ୍କ ସହ ତାଙ୍କର ଯଥାଶୀଘ୍ର ବିବାହ ସଂପନ୍ନ କରିବା ପାଇଁ। ସେ ମନେମନେ ଭାବିଲେ ଏ ବିବାହ ପ୍ରସଙ୍ଗରେ ତାଙ୍କ ପିତା ସ୍ୱୟଂ ରାଜା କାଳିନ୍ଦକ ତାଙ୍କୁତ ଜଣାଇ ପାରିଥାନ୍ତେ। କାହିଁକି ଜଣାଇଲେ ନାହିଁ! ହୁଏତ ଦୁଷ୍ଟବୁଦ୍ଧିଙ୍କ ପ୍ରସ୍ତାବକୁ ତାଙ୍କ ପିତା ରାଜା କାଳିନ୍ଦକ ସ୍ୱୀକାର କରିଥିବେ। କିନ୍ତୁ କନ୍ୟା ମନୋମତ ହେବା ତାଙ୍କ ପୁତ୍ର ଉପରେ ନିର୍ଭର କରୁଥିବାରୁ ରାଜା ତାହାହିଁ ଚାହିଁଥିବେ। ଯାହାବି ହେଉ ମନ୍ତ୍ରୀ ଦୁଷ୍ଟବୁଦ୍ଧି କେବେ କ'ଣ ତାଙ୍କ ପିତାଙ୍କର ଅନୁମତି ନନେଇ ତାଙ୍କରି ହାତରେ ଏ ପତ୍ରପ୍ରେରଣ କରିଥାନ୍ତେ! ବିବାହ ସଂପନ୍ନ ହୋଇଗଲା। ଚନ୍ଦ୍ରହାସ ଓ ବିଷୟା ପରସ୍ପରକୁ ପତିପତ୍ନୀ ରୂପେ ଲାଭ କରି ଅତ୍ୟନ୍ତ ଆନନ୍ଦିତ ହେଲେ। ଏକ ସୁଖକର ଦାମ୍ପତ୍ୟ ଜୀବନର ଶୁଭାରମ୍ଭ ହେଲା। କିନ୍ତୁ ଚନ୍ଦ୍ରହାସ ତାଙ୍କ ବାଲ୍ୟକାଳର ସ୍ମୃତି ଭୁଲିନଥିଲେ। ଏହି କୁନ୍ତଳ ନଗରୀ ତା'ର ଅଧିବାସୀ ଓ ତାଙ୍କର ବାଲ୍ୟସାଥୀଙ୍କ କଥା ସ୍ମରଣ ରଖିଥିଲେ। ତାଙ୍କୁ ଲାଳନପାଳନ କରୁଥିବା ବୃଦ୍ଧା ମା'ର ମୃତ୍ୟୁପରେ ଏହି ନଗରୀର ନାରୀମାନେ ତ ତାଙ୍କୁ ଖାଦ୍ୟ ଦେଇ ଆଶ୍ରୟ ଦେଇ ବଞ୍ଚାଇ ରଖିଥିଲେ। ସେ ସମସ୍ତଙ୍କ ପ୍ରତି ଅନ୍ତରରେ କୃତଜ୍ଞତା ବୋଧ କରୁଥିଲେ।

କିଛିଦିନ ପରେ ମନ୍ତ୍ରୀ ଦୁଷ୍ଟବୁଦ୍ଧି କୁନ୍ତଳନଗରୀକୁ ପ୍ରତ୍ୟାବର୍ତ୍ତନ କଲେ। ସେ ଅତ୍ୟନ୍ତ ଖୁସିଥିଲେ ଯେ ତାଙ୍କ ପୁତ୍ରର ସିଂହାସନ ଲାଭ ପଛରେ ଆଉ କୌଣସି ବାଧା ରହିଲା ନାହିଁ। କିନ୍ତୁ ତାଙ୍କର ଆନନ୍ଦ ବେଶି କ୍ଷଣ ସ୍ଥାୟୀ ହଲାନି।

ତାଙ୍କୁ ପାଛୋଟି ନେବାକୁ ପ୍ରାସାଦର ବାହାରେ ପୁତ୍ର ମଦନ, କନ୍ୟା ଓ ଜାମାତା ସମସ୍ତେ ଅପେକ୍ଷା କରୁଥିଲେ। ଦୁଷ୍ଟବୁଦ୍ଧିଙ୍କର ଦୃଷ୍ଟି ଚନ୍ଦ୍ରହାସଙ୍କ ଉପରେ ପଡୁପଡୁ ସେ ବିସ୍ମୟରେ ହତବାକ୍ ହୋଇଗଲେ। ଯାହାର ମୃତ୍ୟୁ ସୁନିଶ୍ଚିତ ହୋଇସାରିଛି ବୋଲି ସେ ଜାଣିଥିଲେ ସେ ସ୍ୱୟଂ ତାଙ୍କର ଜାମାତା ରୂପରେ ତାଙ୍କୁ ସ୍ୱାଗତ ଜଣାଉଥିଲା।

ସେ ସମସ୍ତ ଘଟଣା ପୁତ୍ରଠାରୁ ବୁଝିଲେ। କିନ୍ତୁ ବିଷୟ ଜାଗାରେ ବିଷୟା କିପରି ହେଲା ଜାଣିପାରିଲେ ନାହିଁ। ତଥାପି ଚନ୍ଦ୍ରହାସଙ୍କୁ ହତ୍ୟା କରିବାର ଯୋଜନା ତାଙ୍କ ମନରୁ ଯାଉ ନଥିଲା। କନ୍ୟାର ବୈଧବ୍ୟ ଅପେକ୍ଷା ପୁତ୍ରର ରାଜା ହେବା ତାଙ୍କ ପାଇଁ ଅଧିକ ଈପ୍‌ସିତ ଥିଲା। ନବବିବାହିତାର ଆଭୂଷଣ ଭିତରେ ଲକ୍ଷ୍ମୀପ୍ରତିମା ପରି ଦିଶୁଥିବା କନ୍ୟାକୁ ଶ୍ରୀହୀନ କରି ତା' ଆଖିରୁ ବୈଧବ୍ୟ ଜନିତ ଦୁଃଖର ଅଶ୍ରୁ ବୁହାଇବା କଥାରେ ସେ ଆଦୌ ବିଚଳିତ ନଥିଲେ। ଦୁଷ୍ଟବୁଦ୍ଧିଙ୍କର ଅନ୍ତରରେ ଓ ବାହାରେ ଗୋଟିଏ ଦୃଶ୍ୟ ସ୍ଥିର ହୋଇ ରହିଥିଲା, ତା' ଥିଲା ତାଙ୍କ ପୁତ୍ର ମଦନର ରାଜସିଂହାସନରେ ଉପବେଶନ କରିବାର ଦୃଶ୍ୟ।

ସେଦିନ ପ୍ରାତଃ କାଳରେ କୁନ୍ତଳର ବୃଦ୍ଧ ନରପତି ବିଦ୍ୟାଦେବ ତାଙ୍କ ଶୟନ କକ୍ଷରେ ଖୁବ୍ ଅସ୍ଥିର ଭାବରେ ପଦଚାରଣା କରୁଥିଲେ। ଗତ ରାତିରେ ସେ ଦେଖିଥିବା ସ୍ୱପ୍ନଟିକୁ କୌଣସି ପ୍ରକାରେ ଭୁଲି ପାରୁନଥିଲେ। ଆଃ କି ଭୟଙ୍କର ଥିଲା ସେ ସ୍ୱପ୍ନ! ସେ ସ୍ୱପ୍ନ ତାଙ୍କୁ କ'ଣ ଇଙ୍ଗିତ କରୁଥିଲା ସେ ବୁଝିପାରୁନଥିଲେ। ପ୍ରାତଃ କାଳରେ ନିଦ୍ରାତ୍ୟାଗ ପରଠାରୁ ସେ ଗତ ରାତିର ସ୍ୱପ୍ନ କଥା ଭାବି ବେଳକୁବେଳ ଉଦ୍‌ବିଗ୍ନ ଓ ଭୟଭୀତ ହୋଇ ଉଠୁଥିଲେ। ହଠାତ୍ ତାଙ୍କର ମନେପଡ଼ିଲା କୁଳଗୁରୁ ଆଚାର୍ଯ୍ୟ ଜ୍ଞାନାନନ୍ଦଙ୍କ କଥା। ସେ ସେହିକ୍ଷଣି ତାଙ୍କ ଅନୁଚରକୁ ଆଚାର୍ଯ୍ୟଙ୍କୁ ଆସିବା ପାଇଁ ଅନୁରୋଧ

କରି ପଠାଇଲେ। ଅନୁଚର ଆଚାର୍ଯ୍ୟଙ୍କ ଗୃହକୁ ଯାଇ ଯଥା ଶୀଘ୍ର ଫେରିଆସି ଜଣାଇଲେ ଆଚାର୍ଯ୍ୟ ମନ୍ଦିରରେ କିଛି ବିଶେଷ ଯଜ୍ଞାନୁଷ୍ଠାନ କରୁଛନ୍ତି। ମଧ୍ୟାହ୍ନ ସୁଦ୍ଧା ପୂର୍ଣ୍ଣାହୂତି ସରିଯିବ ଓ ସେ ତତ୍‌କ୍ଷଣାତ ରାଜାଙ୍କୁ ସାକ୍ଷାତ କରିବା ପାଇଁ ରାଜ ପ୍ରାସାଦକୁ ଆଗମନ କରିବେ।

ରାଜା ବିଦ୍ୟାଦେବଙ୍କର ଅନ୍ୟ କିଛି ଉପାୟ ନଥିଲା। ଆଚାର୍ଯ୍ୟଙ୍କ ଆଗମନ ପାଇଁ ତାଙ୍କୁ ଅପେକ୍ଷା କରିବାକୁ ହେବ। ନଗରୀ ଉପକଣ୍ଠରେ ଥିଲା ଦେବୀ କାଳୀଙ୍କର ଏକ ସୁରମ୍ୟ ମନ୍ଦିର। ଦେବୀଙ୍କର କୃପା ଲାଭ ପାଇଁ ନଗରୀର ଅଧିବାସୀମାନେ ମନ୍ଦିରକୁ ଯାଇ ପୂଜା ଉପାସନା କରନ୍ତି। ସେଦିନ ଥିଲା କୃଷ୍ଣପକ୍ଷ ସୋମବତୀ ଅମାବାସ୍ୟା। ତନ୍ତ୍ର ଉପାସନାରେ ବିଶେଷ ସିଦ୍ଧିଲାଭର ଦିବସ। ସାଧାରଣଲୋକ ପ୍ରାୟ ସେଦିନ ମନ୍ଦିରକୁ ଯାଆନ୍ତି ନାହିଁ।

ଦୁଷ୍ଟବୁଦ୍ଧି ନିଜ ପୁଅକୁ ରାଜ ସିଂହାସନରେ ବସାଇବା ପାଇଁ ଜାମାତାକୁ ବଳି ଚଢ଼ାଇବାକୁ ପ୍ରସ୍ତୁତ ହୋଇଗଲା। ସେ ଚନ୍ଦ୍ରହାସଙ୍କୁ ଡାକିକରି କହିଲା "ଶୁଣ ପୁତ୍ର, ଆଜି ଏକ ବିଶେଷ ଦିନ। ତୁମେ ଏକାକୀ ଦେବୀ କାଳୀଙ୍କ ମନ୍ଦିରକୁ ପୂଜା ସାମଗ୍ରୀ ନେଇ ଯାଅ। ସେଠାରେ ମନ୍ଦିରର ପୂଜକ ଉପସ୍ଥିତ ଥିବେ। ସେ ତୁମ ପାଇଁ ପୂଜା କରିବେ। ମା'ଙ୍କର ଆଶୀର୍ବାଦରେ ତୁମର ସବୁ ମଙ୍ଗଳ ହେବ।"

ବିଷୟା ଏକଥା ଶୁଣି ସାରି ଖୁସିରେ କହିଲେ, "ପିତା ମୁଁ ମଧ୍ୟ ମୋ ପତିଙ୍କ ସହିତ ଯାଇ ମା' କାଳୀଙ୍କର ଉପାସନା କରିଆସିବି।" ଦୁଷ୍ଟବୁଦ୍ଧି ତାଙ୍କୁ ବାରଣ କରି କହିଲେ "ନା' ଆଜି କୌଣସି ନାରୀ ମନ୍ଦିରକୁ ଯାଆନ୍ତି ନାହିଁ। କିନ୍ତୁ ଆଜି ଏକ ବିଶେଷ ଦିନ ହୋଇଥିବାରୁ ମୁଁ କେବଳ ଚନ୍ଦ୍ରହାସଙ୍କୁ ଯିବାକୁ କହୁଛି।"

ବିଷୟା ଆଉ କିଛି କହିଲେ ନାହିଁ। ସ୍ୱାମୀଙ୍କର ମଙ୍ଗଳରେ ତ ତାଙ୍କର ମଙ୍ଗଳ। ସେ ପୂଜାସାମଗ୍ରୀ ଯୋଗାଡ଼ କରି ଏକ ସୁବର୍ଣ୍ଣପାତ୍ରରେ ସେସବୁ ସଜାଡ଼ି ରଖିବା ପାଇଁ ଭିତରକୁ ଚାଲିଗଲେ। ଏପଟେ ମଧ୍ୟାହ୍ନର ଯଜ୍ଞକର୍ମ ସାରି ଆଚାର୍ଯ୍ୟ ଜ୍ଞାନାନନ୍ଦ ବୃଦ୍ଧ ରାଜା ବିଦ୍ୟାଦେବଙ୍କ ନିକଟରେ ପହଞ୍ଚିଲେ। ରାଜା ଖୁବ୍ ଉତକଣ୍ଠିତ ହୋଇ ତାଙ୍କର ଅପେକ୍ଷା କରୁଥିଲେ। ଆଚାର୍ଯ୍ୟ ମହାଶୟଙ୍କୁ ଦେଖୁଦେଖୁ ସେ ଆସନ ଛାଡ଼ି ଉଠିଆସି ପ୍ରଣାମ ଜଣାଇଲେ।

ଆଚାର୍ଯ୍ୟ ଲକ୍ଷ୍ୟ କଲେ ରାଜାଙ୍କର ବିଷଣ୍ଣ ମୁଖମଣ୍ଡଳ। ସେଥିରେ ଭୟ ଓ ଉଦ୍‌ବିଗ୍ନତାର ରେଖାମାନ ଆଙ୍କି ହୋଇଯାଇଛି। ଆଚାର୍ଯ୍ୟ ପଚାରିଲେ, "ମହାରାଜ ଆପଣଙ୍କର କ'ଣ ହୋଇଛି ?

ଆପଣ ଏତେ ଭୀତ ଓ ବିବ୍ରତ ଜଣାପଡୁଛନ୍ତି କାହିଁକି ?"

ରାଜା ବ୍ୟାକୁଳ ହୋଇ କହିଲେ, "ଗୁରୁଦେବ ରାତ୍ରିର ଶେଷ ପ୍ରହରରେ ମୁଁ ଏକ ଭୟଙ୍କର ସ୍ୱପ୍ନ ଦେଖିଲି। ସେହି ସ୍ୱପ୍ନର ଅର୍ଥ କ'ଣ ମୁଁ ଜାଣିପାରୁନି।"

– ଆପଣ କି ସ୍ୱପ୍ନ ଦେଖିଲେ ? ଆଚାର୍ଯ୍ୟ ପଚାରିଲେ।

– ମୁଁ ଦେଖିଲି ମୋ ଶୟନକକ୍ଷର ଦକ୍ଷିଣ ପାଖ କାନ୍ଥଟା ଗୋଟେ ଦର୍ପଣ ପାଲଟି ଯାଇଛି। ମୁଁ ଶଯ୍ୟାରୁ ଉଠି ଠିଆହେବା ବେଳେ ମୋର ପୂରା ଶରୀର ସେଥିରେ ପ୍ରତିଫଳିତ ହେଉଥିଲା।" ରାଜା ଟିକେ ଥତମତ ହେଲେ।

ଆଚାର୍ଯ୍ୟ ବୁଝିପାରିଲେ କିଛି ଗୋଟେ ଘଟିଛି ସ୍ୱପ୍ନରେ। କିନ୍ତୁ ଶାନ୍ତ ସ୍ୱରରେ ପଚାରିଲେ, "ମହାରାଜ ସ୍ୱପ୍ନଦୃଷ୍ଟ ଘଟଣାଟି ଆପଣ ସ୍ପଷ୍ଟ ଭାବରେ ବର୍ଣ୍ଣନା କରନ୍ତୁ।"

ରାଜା ଏଥର ସଳଖି ବସି କହିଲେ "ଆଚାର୍ଯ୍ୟ ମହାଶୟ ମୁଁ ଦେଖିଲି ମୁଁ ଦର୍ପଣ ସାମନାରେ ଠିଆ ହୋଇଛି। ମୋ ଶରୀର ପୂର୍ଣ୍ଣ ଭାବରେ ଦୃଶ୍ୟ ହେଉଛି କିନ୍ତୁ ସେଥିରେ ମୋର ମସ୍ତକ ଥିବାର ଜଣାପଡୁନି। ମୋ ନିଦ ଭାଙ୍ଗିଯାଇଥିଲା। ମତେ ଟିକେ ଅଶ୍ୱସ୍ତି ଲାଗିଲା। କିନ୍ତୁ ମୁଁ ପୁଣି ଶୋଇ ପଡ଼ିଲି। ଏଥର ପୁନର୍ବାର ସେଇ ସ୍ୱପ୍ନ, ଆହୁରି ସ୍ପଷ୍ଟ। ମୋ ଶରୀର ପୂର୍ବପରି ଥିଲା; କିନ୍ତୁ ସ୍କନ୍ଧଥିଲା ମସ୍ତକଶୂନ୍ୟ। ମୋ ନିଦ ପୁରା ଭାଙ୍ଗିଗଲା। ସେହି ସମୟରୁ ମୋ ଭିତରେ ଏକ ଅସ୍ଥିରତା ସୃଷ୍ଟି ହୋଇଛି ଓ ମନ ବଡ଼ ବିଚଳିତ ହେଉଛି। ଆପଣ ମୋର ସଂଶୟ ଦୂରକରନ୍ତୁ।"

ଆଚାର୍ଯ୍ୟ ଜ୍ଞାନାନନ୍ଦ ଟିକେ ସମୟ ନୀରବ ରହି ଖୁବ୍ ଶାନ୍ତ ଭାବରେ କହିଲେ, "ମହାରାଜ, ସତ୍ୟ କଥାଟି ହେଲା ଆପଣଙ୍କର ମୃତ୍ୟୁ ସନ୍ନିକଟ ହୋଇସାରିଛି। ଆପଣଙ୍କର ଅନ୍ତିମ ମୁହୂର୍ତ୍ତ ଯେକୌଣସି ସମୟରେ ଆସିଯାଇପାରେ।"

ରାଜା ମଧ୍ୟ କିଛି ସମୟ ନୀରବ ହୋଇ ବସିଲେ। ତା'ପରେ ଆଚାର୍ଯ୍ୟଙ୍କୁ ଚାହିଁ କହିଲେ "ଗୁରୁଦେବ ମୋର ମୃତ୍ୟୁକୁ ଭୟ ନାହିଁ। କିନ୍ତୁ ଏପର୍ଯ୍ୟନ୍ତ ମୁଁ ମୋର ଏକ ବିଶେଷ କର୍ତ୍ତବ୍ୟ ସମ୍ପାଦନ କରିପାରିନି। ତାହା ନ କରି ପାରି ଯଦି ମୁଁ ଚାଲିଯାଏ ମୋର ଆତ୍ମା ଶାନ୍ତି ପାଇବ ନାହିଁ।"

ଆଚାର୍ଯ୍ୟ ପଚାରିଲେ, "ଆପଣ ତ ଜଣେ ଅତ୍ୟନ୍ତ ପ୍ରଜାବତ୍ସଳ ରାଜା। ରାଜ୍ୟର ମଙ୍ଗଳ ବିଧାନ ସର୍ବଦା ଆପଣଙ୍କର ଲକ୍ଷ୍ୟ ରହିଆସିଛି। ଆପଣଙ୍କ ଉପରେ ସମସ୍ତେ ସନ୍ତୋଷ ପ୍ରକାଶ କରନ୍ତି। କେଉଁ ଦାୟିତ୍ୱ ଆଉ ଅବଶେଷ ରହିଯାଇଛି।" ରାଜା କହିଲେ, "ଗୁରୁଦେବ, ମୋର ଦୁଇ ପୁତ୍ର ଅକାଳରେ ମୃତ୍ୟୁ ବରଣ କରିବାର କିଛି ବର୍ଷ ପରେ କନ୍ୟା ସନ୍ତାନଟିଏ ଜନ୍ମ ଦେଇ ମହାରାଣୀ ମଧ୍ୟ ମୃତ୍ୟୁବରଣ କଲେ। କନ୍ୟା ଅନିନ୍ଦିତା ମୋର ସବୁକିଛି। ମୁଁ ପିତାମାତା ଉଭୟଙ୍କର ଦାୟିତ୍ୱ ନେଇ ତା'ର ଲାଳନପାଳନ କରିଛି। ମୋ ଆଖି ଆଗରୁ ମୁଁ ତାକୁ ମୁହୂର୍ତ୍ତକ ପାଇଁ ଦୂର ହେବାକୁ ଦିଏ ନାହିଁ। ଏହି ଆସକ୍ତି ପାଇଁ ମୁଁ ତା'ର ବିବାହ କାର୍ଯ୍ୟ ବିଳମ୍ବ କରିଦେଇଛି। ତାକୁ ମୋ ନିକଟରୁ ବିଦାୟ ଦେବା କଥା ମୁଁ ଚିନ୍ତା କରିପାରେନି। ଏବେ ତ ମୋର ମୃତ୍ୟୁ ଆସନ୍ନ। ମୁଁ ଯିବା ପରେ ତା'ର କ'ଣ ହେବ ଭାବିଲେ ନିଜକୁ ଅପରାଧୀ ଲାଗୁଛି। ଏତେ ଶୀଘ୍ର ମୁଁ ତା'

ପାଇଁ ଉପଯୁକ୍ତ ବରପାତ୍ର କୋଉଠୁ ବା ବ୍ୟବସ୍ଥା କରିପାରିବି। ମୋ ପରେ ମୋର ଏହି ଅଲିଅଳ କନ୍ୟାର କ'ଣ ହେବ।" ରାଜାଙ୍କର କଣ୍ଠ ବାଷ୍ପରୁଦ୍ଧ ହୋଇଗଲା। ଆଖିରୁ ଝରିଆସିଲା ଅଶ୍ରୁ।

ଆଚାର୍ଯ୍ୟ ଜ୍ଞାନାନନ୍ଦ ରାଜାଙ୍କର ଦୁଃଖର କାରଣ ବୁଝିପାରୁଥିଲେ। ସେ ଟିକେ ଧ୍ୟାନସ୍ଥ ହେଲେ। ତାଙ୍କ ମୁଖ ମଣ୍ଡଳ ଉଜ୍ଜ୍ୱଳ ଦେଖାଗଲା। ଏଥର ସେ ସ୍ମିତ ହସି ରାଜାଙ୍କୁ ଆଶ୍ୱାସନା ଦେଇ କହିଲେ, "ମହାରାଜ ଆପଣ ଆଦୌ ଚିନ୍ତା କରନ୍ତୁ ନାହିଁ। ଆପଣଙ୍କ ନିକଟରେ ହିଁ ଆପଣଙ୍କ କନ୍ୟା ପାଇଁ ଉପଯୁକ୍ତ ବରପାତ୍ର ରହିଛି।" ରାଜା ଉତ୍‌କଣ୍ଠିତ ହୋଇ ପଚାରିଲେ, "ଆଚାର୍ଯ୍ୟ ମହାଶୟ ଆପଣ କେଉଁ ପାତ୍ରର କଥା କହୁଛନ୍ତି ?"

ଜ୍ଞାନାନନ୍ଦ ଈଷତ୍ ହସି କହିଲେ, "ମହାରାଜ ଆପଣଙ୍କର ମନ୍ତ୍ରୀ ଦୁଷ୍ଟବୁଦ୍ଧି ଏବେ ମାତ୍ର ତାଙ୍କ କନ୍ୟାର ବିବାହ କରାଇଛନ୍ତି ଚନ୍ଦନାବତୀ ରାଜ୍ୟର ଯୁବରାଜ ଚନ୍ଦ୍ରହାସଙ୍କ ସହିତ। ମୋ ଜାଣିବାରେ ତାଙ୍କଠାରୁ ଉତ୍ତମ ପାତ୍ର କେବେବି ମିଳିବେ ନାହିଁ। ଆପଣ ଆଜି ହିଁ ତାଙ୍କ ସହିତ ଅନିନ୍ଦିତାଙ୍କର ବିବାହ ସଂପନ୍ନ କରାଇ ଦିଅନ୍ତୁ। ଆପଣଙ୍କର ସ୍ୱପ୍ନର ସଂକେତ ପାଇଁ ଆଉ ଆପଣ ଭୟଭୀତ ହେବେନାହିଁ।"

ଆଚାର୍ଯ୍ୟଙ୍କ କଥାରେ ରାଜା ବିଦ୍ୟାଦେବଙ୍କର ମୁଖ ଉଜ୍ଜ୍ୱଳ ହୋଇଉଠିଲା। ତାଙ୍କ ହୃଦୟ ଉପରୁ ଏକ ଗୁରୁଭାର ଅପସରି ଗଲା। ରାଜା ତାଙ୍କର କୁଳ ପୁରୋହିତଙ୍କୁ ଡାକି କନ୍ୟା ବିବାହର ଆୟୋଜନ ଅଳ୍ପ କ୍ଷଣ ଭିତରେ କରିବାକୁ ନିର୍ଦ୍ଦେଶ ଦେଲେ। ରାଜପ୍ରାସାଦରେ ଉପସ୍ଥିତ ରହି କୌଣସି କାର୍ଯ୍ୟରେ ମନୋନିବେଶ କରିଥିବା ମନ୍ତ୍ରୀପୁତ୍ର ମଦନଙ୍କୁ ଡାକି ରାଜା ତାଙ୍କର ଭଗ୍ନୀପତି ରାଜକୁମାର ଚନ୍ଦ୍ରହାସଙ୍କୁ ଯଥାଶୀଘ୍ର ତାଙ୍କ ନିକଟରେ ଉପସ୍ଥିତ କରାଇବାକୁ ନିର୍ଦ୍ଦେଶ ଦେଲେ।

ରାଜାଜ୍ଞା ପାଳନ କରିବାକୁ ସଦା ତତ୍‌ପର ମଦନ ନିଜ ପ୍ରାସାଦ ଉଦ୍ଦେଶ୍ୟରେ ଅଶ୍ୱ ଛୁଟାଇଦେଲେ। ତାଙ୍କ ପ୍ରାସାଦ ଦିଗରୁ କେହି ଜଣେ ଅଶ୍ୱାରୋହୀ ଆସୁଥିବାର ଦେଖି ମଦନ ଅଶ୍ୱର ଗତି କମାଇ ଦେବା ବେଳେ ଦେଖିଲେ ସ୍ୱୟଂ ଚନ୍ଦ୍ରହାସ ହିଁ ଆସୁଛନ୍ତି। ଶାଳକ ମଦନଙ୍କୁ ଦେଖିସାରି ଚନ୍ଦ୍ରହାସ ମଧ୍ୟ ତାଙ୍କ ଅଶ୍ୱକୁ ଅଟକାଇ ଅବତରଣ କରିବାକୁ ପ୍ରୟାସ କରିବାବେଳେ ମଦନ ତାଙ୍କୁ ବାରଣ କରି କହିଲେ "ଚନ୍ଦ୍ରହାସ ତୁମେ ବର୍ତ୍ତମାନ ଏକାକୀ କୁଆଡ଼େ ଯାଉଛ ?"

ଚନ୍ଦ୍ରହାସ ତାଙ୍କର ଶ୍ୱଶୁରଙ୍କର ନିର୍ଦ୍ଦେଶରେ ପୂଜାସାମଗ୍ରୀ ନେଇ ନଗର ଉପକଣ୍ଠରେ ଥିବା ଦେବୀକାଳୀଙ୍କ ମନ୍ଦିରକୁ ଯାଉଥିବାର କଥା କହିଲେ। ମଦନ ତାଙ୍କୁ ତତ୍‌କ୍ଷଣାତ୍ ବାରଣ କରି କହିଲେ, "ସେ ପୂଜା ସାମଗ୍ରୀ ମତେ ଦିଅ। ମୁଁ ମନ୍ଦିରରେ ପହଞ୍ଚାଇ ଦେବି। ତୁମେ ଅଶ୍ୱରୁ ଅବତରଣ ନକରି ଖୁବ୍‌ଶୀଘ୍ର ରାଜପ୍ରାସାଦରେ ପହଞ୍ଚି ରାଜାଙ୍କୁ ସାକ୍ଷାତ କର। ରାଜାଜ୍ଞା ସର୍ବଦା ପାଳନୀୟ।"

ଚନ୍ଦ୍ରହାସ ବୁଝିପାରୁନଥିଲେ ରାଜା କାହିଁକି ତାଙ୍କୁ ଅବିଳମ୍ବେ ପହଞ୍ଚିବାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ରାଜାଙ୍କର ନିକଟରେ ଯଥାଶୀଘ୍ର ପହଞ୍ଚିବା ତାଙ୍କର କର୍ତ୍ତବ୍ୟ ଭାବି ସେ ତାଙ୍କର ଅଶ୍ୱ ସେଇ ଦିଗରେ କ୍ଷିପ୍ର ଭାବରେ ଚାଳନା କଲେ। ରାଜପ୍ରାସାଦରେ ସେ ପହଞ୍ଚିବା ବେଳକୁ ସ୍ୱୟଂ ବୃଦ୍ଧ ରାଜା ବିଦ୍ୟାଦେବ ତାଙ୍କୁ ପାଛୋଟି ନେବାକୁ ଦ୍ୱାରଦେଶରେ ଅପେକ୍ଷା କରିଥିଲେ। ଚନ୍ଦ୍ରହାସଙ୍କୁ ନିବିଡ଼ ଭାବରେ ଆଲିଙ୍ଗନ କରି ରାଜା ତାଙ୍କୁ ଅଭ୍ୟନ୍ତରକୁ ନେଇଗଲେ। ଚନ୍ଦ୍ରହାସ ଆଶ୍ଚର୍ଯ୍ୟ ହେଲେବି କୌଣସି ପ୍ରଶ୍ନ ପଚାରିଲେ ନାହିଁ।

ଭିତରେ ବିବାହ ମଣ୍ଡପ ପ୍ରସ୍ତୁତ ହୋଇଛି। ନବବଧୂ ବେଶରେ ଅତି ସୁନ୍ଦରୀ ରାଜକନ୍ୟା ଅନିନ୍ଦିତା ଉପବେଶନ କରୁଛନ୍ତି। ମନ୍ତ୍ରଜ୍ଞ ବ୍ରାହ୍ମଣମାନେ ବିବାହବେଦୀରେ ବସି ମନ୍ତ୍ରୋଚ୍ଚାରଣ କରୁଛନ୍ତି। ଆଚାର୍ଯ୍ୟ ଜ୍ଞାନାନନ୍ଦ ଆଗକୁ ଆସିଲେ। ଚନ୍ଦ୍ରହାସ ପୂର୍ବରୁ ତାଙ୍କର ପରିଚୟ ଜାଣିଥିଲେ। ତାଙ୍କ ପରି ଜଣେ ବେଦଜ୍ଞ, ଶୁଦ୍ଧଚେତା ମନ୍ତ୍ରଜ୍ଞ ବ୍ରାହ୍ମଣ ଆଚାର୍ଯ୍ୟଙ୍କର ଭୂୟସୀ ପ୍ରଶଂସା ସେ ଶୁଣିଥିଲେ। ତେଣୁ ତାଙ୍କୁ ଦେଖୁଦେଖୁ ଚନ୍ଦ୍ରହାସ ନଇଁପଡ଼ି ତାଙ୍କ ପାଦସ୍ପର୍ଶପୂର୍ବକ ପ୍ରଣାମ ଜଣାଇଲେ।

ଜ୍ଞାନାନନ୍ଦ ତାଙ୍କୁ କଲ୍ୟାଣ କରୁକରୁ କହିଲେ, "ଚନ୍ଦ୍ରହାସ ତୁମକୁ ରାଜା ଆମନ୍ତ୍ରଣ କରିଛନ୍ତି ଏକ ବିଶେଷ ଉଦ୍ଦେଶ୍ୟରେ। ସେ ଚାହାନ୍ତି ତୁମେ ତାଙ୍କର କନ୍ୟା ଅନିନ୍ଦିତାଙ୍କ ପାଣିଗ୍ରହଣ କର। ଏ ନିଷ୍ପତ୍ତି ଖୁବ୍ ଶୀଘ୍ର ନିଆଯାଇଥିବାରୁ ତୁମର ଶ୍ୱଶୁର ମନ୍ତ୍ରୀ ଦୁଷ୍ଟବୁଦ୍ଧି ମହାଶୟ ଓ ଅନ୍ୟାନ୍ୟ ପାରିଷଦବର୍ଗଙ୍କୁ ପୂର୍ବରୁ ସମ୍ବାଦ ପ୍ରେରଣ କରାଯାଇପାରିଲା ନାହିଁ। ତେବେ ସେମାନେ ହୁଏତ ରାଜାଙ୍କ ନିମନ୍ତ୍ରଣ ପାଇ ଶୀଘ୍ରଶୀଘ୍ର ଆସୁଥିବେ।"

ଚନ୍ଦ୍ରହାସ ରାଜପୁତ୍ର। ବହୁ ପତ୍ନୀଗ୍ରହଣ ତାଙ୍କ ପାଇଁ ଶାସ୍ତ୍ରସମ୍ମତ। ସେ ରାଜାଙ୍କ ପ୍ରସ୍ତାବକୁ ସାଦରେ ଗ୍ରହଣ କଲେ।

ବିବାହ କାର୍ଯ୍ୟ ଯଥାଶୀଘ୍ର ସମାପନ ହେଲା। ବରକନ୍ୟା, ପିତା, ଆଚାର୍ଯ୍ୟ ଓ ବ୍ରାହ୍ମଣମାନଙ୍କର ଆଶୀର୍ବାଦ ଗ୍ରହଣ କଲେ। ଅନିନ୍ଦିତା ଓ ଚନ୍ଦ୍ରହାସଙ୍କୁ ବରକନ୍ୟା ରୂପରେ ଉପବେଶନ କରିଥିବାର ଦେଖି ରାଜା ବିଦ୍ୟାଦେବଙ୍କୁ ମନେ ହେଉଥିଲା ସତେ ଯେପରି ସେମାନେ ସ୍ୱର୍ଗର ଦୁଇଜଣ ଦେବଦେବୀ। ତାଙ୍କର ହୃଦୟ ଶାନ୍ତି ଓ ସନ୍ତୋଷରେ ଭରି ଯାଇଥିଲା। ପାହାନ୍ତାକାଳର ସେ ଭୟଙ୍କର ସ୍ୱପ୍ନ ତାଙ୍କୁ ଆଉ ସାମାନ୍ୟ ମାତ୍ର ବିଚଳିତ କରୁନଥିଲା। ସେ ସଂପୂର୍ଣ୍ଣ ଭାବରେ ଶାନ୍ତ ସମାହିତ ଚିତ୍ତରେ ପ୍ରସନ୍ନ ମନରେ ଅତିଥିମାନଙ୍କୁ ସମ୍ଭାଷଣ କରୁଥିଲେ। ରାଜାଙ୍କର ନିର୍ଦ୍ଦେଶ ପାଇ ମନ୍ତ୍ରୀ ଦୁଷ୍ଟବୁଦ୍ଧି ମଧ୍ୟ ଆସି ପହଞ୍ଚିଗଲେ।କିନ୍ତୁ ଚନ୍ଦ୍ରହାସଙ୍କୁ ବର ରୂପରେ ଦେଖି ସେ ପ୍ରଥମେ ବିସ୍ମିତ ହୋଇଗଲେ। କିନ୍ତୁ ପରେପରେ ତାଙ୍କ ମନରେ ଭୟ ସଂଚାରିତ ହେବାକୁ ଲାଗିଲା। ଚନ୍ଦ୍ରହାସ ଯଦି ଏଠି ତେବେ କିଏ ସେ ତରୁଣ ପୂଜାସାମଗ୍ରୀ ଧରି ମନ୍ଦିରକୁ ଯାଇଥିଲା। ଗୁପ୍ତଘାତକ ତା'ର କାର୍ଯ୍ୟ ସାରିଛି ବୋଲି ତାଙ୍କୁ ଗୋପନ ସଂବାଦ ମଧ୍ୟ ପ୍ରେରଣ କରିଥିଲା। ତେବେ କିଏ ତାଙ୍କ ଯୋଜନାର ଶିକାର ହେଲା।

ଦୁଷ୍ଟବୁଦ୍ଧି ତାଙ୍କ ଆସନ ଛାଡ଼ି ଉଠି ଆସିଲେ ଓ ଚନ୍ଦ୍ରହାସଙ୍କୁ ଆଶୀର୍ବାଦ ନକରି ପଚାରିଲେ, "ମୁଁ ପରା ତୁମକୁ ପୂଜାସମଗ୍ରୀ କାଳୀ ମନ୍ଦିରରେ ପହଞ୍ଚାଇ ଦେଇ ସେଠାରେ ସ୍ୱତନ୍ତ୍ର ପୂଜା କରି ଆସିବାକୁ କହିଥିଲି। ତୁମେ ଯଦି ଏଠି ଅଛ, ତେବେ ମନ୍ଦିରକୁ ଗଲା କିଏ ?"

ଚନ୍ଦ୍ରହାସ ଯାହା ଘଟିଥିଲା ତାହା ଜଣାଇଦେଲେ। ଦୁଷ୍ଟବୁଦ୍ଧି ଶଙ୍କାଗ୍ରସ୍ତ ହୋଇ ପଚାରିଲେ "ସତରେ କ'ଣ ପୁତ୍ର ମଦନ ମନ୍ଦିରକୁ ଯାଇଥିଲା ?"

ଚନ୍ଦ୍ରହାସ ଶ୍ୱଶୁରଙ୍କ ଉଦ୍‌ବେଗର କାରଣ ବୁଝିନପାରି ଶିଶୁସୁଲଭ ସରଳତାରେ କହିଲେ "ହଁ ପିତା, ମୋ ହାତରୁ ପୂଜା ସାମଗ୍ରୀ ନେଇ ନିଜେ ଭ୍ରାତା ମଦନ ହିଁ ମନ୍ଦିରକୁ ଉପାସନା କରିବାକୁ ଯାଇଛନ୍ତି। ତେବେ ଆପଣ ଏତେ ଭୟଭୀତ ହେବା ପରି କାହିଁକି ଜଣା ପଡୁଛନ୍ତି ? କ'ଣ ହୋଇଛି ?"

ଦୁଷ୍ଟବୁଦ୍ଧି ଆଉ କୌଣସି ଉତ୍ତର ଦେବାର ଅବସ୍ଥାରେ ନଥିଲେ। ସେ ଉଚ୍ଚ କଣ୍ଠରେ ବିଳାପ କରିକରି ବିବାହ ମଣ୍ଡପରୁ ବାହାରି ପାଗଳ ସଦୃଶ ରଥରେ ବସି ମନ୍ଦିର ଦିଗରେ ଚଳାଇବାକୁ କହିଲେ। ତାଙ୍କର ରଥ ଚାହୁଁଚାହୁଁ ସମସ୍ତଙ୍କ ଦୃଷ୍ଟିର ଅନ୍ତରାଳକୁ ଚାଲିଗଲା। ଦୁଷ୍ଟବୁଦ୍ଧିଙ୍କର ଏପରି ଆଚରଣର କାରଣ କ'ଣ କାହାରି ପକ୍ଷରେ ବୁଝିବା ସମ୍ଭବ ନଥିଲା। ସମସ୍ତେ ପରସ୍ପରକୁ ଆଶ୍ଚର୍ଯ୍ୟ ହୋଇ ଚାହୁଁଥିଲେ। କିନ୍ତୁ ଚନ୍ଦ୍ରହାସ ଶ୍ୱଶୁର ଦୁଷ୍ଟବୁଦ୍ଧିଙ୍କର ଅଦ୍ଭୁତ ପ୍ରତିକ୍ରିୟା ଲକ୍ଷ୍ୟ କରି ବ୍ୟସ୍ତ ହୋଇପଡ଼ିଲେ। କିଛି ଗୋଟାଏ ଅଘଟଣ ଘଟିଥିବାର ଆଶଙ୍କା କରି ସେ ରାଜା ବିଦ୍ୟାଦେବ ଓ ପତ୍ନୀ ଅନିନ୍ଦିତାଙ୍କର ଅନୁମତି ନେଇ ମନ୍ଦିର ଦିଗରେ ତାଙ୍କର ଅଶ୍ୱର ଗତି ବଢ଼ାଇ ଦେଲେ।

ଅମାବାସ୍ୟାର ସନ୍ଧ୍ୟା ନଇଁ ଆସୁଥିଲା। ଚନ୍ଦ୍ରହାସ ମନ୍ଦିରର ବହିର୍ଦେଶରେ ପହଞ୍ଚି ଦେଖିଲେ ଦୁଷ୍ଟବୁଦ୍ଧିଙ୍କର ରଥ ସେଠାରେ ରହିଛି। ତେଣୁ ସେ ନିଜେ ଅଶ୍ୱପୃଷ୍ଠରୁ ଅବତରଣ କରି ମନ୍ଦିର ଭିତରକୁ ପ୍ରବେଶ କଲେ।

ଦେବୀ କାଳୀଙ୍କର ମନ୍ଦିରର ଗର୍ଭଗୃହର ବାହାରେ ଠିଆ ହୋଇଥିବା ଦୁଷ୍ଟବୁଦ୍ଧିଙ୍କର ବ୍ୟାକୁଳ କଣ୍ଠସ୍ୱର ଶୁଣାଗଲା। ଚନ୍ଦ୍ରହାସ ଟିକେ ଅଟକିଗଲେ। ମନ୍ଦିରର ଗର୍ଭଗୃହ ନିକଟରୁ ମନ୍ତ୍ରୀ ଦୁଷ୍ଟବୁଦ୍ଧିଙ୍କର ସ୍ୱର ପ୍ରତିଧ୍ୱନିତ ହୋଇ ବାହାରକୁ ଭାସି ଆସୁଥିଲା। ସେ ଉଚ୍ଚ କଣ୍ଠରେ ଦେବୀଙ୍କ ଉଦ୍ଦେଶ୍ୟରେ କହୁଥିଲେ, "ମା' ମୁଁ ଜଣେ ପାପିଷ୍ଠ। ମୋର କୃତକର୍ମର ଫଳ ମୋତେ ମିଳିଯାଇଛି। ଚନ୍ଦ୍ରହାସ ଅନାଥ ବାଳକ ଥିବାବେଳେ ବ୍ରାହ୍ମଣଙ୍କ ଭବିଷ୍ୟବାଣୀ ଥିଲା ସେ କୁନ୍ତଳର ରାଜା ହେବ। କୁନ୍ତଳର ଅପୁତ୍ରିକ ରାଜାଙ୍କ ମୃତ୍ୟୁ ପରେ କୌଶଳ କରି ମୁଁ ମୋର ପୁତ୍ର ମଦନକୁ ରାଜ୍ୟାଭିଷେକ କରିବାକୁ ଚାହୁଁଥିଲି। ତେଣୁ ଅବୋଧ ବାଳକ ଚନ୍ଦ୍ରହାସକୁ ଘାତକମାନଙ୍କ ଦ୍ୱାରା ହତ୍ୟା କରିବାର ଯୋଜନା କରିଥିଲି। ସେ ଈଶ୍ୱରଙ୍କ କରୁଣାରୁ ବଞ୍ଚିଗଲା। ମୁଁ ତାକୁ ଚନ୍ଦନାବତୀ ନଗରୀ ରାଜାଙ୍କର ପୋଷ୍ୟପୁତ୍ର ଭାବରେ ଭେଟିବା ପରେବି ପୁଣି ତାକୁ ମାରିବାର ଷଡ଼ଯନ୍ତ୍ର କଲି। କିନ୍ତୁ ସେଥିରେ ବି ବିଫଳ ହେଲି। ତା'ପରେ ଆଶ୍ଚର୍ଯ୍ୟଜନକ ଭାବରେ ମୁଁ ତାକୁ ଭେଟିଲି ମୋ କନ୍ୟାର ସ୍ୱାମୀ ରୂପରେ। ତଥାପି ମୋର ଜ୍ଞାନ ଉଦୟ ହେଲାନାହିଁ। ମୁଁ ଏପରି ନିଷ୍ଠୁର ଯେ ମୋର ଏକମାତ୍ର କନ୍ୟାକୁ ବିଧବା କରିବାକୁ ବି କୁଣ୍ଠିତ ହେଲିନାହିଁ। କିନ୍ତୁ ମା', ମୋର ପୁଅ ମଦନ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ମୋର ଏହି କୁତ୍ସିତ ଯୋଜନା ବିଷୟରେ ସେ କିଛି ବି ଜାଣିନଥିଲା। ଚନ୍ଦ୍ରହାସକୁ ଭଗିନୀର ପତିରୂପେ ପାଇ ସେ କେତେ ଆନନ୍ଦିତ ହେଉଥିଲା। କିନ୍ତୁ ମୁଁ ପିଶାଚ। ମୋ ପାପର ପରିଣତି ମୋ ପୁଅ ଭୋଗିଲା। ମୋର ଆଉ ବଞ୍ଚିରହି ଲାଭ କ'ଣ ?"

ଏତିକି କହି ସେ ତାଙ୍କ ନିକଟରେ ଥିବା ତୀକ୍ଷ୍ଣ ଛୁରିକାରେ ନିଜର ବକ୍ଷସ୍ଥଳକୁ ଆଘାତ କରି ତଳେ ପଡ଼ିଗଲେ। ଚନ୍ଦ୍ରହାସ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିବା ସତ୍ତ୍ୱେ ଦୂରରେ ଥିବାରୁ ସେ ଠିକ୍ ସମୟରେ ପହଞ୍ଚି ପାରିଲେ ନାହିଁ। କିଛିବାଟ ଆଗକୁ ଆସିବା ବେଳେ ସେ ମଦନର ମୃତଦେହ ପଡ଼ିଥିବାର ଦେଖି ବୁଝିଗଲେ ତାଙ୍କ ଶ୍ୱଶୁରଙ୍କ ଦ୍ୱାରା ନିଯୁକ୍ତ ଘାତକମାନେ ମନ୍ଦିରରେ ପହଞ୍ଚିଥିବା ଏକାକୀ ତରୁଣ ମଦନଙ୍କୁ ଦେଖି ତାଙ୍କୁ ଚନ୍ଦ୍ରହାସ ମନେକରି ହତ୍ୟା କରିଛନ୍ତି।

ଚନ୍ଦ୍ରହାସ ଦୁଃଖରେ ବିଚଳିତ ହୋଇପଡ଼ିଲେ। ତାଙ୍କ ଲାଗି ଦୁଇଦୁଇଟି ଜୀବନ ଆଜି ଚାଲିଗଲା। ଜଣେ ତାଙ୍କର ପିତୃପ୍ରତିମ ଶ୍ୱଶୁର ଓ ଅନ୍ୟ ଜଣକ ତାଙ୍କର ଭ୍ରାତା ସଦୃଶ। ଜଣେ ଦୋଷୀ ଓ ଜଣେ ନିର୍ଦ୍ଦୋଷ କିନ୍ତୁ ଏ ଅଘଟଣ ଘଟିଗଲା ତାଙ୍କରି ପାଇଁ। ପିତୃମାତୃହୀନ, ରାଜ୍ୟହରା ଓ ବାଲ୍ୟକାଳରେ ଭିକ୍ଷାନ୍ନରେ ପରିପାଳିତ ହୋଇ ବିନାଶ୍ରୟରେ ବଂଚିଥିବା ଚନ୍ଦ୍ରହାସଙ୍କ ମନରେ କାହାରି ପ୍ରତି କୌଣସି ବିଦ୍ୱେଷ ନଥିଲା, ଧନସଂପଦ ପ୍ରତି ଲୋଭ ନଥିଲା, କିଛି ପାଇବାର ଆକାଂକ୍ଷା ନଥିଲା। ସଦା ପ୍ରସନ୍ନ ରହୁଥିଲା ତାଙ୍କର ମନ। ହୃଦୟରେ ପୂରି ରହିଥିଲା ମଣିଷ ଓ ଜୀବସକଳଙ୍କ ପାଇଁ ବିମଳ ଶ୍ରଦ୍ଧା। କ୍ଷମାଶୀଳ ଥିଲା ତାଙ୍କର ଅନ୍ତର। ଜୀବନରେ ସେ ଭୋଗିଥିବା କଷ୍ଟଯନ୍ତ୍ରଣା ପାଇଁ କାହା ବିରୋଧରେ ତାଙ୍କର କୌଣସି ଅଭିଯୋଗ ନଥିଲା। ତାଙ୍କର ବୃଦ୍ଧାଧାତ୍ରୀଟି ପାଇଁ ତାଙ୍କର ହୃଦୟରେ କାରୁଣ୍ୟବୋଧ ଥିଲା, ତାଙ୍କର ଅନାହାର କାଳରେ ତାଙ୍କୁ ଅନ୍ନଦାନ ଦେଇଥିବା ଓ ତାଙ୍କୁ ଶ୍ରଦ୍ଧା ଦେଖାଇଥିବା ନାରୀମାନଙ୍କ ପାଇଁ ତାଙ୍କ ଭିତରେ ଅତୁଟ ଥିଲା ସମ୍ମାନ ଓ କୃତଜ୍ଞତାବୋଧ। ବାଲ୍ୟକାଳରେ ତାଙ୍କୁ ମାରିବାକୁ ଚେଷ୍ଟା କରିଥିବା ଘାତକ ଦୁହିଁଙ୍କ ପ୍ରତି ମଧ୍ୟ ତାଙ୍କର କୌଣସି ବିଦ୍ୱେଷ ଭାବ ନଥିଲା। ଅରଣ୍ୟରେ ଏକାକୀ ଥିବାବେଳେ ପଶୁପକ୍ଷୀଙ୍କର ସାହଚର୍ଯ୍ୟ ସେ କଦାପି ବିସ୍ମୃତ ହେଉନଥିଲେ।

ଚନ୍ଦନାବତୀ ରାଜ୍ୟର ରାଜା ଓ ରାଣୀ ତାଙ୍କ ଜୀବନରେ ପିତାମାତାର ଅଭାବ ଦୂର କରିଦେଇଥିଲେ। ତାଙ୍କର କୌଣସି କ୍ଷୋଭ ନଥିଲା, ଦୁଃଖ ନଥିଲା। ବିଷୟାଙ୍କ ପରି ସୁନ୍ଦରୀ, ଗୁଣବତୀ ଓ ପ୍ରେମଶୀଳା ନାରୀ ତାଙ୍କର ସବୁ ଅଭାବବୋଧ ଦୂର କରି ପ୍ରେମରେ

ପ୍ଲାବିତ କରିଦେଇଥିଲେ ତାଙ୍କର ଅନ୍ତରକୁ । କୁନ୍ତଳପୁରର ବୃଦ୍ଧ ରାଜା ତାଙ୍କୁ ନିଜ କନ୍ୟାର ଯୋଗ୍ୟ ମନେକରି ପତ୍ନୀରୂପେ ପ୍ରଦାନ କରିଛନ୍ତି ଓ ନିଜ ରାଜ୍ୟର ଭାବୀ ରାଜା ବୋଲି ମଧ୍ୟ ଘୋଷଣା କରିଛନ୍ତି ।

ତାଙ୍କୁ ଏତେ ପ୍ରାପ୍ତିର ଅଧିକାରୀତ ଭଗବାନ ବିଷ୍ଣୁହିଁ କରିଛନ୍ତି । ସେତ ତାଙ୍କର ଅନୁଗତ । କ'ଣ ଆଉ ତାଙ୍କର ଦୁଃଖ । ଅଥଚ ଆଜି ସେ ନିଜେ ଦୁଇଟି ମୃତ୍ୟୁର କାରଣ ହୋଇଗଲେ । ସେକଥା ଚିନ୍ତାକରି ଚନ୍ଦ୍ରହାସ ଅଶାନ୍ତ ଓ ଦୁଃଖୀ ହୋଇ ଉଠିଥିଲେ । ତାଙ୍କ ଚକ୍ଷୁରୁ ଅଶ୍ରୁ ଅବିରଳ ଝରି ପଡୁଥିଲା ।

ସେ ମା କାଳୀଙ୍କର ଗର୍ଭଗୃହ ଭିତରକୁ ପ୍ରବେଶ କରି ଆଣ୍ଠୁମାଡ଼ି ବସିଗଲେ । ମା'ଙ୍କ ନିକଟରେ ବାରମ୍ବାର ସେ ଦୁଇଟି ଜୀବନ ଫେରାଇ ଦେବାପାଇଁ କାତର ପ୍ରାର୍ଥନା କଲେ । ବିଷ୍ଣୁଭକ୍ତ ଚନ୍ଦ୍ରହାସଙ୍କର କରୁଣ ପ୍ରାର୍ଥନାରେ ମା' କାଳୀ ପ୍ରସନ୍ନ ହୋଇ ଆବିର୍ଭୂତା ହେଲେ । ମା'ଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରି ଚନ୍ଦ୍ରହାସ ନିଜକୁ କୃତାର୍ଥ ଓ ଭାଗ୍ୟବାନ ମନେ କଲେବି ମଦନ ଓ ଦୁଷ୍ଟବୁଦ୍ଧିଙ୍କର ମୃତ୍ୟୁର ଶୋକ ଭୁଲିପାରୁନଥିଲେ ।

ସେ ମା'ଙ୍କୁ ବ୍ୟାକୁଳ ହୋଇ ସେ ଦୁହିଁଙ୍କର ପ୍ରାଣଭିକ୍ଷା କରୁଥିଲେ । ମା' କାଳୀ ତାଙ୍କୁ ଖୁବ୍ ସ୍ନେହଭରା କଣ୍ଠରେ କହିଲେ, "ପୁତ୍ର, ଦୁଷ୍ଟବୁଦ୍ଧି ତା' ପାପକର୍ମର ଫଳ ପାଇଛି ଓ ପିତାର କୃତକର୍ମ ପାଇଁ ନିର୍ଦ୍ଦୋଷ ପୁତ୍ର ମଧ୍ୟ ମୃତ୍ୟୁର ଶରବ୍ୟ ହୋଇଛି । ତୁମେ ସେମାନଙ୍କ ପାଇଁ ଜୀବନ ଦାନ କାହିଁକି ଭିକ୍ଷା କରୁଛ । ମଣିଷ ତ ତା'ର ପାପକର୍ମର ଅନୁରୂପ ଫଳ ଭୋଗିବାକୁ ବାଧ୍ୟ । ଯାଅ ଫେରିଯାଅ । ତୁମର ନବବିବାହିତା ପତ୍ନୀ ଓ ଶ୍ୱଶୁର ବୃଦ୍ଧରାଜା ତୁମର ପଥ ଚାହିଁ ବସିଛନ୍ତି ।" ନିଷ୍ପାପ ଚନ୍ଦ୍ରହାସ ଶିଶୁ ପରି ମା'ଙ୍କ ନିକଟରେ ଅଳି କରିବାକୁ ଲାଗିଲେ, "ମା', ଜଣେ ପୁରା ନିର୍ଦ୍ଦୋଷ ଓ ଅନ୍ୟଜଣକ ତୁମ ନିକଟରେ ତା'ର ଅପରାଧ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିବାରୁ ତାକୁ ଦୋଷମୁକ୍ତ କରି ଜୀବନ ଫେରେଇ ଦିଅ । ସେମାନଙ୍କ ଜୀବନ ପାଇଁ ମା, ପ୍ରତିବଦଳରେ ମୋ ଜୀବନ ନେଇଯାଅ ।"

ଚନ୍ଦ୍ରହାସ ତାଙ୍କ ନିକଟରେ ଥିବା ଖଡ୍‌ଗରେ ନିଜର ମସ୍ତକ ଛେଦନ ପାଇଁ ଉଦ୍ୟତ ହେବାର ଦେଖି ମା' କାଳୀ ତାଙ୍କର ହାତ ଧରିପକାଇ ସେଥିରୁ ତାଙ୍କୁ ନିବୃତ୍ତ କଲେ । ମା କହିଲେ, "ବତ୍ସ, ମୁଁ ତତେ ପରୀକ୍ଷା କରୁଥିଲି । ତୋ'ର ହୃଦୟ ଦ୍ୱେଷଈର୍ଷାକ୍ରୋଧରହିତ । ତୋ ଅନ୍ତରରେ କେବଳ ପ୍ରେମ ଓ କରୁଣାପୂର୍ଣ୍ଣ ହୋଇ ରହିଛି । ତୋ'ର ଜୀବନରେ ଆସିଥିବା ସବୁ ପ୍ରକାର ଦୁଃଖକଷ୍ଟ ଅପମାନକୁ ତୁ ଭଗବାନଙ୍କ ଇଚ୍ଛାରୂପେ ଗ୍ରହଣ କରିଛୁ । ତୁ ଜଣେ ନିର୍ମଳଚେତା, ସତ୍ୟନିଷ୍ଠ, ଦୟାବନ୍ତ ମଣିଷ । ତୋର ଜନ୍ମଦାତା ପିତାମାତା ଭଗବାନ ବିଷ୍ଣୁଙ୍କୁ ଆରାଧନା କରି ତତେ ଲାଭ କରିଥିଲେ । ବିଷ୍ଣୁ ତତେ ସଦାସର୍ବଦା ରକ୍ଷା କରୁଛନ୍ତି । ମୁଁ ତୋ' ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇଛି । ଦୁଷ୍ଟବୁଦ୍ଧି ଓ ତା'ର ପୁତ୍ର ମଦନ ନବଜୀବନ ଲାଭ କରିଛନ୍ତି । ଏବେ ତୁ ସେମାନଙ୍କୁ ସାଥିରେ ନେଇ ନଗରୀକୁ ପ୍ରତ୍ୟାବର୍ତ୍ତନ କର ।"

ଏତକ କହି ମା' କାଳୀ ଅନ୍ତର୍ଦ୍ଧାନ ହୋଇଗଲେ । ଚନ୍ଦ୍ରହାସ ତାଙ୍କ ଉଦ୍ଦେଶ୍ୟରେ ଶତକୋଟି ପ୍ରଣାମ ଜଣାଇ ଗର୍ଭଗୃହରୁ ବାହାରି ଆସି ଦେଖିଲେ ଦୁଷ୍ଟବୁଦ୍ଧି ଅଶ୍ରୁସଜଳ ଆଖିରେ ଓ ମଦନ ଆନନ୍ଦ ମନରେ ଛିଡ଼ା ହୋଇଛନ୍ତି । କେହି ଆଉ କାହାକୁ କିଛି କହିବାର ଆବଶ୍ୟକତା ନଥିଲା । ତିନିଜଣ ମିଳିତ ଭାବରେ ମନ୍ଦିର ବାହାରକୁ ଆସିଲେ । ବାହାରେ ଅପେକ୍ଷା କରୁଥିଲେ ସ୍ୱୟଂ ରାଜା ବିଦ୍ୟାଦେବ, ଚନ୍ଦ୍ରହାସଙ୍କର ଦୁଇ ନବବିବାହିତା ପତ୍ନୀ ଓ ରାଜ୍ୟର ଅର୍ଦ୍ଧାଧିକ ପ୍ରଜା । ଆନନ୍ଦରୋଳ ଭିତରେ ଆରମ୍ଭ ହୋଇଗଲା ରାଜ୍ୟକୁ ପ୍ରତ୍ୟାବର୍ତ୍ତନର ମଧୁର ପର୍ବ । (ଜୈମିନି ଭାରତରେ ବର୍ଣ୍ଣିତ ଏକ ଉପାଖ୍ୟାନ ଉପରେ ଆଧାରିତ) ।

❖❖❖

# ଗୁପ୍ତଧନ



ISSN-2583-6978
Volume-4
Issue-10
OCTOBER-2024

**ଡ. ଶଶି ରଥ**

**ଶ୍ରୀ-ଭାରତୀ**
**ଶ୍ରୀହରି ବିହାର, ଜଟଣୀ**

ନରି କକେଇଙ୍କ ସମ୍ପର୍କରେ ଗାଁ ଲୋକଙ୍କ ଭିତରେ ନୂତନ ଅବଧାରଣାର ଉନ୍ମେଷ ହୋଇଥଲା। କ୍ରମେ ସେହି ଧାରଣା ବିକଶିତ ହେବାଦ୍ୱାରା ସଭିଏଁ ଦୃଢ଼ମୂଳ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ନରି ମହାପାତ୍ରେ ଉପରମୁହାଁ ହୋଇଗଲେଣି। ତାଙ୍କ ପାଦ ଏବେ ମାଟିରେ ନାହଁ। କାରଣ ସେ ଭୂମିରେ ଚାଲନ୍ତି ନାହିଁ। ବରଂ ଡେଣା ଝାଡ଼ି ଝାଡ଼ି ଉଡ଼ିବା ମୁଦ୍ରାରେ ଭୂମିରେ ଟିପେଇ ଟିପେଇ ଦୌଡ଼ୁଥାନ୍ତି। ଯେମିତି ଅଳ୍ପ କାଳ ପରେ ସଂପୂର୍ଣ୍ଣ ବ୍ୟୋମଚାରୀ ହୋଇଯିବେ। ସାଇକେଲ ଚଲାଇବା ଦୂରର କଥା ତାର ହ୍ୟାଣ୍ଡଲ ଧରି ପାଞ୍ଚପାହୁଣ୍ଡ ଗଡ଼ାଇ ପାରିନଥିବା ନରି ମହାପାତ୍ରଙ୍କ ଗମନାଗମନ ଏବେ ଯେମିତି କେବଳ ବ୍ୟୋମଯାନରେ ହେଉଛି। ପ୍ରାତଃ କାଳରେ ଠାକୁରଙ୍କ ପୂଜା ନିମନ୍ତେ ସଂଗୃହିତ ଫୁଲକୁ ଗାମୁଛାକାନିରେ ବାନ୍ଧି ଫେରିବାର ଦୃଶ୍ୟକୁ ଦେଖିଲା ଲୋକ ହୃଦ୍‌ବୋଧ କରିବ ସକାଳୁ ସକାଳୁ ନରି ମହାପାତ୍ରେ କାନିରେ କନିଅର ଫୁଲ ନୁହେଁ ହୀରା ଓ ସୁନାମୁଣ୍ଡା ଧରି ଏମାତ୍ର ଜୋହାନ୍ସବର୍ଗ ପ୍ଲେନରୁ ଓହ୍ଲାଇ ଗାଁକୁ ଫେରୁଛନ୍ତି। ପ୍ରତି ମୁହୂର୍ତ୍ତରେ ସେହିଭଳି କଥା ଓ ଆଚରଣ। ବଡ଼ଲୋକୀ ପରିସ୍ଫୁଟ। ପାରସ୍ପରିକ ଆଲୋଚନା ବେଳେ ସ୍ୱତଃପ୍ରବୃତ୍ତ ଭାବରେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳଲୋକଙ୍କ ମୁହଁରୁ ଏ କଥା ବାହାରିଯାଏ, 'ନରି ମହାପାତ୍ର କଣ ଆଉ ନରି ମହାପାତ୍ର ହୋଇ ଅଛନ୍ତି! ନା, ଆଗ ନରି ମହାପାତ୍ରଙ୍କୁ ଖୋଜିଲେ ଏବେ ମିଳୁଛନ୍ତି ? ନା, ମିଳୁନାହାନ୍ତି'। ଜନତା ଜନାର୍ଦ୍ଦନଙ୍କ ଏପରି ମତ ଓ ମନ୍ତବ୍ୟରେ ପ୍ରଚ୍ଛନ୍ନ ଥାଏ କକେଇଙ୍କ ପ୍ରତି ଅସନ୍ତୋଷ, କ୍ରୋଧ ସର୍ବୋପରି ଅନାସ୍ଥାସୂଚକ ତାଚ୍ଛଲ୍ୟ।

ବହୁତ ଲୋକ ଯହୁଁ ମିଳି । ଚରିତ୍ରେ ବୋଲିଦେବେ କାଳି ॥

ନରି ମହାପାତ୍ରଙ୍କ ସହ ଆପଣା ପରିଚୟ ବା ଆନ୍ତରିକତାର ଭିନ୍ନ ଭିନ୍ନ ସଞ୍ଜ୍ଞା। ନରି ମହାପାତ୍ରେ। ନରି ଭାଇନା। ନରି କକେଇ। ନରି ଦଦେଇ। ନରି ଗୋସାଇଁ। ନରି ବାହ୍ମଣ। ନରି ପୁରୋହିତ ଇତ୍ୟାଦି...

ତାଙ୍କ ପରିବର୍ତ୍ତିତ ଜୀବନଶୈଳୀ ଓ ଆଚରଣକୁ ଅନେକେ ତାଚ୍ଛଲ୍ୟ କରୁଛନ୍ତି ଏବଂ ତାଙ୍କ ପ୍ରତି ହୃଦୟରେ ଅସହିଷ୍ଣୁତା ସହ ଈର୍ଷାକାତର ଭାବ ପୋଷଣ କରିଛନ୍ତି। ଏପରି ଏକ ଅନୁଭବର ମର୍ମକୁ ପ୍ରତିକ୍ରିୟା ସ୍ୱରୂପ ଲୋକଙ୍କୁ ଶୁଣାଇ ଶୁଣାଇ କହିବେ: ନରି ମହାପାତ୍ରକୁ ଏତେ ସୁଖ, ସୌଭାଗ୍ୟ, ଐଶ୍ୱର୍ଯ୍ୟ, ସମ୍ପଦ ସମ୍ମାନ ଯେତେ ଯାହା ମିଳିଛି, ମିଳୁଛି ବା ମିଳିବ କଣ ମାଗଣାକୁ ନା ଶୁଖିଲାରେ। ଏମିତିରେ ଦିନେ ନରି ମହାପାତ୍ରେ କହୁଥିବା ବେଳେ ବଗୁଲିଆ ଟୋକାଟାଏ କହିଲା: ଜେଜ, ଗ୍ରାମବାସୀ ଜାଣନ୍ତି ଯେ ତୁମେ ଏସବୁ କୋଟିଏଟଙ୍କା ବିନିମୟରେ ପିମ୍ପଲ ହାଟରୁ କିଣିଆଣିଛ। ନରି କକେଇଙ୍କ ଘର ଖୁଡ଼ୀ ପିପିଲିକୁ ସର୍ବଦା ପିମ୍ପଲ ବୋଲି କହିଥାନ୍ତି। ସେହି ମର୍ମରେ ।

ଦ୍ୱିତୀୟ ବଗୁଲିଆ ବାକ୍ୟ ପୂର୍ଣ୍ଣ କରିବା ପରି କହିଲା: କିଣି ଆଣି ଦେହ ଓ ଜୀବନକୁ ସଜାଇ ରଖିଛ।

ଆଉ ଗୋଟେ ବଗୁଲିଆ କଥା ଯୋଡ଼ିଲା: ଲାଞ୍ଜିଆଯୋରରୁ ପାଣି ମଡ଼ାଇ ବେଲତଳି ଜମିରେ ଖତ ଗ୍ରୋମୋର ପିଡ଼ିଆ ଦେଇ ଅମଳ କରିଛ।

ସାରା ଦିନଟି ନରି କକେଇ ସମ୍ଭଳା ପଡ଼ିନଥିଲେ। ଯେତେବେଳେ ଗାଁ ଦାଣ୍ଡକୁ କାମରେ ଗଡ଼ିଲେ ଚାଲି ଦୁମ୍ ଦୁମ୍। ମୁହଁ ଫଁ ଫଁ। ପାଟି ଗରଗର: ଶଳା, ଶଳା ଦେଖ ହେ। ପିଲା ତିନିଟା। ପହଞ୍ଚି କିରି କିରି ଶଳାଙ୍କ ପିଚାରୁ ଲାଳ ଛାଡ଼ିନି। ଶଳାଏ ମୋତେ ପିପିଲି ହାଟ, ବେଲତଳି ବିଲ ଦେଖାଉଛନ୍ତି। ପହଞ୍ଚି କିରି କିରି ସବୁ ବୋପାମାନଙ୍କର ଶିକ୍ଷା। ମୋ ସାମ୍ନାରେ କଥା କହିବାକୁ ତୁଣ୍ଡରେ ଓ ଜିଭରେ ହାଡ଼ ନାହିଁ। କିନ୍ତୁ ନାହିଲଗା ଛୁଆଙ୍କୁ ମୋ ପଛରେ ଲଗାଇ ଦେଲେ। ପହଞ୍ଚି କିରି କିରି ଯେମିତି ନରି ମହାପାତ୍ରର ଦୁନିଆ ଅନ୍ଧାର

କରିଦେବେ। ଶଳା, ଛୋଟଲୋକଗୁଡ଼ାଙ୍କ ମୁହଁ ଲଢ଼ିବିନାହିଁ ବୋଲି ଚୁପ୍ ରହିବାରୁ ପହଞ୍ଚି କିରି କିରି ଦିନକୁ ଦିନ ଶଳାଙ୍କ ମୁହଁ ବଢ଼ିଯାଉଛି। ପହଞ୍ଚି କିରି କିରି ବାହାଞ୍ଚଗୁଡ଼ାକ ନରି ମହାପାତ୍ରକୁ ଉପାଡ଼ି ସମୁଦ୍ରରେ ଫିଙ୍ଗି ଦେବେ ଯେମିତି। ପହଞ୍ଚି କିରି କିରି ନରି ବାହ୍ମଣର ଚେର ବହୁ ଗଭୀରରେ। କୋଉ ବୋପାର ପୁଅ ଅଛି ଉପାଡ଼ି ଦେବ, ଦେଖିବା ! ତୁମ ଚଉଦପୁରୁଷ ସହ ବଉଁଶବର୍ଗ ମିଶିଲେ ନରି ମହାପାତ୍ର ଚେର ଉପାଡ଼ିବା ତ ଦୂର ଟିକେ ହଲାଇ ପାରିବ କି ? 'ପହଞ୍ଚି କିରି କିରି' ନରି କକେଇଙ୍କ ବାକ୍ୟର ମୁଦ୍ରାଦୋଷ। ଲମ୍ବା କଥା କହିବା ବେଳେ ନରି କକେଇ 'ପହଞ୍ଚି କିରି କିରି' ବାରମ୍ବାର ବ୍ୟବହାର କରିଥାନ୍ତି। ବେଳ ଅବେଳରେ ତାଙ୍କୁ ଚିଡ଼ାଇବା ଉଦ୍ଦେଶରେ ବଗୁଲିଆମାନେ 'ପହଞ୍ଚି କିରି କିରି'ଟି ପ୍ରୟୋଗ କରି ମଜା ନିଅନ୍ତି। ଯେମିତି – ପହଞ୍ଚି କିରି କିରି ଜେଜ, କୁଆଡ଼େ ଯାଉଛ ? ପହଞ୍ଚି କିରି କିରି ଜେଜ, ଆଜି କଣ ଖାଇଛ ?

'ଦୁନିଆ ଅନ୍ଧାର' ହେୟ ଜ୍ଞାନର କଥାପଦକ କାନରେ ପଡ଼ିବା ମାତ୍ରେ ନରି କକେଇଙ୍କ ପାଖାପାଖି ଉପସ୍ଥିତ ଗ୍ରାମବାସୀଙ୍କ ଓଠରେ ସ୍ମିତହସ ଫୁଟେ। ହସର ମର୍ମ, ନରି ମହାପାତ୍ରଙ୍କ ଲଣ୍ଠନରେ ଏବେ କିରୋସିନି ଭର୍ତ୍ତି। ତେଣୁ ବତୀ ତେଜି ଦେଉଛନ୍ତି। କିରାସିନି ଜାଳିବାକୁ ଖାତିର ନାହିଁ। ତାଙ୍କର ଆକାଶମୁହାଁ ଆଖି ଦେଖିପାରୁନାହିଁ ପେଣ୍ଡା ପାଖରେ ଝୁଲୁଥିବା ଲଣ୍ଠନର ବତୀକୁ ଆବଶ୍ୟକଠାରୁ ଅଧିକ ତେଜିବା ଦ୍ୱାରା କାଚ କଳା ପଡ଼ିଯାଉଛି। ବୁଝିପାରୁନାହାନ୍ତି, କାଚରେ ଜମିଥିବା କଳା ଦ୍ୱାରା ଆଲୋକ ସୀମିତ ହୋଇଯାଉଛି। ନିଷ୍ପ୍ରଭ ଲଣ୍ଠନଆଲୋକ ପଥ ପ୍ରଦର୍ଶନ ନିମନ୍ତେ ଅକ୍ଷମ ହେବା ସମ ଲଣ୍ଠନଧାରୀଙ୍କ ତେଜିୟାନ ବଳିଷ୍ଠ ବ୍ୟକ୍ତିତ୍ୱ ଅହଂକାର ରୂପୀ ଲଣ୍ଠନକାଚର ସୀମିତ ପରିସରରେ ଆବଦ୍ଧ ହୋଇ ରହିଯାଉଛି। ଯାହା ନରି ମହାପାତ୍ରଙ୍କ ଦେହ, ମୁହଁ, ବସ୍ତ୍ରକୁ କଳାରଙ୍ଗରେ ବିବର୍ଣ୍ଣ କରିବାର ଉପକ୍ରମ ମାତ୍ର। ପରିବାରର ଗରିମା ତଥା ପାରିବାପଣର ଗୌରବ ମଳିନ ପଡ଼ିଯିବାର ଆଦ୍ୟାଭାସ। ଗ୍ରାମବାସୀଙ୍କ ପରିହାସ ଓ ଅନାସ୍ଥାର ପାତ୍ର ପାଲଟି ଯାଇଥିଲେ ନରି କକେଇ।

ନରି କକେଇଙ୍କ ସାଧାରଣ ଜୀବନଧାରା ଆଖିରେ ନାଚିଯିବା ସ୍ୱାଭାବିକ। ନଅପ୍ରାଣୀର ପରିବାରରକୁ ସ୍ୱଳ୍ପ ଚାଷଜମି। ଅମଳ ଧାନ ବେଶି ହେଲେ ଛଅମାସ ବଞ୍ଚାଏ। ପରିଧାନ ଗଣପତି ମାର୍କା ପାଞ୍ଚହାତିଆ ଖୋରଧା ଗାମୁଛା। କଛା ମାରି ପିନ୍ଧିଥାନ୍ତି। ବ୍ରାହ୍ମଣ, ଏକକାନିଆ ରହିବା ଅଲକ୍ଷଣା ସ୍ୱଭାବ ଓ ଅମଙ୍ଗଳ ବୋଲି ଶାସ୍ତ୍ରବାଣୀକୁ ସ୍ୱୀକାର ପୂର୍ବକ ଉତ୍ତରୀୟ ସ୍ୱରୂପ ପରିଧାନାକ୍ଷମ କରିଆ ବା କାଶୀ ଗାମୁଛାଟାଏ କାନ୍ଧରେ ପଡ଼ିଥାଏ। ସହି ଅର୍ଥରେ ଗାତ୍ରମୁଛା ନହୋଇ ମୁଖ କି ହସ୍ତମୁଛା କହିଲେ ଠିକ୍ ହେବ। ଅଧିକାଂଶ ସମୟ ଫୁଲଫଳ ଓ ଶାଗମୁଗ ବାହକର କାମ ତୁଲାଏ। ସୁତରାଂ ନିଜର ଆର୍ଥିକ ସୁଧାର ଓ ପରିବାର ପ୍ରତିପୋଷଣ ଲକ୍ଷ୍ୟରେ ସାମୟିକ ଜଜମାନିକୁ ବୃତ୍ତି ଭାବରେ ଗ୍ରହଣ କରିନେଇଥିଲେ। ଜଜମାନଙ୍କ ଯାଚଞ୍ଚା ମହାଦେବଙ୍କ ଅଭିଷେକ, ଠାକୁରାଣୀ ମାଜଣା ପୂଜା, ସଂକ୍ରାନ୍ତିହୋମ, ଗ୍ରହଶାନ୍ତି ହୋମ, ଶ୍ରାଦ୍ଧ, ସତ୍ୟନାରାୟଣ ପୂଜାପାଲା, ପାତକନାଶନ କର୍ମ, କର୍ଣ୍ଣବେଧ, ପିତୃମାତୃ ପୁଣ୍ୟତିଥିରେ ଶ୍ରାଦ୍ଧକର୍ମ, ବ୍ରାହ୍ମଣ ଭୋଜନ ପରି କର୍ମକୁ ଆଦରି ନେଇଥିଲେ। ତହିଁରୁ ମିଳୁଥିବା ପାରିଶ୍ରମିକ, ସଞ୍ଚା, ଦକ୍ଷିଣାଦି କିଛି ପରିମାଣରେ ପାରିବାରିକ ପରିପୋଷଣରେ ସହାୟକ ହେଉଥିଲା। ଏହି କର୍ମରୁ ନରି ପୁରୋହିତ ଭାବରେ ପରିଚୟଟିଏ ପାଇଥିଲେ। ସେଭଳି ବିଶେଷ ପୁରୋହିତ କର୍ମ ବେଳେ ନରି କକେଇ ମଠାମକୁଟା ନାମରେ ପେଡ଼ିସାଇତା ସ୍ୱତନ୍ତ୍ର ବସ୍ତ୍ର ବା ଯୋଡ଼ ପରିଧାନ କରୁଥିଲେ।

ନରି କକେଇଙ୍କର ଏପରି ଅତୀତ ଦେଖିଆସିଥିବା ଲୋକେ ତାଙ୍କର ଭେକବଦଳା ରୂପ ଓ ଉର୍ଦ୍ଧ୍ୱମୁଖା ସ୍ୱଭାବକୁ କେତେ ବା ସହ୍ୟ କରନ୍ତେ। ଯେତେହେଲେ ମଣିଷ, ଚାଲୁଣି ସ୍ୱଭାବ ରହିବା ଥୟ। ନିଜ ତଳ ଅପେକ୍ଷା ଛୁଞ୍ଚି ତଳକୁ ନିରେଖି ଦେଖି ମୁରୁକି ହସିବା ଥୟ। ନିଶ୍ଚୟ ଆଲୋଚନା କରିବେ, "ହଁ ହେଲା। ପିଲାମାନେ ଯୋଗ୍ୟ ହେଲେ। ଭଗବାନଙ୍କ ଦୟାରୁ ଚାକିରିବାକିରି କରି ଭଲରେ ରହିଲ। ଭଲ ଖାଇଲ, ଭଲ ପିନ୍ଧିଲ। ଭଲରେ ଚଳିଲ। ତା ମାନେ କଣ ପଛ କଥା ଭୁଲିଯିବ। ମାଟିକୁ ଚାହିଁ ବାଟ ଚାଲିବନି। ଗାଁ ଓ ସାହି ପଡ଼ିଶାଙ୍କ ସହ ଭଲ ସମ୍ପର୍କ ରଖିବନି। ଏ କି ମଣିଷପଣିଆ ? ଆପଦ ବିପଦରେ ସାହି ପଡ଼ିଶା ତ ସାହାଭରସା। ଦିନେ ଅଫେରା ରାସ୍ତାର ଯାତ୍ରା ପାଇଁ କାନ୍ଧ ଦେବାକୁ ଭଗାରି ଓ ସାହିଭାଇ ତ ଲୋଡ଼ା ପଡ଼ିବେ"।

ଦିନେ ନରି କକେଇଙ୍କ ପରିବାରକୁ କେନ୍ଦ୍ରକରି ଗାଁରେ ଘଟଣାଟାଏ ଘଟିଗଲା। ଘଟଣାକୁ ସାମାନ୍ୟ ବା ହାଲକା କରି ପୂର୍ଣ୍ଣଚ୍ଛେଦ ପକାଇବା ଉଦ୍ଦେଶରେ ନରି କକେଇଙ୍କ ସମବୟସ୍କ ଘଟଣା ସ୍ଥଳରେ ପହଞ୍ଚିଗଲେ। ନରି କକେଇଙ୍କ ସମ୍ମୁଖରେ ଠିଆହୋଇ ରୋକିଲେ: ଆରେ ନରି, ତୁ ଏମିତି ପିଲାଙ୍କ ପରି କଣ ମୂର୍ଖାମି କରୁଛୁ। ଲୋକ କଣ କହିବେ । ଜାଣିବା ଶୁଣିବା ଲୋକ ହୋଇ ଯଦି ଆମେ ବୁଢ଼ାମାନେ ଏମିତି କରିବା ପିଲାଙ୍କୁ କଣ କହିବା ! ବାଟକୁ ଆଣି ପାରିବା ? ଆମର ବାହୁଡ଼ାବେଳ ହେଲାଣି। ଭଲ ଭଲରେ ଚାଲିଗଲେ ଯାଏ। ଯିବା ବେଳେ କାନ୍ଧ ଦେବାକୁ ପୁଅପୁତୁରାମାନେ ଲୋଡ଼ା ନା ନାହିଁ ? ଏମାନଙ୍କ ହାତରୁ ନିଆଁ ପାଣି ପାଇବା ନା ନାହିଁ ? ତିଳତର୍ପଣ ଜଳ ଗ୍ରହଣ କରିବା ନା ନାହିଁ ? ମନ ଫଟାଇ ଚଳିଲେ କେମିତି ହେବ ?

ବାଲ୍ୟ ବନ୍ଧୁଙ୍କ ହାତ ଛାଟିଦେଲେ ନରି କକେଇ। ତାଙ୍କୁ ଆଉ କିଏ ସମ୍ଭାଳେ: ମୁଁ ମୂର୍ଖ। ଅମଣିଷ। ଛାତିରେ ଖୁବ୍ ଜୋରରେ ହାତ ପିଟିଲେ: ଆରେ, ନରିହରି ମହାପାତ୍ର ଏ ଯେଉଁ ସୁଖ, ସମ୍ପଦ, ଐଶ୍ୱର୍ଯ୍ୟ ଭୋଗ କରୁଛି ଗାଁ ବାଲାଙ୍କ ଦୟାରୁ ନୁହେଁ। ମୋ କର୍ମ ଓ

ପୁଣ୍ୟ ବଳରୁ । ମଶାଣି ଯିବାକୁ ମୋର କେଉଁ ଭାଇଭଗାରି ଦରକାର ନାହିଁ । ପୁତୁରା ଦରକାର ନାହିଁ । ଛଅ, ଛଅଟା ପୁଅ ଜନମ କରିଛି । ସମସ୍ତଙ୍କୁ ଟଙ୍ଗ୍ (ସ୍ୱଙ୍ଗ୍) କରିଦେଇଛି । ମୋର କିଛି ଗୁପ୍ତଧନ ନାହିଁ । ସବୁ ମୁକ୍ତଧନ । ମୁଁ ଖୁବ୍ ଖୋଲାମେଲା ଲୋକ । ମୋର ଚଳମାନ ଧନ ମୋ ପାଇଁ ଯଥେଷ୍ଟ । ଚାରିପୁଅ କୋକେଇ କାନ୍ଧେଇ ନେବେ । ବଡ଼ ମୁଖାଗ୍ନି ଦେବ । ଜଣେ ଲୁଣ୍ଡାବୋଳିବ ଓ କାଠହାଣିବ । ଜବାଇଁ ଖଇକଉଡ଼ି ବିଞ୍ଚିବ । ମୋ ଧନ, ମୋ ସମ୍ପତ୍ତି ନେହୁରା ହେବାକୁ କାହା ଦୁଆରକୁ କି ପାଦ ତଳକୁ ଯିବା ଦରକାର ହେବନାହିଁ । ଭଗାରି, ପୁତୁରା ଇତ୍ୟାଦି କୋକେଇ ପଛରେ ଧାଇଁ ମହାଯାତ୍ରା ରାସ୍ତାରେ ପଡୁଥିବା ଖାଇକଉଡ଼ିରୁ ପଇସା ସାଉଁଟୁ ଥିବେ । ଯା, ଯା, ଭଦ୍ରଲୋକୀ ଦେଖାନା ।

ଘଟଣାସ୍ଥଳରୁ ସାମାନ୍ୟ ନିରାପଦ ଦୂରତାରେ ଠିଆହୋଇ ପ୍ରସଙ୍ଗକୁ ଉପଭୋଗ କରୁଥିବା କକେଇଙ୍କ କୁଟୁମ୍ବୀ ଭାଉଜ ମନ୍ତବ୍ୟ ଦେଲେ: ଦେଖ ହେ, ବାଡ଼ିପଡ଼ା ଲୋକଟାର କେଡ଼େ ଫୁଟାଣି ? ବଡ଼େଇ କରୁଛି । ଉଁ, ଜୀବଦ୍ଦଶାରେ ବୁଲାକୁକୁରଙ୍କ ମୁହଁରେ ମୁଠାଏ ମୁଢ଼ି ପକାଇନାହିଁ । ଦାନବୀର ନରିଶ୍ଚନ୍ଦ୍ର ତ, କୋକେଇରୁ ଯା ମଡ଼ା ଗାଁ ଲୋକଙ୍କୁ ପାଞ୍ଚ, ଦଶପଇସା ଦାନ ଦେଇ ଦେଇ ମଶାଣି ରାସ୍ତାରେ ଯିବ ।

ଏ ଘଟଣା ପରେ ନରି କକେଇ ଯେମିତି ଏକଘରିଆ ହୋଇଗଲେ । ଏଥିପାଇଁ କୋଣସି ଗ୍ରାମସଭା ବସିବା ଦରକାର ହେଲାନାହିଁ । କଙ୍ଗାରୁ କୋର୍ଟର ଆଦେଶ ଆସିଲା ନାହିଁ । ସବୁ ସ୍ୱତଃପ୍ରବୃତ୍ତ ଘଟିଗଲା । ପ୍ରକାରାନ୍ତରେ ନରି କକେଇଙ୍କ ଅହଂକାର ଗ୍ରାମକୁ ବାସନ୍ଦ କରିଦେଲା କହିଲେ ଠିକ ହେବ ।

ଗ୍ରାମବାସୀ କହିଲେ: ଗୋଠଖଣ୍ଡିଆଟା ।

ଦ୍ୱିତୀୟ: ଉପରମୁହାଁ ହୋଇଗଲାଣି । ଟଙ୍କା ଟେରା କରିଦେଲାଣି ଯେ ସବୁ ବଙ୍କା ଦିଶୁଛି । ସବୁକୁ ବଙ୍କା ବୁଝୁଛି ।

ତୃତୀୟ: ଓଲଟା ପଢ଼ିଲେ କଣ ହେବ ? ଓଲଟଗଛର ଲୋଟଣିପାରା ।

କାହା କାହା ତୁଣ୍ଡରେ: ଅବାଗିଆ, ଅହଂକାରୀଙ୍କୁ ବୁଝାଇବା ବିଫଳ ପ୍ରଚେଷ୍ଟା ମାତ୍ର ।

ନରି କକେଇଙ୍କ କୁଟୁମ୍ବୀ ଭାଉଜ କହିଲେ, ହଁ ବଡ଼ ମଥାମୁକୁଟ, ଦ୍ୱିତୀୟ କପାଳର ରତ୍ନଚିତା, ତୃତୀୟ କର୍ଣ୍ଣକୁଣ୍ଡଳ, ଚତୁର୍ଥ ଗଳାହାର, ପଞ୍ଚମ ବକ୍ଷର ସୁନାସାଞ୍ଜୁ , ଷଷ୍ଠ ଆଙ୍ଗୁଳିର ନବରତ୍ନ ଖଞ୍ଜା ସ୍ୱର୍ଣ୍ଣମୁଦ୍ରିକା ।

: ଆଉ ଝିଅଜ୍ୱାଇଁ ?

: ଝିଅଜ୍ୱାଇଁ ! ଜଣେ ପାଦର ସୁବର୍ଣ୍ଣକଠଉ ଅନ୍ୟଜଣେ ମୁଣ୍ଡଉପରେ ସୁବର୍ଣ୍ଣ ଛତ୍ରୀ । ଆଉ ମୋ ନରିଆ ଦିଅର ଗାଁର ଗଜପତି ମହାରାଜ । ସେହିଦିନଠାରୁ ନରିକକେଇଙ୍କ ସନ୍ତାନମାନଙ୍କ ନାମ ଗ୍ରାମବାସୀଙ୍କ ମୁଖରେ ବଦଳିଯାଇ ମଥାମୁକୁଟ, ରତ୍ନଚିତା ଏପରି ଭାବରେ ପ୍ରଚଳିତ ହେଲା ।

ଯା ଭିତରେ ନରି କକେଇଙ୍କ ଘରୁ ଖଟର ଖଟର ଶବ୍ଦ ଆସିଲା । ବିଭେଦର ସ୍ୱର । ମାନବିକ ସ୍ୱାର୍ଥ ତଥା ପାରିବାରିକ ମତାନ୍ତର ଓ ମନାନ୍ତରଜନିତ ବିକ୍ଷୋଭ । ବିଚ୍ଛିନ୍ନତାବାଦର ଆହ୍ୱାନ । ଶାଶୁ-ବୋହୂ, ଭାଇ-ଭାଇ, ଯାଆ-ଯାଆ ଆଦିଙ୍କ ମଧ୍ୟରେ ସମ୍ପର୍କ ସହ ଘର ଭାଙ୍ଗିବାର ମଡ଼ ମଡ଼, ଭଡ଼ ଭଡ଼ ଶବ୍ଦ । ଫଳତଃ ନରି କକେଇଙ୍କ କଥିତ ଘରର ଦୃଢ଼ ବଳିଷ୍ଠ ସ୍ତମ୍ଭଗୁଡ଼ିକ ବିଚ୍ଛିନ୍ନତାବାଦର ମୋଟାର ମାଡ଼ରେ ବିକ୍ଷତ ଓ ଦୁର୍ବଳ ଦେବା ସହ ଭୁଷିଡ଼ିବା ଆରମ୍ଭ ହୋଇଗଲା ।

ମୁକ୍ତଧନମାନେ ନରି କକେଇଙ୍କୁ ନିର୍ଦ୍ଧନ କରି କ୍ରମେ କ୍ରମେ ଘର ଓ ପରିବାର ଛାଡ଼ିବାକୁ ଲାଗିଲେ । ଆପଣା ସୁଖ, ସ୍ୱାର୍ଥସାଧନ ଓ ସ୍ୱଚ୍ଛନ୍ଦ ବିଚରଣକୁ ଚରିତାର୍ଥ କରିବା ଲକ୍ଷ୍ୟରେ । ନିଜର ସ୍ୱତନ୍ତ୍ର ବସା ପ୍ରସ୍ତୁତିରେ । ଲୁଟ୍ ସିନ୍ଦୁକ ସମ ନରି କକେଇଙ୍କ ଘରଟି ପଡ଼ିରହିଲା କାଙ୍ଗାଳ ରୂପରେ । ଅଳଗୁଣିରେ ମଳିନଶୀର୍ଣ୍ଣ ଗାମୁଛା ପରି ଝୁଲି ରହିଲେ ନରିକକେଇ ଏବଂ ଖୁଡ଼ୀ । ଶ୍ରୀହୀନ କକେଇଖୁଡ଼ୀ ଗାଁ ଦାଣ୍ଡରେ ମୁହଁପୋତି ଚଳପ୍ରଚଳ ହେଲେ ଏବଂ ଯେତେବେଳେ ଘରୁ ଭିତରୁ ମଣିଷଙ୍କ ବାର୍ତ୍ତାଳାପର ସ୍ୱର ଆସିଲା ତାହା ଥିଲା କକେଇଙ୍କ ଗାଳି ଓ ଖୁଡ଼ୀର ବିଳାପ, 'ହେ ଭଗବାନ ! ମୁଁ ନମରି କାହିଁକି ବଞ୍ଚିଛି । ଜୀବନ ସାରା ଅଭାବରେ ଦହଗଞ୍ଜ ହେଲି । ସାତଟା ଛୁଆର ମା ବୁଢ଼ୀବୟସରେ ଗେରସ୍ତଠାରୁ ଡାହାଣୀ ଡଙ୍କୁଣୀ ଶୁଣୁଛି' ।

ଅକସ୍ମାତ୍ ଦିନେ ପହଞ୍ଚିଲା ନରି କକେଇଙ୍କ ମୁକୁଟ ଏବଂ ଅଧଘଣ୍ଟା ଭିତରେ କକେଇଙ୍କୁ ସାଙ୍ଗରେ ଧରି ଚାଲିଗଲା: ନନାଙ୍କ ଦେହ ଭଲ ରହୁନି, ଏଣିକି ମୋ ପାଖରେ ରହିବେ । ବୋଉର ଦାୟିତ୍ୱ ଅନ୍ୟପୁଅମାନଙ୍କର । ପିତାମାତା ଭାଇଭାଗରେ ବାଣ୍ଟି ହୋଇଗଲେ ।

ଏକାକୀ ଖୁଡ଼ୀ ପଞ୍ଜୁରି ଆବଦ୍ଧ ଶୁଆ ପରି ଡେଣା ପିଟି ରଡ଼ିବା ହେଲା ସାର । ହରି,ରାମ, କୃଷ୍ଣ ନାମ ନୁହେଁ । ବୋହୂମାନଙ୍କୁ ଏବଂ ତାଙ୍କ ବୋପାବୋଉଙ୍କୁ ଗାଳିଗୁଲଜରେ । ଶୁଣିବାକୁ ମିଳିଲା ଯେ ବଡ଼ବୋହୂ ଗିରସ୍ତକୁ ଆକଟ କରିଛି: ଦେଖ, ଆଣିବ ତ କେବଳ ନନାଙ୍କୁ । ବୋଉଙ୍କୁ ନୁହେଁ । ତାଙ୍କ ପାଦ ମୋ ଦୁଆରେ ପଡ଼ିବନାହିଁ । ସେ ଯେତେ ଅନର୍ଥର କାରଣ । ଯାବତୀୟ ନାଟର ଗୋବର୍ଦ୍ଧନ । କଥା କଥାରେ କବାଟ ବନ୍ଧରେ ମୁଣ୍ଡପିଟି ଫୁଲାଇ ଦେଇ ସାରା ସହର ପ୍ରଚାର କରିଦେବେ ବୋହୂ ଶାଶୁକୁ ନିର୍ଯାତନା ଦେଉଛି ।

ସହରରେ ଗାଁ ଲୋକଙ୍କ ସହ ସାକ୍ଷାତ୍ ହେଲେ ରତ୍ନଚିତା ଅଭିଯୋଗ କଲା, ପିତୃଭକ୍ତି ଭାଇନାର ନାଟକବାଜି । ନନାଙ୍କ ଦାୟିତ୍ୱ ବାହାନାରେ ପୈତୃକ ସମ୍ପତ୍ତି ହଡ଼ପର ଚକ୍ରାନ୍ତ । ଅପେକ୍ଷା କରିଛି ପାଣି କେତେବାଟ ଗଡ଼ି କେଉଁଠି ପହଞ୍ଚୁଛି । ଉଛୁଳାପାଣିକି ବାନ୍ଧି ରଖିବାର ପାଠ ମୋତେ ଜଣା ।

କର୍ଣ୍ଣକୁଣ୍ଡଳ: ମୁଁ ପୁଅ ହୋଇ ଅନ୍ୟ ଗୋତ୍ରୀ । ସେ ଘର ସହ

ମୋର ଗୁଆମହାର୍ଦ୍ଦ ସମ୍ପର୍କ। ଗହଣା ବୋଲି ଅକାଳେ ସକାଳେ ପୂଜାପାର୍ବଣରେ କାନରେ ଝୁଲିବି। ସେମାନଙ୍କ ସମ୍ପତ୍ତିରେ ଭାଗନାହିଁ। ତେଣୁ ତାଙ୍କ କାଣ୍ଡକାରଖାନାରେ ମଥା ଘୂରାଇବା ଉଚିତ ହେବନାହିଁ। ବାଟକାଟି ଦେଲା।

ଗଳାହାରର ଦର୍ଶନ - ବଡ଼ପାଠୁଆ ଓ ବଡ଼ଚାକିରିଆ ବୋଲି ନନାଙ୍କ ଗଳାରେ ଝୁଲୁଛି। ଆଉ ଚିନ୍ତାକଣ ? ସହଜେ ସହରୀ ଶିକ୍ଷିତା ମୋ ମିସେସ୍। ଗାଁରେ ଚଳିପାରିବ ନା ଗାଁରେ କେଉଁ କୋଟି କୋଟି ଟଙ୍କାର ଜମିବାଡ଼ି ଘରଦ୍ୱାର ଖତଖାଉଛି ? ନିଜ ରୋଜଗାରରେ ଚଳିବା କଥା। ଉନ୍ନତ ଓ ସମୃଦ୍ଧ ହେବା କଥା। ସମ୍ପର୍କ ରଖିଲେ ଓଲଟ ସ୍ୱ ଉପାର୍ଜନରେ ଭାଗ ବାଣ୍ଟିବି। ଏତେ ପଙ୍କକୁ ଯିବା ଦରକାର ନାହିଁ। ପଙ୍କ ତ ଦୂର ସେ ପାଦରେ ଧୂଳି ବି ଲାଗିବାକୁ ଦେଲାନାହିଁ।

ଅଧ୍ୟାପକ ବୃତ୍ତିର ସ୍ୱର୍ଣ୍ଣସାଞ୍ଜୁ ଶୁଣାଇଦେଲା: ପାଠୁଆ ରୋଜଗାରିଆ ପୁଅ ବୋହୂ ବୋଲି ନନା ଆମପାଇଁ ଗର୍ବ କରିବେ। ଛାତିରେ ହାତପିଟି କହିବେ, 'ମୋ ପୁଅବୋହୂ ଜଗତଜନଙ୍କୁ ଜ୍ଞାନ ଦେଉଛନ୍ତି'। ସେତିକି ତାଙ୍କପାଇଁ ଯଥେଷ୍ଟ। ଆତ୍ମସନ୍ତୋଷଠାରୁ ବଡ଼ଭିଟାମିନ କଣ ଅଛି ! ସୁବର୍ଣ୍ଣ ସାଞ୍ଜୁ କଣ ଜୀବନ ରକ୍ଷାକରେ ? ସେ କେବଳ ପରିଧାନକାରୀର ଗାରିମାକୁ ପ୍ରଦର୍ଶିତ କରେ।

ଅଙ୍ଗୁଳି ମୁଦ୍ରିକା ଝଡ଼ର ଜୀବନଧାରା ନେଇ କେବଳ ଖୁଡ଼ୀର ଭାଗ୍ୟ ସହ ଜଡ଼ିତ ହୋଇ ରହିଲା। ହଠାତ୍ କୁଆଡ଼େ ଚାଲିଯିବ। ଫେରିବାର ଠିକ୍‌ଠିକଣା ନାହିଁ। ଅଦିନିଆ ଝଡ଼ର ରୂପ ନେଇ ପୁଣି ଉଭା ହେବ ଗାଁ ଦାଣ୍ଡରେ। ଗାଁଲୋକେ କହିବେ: ଯାହା ହେଉ ସାନପୁଅଟି ବୋଉର ବୈଶାଖୀ ହୋଇ ରହିଲା। ଖୁଡ଼ୀ କହିବ: ବୈଶାଖୀ ନୁହେଁ, କାଳବୈଶାଖୀ। ତା ଦାଉ ଯିଏ ଭୋଗୁଛି ସେ ଜାଣିଛି। ଏମିତି ଦିନେ ଗଲା ଯେ କୋଡ଼ିଏ ଦିନ ପରେ ଫେରିଲା। ଫେରିଲା ପୁଣି ଏକା ନୁହେଁ, ସସ୍ତ୍ରୀକ। ଖୁଡ଼ୀ ଜଳକା ହୋଇ ଚାହିଁଲା। ମୁଦ୍ରିକା ଜବାବ ହେଲା: ଅନଉଛୁ କଣ ! ବୁଝିପାରୁନୁ। ସେ ମୋ ଭାରିଜା। ମାନେ ତୋ ସାନବୋହୂ। ଆମେ ଦଶଦିନ ଆଗରୁ ମନ୍ଦିରରେ ବାହା ହୋଇସାରିଛୁ। ବାଟରୁ ହଟ୍, ଆମେ ଘରକୁ ଯାଉ। ଖୁଡ଼ୀ ଭାବିଲା, ସାନ ନିଜ ପାଇଁ ଝୁଣ୍ଟିଆ ନେଇଆସିଲା। ଖୁଡ଼ୀ ବାଟ ଛାଡ଼ିଦେଲା।

ପୂର୍ବାହ୍ନରେ ଥାନାର ଭ୍ୟାନ ଦୁଆରେ ଠିଆହେଲା। କିଏ କିଛି ବୁଝିବା ପୂର୍ବରୁ ମୁଦ୍ରିକାକୁ ଘରୁ ଉଠାଇ ଭ୍ୟାନ୍‌ରେ ବସାଇ ନେଇଗଲା। ଖୁଡ଼ୀ କାନ୍ଦି କାନ୍ଦି ହାଉଳି ଖାଇଲା। ବୋହୂକୁ ଦୋଷୀ କଲା: ଏ ଅଲକ୍ଷଣୀ, ଲକ୍ଷ୍ମୀଛଡ଼ା ଘର ଝୁଅ ଲାଗି ମୋ ଘରେ ପୋଲିସ ପଶିଲା। ବୋହୂ ଖେଙ୍କିଲା: ଚୁପ୍, ବିଲ୍‌କୁଲ ଚୁପ୍। ଆଲୋ ମନ୍ଥରି ! ମୋ ଲାଗି ଏ ଘରୁ ପାଞ୍ଚ ପାଞ୍ଚଟା ପୁଅବୋହୂ ପଳାଇ ଯାଇଛନ୍ତି ? ଖୁଡ଼ୀ ବି ବିଲ୍‌କୁଲ୍ ଚୁପ୍ ହୋଇଗଲା। ଗାଁ ଚୌକିଆ ସୂତ୍ରରୁ ଗ୍ରାମବାସୀ ଅବଗତ ହେଲେ ଯେ ପୂର୍ବଦିନ ସରକାରୀ କାର୍ଯ୍ୟକାଳରେ ମୁଦ୍ରିକା ବଡ଼ଭାଉଜର କାର୍ଯ୍ୟସ୍ଥଳିରେ ପହଞ୍ଚି ସହକର୍ମୀ ଓ ସର୍ବସାଧାରଣଙ୍କୁ ସମ୍ମୁଖରେ ଝଗଡ଼ା କରିବା ସହ ମାରଧର କରି ରକ୍ତାକ୍ତ କରିଦେଇଛି। ବଡ଼ଭାଉଜର ଏତଲା କ୍ରମେ ସରକାରୀ କାର୍ଯ୍ୟାଳୟ ଓ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗରେ ଗିରଫ କରାଯାଇଛି। ଗାଁ ଲୋକେ କହିଲେ ଯୁବାକାଳେ ଅକର୍ମା ନିକର୍ମା ହେଲେ ମୁଣ୍ଡରେ ସଇତାନ ସବାର ହୁଏ।

ଖୁଡ଼ୀ କାନ୍ଦିଲା। ପୁଅଟାକୁ ପୋଲିସ ଧରିନେଲା ସମ୍ବାଦ ଶ୍ରବଣେ କକେଇଙ୍କ ରକ୍ତ ଥରିଲା। ମନରେ ପୁତ୍ର ସ୍ନେହ ଜାଗିଲା ଯେ ମୁହଁ ଫୁଲାଇ ବସିଲେ। ଯାହାହେଲେ ପିତୃମନ, ପୁଅର କଷ୍ଟ କେତେ ସହିବ ! ବିଚରା ମୁକୁଟ ନନାଙ୍କ ବିରସ ବଦନ ଦେଖିପାରିଲାନାହିଁ। ଶତ ସତ ଅନିଚ୍ଛା ସତ୍ତ୍ୱେ ଅର୍ଥ ଖର୍ଚ୍ଚ କରି ମୁଦ୍ରିକାକୁ ଜାମିନିରେ ଆଣିଲା। ନାରୀ ନିର୍ଯାତନା କେସ୍‌କୁ ପୋଲିସ ପାରିବାରିକ କଳି କେସ୍ ଭାବରେ ପେସ୍ କଲା। ପାଞ୍ଚଦିନ ପରେ ଥାନାରୁ ମୁକୁଳି ଗାଁକୁ ଆସିଲା ମୁଦ୍ରିକା।

ପରଦିନ ସକାଳୁ ସକାଳୁ ମୁଦ୍ରିକା ଘରୁ ବାହାରିଗଲା। ଦଶଦିନ ପର୍ଯ୍ୟନ୍ତ ଫେରିଲାନାହିଁ। ପୁଅର ଭଲମନ୍ଦ ଚିନ୍ତା ଓ ଆଶାଆଶଙ୍କା ବିଚାରେ ଖୁଡ଼ୀ କାନ୍ଦିଲା: ସବୁ ଏ ରାଣ୍ଡଘରର ଝିଅମାନଙ୍କ ଲାଗି। ଘରଟାକୁ ମୋର ଛାରଖାର କରିଦେଲେ। ପତିଗଲା, ପୁତ୍ରଗଲେ। ମୁଁ ଅବା ବଞ୍ଚିବି କେମନ୍ତେ ? ଭଲ ହେଉ କି ମନ୍ଦ ହେଉ। ସାହସ ପାଇଁ ପୁଅଟେ ପାଖରେ ଥିଲା। ସେ ବି କୁଆଡ଼େ ଗଲା ଯେ ଖବର ଅନ୍ତର ନାହିଁ। ମା ମନ ପୋଡ଼ିଯାଉଛି। ବାଡ଼ିପଡ଼ା ଯମ ହେଲେ ମୋତେ ଉଠାଇ ନିଅନ୍ତା। ଖୁଡ଼ୀ କପାଳକୁ ନିନ୍ଦିବାକୁ ଲାଗିଲା।

ମାସକ ପରେ ଅଚାନକ ପହଞ୍ଚିଗଲା ମୁଦ୍ରିକା। ପରଦିନ ଦ୍ୱିପ୍ରହରକୁ ଖାଇପିଇ ସାରି ଘର ତାଲା ଦେଇ ମା ଓ ଭାରିଜାକୁ ସଙ୍ଗରେ ଧରି ଚାଲିଗଲା ରାଜଧାନୀ।: ଏଠି ରହି କଣ କରିବି। କେଉଁ ବାଟିମାହାଲ ପଡ଼ିଛି ଯେ। ରାଜଧାନୀରେ ଯାହା ହେଲେ କାମ କରୁଛି। ପଇସା ରୋଜଗାର କରୁଛି। ଘର ବଖରାଏ ଭଡ଼ାକୁ ନେଇଛି। ସେହିଠି ରହିବୁ। ସେହିଦିନଠାରୁ ଖୁଡ଼ୀର ସାଂସାରିକ ଜୀବନଧାରା ବଦଳିଗଲା। ଅର୍ଥାତ୍ ସଂସାର ନଦୀ ପାରି ହେବାକୁ ତାକୁ ଘାଟ ଘାଟ ବୁଲିବାକୁ ହେଲା। ଏ ପୁଅ ଦୁଆର ସେ ପୁଅ ଦୁଆର ଓ ଗାଁ ଘର ଏମତି ଭାବରେ ତା ଜୀବନ ବିତିଲା। ବୋହୂମାନେ କହିଲେ: ଛଅଟା ପୁଅ ଜନମ ଦେଇଛନ୍ତି। ଆମେ କାହିଁ ଏକା ଦାୟିତ୍ୱ ନେବୁ। ବଡ଼ଦୁଆରେ ପାଦ ଦେବା ମାତ୍ରେ ବୋହୂ କହିଲା: ଉଁ ବୁଢ଼ୀବୟସର ବର ସୁଆଗ ଦେଖ। ସେହି ଦାଣ୍ଡପିଣ୍ଡାରେ ବୁଢ଼ାବୁଢ଼ୀ ମନଭରି ଚୁପୁରୁଟାପର ହୋଇ ସାରି ନିଜ ବାଟ ଧର।

ନରେନ୍ଦ୍ରକୋଣ ଅଞ୍ଚଳରେ ଗାଁର କଲେଜ ପଢୁଆ ପିଲାଙ୍କ ଆଖିରେ ପଡ଼ିଗଲେ ମକୁଟା ପରିହିତ ନରିକକେଇ। ବାମହାତରେ ଫୁଲଝୁଡ଼ି ଓ ଦକ୍ଷିଣହାତରେ ପାଣିଗଡ଼ୁ। ଗୋଟେ ଦୋକାନରୁ ଠାକୁରଙ୍କୁ

ପାଣି, ଫୁଲ ଓ ଧୂପ ଦେଇ ବାହାରୁଥିଲେ।: ଜେଜେ ପ୍ରଣାମ। ଚିହ୍ନିପାରୁଛ ଟି ! ନା ଶ୍ରୀକ୍ଷେତ୍ରବାସୀ ହୋଇ ଆମକୁ ଭୁଲିଗଲଣି ? ଆଉ ପିମ୍ପଲ ହାଟ ଯାଉନ ? ନରିକକେଇ ଗାରଡ଼େଇ ଚାହିଁଲେ।: ଭଲକରି ମନ୍ତ୍ରବୋଲି ଧୂପ ଦେଉଥିବ। ଏଟା ଆମ ସାଙ୍ଗର ଦୋକାନ। ତାକୁ କଲ୍ୟାଣ କରିବ ତାର ଉନ୍ନତି ହେଉ। ନରିକକେଇ ମୁହଁ ଫଣଫଣ କଲେ: ଶଳା, ବାଉରିକଣ୍ଡରା ପିଲା। ମୋତେ ପୂଜା ଓ ମନ୍ତ୍ର ଶିଖାଉଛି। ପିଲାଟା ହସିଲା: ହଁ ଏ ତ ଆମ ଗାଁର ଅର୍ଜିନାଲ ନରି ପୁରୋହିତ। କଂସର ଘରଣୀ ପଦ୍ମାବତୀ ରାଣୀ କରିଥିଲା... ପଦ୍ମତୋଳା ଶୁଣି ଅର୍ଜିନାଲ ନାଗ ଫଁ କରି ଫଣା ଟେକିଲା ପରି ପିମ୍ପଲ ହାଟ ଶୁଣି ଅସଲ ନରିଜେଜ ବାହାରିଆସି ଗାରଡ଼ ଚାହାଣିରେ ଫଁ କଲେଣି।

ଦୋକାନର ପିଲାଟି କହିଲା: ବୁଢ଼ାର ପୁଅବୋହୂ ରୋଜଗାରିଆ। ହେଲେ କଣ ହେବ, ବୋହୂ କହିଲା - ଆମର ତିନିଟା ଝିଅ। ସେମାନଙ୍କର ଭବିଷ୍ୟତ ଅଛି। ପଢ଼ାଖର୍ଚ୍ଚ ଓ ବାହାଖର୍ଚ୍ଚ। ମହଙ୍ଗାଯୁଗ। ତୁମେ ଦିନକୁ ତିନିଟଙ୍କାର ପାନ ଖାଇଲେ ଆସିବ କୁଆଡ଼ୁ ? ପଇସା କଣ କୋଉ ଗଛର ଫଳେ ନା ଖଣିରୁ ଖୋଳାହୋଇ ବାହାରେ। ରକ୍ତଫଟାଇ, ଝାଳ ବୁହାଇ ରୋଜଗାର କରିବାକୁ ହୁଏ। ତାକୁ ପାନପିକରେ ଥୁକିଦେବା ନା ବିଡ଼ିଧୂଆଁରେ ଉଡ଼େଇ ଦେବା। ବୁଢ଼ା ବୁଝିଗଲା। ସେହିଦିନଠାରୁ ଏମିତି କେତେଟା ଦୋକାନରେ ଠାକୁରଙ୍କୁ ଫୁଲପାଣି ଦେଲେ ବୁଢ଼ାର ପାନ ଖର୍ଚ୍ଚ ଉଠିଯାଉଛି। ତାହା ସାଙ୍ଗକୁ ଛୋଟମୋଟିଆ ପୁରୋହିତି ଓ ବ୍ରାହ୍ମଣ ଭୋଜନ ଓ ଦକ୍ଷିଣାରୁ ବୁଢ଼ାକୁ କିଛି ମିଳିଯାଏ। କଳିକାଳର ଘର ଘରକା କାହାଣୀ।

ମାତ୍ର ନରିକକେଇଙ୍କ ମୁକ୍ତଧନମାନଙ୍କ ଭିତରେ ବସା ବାନ୍ଧିଥିବା ସନ୍ଦେହଟି କ୍ରମେ ନଭଚୁମ୍ବୀ ଆପାର୍ଟମେଣ୍ଟରେ ପରିଣତ ହୋଇସାରିଥିଲା। ନନାଙ୍କୁ ପାଖରେ ରଖି ପରିପାଳନ ଓ ପୋଷଣ ବାହାନାରେ ଭାଇନା ଗାଁର ଆଠଗୁଣ୍ଠ ଜମିକୁ ନିଜ ନାମରେ ଲେଖାଇନେବ। ପୈତୃକ ସମ୍ପତ୍ତିକୁ କରାଗତ କରିବ। ସନ୍ଦେହ ହିଁ ସମ୍ପର୍କର ସୂତାକୁ ଛିଣ୍ଡାଇଦେଲା। ପରସ୍ପରଠାରୁ ଦୂରେଇ ରହିଲେ ପରିବାରର ରକ୍ତକଣିକା।

ସମୟ ଗଡ଼ିଲା। ନରିକକେଇ ବୟସ ବଢ଼ିବା ସଂଗେ ସଂଗେ ଶାରୀରିକ ଦୁର୍ବଳ ହୋଇଗଲେ। ଚଲାବୁଲା କରିବାକୁ ଅକ୍ଷମ ହୋଇଗଲେ। ବାଧିକା ପଡ଼ିଲେ। ପ୍ରାୟ ତିନିବର୍ଷ ବାର୍ଦ୍ଧକ୍ୟଜନିତ ବିବିଧ ପୀଡ଼ା ଭୋଗି ଶଯ୍ୟାଶାୟୀ ହେଲେ। ଶେଷରେ ପୁଷମାସ ଶୀତରାତ୍ରିର ଦବିତୀୟପ୍ରହରରେ ଶେଷନିଶ୍ୱାସ ତ୍ୟାଗ କଲେ।

ପରଦିନ ମଧ୍ୟାହ୍ନରେ ଗାଁଲୋକଙ୍କୁ ନରିକକେଇଙ୍କ ଦେହାନ୍ତ ଖବର ପ୍ରାପ୍ତ ହେଲା। ତାହା ପୁଣି ନରିକକେଇଙ୍କ ଏକମାତ୍ର ତଥା ସ୍ନେହ ଓ ଶ୍ରଦ୍ଧାବତ୍ସଳ ଜାମାତା ସୂତ୍ରରୁ। ଅର୍ଥାତ୍ ମଥା ଉପର କୋଟିକାମକରା ସୁବର୍ଣ୍ଣଛତ୍ରୀ ମୁଖରୁ।

: ମଲା, ଏ ଗୋଟେ କଥା ! ଗାଁରେ ଘରେ ଘରେ ଚାରି ଚାରିଟା ମୁବାଇଲଫୁନ୍। ଜ୍ୱାଇଁପୁଅ, ସେହି ରାତିରେ ଖବର କରିଥିଲେ ଆମେ କୁଟୁମ୍ବମାନେ ଅଣଶୁଦ୍ଧିଆ ନୀତି ପାଳିନଥାନ୍ତୁ। ସକାଳୁ ଗାଧୋଇପାଧୋଇ ଠାକୁର ନୀତିକଲୁ। ଜଳଖିଆ ଖାଇଲୁ କେତେଜଣ ଭାତ ଖାଇସାରିଲାଣି। ମଲା ପର୍ଯ୍ୟନ୍ତ ଲୋକଟା ଅନ୍ତରକପଟୀ ହୋଇ ରହିଗଲା ହେ। ରାମ, ରାମ। ହରି ହରି। ନରିକକେଇଙ୍କ ସମ୍ପର୍କୀ ଭାଜଜ କାନରେ ହାତମାରିଲା।

: ଦେଠେଇ, ମୁଁ ବା କଣ କରିବି। ବୁଢ଼ା ମଲେ ରାତି ସାତଟା ଛୟାଳିଶ ମିନିଟରେ। ମୁଁ ଜାଣିଲି, ରାତି ସାଢ଼େ ଦୁଇଟାରେ। ଫୋନରେ ଖବର ଦେଲେ ଦ୍ୱିତୀୟଶଳା। ବଡ଼ ତ କାହାକୁ ଦୁଆର ଉଠାଉନଥିଲେ। ଯିବି, ନ ଯିବି ହୋଇ ଶେଷରେ ନିଷ୍ପତ୍ତି କଲି ଯିବି। ନଚେତ୍ ଲୋକ କଣ କହିବେ ! ଧର୍ମ କଣ କହିବ ? ଗୋଟେ ବୋଲି ଝିଅଜବାଇଁ, ଶେଷଦର୍ଶନ କଲେନାହିଁ। ବଡ଼ଠାରୁ ଦ୍ୱିତୀୟର ଘରର ଦୂରତା କେତେ। ଏକ କି.ମି. ହେବନାହିଁ। ସେ ରାତିଦୁଇଟାରେ ଖବର ପାଇଲେ। ପୁଣି ପଡ଼ୋଶୀଙ୍କ ସୂତ୍ରରୁ। ଖବର ସତ କି ମିଛ ପରଖିବାକୁ ଆସିଲେ। ସତ ଜାଣି ଧର୍ମକୁ ଡରି ମୋତେ ଓ ଅନ୍ୟ ଭାଇମାନଙ୍କୁ ଖବର କଲେ। ଝିଅଜବାଇଁ ପହଞ୍ଚିବାର ଘଣ୍ଟାଏ ପରେ ଭୁବନେଶ୍ୱରିଆ ପୁଅବୋହୂ ଓ ବୁଢ଼ୀ ପହଞ୍ଚିଲେ। ମୁଁ କିଏ କୁଟୁମ୍ବମାନଙ୍କୁ ଖବର ଦେବାକୁ ?

: ଛଅପୁଅ ପହଞ୍ଚିବା ପରେ କୋକେଇବାନ୍ଧି ବାପକୁ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନେଲେ।

: ହଁ, ତାସଲ୍ୟର ସ୍ୱରଟିଏ ଜ୍ୱାଇଁ ମୁହଁରୁ ବାହାରି ଆସିଲା। ପାଖପଡ଼ୋଶୀ 'ପିଲା ସ୍କୁଲ ଯିବେ', 'ମୁଁ ଅଫିସ ଯିବି','ଦେହଟା ଭଲନାହିଁ' ବାହାନାରେ ଆଡ଼େଇଗଲେ। ପୁଅ କାନ୍ଧଦେବେ ! ଯେଉଁମାନଙ୍କୁ ଭାଇନାଘରେ ପଶିବାକୁ ଅନୁମତି ନାହିଁ। ଟ୍ରେକର ଆଣି ବଡ଼ପୁଅ ଓ ନାତି ବୁଢ଼ାକୁ ଲଦି ସ୍ୱର୍ଗଦବାର ନେଲେ। ଲୋକଲଜ୍ଜାକୁ ମୁହଁଢ଼ାଙ୍କି ପଛେ ପଛେ ଅନ୍ୟ ପୁଅମାନଙ୍କ ବାଇକ୍ ଓ କାର୍। ସେଠି ଚାରିହଜାର ତୁଟାଇ ଚାରି ମଡ଼ାଚଣ୍ଡିଆଙ୍କୁ ଶବଦାହର ଦାୟିତ୍ୱ ଦିଆଗଲା। ମୁଖାଗ୍ନି ଦେଇ ପୁଅ ଫେରିଲା। ନାତି ଅପେକ୍ଷା କରି ବସିଲା ମଡ଼ାଚଣ୍ଡିଆଠାରୁ ଅସ୍ଥି ଗ୍ରହଣ କରିବ।

: ଗହଣା କଣ ଶବ ସହ ଜୁଇରେ ଶୁଏ ! ଆରେ, ଭଲ କରି ଦେଖରେ ଦେହରେ କିଛି ରହିଗଲ କି ! ଖୋଜି ଖୋଜି କାଢ଼ି ଦିଆଯାଏ। ଯାହା ହେଉ ନରିଆ ଭାଗ୍ୟ କରିଥିଲେ ଓ ଧର୍ମବଳ ଥିଲା, ତୀର୍ଥସ୍ଥାନରେ ଗଲେ। କୋକେଇ ଓ ପୁଅମାନଙ୍କ କାନ୍ଧ ନ ପାଇଲେ କଣ ହେଲା, ଶେଷଜୀବନ ନୀଳଚକ୍ର ଓ ପତିତପାବନ ବାନାକୁ ଚାହିଁ କଟିଗଲା ଏବଂ ମରଶରୀର ସ୍ୱର୍ଗଦବାର ବାଲିରେ ମିଶିଗଲା।

: ହଁ ଦେଠେଇ, ତୁମ ଦିଅର ସିଧା ସ୍ୱର୍ଗକୁ ଚାଲିଗଲେ। ଜ୍ୱାଇଁ

ବାଇକ୍ ଷ୍ଟାର୍ଟ କରି ଚାଲିଗଲା।

ଜ୍ୱାଇଁ ମୁଖ ମାଧ୍ୟମରେ ନରି କକେଇଙ୍କ ସମ୍ବନ୍ଧିତ ଶେଷ ସମ୍ବାଦଟି ନିମ୍ନମତେ ଗ୍ରାମବାସୀଙ୍କୁ ମିଳିଥିଲା।

ମୁକୁଟର ଆଶା ଓ ବିଶ୍ୱାସ ଥିଲା ନନାଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ଅନ୍ୟ ପୁଅବୋହୂ ବାଧ୍ୟବାଧକତାରେ ଆସିବେ ଏବଂ ବିବେକ ଓ ଲୋକଲଜ୍ଜାକୁ ଡରି ଅର୍ଥ ସାହାଯ୍ୟ କରିବେ। ମାତ୍ର ଭାଇମାନେ କହିଲେ ଗାଁ ଜମିବାଡ଼ିରୁ ଆମେ ମୁଠାଏ ଚାଉଳ କି କଡ଼ାଏ ନଡ଼ିଆ ଆଣିନାହୁଁ କି 'ଆସିଛୁ, ଗାଁ ଜିନିଷ କିଛି ସାଥିରେ ନେଇଯା ବୋଲି' କେହି ଶ୍ରଦ୍ଧାରେ ଦେଇନାହାନ୍ତି। ଅମଳର ହିସାବ ବି ମାଗିନାହୁଁ। ଆମ୍ଭେମାନେ କଣ ପାଇଁ ଶୁଦ୍ଧିକ୍ରିୟାରେ ଖର୍ଚ୍ଚ କରିବୁ? ନନା ଭାଇନାଙ୍କ ଘରେ ରହୁଥିଲେ। ନନା ନିଜର ଖାଦ୍ୟ, ପାନ ଖର୍ଚ୍ଚ ଜଜମାନିରୁ କରୁଥିଲେ। ତାଙ୍କର ଭରଣପୋଷଣରେ ଭାଇନା କେତେ ଖର୍ଚ୍ଚ କରୁଥିଲେ? ପୈତୃକ ସମ୍ପତ୍ତି ଭାଇନା ଦଖଲରେ ଥିଲା। ସେ ଭୋଗ କରୁଥିଲା। ତେଣୁ ଶୁଦ୍ଧିକ୍ରିୟା ଖର୍ଚ୍ଚ ସେ କରିବା ବିଧେୟ। ନାହିଁ ତ ନନା ଜମିବାଡ଼ି ଓ ଜଜମାନି ଆୟ କେଉଁଠି ରଖିଥିବେ ବାହାର କରି ଭାଇନା ଶୁଦ୍ଧିକ୍ରିୟା ଖର୍ଚ୍ଚ କରୁ। ଆମର ବିରୋଧନାହିଁ। ଅନ୍ୟ ଗହଣାମାନେ ଆସିଲେ ନାହିଁ। ମୁକୁଟ, ବୋଉ ଓ ଭଉଣୀଙ୍କୁ ସାକ୍ଷୀ ରଖିଲା। ଚାବି ମିଳିଲାନାହିଁ। ସ୍ୱଧର୍ମ ରକ୍ଷାକରି ମାଲିକର ଉପବୀତରେ ଝୁଲି ସ୍ୱର୍ଗଦ୍ୱାର ଚାଲିଯାଇଥିଲା – 'ଗଲାବେଳେ ତୋତେ ସାଙ୍ଗେ ଘେନିଯିବି' ନ୍ୟାୟରେ ନରିକକେଇ ଟ୍ରଙ୍କ ଚାବି ନେଇଗଲେ। ଚାବି ଭାଙ୍ଗି ନରି କକେଇଙ୍କ ଟ୍ରଙ୍କ ଖୋଲାହେଲା। ଅଜସ୍ର ସୁନାଅଣ୍ଡା ପାଇବା ଲୋଭରେ କୁକୁଡ଼ାର ପେଟ ଚିରି ଦେବା ପରେ ମାଲିକ ମୁଣ୍ଡରେ ହାତଦେବା ପରି ମୁକୁଟର ଅବସ୍ଥା ଓ ଦୀର୍ଘଶ୍ୱାସ ନିର୍ଗତ ହେଲା। ତହିଁରେ ଥିଲା ଜଜମାନିରୁ ମିଳିଥିବା ଛଅଖଣ୍ଡି ଗାମୁଛା ଓ ତିନିଗୋଟି ପକେଟସାଇଜ୍‌ର ଗୀତା ବହି ମାତ୍ର। କାନ୍ଥ ଆଲମିରା ଉପର ଥାକକୁ ଆଙ୍ଗୁଳି ଦେଖାଇ ନାତି କହିଲା: ସେ ଡବାଟା ଦେଖ। ବାପା ଅନେକ ସମୟରେ ସେ ଡବାରୁ ପଇସା ନେଇ ବଜାର ଯାଇଥାନ୍ତି। ସେଥିରେ କିଛି ଥିବ। ପୁରୁଣା କିଲିକିଆ ଅମୂଲ ଟିଣଡବାଟିକୁ ତଳକୁ ଓହ୍ଲାଇ ଦିଆଗଲା। ମୁହଁ ଓଲଟାଇ କୁଢ଼େଇ ଦିଆଗଲା। ଅମୂଲଡବାର ଗର୍ଭରୁ ବାହାରି ସଶବ୍ଦେ ଧରାବତରଣ କଲେ ପ୍ରାୟ ଅଢ଼େଇଆଞ୍ଜୁଳି ମୁଦ୍ରା। ଦଶ, କୋଡ଼ିଏ, ପଚାଶ, ଶହେ ମୂଲ୍ୟର କାଗଜ ଟଙ୍କା। ତନ୍ମଧ୍ୟରୁ ଶାରୀରିକ କ୍ଷୟପ୍ରାପ୍ତ ଅନେକ ମୁଦ୍ରା ବଜାରରେ ଚଳାଚଳ କରିବାକୁ ଅକ୍ଷମ ପାଲଟିଥିଲେ। ନିର୍ଦ୍ଧାରିତ ମୂଲ୍ୟ ହରାଇ ସାରିଥିଲେ। ସଚଳ ଓ ସକ୍ଷମ ଅର୍ଥ ଗଣା ହେଲା – ଏକହଜାର ଚଉରାଶି। ବଡ଼ବୋହୂର ମୁହଁ ମୋଡ଼ି ହୋଇଗଲା: ଏଥକୁ ଏତେ, ପରିବାର ସାରା ପାଦ କଚାଡ଼ି ନାଚିଯାଉଛନ୍ତି ଶ୍ରୀକ୍ଷେତ୍ର ହାଟେ। ଶୁଣ, ତୁମର କିଛି କରିବା ଦରକାର ନାହିଁ। ଘେନି ବନ୍ଧୁବାନ୍ଧବ ଶୁଦ୍ଧ ହୋଇଲେ, ପାଞ୍ଚ, ପଚାଶ, ପାଞ୍ଚଶହ ଲୋକ ଖୁଆଇଲେ ନନା ସ୍ୱର୍ଗକୁ ଚାଲିଯିବେନାହିଁ। ତୁମ ବୋଉ ତାଙ୍କ ପୁଅମାନଙ୍କୁ କହିଦେବେ, ଗାଁ ଘରର ଚାବି ଓ ଜମିବାଡ଼ି ମୁଦ୍ରିକା ଦଖଲରେ। କେତେ ଆୟ ହେଲା କିଏ କେତେ ନେଲା, ଦେଲା ଓ ଖାଇଲା ସବୁର ହିସାବ ତାଙ୍କ ପାଖରେ। ଗାଁ ଆୟରୁ ଧାର ଆକାରରେ ଆମେ ପଇସାଏ ଆଣିନାହୁଁ। ତେଣୁ ସେହିମାନଙ୍କ ହିସାବରେ ସାନପୁଅ ଟଙ୍କା ଦେଲେ ନନାଙ୍କ ଶୁଦ୍ଧିକ୍ରିୟା ହେବ। ନଚେତ୍ ମୁଁ ମୋ ପିଲାଙ୍କୁ ଧରି ଶୁଦ୍ଧ ହୋଇଯିବି। ଡବାରୁ ବାହାରିଥିବା ନନାଙ୍କ ଉପାର୍ଜିତ ତଥା ଗୁପ୍ତଧନ ବୋଉଙ୍କୁ ଧରାଇ ଦିଅ। ନନାଙ୍କ ରୋଜଗାରକୁ ପୁଅମାନଙ୍କୁ ମୁଠେ ମୁଠେ ବାଣ୍ଟିଦେବେ। ନଚେତ୍ ବାରପତ୍ର ପଡ଼ିଲା ପରେ ଆନନ୍ଦବଜାର ଯାଇ ପାଞ୍ଚଟା ବ୍ରାହ୍ମଣଙ୍କୁ ଏ ପଇସାରେ ଭୋଜନ ଓ ଦକ୍ଷିଣା ଦେଇ ସେହି ସନ୍ଧ୍ୟାରେ ଆପଣାର ବାଟ ଧରିବେ।

ଜ୍ୱାଇଁ ସୁବର୍ଣ୍ଣଛତ୍ରୀ ମନ୍ତବ୍ୟ ଦେଲା: ଆପଣମାନେ ଅନୁମାନ କରିପାରୁଥିବେ, ଭାଗବଣ୍ଟା ଭିତରେ କ୍ରିୟା ଓ କର୍ମର ରୂପରେଖ କିପରି ଥିବ। ସହଜେ ଶଶୁରଘର କଥା କଣ କହିବି ? କେତେ ବା କହବି? ଖଜୁରୀଗଛର ଗୁଣ କାହାକୁ ଅଛପା ଯେ ମୁଁ ବଖାଣି ବସିବି।

❖❖❖

# ତିମିରାନ୍ତ



ISSN-2583-6978
Volume-4
Issue-10
OCTOBER-2024

**ଜ୍ୟୋସ୍ନା ମହାନ୍ତି**

**ଶ୍ରୀଅରବିନ୍ଦ ଆଶ୍ରମ**
**ପଣ୍ଡିଚେରୀ**

ଆଜି ବୋଧହୁଏ ଶରତ ପୂର୍ଣ୍ଣିମା। ପ୍ରାଚୀ ତୀର ସ୍ରୋତସ୍ୱିନୀରେ ଅବଗାହନ କରି ଚନ୍ଦ୍ରଦେବ ଉଦୟ ହେଉଛନ୍ତି। ତାଙ୍କର ଶୁଭ୍ର, ସ୍ନିଗ୍ଧ ଜ୍ୟୋସ୍ନାଲୋକରେ ବନଭୂମି ପ୍ଲାବିତ ଆନନ୍ଦିତ। ପ୍ରତୀଚୀ ଗଗନରେ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କର କନକ ଲୋହିତ ଆଭା। ଏହି ଦୁଇ ରଶ୍ମୀର ସଂଯୋଗରେ ବନଭୂମି ଏକ ଅପୂର୍ବ ଶ୍ରୀ ଧାରଣ କରିଛି। ଋତୁଚକ୍ରର ଅୟନରେ ବନଦେବୀଙ୍କର ନିତ୍ୟନୂତନ ଶୋଭାର ଭଣ୍ଡାର ଚିର ଉନ୍ମୁକ୍ତ। କିନ୍ତୁ ଏସବୁକୁ ଅନୁଭବ ବା ଉପଭୋଗ କରିବାର ସମୟ ଓ ଦୃଷ୍ଟି ମୋର ନ ଥିଲା। କୁଟୀର ସମ୍ମୁଖସ୍ଥ ଅନତି ଦୂରରେ ଥିବା ଏହି ବଟବୃକ୍ଷ ଓ ଅଶ୍ୱତ୍ଥ ବୃକ୍ଷର ଚନ୍ଦ୍ରାତପ, ପ୍ରତି ପୂର୍ଣ୍ଣମୀରେ ହୁଏତ ଏପରି ସୌନ୍ଦର୍ଯ୍ୟମୟ ହେଉଥିଲା। ସେଠାରେ ଗୋଟିଏ ମୃତ୍ତିକାବେଦୀ ନିର୍ମାଣ କରି, ପ୍ରତି ପ୍ରଭାତରେ ସେ ସ୍ଥାନ ପରିଷ୍କୃତ କରି, ମୋର ଚକ୍ଷୁହୀନ ପତିଙ୍କୁ ନେଇ ସେ ସ୍ଥାନକୁ ଯାଉଥିଲି। ତାଙ୍କର ଧ୍ୟାନ ଶେଷ ହେବା ପରେ ସେ ମୋତେ ବେଦମନ୍ତ୍ର ସବୁ ଅବୃତ୍ତି କରି ବୁଝାଉଥିଲେ। ତା'ପରେ ତାଙ୍କୁ କୁଟୀରରେ ବସାଇ ବନରୁ କାଷ୍ଠ, ସମିଧ, ଫଳ ପୁଷ୍ପ ଇତ୍ୟାଦି ସଂଗ୍ରହ କରି ଆଣୁଥିଲି। ପତିଙ୍କର ପରିଚର୍ଯ୍ୟା ପରେ ସେ ବିଶ୍ରାମ କରୁଥିବା ସମୟରେ କୁଟୀର ନିକଟରେ ଗୋଟିଏ କ୍ଷୁଦ୍ର ଉଦ୍ୟାନ କରି ତାର ଯତ୍ନ ନେଉଥିଲି। ଏ ବନରେ ବହୁ ପ୍ରକାରର ଫଳ ପ୍ରତ୍ୟେକ ଋତୁରେ ବହୁଳ ଭାବରେ ହୁଏ। ମୋ ସ୍ୱାମୀଙ୍କ ତପସ୍ୟାର ପ୍ରଭାବରେ ଏ ବନ ଶ୍ରୀମୟ।

ମୁଁ ମହର୍ଷି ଭୃଗୁଙ୍କ ପୁତ୍ରବଧୂ, ମହର୍ଷି ଚ୍ୟବନଙ୍କ ପତ୍ନୀ ସୁକନ୍ୟା। ଆଜନ୍ମର ମହର୍ଷି ଚ୍ୟବନ ପୂଣ୍ୟପ୍ରଭ, ତପଃଶକ୍ତିମନ୍ତ। ମହର୍ଷିଙ୍କ ମାତା ଭୃଗୁପତ୍ନୀ ପୁଲୋମା ଅତ୍ୟନ୍ତ ରୂପମୟୀ ଥିଲେ। ତାଙ୍କ ରୂପରେ ଆକୃଷ୍ଟ ହୋଇଥିଲା। ଗୋଟିଏ ଅସୁର। ଦିନେ ମହର୍ଷି ଭୃଗୁଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସେ ତାଙ୍କୁ ଅପହରଣ କରିବା ନିମନ୍ତେ ପହଞ୍ଚିଲା। ସେତେବେଳେ ମାତା ପୁଲୋମା ଗର୍ଭବତୀ। ଅସୁର ତାଙ୍କ ହାତ ଧରି ଟାଣି ନେବା ସମୟରେ ତାଙ୍କୁ ତିରସ୍କାର କରି ଆତ୍ମରକ୍ଷା କରିବା ପାଇଁ ସଂଗ୍ରାମ କରିବା ସମୟରେ ତାଙ୍କୁ ସାହାଯ୍ୟ କରିବା ପାଇଁ ସନ୍ନିକଟରେ କେହି ନଥିଲେ। କିନ୍ତୁ ସେହି ସମୟରେ ଗର୍ଭସ୍ଥ ଶିଶୁ ଭୂମିଷ୍ଠ ହେଲା, ମାତାଙ୍କୁ ରକ୍ଷା କରିବା ପାଇଁ। ଶିଶୁ ଶରୀରରୁ ନିର୍ଗତ ତେଜରେ ରାକ୍ଷସ ଭସ୍ମୀଭୂତ ହେଲା। ସେଥିପାଇଁ ତାଙ୍କର ନାମ କରଣ ହେଲା ଚ୍ୟବନ। ଆଜନ୍ମରୁ ଏହି ଭୃଗୁପୁତ୍ର ବେଦଜ୍ଞ, ଆୟୁର୍ବେଦରେ ତାଙ୍କର ଜ୍ଞାନ ଅପରିସୀମ। କିନ୍ତୁ ବାଲ୍ୟକାଳରୁ ସେ ବେଦ, ଶାସ୍ତ୍ରର ଆଲୋଚନା ଅପେକ୍ଷା ବଟବୃକ୍ଷ ଓ ଅଶ୍ୱତ୍ଥ ବୃକ୍ଷର ଚନ୍ଦ୍ରାତପ ତଳେ ନୀରବରେ ବସି ଧ୍ୟାନ କରୁଥିଲେ।

ଦିନେ ସେହି ଧ୍ୟାନାବସ୍ଥାରେ ଅନ୍ତର୍ଲୀନ ହୋଇଗଲେ। ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ବିତିବାକୁ ଲାଗିଲା, ତାଙ୍କ ଶରୀର ଉପରେ ବଲ୍ମୀକ (ଉଇହୁଙ୍କା) ହୋଇଗଲା। ସେହି ବୃକ୍ଷ ହିଁ ତାଙ୍କୁ ଗ୍ରୀଷ୍ମ, ବର୍ଷାରୁ ରକ୍ଷା କରୁଥିଲା। ତା' ଉପରେ କୌଣସି ପକ୍ଷୀନୀଡ଼ ନଥିଲା କି ପକ୍ଷୀମାନେ ସେ ସ୍ଥାନକୁ ଅପବିତ୍ର କରୁନଥିଲେ। ସର୍ପ କିମ୍ବା କୌଣସି ବନ୍ୟଜନ୍ତୁ ତା'ର ଚତୁଃସୀମା ମଧ୍ୟକୁ ପ୍ରବେଶ କରୁନଥିଲେ। ତାଙ୍କ ତପଃ ପ୍ରଭାବରେ ବନର ଶୋଭା ଥିଲା ଅମଳିନ, ରମଣୀୟ, ହିଂସ୍ରଶୂନ୍ୟ।

ବୈବସ୍ୱତ ମନୁଙ୍କ ପୁତ୍ର ସର୍ଯ୍ୟାତି ମୋର ପିତା। ସେଦିନ ମାତା, ପିତା, ଭ୍ରାତାଙ୍କ ସହ ସଖୀ, ପରିଚାର ଓ କେତେକ ରାଜ କର୍ମଚାରୀ ପରିବୃତ୍ତ ହୋଇ ଆମେ ବନ ଭ୍ରମଣ ପାଇଁ ବନକୁ ଆସିଥିଲୁ। ଆମ ରାଜ ଉଦ୍ୟାନର ଶୋଭା ମଧ୍ୟ ଅତି ସୁନ୍ଦର କିନ୍ତୁ ସଯତ୍ନ ବର୍ଦ୍ଧିତ ରାଜ ଉଦ୍ୟାନର ଶୋଭାଠାରୁ ନିୟତି ନିର୍ମିତ ବନର ସୌନ୍ଦର୍ଯ୍ୟ ପୃଥକ। ରାଜୋଦ୍ୟାନରେ ରାଜସିକ ମନୋଭାବ କ୍ଷାତ୍ରତେଜର ମହକ କିନ୍ତୁ

ବନୋଦ୍ୟାନରେ ରହିଛି ଏକ ସାତ୍ତ୍ୱିକ ତେଜର ଆଲୋକ ଏ ବନ ବହୁଦୂର ବିସ୍ତୃତ କିନ୍ତୁ ଶ୍ୱାପଦ ସଂକୁଳ ନୁହେଁ । ଏ ବନରେ ମୃଗୟା ନିଷିଦ୍ଧ। ତେଣୁ ପିତାଶ୍ରୀ ରାଜକର୍ମଚାରୀ ଓ ଅନୁଚର ବର୍ଗଙ୍କ ସହ ଅଶ୍ୱାରୋହଣ କରି ଦୂରକୁ ଯାଇଥିଲେ, ସଂଗରେ ଭ୍ରାତାଶ୍ରୀ। ମାତାଶ୍ରୀ ଶିବିର ନିକଟରେ ବନ୍ୟଶୋଭା ନିରୀକ୍ଷଣ କରୁଥିଲେ। ପାରିଚାରିକଗଣ ରନ୍ଧନ ଏବଂ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତଥିଲେ। ସଖୀଗଣ କିଏ ପୁଷ୍ପଚୟନ କରୁଥିଲା ତ କିଏ ପୁଷ୍ପମାଳା ଗ୍ରନ୍ଥନ କରୁଥିଲା, କିଏ ବନ୍ୟ ମୟୂରର ନୃତ୍ୟ ଦେଖି ତାକୁ ଅନୁକରଣ କରୁଥିଲା। ନିକଟରେ କୌଣସି ମୁନିଋଷିଙ୍କ କୁଟୀର ନଥିଲା ନିର୍ବିଘ୍ନ ଓ ନିଶଙ୍କ ଚିତ୍ତରେ ବନ ଭ୍ରମଣ କରୁ କରୁ ମୁଁ ଆସି ପହଞ୍ଚିଲି ସେହି ବଲ୍ମୀକ (ଇଉହୁଙ୍କା) ନିକଟରେ। ବଲ୍ମୀକ ମଧ୍ୟରୁ ଦୁଇଟି ଅତ୍ୟୁଜ୍ଜ୍ୱଳ ମଣି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। କୌତୂହଳ ବଶତଃ ଗୋଟିଏ ତୀକ୍ଷ୍ଣ କଣ୍ଟକ ନେଇ ସେ ମଣିକୁ ବଲ୍ମୀକ ମଧ୍ୟରୁ ବାହାର କରିବାକୁ ଚେଷ୍ଟା କଲି କିନ୍ତୁ ମତେ ଅତ୍ୟାଶ୍ଚର୍ଯ୍ୟ କରି ତା' ମଧ୍ୟରୁ ଶୁଣାଗଲା ଏକ ଭୟଙ୍କର ଆର୍ତ୍ତନାଦ ଏବଂ ମଣି ବଦଳରେ ଝରି ଆସିଲା ଦୁଇ ଧାର ରକ୍ତ। ଭୟାର୍ତ୍ତ ହୋଇ ମୁଁ ଶିବିର ଆଡ଼କୁ ଦୌଡିବାକୁ ଲାଗିଲି। ଥରେ ପଛକୁ ଫେରି ଚାହିଁବା ପାଇଁ ମଧ ମୋର ସାହସ ନଥିଲା। ସେହି ସମୟରେ ପିତାଶ୍ରୀ ମଧ ଶିବିର ନିକଟକୁ ଫେରି ଆସିଥିଲେ। ହଠାତ୍ ସମସ୍ତେ ଚକ୍ଷୁ କଷ୍ଟ ଅନୁଭବ କଲେ। ତା'ର କାରଣ କ'ଣ ବୁଝିବା ପୂର୍ବରୁ ମୋ ବର୍ଣ୍ଣନା ଶୁଣି ପିତାଶ୍ରୀଙ୍କର କ୍ଷାତ୍ର ତେଜୋଦୀପ୍ତ ମୁଖ ମଳିନ ହୋଇଗଲା। ସେ ଶୁଣିଥଲେ ଏହି ବନରେ କେଉଁଠି ମହର୍ଷି ଚ୍ୟବନ ବହୁବର୍ଷ ଧରି ଧ୍ୟାନସ୍ଥ। କୌଣସି ଦୁର୍ଘଟଣାର କାରଣ ନୁହେଁ ତ ମୋ କନ୍ୟା। ଯେଉଁ ନବଜନ୍ମିତ ଶିଶୁର ତେଜରେ ରାକ୍ଷସ ପୁଲୋମା ଭସ୍ମ ହୋଇଗଲା, ତାଙ୍କର କିଛି ଅନିଷ୍ଟ ହୋଇ ନାହିଁ ତ, ସମସ୍ତଙ୍କର ଏହି ଚକ୍ଷୁକଷ୍ଟର କାରଣ ? ଧନୁଶର, ଶିରସ୍ତ୍ରାଣ, ପଦତ୍ରାଣ ସମସ୍ତ ସେଠାରେ ତ୍ୟାଗ କରି ପିତାଶ୍ରୀ ଦ୍ରୁତ ପଦରେ ମୋ ନିର୍ଦ୍ଦେଶିତ ପଥରେ ଧାବମାନ ହେବାକୁ ଲାଗିଲେ। ତାଙ୍କୁ ଅନୁସରଣ କରି ଭ୍ରାତାଶ୍ରୀ, ସମସ୍ତ ରାଜ କର୍ମଚାରୀ, ମାତାଶ୍ରୀ, ମୁଁ ଓ ଅନ୍ୟ ସମସ୍ତେ ଦ୍ରୁତ ପଦରେ ସେହି ଦିଗକୁ ଚାଲିଲୁ।

ସେ ସ୍ଥାନରେ ପହଞ୍ଚି ଆମେ ସ୍ତବ୍ଧ ହୋଇଗଲୁ। ଭଗ୍ନ ବଲ୍ମୀକ, ସେଠାରେ ଦଣ୍ଡାୟମାନ ଜଣେ ସନ୍ନ୍ୟାସୀ, ଋଷ, ଶୁଭ୍ରକେଶ ଓ ଶ୍ମଶ୍ରୁ, ତପକ୍ଳିଷ୍ଟ କ୍ଷୀଣ ମଳିନ ଶରୀର, ଚକ୍ଷୁଯୁଗଳରୁ, ରକ୍ତ କ୍ଷରଣ ବନ୍ଦ ହୋଇନାହିଁ। କିନ୍ତୁ ତାଙ୍କୁ ଘେରି ରହିଛି ଏକ ଆଲୋକର ବଳୟ। 'କିଏ ସେହି ଦୁର୍ବିନୀତ... କ୍ରୋଧାନ୍ୱିତ ହୋଇ ସେ କିଛି କହିବା ପୂର୍ବରୁ ପିତାଶ୍ରୀ ଓ ମାତାଶ୍ରୀ ତାଙ୍କ ପାଦ ଧରି କ୍ରନ୍ଦନ କରିବାକୁ ଲାଗିଲେ।

ମହର୍ଷି ମୁଁ ବୈବସ୍ୱତ ମନୁଙ୍କ ପୁତ୍ର ସର୍ଯ୍ୟାତି। ଅଜାଣତରେ ମୋ କନ୍ୟା ଏହି ଗୁରୁତର ଅପରାଧ କରିଛି। ଆପଣ ଜ୍ଞାନୀ ମହାନ ତପସ୍ୱୀ, ଶାନ୍ତ ହୁଅନ୍ତୁ। ତାକୁ କ୍ଷମା କରିଦିଅନ୍ତୁ। ଆପଣଙ୍କ କ୍ରୋଧରେ ଏବଂ କଷ୍ଟରେ ଆମ ସମସ୍ତଙ୍କର ଚକ୍ଷୁ କଷ୍ଟ ହେଉଛି।

'ମୁଁ କାହାକୁ ଅଭିଶାପ ଦେଇନାହିଁ। ଜଣକର ଅକ୍ଷମଣୀୟ ଅପରାଧର ଫଳରେ ସମସ୍ତେ ଚକ୍ଷୁ କଷ୍ଟ ଭୋଗ କଲ' କହିଲେ ମହର୍ଷି। ହେ ମହାନ ତପସ୍ୱୀ, ମୋର ନିରୀହ କର୍ମଚାରୀ ଓ ପ୍ରଜାମାନଙ୍କୁ ଏହି କଷ୍ଟରୁ ମୁକ୍ତି ଦିଅନ୍ତୁ। ଅଜ୍ଞାନତା ବଶତଃ ଏହି କାର୍ଯ୍ୟ କରିଥିବା ମୋ କନ୍ୟାକୁ କ୍ଷମା କରନ୍ତୁ। ମୋତେ ଯାହା ଦଣ୍ଡ ଦେବେ ଅବନତ ଶିରରେ ମୁଁ ତାହା ଗ୍ରହଣ କରିବି।' କହିଲେ ମାତାଶ୍ରୀ 'ଜଣେ ବୃଦ୍ଧ ଚକ୍ଷୁହୀନ ହୋଇ ଅରଣ୍ୟ ମଧ୍ୟରେ କିପରି କାଳାତିପାତ କରିବ ? ସେ ଚିନ୍ତା କରିଛ କି ?

'ମହାତ୍ମା, ଆପଣ ଆଦେଶ ଦେଲେ ମୁଁ ଶିବିକାରେ ଆପଣଙ୍କୁ ମୋ ରାଜ୍ୟକୁ ନେଇଯିବି। ସେଠାରେ ଆପଣଙ୍କ ସେବାରେ କୌଣସି ତ୍ରୁଟି ହେବ ନାହିଁ। ବୀନିତ କଣ୍ଠରେ କହିଲେ ପିତାଶ୍ରୀ।

'ତପସ୍ୱୀକୁ ରାଜ ସୁଖର ଲୋଭ ଦେଖାଉଛ ରାଜନ। ମୁଁ ଇଚ୍ଛାକଲେ ଏ ମୁହୂର୍ତ୍ତରେ ତୁମ ରାଜ୍ୟକୁ ବିନିଷ୍ଟ କରିଦେବି।

ତପସ୍ୱୀଙ୍କର ଏହି କଥାରେ ମୋର ଚତ୍ଵତା କଟିଗଲା। ଏ ପର୍ଯ୍ୟନ୍ତ ପ୍ରବଳ ବାତ୍ୟାରେ ଆନ୍ଦୋଳିତ ବୃକ୍ଷ ପରି ମୁଁ କମ୍ପିତ ହେଉଥିଲି, ସଖୀମାନେ ମୋତେ ଦୃଢ଼ ଭାବରେ ଧରି ନଥିଲେ ଭୂତଳରେ ପତିତ ହୋଇସାରିଥାଆନ୍ତି। ନାଁ ମହର୍ଷି ନାଁ, ଅଜ୍ଞାନତା ବଶତଃ ଏ ଅକ୍ଷମଣୀୟ ଅପରାଧ ମୁଁ କରିଛି, ମୁଁ ସର୍ଯ୍ୟାତିଙ୍କ କନ୍ୟା ସୁକନ୍ୟା, ମୋର ଦୁଷ୍କୃତି ପାଇଁ ଯାହା ଦଣ୍ଡଦେବେ ମୁଁ ଗ୍ରହଣ କରିବି, ମୋ ପିତୃରାଜ୍ୟର ନିରପରାଧ ପ୍ରଜାଙ୍କୁ ରକ୍ଷା କରନ୍ତୁ। ମହର୍ଷିଙ୍କ ପାଦସ୍ପର୍ଶ କରି ମୁଁ ବିନୀତ ହୋଇ କହିଲି।

'ଶୁଣ ରାଜନ, କେବଳ ଏକ ମାତ୍ର ସର୍ତ୍ତରେ ମୁଁ ତୁମ କନ୍ୟାକୁ କ୍ଷମା କରିଦେବି' ଶାନ୍ତ ସ୍ୱରରେ କହିଲେ ମହର୍ଷି 'ତୁମେ ସେ ସର୍ତ୍ତ ରକ୍ଷା କରିବ ? ସତ୍ୟ କର।'

'କୁହନ୍ତୁ ମହାଭାଗ, ଆପଣ ମୋ କନ୍ୟାକୁ କ୍ଷମା କରିଦେବେ, ଆପଣଙ୍କ ସର୍ତ୍ତ ମୁଁ ରକ୍ଷା କରିବି, ସତ୍ୟ କରୁଛି।'

'ଯେଉଁ କନ୍ୟା ମୋ ଚକ୍ଷୁକୁ ବିଦ୍ଧ କରି ମୋତେ ଅନ୍ଧ କରିଛି, ସେ ମୋତେ ବିବାହ କରି ଏହି ଅରଣ୍ୟରେ ରହି ମୋ ସେବା କରିବ।' ଖାଲି ମୋ ପିତା, ମାତା କାହିଁକି,ସେଠାରେ ଉପସ୍ଥିତ ସମସ୍ତେ ଏ କଥା ଶୁଣି ବଜ୍ରାହତ ପରି ସ୍ଥାଣୁ ହୋଇଗଲେ। ସମସ୍ତେ ରୁଦ୍ଧକଣ୍ଠ, ସମସ୍ତଙ୍କ ଚକ୍ଷୁ ଲୋତକବର୍ଷଣ କରୁଥିଲା ଅବିରାମ।

ମାତାଶ୍ରୀ କିୟତ ଦୂରସ୍ଥ ବୃକ୍ଷାନ୍ତରାଳକୁ ଯାଇ କରୁଣ କଣ୍ଠରେ

ବିଳାପ କରିବାକୁ ଲାଗିଲେ। 'କେତେ କଳ୍ପନା ମୁଁ କରିଥିଲି, କୌଣସି ସୁଲକ୍ଷଣ ରାଜପୁତ୍ର ସହ, ମହା ଆଡ଼ମ୍ବରରେ କନ୍ୟାର ବିବାହ ହେବ।

ହେ ଭଗବାନ...'

'ମାତାଶ୍ରୀ, ଶାନ୍ତ ହୁଅ। ତମେ ମୋତେ ଜନ୍ମ ଦେଇଛ ଭାଗ୍ୟ ତ ଦେଇନାହିଁ। ମୋ ଭାଗ୍ୟ ବିଧାତା ମୋ ପାଇଁ ଏହା ହିଁ ନିର୍ଦ୍ଦିଷ୍ଟ କରିଛନ୍ତି। ସମସ୍ତଙ୍କୁ ନିଜ କୃତ କର୍ମର ଫଳ ଭୋଗ କରିବାକୁ ହୁଏ ଏହା ସୁନିଶ୍ଚିତ। ତାହା ଏ ଜନ୍ମରେ ନ ହେଲେ ପରଜନ୍ମରେ। ପରଜନ୍ମ ମୋର କ'ଣ ହେବ ମୁଁ ଜାଣିନାହିଁ କିନ୍ତୁ ଏହି ଜନ୍ମରେ ଯଦି ମୋ କୃତ ପାପ, ଜଣେ ମହାନ ତପସ୍ୱୀଙ୍କ ସେବାରେ ଦୂର ହୋଇଯିବ ତା' ହେଲେ ଏତ ମୋର ମହାଭାଗ୍ୟ। ମାତାଶ୍ରୀ, ଧୈର୍ଯ୍ୟଧର, ଶାନ୍ତ ଚିତ୍ତରେ ଥରେ ଭାବି ଦେଖ।' ପିତାଶ୍ରୀ କେତେବେଳେ ଆସି ଆମର କଥୋପକଥନ ଶୁଣୁଥିଲେ। ଆଖିରୁ ଲୁହ ପୋଛି ସେ ମୋତେ ଆଲିଙ୍ଗନ କରି କହିଲେ, "ପୁତ୍ରୀ, ତୋ ପରି ଏତେ ଗଭୀର ଭାବରେ ମୁଁ ଚିନ୍ତା କରି ନାହିଁ। ସତ୍ୟରକ୍ଷା କିପରି କରିବି ଏହି ଅନ୍ତର୍ଜ୍ୱାଳାରେ ମୁଁ ଦଗ୍ଧ ହେଉଥିଲି। ମୁଁ କେବଳ ବାହ୍ୟ ରାଜସିକ ସୁଖ ଦେଖିଛି। ପ୍ରକୃତରେ ତୁ ମୋର ସୁକନ୍ୟା। ଆମେ ମହର୍ଷିଙ୍କ ନିକଟକୁ ଫେରି ଆସିଲୁ। ମହର୍ଷିଙ୍କୁ ପ୍ରଣାମ କରି କହିଲି, ମୁଁ ସର୍ଯ୍ୟାତିଙ୍କ କନ୍ୟା ସୁକନ୍ୟା ଆପଣଙ୍କ ସର୍ତ୍ତକୁ ଆଶୀର୍ବାଦ ଭାବି ସାଦରେ ସହର୍ଷରେ ଗ୍ରହଣ କରୁଛି। ମହର୍ଷିଙ୍କର ସେହି ରକ୍ଷମଳିନ ମୁଖରେ ଖେଳିଗଲା ଏକ ବିମଳ ହାସ୍ୟରେଖା।

ସେହି ଅରଣ୍ୟରେ ହିଁ ଆମର ବିବାହ ହେଲା। ପିତାଙ୍କର ସମସ୍ତ ଉପଢୌକନକୁ ଅସ୍ୱୀକାର କରି ମହର୍ଷି ଚ୍ୟବନ କହିଲେ, 'ମହାରାଜ ମୁଁ କେବଳ ଆପଣଙ୍କର ଏହି କନ୍ୟାରତ୍ନଟି ଗ୍ରହଣ କରିବି। ଅନ୍ୟ ସକଳ ରତ୍ନ ମୋ ନିମନ୍ତେ ଏହି ବନର ପାଷାଣ ସଦୃଶ, ତା'ର ଅଯଥା ଭାର ମୁଁ ବହନ କରିପାରିବି ନାହିଁ। ତେବେ ହଁ, ବୃକ୍ଷତଳେ ରହିବାର ଅଭ୍ୟାସ ମୋର ଅଛି, କିନ୍ତୁ ମୋ ପତ୍ନୀଙ୍କୁ ମୁଁ ବୃକ୍ଷତଳେ ରଖିବି ନାହିଁ। ମୁଁ ଚକ୍ଷୁହୀନ ସେଥିପାଇଁ ଦେବୀ ସୁକନ୍ୟାଙ୍କ ପାଇଁ ଏଠାରେ ଗୋଟିଏ କୁଟୀର ନିର୍ମାଣ କରାଇ ଦିଅନ୍ତୁ ଏବଂ କିଛି ବସ୍ତ୍ର ରଖିଯାଆନ୍ତୁ।' ସଜଳନେତ୍ରରେ ସମସ୍ତେ ସ୍ୱରାଜକୁ ଫେରିଗଲେ।

ଚଳଚଞ୍ଚଳ ଝରଣା ପରି ଆମର ଦିନ ମଧ୍ୟ ବହି ଯିବାକୁ ଲାଗିଲା। ଆଜି ଅପରାହ୍ନରେ ଦୁଇଜଣ ସୌମ୍ୟ ଯୁବାପୁରୁଷ ଆସି କୁଟୀର ସମ୍ମୁଖରେ ଉପସ୍ଥିତ ହେଲେ। ଆମ କୁଟୀର କୌଣସି ମୁନି ଋଷିଙ୍କ କୁଟୀର ନ ଥିଲା, ପିତୃରାଜ୍ୟରୁ କାହାରି ଆସିବାର ସମ୍ଭାବନା ନଥିଲା। ନିଜର ପରିଚୟ ଦେଇ ସେମାନେ କହିଲେ ଯେ ସେମାନେ ଦେବବୈଦ୍ୟ ଜମଜ ଭ୍ରାତା ଅଶ୍ୱିନୀ କୁମାର।

ଆପଣମାନେ ଏଠାରେ ଅପେକ୍ଷା କରନ୍ତୁ। ମୋ ପତି ଗୃହାଭ୍ୟନ୍ତରରେ ଅଛନ୍ତି, ମୁଁ ତାଙ୍କୁ ନେଇ ଆସୁଛି।'

'ଆମେ ଆପଣଙ୍କ ନିକଟକୁ ଆସିଛୁ।

ମୋ ନିକଟକୁ ? ମୁଁ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲି।

ଦେବୀ ସୁକନ୍ୟା, ଆମେ ଦୁଇଜଣ ଆପଣଙ୍କ ରୂପ ମୁଗ୍ଧ ଏଂ ଆପଣଙ୍କୁ ବିବାହ କରିବାକୁ ଚାହୁଁ।

ମୁଁ ମହର୍ଷି ଚ୍ୟବନଙ୍କ ପତ୍ନୀ। ନିଜକୁ ଦେବତା ବୋଲି ପରିଚୟ ଦେଇ ଆପଣମାନେ ଏପରି ଅସୌଜନ୍ୟ ରାକ୍ଷସୋଚିତ ଶବ୍ଦ କିପରି ବ୍ୟବହାର କରୁଛନ୍ତି। ମୁଁ ଦୃଢ଼ ଉଚ୍ଚ କଣ୍ଠରେ କହିଲି।

ମହର୍ଷି ଚ୍ୟବନ କ୍ଷୀଣକାୟ, ବୃଦ୍ଧ, ପୁଣି ଅନ୍ଧ, ଆପଣ ରୂପବତୀ ପୁଣି ନବଯୌବନା। ଆମକୁ ବିବାହ କଲେ ଏ ବନରେ ନୁହେଁ ସ୍ୱର୍ଗର ନନ୍ଦନକାନନରେ ବିହାର କରିବେ।

ମୁଁ କ୍ରୁଦ୍ଧା ହୋଇ କହିଲି, 'ବନ୍ଦ କର ଏ ପ୍ରଳାପ,ମୋ ପତିଙ୍କ ବିଷୟରେ ଆଉ ଗୋଟିଏ ଅପଶବ୍ଦ କହିଲେ ଏବଂ ମୋତେ ଏପରି ଅଶ୍ଳୀଳ କଥା କହିଲେ ଅତିଥି, ଦେବତା ବା ରାକ୍ଷସ ଯିଏ ବି ହୁଅନ୍ତୁନା କାହିଁକି ମୁଁ ଅଭିଶାପ ଦେବି।

କ୍ଷାନ୍ତ ହୁଅ ସୁକନ୍ୟେ,ଶାନ୍ତ ହୁଅ। କାହାକୁ ଅଭିଶାପ ଦେଇ ନିଜ ପୂଣ୍ୟର ଅପଚୟ କରନାହିଁ। ମହର୍ଷିଙ୍କର ଶାନ୍ତସ୍ୱର। ମୋର ଉଚ୍ଚକଣ୍ଠ ଶୁଣି ଯଷ୍ଟିରେ ଭରା ଦେଇ ସେ ସେଠାରେ ପହଞ୍ଚି ଯାଇଥିଲେ। ପଚାରିଲେ ଘଟଣା କ'ଣ ମତେ କୁହ। ଆଗନ୍ତୁକ ଦୁଇଜଣ ନିଜର ପରିଚୟ ଦେଇ କହିଲେ, 'ଆମେ ଦେବ ବୈଦ୍ୟ ଅଶ୍ୱିନୀ କୁମାର। ଆମେ ଦେବୀ ସୁକନ୍ୟାଙ୍କ ନିକଟରେ ଏହି ପ୍ରସ୍ତାବ ରଖୁଛୁ ଯେ, ଆପଣଙ୍କୁ ସଙ୍ଗରେ ନେଇ ଆମେ ନିକଟସ୍ଥ ନଦୀରେ ସ୍ନାନ କରିବାକୁ ଯିବୁ। ସ୍ନାନ ପରେ ସେ ଯଦି ନିଜ ପତିଙ୍କୁ ଚିହ୍ନି ପାରିବେ ତେବେ ଆପଣଙ୍କର ବାର୍ଦ୍ଧକ୍ୟ ଓ ଅନ୍ଧତ୍ୱକୁ ଅପସାରିତ କରି ଆମେ ଆପଣଙ୍କୁ ଯୌବନ ଦାନ କରିବୁ। କିଛିକ୍ଷଣ ନୀରବ ରହି ମହର୍ଷି ସ୍ମିତହାସ୍ୟରେ କହିଲେ ଚାଲନ୍ତୁ।

ସେ ଦୁଇଜଣଙ୍କ ହାତଧରି ମହର୍ଷି ଚାଲିଲେ ନଦୀ ଅଭିମୁଖେ। ମୁଁ ସେମାନଙ୍କୁ ଅନୁସରଣ କଲି। ସ୍ନାନ କରିବେ କ'ଣ ସେ ଦୁଇଜଣ ମହର୍ଷିଙ୍କ ଦୁଇହାତ ଧରି ନଦୀର ଗଭୀରତମ ସ୍ଥାନକୁ ଆଗେଇ ଚାଲିଲେ ଏବଂ ଚାହିଁ ଚାହୁଁ ସମସ୍ତେ ଜଳମଗ୍ନ ହୋଇଗଲେ। ଚିତ୍କାର କରି କାହାକୁ ସାହାଯ୍ୟ ପ୍ରାର୍ଥନା କରିବି ? କ୍ରୋଧ, ଉତ୍କଣ୍ଠା ଭୟ ସମସ୍ତେ ମିଳି ମୋ କଣ୍ଠ ରୁଦ୍ଧ କରି ଦେଲେ। ଭାବିଲି ଦୁଇଟି ରାକ୍ଷସ ମିଥ୍ୟା ପରିଚୟ ଦେଇ ମୋ ପତିଙ୍କୁ ଜଳମଗ୍ନ କରି ପାତାଳ ପୁରକୁ ନେଇଗଲେ। ହାୟ.. କାହିଁକି ମୁଁ ତମମାନଙ୍କ ସହ ମହର୍ଷିଙ୍କୁ ଛାଡ଼ିଲି। ଅସହାୟ ହୋଇ ପ୍ରାର୍ଥନା କରିବାକୁ ଲାଗିଲି

'ମାତା ଗଂଗେ, ସ୍ୱର୍ଗ,ମର୍ତ୍ତ୍ୟ, ପାତାଳ ତିନି ଭୁବନରେ ତୁମର ଅପ୍ରତିହତ ଗତି,ମୋ ସ୍ୱାମୀ ମହର୍ଷି ଚ୍ୟବନଙ୍କୁ ରକ୍ଷାକର।'

ଚକ୍ଷୁ ଖୋଲି ଦେଖିଲି ନଦୀମଧ୍ୟରୁ ବାହାରି ଆସୁଛନ୍ତି ତିନିଜଣ ଦିବ୍ୟକାନ୍ତି ପୁରୁଷ। କୂଳକୁ ଆସି ମୋ ସମ୍ମୁଖରେ ଦଣ୍ଡାୟମାନ ହୋଇ କହିଲେ, "କିଏ ତୁମର ପତି ବାଛିନିଅ ସୁକନ୍ୟା। ତିନୋଟି ଏକାପରି ମୂର୍ତ୍ତି ମୋ ସମ୍ମୁଖରେ ଉପସ୍ଥିତ। ମୁଁ ସେମାନଙ୍କୁ ଆପାଦମସ୍ତକ କେତେଥର ନିରୀକ୍ଷଣ କଲି ତିଳ ସଦୃଶ ପ୍ରଭେଦ କେଉଁଠାରେ ନାହିଁ। ମୋ ପିତୃବଂଶର ଇଷ୍ଟଦେବୀ ମା ଭବାନୀ। ଆକୁଳ ହୋଇ ପ୍ରାର୍ଥନା କରିବାକୁ ଲାଗିଲି, 'ମା,ମୋ ପତିସେବା ଯଦି ପବିତ୍ର ମନରେ କରିଥିବି, କାୟ ମନୋବାକ୍ୟରେ ଯଦି ପତିବ୍ରତା ହୋଇଥିବି ତେବେ ମୋତେ ଏ ବିପଦରୁ ଉଦ୍ଧାର କର, ମୋ ପତିଙ୍କୁ ମୋତେ ଚିହ୍ନାଇ ଦିଅ।'

"ଦେବତାଙ୍କ ପାଦ ଭୂମି ସ୍ପର୍ଶକରେ ନାହିଁ ମୋ ଶ୍ରୁତିପଟରେ ଗୁଞ୍ଜରିତ ହେଲା। ସମସ୍ତଙ୍କ ପାଦକୁ ନିରୀକ୍ଷଣ କଲି, ଯେ ଭୂମି ଉପରେ ଦୃଢ଼ ପଦରେ ଠିଆ ହୋଇଥିଲେ, ତାଙ୍କ ନିକଟକୁ ଯାଇ ପ୍ରଣାମ କରିବା ପୂର୍ବରୁ ମୋ ଦୁଇ ବାହୁ ଧରି ଉଠାଇ କହିଲେ, ଉଠ ସୁକନ୍ୟେ, ମୁଁ ଚ୍ୟବନ। ସଂଗେ ସଂଗେ ଅନ୍ୟ ଦୁଇଜଣ ସ୍ୱରୂପ ଧାରଣ କରି କହିଲେ, "ଦେବୀ, ସ୍ୱର୍ଗ ଲୋକରେ ଆପଣଙ୍କ ପତିସେବା ଓ ପାତିବ୍ରତ୍ୟର ଚର୍ଚ୍ଚା ହେଉଥିଲା, ଆମେ ଆପଣଙ୍କ ପରୀକ୍ଷା କରିବା ପାଇଁ ଆସିଥିଲୁ। ମହର୍ଷି ଚ୍ୟବନ ଯୌବନ ଓ ଚକ୍ଷୁଲାଭ କରିଛନ୍ତି, ମର୍ତ୍ତ୍ୟ ଲୋକରେ ସେ ଜଣେ ଆୟୁର୍ବେଦବିତ ଭାବରେ ବିଖ୍ୟାତ ହେବେ। ସେମାନେ ଯେପରି ଆବିର୍ଭୂତ ହୋଇଥିଲେ, ସେହିପରି ତିରୋହିତ ହୋଇଗଲେ। ମୋ ହାତଧରି ମହର୍ଷି କହିଲେ 'ସୁକନ୍ୟେ ତୁମରି ପୁଣ୍ୟ ଅନ୍ଧତ୍ୱ ଓ ବାର୍ଦ୍ଧକ୍ୟ ଦୂର କରିବି। ସେହି ସମୟରେ ପୂର୍ବ ଦିଗନ୍ତରେ ଚନ୍ଦ୍ର ଓ ପଶ୍ଚିମ ଦିଗନ୍ତରେ ସୂର୍ଯ୍ୟ ବନଦେବୀଙ୍କୁ ଚାହିଁ ମୃଦୁ ହାସ୍ୟ କରୁଥିଲେ। ମୋ ତିମିରିତ ରଜନୀର ଅବସାନ ଘଟିଲା।

❖❖❖

# ଚିତ୍ରକର



ISSN-2583-6978
Volume-4
Issue-10
OCTOBER-2024

**ମନୋଜ କୁମାର ମହାନ୍ତି**

**ଜୁନାଗଡ଼, କଳାହାଣ୍ଡି-୭୬୬୦୧୪**

ତା ଧିନ୍... ତା ଧିନ୍...! ଛମ୍ ଛମ୍! ବାଦ୍ୟ ଆଉ ନୃତ୍ୟର ସମତାଳ-ସମଲୟ ରହିଲେ ହିଁ ସେଇଟା କଳା ହୋଇଥାଏ, ନହେଲେ ବେସୁରା ରାଗିଣୀରେ କେଉଁ ମାଦକତା ଥାଏ କି? ସୁମନ୍ତ ସିଗାରେଟ୍‌ର ଧୂଆଁରେ କୁଣ୍ଡଳି ତିଆରିଲା।

ରାଜ୍ୟର ପଶ୍ଚିମ ଭାଗର ଶେଷ ସୀମାନ୍ତରେ ଏ ମନ୍ଦିର। ତମେ ଭଲକି ନିରେଖିବ ତ ପଢ଼ିପାରିବ କାରିଗରୀର କଳା କୌଶଳ ନାଇଁତ ତୁଚ୍ଛା ପଥର! ଆବୁଡ଼ା-ଖାବୁଡ଼ା ପୁଳାଏ ପଥରର ସ୍ତୁପ! ସୁମନ୍ତ ମୋ ଆଡ଼କୁ ତୀର୍ଯ୍ୟକ ଫିଙ୍ଗିଲା।

ସୁମନ୍ତ ମୋ କାନ୍ଧରେ ଘପ ଦେଲା। ହେଇ ଦେଖ୍ ନୃତ୍ୟରତ ଷୋଡ଼ଶୀର ପାଦର ନୂପୁର କେମିତି ଥରିଉଠି ନିଥର ହୋଇଯାଇଚି। ଆଉବି ଦେଖ୍, ପାଖରେ କାନ୍ଧଯାଏଁ କେଶ ଛୁଇଁଥିବା ଯୁବକର ହାତ ହଠାତ୍ କେମିତି ସ୍ଥିର ହୋଇଯାଇ ଅଟକି ଯାଇଚି ତବଲା ପାଖରେ।

ଏବେଠୁ ବୋଧେ ନୃତ୍ୟ ଆଉ ବାଦ୍ୟର ଯୁଗଳବନ୍ଦୀ ଶେଷ ଥର ପାଇଁ ବେସୁରା ବାଜିଉଠି ଥମି ଯାଇଥିବା କେହି ଜଣେ ଅତ୍ୟାଚରୀ ସମ୍ରାଟ ଏ ଦୁଇ ଜଣକୁ ଝୁଲାଇ ଦେଇଥିବ ଫାଶିରେ। ବାସ୍ ସେଇ ନମୁନାକୁ ଶିଳ୍ପୀଟେ ରୂପ ଦେଇଚି ମନ୍ଦିରର ମୁଖଶାଳାରେ। ଆଗକୁ କେହିବି କେବେବି ରାଜ ଅହଂକାରକୁ ଚ୍ୟାଲେଞ୍ଜ ନକରୁ। କିମ୍ବଦନ୍ତୀ ଯାହାକୁ ଏବେ ବାଦ୍ୟ ଆଉ ନୃତ୍ୟର ଯୁଗଳବନ୍ଦୀ ସେବେଠୁଁ ପ୍ରତି ପୁନେଇ ତିଥିରେ ହଠାତ୍ ରାତିର ନିଥିର ପ୍ରହରରେ ଜୀବନ୍ତ ହୋଇଉଠନ୍ତି। ଶୁଣାଯାଏ ବେସୁରା ସେ ତାଳ ଆଉ ଲୟର ରିଦମ୍। ବାସ୍ କେଇଟା ମୁହୂର୍ତ୍ତ ମାତ୍ର... ତା'ପରେ ସବୁ ଯେମିତି ପୂର୍ବବତ୍ ସ୍ଥିର... ପୁରା ସ୍ଥିର! ଯେମିତି କେବଳ ପଥରର ଯୋଡ଼ାଏ ମୂର୍ତ୍ତି... ପ୍ରାଣହୀନ... ନିଷ୍ପଳ।

ଇତିହାସର ଏ କିମ୍ବଦନ୍ତୀ କ'ଣ କୁହେ? ମଦିରାଭିଜା ରାତିରେ ପାଟରାଣୀଙ୍କ ପାଖକୁ ଯିବା ପୂର୍ବର ପ୍ରସ୍ତୁତିରେ ସଭାସଦ୍‌ଗଣ ଝୁମେଇ ଦେବାକୁ ଚାହାନ୍ତି ସମ୍ରାଟକୁ! ସେଠୁ ଅଚଳାଚଳ ପୁରସ୍କାର ରାଶିର ଗୋପନ ଆମନ୍ତ୍ରଣର ଲୋଭ ଆଉ ଲାଭର ଉତ୍କଣ୍ଠିତ ଅପେକ୍ଷା!

ତବ୍‌ଲାରେ ରିଦମ୍ ଆଙ୍କୁଚି ଯୁବକ! ଘୁଙ୍ଗୁରରେ ନିକ୍ୱଣ ତୋଳୁଚି ଷୋଡ଼ଶୀ ସୁନ୍ଦରି। ମଦିରାରେ ଭିଜୁଚି ରାତି, ଭିଜୁଚି ସମ୍ରାଟର ଛାତି। ଖୋଲା ରଙ୍ଗମଞ୍ଚରେ ବିଛେଇ ହୋଇ ପଡ଼ିଚି ଜହ୍ନର ଉକିଆପଣ। ହଠାତ୍ ବେସୁରା ହେଉଚି ତବ୍‌ଲାବାଦକ ଯୁବକର ହାତ ଆଉ ନୂପୁରର ଝଙ୍କାର ପଥ ହୁଡ଼ୁଚି! କାହିଁକି? ହଁ ଯୁବକର ଆଖିରେ ହଠାତ୍ ନୃତ୍ୟରତା ଷୋଡ଼ଶୀର ଆଖି ମିଶୁଚି!

ନିମଗ୍ନତା ଭାଙ୍ଗୁଚି ସମ୍ରାଟ୍‌ର, ଯେମିତି ସମ୍ରାଟ୍ ପାଟରାଣୀ ସହ ରତିଖେଳରେ ହାରିଯାଇ ପୌରୁଷତ୍ୱ ହରାଇ ବସୁଚି! ହଠାତ୍ ଯେମିତି ସଂଭୋଗ ବିଭୋର ହେବା ଆଗରୁ ଖସିପଡୁଚି ପୁରୁଷର ରେତ।

ଅସମ୍ଭବ ଭାବରେ କ୍ଷୁବ୍‌ଧ ହେଉଚି ସମ୍ରାଟ୍। ପାରିଷଦଗଣ ବିବ୍ରତ ବିଷର୍ଣ୍ଣ! ସେଇମାନଙ୍କ ଚାଟୁକାରିତାରେ କଳା ଦେଖାଇ ଝୁମାଇ ପାରିବାର ଦ୍ୱାହି ଦେଇ ଯେଉଁ ଦୁଇଜଣ କୁଶଳୀଙ୍କୁ ଜହ୍ନମଖା ରାତିରେ ଆମନ୍ତ୍ରୀ ଆଣିଥିଲେ ସେମାନେ ଯେ ପଥର ପାଲଟି ଯିବେ ତାହା ସେମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ପୁରସ୍କାର ପ୍ରାପ୍ତିର ଆଶାଠାରୁ ବେଶୀ ବିବ୍ରତ କରୁଥିଲା କଠୋର ଦଣ୍ଡବିଧାନ! ସ୍ଥିର ହୋଇଗଲା ରାଜାର ଆଖି। ଲାଲ୍ ମଦିରାଭିଜା ଆଖିରୁ ବାହାରି ପଡ଼ିଲା ଅଭିଶାପ ତ ନୁହେଁ ଆଦେଶ! ସେ ଆଦେଶ ମୁଣ୍ଡକାଟ ନାଇତ ଫାଶୀ! ମୃତ୍ୟୁ ସୁନିଶ୍ଚିତ!

ଆଖିରେ ଆଖି ମିଶିଥିଲା। ହୃଦୟର କେଉଁଠି ସିକ୍ତାରୀ ଉଠିଥିଲା କଳାଠୁଁ ବେଶୀ ଆବେଗ... ପ୍ରେମ! ଆଗରୁ କେବେ ବି କେଉଁଠି ବି ପରସ୍ପରକୁ ଭେଟିନଥିବା ନୃତ୍ୟରତା ଷୋଡ଼ଶୀ ଆଉ ତବଲାବାଦକ ଯୁବକ ପରିଷଦମାନଙ୍କ ସାମ୍ନାରେ ଯେ ପରିବେଷଣ କରିପାରିଥିଲେ ଅସମ୍ଭବ ଦକ୍ଷତା! ତେବେ ଏଠି ଏମିତି ଘଟିଲା ନାହିଁ କାହିଁକି? କାହିଁକି ଜହ୍ନର ଜ୍ୟୋତ୍ସ୍ନାରେ ଚହଲି ଗଲାନାହିଁ କଳାର ଜାଦୁଗରୀ? ବୋଧେ କଳାଠୁଁ ଏଠି ପ୍ରେମ ଓ ଆବେଗ ଭାରି ହୋଇଗଲା!

ଆବେଗ ଆଉ ପ୍ରେମ ପାଖରେ କଳା ଅବଶ ! ସ୍ଥିତିପ୍ରଜ୍ଞ ହୋଇପାରିଲେ ନାହିଁ କଳାକାର ଦୁଇଜଣ । ଦେଶର ଦୁଇପ୍ରାନ୍ତରୁ ସେମାନଙ୍କୁ ଆମନ୍ତ୍ରି ଆଣିଲା ବେଳେ କାହାସହିତ କାହାର ପରିଚୟ ନଥିଲା । କଳାନୈପୁଣ୍ୟ ଫୁଟେଇବାରେ ପରିଚୟର କୌଣସି ଅର୍ଥ ନଥାଏ । ଆଗରୁ କେତେଥର ସୂର୍ଯ୍ୟାଲୋକରେ ପାରିଷଦମାନଙ୍କ ସାମ୍ନାରେ ଅଭ୍ୟାସ ସମୟରେ ଏମ୍ତି କିଛି ଘଟିଯାଇ ନଥିଲା ତ ! ହଠାତ୍ ଏଠି ଏମ୍ତି କାହିଁକି ?

ଜହ୍ନର ଜ୍ୟୋତ୍ସ୍ନାରେ, ମୃଦୁ ମଳୟରେ ଆଖିରେ ଯେ ଆଖି ମିଶିଲା । ଓଃ... କି ଭୟଙ୍କର ସେ ଆମନ୍ତ୍ରଣ ? ସର୍ବଶକ୍ତିମାନ ରାଜା, ରାଜା ପାରିଷଦଙ୍କ ସାମ୍ନାରେ ବି କର୍ତ୍ତବ୍ୟର ଜ୍ଞାନ ରହିଲା ନାହିଁ । ହାତ ସେମ୍ତି ଅଟକିଗଲା ତବଲା ଉପରେ ଆଉ ଘୁଂଗୁର ଥରିଉଠିଲା ନାହିଁ ରାଜ ତୋଷାମଦର ଆଦେଶରେ । ।ପ୍ରେମ ପାଖରେ ତୁଚ୍ଛ ହୋଇଗଲା ଭୟଙ୍କର ଶାସ୍ତିବିଧାନର ପରମ୍ପରା !

ପ୍ରେମ ପାଇଁ ଫାଶି ପାଇବା ଏଟା କେଉଁ ନୂଆ ଇତିହାସ ନଥିଲା ! ମୁଁ କହିଲି । ଆଉବି କହିରଖେ ସୁମନ୍ତ ଯେ ଏଇଟା ସିର୍ଫ ଗୋଟେ କିମ୍ବଦନ୍ତୀ ! ସତ୍ୟାସତ୍ୟ ଅନୁସନ୍ଧାନ ସାପେକ୍ଷ ! କାଇଁ ଦୁଇଶ ବର୍ଷ ତଳର ମନ୍ଦିରର କଳା ଭାସ୍କର୍ଯ୍ୟରୁ ଆମେ କାହିଁକି ଖୋଜିବା ଅତ୍ୟାଚରର ଇତିହାସ । ସେଇଠି ତ ଶିଳ୍ପୀର କଳାଚତୁର୍ଯ୍ୟ ଆମ ପାଇଁ ମୂଲ୍ୟବାନ ! ନୁହେଁ କି ?

ସୁମନ୍ତ ସିଗାରେଟ୍‌ର ଟୁକୁଡ଼ା ମୋ ଆଡ଼କୁ ବଢ଼ାଇ ବ୍ୟଙ୍ଗକଲା – ତୁ'ଟା ତୁଚ୍ଛା ଅନାଡ଼ି ! ମୁଁ ଏଠି ଭାସ୍କର୍ଯ୍ୟ ଶୀଳ୍ପିରୁ ପ୍ରେମର ଉଚ୍ଚାରଣ ଖୋଜୁଚି ଅଥଚ ତୁ କେବଳ ନିହାଣ ହାତୁଡ଼ିର କାରିଗରୀ ଚତୁର୍ଯ୍ୟ ବଖାଣୁଚୁ । ପ୍ରେମର ଉଚ୍ଚାରଣଟେ ନଥିଲେ, ଆବେଗଟେ ନଥିଲେ, ଶୀଳ୍ପ କଣ ଫୁଟାଇ ପାରେ କାରିଗରୀ ?

ପାହାଡ଼ ସେପଟୁ ଜହ୍ନଟା ଆତ୍ମଘୋଷିତ ରାଜାଟାଏ ପରି ଆକାଶରେ ଆକାଶେ ହେବ ଜ୍ୟୋତ୍ସ୍ନା ସାଉଁଟି ପରିପ୍ରକାଶ ଲିଭିଲାଣି । ମୁଁ କହିଲି – ଚାଲ୍ ରହିଯିବା ରାତିଟିଏ ଏଇଠି, ଆଉ ଶୁଣିବା ସେଇ ରୋମାଞ୍ଚିତ କିମ୍ବଦନ୍ତୀର ନୂପୁର ଚିକ୍କଣ ! ଆମେ ଜଗିବସିବା ରାତ୍ରିର ସେହି ଜହ୍ନଭିଜା ସୁଖଦ ମୂହୁର୍ତ୍ତକୁ !

ସୁମନ୍ତ କହିଲା – ନା... ନା... ଆମକୁ ଫେରିବାକୁ ହେବ । ଏଠୁ ପାଦଚଲା ରାସ୍ତାରେ ଗଲେ ଗୋଟାଏ କି.ମି. ପରେ ଗାଁ ଆଉ ସେଠୁ ସହର ପୁରା ଅଧଘଣ୍ଟାର ରାସ୍ତା । ମୁଁ ମୋଟର ସାଇକେଲରେ କିକ୍ ଦେଲି । ଆବୁର-ଜାବୁର ହେଇ ଧ୍ୱଂସ ପ୍ରାୟ ଜଙ୍ଗଲ । ସୁମନ୍ତ କହିଲା – ବେଶୀ ହେଲେ କୋକିଶିଆଳିଟାଏ ବାହାରି ପରେ, ନହେଲେ ଜଙ୍ଗଲରେ ଆଉ କେଉଁ ସବୁଜପଣଟାଏ ରହି ଯାଇଚି କି ?

ଜହ୍ନର ଜ୍ୟୋତ୍ସ୍ନାରେ ଅଘଞ୍ଜ ଜଙ୍ଗଲ ପାଖରେ ପରିତ୍ୟକ୍ତ ଗୋଟେ ଶୀଳାର ମନ୍ଦିର ! ରାଜ୍ୟର ଶେଷ ସୀମାନ୍ତରେ ଏ କାରୁକାର୍ଯ୍ୟକୁ କିଏ ବୋଧେ ପରଖି ନାହିଁ, କିମ୍ବା ଧ୍ୱଂସ ପ୍ରାୟ ଏ ଶୀଳା ଲେଖରୁ କିଏ କିଛି ସାଉଁଟି ପାରିନାହିଁ । କିମ୍ବଦନ୍ତି ତା ବାଟରେ ପିଢ଼ି ପର ପିଢ଼ି ଲଟେଇ ଚାଲିଛି । କେଉଁ ଗାଇଆଳଟେ ନାଇଁତ କାଠ ସଂଗ୍ରହ କରୁଥିବା କେଉଁ ମହିଳାଟେ ବଖାଣି ବସେ କାଁ ଭାଁ ଆସୁଥିବା ଦର୍ଶକଙ୍କୁ, ଆଉ ପ୍ରତିବଦଳରେ ମାଗିବସେ ଦଶଟଙ୍କା ନାଇଁତ ବେଶୀ ହେଲେ କୋଡ଼ିଏ ଟଙ୍କା !

ମୁଁ କହିଲି – ନା... ନା... ଏବେ ଖୋଜାଚାଲିଚି ପରିତ୍ୟକ୍ତ ମନ୍ଦିର, ଆଉ କୋଟି କୋଟି ଖର୍ଚ୍ଚ କରି ନୂଆଁ ଢ଼ଙ୍ଗରେ ନୂଆ ରୂପଟେ ଦେବାର ପ୍ରୟାସ ତ ଜାରି ରହିଚି । କେବେ କେହି ଏଇଠି ପହଞ୍ଚି ଯାଇପାରେ ଆଉ ମନ୍ଦିରର ଭାଗ୍ୟ ସହ କିମ୍ବଦନ୍ତି ବି ଖୁବ୍ ବେଶୀ ରୋଚକ ଢ଼ଙ୍ଗରେ ଆଲୋଚ୍ୟ ହୋଇପାରେ । ଆମେ ଅପେକ୍ଷା ରଖିବା ଆଗାମୀ ଦିନକୁ ।

ତୁଳୀରେ ଆକାଶଟେ, ପକ୍ଷୀଟେ, ନଗ୍ନନଟୀଟେ ଆଙ୍କି ପାରୁଥିବା ସୁମନ୍ତ ମାତ୍ର ଭାବପ୍ରବଣ ଥିଲା । ମୋ ପରି ପଥର ପଥର ଭାବନାଟେ ନଥିଲା ତା'ଭିତରେ । ଠିଆଠିଆ ତୁଳୀରେ ହଠାତ୍ ଥରେ ସେ ମୋ ପ୍ରେମିକା ଶିବାନୀର ଈଷତ୍ ମିଶିଯାଉଥିବା ଅସ୍ପଷ୍ଟ ଚିତ୍ରଟେ ଆଙ୍କି ମୋତେ ଚମକାଇ ଦେଇଥିଲା । ଯଦିଚ ସେଇ ନୂଆହୋଇ ପ୍ରେମରେ ପଡ଼ିଥିବା ମୁଁ ତାକୁ ସିର୍ଫ ଶିବାନୀର କିଛି ରୂପକଳ୍ପ ଚୁମ୍ବକରେ ହିଁ କହିଥିଲି ! ସୁମନ୍ତ ବୁଝାଇ ଦେଲା ଶିଳ୍ପୀ ହେଉ କି ଚିତ୍ରକର ସେମାନଙ୍କର ଦୃଷ୍ଟିରେ ଶହେ କୋଷ ଭେଦୀ ରୂପକଳ୍ପ ପାଖରେ ପହଞ୍ଚି ଯିବାର, ଅସମ୍ଭବ ଦକ୍ଷତା ଥାଏ । ନହେଲେ ସେ ତ ସାଧାରଣ ମଣିଷ । ଶିଳ୍ପୀ ଆଉ କ'ଣ କି !

ସୁମନ୍ତ ମୋ କଥାକୁ ସମର୍ଥନ କରିପାରିଲା ନାହିଁ । ତା' ଦୃଷ୍ଟିକୋଣରେ ଏ ମନ୍ଦିର ସବୁର ରକ୍ଷଣାବେକ୍ଷଣ ଆବେଗିକ ନୁହେଁ କି କଳାଭାସ୍କର୍ଯ୍ୟ ପ୍ରତି ଆନୁଗତ୍ୟ ନୁହେଁ ଏସବୁ ରାଜନୈତିକ ଦୂରଭିସନ୍ଧି । ସେ କହିଲା – ସେଇ ସେଇ ମନ୍ଦିରମାନଙ୍କୁ ସେମାନେ ଗୁରୁତ୍ୱ ଦେଇଥାନ୍ତି ଯାହା ଲୋକଲୋଚନରେ ଥାଏ । ସେଇଠୁ ଧର୍ମର ଦ୍ୱାହି ଦେଇ ଭୋଟ ହାତେଇ ନେବାର ଗଭୀର ଷଡ଼ଯନ୍ତ୍ର ! ସେମାନେ କଳା, ସ୍ଥାପତ୍ୟକୁ କିଣିନେବାର ଦମ୍ଭ ରଖନ୍ତି । ସେମାନଙ୍କ ଭାବନା ତୁଚ୍ଛା ପଥର ।

ରାଜତନ୍ତ୍ରର ଶୋଷଣ ଯାହାଥିଲା, ରାଜତନ୍ତ୍ରର ଏକାଧିପତ୍ୟ ଯାହାଥିଲା ଏବେର ଗଣତନ୍ତ୍ର ଶାସନ ଠିକ୍ ସେଇ ଢ଼ଙ୍ଗରେ ଚାଲିଚି । ଶ୍ରମ କି କଳାର ମୂଲ୍ୟାୟନ ଆଗରୁ ବି ହୋଇପାରି ନଥିଲା କି ଏବେ ବି ହୋଇପାରିବ ନାହିଁ । ଆଜିର ଶାସକୀୟ ପ୍ରତିପତ୍ତି ପାଖରେ ହାମୁଡ଼ି ପଡ଼ିଥିବା ଗଣତନ୍ତ୍ର ଭାରି ଦୁର୍ବଳ ଭାରି ଅସହାୟ !

ମୁଁ ଗାଡ଼ି ରଖିଲି । ସେ ସିଗାରେଟ୍‌ରେ ନିଆଁଲଗାଇ ଆରମ୍ଭ କଲା – ସେମାନେ ଯାହା ଚାହିଁବେ ଆମେ ତା'ହିଁ ଆଙ୍କିବା ! ସେମାନେ ଯାହା ଚାହିଁବେ ଆମେ ତା ଲେଖିବା ନାଇତ ରାଜତନ୍ତ୍ର ଶାସନପରି

ଶୀରଛେଦ ସୁନିଶ୍ଚିତ। କାଲି ପୁଣି ଫେରିବା ଏଠିକୁ ତୋତେ ଏ ମନ୍ଦିର ଆରପଟେ ପଥର ଖୋଦେଇ ଭାସ୍କର୍ଯ୍ୟ ଶୀଳ୍ପର ଆଉଗୋଟେ ନମୂନା ଦେଖାଇବି। ସେଇ ଶୋଷଣର ଇତିହାସ, ସେଠି ସମ୍ରାଟର ଅହଂ କେମ୍ତି ଦାଉଦାଉ ଦେଖାଯାଇଚି। ତୁ କୁହ ଏ ଭାସ୍କର୍ଯ୍ୟ ଶୀଳ୍ପରୁ ଆମେ ରାଜାର ଅହଂ ପାଉଚେ ନା ସାମାଜିକ ଧର୍ମ? ଟିକେ ନିରୀଖେଇ ଦେଖିବାର ଆବଶ୍ୟକତା ରହିଚି ଯାହା!

ତା'ଆରଦିନ ଆମେ ପୁଣି ଫେରିଥିଲୁ। ସେମ୍ତି ସେଠି ଗାଇଆଳଟେ ଗାଈ ଜଗୁଥିଲା ତ କିଛି ମହିଳା ଜାଳକାଠ ସଂଗ୍ରହରେ ବ୍ୟସ୍ତ ଥିଲେ। ଆଉ କେଉଁ କିମ୍ବଦନ୍ତୀଟେ କଡ଼ ଲେଉଟାଉ ଥିଲା ସୁମନ୍ତର ଭାବନା ସହିତ ମୋତେ ଜଣାନଥିଲା। ମନ୍ଦିର ଚାରିପାଖ ଗାଈ ଗୋବର, ଛେଳି ନଣ୍ଡି ଓ ମୁତରେ ଭର୍ତ୍ତି। ଗୋଟେ ଅଜବ ଦୁର୍ଗନ୍ଧ ଖେଳିବୁଲୁଥିଲା ପବନରେ। ଯେମ୍ତି କେଉଁ ରାଜ ଇତିହାସର ମାଟିତଳୁ ବାହାରୁଚି ହଜାରେ ଅତ୍ୟାଚାରିତ ମଣିଷ ଦୁର୍ଗନ୍ଧ! ସେମାନେ ଚିତ୍କାର କରୁଛନ୍ତି – ଆମକୁ ବାହାରକର କିମ୍ବଦନ୍ତୀରୁ, ଆମେ ଖୁବ୍‌ଦିନ ହେଲା ଅବହେଳିତ, ଅତ୍ୟାଚାରିତ! ଆମକୁ ଗଣତନ୍ତ୍ର ଭୋଗିବାର ସୁଯୋଗ ଦିଅ!

ସୁମନ୍ତର ଶୈଳ୍ପିକ ଦୃଷ୍ଟିରେ ପଥରର କୋଣ ଅନୁକୋଣରୁ ଯେମ୍ତି ବାହାରି ଆସିବେ ହଜାରେ କିମ୍ବଦନ୍ତୀ ଆଉ ସଭ୍ୟ ବୋଲାଉଥିବା ଆମ ସମାଜକୁ ଖତାଇ ହେବା ଆରମ୍ଭ କରିବେ!

ସୁମନ୍ତ ମୋ କାନ୍ଧରେ ହାତ ରଖିଲା। ମୁଁ ଜାଣିଲି ଭାସ୍କର୍ଯ୍ୟ ଶିଳ୍ପର କେଉଁ ପଥର ମୂର୍ତ୍ତିଟେ ଏବେ ଲୋକ-କାହାଣୀଟେ ହେବା ଆରମ୍ଭ କଲାଣି ସୁମନ୍ତ ଭିତରେ। ସେ ହାତ ବଢ଼ାଇ ଦେଖାଇ ଦେଲା ମନ୍ଦିର କାନ୍ଥର ଗୋଟେ ସ୍ଥାନକୁ, ଯେଉଁଠି ମଣିଷଟେ ବନ୍ଧା ହୋଇଚି ଗୋଟେ ମେରି ଖୁଣ୍ଟରେ, ତାକୁ ଭୋକିଲା ବାଘଟେ ଲମ୍ଫ ମାରିବାକୁ ତୟାର! ସେପଟକୁ ପାଗଭିଡ଼ା ସମ୍ରାଟ ବନ୍ଧୁକକୁ ଠିକ୍ ବାଘର ମୁଣ୍ଡ ଆଡ଼କୁ ଲକ୍ଷ ତିଆରିଚି!

ସୁମନ୍ତ କହିଲା – ବୁଝିପାରୁଚୁତ! ଶିଳ୍ପୀଟେ ତିଆରିଚି ମାତ୍ର ରାଜାର ଅହଂକୁ ଆଉ ସାଧାରଣ ମଣିଷର ନାଚାରପଣକୁ କେମ୍ତି ଗୋଟେ ଜୀବନ ନଥିବା ପଥରରେ ଫୁଟାଇ ପାରିଚି ଚମତ୍କାର!

ଲୋକେ ମନ୍ଦିର ବୁଲନ୍ତି, ଏଠୁ ଭଗବାନ ଖୋଜନ୍ତି! ହଜାର ଗୁହାରି କରନ୍ତି ଅନୈତିକ ଧନକୁ ଶହେଗୁଣ କରିବା ପାଇଁ। ମନ୍ଦିରର କାମଚିତ୍ରକୁ ଦେଖି କାମୁକ ହୁଅନ୍ତି ମାତ୍ର ଶୋଷଣର ଏ ଚିତ୍ର ପାଖରେ ଅଟକି ଯିବା ଦେଖାଯାଏ ନାହିଁ। ଲୋକେ ସିର୍ପ ଯାକୁ ଲୋକକଥା କହି ଆଡ଼େଇ ଯାଆନ୍ତି।

ଏ ଚିତ୍ର ଦେଖୁଚୁ, ଏ୍ଵଟା ସେ ସମୟର ରାଜାର ଅଜବ ସୌକ୍‌ର ଗୋଟେ ନମୂନା ମାତ୍ର। ବାଘର ଆହାର ପାଇଁ ମେଣ୍ଢା ବଦଳରେ ମଣିଷଟେ ବନ୍ଧାହେବ ଆଉ ମଞ୍ଚାରେ ବସି ରାଜା ଲକ୍ଷ ତୟାର ରଖିବ ବାଘକୁ। ଗୁଳି ଫୁଟିବ, ମାତ୍ର ଯଦି ବାଘ ନ ମରେ ତ ମଣିଷକୁ ମାରି ଖାଇବା ସୁନିଶ୍ଚିତ। ପ୍ରତି ବଦଳରେ ସଂପୃକ୍ତ ମଣିଷର ପରିବାରକୁ ମିଳୁଥିଲା କିଛି ଜାଗିରୀ ଜମି, ଯାହା ସେମାନେ ପିଢ଼ି ପର ପିଢ଼ି ଭୋଗ କରିବେ! ତୁ କୁହ କି ଭୟଙ୍କର ଏ ଶୋଷଣର କାହାଣୀ!

ଆଉ ସୁମନ୍ତ ସହିତ ମୋର ଭେଟ ହୋଇନାହିଁ। ସମୟ ସହିତ ଆମେ ଯୁବକରୁ ପୌଢ଼ ଆଡ଼କୁ କ୍ଷୀପ୍ର ଧାଇଁଚୁ ଜଣାନାହିଁ। କଲେଜ ପଢ଼ିବା ସମୟରେ ସୁମନ୍ତ ସହିତ ସେଇ ଯାହା ରାଜ୍ୟର ଶେଷ ସୀମାନ୍ତର ଗଡ଼ଜାତ ଅଞ୍ଚଳକୁ ଯାଇଥିଲି ଆଉ କେବେ ଖୋଜି ନାହିଁ ସେହି ଚିହ୍ନା ସୁମନ୍ତକୁ ଆଉ ଅଜଣା ତାର ଚିତ୍ରକାରୀତାକୁ ପ୍ରଥମେ ପ୍ରଥମେ ଚିଠି ଖଣ୍ଡେ ଆସୁଥିବା ସୁମନ୍ତ ତେର ବର୍ଷ ହେଲା ନୀରବି ଯାଇଥିଲା ମୋ ପାଇଁ। ଅବଶ୍ୟ ମୁଁ ବି ଜଡ଼ ମୁହୂର୍ତ୍ତ ମାନଙ୍କରୁ କେବେବି ସେଇ ଅଲଗା ଭାବିପାରୁଥିବା ବ୍ୟକ୍ତି ସତ୍ତାକୁ ଆଉ ମନେ ପକାଇ ପାରିନାହିଁ। ତାଙ୍କ ଗାଁ ଉଦନ୍ତି ନଈରେ କେଇଥର ବନ୍ୟା ଆସିଥାଇପାରେ ତ କେଇଥର ନଈପଠା ଶୁଖିଲା ପଡ଼ିଥାଇ ପାରେ, ଆଠ ଏକର ଚାଷ ଜମିରେ ହୁଏତ ଧାନକଟା ହୋଇଥାଇପାରେ ନାଇତ ଶୁଖିଲା ପାଳକୁ ଜଳେଇ ଦିଆଯାଇ ଥାଇପାରେ। ତୃତୀୟ ଶ୍ରେଣୀରେ ବି.ଏ.ପାସ୍ ଯୁବକକୁ ଚାକିରୀ ମିଳିଥାଇପାରେ ନାଇ ତ ରାୟପୁରର କେଉଁଠି ପେଟପାଟଣା ପାଇଁ ରୋଜିରୋଟିର ତେଲାସରେ ସୁମନ୍ତ ହଜିଯାଇଥାଇ ପାରେ ମହାନଗରୀର ବସ୍ତୁବାଦୀ ଦୁନିଆରେ ଆଉ ନିଜଠୁ ଖୁବ୍ ଦୂରକୁ ଦୂରେଇ ନେଇଥିବ ନିଜ ବିଚାର ଧାରାଠୁଁ! ସୁମନ୍ତ କ'ଣ ଆଉ ଚିତ୍ର ଆଙ୍କୁ ନଥିବ?

ରାଜଧାନୀରେ ଚିତ୍ରପଟର ମଉଛବ ଲାଗିବ ବୋଲି ଶୁଣିଥିଲି, ପୁରା ଦଶଦିନ। ଚିତ୍ରପଟ ସବୁ ଖର୍ଦ୍ଦି କରିବା ଲୋକ ନାମି-ଦାମି ଶ୍ରେଣୀର ବୋଲି ଆଲୋଚନା ହୁଏ। ସତକଥା ଚିତ୍ରପଟ୍ଟକୁ ଭଲପାଉଥିବା ସାଧାରଣ ମଣିଷ କିନ୍ତୁ ତା'ର ମୂଲ୍ୟାଙ୍କନ କରିପାରେ ନାହିଁ। ଯେଉଁମାନେ ଚିତ୍ରପଟ କିଣି ନିଅନ୍ତି ସେଇଟା ତାଙ୍କର କଳାକୁ ଭଲପାଇବା ନା ସୌଖିନପଣ? ଶୁଣିଥିଲି ସେସବୁ କଳା-କାରିଗରୀ ଦାମି ଲୋକଙ୍କ ଦାମି ବେଡ୍‌ରୁମ୍ ନାଇତ ଡ୍ରଇଂରୁମ୍‌ରେ କାନ୍ଥର ସୌନ୍ଦର୍ଯ୍ୟ ବଢ଼ାଏ। ଅତିଥି ମାନଙ୍କୁ ପରିଚୟ କରାଇ ଦିଆଯାଏ, ଏ୍ଵ ଚିତ୍ରପଟ୍‌ଟର ଦାମ୍...! ଅତିଥି ମୁଗ୍ଧ ହୁଅନ୍ତି। ହୁଏତ ଦାମି ସ୍କଚ୍ ନାଇତ ୱାଇନ୍‌ରେ ଚିତ୍ରପଟ୍ଟରୁ ଆତିଥ୍ୟର ମହାର୍ଘ୍ୟ ମୁହୂର୍ତ୍ତକୁ ମୂଲ୍ୟାଙ୍କନ କରନ୍ତି। କିଛି ବୁଝିନପାରି ତାରିଫ୍ ବି କରିପାରନ୍ତି। ୱା... ୱା... କଲାବେଳେ ଚିତ୍ରପଟ୍ଟରୁ ଜୀବନ ଜୀବିକା ବଖାଣକୁ ବୁଝିପାରନ୍ତି ବୋଲି କିଛିବି ଗ୍ୟାରେଣ୍ଟି କେହି ଦେଉପାରିବ ନାହିଁ। ସେଠି ସୁମନ୍ତ ପରି ଚିତ୍ରକର ମାନଙ୍କ ଗଭୀରପଣ ଆହାତ ହୁଏ କି? ବିକ୍ରି ପରେ ହୁଏତ ଜୀବନ ଜୀବିକାରେ ନିଜ ସଂସାର ପାଖରେ ଦୁର୍ବଳ ହୋଇ ଯାଉଥିବା ସୁମନ୍ତମାନେ ଖର୍ଦ୍ଦିବାଲାକୁ ବଳପୂର୍ବକ ଦାବି କରି କହିପାରନ୍ତି ନାହିଁ ଆମେ ଶୋଷଣ ବଖାଣିଚୁ... ଶୋଷଣ ତୁମ ସୌଖିନପଣ ନୁହଁ!

ଚିତ୍ରପଟ୍ଟ ମଉଛବ ରାଜଧାନିରେ କିଛି ନୂଆଁ ଘଟଣା ନୁହେଁ।

ନୂଆଁ ମୋ ପାଇଁ! ଏଥି ପାଇଁ ଯେ ଅନେକଦିନ ପରେ ସୁମନ୍ତର କଥା ମୋତେ ଆନ୍ଦୋଳିତ କରିଥିଲା ତ କିଛି କାମର ବାହାନରେ ରାଜଧାନୀ ବାହାରି ଯିବାରେ ଆଉ କଳାକାରିଗରୀଠୁଁ ସୁମନ୍ତ ପରି ଚରିତ୍ରକୁ ଖୋଜିପାଇବାରେ ମୋର ଆଗ୍ରହ ବେଶୀଥିଲା।

ସୌଖିନ କଳାକୃତୀରେ ହଲ୍‌ଭର୍ତ୍ତି। ଦାମି ଦର୍ଶକ କଳାନୈପୁଣ୍ୟ ଚିତ୍ରପଟ୍ଟରୁ ଯେମିତି ନିଜ ଭାବନାକୁ ବତୁରାଇ ଦେଉଛନ୍ତି। ଢ଼େର ଧନିକ ଶ୍ରେଣୀର କଳାପ୍ରେମୀ ଚିତ୍ରପଟ ଖର୍ଦ୍ଦି କରିବା ପାଇଁ ଆଗ୍ରହୀ ଥିବା କିଛି ନୂଆଁ କଥା ନଥିଲା। ମୁଁ ମାତ୍ର ସେଠି ସୁମନ୍ତ ପରି ଚିତ୍ରକରକୁ ଖୋଜି ପାଇଲି ନାହିଁ। ସୁମନ୍ତ ପରି ଚରିତ୍ରମାନେ ବୋଧେ ଏ କଳା ପ୍ରଦର୍ଶନୀ ପରି ଆଭିଜାତ୍ୟ ହଲ୍ ଭିତରେ ନିଜକୁ ନ୍ୟୁନ ମନେ କରନ୍ତି କିମ୍ବା ସେମାନଙ୍କୁ କେହି ଲୋଡ଼େ ନାହିଁ!

ଶେଷ ଥର ପାଇଁ ଚତୁର୍ଥ ଦିନ ବି ତାକୁ ତଲାସ କରିଥିଲି ମାତ୍ର ନା... ମୋ ଭାବନାକୁ ଢ଼େର ପଛକୁ ଠେଲି ଦେଇ ସୁମନ୍ତ ଆଉ ଆସୁନଥିଲା କି ଆଙ୍ଗୁଠି ବଢ଼ାଇ ମୋତେ ବଖାଣୁ ନଥିଲା – ହେଇ ଦେଖ୍ ଏ ଯୁ ରାଜା ସାହେବ ଗୁଳି ମାରିଦେଇପାରେ ବାଘକୁ। ନାଇଁତି ମଣିଷକୁ ବାଘ ଖାଇବା ନିଶ୍ଚିନ୍ତ!

ତେବେ କ'ଣ ସୁମନ୍ତ ସଫଳ ଚିତ୍ରକର ନଥିଲା ନା ଚିତ୍ରକାରତାକୁ ପେଷା କରି ପେଟ ପୋଷିବା ତା'ପାଇଁ ଭାରି ପଡ଼ିଗଲା!

ପଶ୍ଚିମାଞ୍ଚଳର ସେଇ ଛୋଟଟେ ସହରକୁ କାମରେ ଯାଇଥିବା ବେଳେ ରାସ୍ତାଜାମ୍। ମୁଁ ଜଣକୁ ପଚାରିଲି – ରାସ୍ତାଜାମ୍ କାହିଁକି? ଲୋକଟା କହିଲା – ଚାଷୀ ଆନ୍ଦୋଳନ ଚାଲିଛି ଆଜ୍ଞା! ହଁ ସର୍କାରୀ କଳର ଚାକିରୀ କରିଥିବା ସ୍କୁଲ ମାଷ୍ଟର, ଆଶା କର୍ମୀ, ଅଙ୍ଗନଓବାଡ଼ି କର୍ମୀ, ଅମଲା, କିରାଣୀ, ଗ୍ରାମରକ୍ଷୀ, କନେଷ୍ଟବଳ, ବନରକ୍ଷୀ ସମସ୍ତେ ଆନ୍ଦୋଳନ କରିପାରିବେ ତେବେ ସାରାଦେଶର ପେଟକୁ ଦାନା ଯୋଗାଉଥିବା ଚାଷୀ କାହିଁକି ନୁହେଁ ଆଜ୍ଞା? ତା' ଉତ୍ତରରେ ମୁଁ ମୁଣ୍ଡ ତଳକୁ କରି ପିଚୁ ରାସ୍ତାରେ କିଛି ଖୋଜିବାର ଅଭିନୟରେ ତା'ଠୁ ମୁହଁ ଫେରାଇଲି।

ଚାଷୀ ଆତ୍ମହତ୍ୟା ଆମ ରାଜ୍ୟ କ'ଣ ଦେଶରେ ବି କିଛି ଗୋଟେ ନୂଆ ଘଟଣା ନଥିଲା। ଅନ୍ୟାନ୍ୟ ଆନ୍ଦୋଳନ ପରି ଚାଷୀ ଆନ୍ଦୋଳନକୁ ଗୁରୁତ୍ୱ ଦିଆଯାଏ ନାହିଁ ସବ୍‌ସିଡ଼ି ଭାବରେ ଯାହା ମିଳେ ତାହା ଗଳାବାଟ ଦେଇ ଅସାଧୁ କର୍ମଚାରୀ ଆଉ କମ୍ପାନୀ ମାନଙ୍କ ପକେଟ୍‌କୁ ସିଧା ସଳଖ ଯାଏ। ଆମେ ଜାଣୁ ମାତ୍ର ପ୍ରତିବାଦ ନଥାଏ। ଅନେକ ଚାଷୀ ଏହାର ଟେର୍ ସୁଦ୍ଧା ପାଇପାରନ୍ତି ନାହିଁ।

ଚା'କପେ ଅର୍ଡ଼ର୍ କରି ସିଗାରେଟ୍‌ରେ ନିଆଁ ଲଗାଇ ଦିପୁଳା ଟାଣିଲି। ଶୀତ ଶୀତ ଲାଗୁଥିଲା ପରିବେଶ। ଆଗକୁ ଧାନ ଅମଳର ସମୟ। ଶୀତକୁ ବେଖାତିର କରି ଚାଷୀ ନିଜର ସ୍ୱାଭାବିକ ମୂଲ୍ୟ ଧାର୍ଯ୍ୟ ପାଇଁ ରାଜରାସ୍ତାରେ! ଆଗ ଏମିତି ନଥିଲା ତ! ହଠାତ୍ ମୋଠୁଁ କେହି ଜଣେ ସିଗାରେଟ୍ ଟାଣି ନେଉଚି! କିଏ ସେ?

ସୁମନ୍ତ! ମୁଁ ଭାବୁକ ହୋଇଗଲି। ଆଖି ବୋଲ ମାନିଲା ନାହିଁ। ଆଗରେ ଧୋତି କୁର୍ତ୍ତା ଆଉ କାନ୍ଧରେ ଗୋଟେ ଗାମୁଛା, ମୁହଁରେ ଦାଢ଼ୀ। ସେ ଚାଷୀ... ଚାଷୀ ନେତା ସୁମନ୍ତ। ଚିତ୍ରକର ସୁମନ୍ତ ଏଠି ନଥିଲା ବୋଧେ, ନହେଲେ ସେ ପ୍ରଗଳଭତା କାହିଁ ତା' ଆଖିରେ?

ଯୁବ ସୁଲଭ ଉଦ୍ଦାମତାରେ ପ୍ରଖର ନଈ ସୁଅ ପରି କଥା ହେଉଥିବା ସେବର ସୁମନ୍ତ ଏ ନୁହଁ ନିଶ୍ଚୟ! ଚା'କପେ ବଢ଼ାଇଲି ତାକୁ। ସ୍ୱାଭାବିକ... ସେ ଖୁବ୍ ସ୍ୱାଭାବିକ ଥିଲା ଯେମିତି ଆମ ଭିତରେ ସମୟ ଗୋଟେ ପାଚେରୀ ନୁହେଁ!

ମୁଁ କହିଲି – ହେ ଚିତ୍ରକର ତୁମେ କ'ଣ ଚିତ୍ର ଆଙ୍କିବା ଛାଡ଼ି ଦେଇଚ? ସେ ଠୋ ଠୋ ହସିଲା ଯେମିତି ସେ ପ୍ରଗଲ୍‌ଭ ତେଇଶ ବର୍ଷର ସେଇ ସୁମନ୍ତ ନୁହେଁ। ସେ ଆନ୍ଦୋଳନରେ ବସିଥିବା ଚାଷୀମାନଙ୍କ ଆଡ଼କୁ ହାତ ବଢ଼ାଇ ଦେଖାଇ ଦେଲା, କହିଲା – ଏଇ ସବୁ ଜୀଅନ୍ତା ଚିତ୍ର ତିଆରିଚି ମୋ ନିଜ ହାତରେ। ବ୍ଲକ୍ ଘେରାଉ କରିଚି, କୃଷି ଅଫିସ୍ ଘେରାଉ କରିଚି। ମିଲ୍ ମାଲିକ ଆଉ ଦଲାଲମାନଙ୍କ ମଧୁଚନ୍ଦ୍ରିକା ବିରୁଦ୍ଧରେ ସ୍ୱର ଉଠାଇ ଜନମତକୁ ଶକ୍ତିଶାଳୀ କରିଚି। ପାରମ୍ପରିକ ଖତ ଉପଯୋଗ ପାଇଁ ତାଲିମ ଦେଉଚି। କେବଳ ଧାନ ନୁହେଁ ପନିପରିବା ଆଉ ବଜାର ଉପଯୋଗୀ ଶସ୍ୟ ଉତ୍ପାଦନ ପାଇଁ ସଚେତନତା ସୃଷ୍ଟି କରିଚି। ହଁ ମୁଁ ନେତୃତ୍ୱ ନେଇଚି ମାତ୍ର ନେତା ହେବାକୁ ଚେଷ୍ଟା କରିନାହିଁ। ମୁଁ ଚିତ୍ର ଆଙ୍କିଚି ମାତ୍ର କାନ୍‌ଭାସ୍ ଉପରେ ନୁହେଁ ସମାଜ ଉପରେ! ସେବର ରାଜ ଅହଂକାରର ଚିତ୍ରକୁ ଅନ୍ତତଃ ବଦଳାଇ ଦେଇ ପ୍ରଜାର ସ୍ୱାଭିମାନ ପାଇଁ ଚିତ୍ର ଆଙ୍କୁଚି। ସେ ପ୍ରସ୍ତାବ ଦେଲା ଆଜି ରହିଯା, ଗାଁ ଆଡ଼େ ବୁଲି ଆସିବୁ, କାଇଁ ତିରିଶ ବର୍ଷ ପରେ ଦେଖା।

ତା' ଗାଁ ଉଦନ୍ତୀ ନଈର କୂଳକୁ ଲାଗିଚି। ସେଠୁ ଝାଡ଼ ଜଙ୍ଗଲ ଡଙ୍ଗର ଯାଏ ଲମ୍ବିଥିଲା। ଅବକ୍ଷର ଜଙ୍ଗଲ ସୁମନ୍ତକୁ କମ୍ କ୍ଷତାକ୍ତ କରୁନଥିଲା। ତା' କାନ୍‌ଭାସ୍‌ରେ ସେ ଉତାରିଥିଲା ଏମିତି ଗୁଡ଼େ ଉଜୁଡ଼ା ସଭ୍ୟତାର କଥା! ସେଇ ଗାଁକୁ ଆଉଥରେ ପାଖରୁ ଅନୁଭବିବାକୁ ଇଚ୍ଛାତ ପ୍ରବଳ ଥିଲା ଆଉ ଥିଲା ବି ସୁମନ୍ତ ପରି ଏକଦା ଘନିଷ୍ଠଥିବା ସାଙ୍ଗର ଆମନ୍ତ୍ରଣ!

ଆମେ ପହଂଚିଲା ବେଳକୁ ସଂଜ ତଥାପି ଘଞ୍ଚ ହୋଇନଥିଲା। ଉଦନ୍ତୀର ସରୁଧାର ପାଣି ପାଖରେ ସଂଜ ଲଟଉଥିଲା ଷୋଡ଼ଷୀଟେ ପରି। ଗାଁ ପରିମଳ ଧୋବା ତୁଠରୁ ପରି ମୋତେ ଦେଖାଗଲା ଗାଁ ଚାରିପଟ ଗୋଟେ ସବୁଜ ବଳୟ! ସେଠୁ ଡଙ୍ଗର ଯାଏ ଲମ୍ବିଚି ଗୋଟେ ଗାଢ଼, ଘଞ୍ଚ ସବୁଜିମା। ଅଳ୍ପ ସଂଜର ଅନ୍ଧାର ଡ଼ଙ୍ଗର ପାଖ ଜଙ୍ଗଲକୁ ଆହୁରି ମୁଗ୍ଧ କରୁଥିଲା ଆହୁରି ମହୁଆ କରୁଥିଲା। ସୁମନ୍ତ ହାତ ବଢ଼ାଇ ଦେଖାଇ ଦେଲା – ହେଉ ଦେଖ୍ ଆକାଶର ଠିକ୍

ତଳକୁ ମାଇଁସଂଜର କାନ୍‌ଭାସ୍ ଉପରେ ଏ ମୋର ଜୀବନ୍ତ ଚିତ୍ରପଟ ! କୁହ କେଉଁ ଚିତ୍ରକର ଆଜିଯାଏ ଆଙ୍କିଚି ? କିନ୍ତୁ ମୁଁ ଆଙ୍କିଚି... ଆଙ୍କିପାରିଚି !

ଏ୍ୱ ଦେଖ୍ ନଇ ତୁଠ ପାଖରେ ପଞ୍ଚାୟତ ଅନୁଦାନରେ ତିଆରିଚି ପାହାଚ । ଏଠି ବୋହୂ ଭୁଆସୁଣି ଗାଧୋଇବା ପାଇଁ ଆଙ୍କି ଦେଇଚି ନଈର ଧାର ପାଖରେ ଷୋଡ଼ଶୀର ପାଦ ଘଷିବା ପାଇଁ ତୁଠ ପଥର ! କୁହ ଏ୍ୱଟା କ'ଣ ଚିତ୍ର ନୁହେଁ ?

ଆମେ ଯଦି ପ୍ରକୃତିକୁ ତା'ଢ଼ଙ୍ଗରେ ବଞ୍ଚାଇପାରିବା ତ ମଣିଷ ପାଇଁ ଆଉ କେବେ କାଗଜର କାନ୍‌ଭାସ୍ ଉପରେ ଭୋକର ଚିତ୍ରଟିଏ ଆଙ୍କିବାକୁ ପଡ଼ନ୍ତା ନାହିଁ !

ଗାଁ କୁ ଗାଁ ହେବାକୁ ଦିଆଗଲେ ଆମେ ଲାଳସାରେ ସହର ଧାଆନ୍ତେ ନାହିଁ । ରାଜନୀତିକୁ ଜନନୀତି କଲେ ଅଯଥା କ୍ଷମତା ପାଇଁ ଲଢ଼େଇଟେ ଲଦିଦିଆ ଯାଆନ୍ତା ନାହିଁ ସମାଜ ଉପରେ । ଜଙ୍ଗଲ, ଡଙ୍ଗର, ଝରଣାକୁ ବିକିଦିଆ ଯାଆନ୍ତା ନାହିଁ କମ୍ପାନୀର କପଟ ଚକବ୍ୟୁହ ପାଖରେ । ପଦପଦବୀଟିଏ ରୁହନ୍ତା, ମାତ୍ର ପରସ୍ପର ଲଢ଼େଇଟେ ଲଢ଼ନ୍ତେ ନାହିଁ ମଦମାଂସ, ଟଙ୍କାର ପ୍ରଲୋଭନରେ । ମୁଁ ଚେଷ୍ଟା କରିଚି ନିଜ ଗାଁକୁ ସଜେଇବା ପାଇଁ । ମାତ୍ର ମନେରଖ ମୁଁ ଶେଷ ସଂଗ୍ରାମୀ ନୁହଁ ନିଶ୍ଚୟ ! ମୁଁ କେବଳ ନିଅଟିଏ ଖୋଳିଚି ମାତ୍ର । ସେଇ ନିଆଁ ଉପରେ ମନ୍ଦିରଟେ ତିଆରିବା ଏତେ ସହଜ ନୁହେଁ ।

ତା'ଘରେ ପହଞ୍ଚିଲା ବେଳକୁ ଘଞ୍ଚ ଅନ୍ଧାର ନେସୀ ହୋଇଯାଇଚି ଅଗଣା । ସେ ଘରର ତାଲା ଖୋଲିଲା । ମୁଁ ଆଶ୍ଚର୍ଯ୍ୟ ହେଲି ! ସେ କ'ଣ ସଂସାରଟିଏ ଗଢ଼ିପାରିନାହିଁ । ସେଇ ଯେ ମନ୍ଦିର ଭାସ୍କର୍ଯ୍ୟକଳାରୁ ପ୍ରେମର ଉଚ୍ଚାରଣ ଖୋଜୁଥିବା ଚିତ୍ରର ସୁମନ୍ତ କ'ଣ ବୈରାଗୀ ହୋଇଯାଇଚି ଯା ଭିତରେ ?

ସେ ଚ'ବସାଇଲା । ମୁଁ ସିଗାରେଟ୍ ଖଣ୍ଡେ ବଢ଼ାଇଲି ତା ଆଡ଼କୁ । ହସିଦେଇ ମନା କରିଦେଲା, କହିଲା – ନାରେ ଭାଇ ନା ନିଶାଠୁଁ ମୁଁ ବେଶ ଦୂରରେ । ହଁ ବ୍ୟସ୍ତ ହେବୁ ନାହିଁ ଭଉଣୀକୁ ଗାଁରେ ବାହା ଦେଇଚି । ତାକୁ ଫୋନ୍ କରି ଜଣାଇ ଦେଉଚି ତୁ ଆସୁଛୁ । ଖାଇବା ସେ ନେଇଆସିବ ।

ମୁଁ ପଚାରିଲି – ଆଉ ତୋ ସଂସାର ? ସେ ଚ'କପ୍‌ରେ ଗୋଟେ ସୁଡ଼କା ଦେଇ କହିଲା – ପରିବାର ଜଂଜାଳ ଆଉ ସମାଜର ବସ୍ତୁବାଦୀ ଚିନ୍ତାଧାରାରେ ଅତିଷ୍ଠ ମୁଁ ସଂସାରର ଚିତ୍ର ଆଙ୍କିପାରିଲି ନାହିଁ । ଏମିତି ନୁହେଁ ଯେ ମୁଁ ଚାହିଁ ନଥିଲି, ମାତ୍ର ନିଜ ଭାବିବା ଆଉ ସଫଳ ଚିତ୍ରଟେ ଆଙ୍କିବା ସହଜ କଥା ନଥିଲା ମୋ ପାଇଁ ।

ମନେଅଛି ରାଜଧାନୀର କେଉଁ ଗୋଟେ ସାଧାରଣ ଚିତ୍ର ପ୍ରତିଯୋଗିତାରେ ଭାଗ ନେଉଥିବା ସୁପ୍ରଭା ସହ ପ୍ରଥମ ପରିଚୟ ପ୍ରେମରେ ବଦଳିଯାଇ ମାଟିତଳୁ ଗଜାଟେ ହେଇଥିଲା, ମାତ୍ର ପତ୍ର ମେଲି ଆଗକୁ ବଢ଼ିପାରିଲା ନାହିଁ । ସେ ଭେଟାଇଥିଲା କିରାଣୀ ଚାକିରୀ କରିଥିବା ତା ବାପାଙ୍କ ସହ । ଭଦ୍ରଲୋକ ଜଣକ କଳାକୁ ବେଶ ସମ୍ମାନ କରି ଜାଣିଥିଲେ, ହେଲେ ଅଜଣା ଆତଙ୍କରେ ଆତଙ୍କିତ ତାଙ୍କ ଭାଷାରେ ଉଦ୍‌ବେଗ ଥିଲା – ଏ ସାଧାରଣ ଚିତ୍ରକର କ'ଣ ସଫଳ ଦାମ୍ପତ୍ୟଟେ ତୁଲାଇପାରିବ !

ବାବନପତା ତାସ୍ ପରି ମୁଁ ଅଜଣାତରେ ଫେଣ୍ଟି ହୋଇଯାଇଥିଲି ନିଜ ଭିତରେ ନିଜେ । ଏମିତି ନୁହେଁ ଯେ ଭଦ୍ରଲୋକ ଜଣକ ମିଛ କହିଥିଲେ । ଘରେ ବି ଏମିତିରେ ଭଉଣୀଟେ ବି ଅବିବାହିତ, ବାପା ଆଉ ଚାଷକୁ ପାରୁନଥିଲେ, ମା ଆଜନ୍ମ ରୋଗିଣୀଟେ । ମୁଁ ହଠାତ୍ ଚିତ୍ରକରର ଭ୍ରମରୁ ମୁକ୍ତ ହୋଇ ରାୟପୁର ଚାଲିଗଲି କିଛି ରୋଜିରୋଟିର ତଲାସରେ ଯେମିତି ଆମ ଏଠୁ ଅନେକ ରାୟପୁରକୁ ହିଁ ରୋଜଗାରର ସହଜ ଆଉ ସରଳ ଉପାୟଟେ ବୋଲି ଧରି ନେଇଥାନ୍ତି । ସମୟର ସାଧାରଣ ଗତିଠାରୁ ମୁଁ ବି ଦୂରେଇ ଯାଇନଥିଲି ।

ସମ୍ବଲପୁରର ସନାତନ ସହ ଦୋସ୍ତି ହୋଇଥିଲା । ବିରାଟ ଗୋଟେ ମାଲଗୋଦାମରେ ଗୁମାସ୍ତଗିରି । ମଦ, ମାଂସ, ତଳବସ୍ତିରେ ପଶିବା, ସିଗାରେଟ୍ ଟାଣିବା, ସିନେମା ଦେଖିବାରେ କେଉଁଠି ଖୁବ୍ ପଛରେ ରହିଗଲେ ମୋ ଗାଁ ଉଦନ୍ତୀ ନଈର ସରୁଧାର, ଶୀତଶୀତ ସଂଜ, କାନ୍‌ଭାସ୍‌ରେ ମେଞ୍ଚାଏ ରଙ୍ଗରେ ଆକାଶ, ଜହ୍ନ, ଷୋଡ଼ସୀର ଛାତି ପାଖ ଆଙ୍କିବାର ପ୍ରଗଲ୍ଭପଣ ! ମନେ ବି ରହିଲା ନାହିଁ ମୋ ମନ ଭିତରର ଚିତ୍ରକର ସୁପ୍ରଭାପରି ସମ ଚିନ୍ତାଧାରାର ଝିଅଟିଏ ସହ ପ୍ରେମ ଆଉ ପରିଚୟର ସେଇ ଛୋଟଟେ ସହରର ଅଳ୍ପକିଛି ଭିଜାଭିଜା ଅନୁଭବ !

ସେ ଲେଣ୍ଡେ ଛେପ ପକେଇଲା । କହିଲା – ଏବେ ପରି ସେବଳକୁ ମୋବାଇଲ ତ ନଥିଲା । ମୁଁ ଭୁଲିସାରିଥିଲି, ମୋତେ କିଛି ନୀରିହ ନିଜର ମଣିଷ ଅପେକ୍ଷା କରିରହିଛନ୍ତି । ସେଇମାନେ ମୋ ବାପା, ମା, ଭଉଣୀ, ଯାହାର ଖବର ମୋ ପାଖରେ ଆଦୌନଥିଲା । ସେମାନେ ମାତ୍ର ଖୋଜୁଥିଲେ, ଖବର ଦେଉଥିଲେ । ମୁଁ ମୂର୍ଖ ତଉଳିପାରିଲି ନାହିଁ ଭଲ ପାଇବାର ମହାର୍ଘ୍ୟ ଅନୁଭବକୁ ।

ଗାଁକୁ ଫେରି ଦେଖେତ ବାପା ଶେଷ ସମୟର ଅପେକ୍ଷାରେ । ଭଉଣୀର ବିବାହ ସମୟ ଗଡ଼ିଯାଇଚି ଆଉ ମା'ଅସହାୟ ଭାବରେ ବାରଣ୍ଡାରେ ବସି ସଂଜ ଆକାଶର ତାରାକୁ ଚାହିଁଚି ।

ମୁଁ ଆଉ ଫେରିଗଲି ନାହିଁ ରାୟପୁର ସହରର ସେଇ ଅନ୍ଧଗଳିକୁ ଯେଉଁଠି ପହଁଚିଗଲେ ଆଉଥରେ ମୁକ୍ତିର ବାଟ ଖୋଜିହୁଏ ନାହିଁ । ସନାତନ ଆସିଥିଲା ଫେରାଇ ନେବାକୁ ନହେଲେ ସେଠ୍ ଧମକ୍‌ପୂର୍ଣ୍ଣ ଚିଠି ପଠାଇଥିଲା ତା ଅଗ୍ରୀମଟଙ୍କା ସୁଜିଦେବା ପାଇଁ ।

ଦବି ଯାଇନଥିଲି ମୁଁ, ମୋ ନିଜ ମାଟିରେ । ସନାତନକୁ କେସିଙ୍ଗା ଷ୍ଟେସନ୍‌ରେ ଛାଡ଼ି ଆସିଲା ବେଳକୁ ମୁହଁ ସଂଜରେ ବାପା

ଆଉ ନଥିଲେ। ନା... ମୋ ଆଖିରୁ ଟୋପେ ବି ଲୁହ ନିଗାଡ଼ି ଦେଇନଥିଲି। ମୁଁ ଜାଣୁଥିଲି ସାରାଟା ପରିବାରର ବୋଝ ମୋତେ ହିଁ ମୁଣ୍ଡ ଉପରକୁ ଉଠାଇ ନେବାକୁ ହେବ।

ଅଣ୍ଟା ସଳଖି ଠିଆ ହୋଇଥିଲି। ନିଜ ଜମି, ନିଜ ପରିବା ଚାଷ ନିଜେ ସମ୍ଭାଳିଲି। ଜୀବନରେଖା ପରି ଅମୃତ ଝରାଉଥିବା ଉଦନ୍ତୀର ପାଣିକୁ ନେଇ ସ୍ୱପ୍ନ ଦେଖିଲି। ବରାବର ଚିତ୍ର ଆଙ୍କିଲି। ପ୍ରଥମଚିତ୍ର ଆଙ୍କା ଆରମ୍ଭ କଲି ମାର ଚିକିତ୍ସାରୁ। ତା'ପରେ ଗାଁରେ ନିଜ ଭାବନା ସହ ମେଳ ଖାଉଥିବା ଜଗତାନନ୍ଦକୁ ଭଉଣୀ ସହ ବାହାଦେଲି। ସେଇଟା କ'ଣ ସଫଳ ଚିତ୍ର ନଥିଲା ?

ଉଜୁଡ଼ି ସାରିଥିବା ଜଙ୍ଗଲକୁ ସଜାଡ଼ିଲି। ଗାଁରୁ ମଦକୋଠୀ ହଟେଇ ଲାଇବ୍ରେରୀ ତିଆରିଲି। ସୀମାନ୍ତର ଏ ଶେଷ ଗାଁକୁ ଆସୁନଥିବା ସ୍କୁଲମାଷ୍ଟ୍ର ମାନଙ୍କୁ ନିୟମିତ ଆସିବାକୁ ତାଗିଦ୍ କଲି। ଘରଘର ବୁଲି ପିଲାଙ୍କୁ ସ୍କୁଲ୍ ପଠାଇଲି। କୁହ ଏଟା କ'ଣ ଚିତ୍ର ନୁହେଁ? ଆଙ୍କିଥିବା ସମସ୍ତ ଚଳମାନ ଚିତ୍ର ମୋ ଜୀବନର ତମାମ ସମୟକୁ କୋଳାହଳମୟ କରିଦେଇଛନ୍ତି। ଆଉ କ'ଣ ଲୋଡ଼ା ଯେ?

କିଛି ନିଜ ପାଇଁ ଆଉ ଚିତ୍ର ଆଙ୍କିପାରିଲି ନାହିଁ। ସଚ୍ଚା ଚିତ୍ରକରଟିଏ ଅନ୍ୟର ଜୀବନ ଯନ୍ତ୍ରଣାକୁ ରୂପ ଦେଲା ବେଳକୁ, ଅନ୍ୟର ତ୍ୟାଗ, ପ୍ରେମକୁ ତୂଳୀରେ ଆଙ୍କିଲା ବେଳକୁ ସଫଳ ଚିତ୍ର ପରିପ୍ରକାଶ ପାଇଁ ନିଜ କଥା ନିଜ ବ୍ୟାଥା କେଉଁ ବଖାଣୀପାରେ ଯେ! ମୁଁ ପାରିଲି ନାହିଁ। ସୁପ୍ରଭା ଯେ ମୋ କଥା ଭାବୁ ନଥିଲା ତା' ନୁହେଁ। ବାପା ଚାଲିଯିବା ପରେ ତାଙ୍କ କୋଠରୀର କାଠ ଆଲମିରା ଭିତରେ ବନ୍ଦ ଲଫାପାରେ କେତେ ଯେ ଚିଠି ସୁପ୍ରଭାର ସେମିତି ରହିଯାଇ ସମୟରେ ଅଦୌତୀରେ ନଷ୍ଟ ହେବା ଅପେକ୍ଷାରେ ଥିଲା ସେ କଥା କାହାକୁ କହିପାରିନାହିଁ। କିଛି ପଢ଼ି ହେଉଥିଲା ତ କିଛି ଅକ୍ଷର ଲିଭି ସାରିଥିଲା ସମୟ ସହ! ସ୍ମୃତି ପାଇଁ ସେସବୁକୁ ସାଇତି ରଖିନାହିଁ। ଏ୍ୱଥିପାଇଁ ଯେ ସେ ସବୁ କେଉଁ ମୁହୂର୍ତ୍ତରେ ମୋତେ ଦୁର୍ବଳ କରି ନଦିଅନ୍ତୁ! ଉଦନ୍ତୀର ବହମାନ ଜଳପ୍ରବାହରେ କେଉଁ ଦିନୁ ସେ ସବୁ ବିସର୍ଜି ଦେଇଚି, ସେଦିନର ତିଥି କି ବାର ମନେରଖିବାର ଆବଶ୍ୟକତା ଅନୁଭବ କରିନାହିଁ। ନା... କେବେବି ନୁହେଁ!

ମା'ଚାଲିଗଲା ପରେ ଏକୁଟିଆ ଜୀବନ ଆହୁରି ବେଶୀ କୋଳାହଳମୟ ହୋଇଗଲା, ଆହୁରି ବେଶୀ ଚିତ୍ର ମନସ୍କ କରିଦେଲା ମୋତେ। ନିଜ ଗାଁ, ନିଜ ଗାଁ ଜଙ୍ଗଲ, ନିଜ ଗାଁ ପାହାଡ଼ରୁ ଆରମ୍ଭ କରିଥିବା ଏ ଚିତ୍ର ମୁଁ ପାଖ ଗାଁରେ ଆଙ୍କିବାର ଉପକ୍ରମରେ ନିଜକୁ କେବେଠୁଁ ଭୁଲିସାରିଥିଲି ମନେ ନାହିଁ। ଆଲମିରା ଭିତରେ ଧଳାଉଇର ଅଦୌତୀକୁ ସଫା କରୁକରୁ ସୁପ୍ରଭାର ସବୁତକ ସ୍ମୃତି କେବେଠୁଁ ମରିହଜି ଯାଇଥିଲା ସତକହୁଚି ଆଦୌ ମନେ ହିଁ ନଥିଲା।

ହେଲେ ଏ୍ୱ ଆରବର୍ଷ ତା'ର ଚିଠିଟିଏ ଆଉ ଚିତ୍ରପଟଟିଏ ରେଜିଷ୍ଟ୍ରୀ ଡାକରେ ପାଇଲା ପରେ ହୁଏତ କିଛି ସମୟ ମୋତେ ସ୍ୱପ୍ନ ମନସ୍କ କରିପକାଇଥିଲା। ଭାବିଥିଲି ସୁପ୍ରଭା ସତରେ କଣ ସାଇତିପାରିଚି ମୋତେ ତା ଚିତ୍ରକରର ହୃଦୟ ଭିତରେ ଏତେଦିନ...। ନହେଲେ କେମିତି ଆଙ୍କିପାରିଲା ମୋର ଏବେର ଚିତ୍ରଫଟୋ ପୁରା ନିଖୁଣ ଭାବରେ।

ଚିତ୍ର ଫଟୋ ଟା ଅବିକଳ ମୋରି ଏଇ ଚେହେରା। ପ୍ୟାଣ୍ଟ ଉପରେ ଧଳା ସାର୍ଟ, ଖୁଆଁଖୁଆଁ ଦାଢ଼ୀ ସାଲୁବାଲୁ ମୁହଁ, ଅଲରା କେଶ ବିନ୍ୟାସ। ସବୁ ଠିକ୍ 'ମୁଁ'ପରି! କେମିତି ଆଙ୍କିପାରେ ଗୋଟେ ଚିତ୍ରକର ଅନୁଭବରେ କେବଳ?... କେମିତି ?

ଚିଠିଟା ପଢ଼ିବା ଆରମ୍ଭ କଲି ମୁଁ।

କେମିତି ଅଛ ସୁମନ୍ତ ? ତମେ ସଫଳ ଚିତ୍ରକରଟେ ହୋଇପାରିଲ, ମୁଁ ପାରିଲି ନାହିଁ। ସୌଖିନ ଚିତ୍ରକରର ଖେଳ ଭିତରେ କେଇଟା ହାତର ତାଳିମାଡ଼, ଆଉ ୱାଃ, ୱାଃରେ ମୁଁ ପ୍ରଗଳ୍ଭ ହୋଇଥିଲି। ତମେ କହିପାର ମୁଁ ମାଚ୍ୟୁଆର୍ଡ଼ ନଥିଲି... ପୋଖତ ନଥିଲି ଚିତ୍ର ଆଙ୍କିବାରେ! ମୁଁ ଯେଉଁ ଲାଳସାରୁ ମୁକୁଳି ପାରିନଥିଲି ତୁମେ ଖୁବ୍ ସହଜରେ ସେ ପଦ ପ୍ରତିଷ୍ଠାଠୁ ନିଜକୁ ମୁକୁଳାଇ ଦେଇ ଗାନ୍ଧୀ ହୋଇଗଲ ନିଜେବି ଜାଣିପାରିଲନି। ତୁମ ଚେହେରା ଟି.ଭି.ରୁ ଦେଖି ଚିହ୍ନି ପକାଇଥିଲି! ସେଇ ମ ତୁମ ଜିଲ୍ଲାର ସଦର ମହକୁମାରେ ଯେଉଁ ଚାଷୀ ଆନ୍ଦୋଳନ କରି ନେତୃତ୍ୱ ନେଇଥିଲ। ଆଗଠୁଁ ଏବେ ଖୁବ୍ ଦମ୍ସିଲା ଦିଶୁଚି ତୁମ ମୁହଁ, ଉଚ୍ଚା କପାଳ। ଦାଢ଼ୀ ଗୁଡ଼ା ତୁମକୁ ଖୁବ୍ ମାନୁଚି ଯା ଭିତରେ। ତୁମ କହିବା ଶୁଣୁଥିଲି – ତୁମେ ନେତୃତବ ନେଇଚ ମାତ୍ର ନେତା ନୁହେଁ!

ସଂସାର କରିପାରିଲ ନା ନାହିଁ ଜଣାନାହିଁ ମୋତେ। ଯଦିବି ହୋଇଥାଅ ବୁଝାଇଦେବ ତୁମ ସ୍ତ୍ରୀକୁ ମୁଁ ତୁମର ପ୍ରେମିକା ନଥିଲି କି ତୁମକୁ ଭଲ ପାଉନଥିଲି କେବଳ ତୁମ ଚିତ୍ରର ପ୍ରେମରେ ପଡ଼ିଥିଲି। ଏ ଅଧୋଡ଼ ବୟସରେ ଅବଶ୍ୟ ଏ ସୁନ୍ଦରତାର ଆଉ ମାନେ କିଛି ନଥାଏ। ତୁମେ ଆଙ୍କୁଥିବା ଏର ଚିତ୍ର ମୁଁ ନୁହେଁ ନିଶ୍ଚୟ, ଚିତ୍ର ଆଉ ଚରିତ୍ରମାନଙ୍କୁ ଅତିକ୍ରମୀ ଯାଇ ତୁମେ ଅଜଣାତରେ ସନ୍ଥ ହୋଇଯାଇଚ, ତୁମେ ବି ଜାଣିପାରିନ!

ସନ୍ଥମାନେ ଆଉ କ'ଣ କି? ପୂଜା, ପାଠ, ଦେଉଳ ତୋଳା, ଭୋଜବାଜି ବିଦ୍ୟା, ସର୍ବତ୍ୟାଗୀ ବୋଲାଇ ଭୋଗରେ ବୁଡ଼ି ରହିଥିବା ତଥାକଥିତ ମାୟାଜାଲର ମହାମହିମକୁ ସନ୍ଥ କୁହାଯାଏ ନାହିଁ। ଗାନ୍ଧୀ ଗୋପବନ୍ଧୁଙ୍କୁ ଆମେ ସନ୍ଥ କହିବା କିନ୍ତୁ ଆଜିର ଏ ଭଣ୍ଡବାବା ମାନଙ୍କୁ ଜମା ନୁହଁ ନା?

ତୁମେ ମାତ୍ର ହୋଇପାରିଚ। ସଂସାର ନ କରିବି ଗୋଟେ ବିରାଟ ସଂସାର ତୁମ ପଛରେ ଆତୁଆଳ ହେଇ ଠିଆ ହୋଇଥିବା ମୁଁ ଅନୁଭବ କରିପାରିଚି। ମାଟି କାନ୍ଥର ସେଇ ଘରକୁ ସଜାଡ଼ି ପାରିଚ ନା ନାହିଁ? ବଦ୍‌ରାଗି ନଥିଲ ତୁମେ, କିନ୍ତୁ ଭାଷଣରେ ଏତେ ଯୋର୍

ନିଆଁ ଓଗାଳି ଗାର ମୋର ଧାରଣା ନଥିଲା।

କେବେଠୁଁ ଅବଶ୍ୟ ହଜିଯାଇ ଶୂନ୍ୟରେ ମିଳାଇ ଯାଇଥିଲ ସୁମନ୍ତ ମୋର ଜମା ମନେ ନଥିଲା। ସଂସାର କ'ଣ ତୁମଠୁଁ ଆଉ ଅଧିକ କିଏ ଜାଣିଚି ଯେ ? ବିବାହ ଆଗରୁ ଅନେକ ଚିଠି ଦେଇଚି ମାତ୍ର ଗୋଟେବି ଉତ୍ତର ତୁମପାଖରୁ ପାଇ ପାରିନଥିଲି। ସେ ଚିଠି ସବୁ ପାଇଥିଲ ତ ? ମୋତେ ସନ୍ଦେହ ଲାଗେ ବୋଧେ ମୋର ଗୋଟେ ବି ଚିଠି ତୁମପାଖରେ ପହଂଚି ପାରିନଥିବ ! ତୁମ ମନର ଚୌହଦୀ ଭିତରକୁ ଏ ରକ୍ତମାଂସର ଝିଅଟାଏ କ'ଣ କେବେବି ପ୍ରେମ ନହେଲା ନାହିଁଲୁହ ବୁନ୍ଦାଟାଏ ହୋଇ କ'ଣ ଆସିପାରିନଥିଲା ? ନା ଗୋଟେ ଜିଦ୍‌ରେ ସେଦିନ ବାପାଙ୍କ କଥାରେ ଚାଲିଗଲ ଯେ ଆଉ ଫେରିଲନି କେବେବି !

ଟି.ଭି. ନ୍ୟୁଜ୍‌ରୁ ସେଇ ତୁମ ଚେହେରା ଦେଖି ପୁଣି ଥରେ ମନେହେଲା ଚିତ୍ରଟିଏ ଆଙ୍କିବାକୁ ! ଖୁବ୍‌ଦିନ ଛାଡ଼ି ସାରିଥିବୁ ତୁଳୀରେ ରଙ୍ଗ ମାଖି କାନ୍‌ଭାସ୍‌ରେ ଚିତ୍ରେଇଥିଲି ଅବିକଳ ତୁମରି ଏ୍ଵ ରୂପକଳ୍ପ ! ସ୍ଵାମୀ ପଚାରିଥିଲେ – ଆରେ ଇଏ କା'ର ଚିତ୍ରପଟ। ଗୋପବନ୍ଧୁ ନା ଗାନ୍ଧୀ ! ମୁଁ କହିଥିଲି ହଁ ହଁ ସେହିପରି ଜଣେ ମଣିଷ ! ଚାଷୀ ଆନ୍ଦୋଳନ ପାଇଁ ଲଢୁଚି ଓଡ଼ିଶାର ପଶ୍ଚିମ ଭାଗର ସୀମାନ୍ତରେ। ଜେଲ୍ ଯାଇଚି ନ ଯାଇଚି ଜାଣିନି ମାତ୍ର ତା'ର ଓଜସ୍ଵିନୀ ଭାଷଣ ଆଉ ସର୍କାରୀ ଅବହେଳାର ପ୍ରତିବାଦୀ ସ୍ଵର ମୋତେ ବାଧ କରିଥିଲା ମଣିଷଟାର ଚିତ୍ରପଟ ଆଙ୍କିବାକୁ।

ଆଙ୍କିସାରି ଏଚିଠି ସହ ଖାମ୍‌ରେ ପୁରାଇ ମୋ ହୃଦୟରେ ସାଇତିଥିବା ତୁମ ଘର ଠିକଣାରେ ରେଜିଷ୍ଟ୍ରି କରିଦେଉଚି। ପାଇବ ନ ପାଇବ ଜାଣିନି। ଯଦି ପାଅ ତ ଅନ୍ତତଃ ଚେଷ୍ଟା କରିବ ଥରେ ଭେଟିବାକୁ। କେବଳ ଥରୁଟିଏ ତୁମର ହାରିଯାଉନଥିବା ଚେହେରା ଦେଖିବାକୁ ଇଚ୍ଛାଟେ ରହିଯିବ ଚିରକାଳ !

ହଁ ଆଉଗୋଟେ ଅନୁରୋଧ ଏ୍ଵ ସଂସାରୀ। ସ୍ତ୍ରୀ ଲୋକର ରୂପକଳ୍ପଟେ ଆଙ୍କିବ, ମୋତେ ଭେଟିଲା ପରେ ସେଇଟା ହେବ ମୋ ପାଇଁ ତୁମର ସବୁଠୁ ବଡ଼ ପୁରସ୍କାର। ପାରିବ ତ ? ପାରିବ ତ ଆଉଥରେ ତୂଳୀଧରି ଆଙ୍କିବାର ବିଭୋରପଣକୁ ଏକ ପାଖିଆ କରି କେବଳ ମୋ ପାଇଁ ?

ମୁଁ ସିଗାରେଟ୍‌ରେ ନିଆଁ ଧରାଇଲି। ସୁମନ୍ତ କହିଲା ଚାଲ୍ ଖାଇନେବା। ଭଣଜା ଆଣି ରଖିଦେଇଯାଇଚି। ରୋଟି, ଦେଶୀ କୁକୁଡ଼ାର ଝୋଳ ଆଉ ପିଆଜ। ତୃପ୍ତିକର ଖାଦ୍ୟ। ଶୋଇବା ଖଟରେ ମୁଁ ପଚାରିଲି – ଆଉ ସୁମନ୍ତ ତୁ କ'ଣ ଯାଇ ଭେଟିଥିଲୁ ସୁପ୍ରଭାକୁ ତା ଘରଠୁଁ?

ନିସ୍ପୃହ ଭାବରେ ସୁମନ୍ତ କହିଲା – ନାଁ... ନା... ମୁଁ ଆଉ ପ୍ରେମିକ ସୁମନ୍ତ ହେବାକୁ ଚାହିଁ ନାହିଁ କେବେ, ଆଗକୁ ଚାହିଁବି ନାହିଁବି। ଏ୍ଠି ଏ ଗାଁରେ, ଗାଁ ଆଖ ପାଖରେ କ'ଣ ମୋତେ ଭଲପାଉଥିବା ଚରିତ୍ର ନାହାନ୍ତି ଯେ ମୁଁ ଚିତ୍ରଟେ ଆଙ୍କିବାକୁ ସୁପ୍ରଭା ପାଖକୁ ଯିବାକୁ ପଡ଼ିଥାନ୍ତା !

ଏଠି ଏବେ ବି କ'ଣ କମ୍ ଦୁଃଖରେ, ଅବହେଳାରେ ମଣିଷ ବଞ୍ଚୁଚି ? ଏବେ ବି ଠିକାଦାର୍ ଆଉ କଂପାନୀ ମାନଙ୍କ ଲୋଲୁପ ଆଖିରେ ଅନେଇବା ଆମ ରତ୍ନଭଣ୍ଡାର ପରି ସବୁଜ ବଳୟ ପାଇଁ ବିପଦ ନିଶ୍ଚୟ। ତିରିଶ ବର୍ଷରେ ନିଜସ୍ଵ ପ୍ରୟାସରେ ସୃଷ୍ଟ ଏ୍ଵ ଜଙ୍ଗଲର ସବୁଜିମା ଜଗିବା କ'ଣ କମ କଠିନ ଆମ ପାଇଁ। ଆମେ ଜଗିଚୁ... ଜଗି ରଖିଚୁ।

ଚାଷୀ ଆତ୍ମହତ୍ୟା ବଢ଼ିଚି କମିନାହିଁ। ସାର – କିଟନାଶକର ପ୍ରୟୋଗ ବଢ଼ିଚି। ପାରମ୍ପରିକ ମଂଜି ଆଉ ମିଳୁନାହିଁ। ଆବଶ୍ୟକଠୁ ଅଧିକ ଅମଳ ଶସ୍ୟର ମୂଲ୍ୟ ମିଳୁନାହିଁ। ସାର-କିଟନାଶକ ପରି କମ୍ପାନୀମାନଙ୍କ ପାଖରେ ଆମେ, ଆମ ପ୍ରଣାଳୀ ଆମ ଭାବନା ବନ୍ଦୀ ! ପନିପରିବା ବିନା ସଂରକ୍ଷଣରେ ଦୁଇଦିନ ରହିପାରୁନାହିଁ, ଶଢ଼ିଯାଉଚି। ଅମଳ ବେଳକୁ ମୂଲ୍ୟ ନାହିଁ ଆଉ ଦାମ ହେଲା ବେଳକୁ ଜମିରେ ଫସଲ ନାହିଁ। ଆମେ ବିକୁଚୁ ଅଥଚ ସେଇ ସମାନ ଶସ୍ୟକୁ ଆମେ କିଣିଚୁ ଚଢ଼ାଦରରେ। ଗ୍ରାମ୍ୟ ଅର୍ଥନୀତି ସଂକଟରେ। ଗାନ୍ଧିଜୀ ଯେଉଁ ଗ୍ରାମ୍ୟ ସ୍ଵରାଜର ସ୍ଵପ୍ନ ଦେଖିଥିଲେ ତାହା ମରିହଜିଯାଇଚି। ଦେଶ ବିକ୍ରୀ ହେଉଚି, ଖ୍ୟାତି କିଣାଯାଉଚି, ଧର୍ମର ନାଁରେ ବିଭାଜନର ପ୍ରକ୍ରିୟା ଆମକୁ ନିଆଁ ଆଡ଼କୁ ବାଟ କଢ଼ାଉଚି।

ତୁ କୁହ ଏ ସମସ୍ୟା ପାଇଁ କେଉଁ ନେତା ଆଗେଇ ଆସି ଆମକୁ ବାଟ ବତାଇଚି ? ନେତା, ମନ୍ତ୍ରୀଙ୍କ ସଭା ସମିତିରେ ମଦ-ମାଂସର ଆସର ଆମକୁ ବର୍ବାଦ କରିଚି ଯେତିକି, ଭାଇଚାରାରେ ଫାଟ ବଢ଼ାଇଚି ସେତିକି। କାକା ଟାଙ୍ଗିଆ ଉଠାଉଚି ପୁତୁରାକୁ ତ ଜବାଇଁ ମାରିଦେଲାଣି ଶଳାକୁ ! ଭାଇ ଗୋଟେ ଦଳରେ ତ ଭଉଣୀ ଆର ଦଳରେ ସ୍ଲୋଗାନ୍ ଦେଲାଣି। ପରିବାର, ସମାଜ ଭାଙ୍ଗିଚି, ଗଢ଼ି ହୋଇନାହିଁ।

ଅନେକ କାମ ଆଗକୁ ବାକି ଅଛି। ନେତୃତ୍ଵ ନେବା ଆଉ ନେତା ହେବା ସମାନ କଥା ନୁହେଁ। ମୁଁ ନେତୃତ୍ଵ ନେଇଚି... ନେଉଥିବି ଜୀବନର ସନ୍ଧ୍ୟାରେ ପହଂଚିବା ଯାଏ। ତୁ ଦେଖିବୁ ଅନେକ ଆଗେଇ ଆସିବେ ଆଗକୁ। ମୁଁ ନଥିଲେ ବି ଏ ଆନ୍ଦୋଳନ ଚାଲିଥିବ... ଚାଲିବ ଅଟକିଯିବ ନାହିଁ। ଏ ପରା ଚଳମାନ ପ୍ରବାହ, କାରଦମ୍ ଅଛି ଅଟକାଇ ଦେବ !

ମହଣ ମହଣ ସମସ୍ୟା ସହ ଜୁଝିଜୁଝି, ସତ କହୁଚି ସୁପ୍ରଭା ପ୍ରତି କାଣିଚାଏ ଦୁର୍ବଳତା ନାହିଁ ମୋ ଭିତରେ। ତେଣୁ ନା ତାକୁ ଉତ୍ତର ଫେରାଇଚି ନା ତାକୁ ଦେଖା କରିବାକୁ ଚାହିଁଚି ତା କେବେବି କେଉଁଠି ବି ଭାବପ୍ରବଣ ହୋଇ ବିଭୋରପଣରେ ହାତରେ ତୂଳୀ ଧରି ଆଙ୍କିଦେବାକୁ ଗୋଟେ ପ୍ରଗଳ୍‌ଭା ଝିଅ କିମ୍ବା ଗୋଟେ ସ୍ଵପ୍ନମନସ୍କ ନାରୀଟେର ଅବୟବ କାଗଜର କାନ୍‌ଭାସ୍‌ରେ। ଆଙ୍କିଥିଲେ ସେଇଟା ମୋ ଜୀବନର ସବୁଠୁ ବିରଳ ଚିତ୍ରଟିଏ ହୋଇଥାନ୍ତା କେବଳ !

# କାଳିଜହ୍ନ



ISSN-2583-6978
Volume-4
Issue-10
OCTOBER-2024

**ସଂଯୁକ୍ତା ନାୟକ**

**ଅବସରପ୍ରାପ୍ତ ଜୀବନ ବୀମା ଅଧିକାରୀ**

ଶୀତୁଳିଆ ପବନ ଦେହ ଥରେଇ ଦେଉଥିଲା। ବ୍ୟାଗ୍ ଭିତରୁ ଶାଲ୍ ବାହାର କରି ଝିଅକୁ ଘୋଡ଼େଇ ଦେଲି। ଦିନ ଦି'ଟା ସୁଦ୍ଧା ଘର ଛାଡ଼ିବି ବୋଲି ଭାବିଥିଲି। ସମସ୍ତଙ୍କ ସଂଗେ ପଦେ ଅଧେ କଥାବାର୍ତ୍ତା, ଖିଆପିଆ ସାରି ଗାଡ଼ିରେ ବସିବା ବେଳକୁ ସନ୍ଧ୍ୟା ପାଞ୍ଚଟା। କ'ଣ କରିବି ? ବର୍ଷେ ଦି ବର୍ଷରେ ଥରେ ଦିନେ ଦି ଦିନ ପାଇଁ ଗାଁକୁ ଆସୁଛି। ଯାହାକୁ ଦେଖାନକରି ଚାଲିଯିବି ସେ ମନ କଷ୍ଟ କରିବ। ମୋର ବି ସଂସାରଯାକର ସଂପର୍କୀୟଙ୍କୁ ଭେଟିବାକୁ ମନ। ଝିଅ ବ୍ୟସ୍ତ ହଉଛି। ମାମୁ ପୁଅ ଭାଇ ଅନନ୍ତ ଗାଡ଼ିରେ ବସି ଡାକ ପକେଇଲାଣି, ଏଠୁ ମାମୁଁଘର ଯିବି। ରାତି ରହଣି ପାଖ ଗାଁ ମାଉସୀ ଘରେ। କାଲି ସକାଳେ ଗାଁ ସ୍କୁଲ କାମ ସାରି ପୁଣି ଭୁବନେଶ୍ୱର ଫେରିବି।

ଘର ଲୋକ ସମସ୍ତେ ଗାଡ଼ି ପାଖରେ ଜମା ହୋଇଥିଲେ। ବୋଉ କାନ୍ଦୁଥିଲା। ସେଥିପାଇଁ ତା ମୁହଁ ଲାଲ ଓ ଆଖି ଫୁଲାଫୁଲା। ସେଇ କାନ୍ଦ ଭିତରେ ବି ଗାଡ଼ିରେ ଅରୁଆ ଚାଉଳ, ବଡ଼ି, ମାଟି ଆଳୁ ଓଲୁଅ, ନଡ଼ିଆ, ଚୁଡ଼ା, ଛେନା ଡେକ୍‌ଚି, ପରିବା ଥଳିଆ ସବୁ ଠିକ୍ ଠିକ୍ ରଖାଗଲା କି ନାହିଁ ଯାଞ୍ଚ କରୁଥିଲା। ମୁଁ ସବୁଥର ଘରକୁ ଆସିଲେ ବୋଉ ଯେତିକି ଖୁସି ହୁଏ, ଫେରିଲା ବେଳକୁ ସେ ସେତିକି କାନ୍ଦେ। ଯେତେ ବୁଝେଇଲେ ବି ସେ ବୁଝେନା। ଏମିତି କାନ୍ଦାକଟା କଲେ ଆଉ ଆସିବିନି କହି ଧମକ ଦିଏ। ମତେ ନିଶ୍ଚୟ ବିଦା କରିବାକୁ ହେବ ଜାଣି ଅଳି କରେ-ରଜକୁ ଆସିବୁ... ଦଶହରାକୁ ଆସିବୁ। ମୁଁ ହଁ ମାରେ କିନ୍ତୁ ଅତି କମରେ ବର୍ଷଟିଏ ପୂର୍ବରୁ ଗାଁକୁ ଆସିବା ସମ୍ଭବ ହୁଏନା।

ଝିଅ ହାତ ହଲେଇ ପିଲାମାନଙ୍କୁ, ତା' ମାଇଁମାନଙ୍କୁ ଓ ଆଇକୁ ଟା ଟା କରୁଥିଲା। ମୁଁ ଗାଡ଼ି ଭିତରୁ ମୁହଁ ବାହାର କରି ପଛକୁ ଚାହିଁଲି। ବଂଚିଥିଲେ ପୁଣି ଦେଖା। ମତେ ବି କାନ୍ଦ ମାଡ଼ିଲା।

ଆମ ଗାଁ ପାଖରୁ ମାମୁଘର ଗାଁ ମାତ୍ର ସାତ କିଲୋମିଟର ବାଟ। ପିଲାଦିନେ ରାସ୍ତା ବୋଇଲେ କିଆରୀ ହିଡ଼ ନ ହେଲେ ବାଲିପନ୍ଥା। ତେଣୁ ସେତିକି ବାଟ ଅସରନ୍ତି ଲାଗେ। ଏବେ କିନ୍ତୁ ସରୁ ପିଚୁ ରାସ୍ତାରେ ଗାଡ଼ି ଯିବା ପାଇଁ ସୁବିଧା। ମୁଁ ରାସ୍ତା ଦି ପାଖ ବିଲକୁ ନିରେଖି ଦେଖୁଥିଲି। ବିରି ଛୁଇଁ ପାକଳ ହେଇଚି କି ନାହିଁ। ବିରି ଛୁଇଁ ମୋର ଅତି ପ୍ରିୟ। ପିଲାଦିନେ ବିରିଛୁଇଁ ଫଳିଥିବା ଦିନମାନଙ୍କରେ ସ୍କୁଲରୁ ଫେରି ମୁଁ ସିଧା ବିଲକୁ ଚାଲିଯାଏ। ଲୁଚେଇ ଲୁଚେଇ ଅଣ୍ଟି ଭର୍ତ୍ତି ବିରିଛୁଇଁ ତୋଳି ଆଣେ। ନସି ଲାଗି ଫ୍ରକ୍‌ରେ ଦାଗ ହୋଇଯାଏ ଓ ସେଥିପାଇଁ ଘରେ ଖୁବ୍ ଗାଳି ଖାଇବାକୁ ପଡ଼େ।

ଝିଅ ମତେ ହଲେଇ ଦେଇ ପଚାରିଲା, "ମା' ଆଗରେ ଯେଉଁ ମନ୍ଦିର ଦିଶୁଛି ସେ କେଉଁ ଠାକୁରଙ୍କର ?" ମୁଁ ସାମ୍ନାକୁ ଅନେଇଲି। ଅଳ୍ପ ଦୂରରେ ସିଦ୍ଧେଶ୍ୱରୀଙ୍କ ମନ୍ଦିର ଦିଶୁଥିଲା। ରାସ୍ତାକୁ ଲାଗି ମନ୍ଦିରର ପାଚେରୀ।

କୋଡିଏ ବର୍ଷ ତଳେ ଏଠି କେବଳ ଛୋଟ ମନ୍ଦିରଟିଏ ଥିଲା। ତା' ଚାରି ପାଖରେ ଥିଲା ଅମରି ଘେରା ବାଡ଼। ସେଇଠି ସିଦ୍ଧେଶ୍ୱରୀ ଠାକୁରାଣୀ ପୂଜା ପାଆନ୍ତି। ଆଗେ ପୂଜକ ବେଢ଼ା ଭିତରେ ଗୋଟିଏ ଛୋଟ ନୂଆଣିଆ ଚାଳ ଘରେ ପରିବାରକୁ ନେଇ ରହୁଥିଲେ। ଏବେ କିନ୍ତୁ ବିରାଟ ମନ୍ଦିର। ପନ୍ଦର ହାତ ଉଚ୍ଚ ସିମେଣ୍ଟ ପାଚେରୀ ସେପଟେ ଲମ୍ବା ଛାତର ପ୍ରାୟ କୋଡ଼ିଏ ବଖରା ଘର। ଅଚଳାଚଳ ସମ୍ପତ୍ତି। ରାସ୍ତା ଆରପାଖରେ ତିନି ମହଲା କୋଠାଟା ଅଣାନବେ ମସିହାରେ ତିଆରି ହୋଇଥିଲା। ସେଠି ମାଆଙ୍କ ଦର୍ଶନ ପାଇଁ ଆସୁଥିବା ଯାତ୍ରୀମାନେ ରହନ୍ତି। ପ୍ରତିବର୍ଷ ମାଘ ସପ୍ତମୀରୁ ପୂର୍ଣ୍ଣିମା ଯାଏଁ ଠାକୁରାଣୀଙ୍କ ପାଖେ ମେଳା ହୁଏ। ଏକାଦଶୀଠାରୁ ଯାତ୍ରୀ ଭିଡ଼ ବଢି ଯାଏ। ମୁଁ ବି କେତେଥର ମେଳା ଦେଖିବାକୁ ଏଠିକି ଆସିଛି। ସବୁ ଭକ୍ତଙ୍କ ପାଇଁ ଖଞ୍ଜାଶାଳାରେ ରୋଷେଇ ହୁଏ। ଭକ୍ତମାନେ ପ୍ରସାଦ ପାଇଁ ଠାକୁରାଣୀଙ୍କ ମହିମା କୀର୍ତ୍ତନ କରି ଫେରିଯାନ୍ତି। ଦୂରଯାତ୍ରୀ ମାନଙ୍କ ପାଇଁ ମେଳା ଶେଷ ପର୍ଯ୍ୟନ୍ତ ରହିବାର ମଧ୍ୟ ବନ୍ଦୋବସ୍ତ

ଏଠି ଅଛି ।

ମୁଁ ଝିଅକୁ କହିଲି ଏ ମନ୍ଦିର ମା' ସିଦ୍ଧେଶ୍ୱରୀଙ୍କର । ସେ ପ୍ରତ୍ୟକ୍ଷ ଠାକୁରାଣୀ ବୋଲି ସମସ୍ତେ କହନ୍ତି । ବହୁତ ଭକ୍ତ ପ୍ରତିଦିନ ତାଙ୍କ ଦର୍ଶନ ପାଇଁ ଆସନ୍ତି । ମୋ ଝିଅ ପାଇଁ ଏ ପ୍ରସଙ୍ଗ ବିଶେଷ ଆକର୍ଷଣୀୟ ନଥିଲା । ଅଳ୍ପଦିନ ତଳେ ବମ୍ବେ, ଅଜନ୍ତା ଓ ଏଲୋରା ଦେଖି ଫେରିଥିବା ପିଲା ପାଇଁ, ମନ୍ଦିର ଓ କୋଠାଘର ବହୁତ ଛୋଟ ଥିଲା । ସେ ଉପରଠାଉରିଆ ଭାବେ କହିଲା, ଓଃ ମୁଁ ଭାବିଲି ଜଗନ୍ନାଥ ମନ୍ଦିର କି କ'ଣ ହେଇଥିବ । ଆଗ ସିଟ୍‌ରୁ ଅନନ୍ତ କହିଲା, ବାବା ମାତା ଏଇଠି ଅଛନ୍ତି ଲୋ ଦେଇ । ବାବାଙ୍କ ଦେହ ଭଲ ନାହିଁ । ଯିବୁ କି ଦେଖିବାକୁ ? ମୁଁ ନା କହି ଆସୁଥିଲି । କିନ୍ତୁ ମନ୍ଦିର ଗେଟ ସାମ୍ନାରେ ଯାଉଥିବାରୁ ଡ୍ରାଇଭରକୁ କହିଲି ଗାଡ଼ିରଖ ।

ବାବା-ମାତା ମୋର ମାମୁଁ-ମାଇଁ । ରବି ମାମୁ ମୋ ବୋଉର ପଡ଼ିଶାଘର ବଡ଼ବାପାଙ୍କ ପୁଅ । ବୟସରେ ଦି' ମାସ ସାନ ମୋ ବୋଉଠୁ । ପିଲାଦିନେ ମୋ ବୋଉକୁ ଭୁଆଁ ବୁଲେଇ ତା' ଯାତ୍ରା ଖର୍ଚ୍ଚ ପଇସା ନେଇ ଯାଉଥିଲେ । ତାକୁ ଆଖି ବୁଜିବାକୁ କହି ତା ଜଳଖିଆ ଡାଲାରୁ ମିଠେଇ ନ ହେଲେ କଦଳୀଟା ଉଠେଇ ନେଇ ଚମ୍ପଟ ମାରୁଥିଲେ । କିନ୍ତୁ ମୋ ବୋଉର ବାହାଘର ପରେ ପ୍ରତି ସପ୍ତାହରେ ଥରେ ସାତ କିଲୋମିଟର ବାଟ ଚାଲିଚାଲି ଯାଇ ତାକୁ ସେ ଦେଖି ଆସୁଥିଲେ । ତା' ଭଲମନ୍ଦ ଖବର ବୁଝି ଆଈକୁ କହୁଥିଲେ ।

ରବି ମାମୁଁ ହୁଣ୍ଡା ପ୍ରକୃତିର ବୋଲି ଘରେ ସବୁବେଳେ ମାଡ଼ ଖାଆନ୍ତି ଓ ରାଗିକି ଉପାସ ରହନ୍ତି । ଅଭାବୀ ଘର ପାଇଁ ତାଙ୍କର ନିତିଦିନିଆ ହୁଣ୍ଡାମି, ରୁଷା, ଅଝଟ, ବଡ଼ ଅସହ୍ୟ ହେଉଥିଲା । ଦିନେ ବଡ଼ ଆଈ (ରବି ମାମୁଁ ବୋଉ) ମୋ ଅଜାଙ୍କୁ କହିଲେ, ରବିକୁ ଟିକେ କଲିକତା ନେଇ କ'ଣ କାମରେ ଲଗେଇ ଦିଅନ୍ତନି ? ଆମର ପଇସା ଦରକାର ନାହିଁ । ତା' ପେଟ ସେ ନିଜେ ପୋଷୁ । ସିଆଡ଼େ ମଣିଷ ହେଇଯାଉ । ରବି ମାମୁ କଲିକତା ଗଲାଦିନ କାହାକୁ କିଛି କହିନଥିଲେ । ସୁନାପିଲା ପରି ଖାଇସାରି ବଡ଼ ଅଜା ଆଈକୁ ଜୁହାର ହେଲେ । ଗୋପୀନାଥଙ୍କ ପାଖେ ପ୍ରଣାମ କଲେ । ମୋ ଆଈ ଠାକୁରାଣୀଙ୍କ ପାଦୁକ ଟିକେ ତାଙ୍କ ପାଟିରେ ମାରି ଦେଇ ତାଙ୍କ ମୁଣ୍ଡ ଆଉଁଷି ଦେଲା । ମାମୁଁ କହିଲେ, ଦେଖିବୁ ଖୁଡୀ, ମୁଁ ଆରଥରକୁ ଆସିଲା ବେଳେ ବାବୁ ହୋଇଯାଇଥିବି । ତୁ ମୋତେ ଚିହ୍ନି ପାରିବୁନି । ମୋ ଆଈ ଝରଝର ହୋଇ କାନ୍ଦି ପକାଇଲା ।

ସତକୁ ସତ ରଜବେଳକୁ ରବିମାମୁଁ ବାବୁ ହୋଇ ଫେରିଥିଲେ । କଲିକତାରେ ଖୁବ ପରିଶ୍ରମ କରି ସେ କିଛି ଟଙ୍କା ରୋଜଗାର କରିଥିଲେ । ତାକୁ ପେଟରୁ କାଟି ସଂଚି, ଘର ଲୋକଙ୍କ ପାଇଁ ଲୁଗାପଟା, ପିଲାଙ୍କ ପାଇଁ ଖେଳନା, ସନ୍ଦେଶ, ଖଜୁରୀ କୋଳି ଆଉ କମଳା ଆଣିଥିଲେ । ସେଇ ଦିନଠୁ ସେ ଘରର ରୋଜଗାରିଆ ସୁନା ପୁଅ ହୋଇଗଲେ । ଏସବୁ କଥା ମୋ ଆଈ କହେ ।

ରବି ମାମୁଁଙ୍କ ବାହାଘର ବର୍ଷ ମୋର ଜନ୍ମ । ମାଇଁଙ୍କୁ ମାତ୍ର ପନ୍ଦର ବର୍ଷ ଆଉ ମାମୁଁଙ୍କୁ ଉଣେଇଶ । ମାଇଁ ତା ପରବର୍ଷ ପୁଆଣି ହେଇ ଆସିବା ବେଳକୁ ମୁଁ କାଳେ ବର୍ଷକର ହେଇ ଟିକେ ଟିକେ ଚାଲିବାକୁ ଆରମ୍ଭ କରିଥିଲି । ନୂଆ ମାଇଁଙ୍କୁ ମା ମା କହି କାନି ଛାଡୁନଥିଲି । ମାଇଁ କହନ୍ତି ସେଇ ଦିନଠୁ ସେ ମୋତେ ହିଁ ତାଙ୍କର ପ୍ରଥମ ପିଲା ବୋଲି ଭାବି ନେଇଥିଲେ ।

ମୁଁ ଜନ୍ମ ହେବାର ଦି ବର୍ଷ ପରେ ମୋ ଭାଇର ଜନ୍ମ । ତା' ପରେ ଆଈ ମୋତେ ଆମ ଘରକୁ ଛାଡିଲାନି ଆମ ଦି ଜଣକ ପରେ ମୋର ଆଉ ଦି' ଜଣ ଭାଇ ଓ ଗୋଟିଏ ଭଉଣୀ ଜନ୍ମ ହୋଇଥିଲେ । ମୁଁ ମୋ ବାହାଘର ପର୍ଯ୍ୟନ୍ତ ମାମୁ ଘରେ ରହିଥିଲି ।

ଦଶବର୍ଷ ବୟସରୁ ପଢ଼ିବା ପାଇଁ କଟକ ଗଲି । ସେଦିନ ଆଈ ଯେତିକି କାନ୍ଦିଥିଲା ମାଇଁ ବି ସେତିକି । ପ୍ରତି ଛୁଟିରେ ମୁଁ ଗାଁକୁ ଆସିଲେ ପ୍ରାୟ ମାଇଁଙ୍କ ସଂଗେ ଖାଏ । ବେଳେ ବେଳେ ମୋ ଆଈ ଚିଡି ଯାଇ କହେ, ତା' ସଂଗେ ଖାଇବାଟା ଏତେ ବାସୁଚି ଯେ ତୁ ଘରେ ଖାଇବା ନାଁ ଧରୁନୁ ? ମୁଁ କିନ୍ତୁ ମାଇଁଙ୍କ ସଂଗେ ଖାଇବସେ, ଆମ ଘର ତରକାରୀ ସେଇଠିକି ଆଣିବାକୁ କହେ ।

ମାଇଁଙ୍କର ତିନି ପୁଅ ଜନ୍ମ ହେଇଥିଲେ । ତାଙ୍କର ଝିଅ ନଥିବାରୁ ମତେ ସେ ଅଧିକରୁ ଅଧିକ ଆଦର କରୁଥିଲେ । ଭଲ ପାଠପଢ଼ା ଓ ଶାନ୍ତ ସ୍ୱଭାବ ପାଇଁ ଗାଁକୁ ଗଲେ ମୋତେ ସମସ୍ତେ ଖୁବ୍ ଶ୍ରଦ୍ଧା କରୁଥିଲେ । ବୋଉକୁ ମାମୁଁଘର ଗାଁର ସମସ୍ତେ ଭଲ ପାଉଥିବାରୁ ତା' ଝିଅ ହିସାବରେ ଆଉ କିଛି ସ୍ନେହ ଆଦର ମୋ ଭାଗରେ ପଡୁଥିଲା ।

ରବିମାମୁଁ ଭଲ ରୋଜଗାର କରୁଥିଲେ । ବେଶୀ ପାଠ ପଢିନଥିଲେ ବି ନିଜ ବୁଦ୍ଧି ବଳରେ ସେ ବଡ଼ କଣ୍ଟ୍ରାକ୍ଟର ହୋଇଯାଇଥିଲେ । କଲିକତାରେ ଜାଗା କିଣି ବିରାଟ କୋଠା ତିଆରି କରିଥିଲେ । ଏଣେ ଗାଁ ଘରର ଛାତ ପଡିଯାଇଥିଲା । ସବୁ ଠିକ ଚାଲିଥିଲା । ଗାଁରେ ରହୁଥିବା ମୋ ମାଇଁ ସୁନାରେ ମଣ୍ଡି ହୋଇ ଦେବୀ ପ୍ରତିମା ପରି ଦିଶୁଥିଲେ । ଖୁବ ବଡ଼ ପରିବାର ତାଙ୍କର । ସେଥିରେ ପାଞ୍ଚଜଣ ବୁଢାବୁଢୀ ଆଉ ପଲେ ଗାଈ । ସବୁବେଳେ କେହି ନା କେହି ବେମାର ପଡିଥିବ । ମାଇଁ ଦି ତିନି ବର୍ଷରେ ଥରେ କଲିକତା ଗଲେ ମାତ୍ର ମାସେ ଦି' ମାସେ ରହି ଫେରି ଆସନ୍ତି ।

ରବିମାମୁଁ ଯେତିକି ଦିନ ଗାଁରେ ରହନ୍ତି, ମାଇଁ ସବୁ ଜଞ୍ଜାଳ ଭୁଲି କେବଳ ତାଙ୍କ ସେବାରେ ଲାଗନ୍ତି । ପ୍ରତି ଥର ଖାଇବା ପାଇଁ ତାଙ୍କରି ପସନ୍ଦର ତରକାରୀ, ପିଠାପଣା ତିଆରି କରନ୍ତି । ଟ୍ରଙ୍କରୁ ଭଲ ସୂତା ଲୁଗା, ଗହଣା କାଢ଼ି ପିନ୍ଧନ୍ତି । ମାମୁଁ ଖାଇ ସାରି ଦି' ପହରେ ଶୋଇଲେ ସେ ନିଦରୁ ଉଠିବା ପର୍ଯ୍ୟନ୍ତ ତାଙ୍କ ଗୋଡ଼ ଘଷି ଦିଅନ୍ତି, ବିଞ୍ଚଣାରେ ବିଂଚନ୍ତି । ମାମୁଁଙ୍କ ପାଇଁ ସବୁକାମ ସେ ଏତେ ଖୁସିରେ

କରନ୍ତି ଯେ ସେ ସବୁ ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗେ। ମାତ୍ର ତାଙ୍କ ପରିଶ୍ରମ ଦେଖି ମାମୁଙ୍କ ଉପରେ ମୋର ଭାରି ରାଗହୁଏ। ମାମୁ କଲିକତା ଫେରିଯିବା ଦିନ ତାଙ୍କର ଧଳା ଜାମା ଗହୀର ବିଲରେ ବିନ୍ଦୁଟିଏ ହେଇ ମିଶିଯିବା ଯାଏ ମାଇଁ ଲୁହଭର୍ତ୍ତି ଆଖିରେ ପଲକ ନ ପକେଇ ଚାହିଁ ରହନ୍ତି।

ମୁଁ ବାଣୀବିହାରରେ ପଢ଼ିବା ବେଳର କଥା। ହଷ୍ଟେଲ ଆଡମିଶନ ପାଇଁ ଡେରି ହେଉଥବାରୁ କଟକରୁ ଭୁବନେଶ୍ୱର ଯିବା ଆସିବା କରୁଥାଏ। ଦିନେ କ୍ଲାସ ସାରି ଫେରିବା ବେଳକୁ ମେଘ ଉଠେଇ ଆସିଲା। ମୁଁ ବସ୍‌ରୁ ଓହ୍ଲେଇ ତରତର ହେଇ ରିକ୍‌ସାରେ ବସୁଥିଲି। ମାମୁ ଘର ଗାଁର ସୁରଭାଇ ଦେଖା ହୋଇଗଲେ। ତାଙ୍କଠୁ ଶୁଣିଲି ମାଇଁ ବଡ଼ ମେଡିକାଲରେ ପଡିଛନ୍ତି। ପୂର୍ବରୁ ଅପରେସନ କରି ମଲା ପିଲାଟା ତାଙ୍କ ପେଟରୁ ବାହାର କରାଯାଇଥିଲା। ମୁଁ ଆଉ ଘରକୁ ଯିବି କ'ଣ, ରିକ୍‌ସାବାଲାକୁ କହିଲି,ଚାଲ ମଙ୍ଗଳାବାଗ ବଡ଼ ମେଡିକାଲ ଯିବା।

ବଡ଼ ମେଡିକାଲ ପ୍ରସୂତୀ ବିଭାଗ ଖୁବ ବଡ଼। ସୁରଭାଇଙ୍କୁ ପଚାରି ପାରିଲିନି କେତେ ନମ୍ବର କ୍ୟାବିନ କି କେଉଁ ୱାର୍ଡରେ ମାଇଁ ଅଛନ୍ତି। ମୁଁ ସବୁ କ୍ୟାବିନରେ ସବୁ ଖଟିଆ ଦେଖିଲି। କିନ୍ତୁ କୋଉଠି ମୋ ମାଇଁ କି ଆମ ଗାଁର କୋଉ ଲୋକକୁ ପାଇଲିନାହିଁ। ପବନ ଓ ବର୍ଷା ଛିଟିକା ଯୋଗୁ ଝରକା ସବୁ ବନ୍ଦ କରାଯାଉଥାଏ। ଲାଇନ ବି ଚାଲିଗଲା। ମୁଁ ଖୋଜି ଖୋଜି ହାଲିଆ ହୋଇଗଲି। ଅଶୁଭ ଆଶଙ୍କାରେ ମୋ ଛାତି ଥରୁଥାଏ। ଯଦି ଅପରେସନ ହୋଇଥିବ ମାଇଁ ତ କେବେ ବି ମେଡିକାଲରୁ ଯାଇନଥିବେ। ତା' ହେଲେ କ'ଣ ? ନା..ନା.. ହେ ଭଗବାନ। ପୁଣି ଭାବିଲି ସୁରଭାଇ କ'ଣ ମୋତେ ଭୁଲ ଖବର ଦେଲା ? କେଜାଣି ? ଶେଷରେ ଷ୍ଟାଫରୁମକୁ ଯାଇ ଜଣେ ନର୍ସଙ୍କୁ ପଚାରିଲି। ମୋ ପାଟି ଭୟରେ ଖନି ମାରିଯାଉଥିଲା। ସେ ମୋ ବିକଳ ଅବସ୍ଥା ଦେଖି ଖାତା ଖୋଲିଲେ। ମୁଁ ଖାଲି କହୁଥାଏ, ମିନତି ଦାସ ନ ହେଲେ ମିନତି ଦେବୀ ଲେଖାଥିବ। ସ୍ୱାମୀ ରବୀନ୍ଦ୍ର ଦାସ। ପ୍ଲିଜ , ଭଲ କରି ଦେଖନ୍ତୁ।

ସେ ଖାତା ବନ୍ଦ କରି କହିଲେ, ଓଃ ! ସେ ସ୍ତ୍ରୀ ଲୋକ ତ ରାତି ତିନିଟାରେ ମରିଗଲା। ପିଲା ଜନ୍ମ ହୋଇପାରୁନଥିଲା। ବିଚାରୀ କଷ୍ଟ ପାଇ ତା ରକ୍ତ ପାଣି ଫାଟି ଯାଇଥିଲା। ମୁଁ କହିଲି ମୋଟେ ନୁହଁ, ମୋ ମାଇଁଙ୍କର ତିନିଟି ପୁଅ ଗାଁରେ ଜନ୍ମ ହେଇଛନ୍ତି। ଏନ୍ତୁଡ଼ିଶାଳରେ କଷ୍ଟ ପାଇଲା ବେଳେ ବି ସେ ସ୍ୱର ଖୋଲନ୍ତିନି। ଭଲ କରି ଦେଖନ୍ତୁ ଦିଦି। ଆଉ କିଏ ହେଇଥିବ ସେ। ମାଇଁ ତ ଭଲ ଥିଲେ। ପ୍ଲିଜ୍ । ନର୍ସ ଜଣକ କହିଲେ ଧୈର୍ଯ୍ୟ ଧର ମା, ଏତେ ବଡ଼ କଥାଟା କ'ଣ ମୁଁ ସଠିକ ନ ଜାଣି କହିଦେବି ? ତାଙ୍କ ଦେଢ଼ଶୁର ପରା ସକାଳେ ତାଙ୍କ ଶବ ଗାଁକୁ ନେଇଗଲେ। ମୁଁ ସେଦିନ କାନ୍ଦି କାନ୍ଦି ଘରକୁ ଫେରିଥିଲି।

ତିନିମାସ ପରେ ମାମୁଁଙ୍କ ବଡ଼ ପୁଅ ଅଜୁ ମୋ ପାଖକୁ ଲେଖିଲା, ରବି ମାମୁଙ୍କ ଦ୍ୱିତୀୟ ବାହାଘର କଥା। ମାଇଁଙ୍କ ସାନ ଭଉଣୀ ରତି ମାଉସୀଙ୍କୁ ମାମୁ ସିଦ୍ଧେଶ୍ୱରୀଙ୍କ ମନ୍ଦିରରେ ବାହା ହେଲେ।

ରତି ମାଉସୀ ସବୁ ବର୍ଷ ଆମ ଗାଁ ମକର ଯାତ୍ରାକୁ ଆସେ। ସେ ମୋଠୁ ବର୍ଷେ ଦି ବର୍ଷ ସାନ। ତା ନାଁ ନଧରି ସମସ୍ତେ ତାକୁ ଚଣ୍ଡୀ ଡାକନ୍ତି। ସେ ବି ଖୁସିରେ ସେ ଡାକ ସ୍ୱୀକାର କରିନିଏ। ଆମ ସାଙ୍ଗରେ ତା'ର ଖୁବ୍ ମେଳ। ମାଇଁଙ୍କ ବାପଘର ଗରିବ। ସେଥିପାଇଁ ବୋଧେ ରତି ମାଉସୀ ଆଦୌ ପାଠ ପଢି ନଥିଲା। ସେ ଯେତିକି ଦିନ ପାଇଁ ଆମ ଗାଁକୁ ଆସେ ଖୁବ ହସ ମଜାରେ ସାଙ୍ଗରେ ସମୟ କାଟେ। ତା'ର ବଡ଼ ପାଟିରେ କଥା କହିବା ,ଠୋ ଠୋ ହସ ଓ ଗଛ ଚଢା ପାଇଁ ମାଇଁ ତା' ଉପରେ ବେଳେବେଳେ ବିରକ୍ତ ହୁଅନ୍ତି। କିନ୍ତୁ ରତି ମାଉସୀ ଚାଲିଯିବା ପରେ ମାଇଁ ତା' ଅନାଗତ ଭବିଷ୍ୟତ କଥା ଭାବି ବ୍ୟସ୍ତ ହୋଇ କହନ୍ତି, ଠାକୁରେ କଲେ ବୋଲି ସିନା ମୁଁ କୋଠାଘରେ ଦିନ କାଟୁଛି। ମୋ ବାପା ଭାଇଙ୍କର ବଳ କାଇଁ ଯେ ତାକୁ ଭଲ ଘରେ ଦେବେ ? କ'ଣ ଅଛି କେଜାଣି ତା ଭାଗ୍ୟରେ ?

ମାଇଁଙ୍କ କଥାଶୁଣି ମୁଁ ପିଲା ବୁଦ୍ଧିରେ କହେ, କାଇଁକି, ତମ ପାଖରେ ତ ଏତେ ଗହଣା ଅଛି, ମାମୁଁଙ୍କ ପାଖରେ ବି ବହୁତ ପଇସା। ତମେ ଦିହେଁ ତା ବାହାଘର ପାଇଁ ଖର୍ଚ୍ଚ କରିବ। ରତି ମାଉସୀଙ୍କୁ ଖୁବ୍ ବଡ଼ଲୋକ ଘରେ ବାହା ଦେବ।

ମାଇଁ ଦୀର୍ଘଶ୍ୱାସ ଛାଡ଼ି କହନ୍ତି, ହଁ, ମୋର କି ଟଙ୍କା, କି ଅଳଙ୍କାର। ଆଜି ମଲେ କାଲିକି ଦି ଦିନ। ମୋର ସାଧ୍ୟ କାଇଁ ଯାଙ୍କ ଘରେ ତୁଣ୍ଡ ଖୋଲିବାକୁ ?

ରତି ମାଉସୀକୁ ମୋ ମାଇଁ ସ୍ଥାନରେ ମୁଁ ଆଦୌ ଗ୍ରହଣ କରିପାରିନଥିଲି। ଅଜୁର ଚିଠି ପଢି ମୁଁ ସାରା ରାତି କାନ୍ଦିଥିଲି। ମନେ ମନେ ମାମୁଙ୍କୁ ସ୍ୱାର୍ଥପର, ଅକୃତଜ୍ଞ କହି ଗାଳି ଦେଇଚି। ମୋ ମାଇଁଙ୍କୁ ଏତେ ଶୀଘ୍ର ଭୁଲି ନିଜଠୁ କୋଡିଏ ବର୍ଷ ସାନ ରତି ମାଉସୀକୁ ବାହା ହୋଇ ପଡିଲେ ? ସେଇ ଦିନଠୁ ମୁଁ ମାମୁଙ୍କୁ ଘୃଣା କଲି ଆଉ ରତି ମାଉସୀକୁ ବି।

ବାହାଘର ପରେ ମାମୁଁ ରତି ମାଉସୀ (ମାଇଁ)କୁ ନେଇ କଲିକତା ଚାଲି ଯାଇଥିଲେ। ମୋର ତାଙ୍କ ସଂଗେ ଆଉ ଭେଟ ହେଇନଥିଲା। ମୋ ବାହାଘରକୁ ମୋ ବୋଉ ନିଜେ କଲିକତା ଯାଇଥିଲା ସେମାନଙ୍କୁ ଡାକିବାକୁ। ସେମାନେ କିନ୍ତୁ ଆସିନଥିଲେ। ମୋ ପାଇଁ ଶାଢୀ, ସୁନା ଚୁଡ଼ି ଆଉ ପାଞ୍ଚ ହଜାର ଟଙ୍କା ପଠେଇ ଦେଇଥିଲେ। ସେ ଶାଢୀ, ଚୁଡ଼ି ମୁଁ ରାଗରେ ପିନ୍ଧିନଥିଲି।

ରବି ମାମୁଁଙ୍କ ବଡ଼ ପୁଅ ଅଜୁର ବାହାଘରକୁ ମୁଁ ଯିବାକୁ ବାଧ୍ୟ ହେଲି। ଅଜୁ ନିଜେ ରାଣ ପକେଇ ଲେଖିଥିଲା। ବୋହୂ ପାଇଁ ମୁଦି ଆଉ ପାଟ ଶାଢି ଖଣ୍ଡେ କିଣି ନେଇ ମୁଁ ଗାଁକୁ ଯାଇଥିଲି। ସନ୍ଧ୍ୟାବେଳେ ଗାଁରେ ପହଞ୍ଚିବା ବେଳକୁ ବର ଓ ବରଯାତ୍ରୀ

ଯାଇସାରିଥିଲେ। ମାମୁଁଙ୍କ ଗୁରୁଦେବ (ସିଦ୍ଧେଶ୍ୱରୀ ମନ୍ଦିରର ବାବା)ଙ୍କ ନିର୍ଦ୍ଦେଶରେ ବାହାଘରର ସମସ୍ତ କାର୍ଯ୍ୟ ଚାଲୁଥିଲା। ସେ ବାବା ମାମୁଙ୍କ ଶୋଇବା ଘରେ ଆସ୍ଥାନ ଜମେଇ ବସିଥିଲେ। ଆଈ ମତେ ତାଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନବାକୁ କହିଲା। ମୁଁ ମନା କରିଦେଲି। ମାମୁ ବର ସାଙ୍ଗରେ ନ ଯାଇ ଗୁରୁଙ୍କ ପାଦତଳେ ବସିଥିଲେ। ରତି ମାଇଁ ସୋଇଠି ମାମୁଙ୍କ ପାଖରେ ହାତ ଯୋଡ଼ି ବସିଥିଲ। ମାମୁଁ ଓ ତାଙ୍କ ଗୁରୁଦେବ ଯାହା ଆଦେଶ କରୁଥିଲେ ତାହା ପାଳନ କରୁଥିଲା। ମୁଁ ଆମ କୋଣ ଘର ଝରକା ବାଟେ ସବୁ ଦେଖୁଥିଲି। ଜାଣି ଜାଣି ସେପଟ ଖଞ୍ଜା ଯାଇନଥିଲି।

ବୋହୂ ଫେରିବା ପରେ ବି ପଟ ଖଞ୍ଜାରେ ଲୋକ ଭିଡ଼ ହୋଇଯାଇଥିଲା। ମୁଁ ମୋ ମାଉସୀଘରକୁ ଚାଲିଗଲି। ରାତିରେ ଫେରି ବୋହୂ ହାତରେ ମୁଦି ଆଉ ଶାଢ଼ି ଦେଲି। ବେଭାର ଟଙ୍କା ବଡ଼ ମାମୁଁଙ୍କୁ ଧରେଇ ଦେଇ ସକାଳ ହେବା ଆଗରୁ ଭୁବନେଶ୍ୱର ଯିବାକୁ ପ୍ରସ୍ତୁତ ହେଲି। ଯିବା ଆଗରୁ ସବୁକାମ  ସାରିଦେଇ ସେପଟେ ଯାଇ ଦେଖିଲି ରତି ମାଇଁ ପୂଜା ପାଇଁ ଫୁଲ ଗୁନ୍ଥୁଥିଲେ ଆଉ ମାମୁଁ ଶ୍ଳୋକ ବୋଲି ବୋଲି ଟ୍ୟୁବ୍‌ୱେଲ ମୂଳେ ଗାଧୋଉଥିଲେ। ରତି ମାଇଁଙ୍କ ପାଦ ଛୁଇଁବାକୁ ଆଦୌ ଇଚ୍ଛା ହେଉନଥିଲା। ବାଧ ହୋଇ ମୋତେ ସେତକ କରିବାକୁ ପଡ଼ିଲା। ରତି ମାଇଁ କହିଲା କହି ମା ତମର ମଙ୍ଗଳ କରନ୍ତୁ। ତୁମକୁ ଭଲରେ ରଖନ୍ତୁ।

ମତେ ଭାରି କାନ୍ଦ ମାଡ଼ିଲା। ମାଇଁ ଆଜି ବଂଚିଥିଲେ ମୋତେ କ'ଣ ଆଠ ଦିନ ନରଖି ଏମିତି ନିରିମାଖି ଭଳି ଛାଡ଼ି ଦେଇଥାନ୍ତେ। ମୁଁ ରତି ମାଇଁ ମୁହଁକୁ ନଚାହିଁ ଏକମୁହାଁ ହୋଇ ପଳେଇ ଆସିଥିଲି।

ଯା ଭିତରେ ଦଶ ବର୍ଷ ବିତିଗଲାଣି। ମୁଁ ମାମୁଘର ଗାଁକୁ ବେଶୀ ଯାଇପାରେନି। ଗାଁ ଖବର  ସବୁ କିନ୍ତୁ ମୋତେ ମିଳେ। ଶୁଣିଥିଲି ରବି ମାମୁ ଓ ରତି ମାଇଁ ଏବେ ଗାଁକୁ ଆସନ୍ତିନାହିଁ। ବଡ଼ ଆଈ ମଲାବେଳେ ବି ମାମୁଁ ମାଇଁ ଗାଁକୁ ଆସିନଥିଲେ। ଆଈ ମଲାବେଳେ ସେଇ କଲିକତାରେ ବ୍ରାହ୍ମଣ ଭୋଜନ କରେଇଥିଲେ। ପ୍ରତିବର୍ଷ ଦୁହେଁ ମାଘ ସପ୍ତମୀ ମେଳା ପୂର୍ବରୁ ସିଦ୍ଧେଶ୍ୱରୀ ମନ୍ଦିରକୁ ଆସନ୍ତି। କାମ ସାରି ପୂର୍ଣ୍ଣିମା ପରେ ଫେରିଯାନ୍ତି। ମାମୁଁଙ୍କର ଅନ୍ୟ ଦୁଇ ପୁଅ ବିଳୁ ଓ ବିଲୁ ସିଦ୍ଧେଶ୍ୱରୀ ମନ୍ଦିରରେ ବାହା ହୋଇଥିଲେ ଏକା ଦିନକେ। ଗୁରୁଦେବଙ୍କ ଅଦେଶ ଅନୁସାରେ କୌଣସି ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଇନଥିଲା। ବ୍ରାହ୍ମଣ ଆସିନଥିଲେ। ବାଜା ରୋଷଣି କିଛି ହୋଇନଥିଲା। କେବଳ ଗୁରୁଦେବଙ୍କ ଭକ୍ତମାନେ ସେ ବାହାଘରରେ ଯୋଗ ଦେଇଥିଲେ। ଭୁବନେଶ୍ୱରରେ ଥାଇ ସବୁ କଥା ମୁଁ ଶୁଣିଥିଲି। ମାଇଁଙ୍କ କଥା ମନେ ପକେଇ ଆଉ ମା ଛେଉଣ୍ଡ ଛୁଆ ତିନିଜଣଙ୍କ ଦୁର୍ଦ୍ଦଶା କଥା ଭାବି ଦୁଃଖୀ ହୋଇ ଯାଇଥିଲି। ମାମୁଙ୍କ ପୁଅ ବୋହୂ ସମସ୍ତେ ଏବେ କଲିକତାରେ ରହନ୍ତି। ସେମାନେ ବି କୌଣସି ବନ୍ଧୁବାନ୍ଧବ ଘରକୁ ଯାଆନ୍ତି ନାହିଁ। ଗୁରୁଦେବଙ୍କ ଆଦେଶ ନାହିଁ। ଗାଁକୁ ବି ନୁହେଁ। ଘୃଣାରେ ମୋ ମନ ବିଷେଇ ଉଠେ ଏକଥା ଶୁଣି। କେତେ ଥର କଲିକତା ଯାଇଥିଲେ ବି ଇଚ୍ଛା କରି ତାଙ୍କ ଘରକୁ ଯାଏନା।

ଆଜି କିନ୍ତୁ ମାମୁଁଙ୍କ ଦେହ ଖରାପ କଥା ଶୁଣି ତାଙ୍କୁ ଦେଖିବାକୁ ଇଚ୍ଛା ହେଲା। ତାଙ୍କର ବୟସ ହୋଇଗଲାଣି କେତେବେଳେ କୋଉ କଥା। ମୋ ବୋଉକୁ ଓ ମୋତେ କେତେ ଭଲ ପାଉଥିଲେ ଦିନେ।

ଅନନ୍ତ ଆମ ଆଗେ ଆଗେ ଚାଲୁଥିଲା। ଏବେ ମାମୁଁ ଏ ମନ୍ଦିର ଓ ଆଶ୍ରମର ସର୍ବେସର୍ବା। ଗୁରୁଦେବ ମରିଗଲେଣି।

ପାଚେରୀ ଶେଷର କୋଣଘରେ ମାମୁ ମାଇଁ (ବାବା-ମାତା) ରହୁଛନ୍ତି। ଖଟ ଉପରେ ମାମୁ ଚିତ୍ ହୋଇ ଶୋଇଥିଲେ। ମୁଣ୍ଡରେ ଗୋଛାଏ ଜଟ। କପାଳରେ ଚନ୍ଦନ ଆଉ ସିନ୍ଦୁରର ଚିତା, ଦେହରେ ଗେରୁଆ ଲୁଗା। ସେ ତାଙ୍କ ଗୁରୁଦେବଙ୍କର ଉତ୍ତରାଧିକାରୀ। ରତି ମାଇଁ ସନ୍ଧ୍ୟା ଆଳତି ସାରି ଫେରୁଥିଲା। ମନ୍ଦିର ବେଢ଼ା ଭିତରେ ବେଶି ଗହଳି ନାହିଁ। ଆଉ ଦୁଇ ଦିନ ପରେ ଏଠି ସୋରିଷ ପକେଇବାକୁ ଜାଗା ମିଳିବନି। ପଚାଶ ଷାଠିଏରୁ ଅଧିକ ପୁରୁଷ, ସ୍ତ୍ରୀ ଓ ପିଲା ରତି ମାଇଁ ପାଦତଳେ ଲମ୍ବ ହୋଇ ପଡି ଯାଇଥିଲେ। ମାଇଁ ହାତ ଟେକି ଆଶୀର୍ବାଦ କରୁଥିଲା। ମା ସିଦ୍ଧେଶ୍ୱରୀ ତମର ମଙ୍ଗଳ କରନ୍ତୁ କହି ସମସ୍ତଙ୍କ ହାତକୁ ପ୍ରସାଦ ଟିକେ ଟିକେ ବଢେଇ ଦେଉଥିଲା। ସେ ଦୃଶ୍ୟ ମତେ ସ୍ୱପ୍ନ ପରି ଲାଗୁଥିଲା।

ନାଲି ଚଉଡ଼ା ଧଡ଼ିର ଧଳା ଶାଢ଼ି ପିନ୍ଧି ପୂଜା ଥାଳି ଆଉ ଠାକୁରାଣୀଙ୍କ ଛଡ଼ା ଫୁଲମାଳ ହାତରେ ଧରିଥିବା ଏଇ ପୂଜାରିଣୀ ଭିତରେ ମୁଁ ଖୋଜୁଥିଲି ସେଇ ହୁଣ୍ଡି, ଚଣ୍ଡୀ ଶ୍ରୀଅକ୍ଷର ବିବର୍ଜିତା ରତି ମାଉସୀକୁ। ମୋ ମାଇଙ୍କ ମୁହଁ  ପରି ଦିଶୁଥିଲା ତାଙ୍କ ମୁହଁ। ଠିକ ସେଇ ରୂପ, ପିଲାଦିନେ ମାଇଁଙ୍କୁ ଯେମିତି ଦେଖିଥିଲି ଅବିକଳ ସେମିତି। ମୁଁ ତାଙ୍କୁ ଜୁହାର ହେଲି। ଝିଅକୁ ଠାରି ଦେଲି ତାଙ୍କ ପାଦ ଛୁଇଁ ଜୁହାର ହେବାକୁ। ମା ତୁମର ମଙ୍ଗଳହେଉ କିଏ, ମାମା.. ଇଏ ନିଶ୍ଚେ ତମ ଝିଅ। ମା ସିଦ୍ଧେଶ୍ୱରୀ ତୁମକୁ ସାହା ହୁଅନ୍ତୁ। ମୋ ଝିଅକୁ କୁଣ୍ଢେଇ ଧରି ମାଇଁ ଗେଲ କରି ପକେଇଲେ। ଇଏ କ'ଣ ସେଇ ରତି ମାଉସୀ ଯାହାକୁ ମୁଁ ତା ବାହାଘର ପରଠୁ କେବଳ ଘୃଣା କରିଆସିଛି ?

ରତି ମାଇଁ ଆମକୁ କୋଳେଇ ଧରି ଘର ଭିତରକୁ ନେଇ ଆସିଲା।

ବାବା (ମାମୁଁଙ୍କୁ ସେ ବାବା ଡାକନ୍ତି ବୋଲି ଶୁଣିଥିଲି) ଦେଖିଲେଣି କିଏ ଆସିଛନ୍ତି ? ମାମା ଆଉ ତାଙ୍କ ଝିଅ। ଏତେ ଦିନରେ ଆମେ ମନେ ପଡିଲୁ ?

ମାମୁଁ ଆଖି ଖୋଲି ଚାହିଁଲେ। ମୁଁ ତାଙ୍କୁ ଜୁହାର ହେଲି। ମାମୁଁ ହସିଦେଲେ। ହାତଠାରି ପାଖରେ ବସିବାକୁ କହିଲେ। ଧୀର ସ୍ୱରରେ ସମସ୍ତଙ୍କର ଭଲମନ୍ଦ  ପଚାରିଲେ। ରତି ମାଇଁକୁ କହିଲେ, କ'ଣ

ଭଲ ଜିନିଷ ରଖିଛ ଏମାନଙ୍କୁ ଖାଇବାକୁ ଦିଅ। ତାଙ୍କ ଦେହ ଯେ ସତରେ ଅସୁସ୍ଥ ସେ କଥା ଜଣାପଡୁଥିଲା। ମୋ ଝିଅ ପିଠିରେ ଧୀରେ ଚାପୁଡ଼ାଟେ ମାରି କହିଲେ ମୁଁ ଅଧଘଣ୍ଟା ଭିତରେ ଧ୍ୟାନ ସାରି ଫେରିଆସିବି। ତୁ ଥିବୁ। ବଢ଼ିଆ ମ୍ୟାଜିକ ଦେଖେଇବି।

ମତେ କହିଲେ, ଏବେ ଖାଇଦେଇ ମନ୍ଦିର ଭିତରେ ବୁଲି ଆସିବୁ ତୋ ମାଇଁ ସାଙ୍ଗରେ। ମାମୁଁ କୁନ୍ଥେଇ କୁନ୍ଥେଇ ଉଠି ପାଖ କୋଠରୀକୁ ଯାଇ ଭିତରୁ କବାଟ ବନ୍ଦ କରିଦେଲେ। ରତି ମାଇଁ କହିଲେ ଏବେ ତମ ମାମୁ ଧ୍ୟାନରେ ବସିବେ। କେତେବେଳେ ଧ୍ୟାନ ସରିବ କିଛି ଠିକଣା ନାହିଁ। ମୁଁ ଦୁଷ୍ଟାମି କରି କହିଲି, ମାମୁଁ ନିଶ୍ଚୟ ସେଠି ଶୋଇ ପଡୁଥିବେ। ନ ହେଲେ କବାଟ କିଲି ଏତେ ସମୟ ସେ କ'ଣ କରନ୍ତି ତମେ କଣା ବାଟେ ଦେଖୁନ ? ରତି ମାଇଁ ହସିଦେଇ କହିଲେ ଧେତ୍ ତମର ସେଇ ପିଲାଳିଆମି ଗଲାନି।

ମାଇଁ ଆମ ପାଇଁ ଗୁଡ଼ ସନ୍ଦେଶ, ନିମିକି ଆଉ କୋକାକୋଲା, ବୋତଲ ତିନିଟା ଆଣିଲେ। କଲିକତାର ଗୁଡ଼ ସନ୍ଦେଶ ମୋର ଖୁବ ପ୍ରିୟ। ମାଇଁ କହିଲେ ଖାଇନିଅ। ତମ ଝିଅ ପାଇଁ ଫଳ କାଟି ଦଉଚି। ତମେ ତ ଫଳ ଭଲ ପାଅନି। ଗୁଡ ସନ୍ଦେଶକୁ କିନ୍ତୁ ମନା କରିବନି। ଜାଣେ ! ରତି ମାଇଁ କେମିତି ଜାଣିଲା ମୁଁ ଗୁଡ଼ ସନ୍ଦେଶ ଭଲ ପାଏ ? ତାଙ୍କୁ ଏ ପର୍ଯ୍ୟନ୍ତ ଘୃଣା କରି ଆସୁଥିବା ଯୋଗୁ ମୁଁ ନିଜକୁ ଧିକ୍କାର କଲି।

ଅନନ୍ତର ହାତ ଧରି ଝିଅ ଚାଲିଗଲା ମନ୍ଦିର ବେଢ଼ା ଭିତରେ ବୁଲି ଦେଖିବା ପାଇଁ। ଖଞ୍ଜଣି ମାଡ଼, ଭଜନ, କୀର୍ତ୍ତନରେ ବେଢ଼ା କଂପୁଥାଏ। ମାଇଁ କହିଲେ ଏଠି କାନ ଅତଡ଼ା ପଡିଯିବ। ଚାଲ ପୋଖରୀ ଆଡ଼େ ଯିବା, ସେଇଠି ଗପସପ ହେବା। ଆମେ ଦି'ଜଣ ମନ୍ଦିର ପଛପଟ ପୋଖରୀ ଆଡେ ଗଲୁ। ରାତି ହେଇଯାଇଥିଲା। ମନ୍ଦିର ପଛରେ ଲାଇଟ ନ ଥିଲା। କିନ୍ତୁ ଜହ୍ନ ରାତିରେ ସବୁ ପରିଷ୍କାର ଦିଶୁଥିଲା। ଇଟାବାଡ଼ିଆ ସରୁ ରାସ୍ତା ଦି' ପାଖରେ ଫୁଲର ଜଙ୍ଗଲ। ପୋଖରୀ ହୁଡ଼ା ସାରା ଗେଣ୍ଡୁ ଫୁଲ ଭର୍ତ୍ତି। ଚାରିପାଖରେ ପଥରବନ୍ଧା ପାହାଚ। ଦି ପାଖରେ ସିମେଣ୍ଟ ତିଆରି ବେଂଚ। ଗୋଟିଏ ବେଂଚ ଉପରେ ମାଇଁ ଆଉ ମୁଁ ପାଖାପାଖି ହେଇ ବସିଲୁ। ଗଛ ସନ୍ଧିରୁ ଜହ୍ନ ଆଲୁଅ ଛପିଛପିକା ପଡୁଥିଲା।

– ମୁଁ କୋଉଠୁ କଥା ଆରମ୍ଭ କରିବି ଜାଣି ପାରୁନଥାଏ। କହିଲି ମକର ଯାତ୍ରା କଥା ତମର ମନେ ପଡ଼େ ?

– ହଁ ଖୁବ...। ମୋ ଅପା କଥା ବି।

– ପିଲାଦିନେ ଆମେ କେତେ ଘୁଗୁନି ଖାଉଥିଲେ ଯାତରୁ।

– ହଁ, ସେଦିନ ସବୁ କୁଆଡ଼େ ଗଲା ସତରେ। ଅପା ତାଙ୍କ ଘର ଲୋକଙ୍କୁ ଲୁଚେଇ ତମ ହାତରେ ମୋ ପାଇଁ ଯାତ୍ରା ଖର୍ଚ୍ଚ ଦଉଥିଲା। ରାତିରେ ଅପେରା ଦେଖି ଦିନରେ ଆମେ ଧାନଖଳାରେ ଲୁଗା ଟାଙ୍ଗି କେମିତି ରାଜା ମନ୍ତ୍ରୀ ପାର୍ଟ କରୁଥିଲେ। ତମ ଅଣ୍ଟାରୁ ତ ଲୁଗା ଖସି ଯାଉଥିଲା। ଆଜି ଭାବିଲେ ମତେ ଆରଜନ୍ମ କଥା ଭଳି ଲାଗେ।

– ତମର ସତରେ ମୋ ମାଇଁଙ୍କ କଥା ମନେ ପଡେ ? ମୋ ନିଜ ପ୍ରଶ୍ନ ମୋତେ ଖାପଛଡ଼ା ଲାଗୁଥିଲା।

– ମନେ ପଡିବନି ? ମୋ ପାଇଁ ଅପା କେତେ ଚିନ୍ତା କରୁଥିଲା ? ସେ କଣ ଜାଣିଥିଲା ଅଦୃଷ୍ଟ ମେତେ ଆଣି ତା'ରି ଜାଗାରେ ବସେଇବ ?

ମୁଣ୍ଡ ଉପରେ ନବମୀର ଜହ୍ନ। ପୋଖରୀ ପାଣିରେ ବି ଜହ୍ନର ଛାଇ ପରିଷ୍କାର ଦିଶୁଚି। ମୁଁ ଛୋଟ ଗୋଡ଼ିଟିଏ ଉଠେଇ ପୋଖରୀକୁ ତେରଛା କରି ପକେଇଲି। ପିଲାଦିନେ ଏମିତି ତେରଛା କରି ଖପରା ଖଣ୍ଡ ସବୁ ଆମେ ପ୍ରତିଯୋଗିତା କରି ପୋଖରୀକୁ ପକାଉ। ଖପରା ସବୁ ପାଣିରେ ଡେଇଁ ଡେଇଁ ଯାନ୍ତି। ଯାହାର ଖପରା ସବୁଠୁ ବେଶୀ ଥର ଡିଏଁ, ସେ ଜିତେ।

ପଚାରିଲି, ଗୋଟିଏ କଥା ପଚାରିବି ସତ କହିବ ?

– ପଚାର, ମା'ଙ୍କ ବେଢ଼ାରେ ମିଛ କହିବିନି।

– ତମର ତ ନିଜର ପିଲାଛୁଆ ନାହାନ୍ତି। ତମେ ଅଜୁ, ବିଜୁଙ୍କୁ ମା' ଭଳି ସ୍ନେହ ଦେଇଛ ତ ? ମତେ ଭୁଲ ବୁଝନି। ମାଇଁ ମଲାପରେ ତମର ମାମୁଙ୍କ ସାଙ୍ଗରେ ବାହାଘର ଦିନୁ ମୁଁ ଅନେକ ଥର ସେଇ ଚିନ୍ତା କରିଛି। ସେମାନେ ମୋ ନିଜ ଭାଇ ପରି। ତାଙ୍କ କଥା ମନେ ପଡିଲେ ମୋତେ କାନ୍ଦ ମାଡ଼େ। ଗାଁ ଲୋକମାନେ ବି ମତେ କେତେ କଥା କହିଛନ୍ତି। ଗାଁକୁ ତମେ ମାନେ ଯାଅନି, ଶୁଣିନଥିବ।

ରତି ମାଇଁ କିଛି ସମୟ ଚୁପ ରହିଲେ। ମୁହଁ ଉପରେ ଶାଢୀ କାନି ବୁଲେଇ ନେଇ କହିଲେ, କ'ଣ କହିବି, କେମିତି କହିବି ଜାଣିପାରୁନି। ତମେ ମୋ ଅପାର ନିଜ ଝିଅ ପରି, ତା'ର ଖୁବ୍ ପ୍ରିୟ ମଣିଷ। ବୟସରେ ସାନ ହେଲେ ବି ମୁଁ ତୁମ ମା' ସମାନ। ମୋ କଥା ଆଜି ପର୍ଯ୍ୟନ୍ତ କେହି ଜାଣିନାହାନ୍ତି। ତମ ଉପରେ ଭରସା ଅଛି। ସବୁ କଥା ଖୋଲି କହିବି। ତା' ପରେ ତମେ ବୁଝିବ ତମ ଭାଇମାନଙ୍କୁ ମା'ର ସ୍ନେହ ଦେଇଛି ନା ନାହିଁ।

ଅପା ମରିଯିବା ପରେ ମୋ ବୋଉ ତା' ଝିଅ ଆଉ ନାତିମାନଙ୍କ ଚିନ୍ତାରେ ଦିନରାତି କାନ୍ଦୁଥାଏ। ଏଇ ସମୟରେ ଦିନେ କଲିକତାରୁ ତମ ମାମୁ ମୋ ବାପାଙ୍କୁ ଚିଠିରେ ଲେଖିଲେ, ସଂସାର ଚଳେଇବାକୁ ମୋତେ ଆଉଥରେ ବାହା ହେବାକୁ ପଡ଼ିବ, ଗୁରୁଦେବ ଆଦେଶ ଦେଇଛନ୍ତି। ଯଦି ରତିକୁ ମୋ ସାଙ୍ଗରେ ବାହା ଦେବ ଭଲ କଥା। ନହେଲେ ମୁଁ ଅନ୍ୟ ଜାଗାରେ ବାହା ହେବି। ଆସନ୍ତା ବୈଶାଖ ମାସରେ ନିଶ୍ଚୟ ବାହାଘର ହେବ। ଶୀଘ୍ର ତମର ମତାମତ ଜଣାଅ। ଆମ ଘରେ ପୁଣି କାନ୍ଦ ବୋବାଳି ପଡ଼ିଲାଣି। ତମ ମାମୁଁ ମୋଠୁ କୋଡିଏ ଏକୋଇଶ ବର୍ଷ ବଡ଼। ମୋ ମତାମତ ଲୋଡିବା ଦରକାର ପଡିଲାନି। ତମ ମାମୁଙ୍କ ସଂଗେ ମୋତେ ଛନ୍ଦି ଦିଆଗଲା। ପିଲାଦିନେ ଅପାର ଗହଣା, ଶାଢୀ, କୋଠାଘର ଦେଖି ମୁଁ ଭାବୁଥିଲି ମୋତେ

ଏମିତି ବର ମିଳନ୍ତା କି। ଦ୍ରୌପଦୀଙ୍କ ବର ମାଗିବା ପରି ସେଇ କାମନା ବୋଧେ ମୋର କାଳ ହେଲା।

ଏଇ ମନ୍ଦିର ଭିତରରେ ଗୁରୁଦେବ ଆମର ବାହାଘର କଲେ। ତା' ପରଦିନ ଆମେ କଲିକତା ଗଲୁ। ପୁଅମାନେ ଗାଁରେ ଥିଲେ । ମୁଁ ସେତେବେଳକୁ ତମ ମାମୁଙ୍କୁ ବହୁତ ଡରୁଥାଏ। ତାଙ୍କୁ ଦେଖିଲେ ମୋ ଦେହ ଥରେ।

କଲିକତାରେ ମୋତେ ଜଣେ ଡାକ୍ତରାଣୀଙ୍କ ପାଖକୁ ନିଆଗଲା। ମୁଁ କିଛି ବୁଝି ପାରୁନଥିଲି। ମୋତେ କେତେଗୁଡ଼ିଏ ଔଷଧ ଖାଇବାକୁ ଦିଆଗଲା ଏବଂ ଦି' ତିନି ଦିନ ପରେ ମୋର ଅପରେସନ ହେଲା। ଅପରେସନ ରୁମକୁ ଯିବା ଆଗରୁ ମୁଁ କେବଳ ତୁମ ମାମୁଙ୍କ ମୁହଁକୁ ଚାହୁଁଥିଲି। ମୋ ମୁଣ୍ଡ ଆଉଁସି ଦେଇ ସେ କହିଥିଲେ, ସବୁ ମା'ଙ୍କ ଇଚ୍ଛା। ପରେ ଜାଣିଲି ମୋର ପିଲା ନ ହେବା ପାଇଁ ଅପରେସନ କରାଯାଇଥିଲା।

ତା' ପରେ ଓଡ଼ିଆ ସ୍କୁଲର ଜଣେ ଦିଦି ଆମ ଘରକୁ ଆସି ସବୁଦିନ ସନ୍ଧ୍ୟାରେ ମୋତେ ପାଠ ପଢେଇଲେ। ପିଲାଦିନେ ତ ଅ, ଆ ବି ପଢି ନଥିଲି। ଯାଙ୍କ ଡରରେ ଓଡ଼ିଆ ଇଂରାଜୀ ପଢିଲି।

ମାମୁଙ୍କୁ ନେହୁରା ହୋଇ ପୁଅମାନଙ୍କୁ ଆଣି ପାଖରେ ରଖିଲି। ମୋ ପୁଅମାନେ ମୋତେ  ଦିନେ ହେଲେ ବୋଉ ବୋଲି ଡାକିଲେନି। ମୋ ପାଖକୁ ପ୍ରାୟ ସେମାନେ ଆସନ୍ତିନି। ଭାରି ମନ କଷ୍ଟ ହୁଏ। ମା' ନହେଲି ନାଇଁ ମାଉସୀ ତ ତାଙ୍କର। ମୋର ଯାହା କରିବା କଥା ସେମାନଙ୍କ ପାଇଁ ମୁଁ କରିବାରେ ହେଳା କରିନି। ସବୁବେଳେ ଭାବେ ମୋ ଅପା ତା'ର ସଂସାର ମୋ ଉପରେ ଲଦିଦେଇ ଉପରେ ବସି ସବୁ ଦେଖୁଛି। ମୋର ଦୁଃଖ କଷ୍ଟ ହେଲେ ଠାକୁରାଣୀଙ୍କୁ ନ ଡାକି ତାକୁ ଡାକେ। ଯା' ହେଉ ଠାକୁରାଣୀଙ୍କ ଦୟାରୁ ପିଲାମାନେ ପାରି ଗଲେଣି।

ତମ ମାମୁ ମତେ ଗାଁକୁ ଯିବାକୁ ଛାଡ଼ନ୍ତିନି। ମୋ ବାହାଘର ଦିନରୁ ମୁଁ ବାପଘର ଯାଇନି। ଥରେ ଗାଁକୁ ଆସିଥିଲି ଚାରିଦିନ ପାଇଁ। ବିଜୁ ବାହାଘର ବେଳକୁ। ଗୁରୁଦେବଙ୍କର ଆଜ୍ଞାରେ ଆମ ପାଇଁ ସବୁ ସଂପର୍କ ମନା। ଗୁରୁଦେବ କହିଲେ, ସଂସାରରୁ ଯେତେ ଦୂରେଇ ଯିବ ମା'ଙ୍କ ପୂଜାରେ ସେତେ ମନ ଧ୍ୟାନ  ରହିବ। ନହେଲେ ଦୁଃଖୀ ହବ। ମୁଁ କିନ୍ତୁ ପ୍ରଥମେ ପ୍ରଥମେ ମନ ଭିତରେ ଭାବୁଥିଲି ବୁଢ଼ା ନିଜ ସ୍ତ୍ରୀ ପିଲା ଧରି ରହିବ, ଆମ ବେଳକୁ ସବୁ ବାରଣ। ଆମେ ଗାଁକୁ ଯିବୁନି, ବନ୍ଧୁବାନ୍ଧବଙ୍କ ସଂଗେ ସଂପର୍କ ରଖିବୁନି, ଯେତେ ସବୁ ଭଣ୍ଡାମୀ। କିନ୍ତୁ ଧୀରେ ଧୀରେ ମନ ମାରିବା ଶିଖିଗଲି। ଜାଣିଲି ଏଇ ଆଶ୍ରମ ମୋର ଘର, ଏଠିକି ଆସୁଥିବା ସବୁ ମଣିଷ ମୋର ପୁଅ ଝିଅ।

ଦି' ବର୍ଷ ତଳେ ଗୁରୁଦେବ ଦେହତ୍ୟାଗ କଲେ। ସେଇଦିନଠୁ ମୁଁ ଆଉ କଲିକତା ନଯାଇ ଏଇଠି ରହୁଛି। ଏଠି ଭଲ, ସବୁଦିନ ଗହଳ ଚହଳ ଭିତରେ ନିଜ କଥା ଭାବିବାକୁ ସମୟ ହୁଏନା। ତଥାପି ବେଳେ ବେଳେ ଭାବେ ସବୁ ଛାଡ଼ି କୁଆଡ଼େ  ପଳେଇବି। ଜବରଦସ୍ତ କରି କାହାକୁ ସନ୍ୟାସିନୀ କରିଦେଲେ ସେ କ'ଣ ସମସ୍ତଙ୍କଠୁ ସଂପର୍କ କାଟିଦେଇ ଖୁସିରେ ରହିପାରିବ? କ'ଣ ଭଲା ମିଳିଲା ମୋତେ? ତମ ମାମୁଙ୍କର ସ୍ତ୍ରୀ ଦରକାର ଥିଲା। ସେବା କାରିଣୀ ଦରକାର ଥିଲା ମୋତେ ଆଣିଲେ। ମୋ ବାପା ଭାଇ ମନା କରିଥିଲେ ସେ ଆଉ କାହାକୁ ଆଣିଥାନ୍ତେ। ମୋ ପେଟ ଭିତର କାଟିଦେବା ଆଗରୁ ଥରେ ମତେ ଜାଣିବାର ଅଧିକାର ବି ଦେଲେନି। ଗୁରୁଦେବ ତାଙ୍କର ଚାଳିଶ ବର୍ଷର ଶିଷ୍ୟକୁ ସଂଯମ ଶିକ୍ଷା ଦେଇପାରିଲେନି। ଅଥଚ  ଗୋଟିଏ ନିରୀହ ଗରିବ ଝିଅର ମା' ହେବାର ସମ୍ଭାବନା ଟିକକ ଶେଷ କରିଦେଲେ?

ମାଇଁ କଇଁ କଇଁ ହୋଇ କାନ୍ଦୁଥିଲେ। କ'ଣ କହି ତାଙ୍କୁ ବୁଝେଇବି ମୁଁ ଜାଣି ପାରୁନଥିଲି। ତାଙ୍କ ପିଠିରେ ହାତ ରଖିଲି। ମନେ ମନେ କହିଲି, ତମେ ସତରେ ଦେବୀ। ମୋ ମାଇଁ କ'ଣ ଏତେ ତ୍ୟାଗ କରିପାରିଥାନ୍ତେ? ତମେ ନିଶ୍ଚୟ ମା'ଙ୍କ ଅବତାର।

ମାଇଁ ଲୁହ ପୋଛି ପ୍ରକୃତିସ୍ଥ ହେଲେ। କହିଲେ, ଚାଲ ଯିବା। ତମ ଝିଅ ତେଣେ ତୁମକୁ ଖୋଜୁଥିବ। ଗାଁକୁ ଆସିଲେ ମତେ ଟିକେ ଦେଖି ଯାଉଥିବ। ମୁଁ ତ ଏଇଠି ରହୁଛି। ଆଠ ଦିନ ତଳେ ରାନୁ ଆସିଥିଲା ଆଶ୍ରମକୁ। ସେଇ କହୁଥିଲା ତମେ ଚିଠି ଦେଇଚ, ଆସିବ। ତମ ପାଇଁ ଗୁଡ଼ ସନ୍ଦେଶ ମଗେଇଥିଲି କଲିକତାରୁ। କିନ୍ତୁ ତମେ ଆସିବ ବୋଲି ମୋର ଆଶା ନଥିଲା।

ନାଁ ମାଇଁ, ମୁଁ ଏଣିକି ନିଶ୍ଚୟ ଆସିବି। ଏଠିକି ଫୋନ୍ ଆସିଗଲେ ତମେ ନମ୍ବରଟା ଜଣେଇବ। ମୋତେ ଫୋନ କରିବ।

- ତମ ମାମୁଁଙ୍କୁ କହିବ।

- ମୋତେ ଖାଲି ନମ୍ବରଟା ଜଣେଇଲେ ମୁଁ ଫୋନ୍  କରିବି। ମାମୁଁ କିଛି କହିବେନି। ସେ ମତେ ଖୁବ୍ ଭଲ ପାନ୍ତି।

- ହଁ ସେଇଟା ଠିକ ହେବ।

ଆମେ ଫେରୁଥିଲୁ। ଆମ୍ବ ଗଛ ଡାଳରେ ବଉଳ ଭର୍ତ୍ତି। ତା'ର କଡ଼ା ମିଠା ବାସ୍ନା ଭଲକରି ଶୁଙ୍ଘିବା ପାଇଁ ମୁଁ ଜୋରରେ ନିଃଶ୍ୱାସ ଭିତରକୁ ନଉଥିଲି। କହିଲି କେତେ ବଉଳ ହେଇଛି। ବହୁତ ଆମ୍ବ ମିଳିବ ଏ ବର୍ଷ।

- ଫଳ ପର୍ଯ୍ୟନ୍ତ ଗଲେ ତ। କିଏ ଜାଣେ କୁହୁଡ଼ି, ଝଡ଼ ପବନର ପାରି ହୋଇ ଆମ୍ବ ଫଳି ପାରିବ କି ନାହିଁ।

ମାଇଁଙ୍କ ମୁହଁକୁ ଚାହିଁଲି। ଜହ୍ନ ଆଲୁଅରେ  ତାଙ୍କ ବିଷର୍ଣ୍ଣ ମୁହଁ ଦେଖି ମତେ କାନ୍ଦ ମାଡିଲା।

ମାମୁଙ୍କ କବାଟ  ଖୋଲିନଥିଲା। ମାଇଁଙ୍କଠୁ ବିଦାୟ ନେବାକୁ ମୁଁ ଆଉ ମୋ ଝିଅ ତାଙ୍କ ପାଦ ଛୁଇଁଲୁ। ସେତେବେଳେ ସତକୁ ସତ ମୁଁ ସାକ୍ଷାତ ଠାକୁରାଣୀଙ୍କ  ପାଦ ଛୁଇଁଲା ପରି ଅନୁଭବ କରୁଥିଲି।

# ଶ୍ରୀକୃଷ୍ଣଙ୍କ ସ୍ମିତ-ହାସ୍ୟ



ISSN-2583-6978
Volume-4
Issue-10
OCTOBER-2024

**ଶ୍ରୀ ଶମ୍ଭୁନାଥ ଦାସ**

**କର୍ଣ୍ଣିବାଙ୍କ (ପାଲଟପୁର), ମଙ୍ଗଳପୁର, ଯାଜପୁର**

ଧର୍ମ ନାହିଁ.... ଧର୍ମ ନାହିଁ.... ଧର୍ମ ନାହିଁ.... କହି ମା' ଗାନ୍ଧାରୀ ଏମିତି ଚିତ୍କାର କରି ଉଠିଲେ ଯେ, ସତେ ଯେପରି ଆମର୍ତ୍ତ-ବୈକୁଣ୍ଠ ଦୋହଲି ଗଲାଭଳି ଅନୁଭୂତ ହେଲା । ଧୃତରାଷ୍ଟ୍ର ଆଗରୁ କେବେ ଗାନ୍ଧାରୀଙ୍କର ଏମିତି ଅଧୈର୍ଯ୍ୟ-ଯନ୍ତ୍ରଣା ଅନୁଭବ କରି ନ ଥିଲେ । ଆଜି ଭୀମ ହାତରେ ଜ୍ୟେଷ୍ଠପୁତ୍ର ମାନଗୋବିନ୍ଦ କୁରୁତିଳକ ମାନୀ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ସମ୍ବାଦ ଶୁଣି ମାତା ଗାନ୍ଧାରୀଙ୍କର ବ୍ୟଥା-ବେଦନା ଅତି ଉଗ୍ର ରୂପ ଧାରଣ କରିଥିଲା । କାରଣ ସେ ଗୋଟିଏ ମାତ୍ର ପୁତ୍ରର ଜୀବନ ସୁରକ୍ଷା ପାଇଁ 'ପୁତ୍ର-ସୁରକ୍ଷା ବ୍ରତ' କରି ଧର୍ମଦେବତାଙ୍କୁ ଆକୁଳ ପ୍ରାର୍ଥନା କରୁଥିଲେ।

ଗାନ୍ଧାରୀଙ୍କର ଏଭଳି ଗର୍ଜନରେ ଯେମିତି ସ୍ୱର୍ଗପୁର ଚମକି ଉଠିଲା ! ଧର୍ମଦେବ ନିଜକୁ କ୍ଷମା କରିପାରୁ ନ ଥିଲେ । ଧର୍ମଦେବ, ବ୍ରହ୍ମଦେବ ଓ ମହାଦେବଙ୍କ ସମେତ ଦେବତାମାନେ ଲଜ୍ୟାରେ ଅତିଷ୍ଠ ହୋଇ ବୈକୁଣ୍ଠପୁରରେ ଶ୍ରୀବିଷ୍ଣୁଙ୍କ ଦରବାରରେ ଏକତ୍ରୀତ ହେଲେ । ଦେବତାମାନଙ୍କର ଏପରି ଆନ୍ଦୋଳନାତ୍ମକ ଆଗମନ ଦେଖି ଶ୍ରୀବିଷ୍ଣୁ ଅଭିନୟାତ୍ମକ ମୁଦ୍ରାରେ କହିଲେ, 'କ'ଣ ହୋଇଛି ଦେବଗଣ ! ଆପଣମାନେ ଏତେ ଅସ୍ଥିର ଓ ବିବ୍ରତ ହୋଇ କାହିଁକି ଆସିଛନ୍ତି ? ସ୍ୱର୍ଗପୁରରେ କ'ଣ କିଛି ବିପଦ ପଡ଼ିଛି କି ? ଧର୍ମଦେବ ଯମ-ମହାରାଜ ଅଧିକ ବିଷର୍ଣ୍ଣ ବୋଧ ହେଉଛନ୍ତି ! କାରଣ କ'ଣ ?'

ଧର୍ମଦେବ କହିଲେ, 'ହେ ପ୍ରଭୁ ନାରାୟଣ ! ଆପଣ ତ ଧର୍ମ ରକ୍ଷା କରିବା ପାଇଁ ମର୍ତ୍ତ୍ୟରେ ଅବତାର ଗ୍ରହଣ କରିଛନ୍ତି ! ଧର୍ମ ସଂସ୍ଥାପନ ସହିତ ଦେବତାମାନଙ୍କର ସମ୍ମାନ ତ ବଞ୍ଚାଇବାକୁ ପଡ଼ିବ ! ତେବେ ଧୃତରାଷ୍ଟ୍ରଙ୍କର ସବୁ ପୁତ୍ର ମରିଯିବାର ଆଶଙ୍କା କରି ମାତା ଗାନ୍ଧାରୀ ମାତ୍ର ଗୋଟିଏ ପୁତ୍ରର ଜୀବନ ଭିକ୍ଷା କରି ନିଷ୍ଠାର ସହିତ ଆଜି ଜ୍ୟେଷ୍ଠ-ସଂକ୍ରାନ୍ତି'ରେ ମୋତେ ଉପାସନ (ଏକପୁତ୍ର ସୁରକ୍ଷା ବ୍ରତ) କରିଥିଲେ । ମୁଁ ତାଙ୍କର ପୂଜା ଆରାଧନାରେ ସନ୍ତୁଷ୍ଟ ହୋଇ ଅଭୟ ମୁଦ୍ରାରେ ଥିଲି । କିନ୍ତୁ ଆଜି ଭୀମ ଦୁର୍ଯ୍ୟୋଧନଙ୍କୁ ବଧ କରି କୌରବ ବଂଶ ନିପାତ କରିଛନ୍ତି !

ଶ୍ରୀବିଷ୍ଣୁ ସ୍ମିତ-ହାସ୍ୟ ବଦନରେ କହିଲେ, 'ହେ ଧର୍ମରାଜ ! ଆପଣ ମାତା ଗାନ୍ଧାରୀଙ୍କର ଏକପୁତ୍ର ସୁରକ୍ଷା ବ୍ରତରେ ସନ୍ତୁଷ୍ଟ ହୋଇ ବରଦାନର ଅଭୟ ମୁଦ୍ରାରେ ଥିଲେ ବୋଲି ତ ମାନସରୋବରରେ ଦେବୀ ଲକ୍ଷ୍ମୀ ଦୁର୍ଯ୍ୟୋଧନଙ୍କୁ ମାତୃତ୍ୱ ସୁରକ୍ଷା କୋଳରେ ବସାଇ ରଖିଥିଲେ । କିନ୍ତୁ ଭୀମର ଗର୍ଜନରେ ଦୁର୍ଯ୍ୟୋଧନଙ୍କ ରକ୍ତ ଏମିତି ଗରମ ହୋଇଗଲା ଯେ' ସେ ନିଜେ ସୁରକ୍ଷିତ ମାତୃକୋଳରୁ ଡେଇଁ ପଡ଼ି ମରଣମୁଖକୁ ଚାଲିଗଲେ । ଏଥିରେ ଆପଣ ନିଜକୁ ଦାୟୀ କରୁଛନ୍ତି କାହିଁକି ?

ଧର୍ମଦେବ କହିଲେ, 'ପ୍ରଭୁ ! ଆପଣ ତ ମୋର ସମ୍ମାନ ରକ୍ଷା କରିପାରିଥା'ନ୍ତେ ?

ପ୍ରଭୁ ନାରାୟଣ କହିଲେ, 'ହଁ ଧର୍ମରାଜ ! ତାହା ତ ହୋଇଛି ! ଆପଣଙ୍କ ସମ୍ମାନ ମଧ୍ୟରେ ସକଳ ଦେବତାମାନଙ୍କର ସମ୍ମାନ ନିହିତ ବୋଲି ଆପଣ କାହିଁକି ଭୁଲି ଯାଉଛନ୍ତି ? ଗାନ୍ଧାରୀଙ୍କ କ୍ରୋଧରେ ଆପଣ ବିଚଳିତ ହୋଇପଡ଼ିଲେ ତ, ଠିକ୍ ! କିନ୍ତୁ ଗାନ୍ଧାରୀଙ୍କର ପରବର୍ତ୍ତୀ ଅଭିନୟ ଓ କାର୍ଯ୍ୟକଳାପ ଦେଖିବାକୁ ଆପଣ ଧୈର୍ଯ୍ୟ ରଖୁ ନାହାନ୍ତି କାହିଁକି ?

ଧର୍ମଦେବ କହିଲେ, 'ମାନେ ?

ବୈକୁଣ୍ଠପତି ସ୍ମିତ-ହାସ୍ୟ ବଦନରେ କହିଲେ, 'ଆସନ୍ତାକାଲି ମା' ଗାନ୍ଧାରୀଙ୍କର କାର୍ଯ୍ୟକଳାପ ଉପରେ ଆପଣମାନେ ଦୃଷ୍ଟି ନିକ୍ଷେପ କରନ୍ତୁ ! ଧର୍ମଦେବ ନିଶ୍ଚୟ ତାଙ୍କ ବରଦାନର ପ୍ରସନ୍ନତା ଭାବ ବିଷୟରେ ଜ୍ଞାତସାର ହେବେ । ଏହା ଶୁଣି ସକଳ ଦେବଗଣ

ବୈକୁଣ୍ଠପୁରରୁ ସେମାନଙ୍କର ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ।

ତା' ପରଦିନ ମା' ଗାନ୍ଧାରୀ ଦୁଃଖ-ଶୋକରେ ମ୍ରିୟମାଣ ହୋଇ ପାଗଳୀ ପରି ଯୁଧିଷ୍ଠିରଙ୍କୁ ଆକୁଳ ନିବେଦନ କରୁଥିଲେ, 'ବାବୁରେ .... ଧନରେ .... ତୁମ୍ଭେମାନେ ତ ମୋର ପୁତ୍ର ! ତୁମ ସବୁ ଭାଇ ଭାଇଙ୍କ ମଧ୍ୟରେ କଳହ ନ ଦେଖିବା ପାଇଁ, ଯୁଦ୍ଧ ନ ଦେଖିବା ପାଇଁ ମୁଁ ଏପର୍ଯ୍ୟନ୍ତ ଆଖିରେ ଅନ୍ଧପୁଟୁଳି ବାନ୍ଧି ରଖିଥିଲି । ଏବେ ତ ଯୁଦ୍ଧ ଶେଷ  କଳହ ଶେଷ ! ତେଣୁ ତୁମ୍ଭମାନଙ୍କୁ ଟିକେ ଆଖି ପୁରେଇ ଦେଖି ମୋ' ମାତୃତ୍ୱ ହୃଦୟକୁ ଶୀତଳ କରିବି । ଆସ ମୋର ପାଞ୍ଚ ପୁତ୍ର, ମୋ' ପାଖକୁ ଆସ ! ଭୀମ କାହିଁ ମୋ' ଆଦରର ଭୀମ କାହିଁ ? ଆଃ ଆଃ ବାବୁ ଭୀମ ! ମୁଁ ତୋତେ ଟିକେ ପ୍ରଥମେ ଦେଖି ମୋ' ମାତୃତ୍ୱ ହୃଦୟକୁ ଶୀତଳ କରେ !

ମା' ଗାନ୍ଧାରୀଙ୍କର ବ୍ୟାକୁଳିତ ଓ ଶୋକାର୍ତ୍ତ ହୃଦୟକୁ ହୃଦୟଙ୍ଗମ କରିପାରୁଥିଲେ ଯୁଧିଷ୍ଠିର । ମା' ଗାନ୍ଧାରୀଙ୍କ ପାଖକୁ ଯିବା ପାଇଁ ଭୀମଙ୍କୁ ଆଦେଶ ଦେଉ ଦେଉ ହଠାତ୍ ଶ୍ରୀକୃଷ୍ଣ ଏକ ଯୁବକ ସହିତ ସେଠାରେ ଉପସ୍ଥିତ ହୋଇଗଲେ । ଯମାଳୟରୁ ଧର୍ମରାଜ ଅପଲକ ନୟନରେ ଦେଖୁଥିଲେ ଏହି ଦୃଶ୍ୟ । ଗାନ୍ଧାରୀଙ୍କର କୃତ୍ରିମ କଥା ଶୁଣି ସେ ଆଶ୍ଚର୍ଯ୍ୟ ହେଉଥିଲେ ! ଗାନ୍ଧାରୀ ତ ପ୍ରକୃତରେ ଯୁଦ୍ଧ ନ ଦେଖିବା ପାଇଁ ନୁହେଁ, ସ୍ୱାମୀଙ୍କ ସମ୍ମାନାର୍ଥେ ନିଜ ଆଖିରେ ଅନ୍ଧପୁଟୁଳି ବାନ୍ଧିଥିଲେ ! ଏବେ ହଠାତ୍ ଶ୍ରୀକୃଷ୍ଣଙ୍କ ସହିତ ଯୁବକଙ୍କୁ ଦେଖି ଅବାକ୍ ହୋଇଗଲେ । ଆରେ ଆରେ ୟେ'ତ ମା' ଗାନ୍ଧାରୀଙ୍କର ସର୍ବ କନିଷ୍ଠ ପୁତ୍ର ଦୁର୍ଦ୍ଧର୍ଷ ! ପତଳା ଶରୀର ନିରୀହ ଆଖି ଗୋରା ତକତକ ମୁଖମଣ୍ଡଳ ! ଏ ଜୀବିତ !! ତାହାହେଲେ ମା' ଗାନ୍ଧାରୀଙ୍କର ଏକପୁତ୍ର ସୁରକ୍ଷା-ବ୍ରତ ନିଷ୍ଫଳ ହୋଇନାହିଁ ! ସୁତରାଂ ମୋର ବରଦାନ ମଧ୍ୟ ସାକାର ହୋଇଛି ! ଚମତ୍କାର, ମାୟାଧରଙ୍କର ବିଚିତ୍ର ମାୟା !! ଅତି ଭୟଙ୍କର ମହାଭାରତ ଯୁଦ୍ଧ ପରେ ଅତି ସୁନ୍ଦର ମହାମିଳନର ପର୍ବ !!! ଅନୁତପ୍ତ ହୃଦୟରେ ପ୍ରଭୁ ନାରାୟଣଙ୍କୁ ସ୍ମରଣ କରି ତଥା କୃତଜ୍ଞତା ଜ୍ଞାପନ କରି କହିଲେ, 'ହେ ପ୍ରଭୁ ! ଆପଣ ମହାନ୍, ବିଚିତ୍ର ଆପଣଙ୍କ ଲୀଳା ! ଆପଣଙ୍କ ମାୟା ମୁଁ ବୁଝି ନ ପାରି ମୋର ଅଭିମାନର ସ୍ୱର ଉଠାଇଥିଲି । ମୋତେ କ୍ଷମା କରନ୍ତୁ ପ୍ରଭୁ ନାରାୟଣ !'

ସ୍ମିତ-ହାସ୍ୟ ବଦନରେ ଶ୍ରୀକୃଷ୍ଣ ଚାହିଁଲେ ଉପରକୁ । ତା'ପରେ ଯୁଧିଷ୍ଠିରଙ୍କୁ ଉପଦେଶାତ୍ମକ ଭଙ୍ଗୀରେ କହିଲେ, 'ହେ ଯୁଧିଷ୍ଠିର ! ଗୋଟିଏ ବେଦନାସିକ୍ତ, ଶୋକାର୍ତ୍ତ ଓ ବ୍ୟଥା-ବ୍ୟାକୁଳତା ମାତୃ ହୃଦୟକୁ ଶାନ୍ତ-ଶୀତଳ କରିବା ପାଇଁ ପୁତୁରା ଅପେକ୍ଷା ନିଜର ପୁତ୍ର ହିଁ ଶ୍ରେୟସ୍କର । ଶ୍ରୀକୃଷ୍ଣ ଯୁବକ ଜଣଙ୍କୁ ଦେଖାଇ କହିଲେ, 'ୟେ' ହେଉଛନ୍ତି ମା' ଗାନ୍ଧାରୀଙ୍କର ସର୍ବ କନିଷ୍ଠ ପୁତ୍ର ଦୁର୍ଦ୍ଧର୍ଷ ! ଯିଏ ଯୁଦ୍ଧକୁ ପ୍ରବଳ ଭୟ କରନ୍ତି, ଆଉ ଯୁଦ୍ଧ ନ ଦେଖିବା ପାଇଁ ଗୁପ୍ତରେ ଆମ ଶିବିରରେ ମୋ' ବାହୁଛାୟାତଳେ ଆଶ୍ରୟ ନେଇଥିଲେ । ଗତକାଲି ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ତଥା ଯୁଦ୍ଧର ବିଭୀଷିକା ସମାପ୍ତ ହେବାପରେ ମା' ଗାନ୍ଧାରୀଙ୍କର ଶୋକାବସ୍ଥାକୁ ଅନୁଭବ କରି ମୁଁ ନିଜେ ଦୁର୍ଦ୍ଧର୍ଷଙ୍କୁ ସାନ୍ତ୍ୱନା ଦେଇ ନେଇଆସିଛି ତାଙ୍କର ଜନନୀ ନିକଟକୁ । ଜନନୀ ତାଙ୍କର ନିଜ ପୁତ୍ରଙ୍କୁ ସ୍ୱ-ନୟନରେ ଦେଖି ତାଙ୍କର ବେଦନାସିକ୍ତ ମାତୃ-ପ୍ରାଣକୁ ଉପଯୁକ୍ତ ଶାନ୍ତ-ଶୀତଳ ଓ ପ୍ରଶମିତ କରିପାରିବେ । ପ୍ରଭୁ ଶ୍ରୀକୃଷ୍ଣଙ୍କ କଥାର ମହତ୍ତ୍ୱ ଯୁଧିଷ୍ଠିର ସତ୍ୟାନୁଭବ କଲେ । ଉଭୟଙ୍କ ଆଦେଶରେ ଏଥର ଦୁର୍ଦ୍ଧର୍ଷ ନିଜର ମା' ଗାନ୍ଧାରୀଙ୍କ ସମ୍ମୁଖରେ ଉପସ୍ଥିତ ହୋଇ କ୍ରନ୍ଦିତ କଣ୍ଠରେ ସମ୍ବୋଧନ କଲେ, 'ମା'  ମା'  ମୁଁ ତ ଆପଣଙ୍କ ପୁତ୍ର ମା''

କ୍ରୋଧରେ ହୁତାଶନ ହୋଇଥିବା ମା' ଗାନ୍ଧାରୀ ସମ୍ମୁଖରେ ନିଜର ପୁତ୍ରକୁ ଭୀମ ବୋଲି ଭାବି ଅତି କ୍ରୋଧରେ ମନେମନେ କହୁଥା'ନ୍ତି, 'ତୁ ମୋର ସବୁ ପୁତ୍ରଙ୍କୁ ମାରିଛୁ ମୁଁ ଆଜି ତୋତେ ଛାଡ଼ିବି ନାହିଁ ତୁ ବି ପୋଡ଼ିହୋଇ ମରିଯା'!' ଦୀର୍ଘ ନିଃଶ୍ୱାସ ପକାଇ ଦୀର୍ଘ ବର୍ଷର ହୃଦୟରେ ଜମାଟ ବାନ୍ଧିଥିବା କ୍ରୋଧାଗ୍ନି ଏବଂ ନୟନରେ ଭରି ରହିଥିବା ଅଗ୍ନିସ୍ଫୁଲିଙ୍ଗ ଏକାକାର ହୋଇଉଠିଲା । ହଠାତ୍ ଗାନ୍ଧାରୀ ଗର୍ଜନ କରି ତାଙ୍କ ନୟନରୁ ଅନ୍ଧପୁଟୁଳି ଖୋଲିଦେଲେ ପୁତ୍ର ଦୁର୍ଦ୍ଧର୍ଷ ସମ୍ମୁଖରେ! ଆଣ୍ଠୁ ମାଡ଼ି ମା'ଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କରୁଥିବା ଅବସ୍ଥାରେ ହଠାତ୍ ଅଗ୍ନିବାଣରେ ଚିତ୍କାର କରିଉଠିଲେ ଦୁର୍ଦ୍ଧର୍ଷ ! ଜଳୁ ଜଳୁ ଚିତ୍କାର କରି କହୁଥିଲେ, 'ମା'  ମା' ମୁଁ ତୁମ ନିଜ କନିଷ୍ଠ ପୁତ୍ର ଦୁର୍ଦ୍ଧର୍ଷ ମା'

ବାସ୍ ନିମିଷକେ ପୋଡ଼ିହୋଇ ପାଉଁଶ ହୋଇଗଲା ସରଳ-ନିରୀହ ପୁତ୍ର ଦୁର୍ଦ୍ଧର୍ଷ, କୁରୁବଂଶର ସର୍ବ ଶେଷ ଶହେତମ ସନ୍ତାନ ! ନିଜେ ଜନନୀ, ଏକମାତ୍ର ପୁତ୍ର-ସୁରକ୍ଷାବ୍ରତ ପାଳିନୀ ମା' ଗାନ୍ଧାରୀ ହିଁ ନିଜର ବଂଶକୁ ନିଜେ ଧ୍ୱଂସ କରିଦେଲେ !! ହଠାତ୍ ପରିବେଶ ସ୍ତବ୍ଧ ହୋଇଗଲା ! ଦୀର୍ଘ ସାଢ଼େ-ସତର ଦିନ ଯୁଦ୍ଧ ପରେ, ଗତକାଲି ଯୁଦ୍ଧ-ସମାପ୍ତ ଘୋଷଣା ପରେ ମଧ୍ୟ ଆଜି ପୁଣି ଏ କ'ଣ ଘଟିବାକୁ ବାକି ଥିଲା ? ପାଣ୍ଡବ ପାଞ୍ଚଭାଇ ନିର୍ବାକ୍ ହୋଇ ଭୟରେ ଥରୁଥିଲେ, ଆଉ ଆଶ୍ଚର୍ଯ୍ୟଚକିତ ମୁଦ୍ରାରେ ଏ ଦୃଶ୍ୟ ଦେଖୁଥିଲେ । ମାତା ଗାନ୍ଧାରୀ ପୁତ୍ରହନ୍ତା କଳଙ୍କରେ କୋଡ଼ିକଚାଡ଼ି ହୋଇ ଶ୍ରୀକୃଷ୍ଣଙ୍କୁ 'ତୋ' ବଂଶ ବୁଡୁ ତୋ' 'ବଂଶ ବୁଡୁ' ଅଭିଶାପ ବର୍ଷଣ କରିବାରେ ଲାଗିଥିଲେ । ସ୍ମିତ-ହାସ୍ୟ ବଦନରେ ଶ୍ରୀକୃଷ୍ଣ ଉପରକୁ ଚାହିଁ ଧର୍ମଦେବଙ୍କୁ କହୁଥିଲେ, 'ହେ ଧର୍ମଦେବ ! ଦେଖିଲେ ତ, ଆପଣଙ୍କ ପ୍ରସନ୍ନତା ବରଦାନ ମାତା ଗାନ୍ଧାରୀ ପ୍ରାପ୍ତ ହୋଇଥିଲେ, କିନ୍ତୁ ସେ ନିଜେ ସେହି ବରଦାନକୁ ହତ୍ୟା କରିଛନ୍ତି । କୌଣସି ବ୍ରତରେ

କୂଟ-କପଟ, ହିଂସା-ଦ୍ୱେଷ ରହିଲେ ଉଭୟ ବ୍ରତ ଓ ବରଦାନ ମଧ୍ୟ ନିଷ୍ଫଳ ହୋଇଯାଏ । ଧର୍ମଦେବ ନିଜକୁ ଦୋଷମୁକ୍ତ ଅନୁଭବ କରୁଥିଲେ । ଶ୍ରୀକୃଷ୍ଣଙ୍କ ବଦନରେ ତଥାପି ଉକୁଟି ଉଠୁଥିଲା ଅପ୍ରଫୁଲ୍ଲିତ ସ୍ମିତ-ହାସ୍ୟ !! ସେହି ସ୍ମିତ-ହାସ୍ୟ ମଧ୍ୟରେ ସେ ଗୁଣୁଗୁଣେଇ ହୋଇ ଦେବୀ ଗାନ୍ଧାରୀଙ୍କୁ କହୁଥିଲେ, 'ହେ ଦେବି ଗାନ୍ଧାରୀ ! ମୁଁ ବରଂ ଆପଣଙ୍କ କ୍ରୋଧରେ ଅଭିଶପ୍ତ ହୋଇଯାଏ, ଦୁଃଖ ନାହିଁ । କିନ୍ତୁ ଧର୍ମ ସଂସ୍ଥାପନ ମୋର କୃଷ୍ଣାବତାରର ମୁଖ୍ୟ ଉଦ୍ଦେଶ୍ୟ । ତାହା ଅସମ୍ପୂର୍ଣ୍ଣ ରହିଲେ ମୁଁ ଅନୁଶୋଚିତ ହୋଇରହିଯିବି! ସଂସାରରେ ଜନନୀମାନେ ସେମାନଙ୍କର ଗର୍ଭସ୍ଥ ସନ୍ତାନମାନଙ୍କର ଯେଭଳି ମଙ୍ଗଳ କାମନା କରନ୍ତି, ଅନ୍ୟ ସମସ୍ତ ସନ୍ତାନମାନଙ୍କର ମଧ୍ୟ ତଦ୍ରୂପ ମଙ୍ଗଳ କାମନା କରିବା ଉଚିତ । ଖାଲି ଗୋଟିଏ ପୁତ୍ରର ଜୀବନ ସୁରକ୍ଷା ନୁହଁ, ସଂସାରର ସକଳ ମାତୃଗଣ ସେମାନଙ୍କର ନିଜ ନିଜର ପୁତ୍ର-ପୁତ୍ରୀଙ୍କର ଜୀବନ (ଆୟୁଷ) ସୁରକ୍ଷା-ବ୍ରତ ସ୍ୱଚ୍ଛ ପବିତ୍ର ହୃଦୟରେ ନିଷ୍ଠାର ସହିତ ଧର୍ମଦେବଙ୍କୁ ପୂଜା-ଅର୍ଘ୍ୟରେ ଆରାଧନା କରନ୍ତୁ ! ଏହା ଧର୍ମର ବାର୍ତ୍ତା ! ପୁତ୍ର-ପୁତ୍ରୀବ୍ରତ ନିଷ୍ଫଳ ନୁହେଁ । ପୁତ୍ର-ପୁତ୍ରୀ ପିତାମାତାଙ୍କର ସମ୍ପଦ ଓ ଉତ୍ତରଦାୟାଦ । ତାଙ୍କର ଯତ୍ନ ଓ ସୁରକ୍ଷା ପିତାମାତାଙ୍କର ପ୍ରଥମ ଓ ପରମ କର୍ତ୍ତବ୍ୟ । ମୁଁ ପବିତ୍ର ଜ୍ୟେଷ୍ଠ-ସଂକ୍ରାନ୍ତି'ରେ ଧର୍ମଦେବତାଙ୍କ ଚରଣାରବିନ୍ଦରେ କଲ୍ୟାଣମୟୀ ଜନନୀମାନେ ସ୍ୱଚ୍ଛ-ପବିତ୍ର ହୃଦୟରେ ଏହି ପୁତ୍ର-ପୁତ୍ରୀବ୍ରତ ମାଧ୍ୟମରେ ପୁତ୍ର-କନ୍ୟାଙ୍କର ମଙ୍ଗଳ ସହିତ ସାଂସାରିକ ମଙ୍ଗଳ ବିଧାନ କରିବାକୁ ଉଦ୍ଘୋଷଣା କରୁଅଛି।' ଏହି ନୀରବତାର ସ୍ୱର ପରେ ପୁଣି ପ୍ରଫୁଲ୍ଲିତ ବଦନରେ ଫୁଟିଉଠିଲା : ଶ୍ରୀକୃଷ୍ଣଙ୍କ ସ୍ମିତ-ହାସ୍ୟ ।

❖❖❖

# ଏମିତି କେତେ ଗେହ୍ଲିନା ପ୍ରତିଦିନ ବଳି ପଡୁଛନ୍ତି



ISSN-2583-6978
Volume-4
Issue-10
OCTOBER-2024

**ଅନସୂୟା ପଣ୍ଡା**

**ଖୋର୍ଦ୍ଧା, ଓଡିଶା**

ଲିପିର ଘନ ଘନ ଫୋନ! ସଞ୍ଜ ବେଳ! ଜବର ବେପାର ସମୟ। ଗରାଖଙ୍କ ନାହିଁ ନଥିବା ଭିଡ। ତର ନଥିବ ନିଶ୍ୱାସ ନେବାକୁ! ତା ସାଙ୍ଗକୁ ଆଗକୁ ଗଣେଶ ପୂଜା ଆଉ ମୋଟେ ଦୁଇ ଦିନ ରହିଲା। ବଜାରରେ ନାହିଁ ନଥିବା ଜାମ। ବୁଦ୍ଧି ସିଦ୍ଧି ଦାତାଙ୍କ ଆଗମନୀର ପୂଜା ଅର୍ଚ୍ଚନାର ପ୍ରସ୍ତୁତିରେ ବ୍ୟସ୍ତ ସଭିଏଁ । ସ୍କୁଲ, କଲେଜ, କ୍ଲବ ଘର, ଦୋକାନ ବଜାରଠୁ ଆରମ୍ଭ କରି ବଡ଼ ବଡ଼ କଳକାରଖାନା ସବୁଆଡେ ନିଶ୍ଚେ ଗଣପତି ବାବାଙ୍କ ପୂଜା ହେବ! ଆଉ ବାବାଙ୍କ ଥନ୍ତଲ ପେଟତ ଖାଲି ଲଡୁ, ଚୂଡ଼ା ଘସା, କାକୁଡ଼ି କଦଳୀ ଲିଆ ଭୋଗରେ ପୁରିବନି, ସବୁଠି ଭୋଜି ହେବ। ଆମ ଏ ଅଞ୍ଚଳରେ ଭୋଜି ହେବ ଆଉ ମଣ୍ଟୁ ସାହୁ ହୋଲସେଲ ଗ୍ରସରୀ ଦୋକାନରୁ ଜବର ମାଲ ଉଠିବନି! ଏକଥା ତ ହେବନି!

ଲିପି ସବୁଦିନ ସନ୍ଧ୍ୟାରେ ଫୋନ କରେ! ରୋଷେଇ ସାରି, ସାଢେ ଆଠ ନ ଟା ପାଖାପାଖି ଫୋନ୍ କରେ! ସାକୁଲେଇ ସାକୁଲେଇ ଦିନସାରାର ଦୁଃଖ କଷ୍ଟ ଓଗାଳେ! ଦୁଃଖ କଷ୍ଟମାନେ 'ଏଇ ଦିନସାରା କାମ କରିକରି ମୋ ଅଣ୍ଟା ବିନ୍ଧିଲା, ଆଣ୍ଠୁଟା ଦରଜ ହୋଇ ଚାଲିହେଉନି, ଖାଇବା ଦେବା ବେଳେ ଆଜି ପାଣି ଗ୍ଲାସଟା ଭୁଲି ଗଲିଯେ ତମ ବୋଉ ମୋତେ ଆଜି, ବୋଉ ବାପା ଭାଇ ନାଁ ନେଇ ଶୋଧିଲେ! କହିଲ ଏତେ ଦିନ ଘର କଲିଣି, ଏତେ କରୁଛି, ତଥାପି... ଏଗୁଡା ଆଉ ସହି ହେଉନି! ମୋତେ ନେଇ ଆମ ଘରେ ଛାଡି ଦେଇ ଆସ, କଥା ସରିବ!'

ଲିପି ସକସକ ହୋଇ କାନ୍ଦି କହିଚାଲିଥିବ, ଅବଶ୍ୟ ଶୁଣିବାକୁ ତର ନଥିଲେବି ମୁଁ ଚୁପଚାପ ଶୁଣେ, ତାକୁ ଟିକେ ଟେକିଟାକି ଗେଲେଇ ଦିଏ, କେବେ ଘରେ ବାପା ବୋଉଙ୍କୁ ଏଇଠି ଚୁଡ଼ି କିଣି ଯାଉଛୁ କହି କେବେ ସମୟ ଦେଖ ବାହାରେ ପିଜା, ବର୍ଗର, ଗୁପଚୁପ, ଚାଟ, ମୋମୋ ଖୁଆଇ ଆଣେ ତ କେବେ ଡାକ୍ତର ଦେଖେଇଆସୁଛି କହି ଆଇନକ୍ସରେ ଚାଲିଥିବା ନୂଆ ସିନେମା ଦେଖି ଆସୁ। ଲିପି ସବୁ ରାଗ ଭୁଲି ଯାଏ! ହେଲେ ପରେ ଆମ ଗେହ୍ଲିନା, ଜେଜୀ ମା'ର କଁଅଳେଇ ପଚାରିବାରେ ସତର ଗଣ୍ଠିଲି ଖୋଲି ସବୁ ଭଣ୍ଡୁର କରିଦିଏ! ଆଉ ତା ପରେ ଆରମ୍ଭ ହୁଏ ବୋଉର ଉପଦ୍ରବ! 'ଆଲୋ ଅଣ୍ଡିରିଚଣ୍ଡୀ! ଏତେ ବୁଲିଥେଲୁ ତୋ ବୋପା ଘରେ, ଏଠି ମୋ ପୁଅକୁ ଫୁସଲେଇ ଘଣାଉଛୁ! 'ବୋଉ ବି କାହିଁକି ସେମିତି ହୁଏ କେଜାଣି! ଲିପି ଘର ସାରାର କାମ କରିବ। ଛୋଟ ପିଲାର ଅଳି ଅର୍ଦଳୀ ସହିବ। ବାପାବୋଉଙ୍କ ସବୁ ଫାରମାସୀ ପୂରଣ କରିବ। ଦୋକାନରେ କାମ କରୁଥିବା ସାତେଟା କାମେକାରୁ ଦୁଇଟା କାମେକା ଆମ ଘରେ ଦି ଓଳି ଖାଇବେ। ସବୁ କାମ ଲିପି ବୁଝିବ, କଣ ଘରର ବୋହୂ ବୋଲି କ୍ରୀତଦାସ! ତାର କିଛି ମନ ନାହିଁ! ହଉ ଛାଡ଼ କେତେଗୁଡିଏ ଅସମାଧାନ ରହସ୍ୟ ଭିତରୁ ଏ ଶାଶୁବୋହୁ ଉପଖ୍ୟାନ ବି ଗୋଟିଏ! ଯିଏ ନରମ ପଡିଲା ସେ ସହିବ ଆଉ ଯିଏ ଯେତେ ସହିବ ସେ ସେତେ ଭୋଗିବ! ଲିପି ଫୋନକୁ ଅଣଦେଖା କରି ମୁଁ ହିସାବ ଦେଖାରେ ମନଦେଲି! ଏଇ ସମୟରେ ବୁଦ୍ଧିଆ ଆଣି ତା ଫୋନ ଧରେଇଲା, ' ମଣ୍ଟୁ ଭାଇ, ଭାଉଜଙ୍କ ଫୋନ, କଣ ଅରଜେଣ୍ଟ ଅଛି କହୁଛନ୍ତି! ଟିକେ କଥା ହୋଇଯାଅ! ଓହୋ! ଏ ଲିପି ବି ନା! କଣ ନେବାକୁ ଥିବ! ଗେହ୍ଲିନାର ରାତି ପାଇଁ କଣ ନୂଆ ବରାଦ ଥିବ! ନାଚ ସ୍କୁଲରୁ ଆସିଲେ ସନ୍ଧ୍ୟାବେଳେ ପନିର ପାସ୍ତା ଖାଇବ ବୋଲି ବରାଦ କରିଥିଲା ଯେ ବୁଦ୍ଧିଆ ଦୋକାନ କାମ ଛାଡି ପନିର, କ୍ୟାପ୍ସିକମ ଆଦି କିଣି ଦେଇ ଆସିଥିଲା ଲିପିକୁ! ପୁଣି କଣ ହେଲା କେଜାଣି! ଏଣେ ନିଶ୍ୱାସ ନେବାକୁ ତର ନାହିଁ, ସାହେବାଣୀ ଘରେ ବସି ବୁଝିବେ କେମିତି!

'ହଁ କଣ ହେଲା! ' ମନରେ ରଗରଗ ହେଲେବି ଉପରେ ନିଜକୁ ରୋକି ପଚାରିଲି ମୁଁ!

'ଗେହ୍ଲିନା ଏଯାଏଁ ଘରକୁ ଆସିନି! ନାଚ ସ୍କୁଲତ ତାର ଦିନ ପାଞ୍ଚରେ ବନ୍ଦ ହେବାକ୍ଷଣି ଦୋକାନରେ ତମ ପାଖରେ ଅଛିକି? '

ଲିପିର କାନ୍ଦକାନ୍ଦ ସ୍ୱର !

'ହେ ନା ମ' 'ଦୋକାନକୁ କାହିଁକି ଆସିବ? ବାପା ବା ଯାଇଥାନ୍ତେ ତାକୁ ଆଣିବାକୁ ! କହିଲି ସିନା ମନଟା ଗୋଳେଇ ଘାଣ୍ଟି ହେଲା।

'ନାଇଁ, ସେ ଗଲା ବେଳେ କହିଲା ଜେଜେ କାହିଁକି ତମେ ହଇରାଣ ହୋଇ ଚାଲିଚାଲି ଆସିବ ନାଚସ୍କୁଲ, ମୁଁ ମାମୁନି ସହିତ ତା' ବାବାଙ୍କ ଗାଡ଼ିରେ ପଳେଇ ଆସିବି। ହେଲେ କଣ ହେଲା କାହିଁକି ଆସିନି!' କୋହମୋହ ହୋଇ ଲିପି କହିଲା !

'ତୁ ମାମୁନି ବାପାଙ୍କୁ ଫୋନ ଲଗେଇ ଥିଲୁ? ' ପଚାରିଲି ମୁଁ ।

'ହଁ! ଦୁଇଥର ଲଗେଇଥିଲି, ଏନଗେଜ ଆସିଲା, ସେ ବି କାହିଁକି କଲେନି, ତେଣୁ ମୁଁ ଭାବିଲି ଗେହ୍ଲିନା କହିଥିବ ତାକୁ ଦୋକାନରେ ଛାଡିଦିଅ... ସେଇଥି ପାଇଁ ଥରକୁ ଥର ଫୋନ କରୁଛି, ତମେ ଉଠାଉନ, ବ୍ୟସ୍ତ ଥିଲ ବୋଧେ! 'ମୋ ପିଲା କୁଆଡେ ଗଲା, ଏଥର ଭେଏଁ ଭଏଁ ହୋଇ କାନ୍ଦି ଉଠିଲା ଲିପି!

'ଆରେ ତୁ ବ୍ୟସ୍ତ କାହିଁକି ହେଉଛୁ, ମୁଁ ଯାଇ ପଚାରୁଛି! 'ବୁଦ୍ଧିଆକୁ ହିସାବ ଦେଖିବାକୁ କହି ମୁଁ ମାମୁନି ଘରକୁ ବାହାରିଲି। ବୁଦ୍ଧିଆ ବିଶ୍ୱସ୍ତ, ଘର ମଣିଷ ପରି ତେଣୁ ଦକ ନାହିଁ!

ସେଠି ପହଞ୍ଚି ଯାହା ଜାଣିଲି, ମାମୁନି ଆଜି ନାଚସ୍କୁଲ ଯାଇନି, ତା ମାଉସୀ ମଉସା ଆସିଥିଲେ ତାଙ୍କ ଘରକୁ ବୁଲିବାକୁ ସେଇଥିପାଇଁ। ତେବେ ଗେହ୍ଲିନା ଗଲା କୁଆଡେ! ଏତେ ବେଳଯାଏ ମୁଁ ସତରେ ବ୍ୟସ୍ତ ହୋଇନଥିଲି କିନ୍ତୁ ଏବେ ଛାତିରୁ ଯେମିତି ନିଆଁ ଖସିଲା ପରି ଲାଗିଲା! ମୁଁ ଚାରୁ ଦିଦି ମାନେ ନାଚ ଶିଖାଉଥିବା ଦିଦିଙ୍କ ଘରକୁ ଗଲି! ସେତେବେଳକୁ ବର୍ଷା ଆରମ୍ଭ ହୋଇଯାଇଥିଲା! ରେନ କୋଟ ଡ଼ିକିରେ, ବର୍ଷାଟୋପା ଦେହରେ ଗଲିଗଲା ପରି ଲାଗୁଥାଏ! ବର୍ଷାରେ ଦେହ ଭିଜୁଥିଲା, ସେପଟେ ମନ ତିନ୍ତୁ ଥିଲା କୋହରେ! ବାହାରେ ବର୍ଷା ଯୋଗୁଁ ଲାଇନ ନଥିଲା ! ସେ ଅନ୍ଧାରରେ କଲିଂ ବେଲ ଖୋଜିବାକୁ ପ୍ୟାଣ୍ଟ ପକେଟରୁ ମୋବାଇଲ କାଢ଼ିଲି! ମୋବାଇଲ ଜଡ଼ସଡ଼ ଓଦା। କୌଣସି ମତେ କଲିଂବେଲ ଚିପିବାରୁ କିଛି ସୋରଶବ୍ଦ ନାହିଁ। ଏତେ ଥର କଲିଂ ବେଲ ବଜାଇଲିଣି କେହି ଶୁଣୁ ନାହାନ୍ତି! କଣ ଘର ଦ୍ୱାର ଛାଡିକି ସବୁ କୁଆଡେ ପଳେଇଗଲେ ନା କଣ? କିଛି ସମୟ ପରେ ଭାବିଲି ଆରେ ଲାଇଟ ନାହିଁ ସେଇଥି ପାଇଁ ବୋଧେ କେହି ଶୁଣୁ ନାହାନ୍ତି! କବାଟରେ ଆଘାତ ଦେଲି, ଅନେକ ଡାକିବା ପରେ ଚାରୁ ମାଡାମ ଓ ତାଙ୍କ ସ୍ୱାମୀ ଆସି କବାଟ ଖୋଲିଲେ! ବ୍ୟସ୍ତ ହୋଇ

ପଚାରିବାରୁ ଚାରୁ ମାଡାମ କହିଲେ 'ଆଜି ଟିକେ ଜଲଦି ଛୁଟି ହୋଇଥିଲା କାରଣ ମୋର ଗୋଟେ ନୂଆ ପିଲା ଘରକୁ ନାଚ ଶିଖାଇବାକୁ ଯିବାର ଥିଲା। ମୁଁ ବାହରିକି ଗଲା ବେଳକୁ ସେ ବାହାରେ ଠିଆ ହୋଇ ଅପେକ୍ଷା କରିଥିଲା। ପଚାରିଲାରୁ କହିଲା ଜେଜେ ଆସିବେ! ଭାବିଲି ମଉସା ତ ସବୁଦିନେ ଆସିନିଅନ୍ତି ଆଜି ବୋଧେ ଟିକେ ଡେରି କରି ଦେଇଛନ୍ତି! ମୁଁ ଆଉ କିଛି ବ୍ୟସ୍ତ ନ ହୋଇ ଶୀଘ୍ର ପଳାଇଗଲି!'

ଗେହ୍ଲିନାକୁ ସେଠି ନପାଇ ମୋ ଦେହମୁଣ୍ଡ ପୁରା ଝାଇଁ ଝାଇଁ ହୋଇଗଲା। କୁଆଡେ ଗଲା ମୋ ପିଲା! କଣ କହିବି ଲିପିକୁ! ବାହାଘରର ଆଠ ବର୍ଷ ଯାଏ ପିଲା ନଥିଲା! କେତେ ନିନ୍ଦା ଅପବାଦ ସହିଛି ଲିପି! କେତେ ବୁଧେଇ ଓଷା, ଷଠି ଓଷା କରି ନିର୍ଜଳା ଉପାସ ରହିଛି। ଅନେକ ଡାକ୍ତର ପରାମର୍ଶ କରିଛି!

ବୋଉର କଥାକଥା କେ ଶୋଧା 'ବାଞ୍ଝ କୋଉଠିଥିଲା ମୋ କୂଳ ବୁଡାଇଲା! ଏମିତିକି ମୋ ଅଜାଣତରେ ମୋର ଦ୍ୱିତୀୟ ବିବାହ ପାଇଁ ଯୋଗାଡ଼ଯନ୍ତ୍ର ବି କରି ସାରିଥିଲା ତ ଗେହ୍ଲିନା ପେଟରେ ରହିଲା! ପୁଣି ଝିଅଟିଏ ଏତେ ବର୍ଷ ପରେ ହେଲାଯେ ତାର ମନ ଭାରି ଦୁଃଖ! ସବୁବେଳେ କେଁ କଟର ହେଉଛି,'ଆରେ ମାଇକିନିଆ ଝିଅ ତ ପର ଘର ଯିବ, ତୋ ବେପାର ସମ୍ଭାଳିବ କିଏ? ' ପୁଅଟିଏ କରିବାକୁ ଜିଦି ଧରିଲେ ମୁଁ କୁହେ 'ତୁ କାହିଁକି ବ୍ୟସ୍ତ ହେଉଛୁ କହିଲୁ ବୋଉ, ପୁଅ କଣ ଝିଅ କଣ! ଝିଅମାନେ ଆଜି କାଲି କଣ ନକରୁଛନ୍ତି! ସେ ପାଠ ପଢି ନିଜ ଗୋଡ଼ରେ ଆଗ ଠିଆହୋଇ ମଣିଷ ହେଉ ତା ପରେ ଆଉ ଯେଉଁ କଥା! 'ବୋଉ କିଛି ନକହିଲେ ବି ମନରାଗ ଲିପି ଉପରେ ଶୁଝାଏ! ଲିପି ବିଚରା ଆଉ କଣ କରିବ ସବୁ ଶୁଣି ମୋ ଆଗରେ ଫେରାଦ କରେ! ଆଉ କୁହେ ଦେଖିବ ଏଇ ଧନ ମୋର ବହୁତ ବଡ଼ ମଣିଷ ହେବ! ଗେହ୍ଲିନାକୁ ମଣିଷ ପରି ମଣିଷଟିଏ କରିବାର ସ୍ୱପ୍ନ ଦେଖାରେ ସେ ସବୁ ଭୁଲିଯାଏ। ହେଲେ ଆଜି କଣ କହିବି ତାକୁ, କେଉଁଠୁ ଖୋଜି ଆଣିବି ତା ଧନକୁ!

ମୁଁ ଘାରି ହେଉଥିଲି। ମାମୁନି ଆସିନଥିଲା, ବାପା ନବାକୁ ଆସିଲେନି ବୋଲି କଣ ଚାଲି ଚାଲି ଗଲା ବେଳେ ଡ୍ରେନରେ ଖସି ପଡିଲା! ବର୍ଷା ଦିନ, ମାଟି ଓଦା, କଣ ଡ୍ରେନରେ ଖସି ପଡିଲା...! ଏ କଥା ଭାବିଲା ବେଳକୁ ମୋ ମନ ଏକ ଅଜଣା ଶିହରଣରେ ଥରି ଗଲା! ମନେ ପଡିଲା ଦୁଇ ବର୍ଷ ତ ଟିଉସନରୁ ଫେରିବା ବେଳେ ନବମ କ୍ଲାସ ପିଲାଟା ଡ୍ରେନରେ ଭାସିଯାଇ ଦୁଇଦିନ ପରେ ତା ଶବ ଉଦ୍ଧାର ହେଲା! ସେତ ନବମ କ୍ଲାସ ପିଲା, ହେଲେ ଏଇତ ମାତ୍ର ନ' ବର୍ଷର ଛୋଟ ପିଲା ଯିଏ ହାତରେ ବି ଏଯାଏଁ ଠିକରେ ଖାଇ ଶିଖିନି! ନା! ଏମିତି ହୋଇ ନଥିବ କେବେ ! କଣ ହେଲା ତାହେଲେ !

ଆରେ ହଁ ମନେପଡ଼ିଲା, ଗଣେଶ ପୂଜା ପାଇଁ ଜିଦି କରିଥିଲା ଗୋଟେ ଲେହେଙ୍ଗା ପାଇଁ। ପିଣ୍ଟୁ ଦୋକାନରେ ଦେଖିଥିଲା! ତାକୁ ସେଇଟା ହେଲାନି ! ବଢ଼ନ୍ତିଆ ପିଲା! ଖାଇପିଇ ବଢ଼ିଯାଇଛି। ତା ସାଙ୍ଗକୁ ରାନୀ କଲର ଲେହେଙ୍ଗା ବି ନଥିଲା। ପିଣ୍ଟୁ ଗଣେଶ ପୂଜା

ପୂର୍ବରୁ ଆଣିଦେବ ବୋଲି କହିଥିଲା। ତେବେ କଣ ଚାଲିଚାଲି ପିଣ୍ଟୁ ଦୋକାନକୁ ପଳେଇଲା! ଫୋନ ଲଗେଇଲି ମନ ବୁଝିଲାନି କାଟିଦେଇ ସେଇ ବର୍ଷାରେ ବିଜୁଳି ଘଡଘଡି ଅନ୍ଧାର ରାତିରେ ପିଣ୍ଟୁ ଦୋକାନ ଆଡେ ଚାଲିଲି। ପିଣ୍ଟୁ ମୋ ସାନ ଭାଇ। ବଜାରରେ ଲୁଗା ଦୋକାନ ଦେଇଛି! ବାହାଘର ପରେ କହିଲା ଭିନ୍ନ ହେବ। ବାପା ମା ଙ୍କୁ ବି ପଚାରିଲାନି, ରଖି ହାନିଲାଭ ବୁଝିବା ତ ବହୁ ଦୂର! ଜମିଜମା ଭାଗବଣ୍ଟା ପାଇଁ ସବୁବେଳେ କଥା କଟାକଟି ଅବୁଝାମଣା।ମନକୁ ପାପ ଛୁଇଁଲା! କାଳେ ଗେହ୍ଲିନା ଉପରେ ସେ ରାଗ ସୁଝେଇଲାକି!

ପିଣ୍ଟୁ ଦୋକାନରେ ପହଞ୍ଚି ପଚାରିଲି ଝିଅ ଆସିଛି କି? ପିଣ୍ଟୁ ହିସାବ ଦେଖୁଦେଖୁ ହେୟଜ୍ଞାନ କଲାପରି ମନାକଲା। ମୋର ସନ୍ଦେହ ବଢ଼ିବାରେ ଲାଗିଲା। ରାତି ସେତେବେଳକୁ ନ ଟା ଚାଳିଶ। ଲିପି ପ୍ରତି ଦୁଇ ମିନଟକୁ ବୋଧେ ଫୋନ କରୁଥିଲା! ବ୍ୟସ୍ତ ହେବା ବି ସ୍ଵାଭାବିକ। ତା ଫୋନ ଉଠେଇ ପାରୁନଥିଲି କାରଣ ମୋ ପାଖରେ କିଛି ଉତ୍ତର ନଥିଲା ତା ଜଣାଶୁଣା ପ୍ରଶ୍ନ ପାଇଁ। କିଛି ଉପାୟ ନପାଇ ମୁଁ ବିସହୋଇ ସେଇ ଦୋକାନ ଆଗରେ ଆଣ୍ଠେଇ ପଡି ହାତ ଯୋଡ଼ି ପିଣ୍ଟୁ କୁ ଭିକ ମାଗିବା ପରି କହିଲି, ମୋ ପିଲାକୁ ମୋତେ ଫେରାଇ ଦେ !ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ!'

' ଭାଇ ତୁ ଏମିତି କଣ କହୁଛୁ! ଗେହ୍ଲିନା କଣ ମୋ ଝିଅ ନୁହେଁ, ମୁଁ ଜାଣେନି କଣ ହୋଇଛି, ମୋତେ ଖୋଲିକି କୁହ! ଦୋକାନ ବନ୍ଦ ସମୟ ହେଲାଣି ବୋଲି ମୁଁ ତୁମ କଥାରେ ଧ୍ୟାନ ଦେଇନଥିଲି! 'ପିଣ୍ଟୁ ମୋ ଯୋଡ଼ା ହାତକୁ ଧରି ପକାଇ କାନ୍ଦି କାନ୍ଦି ଉତ୍ତର ଦେଲା! କେଜାଣି ତାକୁ ବିଶ୍ଵାସ କରିନେଲି ମୁଁ। ତେବେ କୁଆଡେ ଗଲା ମୋ ଝିଅ!

ଏଇ ଆରଖଣ୍ଡ ଗାଁରେ ତା ମାମୁଁ ଘର। ଲିପି ଆମ ଗାଁ ଦେଇ ସାଇକେଲ ଚଲେଇ କଲେଜ ଗଲାବେଳେ ତାକୁ ଭଲ ପାଇ ବସିଲି। ଦିନେ ମନ କଥା କହିଲି ଆଉ ଦୁଇଟି ମନପ୍ରାଣ ହୃଦୟ ଏକ ହୋଇଥିଲା ଅନେକ ଝଡ଼ଝଞ୍ଜା ପରେ।

କାଳେ ମାମୁଁ ଘରୁ କିଏ ଆସି ପହଞ୍ଚି ତାକୁ ସେଇଠୁ ନେଇ ଗଲେକି? ଫୋନ କରିକି କହିତ ପାରିଥାନ୍ତେ! ଫୋନ୍ ଲଗେଇଲି ଲିପିର ଭାଇକୁ, କାହିଁ ଫୋନ ଧରିଲାନି! କହିଲି 'ପିଣ୍ଟୁ ଭାବୁଛି ଝିଅକୁ ତା ମାମୁଁ ଘରଲୋକ କିଏ ଆସି ନେଇ ଯାଇଛନ୍ତି କି? ସବୁଆଡେ ତ ଖୋଜିଲିଣି!'

'ହଉ ଭାଇ ଚାଲ ମୁଁ ବି ତୋ ସହ ଆସୁଛି। ରାତି ଦଶଟା ପରେ ହେଲାଣି ଏକୁଟିଆଟା କଣ ଯିବୁ।' ଦୋକାନ ବନ୍ଦ କରିବାକୁ କାମେକା ଦୁହିଁଙ୍କୁ କହି ପିଣ୍ଟୁ ତା ଗାଡି କାଢିଲା। ବର୍ଷା ଟିକେ ଥମି ଯାଇଥାଏ।

ଝିଅକୁ ସେଠି ନପାଇ ମୋର ମୁଣ୍ଡ ଖରାପ! ଲିପିକୁ ଫୋନ ଲଗେଇଲି, ଝିଅ ଘରକୁ ଅସିଲାକି? ଲିପିର କାନ୍ଦ କହୁଥିଲା ଗେହ୍ଲିନା ଫେରିନି! ଲିପିର ଭାଇ କହୁଥିଲା ଚାଲ ଆମେ ଏବେ ପୋଲିସ ଷ୍ଟେସନ ଯିବା, ମୁଁ ମନା କଲି। ସକାଳ ଯାଏ ଅପେକ୍ଷା କରିବା! ରାତିରେ ନା ଖାଇବା ନା ପିଇବା! ବୁଦ୍ଧିଆ ଦୋକାନ ଚାବି ଓ ହିସାବ ଟଙ୍କା ଧରେଇ ତା ଘରକୁ ଗଲା। ଆମ ପାଖଆଖ ସମସ୍ତଙ୍କ ଘର ଲିପି ସନ୍ଧ୍ୟାବେଳେ ପଚାରି ସାରିଥିଲା। ଭାଳେଣି ପଡିଲା ଘରେ ଝିଅ କୁଆଡେ ଗଲା। ଆଉ କଣ କିଏ କୁଆଡେ ଡ଼ାକିନେଇ ଦୁଷ୍କର୍ମ କରି ଜୀବନରେ... ଓ ଆଗକୁ ଆଉ ଭାବି ପାରିଲିନି।

ରାତିରେ ଆମେ କେହି ଖାଇନୁ । ବୋଉ ପୁରା ନିର୍ବାକ ହୋଇ ମୁଣ୍ଡରେ ହାତଦେଇ ବସିଛି ଠାକୁର ଘର ଦୁଆର ମୁହଁରେ। ଗେହ୍ଲିନା ସବୁବେଳେ ପଦକୁ ପଦ ଯୋଡ଼େ ତା ଜେଜୀ ସହ। ଦୁଷ୍ଟ ହେଲେ କେତେ ଗାଳିମାଡ ଖାଏ। ଖାଇବା ପାଇଁ ନଟରଛଟର କଲେ କେବେ କେବେ ଲିପି ବିରକ୍ତ ହୋଇ କହେ 'ମରୁନୁ ତୁ ସବୁବେଳେ ଦହଗଞ୍ଜ କଲୁ ଜନ୍ମ ହେବା ଦିନଠୁ ଯେ ଆଜି ଯାଏ! ମରିଗଲେ କାମ ଛିଣ୍ଡନ୍ତା, ମଣିଷ ଜଞ୍ଜାଳରୁ ମୁକ୍ତି ପାଆନ୍ତା! ' ବିରକ୍ତ ହୁଏ ଲିପି ଉପରେ ମୁଁ! 'ଛୁଆ ସେମିତି ଏଇଟା ଖାଇବି ସେଇଟା ଖାଇବିନି କୁହନ୍ତି, ଖାଇକି ବାନ୍ତି କରନ୍ତି ତା ବୋଲି ତାକୁ ଏମିତି କହିବୁ! ' ମାର ଗାଳି ଦାଣ୍ଡର ଧୂଳି! ଏଇଆ ଭାବି ମନ ବୁଝେଇ ଦିଏ ସିନା ଲିପି ବୁଝେନି ! ହେଲେ ଆଜି...କୁଆଡେ ଗଲା, କେମିତି ଗଲା! କିଏ କଣ ପିଲାଧରା କଣ ଖାଇବାକୁ ଦେଇ ଧରି ନେଇଗଲା! ହାତ ଗୋଡ଼ କାଟି, ଆଖିଫୁଟେଇ ଭିକ ମଗେଇବ! ଯେତେ ମନାକର କିଏ ଚକେଲେଟ କି ଚିପ୍ସ ଦେଲେ କାହାଠୁ ଖାଇବୁନି। ଯେତେ ଖାଇଲେ ସେଗୁଡା ତା ମନ ଶାନ୍ତି ନାହିଁ! ଆରେ ସେଗୁଡା ଦେହ ପାଇଁ ଭଲ ନୁହେଁ, ଡେଡ ଫୁଡ! ଏତେ ଖାଆନା। ହେଲେ ସେ କଣ ଶୁଣିବ!

ଗେହ୍ଲିନା କଣ ଭାବିଲାନି ତା ମାମା ସେମିତି ତାକୁ ନଖାଇ ନପିଇ ଅପେକ୍ଷା କରିଥିବ ବୋଲି! ସେ ପନିର ପାସ୍ତା ସେମିତି ଥୁଆ ହୋଇଛି। ରାତିରେ ଲିପି ତା ଧନ ପସନ୍ଦର ଚକୁଳି ମଟର ତରକାରୀ କରି ଅପେକ୍ଷା କରିଛି, ତା ଧନ ଆସିଲେ ଖାଇବ।

କାନ୍ଦି କାନ୍ଦି ତା ଆଖି ସବୁ ଫୁଲି ଗଲାଣି । ବାପା ସେଇ କାଠ ଚଉକିରେ ଦାଣ୍ଡ ଘରେ ସେମିତି ବସି ନିଜକୁ ଦୋଷୀ ସାବ୍ୟସ୍ତ କରୁଛନ୍ତି! 'ଯଦି ମୁଁ ଆଣିବାକୁ ଯାଇଥାନ୍ତି ଭାରି ତେବେ ମୋ ଗେହ୍ଲି କୁଆଡେ ହଜି ନଥାନ୍ତା!'

ମୋବାଇଲ ଦେଖି ଦେଖି ବସିବସି ଘଣ୍ଟାଏ ଯାଏ ଖାଉଥିବ। 'ଆରେ ଗେହ୍ଲିନା ଆଉ କେତେ ସମୟ ଲାଗିବ! ମୋବାଇଲ ଏତେ ଦେଖ ନା ଜୀବନ ମାଟି ହୋଇଯିବ। ଜୀବନରେ ଅନେକ ଶିଖିବାର ଅଛି ମା, ଏ ରିଲ ଦେଖି ଜୀବନ ନଷ୍ଟ କରନା! ଯେତେ ବୁଝାଅ ସେ ପୁଣି ସେଇ କଥା କରିବ!' ହଁ ଯାଉଛି ଯାଉଛି କହି କହି ସମୟ ନେବ! ତେଣେ ପାଠ ବାକିଥିବ! ଡେରିରେ ଶୋଇବ ଆଉ

ଡେରିରେ ଉଠିବ ! ଲିପିକୁ ନାକେଦମ କରିବ ସ୍କୁଲପାଇଁ ରେଡି ହେବାକୁ !

ରାତିଟା ଖୁବ ଲମ୍ବା ଲାଗୁଥିଲା ପାହିବାକୁ !

ଅନ୍ୟ କେଉଁ ଦିନ ହୋଇଥିଲେ କେମିତି କଡ ଲେଉଟାଇଲା ବେଳକୁ ରାତିପାହି ଯାଇଥାଏ ! ଲାଗୁଥିଲା ଯେମିତି ଆଜିରାତି ସରିବନି । ଅପେକ୍ଷାର ସମୟ ବୋଧେ ସବୁବେଳେ ଲମ୍ବା !

ଆରେ ଏଇତ ଗେହ୍ଲିନା ! ତୋତେ ଏତେ ଖୋଜା ଚାଲିଛି ତୁ ଏଇଠି ତଳ ଘରେ ବସି ନଖାଇ ନ ପିଇ ମୋବାଇଲ ଦେଖୁଛୁ । 'ମୁଁ ଲିପି କୁ ଡାକ ପକେଇଲି, ହେ ଲିପି ଲିପି ...ଦେଖ ତୋ ଗେହ୍ଲି ଝିଅକୁ ! କାଲିଠୁ କେତେ ଚହଳ ପଡ଼ିଲାଣି, କେତେ ଦହଗଂଜ କଲାଣି ! ହେଲେ କେତେ ଆରାମରେ ଟେବୁଲ ତଳେ ବସି ମୋବାଇଲ ଦେଖୁଛି' ଚେୟାର ଉପରେ ବସି ବସି ରାତିସରିଗଲା, ଆଖି ଟିକେ ବି କଷା ହୋଇନି, ଲିପିର ଡାକରେ ନିଦଭାଙ୍ଗିଲା ଆରେ କଣ ହେଲା ଲିପି ଲିପି ହେଇ ଚିଲାଉଛ ! ସକାଳର ଛାଇ ନିଦ ଭାଙ୍ଗିଗଲା ।ସକାଳୁ ସକାଳୁ ଆଖି ଲାଗି ଆସିଥିଲା ବୋଧେ ! ଆଉ ଗେହ୍ଲି ମୋର ସେଇ ନିଦରେ ବି !

ସକାଳ ଆସିଲା ଆମ ଘର ଅଗଣାକୁ ହେଲେ ଆମ ଘର ତଥାପି ଅନ୍ଧାର ଥିଲା ! କାରଣ ଆମକୁ ଚଳଚଞ୍ଚଳ କରିବା ପରୀଟି ହିଁ ନଥିଲା ଆମ ଘରେ ।

ସକାଳୁ ଆଗ ତାର ବାକି ସାଙ୍ଗସାଥୀ ଘର, ସ୍କୁଲରେ ଖୋଜିବା ପରେ ସବୁ କୂଅ,ପୋଖରୀ, ଗଡିଆ ସବୁଆଡେ ଖୋଜିଲି ବୁଦ୍ଧିଆକୁ ନେଇ । ଶେଷ ଭରସା ପୋଲିସ ଷ୍ଟେସନ ! ପିଣ୍ଟୁ, ଲିପିର ଭାଇ ମୋ ସହ ଆସିଲେ ଆଉ ନିଜ ପ୍ରାଣର ଧନ, ନୟନର ମଣି ହଜି ଯାଇଛି ବୋଲି ରିପୋର୍ଟ ଲେଖାଇଲି, ମୋ ଅସାବଧାନତା ଯୋଗୁଁ ମୁଁ ହରାଇଥିବା ମୋ ଅମୂଲ୍ୟ ରତ୍ନ କିଏ ଜଣେ ଖୋଜି ଆଣିବ ଏଇ ଅତୁଟ ବିଶ୍ୱାସ ନେଇ ଆସିଲି । କେମିତି ହେଲି ଏତେ ଅସାବଧାନ ! ଲିପିତ ପାଗେଲୀ ହୋଇ ଗଲାଣି ବୋଧେ, କୋଉ ଛୋଟପିଲା କେଉଁଠୁ କାନ୍ଦିଲେ ହେଇ ଗେହ୍ଲିନା ମୋର କାନ୍ଦୁଛି ବୋଲି ବାଉଳି ହେଉଛି । କେମିତି ବି ଗୋଟେ ମା ଧୈର୍ଯ୍ୟ ଧରିବ ! ବୋଧେ ଧୈର୍ଯ୍ୟର ପରୀକ୍ଷା ସେମାନଙ୍କ ପାଖରୁ ନିଆଯାଏ ଯାହାର ଧୈର୍ଯ୍ୟ ଥାଏ !

ଦୋକାନରେ ମନ ଲାଗିଲାନି ! ତା ନାଚ ସ୍କୁଲ ଯିବା ରାସ୍ତାରେ ଏପଟ ସେପଟ ରାସ୍ତାଘାଟ ଗାଡ଼ିରେ ବସି ଚକର କାଟି ନଜର ପକେଇଲି କାଳେ କୋଉଠି ଗାଡି ଫାଡି ମାଡ କରି କେଉଁଠି ଛିଟିକି ପଡ଼ିଲାକି !

ନା ! ଏମିତି ବାଇଆ ବାତୁଳ ପରି ଏଇ ରାସ୍ତାରେ ଗତ କାଲିଠୁ ଶହେ ଦୁଇଶହ ଥର ଯିବଣି ! କେଜାଣି ଯେମିତି ଲାଗୁଛି ଝିଅ ଏଇଠି କେଉଁଠି ଅଛି ! ତାର କିଛି ହୋଇନି ମିଳିଯିବ ! ଅବସ ହୋଇ ଘରକୁ ଗଲି, କାଲିଠୁ ଖାଇବା, ଶୋଇବା ନାହିଁ ! ଟାଇଁ ଟାଇଁ ଖରାରେ ଆହୁରି ହାଲିଆ ଲାଗୁଥାଏ । ଘରକୁ ଆସି ମୁହଁ ହାତ ଧୋଇ ଲିପିକୁ କହିଲି ଖାଇବା ବାଢ଼ିବା ପାଇଁ । ଖାଇବା ରୁଚିଲାନି । ଝିଅ ମୋର କଣ ଖାଇଥିବକି ନାହିଁ । ସେ ଆରାମ ଚେୟାରରେ ବସି ବସି ଭୋକ, ଶୋଷରେ ଆଖି ଲାଗି ଯାଇଥିଲା ମୋର ! ଫୋନକୁ ପାଖେ ପାଖେ ରଖିଥାଏ ।

କାଳେ କୋଉଠୁ ଫୋନ ଆସିବ ! ଟିକେ ଆଖି ଲାଗି ଆସିବା ବେଳକୁ କେଉଁ ଅଜଣା ନମ୍ବରରୁ ଫୋନ..! ଫୋନ ନୁହେଁ ତ ଗୋଟେ ଆଶା ! ହାଲୋ କହିଲା ବେଳକୁ 'ମେ ଅନିତା ଏଚ୍‌ଡିଏଫସି ବ୍ୟାଙ୍କ ସେ ବାତ କରରେହିହୁଁ ! ପରସନାଲ ଲୋନ ଚାହିଏ କ୍ୟା !' ଓଃ କଷ୍ଟମର କେୟାର ! 'ନା ମାମ' ଫୋନ ରଖିଲି । ମୁଣ୍ଡ ଟିକିଏ ସମୟ ସ୍ଥିର ରହୁନଥିଲା । କଣ ହୋଇଥିବ ଝିଅର, କୁଆଡେ ଗଲା କ୍ଷ ଯେତେ ଖରାପ ସବୁ ଭାବି ସାରିଲିଣି ତଥାପି... ଓ ମଝିରେ ମଝିରେ ଲିପି ଆସି ପଚାରୁଛି' କିଛି ଫୋନ ଅସିଲାକି ?'

'ତୁ ବ୍ୟସ୍ତ ହେନା ସବୁ ଠିକ ହେବ ! ଝିଅ ଠିକରେ ଫେରିଆସିବ ! ପୁଲିସ ବାବୁ ତାଙ୍କ କାମ କରିବେନି !'ତାକୁ ସାନ୍ତ୍ୱନା ଦେଉଥିଲି ସିନା ହେଲେ ନିଜେ ଭିତରେ ନରମି ଯାଉଥିଲି !

ଆଜି ଗଣେଶ ପୂଜା, ସବୁଆଡେ କେତେ କୋଳାହଳ ଗହଳ ଚହଳ ! ଗତ ଦୁଇ ଦିନ ଦୁଇ ଯୁଗ ପରି ଲାଗୁଛି କେମିତି କାଟିବ ଅଗକୁ ଜୀବନ ମୋ ଗେହ୍ଲି ବିନା, ମାନେ ଯଦି ସେ ନମିଳେ ! ନିଜ ଉପରେ ନିଜେ ବିରକ୍ତ ହେଲି ! କଣ ପାଇଁ ଏତେ ନକାରାତ୍ମକ ଚିନ୍ତା ! ଆଗକୁ କଣ ହେବ ଆମେ ଜାଣିନେ କିନ୍ତୁ ସକାରାତ୍ମକ ଚିନ୍ତାଦ୍ୱାରା ଆଗକୁ ବଢ଼ିବାର ତାକତ ତ ମିଳିପାରିବ !

ଗାଧୋଇ ଦୋକାନ ଯିବି ! ବ୍ରାହ୍ମଣ ଡାକି ଖାଲି ବିନାୟକଙ୍କ ପୂଜା ଟିକେ କରିଦେବି ହୋମ ପରେ କରାଯିବ, ମନ ଲାଗୁନି କେଉଁଠି ।

ଗାଧୁଆ ଘରେ ପଶିଲି ! ଗାଧୁଆ ଘରେ ମୋ ଗେହ୍ଲିନା... ! ଆଗରୁ ଯୋଗାଡ଼ ହୋଇ ରଖିଥିବା ଗୋଟେ ଦୁଇଟା ଖାଲି ବଟଲ ଧରି ସେ ଝାଡା ଯିବା ପାଇଁ ଗାଧୁଆ ଘରକୁ ଯିବ । ପାଣିରେ ଖେଳି ଖେଳି ହ୍ୟାଣ୍ଡ ୱାସରେ ପାଣି ପୁରାଇ ସେ ବଟଲରେ ପୁରେଇ ସେମିତି ଓଦା ହେଉଥିବ ଘଣ୍ଟାଏ ଯାଏ । ମା ତାର ବିରକ୍ତ ହେଇ ପାଟିକଲେ ଯାଇ ଆସିବ ! ଲିପି ପ୍ରତି ଦିନ ହ୍ୟାଣ୍ଡ ୱାଶରେ ପାଣି ପୁରାଇ ରଖିବ, କେତେ ଆଉ ହ୍ୟାଣ୍ଡ ୱାସ ଆଣିବା ! ସେ ନାହିଁ , ହ୍ୟାଣ୍ଡ ୱାସ କିଛି ହୋଇନି ସେମିତି ଅଛି ! ଟିକେ ଖେଳୁଥିଲା ବୋଲି କେତେ ବିରକ୍ତ ଆଜି କେହି ଘାଣ୍ଟିବାକୁ ସାରିବାକୁ ନାହାଁନ୍ତି । ଆଖି ମୋର ଛଳ ଛଳ ହୋଇଗଲା ।ଜିନିଷ ହଜି ଗଲା ପରେ, ମଣିଷ ଚାଲିଗଲା ପରେ ବୋଧେ ଖୁବ ମନେ ପଡି, ମୂଲ୍ୟବାନ ଲାଗେ ।

ଆଜି ପୂଜାରେ ଝିଅ ମୋର କେତେ ଖୁସି ହେଉଥାଆନ୍ତା, ନୂଆ

ଡ୍ରେସ ପିନ୍ଧି, ନେଲପଲିଶ ଅଳତା ନାଇକି। ତା ମା'ର ଲିପିଷ୍ଟିକ ସେ ଯେଉଁଠି ଲୁଚେଇଲେବି ତାକୁ ଆଣି ଓଠରେ ମରିଥାନ୍ତା। ଖାଲି ମାରିଥିଲେ କିଛି ଅସୁବିଧା ନାହିଁ ତାକୁ କାନ୍ଥ ବାଡ଼ରେ ନେସି ଭାଙ୍ଗିବ। କେବେ କେବେ ଲୁଚେଇକି ସ୍କୁଲକୁ ନେଇ ଯାଇ ସ୍କୁଲରେ ଟିଚରଙ୍କ ଠାରୁ ଗାଳିମାଡ ଖାଇ ମୁହଁ ଫୁଲାଇ କି ସ୍କୁଲରୁ ଆସିଥିଲା ଓ ଦୋକାନରେ ପୂଜା ସରିଲା, ଦୋକାନ ଦାୟୀତ୍ୱ ବୁଢ଼ିଆ ଜିମା ଦେଇ ମୁଁ ପୋଲିସ ଷ୍ଟେସନ ଆଡେ ଗଲି ।

'ଆଜ୍ଞା, ଆଜ୍ଞା ନମସ୍ତେ ଆଜ୍ଞା, କିଛି ଖବର ଅଛି ମୋ ପାଇଁ! ' ବହୁ ସମୟ ଅପେକ୍ଷା କରିବା ପରେ ଅତି ବିକଳ ହୋଇ ପଚରିଲି ଥାନା ଓଆଇସିଙ୍କୁ । ଥାନା ବାବୁ ନିରବ।

ସାର...ପୁଣି କିଛି ସମୟ ପରେ ଅତି ନରମ ହୋଇ ପଚାରିବାରୁ।

-କଣ ଅସୁବିଧା ତୁମର,

- ଆଜ୍ଞା ମୋ ଝିଅ ହଜିଯାଇଛି ।

-କଣ କାହା ସହ ପଳେଇଲା! ବେପରୁଆ ଉତ୍ତର ସାରଙ୍କର।

- ନାଁ ଆଜ୍ଞା, ନାଚ ସ୍କୁଲରୁ ଆଉ ଘରକୁ ଫେରିନି ମୋ ନ ବର୍ଷର ଝିଅ! କାଲି ସକାଳେ ରିପୋର୍ଟ ଲେଖେଇ ଯାଇଥିଲି କହୁ କହୁ କାନ୍ଦି ପକେଇଲି।

- ଆରେ ଦିନ ସାରା କେତେ କେଶ ଆସୁଛି, କଣ ମନେରହୁଛି! ଏଇ ଦେଖୁନ ଆଜି ପୂଜା ଆଜିବି ଫୁରୁସତ ନାହିଁ! କନେଷ୍ଟବଲଙ୍କୁ ଫାଇଲ ଆଣିବାକୁ କହି ସାର ଟିକେ ନରମ ଗଳାରେ କହିଲେ ପୁଲିସ ତା କାମ କରୁଛି ଟିକେ ଧୈର୍ଯ୍ୟ ଧର! ଘରକୁ ଯାଅ କିଛି ଖବର ଆସିଲେ ଆମେ ତୁରନ୍ତ ଯୋଗାଯୋଗ କରିବୁ ।

ପୋଲିସ ଷ୍ଟେସନରୁ ଫେରିବା ବେଳେ ମନଟା କେମିତି ଗୋଟେ ହା ହୂତାସିଆ ଲାଗୁଥିଲା। ବିଶ୍ୱାସର ଖୁମ୍ୱ ମନରେ ହଲିବାକୁ ବୋଧେ ଆରମ୍ଭ କରି ଦେଇଥିଲା।କଣ ଗେହ୍ଲିନା ଆଉ ଫେରିବନି! ପାଦ ତଳୁ ମାଟି ଖସିଗଲା ପରି ଲାଗିଲା ମୋତେ। ଲିପି ତ କେତେ ଦେବୀ ଦେବତା ଯାଚି ସାରିଲାଣି! ବାରବାର ଧନ ମୋ ଧନ ହୋଇ ମୁର୍ଚ୍ଛା ଯାଉଛି! ଆଉ ବୋଉ, ସବୁଦିନ ଆମ ଗାଁ ଶିବ ମନ୍ଦିର ଲୋକନାଥଙ୍କୁ ମୋ ଧନ ଭଲରେ ଫେରି ଆସୁ ବୋଲି ପାଣି ଚଢାଉଛି।

ସମୟ ଦିନ ସାଢେ ତିନିଟା ହେବ। ଦୋକାନରେ ବସିଥିଲି, ଫୋନ ଆସିଲା ମୋ ମୋବାଇଲକୁ, ଗୋଟେ ନ ଦଶ ବର୍ଷର ଝିଅଟିଏ ଅଚେତ ଅବସ୍ଥାରେ ମିଳିଛି ମୁଣ୍ଡିଆ ତଳୁ। ଚିହ୍ନଟ ପାଇଁ ଶୀଘ୍ର ଆସନ୍ତୁ ପୋଲିସ ଷ୍ଟେସନ!

ପୋଲିସର କହିବା ଅନୁଯାୟୀ ଜାଳକାଠ ଯୋଗାଡ଼ କଲାବେଳେ ସ୍ତ୍ରୀ ଲୋକମାନେ ଦେଖି ପାଟିତୁଣ୍ଡ କଲେ, ତା ପରେ ସ୍ଥାନୀୟ ଲୋକ ପୋଲିସରେ ଖବର ଦେଲେ!

ମୁଁ ପିଣ୍ଟୁକୁ ଫୋନ କଲି ମୋ ସହ ପୋଲିସ ଷ୍ଟେସନ ଯିବାକୁ । ଲୋକନାଥଙ୍କୁ ଜୁହାର ହୋଇ ଗୁହାରୀ କଲି ଗେହ୍ଲିକୁ ମୋର ଘଣ୍ଟ ଘୋଡାଇ ରଖ। ତାର କିଛି ନ ହୋଇଥାଉ।

ଓଃ! କି ଅସ୍ତବ୍ୟସ୍ତ ରୂପ ମୋ ଧନର, ମୋ ଦେବୀର ମୋ ଗଳାର ମାଳିର ! ଦେହରେ ଡ୍ରେସନାହିଁ, ଦେହ ହାତ ଖଣ୍ଡିଆ, ମୁଣ୍ଡ ଫାଟି ରକ୍ତ ଶୁଖିଯାଇଛି ।

ଗେହ୍ଲିକୁ କୁଣ୍ଢେଇ ପକେଇବାକୁ ଗଲା ବେଳେ ରୋକିନେଲେ ଥାନା ବାବୁ। ଫୋରେନସିକ ଡିପାର୍ଟମେଣ୍ଟର କିଛି କାମ ଚାଲିଛି, ସରିଲେ ଝିଅକୁ ତୁରନ୍ତ ମେଡିକାଲ ନେବାକୁ ପଡିବ!

ଚିକିତ୍ସା ଆରମ୍ଭ ହୋଇଛି, ଧନ ମୋର ହୋସକୁ ଆସିଲାଣି । ମୁଣ୍ଡରେ ବ୍ୟାଣ୍ଡେଜ, ଡାହାଣ ହାତ ବଳା ଗଣ୍ଠି ପାଖରେ ଛାଡି ଯାଇଛି। ନଳିଗୋଡ ମାଡ ହୋଇ ପଥର, କଣ୍ଢା ସବୁ ପଶି ନୀଳ ପଡିଯାଇଛି। ମୁହଁ ସାରା ଖଣ୍ଡିଆ ଦଣ୍ଡିଆ। ହୋସ ଆସିବା ପରେ ଧନ ମୋର ଖୁବ ଚୁପଚାପ। ନାଁ ଆମକୁ ଦେଖି ଖୁସି ନା ପୂର୍ବପରି ଅନର୍ଗଳ ସେ କଥା କହୁଛି । ଗୋଟେ ଭୟର ଛାପ ତା ମୁହଁରେ। ପୋଲିସ କଣ ପଚାରିଲେ ଭୟରେ ମୁହଁ ଜାକି କାନ୍ଦୁଛି। ଡର ଲାଗିଲା ଆମକୁ, ମୁଣ୍ଡରେ ଆଘାତ ଲାଗି ଗେହ୍ଲି କଥା କହିବା ହରାଇଛିକି ? ଡ଼କ୍ଟର ତ ସବୁ ନର୍ମାଲ ଅଛି ବୋଲି କହୁଛନ୍ତି। ବୋଧେ ଗୋଟେ ବଡ଼ ଝଟକା ହୋଇଯାଇଛି।

ଯେତେ ଗେଲେଇକି ତା ମା' କି ମୁଁ ପଚାରିଲେ ବି ଧନ କିଛି କହୁନଥିଲା। 'ନା ସେ ମୋତେ ମାରିଦେବ!' କିଏ ମାରିଦେବ ପଚାରିଲେ କିଛି ଉତ୍ତର ନାହିଁ! ପୋଲିସ ବି ସବୁଦିନ ଅସଫଳ ରହୁଥିଲା, କେସ ଆଗକୁ ନ ବଢୁଥିବାରୁ ବିରକ୍ତ ବି ହେଉଥିଲେ। ହେଲେ ଡାକ୍ତର ପିଲା ଉପରେ ପ୍ରେସର ନ ଦେବାକୁ କହୁଥିଲେ। ଛୋଟ ପିଲା ମୁଣ୍ଡ ଖରାପ ହୋଇଯାଇପାରେ। ଆମ ସମସ୍ତଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ, ନାଚ ସ୍କୁଲରୁ ଝିଅ ମୁଣ୍ଡିଆ ଉପରକୁ କାହା ସହ ଗଲା। ମୁଣ୍ଡିଆ ଉପରୁ ସେ ପଡିଲା କେମିତି ? ଡାକ୍ତର ରିପୋର୍ଟ ଅନୁସାରେ ଝିଅ ମୋର ସୁରକ୍ଷିତ, ବଳାତ୍କାରର ଶିକାର ହୋଇନି। ତେବେ ତାସହ କଣ ହୋଇଛି, କିଏ ଏମିତି କରିଛି ?

ଗେହ୍ଲିନା ଡାକ୍ତର ଖାନାରୁ ଡିସଚାର୍ଜ ହୋଇ ଘରକୁ ଆସିଲା। ମୁଣ୍ଡର ଆଘାତ ଏତେ ଗହୀର ନଥିଲା ଅବଶ୍ୟ ହାତ ଠିକ ହେବାକୁ ଆଉ କିଛି ଦିନ ଲାଗିବ। ଧିରେ ଧିରେ ସେ ସହଜ ହେଉଥିଲା। ପୋଲିସ ସବୁଦିନ ପଚରା ଉଚରା ପାଇଁ ଆସୁଥିଲା। ହେଲେ ନିରାଶ ହେଉଥିଲା। ହଠାତ ସେଦିନ ରାତିରେ ଗେହ୍ଲି ଗଭୀର ନିଦରେ ଜୋରରେ ଚିଳାଇଲା, ଧୀର ଭାଇ ମୁଁ ପଡି ଯିବି, ମୋତେ ଡର ଲାଗୁଛି! ମୋତେ ଆମ ଘରେ ଛାଡ଼ିଦେ! ନାଇଁ ନାଇଁ... ଓ ଲିପି ହଲାଇ ଦେଲା ଝିଅକୁ । 'କଣ ହେଲା ମା! କିଏ କିଏ ତୋତେ ପେଲିଲା!'

'ମାମା, ଦେଖିଲୁ ଧୀର ଭାଇ ମୋ ଡ୍ରେସ କେମିତି ଖୋଲି

ଦେଉଛି ।' ଝିଅ ନିଦ ବାଉଳାରେ ତଥାପି କହୁଥିଲା।

କିଏ ଧୀର ଭାଇ! ଏ ଆରସାହି କ୍ଷେତେରା ପୁଅ ଧୀର? ପାଠ ସାଠ କିଛି ନାହିଁ। ଦୁଇ ତିନି ଥର ପ୍ଲସ ଟୁ ଫେଲ ହେଲାଣି କମର୍ସରେ! ବାପା ଗୁପଚୁପ ବିକୁଛି ପୁଅର ଠାଣି ଦେଖିବ କାହିଁରେ କଣ! ମଟର ସାଇକେଲ ଖଣ୍ଡେ ବାପା କରିଦେଇଛି ପୁଅ କଲେଜ ଯିବ ବୋଲି! ଯେତେବେଳେ ଦେଖିବ ପୁଅ ଘିରଘିର ହୋଇ ବୁଲୁଥିବ! ଛକ ଉପରେ ଠିଆ ହୋଇ ସିଗାରେଟ ଖାଉଥିବ! ପାଠ ସିନା ପଢିଲେ ପାସ କରିବ! ତେବେ ଏଇ ବାତେରା ଟୋକା ମୋ ଗେହ୍ଲିନା ସହ କଣ କରିବାକୁ ଚେଷ୍ଟା କରିଛି। ଲଫଙ୍ଗା କେଉଁଠି କାର! ତା ସାହସକୁ ଦେଖ! ମୁଁ ଆଗକୁ ଭାବି ପାରିନଥିଲି!

ପୋଲିସ ତା ଘରକୁ ଗଲା ବେଳକୁ ପୁଅ ଘରେ ନାହିଁ। କୁଆଡେ ଗଲା ନା ମାମୁଁ ଘରକୁ । ପୋଲିସ ତାକୁ ମାମୁଁ ଘରେ ବି ତାର ପାଇନଥିଲା। ଏମିତି ଚଞ୍ଚକ ଭିତରେ ପୋଲିସ ତା ମୋବାଇଲର ଲୋକେସନ ଟ୍ରେସ କରି ତାକୁ ଧରି ଥିଲା । ସମସ୍ତଙ୍କ ପରି ପ୍ରଥମେ କିଛି କରିନି, କିଛି କରିନି ହୋଇ ଶେଷରେ ପିଚାରେ ଦୁଇ ଚାରିଟା ଉତ୍ତମ ମାଧ୍ୟମ ହେବାରୁ ସେ ଧଡ଼ାଧଡ଼ ସବୁ ମାନି ନେଲା।

'ଗେହ୍ଲିନାକୁ ବହୁତ ସମୟ ଏକୁଟିଆ ଠିଆ ହେବାର ଦେଖି ମୁଁ ତା କୁ ପଚାରି ସବୁ ବୁଝିଲି। ଘରେ ଛାଡ଼ିଦେବି ବୋଲି କହି ତାକୁ ମୁଣ୍ଡିଆ ତଳେ ଥିବା ପାର୍କକୁ ନେଲି । ଚକଲେଟ କିଣିଆଣିଲି ତାକୁ ଖାଇବାକୁ ଦେଇ ମୁଣ୍ଡିଆ ଉପରକୁ ଚଳେଇ ଚଳେଇ ନେଲି! ସେ ଡରୁଥିଲା। କାନ୍ଦୁଥିଲା। ତାକୁ କହିଲି ଉପରୁ କେମିତି ଦିଶୁଛି ତମ ଘର ଦିଆସିଲି ଡବା ପରି ଆସିଲୁ ଚିହ୍ନିବୁ । ହେଇ ଦେଖ ସେଇଟା ତମ ଘର! ତାପରେ...' ଧୀର ଛେପ ଢ଼ୋକିଲା।

ତାପରେ ତାପରେ କଣ, ଗୋଟେ ପାହାର ପକେଇ ପୋଲିସ ବାବୁ ଜେରା କଲେ।

'ତା ଡ୍ରେସ ଖୋଲିଲି, କହିଲି ଭଲ ପବନ ହେଉଛି ଆ ଡ୍ରେସ ଖୋଲି ପବନ ଖାଇବା, ତାପରେ ତା ଚଡି ଖୋଲି ତା ପାଟିରେ ଦାବି ବାକୁ ଗଲା ବେଳେ ସେ ମୋ ହାତକୁ କାମୁଡି ଦେଲା ମୁଁ ବିକଳରେ ହାତ ଛାଟି ଦେଲା ବେଳକୁ ସେ ବି ତଳକୁ ଖସି ପଡିଲା। ମୁଁ କିଛି କରିନି। ମୋତେ ଛାଡ଼ି ଦିଅନ୍ତୁ ଆଜ୍ଞା', ବିକଳ ହୋଇ ଧୀର ଓରଫ ଧୀରେନ୍ଦ୍ର କହୁଥିଲା।

'ଗୋଟେ ନ ବର୍ଷ ପିଲା ଯିଏ ଠିକରେ ହାତରେ ଖାଇ ଶିଖିନି ତାକୁ ଚକେଲଟ ଦେଇ ଭୁଲେଇ ନିକାଞ୍ଚନ ଜାଗାକୁ ନେଇ ଲଙ୍ଗଳା କରି ତା ପାଟିରେ ତା ଚଡି ଖୁନ୍ଦି ଯେମିତି ସେ ପାଟି କରିପାରିବନି କଣ ତାକୁ ବଳାତ୍କାର କରି ଗୋଟେ ମରଦପଣ ଦେଖେଇଥାନ୍ତୁ! ଭାଗ୍ୟ ଭଲ ସେ ବଞ୍ଚି ଗଲା ବୋଲି, ଯଦି ପଡିକି ମରିଯାଇଥାନ୍ତା, ଯଦି ତୁ ରେଫ କରିବା ପରେ ତାକୁ ମାରିଦେଇଥାନ୍ତୁ! କିଏ ତା ମା ବାପାକୁ ପିଲାଟିଏ ଦେଇଥାନ୍ତା! କଣ ସେ ଛୋଟ ପିଲାକୁ ତୁ ଶିଖାଉଛୁ! କି ପାଠ ପଢୁଛୁ ତୁ ରେ ! ସେ ଥାର୍ଡ଼ ଗ୍ରେଡ଼ର ବ୍ଲୁ ମୁଭି ଦେଖି କାମାନ୍ଧ ହୋଇଯାଉଛୁ! ଏଇ ତୋର ଶିକ୍ଷାଦୀକ୍ଷା, ସଂସ୍କାର! ଏତେ ଯଦି ମନ ବିଚଳିତ ହୋଇଯାଉଛି ବାପାକୁ କହୁନୁ ବାହା କରି ଦେବ! ସମାଜ ପାଇଁ ତୁ ଗୋଟେ କଳଙ୍କ ବୁଝିଲୁ!'

ଭଡଭଡ କି ଆଉ ଦୁଇ ପାହାର ଧୀର ପିଚାରେ ଓ ନଳୀ ଗୋଡ଼ରେ ବକ୍ସିସ ଦେଲେ ପୁଲିସ ବାବୁ। ଧୀର ବୋଉଲୋ ବାପାଲୋ ମରି ଗଲିଲୋ ବୋଲି ରଡ଼ି ଛାଡୁଥିଲା। ପିଟୁ ପିଟୁ ପୋଲିସ ବାବୁ ପୁଣି କହିଲେ ହେ ବାହାର କର ତୋ ଆଧାର କାର୍ଡ।

ଧୀର ପିଚା, ଗୋଡ଼ ଆଉଁସି ଆଧାର କାର୍ଡ ବଢ଼େଇଲା।

ଆରେ ଏଇଟାକୁ ତ ଜେଲ ହେବ ଅଠର ବର୍ଷରୁ ଅଧିକ ହେଲାଣି। ଏଥର ଜେଲରେ ଘଣା ପେଲିଲେ ପୁଅ ମଜ୍ଜା ଚାଖିବ।

ମୁଁ ନିର୍ବାକ ହୋଇ ଭାବୁଥିଲି ଆଜିର ଯୁବ ସମାଜର ଗତି କୁଆଡେ! କଣ ବା ସୁରକ୍ଷିତ ଗୋଟେ ଝିଅରେ ଜୀବନ! କାହିଁକି ଝିଅ ଜନ୍ମ କରିବ! ଖାଲି କଣ ପାଦେ ପାଦେ ମରିବାକୁ! ଝିଅ ଜନ୍ମ କରି ପାଠ ପଢ଼େଇ ମଣିଷ କରିବ, ମା ଟାଏ ତ ଲଟପଟ ହୋଇଯାଏ ଛୁଆଟିଏ ବଡ କଲାବେଳେ, ହେଲେ କେବେ ଯୌତୁକ ପାଇଁ ତ କେବେ କେଉଁଠି ରାସ୍ତାରେ, କେବେ ସ୍କୁଲରେ, କେବେ ଅଫିସ ବା ଡାକ୍ତର ଖାନାରେ ବଳାତ୍କାର ଓ ହତ୍ୟା! ଏମିତି କେତେ ଗେହ୍ଲିନା ପ୍ରତି ଦିନ ବଳି ପଡୁଛନ୍ତି ଏମାନଙ୍କ ନୀଚ କାମନା କୁଣ୍ଡରେ! ଜଣା ନାହିଁ, ଏ କାଣ୍ଡ କଲା ରେ ପରିଣତି ବିଷୟରେ ଏମାନେ ଜାଣି ପାରନ୍ତି ନାହିଁ କି ଜାଣିବି ଭୁଲ କରନ୍ତି। କାରଣ ଆମ ଦଣ୍ଡ ବ୍ୟବସ୍ଥା ଏତେ କଠୋର ନୁହେଁ!

❖❖❖

# ପାର୍ଥେନିୟମ



ISSN-2583-6978
Volume-4
Issue-10
OCTOBER-2024

**ଶୈଳେନ୍ଦ୍ର କୁମାର ଜେନା**

ଭୁବନେଶ୍ୱର

"ପିଲେ, ସକ୍ରେଟିସଙ୍କ ବିଷୟରେ କିଏ ଜାଣିଛ, ହାତ ଟେକ।"

ସାରା ଶ୍ରେଣୀରେ ନିରବତା। କିଏ ଗୋଟାଏ ଅଦ୍ଭୁତ ଜୀବ ହୋଇଥିବ। ବିଦେଶୀ ଲୋକଙ୍କ ନାଆଁ ଗୁଡ଼ିକ ଏତେ ଖରାପ ଯେ ପାଟିରେ ଧରିବା ବି କଷ୍ଟ, ମନେ ରଖିବା ତ ଦୂରର କଥା। ଆମ ମାନଙ୍କ ନାଆଁ ପରି ହେଲେ, ରାମ ଦାମ କି ଶ୍ୟାମ, ନହେଲେ ହାଡ୍ଡୁ, ଲଡ୍ଡୁ କି ଗୁଡ୍ଡୁ ହେଲେ ହୋଇଥାନ୍ତା ଭଲା! କିଛି ନହେଲେ ଜଗଦୀଶ ହୋଇଥିଲେ ବି ଚଳିଥାନ୍ତା।

ପ୍ରଶ୍ନକର୍ତ୍ତା, ନିଜେ ଉତ୍ତର ରଖିଲେ।

"ସେ ଥିଲେ ଜଣେ ପ୍ରସିଦ୍ଧ ଗ୍ରୀକ ଦାର୍ଶନିକ। ଯେତେବେଳେ ଧର୍ମଯାଜକ ମାନେ ବିଶ୍ୱାସ କରୁଥିଲେ ଯେ, ପୃଥିବୀ ସ୍ଥିର ଓ ସୂର୍ଯ୍ୟ ପୃଥିବୀ ଚାରି ପାଖରେ ଘୂରି ବୁଲୁଛି, ସେ ସେତେବେଳେ କହିଥିଲେ ଓଲଟା। ଧର୍ମ ବିରୁଦ୍ଧରେ କହିବାର ଅର୍ଥ ତୁମେ ବୁଝି ପାରିବନି ପିଲାମାନେ। ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା। ନିଜ ହାତରେ ନିଜକୁ ବିଷ ପିଏଇ ନିଜକୁ ମାରିବାକୁ ଦିଆଗଲା। ଏବଂ, ସେଇ ବିଷର ନାଆଁ ଥିଲା, ପାର୍ଥେନିୟମ୍।"

ଜଗଦୀଶ ସେତେବେଳେ ସ୍କୁଲରେ ପଢୁଥିଲା। ବିହାରର ଗୟା ଜିଲ୍ଲାରେ ଏକ ନିପଟ ମଫସଲ ସ୍କୁଲ। ଜଣେ ଉତ୍ସାହୀ ଯୁବ ବିଜ୍ଞାନ ଶିକ୍ଷକ ହାତରେ ଗୋଟିଏ ଉଦ୍ଭିଦ ଧରି ଚିହ୍ନେଇ ଦେଇଥିଲେ, "ଏହା ହିଁ ସେହି ବିଷାକ୍ତ ଉଦ୍ଭିଦ, ପାର୍ଥେନିୟମ।"

କାହାର କିଛି ଫରକ ପଡ଼ିଲାନି। କେହି ସେ ବିଷୟରେ ଦ୍ୱିତୀୟବାର ଚିନ୍ତା ବି କଲେନି। ଶିକ୍ଷକଙ୍କ କଥା ଗୁଡାକ ସେମାନଙ୍କ ମୁଣ୍ଡ ଉପର ଦେଇ ଚାଲିଗଲା। ଶିକ୍ଷକ ବି ଛାଡ଼ିବାର ଲୋକ ନୁହଁନ୍ତି।

"ପିଲେ, ଆଫ୍ରିକା ଓ ଏସିଆ ମହାଦ୍ୱୀପରେ ସେତେବେଳେ ଚାଲିଥାଏ ଉତ୍କଟ ମରୁଡ଼ି, ଯୁଦ୍ଧ ଓ ଖାଦ୍ୟାଭାବ। ମିଳିତ ଜାତିସଙ୍ଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଆମେରିକା ପରି ବିକଶିତ ରାଷ୍ଟ୍ରମାନେ ଦୟା ଦେଖେଇ ସେମାନଙ୍କ ଉତ୍ପାଦିତ ବିପୁଳ ପରିମାଣର ଗହମରୁ କିୟତଅଂଶ ଗରିବ ରାଷ୍ଟ୍ରମାନଙ୍କ ଭିତରେ ବାଣ୍ଟି ଦେଉଥିଲେ।"

"ତା ପଛରେ ଲୁଚି ରହିଥିବା ଏକ ଷଡଯନ୍ତ୍ର ଯୋଗୁ ଗହମ ବସ୍ତା ଭିତରେ ଏଇ ଉଦ୍ଭିଦର ବୀଜ ଆସିଥିଲା ଭୋକିଲା ଦେଶ ମାନଙ୍କୁ । ସେଉଠୁ ଏ ଉଦ୍ଭିଦ ଚାରିଆଡେ ମାଡ଼ି ଚାଲିଛି। ଯା ସଂସ୍ପର୍ଶରେ ଆସି ଲୋକମାନେ ଚର୍ମ ଓ ଶ୍ୱାସ ରୋଗରେ ପଡୁଛନ୍ତି ଓ ଔଷଧ ଖାଇ ଖର୍ଚ୍ଚାନ୍ତ ହେଉଛନ୍ତି।"

ସ୍କୁଲ ଶେଷ ହବା ପୂର୍ବରୁ ଜଗଦୀଶ ପରିସ୍ଥିତିରେ ପଡ଼ି ଗୟା ଛାଡ଼ିଲା ଓ ତାକୁ ଦିଲ୍ଲୀ ଆସିବାକୁ ପଡ଼ିଲା। ତା ପର ଭାଇ ଦିନେଶ କଲେଜରେ ପଢ଼ିବା ବେଳେ, ପ୍ରେମ କରିବସିଲା ଗୋଟେ ବ୍ରାହ୍ମଣ ଝିଅକୁ ଓ ସେଥିପାଇଁ ତାକୁ ଜୀବନ ହାରିବାକୁ ପଡ଼ିଲା ଓ ଜଗଦୀଶକୁ ଜୀବନ ବଞ୍ଚେଇ ରାତିର ଅନ୍ଧାରରେ ଗାଆଁ ଛାଡ଼ିବାକୁ ପଡ଼ିଲା। ଗାଆଁରେ ରହିଗଲେ, ବିଧବା ମାଆ, ଆଣ୍ଠେଇ ପଡ଼ିଥିବା ଝାଟିମାଟିର ଘର ଖଣ୍ଡେ, ଦୁଇଟା ମାଇ ଛେଳି ଆଉ ସେମାନଙ୍କର ଚାରିଟା ଛୁଆ, ଅଳ୍ପ ଟିକେ ଘରବାରି ଜାଗା ସହିତ ନାମ ମାତ୍ରକୁ ଖଣ୍ଡେ ଚାଷ ଜମି।

କୃଷ୍ଣ ମହାପ୍ରଭୁ। ସେ ବି ଦିନେ ଏମିତି ଜରାସନ୍ଧ ଭୟରେ ମଥୁରା ଛାଡ଼ି ଗୋପୀ ଗୋପାଳୁଣି ଓ ଗୋ ସମ୍ପଦ ଧରି ଚାଲିଆସିଥିଲେ ଦ୍ୱାରକା। ସେ ତ ନିଜେ ଭଗବାନ ହୋଇ ସାମାନ୍ୟ ଅସୁରଟାକୁ ପାରିଲେନି, ଜଗଦୀଶ ସେ ଜାତିଭେଦର ଅସୁରମାନଙ୍କୁ କେମିତି ପାରିଥାନ୍ତା। ତାକୁ ବି ଦ୍ୱାରିକା ଆସିବାକୁ ପଡ଼ିଲା। କିନ୍ତୁ ଏଇଟା ସେ ଗୁଜରାତବାଲା ଦ୍ୱାରିକା ନୁହଁ, ଦିଲ୍ଲୀବାଲା ଦ୍ୱାରିକା।

ଦିଲ୍ଲୀ ସହରର ଯାବତୀୟ ଆବର୍ଜନା ସହିତ କିଛି ବସ୍ତିବାସିନ୍ଦାଙ୍କୁ ବିତାଡ଼ିତ କରାଯାଇଥିଲା। ସେମାନେ ଚାଲିଆସିଥିଲେ ଦ୍ୱାରକା। ସେମାନଙ୍କ ଭିତରେ ଥିଲା ଲାଲ ସିଂହ ଯାଦବ, ତା ମାମୁଁ। ସିଏ ଦିଲ୍ଲୀ ବିକାଶ ପ୍ରାଧିକରଣରେ ରାତ୍ର ଜଗୁଆଳି କାମ କରିବା ବେଳେ, ବସ୍ତି ଭିତରେ ଡରେଇ ଧମକେଇ ବେନାମୀ ସୂତ୍ରରେ ମାଇଁ ଲଛମନି ଯାଦବ ନାଆଁରେ ମାଡ଼ି ବସିଥିଲା ଜାଗା ଖଣ୍ଡେ। ସେ ବାବଦକୁ

ମାଇଁଙ୍କୁ ଦ୍ୱାରକାରେ ମିଳିଥିଲା ଖଣ୍ଡେ ଜାଗା। ମାମୁଁ କିଛି ସରକାରୀ ଅଧିକାରୀଙ୍କ ସହିତ ମିଶି, ଡିଡିଏ ଫ୍ଲାଟରୁ କେତେଟା ବାନାମୀ ଲୋକଙ୍କ ନାଆଁରେ କରେଇ ନିଜ ଅକ୍ତିଆରରେ ରଖିଥିଲା। ସେ ସବୁକୁ ଭଡାରେ ଲଗେଇ ବେଶ ଅର୍ଥ ରୋଜଗାର କରୁଥିଲା। ଜଗଦୀଶର କାମ ହେଲା, ଭଡାଟିଆଙ୍କ ଉପରେ ନଜର ରଖିବା, ମାସକୁ ମାସ ଭଡା ସଂଗ୍ରହ କରିବା ଇତ୍ୟାଦି। ଭାଇ ଭାଉଜ, ମଉସା ମାଉସୀ ଇତ୍ୟାଦି ସମ୍ପର୍କ ଯୋଡିବା କାମ ନୁହଁ। ବରଂ ଭଡା ନଦେଇ ପାରୁଥିବା ଭଡାଟିଆଙ୍କୁ ତଣ୍ଟିଆ ମାରି ଘରୁ ବାହାର କରିବା, ସେମାନଙ୍କ ଜିନିଷପତ୍ରକୁ ନିଜ କବଜାକୁ ନବା।

ନକରିବା କାମ କରିଥିଲା ଜଗଦୀଶ। ଆଜି ତାକୁ ତାର ପରିଣାମ ଭୋଗିବାକୁ ପଡୁଛି।

ରୁବି ଦିଦି! ରୁବି ଦିଦି ଆଉ ବବ ଭିତରେ ବେଶୀ ଫରକ ନାହିଁ। ଦୁହିଁଙ୍କୁ ଠିଆ କରେଇ ଦେଲେ ଦୁଇ ଭଉଣୀ ପରି ଦିଶିବେ। ବବ ପୁଣି କିଏ?

ବବ ଗୋଟେ ଉଚ୍ଚ ଜାତିର ଝିଅ, ଯିଏ ଥରେ ନିଭୃତରେ ଆସି ଜଗଦୀଶ ଗାଲରେ ଚୁମାଟିଏ ଦେଇ ହସି ହସି ଦୌଡି ପଳେଇଥିଲା।

ବିରି ମାଡ ଦେଖି କୋଳଥ ଚେପା। ଏବେ ବି ରାତି ଅଧରେ ନିଦ ଭାଙ୍ଗିଯାଏ। ଲାଗେ ଯେମିତି ତା ଦେହରେ ଚାଇଁ ଚାଇଁ କରି ଚାବୁକ ପ୍ରହାର ଲାଗୁଛି। ଠେଙ୍ଗାରେ କେହି ତାର ସାରା ଶରୀରକୁ ପିଟି ହାଡ ସବୁ ଚୁନା କରି ଚାଲଛି। ଦିନେଶ ପରି ସେ ବି ଚିତ୍କାର କରୁଛି। କ୍ରମଶଃ ସେ କ୍ଳାନ୍ତ ହେଇ ପଡୁଛି। ମାଗୁଛି, ପାଣି ପାଣି...। କେହି ଜଣେ ପାଣି ଦବା ପରିବର୍ତ୍ତେ, ଲୁଙ୍ଗି ଟେକୁଛି ଆଉ ତା ମୁହଁ ଉପରେ ପରିଶ୍ରା କରି କହୁଛି, ନେ ପାଣି ପି...।

କେତେ ବର୍ଷ ହେଲାଣି ସେ ଦେଶ ଛାଡି ବିଦେଶ ଆସିଲାଣି। ବବ କୁଆଡେ ଗଲା, କେମିତି ଅଛି, ଜାଣିବାର ସୁଯୋଗ ନାହିଁ କି କାହାକୁ ପଚାରିବାର ସାହସ ନାହିଁ।

ରୁବି ଦିଦି ସେଇ ବବ ପରି ଦିଶେ ବୋଲି, ଜଗଦୀଶ ତା ପାଖାପାଖି ହେଇଯାଇ ସମ୍ପର୍କ ଯୋଡିଥିଲା। ଦିଦି ଦିଦି ଡାକି ତାର ସବୁ ବୋଲ କରୁଥିଲା। ଆଜି ସେଇ ସମ୍ପର୍କର ମୂଲ୍ୟ ଦବାକୁ ପଡୁଛି।

ରୁବି ଦିଦି ଆଉ ରୋହିତ, ଚାରି ମାସ ହେଲାଣି ଘର ଭଡା ଦେଇ ନାହାଁନ୍ତି। ଘର ଭଡା ହିସାବ ମାମୁଁ ମାଇଁଙ୍କୁ ଦେଲା ବେଳକୁ ଜଗଦୀଶକୁ ନାନା ମିଛ କଥା କହିବାକୁ ପଡୁଛି। ଆଗକୁ ରୋହିତ ବାକି ଥିବା ଭଡା ଟଙ୍କା ଦବ କି ନାହିଁ, କହି ହବନି। ରୁବି ଦିଦି ର ଏ ଅବସ୍ଥା ଭିତରେ ସେମାନଙ୍କୁ ଘର ଛାଡିବାକୁ କେମିତି କହିବ ଆଉ ସେମାନଙ୍କ ଜିନିଷପତ୍ର କେମିତି ନିଜ ହାତରେ ଫିଙ୍ଗା ଫୋପଡା କରିବ!

ଆଜି ସେ ଠିଆ ହେଇଛି ପାର୍ଥେନିୟମର ଜଙ୍ଗଲ ଭିତରେ। ଲାଗୁଛି ଯେମିତି ସେ ଶ୍ରେଣୀ କକ୍ଷରେ ବସିଛି ଆଉ ତା ବିଜ୍ଞାନ ସାର୍ ତାକୁ ପାର୍ଥେନିୟମ ବିଷୟରେ ବୁଝଉଛନ୍ତି। ପାଠରେ ଏତେ ଖରାପ ବି ନଥିଲା ଜଗଦୀଶ। ଦ୍ୱାରକା ଆସିବା ପରେ ସେ ପାର୍ଥେନିୟମ ଗଛକୁ ଚିହ୍ନି ପକେଇ ସାରଙ୍କ କଥା ମନେପକେଇଥିଲା। ଗଛଟି ବିଷୟରେ ଜାଣିଥିବା ଜ୍ଞାନକୁ ମାଇଁଙ୍କୁ କହିଥିଲା ଯେ, ହେଲେ ସେ ବୁଝିଥିବେ ଛେନା ଗୁଡ।

ଅବଶ୍ୟ ସେ ତାର ଜ୍ଞାନକୁ ବାଣ୍ଟିଥିଲା ରୁବି ଦିଦି ସହିତ। ରୁବି ଦିଦି କହିଥିଲା, ଆରେ ବାଃ... ଦେଖୁଛି ତ ତୋର ଖୁବ ଜ୍ଞାନ।

ଜଗଦୀଶ ନିଜ ହାତରେ ଘର ଚାରି ପାଖରୁ ସେ ବିଷାକ୍ତ ଗଛ ଗୁଡିକୁ ଉପାଡି ଦେଇଥିଲା। ରୁବି ଦିଦିକୁ କହିଥିଲା, କୁନି ପିଲା ଆସିବା ପୂର୍ବରୁ ମୁଁ ବରାବର ଆସି ଏଗୁଡାଙ୍କୁ ସଫା କରିଦେଉଥିବି।

ରୁବି ଦିଦି ବହୁତ ହସିଥିଲା ସେଦିନ।

କାହିଁକି? ରୁବି ଦିଦି ପାଇଁ ଏତେ ପ୍ୟାର କାହିଁକି?

ଜଗଦୀଶ ଭାବୁଥିଲା ସବୁ ମନ ଖୋଲି କହିଦବ। କିନ୍ତୁ କହିଲାନି। କିଛି କଥା ମନରେ ରହିଲେ ଭଲ। ତାକୁ ଉଖାରି ଘାଆ କରି ଯନ୍ତ୍ରଣା ଭୋଗିଲେ ଭାରି ଭଲ ଲାଗେ।

ଜଗଦୀଶ ଯୋଉ ନିବୁଜ ଅନ୍ଧାରିଆ ଜାଗାଟିରେ ଠିଆ ହେଇଥିଲା, ସେଠି ଥିଲା ବୁଦା ବୁଦା ଜଙ୍ଗଲ। ପାଦ ତଳେ ପଚ ପଚ ସନ୍ତସନ୍ତିଆ ମାଟି। ଶହ ଶହ ଝିଙ୍କାରୀ ଏକା ସ୍ୱରରେ ଭଗବାନଙ୍କୁ ଅର୍ଥାତ ତାକୁ ହିଁ ଡାକୁଥିଲେ, ହେ ଜଗଦୀଶ, ଏ ନର୍କ ଯନ୍ତ୍ରଣାରୁ ଆମକୁ ଉଦ୍ଧାର କର। ଆକାଶରୁ ଝରୁଥିଲା ଝିପି ଝିପି ବର୍ଷା। ଥୋକେ ଥୋକେ କାଲୁଆ ପବନ ବହୁଥିଲା। ପବନରେ ଭାସି ଆସୁଥିଲା, ପଚା ସଢା ଜୀବ ଜନ୍ତୁଙ୍କ ଅବଶେଷରୁ ନିର୍ଗତ ହଉଥିବା ଦୁର୍ଗନ୍ଧ।

ଏ ଅବେଳାରେ ଏଠି! ତୋ ପିଠିରେ ପୁଣି କଣ ଏଇଟା? ଖୋଲ ତାକୁ, କଣ ଅଛି  ଦେଖିବା।

ତାକୁ ଲାଗିଲା ନାଇଟ ପାଟ୍ରୋଲିଂ ଗାଡିରୁ ପୋଲିସ ଅଫିସର ତାକୁ ଏ ପ୍ରଶ୍ନ ପଚାରୁଛନ୍ତି ଓ ସେମାନଙ୍କୁ ସେ କି ଉତ୍ତର ଦବ ଭାବି ଘାବରେଇ ଯାଉଛି। ରାତି ବାର ବାଜି ସାରିବଣି। ସହର ନିଦରେ ଶୋଇ ପଡିଲାଣି। ଘୁମେଇ ପଡିଲେଣି ରାସ୍ତାର ଏଲଇଡି ଲାଇଟ ସବୁ। ଏ ବେଳରେ ଏ ନର୍କରେ କିଏ ସେ ପହରା ଦବାକୁ ଆସିବ ଯେ ଜଗଦୀଶ ଡରୁଛି! ନିଜକୁ ସେ ଦମ୍ଭ ଦେଲା।

ଅନ୍ଧାର, ଅପନ୍ତରା ଭେଦି ଆକାଶରେ ଖଣ୍ଡିଆ ଜହ୍ନଟିଏ ଉଇଁ ଆସିଲା। ଅବଶ୍ୟ ମେଘ ଭିତରେ ଜହ୍ନଟି ଅସ୍ତିତ୍ୱ ହରେଇବାକୁ ବେଶୀ ସମୟ ଲାଗିଲାନି।

କିଛି ଦିନ ତଳର କଥା। ରୁବି ଦିଦିର ଘର ଆଡୁ ମଝି ରାତିରେ ବହୁତ ପାଟିତୁଣ୍ଡ ଶୁଣାଗଲା। ଜଗଦୀଶ ଧଇଁ ସଇଁ ହେଇ ସେଠି ପହଞ୍ଚି ଦେଖିଲା, ରୋହିତ ଖଣ୍ଡେ ପାଇପ ଧରି ରୁବି ଦିଦିକୁ ଖୁବ୍ ପିଟୁଥିଲା। ତାକୁ ଦେଖି ରୋହିତ ଘର ଛାଡି ଚାଲିଗଲା।

ଜଗଦୀଶ କହିଲା, ରୋହିତ ଯଦି ତୁମ ସ୍ୱାମୀ ହେଇନଥାନ୍ତା ନା

ରୁବି ଦିଦି, ତମେ ଆଜି ଦେଖିଥାନ୍ତ ଜଗଦୀଶର ଅସଲ ଚେହେରା।

ରୁବି ଦିଦି ପଚାରିଲା, ରୋହିତ ମୋର ସ୍ୱାମୀ ବୋଲି ତତେ କିଏ କହିଲା !

ଜଗଦୀଶ ପଥର ପାଲଟି ଗଲା। ଏମାନେ ଯଦି ସ୍ୱାମୀ ସ୍ତ୍ରୀ ନୁହଁନ୍ତି, ତାହେଲେ ଏମାନେ କିଏ ? କଣ ଏମାନଙ୍କ ଭିତତର ସମ୍ପର୍କ !

ଜଗଦୀଶ ବି ସେମାନଙ୍କର କେହି ନୁହଁ। ବବ ବାହାନାରେ ସେମାନଙ୍କ ସହିତ  ଯୋଡି ହେଇ ରହିଥିଲା। ସମ୍ପର୍କ ପାଇଁ ସେ ଆଉ ବ୍ୟସ୍ତ ହଉନଥିଲା। ବରଂ ଭାବୁଥିଲା, କେତେ ଜଲଦି କାମଟି ସାରିଦେଲେ ହେଲା।

ଆଜି ବି ରୋହିତ ସହିତ ହାତାହାତି ଅବସ୍ଥା ଆସିଯାଇଥିଲା। ରୋହିତ ତାକୁ ଗାଳି ଦେଇ କହିଲା, ତୋ ମୁଣ୍ଡ ଯେତିକି, କଥା ସେତିକି କର, ଅଧିକ ଗପୁଛୁ କାହିଁକି ?

ଆଜିର କାଳ ରାତିରେ,  ପିଠିରେ ବୋକଚା ବୋହି ଘନ ଅନ୍ଧାରରେ ସେ ଲୁଚି ଲୁଚି ଆସିଛି। ଆସିବା ପୂର୍ବରୁ ରୋହିତ ବିଡାଏ ନୋଟ ହାତରେ ଧରେଇଥିଲା। ସେଥିରେ କେତେଟଙ୍କା ଅଛି ଜଗଦୀଶ ଜାଣିନି କି ରୋହିତ ବି କହିନି। ରୋହିତ ପାଞ୍ଚ ମାସ ହେଲାଣି ଭଡା ଦେଇନି। ଏ ଟଙ୍କା ବାକିଆ ଘର ଭଡା ବାବଦକୁ କି ପାରିଶ୍ରମିକ, ସେ କଥା ବି ଜଗଦୀଶ ପଚାରିନି କି ରୋହିତ କିଛି କହିନି ।

ଦୀର୍ଘଶ୍ୱାସ ନେଲା ଜଗଦୀଶ। ମେଞ୍ଚାଏ ପଚା ପବନ ତା ନାକବାଟ ଦେଇ ପାକସ୍ଥଳୀକୁ ପଶିଗଲା। ତାକୁ ବାନ୍ତି ଉଠେଇ ଆସିଲା। ସେ ଯୋଉଠି ଠିଆ ହେଇଥିଲା, କଅଁଳ ଛନଛନ ହେଇ ସେଠି ପାର୍ଥେନିୟମର ଘଞ୍ଚ ବୁଦାମାନ ବଢିଥିଲା। ଜଗଦୀଶ ଆଖି ବୁଜିଲା, ତାର ମନେ ହେଲା, ତା ଜୀବନଟି ଏଇ ପାର୍ଥେନିୟମ ପରି ବିଷାକ୍ତ ଓ ଅଲୋଡା। ଏମିତି ଜୀବନର ମାନେ କିଛି ନାହିଁ।

କରିବାକୁ ଥିବା କାମଟି ସଂକ୍ଷିପ୍ତ। ପିଠିରେ ପଡିଥିବା ବୋକଚାଟିକୁ ଫିଙ୍ଗି ଦବାର ଅଛି ବୁଦା ଭିତରକୁ ଯୋଉଠି ବୁଲା କୁକୁର ବି ପହଞ୍ଚିପାରିବେନି।

ଲୋକ ଗୁଡାକ ଯାହା ପାଇଲେ ତା ଆଣି ଏଇ ଅନ୍ଧାର ଭିତରକୁ ଫିଙ୍ଗିଦେଇ ଯାଆନ୍ତି। ଏଠି ମ୍ୟୁନିସିପାଲିଟି ନାଆଁକୁ ମାତ୍ର। କେହି କେବେ ଅଳିଆ ଉଠାନ୍ତିନି। ଖୋଦ ମୁନିସିପାଲିଟିବାଲା ଗାଈ ଗୋରୁ ବୁଲା କୁକୁର ବିରାଡିଗୁଡାଙ୍କର ଶବ ଆଣି ଏଇଠି ଫିଙ୍ଗି ଦେଇ ଯାଆନ୍ତି। ମଣିଷକୁ ମାରି ଯଦି ଯା ଭିତରକୁ ଫୋପାଡି ଦିଆଯାଏ, ତାହେଲେ ବି କେହି ଜାଣି ପାରିବେନି।

ଆଉ ବେଶୀ ଚିନ୍ତା ନକରି ଜଗଦୀଶ ଅନ୍ଧାରକୁ ପାଦ ବଢେଇଲା। ତା ପାଦଟି ଯାଇ କାଦୁଅ ପରି କିଛି ପଦାର୍ଥରେ ଥୋଇ ହେଇଗଲା। ଛି... କି ଦୁର୍ଗନ୍ଧ। ମଣିଷ କି ପଶୁ ଝାଡା କେଜାଣି !

ଭଗବାନ ଯେମିତି ଜୀବନ ସୃଷ୍ଟି କରିଛନ୍ତି, ସେମିତି ମୃତ୍ୟୁକୁ ବି। ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ, ଜୀବନ ଓ ମୃତ୍ୟୁ। ଜଗଦୀଶ ପାଠୁଆ ନହେଲେ ବି ମୁର୍ଖ ନୁହଁ। ବେଳ ଥାଉ ଥାଉ ଜୀବନ ଆଉ ମୃତ୍ୟୁ ଭିତରେ କିଛି ଗୋଟେ ବୁଝାମଣା ହେଇଗଲେ ଭଲ। ସେଇ ବୁଝାମଣା ଅନୁଯାୟୀ, ନିଷ୍ପତ୍ତି ହେଇଥିଲା ଯେ ରୁବି ଦିଦିର ପ୍ରସବ ଘରେ କରାଯାଇଥିଲା ଅତି ଗୋପନରେ। ଏ ସବୁ ବ୍ୟବସ୍ଥାରେ ବିନା କାରଣରେ ଜଗଦୀଶ ରୋହିତର ସହଭାଗୀ ହେଇଥିଲା।

ରୁବି ଦିଦି, ଖଟ ଉପରେ ପଡିଥିଲା। ହୋସ ନଥିଲା ତାର। ପ୍ରସବ କେତେବେଳେ ହେଲା ସେକଥା  ଜଗଦୀଶ ଜାଣି ପାରିଲାନି। ନିଶ୍ଚୟ ସେମାନେ ରୁବି ଦିଦିର ପେଟକୁ କାଟି ଛୁଆଟିକୁ ବାହାର କରିଛନ୍ତି ଓ କଅଁଳା ଛୁଆଟା ମୁହଁ ଖୋଲିବା ଆଗରୁ, ତାକୁ ମାରି ଦେଇଛନ୍ତି।

ଜଗଦୀଶର ଭାରି ଇଚ୍ଛା ହେଇଥିଲା ଛୁଆଟିର ମୁହଁକୁ ଥରେ ଦେଖିବା ପାଇଁ, କିନ୍ତୁ ତାହା ସମ୍ଭବ ହେଇ ନଥିଲା। ପଲିଥିନରେ ମାଂସ ପିଣ୍ଡୁଳାଟିକୁ ଗୁଡେଇ ରୋହିତ ତା ହାତକୁ ଟେକି ଦେଲାବେଳେ, ଜଗଦୀଶ ତା ମୁହଁକୁ ବୋକା ପରି ଚାହିଁରହିଲା। ବୋକା ପରି ଚାହିଁ ରହିଛୁ କଣ ? ଯା... ଯାହା କୁହାହେଲା, ତା କର...।

ବେଶୀ କଥା ଭାବିବାକୁ ବେଳ ନାହିଁ। ତା ଛଡା ଭାବିବାର ଆବଶ୍ୟକ ବି ନାହିଁ। ସେ ମରିଯାଇଥାଉ କି ତାକୁ ମାରିଦିଆଯାଇଥାଉ, ଦୁଇଟା ଯାକ ଏକା କଥା। ଜୀବନ  ମୃତ୍ୟୁ ସାମ୍ନାରେ ହାରି ସାରିଛି। ଜଗଦୀଶ ଗୋଟେ ମୁର୍ଦାରକୁ ଫିଙ୍ଗିବାକୁ ଆସିଛି। ଏମିତି ଜାଗାକୁ ଫିଙ୍ଗିବାର ଅଛି, ଯୋଉଠି କେବେ ସୂର୍ଯ୍ୟୋଦୟ ବି ହବନି। କୀଟ ପତଙ୍ଗ  ସେ ମଲା ଦେହଟାକୁ ଖିନଭିନ କରି ତାର ଅସ୍ତିତ୍ୱକୁ ହଜେଇ ଦେବେ। ମଲା ଗାଈ ଗୋରୁଙ୍କଠାରୁ ନିର୍ଗତ ହଉଥିବା ଗନ୍ଧ ସହିତ ତାର ଗନ୍ଧ ମିଶି ଏକାକାର ହେଇଯିବ।

ଫିଙ୍ଗିବା ପୂର୍ବରୁ ଦେଖିବାକୁ ଭାରି ଇଚ୍ଛା ହେଲା। ଏମିତି ଏ ନିଭୃତ ଅନ୍ଧାର ରାତିରେ, ଅପନ୍ତରାରେ ବୁଦା ଭିତରେ ଛୁଆଟିକୁ ଏକା ଏକା ଛାଡି ଦେଇ ଚାଲିଯିବାକୁ ତାର ମନ ହେଲାନି। ଅତିକମରେ କୋଉଠି ଗୋଟେ ଗାତ ଖୋଳି ପୋତି ଦେଇ ପାରନ୍ତା ଭଲା।

ଛାତିରେ ପଥର ରଖି ଭୀମ ଗଦା ବୁଲେଇବା ପରି ଜଗଦୀଶ ବସ୍ତାର ମୁହଁକୁ ଧରି ପବନରେ ବୁଲେଇବାକୁ ଆରମ୍ଭ କରିଦେଲା। ବସ୍ତା ଭିତରୁ ଛୁଆଟି କୁଆଁ କୁଆଁ ହେଇ କାନ୍ଦି ଓଠିଲା।

❖❖❖

# ନବରବୟା



ISSN-2583-6978
Volume-4
Issue-10
OCTOBER-2024

**ଗାୟତ୍ରୀ ଦାସ**

**ଗୀତାଗ୍ରାମ, ଅନୁଗୁଳ**

ପୁରୁଷର ଲୁହ ବି ଏତେ ଉଷ୍ମ ହୋଇପାରେ !

ଅନୁଭବ କରୁକରୁ ଆଉ ଦୁଇ ଚାରି ଟୋପା କପାଳ ଆଉ ଗଣ୍ଡ ଛୁଇଁ କଣ୍ଠ ଆଡକୁ ବହିଗଲା ।

ପୁରୁଷଟିଏ ବି କାନ୍ଦିପାରେ ? ଅନେକ ଦିନରୁ ଭାବି ଆସୁଥିଲି କାନ୍ଦିବାଟା ବୋଧହୁଏ ଏକ ନାରୀସୁଲଭ ପ୍ରକ୍ରିୟା। କିଶୋରୀ ବୟସରେ ଛୋଟ ଛୋଟ କଥାରେ ଢଳଢଳ ହେଉଥିଲା ଆଖି । ଟପ୍ ଟପ୍ ନିଗିଡି ପଡୁଥିଲା ଲୁହ। ହେଲେ ଜୀବନ ରାସ୍ତାର ପାହାଚମାନ ଏତେ କଠିନ ଯେ, ଲୁହ ସବୁ ଆପେଆପେ ଜମାଟବାନ୍ଧିବା ଶିଖିନେଇଥିଲେ ପତାତଳେ। ଏତେ ସହଜରେ ଲୁହ ଝରେନି ଆଉ ଆଜିକାଲି ।

ତା' ଲୁହ ବୁନ୍ଦା ଥରକୁ ଥର ମୋ ମୁହଁରେ ପଡୁଥିଲା। ମୋତେ ଟିକେ ଅସହଜ ଲାଗୁଥିଲା ଆଉ ଆଶ୍ଚର୍ଯ୍ୟ ବି। ଏମିତି କି ଦୁଃଖ ଯେ, ଯୁବ ଡାକ୍ତରଟେ କାମକଲାବେଳେ ବି କାନ୍ଦି ପକାଏ !

ଦାନ୍ତ ଡାକ୍ତର ସପ୍ତର୍ଷି ଅଗରକର ଏ କ୍ଲିନିକରେ ନୂଆ । କିନ୍ତୁ ଭଲ ଡାକ୍ତର ବୋଲି ସାଙ୍ଗଟେ କହିଲା। ଡାକ୍ତରଙ୍କୁ ନେଇ ମୋ ଅନୁଭବ ମଧ୍ୟ ମନ୍ଦନୁହେଁ। ଏଥରକୁ ମିଶାଇ ସାତ ଆଠଥର ଆସିଲିଣି। କେବେକେବେ ସାଧାରଣ ସମସ୍ୟା ଆଢୁଆଳରେ ମୁଖ୍ୟ ସମସ୍ୟାଟିଏ ଗୁପ୍ତ ଭାବରେ ଲୁଚି ରହିଥାଏ। ମୋର ଦାନ୍ତକୁ ନେଇ ସମସ୍ୟା କିଛି ନଥିଲା। ଯେହେତୁ ପ୍ରଫେସନରେ ଜଣେ ଭି .ଜେ , ଉପର ମାଢିର ବାହାଡା ଦାନ୍ତଟି ନିଜକୁ ଅସୁନ୍ଦର ଲାଗୁଥିଲା। ତାକୁ ଓପାଡି ଦେବାପାଇଁ ଡାକ୍ତରଙ୍କ ପରାମର୍ଶ ପାଇଁ ଥରେ ଆସିଥିଲି। ଦାନ୍ତ ଦେଖି ସାରିବା ପରେ ଡାକ୍ତର ସପ୍ତର୍ଷି ଆସି ମୋ ସାମ୍ନାରେ ବସିଲେ। ଚେନାଏ ହସ ଓଠରେ ମାଖି କହିଲେ, ଆପଣ ବିୟୁଟିଫିକେସନ ପାଇଁ ଆସିଛନ୍ତି ଯେ ! ଆପଣ କିନ୍ତୁ ଜଣେ ଦାନ୍ତ ରୋଗୀ , ଏ କଥା ଜାଣି ନାହାଁନ୍ତି ବୋଧେ ?

ମୋର ତ କେବେ ଦାନ୍ତକୁ ନେଇ କିଛି ସମସ୍ୟା ହେଇନି। ଜାଣିବି କେମିତି ? ଥଣ୍ଡା କି ଗରମ ଖାଇଲେ କଳ ଦାନ୍ତରେ କେବେ କେବେ ହାଲକା କଷ୍ଟ ଅନୁଭବ ହୁଏ । ଚଳନୀୟ । ସମସ୍ୟା ହେଇନି ତ !

- ଆପଣଙ୍କ ବାହାଡା ଦାନ୍ତଟି ମୁହଁକୁ ଖୁବ୍ ମାନୁଛି। ହସିଲେ ଅପୂର୍ବ ଲାଗୁଛନ୍ତି ଆପଣ ଏଇ ସ୍ପେଶାଲିଟି ପାଇଁ । କାହିଁକି ବାହାର କରିଦେବାକୁ ଭାବୁଛନ୍ତି ?

- ମୋତେ ଭଲ ଲାଗେନି । କାହିଁକି କେଜାଣି ପିଲାବେଳୁ ଏ ଦାନ୍ତଟି ପ୍ରତି ମୋର ବଡ ବିରକ୍ତିଭାବ । ଲାଗେ ଯେମିତି ସବୁକିଛି ସୁନ୍ଦର ଭାବରେ ତିଆରି କରି ଈଶ୍ୱର ଶେଷକୁ ଧୈର୍ଯ୍ୟ ହାରି ବିରକ୍ତ ହୋଇ ଏଇଠି ତାକୁ ଅନ୍ୟମନସ୍କ ଭାବେ ପୋତିଦେଇ ଚାଲିଗଲେ।

- ଜାଣନ୍ତି, ବିଗତ ଦିନର ପ୍ରସିଦ୍ଧ ଅଭିନେତ୍ରୀ ମୌସୁମୀ ଚାଟାର୍ଜୀ ଏମିତି ଦିନେ ବାହାଡା ଦାନ୍ତଟି ବାହାର କରିବା ପାଇଁ ଡାକ୍ତରଙ୍କ ପାଖକୁ ଯାଇଥିଲେ। କିନ୍ତୁ ସେ ଦାନ୍ତଟି ତାଙ୍କର ପରିଚୟ ହୋଇଗଲା। କିଏ ଜାଣେ ଆଗକୁ ଆପଣଙ୍କୁ ଏ ବାହାଡା ଦାନ୍ତ ଐଶ୍ୱର୍ଯ୍ୟର କେଉଁ ପାହାଚ ଦିଗେ ଆଗେଇ ନନେବ !

ଡାକ୍ତରଙ୍କ ମୁହଁରେ ସ୍ମିତହସ ଦେଖି ଓ ଏମିତି ଏକ ରସାଳ କଥା ଶୁଣି ଖୁବ୍ ହସ ଲାଗିଲା। ସତେତ ! କଲେଜ ଦିନମାନଙ୍କରେ ଠିକ୍ ଏମିତି କହୁଥିଲା ତପୋବନ। ବାହାଡାଦାନ୍ତର ହସଟି ମୋର କୁଆଡେ ବଗିଚାରେ ଲଟେଇଥିବା କୁଞ୍ଜଲତା ଡେମ୍ଫରେ ଫୁଲ ଫୁଟିଲାଭଳି। ହେଇଥିବ ! ତପୋବନର ସହରୀ ମନକୁ ଆକ୍ରାନ୍ତ କରିଥିବ କେବେ ସେ ହସ ! ଜୋକସ୍ ଆପାର୍ଟ ! ଯାହେଉ , ଏତେଦିନ ପରେ ତପୋବପ ଯେ ମନେପଡିଲା ! ମନେମନେ ଧନ୍ୟବାଦ ଦେଉଥିଲି ଡାକ୍ତରଙ୍କୁ।

କିଛି ନିଶ୍ଚିତ କରି ନପାରି ଘରକୁ ଫେରିଲି। ଦର୍ପଣରେ ନିଜ

ହସକୁ ଦେଖିଲି , ଆଉ ଡାକ୍ତର କଥା ମନେପକେଇ ମନେ ମନେ ହସିଲି। ପୁଣି ଦର୍ପଣରେ ଦେଖିଲି ମୋ ମୁହଁ ଜାଗାରେ ଆଉ ଜଣଙ୍କ ମୁହଁ। ମୌସୁମୀ ଚାଟାର୍ଜୀ । ଫୋନ ଅନ କଲି। ଗୁଗୁଲ ସର୍ଚ୍ଚ କଲି । ମୋ ପିଢିର ଝିଅମାନଙ୍କର ଏ ପିଢିର ନାୟିକା ମାନଙ୍କ ଜୀବନ ବିଷୟରେ କମ୍ ଧାରଣା ଥାଏ ।

ନିଜର ବାହାଡାଦାନ୍ତ ଓପାଡିଦେବା ପାଇଁ କ୍ଲିନିକକୁ ଯାଇଥିଲେ କିଶୋରୀ ମୌସୁମୀ। ସେଇଠି ଦେଖାହେଇଥିଲେ ହେମନ୍ତ କୁମାର। ଚଉଦ ପନ୍ଦର ବର୍ଷର କିଶୋରୀ ଝିଅଟିର ବାହାଡା ଦାନ୍ତର ହସ ତାଙ୍କୁ ଏତେ ପ୍ରଭାବିତ କରିଥିଲାଯେ, ଝିଅଟିକୁ ଦାନ୍ତ ବାହାର ନକରିବାକୁ ସେ ଅନୁରୋଧ କରିଥିଲେ। ଏ ସୁନ୍ଦର ହସଟି ଦିନେ ପରିଚୟ ହେବ ବୋଲି କହିଥିଲେ, ଏବଂ ଚଳଚ୍ଚିତ୍ର 'ବାଲିକାବଧୂ' ରେ ମୌସୁମୀଙ୍କୁ ସୁଯୋଗ ଦେଇଥିଲେ। ଆଉ ମଧ ସେ ଝିଅଟିକୁ ହୃଦୟରୁ ସ୍ୱୀକୃତିଦେଇ ନିଜର ବୋହୂ କରି ନେଇଥିଲେ।

ଦର୍ପଣ ହସୁଥିଲା କି ମୁଁ କେଜାଣି ! କିନ୍ତୁ ହସୁଥିବା ମୁହଁଟି ସୁନ୍ଦର ତ ଦିଶୁଥିଲା ! ସାତ ବର୍ଷ ହେଲା ବିବାହ ଏବଂ ଗୋଟିଏ ସନ୍ତାନର ଜନନୀ ବୋଲି ନଜାଣିଲା ଲୋକ ଆଦୌ ଭାବିପାରିବେନି। ବାହାଡା ଦାନ୍ତଟିକୁ ତର୍ଜନୀରେ ଟିକେ ଛୁଇଁ ଦେଲି । ବିଚାରା ନିରୀହ ବାହାଡା ଦାନ୍ତ ! ଆଉ ଜଣଙ୍କ ଉପରେ ଅଧା ମାଡି ବସିଛି ବୋଲି ସାରାଜୀବନ ମନସ୍ତାପରେ କାଟୁଚି । ସେକଥା ଏବେ ମନରୁ ପାଶୋରି, ଡାକ୍ତରଙ୍କ କଥା ଅନୁଯାୟୀ କଳଦାନ୍ତ କଥା ଭାବିଲି।

ଆଉ ଦିନେ ପୁଣି ଗଲି କ୍ଲିନିକ । ଆପଏଣ୍ଟମେଣ୍ଟ ନେଇଥିଲି ଡାକ୍ତର ସପ୍ତର୍ଷିଙ୍କର । ଏଇ ପଚିଶ କି ଛବିଶବର୍ଷର ଯୁବକ । ମଧ୍ୟମ ସ୍ୱାସ୍ଥ୍ୟର ଛ'ଫୁଟ ଡେଙ୍ଗା ଗୋରା ପିଲାଟି। ବିଲକୁଲ ସାହେବ ଚେହେରା। ବ୍ୟବହାର ଯେତିକି ମାର୍ଜିତ, ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ତା'ଠାରୁ ଯଥେଷ୍ଟ ସଚେତନ। ଆଜିକାଲିର ପିଲା ଖୁବ୍ ସମୟନିଷ୍ଠ। ବୃତ୍ତି ପ୍ରତି ଆନୁଗତ୍ୟ ଓ ସମ୍ମାନବୋଧ ସେମାନଙ୍କ ସଫଳତାର ମୂଳମନ୍ତ୍ର। ଭଲ ଲାଗିଥିଲା ବ୍ୟକ୍ତିତ୍ୱ। ମୋ ଆଗକୁ ଚୌକିଟି ଟାଣି ଆଣି କହିଲେ – ସେଦିନ ତ ଆପଣ ଫେରିଗଲେ। କିନ୍ତୁ ଆପଣଙ୍କୁ ଚିକିତ୍ସା ଦରକାର । କେବେ ଆପଣଙ୍କ ମୋଲାର ଟିଥ୍ ଦେଖିଛନ୍ତି ? ତଳର ଦୁଇଟି ଆଂଶିକ କ୍ଷୟ ହୋଇ ସାରିଲାଣି । ଆଗକୁ ବହୁତ କଷ୍ଟ ପାଇବେ। ବାହାଡା ଦାନ୍ତ କଥା ପାସୋରି ରୋଗୀଣା କଥା ଚିନ୍ତା କରନ୍ତୁ।

ମୁଁ ଆସିଥିଲି ବିୟୁଟିଫିକେସନ ପାଇଁ । ଏ ଡାକ୍ତର ମୋତେ ଡରେଇ ସାରିଲାଣି। କଲେଜ ପଢୁଥିବା ବେଳେ ଦାନ୍ତ ବିନ୍ଧାର

କଷ୍ଟ ଭୋଗିଛି। ପିଜୁଳି ଖାଇଲା ବେଳେ ମଞ୍ଜିଟିଏ ପୋକଡା ଦାନ୍ତରେ ରହିଗଲା। ସାରା ରାତି କି ଯେ ଯନ୍ତ୍ରଣା ! ଲବଙ୍ଗ ଦେଲ , ଅମୃତଭଣ୍ଡା କ୍ଷୀର ଲଗେଇ ଅନିଦ୍ରାରେ ରାତି କଟିଲା। ସକାଳୁ ବାପାଙ୍କ ସହ ସରକାରୀ ଡାକ୍ତରଖାନା। ଆଜିପରି ସେବେଳେ ଏତେ ପ୍ରକାରର ଚିକିତ୍ସା ନଥିଲା। ଦାନ୍ତ ଥିଲେ ତ ବିନ୍ଧିବ ନା ! ମୂଳୋତ୍ପାଟନ ସହଜ । ଗୋଟିଏ ଦାନ୍ତକୁ ହରେଇ ତୁଳା ଯାକି ଘରକୁ ଆସିଥିଲି। ଆଜିଯାଏଁ ଆଖୁ କି ଚଣା ଖାଇପାରେନି ।

ଦାନ୍ତର ଅବସ୍ଥା ଦେଖି ଡେଣ୍ଟାଲ୍ ଇଁପ୍ଲାଣ୍ଟ ଜରୁରୀ ବୋଲି ଡାକ୍ତର କହିଲେ। ଆଜିର ଯୁଗରେ ସବୁଠାରୁ ଲୋକପ୍ରିୟ ଚିକିତ୍ସା। ଟିକେ ବ୍ୟୟ ବହୁଳ ଅବଶ୍ୟ । ମୋର ମନା କରିବାର କିଛି କାରଣ ନଥିଲା। ଯେ କୌଣସି ଉପାୟରେ ଆଗକୁ ସୁସ୍ଥ ଦାନ୍ତ ଚାହୁଁଥିଲି। ଗୋଟିଏ ଦାନ୍ତକୁ ତିନି ଚାରିଥର ଆସିବାକୁ ପଡିବ ବୋଲି ଡାକ୍ତର କହିଲେ। ସମ୍ମତି ଦେଇ କେତେକଣ ଖର୍ଚ୍ଚ ହେବ ବୁଝିନେଲି।

ଅନେକ ଥର ଦେଖାହେବା ପରେ ଆମ ଭିତରେ କଥାବାର୍ତ୍ତା ଟିକେ ସାଧାରଣ ସ୍ତରକୁ ଖସି ଆସିଥିଲା। ମୋ ନାଁ ସେ ଜାଣିଥିଲେ, ଭଲମନ୍ଦ ପଚାରୁଥିଲେ। ସେଦିନ ମୋର ମାଢି ଗ୍ରାଫଟିଂ ପାଇଁ ଦେଇଥିବା ତାରିଖ ଆଉ ସମୟରେ ଉପସ୍ଥିତ ହେଲି।

ଗ୍ରାଫଟିଂ ଗୋଟିଏ ଜଟିଳ ପ୍ରକ୍ରିୟା। ଡାକ୍ତର ଟିମ୍ ଟିଏ କାମ କରୁଥାଆନ୍ତି। ଲୋକାଲ ଆନାସ୍ଥେସିଆ ଦେବା ପରେ ବି ଭୀଷଣ କଷ୍ଟ ହେଉଥାଏ। ମାଢି କୋରା ଚାଲିଥାଏ। ରକ୍ତର ଧାର ଗଜ କନାରୁ ବାହାରି ଫିଟିପଡୁଥାଏ। ଡାକ୍ତର ସପ୍ତର୍ଷି କାମରେ ଲାଗିପଡିଥାଆନ୍ତି। ମୁଁ ବିକଳ ହେଉଥାଏ। ଚାରିଜଣ ମୋତେ ଭିଡିଧରି ଥାଆନ୍ତି। କଷ୍ଟରେ ଶବ୍ଦଟିଏ କରିପାରୁନଥାଏ । ଟିକେ ଜାବ ଢିଲା ପଡିବାରୁ କହି ପକେଇଲି ଆଇ ନିଡ୍ ଏ ସପୋଟିଙ୍ଗହାଣ୍ଡ !

ମୋ କଥା ଶୁଣି ଡା.ସପ୍ତର୍ଷି ହାତ ବଢେଇ ଦେଲା। ମୁଁ ଜୋରକରି ଭିଡିଧରିଲି ସେ ହାତ ମୋ ପାପୁଲିରେ। କେତେ ଧୌର୍ଯ୍ୟ ଚାଲିଆସିଲା ତା' ଧମନୀ ଦେଇ ମୋ ଧମନୀ ଭିତରକୁ। ଆଖି ,ପାଟି ବନ୍ଦ। ପୁରା ଶରୀର ସ୍ଥିର। କଂସେଇ ହାତରେ ଭିଡା ହେଉଥିବା ଅସହାୟ ନିରୀହ ଛାଗଳ ଛୁଆଟିଏ ପରି ମୋ ଅବସ୍ଥା। ପୂରା ଟିମ ଲାଗିପଡି ଥାଆନ୍ତି। ସପ୍ତର୍ଷି କାମରେ ଯେତିକି, ମୋ ଅଧୈର୍ଯ୍ୟତା ଉପରେ ତା' ଠାରୁ ଅଧିକ ଧ୍ୟାନ ରଖିଥାଏ। କଷିକରି ଭିଡି ଧରିଥାଏ ମୁଁ ତା' ହାତ। କିଶୋରୀ ବେଳେ ଦାନ୍ତ ଉପାଡିଲା ବେଳେ ଯେମିତି ଭିଡି ଧରିଥିଲି ବାପାଙ୍କ ହାତ। ହଷ୍ଟେଲ ଗଣ୍ଡଗୋଳ ବେଳେ ଯେମିତି ଭିଡି ଧରିଥିଲି ତପୋବନର ହାତ। ପୁଅ ଜନ୍ମ ସମୟରେ ଲେବର ରୁମକୁ ଯିବାବେଳେ ଯେମିତି ଭିଡିଧରିଥିଲି ତନ୍ମୟଙ୍କ ହାତ।

ଜାଣେ ଏ ହାତ ଦଶ ବର୍ଷ ସାନ ଗୋଟେ ପୁରୁଷର। ବାପା , ଭାଇ ଅବା ପତି ନହେଲେବି ପୁରୁଷର ହାତଟିଏ ଯେ ଅଭୟ ଦିଏ, ଉଷୁମ ଦିଏ , ସୁରକ୍ଷା ଦିଏ, ଅନସ୍ୱୀକାର୍ଯ୍ୟ। ଅଦ୍ଭୁତ ଚଳନ ମନ ଗତିର । ଝଲକାଏ ପବନ ପରି ନଥିବା ଅନୁଭବଟିଏ ଆଖି ପିଛୁଳାକେ ଛୁଇଁ ଚାଲିଯାଏ । ମନେପଡିଲେ ତନ୍ମୟ ! ଚାହିଁଥିଲେ ସାଥିରେ ଆସିପାରି ଥାଆନ୍ତେ । ପାଖରେ ଠିଆ ହୋଇପାରିଥାଆନ୍ତେ।

ପ୍ରଥମରୁ ସ୍ୱାଧୀନଚେତା ଏବଂ କର୍ମଜୀବି ବୋଲି ସବୁ କାମରେ ଆଗଭର ମୁଁ । ନିଜେ କରିନିଏ ଶକ୍ତି ଅନୁସାରେ। ସେଥିପାଇଁ ତନ୍ମୟ ଅଚିନ୍ତାରେ ରୁହନ୍ତି ।

ସେଦିନ । ସେପ୍ ନେଉଥାଏ ଦାନ୍ତ । କାମରେ ଲାଗିଥାଏ ଡାକ୍ତର ସପ୍ତର୍ଷି। ଆଗଦିନସବୁ ପରି ସ୍ଫୁର୍ତ୍ତି ନଥାଏ ମନ । କେମିତି ଶୁଖିଲା ମୁହଁ ଓ ଭାରି ଦିଶୁଥାଏ ଆଖି। ନିବିଷ୍ଟ ହୋଇ କାମ କରି ଚାଲିଥାଏ, ଅସ୍ପଷ୍ଟ ସ୍ୱରରେ ଅନ୍ୟମନସ୍କ ଭାବରେ ମନେମନେ କାହାକୁ ଗାଳି ଦେଉଥାଏ-

- କାଓ୍ୱାର୍ଡ

- ଏସକେପିଷ୍ଟ

-ପାପା କି ପରୀ .... !

ମୋ ମୁହଁ ଉପରକୁ ଝୁକିପଡି କାମ କରୁଥାଏ। ଟପ୍ ଟପ୍ ଲୁହ ପଡୁଥାଏ ମୋ ଗାଲରେ । କପାଳରେ। ଅସହଜ ଲାଗୁଥାଏ ମୋତେ। ପାଟି ବନ୍ଦ ଥିବାରୁ କିଛି କହିପାରୁନଥାଏ। ମୋ ମନର ଅବସ୍ଥା ଜାଣି ପାରିଲାକି କଣ, କହିଲା ଆଣ୍ଟି ...ପ୍ଲିଜ୍ ଟଲରେଟ୍ !

ମୁଁ ଜଡବତ୍ । କହିବାକୁ କିଛି କଥା ଅଛି ନା ସୁଯୋଗ। କାମ ଶେଷଯାଏଁ ସେ କାନ୍ଦୁଥିଲା। କାମ ସରିଲା । ଦାନ୍ତକୁ ସେପ ଦେଇ ସାରିଲା ପରେ ହାତରୁ ଗ୍ଲୋବସ କାଢିଲା ଓ ମୁହଁ ଧୋଇହେଲା। ଚୁପଚାପ ବସିଲା। ଦୁଇ ପାପୁଲିରେ ରୁମାଲ ଦେଇ ମୁହଁ ଘସିଲା। ମୋତେ ବହୁତ ଖରାପ ଲାଗୁଥାଏ। କିଛି ପଚାରି ଦେବାକୁ ଇଚ୍ଛା ହେଉଥାଏ। ମାତ୍ର ଆମ ଭିତରେ ସଂପର୍କ ହେଉଛି ରୋଗୀ ଆଉ ଡାକ୍ତରର ! ଯଦିଓ ଏ ଭିତରେ ଆମେ ପରିଚିତ ହେଇଛୁ ଏବଂ ଅନ୍ୟାନ୍ୟ ଅନେକ ସାଧାରଣ ବ୍ୟକ୍ତିଗତ କଥାବାର୍ତ୍ତା ହେଇଛୁ, କିନ୍ତୁ ଏବେର ପରିସ୍ଥିତି ଦେଖି ମାଡି ମାଡି ପଡୁଥାଏ।

ମୋ ପ୍ରଶ୍ନ ପ୍ରଶ୍ନ ମୁହଁ ହେଉ ଅବା ତା'ର ଅସହାୟ ସମୟର ବେଦନାସିକ୍ତ ମନର ଉଦବେଳନ! ସେଇ ଦୁର୍ବଳ ମୁହୂର୍ତ୍ତରେ

ବୋଧହୁଏ ସେ ନିଜକୁ ଖୋଲିଦେବାକୁ ଚାହିଁଲା ଏବଂ କହିଲା-

ଆଣ୍ଟି ! ଓଡ଼ିଶାର ଝିଅଗୁଡାକ ବହୁତ ବଦମାସ। ଧୋକାବାଜ୍।

ମୋ ଛାତିରେ ଧଡ୍ କରି ଏକ ଶବ୍ଦ ହେଲା। ଏମିତି ଦିନେ ବନ୍ଧୁକରୁ ଗୁଳି ଫିଟିପଡିବା ପରି ଘୃଣାମିଶା ଉଚ୍ଚ ଉଚ୍ଚାରଣରେ କହିଥିଲା ଅନିର୍ବାଣ। କେଜାଣି କେଉଁ ଓଡିଆ ଝିଅ ତା'କୁ ଭଲପାଇ ଛାଡି ପଳେଇଥିଲା । ସାଙ୍ଗ ବୋଲି ଆକ୍ରୋଶର ଆକ୍ରମଣ ସିଧା ମୋ ଉପରେ କରିଥିଲା। ଗୋଟିଏ ଝିଅ କେମିତି ଗୋଟିଏ ଜାତିର ପରିଚୟ ହୋଇପାରେ ? ଜଣଙ୍କ ମୁହଁରେ ଦର୍ପଣ ଥାପି ପୂରା ରାଜ୍ୟକୁ ଦେଖିବା ଏକ ବଦ୍ଧ ପାଗଳାମୀ ।

ଚାହିଁଲି ମୁହଁଟେକି ସପ୍ତର୍ଷିକୁ। କହିଲି - ଏ ବୟସରେ ଏମିତି ହୁଏ । ହୃଦୟ ରୋପିବା , ତାକୁ ଶ୍ରଦ୍ଧା ଆଉ ସମୟଦେଇ ସାବଜେଇବା, ପୁଣି ଅଜାଣତରେ ଭାଙ୍ଗିହେବା ଏସବୁ ଏ ସମୟର ନିୟତ। ହୁଏତ ଛୋଟ ଗୋଟିଏ ଭୁଲବୁଝାମଣା ପାଇଁ ଗତକାଲିର ସବୁ ସବୁଜମୟ ସମୟକୁ ମରୁଭୂମିରେ ପରିଣତ କରିବାପାଇଁ ଯାଉଛନ୍ତି ଆପଣ। ଧୈର୍ଯ୍ୟ ଧରନ୍ତୁ । ପ୍ରେମ ଏକ ରହସ୍ୟମୟ ଶକ୍ତି। ଚାହିଁଲେ ସବୁକିଛିକୁ ପରିବର୍ତ୍ତନ କରିପାରେ। ଅପେକ୍ଷା କରନ୍ତୁ ସମୟକୁ ।

- ବହୁତ କଷ୍ଟ ହେଉଛି । ପିଙ୍କି ଦିନେ ମୋସହ ଏମିତି କରିବ , ଏହା ମୋ ଚିନ୍ତା ବାହାରେ ଥିଲା । ବହୁତ ଭଲପାଏ ତା'କୁ । ତା' ବିନା ଶୂନ୍ୟ ମୋ ଜୀବନ।

ହୁଏତ ଆପଣଙ୍କ ଆବେଗର ସ୍ୱର ଫେରେଇ ଆଣିବ ତାଙ୍କୁ। ପୁଣି ହସିବେ ଆପଣ । ସମୟବି ବଦଳିଯାଏ , କେବଳ ପ୍ରେମ ଓ ମୃତ୍ୟୁ ବଦଳେଇବାର କ୍ଷମତା ରଖନ୍ତି। ହୃଦୟର ଆକର୍ଷଣ ଖୁବ୍ ଶକ୍ତିଶାଳୀ । ଫେରିବ ସମୟ । ଦେଖିବେ, ବିବାହ ବନ୍ଧନରେ ବାନ୍ଧିହେବେ ଦୁହେଁ। ଦିନେ ନବରବୟା ରୂପରେ ମନ୍ଦିର ଦର୍ଶନ କରିବେ !

- ଆପଣ ତା ପରିବାର ସହ କଥାବାର୍ତ୍ତା କରନ୍ତୁ । ହୁଏତ କିଛି ସମ୍ଭାବନା ତିଆରି ହେଇପାରେ !

- ନା ଆଣ୍ଟି। ତାଙ୍କ ଘରେ ରାଜି ନୁହନ୍ତି । ଜାତି ମିଶୁନି କହୁଛନ୍ତି। ସେ ପାପାକି ପରି ମେସେଜ ପଠେଇଚି ଭୁଲି ଯିବାକୁ। ତା'ର ବାହାଘର ଠିକ ହୋଇ ସାରିଛି । କେତେ କଥା ଭାବିଥିଲି ତାକୁ ନେଇ। ସବୁ କେଜାଣି କାହା ଦୁଷ୍ଟ ନଜରର ଉତ୍ତାପ ଲାଗି ବାଷ୍ପ ହୋଇଗଲା ?

ଆଶ୍ଚର୍ଯ୍ୟ ! ଆମର ସ୍ଥାନୀୟ ଭାଷାରେ ନବବିବାହିତ ଦମ୍ପତିଙ୍କୁ

'ନବରବୟା' କହନ୍ତି । ହେଲେ ଏ ଶବ୍ଦ ଆପଣ କେମିତି ଜାଣିଲେ ?

ମୋର ଭଉଣୀ ରୁହନ୍ତି ନାଭି ମୁମ୍ବାଇରେ। କେବେକେବେ ଯାଏ। ତାଙ୍କ ପଡୋଶୀ ହେଉଛନ୍ତି ମହାରାଷ୍ଟ୍ରୀ। କଥା କଥାରେ ଶୁଣିଥିଲି।

ସପ୍ତର୍ଷିର ମୁହଁ ଲାଲ ପଡି ଯାଇଥିଲା। ଆଖି ଦୁଇଟି ଅତ୍ୟନ୍ତ ବିକଳ ଏବଂ ଶେତା ଦିଶୁଥିଲେ । କେଜାଣି , ସାରାରାତି କାନ୍ଦିଥିବ ଅବା !

କହିଲି- ସବୁ ଠିକ ହୋଇଯିବ । ଧୈର୍ଯ୍ୟ ରଖନ୍ତୁ । ଆଣ୍ଟୁଆ ଗୋପାଳ ଅଛନ୍ତି ମୋ ଘରେ । ଜଣେଇବି । ଦୀପ ଜାଳିବି । ନିଃସ୍ୱାର୍ଥପର ଭାବରେ ଡାକିଲେ ସେ ଶୁଣନ୍ତି । ଜୀବନରେ କେବେ କେବେ ଚମତ୍କାର ଘଟେ। ମୁଁ ମଧ୍ୟ ସମାନ ପରିସ୍ଥିତିରେ ପଡି ତନ୍ମୟକୁ ଦିନେ ଭୁଲିଯାଅ ବୋଲି କହିଥିଲି । ପ୍ରେମ ସିନା ହେଇଯାଇଥିଲା, ହେଲେ ବାପାଙ୍କ ଆଖିକୁ ସାମ୍ନା କରିବା ମୋ ସାହସ ଭିତରେ ନଥିଲା। ତନ୍ମୟ କିନ୍ତୁ ନିଜ ବିଶ୍ୱାସରେ ବଜ୍ର ଥିଲେ । ଆମେ ଦୁହେଁ ଧୈର୍ଯ୍ୟ ଧରି ସମୟକୁ ଅପେକ୍ଷା କରିଥିଲୁ । ଆଉ ସମୟ ମଧ୍ୟ ଦିନେ ଆମର ହେଇଯାଇଥିଲା। ବିଶ୍ୱାସ ରଖନ୍ତୁ ନିଜ ଉପରେ।

ନା ଆଣ୍ଟି , ଆଉ କିଛି ବି ଭଲ ଲାଗୁନି। ଓଡ଼ିଶା ଛାଡିଦେବି।

ଏଇ ସହରରେ କେତେ ଯେ ସ୍ମୃତି ତାକୁ ନେଇ। କେତେ କେତେ ବର୍ଷା ସକାଳ, ଶୀତ ସଞ୍ଜ ତାସହ ବିତେଇଛି। କଫିସପ , ପାର୍କ, ମନ୍ଦିର ପିଜା ହଟ...ସବୁଠି ତା' ଉପସ୍ଥିତିର ଛାଇ । ଏ ସହରର ପବନରେ ତା' ରି ହିଁ ସ୍ୱର ଭାସୁଛି । କେମିତି ସହିବି ! ସାରା ସହର ଏବେ ମରୁଭୂମି ଲାଗୁଛି । ଯେଉଁଠି ଆଖି ପକେଇବି , ସେଇଠି ଆମ ଦୁହିଁଙ୍କର ପାଦଚିହ୍ନ। ଆପଣା ହାତରେ ଲିଭେଇଦେଇ ଜଣେ ଚାଲିଗଲାପରେ ପାଦ ଥାପିବାକୁ ଆଉ ଭୂମି କାହିଁ ? ଯେଉଁ ଆକର୍ଷଣର ରଜ୍ଜୁଟି ଭିଡି ଧରିଥିଲା, ସେ ଛିଣ୍ଡିଗଲା ପରେ ଆଉ କି ମୋହ !

ଏ ମରାଠା ପିଲାଟିର କେତେ ଗଭୀର ଭଲପାଇବା ସତେ? ଏମିତି କାହିଁକି ହୁଏ ! ପ୍ରେମରେ ପଡିବାବେଳେ ହୃଦୟରେ ଜନ୍ମ ନେଇଥିବା ଅଦ୍ଭୁତ ଆନନ୍ଦ, ଅନାହୂତ ବିସ୍ମୟ, ଅଜବ ଖିଆଲସବୁ କେଉଁ ପରିବର୍ତ୍ତିତ ଜୀବନଧାରାରେ ସମାଧି ନେଇପାରନ୍ତି? ଭାରି ହୋଇଗଲା ମନ। ପାଆନ୍ତି ଯଦି ଝିଅଟିକୁ ପଚାରନ୍ତି କିଛି ପ୍ରଶ୍ନ। ଆହା ! ନିରୀହ ପିଲାଟି , କେତେ ଭାଙ୍ଗି ପଡିଛି। ନିଜକୁ ଖଣ୍ଡ ଖଣ୍ଡ ଗୋଟେଇ ସମ୍ଭାଳି , ସଜାଡୁଛି ଜୀବନକୁ ଫେରିଯିବାକୁ ନିଜ ସହରକୁ।

ଆଉ ଆଠ ଦିନ ପରେ ତା' କ୍ଲିନିକକୁ ଚେକ ଅପ୍ ରେ ଯାଇଥିଲି । ସେ କାମ କରୁଥିଲା ଯନ୍ତ୍ରବତ୍ । ନଥିଲା ଆଗ୍ରହ କି ସରସତା । ମୁହଁରେ ଥମ ଥମ ଭାବ। ଦୁଃଖର ଚାଦରଟିଏ ଚିପୁଡି ହେଇଯିବ ଅବା !

କହିଲା- ଟିକେଟ କରିଦେଇଚି ଆଣ୍ଟି। ଆର ମାସ ଦଶ ତାରିଖ ସକାଳ ଆଠଟାରେ ଫ୍ଲାଇଟ ।

ମନ ଭିତରେ କିଏ ଡାଲାଏ ଜୀଅନ୍ତା ଅଙ୍ଗାର କୁଢେଇ ଦେଲା। ପିଲାଟି ଡାକ୍ତର ନହେଇ ନିଜର କେହିପରି ମନେହେଉଥିଲା। ଆଉ ତା' ମନକଷ୍ଟ ସବୁ ମୋ ଛାତିର କ୍ଷତ ପରି । ତା ଝାଉଁଳା ମୁହଁକୁ ଆଉଥରେ ଚାହିଁବାର ସାହାସ ହେଲାନି। କହିଲି - ଦେଖାହେବ ଏୟାରପୋର୍ଟରେ । ଓଡ଼ିଆ ଲୋକ ଏତେ ବି କୃତଘ୍ନ ନୁହନ୍ତି । ଆପଣଙ୍କୁ ଛାଡିବା ପାଇଁ ଅନେକ ସାଙ୍ଗ ସାଥି , ସହକର୍ମୀ ବୋଧହୁଏ ଯିବେ । ମାତ୍ର ଏକମାତ୍ର ରୋଗୀ 'ମୁଁ ' ଥିବି ସେ ସହୃଦୟ ସଂପର୍କଙ୍କ ଭିଡ ଭିତରେ! ଆପଣ ଏତେ ଶୀଘ୍ର ଚାଲିଯିବେ! ନୂଆ ସହର , ନୂଆଘର, ନୂଆ ଡାକ୍ତରଖାନା ଆପଣଙ୍କୁ ଆପଣେଇ ନେବ। କିନ୍ତୁ ଝୁରିହେବ ଏ କ୍ଲିନିକ । ଲୁହଲୁହ ହେବେ ମୋ ପରି ରୋଗୀମାନେ। ନିରବ ହେଇଯିବ ଏ ସହରର ଧାରେ କାକରମଖା ସକାଳ।

ଦଶ ତାରିଖ ସକାଳ ଆଠଟାରେ ଡାକ୍ତର ସପ୍ତର୍ଷିର ଫ୍ଲାଇଟ। ତରତର ହୋଇ ବାହାରିଲି । ବାଟରେ ସାଇବାବାଙ୍କ ମନ୍ଦିର।

ତାଜା ରକ୍ତ ଗୋଲାପ ସୁଲଭ ମୂଲ୍ୟରେ ମିଳେ। ଗାଡି ରଖି ଆଠଟି ଗୋଲାପ କିଣିନେଲି। ଟୁକୁଡା ହୃଦୟ ନେଇ ଗୋଟେ ରାଜ୍ୟ ଉପରେ ଅଭିମାନକରି ସବୁଦିନ ପାଇଁ ଚାଲିଯାଉଥିବା ପ୍ରେମିକଟିଏକୁ କ'ଣ ଅବା ଦିଅନ୍ତି !

ଚେକ ଇନ୍ ପାଖରେ ଠିଆ ହୋଇଛି ଡାକ୍ତର ସପ୍ତର୍ଷି। କମନୀୟ କାନ୍ତି , ଉଜ୍ଜ୍ୱଳ ମୁଖମଣ୍ଡଳ । ହସନ୍ତ ଆଖି ଦୁଇଟି ମୋତେ ସ୍ୱାଗତ କଲେ।

ମୁଁ ହତଚକିତ ହେଲି। ପାଖରେ ମରାଠି ପାରମ୍ପରିକ ବେଷଭୂଷାରେ ସୁନ୍ଦରୀ ଝିଅଟିଏ। ଲାଜ ଲାଜ ଆଖି । ଛନଛନ ମନ । ପୁରା ନବରବୟା ବେଶ । ଏଇ ଏଇ ବିବାହ ମଣ୍ଡପରୁ ଉଠି ଆସିଚି ଅବା! ଖଟା ହୋଇଗଲା ମନ ମୋର। ଏଇ ସେଇ ପ୍ରେମିକ, ଯିଏ ପ୍ରେମକୁ ଏକ ପାପ ବୋଲି ଏଇ କିଛି ଦିନ ଆଗରୁ ବିଚାର କରୁଥିଲା। ଝିଅ ମାନଙ୍କୁ ନର୍କକୀଟ ଏବଂ ଆଧୁନିକ ପ୍ରେମକୁ ସମୟ ଅପଚୟ, ବଜାରୀକରଣ କହୁଥିଲା ! କେମିତି ହାତଗଣତି କେତୋଟି ଦିନରେ ବାହା ହୋଇଗଲା ଆଉଗୋଟେ ଝିଅକୁ ?

ମୋ ଆଡକୁ ହସ ହସ ମୁହଁରେ ଚାଲି ଆସିଲା ସେ ।

- ପ୍ଲିଜ ମିଟ୍ ହର

-ମିସ୍ କାଓ୍ୱାର୍ଡ

- ଏସକେପିଷ୍ଟ

- ପାପା କି ପରୀ ।

ପିଙ୍କି ...ମାଇଁ ଡାର୍ଲିଂ ଓ୍ୱାଇଫ୍ !

❖❖❖

# ମୂର୍ତ୍ତି



ISSN-2583-6978
Volume-4
Issue-10
OCTOBER-2024

**ସରୋଜ ଦାସ**

**ତାଳଚେର**

ଅଫିସରୁ ଫେରିବାବେଳେ ରାସ୍ତାକଡର ସେ ଆମ୍ବଗଛ ତଳେ ଗାଡି ଅଟକେଇଲା ବିକ୍ରମ। ବୁଢୀମାଉସୀ ସେମିତି ବସିଥିଲା ଗଛ ଛାଇରେ। ଗୋଟେ ଷ୍ଟୁଲ ଉପରେ। ଆଉ ତା ସାମ୍ନାରେ, ବେଞ୍ଚ ଉପରେ ପାଞ୍ଚୋଟି ମୁର୍ତ୍ତି ବି ସେମିତି ବସିରହିଥିଲେ ରାସ୍ତାକୁ ଚାହିଁ। ଗଲା ଛଅଘଣ୍ଟା ଭିତରେ ବୁଢୀର ବୋଧେ ଗୋଟେ ବି ମୁର୍ତ୍ତି ବିକ୍ରି ହେଇ ନ ଥିଲା।

ବିକ୍ରମ ଗାଡିରୁ ଓହ୍ଲେଇ ବୁଢୀ ପାଖକୁ ଗଲା।

ପଚାରିଲା : ମାଉସୀ, କେତେଦାମ ରଖିଚ ମୁର୍ତ୍ତିମାନଙ୍କର ?

ବୁଢୀ କହିଲା : ଦୁଇଶହ ଟଙ୍କା ଦାମ ରଖିଥିଲି। ହେଲେ ବର୍ତ୍ତମାନ ଯାଏ ବହନି ହେଇନି। କରୋନା ପାଇଁ ଏ ବର୍ଷ ବୋଧେ ଲୋକେ ଆଉ ପୁଜା କରୁନାହାନ୍ତି। ନିଅ ବାପା, ନିଅ। ଯାହା ଦେବ, ତମ ଇଚ୍ଛା।

ବିକ୍ରମ କହିଲା : ମାଉସୀ, ମୁଁ ତିନିଟା ମୁର୍ତ୍ତି ନେବି।ଦେଢଶ ଲେଖା ଦେଲେ ଚଳିବ ? ବୁଢୀର ଉଦାସ ମୁହଁର ଆକାଶ, ଖୁସିର ଅରୁଣିମାରେ ଝଲମଲ ଦେଖାଗଲା।

କହିଲା : ନିଅ ବାପା, ନିଅ। ଯାହା ଦେବ, ତମ ଇଚ୍ଛା। କେତେ ସମୟ ଠାକୁରଙ୍କୁ ଆଉ ରାସ୍ତା କଡରେ ବସେଇ ରଖିବି ? ବିକ୍ରମ ତିନି ମୁର୍ତ୍ତିଙ୍କୁ ନେଇ ଗାଡି ଭିତରେ ରଖିଲା।ବୁଢୀକୁ ଗୋଟେ ପାଆଁଶ ଟଙ୍କାର ନୋଟ କାଢି ବଢେଇଦେଲା। ବୁଢୀ ବାକି ପଇସା ଫେରେଇବା ପାଇଁ ତାର ଛୋଟ ମନିପର୍ସ ଅଣ୍ଡାଳିଲା।

ବିକ୍ରମ କହିଲା: ଥାଉ ମାଉସୀ, ପଇସା ଫେରେଇବା ଦରକାର ନାଇଁ। ଭଗବାନ କରନ୍ତୁ, ବାକି ଦୁଇ ମୁର୍ତ୍ତିଙ୍କୁ ବି କେହି ଶୀଘ୍ର ତାଙ୍କ ପୁଜା ଆସ୍ଥାନକୁ ନେଇଯାନ୍ତୁ। ବୁଢୀ ହାତ ଯୋଡିଲା। ସେ ମୁର୍ତ୍ତିମାନଙ୍କୁ ବିଦାୟ ସମ୍ଭାଷଣ ଜଣେଇଲା ନା ବିକ୍ରମକୁ କୃତଜ୍ଞତା ଜ୍ଞାପନ କଲା, ଜଣାପଡିଲାନି। ଗାଡି ଷ୍ଟାର୍ଟ କଲାପରେ, ବିକ୍ରମ ଚିନ୍ତାକଲା, ଏ ତିନି ମୁର୍ତ୍ତିଙ୍କୁ ନେଇ କରିବ କଣ ? ଗୋଟେ ମୁର୍ତ୍ତି ଆଣିଥିଲେ ଚଳିଥାନ୍ତା। ଘରେ ପୁଜା ହେବ। ଘରେ ଅବଶ୍ୟ କେବେ ମୁର୍ତ୍ତିପୁଜା ହୁଏନି। ଠାକୁରଙ୍କ ଫଟୋ, ଆଉ ସେ ଜବଲପୁରରୁ ଆଣିଥିବା, ସବୁଦିନ ପୁଜା ପାଉଥିବା ଛୋଟ ମାର୍ବଲ ମୁର୍ତ୍ତି, କାଳିର ଆରାଧନା ପାଇଁ ଯଥେଷ୍ଟ। ଠିକ୍ ଅଛି, ଏ ବର୍ଷ ଘରେ ମୁର୍ତ୍ତିପୁଜା ହେଲେ ଗୋଟେ ମାହୋଲ୍ ସୃଷ୍ଟି ହେବ ଆଉ ରିନି ବି ଟିକେ ପୁଜା ପାର୍ବଣ ଆଡକୁ ଆଗ୍ରହୀ ହେବ। ରାସ୍ତା ଉପରେ ମେଞ୍ଚାଏ ଛୋଟ ଛୋଟ ପିଲାଙ୍କ ହଲ୍ଲାଗୁଲ୍ଲାରେ ତାର ଭାବନା ଭାଙ୍ଗିଗଲା। ସେ ଦେଖିଲା,ପିଲାମାନେ ହାତଟେକି ତା ଗାଡିକୁ ଅଟକଉଛନ୍ତି। ସେ ଷ୍ଟାର୍ଟ ବନ୍ଦ କରି, ଝର୍କାର କାଚ ଖୋଲି ସେମାନଙ୍କୁ ଚାହିଁଲା।

ସେମାନେ କିଛି ଚାନ୍ଦା ମାଗୁଥିଲେ ଗଣେଶ ପୁଜା କରିବା ପାଇଁ। ବିକ୍ରମ କହିଲା : ଏଥର ପରା ପୁଜା ମନା ହେଇଛି, କରୋନା ପାଇଁ। ତମେମାନେ ପୁଜା କଲେ ପୋଲିସ୍ ଧରିନେବନି ? ଦଳର ସବୁଠୁ କମବୟସର ପିଲାଟି ଜବାବ ଦେଲା : ଆଉ ପୁଜା ନ କଲେ, ଠାକୁର ରାଗିଯିବେନି ? ଆମେ ଚୁପଚାପ୍ ଘର ଭିତରେ ପୁଜା କରିବୁ। ମାଇକ୍ ବଜେଇବୁନି। ମାସ୍କ ପିନ୍ଧିବୁ। ଛାଡି ଛାଡିକି ବସିବୁ।: କେତେଟଙ୍କା ଚାନ୍ଦା ? ବିକ୍ରମ ପଚାରିଲା। : ଆପଣଙ୍କ ଇଚ୍ଛା। ଅତିକମରେ ଦଶଟଙ୍କା।' ଦଳର ନେତୃତ୍ୱ ନେଉଥିବା ପିଲାଟି ଜବାବ ଦେଲା।

' ମୁଁ ଯଦି ତୁମକୁ ଗଣେଷ ଠାକୁରଙ୍କର ଗୋଟେ ମୁର୍ତ୍ତି ଦିଏ ? ପୁଜାପାଇଁ ? ନେବ ତ ? ?'

ବିକ୍ରମ ପଚାରିଲା। ପିଲାମାନେ ଚୁପ୍ ହେଇଗଲେ। ବୋଧହୁଏ ଏମିତି ବଦାନ୍ୟତା ସେମାନେ କାହାଠୁ ସ୍ୱପ୍ନରେ ବି ଆଶା କରୁ ନ ଥିଲେ।

ସେ ଗାଡିରୁ ଓହ୍ଲେଇଲା। ପଛସିଟର କବାଟ ଖୋଲି ଗୋଟେ

ମୂର୍ତ୍ତିକୁ ଦୁଇହାତରେ ଟେକି ସବୁଠୁ ଡେଙ୍ଗା ଦିଶୁଥିବା ପିଲାର ହାତକୁ ବଢାଇ ଦେଲା। ପିଲାମାନଙ୍କର ମୁହଁ ଖୁସିରେ ଝଲମଲ। ସମସ୍ତେ ମୂର୍ତ୍ତି ଧରିଥିବା ପିଲାର ଚାରିପଟେ ଘେରିଗଲେ। ଗଣପତି ବାବା ମୋରିୟା' ଧ୍ୱନିରେ ସେ ଜାଗାର ପବନ କିଛିସମୟ ପାଇଁ ତରଙ୍ଗାୟିତ ହୋଇଉଠିଲା। ଗାଡି ଷ୍ଟାର୍ଟ କରି ଆଗେଇବା ପୂର୍ବରୁ ସେ ପିଲାମାନଙ୍କ ଦଳପତିକୁ ଡାକି ଅଳ୍ପ ହସି କହିଲା: କାଲି ଆସିବି ଭୋଗ ଖାଇବା ପାଇଁ। ଭୋଗ ନ ମିଳିଲେ,ପୋଲିସକୁ ଖବର ଦେଇଦେବି। ବୁଝିଲୁ ? ଦଳପତି ହାତଯୋଡି କହିଲା : ନିଶ୍ଚୟ ସାର୍। ଆମେ ଆପଣଙ୍କୁ ଅପେକ୍ଷା କରିବୁ। ଗାଡି ଆଗ ମୋଡ ବୁଲିବା ପର୍ଯ୍ୟନ୍ତ ପିଲାମାନଙ୍କ କଳରୋଳର ଦୃଶ୍ୟ ତାକୁ ବ୍ୟାକ ମିରରରେ ଦେଖାଯାଉଥିଲା। କିଛିବାଟ ଆଗେଇବା ପରେ ସ୍କୁଲ ଆସିଗଲା। ଆଗରୁ ସବୁବର୍ଷ ଏ ସ୍କୁଲରେ ଗଣେଶପୂଜା ହେଉଥିଲା।ଏ ବର୍ଷ କରୋନା ପାଇଁ ପିଲାମାନେ ପାଞ୍ଚମାସ ହେଲା ସ୍କୁଲ ଆସୁନାହାନ୍ତି। ଏବେ ସ୍କୁଲ ପାଲଟିଛି କରୋନା ରୋଗୀଙ୍କ ସଙ୍ଗରୋଧ କେନ୍ଦ୍ର। ସରପଞ୍ଚ ବାବୁ ସ୍କୁଲର ଗେଟ୍ ଖୋଲି ବାହାରକୁ ଆସୁଥିଲେ। ବିକ୍ରମ ତାଙ୍କୁ ଡାକି ପଚାରିଲା : ସ୍କୁଲରେ ଗଣେଶ ପୂଜାର ଆୟୋଜନ କରୁଛନ୍ତି ତ ! ଏ ବର୍ଷ ପିଲାଙ୍କ ପାଇଁ ନ ହେଲା ନାଇଁ, ଅନ୍ତତଃ କରୋନା ରୋଗୀଙ୍କ ପାଇଁ କରନ୍ତୁ। ସମସ୍ତେ ସମବେତ କଣ୍ଠରେ ବିଘ୍ନନାଶନଙ୍କୁ ଡାକିଲେ, ହୁଏତ ଶୀଘ୍ର ଏ ବିପଦ କଟିଯିବ। ସରପଞ୍ଚ ବାବୁ କହିଲେ : କିଛି ବାତେରା ଙ୍କୁ ଏନଗେଜ କରିବା ପାଇଁ ଏ ପୂଜା ମାହୋଲ ସବୁଠୁ ବଢିଆ। ଭିତରେ ପୂଜା କରିଦେଲେ ଆସନ୍ତା ଏଗାରଦିନ ସମସ୍ତେ ଏନଗେଜ ରହିବେ। ତା ଛଡା ଭିତରେ ଗୋଟେ ଭକ୍ତି ପରିବେଶ ବି ସୃଷ୍ଟି ହେବ। ମୁଁ ଯାଉଥିଲି ଫରା ଗୋଟେ ମୂର୍ତ୍ତି କିଣିବା ପାଇଁ।

ବିକ୍ରମ କହିଲା : ସେଥିପାଇଁ ଆପଣଙ୍କୁ ଆଉ ଦଶକିଲୋମିଟର ରାସ୍ତା ଯିବା ଦରକାର ନାହିଁ। ମୁଁ ମୂର୍ତ୍ତି ନେଇଆସିଛି। ଆପଣ କାହାକୁ ଡକେଇ ମୂର୍ତ୍ତିକୁ ନେଇଯାନ୍ତୁ ଆଉ ସ୍ଥାପନା କରନ୍ତୁ। ସରପଞ୍ଚ ବାବୁ ସାଙ୍ଗେ ସାଙ୍ଗେ କାହାକୁ ଫୋନ କଲେ। ପାଞ୍ଚ ମିନିଟ୍ ଭିତରେ ଚାରିପାଞ୍ଚଜଣ ପିଲା ସ୍କୁଲ ଭିତରୁ ଆସିଗଲେ। ଗୋଟେ ଢୋଲବାଲା ବି ଆସିଗଲା। ଗାଡିର ବ୍ୟାକସିଟରୁ ଆଉ ଗୋଟେ ମୂର୍ତ୍ତି ତାଙ୍କ ଉପାସନା ପୀଠକୁ ବିଜେ ହୋଇଗଲେ। ଢୋଲର ଢମକ ସହିତ ପୁଣିଥରେ ' ଗଣପତି ବାବା ମୋରିୟା' ର ଗୁଞ୍ଜରଣ ଖେଳିଗଲା ପବନରେ। ବିକ୍ରମ ଘରେ ପହଞ୍ଚିବା ପୂର୍ବରୁ ବ୍ୟାକସିଟରେ ବସିଥିବା ବିନାୟକଙ୍କ ମୂର୍ତ୍ତିଙ୍କୁ ମିଡଲ୍ ମିରରରେ ଦେଖିଲା। ତାକୁ ଲାଗିଲା ଗଣପତି ତାକୁ ଚାହିଁ ଯେମିତି ହସୁଛନ୍ତି, ଆଉ ପଚାରୁଛନ୍ତି: ' ମୁଁ ତୋ ସାଙ୍ଗରେ ଘରକୁ ଆସୁଛି ବୋଲି ଘରେ ଆଗରୁ ଟିକେ ଖବର ଦେବୁନି କି ?'

❖❖❖

# ବାଡ଼ବାଗ୍ନି



ISSN-2583-6978
Volume-4
Issue-10
OCTOBER-2024

**ସାଇଜ୍ୟୋତି ପ୍ରଧାନ**

**ଖଲାରୀ, ଅନୁଗୁଳ**

ଡାକ୍ତରୀ ପାସ୍ କରି ଡେଣ୍ଟାଲ୍ କ୍ଲିନିକ୍ କରିଥିବା ଏକମାତ୍ର ପୁଅ ପ୍ରତୀକ ଅତ୍ୟଧିକ ଉତ୍ସାହରେ ମାଆଙ୍କୁ କହିଲା, 'ମାମା ! ତୁମକୁ ବିଶେଷ କିଛି କରିବାକୁ ପଡ଼ିବନି। ଘର ସାମ୍ନାରେ ଟିକେ ମୁରୁଜ ପକେଇଦବ ଆଉ ଯୋଉ ନୂଆ କଳସୀଟା କିଣିଛ, ତାକୁ ବସେଇଦବ।' ପୁଅ ମୁହଁରୁ ଏତିକି କଥା ଶୁଣି ବୈଜୟନ୍ତୀ ଚମକି ପଡ଼ିଲେ। ଗୁଜୁରାଟ ବୁଲିଯାଇଥିବା ବେଳେ ସେ ଯେତେକ କପଡ଼ାଲତା କିଣିବାର ମୋହ ତ୍ୟାଗ କରି ଭାରି ସଉକିରେ ସେଇ କଳସୀଟି ଧରିକି ଆସିଥିଲେ। ମିରର୍, ଚୁମକି, କଉଡ଼ି ଓ ଲେସ୍ ରେ କେତେ ସୁନ୍ଦର ଭାବରେ ତିଆରି ହେଇଛି କଳସୀଟି। ସେଇଟିକୁ ଦେଖି ଗୁଜୁରାଟୀ ମହିଳାଙ୍କ କଳାକାରିଗରୀକୁ ସେ ଖୁବ୍ ପ୍ରଶଂସା କରିଥିଲେ। ଆଜି ସେଇ କଳସୀଟି ଆଣି ଦାଣ୍ଡରେ ଥୋଇବାକୁ ପୁଅ କହିଲାଣି ! ନିଜ ମନ ନ ମାନିଲେ ବି ପୁଅର ଖୁସି ପାଇଁ ବୈଜୟନ୍ତୀ ମୁରୁଜ ପକେଇ କଳସୀ ସ୍ଥାପନା କଲେ।

ବୈଜୟନ୍ତୀଙ୍କ ସ୍ୱାମୀ ମଦନବାବୁ ଏସବୁ ଲୀଳା ପ୍ରତି ଏକଦମ୍ ଉଦାସୀନ ଭାବେ ଖବରକାଗଜର ପୃଷ୍ଠା ପରେ ପୃଷ୍ଠା ତନ୍ନ ତନ୍ନ କରି ପଢ଼ି ଚାଲିଥାନ୍ତି। ପ୍ରତୀକ ଦିନକ ଭିତରେ ଘରକୁ ସଜେଇଛି ଖୁବ୍ ମନ ଲଗେଇ। କିଚେନରୁ ସବୁତକ ପୁରୁଣା ବାସନ ନେଇ ବେସମେଣ୍ଟରେ ରଖିଆସିଛି। ଦାମୀ କ୍ରକେରୀ କିଣିଆଣିଛି। ଘରୁ ଅନେକ ପୁରୁଣା ସୋ ପିସ୍ ଉଠେଇନେଇ ସେଠି ନୂଆ ନୂଆ ସୋ ପିସ୍ ରଖିଛି। ସେସବୁ ପୁରୁଣା ଜିନିଷ ସହିତ ଅନେକ ସ୍ମୃତି ଯୋଡ଼ି ହୋଇଥିଲେ ମଧ୍ୟ ବୈଜୟନ୍ତୀ କିଛି କହିପାରିଲେନି। ପୁଅର ଖୁସି ପାଇଁ ନୀରବ ରହିଲେ। କିନ୍ତୁ, ସେ ଜାଣିପାରିଲେନି, ତାଙ୍କର ଏ ନୀରବତା ପୁଅକୁ ଏକଛତ୍ରବାଦ ଆଡ଼କୁ ଟାଣି ନେଇପାରେ।

ମୁରୁଜ ପକେଇବା ଭିତରେ କେତେ କେତେ କଥା ଭାବିଲେ ବୈଜୟନ୍ତୀ। ପରିଣାମ ଚିନ୍ତା କରି ଡରିଗଲେ ମଧ୍ୟ। ସେତେବେଳକୁ ପ୍ରତୀକ ଗୋଟିଏ ବଡ଼ ପିତଳ ଥାଳିରେ ଗେଣ୍ଡୁଫୁଲ ଓ ଗୋଲାପର ପାଖୁଡ଼ାଗୁଡ଼ିକୁ ସଜେଇ ରଖିସାରିଥାଏ। ଅତର ଛିଞ୍ଚିବାର ବ୍ୟବସ୍ଥା ବି କରିଥାଏ। ଶଙ୍ଖ ରଖିଥାଏ ଥାଳି କଡ଼ରେ। ବୈଜୟନ୍ତୀ ଏ ପ୍ରକାର ପ୍ରସ୍ତୁତି ଦେଖି ଭିତରେ ଭିତରେ କୁହୁଳୁଥାନ୍ତି। ମଦନବାବୁ ସେମାନଙ୍କୁ ଶୁଣେଇ ଶୁଣେଇ କହିଲେ, 'ୱେଷ୍ଟ ବେଙ୍ଗଲରୁ ମମତାଦିଦି ଆମ ଘରେ ଆଜି ପଦାର୍ପଣ କରିବେ ବୋଲି ଏ ପ୍ରକାର ଭବ୍ୟ ପ୍ରସ୍ତୁତି ଚାଲିଛି ବୋଧେ।' ତାଙ୍କ କଥା ଶୁଣି ପ୍ରତୀକ ମୁହଁ ଆମ୍ବିଳା କରିଦେଲା। ବାପାଙ୍କୁ ଉତ୍ତର ଫେରେଇବାର ସାହସ ନାହିଁ। ଆହୁରି ମଧ୍ୟ ସେ ପଚାରିଲେ, 'ଆଚ୍ଛା ! ଯିଏ ଆଜି ଏ ବୈକୁଣ୍ଠ ଭବନକୁ ପଦାର୍ପଣ କରୁଛନ୍ତି, ତାଙ୍କ ଶୁଭ ନାମଟି ଜାଣିପାରେ କି ?' ପ୍ରତୀକ ଅଧା ଢୋକିଦେଲା ପରି ନିମ୍ନ ସ୍ୱରରେ କହିଲା, 'ନିତମ୍ବିନୀ ଦେବୀ।' ମଦନବାବୁ କହିଲେ, 'ୱାଃ....ୱାଃ ! ନିତମ୍ବିନୀ...ତାକ୍ ଧିନାଧିନି।ଏମିତି ନାମଟିଏ ଶୁଣି ଧନ୍ୟ ହେଲା ଆଜ କର୍ଣ୍ଣ ଯୁଗଳ। କୋଉ ବିଶ୍ୱବିଖ୍ୟାତ ସାହିତ୍ୟିକ ଏତେ ସୁନ୍ଦର ନାଁଟିଏ ବାଛି ରଖିଛନ୍ତି ! ଆସନ୍ତୁ ଆଜି ନିତମ୍ବିନୀ ଦେବୀ। ମୋ ମଦନକଳା ଆଉ କୋଉ କାମକୁ !!' ପୁଅ ଲାଜରେ ସଢ଼ି ଯାଉଥାଏ ବାପାଙ୍କର ଏ ପ୍ରକାର ବ୍ୟଙ୍ଗୋକ୍ତିରେ। କ୍ରୋଧ ଓ ଅପମାନରେ ଜର୍ଜର ହୋଇ ଉଠୁଥାଏ ହୃଦୟ। କିନ୍ତୁ, ବାପାଙ୍କୁ ଜବାବ ଦେବା ଅର୍ଥ କୁମ୍ଭକର୍ଣ୍ଣକୁ ନିଦରୁ ଉଠେଇବା। ତେଣୁ ମନ ଭିତରର ରୁଗୁରୁଗୁ ଜ୍ୱଳନକୁ ମାଆ ପାଖରେ ସାରିଦେଲା ସେ। ବୈଜୟନ୍ତୀ ତାଟକା ହେଲେ ଇଏ କି ନାଁ ! କୋଉ ପୁରାଣ ଶାସ୍ତ୍ରରେ ତ ଏମିତି ନାଁଟିଏ ସେ କେବେ ପଢ଼ିନାହାନ୍ତି।

ସକାଳ ପାଞ୍ଚଟାରୁ ଉଠି ମେଡ୍ ସାଙ୍ଗରେ ଲାଗି ନାନା ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିଛି ପ୍ରତୀକ। ବୈଜୟନ୍ତୀ ଭାବିଲେ, ତରତର

ହୋଇ କ୍ଲିନିକ୍ ଗଲାବେଳକୁ ଏ ପୁଅକୁ ଭୋକରେ ନ ଯାଉ ବୋଲି କେତେଥର ଖୁଆଇ ଦେଇଛନ୍ତି ସେ। ହେଲେ ଆଜି ଭୋକଶୋଷ ଭୁଲି ସେ ଆଉ କାହା ପାଇଁ ଖାଦ୍ୟ ପ୍ରସ୍ତୁତିରେ ଲାଗିଛି। ରାଗରେ, ଅଭିମାନରେ ସେ ଆଜି କିଚେନରେ ପାଦ ପକେଇ ନାହାନ୍ତି। ଜୟଗୁରୁ ଦୀକ୍ଷା ନେଇଥିବା ବୈଜୟନ୍ତୀ ଆଜି ତାଙ୍କ କିଚେନରେ ବିଭିନ୍ନ ପ୍ରକାର ଆମିଷ ରୋଷେଇର ଗନ୍ଧକୁ ନୀରବରେ ସହିଯାଇଛନ୍ତି।

ପ୍ରତୀକ କହିଲା, 'ମାମା ! ସେମାନେ ଆସିଲେ ତୁମେ କେବଳ ଏ ଥାଳିରୁ ଫୁଲ ଛିଞ୍ଚିବ ସେମାନଙ୍କ ଉପରକୁ। ବାକି ସବୁ ମୁଁ ସମ୍ଭାଳିନେବି।' ମଦନବାବୁ ଦାନ୍ତ ନିକୁଟି କହିଲେ, 'ହଉ ତାହେଲେ ମୁଁ ହୁଳହୁଳିଟା ପକେଇଦେବି ଆଉ।' ତାଙ୍କ କଥାରେ ମାଡ଼ି ମାଡ଼ି ପଡ଼ିଲା ପରିବେଶ। କେହି ଉଁ କି ଚୁଁ କଲେନି।

ଦିନ ଦଶଟା ବେଳକୁ ଚାଇଁ ଚାଇଁ ଖରା। ଦିଆସିଲି ଖୋଳ ପରି ଦେଖା ଯାଉଥିବା ମାରୁତି ସୁଜୁକି କାରରୁ ଓହ୍ଲେଇ ପଡ଼ିଲେ ଚାରିଜଣ। ଆଗେ ଆଗେ ମାଡ଼ିଆସିଲେ ପୃଥଳକାୟା ଶ୍ୟାମାଙ୍ଗୀ ମହିଳା ଜଣେ। ସତେ ଯେମିତି ହାତୀଟିଏ ନିଜ ଖୁଆଡ଼କୁ ମାଡ଼ିଆସୁଛି। ତାଙ୍କ ପଛେ ପଛେ ବିଚରା ନିରୀହ ନହନହକା ସ୍ୱାମୀ, ଲଫଙ୍ଗା ପରି ଦିଶୁଥିବା କାନରେ ନୋଳି ପିନ୍ଧା ଲମ୍ବା ଖଇରିଆ ବାଳ ରଖିଥିବା ତାଙ୍କ ପୁଅ ଓ ଫୁଟାଣିଆ ମାମୁ। ଶ୍ୟାମାଙ୍ଗୀ ମହିଳାଙ୍କ ବିଶାଳ ବପୁ ଦେଖି ମଦନବାବୁ ମନେ ମନେ ଚିନ୍ତା କଲେ, ପୁତନା କଣ ଗୋପପୁର ଛାଡ଼ି ଭୁଲରେ ଆମ ଘରେ ବିଜେ କଲେ କି ? ଯଦି ସେ ଆମ ପୁଅକୁ କୃଷ୍ଣ ଭାବିଦେବ ବିଚରା ଚାରି ପାଞ୍ଜିରୁ ଯିବ। ବଅଁଶଯାକର ରୂପରଙ୍ଗ ଆଉ ଢଙ୍ଗ ଦେଖି ବୈଜୟନ୍ତୀଙ୍କ ଅକଲ ଗୁଡୁମ୍। ଗେଟ୍ ଆଡ଼କୁ ଥାଳି ଧରି ଆଗେଇଗଲା ପ୍ରତୀକ। ବୈଜୟନ୍ତୀଙ୍କୁ ଶୁଣେଇ ଶୁଣେଇ ମଦନବାବୁ କହିଲେ, 'କିଏ କହିଲା ଇଏ ନିତମ୍ବିନୀ ଦେବୀ! ଇଏ ତ ଗୁରୁ ନିତମ୍ବିନୀ। ତାଙ୍କ ନିତମ୍ବର ଗୁରୁଭାରରେ ପାଦ ହଳକ ଫରକଟା ତେରଛା ପଡୁଛି। ଯଦି ଆମ ପୁଅ ହିତାହିତ ଜ୍ଞାନ ଭୁଲି ଅମାନିଆ ହୋଇ, ମାଲ୍ୟାଣୀର ମେଣ୍ଢା ହେଲା, ଏ ଚର୍ବିତ ଚର୍ବଣ ଗୁରୁ ନିତମ୍ବିନୀଙ୍କ ଆଗରେ ମୋ ମଦନ କଳାର ସବୁ ଅସ୍ତ୍ର ନିଷ୍ପ୍ରଭ ହୋଇ ଫେରି ଆସିବ। ହାୟ ମୋର ମଦନକଳା ! ଯାଙ୍କୁ ଦେଖି ମୋର ସମସ୍ତ କଳା ହରଣ ହେଇଗଲା। ମୋ ଭଙ୍ଗା ତୂଣୀରର କାମଶର ଏ ପୁତନାର ପ୍ରେମ ପାରାବାରକୁ ଚହଲେଇବାକୁ ନିଶ୍ଚୟ ଅସମର୍ଥ ହେବ।' ବୈଜୟନ୍ତୀ ଭୀଷଣ ଅସନ୍ତୁଷ୍ଟିରେ ଗେଟ୍ ଆଡ଼କୁ ମୁହାଁଇଲେ।

ପ୍ରତୀକ ମାଆଙ୍କୁ ଚାହିଁ ଠାରିଦେଲା ତାଙ୍କ ଉପରେ ଫୁଲ ପକେଇବାକୁ। ବୈଜୟନ୍ତୀ ଯନ୍ତ୍ରବତ୍ ସେମାନଙ୍କ ଉପରକୁ ଫୁଲପାଖୁଡ଼ା ଫିଙ୍ଗିଲେ। ସେ କାମରେ ନା ତାଙ୍କର ଆଗ୍ରହ ଥିଲା ନା ସମ୍ମାନ। ଦିନେ କାଳେ ଠାକୁରଘରେ ପାଦ ପକେଇ ନଥିବା ପୁଅ ଗଗନପବନ କମ୍ପେଇ ସମସ୍ତ ବଳ ଖଟେଇ ଶଙ୍ଖ ଫୁଙ୍କିଲା। ଅତର ଛିଞ୍ଚିଲା ସେମାନଙ୍କ ଉପରେ। ସେମାନେ ସୋଫା ଉପରେ ଥକା ମେଣ୍ଟେଇ ବସିପଡ଼ିଲେ। ନିତମ୍ବିନୀ ଦେବୀ ପାନ ଚୋବେଇ ଚୋବେଇ କହିଲେ, 'ବାରିପଦାରୁ କଣ କମ୍ ବାଟ ହେଲାଣି !' ପ୍ରତୀକ ସେତେବେଳକୁ କୋଲ୍ଡ ଡ୍ରିଙ୍କ୍ ପରଷି ସାରିଲାଣି। ବୈଜୟନ୍ତୀ ଡରୁଥାନ୍ତି, ପାନର ଅବଶିଷ୍ଟାଂଶ ପକେଇବାକୁ ପ୍ରତୀକ ତାଙ୍କ ପାଟି ପାଖକୁ ହାତ ବଢ଼େଇ ଦେବନି ତ !

ସେମିତି ନ କରି ପ୍ରତୀକ ସୁନ୍ଦର ପୋର୍ସିଲେନ୍ ବାଉଲଟିଏ ତାଙ୍କ ମୁହଁ ପାଖରେ ରଖିଲା। ହାତୀ ସ୍ୱରୂପା ନିତମ୍ବିନୀ ଦେବୀ ସେଥିରେ ପାନର ଖଦା ଓ ଛେପ ପକେଇଦେଲେ। କୁଳୁକୁଳୁ କରି ପାଣି ଦି'ଢୋକ ପିଇଦେଇ କୋଲ୍ଡ ଡ୍ରିଙ୍କ୍ ଗ୍ଲାସଟି ଉଠେଇଲେ। ବୈଜୟନ୍ତୀଙ୍କ ପାଇଁ ଏସବୁ ଧୀରେ ଧୀରେ ଅସହ୍ୟ ହୋଇପଡୁଥାଏ। ମଦନବାବୁ ଏ ଅବାଞ୍ଛିତ କୁଣିଆଁ ଦଳକୁ ଭାରି ଇତର ଦୃଷ୍ଟିରେ ଦେଖୁଥାନ୍ତି। ଅତି ଜରୁରୀ ନହେଲେ ପଦେ କହୁନଥାନ୍ତି। କିମ୍ବା ଯେଉଁ ପଦକ କହୁଥାନ୍ତି, ସେଥିରେ ଶତ ପ୍ରତିଶତ ଶ୍ଳେଷ ବକ୍ରୋକ୍ତି ଥାଏ। ତାଙ୍କ କଥାକୁ ସେପଟୁ ଆସିଥିବା ମାମୁ ଦାନ୍ତ ନେଫେଡ଼ି ହାଲୁକା କରିଦେଉଥାଏ।

ସେ ଯାହା ବି ହେଉ ଜଳଯୋଗ ପରେ ମଧ୍ୟାହ୍ନ ଭୋଜନ ବି ସମାପନ ହେଲା। ଖିଆପିଆ ଭିତରେ ନିତମ୍ବିନୀ ଦେବୀ ଆମର ହାତୀ ଅଛି, ଛତି ଅଛି ବୋଲି ନିଜର ଆଧିବିଧି ପ୍ରଦର୍ଶନ କରୁଥାନ୍ତି। ମଧ୍ୟାହ୍ନର ଖରା ମଉଳିଲା ବେଳକୁ ସେମାନେ ଯିବାକୁ ବାହାରିଲେ। ପ୍ରତୀକ ଆସି ମାଆଙ୍କ କାନ ପାଖରେ ଚୁପି ଚୁପି କହିଲା, ପୁଅଟା ହାତରେ ଟଙ୍କା ପାଞ୍ଚହଜାର ଦିଅ। ପ୍ରଥମଥର ଘରକୁ ଆସିଛନ୍ତି, ଆମ ସମ୍ମାନ ତ ଆମେ ରଖିବା। ବୈଜୟନ୍ତୀ କଟମଟ କରି ପୁଅକୁ ଚାହିଁଲେ। ପୁଅ ଠାରିଲା, ମୁଁ ତୁମକୁ ଫେରେଇଦେବି। ଏବେ ତୁମେ ତା ହାତରେ ଦିଅ। ମଦନବାବୁ ପଇସାର କଡ଼ାଗଣ୍ଡା ହିସାବ କରନ୍ତି। ଏମିତି ପର ଉପରେ ପଇସା ଲୁଟେଇବା ସେ ଆଦୌ ସହ୍ୟ କରିପାରିବେନି। ତେଣୁ କୁଣିଆଁଙ୍କୁ ବାଟେଇ ଦେବାକୁ ଯାଇ ବୈଜୟନ୍ତୀ ସେଇ ନୋଳି ପିନ୍ଧା ବାତରା ପିଲାଟି ହାତରେ ପାଞ୍ଚହଜାର ଟଙ୍କା ଗୁଞ୍ଜିଦେଲେ। ପିଲାଟି ମୁରୁକି ହସି ଚୁପଚାପ୍ ପକେଟରେ ପଇସା ରଖିଦେଲା, ସତେ ଯେମିତି ଏ ପଇସା ଦିଆନିଆ କଥାଟି ଆଗରୁ ବୁଝାମଣା ହେଇଥିଲା।

ସେମାନେ ଚାଲିଗଲେ, ତାଙ୍କ ଆତିଥେୟତା ପ୍ରତି ଟିକିଏ ବି ଆନୁଗତ୍ୟ ପ୍ରଦର୍ଶନ ନ କରି। ଦିଆସିଲି ଖୋଳ ଗାଡ଼ିଟି ବୈଜୟନ୍ତୀଙ୍କୁ ଅନେକ ପ୍ରଶ୍ନର କୁହେଳି ଭିତରେ ଛାଡ଼ିଦେଇ ଅପସରି ଗଲା।

ମାଆପୁଅ ଘରେ ପାଦ ଦେଉ ଦେଉ ମଦନବାବୁ ଛିଗୁଲେଇ ପଚାରିଲେ, 'କେତେଗୋଟି ଭାରତୀୟ ମୁଦ୍ରା ବ୍ୟୟ ହେଲା ଏ ସୁଆଙ୍ଗରେ ?' ବାପାଙ୍କର ଏପରି ତୀର୍ଯ୍ୟକ୍ କଟାକ୍ଷରେ ପ୍ରତୀକର ମନ ଭୀଷଣ ଆଘାତ ପାଇଲା। କିନ୍ତୁ, ସେ ଆଉ ଯୁକ୍ତି କରିବାର ସ୍ଥିତିରେ ନଥିଲା। ଚୁପଚାପ୍ ନିଜ ରୁମ୍‌କୁ ଚାଲିଗଲା। ବୈଜୟନ୍ତୀ ସେଇ ପାନପିକର ବାଉଲଟି ନେଇ ବାଡ଼ିପଟେ କଚାଡ଼ି ଦେଲେ। ମଦନବାବୁ କହିଲେ, 'କିହୋ ! ନିର୍ଜୀବ ଗିନାଟା ଉପରେ କିଆଁ ରାଗ ସାରୁଛ ? ପାରିବ ଯଦି ପୁତ୍ରମଣିଙ୍କୁ ଦି ଚଟକଣା କଷି ଦିଅ। ତା ମୁଣ୍ଡରୁ ଭୂତ ଉତୁରିଯାଉ।'

ସ୍କୁଲରେ ସଦା ଗମ୍ଭୀର ରହୁଥିବା ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦେବୀ ଭାରି ଅନ୍ୟମନସ୍କ ଓ ନିରୀହ ଜଣାଗଲେ। ଅନ୍ୟମାନେ ନିଜ ନିଜ ଭିତରେ ଏକଥା ଆଲୋଚନା କଲେ ମଧ୍ୟ ତାଙ୍କୁ ସାହସ କରି କେହି ପଚାରିଲେନି। ସେ ସେମିତି ମୁହଁ ଲଟକେଇ ସ୍କୁଲ୍ ଆସନ୍ତି ଓ ଯାଆନ୍ତି। ଏ ଘଟଣାର ପନ୍ଦର ଦିନ ପରେ ପୁଅ ଜିଦ୍ଦି କଲା, 'ମାମା ! ତୁମେ ବାପାଙ୍କୁ ବୁଝାଅ। ତୁମ ଦୁହିଁଙ୍କୁ ତାଙ୍କ ଘରକୁ ଯିବାକୁ ପଡ଼ିବ।' ବୈଜୟନ୍ତୀ ରାଜି ହେଲେନି। କହିଲେ, 'ମୋ ମନ ଚାହୁନି ଯିବାକୁ। ତୋ ବାପାଙ୍କୁ କେମିତି ବୁଝେଇବି ?' ପ୍ରତୀକ ମାଆଙ୍କ ଗୋଡ଼ ତଳେ ପଡ଼ିଗଲା। ମାଆଙ୍କ ପାଦକୁ ଚୁମା ଦେଲା। କୁଣ୍ଢେଇ ଧରି ଯେତେ ସମ୍ଭବ ମାଆଙ୍କୁ ମନେଇବାରେ ଲାଗିଲା। ଶେଷରେ ବୈଜୟନ୍ତୀ ମାନିଗଲେ। ସ୍ୱାମୀଙ୍କୁ ବୁଝେଇଲେ, 'ଗୋଟିଏ ବୋଲି ତ ପୁଅ। ତା କଥା ନ ରଖିଲେ କୋଉଠି ଚଳିବା ଶେଷ କାଳକୁ !' ମଦନବାବୁଙ୍କୁ ମନେଇବାକୁ ସପ୍ତାହେ ଲାଗିଗଲା। ଶେଷରେ ଅନିଚ୍ଛା ସତ୍ତ୍ୱେ ମଦନବାବୁ ଜାମାଯୋଡ଼ ହୋଇ ବାହାରିଲେ ବାରିପଦା।

ବାରିପଦାରେ ପହଞ୍ଚିବା ପରେ ଜଣାପଡ଼ିଲା, ଏମାନେ ବଙ୍ଗ ଶରଣାର୍ଥୀ। ମଦନବାବୁଙ୍କ ମନରେ ନିଆଁ ଲାଗିଗଲା। ଏ ଶଳେ ବାଙ୍ଗଲାଦେଶୀ ପଠାଣ ହେଇଥିବେ। ଶରଣ ପାଇଁ ହିନ୍ଦୁ ପାଲଟିଛନ୍ତି। ପଠାଣ ଘରେ କେମିତି ବନ୍ଧୁ ବାନ୍ଧିବେ ବୋଲି ଫିଡ଼ିକିଲେ। ସେଇଠି ତାଙ୍କରି ଘରେ ବସି କୁହାଟ ଛାଡ଼ିଲେ। ପାଣି ଛୁଇଁଲେନି ତାଙ୍କ ଘରେ। କନ୍ୟାର ଅଜା ବୁଝେଇବାକୁ ମୁହଁ ଖୋଲିଲେ। ଲାଳ ସରସର ପାକୁଆ ପାଟିରେ କଥା କହିଲା ବେଳକୁ ଶବ୍ଦଗୁଡ଼ିକ ଲକ୍ଷ୍ୟହୀନ ତୀର ପରି ଏପଟ ସେପଟ ବୁଲି ପଡୁଥାଏ। ସେ ବ୍ୟସ୍ତ ବିବ୍ରତ ହୋଇ କହିଲେ, 'ବ୍ରାଙ୍ଗଲାଦେଶୀ ଆମେ ନୋହୁଁ। ଆମେ ଆଜ୍ଞା ହିନ୍ଦୁ ବଙ୍ଗାଳୀ, ପଠାଣ ନୁହଁ।' ମଦନବାବୁ ମନେ ମନେ ଚିନ୍ତା କଲେ ବାଂଲାଦେଶର ଶିକ୍ଷିତ ସଂସ୍କାରି ଛାତ୍ରମାନଙ୍କ ଅନ୍ତଃବସ୍ତ୍ର ସହିତ ନାଗିନ୍ ଡ୍ୟାନ୍ସ ଗୋଟେ ଦେଶର ନାଁକୁ କେତେବେଳେ ବଦଳେଇ ଦେଲା କେହି ଜାଣି ପାରିଲେ ନାହିଁ କେମିତି ! ସେ ଆଦୌ ମାନିଲେନି। ପ୍ରତୀକ ତା ବାପାଙ୍କୁ ହାତ ଯୋଡ଼ି ନେହୁରା ହେଲା, 'ମୁଁ ରୋମିଲାକୁ କଥା ଦେଇସାରିଛି ବାପା, ମନା କରନା। ରୋମିଲା ବି ଡେଣ୍ଟିଷ୍ଟ। ଆଗକୁ କ୍ଲିନିକ୍ ଚଳେଇବାରେ ସହଯୋଗ କରିବ। ସବୁଆଡ଼କୁ ଚିନ୍ତା କରି ମୁଁ ରୋମିଲାକୁ ପସନ୍ଦ କରିଛି।' ମଦନବାବୁ ଉତକ୍ଷିପ୍ତ ହୋଇ କହିଲେ, 'କାହାକୁ ପଚାରି କଥା ଦେଇଥିଲୁ ? ଯଦି ମନେ ମନେ ସବୁ କରିପାରୁଚୁ, ଆମକୁ କାହିଁକି ଏଠିକି ଆଣି ଯାତରା କରୁଚୁ ?' ବିଚାରୀ ବୈଜୟନ୍ତୀ ସ୍ୱାମୀଙ୍କୁ ଚୁପ୍ ରହିବାକୁ ଅନୁରୋଧ କରୁଥାନ୍ତି। ବେଶ୍ କିଛି ସମୟ ବକ୍ ବକ୍ କରିବା ପରେ ମଦନବାବୁ ସ୍ଥିର ହୋଇ ବସିପଡ଼ିଲେ। ବଙ୍ଗାଳୀ ପରିବାରର ସଦସ୍ୟମାନେ ନିର୍ବିକାର। ସତେ ଯେମିତି କିଛି ଘଟିନି। ରୋମିଲା ଧୀର ପଦପାତରେ ସେମାନଙ୍କ ସାମ୍ନାକୁ ଆସିଲା। କାଳୀ, ଚେପେଟିନାକି ଝିଅଟି। ବୈଜୟନ୍ତୀଙ୍କର ଶେଷତମ ଆଶା ଟିକକ ଭାଙ୍ଗି ଚୂର୍ଣ୍ଣ ବିଚୂର୍ଣ୍ଣ ହେଇଗଲା। ଏତେ ସୁନ୍ଦର କାମଦେବ ପରି ପୁଅ ପାଇଁ ଏମିତି ଅସୁନ୍ଦରୀ ବିଜାତୀୟ ବୋହୂ କେମିତି କରିବେ ଚିନ୍ତାରେ ପଡ଼ିଗଲେ। ବୈଜୟନ୍ତୀଙ୍କର ମନ ବି ଥକି ଯାଇଥିଲା। ଏସବୁ ତର୍ଜମା କରିବାକୁ ବଳ ନଥିଲା।

ପ୍ରତୀକ ଠାରିଲା ମାଆଙ୍କୁ ମୁଦି ପିନ୍ଧେଇ ଦେବାକୁ। ବୈଜୟନ୍ତୀ ସ୍ୱାମୀଙ୍କୁ ନ ଚାହିଁ ପର୍ସରୁ ମୁଦି ବାହାର କରି ରୋମିଲା ହାତରେ ପିନ୍ଧେଇ ଦେଲେ। ସ୍ୱାମୀ-ସ୍ତ୍ରୀ ତାଙ୍କ ଘରେ ଅନ୍ନପାଣି ସ୍ପର୍ଶ ନ କରି ଗାଡ଼ି ପାଖକୁ ଚାଲିଆସିଲେ। ପାଞ୍ଚ ମିନିଟ୍ ପରେ ପୁଅ ଆସି ଗାଡ଼ି ଷ୍ଟାର୍ଟ କଲା। ଗାଡ଼ି ଭିତରେ ବୋମା ବିସ୍ଫୋରଣ ହେବାର ପ୍ରାକ୍ ପ୍ରସ୍ତୁତି ଚାଲିଥିବା ପରି ପ୍ରତୀୟମାନ ହେଉଥାଏ। ଗୁମସୁମ୍ କାର୍ ଭିତର। ବିକଳ ହୋଇ ବୈଜୟନ୍ତୀ ଗ୍ଲାସ୍ ଖୋଲିଦେଲେ। ହାବୁକା ହାବୁକା ଥଣ୍ଡା ପବନ ପଶିଆସିଲା ଗାଡ଼ି ଭିତରକୁ। କ୍ରୋଧରେ ତପ୍ତ ଦୁଇ ପ୍ରାଣୀ ଶୀତଳ ପବନର ସ୍ପର୍ଶରେ ଘୁଂଘୁଡ଼ି ମାରି ଶୋଇ ପଡ଼ିଲେ। କେବେ କେବେ ଅତ୍ୟଧିକ କ୍ରୋଧ ଓ ନିରାଶା ବି ମଣିଷକୁ ଶୁଆଇଦିଏ। ଈଶ୍ୱରଙ୍କର ଅଦ୍ଭୁତ ସଂରଚନାର ଇଏ ଏକ ଅଂଶ ବୋଧେ।

ଘରେ ପହଞ୍ଚି ମଦନବାବୁ ସିଧା ଯାଇ ଗାଧୋଇ ପଡ଼ିଲେ, ସତେ ଯେମିତି ସେ ଅସ୍ପୃଶ୍ୟକୁ ଛୁଇଁ ଦେଇ ପାପ କରିଛନ୍ତି। ବଡ଼ ପାଟିରେ ଘୋଷଣା କଲେ, 'ଯିଏ ଘରର ନିୟମକୁ ଅମାନ୍ୟ କରିବ, ସେ ନିଜ ପାଇଁ ଘର ତୋଳୁ, ଅଲଗା ରହୁ।' ବୈଜୟନ୍ତୀ ସ୍ୱାମୀଙ୍କ ଗୋଡ଼ ତଳେ ପଡ଼ି କାନ୍ଦି କାନ୍ଦି କହିଲେ, 'ଆମର ତ ଏ ଗୋଟିକ ସାହାଭରସା। ତାକୁ କେମିତି ଛାଡ଼ିଦେବା ! ପରିସ୍ଥିତିକୁ ବୁଝ, ଯୁଗ ବଦଳିଲାଣି, ଆମକୁ ମାନିନେବାକୁ ହେବ।' ମଦନବାବୁ କିଛି ନ

କହି ଚିତ୍ ହୋଇ ଶେଯ ଉପରେ ପଡ଼ିରହିଲେ। ପୁଅ ବାହାଘରକୁ ନେଇ ବୈଜୟନ୍ତୀ କେତେ ଯେ ସ୍ୱପ୍ନ ଦେଖିଥିଲେ। ଧୀରେ ଧୀରେ ସେଇ ସ୍ୱପ୍ନ ସବୁ ମଉଳିବାରେ ଲାଗିଲା।

ବୈଜୟନ୍ତୀ ଦିନେ ସହକର୍ମିଣୀ ମାନସୀର କୁଶଳ ଜିଜ୍ଞାସାରେ ନିଜକୁ ରୋକି ପାରିଲେନି। ତାଙ୍କ ଗମ୍ଭୀର ଚେହେରା ଭିତରେ ଥିବା କୋମଳ ହୃଦୟଟି କଇଁକଇଁ ହୋଇ କାନ୍ଦିଉଠିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମାନସୀ ଆଗରେ ବଖାଣିଲେ। ଗଭୀର ମନସ୍ତାପରେ କହିଲେ, 'ବଙ୍ଗାଳୁଣୀ ମୋ ରାଜକୁମାର ପରି ପୁଅକୁ ମହନୀ କରିଦେଇଛି।'

ମାନସୀ ଭାବୁଥିଲା, ପରିବର୍ତ୍ତିତ ସମାଜର ଏ ଧାରାକୁ ରୋକିବ କିଏ ! ଜାତିଧର୍ମର କଟକଣା ସରକାରୀ ଦଲିଲରେ ଉଠିଗଲାଣି। ପିତାମାତା ଏବଂ ପରିବର୍ତ୍ତିତ ଧାରାକୁ ଗ୍ରହଣ କରିନେଲେ ହିଁ ସମାଜ ସୁଧୁରିବ। ନହେଲେ ଦୁଇ ପିଢ଼ି ଭିତରେ ଅଯଥା ମନାନ୍ତର ହେଉଥିବ। ବୟସ୍କ ପିଢ଼ି ପାଇଁ ଗ୍ରହଣୀୟତା ହିଁ ପାରିବାରିକ ସନ୍ତୁଳନ ଓ ସଂହତି ରକ୍ଷା କରିବ। ପରିବାର ଯଦି ଏକ ସମୁଦ୍ର ହୁଏ, ଏପରି ସମସ୍ୟା ବାଡ଼ବାଗ୍ନି ସଦୃଶ। ନିଜ ଭିତରେ ନିଜେ ଜଳୁଛି ଓ ଜାଳିଦେଉଛି। ଏ ଧ୍ୱଂସଲୀଳାରୁ ରକ୍ଷା ପାଇବାକୁ ହେଲେ, ସମସ୍ତଙ୍କୁ କିଛି ନା କିଛି ତ୍ୟାଗ କରିବାକୁ ହେବ। ନିଜେ ନିଜ ବିଚାରକୁ ଜାବୁଡ଼ି ଧରି ବସିଲେ ଜଳି ଜଳି ମରିଯିବା ସାର ହେବ। ଧୀର ଗଳାରେ ମାନସୀ କହିଲା, 'କିଏ ଜାଣେ, ଅସୁନ୍ଦରୀ ହେଲେ ବି ବୋହୂଟି ଉତ୍ତମ ଗୁଣର ହୋଇଥିବ !' ବୈଜୟନ୍ତୀ ଆହତ ବାଘୁଣୀ ପରି ମାନସୀକୁ ଚାହିଁଲେ। ମାନସୀ ତାଙ୍କୁ ଏକୁଟିଆ ଜଳିବାକୁ ଛାଡ଼ିଦେଇ ସେଇ କୋଠରୀରୁ ନିଷ୍କ୍ରାନ୍ତ ହୋଇଗଲା।

❖❖❖

# ପ୍ରତାପୀଙ୍କ ପ୍ରଣୟ ପରିଣତି



ISSN-2583-6978
Volume-4
Issue-10
OCTOBER-2024

**ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ**

**ଓଡିଶା ପ୍ରଶାସନିକ ଅଧିକାରୀ**

ଶକ୍ତିମାନ ଦୃଢମନାଙ୍କ ହୃଦୟବି ପ୍ରେମର ଅଧୀନ ହୁଏ ଏବଂ ଭାଗ୍ୟର ଚକ୍ରରେ ସେମାନେବି ଅସହାୟ ଓ ନିରୁପାୟ ହୁଅନ୍ତି, ଆସନ୍ତୁ ତାହା ଜାଣିବା ତିନୋଟି ଉଦାହରଣରୁ। ଗ୍ରୀକବୀର ଆଲେକ୍ସାଣ୍ଡରଙ୍କୁ ଇତିହାସ ପୁର୍ବ ଓ ପଶ୍ଚିମ ସଂସ୍କୃତିର ସଙ୍ଗମକାରୀ ଭାବେ ବର୍ଣ୍ଣନା କରେ। ଅଥଚ ଏହି ବିଶ୍ୱ ବିଜୟୀଙ୍କ ହୃଦୟକୁ ଜୟ କରିଥିଲେ ରୁକ୍‌ସାନା। ବହୁ କମ ଲୋକେ ଜାଣନ୍ତି ଏ ରୁକ୍‌ସାନା ନାମଟି ଝିଅ ମାନଙ୍କ ପାଇଁ କାହିଁକି ବେଶ ଲୋକାଦୃତ। ଏମିତିକି ପୁରୁଣା ହିନ୍ଦି ଗୀତ ଓ ଚଳଚିତ୍ରରେ ନାୟିକା ମାନଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନା ପାଇଁ ଏହା ମଧ୍ୟ ଗୋଟିଏ ଆକର୍ଷକ ନାମଭାବେ କାମ ଦେଉଥିଲା। ତେବେ ଆଲେକଜାଣ୍ଡାରଙ୍କ ପ୍ରୀୟ ପତ୍ନୀଙ୍କ ନାମ ଥିଲା ରୁକ୍‌ସାନା, ପାର୍ସୀ ଭାଷାରେ ଏହାର ଅର୍ଥ ହେଉଛି "ଛୋଟ ତାରା।" ସେ ଆଫଘାନିସ୍ଥାନରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କୁ ସମଗ୍ର ଏସିଆ ମହାଦେଶର ସର୍ବଶ୍ରେଷ୍ଠ ଅନନ୍ୟ ସୁନ୍ଦରୀ ଭାବେ ବର୍ଣ୍ଣନା କରାଯାଏ। ବେସୁସ ଥିଲେ ବାକ୍ଟ୍ରିଆ ଓ ସୋଗଡିଆ (ଉତ୍ତର ବାକ୍ଟ୍ରିଆ)ଭୁଖଣ୍ଡର ରାଜ୍ୟପାଳ ଯେ କି ପାରସ୍ୟର ବଳଶାଳୀ ରାଜା ଡାରିଅସ-ତୃତୀୟଙ୍କ ସଂପର୍କୀୟ। ସେଠାର କୁଳୀନ ଆଭିଜାତ ବର୍ଗର ବ୍ୟକ୍ତି ଅକ୍ସିଆର୍ଟିସ ବେସୁସଙ୍କୁ ସେବା ଯୋଗାଉ ଥିଲେ। ରୁକ୍‌ସାନା ହେଉଛନ୍ତି ଅକ୍ସିଆର୍ଟିସଙ୍କର କନ୍ୟା। ରୁକ୍ସାନା ଖ୍ରୀଷ୍ଟ ପୂର୍ବ ୩୪୦ ରେ ଜନ୍ମ ଗ୍ରହଣ କରିଥିଲେ। ସେ ଅତ୍ୟନ୍ତ ସୁନ୍ଦରୀ ଥିଲେ ବୋଲି ବିଶ୍ୱାସ କରାଯାଉଥିଲା। ତାଙ୍କୁ ଦେଖିଥିବା ବହୁ ଲୋକଙ୍କ ମତରେ ସେ ପାରସ୍ୟର ରାଜା ଡାରିଅସ-ତୃତୀୟଙ୍କ ପତ୍ନୀଙ୍କଠାରୁ ମଧ୍ୟ ଅଧିକ ସୁନ୍ଦରୀ ଥିଲେ। କୁହାଯାଏ ଯେ ଆଲେକଜାଣ୍ଡାର ପ୍ରଥମ ଦେଖାରୁହିଁ ତାଙ୍କ ପ୍ରେମରେ ପଡିଯାଇଥିଲେ। ଏସମ୍ବନ୍ଧରେ ଐତିହାସିକଙ୍କର ଦୁଇଟିମତ ରହିଛି। ପ୍ରଥମ ମତ ହେଉଛି ଆଲେକଜାଣ୍ଡାର ଯେତେବେଳେ ବାକ୍ଟ୍ରିଆ-ଭୁଖଣ୍ଡ ଆକ୍ରମଣ କରିଥିଲେ ସେତେବେଳେ ସୁନ୍ଦରୀ ରୁକ୍‌ସାନା ତାଙ୍କର ବନ୍ଦୀ ମାନଙ୍କ ଭିତରୁ ଜଣେ ଥିଲେ। ଦ୍ୱିତୀୟ ରୋଚକ ତଥ୍ୟ ହେଉଛି ପାରସ୍ୟର ରାଜା ଡାରିଅସ-ତୃତୀୟ ଆଲେକଜାଣ୍ଡାରଙ୍କ ଠାରୁ ହାରିବା ପରେ ବେସୁସ ତାଙ୍କୁ ହତ୍ୟା କରିଥିଲେ। ସେ ଭୁଖଣ୍ଡର ନୂଆ ରାଜ୍ୟପାଳ ବିଜୟୀ ଆଲେକଜାଣ୍ଡାରଙ୍କ ସମ୍ମାନ ଉଦ୍ଦେଶ୍ୟରେ ଏକ ଭୋଜିର ଆୟୋଜନ କରିଥିଲେ। ସେଠାରେ ସେ ସୁନ୍ଦରୀ ରୁକ୍ସାନାଙ୍କ କ୍ଷଣିକ ଦର୍ଶନ ମାତ୍ରେ ହିଁ ତାଙ୍କ ପ୍ରେମରେ ପଡିଯାଇଥିଲେ। ତତ୍‌କ୍ଷଣାତ ଆଲେକ୍ସାଣ୍ଡର ତାଙ୍କୁ ବିବାହ କରିବାକୁ ଆଗ୍ରହ ଦେଖାଇ ଥିଲେ ଓ ଖ୍ରୀଷ୍ଟ ପୂର୍ବ ୩୨୭ ରେ ଭାରତ ଅଭିଯାନ ପୂର୍ବରୁ ତାଙ୍କୁ ବିବାହ କରିଥିଲେ। ସେ ଯାହା ହେଉନା କାହିଁକି, ରୁକ୍‌ସାନା ଆଲେକଜାଣ୍ଡାରଙ୍କ ଏକମାତ୍ର ସ୍ତ୍ରୀ ନଥିଲେ। ଆଲେକଜାଣ୍ଡାର ଡାରିଅସ ତୃତୀୟଙ୍କ କନ୍ୟା ବାର୍ସିନୀ (ଷ୍ଟାଟେରିଆ ଦ୍ୱିତୀୟ) ଓ ତାଙ୍କ ସମ୍ପର୍କୀୟା ଭଉଣୀ ପାରିସାତିସଙ୍କୁ ସୁସା ନାମକ ସ୍ଥାନରେ ହୋଇଥିବା ଏକ ସମୁହ ଗଣ ବିବାହରେ ବାହା ହୋଇଥିଲେ, ଯେଉଁ ଥିରେକି ଆଲେକଜାଣ୍ଡାରଙ୍କ ବିଶ୍ୱସ୍ତ ମାସିଡ଼ୋନିଆର ସୈନିକ ମାନେ ପାରସ୍ୟର କୁଳୀନ ଆଭିଜାତ ବର୍ଗର ମହିଳା ମାନଙ୍କୁ ବିବାହ କରିଥିଲେ। ପାରସ୍ୟରେ ନିଜର ଅଧିକାର ମଜବୁତ ହେଲାପରେ ସେ ଭାରତ ବିଜୟ ଅଭିଯାନରେ ବାହାରିଥିଲେ। ରୁକ୍‌ସାନାଙ୍କର ବାପା ତଥା ନିଜ ଶ୍ୱଶୁର ଅକ୍ସିଆର୍ଟିସଙ୍କୁ ହିନ୍ଦୁକୁସ ଅଂଚଳର ରାଜ୍ୟପାଳ ରୂପେ ନିଯୁକ୍ତ କରିଥିଲେ। ରୁକ୍‌ସାନା ସୁସା ନାମକ ସ୍ଥାନରେ ସୁରକ୍ଷିତ ଭାବରେ ରହିଥିଲେ। ଯେତେବେଳେ ଆଲେକଜାଣ୍ଡାର ଭାରତରୁ ବିଫଳ ମନୋରଥ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ ସେ ସୁସାକୁ ଆସି ବାବିଲୋନିଆ ଫେରିଯାଇଥିଲେ। ସେଠାରେ ନେବୁଚାଡ୍ନେଜାର ଦବିତୀୟଙ୍କ ପ୍ରାସାଦରେ ଖ୍ରୀଷ୍ଟ ପୂର୍ବ ୩୨୩ ମସିହା ଜୁନ ମାସ ୧୦ ବା ୧୧ ତାରିଖରେଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ସମୟରେ ତାଙ୍କ ପ୍ରିୟ ପତ୍ନୀ ରୁକ୍‌ସାନା ଗର୍ଭବତୀ ଥିଲେ। ରୁକ୍‌ସାନା ଆଉ କୌଣସି ଉତ୍ତରାଧିକାରୀଙ୍କୁ ପ୍ରତିଦ୍ୱନ୍ଦୀ ଭାବେ ପସନ୍ଦ କରୁନଥିବାରୁ ତାଙ୍କର

ଅନ୍ୟ ଦୁଇ ବିଧବା ସଉତୁଣୀ, ଯଥା ଡାରିଅସ ତୃତୀୟଙ୍କ କନ୍ୟା ବାର୍ସିନୀ ଓ ନିଜସମ୍ପର୍କୀୟା ଭଉଣୀ ପାରିସାତିସଙ୍କୁ ଷଡ଼ଜନ୍ତ୍ର କରି ହତ୍ୟା କରିଥିଲେ। ରୁକ୍ସାନା ଖ୍ରୀଷ୍ଟ ପୂର୍ବ ୩୨୩ ମସିହା ଅଗଷ୍ଟ ମାସରେ ପୁତ୍ର ସନ୍ତାନ ପ୍ରସବ କରିଥିଲେ ଓ ତାର ନାମ ଆଲେକ୍ସାଣ୍ଡର-ଚତୁର୍ଥ ରଖାଯାଇଥିଲା। ଆଲେକଜାଣ୍ଡାରଙ୍କ ମାତା ଅଲମ୍ପିଆ, ତାଙ୍କ ବୋହୁ ଓ ନାତିକୁ ସୁରକ୍ଷା ପ୍ରଦାନ କରିଥିଲେ। କିନ୍ତୁ ଖ୍ରୀଷ୍ଟ ପୂର୍ବ ୩୧୦ ମସିହା ବେଳକୁ କାସେଣ୍ଡର, ମାସିଡୋନିଆର ରାଜସିଂହାସନ ଅଧିକୃତ କରିବା ପାଇଁ ସମସ୍ତ ଚେଷ୍ଟା ଚଳାଇ ଆଲେକଜାଣ୍ଡାରଙ୍କ ପ୍ରିୟ ପତ୍ନୀ ରୁକ୍ସାନା ଓ ତାଙ୍କର ୧୪ ବର୍ଷ ବୟସ୍କ ପୁତ୍ରକୁ ବନ୍ଦୀ କରି ବିଷଦେଇ ହତ୍ୟା କରିଥିଲେ। ଏପରି ଭାବେ ଆଲେକଜାଣ୍ଡାରଙ୍କ ରାଜବଂଶୀ ଔରସର ଅନ୍ତ ଘଟିଥିଲା।

ସେମିତି ଫ୍ରାନ୍ସର ଅନ୍ୟ ଜଣେ ବିଶ୍ୱ ବିଖ୍ୟାତ ବୀର ନେପୋଲିଅନ, ଯୋସେଫାଇନ ନାମୀ ଜଣେ ମହିଳାଙ୍କ ପ୍ରେମରେ ମଜ୍ଜି ରହିଥିଲେ। ଯୋସେଫାଇନ ନେପୋଲିଅନଙ୍କ ଠାରୁ ୬ ବର୍ଷ ବଡ ଥିଲେ। ବିବାହ ପୂର୍ବରୁ ଫ୍ରାନ୍ସବୀର ନେପୋଲିଅନ ଓ ଯୋସେଫାଇନଙ୍କ ମଧ୍ୟରେ ଅନେକ ପ୍ରେମ ପତ୍ର ଆଦାନ ପ୍ରଦାନ ଚାଲିଥିଲା। କିନ୍ତୁ କିଛି ବର୍ଷ ପରେ ଯେବେ ସେ ନିଶ୍ଚିତ ହେଲେ ଯେ ଫ୍ରାନ୍ସର ସମ୍ଭ୍ରାନ୍ତ କୂଳୀନ ବଂଶଜ ଯୋସେଫାଇନ ତାଙ୍କ ସନ୍ତାନ ଧାରଣ ପାଇଁ ଅକ୍ଷମ, ସେତେବେଳେ ସେ ବାଧ୍ୟ ହୋଇ ତାଙ୍କୁ ଛାଡପତ୍ର ଦେବାକୁ ସ୍ଥିର କରିଥିଲେ। ୧୮୧୦ ମସିହାରେ ତାଙ୍କୁ ଛାଡପତ୍ର ଦେଇ ବିବାହ ଯୋଗ୍ୟା ବହୁ କନ୍ୟାଙ୍କ ନିର୍ଦ୍ଧାରିତ ତାଲିକା ମଧ୍ୟରୁ ଅଷ୍ଟ୍ରିଆର ରାଜ ବଂଶୀୟ କନ୍ୟା ମାରୀ ଲୁଇସଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଯୋସେଫାଇନଙ୍କ ଭଗ୍ନ ସ୍ୱାସ୍ଥ୍ୟ କ୍ରମେ ଆହୁରି ଖରାପ ହେବାରେ ଲାଗିଲା। ୧୮୧୪ ମସିହା ମେ ମାସ ୨୯ ତାରିଖରେ ତାଙ୍କ ମୃତ୍ୟୁ ପୂର୍ବର ଶେଷ ଉଚ୍ଚାରଣରେ ସେ ନେପୋଲିଅନ ବୋନାପାର୍ଟଙ୍କୁ ରୋମର ସମ୍ରାଟ ଭାବେ ଅଭିହିତ କରିଥିଲେ। ସନ୍ତାନ ଆଶାରେ ସିନା ବାଧ୍ୟ ହୋଇ ଯୋସେଫାଇନଙ୍କୁ ତ୍ୟାଗ କରିଥିଲେ କିନ୍ତୁ ନେପୋଲିଅନ ବୋନାପାର୍ଟ ବାରମ୍ବାର ସ୍ୱୀକାର କରିଛନ୍ତି ଯେ ଯୋସେଫାଇନହିଁ ତାଙ୍କ ପ୍ରକୃତ ପ୍ରେମିକା ଥିଲେ। ୧୮୨୧ ମସିହା ଫେବୃଆରୀ ମାସ ବେଳକୁ ନେପୋଲିଅନଙ୍କ ସ୍ୱାସ୍ଥ୍ୟ ଖରାପ ହେବାରେ ଲାଗିଲା। ମେ ମାସ ୩ ତାରିଖରେ ତାଙ୍କର ଦୁଇ ଚିକିତ୍ସକ କେବଳ କଷ୍ଟ ଉପଶମ ଔଷଧ ଦେବା ବ୍ୟତୀତ ଆଉ କିଛି କରି ପାରିଲେ ନାହିଁ। ଦୁଇଦିନ ପରେ ସେ ଇହଧାମ ତ୍ୟଗକଲେ। ଆଶ୍ଚର୍ଯ୍ୟ ଯେ ତାଙ୍କ ମୃତ୍ୟୁ ପୂର୍ବରୁ ଶେଷ ନିଶ୍ୱାସ ତ୍ୟାଗ ସମୟରେ ସେ ଯୋସେଫାଇନଙ୍କୁ ଫ୍ରାନ୍ସର ପ୍ରତିରକ୍ଷା ମୁଖ୍ୟ ଭାବେ ମନେ ପକାଉ ଥିଲେ ।

ଶେଷରେ ଆଉଜଣେ ଦୃଢମନା ଉଚ୍ଚାଭିଳାସୀଙ୍କ କଥା ଜାଣନ୍ତୁ। ଜର୍ମାନର ଦୁର୍ଦ୍ଧାନ୍ତ ନାଜୀ ଅଧିପତି ଆଡୋଲ୍ଫ ହିଟଲର ମଧ୍ୟ ପ୍ରେମ ପାଶରୁ ବର୍ତ୍ତୀ ପାରିନଥିଲେ। ସେ ଘଟଣା ପ୍ରବାହରେ " ଇଭା ଆନ୍ନା ବ୍ରାଉନ"ଙ୍କୁ ଭଲପାଇ ବସିଥିଲେ। ପେଶାରେ ଇଭା ଆନ୍ନା ବ୍ରାଉନ ଆଡୋଲ୍ଫ ହିଟଲରଙ୍କର ଛାୟାଚିତ୍ର ଉତ୍ତୋଳନକାରୀ ବା ଫଟୋଗ୍ରାଫର ହେନରିକ ହଫମାନଙ୍କ ମଡେଲ ଥିଲେ। ସେ ୧୭ ବର୍ଷର ହୋଇଥିବା ବେଳେ ମ୍ୟୁନିକ ଠାରେ ଆଡୋଲ୍ଫ ହିଟଲରଙ୍କୁ ଭେଟିଥିଲେ। ଇଭା ଆନ୍ନା ବ୍ରାଉନଆଡୋଲ୍ଫ ହିଟଲରଙ୍କ ପ୍ରଚାର ପାଇଁ ବହୁ ଚଳଚିତ୍ର ଓ ଫଟୋ ଉତ୍ତୋଳନ କରିଥିଲେ। ଅଥଚ ସେମାନଙ୍କ ଏହି ସମ୍ପର୍କ ମଧ୍ୟରେ ଇଭା ଆନ୍ନା ବ୍ରାଉନ ୧୯୩୬ ମସିହାରେ ଦୁଇଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଭା ବ୍ରାଉନ ପ୍ରାୟ ଗୃହସରଣାର୍ଥୀ ଭାବେ ରହିଥିଲେ। ହିଟଲରଙ୍କ ଘରୋଇ ସହକାରୀ ଭାବେ ଇଭା ବ୍ରାଉନଙ୍କ ଏକ ମୁଖ୍ୟ ଦାଇତବ ରହିଥିଲା। ସେ ହିଟଲରଙ୍କ ଘନିଷ୍ଠ ସହଯୋଗୀ ସଦସ୍ୟଙ୍କ ମଧ୍ୟରୁ ଜଣେଥିଲେ ମଧ୍ୟ ୧୯୪୪ ପର୍ଯ୍ୟନ୍ତ ସାର୍ବଜନୀନ କାର୍ଯ୍ୟକ୍ରମରେ ଭାଗ ନେଉ ନଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ଆଡକୁ ନାଜୀ ଜର୍ମାନର ପତନ ସମୟରେ ମଧ୍ୟ ସେ ହିଟଲରଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ରହିଥିଲେ। ରୁଷୀୟ ଲାଲ-ସେନା ମାନେ ୧୯୪୫ ମସିହା ଏପ୍ରିଲ ମାସ ୨୯ ତାରିଖ ବେଳକୁ ସେମାନେ ରହୁଥିବା ବର୍ଲିନ ର ଭୂତଳ ପ୍ରସାଦକୁ ଘେରି ରହିଥିବା ସମୟରେ ୩୩ ବର୍ଷିୟା ଇଭା ଆନ୍ନା ବ୍ରାଉନ୫୬ ବର୍ଷୀୟ ଆଡୋଲ୍ଫ ହିଟଲରଙ୍କୁ ନିରାଡମ୍ବର ଆନୁଷ୍ଠାନିକ ଭାବେ ବିବାହ କରିଥିଲେ। ମାତ୍ର ଏହା ସଙ୍ଘଟିତ ହେବାର ୪୦ ଘଣ୍ଟାରୁ କମ ସମୟ ମଧ୍ୟରେ ଇଭା ଆନ୍ନାପାଉଲା ହିଟଲର ହଳାହଳ ସଇନାଇଡ ବିଷ ବଟିକା ଗିଳି ଓ ଆଡୋଲ୍ଫ ହିଟଲର ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ସବୁଠୁ ବଡକଥା ହେଉଛି, ଜର୍ମାନ ଜନସାଧାରଣ ଇଭା ଆନ୍ନା ବ୍ରାଉନ ଓ ଆଡୋଲ୍ଫ ହିଟଲରଙ୍କ ପ୍ରେମ ସମ୍ପର୍କ ବିଷୟରେ ସେମାନଙ୍କ ମୃତ୍ୟୁପୂର୍ବରୁ ଅବଗତ ନଥିଲେ। ଶକ୍ତିଶାଳୀ ହୁଅନ୍ତୁ ବା ଅସହାୟ ସମୟର ବିଚିତ୍ର ପ୍ରଭାବ କାହାକୁ କେବେ କେଉଁ ସ୍ଥିତିରେ କାହିଁକି ପକାଏ ତାହା ଏପର୍ଯ୍ୟନ୍ତ ଏକ ଅସମାହିତ ପ୍ରଶ୍ନ।

❖❖❖

# ବନ୍ଧନ



ISSN-2583-6978
Volume-4
Issue-10
OCTOBER-2024

**ଲିପ୍‌ସା ପଟେଲ**

**ଭବାନୀପାଟଣା**

ସବୁବେଳେ ଗୋଟିଏ ହିଁ ପ୍ରଶ୍ନ ।

ଯିଏ ଏଇ ପ୍ରଶ୍ନଟି ପଚାରେ ତା' ପାଇଁ ହୁଏତ ଏକ ସାଧାରଣ କଥା; କିନ୍ତୁ ଯାହାକୁ କରାଯାଏ ତା' ପାଇଁ ଏକ ଅଙ୍କୁଶ ହୋଇ ତାକୁ ଟାଙ୍ଗିଦିଏ ସମସ୍ତଙ୍କ ନିଷ୍ପତ୍ତି ଶୁଣିବାକୁ ଅବା କୋରଡା ପ୍ରହାର ପ୍ରାୟ କ୍ଷତ ଛାଡିଯାଏ ହୃଦୟରେ । ସବୁଠି ରୋଜାଲିନ୍ ସାମ୍ନା କରିଛି ଏଇ ଗୋଟିଏ ପ୍ରଶ୍ନକୁ । ସବୁଠି ମାନେ ସାଇ ପଡିଶା, ବନ୍ଧୁଙ୍କ ମହଲରେ, ସହକର୍ମୀଙ୍କ ଗହଣରେ, ଏପରିକି ଦୂରଯାତ୍ରା ସମୟରେ କିଛି ମୁହୂର୍ତ୍ତ ପାଇଁ ପରିଚିତ ହୋଇଥିବା ଲୋକଙ୍କ ପରିସରରେ। ପ୍ରତିଥର ଭାବେ, ସେ କାହିଁକି ଏହି ପ୍ରଶ୍ନର ସାମ୍ନା କରିବ ? ସେ ତ ସବାବଲମ୍ବୀ । ନିଜ ଇଚ୍ଛାରେ ଜୀବନ ଜିଇଁବ ;କିନ୍ତୁ ଏତିକି ବି ଭୁଲିପାରେନି ଯେ ଏଇ ସମାଜର ନିୟମମାଳାକୁ ଧାରଣ କଲେ ସାପ ପରି ଗୁଡେଇ ହୋଇ ଅଣନିଶ୍ୱାସୀ କରିପକାଇବ ଆଉ ନ କଲେ ବ୍ୟଭିଚାରିଣୀ ଆଖ୍ୟା ପାଇବ ।

ଗାଡି ଚଲାଉ ଚଲାଉ ରୋଜାଲିନ୍ ଅନ୍ୟମନସ୍କ ହୋଇଯାଇଥିଲା । ଗାରିମା ଓ ଆଲୋକର ବିବାହ ବାର୍ଷିକୀର ପାର୍ଟିରେ ପୁଣି ସେଇ ପ୍ରଶ୍ନ ଓ କିଛି କଟାକ୍ଷ ଏ ଅନ୍ୟମନସ୍କତାର କାରଣ । ଅନ୍ୟମାନଙ୍କର କଥାକୁ ଯେତେ ଅଣଶୁଣା କରିବା ପାଇଁ ଚେଷ୍ଟା କଲେ ସୁଦ୍ଧା ବାୟୁ ଘଣ୍ଟି ପରି କିଛି କିଛି ବ୍ୟବଧାନରେ ତା' କାନରେ ପିଟି ହେଉଥାଏ ଏସବୁ ଅନାବନା ଆଲୋଚନା । ଏ କିଛି ଦିନ ତଳେ ତା'ର ସହକର୍ମୀ ରଶ୍ମି ଦିନ ଦବିପ୍ରହରରେ ତା' ଘରେ ହାଜର । ଖୁସିଗପ କରିବାକୁ ନୁହେଁ ବରଂ ନିଜ ସ୍ୱାମୀର ଅତ୍ୟାଚାରରୁ ମୁକୁଳିବାର ବାଟ ଖୋଜିବା ପାଇଁ ସେ ରୋଜାଲିନର ସାହାଯ୍ୟ ଲୋଡିଥିଲା । କଲେଜରୁ ଫେରି ଦି'ମୁଠା ଖାଇ ଟିକିଏ ବିଶ୍ରାମ ନେବାକୁ ଗଲାବେଳେ ଦରଜା ବାଡେଇଲା ରଶ୍ମି । କଲିଂବେଲ ଥାଉ ଥାଉ କିଏ ଏମିତି ଅଭଦ୍ରଙ୍କ ପରି ଦରଜା ବାଡାଉଛି କହି ବିରକ୍ତ ହୋଇ ରୋଜାଲିନ୍ ଦରଜା ଖୋଲୁ ଖୋଲୁ ଦେଖିଲା ରଶ୍ମିର ଦେହସାରା ଦାଗ । କେଉଁଠି କ'ଣ ଦୁର୍ଘଟଣା ଘଟିଗଲା ବୋଲି ଆଶଙ୍କା କଲାବେଳେ ରଶ୍ମି ତାକୁ କୁଣ୍ଢାଇଧରିଲା । ସବୁକଥା କହିଲା । ରୋଜାଲିନ୍ ନିର୍ବାକ୍ ହୋଇ ତାକୁ ଅନାଇ ରହିଥିଲା । ନିଜେ ସବାବଲମ୍ବୀ ହୋଇ ଏମିତି ସବାମୀର ଅତ୍ୟାଚାର ସହ୍ୟ କରିବା କେତେଦୂର ଯୁକ୍ତିଯୁକ୍ତ ?

ରଶ୍ମିକୁ ଖାଇବା ଦେଇ ତା' ପରିବାର ସହ ଏ ବିଷୟରେ ଖୋଲାଖୋଲି କଥାବାର୍ତ୍ତା କରିବାକୁ ସେ ପରାମର୍ଶ ଦେଇଥିଲା । କିନ୍ତୁ ରଶ୍ମି ଘରଲୋକ ତାକୁ ଓଲଟି ନିଜ ସବାମୀ ପାଖକୁ ଫେରିଯିବା ପାଇଁ କହିଲେ । ଆଶ୍ଚର୍ଯ୍ୟ ! ସବୁବେଳେ ସ୍ତ୍ରୀଲୋକଟିଏ ହିଁ ସବୁଥିରେ ଦୋଷୀ ଓ ସବୁବେଳେ ସେ ହିଁ ସାଲିସ୍ କରିଚାଲେ କାହିଁକି ? ରଶ୍ମି ଆଉ ତା' ସବାମୀ ପାଖକୁ ଫେରିଯିବା ପାଇଁ ରାଜିନଥିଲା । କଲେଜ ଅଧ୍ୟକ୍ଷଙ୍କ ସହ କଥା ହୋଇ କବାଟରର ବ୍ୟବସ୍ଥା କରିବା ବୋଲି ରୋଜାଲିନ୍ ସାନ୍ତବନା ଦେଇଥିଲା । ସେତିକି ଦିନଯାଏଁ ରଶ୍ମି ନିସଙ୍କୋଚ ତା' ସହ ରହିପାରିବ ବୋଲି ମଧ୍ୟ କହିଥିଲା ।

- ରୋଜାଲିନର କଥା ଶୁଣି ରଶ୍ମି ମଧ୍ୟ କହିଥିଲା, ତୁ ବାହାସାହା ହୋଇନୁ,ଭଲ କରିଛୁ । ଜଣେ ଜୀବନସାଥୀର କାନ୍ଧରେ ମନକୁ ହାଲୁକା କରିବାର ଚେଷ୍ଟା କରୁ କରୁ ଯଦି କୌଣସି ଜହ୍ଲାଦର ହାବୁଡରେ ପଡୁ, ତେବେ ସର୍ବନାଶ ! ତୁ ପ୍ରକୃତରେ ସୁଖୀ, ରୋଜାଲିନ୍ ।

ରୋଜାଲିନ୍ ଏକ ସ୍ମିତହାସ୍ୟ ଦେଇ ମନେପକାଇଥିଲା ତା' ପିଲାଦିନର ବାନ୍ଧବୀ ନମ୍ରତାର ଥଟ୍ଟା ପରିହାସ । ମଝିରେ ମଝିରେ ନମ୍ରତା ଫୋନ୍ କରେ । ସେ ତା' ସ୍ୱାମୀ ଓ ଦୁଇ ପିଲାଙ୍କ ସହ ପୁନେରେ ରହୁଛି । ସବୁବେଳେ ଫୋନ୍ କଲେ ଯାବତୀୟ କଥାବାର୍ତ୍ତା ସହ ରୋଜାଲିନକୁ ଶୀଘ୍ର ବାହା ହୋଇଯିବାକୁ ଉପଦେଶ ହିଁ ଦିଏ । ଏଥର କିନ୍ତୁ ମଜାରେ ପଚାରିଦେଲା, ତୁ ଆଉ କାହାକୁ ଅପେକ୍ଷା କରିନୁ ତ ରୋଜି ? ଚାଉଁକଲା ରୋଜାଲିନର ଛାତି । ପିଲାଦିନୁ ସେ

ତାକୁ ଦେଖି ଆସିଛି, ତା'ସହ ଏତେ ମିଶିଛି ଆଉ ଏବେ ଏମିତି ଆକ୍ଷେପ ? ପୁଣି ନିଜ ପ୍ରଶ୍ନକୁ ସୁଧାରିବାକୁ ଯାଇ କହିଥିଲା, ଗାଁରେ ସମସ୍ତେ କହୁଛନ୍ତି ତୁ କୁଆଡେ ତୁମ କଲେଜର କୋଉ ଟୋକା ଅଧ୍ୟାପକ ସହ ସମ୍ପର୍କରେ ଅଛୁ। କିଛି ନ କହି ସେଦିନ ଫୋନ୍ କାଟିଦେଇଥିଲା ରୋଜାଲିନ୍। ଆଉ ତା'ପରେ ନମ୍ରତାର ଫୋନ୍ ଆସିନି।

ବେକରେ ମଙ୍ଗଳସୂତ୍ରଟିଏ, ସିନ୍ଥିରେ ସିନ୍ଦୂର ଓ ହାତରେ ଦି'ପଟ ଶଙ୍ଖା ପିନ୍ଧିଲାନି ବୋଲି ଲୋକ ତା'ର ଚରିତ୍ର ବିଶ୍ଳେଷଣ କରିବାକୁ ଲାଗିଲେଣି। ଚାହିଁଲେ ସେ କ'ଣ ଏବେ ବାହା ହୋଇ ପାରିବନି ? କେତେ ଅବା ବୟସ ତା'ର ? ଆସନ୍ତା ଜୁନ୍ ମାସରେ ତାକୁ ବୟାଳିଶ ହେବ। ପ୍ରୌଢା କନ୍ୟାମାନେ କ'ଣ ବାହା ହେଉନାହାନ୍ତି ? କିନ୍ତୁ ସେ ଯେଉଁ ଜୀବନରେ ଖୁସି ତାକୁ ସେଥିରେ ରହିବାକୁ ନ ଦେଇ କୁଢ କୁଢ ପ୍ରଶ୍ନ କାହିଁକି ?

ସାମ୍ନାରେ ଛୋଟ ପିଲାଟିର କାନ୍ଧ ଓ ତା'ଉପରେ କାର୍ ଲାଇଟ୍ ପଡିଲା ପରେ ସଙ୍ଗେ ସଙ୍ଗେ ବ୍ରେକ୍ ମାରିଦେଲା ରୋଜାଲିନ୍। କାର୍‌ରୁ ଓହ୍ଲାଇ ପିଲାଟିକୁ ଦେଖିବା ପାଇଁ ଧାଇଁଗଲା। ଯା'ହେଉ ! କିଛି ହୋଇନି ତା'ର। ହେ ଭଗବାନ ! ଗୋଟିଏ ବଡ ବିପଦରୁ ରକ୍ଷା କରିଦେଲ ଅନ୍ୟଥା ଏବେ ଜଣଙ୍କର ଜୀବନ ଚାଲିଯାଇଥାନ୍ତା ! ଚାରିପଟେ ଆଖି ବୁଲାଇଲା ପରେ ଦୂରରେ ଦେଖାଯାଉଥିଲା କିଛି ବଲ୍‌ବ ଆଲୁଅ। ସେ ଅନୁମାନ କରିପାରିଲା ଏଇ ପାଖରେ ନିଶ୍ଚୟ କୌଣସି ବସ୍ତି ଅଛି। ଏଇ ପିଲାଟି ହୁଏତ ସେଇ ବସ୍ତିର। କିନ୍ତୁ ଏତେ ରାତିରେ ଏଡିକି ଛୋଟ ପିଲାଟା କେମିତି ରାସ୍ତା ଉପରକୁ ଆସିଲା ? ଆଖପାଖରେ ତା'ର କେହି ଥାଇପାରେ ଭାବି ଡାକଦେଲା ରୋଜାଲିନ୍। ତଥାପି କୌଣସି ଉତ୍ତର ଆସିଲାନି। ଏବେ କ'ଣ କରିବ ? ଏମିତି ରାସ୍ତାରେ ତାକୁ ଛାଡ଼ି ଦେଇ ଚାଲିଯିବା ନିହାତି ଅମାନବୀୟ ଆଚରଣ ହେବ। ତେଣୁ ସେ କାର୍ ତାଲା ଦେଇ ପିଲାଟିକୁ କାଖେଇ ସେଇ ବସ୍ତି ପଟେ ଚାଲିଲା।

ବସ୍ତିରେ ଗୋଟିକିଆ ଘରସବୁ ଧାଡି ଧାଡି ହୋଇ ରହିଥିଲା। ପ୍ରାୟତଃ ପଲିଥିନ୍ ଢଙ୍କାହୋଇଥିଲା ସମସ୍ତଙ୍କ ଛାତରେ। କାଁ ଭାଁ ଗୋଟେ ଦି'ଟା ଖପର ଘର। ଗୋଟିଏ ଲେଖାଏଁ ବଲବ୍ ସମସ୍ତଙ୍କ ଘର ସାମ୍ନାରେ ସରକାରୀ ସହାୟତାର ସାକ୍ଷ୍ୟ ଦେଉଥିଲା। ପୂରାପୂରି ଶୂନଶାନ୍ ବସ୍ତି। ବସ୍ତିର ନକ୍ସାରୁ ଜଣାପଡୁଥିଲା ଏଇଟା ନିହାତି ଶ୍ରମିକଙ୍କ ବସ୍ତି ହିଁ ହୋଇଥିବ। ଏଇଠି ରାତି ଏଗାରଟା ଯାଏଁ କିଏ ଅବା ଚେଇଁ ରହିଥିବ ? ଅଣଓସାରିଆ ରାସ୍ତାରେ କୁକୁର ଭୁକିବା ଆଉ କିଛି ହେଲେ ଶବ୍ଦ ଶୁଣିବାକୁ ମିଳୁନଥିଲା।

ହଠାତ୍ କାହାର ଖସ୍ ଖସ୍ ପାଦ ଶବ୍ଦରେ ପଛକୁ ବୁଲି ଚାହିଁଲା ରୋଜାଲିନ୍। ଗୋଟିଏ ଛାଇ ଲମ୍ବିଯାଉଛି ବସ୍ତି ଭିତରକୁ...... ଆହୁରି ଭିତରକୁ। ପାଣି ପଚ୍ ପଚ୍ ରାସ୍ତା, ଅଳିଆ ଓ ଦୁର୍ଗନ୍ଧରେ ନାକ ଫାଟିପଡୁଥିଲା ; ତଥାପି ପିଲାଟିକୁ ଧରି ସେ ଦ୍ରୁତଗତିରେ ଆଗେଇ ଚାଲିଲା। ସେ ଆଉ ଲକ୍ଷ୍ୟ କରିନଥିଲା ପିଲାଟି କେତେବେଳୁ ତା' କାନ୍ଧରେ ଶୋଇପଡିଛି। ଆଖି ସାମ୍ନାରୁ ଛାଇଟି ବି ପ୍ରେତାତ୍ମା ପରି ଉଭେଇଗଲାଣି। ଏବେ ତା'ପାଖରେ ଗୋଟିଏ ହିଁ ଉପାୟ। ପାଖ କୁଡିଆର କବାଟକୁ ମୃଦୁ ଆଘାତ ଦେଲା। ବାରମ୍ବାର ଠକ୍ ଠକ୍ କଲା ପରେ କେହିଜଣେ ବିରକ୍ତ ହୋଇ ବିଳିବିଳେଇ ବାହାରକୁ ବାହାରିଲା। ପିଲାଟିକୁ ଦେଖାଇ ତାକୁ ତା' ବିଷୟରେ ପଚାରିଲା। ଲୋକଟା କହିଲା, ବାୟାଣୀ ବୁଢୀ ହାବୁଡରେ ତେବେ ଆଜି ତୁମେ ହିଁ ପଡିଛ ମ୍ୟାଡମ୍।

– ମାନେ ?

ରୋଜାଲିନର ଦ୍ୱନ୍ଦ ଦୂରେଇଦେବାକୁ ଲୋକଟା ତାକୁ ବସ୍ତି ଭିତରକୁ ନେଇଗଲା। ଗୋଡ ଟେକି ଟେକି ନାକରେ ରୁମାଲ୍ ଓ ଅନ୍ୟ ହାତରେ ପିଲାଟିକୁ ସମ୍ଭାଳି ରୋଜାଲିନ୍ ଚାଲୁଥିଲା। ଗୋଟିଏ ଭଙ୍ଗାଦଦରା କୁଡିଆ ସାମ୍ନାରେ ଲୋକଟି ଅଟକିଗଲା ଓ ଆଈ..... ଆଈ..... ବୋଲି ଡାକିଲା। କେତେ କଷ୍ଟରେ ବୁଢୀ ଦରଜା ଖୋଲିଲା। ଯେଉଁ ଚଦରଟା ଘୋଡି ହୋଇଥିଲା ରୋଜାଲିନ୍ ତାକୁ ଦେଖି ଜାଣିଗଲା ଯେ ତା' ପଛରେ ଯେଉଁ ଛାଇଟି ଥିଲା ସେଇଟା ଏଇ ବୁଢୀର ହିଁ ଥିଲା। କିଛି ନ ଜାଣିଲା ପରି ବୁଢୀ ବକ୍ ବକ୍ ହୋଇ ସେମାନଙ୍କ ମୁହଁକୁ ଅନାଇଲା। ଲୋକଟା ପିଲାଟିକୁ ରୋଜାଲିନର କାନ୍ଧରୁ ନେଇ ବୁଢୀ ହାତକୁ ବଢାଇଦେଲା। ସମ୍ଭାଳ ତୋ ନାତିକୁ। ସବୁଦିନେ ତୋର ଏଇ ପାଲା। ଏତକ କହି ଲୋକଟି ଚାଲିଗଲା। ରୋଜାଲିନ୍ ମଧ୍ୟ ଲୋକଟିକୁ ଅନୁସରଣ କଲା ବେଳେ ବୁଢୀ ତାକୁ ପଛରୁ ଡାକିଲା। ଏକ ଲୟରେ ସେଇ କ୍ଷୀଣ ବଲବ୍ ଆଲୁଅରେ ତାକୁ ନିରେଖି ନେଲା।

– ପୁଣି ରୋଜାଲିନକୁ ସେଇ ପ୍ରଶ୍ନ କଲା ଯାହା ସାରା ଦୁନିଆ ତାକୁ କରେ। ତୁ ବାହାସାହା ହୋଇନୁ କି ?

– ବୁଢୀକୁ କୌଣସି ଉତ୍ତର ଦେବା ପାଇଁ ଚାହୁଁ ନଥିଲା ରୋଜାଲିନ୍। ତେଣୁ ସେ ପୁଣି ଫେରିଯିବା ପାଇଁ ପାଦ ବଢାଇଲା ବେଳେ ବୁଢୀ ତା' ସାମ୍ନାକୁ ଆସି ବାଟ ଓଗାଳି କାକୁତି ହେଲା, ତୁ ଏ ପିଲାକୁ ନେଇଯା'। ସବୁଦିନ ରାସ୍ତାରେ ତାକୁ ମରିବା ପାଇଁ ଛାଡିଦେଇ ଆସିପାରିବିନି। ଦୁଇ ବର୍ଷ ହେଲା ତା' ମା, ବାପା ଗଲା ପରେ ମୁଁ ହିଁ ତାକୁ ସମ୍ଭାଳୁଛି। କାଳିକି ମରି ହଜିଗଲେ କିଏ ଯା'କୁ ସାହା ହେବ ? ଏମିତି ରାସ୍ତାରୁ ଉଠାଇ କିଏ ତ କାଇଁ ଏତେ ଦିନ ଭିତରେ ଆମ ବସ୍ତିକୁ ଆସିନି। ତୁ ହିଁ ଆସିଲୁ। ଠାକୁରେ ତୋତେ ଯା'ରି ପାଇଁ ପଠାଇଛନ୍ତି। ତୁ ଯା'କୁ ନେଇଯା'। ଯେକୌଣସି ମତେ ରୋଜାଲିନ୍ ବୁଢୀ ହାବୁଡରୁ ମୁକୁଳିଆସିଲା। କିନ୍ତୁ ଘରକୁ ପହଞ୍ଚିବା ଯାଏଁ ସେଇ ଚିନ୍ତାରେ ଘାରି ହେଉଥାଏ।

ଘରକୁ ଫେରି ଆସିଥିଲେ ସୁଦ୍ଧା ବୁଢୀର କଥା ବାରମ୍ବାର ତା'

କାନରେ ପିଟି ହେଉଥାଏ। ସେଇ କଅଁଳିଆ ପିଲାଟିର ହାତର ଉଷ୍ମତାକୁ ଏବେ ପର୍ଯ୍ୟନ୍ତ ଅନୁଭବ କରୁଥିଲା ରୋଜାଲିନ୍। ରଶ୍ମି ତା'ର କବାଟସରକୁ ଚାଲିଯାଇଛି ଅନ୍ୟଥା ତାକୁ ପଚାରିଥାନ୍ତା। ପରଦିନ କଲେଜ ପିଲାଙ୍କର ସେମିନାର। ସେ ଲୁଗା ବଦଳାଇ ଶୋଇବାକୁ ଚାଲିଗଲା। ବିଶ୍ରାମ ନ ନେଲେ ସେ ସକାଳୁ ସକାଳୁ ପୁଣି ମୁଣ୍ଡ ବିନ୍ଧାର ଶିକାର ହେବ। କଲେଜରେ ସେମିନାର୍ ପରେ ରଶ୍ମି ସହ ସେ ପିଲାଟି ବିଷୟରେ ଆଲୋଚନା କଲା। ରୋଜାଲିନର ପ୍ରସ୍ତାବ ଶୁଣି ରଶ୍ମି ଚମକିପଡିଲା। ତଥାପି ତା' କଥା ମାନି ସେଇ ଶ୍ରମିକ ବସ୍ତିକୁ ଯିବା ପାଇଁ ରାଜି ହେଲା।

ରବିବାର ଅପରାହ୍ନ ସମୟରେ ରୋଜାଲିନ୍ ଓ ରଶ୍ମି ଦୁହେଁ ସେଇ ବସ୍ତିକୁ ଗଲେ। ସେଇ ରାତିର କଥା ମନେ ପକାଇ ପକାଇ ବୁଢୀର ଘର ଖୋଜିନେଲା ରୋଜାଲିନ୍। ତା' ଘର କବାଟଟା ଆଉଜା ହୋଇଛି, ମାତ୍ର ଡାକିଲେ କେହି ଶୁଣୁନାହାନ୍ତି। ପାଖ ଘରୁ ଜଣେ ବାହାରି କହିଲା, କିଏ ଆଉ ସେଇ ଘରେ ଅଛି ଯେ ଡାକୁଛନ୍ତି। ବୁଢୀ ତ ଦୁଇ ଦିନ ତଳେ ମରିଗଲା। ତା' ନାତିକୁ ଏଇ 'ସହାୟ' ଅନାଥ ଆଶ୍ରମରେ ଆମ ବସ୍ତିର କିଛି ଲୋକ ଛାଡି ଦେଇ ଆସିଲେ। ରୋଜାଲିନ୍ ଆଖିରେ ଲୁହ। ସଙ୍ଗେ ସଙ୍ଗେ ସେ ଅନାଥ ଆଶ୍ରମ ପଟେ ଗାଡି ମୁହାଁଇଲା। ବୁଢୀ କେମିତି ଜାଣିଲା ପରି ତାକୁ ନେହୁରା ହେଉଥିଲା ? ଆହା !

ଅନାଥ ଆଶ୍ରମର ଗେଟ୍ ଖୋଲି ଭିତରକୁ ପସୁ ପସୁ ରୋଜାଲିନର ଆଖି ଖୋଜୁଥିଲା ସେଇ କୁନି ପିଲାଟିକୁ। ସେଇଠି ଜଣେ କର୍ମଚାରୀ ଆସି ସେମାନଙ୍କ ସହ କଥାବାର୍ତ୍ତା କଲେ ଓ ଅଫିସ୍ ପଟେ ନେଇଗଲେ। ତାଙ୍କ ଆଶ୍ରମ ମୁଖ୍ୟଙ୍କୁ ରୋଜାଲିନ୍ ଗୋଟିଏ ଦରଖାସ୍ତ ଲେଖି ପିଲାଟିକୁ ଆପଣେଇ ନେବା ପାଇଁ ଆବେଦନ କରିଥିଲା। କିନ୍ତୁ ଏଇଠି ବି ସେଇ ପ୍ରଶ୍ନ। ସେ ଅବିବାହିତା ଓ ଚାକିରିଆ। ତେଣୁ ସେମାନେ ତାକୁ କିଛି ସମୟ ଦେବେ। ଜଣେ ଆଶ୍ରମ କର୍ମଚାରୀ ତା' ସହ ରହି ନିରୀକ୍ଷଣ କରିବେ ଯେ ରୋଜାଲିନ୍ ପିଲାଟିକୁ କେମିତି ସମ୍ଭାଳୁଛି। ତା'ପରେ ହିଁ ବିଚାର କରାଯିବ। ରୋଜାଲିନ୍ ମୁହଁ ଶୁଖାଇ ପିଲାଟିକୁ ଦେଖିବା ପାଇଁ ନିବେଦନ କଲା। ପରଦିନ ଆଶ୍ରମ କର୍ମଚାରୀ ପିଲାକୁ ଧରି ତା' ଘରକୁ ଯିବେ ଓ ଗୋଟିଏ ସପ୍ତାହ ରହିବେ ବୋଲି ଆଶ୍ରମ ମୁଖ୍ୟ କହିସାରିଥିଲେ।

– ଆଶ୍ରମରୁ ଫେରିଲା ବେଳେ ହତାଶଭରା ସ୍ୱରରେ ରଶ୍ମିକୁ ସେ ନିଜ ମନକଥା କହିଚାଲିଥିଲା,ଏତେ ବର୍ଷରୁ ସେ କେତେ ପରୀକ୍ଷା ଦେଇ ଆସିଛି। ପି.ଏଚ୍.ଡି ମଧ୍ୟ ସରିଗଲା ; କିନ୍ତୁ ଏତେ ସ୍ୱର୍ଶକାତର ପରିସ୍ଥିତି କେବେ ସେ ଭୋଗିନି। ଜୀବନର ଏ୍ୱ ପରୀକ୍ଷାରେ ସେ ଉନ୍ନୀତ ହୋଇଯିବ ତ ?

– ରଶ୍ମି ତାକୁ ବୁଝାଇବା ପାଇଁ କହୁଥିଲା, ସେ ଆଉଥରେ ଏ ଦିଗରେ ଚିନ୍ତା କରୁ। ଆଗକୁ ତା'ର ଭବିଷ୍ୟତ। ଗୋଟିଏ ପିଲାର ଦାୟିତ୍ୱ ନେବା ଏତେ ସହଜ ମଧ୍ୟ ନୁହେଁ। ଯେଉଁ ଝିଅ କୌଣସି ବନ୍ଧନରେ ବାନ୍ଧି ହେବାକୁ ଇଚ୍ଛୁକ ନଥିଲା, ସେ ଏମିତି ହଠାତ୍ ଗୋଟିଏ ଅଜଣା ପିଲାର ଦାୟିତବ ମୁଣ୍ଡାଇବା ଠିକ୍ ହେବ ନା ନାଇଁ ?

ରୋଜାଲିନ୍ କିନ୍ତୁ ଏବେ ଏଇ ବନ୍ଧନରେ ବାନ୍ଧି ହୋଇ ରହିବାକୁ ବ୍ୟାକୁଳ ହୋଇ ଉଠୁଥିଲା। ପରଦିନ ଆଶ୍ରମ କର୍ମଚାରୀ ସହ ପିଲାଟି ଆସିଲା। ତାକୁ କୋଳେଇ ନେଇ କେତେ ଗେଲ କରିଦେଲା। ଘରସାରା ତା' ପାଇଁ ବିଭିନ୍ନ ପ୍ରକାରର ଖେଳଣା ସଜା ହୋଇଥିଲା। ନିଜେ ରୋଷେଇ କରି ତାକୁ ଖୁଆଇଦେଲା, ପାଖରେ ଶୁଆଇଲା। ତା' କଲେଜ ସମୟରେ ତା' ଚାକରାଣୀ ସେଇ କିଛି ଘଣ୍ଟା ତାକୁ ସମ୍ଭାଳିବ ବୋଲି ତା' ସହ କଥାବାର୍ତ୍ତା କରିସାରିଥିଲା। ସେହି ଆଶ୍ରମରୁ ଯାଇଥିବା ମହିଳାଜଣକ ମଧ୍ୟ ଗୋଟିଏ ସପ୍ତାହ ତାଙ୍କ ସହ ରହିଲେ। ଫେରିଲା ବେଳେ ପିଲାଟିକୁ ସାଥିରେ ନେଇଯିବା ପାଇଁ ତାଙ୍କୁ ନିର୍ଦ୍ଦେଶ ମିଳିଥିଲା, ମାତ୍ର ପିଲାଟି ରୋଜାଲିନକୁ ଛାଡି ଯାଇନଥିଲା। ଜବରଦସ୍ତି ନେବା ପାଇଁ ଚେଷ୍ଟା କଲାବେଳେ ଖୁବ୍ କାନ୍ଦିଲା। ସେଇ ମହିଳା କର୍ମଚାରୀ ଆଶ୍ରମ ମୁଖ୍ୟଙ୍କୁ ଫୋନ୍ କରି ସବୁ ଜଣାଇଲେ। କିଛି ସମୟ ପରେ ରୋଜାଲିନକୁ ଫୋନ୍ ଆସିଲା ଯେ ପିଲାଟିର ତା' ପ୍ରତି ଅହେତୁକ ମୋହ ତାକୁ ଏ ପରୀକ୍ଷାରେ କୃତକାର୍ଯ୍ୟ କରାଇଛି। ସେ ଆଶ୍ରମକୁ ଆସି ସବୁ କାଗଜପତ୍ରରେ ଦସ୍ତଖତ କରିଦେବ ଓ ଜଣେ ଓକିଲଙ୍କୁ ମଧ୍ୟ ସାଥିରେ ନେଇ ଆଇନ ଅନୁଯାୟୀ କିଛି ଦସ୍ତାବିଜ ପ୍ରସ୍ତୁତ କରିଦେଲେ ସବୁଦିନ ପାଇଁ ପିଲାଟିକୁ ସେ ନିଜ ସହ ରଖିପାରିବ।

ରୋଜାଲିନ୍ ରଶ୍ମିକୁ ଫୋନ୍ କଲା, ମାତ୍ର କଥା କହିପାରୁନଥିଲା। ଖୁସିରେ ଗଦ୍ ଗଦ୍ ହୋଇ ସେ ବାକଶୂନ୍ୟ ହୋଇଯାଇଥିଲା। ପିଲାଟି ତା' କାନ୍ଧରେ ମୁଣ୍ଡ ରଖି ସେଇ ରାତି ଭଳି ଶୋଇସାରିଥିଲା। କେବେ କୌଣସି ବନ୍ଧନରେ ବାନ୍ଧି ନ ହେବାର ଚେଷ୍ଟା କରୁ କରୁ, ସମସ୍ତଙ୍କୁ ସେଇ ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ଦେଇ ଥକିସାରିଥିବା ରୋଜାଲିନ୍ ଆଜି ଏ ପିଲାଟିର ବନ୍ଧନରେ ଚିରଦିନ ପାଇଁ ବନ୍ଦୀ ହୋଇସାରିଥିଲା।

❖❖❖

# ଆଠ ଋତୁ



ISSN-2583-6978
Volume-4
Issue-10
OCTOBER-2024

**ରତ୍ନପ୍ରଭା ବାଇ**

........,

ସବୁ ଦିନ ପରି ମୁହଁ ସଞ୍ଜ ବେଳକୁ ଶ୍ରୀ ଭଗବାନ ରଥ ବାହାରି ପଡ଼ିଲେ ଗାଁ ଚଉପାରି ପାଖ ଭାଗବତ ଟୁଙ୍ଗି ଆଡ଼େ। ଶୀତ ଲାଗୁଥିବାରୁ ଚଦର ଖଣ୍ଡେ ଦେହରେ ଘୋଡ଼ି ହୋଇ। ମୁଣ୍ଡରେ ଠେକାଟିଏ ଭିଡ଼ିଥାନ୍ତି। ପୁଷ ମାସିଆ ଦିନ ଛୋଟ। ବେଳ ନ ବୁଡୁଣୁ ହାଡ଼ ଭଙ୍ଗା ଜାଡ଼ରେ ଦେହ ଥରି ଯାଉଚି। ବାଟରେ ଭେଟ ହୋଇଗଲା। ଭୋଳା ସାଥିରେ। ସେ ତ ଆଗରୁ ଭଗବାନ ରଥଙ୍କ ଖଳା କ୍ଷେତ କାମ କରୁଥଲା। ଅତି ସଚ୍ଚୋଟ ଲୋକଟିଏ। ଯା'ର କାମ କରିବ ନିଘା କରି ବିଶ୍ୱାସର ସହିତ କାମ କରିବ। ସେଇଥିପାଇଁ ସାଇ ପଡ଼ିଶାରେ ତା'ର ଆଦର ଯାହାକୁ ଯେତେ। ରଥଙ୍କୁ ଦେଖି ଭୋଳା ଜୁହାର ଟିଏ ପକେଇଲା।

କିରେ ଭୋଳା, ତୋର କ'ଣ ଦି, ମାସ ହେଲା ଦେଖା ଦରଶନ ନାହିଁ। ଟାଉନ ଆଡୁ ଆସୁଚୁ ନା କ'ଣ ?

ହଁ, ରଥେ, ଏଇତ କାମ ସାରି ଫେରୁଛି। ତମେ ଭଗବାନ ଟୁଙ୍ଗି ଆଡ଼େ ଯାଉଚ ନାଁ ? ଏତେ ବେଳେ ମୁଁ ଆଉ ଯିବି କୁଆଡ଼େ, ତୁ ତ ଜାଣିଚୁ ସଞ୍ଜ ଦି ଘଡ଼ି ମୁଁ ସେଇ ଭାଗବତ ଟୁଙ୍ଗିରେ ବସେ। ରଥେ ଉତ୍ତର ଦେଲେ। କହିଲେ ଯା' ହେଉ ତୋ ସାଥିରେ ଆଜି ଦେଖା ହେଲା। ଘର ଆଡ଼େ ଯିବୁ। କେତେ ଅଳପ କାମ ଥିଲା। ତୋର ଦେଖା ପାଉନଥିଲି, କାମ ରହିଯାଇଛି ?

କହୁନ ରଥେ ଆଜ୍ଞା କେମିତି ଦେଖା ହେବ। ଏଇ ମଗୁଶୁର ପୁଷ ଦି ମାସ ତ ଧାନ ଅମଳର ବେଳ। ଧାନ କାଟି ମଜୁରୀ ନେଇ ଘରକୁ ଫେରିଲା ବେଳକୁ ମୁହଁ ସଞ୍ଜ। ଘରେ ପହଞ୍ଚିଲା ପରେ କ'ଣ ଗଣ୍ଡେ ଖାଇ ଦେଇ ବିଛଣା ଧରେ। ଆଉ ତମ ସାଙ୍ଗେ ଦେଖା ହେବ କେମିତି।

ତୋର ସବୁ ଭଲ ତ ? ରଥେ ପଚାରିଲେ।

ଭଲ ଆଉ କ'ଣ ଆଜ୍ଞା। ଆମେ ହେଲୁ ଗରିବ ଲୋକ। ଆଜିକାଲି ଯେଉଁ ଭଳି ସବୁ ଦରବର ଦରଦାମ ଘୁ ଘୁ ବଢୁଛି ପରିବାର ଧରି ଚଳିବା ଭାରି ଦହଗଞ୍ଜ।

ଏଇ ଟଙ୍କିକିଆ ଚାଉଳ ଗଣ୍ଡିଏ ଆମ ପାଇଁ ଯାହା ଶସ୍ତା ହେଇଛି। ଏଇମିତି ଯଦି ତେଲ ଲୁଣ, ଡାଲି, ଅଟା, ପନିପରିବା, ଲୁଗାପଟା ଇତ୍ୟାଦି ଶସ୍ତାରେ ମିଳନ୍ତା, ଆମେ ଗରିବ ଗୁରୁବା ଭଲରେ ଟିକିଏ ବଞ୍ଚିପାରନ୍ତୁ।

ତମ ଗରିବମାନଙ୍କ ପାଇଁ ଆଉ କେତେ ଶସ୍ତା ହେବ କିରେ। ବିପିଏଲ୍ ଖାତାରେ ତମ ନାଁ ଅଛି ବୋଲି ଚାଉଳ, ଛତା, କମ୍ବଳ, ପାଇଲ ମାଗଣାରେ। ପିଲେ ତମର ପାଠ ପଢିଲେ ମାଗଣାରେ ବିଜୁଳି ବତୀ, ଇନ୍ଦିରା ଆବାସ ପାଇଲ ମାଗଣାରେ। ଏବେ ତ ପୁଣି ଜାଳେଣି ଗ୍ୟାସ ପାଇଲ। ପାଣି ପାଇଖାନା, ରାସ୍ତାଘାଟ ସବୁ ସୁବିଧା କେବଳ ତମ ଗରିବ ଗୁରୁବା ମାନଙ୍କ ପାଇଁ ପୁଣି ଆଉ କ'ଣ ପାଇବା କଥା କହୁଚୁ। ରଥେ କହିଲେ।

ହଁ, ରଥେ ପାଉଚୁ ହେଲେ ଭୋଅଟ ଋତୁରେ ଯେତିକି ଗାନ କରନ୍ତି, ନେତାମାନେ ସେତିକି ଦାନ ମିଳେନି। ମିଳେ ଖାଲି ପ୍ରତିଶ୍ରୁତି। ସବୁ ପାର୍ଟିର ନେତାମାନେ ଭଲରେ ଭେଲ ପୁରାନ୍ତି। ସେଇମ, ପହିଲେ ମାଇକରେ ମୁହଁ ନଗେଇ ମାତୃଭୂଇଁକି ମୁଣ୍ଡିଆ ମାରିବେ। ତା' ପରେ ଉପସ୍ଥିତ ଗୁରୁଜନ, ଛୋଟବଡ଼ ଭାଇ ଭଉଣୀ, ତା' ପରେ ତ ଖାଲି ପ୍ରତିଶ୍ରୁତି ବାଣ୍ଟିବେ ଆଉ ତା' ପରେ...

ତା' ପରେ ତା'ପରେ କ'ଣ ? ରଥେ ପଚାରିଲେ।

ତା' ପରେ ତ ପରସ୍ପର ପାର୍ଟିର ଖୋଲିବ ଗୁମର କଥା। କିଏ କେତେ ଖାଇଚି କିଏ କେତେ ମାରିଚି। ସରକାରୀ ଟଙ୍କାରେ କିଏ କେତେ ଥର ବିଦେଶ ଯାଇଚି। ଭୁବନେଶ୍ୱରରେ ସରକାରୀ ଜାଗା କିଏ ଦଖଲ କରିଚି। ଏମିତି କେତେ କ'ଣ। ଗୋଇ ଖୋଳାଖୋଳି ଇତ୍ୟାଦି।

ତୁ ଠିକ୍ କହୁଚୁରେ ଭୋଳା। ସେତିକି ବେଳେ ତ ଭୋଟ ଖଣ୍ଡେ ପାଇଁ ସେମାନେ ଶତ୍ରୁ ସାଙ୍ଗରେ ହାତ ମିଳାଇ ଦିଅନ୍ତି।

ରଥେ, ମନେ ମନେ ଭାବୁଥିଲେ-

-ଭୋଳା, ଚାଟଶାଳିରେ ଅଇଁଠୁ ଅବଧାନଙ୍କ ପାଖରେ ମଧୁ ବର୍ଣ୍ଣବୋଧ ଖଣ୍ଡିଏ ସାରିଥିବ। ସ୍କୁଲର ହତା ମାଡ଼ିନି। ଯଦି ପାଠ ଦି ଅକ୍ଷର ଭଲରେ ପଢିଥାନ୍ତା ସେତିକିରେ ବିଧାୟକ, ମନ୍ତ୍ରୀ କି ମୁଖ୍ୟମନ୍ତ୍ରୀ ଟେ ହୋଇ ପାରିଥାନ୍ତା। ଅଳପ ପାଠ ପଢିଚି ସିନା, ବହୁତ କଥା ବୁଝି ପାରୁଛି। କେବଳ ଲଢ଼ି ପାରୁନି କି ଆଗକୁ ବଢି ପାରୁନି।

କ'ଣ ଭାବୁଚ ରଥେ। ମୋ କ'ଥା କ'ଣ ବୁଝା ପଡୁନି ?

ନାହିଁ ମ ତୁ ଏମିତି କି କଥା କହୁଚୁ ଯେ । ରଥେ ନ ଜାଣିଲା ପରି କହିଲେ।

ଦେଖୁନ ରଥେ, ଏଇ ଗତ ଥର ଭୋଟ ବେଳେ ରାସ୍ତା ଘାଟ, ଦୋକାନ ବଜାର ସବୁଠି କେମିତି ସବୁ ଦଳର ଚର୍ଚ୍ଚା ଆଉ ଚର୍ଚ୍ଚା ଚାଲିଥିଲା। ସବୁ ନେତା ନେତରୀମାନଙ୍କୁ ସେତିକି ବେଳେ ଲୋକେ ନିଜ ଘରେ ବସି ଦେଖିବାକୁ ପାଇବେ। ଆଉ ଭୋଟ ସରିଲେ କାହରି ଦେଖା ମିଳେନି। ସବୁ ପ୍ରତିଶ୍ରୁତି ତାଙ୍କର ଧୀରେ ଧୀରେ ପାଣିଚିଆ ହୋଇ ଫିକା ପଡିଯାଏ। ଲୋକେ ପାଞ୍ଚ ଜଣ ଯାଏ ପୁଣି ଚାହିଁଥିବେ ସେଇ ଭୋଅଟ ସମୟକୁ। ନେତା ନେତିରରୀମାନଙ୍କ ଲହୁଣୀ ମରା କଥା ପଦିଏ ପଦିଏ ଶୁଣିବାକୁ- ହେଲେ ଯେତିକି ଆଶା କରନ୍ତି ତା'ଠୁ ଅଧିକ ନିରାଶ ହୁଅନ୍ତି।

ଆରେ ଭୋଳା, ତୁ ତ ସବୁଦିନେ କାମ କରିବା ପାଇଁ ଟାଉନ ଆଡେ ଯାଉଚୁ। ଏଥର କିଏ ଏଇ ଭୋଟରେ ଜିତିବ କି ହାରିବ ଜାଣି ପାରୁଚୁ ?

କହି ହେଉନି ରଥେ, ଏବେ ତ ତାଙ୍କର ଆଗରୁ ଦେଖିଲେ ଯେମିତି ପଛରୁ ଦେଖିଲେ ସେମିତି। ଉପରୁ ଦେଖିଲେ ଯେମିତି ତଳକୁ ଚାହିଁଲେ ସେମିତି। କେମିତି ଆଉ କହିବି। ସବୁ ପାର୍ଟିର ଭାଷଣ ମାରୁଛନ୍ତି। ମୋର ଏତିକି ଲୋକ ହାତରେ ଅଛନ୍ତି। ସେତିକି ମହିଳା ସେମିତି ସ୍ୱୟଂ ସହାୟିକା ଗୋଷ୍ଠୀ ଆମକୁ ଭୋଟ ଦେବେ। ଆମେ ନିଶ୍ଚୟ ଜିତିବୁ।

- ଆହୁରି କେତେ କ'ଣ, ସେତିକି ବେଳକୁ ପରା ନେତା ନେତିରୀମାନେ ଆପଣା ମଣିଷ ପରି ଦୁଃଖ ସୁଖ ଭଲ ମନ୍ଦ ପଚାରିବେ। ନୂଆ ସଂପର୍କ ଯୋଡ଼ି ସାଇ ସଂଗାତ ବସିବେ। ଇଏ ପରା ପାର୍ଟି ପଲ୍‌ଟିସ କଥା।

ତୁ, କ'ଣ କହୁଚୁ ଭୋଳା ? ରଥେ ନ ବୁଝିଲା ପରି ପଚାରିଲେ।

ମୁଁ କ'ଣ, ଦେଖୁନି ରଥେ। ଟାଉନକୁ ନିତି ଯାଉଚି ଆଉଚି। ମତେ ଯାହା ବାସୁଚି ସେଇ କଥା କହୁଚି।

-ଭୋଅଟ ଋତୁରେ ଯିଏ ଯେତେ ଭାଇ ନୋଅଟ ପାରିବ ବୁଣି ସେଇ ଯେ କେବଳ ପାରି ହୋଇଯିବ ନିର୍ବାଚନ ବୈତରଣୀ।

ଭୋଟର ଉପରେ ନିର୍ଭର କରୁଚି ଘଡ଼ିକେ ଛୁଟୁଚି ଘୋଡ଼ା ଯା' ମୁଣ୍ଡରେ ହାତୀ କଳସ ଢାଳିବ ପାଇବ ସେ ଫୁଲ ତୋଡ଼ା।

ରଥେ, କେବଳ ଶୁଣୁ ନଥିଲେ, ଭାବୁଥିଲେ, ଭୋଳା ଚାଟଶାଳିରେ ପାଠ ଦି ଅକ୍ଷର ପଢି ଯେତିକି ଜାଣିଚି। ଆଜିକାଲିର କଲେଜ ପଢୁଆ ପିଲାମାନଙ୍କର ସେତିକି ନଲେଜ ନଥିବ। ତା' ଅନ୍ଧାରିଆ ଅନୁମାନ ଟା ଠିକ। କଣେଇ କଣେଇ ଚାହିଁ, ପରଦା ପଛର ଚିତ୍ର ଦେଖି ପାରୁଚି। ଭୋଅଟ ବେଳର ଭିତିରି କଥା ବୁଝି ପାରୁଚି। ନିର୍ବାଚନ ପାଣିପାଗ ଦେଖି ଯାହା କହୁଚି ମିଛ କହୁନି। ତା' ମଗଜକୁ ମାନିବାକୁ ପଡ଼ିବ।

ଭୋଳା, କହି ଚାଲିଥିଲା, ଦେଖିନ କି ରଥେ, ଆଜ୍ଞା, ଆମ ଗାଁ, ସରପଞ୍ଚ ଭୋଅଟ ବେଳର କଥା। ନେତା ନେତିରୀମାନଙ୍କ କେମିତି ହାବ ଭାବ। ଦିନେ ଯାହାକୁ ଦେଖିଲେ ନାକ ଟେକୁ ଥିବେ, ମୁହଁ ମୋଡୁଥିବେ, ଭୋଅଟ ବେଳକୁ ସେଇମାନଙ୍କ ପାଖରେ ନେହୁରା ହେଇ ଭୋଟ ମାଗୁଥିବେ। ଏଇଥିରୁ ଜଣାପଡ଼େ ସେମାନଙ୍କ ବଡ଼ ପିତା ଚାଲାକିଆ ମନୋଭାବ।

ତୁ କ'ଣ ଜାଣିଚୁ କିରେ ଭୋଳା। ଅଳପ ପାଠ ପଢିବୁ ହେଲେ ବେଶି କଥା ବୁଝି ପାରୁଚୁ। ପାର୍ଟି ପଲଟିସ ଦେଶ ବିଦେଶର ଖବର ରଖି ପାରୁଚୁ। ରଥେ, ଇଙ୍ଗିତରେ କହିଲେ।

ରଥେ ଆଜ୍ଞା, ମୁଁ ଏକା ନୁହେଁ ମ, ଆମ ସାଇର ଭରତ ଷେଣ୍ଡ ଭୋଅଟ ବେଳକୁ ଗାଁ, ମୁଣ୍ଡ ଚଉପାରିରେ ବସି, ମନ ଖୋଲି ଏଇ ଗୀତଟି ଗାଏ।

-ଆମ ଗାଁ କୁଜି ନେତା

କେଉଁ କାଳେ ନାହିଁ ଭୋଅଟ ବେଳକୁ ଅଦିନେ ସାଜନ୍ତି ଦାତା

ଆମ ଗାଁ ତୁଙ୍ଗ ନେତା।

ଭୋଅଟ ବେଳକୁ ଦେଖିବ ଯା' ତାଙ୍କୁ ତା' ପରେ ମିଳେ ନି ପତ୍ତା।

ଆମ ଗାଁ ନେତିରୀ ନେତା

ବରଷା ଯୁଆଡ଼େ ବେଳକାଳ ଦେଖି ଦେଖେଇବେ ନାଲିଛତା।

ଏମିତି ତାଙ୍କର କଥା

ଭୋଅଟ ବେଳରେ ଭୋଜିରେ ଭସେଇ କଥାରେ ବାଣ୍ଟନ୍ତି ମିଠା।

କଥାରେ କାଟନ୍ତି ଫିତା

ମନ୍ତିରୀ ପଦରେ ବସିବାକୁ ଥରେ ମନରେ କେବଳ ଚିନ୍ତା।

ଆମ ଗାଁ, ନେତିରୀ ନେତା

ଭୋଅଟ ଖଣ୍ଡେ ପାଇଁ ବଇରୀ ପାଖରେ ନୁଆଁଇ ଦିଅନ୍ତି ମଥା।

ଆମ ଗାଁ, କୁଜି ନତୋ

ଜିତିଗଲା ପରେ ଚଉକିରେ ବସି ମଣିଷ ମଣିବେ କୁତ୍ତା।

ଆମ ଗାଁ, କୁଜି ନେତା

ଭୋଅଟ ସରିଲେ ଭୁଲିଯାନ୍ତି ସବୁ ଯଥା ପୂର୍ବଂପରଂ ତଥା।

ସତରେ ଭୋଳା ତୁ ସବୁ ଜାଣିଚୁ ମନକୁ ପାଇଲା ଭଳି କଥା ପଦେ କହିଲୁ।

ଗୀତ ଦି ପଦ ଗାଇଲୁ। ତୋ ମଗଜକୁ ମାନିବାକୁ ପଡ଼ିବ। ଆସନ୍ତା ଥରକୁ ତୁ ସରପଞ୍ଚ ଭୋଅଟରେ ଠିଆ ହେବୁ। ଭାବୁଚି ତୋର ଯେତିକି କୁଶଳି ବୁଦ୍ଧି ଅଛି ତୁ ନିଶ୍ଚୟ ଜିତିବୁ।

ରଥେ- ହସି ହସି କହିଲେ।

ହଁ ଯାହା କହିଲ ରଥେ ସମସ୍ତେ ଯଦି ଯୁଦ୍ଧକୁ ଯିବେ ଆଉ ଦା' ଧରିବ କିଏ। ସେଇ କ୍ଷେତ ଖଣ୍ଡିକ ଭଲ ତ ଆମେ ଭଲ। ମୁଁ ଯାଉଛି ଆଜ୍ଞା, ଆପଣେ ଯାଆନ୍ତୁ। ସିଆଡ଼େ ଭାଗବତ ପଢ଼ା ଆରମ୍ଭ ହେଇ ଯିବଣି କହି ସାଇକେଲ ଚଢି ଯିବା ବେଳକୁ କାର୍‌ଟେ ସାଇ କରି ଚାଲିଗଲା ରାସ୍ତା କଡ଼ ଖାଲରେ ଜମି ରହିଥିବା କାଦୁଅ ପାଣି ଛିଟିକି ପଡିଲା। ଭୋଳା ଆଉ ରଥଙ୍କ ଉପରେ। ରଥେ ରୋଗରେ ଚିହିଁକି ଉଠି ପାଟି କରି କହିଲେ-

ଧେତ ତେରିକା, ଲୁଗାପଟା ସବୁ ଖରାପ କରିଦେଲା। ଶଳା ଟାକୁ ଦେଖାଯାଉନି। ଆଜି କାଲି ଟୋକା ମାନଙ୍କୁ କ'ଣ କଥା କହି ହେଉଛି। ସେମାନେ ତ ଇନ୍ଦ୍ରଚନ୍ଦ୍ର ମାନୁ ନାହାନ୍ତି। ସେ ଗାଡ଼ିରେ କିଏ ବସିଥିଲା କିରେ ଭୋଳା।

ଆଉ କିଏ ବସିବ। ସେଇ ଶୁକୁଟା ଏଥର ଇଲେକ୍‌ସନ ବାଦେ ନୂଆ ଗାଡ଼ି ଖଣ୍ଡେ କରିଚି ତ, ଉପର ମୁହାଁ ହେଇ ଗାଡ଼ି ଛାଡୁଚି।

ତୁ' କଉ ଶୁକୁଟା କଥା କହୁଚୁ କିରେ ଭୋଳା ବୁଝି ହେଲାନି।

ରଥେ, ବିରକ୍ତି ହୋଇ ପଚାରିଲେ।

ସେଇ ଶୁକୁଟାମ, ଏଥର ଯିଏ ସରପଞ୍ଚ ଭୋଟରେ ଜିତିଥିଲା ସେ ଏବେ ଶୁକଦେବ ବାବୁ ହେଇଚି କି ଠାଣି କି ବାଣୀ ତା ମୁହଁରୁ ବାହାରୁଚି। କଥା କଥା କେ କଞ୍ଚା ଇଂଲିସ ଝରି ପଡୁଛି।

ତୁ କଉ ଶୁକୁଟା କଥା କହୁଚୁ କି ଭୋଳା ଯିଏ ଗୁପଚୁପ ବିକୁଥିଲା ସେଇ ଶୁକୁଟା ନା, ଆଉ କେହି ?

ହଁ, ଆଜ୍ଞା, ସେଇ ଶୁକୁଟା ଯିଏ ଗୁପଚୁପ ବିକୁଥିଲା। କେତେବେଳେ ସିନା ଆଳୁ ଚକଟା ତେନ୍ତୁଳି ପାଟି ପତର ଠୋଲା ଧରି ହୁଇସିଲ ମାରି ଠେଲାଗାଡ଼ି ଧରି ବେପାର କରୁଥିଲା। ଯାହାକୁ ଦେଖିଲେ ଆଜ୍ଞା ଆପଣ କହି ମୁଣ୍ଡିଆ ମାରୁଥିଲା। ଏବେ ତ ସିଏ ମୁଣ୍ଡିଆ ଖାଉଚି। ତା' ରଙ୍ଗ ଢଙ୍ଗ ସବୁ ବଦଳି ଯାଇଛି। ଆଜି କାଲି ସେ ଇଣ୍ଡିଗୋ କାର୍‌ରେ ବସି କାନି ଖାଇଲା ପରି ଘୁରି ବୁଲୁଚି। ଭୋଳା ଛିଗୁଲେଇ କରି କହିଲା।

କିଏ ମନା କଲା, ଗୋଟାଏ ଗାଡ଼ି କ'ଣ ଯୋଡ଼ାଏ ଗାଡ଼ି କରି ବୁଲୁଥାଉ। ହେଲେ ଆକାଶରେ ଉଡ଼ିଲା ପରି ଗାଡ଼ି ଛାଡୁଚି। ଆଜି କାଦୁ ପାଣି ଛିଟିକି ପଡିଲା ତ ଯଦି ଗାଡ଼ିଟା କାହା ଉପରେ ...। ହେଁ, ଲୁଗା ପଟା ସବୁ ଖରାପ କରିଦେଲା, ରଥେ, ବ୍ୟସ୍ତ ହୋଇ କହିଲେ।

ଭାଗ୍ୟ ଭଲ ସେତିକି ହୋଇନି, ହେଲେ ତ କଥା ସରିଥାନ୍ତା, ଛାଡ଼, ରଥେ, ଆଜ୍ଞା ଏବେ ତ ଋତୁ ସଂଖ୍ୟା ଆଠକୁ ଛୁଇଁଲା ନ ହେଲେ ଏ ଶୁକୁଟା ଭଳିଆ ପିଲାଟା ଏତେ ରଙ୍ଗ ଦେଖାନ୍ତା। ଭୋଳା, ଟିକିଏ ଉଖୁରେଇ କହିଲା ରଥେ ବୁଝି ପାରିଲେ ନା କ'ଣ- ପଚାରିଲେ ରଙ୍ଗ କଉ ରଙ୍ଗ କଥା କହୁଚୁ କି, ଭୋଳା ?

ଆଜ୍ଞା, ଆମେ ସମସ୍ତେ ଜାଣିଚେ, ବର୍ଷର ଛ'ଟି ଋତୁ। ପୁଣି ପ୍ରେମକୁ ଯୋଡ଼ି ଗୋଟିଏ ଋତୁର ଆଖ୍ୟା ଦେଇ ସାତଟି ଋତୁ କରାଗଲା। ନିର୍ବାଚନ ଋତୁଟିକୁ ମିଶେଇ ଋତୁ ସଂଖ୍ୟା ଏବେ ଆଠରେ ପହଞ୍ଚିଲାଣି। ସବୁ ଋତୁର ଭିନ୍ନ ଭିନ୍ନ ରଙ୍ଗ ଅଛି। ହେଲେ, ନିର୍ବାଚନ ଋତୁ ରଙ୍ଗ ସବୁଠୁ ନିଆରା। ଆପଣ ତ ଆଗରୁ ଦେଖିଛନ୍ତି ଏବେ ଦେଖୁଛନ୍ତି ମୁଁ, ଆଉ କ'ଣ ଅଧିକ କହିବି।

ଭୋଳା କଥା ଶୁଣି, ରଥେ ମନେ ମନେ ଭାବୁଥିଲେ, ସତେ ତ ଯୁଗ ବଦଳୁଚି। ଜୀବନର ରଙ୍ଗ ବଦଳୁଚି, ନହେଲେ ଶୁକୁଟା ଭଳି ପିଲାଟା, ନିର୍ବାଚନ ଲଢ଼ି ଜିତାପଟି ମାରି, ଆଜି ଶୁକଦେବ ବାବୁ ହୋଇଥାନ୍ତା। ଆବେ ପରଶୁ ଯା' ବେ ପରଶୁ, ବାବୁ ପରଶୁ ରାମ ପଇସା କ୍ୟା ନ କରେ କାମ। ଏହି ପଦଟି କାହିଁ କେତେ ଯୁଗରୁ ମୁଁ ଶୁଣି ଆସୁଛି। ଭୋଳା, ଯାହା କହୁଚି ଟିକିଏ ମିଛ ନୁହେଁ। ସତେ ତ ନିର୍ବାଚନ ରଙ୍ଗ ସବୁଠୁ ନିଆରା, ସେଥିରେ ସପନ ଦେଖି ହବ ଲୋକଙ୍କୁ ସପନ ଦେକେଇ ହେବ। ଅଳପ ଦେବ, ବେଶି ନେବ। ଦାତା ହୋଇ ପାରିବ, ପୁଣି ନେତା ହୋଇ ପାରିବ। ସାତ ପୁରୁଷକୁ ସବୁ ସାଇତି ରଖି। ସେଇଥି ପାଇଁ ଶୁକୁଟାର ସବୁ ରଙ୍ଗ ଢଙ୍ଗ ସହଜରେ ବଦଳି ଯାଇଚି। ଭୋଳା, ଅଳପ ପାଠ ଚାଟଶାଳିରେ ପଢିଚି। ହେଲେ ଢେର... ବୁଝି ପାରୁଚି, ଅଷ୍ଟମ ଋତୁର ରଙ୍ଗ ଲାଗିଲେ ସାଧାରଣ ମଣିଷ ଟିଏ, ନେତା ହୋଇ ଛତା ତଳେ ଚାଲେ। ଛତା ଛପରରୁ ଯାଇ ଛାତ ତଳେ ରହେ। ମଖମଲି ଶେଯରେ ଶୁଏ। ସାଇକେଲ ଛାଡ଼ି ଗାଡ଼ି ଚଢେ, ଧୀରେ ଧୀରେ ସମାଜରେ ଆଗକୁ ବଢେ। ବା!... ସହଜରେ ତ, ଭୋଳା ବୁଝେଇ ପାରୁଚି। ତା' ମଗଜକୁ ମାନିବାକୁ ପଡ଼ିବ।

ରଥେ ଆଜ୍ଞା। କ'ଣ ଏତେ ଭାବୁଛ ଯେ ? ମୋ କଥା କ'ଣ ଆପଣଙ୍କୁ...

ନାହିଁ... ନାହିଁ ସେମିତି କିଛି ନାହିଁ। ତୁ ଯା ଯା' ଘରକୁ ଯା- ରାତି ଘଡ଼ିଏ ହେଲାଣି, ତୋର ଲୋକେ ତୋତେ ଅନେଇ ବସିଥିବେ।

ମୁଁ ଯାଉଛି।

ଭୋଳା ଆଉ ଭଗବାନ ରଥେ ନିଜ ନିଜ ବାଟରେ ଚାଲିଗଲେ।

ଭାଗବତ ଟୁଙ୍ଗିରୁ ମାଇକରେ ଭାସି ଆସୁଥିଲା

ଯେ' ଜନ କ୍ରୋଧ ବିବର୍ଜିତ<br>
ତାହାର ସୁହୃଦ ଜଗତ।<br>
ଯେ' ପ୍ରାଣି ମୋର ପାଦପଦ୍ମେ<br>
ମନ ଅର୍ପଇ ଅପ୍ରମାଦେ।<br>
ତାବତ ଗୁଣମୟ ଧର୍ମ<br>
ନୁହଁଇ ମାୟାରେ ସେ ଭ୍ରମ<br>
ଯାବତ ମତେ ନ ଭଜଇ<br>
ବ୍ରମଇ ମାୟା ଭ୍ରମେ ସେହି।

# ଭସାଣି



ISSN-2583-6978
Volume-4
Issue-10
OCTOBER-2024

**ଅଳଙ୍କାର ଆଚାର୍ଯ୍ୟ**

**ଯାଜପୁର ଟାଉନ**

ଆସନ୍ନ ଶୈତ୍ୟର ଆବାହନୀ। ବକ୍ଷରେ ବଳକାର ହାର ପିନ୍ଧି ସରସ ଶୁଭ୍ର ଶରତର ମୃଦୁ ଆଗମନୀ। ଭିଜା-ଭୋଦୁଅର ବିଦାୟ ବେଳରେ ଶିଶିରର ଲୁହ ଧୀରେ ଧୀରେ ଝରି ପଡୁଥିଲା ଯେମିତି। ସ୍ଥିରଶାନ୍ତ ସମୀରଣରେ ତୃଣ ଓ ପୁଷ୍ପ ଆଦିରେ ମଧୁର ବାସ୍ନାଭରା ଜଳୀୟବାଷ୍ପ ଭରିଯାଇଥାଏ। ସବୁଆଡ଼େ ବିରାଜମାନ କରିଥାଏ ଏକ ପ୍ରଲମ୍ବିତ ଅବକାଶ। ସେହି ଆନନ୍ଦିତ ମୁହୂର୍ତ୍ତକୁ ଅଧିକ ଉପଭୋଗ୍ୟ ଏବଂ ସକାରାତ୍ମକ କରିବା ପାଇଁ ସମ୍ଭବତଃ କେଉଁ ଆବାହମାନ କାଳରୁ ପାଳିତ ହୋଇଆସୁଛି ମହାପାର୍ବଣ।

ସେହିଭଳି ଏକ ଉତ୍ସବ-ମୁଖର ବାତାବରଣ ନେଇ ପୁଣ ଆସିଛି ଶରତ। ଆକାଶ ହୋଇଉଠିଛି ଆହୁରି ବିସ୍ତାର, ଧରଣୀ ଧାରଣ କରିଛି ସବୁଜ ଗାଲିଚା ଉପରେ ସେଫାଳୀର ବର୍ଣ୍ଣଛଟା। ନଦୀପଠରେ ଶୁଭ୍ର ମଖମଲି କାଶତଣ୍ଡୀର ଆଲଟ ଚାମର। ମଣ୍ଡପଗୁଡ଼ିକରେ ପୂଜା ପ୍ରସ୍ତୁତି ଶେଷ ପ୍ରାୟ। ଷଷ୍ଠୀ କଳ୍ପର ଅୟମାରମ୍ଭକୁ ସକଳ ଆବାଳବୃଦ୍ଧବନିତା ଚାହିଁରହିଛନ୍ତି। ଠିକ୍ ସେହିଭଳି ଏକ ମାହେନ୍ଦ୍ର ଲଗ୍ନରେ ଦେବୀ ଆବିର୍ଭୂତା ହେଲେ। କିଛି ଦିନ ପୂର୍ବେ ଯେଉଁଠି ମୂର୍ତ୍ତି ନିମିତ୍ତ ମୃତ୍ତିକା-ଆନୟନ ପାଇଁ କିଛି ପୂଜା-ଅର୍ଘ୍ୟ ଢୋକିଥିଲା ମାଟି ସେହି ନଦୀ ବନ୍ଧ ତଳେ ପଡିଥିବା ଅତୁଠ ପଥର ଉପରେ ଧିର ପବନର ହିଲ୍ଲୋଳରେ ଚମକି ପଡ଼ିଲା କାଶତଣ୍ଡୀ। ସେ ଦୃଢ଼ ନିଶ୍ଚିତ ହୋଇଗଲା। ଯେକୌଣସି ଅଲୌକିକ ସତ୍ତା ତା'ର ସମୀପବର୍ତ୍ତୀ। ତା'ର ଅନ୍ତର୍ଚେତନାକୁ ପବନ ସହ ମିଶେଇ ଦେଇତୋଳି ଦେଲା ପ୍ରକୃତିର ଅନ୍ତସ୍ୱର ପଚାରିବାକୁ ପ୍ରଶ୍ନ ସେ ଅଦୃଶ୍ୟ ଶକ୍ତିଙ୍କୁ। କ୍ଷୀଣ ଚନ୍ଦ୍ରାଲୋକରେ ସେ ଦେଖିପାରୁଛି ଦେବୀଙ୍କ ସ୍ୱରୂପ। କାଶତଣ୍ଡୀ ତଟସ୍ଥ ହୋଇ ପ୍ରଶ୍ନ କଲା, ମା' ତୁ କ'ଣ ଏଇଠି ? ପୁଣି ଏକ-ଏକା ଆସିଛୁ,ସେପଟେ ତୋ ସ୍ୱାଗତ ଲାଗିପୂଜାର କି ଭବ୍ୟ ଆୟୋଜନ। କିଞ୍ଚିତ ବ୍ୟଥିତ ସ୍ୱରରେ କହି ଉଠିଲେ ଜଗତ୍‌ଜନନୀ, କେଉଁ ପୂଜା କଥା କହୁଛୁ ? ଯେଉଁଠିଜୀବନ୍ତ ଦେବୀମାନେ ନିର୍ଯାତିତ ହୁଅନ୍ତି ପ୍ରତିକ୍ଷଣ। ଅଥଚ ମାଟି ପଥରର ପ୍ରତିମାକୁ ଦିଆଯାଏ ପ୍ରଚୁରମାନ-ସମ୍ମାନ। କାଶତଣ୍ଡୀ ସମେତ ସମ୍ପୂର୍ଣ୍ଣ ପ୍ରକୃତି ଆଶ୍ଚର୍ଯ୍ୟ ଚକିତ।ନିଃଶବ୍ଦ ପଡିଯାଇଥାଏ ନଦୀର ଜଳୋଚ୍ଛ୍ୱାସ। ସମସ୍ତେ ଶୁଣିବାକୁ କାନ ଡେରି ଥାନ୍ତି ଆଉ ଏକ ଅକୁହା କାହାଣୀ।

ଦେବୀ କହୁଥାନ୍ତି ନମ୍ର-କଣ୍ଠରେ, ମୋ ଆଗମନ ନିମନ୍ତେ ଲୋକମାନଙ୍କ ଭିତରେ ଯେତେ ଉଦ୍ଧୀପନା, ଆଗ୍ରହ ଏବଂ ଆନ୍ତରିକତା ନାହିଁ,ବର୍ତ୍ତମାନ ତା'ଠାରୁ ଅଧିକ ଚାଲିଛି ଅସ୍ଥାୟୀ- ମଣ୍ଡପ ଏବଂ ସୁଦୃଶ୍ୟ ତୋରଣର ପ୍ରତିଯୋଗିତା। କେଉଁଠି ମାୟା ମହଲ, ଥାଇଲାଣ୍ଡ ରାଜପ୍ରସାଦ, ମହାଭାରତଚିତ୍ର, ସର୍ବଧର୍ମ ସାଙ୍କେତିକ ତୋରଣ, ନେପାଳ କାଠମାଣ୍ଡୁର ମନ୍ଦିର, ଭଗ୍ନ-ରାଜମହଲର ନମୁନା, ପୁଣି କେଉଁଠି ମୋର ଭିନ୍ନ-ଭିନ୍ନ ଆସ୍ଥାନ, ରାବଣ-ପୋଡ଼ି, କମିଟି ତରଫରୁ ଉତ୍କୃଷ୍ଟ ଖାଦ୍ୟପେୟର ବ୍ୟବସ୍ଥା। ଚାନ୍ଦିମେଢ଼ର ଚମକ ଠାରୁ ନେଇ ଚାଇନା ବଲ୍‌ବର ଚାକଚକ୍ୟତା, ଏତ ଗଲା ବାହ୍ୟ ଆଡମ୍ବରର କଥା, ଏଥିରେ ମୁଁ ଯେତେ କ୍ଷୁବ୍‌ଧ ହୁଏନି ତା'ଠାରୁ ଅଧିକ କଷ୍ଟ ପାଏ ମନୁଷ୍ୟର ଅର୍ନ୍ତମନ ଓ ତା'ର ଦୃଷ୍ଟିକୋଣ ଦେଖି। ସଂକୀର୍ଣ୍ଣତାର ପ୍ରାଚୁର୍ଯ୍ୟରେ ମୋ କଥା ତ ଛାଡ଼ ସରସ୍ୱତୀ ନିଜେ ହତବାକ ହୋଇଯାଇଥାନ୍ତି। ଚିରକାଳ ବ୍ରହ୍ମବୀଣାରେ ସୁମଧୁର ରାଗିଣୀ ତୋଳୁଥିବା କରାଙ୍ଗୁଳି। ତାଙ୍କର ପୂଜା ଚାରିଦିନ ଚଳନ ଶକ୍ତି ଶୂନ୍ୟ ହୋଇଯାଏ। ଶିକ୍ଷା ସାହିତ୍ୟର ବିକାଶ ପାଇଁ ଯେଉଁଠି ଏତେ କୁଣ୍ଠାବୋଧ ସେଠିକୁ ଆସିବାକୁ ତାଙ୍କର ଯେ ଆଉ ଇଚ୍ଛା ନାହିଁ ଏପରି ଭାବ ସେ ମତେ ଜଣାଇ ଦିଅନ୍ତି। ମୁଁ ବା କରେ କ'ଣ। ପ୍ରତିଥର ତାଙ୍କୁ ସାଙ୍ଗରେ ଆଣେ ଏହି ବିଶ୍ୱାସର ସହିତ ଯେ

ଲୋକଙ୍କ ଭିତରେ ହିଁ ଫୁଟି ଉଠୁ ପ୍ରଜ୍ଞା । ଜୀବ ମନର କ୍ଷୁଦ୍ରତା ଏବଂ ଅଜ୍ଞାନତା କୁ ସେ ତାଙ୍କ ସହନ ଶକ୍ତିରେ ସୁପରିଚାଳିତ ସୁସଭ୍ୟ କରାନ୍ତୁ । କିନ୍ତୁ ତା' ହୋଇପାରିନି ଏଯାବତ । ଏତ ଗଲା ସରସ୍ୱତୀଙ୍କ ଖବର, ଲକ୍ଷ୍ମୀ ତ ଏଥରକ ଆସିବେ କି ନା କିଛି ଜଣାଇନାହାନ୍ତି । ସେ ଯେମିତି ସ୍ୱାଭିମାନୀ ସେତିକି ଅଭିମାନିନୀ ମଧ୍ୟ । ଗତ ଥର ପୂଜା ମଣ୍ଡପ ସାମ୍ନାରେ ପ୍ରଦର୍ଶିତ ହୋଇଥିବା ମୂଲ୍ୟହୀନ ଶସ୍ତା ନାଟକ, କାନଫଟା ବ୍ୟାଣ୍ଡପାର୍ଟିର କର୍କଶ ସ୍ୱର ସାଙ୍ଗକୁ ଅଶ୍ଳୀଳ ଅଙ୍ଗଭଙ୍ଗି, ଅପେରାର ଦୁଇ ଅର୍ଥବୋଧକ ସଂଳାପ ସବୁ ଶୁଣି ସେ ମର୍ମାହତ,ତା' ଛଡ଼ା ଯେଉଁ ଦେଶରେ ଗୃହଲକ୍ଷ୍ମୀ ମୌଳିକ ଅଧିକାରରୁ ବଂଚିତ ତ ପୁଣି କେଉଁଠି ଦେହ ବ୍ୟବସାୟ କରି ଦେହଜୀବୀ, ରୂପଜୀବୀ ହୋଇ ରାତାରାତି ଅଚଳାଚଳ ସମ୍ପତ୍ତିର ମାଲିକାନା ତାଙ୍କ ହାତକୁ ଚାଲିଯାଉଛି । ସେଠି ଲକ୍ଷ୍ମୀ ତିଷ୍ଠନ୍ତେକିପରି ? ସହଜେ ତ ସେ ଚଞ୍ଚଳା । ଲାଗୁଛି ଏଥର ଲକ୍ଷ୍ମୀ ଛଡ଼ା ମଣ୍ଡପରେ ବିଜେ କରିବାକୁ ହେବ । ଏତ ଗଲା ଦେବୀଙ୍କ କଥା, ଏଥର ଦୁଇ ପୁଅଙ୍କ କଥା ଶୁଣ । ବଡ଼ ପୁଅ କାର୍ତ୍ତିକେୟ ତ ମୋର ଖୁବ ଭଦ୍ର ଆଉ ନମ୍ର ସ୍ୱଭାବର । ସେ ଏତେ ରାଜନୀତି ଭିତରକୁ ପଶିପାରେନା, ତଥାପି ବିଗତ କିଛି ବର୍ଷ ଧରି ପୂଜାରେ ହେଉଥିବା ବିଶୃଙ୍ଖଳା, ଗୋଷ୍ଠୀ ସଂଘର୍ଷ, ସାହି ସାହିକୁ ନେଇ ଦୁର୍ଘଟଣା, ମାର-ପିଟା ସେ ଆଦୌ ସୁଖି ନୁହେଁ । ଖାଲି ମୋର ସୁରକ୍ଷାକୁ ନେଇ ସେ ଏତେ ମାତ୍ରାରେ ଚିନ୍ତିତ ଯେ ନ ଆସି ରହିନପାରେ । କାରଣ ଗତବର୍ଷର ବିସର୍ଜନ ଯାତ୍ରାରେ ତ ମୋ ମୂର୍ତ୍ତିକୁ ନେଇ କି ଉନ୍ମତ୍ତ କାଣ୍ଡ କରିଥିଲେ ଦୁଇଗୋଷ୍ଠୀ । ଚାରିଦିନ ତଳେ ଫୁଲ ଚନ୍ଦନ ଦେଇ ଅର୍ଚ୍ଚନା କରିଥିବା ମୋ ମୂର୍ତ୍ତିକୁ ଗୋଇଠା ବିଧାମାରି ଚୂରମାର କରିବା ପର୍ଯ୍ୟନ୍ତ ପଛାଇ ନଥିଲେ ଦୁର୍ବୃତ୍ତ । ଏଣୁ ଷଡ଼ାନନ ଏଥର ମଧ୍ୟ ଆସିବ କିନ୍ତୁ ସୌମ୍ୟ ଶାନ୍ତି ରୂପରେ ନୁହେଁ ସତର୍କ ପ୍ରହରୀଭାବରେ । କାର୍ତ୍ତିକର ଉଗ୍ର ଅଭିମାନ ସିନା ମୋର ସହ୍ୟ ହୁଏ କିନ୍ତୁ କନିଷ୍ଠ ଗଣେଶର ଶୀତଳ ଉଦାସୀନତା ମୋ ହୃଦୟକୁ ଥରାଇ ଦିଏ ।

ତା'ର ଶିଶୁ ସୁଲଭ ମନରେ ସେ ବହୁତ ଆଘାତ ପାଏ ପୂଜାରେ ବ୍ୟବହୃତ ହେଉଥିବା ଦ୍ରବ୍ୟର ଉଚିତ ମୂଲ୍ୟବୋଧ ବୁଝି । ସେ ତ ଆଜନ୍ମରୁ ଭୋଜନ ବିଳାସି ଅଥଚ ଜୋର ଜବରଦସ୍ତି ଗରିବ ନିରୀହ ମାନଙ୍କଠାରୁ ଆଦାୟ ହୋଇଥିବା ଚାନ୍ଦାରେ ପ୍ରସ୍ତୁତ ନୈବେଦ୍ୟର ବାସ୍ନା ସୁଦ୍ଧା ସେ ଆଘ୍ରାଣ କରେନା । ପୁଷ୍ପଠାରୁ ନେଇ ପତ୍ର ଫଳ ପର୍ଯ୍ୟନ୍ତ, ଘୃତଠାରୁ ନେଇ ଯଜ୍ଞ ସମାଧି ପର୍ଯ୍ୟନ୍ତ ସବୁଠି ଅପମିଶ୍ରଣ ଆଉ ଅପ୍ରାକୃତିକ ଗନ୍ଧ ସ୍ୱଷ୍ଟ ବାରିପାରେ ତା'ର ନାସାନ୍ଦ୍ରିୟ । ବଡ଼ଖିଆ ପୁଅ ମୋର ଉପବାସ ରହେ ପୂଜାରେ । ଆମ ଛୋଟ ସଂସାର କେବଳ ଆମକୁ ନେଇ ନୁହେଁ, ଆମ ଚିର ଅନୁଚର ବାହନ ମାନଙ୍କର ଉପସ୍ଥିତି ମଧ୍ୟ କମ ମାନେ ରଖେନି । ସେମାନେ ମଧ୍ୟ ପ୍ରତିଥର ବୁଲିବାକୁ ଆସନ୍ତି ମର୍ତ୍ତ୍ୟ, ଦେଖିଯାନ୍ତି ତାଙ୍କ ଜାତି ଭାଇଙ୍କ ହାଲଚାଲ । ମାତ୍ର ତାଙ୍କ ଭିତରୁ ପେଚକ ବର୍ତ୍ତମାନ ଲୁପ୍ତ ପ୍ରାୟ ତା'ର ଦେଖା ମିଳୁଛି କାଁ ଭାଁ କେଉଁ ଘଞ୍ଚ ବନାନୀରେ ନ ହେଲେ ଚିଡ଼ିଆଖାନାରେ । ମୋର ପ୍ରିୟ ବନରାଜ ସିଂହ ଆଉ ପଶୁପତି ହୋଇନାହିଁ । ତା'ର ଶୌର୍ଯ୍ୟ ବୀର୍ଯ୍ୟ ସେ ହରେଇ ବସି ସର୍କସରେ ମନୋରଂଜନ କରୁଛି । ହଂସ ଆଉ ମୟୂର ତାଙ୍କ ସ୍ୱଭାବ ବଦଳେଇ ଦେଲେଣି ପରିସ୍ଥିତିରେ ପଡି । ନୀରରୁ କ୍ଷୀରକୁ ଅଲଗା କରିପାରୁଥିବା ହଂସ ଏବେ ମୃଣାଳ ନାଡ଼ ଅଭାବରେ ସର୍ବଭୋକ୍ତା ହେଲାଣି । ମୌସୁମୀ ବର୍ଷାର ଅନିୟମିତତାରେ ବାଉଳା ହୋଇ କେକୀ ତା'ର ନୃତ୍ୟକଳା ଭୁଲିଗଲାଣି । ମୂଷା କଥା ନ କହିବା ଭଲ, ରାସାୟନିକ ସାର ପ୍ରୟୋଜିତ ଖାଦ୍ୟ ଖାଇ ସେ ସାଜିଛି ବିଷଧର ।

ବାକି ରହିଲି କେବଳ ମୁଁ ସଭିଙ୍କ ଆଧାରଭୂତା, ଶକ୍ତିସ୍ୱରୂପା, ବିଶ୍ୱମାତା । ସମାଜରେ ଉଚ୍ଚନୀଚ, ଧନୀ, ଗରିବକୁ ନେଇ ଯେଉଁ ଅସଂଗତର ଝଡ଼ ମୁଣ୍ଡଟେକୁଛି ଦିନକୁଦିନ ସେଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସାମାଜିକ ପ୍ରାଣିଙ୍କର ବର୍ବରତା, ଅତ୍ୟାଚାର, ଶଠତା ଇନ୍ଧନ ଭଳି ଜାଳେଣି ଯୋଗାଉଛି ପ୍ରଦୂଷଣ, ସନ୍ତ୍ରାସବାଦଆଦିକୁ । ସାମ୍ୟବାଦର ସନ୍ଧି ପରିବର୍ତ୍ତେ ଆତଙ୍କାବଦର ବିସ୍ଫୋରଣ ବିଚ୍ଛେଦ କରିଦେଲାଣି ରାଷ୍ଟ୍ରରୁ ରାଷ୍ଟ୍ରକୁ । ଭରିଦେଲାଣି ମନରେ ଭୟ ହିଂସାର ଉଷ୍ଣପ୍ରବାହ, ଚତୁର୍ଦ୍ଦିଗରେକେବଳ ଯୁଦ୍ଧର ବିଭୀଷିକା, ମୁଁ ଆଉ କାହାର ଆଧାର ସାଜିବି ? ଯେଉଁଠି ଶକ୍ତିର ଅଯଥା ଅପଚୟ ତଥା ଅପବ୍ୟବହାର ହେଉଛି, ନାରୀ ସଶକ୍ତିକରଣ ଭଳି ଏକ ରାଜନୈତିକ ଶବ୍ଦ ପ୍ରୟୋଗ କରି ନାରୀ ଶକ୍ତିର ଅବମାନନା ହେଉଛି । ସରକାରଙ୍କର ଜନନୀ ସୁରକ୍ଷା ଯୋଜନା 'ଇନ୍ଦିରା ଆବାସ'ବାର୍ଦ୍ଧକ୍ୟ ଭତ୍ତା, ସର୍ବଶିକ୍ଷା ଅଭିଯାନ ସବୁଫେଲ ମାରୁଛି , ସେଠି ବି ଶକ୍ତି ଭରିଦେବି ମୁଁ ସମାଜ ଭିତରେ ? ମୋର ମୃଣ୍ମୟୀ ମୂର୍ତ୍ତିକୁ ପିନ୍ଧେଇ ଦେଉଛନ୍ତି ବାରହାତି ବନାରସୀ ପାଟ, ଅଥଚ ଦିବାଲୋକରେ ଚାଲୁଛି ସଂସ୍କୃତିର ବସ୍ତ୍ରହରଣ, ନୀରବ ଦ୍ରଷ୍ଟା ସାଜିଛି ପ୍ରଶାସନ ଏବଂ ସାଧାରଣ ଜନତା । ବହୁମୂଲ୍ୟ ବ୍ୟୟିତ ଆୟ ଅଳଙ୍କାରରେ ଝଲସୁଛି ମୋର ଅଙ୍ଗପ୍ରତ୍ୟଙ୍ଗ ଅଥଚ ଆଜି ବି ଶିକ୍ଷା ସଭ୍ୟତାରବହୁ ଦୂରରେ ଅଛନ୍ତି ଅନେକ ଜନଜାତି । କୃଷକ ଆତ୍ମହତ୍ୟା, ଅନାହାର ମୃତ୍ୟୁ ଲାଗିରହିଛି । ଗମ୍ଭୀର ମନ୍ତ୍ରଘୋଷରେ ପ୍ରାଣ ପ୍ରତିଷ୍ଠା ଚାଲିଛି ମୋର ସ୍ଥାୟୀ ମନ୍ଦିର ଅବା ଅସ୍ଥାୟୀ ମଣ୍ଡପରେ କିନ୍ତୁ କେତେ କେତେ କୋମଳ ନିଷ୍ପାପ କନ୍ୟାଭ୍ରୂଣ ଅକାଳରେ ଆଜି ମଉଳି ଯାଉଛନ୍ତି । ହୋମାଗ୍ନିରେ ଆଜି

ଜଳୁଛି କାମାଗ୍ନିର ଜ୍ୱାଳା,ବିବର୍ଣ୍ଣ ଦିଶୁଛନ୍ତି ଚଣ୍ଡୀ ଚାମଣ୍ଡା। ମଣ୍ଡପରେ ବାସ୍ତବିକ ପୂଜା ପାଉଛି ମହିଷାସୁର।

ଯେଉଁଠି ମଣିଷ ମଣିଷ ଭିତରେ ଈଶ୍ୱରଙ୍କ ଅମ୍ଳାନ ପରିଚୟକୁ ସ୍ୱୀକୃତି ଦିଏନା, ସେଠି ମୁଁ ଆଦୌ ରହିପାରୁନି ଆଉ। ଜନନୀ ବୋଲି ସର୍ବସଂହା ହୋଇ ଅନ୍ୟାୟ ଅନୀତିକୁ ସହ୍ୟ କରିବା ମୋ ସ୍ୱଭାବ ବିରୁଦ୍ଧ। ମହିଷାସୁରର ମୃତ୍ୟୁ ପରେ ଆଜି ବି ସମାଜରେ ଲକ୍ଷଲକ୍ଷ ଅସୁରଙ୍କର ସାମ୍ରାଜ୍ୟ। ମୁଁ ତ ଅହର୍ନିଶି ଲାଗିଥାଏ ମାନବବାଦର ଉନ୍ନତି ନିମନ୍ତେ, ମନୁଷ୍ୟ ବିବେକରେ ହିଁ ତ ଶିବ ଶିବାଙ୍କର ନିତ୍ୟ ଆବାସ, କିନ୍ତୁ ସେ ବିବେକ ଆଜି ବିତାଡ଼ିତ। ପାପାଚାରର ବିରୋଧ କରିବାକୁ ଆଜି ଲୋକମାନଙ୍କର ଗଭୀର କୁଣ୍ଠା-ଆଳସ୍ୟ, ପାଶ୍ଚାତ୍ୟ-ସଂସ୍କୃତିର ଅନୁକରଣ ସବୁଠାରେ। ତେଣୁ ମୁଁ କାହିଁକି ଆଉ ବାରମ୍ବାର ଚିତ୍ତେ କୃପା, ସମରେ ନିଷ୍ଠୁରତା ନେଇ ଅବତୀର୍ଣ୍ଣା ହେବି ? ଯେବେ ଅସ୍ମିତାର ଅଗ୍ନିକୁଣ୍ଡରେ ସ୍ୱାର୍ଥପରତା ଏବଂ ଅହଂକାରର ଆହୁତି ହେବ, ପଦ୍ମ ମନ୍ଦାରର ମାଳାରେ ବିଶ୍ୱସ୍ତତା ଏବଂ ସଂଗତିର ସୁବାସ ଭରି ଯିବ, ସିନ୍ଦୂର କୁଙ୍କୁମରେ ନବିନ ସୂର୍ଯ୍ୟୋଦୟର ଲାଳିମା ରଂଜିତ ହୋଇ ଉଠିବ ଆଉ ସାମ୍ୟବାଦର ସ୍ୱର ନିନାଦନ ହେବ ଶଙ୍ଖ ନାଦରେ ସେତେବେଳେ ମୁଁ ସପରିବାର ଶାନ୍ତି ପ୍ରୀତି ସନ୍ମତିର ସ୍ୱସ୍ତିକ ମୁଦ୍ରା ହୋଇ ସ୍ୱତଃ ଆବିର୍ଭୂତା ହେବି। ମହିଷାମାନଙ୍କ ଦମନ ନିମନ୍ତେ ଧରାଇଦେବି ପ୍ରତ୍ୟେକ ଦେବୋପମ ବ୍ୟକ୍ତିଙ୍କ ହାତରେ ଶାଶ୍ୱତ-ଶୂଳ। ଆଉ ବୁଝିବାକୁ ମୋର ଡେରି ନାହିଁ ଯେ ବର୍ତ୍ତମାନର ପିଢିଙ୍କ ଭିତରେ ମୋ ଭସାଣିକୁ ନେଇ ବେଶି ଆଗ୍ରହ, ବେଶି ପ୍ରତିଯୋଗିତା। ହଉ, ବେଶ୍ ତେବେ ମୋ କହିବାନୁଯାୟୀ ପୂଜାର ପୁନଃ ସଂସ୍କରଣ ନହେଲେ ମୁଁ ଆଉ ଆସିବି ନାହିଁ ଧରାପୃଷ୍ଠକୁ। ତା' ପରେ କେବଳ ଭସାଣି ହିଁ ପାଳୁଥିବ ଉତ୍ତର ପିଢି, ଜଡ଼ ପିଣ୍ଡମାନଙ୍କର।

ଭସା ବାଦଲ ଖଣ୍ଡେ ଗୋପ୍ୟ କରିଦେଲା, ଗଗନସ୍ଥିତ ଚନ୍ଦ୍ରମାକୁ। ସେପଟେ ବିଲ୍ୱ-ବରଣର ଘଣ୍ଟ-କାହାଳୀରେ କାଶତଣ୍ଡୀ ଅନ୍ୟମନସ୍କ ହୋଇଗଲା। ସମୀରଣରେ ଭରିଯାଇଥିଲା କୋହ-ଭିଜା ମୂର୍ଚ୍ଛନା, ସେ ଫେରି ଦେଖିଲା ଦେବୀ ଆଉ ନାହାନ୍ତି, ତେବେ କ'ଣ ସେ ପୂଜା ଅଙ୍ଗୀକାର ଲାଗି ମଣ୍ଡପ ମୁହାଁ ? ସପ୍ତମୀର ଶିଶିର ସ୍ନାତ ଉଷା, କାଶତଣ୍ଡିର ନଜରରେ ଦିଗ୍ ବଳୟରେ ଉଡୁଥିଲା ତାଙ୍କ ଛିଣ୍ଡା ପଣତର କିୟଦଂଶ...।

❖❖❖

# ଅଦିନିଆ ମେଘ ଓ ଚିକ୍ ମିକ୍ ବିଜୁଳି



ISSN-2583-6978
Volume-4
Issue-10
OCTOBER-2024

**ବିସ୍ମିତା ସାହୁ**

**ଶିକ୍ଷୟିତ୍ରୀ**
**ଅନୁଗୋଳ**

ସବୁଦିନ ପରି ତରତର ହୋଇ ସ୍କୁଲ ବସ୍ ରୁ ଓହ୍ଲେଇଲି ମୁଁ। କାହା ମୁହଁକୁ ଠିକ୍ ଭାବରେ ନଚାହିଁ 'ଗୁଡ୍ ମର୍ଣ୍ଣିଂ' ଉଇଶ୍ କରିବା ମୋର ଏକ ଚିରାଚରିତ ଅଭ୍ୟାସ। ଅନେକାଂଶରେ ପ୍ରତ୍ୟୁତ୍ତର ମିଳେନି। ଏଠି ଯିଏ ଯାହାର କାର୍ଯ୍ୟବ୍ୟସ୍ତ। କାହାର କାହାପାଇଁ ସମୟ ନାହିଁ। ସମୟର ଚକ ସହିତ ତାଳ ଦେଇ ଚାଲିବା ପାଇଁ ନିଜ ନିଜ ଭିତରେ ପ୍ରତିଦ୍ୱନ୍ଦିତା ଚାଲିଛି। ହଠାତ୍ କାହାର ଏକ ବୀଣାଜିଣା କଣ୍ଠ ସତେ ଯେମିତି ଶୁଷ୍କ ମରୁଭୂମିରେ ବିଞ୍ଚି ଦେଇଗଲା ମୁନ୍ଦାଏ ମୁନ୍ଦାଏ ବର୍ଷା। ମୁଁ ପଛକୁ ଚାହିଁ ଦେଖିଲି ଚବିଶି କି ପଚିଶି ବର୍ଷର ଝିଅଟିଏ ମୋତେ ହସି ହସି ' ଗୁଡ୍ ମର୍ଣ୍ଣିଂ' ଉଇଶ୍ କରୁଛି। ତା ଓଠରେ ସତେ ଯେମିତି ବିଜୁଳିର ଚମକ। ସୁନ୍ଦର କଥା କୁହା ଆଖି , ସ୍ୱର୍ଣ୍ଣ ରଙ୍ଗର ଲମ୍ବା ମୁକ୍ତ କୁନ୍ତଳ, ତା'ର ମନମୁଗ୍ଧ ସ୍ୱରରେ ମୋ ଅଜାଣତରେ ମୁଁ ଯେମିତି ବାନ୍ଧି ହେଇଯାଉଥିଲି।

ଏବେ ସ୍କୁଲ ଆସିଲେ ମୋତେ ଏକ ଅପୂର୍ବ ଆନନ୍ଦ ମିଳୁଥିଲା। ସମୟ ମିଳିଲେ ଆମେ ଦୁହେଁ ଖୁବ୍ ଗପୁଥିଲୁ। ସେ ଷ୍ଟାଫ୍ କମନ୍ ରୁମ୍ ହେଉ କି କ୍ୟାଣ୍ଟିନ୍ ସବୁଠି ଆମର ଗପର ପସରା ମେଲି ଯାଉଥିଲା। ତାର ଏତେ ସୁନ୍ଦର ଓ ମାର୍ଜିତ ବ୍ୟବହାରରେ ଧୀରେ ଧୀରେ ସମଗ୍ର ବିଦ୍ୟାଳୟ କବଳିତ ହେଉଥିଲା। ପିଲାଙ୍କଠାରୁ ଆରମ୍ଭ କରି ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତଙ୍କର ସେ ପ୍ରିୟ ପାତ୍ରୀ ଥିଲା। ସତରେ ମୋହିନୀ ମିସ୍ ର ମାୟାରେ ସମସ୍ତେ ବାନ୍ଧି ହେଇଯାଉଥିଲେ। ମୋର ତା ପ୍ରତି ଦୁର୍ବଳତା ବଢ଼ିବାରେ ଲାଗିଥିଲା। ତାକୁ ଦିନେ ନଦେଖିଲେ ମୁଁ ପାଗଳପ୍ରାୟ ହୋଇଯାଉଥିଲି। ଘରେ ସ୍ୱାମୀ ଓ ଛୁଆଙ୍କ ସହିତ ମୁଁ କେବଳ ତା ବିଷୟରେ କଥା ହେଉଥିଲି। ମୋ ପରିବାର ମୋହିନୀ ମିସ୍ କୁ ପରୋକ୍ଷରେ ଇର୍ଷା କରିବା ଆରମ୍ଭ କରିଦେଇଥିଲେ। ହେଲେ ମୋତେ ମୋ ସଖୀ ଛଡ଼ା ଆଉକେହି ଯେମିତି ଭଲ ଲାଗୁନଥିଲେ। ଠାକୁରଙ୍କୁ ପୂଜା କରି ପରିବାରପାଇଁ ଶୁଭ ମନାସିଲା ବେଳେ ମୋ ସଖୀର ନାଁ ବି ସେଥିରେ ଯୋଡ଼ି ହେଇଯାଉଥିଲା।

ସବୁଦିନ ଟିଫିନ ବ୍ରେକରେ ମୋହିନୀ ମିସ୍ ପ୍ରଥମ ଶ୍ରେଣୀର 'ଏ' ସେକ୍ସନକୁ ବାରମ୍ବାର ଯିବାର ମୁଁ ଲକ୍ଷ୍ୟ କରୁଥିଲି। ସେଠୁ ଆସିବା ପରେ କିଛି ସମୟ ପାଇଁ କେମିତି ଏକ ଉଦାସୀନତା ମୋ ସଖୀକୁ ଘୋଡ଼ାଇ ରଖୁଥାଏ। ତାକୁ ଏ ବିଷୟରେ ପଚାରିବା ପାଇଁ ମୁଁ ବହୁତ ଭାବିଛି। ହେଲେ ପଚାରି ପାରେନି। ଏମିତି କିଛି ବିଶେଷ ଘଟଣା ହେଇଥିଲେ ମୋ ସଖୀ କଣ ମୋତେ ଲୁଚାନ୍ତା? ହଁ ମୁଁ ମାନୁଛି ତାର ମୋର ବୟସର ତାରତମ୍ୟ ବେଶୀ, କିନ୍ତୁ ସେ ତ ମୋ ଠାରେ ଖୁବ୍ ସହଜ ମନେକରେ। ସେଥିପାଇଁ ତାର ମୋ ପ୍ରତି ଓ ମୋର ତା ପ୍ରତି ଅନେକ ଆକର୍ଷଣ। ମୋ ଜୀବନର ପ୍ରତ୍ୟେକଟି ସୁଖ ଦୁଃଖ ମୁଁ ତା ଆଗରେ ବାଢ଼ି ଦିଏ। ସେ ଯଦି ମୋତେ କହିବାକୁ ଅନିଚ୍ଛୁକ ତେବେ ମୁଁ କାହିଁକି ତାକୁ ବାଧ କରିବି? ମୋ ଜୀବନର ବଗିଚାରେ ସେ ଖୁସିର ଫୁଲଟିଏ । ସେ ଆସିଲା ଦିନୁ ମୁଁ ମନ ଖୋଲି ହସୁଛି। ମୁଁ ମୋ ପାଇଁ ବଞ୍ଚିବା ଆରମ୍ଭ କରିଦେଇଛି। ନଚେତ ମୋ ପୃଥିବୀର ପରିସୀମା ମୋ ପରିବାର ମଧ୍ୟରେ ହିଁ ସଙ୍କୁଚିତ ହୋଇଯାଇଥିଲା। ସତରେ ଏତେ ଖୁସିବାସିଆ ଝିଅଟିଏ ଯାହା ଭାଗ୍ୟରେ ଥିବ ତା ଜୀବନ କୌଣସି ଅଳକାପୁରୀ ଠାରୁ କମ୍ ହେବନି।

ଏଥର ବିଦ୍ୟାଳୟର ଅଧକ୍ଷଙ୍କର କଡ଼ା ହୁକୁମ୍। ପିଲାଙ୍କ ବିଜ୍ଞାନ ପ୍ରକଳ୍ପ ଯେମିତି ଜାତୀୟ ସ୍ତରରେ ମନୋନୀତ ହେବ। ସେହି ପ୍ରକଳ୍ପ ତିଆରିରେ ବ୍ୟସ୍ତ ରହୁଥିବାରୁ ମୋ ସଖୀ ସହିତ କିଛି ଦିନ ହେବ ଠିକ୍ ରେ କଥାବାର୍ତ୍ତା କରିପାରୁନି। କେଉଁଠି ଗୋଟିଏ ବୈଦ୍ୟୁତିକ ତ୍ରୁଟି ରହିଥିବାରୁ ପ୍ରକଳ୍ପଟି କାମ କରୁନଥାଏ। ପ୍ରଦର୍ଶନୀ ମାତ୍ର ଦୁଇଦିନ ବାକିଥିବାରୁ ମୋ ମୁଣ୍ଡ କିଛି କାମ କରୁନଥିଲା। ସେ ସମୟରେ ଆରାଧନା ମିସ୍ ପ୍ରଥମ ଶ୍ରେଣୀ 'ଏ' ସେକ୍ସନକୁ ତୁରନ୍ତ ଯିବାପାଇଁ କହିଲେ।

ମୋହିନୀ ମିସ୍ ପ୍ରଥମ ଶ୍ରେଣୀର ଗୋଟିଏ ଛାତ୍ରକୁ ଛାତିରେ ଚାପି ଧରି ଖୁବ୍ ଜୋରରେ କାନ୍ଦୁଥିଲେ। ଯିଏ ଯେତେ ବୁଝେଇଲେ ବି ବୁଝୁନଥାନ୍ତି। ପ୍ରିୟ ସଖୀ ହିସାବରେ ମୁଁ ତାଙ୍କୁ ବୁଝେଇ ପାରିବି ଏହି ବିଶ୍ୱାସରେ ଅଧକ୍ଷ ମୋତେ ଡକେଇଥାନ୍ତି। ସଖୀକୁ ନେଇ ମୁଁ କ୍ୟାଣ୍ଟିନ୍ ଗଲି। ପିଲାଟି ଆମ ପଛେ ପଛେ ଆସୁଥାଏ। ମୁଁ ଯେତେ ମନା କଲେ ବି ସେ ମାନିଲାନି। ତେଣୁ ତା ହାତରେ ଗୋଟିଏ ଅମୁଲ୍ କୁଲ୍ ଧରେଇ ଦେଇ ସଖୀକୁ ଚାହିଁଲି। ପିଲାଟି କ୍ଷୀର ନ ପିଇ ମୋ ସଖୀକୁ କାକୁସ୍ଥ ନୟନରେ ଚାହିଁଥାଏ। ସଖୀ ପିଲାଟିକୁ ପୁଣି କୋଳକୁ ଆଣି କାନ୍ଦି କହିଲା।

- ଇଏ ମୋ ପୁଅ ରାହୁଲ୍। ମୁଁ ମାତ୍ର ଅଠର ବର୍ଷରେ ପ୍ରେମ ବିବାହ କରିଥିଲି। ବିବାହର ବର୍ଷେ ନପୁରୁଣୁ ରାହୁଲର ଜନ୍ମ। ଖୁବ୍ ସୁନ୍ଦର ଭାବରେ ଆମ ବୈବାହିକ ଜୀବନ ଚାଲିଥିଲା। ମୋର ପାଠ ପଢାର ଆଗ୍ରହ ଦେଖି ମୋ ସ୍ୱାମୀ ମୋତେ ପଢ଼େଇଲେ। ପିଲାଦିନୁ ଶିକ୍ଷୟିତ୍ରୀ ହେବା ପାଇଁ ମୋର ସ୍ୱପ୍ନ ଥିଲା। ସେଥିପାଇଁ ବି.ଏ ସରିବା ପରେ ବି.ଏଡ୍ କରିଲି। ଯେଉଁଦିନ ବି. ଏଡ୍ ପରୀକ୍ଷାର ପରିଣାମ ବାହାରିଲା ଠିକ୍ ସେହିଦିନ ଏକ ସଡ଼କ ଦୁର୍ଘଟଣାରେ ମୋ ସ୍ୱାମୀ ଆମ ଦୁହିଁଙ୍କୁ ଛାଡ଼ି ଚାଲିଗଲେ। ବାପା ମାଙ୍କ ଅନିଚ୍ଛା ସତ୍ତ୍ୱେ ବିବାହ କରିଥିବାରୁ ବାପଘରର ରାସ୍ତା ମୋ ପାଇଁ ବନ୍ଦ ଥିଲା, ସ୍ୱାମୀଙ୍କ ମୃତ୍ୟୁ ପାଇଁ ମୁଁ ଦୋଷୀ, ଅଲକ୍ଷଣୀ କହି ଶାଶୁଘର ଲୋକ ମୋତେ ତଡ଼ି ଦେଲେ। ସ୍ୱାମୀଙ୍କ କିଛି ବନ୍ଧୁ ମୋତେ ସାହାଯ୍ୟ କରିବାକୁ ଆଗେଇ ଆସିଲେ। ହେଲେ ଦିନରେ ଦେବତାସମ ଦିଶୁଥିବା ଲୋକଗୁଡ଼ା ରାତି ଅଧରେ ମୋ ପାଇଁ ରାକ୍ଷସ ପାଲଟି ଯାଉଥିଲେ। ବିନା ସ୍ୱାମୀରେ ସ୍ତ୍ରୀର ଜୀବନ ଯେ ନର୍କ ତୁଲ୍ୟ ତାହା ବୁଝିପାରିଥିଲି। ମୋତେ ମୋ ପୁଅ ପାଇଁ ବଞ୍ଚିବାକୁ ଥିଲା। ସେଥିପାଇଁ ସେ ସହରଠାରୁ ଅନେକ ଦୂରରେ ଥିବା ଏହି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ ଜୀବନର ଅୟମାରମ୍ଭ କରିବା ପାଇଁ ଚାଲି ଆସିଲି। ଏଠାରେ ଜଏନ କଲାବେଳେ ମୋର ପରିଚୟ ଗୁପ୍ତ ରଖିବା ପାଇଁ ଅଧକ୍ଷଙ୍କୁ ଅନୁରୋଧ କରିଥିଲି। ମୁଁ ଯେ ଜଣେ ବେସାହାରା ନାରୀ କିମ୍ବା ମୋ ପୁଅ ଜଣେ ପିତୃହରା ବିଚରା ଏହା ଯେପରି କେହି ନ ଜାଣନ୍ତି। କାମୁକମାନଙ୍କ ଲୋଲୁପ ଦୃଷ୍ଟିରୁ ନିଜକୁ ବଞ୍ଚେଇବା ପାଇଁ ପୁଅ ଓ ମୁଁ ବିଦ୍ୟାଳୟର ହଷ୍ଟେଲରେ ରହୁଥିଲେ ମଧ୍ୟ ପରସ୍ପର ମଧ୍ୟରେ ଥିବା ସମ୍ପର୍କକୁ ଅନ୍ୟ ମାନଙ୍କଠାରୁ ଲୁଚେଇ ରଖିଲୁ। ହେଲେ ମା ମନ କିପରି ସମ୍ଭାଳିବ? ତେଣୁ ଟିଫିନ ବ୍ରେକରେ ସବୁ ପିଲାଙ୍କୁ ଖୁଆଇବା ଆଳରେ ତାକୁ ଖୁଆଇ ଦିଏ। ପ୍ରତି ରବିବାରରେ ତାକୁ ବୁଲେଇ ଆଣେ। ପୁଅକୁ ବାପ ନଥିବା ପିଲା କହି କେହି ଚିଡ଼େଇବେନି ବୋଲି ଏତେ କଷ୍ଟ ସହିଲି ଆଜି ସେ ପୁଅ ତା ବାପା ପାଇଁ କାନ୍ଦୁଛି। ସାଙ୍ଗକୁ ନ ଜଣେଇ ତା ଟିଫିନ ବକ୍ସରୁ ବିସ୍କୁଟ ଖାଇ ଦେଲା ବୋଲି ସେ ପିଲା ରାହୁଲ ପିଠିରେ ବିଧା ମାରି ’ତୋ ପାପାଙ୍କୁ କହୁନୁ ତୋ ପାଇଁ ଏମିତି ଦାମିକିଆ ବିସ୍କୁଟ ଆଣିଦେବେ’ କହି ତା ପାଟିରୁ ଅଧା ଖିଆ ବିସ୍କୁଟଟି ଛଡ଼େଇ ନେଲା।

ମହିମା ମିସ୍ ଜଣେ ବିଧବା। ପୁଣି ତାଙ୍କର ପାଞ୍ଚ ବର୍ଷର ପୁଅଟିଏ ଅଛି! ମୋ ଆଖି ଓ କାନ ପରସ୍ପରକୁ ବିଶ୍ୱାସ କରିପାରୁନଥିଲେ। ଏତେ ଦୁଃଖରେ ଥିବା ଜଣେ ମଣିଷ କିପରି ହସିପାରେ? ନିଜର ମିଠା ହସରେ ଅନ୍ୟ ଜୀବନରେ କିପରି ହସ ବିଞ୍ଚି ପାରେ? ଏବେ ମୋ ସଖୀ ପ୍ରତି ମୋର ଭଲ ପାଇବା ବଢ଼ି ଯାଇଥିଲା। ତାପରି ଦୃଢ଼ ସଂକଳ୍ପର ନାରୀ ପାଖରେ ମୋ ମୁଣ୍ଡ ଆପେ ଆପେ ନଇଁ ଯାଉଥିଲା। ମହିମା ମିସ୍ ଙ୍କର ପରିଚୟ ଆଉ କାହା ପାଖରେ ଗୁପ୍ତ ନଥିଲା। ମା ପୁଅଙ୍କୁ ଆଉ ଲୁଚି ଲୁଚି ମିଳାମିଶା କରିବାକୁ ପଡୁନଥିଲା। କେହି ଯଦି ମୋ ସଖୀ ବିରୁଦ୍ଧରେ ପଦିଏ କଥା କହୁଥିଲେ ତାକୁ ପ୍ରଥମେ ମୋର ସାମ୍ନା କରିବାକୁ ପଡୁଥିଲା।

ପୁଣିଥରେ ମୋତେ ଚମକେଇ ଦେଇ ସଖୀ କହିଲା

-ମୁଁ ଆଉଥରେ ବିବାହ କରିବାକୁ ଯାଉଛି। ସେ ସ୍ତ୍ରୀହରା। ତାଙ୍କର ଦୁଇ ବର୍ଷର ଝିଅଟିଏ ଅଛି। ଫେସବୁକରୁ ପରିଚୟ। ଆଜି ସନ୍ଧ୍ୟାରେ ତାଙ୍କ ଘରଲୋକ ସହିତ ହୋଟେଲରେ ମୋତେ ଦେଖା କରିବେ। ମୋ ପୁଅକୁ ଗ୍ରହଣ କରିବାକୁ ତାଙ୍କ ପରିବାର ରାଜି ଅଛନ୍ତି। ସଖୀ ଆଜି କଳ କଳ ବହିଯାଉଥିବା ଝରଣା ପରି ପ୍ରତୀୟମାନ ହେଉଥିଲା। ତା ମନରେ ଅସୁମାରୀ ସ୍ୱପ୍ନ ଲହଡ଼ି ଭାଙ୍ଗୁଥିଲେ। ଗୋଟିଏ ସପ୍ତାହ ମଧ୍ୟରେ ସଖୀର ବିବାହ ଠିକ୍ ହେଇଗଲା। ସେ ମୋତେ ଛାଡ଼ି ତା ନୂଆଁ ଦୁନିଆକୁ ଚାଲିଗଲା।

ସଖୀ ଯିବାର ପ୍ରାୟ ନ ମାସ ହେଇଗଲାଣି। ଏବେବି ସଞ୍ଜବତୀ ଦେଲାବେଳେ ସଖୀ ପାଇଁ ଶୁଭ ମନାସେ। ସଖୀ ଯିବାପରେ ସେ ଖୁବ୍ ଖୁସିରେ ଅଛି ବୋଲି ଥରେ ଫୋନ୍ କରିଥିଲା। ବାସ୍ ସେତିକି। ମୁଁ ବି ତାକୁ ନିଜଆଡୁ କେବେ ଫୋନ କରିନି। ନୂଆଁ ପରିବାର। ନୂଆଁ ମାହୋଲ। ତେଣୁ ତାକୁ ଡିଷ୍ଟର୍ବ କରିବାକୁ ଉଚିତ ମଣିନି। ହେଲେ ତା ଠାରୁ ଫୋନ କଲ୍ ପାଇବା ପାଇଁ ମୋ ମନ ସଦା ବ୍ୟଗ୍ର ଥାଏ।

ବାହାରିବାରେ ଡେରି ହେବାରୁ ଶାଢ଼ୀ ଠିକରେ ପିନ୍ଧି ପାରିନଥିଲି। ତେଣୁ ଷ୍ଟାଫରୁମରେ କୁଞ୍ଚ ଠିକ୍ କରୁଛି ଦେଖିଲି କୋଠରୀର କଣରେ କେହିଜଣେ ଠିଆ ହୋଇ ଫୋନରେ କଥା ହେଉଛି। ଆରେ ଏ ତ ମୋ ସଖୀ। ମୁଁ ନିଜକୁ ବିଶ୍ୱାସ କରିପାରୁନଥିଲି। ତାକୁ ଖୁସିରେ କୁଣ୍ଢେଇ ଧରିଲି। ହେଲେ ଏ କଣ! ସଦାବେଳେ ହସ ଲାଖି ରହୁଥିବା ଝିଅଟିର ମୁହଁରେ ଖୁସିର ଚିହ୍ନ ଟିକିଏ ବି ନାହିଁ। ଆଖି ତଳେ ବହଳିଆ କଳା ଦାଗ। ମୋତେ ଚାହିଁ ଶୁଷ୍କ ହସଟିଏ ହସି ଦେଲା।

- ମୁଁ ଏଥର ଏଠି ରହିବି। ଆଉ କୁଆଡ଼େ ଯିବିନି।

ଖୁବ୍ କ୍ଷୀଣ ସ୍ୱରରେ ସଖୀ କହିଲା।

ମୁଁ ନିରୁତ୍ତର ରହିଲି। ସଖୀ ଓ ମୁଁ ଏବେ ବି ସମୟ ମିଳିଲେ କ୍ୟାଣ୍ଟିନ୍ ଯାଉଥିଲୁ। ହେଲେ ମୁଁ ଖାଲି ବକବକ ହେଉଥିଲି, ସେ ଆକାଶକୁ ଚାହୁଁଥିଲା ନଚେତ ଗୋଡ଼ର ବୃଦ୍ଧାଆଙ୍ଗୁଠିରେ ଗାର ଟାଣୁଥିଲା। ଛଳ ଛଳ ବହି ଯାଉଥିବା ନଈଟିରେ ସତେ ଯେମିତି କେହି ବନ୍ଧ ବାନ୍ଧି ଦେଇଥିଲା। ଟିକିଏ କଥା ହେଇଥିବ କି ନାହିଁ 'ମୋ ପୁଅ ପାଖକୁ ଯିବି ' କହି ଚାଲିଯାଉଥିଲା। ଏପରିକି ଗତଥର କେବଳ ନବମ , ଦଶମ ଶ୍ରେଣୀ ପିଲାଙ୍କୁ ପଢ଼ାଉଥିବା ବେଳେ ଏଥର ଅଧ୍ୟକ୍ଷଙ୍କୁ ଅନୁରୋଧ କରି ଦ୍ୱିତୀୟ ଶ୍ରେଣୀର ମଦର ଟିଚର ବନିଛି। ଯାହାଦ୍ୱାରା ସେ ତା ପୁଅ ପାଖେ ପାଖେ ରହିପାରିବ। ସମୟ ତା ବାଟରେ ବହି ଚାଲିଥିଲା। ସଖୀର ବ୍ୟବହାରରେ କୌଣସି ପରିବର୍ତ୍ତନ ଆସି ନଥିଲା।

ପୁଣିଥରେ ସମସ୍ତଙ୍କୁ ଚମକେଇ ଦେଇ ସଖୀ ତା ପୁଅକୁ ନେଇ ତା ସ୍ୱାମୀ ପାଖକୁ ଫେରିଗଲା। ଗଲାବେଳେ ମୋତେ ଖାଲି ଜାବୁଡ଼ି ଧରି ଟିକିଏ କାନ୍ଦିଲା। ତା ଆଖିରେ ନୂଆଁ ସ୍ୱପ୍ନ, ନୂଆଁ ଆଶା ପୁଣି ଘର କରିଥିଲେ। ସଖୀ ମୋ ଠାରୁ ଦୂରରେ ଥିଲେ ବି ମୁଁ ତାକୁ ମୋ ମନରୁ ଦୂରେଇ ପାରିନଥିଲି। ଏମିତି ଦେଖୁ ଦେଖୁ ଦି ବର୍ଷ ବିତିଯାଇଥିଲା। ମେ ମାସର ପ୍ରଥମ ସପ୍ତାହ। ପ୍ରବଳ ଖରା ଓ ଗରମ ଜୀବନକୁ ଦୁର୍ବିସହ କଲାବେଳେ ଏକ ଅଜଣା ନମ୍ବରରୁ ଫୋନକୁ କଲ୍ ଆସିଲା। ମୁଁ ଫୋନ୍ ଉଠେଇଲି। ସେପଟୁ ମଧୁର ରାଗିଣୀରେ କେହି ଜଣେ କହିଲା

- ଜଲ୍ଦି ତୁମର ହ୍ୱାଟ୍ସଆପ ଖୋଲ। ମୁଁ ଫୋଟୋ ପଠେଇଛି।

ମୋ ଅଙ୍ଗୁଳି ଅପଣାଛାଏଁ ହ୍ୱାଟ୍ସଆପର ନୂଆଁ ମେସେଜକୁ ଖୋଲିଲା। ଏ କଣ ! ସଖୀ କୋଳରେ ସଦ୍ୟ ପ୍ରସବିତ କନ୍ୟା ରତ୍ନଟିଏ।

ସେପଟୁ ସଖୀ କହୁଥାଏ।

-ମୁଁ ପୁଣିଥରେ ମା ହେଇଛି। ମୋ ପୁଅ ରାହୁଲକୁ ତାର କୁନି ଭଉଣୀଟିଏ ମିଳିଛି। ଇଏ ଆମକୁ ଖୁବ୍ ଭଲ ପାଉଛନ୍ତି। ଆମେ ଏବେ ଖୁବ୍ ଖୁସିରେ ସଖୀ ତାର ନନଷ୍ଟପ୍ ଗପି ଚାଲିଥାଏ। ବାହାରେ ଅଦିନିଆ ମେଘ ସହିତ ବିଜୁଳି ଚିକ୍ ମିକ୍ କରୁଥାଏ।

❖❖❖

# ଡେଟିଙ୍ଗ୍



ISSN-2583-6978
Volume-4
Issue-10
OCTOBER-2024

**ମନୋରମା ମିଶ୍ର**

**ଶକ୍ତି ନଗର, ଶିଶୁପାଳଗଡ଼**
**ପୁରୁଣା ଭୁବନେଶ୍ୱର, ଖୋର୍ଦ୍ଧା**

ବର୍ତ୍ତମାନ ସମାଜକୁ ନେଇ ବାସ୍ତବ ଗଳ୍ପ:

ସୁପ୍ରଭାଙ୍କ ମୁହଁରୁ ଅବାନ୍ତର ଯୁକ୍ତି ଶୁଣି ସ୍ୱାମୀ ପ୍ରଭାକର ବିରକ୍ତ ହୋଇ କହିଲେ,ତମେ କଣ କହୁଛ, ନିଜେ ଚିନ୍ତାକରି ପାରୁଛତ ।ବାହାଘର ଆଗରୁ ଝିଅ ଯିବ ଜ୍ୱାଇଁ ସାଙ୍ଗରେ ଏକ ମାସ ପର୍ଯ୍ୟନ୍ତ ଅନ୍ୟ ଦେଶକୁ ବୁଲିବା ପାଇଁ। ତାହାପୁଣି କଣ ନା ଡେଟିଙ୍ଗ୍ ରେ । ପରସ୍ପରକୁ ଭଲ ଭାବରେ ଜାଣିବା ପାଇଁ। ମୋତେ କାହିଁକି ଏସବୁ ଭଲ ଲାଗୁନି । ବାହାଘର ପରେ କିଏ ଯାଏ,ହେଲେ ବାହାଘର ପୂର୍ବରୁ।

ସୁପ୍ରଭା ସ୍ୱାମୀଙ୍କ ଉପରକୁ ଚିଡିଗଲେ। କଣ ହୋଇଗଲା ସେଇଠୁ ବାହାଘର ପୂର୍ବରୁ ଏକାଠି ଗଲେ। ଆମରତ କଥା ପକା ହୋଇ ନିର୍ବନ୍ଧ ସରି ଗଲାଣି । ତାଛଡା ଆଜିକାଲିର ଫେସନ୍ ଏଟା। ପିଲାଙ୍କ କିଛି ଇଛା ଆମକୁ ବି ରଖିବାକୁ ପଡିବ । ଦୁଇଜଣ ଯାକ ଯିବେ, ବୁଲା ବୁଲି କରିବେ । ସେ ସ୍ଥାନର ଫଟୋଗ୍ରାଫସ୍ କିଛି ଆଣିବେ । ପରସ୍ପରକୁ ବି ଠିକ୍ ସେ ଜାଣି ପାରିବେ।

ତା ଛଡା ଅନ୍ତରଙ୍ଗ ହେଲେ ସିନା ପ୍ରକୃତ ଅନ୍ତର କଥା ଜାଣି ପାରିବେ । ଏସବୁ କଥା ତୁମେ କୁଆଡୁ ବୁଝିବ, ତମେ ତ ମରହଟ୍ଟିଆ ଓଲଡ୍ ଫେସନ୍ର ମଣିଷ ।

ପ୍ରଭାକର ସ୍ତ୍ରୀ ସୁପ୍ରଭାଙ୍କ ମୁହଁକୁ ବଲ ବଲ ହୋଇ ଚାହିଁକିଛି ସମୟ ପରେ କହିଲେ,କଣ କହିଲ ମୁଁ ମରହଟ୍ଟିଆ ପୁରୁଣା କାଳିଆ ମଣିଷ, ହଉ,ତମରି କଥା ହଉ ।ମୋତେ ଆଗ କହିଲ ଆମେ ବାହା ହେବାବେଳେ ପରସ୍ପରକୁ ଦେଖିଥିଲେ କି ? ବରଂ ବାପା, ମା' ଙ୍କ ପସନ୍ଦରେ ବାହା ହୋଇ ତିନିଟା ଛୁଆର ବାପା ମା' ହୋଇ ଆଜି ପର୍ଯ୍ୟନ୍ତ ଆମ ସଂସାର ଚାଲିଛି। ଏବେ ଏସବୁ ଫେସନ ନାମରେ ଏକ ବିକୃତ ମାନସିକତା । ମୁଁ ବଂଚିଥିବା ପର୍ଯ୍ୟନ୍ତ ଏସବୁ ହୋଇ ପାରିବ ନାହିଁ ।

ନ ହେଉ, କିଏ ବାଧ କରୁଛି ଯେ। ଏମିତିରେ ବଡ ଝିଅ ବୟସ ଶତେଇଶ ବର୍ଷ ହେଲାଣି, ତା ତଳକୁ ପୁଣି ଦୁଇ ଝିଅ । ଏତେ ଦିନପରେ ଭଲ ପୁଅଟେ ମିଳିଛି । ଇଂଜିନିୟର ଚାକିରିକୁ ବାପା, ମା'ଙ୍କର ଗୋଟିଏ ବୋଲି ପୁଅ। କଥା କଣ କି, ଝିଅ ଯଦି ଜ୍ୱାଇଁକୁ ହାତ କରିଦେଇ ପାରିବ, ତେବେ ଅନ୍ୟ ଦୁଇଝିଅ ବାହା ହେଲା ବେଳକୁ ସବୁ ପ୍ରକାର ସାହାଯ୍ୟ ମିଳିବ। ଜ୍ୱାଇଁ ନଭାବି ମୁଁ ତ ତାକୁ ପୁଅ ବୋଲି ଭାବୁଛି। ପୁଅ ସହିତ ଝିଅ ଯିବ, ଏଥିରେ ଏତେ ସବୁକଥା ଭାବିବା କଣ ଦରକାର।

ପ୍ରଭାକର ଗାମ୍ଭୀର୍ଯ୍ୟ ପୂର୍ଣ୍ଣ ଗଳାରେ କହିଲେ,ବେଦୀରୁ ବର ଉଠି ଯାଉଛି। ହାତ ଗଣ୍ଠି ପଡିବି ମତାନ୍ତର ଘଟୁଛି। ହେଲେ ତମେ ବାହାଘର ଆଗରୁ ଏତେ କଥା କେମିତି ଭାବି ପାରୁଛ । ମୋତେ କାହିଁକି ଏସବୁ କଥା କିଛି ଭଲ ଜଣା ପଡୁନି । ତଥାପି ଝିଅ ନୀତୁକୁ ଥରେ ଏ ସମ୍ପର୍କରେ ପଚାରି ବୁଝ ।ସେ ଯେଉଁ ଭଳି ଝିଅ ନା ଏସବୁରେ ରାଜି ନହୋଇ ପାରେ ।

ମଲା ମୁଁ କଣ ପଚାରି ବି, ତା ଶାଶୂ ପରା ତା ସହିତ ପ୍ରତିଦିନ କଥା ହେଉଛି। ନୀତୁ ତା ଶାଶୂକୁ ମଧ ହଁ କହିଛି ଜ୍ୱାଇଁ ଦିନେଶ୍ ସାଙ୍ଗରେ ଯିବା ପାଇଁ। ସେମାନଙ୍କର ଫ୍ଲାଇଟ୍ ଟିକେଟ୍ ମଧ ସରିଛି। ଖାଲି କଥା ରହିଛି ତମ ପାଖରେ।ପ୍ରଭାକର ଏକ ଦୀର୍ଘନିଃଶ୍ୱାରେ ନିଜକୁ ହାଲକ୍‌କରି କହିଲେ, ହଁ, ଏ ବୁଢା ବରଗଛର ଆଉ ଆବଶ୍ୟକତା କଣ ? ଏବେ ତ ତମ ମାନଙ୍କ ସାହାରା ନେଇ ଜୀବନ କାଟୁଛି। ଅବସର ପରେ ସବୁ ପଇସା ତ ତମ ହାତରେ ।

ତିନି ଝିଅର ବାପା ବୋଲି ଖାଲି ଖୁଣ୍ଟା ଦେଉଛ ଯାହା । ତମ ଇଚ୍ଛା ଯାହା , ତାହା କର । ହେଲେ ମୁଁ ଏଥିରେ ଜମାରୁ ଖୁସି ନୁହଁ। ଖାଲି ଏତିକି କହିବି ଆଗାମୀ ପରିସ୍ଥିତି କିଛି ଖରାପ ନ ହେଉ। ଘରର ମାନସମ୍ମାନ ପଦାରେ ନପଡୁ। ବୟସର ଶେଷ ପାହାଚରେ ବସିଲେ ବି, ମୁଁ ତିନି ତିନିଟା ଝିଅର ବାପା।

ମୋ ବୟସ ଅପେକ୍ଷା ସେମାନଙ୍କର ସୁରକ୍ଷା ମୋର ପ୍ରଥମ ଦାୟିତ୍ୱ। ଏକଥା ଯେମିତି ଭୁଲି ନଯାଅ।

ସପ୍ତାହେ ପରେ ଦୁଇ ପରିବାରଠାରୁ ବିଦ୍ୟାୟ ନେଇ ବାହାରିଗଲେ ଦୁଇଟି ସୁନ୍ଦର ଯୋଡି।ଉଭୟେ ଉଭୟଙ୍କୁ ଜାଣିବେ ଭବିଷ୍ୟତ ଜୀବନ ପାଇଁ । ଏକରୁ ଏକକାର ହେବେ । ଗୋଟିଏ ଆତ୍ମା ହୋଇ ବିବାହ ବନ୍ଧନରେ ବାନ୍ଧି ହେବେ । ଅନେକ ସ୍ୱପ୍ନ , ନୂଆ ଆଶା , ପରସ୍ପର ର ଉନ୍ମାଦନା ଭିତରେ ଦୁଇଜଣ ପହଞ୍ଚି ଯାଇଛନ୍ତି ନେଦରଲ୍ୟାଣ୍ଡରେ। ଏମିତି ଖୁସି ଭିତରେ ଯେମିତି ଲାଗୁଛି ନୀତୁ ଖୁବ୍ ଡରୁଛି । ମନରେ ଖୁସି ଅପେକ୍ଷା ଡରର ଛାପ ଅଧିକ ରହିଛି। ହେଲେ ମୁଁହ ଖୋଲି କିଛି କହି ପାରୁନି।

ନେଦରଲ୍ୟାଣ୍ଡପରି ଜାଗାରେ ତମେ ଖୁସି ହୋଇ ପାରୁନ ନୀତୁ। ଆଉ କେଉଁଠି କି ଗଲେ ଖୁସି ହେବ । ତମକୁ ଖୁସି କରିବା ପାଇଁ ମୁଁ ଏଠାକୁ ଆଣିଛି । ନୂଆ ଜାଗା, ନୂଆ ମଣିଷ, ନୂଆ ଅନୁଭୂତିରେ ସବୁ ଝିଅ ଖୁସି ହୁଅନ୍ତି ଅଥଚ ତମେ ସବୁଥିରେ ନାହିଁ। ଏଟା ଖାଏନି, ସେମିତି ପିନ୍ଧେନି, ଏଠାର ଝିଅ ମାନେ ଅଧା ଲଙ୍ଗୁଳି, ଖୋଲା ଜାଗାରେ କିସ୍ ଦିଆନିଆ। ଏମିତି କଥା ସବୁ ତମ ନଜରକୁ ଆସୁଛି କେମିତି।ତମେ ଆଜି କାଲିକା ଝିଅ ହୋଇ ମୋ ମାନସିକତାକୁ ବୁଝି ପାରୁନ । ବାହାଘର ପରେ ବୁଝିବ କଣ ? ଭାବିଥିଲି ବାହାରେ ରହି ପାଠ ପଢୁଥିଲ, ଓଭର ଆଡଭାନ୍ସ ହୋଇଥିବ। ହେଲେ ଯାହା ଦେଖୁଛି ତମେ ମୋତେ ଫିଜିକାଲି ସନ୍ତୁଷ୍ଟ କରି ପାରିବ ନାହିଁ। ଓଃ ମାଇଁ ଗଡ!

କେମିତି ତୁମକୁ ବୁଝାଇବି, ମୁଁ ନିଜେ ବି ବୁଝି ପାରୁନି।

ନୀତୁ ବାଧହୋଇ ମୁହଁ ଖୋଲିଲା। କଣ କହିଲ,ସ୍ୱାମୀର ସ୍ତ୍ରୀ ହେବାକୁ ହେଲେ ଓଭର୍ ଆଡଭାନ୍ସ ହେବା ନିହାତି ଦରକାର। ବାହାଘର ପୂର୍ବରୁ ଫିଜିକାଲି ପରୀକ୍ଷା ଦେବାରୁ ପଡେ। ଏମିତି ଚିନ୍ତାଧାରା କେଉଁ ଶାସ୍ତ୍ରରେ ଲେଖା ହୋଇଛି ଦିନେଶ୍। ହେଲେ ମୋ ଚିନ୍ତାଧାରାରେ

ବିବାହ ଏକ ପବିତ୍ର ବନ୍ଧନ । ଏ ବନ୍ଧନରେ ବାନ୍ଧି ହେବାକୁ, ପୁରୋହତିଙ୍କ ମୁହଁରୁ ମନ୍ତ୍ରପାଠ, ଗୁରୁଜନ ମାନଙ୍କର ପ୍ରତ୍ୟେକ୍ଷ ଭାବରେ ଆଶୀର୍ବାଦ ଓ ବଂଧୁ ବାନ୍ଧବ ମାନଙ୍କର ଜ୍ଞାତ ସାରରେ ସଂସାର ଆରମ୍ଭ ହୁଏ। ଯାହା ହିନ୍ଦୁ ଧର୍ମର ପ୍ରଚଳିତ ପ୍ରଥା। ଏ ପ୍ରଥାକୁ ବାଦ ଦେଇ ଆଜି ଆମେ ଦେହଗତ ସମ୍ପର୍କରେ ହଜି ଯିବା? କାହିଁକି ଦିନେଶ୍, କଣ ପାଇଁ ?

ମୁଁ ଏସବୁ ପସନ୍ଦ କରେନି। ତାଛଡା ଆମ ଭିତରେ କଣ ଆଉ ବିଶ୍ୱାସ ରହିବ । ବିବାହ ପୂର୍ବରୁ ନିଜର ଚରିତ୍ରକୁ ଚରିତାର୍ଥ କରିବା ଯଦି, ଏତେ ପଇସା ଖର୍ଚ୍ଚ କରି କାହିଁକି ଆଉ ବେଦୀରେ ବସିବାବରଂ ଏମିତି ଧରା ଧରି ହୋଇ ରହି ଯିବା ।

ଦିନେଶ୍ ଚିତ୍କାର କରି ଉଠିଲା । ହ୍ୱାଟ୍ ନନ୍‌ସେନ୍ସ। କେମିତି ତମକୁ ବୁଝାଇବି, ମୁଁ ନିଜେବି ବୁଝିପାରୁନି। ତମେ ମୋର ସ୍ତ୍ରୀ। ସବୁ କଥା ସରିଯାଇଛି, ନିର୍ବନ୍ଧ ସରିଛି,ଦୁଇଟାପରିବାର ସହମତିରେ ଆମେ ଏଠାକୁ ଆସିଛେ । ମାନେ ସ୍ୱାମୀ ସ୍ତ୍ରୀ ଭଳି ଚଳିବା, ଉଭୟ ଉଭୟଙ୍କୁ ସନ୍ତୁଷ୍ଟ କରିବା ଏବଂ ସଂସାର ପାଇଁ ଆଗେଇବା । ଏତିକି ତ କଥା, ଏହାଛଡା ତମେ ଅନ୍ୟ କିଛି ଭାବନା କାହିଁକି ମନକୁ ଆଣୁଛ । ଏମିତି କଥୋପକଥନ ପରେ ନୀତୁ ବାଧ ଶିଶୁପରି ଦିନେଶ୍‌ର ସବୁ କଥାକୁ ଗ୍ରହଣ କରିନେଲା। ଇଛା ଥାଉକି ନଥାଉ

ମାନିନେଲା ଏକ ପୁରୁଷକାରକୁ।

ରାତି ପାହିବା ପରେ ଦିନେଶ୍ ଖୁବ୍ ଉତ୍‌ଫୁଲ୍ଲ ଲାଗୁଥିଲା ହେଲେ ନୀତୁ ମନ ତଳେ କିଛି କଥା ଯେମିତି ତାକୁ ପ୍ରଶ୍ନ ପଚାରୁ ଥିଲା । ଯେଉଁଥିପାଇଁ ନା ସେ ଖୁସି ଅନୁଭବ କରିପାରୁଥିଲା ନା ଦୁଃଖକୁ ପରିପ୍ରକାଶ କରି ପାରୁଥିଲା । ଯାହାକେବଳ ଦିନେଶ୍‌ର ହାତଧରି ଦିନେଶ୍‌ର ଖୁସିରେ ବୁଲୁଥିଲା। ଫେରିବା ପର୍ଯ୍ୟନ୍ତ ହିଁ

ଦିନେଶ୍‌ର ସବୁ ଇଛାକୁ ସେ ସ୍ୱୀକାର କରିନେଇଥିଲା।

ଖୋଲା ଆକାଶ ତଳେ ଦୁହେଁ ଢେର୍ ବୁଲାବୁଲି କଲେ । ନୀତୁ ଅବୁଝା ମନକୁ ବୁଝାଇ ଦେଇ ଦିନେଶ୍‌ର ସବୁ କଥାକୁ ଗ୍ରହଣ କରିନେଲା । ମନରୁ ଦେହ ସବୁ ଅଜାଡି ଦେଲା ଦିନେଶ୍ ଇଚ୍ଛା ପାଖରେ।ତାର ବୋଲି ଆଉ କିଛି ରଖିଲା ନାହିଁ। ଏବେ ସବୁ ଦିନେଶ୍‌ର।

ଅନେକ ଖୁସିର ସଂଭାବନା ନେଇ ଦୁହେଁ ଫେରିଲେ ଡେଟିଙ୍ଗ୍‌ରୁ। ପରିବାର ଲୋକ ଅପେକ୍ଷା କରିଥିଲେ ଏୟାର୍‌ପୋର୍ଟରେ। ଦିନେଶ୍ ନୀତୁଠାରୁ ବିଦାୟ ନେବାବେଳେ ଖୁସିରେ କୁଣ୍ଢାଇ ପକାଇ କହିଲା ନୀତୁ ମୁଁ ବହୁତ ଖୁସି। ତମ ଚରିତ୍ର ଗଙ୍ଗାପରି ପବିତ୍ର। ମୋ ଆଗରୁ ତମର ଆଉ କାହା ସହିତ ଫିଜିକାଲି ସମ୍ପର୍କ ନଥିଲା।ମୋର ଗୋଟେ ଏମିତି ସ୍ତ୍ରୀ ହିଁ ଦରକାର ଥିଲା।

ନୀତୁ ଏ କଥାର କିଛି ବି ଉତ୍ତର ଦେଇ ପାରିଲା ନାହିଁ ସତ, ବରଂ ଘରକୁ ଗଲା ପରେ ଘର ଲୋକଙ୍କୁଜଣାଇ ଦେଲା ଯେ ସେ ଦିନେଶ୍‌କୁ ବିବାହ କରିବ ନାହିଁ।

ହେଲେ କାହାରି ସାହସ ନଥିଲା ଏ ବିଷୟରେ ତାକୁ ପଚାରିବା

ପାଇଁ ।

ନୀତୁ କେବଳ ନୀରବରେ ଭାବୁଥିଲା । ବିବାହ ପୂର୍ବରୁ ପୁଅଟିଏ ଯଦି ଝିଅକୁ ଖୋଲା ଖୋଲି ପରୀକ୍ଷା କରି ପାରୁଛି, ଝିଅର ଆଉ କାହା ସହ ସମ୍ପର୍କ ଥିଲା କି ନାହିଁ, ତେବେ ସେଇ କ୍ଷେତ୍ରରେ ଝିଅଟିଏ କେମିତି ଜାଣିବ, ବିବାହ ପୂର୍ବରୁ ସେ ପୁଅ ଆଉ କେଉଁ ଝିଅ ସହିତ ଶାରୀରିକ ସମ୍ପର୍କରେ ଥିଲା କି ନାହିଁ ।ତାହା ହେଲେ ଝିଅ ମାନେ ବି ଏ ବିଷୟରେ ଧାରଣା ରଖିବା ଉଚିତ୍ ।

ଅନେକ ବୁଝାଇବା ପରେ ବି ନୀତୁ ଦିନେଶ୍‌କୁ ସିଧା ସିଧା ଜବାବ୍ ଦେଇ କହିଲା ଦିନେଶ୍ ମୋର କିନ୍ତୁ ସନ୍ଦେହ ମୋତେ ବାହା ହେବା ପୂର୍ବରୁ ତମର ଅନ୍ୟଝିଅ ମାନଙ୍କ ସହିତ ଶାରୀରିକ ସମ୍ପର୍କ ଥିଲା । ନ ହେଲେ ତମେ କେମିତି ଜାଣିଲ ମୁଁ ଗଙ୍ଗାପରି ପବିତ୍ର ବୋଲି । ଯେଉଁ ଫର୍ମୁଲାରେ ତମେ ମୋ ଚରିତ୍ରକୁ ଜାଣି

ପାରିଲ,ସେଇ ଫର୍ମୁଲା ହିଁ ମୋତେ ତମ ଚରିତ୍ର ପ୍ରତି ସନ୍ଦେହ ବାଢ଼ିଲା ।

ଦିନେଶ୍ ଖୁବ୍ ରାଗି ଯାଇ କହିଲା, ଏମିତି କଣ କହୁଛ । ତା ମାନେ ତମେ ମୋତେ ସନ୍ଦେହ କରୁଛ । ନୀତୁ କହିଲା, ହଁ ମୁଁ ତୁମକୁ ସନ୍ଦେହ କରୁଛି ଯେ, ମୋ ପୂର୍ବରୁ ତମର ଅନେକ ଝିଅଙ୍କ ସହିତ ଶାରୀରିକ ସମ୍ପର୍କ ଥିଲା । ଯେଉଁଥି ପାଇଁ ତମେ ମୋପରି ଝିଅକୁ ପରୀକ୍ଷା କରିବାକୁ ପଛାଇଲ ନାହିଁ । ତେଣୁ ତମ ପାପ ତମକୁ ଖାଉଛି । କିଏ ଜାଣିଛି ମୋତେ ବିବାହ କଲାପରେ ବି, ତମର ଆଉ କାହା ସହିତ ସମ୍ପର୍କ ନ ରହିବ ବୋଲି । ତମେ ସ୍ତ୍ରୀ

ଅପେକ୍ଷା ନାରୀର ଦେହକୁ ବେଶି ଗୁରୁତ୍ୱ ଦେଇଥାଅ ।ସେଇ ଦୃଷ୍ଟିରୁ ମୁଁ ସବୁ କଥା ଚିନ୍ତା କରି, ଏ ବିବାହରୁ ଓହରି ଯାଉଛି ।କ୍ଷମା କରିବ ମୋତେ, ମୁଁ ତମପରି ମିଛ ଚରିତ୍ର ପୁଅକୁ ବାହା ହୋଇ ପାରିବି ନାହିଁ । ବରଂ ସବୁ ଦିନ ପାଇଁ ଅଭିଆଡି ରହିଗଲି,ତମ ସହିତ ଡେଟିଙ୍ଗ୍ ରେ ଯାଇ ।

❖❖❖

# କିଛି ବର୍ଷା ଛିଟା



ISSN-2583-6978
Volume-4
Issue-10
OCTOBER-2024

**ସହସମ୍ପାଦକ ପ୍ରଜ୍ଞା ମହାନ୍ତି**

**ତ୍ରିଶୁଳିଆ**

୧ –

ତଳେ ମୁକୁଳା ବନ୍ଧ, ଉପରୁ ଝରୁଛି ଝରଝର ମେଘ ।ହଲକ ଥରାଇ ସୁସୁ ପବନକୁ ଘୁଘୁ ଶବ୍ଦକରି ମାଡି ଆସିଲା ପାଣି। ସତେକି ପ୍ରକୃତି ପଣ କରିଛି ଜଳପ୍ରଳୟ କରି ନିମିଷକେ ଜଳସ୍ଥଳ ଏକାକାର କରିଦେବ !

ମାତ୍ର କେଇ କ୍ଷଣରେ ବିଲ-ବାଡି ଘରଦ୍ୱାର ପାଣିରେ ଉବୁଟୁବୁ। ସରପଞ୍ଚଙ୍କଠାରୁ ନେଇ ମନ୍ତ୍ରୀ-ଜନ୍ତ୍ରୀଙ୍କ ଯାଏ କେତେ ନେହୁରା ହୋଇ, ଧାରଣାରେ ବସି, ଅନଶନ କରି ଦୁଇବର୍ଷ ତଳେ ବନ୍ଧାଯାଇଥିଲା ବନ୍ଧ । ହେଲେ ଦିନ ଚାରିଟାର ଲଗାଣବର୍ଷାରେ ସବୁ ଧୋଇ ହୋଇଗଲା, ଯେମିତି ମାଟିଗଦା ।କିନ୍ତୁ ନିଜ ଆହତ ଘରକରଣା ସଜାଡୁ ସଜାଡୁ ବର୍ଷାକୁ ଦୋଷ ଦେଉଥିଲେ ସମସ୍ତେ !!!!

୨ –

ଉପରମୁଣ୍ଡରେ ବର୍ଷା ହୋଇ କ୍ୟୁସେକ କ୍ୟୁସେକ ଜଳ ମୁଣ୍ଡଳୀ ବ୍ୟାରେଜ୍ ଦେଇ ପ୍ରବାହିତ ହେଉଥିଲା। ଝିପିଝିପି ବର୍ଷାରେ ଭିଜି ଶହଶହ ସଂଖ୍ୟାରେ ଲୋକେ ଭିଡ ଜମାଇଥିଲେ ନଈବଢି ଦେଖିବାକୁ। ଗହଳି ଦେଖି ସେଇ ସଂଖ୍ୟାରେ ଦହିବରା ଆଳୁଦମ୍, ଉଠା ଚା ଦୋକାନ ସହ ଅନ୍ୟାନ୍ୟ ସାମଗ୍ରୀ ପସରା ମେଲିଥିଲେ। ବର୍ଷାରେ ଭିଜି ଭିଜି ପାଖାପାଖି ଛିଡାହୋଇ କିଛି ରୋମାଣ୍ଟିକ ଯୋଡି ରୋମାଞ୍ଚିତ ହେଉଥିଲେ। ନିର୍ଭୟରେ ନଦୀବନ୍ଧ ଉପରେ ପଇଁତରା ମାରୁଥିବା ବୁଡି ଅଞ୍ଚଳର ଯୁବକ ଜଣେ କିନ୍ତୁ ଭଉଁରୀ କାଟୁଥିବା ପାଣିକୁ ଅନାଇ ଭୟଭୀତ ହେଉଥିଲା। ଚାଷବାସ ତ’ ଗଲା,ଘରେ ବୁଢୀ ମା’କୁ ନବବିବାହିତା ସ୍ତ୍ରୀ, ପାଣି ପଶି ଯିବନି ତ !!!!।

୩–

ଦାଣ୍ଡ ଦୁଆରେ ଥିବା କଦମ୍ବଗଛ ମୂଳେ ଝଡି ପଡିଥିବା କଦମ୍ବଫୁଲଗୁଡିକୁ ଖରକି ସାରି ଅଣ୍ଟା ସଳଖିଲା ଭାନୁବୋଉ। ଚାହିଁଲେ ବି ଗଛଟାକୁ କାଟି ପାରୁନି ସେ । ଭାରି ଭଲପାଉଥିଲା ଭାନୁ । ବିଲକାମ ସାରି ବିଶ୍ରାମ ନେଲାବେଳେ ଏଇଗଛକୁ ଆଉଜି ବଇଁଶୀରେ ସୁର ଦିଏ। ହେଲେ ଗଲା ସନ ବର୍ଷା ଚାଷବାସ ସବୁ ଧୋଇନେଲା। ହାତ ଉଧାରି କରି ଅମଳ ପରେ ଶୁଝିବ କହି ଋଣ ଆଣିଥିଲା ଯେ ଋଣଭାର ସମ୍ଭାଳି ନପାରି ଚବିଶବର୍ଷ ର ଭେଣ୍ଡିଆ ପୁଅଟା ଆଗପଛ ନ ବିଚାରି ଏଇ କଦମ୍ବଗଛରେ ଓହଳି ପଡିଲା। ତା ଦୁଃଖରେ ଦୁଃଖିହୋଇ ବର୍ଷା ଝରୁଥିଲା ଝରଝର। କଦମ୍ବଗଛକୁ ଆଉଜି ନିଜ ଲୁହରେ ବେଶି ଓଦା ହେଉଥିଲା ଭାନୁବୋଉ।

୪ –

ମା’ ଚାଲନା ବାପା ଯେଉଁ ବ୍ୟାରେଜ୍ କାମ କରିଥିଲେ ସେଠାକୁ ଏଇ ଛୁଟିରେ ବୁଲିବାକୁ ଯିବା। ମନେ ପଡିଗଲା ତାଙ୍କର । ଏଇ ପ୍ରକଳ୍ପ ସମୟରେ କେମିତି ଧନଲକ୍ଷ୍ମୀ ଅକୁଣ୍ଠ ଚିତ୍ତରେ ଅଜାଡି ଦେଇଥିଲେ ଧନ । ଏ ଘରଦ୍ୱାର, ବ୍ୟାଙ୍କବାଲାନସ୍ ପ୍ରାୟ ସବୁକିଛି ସେଇ ସମୟରେ ହୋଇଥିଲା। ସ୍ୱାମୀଙ୍କ କୃତିକୁ ଆଉଥରେ ଆଖିପୁରାଇ ଦେଖିବାର ଇଚ୍ଛା ଥିଲେ’ବି ଦେହ ଖରାପ ହେବାରୁ ସେଦିନ ସେ ଯାଇପାରି ନଥିଲେ । ବୋହୂ ନାତିକୁ ଧରି ପୁଅ ତାଙ୍କର ଇଞ୍ଜିନିୟର ବାପାଙ୍କ ହାତଗଢା ବ୍ୟାରେଜ୍ ଦେଖିବା ସହ ରିମଝିମ୍ ବର୍ଷାର ମଜା ନେବାକୁ କିଛି ସାଙ୍ଗସାଥୀଙ୍କ ସହ ଖୁସିରେ ବାହାରିଗଲା। ହେଲେ କାଳ ଯେମିତି ଅପେକ୍ଷା କରିଥିଲା ସେଠି। ବାଦଲ ଫଟା ବର୍ଷାରେ ଭୁଷୁଡି ପଡିଲା ବନ୍ଧ। ଅନେକ ଚିହ୍ନା ଅଚିହ୍ନାଙ୍କ ସହ ଭାସିଗଲେ ସେମାନେ । ସ୍ୱାମୀଙ୍କ ଶଂଖମଲମଲ ପ୍ରାସାଦ ଭିତରେ ମୃତ୍ୟୁ କାମନା କରି ଏକୁଟିଆ ଲୁହରେ ଭିଜୁଥିଲେ ସେ।

# କରୋନାର ଦିଟା ସତଗପ



ISSN-2583-6978
Volume-4
Issue-10
OCTOBER-2024

**ପୁଷ୍ପାଞ୍ଜଳି ପଣ୍ଡା**

**ଯୋଜନା ସଂଯୋଜନା ବିଭାଗ**
**ଓଡ଼ିଶା ସରକାର**

(ଏକ)

'ବୁଢ଼ାଟା ଅତି ବାଜେ ଲୋକ' । ବୋହୁ ଆହୁରି ଅନେକ କୁଭାଷାରେ ପାଟିକରି କମ୍ପାଉଥାଏ। ଏ କରୋନା କଟକଣାରେ ବି କ୍ଷୀରଗଜା ଆଣି ନାତୁଣୀକୁ ଦେଇଛି ବୋଲି। ଜଟିଆ ଦୋକାନ କରୋନା ରେ ବନ୍ଦ ଯୋଗୁଁ ଘରେ ତିଆରିକରି ଲୁଚେଇ ବିକୁଛି। ହେଲେ କଣ ହେଲା। ମୋ ଝିଅର ଦେହ ଖରାପ ହେଲେ ବୁଢ଼ା ବୁଝିବ ! ନା ଆଉ କିଏ ପିଠିରେ ପଡିବ। କ୍ଷୀରଗଜାତକ ଧରି ରାସ୍ତାକୁ ଫୋପାଡ଼ି ଦେଇ ତମତମ ହୋଇ ସ୍ଵାମୀ ସରୋଜଙ୍କ ଆଗରେ ଫେରାଦ ହେଉଥିଲେ ମାନି।

ସରୋଜ ବାବୁ ସିଧା ଆସି ବାପାଙ୍କ ଉପରେ ବର୍ଷିଗଲେ।'ତମେ ଗୋଟିଏ ଅତି ବାଜେ ଲୋକ' ।ତମକୁ କେତେଥର କହିଛି କରୋନା ସମୟରେ ଘରେ ରହିବାକୁ ,ଅଥଚ ତମେ ସେଇ ଜଟିଆ ଦୋକାନ କୁ ଯିବ ହି ଯିବ। ଟା କଣ ଘରେ ଦଉନାହାନ୍ତି ! ଖିରଗଜା ନଖାଇଲେ ଚଳିନଥାନ୍ତା।ଏମତି କାମ କରି ଅଶାନ୍ତି ଡାକିହାକି ଘରକୁ ଆଣୁଛ।

ବୁଢ଼ା ଚୁପ୍ ହୋଇ ସବୁ ଶୁଣୁଥାଏ।ପାଞ୍ଚ ବର୍ଷର ନାତୁଣୀ ଝୁମ୍ପା କହୁଥାଏ 'ବାପା ,ସତରେ ଜେଜେ ଗୋଟିଏ ଅତି ବାଜେଲୋକ। ମୁଁ କହିଲି ମୁଁ ଖାଇବିନି, କହିଲେ ତୋ ବାପାର ଜନ୍ମଦିନ ଆଜି। କରୋନାରେ ସବୁ ତ ବନ୍ଦ ତେଣୁ ତୋ ବାପାର ପ୍ରିୟ ମିଠା ଖିରଗଜା ଘରକୁ ଆଣିଛି ସମସ୍ତେ ଖାଇବା।ଅତି ବାଜେଲୋକ।'

ବାଜେ ବୁଢ଼ାଟା ଠିଆହୋଇ ସବୁ ଶୁଣୁଥାଏ।ଆଉ ଲୁଚେଇ ଲୁଚେଇ ଲୁହ ପୋଛି ବାଡ଼ି ପଟକୁ ବାଡ଼ି ସଫା କରିବାର ଆହ୍ଵନ ଦେଖାଇବାକୁ ଚାଲିଗଲା।

(ଦୁଇ)

ନଖିଆ ସୁରତ ଫେରନ୍ତା।ଚଉଦ ଦିନ ସ୍କୁଲ ରେ କ୍ଵରେନଟିନ୍ ରହି ଘରକୁ ଆସିଲା ପରଠୁ ସବୁବେଳେ ମା ଉପରେ ରାଗି ନିଆଁବାଣ।ପଖାଳ ଆଉ ପିଆଜ ଫାଳେ ,ତା ସାଙ୍ଗରେ ଆମ୍ବୁଲ ଚକଟା।ମଣିଷ ଖାଇବ କେମିତି।ବରଂ କରୋନା ରେ ସ୍କୁଲ୍ ହତାରେ, ରୁଟି,ସୁଜି, ଚିକେନ ,ଭାତ ,ତା ସାଙ୍ଗରେ ତାସ ଖେଳ , ଲୁଚେଇ ମିଳୁଥିବା ଚାଖଣା ଆଉ ନାଲିପାଣି ।ବଢିଆ ଥିଲା।ସୁରତରେ ଦିନରାତି ଖଟି ଆଣିଥିବା ଚାରିହଜାର ଟଙ୍କା ଚଉଦ ଦିନରେ ଖତମ୍।ଏବେ ନଖିଆକୁ ଘର ଖାନା ରୁଚୁନି।ଘରେ ବୁଢା ବୁଢ଼ୀ ଦିଟା ଖାଲି କଟରକଟର ହଉଛନ୍ତି। ବିଲ କୁ ଯା କହୁଛନ୍ତି।ଟିଭିରେ ନ୍ୟୁଜ୍ ଦେଉଛି, ସରକାରଙ୍କ ତରଫରୁ କରୋନା ମୃତକଙ୍କ ପରିବାରକୁ ଅନୁକମ୍ପା ମୂଳକ ସାହାଯ୍ୟ ରାଶି ....ନଖିଆ ମୁଣ୍ଡରେ ମନ୍ଦ ବୁଦ୍ଧି ଜୁଟି ଗଲା।କିଛି ଗୋଟେ ହେଲେ ହୁଅନ୍ତା କହି ବାଜାରକୁ ବାହାରିଗଲା।ସକାଳୁ ସକାଳୁ ବୁଢ଼ାକୁ ନବାକୁ ମେଡ଼ିକାଲ ରୁ ଯମ ଦୂତ ପରି ଡ୍ରେସ ପିନ୍ଧି ଲୋକ ଆସି ହାଜର।ସତୁରି ବର୍ଷ ରେ ବି ଫିଟ୍ ବୁଢା ଟିକିଏ ଦୋକତା ଖାଇ ଖୁଁ ଖୁଁ କାଶିବାରୁ କେହି କିଛି କହିବା ଶୁଣିବା ପୂର୍ବରୁ ବୁଢାକୁ ନେଇଗଲେ। ସତକଣ ବୁଝିବା ଅବସ୍ଥାରେ କେହି ନଥାନ୍ତି।ବୁଢାର କାଲେ କରୋନା ପଜିଟିଭ୍।ବୁଢ଼ୀ କାନ୍ଦୁଥିଲା।ନଖିଆ ଭୁରୁଡୁ ପକେଇଲା। କହିଲା,ହେଃ,ଚୁପ ହ ।ବାପା ଲାଗି ଆମେ ମରିବା!! ଦି ଦିନ ପରେ ନଖିଆ କୁ ଜର।ଜର କମିବା ନା ଧରିଲାନି।ସବୁତକ ଲକ୍ଷଣ କରୋନା ସପକ୍ଷରେ।ସକାଳୁ ସକାଳୁ ପଞ୍ଚାୟତ ର ସ୍ୱାସ୍ଥ୍ୟ କର୍ମୀ ନଖିଆ କୁ ଧରି ନେଇଗଲେ।ବାପ ପୁଅ ଦୁହେଁ ଏକା ସାଙ୍ଗେ କରୋନା ଓ୍ଵଡ଼ରେ ପନ୍ଦର ଦିନ ସଂଘର୍ଷ କରି ଚାଲିଗଲେ।ନଖିଆ ମା ପାଗଳୀ ହେଇଗଲା ପରି ଖାଲି ଗପୁଛି।ମିଛରେ ବୋପାକୁ ନେଇଥିଲା ସତକୁ ସତ ନିଜେ ଗଲା ,ବୋପା ବି ଗଲା। ଏ ସରକାରୀ ଟଙ୍କା କଣ ହବ।ଦଇବରେ ମତେ ନେଇଯା।

# ଚରା



ISSN-2583-6978
Volume-4
Issue-10
OCTOBER-2024

**ଜିନାତମାମ ଦର୍ଜୀ**

**ବରପାଲି, ବରଗଡ**
**ମୋ -୮୦୧୮୮୦୭୧୫୩**

ବୈଶାଖ ମାସ। ଗାଁ ରେ ଧାଡ଼ିବାନ୍ଧି ଛିଡା ହୋଇଥିବା କୃଷ୍ଣଚୁଡା ଗୁଡିକ ମୁଣ୍ଡରେ ନାଲିଆ ଫୁଲର ଓଢଣା ଟାଣିଲେଣି। ରାସ୍ତାରେ ସାଇକେଲ୍ କି ଶଗଡ଼ ଗଡ଼ିଲେ ଧୂଳି ଉଡିଯାଉଛି। ପୋଖରୀରୁ ପାଣି ଶୁଖି ସବା ଶେଷ ପାଉଛ ଉପରକୁ ଦେଖା ଗଲାଣି। ଜଗନ୍ନାଥ ମନ୍ଦିର ସାମ୍ନା ଚଉଁରା ତୁଳସୀ ଗଛ ଖରା ମାଡ଼ ସହି ନ ପାରି ଶୁଖି ଗଲାଣି। ଲୋକଙ୍କ ଦେହରୁ ଉଠି ଆସୁଛି ଝାଳୁଆ ଗନ୍ଧ। ଆଜି ମଙ୍ଗଳବାର। କୁସମେଲ୍ ଗାଁ ରେ ମଙ୍ଗଳବାର ସାଧାରଣ ଦିନ ନୁହେଁ। ଏ ଦିନ ପାଖ ପଞ୍ଚାୟତ ଗାଁ ଦାମନଝୋଲ୍ ରେ ହାଟ ବସେ। ହାଟ ଆଡକୁ ଛୁଟି ଯାନ୍ତି ଗାଁ ଯାକ ଲୋକ। ପସରା ଲଗେଇ ନିଜ ସାମଗ୍ରୀ ବିକିବା ପାଇଁ। ପୁଣି ସପ୍ତାହକର ଘର ସଉଦା କିଣି ଆଣିବା ପାଇଁ । ଯେ ତ ସହର ନୁହଁ ଯେ କିଛି ଜିନିଷ ଉଁ କରି ଖୋଜିଲେ ହୁଁ କରି ମିଳିଯିବ। ହାଟ ଦିନରୁ କିଣିକି ରଖ, ନହେଲେ ପଡୋଶୀଙ୍କ ଠାରୁ ମାଗିକି କାମ ଚଳାଅ।

ଦିନ ଏଗାର ଟା ଖଣ୍ଡେ ହେବ। ଗାଁ'ରେ ବଦ୍ରି ଛଡା କୌଣସି ଅଣ୍ଡିରା ମଣିଷ ନଥିଲେ। ସମସ୍ତେ ଯାଇଥିଲେ ହାଟ। ବଦ୍ରି ଦେହରେ ଖଇଫୁଟା ଜର ବୋଲି ସେ ଯାଇ ପାରିନି ଏ ପାଳି ହାଟକୁ । ଏ ଖରା ମାସରେ ଜର କହିଲେ ଆଉ କ'ଣ କି ଏବଂ ଅଂଶୁଘାତ। ଖରା ଖିଆ ଜର। ଜୁବି ତପୁଦିଦି ର ବାଡ଼ିରୁ ଲେମ୍ବୁ କିଛିଟା ତୋଳି ଆଣି ସର୍ବଦ ଗୋଳି, ସେଥିରୁ କିଛି କିଛି ଦେଉଛି ଘଣ୍ଟେ ଦୁଇ ଘଣ୍ଟା ବ୍ୟବଧାନରେ ବଦ୍ରିକୁ ପିଇବାପାଇଁ। ବଦ୍ରି ଦାଣ୍ଡରେ ଖଟଟିଏ ପକେଇ ତାରି ଉପରେ ଗଡୁଥିଲା ।

-ତରଭୁଜଟିଏ ଫାଡ଼ିଲୁ ଜୁବି। ଦେଖ ନାଲି ବାହାରୁଛି କି ନା। ସେଇଥିରୁ କିଛି ଖାଇଲେ ଭଲ ଲାଗିବ ମତେ। ଜୁବି ଆଡକୁ ମୁଣ୍ଡ ଘୁରେଇ କହିଲା ବଦ୍ରି ।

-ହେଇଟି ଧଳା ପିଆଜ କେଇଟା କାଟି ବାଲ୍ଟି ପାଣିରେ ପକେଇ ଦେଇଛି। ତାକୁ ଗାଧୋଇ ନିଅ ଫେର ତରଭୁଜ ଫାଡ଼ି ଦେବି ଯେ ଖାଇବ। ତପୁଦିଦି କହିଛି ଏମିତି ପିଆଜ ପକା ପାଣିରେ ଗାଧୋଇଲେ ଖରାଟିଆ ଜର ଓହ୍ଲେଇ ଯାଏ।

ଗାଁ ର ଅଲଗା ମାଇପିମାନେ ବି ବ୍ୟସ୍ତ ଥିଲେ ନିଜ ନିଜ କାମରେ। କିଏ ଚୁଲିରେ ପତ୍ର ଜାଳି ସଜନା ବେସର ଫୁଟେଇବାରେ ତ କିଏ ଗୋବର ପୋତି ପିଣ୍ଡା ଲିପିବାରେ। କିଏ ନଡ଼ିଆ ପତ୍ରକୁ ଚିରି ଖଡ଼ିକା କାଢ଼ିବାରେ। କିଏ ମାଛରୁ କାତି ଛାଡେଇବାରେ। କିଏ ସଞ୍ଜ ବେଳେ ମନ୍ଦିର ରେ ତୁଳସୀ ଲାଗି କରିବାକୁ ଜଷ୍ଟ ବାନ୍ଧିବାରେ। ଏମିତି ଯିଏ ଯାହା କାମରେ ମାତିଥାନ୍ତି।

ଠିକ ସେତେବେଳେ ଗାଁର ଶାନ୍ତ ପରିବେଶକୁ ଚିରି ଏକ କର୍ଣ୍ଣକଟୁ ଫଟ୍ ଫଟ୍ ଶବ୍ଦ ସହ ପଶି ଆସିଲା ଗୋଟିଏ ପୁରୁଣା ଲୁନା ଗାଡି।

ଆକାଶରେ ଗାର ଟାଣି ଚାଲିଥିବା ରକେଟ ଭଳି, ମାଟିରେ ଧୂଳି ଗାର ଟାଣି ଧାଇଁ ଆସୁଥିଲା ଲୁନା। ତାରି ପଛରେ କିଛିଟା ମେଞ୍ଚଡ଼ ଟୋକା ଧୂଳିକୁ ବେଖାତିର କରି ଧାଇଁ ଆସୁଥିଲେ। ଯେଉଁମାନେ ପୋଖରୀର ପାଣି ଶୁଖିବାର ଲାଭ ଉଠେଇ ମାଛ ଧରୁଥିଲେ କିମ୍ବା ପଦ୍ମ ତୋଳୁଥିଲେ। ଗାଁ କୁ ଯେଉଁ ଗାଡି ଆସିଲେ ତା ସହ ଦୌଡ଼ ପ୍ରତିଯୋଗିତା କଲାଭଳି ଧାଇଁବା ଏମାନଙ୍କ ସ୍ୱଭାବ।

ଗାଁ ମଝିରେ ଲୁନା ରଖି କ୍ଷ ଓହ୍ଲେଇ ପଡିଲା ଏକ ବିଶାଳ ବାହୁ, ଚଉଡା ଛାତି, ମୋଟା ନିଶ, ବହଳ ଦାଢ଼ି, ତେଲିଆ କଳା ରଙ୍ଗର ଡେଙ୍ଗା ମଣିଷ ଟିଏ । ବିଦେଶୀ ହୋଇଥିବ କି କ'ଣ ଓଡିଆ ଲୋକ ଭଳି ଜମା ଲାଗୁନି। କଉ ମଧ୍ୟପ୍ରଦେଶ କି ବିହାର ଲୋକ ହୋଇ

ପାରେ ।

ଲୋକଟି ଏଥର ଉଚ୍ଚ ପାଟିରେ ଡାକଛାଡି ଆହବାନ କଲା – 'କୋଇବି ପୁରାନା ବର୍ତ୍ତନ ଦେକେ ନୟା ଲେଲୋ ସିରିଫ୍ ଏକ ହଫତେ ମେ। ବିଲକୁଲ ନୟା ଓ ପୁରାନେ କେ ବଦଲେ ନୟା। '

ଲୋକଟାର ଏମିତି ଘୋଷଣା ଶୁଣି,କଥା କ'ଣ ଜାଣିବା ପାଇଁ, ଯିଏ ଯାହା କାମ ଛାଡି ଉଠି ଆସିଲେ ତା ପାଖକୁ।

ବଦ୍ରି ହିନ୍ଦି ବୁଝେ । ସୁରାଟରେ ଦାଦନ ରହି କାମ କରୁଥିଲା କିଛି ମାସ। ସେ ବୁଝେଇ ଦେଲା ସମସ୍ତଙ୍କୁ ଯେ ଲୋକଟା କହୁଛି,ପୁରୁଣା ବାସନ କୁସନ ଦେଲେ ସପ୍ତାହକ ପରେ ନୂଆଁ ବାସନ ଫେରେଇବ।

ସୁକୁନି ପଚାରିଲା, 'ନୁଆଁ ବାସନ ପାଇବାକୁ କେତେ ଟଙ୍କା ଲାଗିବ ?'

ଲୋକଟା ଉତ୍ତର ଫେରେଇଲା, 'କୋଇ ପଇସା ନହିଁ ଲଗେଗା। ଏକ ହଫତେ ମେ ବିଲକୁଲ ନୟା।'

ଅଦ୍ଭୁଦ କଥା ଯେ,ପୁରୁଣା ବଦଳରେ ନୁଆଁ ଦେବ ପୁଣି ବିନା ପଇସାରେ ! ନିହାତି ଯେ ଗୋଟିଏ ଠକ ହୋଇଥିବ। ସମସ୍ତେ ମୁହଁ ଚାହାଁ ଚୁହିଁ ହୋଇ ଫିସ ଫିସ ହେଲେ।

'ହେଇଟି ବାବୁ ! ଯେଡ଼ିକି ଟେ ନେବ ସେଡ଼ିକି ଟେ ଫେରେଇବ ନା ଛୋଟ ଟେ ? ' ଶୁକ୍ରୁ ମାଝିର ବୁଢ଼ୀ ମାଁ ପଚାରିଲା।

ମାଇପ ଗହଳିରୁ ଧୀର ଗଲାରେ ଶୁଭୁଥିଲା, 'ଆରେ ମାଉସୀ ଠିକ୍ କଥା ପଚାରୁଛନ୍ତି ବଡ଼ ଟେ ନେଇ ଯଦି ସାନଟେ ଫେରେଇଲେ ତାହେଲେ ତ ଠକେ ପଡିବା ସାର ହେବ। ଏ ନିହାତି ଏମିତି କରୁଥିବ ନା , ନହେଲେ କି ଲାଭ ପାଉଛି ଯେ ପୁରୁଣା ବଦଳରେ ନୁଆଁ ଦେବ' ?

'ଆପ୍ ଲୋଗ୍ ଜିତନେ ସାଇଜ୍ କା ଦୋଗେ ଉତନେ ସାଇଜ୍ କା ନୟା ମିଲେଗା। ନା ଛୋଟା ନା ବଡା।'

ହାଁ କିନା ଅନେଇ ରହିଲେ ସମସ୍ତେ।

'ପିତ୍ତଳ ବଦଳରେ ଷ୍ଟିଲ,କି ଷ୍ଟିଲ ବଦଳରେ ରସ ବାସନ ଫେରେଇ ଦେବନି ତ ? 'ବଦ୍ରି ଶେଷ ଶଙ୍କା ଦୂର କରିବାକୁ ପଚାରିଲା।

ନା ଭଙ୍ଗି ରେ ମୁଣ୍ଡ ହଲେଇ କହିଲା ଲୋକଟି 'ନହିଁ ଜିସ୍ ଚିଜ୍ କା ହୋଗା ଉସିକା ଦେଙ୍ଗେ ।

ତାହେଲେ ଲୋକ ଟା କି ଲାଭ ପାଉଥିବ ? ପୁଣି ନିଜ ଭିତରେ ଚାପା ଗୁଞ୍ଜରଣ।

'ଆମଠୁ ପୁରୁଣା ନେଇ ନୁଆଁ ଦେଲେ ତୁମେ କି ଲାଭ ପାଇବ କି ଗୋ' ତପୁ ଦିଦି ପଚାରିଲା। ତାର ରୋକ୍ ଠୋକ୍ ମୁହଁ ଉପରେ କଥା। ସାମାନ୍ୟ ଭାବରେ କଥା କହିଲେ ବି ସାମ୍ନା ଲୋକକୁ ଧମକ୍ ଦେଲା ଭଳି ଶୁଭିବ।

'ଲାଭ୍ ହୋତା ହେ ହମକୋ। ବୋହତ୍।'

'କେମିତି ଲାଭ ହୁଏ ? କି ଲାଭ ହୁଏ ?

ଅତି ସାଙ୍ଘାତିକ ପ୍ରଶ୍ନ ମାଡ଼ ଚାଲୁ କରିଦେଲା ତପୁ ଓରଫ୍ ତପସ୍ୱିନୀ ଦିଦି । ଜୁବି ତାଙ୍କ ହାତ ଭିଡି କହୁଥାଏ, 'ଚୁପ ରୁହନା ଦିଦି। ଲୋକଟାକୁ ଏମିତି ପଚାରିଲେ ଖରାପ ଭାବିବନି ?'

'ଆରେ ତୁ ଚୁପ୍ ରହ ଖରାପ ଭାବିଲେ ଭାବୁ। ସେ କ'ଣ ମୋର ସମ୍ପର୍କୀୟ କି ଚିହ୍ନା ଜଣା ହେଉଛି ଯେ ଖରାପ ଭାବିଲେ ମୋର କିଛି ଯିବ। ଯାହା ଭାବିଲେ ମୋର ଢ଼ୋ!'

'ସାରି ବାତ ବତା ଦେଙ୍ଗେ ତୋ ଆପ୍ ଭି କରନେ ଲଗୋଗେ। ଫିର୍ ହମାରି ରୋଜି ରୋଟି କେସେ ଚଲେଗି ଜିଜି ?'

ଆଉ କାହାରି କିଛି ପଚାରିବାର ନଥିଲା। କିନ୍ତୁ ତାକୁ ପୁରୁଣା କିଛି ଦେବାର ସାହସ ବି କାହାରି ପାଖରେ ନଥିଲା। ସମସ୍ତେ ନିଶ୍ଚିତ ଥିଲେ ଯେ ଠକ ଛଡା କିଛି ନୁହେଁ । ତାକୁ ଦେଇ ଦେବା ଅର୍ଥ ଆଉ ଥରେ ଫେରି ପାଇବାର ଆଶା ଛାଡି ଦେବା। ଏବେ ମୂର୍ଖ ସାଜି ଦେଇ ଦେଲେ ପରେ ଦୁଃଖ କରିବା ହିଁ ସାର ହେବ।

ନାଇଁ ନାଇଁ କରି ଯିଏ ଯାହା ଘରକୁ ଫେରି ଯିବାକୁ ହେଉଥିଲେ ସମସ୍ତେ।ସେତେବେଳେ ବଦ୍ରି ସାତ ଆଠ ଜାଗାରେ କଣା ହୋଇଥିବା ଏକ ବଡ଼ ପିତ୍ତଳ ଗରା ଆଣି କଚାଡିଦେଲା ସେ ବିଦେଶୀ ଲୋକର ସାମ୍ନାରେ। ଅନ୍ୟ ମାନେ ବୁଦ୍ଧି ଦେଲେ। 'ସେ ଆଉ ଫେରିବନି ରେ ଭାଇ। ତାକୁ ସମାନ ଦିଅ କି ପାଣିକୁ ଫୋପାଡ଼ ଏକା କଥା। ବରଂ ସେ ଗରାକୁ ଦୋକାନ ରେ ବଦଳା କଲେ ହଜାରେ ଦୁଇ ହଜାର ମିଳିବ। ଏଡ଼େ ଦାମୀ ଜିନିଷଟେ ନୁଆଁ ପାଇବା ଲୋଭରେ ହରେଇ ଦିଅନି। ଜୁବି ବି ଅନ୍ୟ ମାନଙ୍କ ସହ ପାଳିଆ ଧରିଲା।

ବଦ୍ରି ଛାତିରେ ହାତ ବାଡେଇ କହିଲା ।

'ମୁଁ ଜାଣିଛି ଯେ ଆଉ ଆସିବନି। ମୁଁ ମୋ ଗରା ଯାକୁ ଦାନ ଦେବା ଅର୍ଥରେ କଳ୍ପନା କରି ଦେଉଛି । ଯେ ନ ଫେରିଲେ ଦାନ ଦେଲି ବୋଲି ଭାବିବି । ତୁଚ୍ଛା କଣା ଗରା ଟାକୁ କି ଲୋଭ ଯେ ପୁଣି ବଦଳା କରିବି, ଯା ପାଖରେ ହେଉ କି ଦୋକାନରେ ହେଉ। ହାତ ଥିଲେ ହାଣ୍ଡିର କି ଚିନ୍ତା ? ପୁଣି କାମ କରିବି ନୁଆଁ କିଣିବି।

ତା କଥା ଜୁବିକୁ ମନ୍ତ୍ର ଭଳି ଲାଗିଲା ନା କଣ, ଏକ ପ୍ରକାର ସମ୍ମୋହନରେ ଧାଇଁ ଗଲା ଘର ଭିତରକୁ । ଘରୁ ଏକ ମୋଡି ମାଡି ହୋଇ ଯାଇଥିବା ରସ ଡ଼ାଲା ଆଣି ବଢ଼େଇ ଦେଲା ବଦ୍ରି ହାତକୁ, 'ଯାକୁ ବି ଦେଇ ଦେବା।'

ସେଇୟା ହେଲା ଲୋକଟି ଗରା, ଡ଼ାଲା ନେଇ ଫେରିଗଲା। ସତ୍ୟା ସତ୍ୟ ପାଇଁ ସମସ୍ତେ ଅପେକ୍ଷା କଲେ ଆସନ୍ତା ମଂଗଳବାରକୁ।

ହାଟ ଉଠିଲା ପରେ ସନ୍ଧ୍ୟାରେ ଘରକୁ ଫେରିଲେ ମରଦପିଲେ। ପ୍ରତି ଘରେ ସ୍ତ୍ରୀ-ସ୍ୱାମୀ ଭିତରେ ସେଇ ଗୋଟିଏ ବିଷୟକୁ ନେଇ ଆଲୋଚନା। ଜଣେ କେମିତି ପୁରୁଣା ବଦଳରେ ନୂଆଁ ଦରବ ଦେବ? ତା ପୁଣି ମାଗଣାରେ! ଆଉ ବଦ୍ରିର ମୂର୍ଖାମୀ କଥା। ସ୍ୱାମୀମାନେ ସ୍ତ୍ରୀଙ୍କୁ ଚିଡି ସତର୍କ କଲେ ଯେମିତି ସେଇ ଭଳି ମୂର୍ଖାମୀରେ କେବେ ବି ନ ପଡନ୍ତି । 'ଏହେ.. ସେ ଲୋକ କ'ଣ ଭଗବାନ? ହାଁ! ନିଜ ପଇସାରେ ଗାଡ଼ିରେ ପେଟ୍ରୋଲ ଭରି ଲୋକଙ୍କ ବାସନ ନୂଆଁ କରି ଦେବାର ଆଶୀର୍ବାଦ ଦେବାକୁ ଆସିଛି, କାଇଁ କେଉଁ ରାଜ୍ୟରୁ ହଇରାଣ ହୋଇ । ଠକ... ସିଏ ଠକ... । ଲୋକଙ୍କୁ ବୋକା ଭାବୁଛି।'

'ମୁଁ ଥିଲେ ତାକୁ ନେଇ ପୋଲିସ ରେ ଦେଇଥାନ୍ତି । ମରଦପିଲା ଥିଲା ଦିନ ସିନା ଆସନ୍ତା, ମଙ୍ଗଳବାରରେ କ'ଣ ପାଇଁ ଆସିଛି । ଲୋକ ଟା ଠିକ ଜାଣେ ତା କଥାରେ ଭାସିଯିବା ଲୋକ ମରଦ ପିଲା ନୁହନ୍ତି । ସେଇଥିପାଇଁ ସ୍ତ୍ରୀ ଲୋକଙ୍କୁ ତାର ଟାର୍ଗେଟ। ଶଳା ବଦ୍ରି ଟା ମାଇଚିଆ, ବୋକା ବନିଗଲା ।'

'ଖବରଦାର ଯଦି ତାକୁ କେବେ କିଛି ଦେଇଛୁ । ଚୁଲି ଫୁଙ୍କା ନଳାରେ ବାଡେଇ ତୋର ଗୋଡ଼ ଭାଙ୍ଗିଦେବି, ବୁଝିଲୁ ।

ଏମିତି କେତେ ଘରେ କେତେ କଥା।

ରାତି ପାହିଲା, କଥା ହଜିଲା ଭଳି ଲୋକେ ସେ କଥା ଭୁଲିଗଲେ। ମନରୁ କାଢ଼ିଦେଲେ କି ସେ ପରଦେଶୀ ଲୋକ ଆଉ ପୁଣି ଫେରିକି ଆସିବ। ଦିନ ପରେ ଦିନ ବିତି ସାତ ଦିନ ହେଲା । ମଙ୍ଗଳବାର ଆସିଲା।

ଦିନ ଏଗାର ଟା ବେଳକୁ ଗାଁର ନୀରବତା ଭାଂଗିଲା ପୁଣିଥରେ ସେଇ ଲୁନାର ଫଟ୍ ଫଟ୍ ଶବ୍ଦ। ସେ ଶବ୍ଦ କାନରେ ବାଜୁ ବାଜୁ ସମସ୍ତଙ୍କ ଯେମିତି ହୋସ୍ ଫେରିଲା। ଆଜି ମଙ୍ଗଳବାର ଆଉ ଲୋକଟା ନୂଆଁ ବାସନ ନେଇ ଫେରିବାର ଥିଲା। ଏ ତ ତା ଗାଡି ଶବ୍ଦ! ତାହେଲେ କ'ଣ ସେ ସତରେ ନୂଆଁ ଆଣି ଦେଇଛି। ରିମୋଟ କଣ୍ଟ୍ରୋଲରେ ଚାଲୁଥିବା ରୋବଟ ପରି ଲୋକଟିର ଗୋଟିଏ ଡାକ ର ସ୍ୱିଚ୍ ଟିପୁ ଟିପୁ ସମସ୍ତେ ଦାଣ୍ଡରେ ହାଜର ହେଲେ।

ବଦ୍ରି ଏ ପାଳି ସୁସ୍ଥ ହୋଇ ହାଟ ଯାଇ ସାରିଥାଏ। ଏମିତିରେ ତାର ବି ଆଶା ନଥିଲା ଯେ ଲୋକଟା ଫେର୍ ଥରେ ଆସିବ।

ଗାଁ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଲୋକଟାର ପୁରୁଣା ଲୁନାରେ ବନ୍ଧା ହୋଇଥିବା ଦୁଇଟା ନୂଆଁ ଗରା ଓ ଡ଼ାଲା। ଆହାଃ ପୁରା ନୂଆଁ ବୋଲି ନୁଆଁ । ଏମିତି ଚିକ୍ ଚିକ୍ କରୁଛି ଯେ ଆଖି ଝଲସି ଯିବ। ସାମ୍ନାରେ ଛିଡା ହୋଇଗଲେ ଆଇନା ଭଳି ମୁହଁ ଦିଶିଯିବ। ଛୋଟ ନୁହଁ ଯେଉଁକି ବଡ଼ଟେ ବଦ୍ରି ଦେଇଥିଲା ଠିକ ସେତିକି ଟିଏ।

ଲୋକଟା ନୂଆଁ ବାସନକୁ ଜୁବି ହାତରେ ଦେଉ ଦେଉ ଜୁବି ମୁହଁରେ ଫୁଟି ଉଠିଲା ଖୁସିର କୁରେଇ ଫୁଲ। ହଁ ଠିକ୍ ଏମିତି ଦିଶୁଥିଲା ତା ଗରିଆ ଟା, ବାହା ହୋଇ ବଦ୍ରି ଘରକୁ ଆସିଲା ବେଳେ, ଆଣିଥିଲା ସାଥିରେ। କୃତଜ୍ଞତା ଭରା ଚାହାଁଣୀରେ ଥରେ ଅନେଇ ଥିଲା ବିଦେଶୀକୁ।

ନୂଆଁ ବାସନ ଗୁଡିକ ଘୁରିଲା ୟା ହାତରୁ ତା ହାତକୁ। ପ୍ରମାଣିତ କରୁଥିଲା ଗାଁ ର ସମସ୍ତେ ଭୁଲ ଥିଲେ। ଗାଁ ଲୋକ ଏବେ ନିଜକୁ ନିଜେ ଗାଳି କରୁଥିଲେ ସେମାନେ ସେ ଲୋକଟାକୁ ମିଛଟାରେ ଠକ ଭାବିଲେ ବୋଲି । ଦୁନିଆ ରେ ଯଦି ସମସ୍ତେ ଠକ ତାହେଲେ ଦୁନିଆ ଚାଲିଛି କେମିତି? କିଛି ତ ଏ୍ୱ ବିଦେଶୀ ଲୋକ ଭଳି ଭଲ ଲୋକ ବି ଅଛନ୍ତି।

' ଆପ୍ ଲୋଗୋ ସେ ଝୁଠ୍ କ୍ୟୁ ବୋଲୁଙ୍ଗା ? ଉପର୍ ଈଶ୍ୱର୍ ବେଠା ହେ ନା,ବୋ ସବ୍ କୁଛ୍ ଦେଖ୍ ରହା ହେ। 'କୁଛ୍ ଗଲତ୍ କିୟା ତୋ ବୋ ହମେ ମାଫ୍ କରେଗା କ୍ୟା' ଲୋକ ଟି କହୁଥାଏ। ଅନ୍ୟ ମାନେ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଉଥାନ୍ତି ।

ଲୋକଟି ଫେରିବା ଆଗରୁ ତା ପାଖରେ ରୁଣ୍ଡ ହୋଇ ସାରିଥାଏ ଅନେକ ହାଣ୍ଡି, ବାଲ୍ଟି, ଗରା, ପରାତ ଆଦି କେତେ କ'ଣ ।

ଲୁନା ପଛରେ ବାସନକୁସନର ଏକ ଛୋଟ ପାହାଡ଼ ବାନ୍ଧି କୁସମେଲ୍ ଗାଁକୁ ପଛ କରି ଫେରି ଯାଉଥିଲା ଲୋକଟି । ନୁଆଁ ପାଇବାର ସ୍ୱପ୍ନ ବାନ୍ଧି ଅନେକ ଆଖି ଅନେଇଥାନ୍ତି ତାର ଯିବା ବାଟକୁ।

ସେଦିନ ସନ୍ଧ୍ୟାରେ ବି ଗାଁର ସ୍ୱାମୀ-ସ୍ତ୍ରୀ ଭିତରେ ଆଲୋଚନା ବିଷୟ ସେଇ କଥା ଥିଲା। ଜୁବି ପାଖରୁ ନୁଆଁ ବାସନ କେତେବେଳେ ଯେ ମାଗି ନେଇ ଥାଏ ତା ସ୍ୱାମୀକୁ ଦେଖେଇବା ପାଇଁ ତ କେତେବେଳେ ସେ ମାଗି ନେଉ ଥାଏ ତା ସ୍ୱାମୀଙ୍କୁ ଦେଖେଇବା ପାଇଁ । ସେ ଲୋକକୁ ବାସନ ଦେଇ ଦେଇଥିବାରୁ କୌଣସି ସ୍ତ୍ରୀ ସେଦିନ ଗାଳି କି ମାଡ଼ ବି ଖାଇ ନଥିଲେ ସ୍ୱାମୀଙ୍କ ଠାରୁ । ବରଂ ଆଉ କେଉଁ କେଉଁ ବାସନ ଦିଆ ଯାଇ ପାରିଥାନ୍ତା ତାର ଏକ ମୌଖିକ ତାଲିକା ପ୍ରସ୍ତୁତ କରୁଥିଲେ ସ୍ୱାମୀମାନେ। ଆର ସପ୍ତାହ କେମିତି ହାଟ ନ ଯାଇ ନିଜେ ଉପସ୍ଥିତ ରହି ଅବଶିଷ୍ଟ ବାସନ ନିଜ ତତ୍ତ୍ୱାବଧାନରେ ଦେବେ ତାହା ଘୋଷଣା କରୁଥିଲେ ନିଜ ନିଜ ସ୍ତ୍ରୀ ମାନଙ୍କ ପାଖରେ।

ଏଥର କିନ୍ତୁ ଉତ୍କଣ୍ଠାର ସହ ଅପେକ୍ଷା କଲେ ସମସ୍ତେ ମଙ୍ଗଳବାରକୁ ।

ମଙ୍ଗଳବାର ଦିନ,ଦିନ ଏଗାର ଡେଇଁ ବେଳା ହେଲା,ସଞ୍ଜ ହେଲା, ରାତି ହେଲା ଲୋକଟିର ଦେଖା ନହିଁ । ତାହେଲେ ଲୋକ ଟା କ'ଣ ଠକି ଦେଲା ତାଙ୍କୁ ? ନା ନା ସୁବିଧା ଅସୁବିଧା ଅନେକ କଥା ଅଛି। ଦେହ ପା' ଖରାପ ହୋଇଥିବ। ଆଉ ଦିନେ ଦୁଇ ଦିନ ପରେ ଆସିବନି। ନହେଲେ ଆର ସପ୍ତାହକୁ ଆସିବ। ଏତେ ଗୁଡିଏ ବାସନ ନେଇଛି ତାକୁ ନୂଆଁ କରିବା କ'ଣ ସହଜ କଥା ? ଯେମିତି ହେଲେ କିଛି ଦିନର ସମୟ ଲାଗିବ। ପୁରୁଷପିଲେ ଦୁଃଖ କରୁଥିଲେ ତୁଚ୍ଛାରେ ହାଟ ନ ଯାଇ ସମୟ ନଷ୍ଟ କଲେ ବୋଲି। ଅକାରଣ କେତେ କ୍ଷତି ମୁଣ୍ଡେଇଲେ।

ଲୋକେ ଅପେକ୍ଷା କରି ଚାଲିଥିଲେ। ଗୋଟିଏ ମଙ୍ଗଳବାର ପରେ ଆଉ ଗୋଟିଏ ମଙ୍ଗଳବାର ଆସୁଥାଏ କିନ୍ତୁ ଆସେନା ସେ ଲୋକର ଲୁନା ଗାଡିର ଫଟ୍ ଫଟ୍ ଶବ୍ଦ କାନକୁ । ଆସେନା ତାଙ୍କ ପୁରୁଣା ବାସନ ନବକଳେବର ରୂପ ପାଇ ଲୁନା ପିଠିରେ ଲାଉ ହେଇ। ଆସେନା ସେ ତେଲିଆ କଳା ବିଶାଳ ମଣିଷଟା। ଉକ୍ତ ଲୋକଟି ଯେମିତି ଗାଁ ର ବାଟ ଭୂଲି ଯାଇଛି।

ଚାରି ପାଞ୍ଚ ସପ୍ତାହ ପରେ ଲୋକେ ଠିକ ବୁଝି ପାରୁଥିଲେ ସେ ଲୋକଟା ସବୁ ନେଇ ଚମ୍ପଟ ମାରିଛି ନିଜ ରାଜ୍ୟକୁ । ଜୁବିକୁ ଦେଇ ଥିବା ନୂଆଁ ବାସନ ତ କେବଳ ତାର ଠକାମୀ ଜାଲରେ ଲୋକଙ୍କୁ ଫସେଇବା ପାଇଁ ଚରା ଥିଲା। ଯେଉଁ ଚରା ଲୋଭ ଦେଖି ଏବେ ସେମାନେ ଠକାମୀ ଜାଲରେ। ଗୋଟିଏ ଭଲ ସବକ୍ ପାଇଲା ପରେ ଲୋକେ ଠିକ ବୁଝି ପାରୁଥିଲେ। ସବୁ କ୍ଷତି ଭୂଲି ଲୋକେ ଘଟଣାକୁ ଭୂଲି ଯିବାକୁ ଚେଷ୍ଟା କରୁଥିଲେ ଧୀରେ ଧୀରେ।

❖❖❖

# ବଡଘର ବଡ ଗୁମର କଥା



ISSN-2583-6978
Volume-4
Issue-10
OCTOBER-2024

**ପ୍ରଜ୍ଞା ପାରମିତା ପଣ୍ଡା**

**କେନ୍ଦ୍ରାପଡା**

ଦେବୁ ମଙ୍ଗରାଜ। ସେ କେଉଁ ମହାନ ନାଟକର ଚରିତ୍ର ନୁହଁନ୍ତି, ବରଂ ଜଣେ ଗାଉଁଲି ଶାନ୍ତ ସରଳ ମଣିଷ ଯାହା ଗାଆଁଲୋକ କୁହନ୍ତି।

ଆହୁରି କୁହନ୍ତି ସେ କାଳେ ଜଣେ ଅମାୟିକ ତଥା ସେବାପରାୟଣ ମଣିଷ ନହେଲେ କଣ ଏମିତି ଦୁଃଖୀ ଦରିଦ୍ରଙ୍କର ଦୁଃଖ ହରଣ କରିବାର ମନୋବୃତ୍ତି ରଖନ୍ତେ ନା ବିନା ଯୌତୁକରେ ସେମାନଙ୍କ କନ୍ୟାରତ୍ନଙ୍କୁ ରାଣୀ ବନାଇ ନିଜ ଘରକୁ ଆଣନ୍ତେ ।

ପ୍ରକୃତରେ କହିବାକୁ ଗଲେ ନାଆଁ ଟା ଯାହା ଜମିଦାରୀ ଅମଳର, ନହେଲେ କଣ ଆଉ ବାକିଅଛି, ଯାହାଥିଲା ସବୁତକ ଧୂଳିବଣ୍ଟାରେ ଗଲା । ଆଉ ଯାହା ବଳିଲା ସେସବୁ ବିକାଭଙ୍ଗା କରି ଯେନତେନ ପ୍ରକାରେ ଗୁଜୁରାଣ ମେଣ୍ଟୁଛି । ଲୋକ ଜାଣିବାକୁ ମଙ୍ଗରାଜେ ଖୁବ୍ ବିତ୍ତଶାଳୀ ହେଲେ ଖୁବ୍ ଦୁଃଖୀ ।

ଜୀବନରେ ତିନି ତିନିଥର ବିବାହ କରିବା ସତ୍ତ୍ୱେ ସେ ଅବିହାଡା ଅର୍ଥାତ୍ ତିନୋଟିଯାକ ପତ୍ନୀ ଫେରାର । କିଏ, କେତେବେଳେ ଓ କାହାସହ ଗଲା ଏକଥାର ସୁରାକ ଯଦିଓ କିଛି ମିଳିନି ତଥାପି ମଙ୍ଗରାଜେ ନିଜ ମନକୁ ବୁଝାଇ ନେଇଛନ୍ତି ଆଉଥରେ ବିବାହ ପାଇଁ, ଚତୁର୍ଥ ବିବାହ ।

ରାମା ମୁରାରୀର ଦୁଃଖ ହରଣ କରିବାକୁ ଯାଇ ତାର ଶେଷ ତଥା କୋଳପୋଛା କନ୍ୟାକୁ ତୋଳାକନ୍ୟା କରି ବିଧିବଦ୍ଧ ଭାବେ ଚତୁର୍ଥ ପତ୍ନୀର ମାନ୍ୟତା ଦେଇଛନ୍ତି ମଙ୍ଗରାଜେ । ବୟସାଧିକ୍ୟ ସତ୍ତ୍ୱେ ତାଙ୍କ ରସିକ ପଣର ଅନ୍ତ ଘଟିନାହିଁ କହି ଗାଆଁ ଲୋକେ ଗାଆଁରେ ହୁରି ପକାଉଛନ୍ତି । ଆହୁରି କହୁଛନ୍ତି ମଙ୍ଗରାଜେ କାଳେ ବଡ ଭାଗ୍ୟବାନ୍। ନହେଲେ କଣ ରୂପରେ ଗୁଣରେ ଖୁଣି ହେଉ ନଥିବା ଅଠର ବର୍ଷୀୟା ମୋହିନୀକୁ ନିଜର କରି ପାରିଥାନ୍ତେ ।

ବୁଲେଟ ଗାଡିର ଶ୍ରୁତିକଟୁ ଶବ୍ଦରେ ଖୁସି ହୋଇଗଲେ ମଙ୍ଗରାଜ। ବୋଧହୁଏ ତାଙ୍କ ଭଣଜା ଆସିଥିଲା । ଭଣଜା ଯଦିଓ ନିଜର ନଥିଲା ଲୋକ ଜାଣିବାକୁ ସେ କିନ୍ତୁ ନିଜର ନିଜର କହି ଡିଣ୍ଡିମ ପିଟୁଥିଲେ।

ତେବେ ତାର ଆସିବା ଓ ନଆସିବା ଅନେକ ରହସ୍ୟ ସୃଷ୍ଟି କରୁଥିଲା । ଯାହା ସେହି ଘରେ ଚାଳିଶି ବର୍ଷହେବ କାମକରି ଆସୁଥିବା ରଙ୍କୁଣୀ ବୁଢୀର ମଗଜରେ ପଶୁନଥିଲା ।

ବୁଢୀ କିନ୍ତୁ ଏତିକି ଜାଣେ, ଭଣଜା ଆସିବା କ୍ଷଣି ଚଡକ ପଡେ ସେହି ଘର ଉପରେ । ଗ୍ରହଣ ଲାଗିଯାଏ ମଙ୍ଗରାଜେଙ୍କ ସୁଖର ସଂସାରରେ । ଥରଥର କରି ତିନୋଟିଯାକ ସ୍ତ୍ରୀ ଫେରାର ହୋଇଗଲେ। ତା ସହ ଫେରାର ହୋଇଯାଏ ଏହି ଭଣଜା। ତଥାପି ମଙ୍ଗରାଜ ତାକୁ ଭଲ ପାଆନ୍ତି । ଇଏ କି କଥା ? କଥା କିଛି ହଜମ ହୁଏନି ବୁଢୀର । ଆଜି ପୁଣିଥରେ ସିଏ ଆସିଛି । ନିଶ୍ଚୟ କିଛି ଘଟାଇବ । ମନକୁ ପାପ ଛୁଇଁଲା ବୁଢୀର ।

ତେବେ କୌଣସି ପ୍ରତିକ୍ରିୟା ରଖିଲେନି ମଙ୍ଗରାଜ । ନିଜ ପାଖରେ ବସିବାକୁ ଇସାରା କରି ପତ୍ନୀଙ୍କୁ ଡାକପାରିଲେ , ଭଣଜାର ଖାତିରଦାରୀ ନିମନ୍ତେ ।

ଭଣଜା ଯେବେ ଆସେ ସପ୍ତାହ କିମ୍ବା ଦୁଇ ସପ୍ତାହ ମାମୁଁଘର ସୁଖ ଭୋଗକରେ । ମାଇଁ ହାତ ରନ୍ଧାର ପ୍ରସଂଶାକରେ । ଏମିତିକି ମାଇଁର ପ୍ରିୟଭାଜନ ହେବା ନିମନ୍ତେ ମାଇଁଙ୍କୁ ରୋଷେଇବାସରେ ସାହାଯ୍ୟ ମଧ କରେ ।

ଏସବୁକୁ କେହି ନହେଲେ ବି ବେଶ୍ ଭଲ ଭାବରେ ବୁଝେ ରଙ୍କୁଣୀ ବୁଢୀ । ଖାଲି ଯାହା ବୁଝି ପାରେନି ଭଣଜା ଆସିବା ଓ ମାଇଁ ନିରୁଦ୍ଦିଷ୍ଟ ହେବାର ରହସ୍ୟ ।

ଏଇତ କିଛିଦିନ ହେବ ବୁଢୀ ଲକ୍ଷ୍ୟ କରୁଛି ମାଇଁ ଓ ଭଣଜାର ସ୍ନେହ ପ୍ରେମ ଖୁବ୍ ବଢିଛି । ଅଧିକ ରୁ ଅଧିକ ହୋଇଛି ସେମାନଙ୍କ ନିବିଡତା , ଅନ୍ୟ ମାଇଁଙ୍କ ଭଳି । ସନ୍ଦେହ ଟିଏ ମୁଣ୍ଡ ଟେକିଲା ମନରେ । ଏଥର ନିଶ୍ଚୟ ଚତୁର୍ଥ ମାଇଁର ପାଳି ।

ସତକୁ ସତ ଆରଦିନର ସକାଳ ଅନ୍ୟଥରକ ପରି ଦୁଃସମ୍ବାଦ ଆଣିଲା । ପ୍ରସ୍ତର ପ୍ରାୟ ସ୍ଥାଣୁ ପାଲଟି ଯାଇଥିଲେ ମଙ୍ଗରାଜେ। ସାନ୍ତ୍ୱନା ଦେବା ନିମନ୍ତେ ଗାଆଁ ଟା ଯାକର ଲୋକ । କିଏ ଆହାଃ! କହୁଥିଲା ତ କିଏ ମୁହଁ ସୁଖାଉଥିଲା । ସମସ୍ତେ ମଙ୍ଗରାଜେଙ୍କ ଦୁଃଖରେ ଖୁବ୍ ଦୁଃଖୀ ଜଣା ପଡୁଥିଲେ ।

ତେବେ ଦୁଃଖରେ ମ୍ରିୟମାଣ ତଥା ଅସମୟରେ ଭାଙ୍ଗି ପଡିଥିବା ମଣିଷକୁ ଏକାନ୍ତରେ ଛାଡିବା କଥା କହି ବୁଢୀ ଘଉଡାଇ ଦେଲା ଗାଆଁ ଲୋକଙ୍କୁ । ଭାବିଲା ନିଜ ମନରେ ଥିବା ସନ୍ଦେହ ପ୍ରକାଶ କରିବ । ଖୋଲିଦେବ ଭଣଜାର ମୁଖା । ନିଶ୍ଚୟ ସେ କିଛି କରିଥିବ। ଖୁବ୍ ଦୁଃଖ ଲାଗୁଥିଲା ପୁଅ ଭଳି ଛୋଟରୁ ବଡ କରିଥିବା ମଙ୍ଗରାଜଙ୍କ କଷ୍ଟରେ । ଏମିତି ବୟସରେ ସ୍ତ୍ରୀ ହରାଇବାର ଦୁଃଖ କେତେଯେ ପୀଡା ଦାୟକ ବେଶ୍ ବୁଝି ପାରୁଥିଲା ବୁଢୀ ।

ତେବେ ସେ କିଛି କହିବା ଆଗରୁ ବୁଲେଟ ଗାଡିର ଶବ୍ଦ ମଙ୍ଗରାଜଙ୍କୁ ଅଥୟ କଲା । ବସିବା ଜାଗାରୁ ଉଠି ଛିଡାହେଲେ ମଙ୍ଗରାଜେ । ଦଉଡି ଗଲେ ଅଗଣା ଆଡକୁ । ଭଣଜା ମଧ୍ୟ ବୀର ଦର୍ପରେ ଉଭା ହେଲା ମାମୁଁ ଆଗରେ । ହାତରେ ଧରିଥିବା କେଇବିଡା ଟଙ୍କାକୁ ଧରାଇଦେଲା ମାମୁଁ ହାତରେ । ଖୁସି ହୋଇଗଲେ ମାମୁଁ । ଦୂରରେ ଛିଡା ହୋଇ ସବୁ ଦେଖୁଥିଲା ବୁଢୀ । ବୋଧହୁଏ ଗୋହିରୀ ପାଖ ବିଲ ଯାହା ସବୁ ଯିବାପରେ ବଳି ପଡିଥିଲା ସେତକ ଗଲା କିମ୍ବା ନଡିଆ ବାଡିର ସବୁତକ ଫଳନ୍ତି ଗଛ । ହେ ଭଗବାନ୍ ଶେଷରେ ଏ଼ଦିନ ଦେଖିବାକୁ ଥିଲା ।

ସାଆନ୍ତାଣି ଯିବାବେଳେ କେତେକରି କହିଥିଲେ ରଙ୍କୁଣୀଲୋ ମୋ ଦେବୁ ତୋତେ ଲାଗିଲା । ଭଲ ମନ୍ଦ ବୁଝାଇବୁ , ବାଟ ଅବାଟ ବତାଇବୁ । ହେଲେ କଅଣ ହେଲା । ଖାଇ ଖାଇ ଶେଷରେ ଜମିବାଡି ବିକା ସରିଲାଣି । କଥାରେ ନାହିଁ ବସି ଖାଇଲେ ନଈବାଲି ସରେ ଠିକ୍ ସେମିତି ଜମିଦାରୀ ତ ଯାଇଥିଲା ଏବେ ବାକିତକ .. ।

ଭଣଜା ଏଥର ଟିକେ ଅଧିକ ମିଳିଲା ବୋଧେ । ମିଳିବନି ! କି କଥା କହୁଛ ମାମୁଁ । ତୁମ ପସନ୍ଦକୁ କିଏ କଣ ବାହୁନି ପାରିବ । ଆହୁରି ଅଧିକ ମିଳିବ, ଯଦି ବୟସ ଆହୁରି କମ୍ ହୁଏ ।

ହା ! ହା ! ହୋଇ ବସିବାକୁ ଲାଗିଲେ ଦୁହେଁ । କାନମୁଣ୍ଡା ଝାଇଁ ଝାଇଁ ହୋଇ ଯାଉଥିଲା ବୁଢୀର । ବଡଘର ବଡ ଗୁମର କଥା କହି ମୁଣ୍ଡରେ ହାତ ଦେଇ ଲଥ୍ କିନା ବସିପଡ଼ିଲା।

❖❖❖

# ଶବ ବିବାଦ



ISSN-2583-6978
Volume-4
Issue-10
OCTOBER-2024

ବିନୋଦ

ଭୁବନେଶ୍ୱର

କାହିଁକି କେଜାଣି ହେତୁ ପାଇବା ଦିନରୁ ସୁନୀତା ଓ ପ୍ରଦୀପ ମଧ୍ୟରେ ଏକ ଅଜଣା ସମ୍ପର୍କ ଗଢ଼ି ଉଠିଥିଲା।

ହରିପୁରର ସୁନୀତା ଜାତିରେ ଛୋଟ ଥିଲା। ସେହି ଗାଁର ଅଧିକାଂଶ ଲୋକ ସେହି ଜାତିର ଥିଲେ। ଯଦିଓ ଗାଁରେ କିଛି ଶିକ୍ଷିତ ବ୍ୟକ୍ତି ଥିଲେ ତଥାପି ସେମାନଙ୍କ ମଧ୍ୟରେ ରକ୍ଷଣଶୀଳ ଚିନ୍ତାଧାରା ବଳବତ୍ତର ଥିଲା। ନିଜ ଜାତିକୁ ନେଇ ସେମାନେ ଧରାବନ୍ଧା ଥିଲେ। ଗାଁର କିଛି ଯୁବକ ବାହାରେ ବି ଚାକିରି କରୁଥିଲେ। ଦେଶଦୁନିଆ ସମ୍ପର୍କରେ ଜାଣୁଥିଲେ। ମାତ୍ର ଗାଁ ଲୋକେ ପରମ୍ପରା, ଜାତିବାଦ ଇତ୍ୟାଦି ଭିତରେ ବାନ୍ଧି ହୋଇ ରହିଥିଲେ।

ନିକଟ ରଘୁନାଥପାଟଣାର କିଶୋର ଥିଲା ପ୍ରଦୀପ। ପାଠ ପଢୁଛି। ଦେଖିବାକୁ ଭାରି ସୁଠାମ। ବିଶ୍ୱସ୍ତ ଯୁବକ ବୋଲି ସମସ୍ତେ ଜାଣନ୍ତି। ବାପା ନୀଳାଚଳ ପାଣିଗ୍ରାହୀଙ୍କ କନିଷ୍ଠ ପୁତ୍ର ଭାବେ ତାକୁ ସମସ୍ତେ ଜାଣନ୍ତି। ନୀଳାଚଳଙ୍କ ପ୍ରତିପତ୍ତି ରହିଛି। ଖ୍ୟାତି ରହିଛି। ଆଖପାଖ ବ୍ରାହ୍ମଣ ଶାସନବାସୀ ତାଙ୍କୁ ମୁରବି ବୋଲି ଗ୍ରହଣ କରନ୍ତି। ଶାସ୍ତ୍ର ସମ୍ପର୍କରେ ବେଶ୍ ପାରଙ୍ଗମ। ସେ ଯେତେବେଳେ ପୋଥିପତ୍ର ଧରି ବାହାରକୁ ବାହାରନ୍ତି ତାଙ୍କ ପାଦ ଛୁଇଁ ଅନେକ ଲୋକ ପ୍ରଣାମ କରନ୍ତି। ସମସ୍ତଙ୍କ ଲାଗି ଗୁରୁଜନ ଥିଲେ ନୀଳାଚଳ।

ନୀଳାଚଳଙ୍କ ପରିବାର ନୈଷ୍ଠିକ ବ୍ରାହ୍ମଣ ଥିଲେ। ଛୁଆଁଛୁତି ବାରୁଥିଲେ। ଭୋଜି ଆଦି କାର୍ଯ୍ୟକ୍ରମରେ ପ୍ରଥମେ ବ୍ରାହ୍ମଣ ଚର୍ଚ୍ଚା ନ ହେଲେ ଗାଁଲୋକ ଭୋଜି ଖାଉ ନଥିଲେ। ଏହି ପରମ୍ପରା କାହିଁ କେଉଁ କାଳୁ ଚାଲିଆସିଛି। ଏହାକୁ ଗାଁବାସୀ ସହଜାତ ନିୟମ ବୋଲି ଧରି ଆସିଛନ୍ତି।

ପ୍ରଦୀପ କିନ୍ତୁ ନିଆରା ଥିଲା। ତାକୁ ଏସବୁ ଧରାବନ୍ଧା ନିୟମ, ଜାତିବାଦୀ ଭାବନା, ଛୁଆଁଛୁତି ଆଦିକୁ ସେ ବିରୋଧ କରୁଥିଲା। ତା ନିକଟରେ ସମସ୍ତେ ସମାନ ଥିଲେ। ସେ ସବୁ ମଣିଷଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲା। ତା'ର ବିଚାରଧାରା ଏତେ ଉନ୍ନତ ଥିଲା ଯେ ତାକୁ କିଛି ଲୋକ ଘୃଣା ବି କରୁଥିଲେ। ଆଉ କିଛି ପ୍ରଶଂସା କରୁଥିଲେ। ମାତ୍ର ପ୍ରଦୀପ ଏସବୁକୁ ଖାତିର କରୁ ନଥିଲା। ବରଂ ସାହସ ବାନ୍ଧି ଏହାର ମୁକାବିଲା କରୁଥିଲା। ଏଥିପାଇଁ ନୀଳାଚଳଙ୍କୁ କମ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନାହିଁ।

କ୍ରମେ ପ୍ରଦୀପ ଓ ସୁନୀତାଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନେଇ ଚର୍ଚ୍ଚା ଚାଲିଲା। ଦୁଇ ଗାଁର ରକ୍ଷଣଶୀଳ ପରିବେଶ ମଧ୍ୟରେ ଏହି ସମ୍ପର୍କ ଅତ୍ୟନ୍ତ ବିବଦନୀୟ ସ୍ଥିତି ସୃଷ୍ଟିକଲା।

ସୁନୀତା ଜାଣିପାରୁଥିଲା ତା' ଲାଗି ତା' ଗାଁରେ ଅସନ୍ତୋଷର କାୟା। ଘରେ କିପରି ପ୍ରତିରୋଧର ସମ୍ମୁଖୀନ ହେଉଛନ୍ତି ବାପା, ମା ଓ ଅନ୍ୟ ସଦସ୍ୟ। ଏହି ସମ୍ପର୍କକୁ ସମସ୍ତେ ଏକ ପାପ ସମ୍ପର୍କ ବୋଲି ବିଚାର କରୁଥାନ୍ତି। କେହି ଜଣେ ବି ଏହାକୁ ସମର୍ଥନ କରୁନଥାନ୍ତି। ବରଂ କିଏ ମାରି ଗୋଡାଉଛି ତ କିଏ ଛି ଛାକର କରୁଛି। ଖୋଦ୍ ବାପା ମା' ବି ନାନା ପ୍ରକାର କଥା କହୁଛନ୍ତି।

ପ୍ରଦୀପ ବି ଦେଖୁଥିଲା ଏହି ସମ୍ପର୍କର ବାସ୍ତବ ରୂପ। ସାରା ଗାଁବାସୀ ଏହାର ବିରୋଧୀ। ବାପା, ମା' ଓ ପରିବାରକୁ ଲାଗୁଛି ସତେ ଯେପରି ସେ ଏକ କଳଙ୍କ। ସେ ଏକ ଭୟଙ୍କର ମାରାତ୍ମକ କାମ କରିବାକୁ ଯାଉଛି ଯେପରି। ପ୍ରଦୀପ ଯଦିଓ ସମସ୍ତଙ୍କ ପରି ପଢୁଛି ମାତ୍ର ତା'ର ଦୃଷ୍ଟିଭଙ୍ଗୀ ନିଆରା। ସେ ମଣିଷ ଜାତିକୁ ଜାଣେ। ଜାତି ପ୍ରଥାର ଉନ୍ମେଷ, ଏହାର କଳଙ୍କିତ ପ୍ରଭାବ, ମଣିଷ ମନରେ ରହିଥିବା ହୀନ ଜାତିବାଦ, ଜାତିକୁ ନେଇ ମଣିଷର ମିଛ ଗର୍ବ ଆଦି

ସମ୍ପର୍କରେ ସେ ଜାଣେ। ଏଥିପାଇଁ ସେ ସୁନୀତାକୁ ପ୍ରାଣ ଭରି ଭଲ ପାଏ। ବେଳେବେଳେ ଜାତିପ୍ରଥା ବିରୋଧରେ ସେ ହିଂସ୍ର ହୋଇ ଉଠେ। ଇଚ୍ଛା ହୁଏ ଶକ୍ତ ପ୍ରହାରରେ ସେ ଏହାର ମେରୁଦଣ୍ଡ ଭାଙ୍ଗିଦେବ।

ଦିନେ ପ୍ରଦୀପ ସହ ସମ୍ପର୍କ ପ୍ରସଙ୍ଗରେ ସୁନୀତା ଘରେ ମହାଭାରତ ହେଲା। ଯିଏ ଯାହା କହିଗଲେ। ବାପା, ଭାଇ, ଦାଦା ସମସ୍ତେ ଆଖିବୁଜା ପିଟିଲେ। ଘରୁ ବାହାରିଯିବାକୁ କହିଲେ।

ସୁନୀତା ବୁଝି ପାରୁ ନଥିଲା ତା'ର ଭୁଲ୍ କ'ଣ ? ସେ ବାରମ୍ବାର ନିଜକୁ ପ୍ରଶ୍ନ କଲା। ତଥାପି ସେ ସେ ନିଜର ଭୁଲ୍ ବାରିପାରିଲା ନାହିଁ। ସେ ତ ଜଣେ ମଣିଷକୁ ହିଁ ଭଲ ପାଉଛି। ଅନ୍ୟମାନଙ୍କ ପରି ତ ପ୍ରଦୀପ ନୁହେଁ। ସେ ବୁଦ୍ଧିମାନ, ସଙ୍କୋଚପଣିଆ ତା' ନିକଟରେ ରହିଛି। ସେ ହିପୋକ୍ରାଟ ନୁହେଁ, ବରଂ ତା'ର ପରିବାରର ସମସ୍ତେ ହିପୋକ୍ରାଟ। ସେମାନେ ମଣିଷ ଚିହ୍ନନ୍ତି ନାହିଁ। ମଣିଷ ଜାତିକୁ ଭଲ ପାଆନ୍ତି ନାହିଁ। କାହିଁକି ମଣିଷ ପରି ଏକ ସଭ୍ୟ ପ୍ରାଣୀ ମନରୁ ଏହି ଦୁଃଶ୍ଚିନ୍ତା ଦୂର ହେଉନାହିଁ ?

ସେଦିନ ରାତିରେ ସେ ଖାଇପାରିଲା ନାହିଁ କି ଶୋଇ ପାରିଲା ନାହିଁ। ପ୍ରଥମତଃ ମାଡ଼ରେ ସାରା ଦେହରେ ଯନ୍ତ୍ରଣା, ଦ୍ୱିତୀୟରେ ମାନସିକ ଅବସାଦ। ଯେଉଁ ପରିବାରରେ ସେ ଅଲିଅଳ ଥିଲା, ତା'ର ମୁହଁ ନ ଦେଖିଲେ ବାପାଙ୍କୁ ଭାତ ରୁଚୁ ନଥିଲା ସେହି ପରିବାର ପାଲଟିଯାଇଛନ୍ତି ଶତ୍ରୁ। ପୁଣି ଏକ ଛାର କଥାରେ। ଏ ଦୁଃଖ ସେ କାହାକୁ କହିବ ?

ସେଦିନ ରାତିରେ ଏକଥା ପ୍ରଦୀପ କାନକୁ ଗଲା। ପ୍ରଦୀପ ବାଡ଼େଇଛାଟି ହେଲା। ବୋଧହୁଏ ତା'ରି ଲାଗି ଝିଅଟା ମାଡ଼ ଖାଇଲା। ନିଜକୁ ନିଜେ ପାପୀ ମଣିଲା। ମାତ୍ର ସେ କ'ଣ କରିବ ? ସେ ତ ଜାଣି ଜାଣି ସୁନୀତାକୁ ବିପଦକୁ ଠେଲିନି। ଏକ ପବିତ୍ର ବନ୍ଧନର ଫଳ ସ୍ୱରୂପ ସୁନୀତାକୁ ଆଜି ଦଶା ଭୋଗିବାକୁ ହେଉଛି। ତା'ର ମନ ହେଉଥିଲା ସେହି ରାତିରେ ହିଁ ଯାଇ ସୁନୀତାକୁ ସାନ୍ତ୍ୱନା ଦେବ। ପରିସ୍ଥିତି ତାକୁ ଅଟକାଇଦେଲା।

ପ୍ରଦୀପ କାହିଁକି ସୁନୀତାକୁ ଭଲ ପାଉଛି ତା'ର କାରଣ ସେ ନିଜେ କହିପାରିବ ନାହିଁ। ଏହା ସତ୍ୟ ଯେ କିଏ କାହାକୁ ପସନ୍ଦ କରିବ ତାହା କାଳ୍ପନିକ ହୋଇପାରିବ ନାହିଁ। ନିଜ ଭିତରେ ଥିବା ବିବେକ, ସ୍ନେହର ପରିଭାଷା, ବିଚାର, ହୃଦୟଗତ ତରଙ୍ଗ, ଦୃଷ୍ଟିଭଙ୍ଗୀ ହିଁ ଏହାର ପରିମାପକ। ସୁନୀତା ଗରିବ, ତା'ର କୁଆଡ଼େ ଛୋଟ ଜାତି, ତା' ବାପା ଜଣେ ଚାଷୀ...ଏସବୁ ପ୍ରଦୀପ ଭଲ ଭାବେ ଜାଣେ। ତା ସତ୍ତ୍ୱେ ସେ ସୁନୀତାକୁ ଭଲ ପାଇବାଟାକୁ ସେ ସାମାନ୍ୟ କଥା ବୋଲି ବିବେଚନା କରିନାହିଁ। ଅନେକ ବିଚାର କରି ସେ ଏଥିରେ ପାଦ ଦେଇଛି। ଅନ୍ୟମାନଙ୍କ ପରି ସେ ଶଠ ହୋଇପାରିବ ନାହିଁ ବା ସୁନୀତାର ଜୀବନ ସହ ଖେଳ ଖେଳିବ ନାହିଁ। ଯାହା ନିଷ୍ପତ୍ତି ନେଇଛି ତାହାକୁ ପାଳନ କରିବାକୁ ହିଁ ହେବ।

ପରଦିନ ସନ୍ଧ୍ୟାରେ ସୁନୀତା ସହ ସମ୍ପର୍କକୁ ନେଇ ପ୍ରଦୀପ ଘରେ ଝଗଡ଼ା ହେଲା। ସମସ୍ତେ ଗୋଟିଏ ପଟେ, ପ୍ରଦୀପ ଗୋଟିଏ ପଟେ। ସମସ୍ତ ବିରୋଧର ସେ ମୁକାବିଲା କଲା। ହେଲେ ସେ ଏକ ବଡ଼ ନିଷ୍ପତ୍ତି ନେଲା।

ସେହି ସନ୍ଧ୍ୟାରେ ସେ ସୁନୀତା ଘରକୁ ଗଲା। ସାରା ଗାଁରେ ଚହଳ ପଡ଼ିଗଲା ଆଜି କିଛି ଗୋଟାଏ କ'ଣ ଘଟିବ କି ? ସତକୁ ସତ ପ୍ରଦୀପ ସୁନୀତା ଘରକୁ ଯାଇ ନିଜ ନିଷ୍ପତ୍ତି ବିଷୟରେ ଚରମବାଣୀ ଶୁଣାଇଲା ଏହା ଯେ ସୁନୀତାକୁ ସେ ବାହା ହେବାକୁ ଚାହେଁ।

ପରିସ୍ଥିତି ଭୟଙ୍କର ଆକାରକୁ ଗଲା। ଗାଁସାରା ଏହାକୁ ବିରୋଧ କଲେ। ପ୍ରଦୀପର ଜୀବନ ପ୍ରତି ବି ବିପଦ ଆସିଲା। ତଥାପି ସେ କାହାରିକୁ ଭୃକ୍ଷେପ  କଲା ନାହିଁ। ସୁନୀତାକୁ ଏନେଇ ନିଜର ନିଷ୍ପତ୍ତି ଶୁଣାଇଲା।

ପ୍ରତିଦିନ ମାଡ଼ଗାଳି ଖାଇ ଦୟନୀୟ ଅବସ୍ଥାରେ ରହିଥିବା ସୁନୀତା ଥରେ ଚାହିଁଲା ପରିବାର ଆଡ଼େ ଆଉ ତା'ପରେ ପ୍ରଦୀପ ଆଡ଼େ। ଯେଉଁ ପରିବାର ଆଖିରେ ସେ କଳଙ୍କିତ ସାଜିଗଲାଣି, ଯେଉଁଠି ସାରା ପରିବାର ତାକୁ ସମର୍ଥନ କରିବେ ନାହିଁ, ଯେଉଁ ଘରେ ଓ ଗାଁରେ ରହିବା ଆଉ ସମ୍ଭବ ନୁହେଁ ସେଠି ରହି ମରିବା ଅପେକ୍ଷା ପ୍ରଦୀପର ହାତ ଧରିଲେ କ୍ଷତି କ'ଣ ? ସେ ତ କିଛି ଭୁଲ କରୁନାହିଁ। କାହାକୁ ପ୍ରତାରିତ କରିନାହିଁ। ଜଣେ ମଣିଷ ଭାବେ ସେ ଯାହା କିଛି କରୁଛି। ଜାତିବାଦର କଠୋର ବଳୟକୁ ଭାଙ୍ଗିବା ଲାଗି ସେ ଯେଉଁ ପଦକ୍ଷେପ ନେଇଛି ତାହାକୁ କେହି ସମର୍ଥନ କରୁ ବା ନ କରୁ, ସେ ଏଦିଗରେ ଆଗେଇବ।

ଘରୁ ପଦାକୁ ବାହାରିଲା ସୁନୀତା। ଆଗରେ ଠିଆ ହୋଇଥିଲା ପ୍ରଦୀପ। ଏ ହିଁ ସେହି ପ୍ରଦୀପ ଯିଏ କି ନିଜ ନିଷ୍ପତ୍ତିରେ ସର୍ବଦା ଅଟଳ। ମରିଯିବ ପଛେ ନଇଁବ ନାହିଁ। ଆଉ କେଉଁ ପୁଅ ହୋଇଥିଲେ ହୁଏତ ନିଜ ସ୍ୱାର୍ଥ ଲାଗି ସୁନୀତାର ହାତ ଛାଡ଼ି ଦିଅନ୍ତା। ମାତ୍ର ପ୍ରଦୀପ ଭିନ୍ନ ମଣିଷ ହୋଇଥିବାରୁ ଏତେ ବିପଦ ସତ୍ତ୍ୱେ ଏକାକୀ ପରିସ୍ଥିତିର ମୁକାବିଲା କରୁଛି।

ପ୍ରଦୀପର ହାତ ଧରିଲା ସୁନୀତା। ଆଖି ଆଗରେ ନାଚୁଥିଲା ବିରାଟ ରାସ୍ତାର ଆହ୍ୱାନ।

ହଠାତ୍ ସୁନୀତାର ଘର କବାଟ ବନ୍ଦ ହୋଇଗଲା। ସାରା ଗାଁର

ଲୋକ ବିସ୍ଫୋରିତ ନୟନରେ ପ୍ରଦୀପ ଓ ସୁନୀତା ଆଡ଼କୁ ଚାହିଁଲେ। ନାନା ପ୍ରକାର ମନ୍ତବ୍ୟ ଦେଲେ। ମାତ୍ର ସେମାନେ କାହାରିକୁ ଚାହିଁଲେ ନାହିଁ କି ପଦେ କହିଲେ ନାହିଁ।

ଧୀରେ ଧୀରେ ସେମାନେ ଆଗକୁ ବଢ଼ିଲେ।

ସାରା ଇଲାକାରେ ଚର୍ଚ୍ଚା କାହିଁ କୁଆଡ଼େ ନିମିଷକେ ମଧ୍ୟରେ ପ୍ରସାରିତ ହୋଇଗଲା। ହରିବାରୁ ପିଲାଠାରୁ ବୁଢ଼ା ସମସ୍ତଙ୍କ ମୁହଁରେ ଗୋଟିଏ ଭାବ- ଘୃଣା। ସମସ୍ତଙ୍କ ପାଟିରେ ଗୋଟିଏ କଥା- ଏ କ'ଣ ଘଟିଗଲା !

ଏହି ଜାତିବାଦୀ ମାନସିକତାର ଚେର ଏତେ ଗଭୀର ଯେ ମଣିଷ ଏଥିରୁ ନିସ୍ତାର ପାଇବା ଲାଗି ଆହୁରି ଅନେକ ହଜାର ବର୍ଷ ଲାଗିଯିବ। ବିଜ୍ଞାନର କାୟା ଭିତରେ ଏବେ ବି ନିଜକୁ ଅତି ଛୋଟ ପରିସର ଭିତରେ ସେ ବାନ୍ଧି ରଖିଛି। ବିବର୍ତ୍ତନର ସୃଷ୍ଟିକୁ ଭାଗ ଭାଗ କରିଥିବା ମଣିଷ ନିଜକୁ ଦିନକୁ ଦିନ କ୍ଷୁଦ୍ର ଅବସ୍ଥାକୁ ନେଉଛି।

ହରିପୁର ଓ ରଘୁନାଥ ପାଟଣା ମଝିରେ ଥିଲା ଏକ ପୋଖରୀ। ଏହି ପୋଖରୀକୁ ଲାଗି ରହିଥିଲା ଏକ ଘର। ଏହି ଘରକୁ କିଛି ଦିନ ପୂର୍ବରୁ ପ୍ରଦୀପ ଭଡ଼ା ସୂତ୍ରରେ ନେଇଥିଲା। ସେ ନିଶ୍ଚିତ ଥିଲା ଯେ, ସୁନୀତା ଓ ସେ ନିଜ ଘରେ ରହିବା ଠିକ୍ ହେବ ନାହିଁ। କାରଣ ସେମାନେ ଟାହିଟାପରା, ନିନ୍ଦା, ଅପମାନ ଆଦି ସହିପାରିବେ ନାହିଁ। କିଏ ଦିପଦ କାହିଁକି ତାଙ୍କ ଆଗରେ କହିବେ ? ବରଂ ସେମାନଙ୍କଠାରୁ ପ୍ରଥମରୁ ହିଁ ଦୂରରେ ରହିବା ଭଲ।

ମଣିଷମାନଙ୍କ ପ୍ରତି ଥିବା ବିଶ୍ୱାସ ପ୍ରଦୀପ ଓ ସୁନୀତାଙ୍କର କଟିଯାଇଥିଲା। କିପରି ସେମାନେ ଛାର ଜାତିବାଦକୁ ନେଇ ହିଂସ୍ର ପଶୁ ହୋଇଯାଆନ୍ତି ତାହାର ବାସ୍ତବ ଉଦାହରଣ ସେମାନେ ଦେଖିବାକୁ ପାଇଲେ। ସେମାନଙ୍କ ପରି ଏହି ଦୁହେଁ ହୋଇପାରିବେ ନାହିଁ, ନଚେତ ସମସ୍ତ ପ୍ରତିବନ୍ଧକ ସତ୍ତେବ ଦୁହେଁ ଗୋଟିଏ ପଥର ଯାତ୍ରୀ ହୋଇ ନଥାନ୍ତେ।

ପ୍ରଦୀପ ସାହସୀ ବୋଲି ଏତେ କଠୋର ପଦକ୍ଷେପ ନେଲା। ଅନ୍ୟମାନଙ୍କ ଲାଗି ଏହା କ'ଣ ସମ୍ଭବ ହୋଇଥାନ୍ତା ? ଅନେକ ମଣିଷ ଜୀବନରେ କୌଣସି ଚାଲେଞ୍ଜ ଗ୍ରହଣ କରିବାକୁ ପ୍ରସ୍ତୁତ ନଥାନ୍ତି। ଚିରାଚରିତ ବ୍ୟବସ୍ଥା, ପରମ୍ପରା, ବିଶ୍ୱାସ, ଅନ୍ଧବିଶ୍ୱାସ ଭିତରେ ସାଲିସ କରିଦିଅନ୍ତି। ଏଥିଲାଗି ତ ମଣିଷ ସମାଜରେ ଏବେ ବଳବତ୍ତର ରହିଛି ଅନେକ କୁସଂସ୍କାର, କୁତ୍ସିତ ପ୍ରଥା।

ଯେଉଁ ପ୍ରଦୀପ ଓ ସୁନୀତା ଦିନେ ସେମାନଙ୍କ ଘରର ଉଜ୍ଜ୍ୱଳ ଭବିଷ୍ୟତ ଥିଲେ ସେମାନେ କୁଆଡ଼େ ଦିନ କେଇଟାରେ ନର୍କକୁ ଚାଲିଗଲେ। ଯେଉଁମାନଙ୍କ ଲାଗି ଦୁଇ ପରିବାର ରାତି ଦିନ ଚିନ୍ତା କରୁଥିଲେ ସେମାନେ କୁଆଡ଼େ ସାରା ଦୁନିଆ ଲାଗି କଳଙ୍କ ପାଲଟିଗଲେ ! ଜାତିବାଦର କଠୋର ପ୍ରଥା ମଧ୍ୟରୁ ମୁକୁଳି ଯେଉଁମାନେ ଆଲୋକର ପଥ ଉନ୍ମୋଚିତ କଲେ ସେମାନେ ସମାଜର ଘୃଣ୍ୟ ଉଦାହରଣ ପାଲଟିଗଲେ !

ଏସବୁ ଆଲୋଚନା ପ୍ରତ୍ୟାଲୋଚନା ନେଇ ଆଦୌ ବିବ୍ରତ ନଥିଲେ ପ୍ରଦୀପ ଓ ସୁନୀତା। ବରଂ ଦିନକୁ ଦିନ ନିଜକୁ ଅଧିକ ଦୃଢ଼ କଲେ ସମସ୍ତ ପ୍ରତିକୂଳ ବ୍ୟବସ୍ଥାର ମୁକାବିଲା ଲାଗି।

ଦିନ ପରେ ଦିନ ବିତିଲା। ପ୍ରଦୀପ ଓ ସୁନୀତାଙ୍କ ଘରକୁ ନା କେହି ଆସିଲେ ନା ସେମାନେ ନିଜ ନିଜ ଘରକୁ ଯାଇପାରିଲେ। ଦୁଇଟି ଯାକ ଗାଁବାସୀ ଗାଁରେ ଫତୱା ଜାରି କଲେ ଏହା ଯେ- ପ୍ରଦୀପ ଓ ସୁନୀତାଙ୍କ ଘରକୁ ଯିଏ ଯିବ ଅର୍ଥଦଣ୍ଡ ଦେବାକୁ ପଡ଼ିବ। ସେମାନଙ୍କୁ ବାସନ୍ଦ ଦଣ୍ଡ ଭୋଗ କରିବାକୁ ପଡ଼ିବ। ଗାଁର ଏହି ବେଆଇନ ଓ ଅମାନବିକ ଫତୱା ନେଇ ପ୍ରଦୀପ ଓ ସୁନୀତା ପୋଲିସ ଓ ପ୍ରଶାସନକୁ ଜଣାଇଲେ। ମାତ୍ର ସମସ୍ତେ ଚୁପ୍। ବରଂ ସେମାନଙ୍କଠାରୁ ବି ପଦେ ଦିପଦ ଶୁଣିବାକୁ ପଡ଼ିଲା।

କଥାରେ ଅଛି ସମାଜରେ ବଂଚିବାକୁ ହେଲେ ପଥର ପଡ଼ିଲେ ବି ସହିବାକୁ ହେବ। ମାତ୍ର ଏହାଠାରୁ ଆଉ ପାଦେ ଆଗକୁ ଯାଇ ପ୍ରଦୀପ ଓ ସୁନୀତା ପ୍ରମାଣ କରିବାକୁ ଚେଷ୍ଟା କଲେ ଯେ, ସମାଜରେ ବଂଚିବାକୁ ହେଲେ ସମସ୍ତ ପ୍ରତିକୂଳ ପରିବେଶକୁ ମୁକାବିଲା କରିବାକୁ ସାହସ ଜୁଟାଇବାକୁ ହେବ।

ଗତ କିଛି ଦିନ ଧରି ଗୁରୁତର ରୋଗରେ ପୀଡ଼ିତ ହୋଇଯାଇଥିଲା ପ୍ରଦୀପ। ଦୁର୍ବଳ ଆର୍ଥିକ ସ୍ଥିତି ମଧ୍ୟରେ ଦୁରାରୋଗ ଯୋଗୁ ପ୍ରଦୀପ ଓ ସୁନୀତା ଅସହାୟ ହୋଇପଡ଼ିଥିଲେ। ନିଜର ସାମର୍ଥ୍ୟ ମୁତାବକ ବିଭିନ୍ନ ହସ୍ପିଟାଲରେ ପ୍ରଦୀପର ଚିକିତ୍ସା ଚାଲିଲା। ତଥାପି ସେ ଆରୋଗ୍ୟ ହୋଇପାରିଲା ନାହିଁ। ବରଂ ଦିନକୁ ଦିନ ସେ ଅଧିକ ଦୁର୍ବଳ ହେଲା।

ଏସବୁ ବିଷୟ ଦୁଇ ପରିବାର ଜାଣିଥିଲେ ବି ଗାଁର ନିଷ୍ପତ୍ତି ଅନୁସାରେ ସେମାନେ ନଜାଣିବା ପରି ରହିଲେ। ପ୍ରଦୀପକୁ ଦେଖିବାକୁ କେହି ଆସିଲେ ନାହିଁ। ସେପଟେ ପ୍ରଦୀପ ଆଉ ଶେଯରୁ ଉଠିପାରିଲା ନାହିଁ।

ଦୂର ଗାଁରେ ଥିବା ପ୍ରଦୀପର କିଛି ବନ୍ଧୁ ତାକୁ ଦେଖିବାକୁ ଆସିବା ସହ କିଛି କିଛି ସହାୟତା ବି ଦେଲେ। ମାତ୍ର ସେସବୁ ସମୁଦ୍ରକୁ ଶଙ୍ଖେ।

ଦିନେ ରାତି ଅଧରେ ସୁନୀତାର ସମସ୍ତ ସ୍ୱପ୍ନ, ଆଶା, ସଂଗ୍ରାମକୁ ତୁଟାଇ ଆରପାରିକୁ ଚାଲିଗଲା ପ୍ରଦୀପ।

ସୁନୀତା ମୁଣ୍ଡ ଉପରେ ଦୁଃଖର ପାହାଡ଼ ଲଦି ହୋଇଗଲା। କ'ଣ କରିବ ସେ ବୁଝିପାରିଲା ନାହିଁ। ଦୁଇଟି ଯାକ ଗାଁରେ ଶହ ଶହ ଲୋକ। ଅନେକ ସମ୍ପର୍କୀୟ ଅଛନ୍ତି। ହେଲେ ସମସ୍ତେ ଚୁପ୍। କଥା

କହିଲେ ବିପଦ। ସେହି ରାତିରେ ସୁନୀତା ପ୍ରଦୀପ ଘରକୁ ଏକାକୀ ଗଲା ଖବର ଜଣାଇବାକୁ। ଅନେକ ସମୟ ପରେ କବାଟ ଖୋଲି ପଦାକୁ ଆସିଲେ ପ୍ରଦୀପର ବାପା। ମାତ୍ର କୌଣସି ଗୁହାରି ଶୁଣିବା ପୂର୍ବରୁ ସେ ସୁନୀତାକୁ ଦେଖିବା ମାତ୍ରେ ଧଡ଼ କରି କବାଟ ଦେଇ ଭିତରକୁ ଚାଲିଗଲେ। ସୁନୀତାର କାନ୍ଦ ତାଙ୍କ ହୃଦୟ ତରଳାଇଲା ନାହିଁ କି କେଉଁ କାରଣରୁ ସୁନୀତା ଆସିଥିଲା ତାହା ବି ଜାଣିବା ଲାଗି ଚେଷ୍ଟା କଲେ ନାହିଁ। ସୁନୀତା ଯାହା ଆଶଙ୍କା କରୁଥିଲା ତାହା ହିଁ ହେଲା।

ରାତି ପାହି ସକାଳ ହେଲା। ତଥାପି କେହି ପ୍ରଦୀପକୁ ଦେଖିବାକୁ ଆସିଲେ ନାହିଁ। ସ୍ୱାମୀର ଶବ ନିକଟରେ କାନ୍ଦିବା ହିଁ ସୁନୀତା ଲାଗି ଶ୍ରେୟ ହେଲା।

ଖରାବେଳ ହେଲା ତଥାପି ଶବ ଦାହ ଲାଗି କେହି ଆସିଲେ ନାହିଁ। ଦୁଇ ଗାଁର ମୁରବି, ଦୁଇ ପରିବାର ନିକଟକୁ ଯାଇ ସୁନୀତା କେତେ ନେହୁରା ହେଲା ତଥାପି କେହି କର୍ଣ୍ଣପାତ କଲେନାହିଁ। ବିଚାରା ସୁନୀତା ପାଖ ଗାଁର କିଛି ସ୍ୱେଚ୍ଛାସେବୀଙ୍କ ନିକଟକୁ ଗଲା।

ସୁନୀତାର ଦୁଃଖ ସେମାନେ ଶୁଣିଲେ। ପ୍ରଦୀପର କିଛି ସଂଗ ଓ ଅନ୍ୟ କିଛି ଯୁବକ ଆସି ଶବଦାହ ଲାଗି ପ୍ରସ୍ତୁତ ହେଲେ।

ମାତ୍ର ଆଉ ଗୋଟିଏ ବଡ଼ ବିପଦ ଆସି ଠିଆ ହେଲା।

ପ୍ରଦୀପ ଭିନ୍ନ ଜାତିରେ ବାହା ହୋଇଥିବାରୁ ତା'ର ଶବ ଦାହ ଗାଁ ମଶାଣିରେ ହୋଇପାରିବ ନାହିଁ ବୋଲି ରଘୁନାଥପାଟଣା ବାସିନ୍ଦା ଶୁଣାଇ ଦେଲେ।

କିଛି ସମୟ ପରେ ହରିପୁରବାସୀ ବି ସେମାନଙ୍କ ନିଷ୍ପତ୍ତି ଶୁଣାଇଲେ- ତାଙ୍କ ଗାଁରେ ବି ଶବ ଦାହ ହୋଇପାରିବ ନାହିଁ। ସୁନୀତା ଜାତି ନିୟମକୁ ଭାଙ୍ଗିଛି। ପାପ କାମ କରିଛି। ଗାଁ ଲୋକଙ୍କ କଥା ଅବମାନନା କରିଛି। ତେଣୁ ତା'ର ସ୍ୱାମୀକୁ ଗାଁ ମଶାଣିରେ ଦାହ କରାଯାଇପାରିବ ନାହିଁ।

ସୁନୀତା ଓ ସ୍ୱେଚ୍ଛାସେବୀମାନେ ଯେତେ ବୁଝାଇଲେ ବି ଫଳ ମିଳିଲା ନାହିଁ। ବରଂ ଯିଏ ଯାହା ବାଟରେ ଘରେ କବାଟ କିଳି ରହିଲେ।

ବେଳ ଗଡ଼ିବାରେ ଲାଗିଥିଲା। ଅନ୍ଧବିଶ୍ୱାରେ ବିଷୟରେ କ୍ରମଶଃ ବିଷାୟିତ ହେବାରେ ଲାଗିଥିଲା ପ୍ରଦୀପର ମରଶରୀର।

ଏସବୁର ମର୍ମ ବୁଝିପାରି ସ୍ୱେଚ୍ଛାସେବୀ ନିଷ୍ପତ୍ତି ନେଲେ ପ୍ରଦୀପକୁ ନଦୀ ପଠାରେ ଦାହ କରିବା ଲାଗି। ସେଠାରେ କେଉଁ ଗାଁବାସୀଙ୍କ ଅଧିକାର ନାହିଁ।

ଶବକୁ ଧରି ସେମାନେ ବାହାରିଲେ ନଦୀପଠା ଅଭିମୁଖେ।

ଶେଷରେ ପ୍ରଦୀପର ଚିତା ଜଳିଲା।

କାଳ କାଳର ଭ୍ରାନ୍ତ ଧାରଣା, ମାନବିକ ଅବମୂଲ୍ୟାୟନ, ଅନ୍ଧବିଶ୍ୱାସ, ଘୃଣ୍ୟ ଜାତିପ୍ରଥାର ସଳିତା ସତେ ଯେପରି ଲୀନ ହେଉଥିଲା ପ୍ରଦୀପର ଚିତାନଳ ସହ।

❖❖❖

# ପୁରୁଷାର୍ଥ ନାମ-ବିଶ୍ୱଜିତ ଦାସ



ISSN-2583-6978
Volume-4
Issue-10
OCTOBER-2024

ବିଶ୍ୱଜିତ ଦାସ

.......,

ପ୍ଲସ୍ ଟୁ ପଢିଲା ବେଳକୁ ପ୍ରାୟ ଅନ୍ୟମନସ୍କ ରହୁଥିଲା ଦେବା। କେତେ କଣ ଘଟୁଥିଲା ତା' ମନ ଭିତରେ । ପ୍ରଶ୍ନର ପ୍ରହେଳିକା ରେ ଛନ୍ଦି ହୋଇ ପୁନଶ୍ଚ ବାସ୍ତବ ଦୁନିଆ କୁ ଫେରିଲା ବେଳକୁ ସେ ଆଶ୍ଚର୍ଯ୍ୟ ହେଉଥିଲା, ଏସବୁ ଯାହା ମୁଁ ଦେଖିଥିଲି ତା'ଠୁ ଖୁବ୍ ଭିନ୍ନ।

-ଅଜବ ଅଜବ ପ୍ରଶ୍ନ ସେ ସବୁ ! ମନ ଭିତରେ ଚିର ଅଶାନ୍ତି...

-ବାକ୍ୟର ସମାପ୍ତି ସିନା ପ୍ରଶ୍ନବାଚୀରେ ସମ୍ଭବ କିନ୍ତୁ ,ଉତ୍ତର ମହାକାଶ ପରି ଦିଶାହିନ।

ଦେବା ଯେ ହେତୁ ପାଇବା ପରଠୁ ସେମିତି ନୁହେଁ ବରଂ ମଙ୍ଗଳପୁର ଗାଁର ସବଠୁ ଦୁଷ୍ଟ ପିଲା ଯଦି କିଏ ଥିଲା ସେ ହେଉଛି ଦେବା। ବାପା ଘନଶ୍ୟାମ ଙ୍କ ଛୋଟିଆ ଭୁସାମାଲ୍ ଦୋକାନ। ଆଜିକାଲିକା ବଜାର କମ୍ପେଟିସନ୍ ଯାହା ବେପାରର ସହଜ ଅନୁମାନ ଲଗାଯାଇପାରେ।

ଅତିବେଶୀ ରେ ଦିନକୁ ଟଙ୍କା ପାଁଶ ଟା ଉଠିଗଲେ ଢେର, ହେଲେ ଟୋକାଟା ଯାହା ମନଦେଇ ପଢିଲେ ହେଲା।

"ଚୁଚୁନ୍ଦ୍ରା ଟା ବାରମ୍ବାର ଖଡଖଡ କରୁଛି"-

ବିରକ୍ତି ହୋଇ ହାତ ପାଖରେ ଥିବା ପାଁଶିକିଆ ଲୁହା ବଟକରା ଟିକୁ ତା' ଉପରକୁ ଫୋପାଡି କ୍ରୋଧରେ ଫଁ...ଫଁ ହେଉ ହେଇ ବସିପଡିଲେ।ଟୋକାଟା ଆଉ କେତେ ନାଁ କାଢିବ।(ଘଟଣା କଣ ?)ଗାଁ ପଡିରେ ନଖିଆ ଦାଦି ପୁଅକୁ ବ୍ୟାଟ ରେ ପିଟି ତା ମୁଣ୍ଡ ଫଟେଇ ଦେଇଛି।ତା' ବାପ ରକ୍ତ ଜୁଡୁବୁଡୁ ଛୁଆଟାକୁ ଧରି ଦୋକାନ ପାଖେ ହଜାର।ଏବେ ହଜାରେ ବାରଶ ତଣ୍ଡ, ପୁଣି କେତେ ଲାଗିବ କେଜାଣେ।ହେ ! ପ୍ରଭୁ...

ଏତେ ଭଲ ନମ୍ବର ନ ହେଲେ ବି ଦଶମ ପାଶ୍ କଲା ଦେବା। ନିଜ ଅନିଚ୍ଛା ସତ୍ତ୍ୱେ ସାଇନ୍ସ ପଢିଲା ସେ, ହେଲେ କେହି କେବେ ତାକୁ କ୍ଲାସ୍ ରୁମ୍ ରେ କିମ୍ବା ଲାବୋରେଟୋରୀରେ ଦେଖି ନାହାଁନ୍ତି।ହଠାତ୍ ଥରେ ତା' କ୍ଲାସମେଣ୍ଟ ତାକୁ ହିଷ୍ଟ୍ରି ସାର୍ ଙ୍କ ସହ କ'ଣ କଥାହେଇହେଇ କ୍ଲାସରୁ ବାହାରୁଥିବାର ଦେଖିଲା।ପାଟିକୁ ବେସ୍ୱାଦ ଜିନିଷ ଗଳାରେ ଉଦ୍ଧୁରେ ନା। ହିତକର ହୋଇଥିଲେ ସୁଧା ରୁଚିକର ର ଆଗ୍ରହ ଭଳିତ ଜମା ନୁହେଁ। ବିଷୟ ଚୟନର ସ୍ୱତନ୍ତ୍ରତା ଓ ବାଧ୍ୟବାଧକତା ଜୀବନର ମୋଡ ବଦଳାଇ ଦିଏ।ପରିବର୍ତ୍ତନ ର ବିସ୍ଫୋରଣ ହୁଏ। ଠିକ୍ ଦେବା କ୍ଷେତ୍ରରେ ମଧ୍ୟ ହେଲା।

-'ଅନଭ୍ୟାସେ ବିଷଂ ଶାସ୍ତ୍ର'...

-ପରୀକ୍ଷାଫଳ ବଦଳାଇଦେଲା ବାପାଙ୍କ ଆଖିରେ ତାକୁ।ଶୋଇଲା ବେଳେ ମୁଣ୍ଡ ଉପରେ ଚାଲୁଥିବା ପଙ୍ଖା କୁ ଚାହିଁ ସେ କେତେ କଣ ଭାବିଛି ।ଏ ଜୀବନରେ ଆଉ କିଛି ନାହିଁ।ତାକୁ ଲାଗୁଥିଲା ତା ଜୀବନର ସମସ୍ତ କୃଷ୍ଣଚୂଡା କଳା ପଡିଯାଇଛି,ଆଶାର ନିର୍ଝରିଣୀ ଶୁଖି ଯାଇଛି, ଦିଶାହିନ ମରୁଭୂମିରେ ସେ ଏବେ ଏକୁଟିଆ...

ପର ବର୍ଷ କେମିତିକଣ ପ୍ଲସ୍‌ଟୁ ଘାଟୀଟି ପାର୍ କଲା ସେ।ହେଲେ ଆଗକୁ କ'ଣ ?

- ତା ପାଖରେ ଯେତିକି ସଂଖ୍ୟା ଅଛି ଭଲ ଅନର୍ସ ମିଳିବା ମୁସ୍କିଲ୍ !

ମା' ସବୁବେଳେ ପୁଅ ପଟ। ବାପାଙ୍କ ସହ ହର୍ ବକ୍ତ ଝଗଡା, ପିଲାଟାକୁ ଟିକେ ବୁଝେଇ କହିଲେ ହେବନାହିଁ। ସେହି ବର୍ଷ ପୁଣି ଦେବାର ଜେଜେଙ୍କ ସ୍ୱର୍ଗବାସ ଘଟିଥାଏ।

-ଘନଶ୍ୟାମଙ୍କ ହାତ ପୁରା ମାନ୍ଦା।ସିଏ ସିଧା ସିଧା ଶୁଣେଇ ଦେଲେ ତୋ'ର ଯାହା ଇଚ୍ଛା କର,ଏଇଠି କର। ମୁଁ ଆଉ ବାହାର ଖର୍ଚ୍ଚ ତୁଲେଇ ପାରିବି ନାହିଁ।

କିଛି ଭାବିପାରୁନଥାଏ ଦେବା,କ'ଣ କରିବ ?

ରାଜନିତି, ଇତିହାସ, ଇଂରାଜୀ ଏହାରି ଭିତରେ କଲେଜରେ ନୂଆ ବିଭାଗଟେ ଖୋଲା ହେଇଛି।

–'ଦର୍ଶନ ବିଭାଗ'।

–କେବେ ଛୁଆବେଳେ ଗୁରୁ ଦିବସ ରେ ସେ ଶୁଣିଥିଲା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ କଥା।ପ୍ରଚୁର ଉନ୍ମାଦରେ ସେ ସେଇଟି କୁ ନେଲା। କ୍ଲାସ୍‌ର ପ୍ରଥମ ଦିନରେ, ସାର୍ ଏସବୁ କ'ଣ ପଢାଉଛନ୍ତି ? କେତେବେଳ କହୁଛନ୍ତି ମୋହମୁକ୍ତି, ବନ୍ଧନ ମୁକ୍ତି,କର୍ମମୁକ୍ତି କଥା ତ ପୁଣି କେତେବେଳ ଏସବୁରୁ ଦୂରେଇ ଯାଇଁ ମାନବର ଅସ୍ତିତ୍ୱ କୁ ଜାହିର କରୁଛନ୍ତି।

– 'ଭୁତ ହିଁ ନିଶ୍ଚିତ'।

ଦେବା ର ସମଗ୍ର ମାନସିକ ସ୍ତରରେ ଯେପରି ବିରାଟ ପରିବର୍ତ୍ତନ ଆସିଲା । ଅସମ୍ଭାବ୍ୟ ପ୍ରଶ୍ନର ଜୁଆର, ଜିଜ୍ଞାସା ସୀମାହୀନ, ପ୍ରଶ୍ନ ସବୁ ବେଠିକ୍।କଲେଜ ପଡିଆ ରେ ଥିବା ଓସ୍ତ ଗଛର ଉଚ୍ଚା ଚାନ୍ଦିନୀ ଉପରେ, ତାକୁ ଯେପରି ଲାଗିଲା ତା ଭାବନାକୁ ବାଧା ଦେଇ କିଏ ଯେପରି ତା ନିରୁତ୍ତର ପ୍ରଶ୍ନର ଅସଜଡା ଗୃହ ଭିତରକୁ ଧସେଇ ପଶୁଛି। ତଥାପି ସେ ଏହାକୁ ମଧ୍ୟାନ୍ତର ଭାବି ପୁଣି ହଜିଯିବାକୁ ବାହାରିଲା ବେଳକୁ କାନ୍ଧ ଉପରେ କାହାର ମଧୁର ସ୍ପର୍ଶ !

–ରିତିକା !

ରିତିକାର ଫିଜିକ୍ସ ଡିପାର୍ଟମେଣ୍ଟ, –

ଦେବା ସହ କଲେଜ ସେମିଷ୍ଟାର ଫି ବୃଦ୍ଧି ଜନିତ ଷ୍ଟ୍ରାଇକ ରେ ପରିଚୟ। ସେମିତି କଥାବାର୍ତ୍ତା ବିଶେଷ ନାଁ ବରାବର।କେତେବେଳ କେମିତି ମୁହଁକୁ ମୁହଁ ମିଶିଗଲେ ଦୁଇ ଚାରି ପଦ ସୌଜନ୍ୟମୂଳକ କଟେ।

–ଦେବା କ'ଣ ଭାବୁଛ ?

–ନାଇଁ କିଛି ନାଇଁ,ଏମିତି ବସିଥିଲି।

–ଏତେ ମୁଣ୍ଡ ରେ ପ୍ରେସର୍ ଦିଅନି, ମୁଣ୍ଡ ଖରାପ ହେଇଯିବ।(ଏକ ସ୍ୱର୍ଗୀୟ ସ୍ମିତହସ)

ଦେବାକୁ ଧ୍ୟାନ ଦେବାକୁ ବାଧ୍ୟ କଲା, ଆଉ ଏବେ ତା' ମୁଣ୍ଡ ରେ ବିସ୍ତାରିତ ପ୍ରତ୍ୟେୟ ର ବୋଧ ରହିଲା ନାହିଁ, ରହିଲା ନାହିଁ ଅଜସ୍ର ପ୍ରଶ୍ନ ମାନଙ୍କ ନିର୍ଯାତନା।ସାଂଖ୍ୟ ର ପୁରୁଷ, ପ୍ରକୃତି ଯେପରି ଏକାକାର। ଦେବାର ସ୍ଥାନ ଏବେ ପରିବର୍ତ୍ତନ।କଲେଜ ପାଖ ଗୁପଚୁପ୍ ଠେଲା, ଆଇସ୍କ୍ରିମ ବାର୍, ପାର୍କର କେଉଁ ଏକ ଜନଗହଳି ଶୂନ୍ୟ ତାର ଏବେ ଠିକଣା।ଏମିତି ଏମିତି ବି.ଏ. ସରିଲା। ତାର ସାଙ୍ଗ ମାନେ କିଏ କୁଆଡେ ସେଟେଲ୍ ହୋଇ ସାରିଲେଣି। ରାତିରେ ଖାଇବାକୁ ଗଲାବେଳେ ବାପାଙ୍କର ତାର ଭବିଷ୍ୟତ କୁନେଇ ପ୍ରଶ୍ନ, ତାକୁ ପୁଣି ଫେରେଇ ନିଏ ସେଇ ଅଜଣା ଦୁନିଆକୁ।

ଯାହାହେଉ ସେ ସ୍ଥିରକଲା ମାଷ୍ଟର୍ କରିବ। ଫିଲୋସଫି ରେ ପିଜି ଏଣ୍ଟ୍ରାନ୍ସ ମଧ୍ୟ ପାସ୍ କଲା। ବାଣୀବିହାର କ୍ୟାମ୍ପସରେ ସିଲେକ୍ସନ। ପୁଣି ନୂଆ ମୁହଁ ନୂଆ ପ୍ରଶ୍ନ ସହିତ। ପୁଣି ଅତିନ୍ଦ୍ରିୟ ରେ ସ୍ଥଗିତ ପ୍ରଶ୍ନ ମାନଙ୍କ ପୁନରାବୃତ୍ତି।ସାଧ୍ୟ, ସାଧନାର ଗଭୀର ରହସ୍ୟକୁ ଅନୁଭବ କରିବା ପାଇଁ। ସେ କଲେଜ ଭଳି ଏଠି ମଧ୍ୟ ଅଳକାପୁରୀ ର ଯକ୍ଷୀନି ସାଜି ଅନେକ ରିତିକା,ଅମିତା,ବର୍ଷା ଧ୍ୟାନ ଭଗ୍ନ କରିବାକୁ ଆସିଛନ୍ତି ସତେ ଯେପରି।ଆଉ ସେ ବି କେଉଁ କାମନା ବିଜୟୀ ଶଙ୍କର ନୁହେଁ,ଯେଉଁଠି ବିଶ୍ୱାମିତ୍ର, ପରାସର ଙ୍କ ଭଳି ମହାନ୍ ମହର୍ଷି ଗଣ ସେମାନଙ୍କ ଗନ୍ତବ୍ୟର ମାର୍ଗକୁ ବିସ୍ମରଣ କରି କାମିନୀର କାମନାରେ ସମ୍ମୋହିତ ହୋଇଗଲେ ଏଯେ କୈଶୋର ଉନ୍ନୀତ ଯୁବକ ମାତ୍ର, ସେଥିରୁ ବାଦ୍ ପଡନ୍ତା କିପରି।ସମାଧି ବିମୁଖ ଦେବା ଅନେକ ରାତି ଯାଏଁ ହଷ୍ଟେଲକୁ ଫେରେ ରୁମମେଣ୍ଟ ବନ୍ଧୁ ଜଣଙ୍କ ତା' ପାଟି ର ଦୁର୍ଗନ୍ଧ, ମୁହଁ ଓ ଦେହ ସାରା କ୍ଷତ ତଥା ଲିପଷ୍ଟିକ୍ ର ଦାଗ ଦେଖି ପ୍ରଶ୍ନର ଅବକାଶ ରୁହେ ନାହିଁ।ଥରେ ତ ଏସବୁରୁ ଖୁବ୍ ବଳିଗଲା।ବିଭାଗ ରେ ଇଣ୍ଟରନ୍ୟାସନାଲ ସେମିନାର ହେବାର ଥିଲା।ମିଟିଂ ଡକାଯାଇ କେମିତି କଣ ଆୟୋଜନ ହେବ ? କେଉଁଠୁ କ'ଣ ଆସିବ ?ଖାଇବା ପିଇବା,ବାହାରୁ ଆସୁଥିବା ଅତିଥିମାନଙ୍କ ଚର୍ଚ୍ଚାର ଦାୟିତ୍ୱ ଇତ୍ୟାଦି...ଇତ୍ୟାଦି ।

ଯାହାକୁ ଯାହା କାମ ଦିଆଗଲା,ଦେବାକୁ ମଧ୍ୟ। ପ୍ରୋଗ୍ରାମ ଦିନ ସମସ୍ତେ ଯେ ଯାହା କାର୍ଯ୍ୟ ରେ ବ୍ୟସ୍ତ ଅତିଥି ସତ୍କାର, ଭୋଜନ, ପେପର୍ ପ୍ରେଜେଣ୍ଟେସନ ଇତ୍ୟାଦି। ହଠାତ୍ ଡିପାର୍ଟମେଣ୍ଟର ଏଚ୍‌ଓଡି ପଛରେ ଥିବା ଗ୍ୟାଲେରୀ ହଲ୍ କୁ କ'ଣ ପାଇଁ ପଶିଗଲେ।ଦେବା ଓ ଆଉ ଦୁଇଜଣ ଝିଅ ଅସ୍ୱାଭାବିକ ପରିସ୍ଥିତିରେ, ଛିଡା ହୋଇ ସାର୍‌ଙ୍କ ଦୃଷ୍ଟିରେ ସଂଜତ ଖୋଳପା ର ବଟମ୍ ଦେଉଦେଉ ଲଜ୍ଜାର ଭାର ତା ମୁଣ୍ଡକୁ ଜବରଦସ୍ତ ତଳକୁ କରିଦେଇଥିଲା।

ତା' ପରଠୁଁ ତାକୁ ଆଉ କେହି କ୍ୟାମ୍ପସ ରେ ଦେଖି ନାହାଁନ୍ତି।

ରିତିକାର ଏବେ ସାତମାସ ଚାଲିଛି। ବଡ ଘରର ଝିଅ, ଯେତେହେଲେ ବାପ ମା' ଅନ୍ତଫାଡି ଜନ୍ମ ଦେଇଛନ୍ତି ପୁଣି ସମାଜର ଟାହିଟାପରା ସେମାନେ ଅତିଷ୍ଠ ହୋଇ କେତେ ଥର ମରିବାକୁ ଉଦ୍ୟତ ହେଲେଣି ହେଲେ ଝିଅର ସେଇ ଏକା ଜିଦ୍ ଦେବା ନିଶ୍ଚୟ ଫେରିବ।

ଆକାଶ କୁ ଅନେଇ ଚାଲିଲେ ମଣିଷ ନିଶ୍ଚିତ ଖାଇରେ ପଡେ। ୟୁନିଭରସିଟି ରୁ ଚାଲିଗଲା ପରେ ଅନେକ ଦିନ ସେ ତା ସାଙ୍ଗ ପାଖରେ ରହିଲା। ମଣିଷ ଜୀବନ ରେ ମୋଡ ଆସେ ,ଖାଇ ଆସେ,ପୁଣି ଚାଲିବାକୁ ହୁଏ ଦୀର୍ଘପଥ। ହେଲେ ଦେବାକୁ ଲାଗୁଥିଲା ତା ଜୀବନ ରାସ୍ତାର ସମାପ୍ତି ହୋଇଯାଇଛି। ଚାଲିବାକୁ ପାଦରେ ବଳ କି ମନେରେ ଆତ୍ମବିଶ୍ୱାସ ଟିକକ ନାହିଁ।

–ମଣିଷ କ'ଣ ପାଇଁ ଚାଲେ ?

କିଛି ଉଦ୍ଦେଶ୍ୟ ନେଇ,ଜୀବନ ର କିଛି ଲକ୍ଷ୍ୟ ସାଧନ ପାଇଁ। କୈଶୋର ର ସ୍ୱପ୍ନ କୁ ପରିଶ୍ରମ ରେ ଉଜ୍‌ଜୀବିତ କରି ଚାଲେ ସେ ଆଗକୁ ଆଗକୁ...

ସଫଳତା,ବିଫଳତା ତ ଜୀବନର ଅଂଶ ହେଲେ କୁଫଳତା ?ସାଙ୍ଗ ଅନେକ ଥର ଚିଡଚିଡ୍ ହେଲାଣି। ଏବେ କିଛି

କାମଧନ୍ଦା ନଧରିଲେ ନଚଳେ।ପୁରୀ ଚାଲିଆସିଲା ସେ ,ଯାହାହେଉ ଗୋଟେ ପେପର୍ ମିଲ୍‌ରେ କେମିତି କଣ ଚାକିରୀ ଟେ ମିଳିଗଲା ତାକୁ।ଦରମା ଯେତକ ଆରାମରେ ଖିଆପିଆ, ଦେହ ପା',ଘରଭଡା ବାବଦକୁ ଚଳିଯିବ। ସେ ଯାହା ହେଉ କାହା ଉପରେ ବୋଝ ହେଇ ପଡିବା ଅପେକ୍ଷା ଖଟିକି ଖାଇବା ଭଲ।

କୁଟୁରୁ...କୁଟୁରୁ "ଏ ଘରେ ଖୁବ୍ ମୂଷା" (ଓହୋ !ଶାନ୍ତି ନାହିଁ)

ଡ୍ୟୁଟି ସରିଲେ ସମୁଦ୍ର କୂଳ ରେ ବସି ଭାବେ,ଏହାର ଶେଷ କେଉଁଠି ?

ଅସ୍ତଗାମୀ ଅସ୍ତରାଗ ହେଇତ ସେ ଦୂର କୋଣରେ କୁଆଡେ ଅଦୃଶ୍ୟ ହୋଇ ଗଲେଣି।ଏ ସମୁଦ୍ର ଏତେ ଜୋର୍‌ରେ କାହିଁକି ଗର୍ଜନ କରୁଛି ?

-ମୋ ଜୀବନର ଲକ୍ଷ୍ୟ କଣ ?

ଯେତେସବୁ ଅନ୍ୟମାନଙ୍କ ପାଇଁ ଅବାନ୍ତର ଭାବନା ମନକୁ ବିଚଳିତ କରେ। ବୁଦ୍ଧ ଯେ କଣ ଗୋଟେ ଖୋଜୁଖୁଜୁ ଛାଡିଲେ ଘରଦ୍ୱାର, ରାଜପାଠ, ସୁନ୍ଦରୀ ସ୍ତ୍ରୀ,ଛୋଟ ପୁଅ ବାରବର୍ଷ କାଳ ବୁଲିବୁଲି –

- କଣ ପାଇଲେ ?

- ନା' ପରମ ସତ୍ୟ।

ଏସବୁ ବହିରେ ପଢିଛି ସେ ,ଯେତେଯେତେ ମହାପୁରୁଷ ସେତେସେତେ ମାର୍ଗ। କିଏ କର୍ମର ବିନାଶ କଥା କହିଛନ୍ତି ତ ପୁଣି କିଏ କହୁଛନ୍ତି କର୍ମଛାଡି ମଣିଷ ର ଗତି ନାହିଁ।ଓହୋ! ମୋ ମୁଣ୍ଡ ଟା କଣ ହେଇଯାଉଛି ।

-ଘନଶ୍ୟାମ ଜବର କରି ଖୁଆଉଛନ୍ତି,ଖାଇଲାପରେ ଓଷଧ ଅଛିଯେ।

-ମୋ ପୁଅର ଖବର କିଛି ମିଳିଲା ?

ସାଙ୍ଗସାଥୀ,ବନ୍ଧୁବାନ୍ଧବ, ଚିହ୍ନାପରିଚ ସମସ୍ତେ ନାଁ,ହେ ପ୍ରଭୁ ମୋ ଛୁଆଟା କୋଉଠି ଥିବ କେମିତି ଥିବ।ହଉ ନିଅ ଖାଇଦିଅ, ସେ ମିଳିଯିବ।

ରିତିକାର ଯା ଭିତରେ ଛୁଆଟିଏ ହେଲାଣି ଅବିକଳ ଦେବା ମୁହଁ ଗୋରା ତକତକ, ମା' ର ରାଉରାଉ ରିତିକା କିନ୍ତୁ ବିଶ୍ୱାସ ର ଅଚଳ ମହାମେରୁ ଭଳି ତଥାକଥିତ ଦୈନନ୍ଦିନୀ।ସ୍ୱାଭାବିକ ମଧ୍ୟ ଅଭିଆଡ଼ି ଝିଅ ପୁଣି ତା ଉପରେ ଛୁଆଟେ। ରିତିକା ଗୋଟେ ପ୍ରାଇଭେଟ ସ୍କୁଲ୍ ରେ ପଢଉଛି । ମାଆ ଯେତେ ଗୁରୁଗୁରୁ ହେଲେ ବି ସେ ପରା ମା' ତା ଛୁଆର ଛୁଆଟାକୁ କଣ ଫୋପାଡିଦବ। ଖୋଇଦବା ଠାରୁ ଶୋଇଦବା ପର୍ଯ୍ୟନ୍ତ, ରିତିକାକୁ ଭଲସେ କିଛି ଆସେନା। ଯା ଭିତରେ ଅନେକ ମାସ ବିତି ଗଲାଣି,କେତେ ସୂର୍ଯ୍ୟ ବୁଡି ଗଲେଣି ,କେତେ ରାତି ପାହି ଗଲାଣି,ଚଢେଇମାନଙ୍କ ଅଣ୍ଡା ଫୁଟି ଛୁଆ ବାହାରିଲେଣି, ଲାର୍ଭାଟି ପୂର୍ଣ୍ଣ ବିକଶିତ ହୋଇ ପ୍ରଜାପତି ହୋଇଗଲାଣି।ଦେବା ଏବେ ବି ବିଚଳିତ !

ଅନେକ ବହି ଛପା ହେଉଛି ମିଲ୍‌ରେ ,ବେଳେବେଳେ ସେ ଗୁଡାକ ଉପରେ ଆଖି ବୁଲାଇ ଆଣୁ ଆଣୁ ...ମାଲିକର ଅଡର୍ ଶୁଭେ ଆଜି ସୁଧା ସବୁ ମାଲ୍ ଡେଲିଭରି ଯେମିତି ହୋଇଯିବ।ପୁରୀ ରେ ରହି ଦେଉଳ ନଯିବା ଏହା ନିହାତି ନିଜକୁ ମିଛ କହିଲା ଭଳି। ମିଲ୍ ରୁ ଶୀଘ୍ର ଫେରିଥିଲେ ଧୂଆଧୋଇ ,ଖିଆପିଆ ସାରି ସେ ମନ୍ଦିର ଯାଏ।କାଳିଆର ସେ କଳାକଳା ଆଖିକୁ ଚାହିଁଦେଲେ କିଛିକ୍ଷଣ ଯେପରି ସ୍ତବ୍ଧ। ସବୁ ପ୍ରଶ୍ନର ପୂର୍ଣ୍ଣଛେଦ ଯେମିତି ସେଇଠି।ଅସରନ୍ତି ଆକାଶର ଶେଷ ଯେମିତି ସେ ମୁଖମଣ୍ଡଳରେ ଦୃଶ୍ୟମାନ। ବୁଦ୍ଧତ୍ୱର ଲୋମଟାଙ୍କୁରା ଅନୁଭୂତି। ନିର୍ଜିବ ହାତଦ୍ୱୟ ଆପେଆପେ ଉପରକୁ ଟେକିହୋଇ ଯାଏ। କାଳିଆରେ ଆଉ କେତେ !ମନ୍ଦିର ବେଢା ପରିକ୍ରମା ଉପରାନ୍ତେ କେତେ ଦେବାଦେବୀ,ସମସ୍ତଙ୍କୁ ମୁଣ୍ଡପାତି ପ୍ରଣାମ କରେ ସେ। ମୁକ୍ତି ମଣ୍ଡପ କୋଣକୁ ଲାଗି ଖୁଣ୍ଟି ଉପରେ ଦିବ୍ୟ ତେଜଯୁକ୍ତ ଅଥଚ ବରଗଛ ଖୋଲ ଭଳି ଗାଲ,ଆଖି ଯୋଡାକ ଚଢେଇର ବସା, ମୁଖ ଦ୍ୱାର ରେ ସତେ ଯେପରି କୌଣସୀ ପହରା ନାହିଁ। ଅନେକ ବର୍ଷ ଅଛିଆ ମଥାନରେ ପାଲ ଘୋଡିଲା ଭଳି ଶରୀର ଧାରୀ ଜଣେ ନନା।

ପରିବେଶ ଅତ୍ୟନ୍ତ କୋଳାହଳମୟ ଅନେକ ବିଦ୍ୱାନ, ପଣ୍ଡିତ ଓ ବ୍ରାହ୍ମଣ। ବଡବଡ ଜ୍ଞାନ ଚର୍ଚ୍ଚା ହୁଏ ସେଠି।ଗୋଟିଏ ହାତର ଅଭୟମୁଦ୍ରା ପ୍ରତିବଦଳରେ ଆର ହାତମୁଠାରେ ମୁଠାଏ ମୁଲ୍ୟ। ସେ ବ୍ରାହ୍ମଣ ଜଣଙ୍କ କିନ୍ତୁ ଏସବୁଠୁ ଭିନ୍ନ ଚିର ପ୍ରଶାନ୍ତି ସେ ମୁଖ ମଣ୍ଡଳ ରେ। କୌଣସୀ ଜିଜ୍ଞାସାର ପ୍ରତାଡନା ନାହିଁ କି ନାହିଁ ଆସୁଥିବା କାଲିର ଲେସମାତ୍ରେ ଚିନ୍ତା। ତାଙ୍କ ହସରେ ଛଳନାର ଅଭିନୟ ନଥିଲା କି ନଥିଲା ଶବ୍ଦ ମାନଙ୍କରେ କଷ୍ଟ ଦେବାର ମନବୃତ୍ତି। ହାତରେ ଥିଲା ଦୀର୍ଘ କେଉଁ କାଳର କଳା ପଡିଯାଇଥିବା ତୁଳସୀ ମାଳ ଓ ମୁହଁରେ କ୍ଷୀଣ ଅଥଚ ସ୍ପଷ୍ଟ ଶ୍ରୀହରି ନାରାୟଣ।

ଚାଦରରେ ମୁଦ ସଂପୂର୍ଣ୍ଣ ଶରୀର, ସେଥିରୁ କଚ୍ଛପ ମୁହଁ କାଢିଲାପରି ଅର୍ଦ୍ଧେକ ପାପୁଲି ସଂଶ୍ଳିଷ୍ଟ ଚାରୋଟି ଆଙ୍ଗୁଠି କିଛିଗୋଟେ ଇସାରା କରୁଛି।ଇତଃସ୍ତତ ଚାହିଁଲା ସେ,ମୃଦୁ ମନ୍ଦହାସ ଜନିତ ଅଂଗୁଳି ନିର୍ଦ୍ଦେଶ ତଥା ଅବନତ ପଲକର ସ୍ୱିକାରୋକ୍ତି।ଦେବା ସୁଦୀର୍ଘ ପ୍ରଣାମଟେ ଜଣାଇ ବସି ପଡିଲା ତାଙ୍କ ପାଦ ପାଖରେ।

ଆହା ଅଦ୍ଭୁତ !

କାହାର ମୁଖ କୁ ଦେଖିତା ଅବସ୍ଥାର ସାଧାରଣ ଅନୁମାନ ପାଇଁ ମନସ୍ତତ୍ତ୍ୱ ର ସଂସ୍ଥାଗତ ପ୍ରମାଣପତ୍ର ନିହାତି ଅନାବଶ୍ୟକ।

-କଣ ହେଇଛି ବାପା ଖୁବ୍ ବିଚଳିତ ଜଣା ପଡୁଛୁ।

ଅନେକ ଦିନରୁ ଘନୀଭୂତ ଦୁଃଖ ସବୁ ହଠାତ୍ ଆକାଶ ଚିରି ବର୍ଷିବାକୁ ଲାଗିଲା, ବିଗତ କାହାଣୀର ପ୍ରତ୍ୟେକ ଶବ୍ଦ ବୁନ୍ଦାବୁନ୍ଦା ହୋଇ ଧୋଇଦେଲା ସେ ସନ୍ଥଙ୍କ ପାଦପଦ୍ମକୁ। ମୁଣ୍ଡରେ ଏକ କରୁଣ

ସ୍ୱର୍ଶ, ଧିର ସ୍ନେହ ପୂର୍ଣ୍ଣ ବାକ୍ୟ। ବାବା ଶୁଣ, ଧର୍ମ ଶାସ୍ତ୍ର ମାନେ କେବଳ ମାର୍ଗ ଦର୍ଶନ କରନ୍ତି। ଦିଗହରାକୁ ରାହା ଦିଅନ୍ତି। ହେଲେ ମଣିଷ କୁ ସ୍ୱୟଂ ଚାଲିବାକୁ ପଡେ। ପିଣ୍ଡ,ବ୍ରାହ୍ମଣ୍ଡ ର ମାୟାରେ ଛନ୍ଦି ହୋଇ କେତେକେତେ ମହାମହା ରଥୀ ହଜି ଗଲେଣି କିନ୍ତୁ ଏଯାବତ ତାକୁ କେହି କେଭେ ଜାଣିପାରି ନାହାଁନ୍ତି।

-ତେବେ ଜୀବନ ର ମୂଳ ଲକ୍ଷ୍ୟ କଣ ? କଣ ଉଦ୍ଦେଶ୍ୟ ମଣିଷ ଜନ୍ମ ର ?

ରହସ୍ୟମୟ ହସ ଟିଏ ହସି ସେ ବୃଦ୍ଧ ବ୍ରାହ୍ମଣ ଜଣଙ୍କ କହିଲେ,ବାବା ! ସତରେ ତୁ ଖୁବ୍ ବିଚଳିତ। ହଉ ଶୁଣ,ମଣିଷ ଜନ୍ମ ସହ ଚାରୋଟି ଅବସ୍ଥା ଦେଇଯାଏ,ଚାରୋଟିର ପୂର୍ଣ୍ଣତା ରେ ସମ୍ପୂର୍ଣ୍ଣ ପୂର୍ଣ୍ଣତ୍ୱର ପ୍ରାପ୍ତି ଘଟେ।ତଥାକଥିତ ମୋକ୍ଷ ଜଙ୍ଗଲକୁ ଯାଇ ମିଳେନା କି କଠୋର ବ୍ରହ୍ମଚର୍ଯ୍ୟରେ ମିଳେ ନା।ସବୁଠୁ ଶ୍ରେଷ୍ଠ ମାର୍ଗ ଗୃହସ୍ଥ, ସଂସାରୀର ସଫଳତା ହିଁ ପରମ ପୁରୁଷାର୍ଥ।

ବିଜୁଳି ଖେଳିଗଲା ହଠାତ୍ ଦେବା ମୁଣ୍ଡ ରେ। ପ୍ରସନ୍ନତାର ପ୍ରଣତିକୁ ଅଜାଡିଦେଲା ବାବାଙ୍କ ଚରଣରେ। ସେଇଠୁ ସିଧା ମଙ୍ଗଳପୁର ଅଭିମୁଖେ।ଘର ଦୁଆର ମୁହଁ ରେ କିଏ ଗୋଟେ ମାଆ ମାଆ ଡାକୁଛି। ଦୁଆର ବନ୍ଧରୁ ଧିରେଧିରେ ଏକ ଜୀର୍ଣ୍ଣ ପାଦ ର ଅବତରଣ। ମୁଣ୍ଡଟି ଉଠିବା ମାତ୍ରେ ଆଶ୍ଚର୍ଯ୍ୟ ତଥା ଆନନ୍ଦ ର ଏକ ଭାବପୂର୍ଣ୍ଣ ରୋଳ। 'ମୋ ଦେବୁ ରେ' ଏତେ ଦିନ କେଉଁଠି ଥିଲୁରେ,ଆମ କଥା କଣ ତୋର ଟିକେ ମନେ ପଡୁ ନଥିଲା ଆଉ ସେ ହତଭାଗିନି ଝିଅ ରିତିକା !

ଘୋର ନିଦ୍ରାରେ ଶୟନରତ ମଣିଷ ମୁହଁରେ ପାଣି ଫୋପାଡିଲା ପରି ଦେବା ଧାଇଁଲା।

ପିଲାଟାର ହକଲା କପଡା ଛିଟିରୁ ତୋଳୁଥିଲା,ରିତିକା।

-ରିତିକା(ପଛରୁ ଚିହ୍ନା ଚିହ୍ନା ଅଥଚ ବାରିବାକଷ୍ଟ କାହାର ଏକ ଡାକ)

-ହଁ,(ବୁଲିପଡି)କିଏ ?

କିଛି ସମୟର ନିରବତା କୁ ଭଗ୍ନଘର ଭିତରୁ ଛୁଆ ଟା ଚିତ୍କାର କରି କାନ୍ଦି ଉଠିଲା ।

❖❖❖

# ହନି ଟ୍ରାପ୍



ISSN-2583-6978
Volume-4
Issue-10
OCTOBER-2024

**ରୋଶନ ମିଶ୍ର**

**ତାଳଚେର**

ପଛକୁ ଅନେଇ ରେବତୀ ତା ସ୍ୱାମୀ ରମେଶକୁ କହିଲା, ‘ମୋତେ ଲାଗୁଛି ଆମକୁ ଦିଇଟା ଚୋର ପିଛା କରୁଛନ୍ତି । ସେମାନେ ବୋଧହୁଏ ମୋ ଗଳାର ଏହି ସୁନାହାରଟାକୁ ଦେଖି ପକାଇଛନ୍ତି । ଆମେ କଣ କରିବା ?’

ସେହିପରି ଦ୍ରୁତବେଗରେ ମୋଟରସାଇକେଲ ଚଳାଉ ଚଳାଉ ରମେଶ କହିଲା, ‘କେତେଥର କହିଛି, ବାହାରକୁ ଆସିଲାବେଳେ ଏତେବଡ଼ ସୁନାହାରଟା ପିନ୍ଧି ଆସନାହିଁ। ମୋ କଥା କଣ ତୁମେ କେବେ ଶୁଣ ?‘

ସେତିକିବେଳେ ତାଙ୍କୁ ପିଛା କରୁଥିବା ମୋଟରସାଇକେଲ ଆରୋହୀ ଦିଜଣ ତାଙ୍କୁ ଅତିକ୍ରମ କରି ଆଗରେ ବ୍ରେକ୍ ଦେଲେ।

ଏ ଘଟଣାଟି ସହର ପାଇଁ ନୂଆଁ ନଥିଲା। କିଛିଦିନ ହେବ ପୋଲିସ୍ ର ରଓଜ ରେଜିଷ୍ଟର୍ ରେ କିଛି ଏଇଭଳି ନିର୍ଦ୍ଧିଷ୍ଟ ଚୋରୀର ଖବର ଲେଖା ହେଉଥିଲା । କାହାର ପର୍ସ, ତ ଆଉକାହାର ଦାମୀ ଫୋନ୍, ଗାଡି-ମୋଟର ସହିତ ଅଳଙ୍କାର ମଧ୍ୟ। ଧାରୁଆ ହତିଆର ସମ୍ମୁଖରେ ମଥା ନୂଆଇଁ ସର୍ବସ୍ୱ ଲୁଣ୍ଠନ ହେବାକୁ ପ୍ରସ୍ତୁତ ହେଉଥିଲେ ସାଧାରଣ ଲୋକେ। ପୋଲିସ୍ ମଧ୍ୟ ନିରୁପାୟ ! ଚୋରମାନେ ଥିଲେ ନିହାତି ଅପରିଚିତ। ତାଙ୍କର କୌଣସି ନିର୍ଦ୍ଧିଷ୍ଟ ସୀମା ମଧ୍ୟ ନାହିଁ। ପୋଲିସ୍‌କୁ ଟିକିନିକି ସନ୍ଧାନ ଦେଉଥିବା ଲୋକଙ୍କ ପାଖରେ ମଧ୍ୟ କିଛି ଖବର ନାହିଁ। ପୂର୍ବରୁ ଏଭଳି ମାମଲାରେ ଧରା ପଡ଼ିଥିବା ଆସାମୀ ମାନଙ୍କୁ ବାରମ୍ୱାର ଜେରା କରିବା ପରେ ମଧ୍ୟ ଏ ଘଟଣା ସବୁରେ ପୂର୍ଣ୍ଣଛେଦ ପଡିପାରିନଥିଲା।

ଶେଷରେ ନରହନ୍ତା ବାଘକୁ ଶିକାର କରିବା ନିମନ୍ତେ ଯେପରି ଛେଳିର ଲୋଭ ଦିଆଯାଏ, ଠିକ୍ ସେମିତି ଏକ ଜାଲ ପ୍ରସ୍ତୁତ ହେଲା। ‘ରମେଶ ଆଉ ରେବତୀ’ ଅସଲରେ ଥିଲେ ସଦର ଥାନାର ଦୁଇ ନିର୍ଭିକ ଅଫିସର। ଆଜି ତାଙ୍କ ହାତରେ ଚୋର ଧରା ପଡ଼ିଥିଲେ। ଏଭଳି ନିରୀହ ଦିଶୁଥିବା ଦୁଇ କଲେଜ୍ ଛାତ୍ରଙ୍କ କଳା କାରନାମା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେବାସହ ଏହାର କାରଣ ଜାଣିବା ପରେ ଆହୁରି ଚକିତ ହେଇଥିଲେ।

ସେଦିଜଣ ଥିଲେ ‘ସପନ ଆଉ ଶାଶ୍ୱତ’।

ପୋଲିସ୍‌ର ନରମ ବ୍ୟବହାର ଦ୍ୱାରା ଅଭୟ ପାଇବା ପରେ ଶାଶ୍ୱତ କହିବା ଆରମ୍ଭ କଲା । ‘ବାପା, ମା’ଙ୍କର ଏକମାତ୍ର ଆଶା ଥିଲା ପୁଅ ତାଙ୍କର ଭଲ ପାଠ ପଢି ଚାକିରୀ କରିବା ପରେ ନିଜ ପାଠପଢା ବାବଦକୁ ହେଇଥିବା ସମସ୍ତ ଋଣକୁ ସହଜରେ ସୁଝିଦେବ। ଭଲ ପଢୁଥିଲି ଯେହେତୁ ମୋତେ ଏ ବିଶ୍ୱବିଖ୍ୟାତ କଲେଜ୍ ରେ ଆଡ୍‌ମିସନ୍ ମଧ୍ୟ ମିଳିଲା। ଘରଠାରୁ ଅନେକ ଦୂର ଭବିଷ୍ୟତ ଗଢିବା ଆଶା ନେଇ ମୁଁ ଏଠାକୁ ଆସିଲି। ନିଜକୁ ବହୁତ୍ ବାନ୍ଧିଲି ଏ ରଙ୍ଗୀନ୍ ଦୁନିଆଁର ଚାକଚକ୍ୟ ଦାଉରୁ । ବିଶେଷତଃ କ୍ଲବ୍, ପାର୍କ, ବାର୍ ଆଉ ଟୁର୍ ଭଳି ଶବ୍ଦଠାରୁ ମୁହଁ ମୋଡି ବହି ଭିତରେ ନିଜକୁ ହଜେଇଲି। ମୁଁ ଏକା ନୁହେଁ ମୋ ଭଳି ଅନେକ ସାଧାରଣ ଘରର ପିଲା ଏସବୁକୁ ନିଜ ଠାରୁ ଦୂରରେ ରଖୁଥିଲେ। କିନ୍ତୁ କେତେଦିନ ? ଯେଉଁ ସଂକଳ୍ପ ମୋର ଲୌହ ସଦୃଶ କଠୋର ଥିଲା, ତାହା ଏକାଧିକ ଚୁମ୍ୱକ ମାନଙ୍କ ସଂସ୍ପର୍ଶରେ ବାରମ୍ୱାର ଆସିବା ପରେ ନିଜେ ଗୋଟାଏ ଚୁମ୍ୱକ ପାଲଟିଗଲା। ସଙ୍ଗ ଗହଳେ ନାଶ ଗଲା। ପ୍ରାୟ ଠିକ୍ ବର୍ଷେ ପରେ ଏସବୁରେ ବ୍ୟତିକ୍ରମ ଘଟିଲା। ସହପାଠୀଙ୍କ ‘ଜଷ୍ଟ ଚ଼ିଲ୍’ ର ଆହ୍ୱାନ,ମୋ ସଂକଳ୍ପକୁ ପରାସ୍ତ କରି ଗୋଟାଏ ରବିବାର ଦିନ ଟାଣିନେଲା ମୋତେ ନିକଟ ପାର୍କକୁ। ସେଠି ଦେଖିଲି ଜୀବନର ଅନ୍ୟ ଏକ ରଙ୍ଗକୁ । ସବୁଠି ହସୁଥିବା ଚେହେରା, ପ୍ରାକୃତିକ ହସ,ଆଉ ପରସ୍ପର ପ୍ରତି ଆକର୍ଷଣ । ଅଧିକାଂଶ ମୋ ବୟସର, ଆଉ ଅନେକ ଥିଲେ ମୋ କଲେଜ୍‌ର ପରିଚିତ ମୁହଁ। ହଠାତ୍ ବିପଥଗାମୀ ହେଇଯିବାକୁ ମୋ ପାଖରେ ଥିଲା ଏକାଧିକ ଯୁକ୍ତି ଆଉ ଅନେକ ଉଦାହରଣ। ସେମାନେ ଥିଲେ ଛାତ୍ରଛାତ୍ରୀ ଆଉ ମୁଁ ମଧ୍ୟ। ସେମାନେ ଥିଲେ ମେଧାବୀ ଆଉ ମୁଁ

ମଧ୍ୟ। ତେବେ ସେମାନେ କାହିଁକି ଏତେ ବେଖିଆଲ ? ଆଉ ମୋଭଳି ଗମ୍ଭୀର ପଣିଆକୁ ଜାବୁଡି ଧରିଥିବା ପିଲାମାନେ ଆଜି ପର୍ଯ୍ୟନ୍ତ ପାଇଛନ୍ତି କଣ ? ଆଜି ଯଦି ଯୁଗ ସାଥିରେ ମୁଁ ପାଦ ମିଶାଇ ନଚାଲେ, ତେବେ ଏ ପାର୍କରେ ବୁଲୁଥିବା ଛାତ୍ର ସମାଜ ମୋତେ ସବୁଦିନ ସେମିତି ବହି ଧରି ବସିଥିବା 'ବହିପୋକ' ବୋଲି ଚିଡାଉଥିବ। ମୋ ଅଜାଣତରେ ବୟସର ଏ ଅଥୟ ପାହାଚରେ ଲାଗିଥିବା ଶିଉଳି ଉପରେ ମୁଁ ପାଦ ଥୋଇ ଭାରସାମ୍ୟ ହରାଇବାକୁ ଯାଉଥିଲି। ଭବିଷ୍ୟତର କଚଡ଼ାକୁ ଆଖିଠାର ମାରି ଶିଉଳିର ପ୍ରଥମ ଶୀତଳ ସ୍ପର୍ଶରେ ମନରେ ଉଠିଥିବା ଶିହରଣ, ବାସ୍ତବତା ଠାରୁ ମୁହଁମୋଡି ନେଲା। ଶିଉଳି ଉପରେ ଅଜାଣତରେ ପାଦ ପଡିଯାଇ ଘଟିଥିବା ଦୁର୍ଘଟଣାକୁ ଭାଗ୍ୟ ଉପରେ ଲଦିଦେଇ ମଣିଷ ସାମାନ୍ୟ ନିଜକୁ ସମ୍ଭାଳିନିଏ। କିନ୍ତୁ ଜାଣିଶୁଣି ଗୋଡ଼ ଖସେଇଥିବା ପ୍ରାଣୀ ନା ତାକୁ ଦୁର୍ଘଟଣା ବୋଲି ଗ୍ରହଣ କରିପାରେ, ନା ଭାଗ୍ୟର ଖେଳ ବୋଲି ମଣି ଆଶ୍ୱସ୍ତି ପାଇପାରେ।

ପ୍ରଥମେ କେବଳ ଛୁଟିଦିନ ଗୁଡିକରେ ପାଠପଢାକୁ ଅଦୃଶ୍ୟ ଶିଙ୍କୁଳିଟିଏ ପକେଇ ମୁଁ ଧାଇଁଯାଏ ଯୌବନର ଉନ୍ମାଦରେ ରୋମାଞ୍ଚ ଖୋଜିବାକୁ। କିନ୍ତୁ କାଳକ୍ରମେ ଏହା କଲେଜ୍‌ର ପିରିୟଡ଼ ମିସ୍ ଠାରୁ ଆଗକୁ ବଢ଼ି କ୍ଲାସ୍ ମିସ୍ ପର୍ଯ୍ୟନ୍ତ ବଢ଼ିଚାଲିଲା।ପାର୍କରୁ କ୍ଲବ୍, କ୍ଲବ୍‌ରୁ ବାର୍ ଏମିତି ଶ୍ରେଣୀ ଉତୀର୍ଣ୍ଣ ହେବା ପରି ମୁଁ ବେଧଡ଼କ୍ ବଢ଼ି ଚାଲିଥିଲା ଗୋଟେ ୟୁ-ଟର୍ନ ନଥିବା ରାସ୍ତାରେ।

ସେ ଯୌବନ ରାସ୍ତାର ଗୋଟେ ପାନ୍ଥଶାଳାରେ ମୋର 'ରୋମା' ସହ ଭେଟ ହେଲା। 'ରୋମା' ସେଇ ଝିଅ ଯିଏ ମୋତେ ନିଜକୁ ଭୁଲି କେବଳ ତା'ର ବଶ ହେବାକୁ ବାଧ୍ୟକରେ। ସମ୍ମୋହନ, ଆକର୍ଷଣ,ବଶୀକରଣ ର ପର୍ଯ୍ୟାୟବାଚୀ ଥିଲା 'ରୋମା'। ବାସ୍, ଆହୁରି ବରବାଦ୍ ହେବାକୁ ମୋତେ କାରଣଟିଏ ମିଳି ସାରିଥିଲା। ତା ସାଥିରେ ବୁଲିବା, ଖାଇବା, ସପିଂ ଆଉ ହୋଟେଲ୍‌ରେ ରାତ୍ରିଯାପନର ସମସ୍ତ ଖର୍ଚ୍ଚର ହିସାବ ନିମନ୍ତେ, ଟିଉସନ, ପ୍ରୋଜେକ୍ଟ ସବମିଟ୍, ଏକ୍ସଟ୍ରାକ୍ଲାସ୍, ମେସ୍ ବିଲ୍‌ର ବାହାନା ଯଥେଷ୍ଟ ଥିଲା ମୋ ଭଳି ମେଧାବୀ ଛାତ୍ରର ନିରକ୍ଷର ପିତାମାତାଙ୍କ ପାଇଁ ।

ଏତେଦିନ ନିରନ୍ତର ପରିଶ୍ରମର ସ୍ୱାଦ ଫାଇନାଲ୍ ଇୟର୍ ପରୀକ୍ଷାର ପର୍ସେଣ୍ଟେଜ୍ ଦେଖିବା ପରେ ମୋର ଜିହ୍ୱସ୍ତ ହେଲା। ଏଭଳି ଏକ ଝଟକାକୁ କିପରି ସମ୍ମୁଖୀନ ହେବାର ଉତ୍ତର ଖୋଜୁଖୋଜୁ ବାପାଙ୍କ ଫୋନ୍ ଆସିଲା । ସାହି, ପଡିଶା, ଗାଁ-ଭୂଇଁ ସଭିଙ୍କ ଗୋଟିଏ ପ୍ରଶ୍ନ..! 'ଶାଶ୍ୱତର ରେଜଲ୍ଟ ଆସିଲା' ? କେମିତି କହିବି ମୁଁ ଫେଲ୍ ହେଇଛି। ସମସ୍ତଙ୍କୁ ପ୍ରକାଶ କରିହେବା ଭଳି ଯଥୋଚିତ କାରଣ ଟିଏ ସୁଦ୍ଧା ନଥିଲା। ଏତେ ମେଧାବୀ ଛାତ୍ର ଅଚାନକ ଫେଲ୍ ? ଏଭଳି ଏକ ପ୍ରଶ୍ନର ଉତ୍ତର କଣ ବା ହେଇପାରେ ? ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଦେଖିଥିବା ସ୍ୱପ୍ନକୁ ବାସ୍ତବ ରୂପ ଦେବାର ଠିକ୍ ଅନ୍ତିମ ପର୍ଯ୍ୟୟରେ ଅଚାନକ ବିଫଳତାର ଖବରକୁ ସେ ସହ୍ୟ ନକରିପାରିଲେ..?

ଗୋଟାଏ ମିଛ ଲୁଚାଇବାକୁ ଏକାଧିକ ମିଛ ! ସତ ପଦେ କହିବାକୁ ଯେଉଁ ସାହସ ଆଞ୍ଜୁଳେ ଲୋଡ଼ା ତାହା ମୋ ପାଖରେ ନଥିଲା। ଆଉ ସେ ମିଛ ହିଁ ଥିଲା ଘଟିଥିବା ଅପରାଧ ଫାଟକର ପ୍ରବେଶ ଶୁଳ୍କ। ଏକାଥରେ ପୁଅର ଦୋଷ ଗୁଡାକୁ ହଳାହଳ ବିଷ ଭାବି ବାପା, ମା' ନୀଳକଣ୍ଠ ସାଜି ପିଇବାର ସାମର୍ଥ୍ୟ ଦେଖାଇଥିଲେ, ମୁଁ ଏଭଳି ଏକ ଅପରାଧୀ ହେବାକୁ ହୁଏତ ବାଧ୍ୟ ହେଇନଥାନ୍ତି।

ଇଞ୍ଜିନିଅରିଂ ପରୀକ୍ଷାରେ ଫେଲ୍ ହେବାପରେ ଭାବିଲି ଏବେ ଏସବୁ ବିଷୟରେ ଘରେ ନଜଣେଇ ମୁ ଆଉଥରେ ପାଠପଢି ନିଜ ଭୁଲ୍ ସୁଧାରିବି। କ୍ୟାମ୍ପସ୍ ସିଲେକ୍ସନର ବାହାନା କରି ରାଜ୍ୟ ବାହାରେ ଗୋଟେ ଛୋଟ ଜବ୍ ମିଳିଛି ବୋଲି ଘରେ ଜଣାଇବା ପରେ ତାଙ୍କର ଆଉ ମୋ ବାବଦରେ ଅଧିକ ଚିନ୍ତିତ ହେବାର କାରଣ ନଥିବ। ନିଜ ଖର୍ଚ୍ଚ ତୁଲାଇବା ନିମନ୍ତେ ଫୁଡ୍ ଡେଲିଭରି ବଏ ର ପାର୍ଟ ଟାଇମ୍ ଜବ୍ ଭିତରେ ମୁଁ ପାଠପଢା ପାଇଁ ସମୟ କାଢିନେଉଥିଲି। ଯାହା କିଛି ମିଳୁଥିଲା ଆଉଥରେ ପଢା ନିମନ୍ତେ ପ୍ରସ୍ତୁତ ହେଉଥିଲି। ଜୀବନ ଟେଷ୍ଟ ମ୍ୟାଚ ର ପ୍ରଥମ ପାଳିରେ ଅସାବଧାନ ହେଇ ରନ୍ ଆଉଟ ହେବାପରେ ଦ୍ୱିତୀୟ ପାଳିରେ ମୁଁ ଖୁବ୍ ଦାୟିତ୍ୱବୋଧ ଭାବରେ ରନ୍ ଯୋଡୁଥାଏ କି, ରୋମାର ଏକ ବାଉନ୍ସରରେ ମୋ ସନ୍ତୁଳନ ଦୋହଲିଗଲା। ଯାହାକୁ ପ୍ରେମିକା ଭାବି ମୁ ଅନ୍ଧ ଭାବରେ ଭଲ ପାଉଥିଲି, ତା ଫୋନ୍‌ରୁ ଆସିଥିଲା ଗୁଡ଼ାଏ ମେସେଜ ସାଙ୍ଗକୁ, ଭିଡିଓ କଲ୍, ସେଲ୍ଫି ଆଉ ଭଏସ୍ ଚାଟ୍ ମଧ୍ୟ। ଯେଉଁ ଅନ୍ତରଙ୍ଗ ମୁହୂର୍ତ୍ତ ସବୁ ଗୋପନରେ ରହିବା କଥା, ସେସବୁକୁ ଭାଇରାଲ୍ କରିବାର ଧମକ ଦେଉଥିଲା ସେ ..!

ରୋମା ର ଅସଲ ରୂପ ଜାଣିବା ପରେ ମୋତେ ଖୁବ୍ ବାଧିଲା। ମୁଁ ଭାବୁଥିଲି ଗୋଟେ ପିଲାଳିଆମୀର ଶିକାର ହେଇ ପ୍ରେମରେ ପଡି ପାଠପଢ଼ାରୁ ସାମାନ୍ୟ ଲାଇନଚ୍ୟୁତ ହେଇଯାଇଥିଲି, ଯାହାକୁ ମୁ ପୁନଃ ମୋ ଆତ୍ମବିଶ୍ୱାସ ଓ ଅଧ୍ୟବସାୟ ବଳରେ ହାସଲ କରିନେବି। କିନ୍ତୁ ଏହା ଥିଲା ସମ୍ପୂର୍ଣ୍ଣ ଭିନ୍ନ। ରୋମା ଯେ ଏକ ମାୟାବିନୀ। ନିଜ ରୂପ ଆଉ ପ୍ରେମର ମାୟାରେ ପକେଇ ସେ ମୋ ଭଳି ଅନେକ ଛାତ୍ର ମାନଙ୍କ ଭବିଷ୍ୟତ ନଷ୍ଟ କରି ସାରିଛି, ତାହାପୁଣି କେବଳ ନିଜର ଧନାଢ୍ୟ ଜୀବନଚର୍ଯ୍ୟା ଓ ମନୋରଞ୍ଜନ ନିମନ୍ତେ। ସେ ଏବେ ମୋତେ ଭାଇରାଲ୍ ହେବାରୁ ରକ୍ଷା ପାଇବା ନିମନ୍ତେ ମୋଠାରୁ ନଗଦ ଟଙ୍କାର ଇଚ୍ଛାପ୍ରକାଶ କଲା ଏକଦମ କଠୋର ଭାବରେ। ମୁଁ ତାକୁ ମୋ ପରିସ୍ଥିତି ବିଷୟରେ ଅବଗତ କରାଇଲି। 'ଘରେ ମିଛ କହି ମୁଁ ଏବେ ଡେଲିଭରି ବୟର କାମ ଖଣ୍ଡେ କରୁଛି, ତାହା ପୁଣି ଆଗକୁ ପାଠ ପଢିବା ପାଇଁ । ଘରୁ ଏବେ ମୋ ଠାରୁ ଟଙ୍କାର ଆଶା ରଖନ୍ତି, ମୋ ବାବଦରେ ହେଇଥିବା ଋଣର କିସ୍ତି ଶୁଝିବା ନିମନ୍ତେ।

ଏ ସମୟରେ ମୁଁ ଏତେ ଗୁଡ଼ାଏ ଟଙ୍କା କେମିତି ଯୋଗାଡ଼ କରିବି..!'

ରୋମାର ସେ ତାଚ୍ଛଲ୍ୟ ଭରା ହସ ଜହ୍ଲାଦର ଫାଶୀ ଦଉଡ଼ିଠାରୁ କେଉଁ ଗୁଣରେ ଊଣା ନଥିଲା। ତା ପାଖରେ ଥିଲା ଟଙ୍କା ହାତେଇବାର ଅନେକ ଅସଜଡ଼ା ସୂତ୍ର ଆଉ କୁଟିଳ ଉପାୟ। ସେ ମୋତେ ଏଇ 'ସପନ' ସହ ପରିଚିତ କରାଇଲା। ସପନ ଥିଲା ମୋ ଭଳି ରୋମା ପାଖରୁ କେଉଁ ଏକ ଅତୀତରେ 'ହନି ଟ୍ରାପ୍ 'ର ଶିକାର ହେଇଥିବା ପିଆଦା। ଭିଡରୁ ପର୍ସ ଛଡେଇବା, ବ୍ୟାଙ୍କରୁ ପିଛା କରି କେମିତି ଲୋକଙ୍କ ଦ୍ୱାରା ସଞ୍ଚିତ ଅର୍ଥକୁ ଝାମ୍ପିନେବା। ନକଲି ଚାବି ଆଉ ଟିକଟ ଦେଖାଇ ପାର୍କିଂରୁ ଦାମୀ ଗାଡି ଚୋରି କରିବା, ଆଉ ଦାମୀ ଅଳଙ୍କାରକୁ ଟାଣିନେବା ଇତ୍ୟାଦି... ! ଏମିତି ଅନେକ କୁକର୍ମର ତାଲିମ୍ ନେଲାପରେ, ମୁଁ ରୋମା ଇଚ୍ଛା କରୁଥିବା ଅର୍ଥ ଆଉ ବାପାଙ୍କ ଋଣ ଟଙ୍କାର କିସ୍ତି ଭରିବାକୁ ପ୍ରସ୍ତୁତ ଥିଲି। ଗୋଟିଏ କୀଟ ପ୍ରାୟ ବୁଢିଆଣୀ ଜାଲରେ ଛନ୍ଦି ହେବାପରେ, ନିଜ ଜୀବନ ବଞ୍ଚାଇବାକୁ ମୁଁ ନିତିଦିନ ଆଉଏକ କୀଟର ଉପହାର ଆଣିଦେବି ବୋଲି ବୁଢିଆଣୀ ସହ ସାଲିସ୍ କରିସାରିଥିଲି।

ଇଞ୍ଜିନିଅରିଂ କଲେଜ୍ ର ଦୁଇ ମେଧାବୀ ଛାତ୍ରଙ୍କ ଏଭଳି ଉପଦ୍ରବ ପ୍ରକୃତ ଉଦେଶ୍ୟ ସମ୍ପର୍କରେ ଅବଗତ ହେବାପରେ ପୋଲିସ୍ ଶାଶ୍ୱତ ଓ ସପନ ପାଖରୁ ରୋମା ର ତଥ୍ୟ ସଂଗ୍ରହ କରି ତାକୁ ଆରେଷ୍ଟ କଲା। ରୋମା ଦ୍ୱାରା ହନି ଟ୍ରାପ୍‌ର ଶିକାର ହେଇଥିବା ଉଭୟ ସପନ ଓ ଶାଶ୍ୱତ ଏସବୁ ସମ୍ପର୍କରେ ତାଙ୍କ ପିତାମାତାଙ୍କୁ ନଜଣାଇବାକୁ ଅନୁରୋଧ କରିଥିଲେ ସୁଦ୍ଧା, ପୋଲିସ୍ ତାଙ୍କୁ ଥରୁଟିଏ ସତ ନକହିବାର ଫଳ କେମିତି ତାହା ମନେପକାଇ ଅଭିଭାବକ ମାନଙ୍କୁ ସବୁବେଳେ ସତ କହିବାର ଶିକ୍ଷା ଦେବାସହ ଫୋନ୍ କରି ଥାନାକୁ ଡ଼ାକିବା ନିମନ୍ତେ ରାଜି କରାଇଲା।

ପିତାମାତାଙ୍କ ସ୍ତରରେ ମଧ୍ୟ ସାମାନ୍ୟ ଆତ୍ମଚିନ୍ତନ ନିହାତି ଜରୁରୀ। ଜୀବନ ବାଟରେ ଚାଲୁଚାଲୁ ଅନଭିଜ୍ଞ ମଣିଷଟି ବେଳେବେଳେ ବାଟଭୁଲି ଅବାଟକୁ ଚାଲିଯାଏ।ସେଇ ବାଟ ଆଉ ଅବାଟର ଦୋଛକିରେ ନାଲି,ହଳଦିଆ,ସବୁଜ ବତୀ ଦେଖାଇବାକୁ ଟ୍ରାଫିକ୍ ପୋଲିସ୍‌ଟିଏ ଯଦି ମିଳିଯାଏ, ତେବେ କେତେ ଲୋକ ଆସାମୀ ହେବାରୁ ବର୍ତ୍ତୀ ଯାଆନ୍ତେ। ସେ ଟ୍ରାଫିକ ବାଲା କେହି ମଧ୍ୟ ହେଇପାରେ, ଶିକ୍ଷକ, ପିତାମାତା, ସାଙ୍ଗସାଥି କେହିବି। ପିଲାମାନଙ୍କୁ ଶୈଶବ କାଳରୁ ନିଜର ଦୁଃଖ ପ୍ରକାଶ କରିବାର ସ୍ୱାଧୀନତା ଓ ବାତାବରଣ ସୃଷ୍ଟି କରିପାରିଲେ, ସେମାନେ ଏମିତି ଯେକୌଣସି ଉପାୟ ଅବଲମ୍ବନ କରି ନିଜ ଭୁଲ୍ ଘୋଡାଇବାର ଅପଚେଷ୍ଟା କରନ୍ତେନାହିଁ ।

ଏସବୁ ପରେ ମଧ୍ୟ ଯଦି କେହି ଅବାଟରେ ପଡି ଆସାମୀ ହେଇସାରିଥାଏ, ତେବେ ଜେଲ୍ କୁ ଗୋଟେ ନର୍କର ଦୁନିଆଁ ନଭାବି, ମାନବ ଯନ୍ତ୍ରଟିକୁ ସୁଧାରିବା ନିମନ୍ତେ ଗ୍ୟାରେଜ୍ ବୋଲି ଗ୍ରହଣ କରିନେଲେ, ଦଣ୍ଡ ଭୋଗୁଥିବା ଆସାମୀଟି କାରାଗାରରେ ନିଜ ସମୟ କାଟି ସାରିବା ପରେ, ପୁନଃ ଜଣେ ସୁସ୍ଥ ମାନବଯନ୍ତ୍ର ସ୍ୱରୂପ ସମାଜର ମଙ୍ଗଳ ସାଧନର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ନିଜ ଦୋଷ ସ୍ୱୀକାର କରି ତାହାକୁ ସଠିକ୍ ଲୋକ ସମ୍ମୁଖରେ ପ୍ରକାଶ କରିଦେବା ହିଁ ଅପରାଧ ଅଧ୍ୟାୟର ପୂର୍ଣ୍ଣଚ୍ଛେଦ।

❖❖❖

# କୁଆଡେ ଗଲା କୁକୁଡା



ISSN-2583-6978
Volume-4
Issue-10
OCTOBER-2024

**ଡଃ କିଶୋର ଚନ୍ଦ୍ର ଦାଶ**

ଦାଶ ଭିଲ୍ଲା, ଜଗନ୍ନାଥ ସାହି
ସୁକିନ୍ଦା, ଯାଜପୁର

ଏଇ ଦୁଇ ଦିନ ତଳର କଥା । ସକାଳୁ ସକାଳୁ ବିଛଣାରୁ ଉଠି ନିଜ ଘର ବାଡିର ଚଲାପଥରେ ପ୍ରାତଃ ଭ୍ରମଣ କଲାବେଳେ ଦେଖିଲି ଗୋଟିଏ ଗଞ୍ଜା ଆମ ବାଡିରେ ବୁଲୁଛି। ଚାରିଆଡକୁ ଚାହିଁ କୁକୁରୁକୁଉଉଉ କରି ବୋବାଉଛି । ବୁଲି ବୁଲି ତାର ସାଙ୍ଗ ମାନଙ୍କୁ ଖୋଜୁଛି । ତା ପାଟି ଶୁଣି ଦୂରରୁ ଗୋଟେ କୁକୁଡା ବି ରଡି ଛାଡୁଛି । ହେଲେ ସେ ବୋଧେ ବାଟ ପାଉନି କୁଆଡେ ଯିବ । ଏମିତି ବୁଲୁ ବୁଲୁ ଆମ ଆର ବାଡିକୁ ଚାଲିଗଲା । ମତେ ଡର ଲାଗିଲା । ଆର ବାଡିରେ ଏମିତି ଥରେ ଦୁଇ ଥର କୁକୁଡା ପର ପଡିଥିବାର ଦେଖିଥିଲି। ସଂଧ୍ୟା ହବାକୁ ଆସିଲେ ସେ ବାଡିକୁ ବିଲୁଆ କଟାସ ଆସନ୍ତି । ସେଇମାନେ ବୋଧେ କୁକୁଡା ମାରି ଖାଇ ଯାଆନ୍ତି । ଘରକୁ ଆସି ପାଖ ପଡୋଶୀ କେତେ ଜଣଙ୍କୁ ଫୋନ କରି କହିଲି କାହାର ଯଦି କୁକୁଡା ହଜିଛି, ଆସି ନେଇଯାଅ । କେହି ଆସିଲେନି । ବାହାରକୁ ଯାଇ ଦେଖେତ, ପୁଣି ଆମ ଘର ପାଖକୁ ଆସିଛି । ଆମ ବାଡି ବହୁତ ବଡ଼ ।ଦେଢ ଏକର ଜାଗାରେ ଅନେକ ଗଛ ଅଛି । ତା ଭିତରେ ସେ ଆରାମରେ ବୁଲାବୁଲି କରୁଛି । ପତ୍ନୀ ଚାଉଳ ପକାଇଲେ ଆସି ତା ଥଣ୍ଟ ରେ ଟୁକୁ ଟୁକୁ କରି ଖାଉଛି। ଚାଉଳ ଦେଖି ଗୁଣ୍ଡୁଚି ମୂଷା ମାନେ ପହଞ୍ଚି ଗଲେଣି । ଏବେ ସେମାନେ ନିଜ ଭିତରେ ଛକାପଞ୍ଝା ଲାଗି ଚାଉଳ ଖାଇଲେଣି । ଆମ ଘରକୁ ତିନି ତିନୋଟି କୁକୁର ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ରି ଭୋଜନ କରିବାକୁ ଆସନ୍ତି । ଭଦ୍ରାମି ଦୃଷ୍ଟିରୁ ବେଶ ଘଣ୍ଟେ ଦି ଘଣ୍ଟା ରହିବି ଯାଆନ୍ତି । କେହି ନୂଆ ମୁହଁ, ଅଲଗା କୁକୁର, ଗାଈ ଯାହାକୁ ଦେଖିଲେ ଭୁକି ଦିଅନ୍ତି । ଆଜି କୁକୁଡ଼ାକୁ ଦେଖି ସେମାନେ ବହୁତ ଖୁସି । ତା ସାଙ୍ଗରେ ଖେଳିବା ଆରମ୍ଭ କରିଦେଲେଣି । କୁକୁର ମାନଙ୍କୁ ଯେଉଁ ପାତ୍ରରେ ଖାଇବାକୁ ଦିଆଯାଏ, ସେଥିରୁ ବି ସେ ଭାତ ଖୁମ୍ପି ଖୁମ୍ପି ଖାଇଲାଣି । କୁକୁର ମାନଙ୍କର ମଧ୍ୟ କିଛି ବିରୁଦ୍ଧାଚରଣ ନାହିଁ । ଏବେ ସେମାନେ ସାଙ୍ଗ । ଧିରେ ଧିରେ ଘର ଦୁଆର ମୁହଁ ପର୍ଯ୍ୟନ୍ତ ଆସିଲାଣି । ମତେ ଲାଗିଲା ସତେ ଯେମିତି ତା ମାଲିକ ତାକୁ ସକାଳୁ ସକାଳୁ ଗୋଡାଇ ଗୋଡାଇ ଧରିବାକୁ ଚେଷ୍ଟା କରିଛି, କାହାକୁ ବିକି ଦେବାପାଇଁ । ବିକି ଦେଇଥିଲେ ତାକୁ ମାରି କିଏ ଖାଇ ଦେଇଥାନ୍ତା, ଏତେବେଳକୁ ସେ କାହା ପେଟରେ ଥାନ୍ତା । ସେଥିପାଇଁ ବୋଧେ ଡର ଭୟରେ ଆମ ଘରକୁ ପଳେଇ ଆସିଛି । ବୋଧେ ସିଏ ଜାଣିଛି କି ଆମେ ନିରାମିଷାସୀ। ତାର ଏଠି ରହିବାରେ ଭୟ ନାହିଁ । ବେଳେ ବେଳେ ବାହାରକୁ ପଳେଇ ଯାଉଛି, କିଛି ସମୟ ପରେ ଫେରି ଆସୁଛି । ଏବେ ତାର ଟିକେ ସାହସ ହେଇଗଲାଣି । ଡାକିଲେ ପଛେ ପଛେ ଆସୁଛି ହେଲେ ଡରରେ ହେଉ କି ଭଦ୍ରାମି ଦୃଷ୍ଟିରୁ ହେଉ ଘର ଭିତରେ ପଶୁନି। ତା ସାଙ୍ଗରେ ଖେଳି ଖେଳି ଗୋଟେ ଦିନ ପଳେଇଲା । ତା ସାଙ୍ଗରେ ଆମେ ଓ କୁକୁର ମାନେ ଖେଳି ଆନନ୍ଦ ଲାଗୁଥାଏ । ବେଳ ବୁଡିଗଲାଣି। ସଂଞ୍ଜ ନଇଁ ଆସିଲାଣି । ଭାବିଲୁ, ସେ ରାତିରେ ବାହାରେ ରହିଲେ କଟାସ କି ଶିଆଳ ତାକୁ ନିଶ୍ଚୟ ମାରି ଖାଇ ଦେବେ । ତିନି ଚାରି ଜଣ ମିଶି ତାକୁ ଧରିବାକୁ ବାହାରିଲା ବେଳକୁ ତାକୁ ଆଉ ପାଇଲୁନି । ଏଇଠି ଥିଲା, କୁଆଡେ ଗଲା ? ପଳେଇଲାକି ? ଦିନ ସାରା ତା ସାଙ୍ଗରେ ଖେଳି ଖେଳି ଅତି ନିଜର ହେଇଯାଇଥିଲା । ରାତିରେ କୋଉଠି ରହିବ, କଣ କରିବ, ଭାବି ଭାବି ଟିକିଏ ଦୁଃଖ ଲାଗିଲା । କିଛି ସମୟ ଖୋଜା ଖୋଜି କରି ଦେଖିଲା ବେଳକୁ ସେ ଯାଇଁ ଛାତ ଉପରେ । ଛାତକୁ ଲାଗି ଗୋଟେ ଗଛ ଅଛି । ଗଛ ଡାଳରେ ଚଢି ତା ଉପରେ ଯାଇ ବସିଗଲା । ଆମ ଭିତରୁ ଜଣେ କହିଲା ଯେ ସେମାନେ ରାତିରେ ଗଛ ଡାଳରେ ରହି ଯାଆନ୍ତି । ଦୁଇ ଗୋଡିଆ ମଣିଷ ଗୁଡାକୁ ବୋଧେ ତାର ବିଶ୍ୱାସ ହେଲାନି । ସେଥିପାଇଁ ନିଜେ ଗୋଟିଏ ନିରାପଦ ସ୍ଥାନରେ ରହିବାକୁ

ଶ୍ରେୟ ମଣିଲା । ଦିନସାରା ସେଇ ଯାଗାରେ ରହିବ ବୋଲି ବୋଧେ ମନେ ମନେ ଭାବି ନେଇଥିବ । ରାତିସାରା ପ୍ରବଳ ବର୍ଷା । ବର୍ଷାରେ ଗଛ ଡାଳରେ କେମିତି ବସିଛି ବୋଲି ମନରେ ଆଶଙ୍କା ହେଉଥାଏ। ବର୍ଷା ଘଡଘଡିକୁ ଡରି ତଳକୁ ଆସିନି ତ ? ତଳକୁ ଆସିଲେ, ବିଲୁଆ, କୁକୁର, କଟାସ, ସାପମାନଙ୍କ ଭୟ । ରାତିସାରା ତା କଥା ଭାବି ଭାବି ରାତି ଅନିଦ୍ରା । ଯାହାହେଉ, ରାତି ପାହିଲା । ଦେଖିଲି ସେ ଆମ ଘର ଆଗରେ ବୁଲି ବୁଲି ଖୁମ୍ପା ମାରି ପୋକ ଯୋକ ଖାଉଛି । ଆଶ୍ୱସ୍ତ ହେଲୁ । ଚାଉଳ ଦିଟା ପକାଇଲେ, ପାଖରେ ଆସି ଖାଇଲା । ବର୍ଷାରେ ପୁରା ଓଦା । ଭାବିଲି ନିଶ୍ଚୟ ତାର ଦେହ ଖରାପ ହେଇଯିବ । ମୁଁ ମର୍ଣିଙ୍ଗ ଓ୍ୱାକ କଲାବେଳେ କିଛି ସମୟ ମୋ ପଛେ ପଛେ ଆସୁଥାଏ, ତା ଆଡକୁ ଟିକିଏ ଚାହିଁ ଦେଲେ ଅଲଗା ଦିଗକୁ ଦୌଡି ପଳେଉ ଥାଏ । ଏହା ଭିତରେ ପତ୍ନୀ ପାଖ ଗାଁ ରେ ଥିବା ଓ ଆଗରୁ ଆମ ଘର କାମ କରୁଥିବା ଆୟାକୁ ଫୋନ କରିଦେଇଥିଲେ । ସେ ଘରେ କୁକୁଡା ରଖିଛି । ତା ପାଖରେ ରହିଲେ ନିରାପଦରେ ଓ ସାଙ୍ଗ ସାଥୀ ମାନଙ୍କ ମେଳରେ ରହିବ । ବୋର ହେବ ନାହିଁ। ତାକୁ ଧରି ଆଣିବା ପାଇଁ ସେ ଦୁଇ ଜଣ ପିଲା ପଠେଇଲା । ଦୁଇ ଜଣ ପିଲା ଘଣ୍ଟାଏ ପର୍ଯ୍ୟନ୍ତ ଲାଗି ତାକୁ ଧରି ନ ପାରି ଫେରିଗଲେ । କୁକୁଡାଟି ଆମ ବାଡି ଛାଡି ପଳେଇ ଯାଇଥିଲା । ସକାଳ ଯାଇ ଦିପହର ହେଲା, ଦିପହର ରୁ ସଂଧ୍ୟା ହେଲାଣି ତାର ଦେଖା ନାହିଁ । ବୋଧହୁଏ ଭୟରେ ନିଜ ଜୀବନକୁ ବାଜି ମାରି ପଳେଇଲା । ଭାବିଥିବ, ଏ କଳାମୁଣ୍ଡିଆ ଗୁଡାକ ସବୁ ବଦମାସ । କାହାକୁ ବିଶ୍ୱାସ ନାହିଁ । ସମସ୍ତେ ମତେ ମାରି ଖାଇବାକୁ ବସିଛନ୍ତି । ନିଜକୁ ଅପରାଧି ଭଳି ଲାଗିଲା । ଏବେ କୋଉଠି ଥିବ। ତା ଘର ପାଇଗଲାକି ନା ତାକୁ ମଣିଷ କି କଟାସ ଖାଇଦେଲା ?

ଚବିଶ ଘଣ୍ଟାରେ ସେ ଏତେ ନିଜର ହେଇଯାଇଥିଲା ଯେ କାଲିଠୁ ତା କଥା ଭାବି ଭାବି କିଛି ଭଲ ଲାଗୁନି । ଯେଉଁଠି ଅଛି ଭଲରେ ଥାଉ ।

❖❖❖

# ବାପା

ISSN-2583-6978
Volume-4
Issue-10
OCTOBER-2024

**ତପସ୍ୱିନୀ ପଣ୍ଡା (ରୂପା)**

**ମାଛଗାଁ, ଜଗତସିଂହପୁର**

ଓଃ କି ଆଚମ୍ୱିତ ପରିବର୍ତ୍ତନ ଏ ଆବର୍ତ୍ତନର। କେବେ ଡହ ଡହ ରଡ଼ ନିଆଁରେ ଜାଳି ଭସ୍ମୀଭୂତ କରେ ତ ଆଉ କେବେ ହୁଦ୍ ହୁଦ୍ ମାଡ଼ି ଆସୁଥିବା ଶୀତୁଆ ପବନରେ ଶୀତଳ କରେ ମନ ତଳର କୁହୁଳା ନିଆଁ। ସତରେ କେହି ଜରେ ନିଶ୍ଚେ ଠିକ୍ କହିଛି; କ୍ଷଣ କ୍ଷଣ କେ ଆନ ଏ ଦୁନିଆଁ...

ବୟସର କେଇଟା ବସନ୍ତ ଅତିକ୍ରମ କଲାପରେ ତେଲଲୁଣ ସଂସାରରେ ମତୁଆଲା ଥିବା ମଣିଷଟି ମନେ କରେ ନିଜକୁ ଆଜି ଅଲୋଡ଼ା, ନିଃସଙ୍ଗ ଏବଂ ମୂଲ୍ୟହୀନ। କ'ଣ ଯେ କରିହେବ!! ଆଖିକୁ ବିଶ୍ୱାସ ନ ହେଲେ ବି କଥାଟା ସତ। ଯେବେ ବାଉଳା ହୋଇ ବାସ୍ତବତାର କେଇଟି ଫର୍ଦ୍ଦ ଲେଉଟେଇଲି, ଦୁଇ ମିନିଟ ପାଇଁ ମୁଣ୍ଡଟି ଝାଇଁ ମାରିଦେଲା ଏବଂ ସ୍ପନ୍ଦନଟି ଧୁଡ଼୍ କିନା ସ୍ତବ୍ଧ ହୋଇଗଲା ସ୍ୱତଃ। ନିଛାଟିଆ ଖରାବେଳଟାରେ ଯେବେ ମହାମାରୀର କରାଳମୟ ଦୃଶ୍ୟ ସାଙ୍ଗକୁ ଦରଦୀ ମଣିଷଟିର ମ୍ରିୟମାଣ ଛବି ମୋ ମନର କାନ୍‌ଭାସରେ ଆଙ୍କି ଦେଉଥିଲା କିଛି ରଙ୍ଗୀନ ଏବଂ କଳାଧଳା ଚିତ୍ରପଟମାନ। ଯଦିଓ, ଏହାର କାରଣ ଥିଲା ଅବିଶ୍ୱସନୀୟ, ବିସ୍ମିତ ଏବଂ ବାଙ୍ମୟପୂର୍ଣ୍ଣ। ସତେ ଯେମିତି ସେ ମୁହୂର୍ତ୍ତଟି ମୋର ମାନସପଟକୁ ଅବିଳମ୍ବେ ଅତିକ୍ରମ କରି ଅନତି ଦୂରରେ ଅପେକ୍ଷା କରି ରହିଥିଲା ଠିକ୍ ଗୋଟେ ବଡ଼ ପ୍ରଶ୍ନବାଚୀ ଧରି। ହେଁ! ପଥର କ'ଣ କେବେ ଲୁଣ ପାଣିରେ ଆଖି ପଖାଳେ?

ବୟସର ତିନି କୋଡ଼ିରୁ ଗୋଟିଏ କମ୍ ସିଡ଼ି ଚଢୁଥିବା ରୁଗ୍ଣ ଶରୀର, ଶ୍ୱେତକୁଞ୍ଚିତ ଭୁଲତା ଏବଂ ନିଷ୍ପାପ ମନଟି ମହାମାରୀରୁ ବର୍ତ୍ତିବା ପାଇଁ ସିନା ଶରୀରଟିକୁ ଚାରିକାନ୍ଥର ନିବୁଜ କୋଠରୀରେ ରଖିଥିଲା। କିନ୍ତୁ, ରାଜରାସ୍ତାରୁ ଦୂରେଇଗଲେ କ'ଣ ହେବ, ଭାବନାର ସୁଅ ଅନବରତ ଛୁଟି ଚାଲିଥିଲା। ଠିକ୍ ଦେବୀ ନଦୀରେ ବଢି ମାଡ଼ିଲା ପରି। ଖାଲି ସେତିକି ନୁହେଁ, ସେ ଲଗାମଛଡ଼ା ଭାବନାମାନ ପବନ ସାଙ୍ଗରେ ତାଳ ମିଶାଇ ଦୋଳି ଖେଳୁଥିଲେ ବାମରୁ ଦକ୍ଷିଣ ପ୍ରଶ୍ୱାସର ନାକ ପୁଡ଼ା ମଧ୍ୟରେ ତ ଆଉ କେବେ ଡେଇଁ ଡେଇଁ ଥକି ଯାଉଥିଲେ କିଛି ଚାଷ ଏବଂ ପଡ଼ିଆ ପଡ଼ିଥିବା କର୍ତ୍ତବ୍ୟର କିଆରିମାଳାରେ।

କୋରଡ଼ ଆଖିର ଠିକ୍ ତଳେ ଗାଢ଼ କଳାର ଗାରଟିଏ ଟାଣି ସାରାରାତି ବାରଣ୍ଡାରେ ଏକଡ଼ ସେକଡ଼ ହୋଇ ଅଙ୍କ କଷୁଥିବା ମଣିଷଟି ହଠାତ ଆଜି ଧୁମ୍ କିନା ବସିଗଲା ଖଟରେ। ଛାତିରେ କୋରିକୁ ଜାବୁଡ଼ି ଧରି ହାଃ କିନା ନିଶ୍ୱାସଟିଏ ଛାଡ଼ି କହିଲା। ମୁଁ କ'ଣ ଜୀବନରେ କାହା ପାଇଁ କିଛି କରିନି?

ଏ କ'ଣ? ଯାହାକୁ ଦିନେ ଗିରିରାଜ ହିମାଳୟଠାରୁ ଦେଖିଥିଲି ଶକ୍ତ ଏବଂ ଆକାଶଠୁ ବିଶାଳ ସେ କ'ଣ ଆଜି ସିଧା ମେରୁଦଣ୍ଡରେ ବି ନଇଁପଡ଼ି କଇଁ କଇଁ ଶବ୍ଦର ଗୁଞ୍ଜରଣ ସୃଷ୍ଟି କରୁଛି! ଇଏ କ'ଣ ସେଇ ପରିବର୍ତ୍ତନ ଏ ଆବର୍ତ୍ତନର !!!

ହଉ! ଠିକ୍ ଅଛି। ମାନିନେଲି ପରିବର୍ତ୍ତନ ହିଁ ଜୀବନ, କଣ୍ଟାଯୁକ୍ତ ହେଲେ ମଧ୍ୟ ସୁନ୍ଦର ଏବଂ ସୁଗନ୍ଧଭରା ଠିକ୍ ଗୋଲାପ କଢିଟି ପରି। ନିଜ ମନର ମହାବାତ୍ୟାକୁ ଥମିଯିବାକୁ ରାଣଦେଇ, ଥରକିନି ଯାଇ କାନ୍ଧରେ ହାତରଖି ଶକ୍ତିକୁ ଯେବେ ସାନ୍ତ୍ୱନା ଦେବାକୁ ଚେଷ୍ଟାକଲି, ମନେ ହେଉଥିଲା ପଡିଯିବି କି ଆଉ ପକ୍କାରେ ଏବଂ

ସଂଜ୍ଞାହୀନ ହୋଇଯିବି ଭାବନାର ଖଣ୍ଡିଆ ଭୂତରେ। ଧେତ୍, ଇଏ ସବୁ ମୁଁ କ'ଣ ଭାବୁଛି!! ମୁଁ ପରା ଶକ୍ତିର ଶକ୍ତି। ଜୀବନର ଘଡ଼ିସନ୍ଧି ମୁହୂର୍ତ୍ତରେ ଅଟକି ଗଲେ ତ ଆଉ ହେବନି.. ଅସଜଡ଼ା ସାହସକୁ ସଜାଡ଼ି, ନିଜକୁ ତୁନିକରି କୁନିପାଟିରେ ଯାଇ କହିଲି, ଉଠ, ଠିଆହୁଅ ବାପା। ଆଖିରେ ମିଶାଅ ଆଖି, କାନ୍ଧରେ କାନ୍ଧ ଏବଂ ମୋ ପାଦରେ ତୁମ ପାଦ। ଆଜିଠାରୁ ତୁମ ପାଇଁ ମୁଁ ଚାଲିବି। ଥକିବି ସତ କିନ୍ତୁ କେବେ ଅଟକି ଯିବିନି ଜୀବନର ଶେଷଶ୍ୱାସ ଯାଏଁ। କାରଣ କ'ଣ ଜାଣ, ତୁମେ ହେବ ମୋର ରାସ୍ତା ଏବଂ ସବୁ ରାସ୍ତାର ଠିକଣା।

❖❖❖



# କାବ୍ୟମ୍



# ସୂଚୀପତ୍ର


| | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ମୃତ୍ୟୁ ପାଇଁ ପ୍ରାର୍ଥନା | ଦୁର୍ଗାଚରଣ ଷଡ଼ଙ୍ଗୀ | ୨୮୩ |
| ୨. | ଭିକ୍ଷୁକ | ସୁରେଶ ସାଗର | ୨୮୪ |
| ୩. | ଦିଅ ତୁମ କଉଁରୀ ସ୍ପର୍ଶ | ଦୀପ୍ତି ମିଶ୍ର | ୨୮୫ |
| ୪. | ମୁହଁଫେରେଇ ନେଉଥିବା ମଣିଷ ପାଇଁ | ସୁନନ୍ଦା ବି ମହାପାତ୍ର | ୨୮୬ |
| ୫. | ଜୟ ମାଆ ଦୁର୍ଗା | ନିରୁପମା ପଣ୍ଡା | ୨୮୭ |
| ୬. | ମୋତେ ମୁଠେ ମାଟି ଦିଅ | କଳ୍ପନା ମିଶ୍ର | ୨୮୮ |
| ୭. | ଧାରେ ହସ ଦେଇ | ହଂସନାଥ ମୁଦୁଲି | ୨୮୯ |
| ୮. | ପଥ ଓ ପଥିକୀ | ବିଦ୍ୟୁତ ଲତା ଦାସ | ୨୮୯ |
| ୯. | ଯୁଦ୍ଧ ଚାଲିଛି | ଡ. ଚିତ୍ତ ମିଶ୍ର | ୨୯୦ |
| ୧୦. | ଯାଉଛି ମାନେ ଆସୁଛି | ଲକ୍ଷ୍ମୀନାରାୟଣ ହୋତା | ୨୯୦ |
| ୧୧. | କଣ୍ଟା ଗଛ | ପୂରବୀ ଶତପଥୀ | ୨୯୧ |
| ୧୨. | ଫେରିବାଲା | ଡ. ଅନିଲ ନନ୍ଦ | ୨୯୧ |
| ୧୩. | କେମିତିକା ଗଲ ଭୁଲି | ତ୍ରିଲୋଚନ ଦାସ | ୨୯୨ |
| ୧୪. | ଜହ୍ନରାତିର ଭୋକ | ପୂର୍ଣ୍ଣ ଦାସ | ୨୯୨ |
| ୧୫. | ସମୟର ଶିକୁଳିରେ କାଲି ଓ ଆଜି | ନନ୍ଦିକେଶ୍ୱରୀ ନାଥ | ୨୯୩ |
| ୧୬. | ଭଗବାନ ହେବା ସହଜ ନୁହେଁ | ସତ୍ୟପ୍ରିୟା ପଟ୍ଟନାୟକ୍ର | ୨୯୩ |
| ୧୭. | ପଞ୍ଜୁରି ଖୋଲିଲା ମୁନା | ଲକ୍ଷ୍ମୀପ୍ରିୟା ଦାସ | ୨୯୪ |
| ୧୮. | ଅଚିହ୍ନା ଏ ଅରଣ୍ୟ | ଜାହ୍ନବୀ ଚୌଧୁରୀ | ୩୯୪ |
| ୧୯. | ଦେବୀଘାଟ | ନାରାୟଣ ପ୍ରସାଦ ବେହେରା | ୨୯୫ |
| ୨୦. | ସତ୍ୟପାଠ | ଡ. ଦୀପକ କୁମାର ମିଶ୍ର | ୨୯୬ |
| ୨୧. | କ୍ୟାନଭାସ | ସୌଦାମିନୀ ବେହେରା | ୨୯୭ |
| ୨୨. | ତୁ କହିଲୁ ବୋଲି | ପ୍ରିୟନାଥ ପାଣି | ୨୯୮ |
| ୨୩. | ଝାଲ ମୁଢ଼ିବାଲା | ସୁଶ୍ରୀ ପଲ୍ଲବିତା ସାହୁ | ୨୯୯ |
| ୨୪. | ମିଛ ଆଶ୍ୱାସନା | ଶ୍ୱେତା ରାଉତ | ୩୦୦ |
| ୨୫. | ଗାର | ସରସ୍ୱତୀ ପଣ୍ଡା | ୩୦୦ |
| ୨୬. | କାହ୍ନୁ | ତଫିଜୁଲ ହୁସେନ | ୩୦୧ |
| ୨୭. | କ୍ଳାନ୍ତ କବିତା | ହେମାଙ୍ଗିନୀ ପଟ୍ଟନାୟକ | ୩୦୧ |
| ୨୮. | ନୀଳ ହେଲ କାହିଁକି | ରଂଜିତା ଦାଶ | ୩୦୨ |
| ୨୯. | ବିନମ୍ର ବିନତି | କୃଷ୍ଣଚନ୍ଦ୍ର ବାରିକ | ୩୦୨ |
| ୩୦. | ଅଯୋଧ୍ୟାର ରାମଲାଲା | ଅମରନାଥ ବାରିକ | ୩୦୩ |
| ୩୧. | ବର୍ଷା | ବିଦ୍ୟାଧର ପଣ୍ଡା | ୩୦୩ |
| ୩୨. | ଏକାକୀ ସହରରେ ଛାତ ଉପରେ | ମନୋଜ ନାୟକ | ୩୦୪ |
| ୩୩. | ହାତ ଘଣ୍ଟା | ଜ୍ୟୋତିପ୍ରକାଶ ଷଡ଼ଙ୍ଗୀ | ୩୦୪ |
| ୩୪. | ପ୍ରେମ | ସୁଶାନ୍ତ ଶତପଥୀ | ୩୦୫ |
| ୩୫. | ଜୀବନ ପାତ୍ର ମୋ | ଡ. ଉମେଶ ଚନ୍ଦ୍ର ମହାପାତ୍ର | ୩୦୫ |
| ୩୬. | ଉପେକ୍ଷା | ଦେବଯାନୀ ରାୟ | ୩୦୬ |
| ୩୭. | ଆସିବାର ଅଛି ଆସିବି ମୁଁ | ଅମୃତା ସିଂହ | ୩୦୭ |
| ୩୮. | ସିନ୍ଦୁର | ଡ଼ଃ ସ୍ୱାଗତିକା ସାହୁ | ୩୦୮ |
| ୩୯. | ଆମାଜନ୍ ଜଳୁଛି | ବିଶ୍ୱନାଥ କର | ୩୦୯ |
| ୪୦. | ଶାନ୍ତି | ପୂର୍ଣ୍ଣଚନ୍ଦ୍ର ଦାସ | ୩୧୦ |
| ୪୧. | ପାଗଳ | ପଲ୍ଲବୀ ଦାସ | ୩୧୧ |
| ୪୨. | ଏମିତି କିଛି | ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ | ୩୧୨ |
| ୪୩. | କାଶତଣ୍ଡି ହସେ କିରି କିରି | ଦୀନବନ୍ଧୁ ବେଜ | ୩୧୨ |
| ୪୪. | ବିଚିତ୍ର ରାଗିଣୀ | ରାଜେଶ ଚନ୍ଦ୍ର ପ୍ରଧାନ | ୩୧୩ |
| ୪୫. | କବିତା ଲେଖୁଥିବା ଝିଅ | ଡକ୍ଟର ଜ୍ୟୋସ୍ନାରାଣୀ କର | ୩୧୩ |
| ୪୬. | ମୁହୂର୍ତ୍ତେ | ଡଃ ସୁଲଗ୍ନା କର | ୩୧୪ |
| ୪୭. | ବର୍ଷା ରାଣୀର ଚିଠି | ଇଂ.ପ୍ରଦୀପ ଷଡ଼ଙ୍ଗୀ | ୩୧୪ |
| ୪୮. | ଉପପାଦ୍ୟ | ଡ.ଗୋପାଳକୃଷ୍ଣ ଆଚାର୍ଯ୍ୟ | ୩୧୫ |
| ୪୯. | ପାର୍ବଣ ରତୁ | ପ୍ରତିମା ମେହେର | ୩୧୫ |
| ୫୦. | ଭଗବାନ ଉବାଚ | ସରୋଜ କୁମାର ପଣ୍ଡା | ୩୧୬ |
| ୫୧. | ଅପମିଶ୍ରଣ | ଅଜିତ କୁମାର ମଲ୍ଲିକ | ୩୧୬ |
| ୫୨. | ଖୋଜନି ଆଉ | ସୁଶାନ୍ତ ଦାସ | ୩୧୭ |
| ୫୩. | ଅଗତ୍ୟା | ଅପରାଜିତା ତ୍ରିପାଠୀ | ୩୧୭ |
| ୫୪. | ବିବର୍ତ୍ତନ | ପ୍ରମୋଦ ଚନ୍ଦ୍ର ଛତ୍ରିଆ | ୩୧୮ |
| ୫୫. | କଥାନ୍ତର | ଐଶ୍ୱର୍ଯ୍ୟା ପ୍ରଧାନ | ୩୧୮ |
| ୫୬. | ରେ ଜୀବନ | ସୁଶୀଲ କୁମାର ପାଣିଗ୍ରାହୀ | ୩୧୯ |
| ୫୭. | ନାରୀ | ଡାଃ ଚିତ୍ତ ରଞ୍ଜନ କୁଣ୍ଡୁ | ୩୨୦ |
| ୫୮. | ଚିତ୍ରଲେଖା | ଶୁଭେନ୍ଦୁ ମେହେର | ୩୨୧ |
| ୫୯. | ପାଞ୍ଚଟି ସ୍ତବକ | ଭଗବାନ ପଣ୍ଡା ଭଗତ୍ | ୩୨୨ |
| ୬୦. | ମଞ୍ଚ କଇଦୀ | ସ୍ୱଦୀପ ପଟ୍ଟନାୟକ | ୩୨୩ |
| ୬୧. | ରେବି ଫେରିଛି | ଶିବ ପ୍ରସାଦ ସାହୁ | ୩୨୪ |
| ୬୨. | ବୋଉ ମୋତେ ଡାକି ଲାଣି | ସତ୍ୟ ନାରାୟଣ ମଲ୍ଲିକ | ୩୨୫ |
| ୬୩. | ମୁଁ ଶିକ୍ଷିତ ବ୍ୟକ୍ତି | ସାଉନା କିସ୍କୁ | ୩୨୬ |
| ୬୪. | ତୁମେ ଆଉ ମୁଁ | ବିଶ୍ୱକଲ୍ୟାଣୀ ରାଉତ | ୩୨୭ |
| ୬୫. | ଚିଠି ଲେଖୁନି ଚିତ୍ରଲେଖା | ଜିତେନ୍ଦ୍ର କୁମାର ବେହେରା | ୩୨୭ |
| ୬୬. | ଶିଳ୍ପୀର କଲମ | ଶାଶ୍ୱତୀ ନନ୍ଦ | ୩୨୮ |
| ୬୭. | ଅବଦାନ | ପୂର୍ଣ୍ଣଚନ୍ଦ୍ର ମେହେର | ୩୨୮ |
| ୬୮. | ପ୍ରେମ ଆଉ କଣ କି ? | ଜନ୍ମେଜୟ ପଣ୍ଡା | ୩୨୯ |
| ୬୯. | ବଦାନ୍ୟତା | ସୋନାଲି ଦାସ | ୩୨୯ |
| ୭୦. | ଜୟ ମା ଦୁର୍ଗା | ସ୍ମୃତିରାଣୀ ବେହେରା | ୩୩୦ |
| ୭୧. | ଗୁରୁଣାମ୍ ଗୁରୁଃ | ଚୁମ୍କି ଦାଶ | ୩୩୦ |
| ୭୨. | କବିତା | ରଘୁନାଥ ଖମାରୀ | ୩୩୧ |
| ୭୩. | ବାପା | ସନ୍ତୋଷିନୀ ଦାଶ(ଗିରି) | ୩୩୧ |


**ଉପନ୍ୟାସମ୍**


| | | | |
|---|---|---|---|
| ୦୧. | ରୂପାନ୍ତର | ସଂଘମିତ୍ରା ଭଞ୍ଜ | ୩୩୪ |

# ମୃତ୍ୟୁ ପାଇଁ ପ୍ରାର୍ଥନା



ଦୁର୍ଗାଚରଣ ଷଡ଼ଙ୍ଗୀ

ମରୁ ମରୁ ବଞ୍ଚିଯାଏ
ଥରେ ନୁହେଁ ଏମିତି ଅନେକ ଥର
ମରଣ ମୁହଁରୁ ଫେରିଛି ବି ବାରମ୍ବାର ଅବଲୀଳାରେ
ଭୟ ନାହିଁ କି ଭ୍ରାନ୍ତି
ଉଲ୍ଲାସ ନାହିଁ କି ଦୁଃଖ
ଜାଣେ, ମରଣ ଆସେ ଠିକ୍
ଗୋଟାଏ ଉମରମତ୍ତା ଡାହାଣୀ ହୋଇ
କିଛି ନ କହି
ଯଦି ଛାଡ଼ିଗଲା ସେ ଚଟୁଳରେ ମୁଁ କହେ
ହାଁ ହାଁ

ମରଣ ଆସିଲେ ସବୁ ବିଶ୍ୱାସ ସାହସ ତୁଟିଯାଏ
ତୁଟିଯାଏ ବି ମାୟା ସଂସାର
ବାଇବିଛ ଭଳି ଆନମନା ହୁଏ
ଯେମିତି କେହି ପାଗଳ
ମନକୁ ମନ କହୁଥାଏ
କାହିଁ ନମରି ମୁଁ ବଂଚିଛି ଏ ଯାଏ ?

ମରଣ ଆସିଲେ ଭାରି ନିର୍ଦ୍ଦୟ ଲାଗନ୍ତି ଈଶ୍ୱର
ପ୍ରିୟଶତ୍ରୁ ପରି
ଉଭା ହୁଅନ୍ତି ଆଗରେ
ହସନ୍ତି ଗୋଟେ କୁଣ୍ଠିତ ହସ
ଯୋଉ ହସରେ ମୋର ସବୁତକ ସ୍ତୋତ୍ର ଶ୍ଳୋକ
ଲୁହ କାନ୍ଦ ନିଗିଡ଼ି ପଡ଼େ
ପାଣି ହୋଇ ଫାଟି ଯାଏ ବର୍ଷ ବର୍ଷର ଅର୍ଜିତ ଶୋଣିତ
ସେ ଥାଆନ୍ତି ବୋଲି ସିନା ଏତେ ପ୍ରାର୍ଥନା
ଏତେ ଭୋଗ ରାଗ ନୈବେଦ୍ୟର ପହଳି !
କେବଳ ମରଣ ଡରରେ
ଜାଣେ, ସେ ପରା କାଳେ ମହାମରଣର ଅଧୀଶ୍ୱର !!

ସେ ଦୟାଳୁ ନୁହଁନ୍ତି କେବେବି ନୁହଁନ୍ତି ସେ କାହାର
ମାୟା ମେଘ ପରି ସେ ବର୍ଷିଯାନ୍ତି
ଜୀବନ ଶୋଷନ୍ତି
ଯୋଉଡ଼ି ସେଠି
ନାହିଁ ଭେଦ କି ନାହିଁ ଖୁସି
କିଏ ପର ବା କିଏ ଆପଣାର ।

ସେ ମରଣର ଅଧୀଶ୍ୱର ବୋଲି ମୁଁ ଡରିଯାଏ
ଅଥଚ ତାଙ୍କୁ ଖୁବ ଭଲ ପାଏ
ଅନେକ ଥର ମତେ ଡିଆଁଇ ଦେବାର ଖୁସିରେ
ତାଙ୍କୁ ଦଣ୍ଡବତ ହୁଏ
ଅବେଳରେ ମତେ କାହିଁକି ନେଲନି ବୋଲି ପଚାରେ
ସେ ହସନ୍ତି
ସେଇ ଭୁବନ ମୋହନ ହସ
କହନ୍ତି ବି ସ୍ୱପ୍ନରେ
ଆରେ ନିର୍ବୋଧ !
ତୁ ଜୀବନ ଲୋଭି ବୋଲି
ତତେ ନେଇ ପାରୁନି ମୁଁ ଏଯାଏଁ !

# ଭିକ୍ଷୁକ



ସୁରେଶ ସାଗର

ଯୋଉ ବାଟରେ ବି ଯାଉଚି
ଦ୍ୱାର ଆଉ ଦ୍ୱାର
ଅନେକ ଦ୍ୱାର,
ସହାନୁଭୂତିର ନାମ ଫଳକ।

ସବୁ ଦ୍ୱାରରେ ପଡ଼ି ରହିଚି
ଅପଦାର୍ଥ ପରି
ମୋ ନଷ୍ଟ ଭାଗ୍ୟ
ଭୂ-ଲୁଣ୍ଠିତ ଜୀବଦ୍ଦଶା।

ସବୁଠି ଝୁଣ୍ଟି ପଡୁଚି
ମୋର ନମ୍ର ନେହୁରା ଡାକ
ଭୋକ ପାଖରେ ଠିକ୍ ସେ
ପହଞ୍ଚି ପାରେନି ମୁଠାଏ ଚାଉଳ।

ମୋ ଜନ୍ମ କାଳର
ଯାହା ସବୁ ଆସ୍ପର୍ଦ୍ଧା
ଯାହା ସବୁ ପାରିବାପଣିଆ
ଝାଳହୋଇ ନଗିଡ଼ି ଯାଏ
କ୍ଲାନ୍ତିହୋଇ ଦୂର ହେଇଯାଏ,
ପାଖରେ ଠିଆ ହୋଇଥାଏ
ଗୋଟେ ପୋଡ଼ି ଯାଇଥିବା ଗଛ ପରି
ମୋର ଆଗାମୀ ସକାଳ।

ମୋ ଏରୁଣ୍ଡିରୁ
ଲମ୍ବି ଯାଇଥିବା ରାସ୍ତାଟି
ପ୍ରଗତିର ନୁହେଁ!!
ଆରମ୍ଭରୁ ହିଁ ମୁଁ ପ୍ରତ୍ୟାବର୍ତ୍ତନଶୀଳ
ସର୍ବଦା ଫେରି ଫେରି ଆସୁଚି,
ମୋ ମୁଣ୍ଡ ଉପର ଦେଇ
ଚଢ଼ା ଉତରା କରୁଥିବା
ସୂର୍ଯ୍ୟ ଆଉ ଚନ୍ଦ୍ର
ମୋତେ କାହିଁ ଓଲଟା ଦିଶୁଚି।

ମୁଁ କୁରାଢ଼ୀ..! ଅଥଚ ମୋର ଶାଣ ନାହିଁ
ମୁଁ ବୋମା...! ମୋର ବିସ୍ଫୋରଣ ନାହିଁ
ମୁଁ ବିଦ୍ରୋହୀ...! ମୋର ବିଦ୍ରୋହ ନାହିଁ
ମୁଁ ନିଶାର୍ଦ୍ଧରେ ଭାଙ୍ଗି ଯାଇଥିବା
ନିଦର ଅସ୍ଥିରତା
ମୁଁ ବର୍ଷା ପାଣିରେ ଧୋଇହୋଇ ଯାଇଥିବା
ଗୋଟେ ପ୍ରେମ ପତ୍ରର ଛଳଛଳ ଆବେଗ,
ମୁଁ ଶୃଙ୍ଖଳା ନଈର କୂଳଭର୍ତ୍ତି ପ୍ରବାହ
ଅଥଚ.. ବହିପାରେ ନାହିଁ
କେବେ, ଛୁଇଁ ପାରେନି ସମୁଦ୍ର।

ମାଟିଗାଁ, ଜୁନାଗଡ଼-୭୬୬୦୧୪



# ଦିଅ ତୁମ କଉଁରୀ ସ୍ପର୍ଶ

ଦୀପ୍ତି ମିଶ୍ର

ତୁମେ ଅଛ ବୋଲି -
ଅଛି ବିଜୟର ସମ୍ଭାବନା
ଆଲୋକର ଉନ୍ମାଦନା
ପୂର୍ଣ୍ଣତାର ରଙ୍ଗିନ ଭାବନା
ଅଛି ଆଶାର ଇନ୍ଦ୍ରଧନୁ ଉଇଁବାର
ଏକ ବର୍ଣ୍ଣିଳ ସ୍ୱପ୍ନର ବାସନା

ତୁମେ ଅଛ ବୋଲି-
ହସୁଛି ଦୂର୍ବାଦଳ
ଶତ ଶତ ପଦାଘାତ
ପରେ ବି ଅଙ୍କୁରି ଉଠୁଛି
ଚେତନାର ବୀଜଟିଏ
ଉପରକୁ ଉଠିବାର
ଅପୂର୍ବ ଛନ୍ଦାୟିତ ଗତି
ଆକାଶକୁ ଚାହିଁ ତାରା ଫୁଲଙ୍କ
ସହ ନିଜକୁ ମିଶାଇ ଦେଇ
ତୁମରି ଆରାଧନାରେ
ନିଜକୁ ହଜାଇ ଦେବାର
ଅପୂର୍ବ ପୁଲକ

ତୁମେ ଅଛ ବୋଲି -
ନିର୍ଝରଣୀ ଖୋଜି ପାଏ
ତାର ଗତିପଥ
ଛୁଇଁ ପାରେ ତାର ସ୍ୱପ୍ନର ସାଗର
ହଜାଇ ଦେଇ ନିଜ ର ଅସ୍ତିତ୍ୱ
ବୁଡି ଯାଏ ସେହି ବିଶାଳତା ରେ
ସଂପୂର୍ଣ୍ଣ ଏକାକାର କରି ଦେଇ
ତା ପ୍ରଶସ୍ତ ଛାତିରେ

ତୁମେ ଅଛ ବୋଲି
ମୃତ୍ୟୁ ପଥରୁ ଫେରି ଆସେ ଜୀବନ
ନିଃଶ୍ୱାସ ରେ ଆତଯାତ ପବନ
ନିଦାଘ ବି ଛୁଇଁ ପାରେ ଏଇ ମନ
ସାଜି ଶୀତଳ ଚନ୍ଦନ
ହୋଇ ପହିଲି ଆଷାଢ଼ - ଶ୍ରାବଣ
ଭରି ଦିଏ ହୃଦୟରେ ପ୍ରେମର ସ୍ପନ୍ଦନ

ଯଦି ତୁମେ ଥିଲେ ଏତେ କଥା ହେଇପାରେ....
ସବୁ କିଛି ସମ୍ଭବ ତୁମ ଦିବ୍ୟ ସ୍ପର୍ଶେ,
ତେବେ ଟିକେ ଖାଲି ଛୁଇଁ ଦିଅ-----
ଦୂରେ ଯାଉ ମିଥ୍ୟା, ଭୟ ଆଉ ଅହଙ୍କାର
ଟିକେ ଦିଅ ତୁମ କଉଁରୀ ସ୍ପର୍ଶର ଅନୁଭୂତି
ଆଉ ଭରି ଦିଅ ଏ ମନରେ
ମଧୁମୟ ପ୍ରୀତିର ଲାବଣ୍ୟ....
ଦିଅ ତୁମ ପ୍ରେମର ଚରମ ପରମ ଓ
ମଧୁର ବାସ୍ନା ଟିଏ ତୁମରି ସନ୍ତାନ ମାନଙ୍କୁ
ଗଢ଼ିବାକୁ ନୂଆ ପୃଥିବୀଟେ

ବାରିପଦା



# ମୁହଁଫେରେଇ ନେଉଥିବା ମଣିଷପାଇଁ

ସୁନନ୍ଦା ବି ମହାପାତ୍ର

କାହିଁକି କେଜାଣି,
ସମ୍ପର୍କର ହାତଟା
ମୋ' ଆଡୁ
ବଢ଼େଇପାରେନି କେବେ !
ବରଂ ପ୍ରତିଥର କେହି ନା କେହି
ହାତଧରି ମୋ'ର
ଟାଣିନିଏ ଦୂରକୁ ଦୂରକୁ...
ସାତସମୁଦ୍ର ତେରନଈ ପାରି
ଯେପରି,ଫେରିବାକୁ ଚାହିଁଲେ ବି
ସବୁବାଟ ଭୁଲି ଯାଉଥିବି...!

ଭାବପ୍ରବଣତାର ସୁଅରେ
ଏତେ ଭାସିଯାଏ ଯେ...
ଯେଉଁଆଡ଼େ ଯିଏ ବାହିନିଏ
ଅମାନିଆ ନଈପରି
ସେଇଆଡ଼େ ବହିଯାଏ ।
ଏତେ ମନ୍ତ୍ରମୁଗ୍ଧ ଯେ
ଏକଥା ବି ଦେଖେନି,ବୁଝେନି
କାଲିକି ହସ ଅଛି କି ଲୁହ...
ଆଗରେ ଖାଲ ଅଛି କି ଢିପ
ବାଘ ଅଛି କି ସାପ...!
ସତର୍କ ହୁଏନି ଜମା,
ଭାବେନାହିଁ ଆଗକୁ ବଢ଼ିବି ନା
ଏଇଠାରେ ଅଟକିବି...!

ଏବେ କିନ୍ତୁ
ବାଟ ମଝିଟାରେ କେହିଯଦି
ହାତଛାଡ଼ି ମୁହଁଫେରେଇ ନିଏ,
ନା ତା' ପଛରେ ଧାଇଁଯିବି
ପାଗଳୀ ପ୍ରାୟ,
ନା କରିବି କିଛି ପ୍ରଶ୍ନ
ନା କରିବି ଅଭିମାନ
ନା ବାଢ଼ିବି କିଛି ଦାବି !

ହଁ,ସ୍ତବ୍ଧ ହୋଇ ଘଡ଼ିଏ
ନିଶ୍ଚୟ ଠିଆହେବି...!
ହୁଏତ...ହୁଏତ
କିଛି ସମୟ ଦୋହଲି ଯିବ
ମୋ' ପାଦ ତଳର ପୃଥିବୀ !

ତା'ପରେ...?
ହଁ,
ପରେ ପରେ କିନ୍ତୁ ସମ୍ଭାଳିଯିବି,
ବୁଝିଯିବି ଯେ,
ଯିଏ ରହିବା କଥା
ରହିବ ଶେଷଯାଏ...
ପରିସ୍ଥିତିର ଦାୟରେ
ହୁଗୁଳିବ ନାହିଁ ହାତ ତା'ର ।
ଯିଏ ଯିବାକଥା
ସେ ଚାଲିଯିବ...
ଏମିତି ହତବାକ୍ କରି...!

ଭିତରୁ ମେଞ୍ଚେ କୋହ,
ହାତ ପାପୁଲିରେ
ପୋଛିହେବା ପରି ଲୁହ,
ଗୋଟେ ଦୀର୍ଘଶ୍ୱାସକୁ
ସେଇଠି ଫିଙ୍ଗି,
ପଛକୁ ବୁଲି
ନିଜ ରାସ୍ତା ଖୋଜିବି...।

ବାଙ୍ଗାଲୋର

# ଜୟ ମାଆ ଦୂର୍ଗା



ନିରୁପମା ପଣ୍ଡା

ନବଦିନାତ୍ମକ ପୂଜା ପଞ୍ଚମ ଦିବସରେ
ମାଆ ସ୍କନ୍ଦମାତା
ପଞ୍ଚମ ଦିବସେ ଆଶିଷ ଦେବାକୁ
ଅବତୀର୍ଣ୍ଣ ସ୍କନ୍ଦମାତା
ଶୁଭ୍ର ବର୍ଣ୍ଣା ପଦ୍ମସନା ମାହେଶ୍ୱରୀ
ତୁମେ ହିଁ ଜଗତ ଜୀତା।।

ପୁତ୍ର କାର୍ତ୍ତିକେୟ କୋଳରେ ତୁମର
କମଳ ଶୋହେ ହସ୍ତରେ
ସୌର ମଣ୍ଡଳ ର ଅଧିଷ୍ଠାତ୍ରୀ ଦେବୀ
ରୂପ କିଏ ବର୍ଣ୍ଣି ପାରେ।।

କମଳ ଉପରେ ବିରାଜିତା ମାଆ
ଚତୁର୍ଭୁଜା ଧାରୀ ତୁମେ
ସନ୍ତାନ ପାଳିନୀ ବରମୁଦ୍ରା ଧାରୀ
ଆସିଛ ଏ ଧରା ଧାମେ।।

ହିମାଳୟ ପୁତ୍ରୀ ଗୌରୀ ମାହେଶ୍ୱରୀ
ସଙ୍କଟ ମୋଚନୀ ମାଆ
ହେମା ଙ୍କ ଗରଭୁ ଜାତ ମହାଗୌରୀ
ବିପଦେ ହୁଅନ୍ତି ସାହା।।

ମହା ତପସ୍ୟାରେ ରତ ରହି ମାତା
ଅନ୍ନ ଜଳ ତ୍ୟାଗ କରି
ମହାଦେବ ଥିଲେ ତପସ୍ୟାରେ ରତ
କାମଦେବ ଶର ମାରି।।

ତପସ୍ୟା ମଧ୍ୟରେ ମହା ମିଳନରେ
ସ୍କନ୍ଦ କୁମାର ଜନ୍ମିଲେ
ଚତୁର୍ଭୁଜା ମାତା ତ୍ରିନେତ୍ର ନୟନା
ପୁତ୍ରଙ୍କୁ କୋଳେ ଧରିଲେ।।

ଦୁଇ ହସ୍ତେ ପଦ୍ମ ବିଭୁଷିତା ମାତା
ତୃତୀୟ ହସ୍ତରେ ସ୍କନ୍ଦ
ଚତୁର୍ଥ ହସ୍ତରେ ଆଶିଷ ଦିଅନ୍ତି
ତାଡକା କରିବେ ବଧ।।

ଷଡ଼ମୁଖ ଧାରୀ କୁମାର କାର୍ତ୍ତିକ
ସ୍କନ୍ଦ ନାମ ବୋଲାଇଲେ
ଷଡ଼ ମାତୃ ଶକ୍ତି ମିଳନରେ ଜନ୍ମ
ପ୍ରଣବ ମନ୍ତ୍ର ବୋଲିଲେ।।

ଯୋଗ୍ୟ ପୁତ୍ର ପଞ୍ଚ ମହାଭୂତଙ୍କର
ସ୍କନ୍ଦ ପୁରାଣ ରଚିଲେ
ପିତାଙ୍କ କାନ୍ଧରେ ଓଁ କାର ବିଶେଷତ୍ୱ
ସ୍କନ୍ଦ ମୁଖେ ବଖାଣିଲେ।।

କୃତ୍ତିକା ଗଣ ଙ୍କୁ ଶାପ ରୁ ଉଦ୍ଧାର
ପୁତ୍ର ରୂପେ କରିଥିଲେ
ସପ୍ତଶ୍ରୀ ମଣ୍ଡଳେ ଅଧିକାର ଦେଇ
ଆନନ୍ଦେ ସ୍କନ୍ଦ ଚଳିଲେ।।

ଦେବ ଦାନବ ଙ୍କ ଯୁଦ୍ଧେ ସେନାପତି
କାର୍ତ୍ତିକ କୁମାର ହୋଇ
ବିନାଶ କରିଲେ ତାଡ଼କା ସୁରଙ୍କୁ
ଉଶ୍ୱାସ କରିଲେ ମହୀ।।

ସ୍କନ୍ଦମାତା ଦେବୀ ସିଂହ ବାହିନୀ ଲୋ
ଜଗତ କଲ୍ୟାଣ କାରୀ
ଚରଣେ ପ୍ରଣତି ଘେନା କରିବୁ ମାଆ
ବିପଦୁ କରିବୁ ପାରି।।

ଆଶ୍ରିତ ତୋହର ଏ ସାରା ସଂସାର
ସଭିଏଁ ତୋର ସନ୍ତାନ
ଭକ୍ତି ନୈବେଦ୍ୟ ମା ଅର୍ପଣ କରୁଛି
ଚରଣେ ଦେବୁ ଲୋ ସ୍ଥାନ।।

ଆଳି ,କେନ୍ଦ୍ରାପଡ଼ା।



# ମୋତେ ମୁଠେ ମାଟି ଦିଅ

କଳ୍ପନା ମିଶ୍ର

ନିର୍ଜ୍ଜନ ଏ ଆବଦ୍ଧ କୋଠରି ,
ଶୁନଶାନ ଶ୍ମଶାନର
ନୀରବତା ଭେଦ କରି
କାନ୍ଦୁଛି କେ ଗୁମୁରି ଗୁମୁରି ,
ସ୍ୱର୍ଗର ଦେବୀ ଅବା ମର୍ତ୍ତ୍ୟର ମାନବୀ
ଅପ୍ସରା ଅଥବା କେହି
ଅତୃପ୍ତ ଅଶରୀରୀ !!!

କାନ ଡେର,
ଶୁଭୁଛି କି କିଛି ?

ହଁ , ସାଲୱାର କାମିଜ
ତାକୁ ନିଅଣ୍ଟ ପଡ଼ିଛି
ଦେହ ଢ଼ାଙ୍କିବାକୁ
ହୁଏତ ତ୍ରିରଙ୍ଗା ପତାକା ମାଗୁଛି ।

ମୋତେ ମୁଠେ ମାଟି ଦିଅ
ଶୋଇଯିବି ନଗ୍ନ ଦେହ ଢାଙ୍କି,
ଅଥବା ଅଭିମାନିନୀ ସୀତାଙ୍କ ପରି
ଭୂମି ବିଦାରଣ କରି
ସମାଧି ମୁଁ ନେବି ।
କ୍ଷତାକ୍ତ ମୋ ତନୁମନ
ଆଖି ଥାଇ ପାରୁନ କି ଦେଖି ?
କ୍ଷୀଣ କଣ୍ଠେ ଗୁହାରି କରୁଛି ।

ଭାଷଣର ନାରୀ ନୁହେଁ ତ ଏ
ସଶକ୍ତ, ସମର୍ଥ !!!!
ଚିକିତ୍ସା ବିଜ୍ଞାନର ପ୍ରତିଟି ଶବ୍ଦକୁ
ମାଜିମୁଜି ନିଜଠାରେ ସାଇତିଛି,
ତଥାପି ନାରୀଟିଏ ବୋଲି
ଅନ୍ଧକାର କବଳରେ ପଡ଼ି
ରକ୍ଷା କର, ରକ୍ଷା କର
ଉଚ୍ଚ କଣ୍ଠେ ମିନତି କରୁଛି ।

କେହି ଶୁଣିବେନି
କେହି ଆସିବେନି
କାରଣ, ଏ ନୁହେଁ ଦ୍ୱାପର !
କୃଷ୍ଣ ଏଠି ମନ୍ଦିରରେ
ଚଳହୀନ ମୂର୍ତ୍ତି ,
ବଂଶୀଧାରୀ କଳ୍କୀ ଅବତାର ।

ହଁ, ଚାଲିବ କିଛିଦିନ
ରାଜନୀତି କଥା ଫିଙ୍ଗାଫିଙ୍ଗି
ମହମବତୀ ଶୋଭାଯାତ୍ରା ,
ପ୍ଲାକାର୍ଡ ହାତରେ ଥିବ
ରଙ୍ଗୀ ଓ ବେରଙ୍ଗୀ !!!

ତାପରେ ସବୁ ଚୁପଚାପ ,
ଶୋଇ ପଡ଼ିବୁ ଝିଅ ଲୋ
ମାଟି ମାଆ କୋଳେ
ଅନ୍ୟ ସବୁ ପୀଡ଼ିତାଙ୍କ ଭଳି
ଅତୃପ୍ତିର ଗହମ ନିଦରେ !!!

କାହିଁକି ନା ???

ଏଠି ପରା ଘରେ ଘରେ
ଦୁର୍ଯ୍ୟୋଧନର ରାଜୁତି,
ଦେହ ଭୋକ ମାରିବାକୁ
ଭାବିନିଏ ପ୍ରତି ନାରୀ
ତାହାର ସମ୍ପତ୍ତି ,
ବିଡ଼ମ୍ବିତ ଭାଗ୍ୟ ନେଇ
ବଳାତ୍କାର ସହେ ଆଜି
ପାଞ୍ଚାଳୀ ସତୀଟି !!!

ଶିକ୍ଷୟିତ୍ରୀ,
ମାର୍କୋଣା, ବାଲେଶ୍ୱର



# ଧାରେ ହସ ଦେଇ

ହଂସନାଥ ମୁଦୁଲି

ଧାରେ ହସ ଦେଇ ଲୁଚାଇ ଦିଏ ମୁଁ
ନଦୀଏ ଲୁହ
ଦୂରେ ବହୁ ଦୂରେ ବାହି ନିଏ ମୋତେ
ସେ ଲୁହ ସୁଅ। (୦)
ଆଗକୁ ଚାଲିବା ନିଶାରେ ରହି ମୁଁ
ପଛକୁ ଫେରେ
ପଛେ ରହିଯିବା ଡର ମୋତେ ଖାଏ
ଜାଣି ନ ପାରେ
କାହାକୁ କହିବି ହସ ପରି ମୋର
ଲୁହ କକି ପ୍ରିୟ
ଧାରେ ହସ ଦେଇ.. ସେ ଲୁହ ସୁଅ । (୧)
ଓଠକୁ ଯେପରି କାବୁ କରିଥାଏ
ଆଖିକୁ ନୁହେଁ
ହସ ସିନା ମାନେ ମନର କଥା ମୋ
ଆଖି ଯେ ଛାଏଁ
ତଥାପି ଅନ୍ତର ଖୋଲି ଦେବା ପାଇଁ
ଦୁହେଁ ସହାୟ
ଧାରେ ହସ ଦେଇ... ସେ ଲୁହ ସୁଅ । (୨)

ଘଣ୍ଟଗିରି (ଡୁମଡୁମା-କ)
ଭୁବନେଶ୍ୱର-୭୫୧୦୩୦



# ପଥ ଓ ପଥୁକୀ

ବିଦ୍ୟୁତ ଲତା ଦାସ

ଦୁଇ ହାତେ ପରିପୂର୍ଣ୍ଣ ଶକ୍ତି, ସୀମାହୀନ
ନିଦ୍ରାହୀନ ଚେତନାର ସତର୍କ ସ୍ପନ୍ଦନ
ନିରବଧି ଗତିଶୀଳ କାଳ ଆୟୁଷ୍ମାନ
ଅକୁଳାଶ ଦ୍ୱନ୍ଦ୍ୱ, ଦ୍ୱେଷ, ସଂଘର୍ଷ,ସୋପାନ
ଓଲଟ ଝୁଲନ୍ତ ନିଆଁ ପ୍ରଚଣ୍ଡ ସନ୍ତାପ
ବିକ୍ଷୁବ୍ଧ ସମୟ ଛୁଇଁ ଖୁବ ଅନୁତପ୍ତ
ମୁଁ ମୋର ଶବ୍ଦ କୋଷେ ରହିଛି ଗୁପତ
ବିପୁଳ ଆଲୋକ ଛନ୍ଦେ ସର୍ବେ ନୃତ୍ୟରତ।

ସଫଳତା ସୀମାନ୍ତରେ ଜଗିଅଛି ଘାଟୀ
କେତେ ଆନ୍ଦୋଳନ ବିଶୃଙ୍ଖଳା ଯାଏ ଫୁଟି
ଏକ ପାଦ ଓଜନକୁ ନିଅ□ଆ ଭୂମି
ଉନ୍ନତ ଶିର ଯାଉଛି ଆକାଶକୁ ଚୁମି।
ନିର୍ଦ୍ଦିଷ୍ଟ ବଳୟେ କେହି ରହନାହିଁ ମୋହେ
ମୋହ ମୁକ୍ତିର ଯେ ଆମେ ପଥିକ ସଭିଏଁ
କାଟି  ଦେଇ କ୍ଷୀଣ ଡୋର ଆଗେ ଆମ ଚାଲି
ସୀମା ଶେଷେ ଜଳୁଅଛି ମୁକ୍ତିର ଦୀପାଳି

ମଙ୍ଗଳପୁର, ଯାଜପୁର



# ଯୁଦ୍ଧ ଚାଲିଛି

**ଡ. ଚିତ୍ତ ମିଶ୍ର**

କେବେ ସରିବ ଏ ଯୁଦ୍ଧ କେଜାଣି ?
ମାଟି, ପାଣି, ଆକାଶ ସବୁଠି ଭୟଙ୍କର ତ୍ରାସ !!
ଅଲିଅଳି ଗହମ କ୍ଷେତ, ନଗ୍ର, ଜନପଥ
ସବୁଠି ନିଆଁ ଆଉ ରେରେକାର ଡାକ।
ସ୍ୱପ୍ନରେ ସଜେଇ ଥିବା ଘରେ
ଏବେ -ମହଣ ମହଣ ବୋମା, ବଂଧୁକ।

ପୋଷା କୁକୁର, ଡେଣା ଝାଡି ଗୀତ ଗାଉଥିବା ପକ୍ଷୀ
ଝଡ ଆସିଲେ ଅଭୟ ବାଣ୍ଟୁଥିବା ମୁରବୀ
କିଏ କୋଉଠି ? ଈଶ୍ୱର ଜାଣନ୍ତି !!
ଯେଝା ଜୀବନ ଧରି ମାଟି ତଳେ ମଣିଷ ଲୁଚିଛି ।

ଶୌର୍ଯ୍ୟ, ସୌନ୍ଦର୍ଯ୍ୟ, ସହାନୁଭୂତିର
ଅନୁପମ ବିଭୂତି ରେ ଗଢା
ଏ ମାଟିର ନାରୀ ଆଉ ନନ୍ଦିନୀ
ସେଇଥିପାଇଁ ତ ଏ ଦେଶ ପରୀ ମାନଙ୍କର ଭୂଇଁ।
ଦେଶ ବଂଚେଇବାକୁ ଏବେ ପରୀମାନେ
ଯୁଦ୍ଧକୁ ଗଲେଣି ବନ୍ଧୁକ ଝୁଲେଇ।

ଏଇଠି ଫୁଲେଇ ହେଉଥିଲା ସୂର୍ଯ୍ୟମୁଖୀ !!
ନା ଏବେ କ୍ଷେତ ଅଛି ନା ଫୁଲ ହସୁଛି
ମାଟିକୁ ଚିପୁଡିଦେଲେ ଧାର ଧାର ରକ୍ତ ବୋହୁଛି।
ବଡ ଭାଇର ବୋମା ମାଡରେ
ସାନ ଭାଇର ମେରୁହାଡ଼, ଉପୁଡି ପଡିଛି।

ନିପ୍ରୋ ନଈ, କୃଷ୍ଣ ସାଗର
ସବୁଠି ଶୁଭୁଛି ଅହିରାଜର ଫୁତ୍କାର
ବାରୁଦ ଧୂଆଁ ରେ ମାପି ହେଉନି
ଆକାଶ ଠାରୁ ମାଟି ଅଥବା ଜୀବନ ଠାରୁ ମୃତ୍ୟୁ
କେତେ ଆଉ ଦୂର ?
କୋଉଠି ଅଛନ୍ତି ଈଶ୍ୱର ?
କହି ପାରନ୍ତେ କି। କେବେ ପୁଣି ଶୁଭିବ
ବୁଲବୁଲ୍ ର ରିଆଜ୍ ଆଉ ବରଫ ଝିଅର ସ୍ୱର ??

**ବଡହଳ କଲୋନୀ**
**କମାରଗୋଡା ସ୍କୁଲ୍ ନିକଟ**
**କେନ୍ଦୁଝର**



# ଯାଉଛି ମାନେ ଆସୁଛି

**ଲକ୍ଷ୍ମୀନାରାୟଣ ହୋତା**

ଯିବା ଆଉ ଫେରିବା ଭିତରେ
କେତେ ବା ଦୂରତା
ତୀବ୍ର ଅନୁଭବ, ବିଭୋର ନିବିଡ଼ତା
ବାକି ଯାହା ଅନନ୍ତ ନିରବତା ।

ସେଇ ହସ ହସ ମୁହଁ
ଭେଟିବାର ଅଭିଳାଷା
ବିଦାୟୀବେଳ ଆଖି ଛଳଛଳ
ଲୁହ ପରି ବହିଯାଉଛି
ମନର ଅକୁହା ଭାଷା ।

ଛାତିତଳ ରୁନ୍ଧି ଦେଉଛି
କୁହା ହୋଇନଥିବା
ଗୋପନ କଥା
ଚାହିଁଲା ବେଳକୁ
ଲେଉଟା ପାଦରେ
ଜଂଜାଳ ବେଡ଼ି
ସଂସାର ବାଡ଼ବତା ।

ଅଲବିଦା କୁହନାଇଁ
ନକହିବା ଯାଏ ମୁଁ କୋଉ ଯାଉଛି
ମୋ' କଥାଟି ସରିନାଇଁ
ଫୁଲଗଛଟି ମରିନାଇଁ ।

**ତପସ୍ୱିନୀ ଭବନ, ତାରିଣୀ ମନ୍ଦିର ପାଖ**
**ସର୍ଲାକାନି, ଧନକଉଡ଼ା,**
**ସମ୍ବଲପୁର,**



# କଣ୍ଟା ଗଛ

ପୂରବୀ ଶତପଥୀ

ଆଖି ଯୁଆଡେ ଘୁରିଲେ ପାହାଡ଼
ଆଗକୁ ପାଦ ବଢେଇଲେ ଚଟାଣର ଟାଣ
ଦୁର୍ଗମ ରାସ୍ତାରେ ଟୋପାଏ ପାଣି ନାହିଁ
କିନ୍ତୁ ସାରାଟା ରାସ୍ତା ଜଙ୍ଗଲ
କଣ୍ଟା ଓ କୋଳିରେ ଭର୍ତ୍ତି !

ହଁ, କେବେ କେମିତି ବୀଜଟିଏ
ଖସି ପଡିଥିବ ପଥର ଖୋଲରେ
ବାଞ୍ଝ ମାତୃତ୍ୱର ନିନ୍ଦା ସହୁଥିବା ପଥର
ଜାବୁଡ଼ି ଧରିଥିବ ମଞ୍ଜିଟିକୁ ଆବେଗରେ, ଆଦରରେ ।

ହାରି ଯାଉଥିବା ପଥରର କାନ୍ଦ କାନ୍ଦ ପ୍ରାର୍ଥନାରେ
ଥରି ଉଠିଥିବ ଇଥର୍
ମାତୃତ୍ୱକୁ ତଥାସ୍ତୁ କହିଥିବ,
ବୀଜଟିର ଜିଜୀବିଷା ପାଇଁ ସାରା ବ୍ରହ୍ମାଣ୍ଡ
ପ୍ରସ୍ତୁତିରେ ଲାଗି ପଡିଥିବ

ପରିଶେଷରେ ପଥରର କଠିନ ଦେହ ଫଟେଇ
ଯାବତୀୟ ଅବରୋଧକୁ ଆଡେଇ
ରାତିର ଶିଶିର ବୁନ୍ଦା ପିଆଇ
ଜନ୍ମ ଦେଇଥିବ ଗୋଟେ ଗଛ

ସେ ବାଙ୍ଗରା ଗଛ ବଢିବ,ବଞ୍ଚିବ
ପଥରର ଦେହସାରା ନିଜ ଚେରକୁ ଗୁଡେଇ
ନା ବେଶି ଡେଙ୍ଗା ହେବ, ନା ବେଶୀ ଝଙ୍କା
ଅଥଚ କୋଳି ଓ କଣ୍ଟାରେ ପୂରିଥିବ
ନାନାଦି ଚଢ଼େଇ ଙ୍କୁ ବାସ
ପଥଶ୍ରାନ୍ତ ପଥିକକୁ ଖାଦ୍ୟ ଦେଉଥିବ

ଏସବୁ ଭିତରେ କେବଳ ଗୋଟିଏ ଦୃଶ୍ୟ ଦିଶୁଥିବ
କଣ୍ଟା ଗଛ ଅସ୍ତିତ୍ୱରେ ବ୍ରହ୍ମାଣ୍ଡୀୟ
ଜୀବନର ଜୟଗୀତି ଶୁଭୁଥିବ ।



# ଫେରିବାଲା

ଡ. ଅନିଲ ନନ୍ଦ

କାଲି ବିଚ୍ ରାସ୍ତାରେ ଅକସ୍ମାତ୍
ଭେଟିଥିବା ଲୋକମାନେ
ନିଃସଂକୋଚରେ ପଚାରୁଥିଲେ
ହରେକ୍ ମାଲଙ୍କ ନାମ
କରି ପାରୁଥିବା କାମ
ଶସ୍ତାରେ ବିକିବା କାରଣ
ଏବଂ ଲାଭାଂଶର ପରିମାଣ ।

ପଚାରି ନଥିଲେ
ମୁଣ୍ଡେଇ ଥିବା ବୋଝର ଓଜନ
ବୋହୂଥିବା ଝାଳର ସ୍ୱାଦ
ଚାଲି ଆସିଥିବା ରାସ୍ତାର
ଦୈର୍ଘ୍ୟ ବା ପ୍ରସ୍ଥ ।

ଗାଁ ଦାଣ୍ଡ କମ୍ପୁଥିଲା
ଫେରିବାଲା, ଫେରିବାଲା।

ପସରାରେ ସେମିତି ଥିଲା
ଅବାଞ୍ଛିତ ବଣିଜର ସଂଜ୍ଞା
ବିକି ହେଉନଥିବା ଦୁଃଖ
ପଛେ ପଛେ ଚାଲିଆସି
ପସରା ଆଦରି ଥିବା ପରିହାସ ।

କଅଣଟା ଆଉ ବିକି ହୁଅନ୍ତା
ସବୁଯାକ ତ ନିଜର ।

ଝାପ୍ସା ଦିଶୁଥିବା ପୃଥିବୀ
ଫେରି ଯାଉଥିବା ଗରାଖ
ଫିଟି ପଡୁଥିବା ଖୋଷଣି
ସମୟର ଦାଉଦାଉ ଖରା
ସବୁ...ସବୁ ।

କ୍ୟାମ୍ପସ -୯, କିଟ୍



# କେମିତିକା ଗଲ ଭୁଲି

ତ୍ରିଲୋଚନ ଦାସ

ଗଲା ଫଗୁଣରେ କଥା ଦେଇଥିଲ
ନିଦାଘେ ଆସିବ ବୋଲି
ନିଦାଘ ଆସିଲା, ତମେ ଆସିଲନି
କେମିତିକା ଗଲ ଭୁଲି । ୦ ।

ନିଷ୍ଠୁର ନିଦାଘ ଜାଳେ ମନ-ବନ
ତା' ସାଥେ ଅତୀତ ସ୍ମୃତି
ତମ ପ୍ରତାରଣା ତହିଁକୁ ବଳିଛି
ଜଳାଉଛ ଦିନରାତି

ବିନା ବସନ୍ତରେ ଆସେନା କୋଇଲି
ଏକଥା ମୁଁ ବୁଝିଗଲି
ନିଦାଘ ଆସିଲା, ତମେ ଆସିଲନି
କେମିତିକା ଗଲ ଭୁଲି ।୧।

ତମେତ ରହିଛ ମନରେ ସ୍ମୃତିରେ
ଆଖି କୋଣେ ଲୁହ ହୋଇ
ଲୁହ ନୁହେଁ ସିଏ, ପ୍ରୀତି ଅନୁରାଗ
ପ୍ରତି ରାତି ଯାଏ ବହି

ଯେତେ ଚାହିଁଲେ ବି ମୁକୁଳି ପାରୁନି
ତମ କଥା ମନେ ଭାଳି
ନିଦାଘ ଆସିଲା, ତମେ ଆସିଲନି
କେମିତିକା ଗଲ ଭୁଲି ।୨।

ମୈତ୍ରୀବିହାର, ଖୋର୍ଦ୍ଧା



# ଜହ୍ନରାତିର ଭୋକ

ପୂର୍ଣ୍ଣ ଦାସ

କଳାହାଣ୍ଡିର ଭୋକ ପରି ମତେ
ଭଲପାଏ ପ୍ରିୟତମା,
ହେଲେ ମୁଁ ଭୋକର ଭାଟିପୋଡ଼ା ଇଟା
ଭୋକ ମୋ ଜହ୍ନରେ ଜମା ।

ମାଆ ଦେଖେ ନିତି ଦୂର ଆକାଶର
ଜହ୍ନରେ ଝିଅର ମୁହଁ,
ଚତୁର ଜହ୍ନ ବି କଣା ଚାଳ ବାଟେ
ଦେଖେ ଝିଅ ଗୋରା ଦେହ ।

ଝିଅ ପାଇଁ ଲୋଡ଼ା ତୋଫା ଜହ୍ନରାତି
ଜହ୍ନ ଖୋଜେ ଅମେଇସା,
ଶ୍ୟାମଳ ଅନ୍ଧାର ତମାଳ ବନରେ
ହେବାପାଇଁ ଲୋକହସା ।

ଜହ୍ନ ବି ଜାଣିଛି ଭୋକର ବେଦନା
ଦାଦନ କଷଣ ମୂଳ,
ଝିଅ ଚଉପାଶେ ଝୁଣିବାକୁ ଦେହ
ଶ୍ୱାନ ଶୃଗାଳଙ୍କ ପଲ ।

ଏଇତ ଜୀବନ ପତ୍ରଝରା ଗଛ
ଆଶାର ଆକାଶଦୀପ,
କଥା କଥାକରେ ଟାଉକା ଜିଭର
ସଜ ଲହୁଚଟା କୋପ ।

କଣ୍ଟାବଣିଆ,ଛତ୍ରପଡ଼ା,ପ୍ରୀତିପୁର,
ଯାଜପୁର

# ସମୟର ଶିକୁଳିରେ କାଲି ଓ ଆଜି



ନନ୍ଦିକେଶ୍ୱରୀ ନାଥ

ଗୋପପୁର ଛାଡ଼ି ମା କୋଳ ଭୁଲି ମଥୁରାକୁ ଗଲେ କୃଷ୍ଣ
ଫେରିବାର ଆଶା ଜଗାଇ ମନରେ ସଭିଙ୍କୁ କରାଇ ତୋଷ।

ପଥଚାହିଁ ମାତା ହୋଇଲେ ନିରାଶା ନୟନୁ ଶୁଖିଲାନୀର
ଦିନ ଗଣୁଥାନ୍ତି ନନ୍ଦରାଜା ବସି ଦର୍ଶନ ପାଇଁ ଆତୁର।

ଗୋପପୁର ଦାଣ୍ଡ ଦିଶେ ଶିରୀହୀନ ଝୁରନ୍ତି ସାଥୀ ସଙ୍ଗାତ
ଝୁରଇ କଦମ୍ବ ଝୁରଇ ଯମୁନା ସୁମରି ସୁଖ ଅତୀତ।

ଭୁଲିନାହିଁ କାହ୍ନା ପିତାମାତା ସ୍ନେହ ପ୍ରିୟଜନ ବାଲ୍ୟସାଥୀ
କର୍ତ୍ତବ୍ୟରେ ବନ୍ଧା ଜୀବନରେ ତା'ର ଛପି ରହିଥିଲା ସ୍ମୃତି।

ଆଜିର କହ୍ନେଇ ଉଚ୍ଚ ଶିକ୍ଷା ପାଇ ବିଦେଶେ କରିଲେ ବାସ
ମୋଟା ବେତନରେ ଉଚ୍ଚ ପଦବୀରେ ପୂର୍ଣ୍ଣ କଲେ ଅଭିଳାଷ।

ପିତାମାତାଙ୍କର ଗର୍ବ ଗଉରବ ପ୍ରସାରିତ ହୁଏ ବୁକୁ
ଅମୁକ ରାଇଜେ ପିଲାଏ ଅଛନ୍ତି ଭିଡ଼ିଓରେ ନିତି ଦେଖୁ।

ଦିନ ଗଡ଼ିଯାଏ ନିଥର ଶରୀର ପୁତ୍ର ମୋହେ ମଥା କୋଡ଼େ
ନିରୁପାୟ ପୁତ୍ର ବିଦେଶ ମାଟିରେ ଆପଣା ସଂସାର ଗଢେ।

କି ଅବା କରିବ କର୍ମ ଜଞ୍ଜାଳରେ ବନ୍ଧା ପଡ଼ିଅଛି ସିଏ
ସୁବର୍ଣ୍ଣ ବୋଇତ ଉଜାଡ଼ି ଦେବାକୁ ମନକି କାହାର ଗହେଁ।

ନିନ୍ଦା ଅପଯଶ ପଛକୁ ପକାଇ ପଥର ପାଲଟେ କାହ୍ନା
ନନ୍ଦ ଯଶୋଦାଏ ବାହୁନା ପକାନ୍ତି ଅତୀତ ସୁମରି ସିନା।

ଏହିତ ଦୁନିଆ କାଲିର ଆଜିର ଦୋଷ କାହାକୁ ବା ଦେବା
ସମୟ ସହିତ ସମତାଳ ଦେଇ ଆଗକୁ ପାଦ ଚାଳିବା।

ଢେଙ୍କାନାଳ

# ଭଗବାନ ହେବା ସହଜ ନୁହେଁ

ସତ୍ୟପ୍ରିୟା ପଟ୍ଟନାୟକ



ଭଗବାନ ହେବା ସହଜ ନୁହେଁ
ଭଗବାନଙ୍କୁ ସବୁ ସହିବାକୁ ପଡ଼େ
ପ୍ରେମ ହେଉକି ପୂଜା
ଗାଳି ହେଉକି ନିନ୍ଦା।
ଚଳିବାକୁ ପଡ଼େ
ଭକ୍ତମାନଙ୍କର ଯେମିତି ଇଚ୍ଛାରେ
ଧାତୁ ପଥର କାଠ ହେବାକୁ ପଡ଼େ
ଗରା ଗରା ପାଣି କ୍ଷୀର
ପଞ୍ଚାମୃତ ଢାଳିଲେ
ମୁଣ୍ଡ ଦେଖାଇବାକୁ ପଡ଼େ।
ଭକ୍ତଙ୍କ ଖୁସିରେ
ଭଗବାନ ବାଇ ନ ହେଲେ
କିଏ ପଚାରେ
ଆଗରେ ଥୁଆ ହୋଇଥିବ
ଛତିଶ ବ୍ୟଞ୍ଜନ
ତୁମେ ଖାଲି ଦେଖୁଥିବ
ପାଟିକୁ ନେଲେ କଥା ସରିଲା
ତା' ପରେ ଉପାସେ ରହିବ ସବୁଦିନ
ବିଶ୍ୱ ବ୍ରହ୍ମାଣ୍ଡ ରାଜା ହୋଇ କେବଳ
ସିଂହାସନେ ବସିଥିବ,
ଯିଏ ଯାହା କରୁ
ଆଖି ଖୋଲା କରି ବୁଜି ଦେଇଥିବ
ପାଟି ନ ଖୋଲି ଚୁପ ଥିବ
କାନ ଫଟା ଶବଦରେ ବି
ରହିଥିବ ନରବ
ତେବେ ଯାଇ ହୋଇ ପାରିବ ଦେବ।

# ପଞ୍ଜୁରି ଖୋଲିଲା ମୁନା

ଲକ୍ଷ୍ମୀପ୍ରିୟା ଦାସ



ପଞ୍ଜୁରି ଭିତରେ ପିଜୁଳି ପାଖରେ
ବସି ଦେଖୁଥିଲା ଶୁଆ,
କେତେ ଆନନ୍ଦରେ ଘର ଅଗଣାରେ
ଖେଳୁଥିଲା କୁନିଛୁଆ ।
ନାହିଁ ଜୀବନରେ ପଞ୍ଜୁରି ଭିତରେ
ଉଡିବାର ଅନୁଭୂତି,
ନିତି ଖାଇପିଇ ଘୋଷାନାମ ଗାଇ
ସମୟ ଯାଉଛି ବିତି ।
ଘରସାରା ଲୋକ ପାଉଛନ୍ତି ସୁଖ
ତାର ଘୋଷାକଥା ଶୁଣି,
ଦିନେହେଲେ କେହି ପାରୁନାହିଁ ବୁଝି
ବନ୍ଦୀର ଦୁଃଖ କାହାଣୀ ।
ବଡପାଟି କରି ପଢୁଥିଲା ମୁନା
'ମୁକ୍ତିର ଆନନ୍ଦ' ଗପ,
ଆସନ ପକାଇ ଜେଜେମା ପାକୋଇ
ପାଖେ କରୁଥିଲା ଜପ ।
ଗପ ପଢିସାରି ହସିହସି ମୁନା
ପଞ୍ଜୁରି ଦୁଆର ଖୋଲି,
ଉଡିକି ଯିବାକୁ କହିଲା ଶୁଆକୁ
ବନ୍ଦୀ ହେବା ଦୁଃଖ ଭୁଲି ।

ସୁଦର୍ଶନ ନଗର
ପୁରୀ-୭୫୨୦୦୨

# ଅଚିହ୍ନା ଏ ଅରଣ୍ୟ

ଜାହ୍ନବୀ ଚୌଧୁରୀ



ମୋ ବୁକୁରେ ଅଚିହ୍ନା ଅନ୍ଧାର
ଅରଣ୍ୟ ସେପାଖ ଅଦୃଶ୍ୟ
ଏ ପାଖେ ମୁଁ ନିଜ ସହ ବିଶ୍ୱସ୍ତ
ସ୍ତବ୍ଧ ଓ ଗମ୍ଭୀର ସମଗ୍ର କଳେବର ।

ଜିଜ୍ଞାସା ମୋର ଗଭୀର
ଚଉପାଶ ଗାଢ଼ ଅନ୍ଧାର
ପତ୍ର ସବୁଜ କି ନୀଳ
ସନ୍ଧାନରେ ମୁଁ ଅଣାୟତ୍ତ ।

ମନରେ ଭୟ
ସୂର୍ଯ୍ୟାସ୍ତ ସହ ମୁଁ ସତତ ପ୍ରସ୍ତୁତ
ଢେଉ ଢେଉକା ଅନ୍ଧାର ତରଙ୍ଗ
ମୁଁ ସମ୍ପୂର୍ଣ୍ଣ ଭାବମୟ ।

ଝରି ପଡୁଛି ଜଙ୍ଗଲି ଫୁଲର ବାସ
କି ଅପୂର୍ବ !
ପୋଛି ନେଉଛି ମୋ ଦେହରୁ
ସବୁତକ ବିଶ୍ୱାସ ।

ଏକାନ୍ତ ଏ ମୁହୂର୍ତ୍ତ
ଅଚିହ୍ନା ଏ ଅରଣ୍ୟ
ତୁହାକୁ ତୁହା ଶବ୍ଦ ସୃଷ୍ଟି କରୁଛି ଭ୍ରମ
କେଡ଼େ ଗହନ ସତେ ଏ ଜଙ୍ଗଲ ଜୀବନ ?

ଭୁବନେଶ୍ୱର



# ଦେବୀଘାଟ

ନାରାୟଣ ପ୍ରସାଦ ବେହେରା

ମାଟି ଥିଲି
ଏବେ ମଣ୍ଡପରେ ଘଟ
ପାଦତଳେ ଚକଟି ହେବା
ଯାହାର ଭାଗ୍ୟ
ଏବେ ଅଙ୍ଗେ ଅଙ୍ଗେ
ପଦ୍ମ-ପରାଗ
ମଥାପରେ
ଫୁଲର ମୁକୁଟ।

ସେମାନେ ଜାଣନ୍ତି
ପଙ୍କରୁ ବିକଚ ପଦ୍ମପରି
ମାଟିରେ ହିଁ ଦେବୀଟିଏ ଥାଏ
ତା'ଠାରୁ ଅନାୟାସରେମାଗି ନେଇହୁଏ
ରୂପ, ଆୟୁ, ଯଶ ଓ ଜିଗୀଷା
ମନ୍ତ୍ର,ତନ୍ତ୍ର,ସ୍ତୋତ୍ର ପରି
ଲୋଡ଼ା କିଛି ଷଡ଼ଯନ୍ତ୍ର
ବଳିର ରକ୍ତରେ ପୂର୍ଣ୍ଣ
କାଂସ୍ୟ ପାତ୍ର ପରି
ଚହଲି ଉଠେ ସେମାନଙ୍କ
କାମନାର ପାତ୍ର।

ମାଟି ଭିତରେ ମାଆଟିଏ ଅଛି ବୋଲିତ
ସହିଯାଏ ଯାଚିଦେବା ପାଇଁ
ଅସ୍ଥି ଫିଙ୍ଗି ଅବଶେଷ ସାଜିପାରେ
ମୁଁ ବିବସ୍ତ୍ରା
ମୃତ୍ୟୁର ନିୟତି।

ଏବେ ମୋ ପଣତରେ
ରକ୍ତଛିଟା
ସ୍ନାୟୁରେ ସ୍ନାୟୁରେ ବିଷ
ପବନରେ ଦୀର୍ଘଶ୍ୱାସ
ଆକାଶରେ ଅଗ୍ନିର ସନ୍ତ୍ରାସ
ମୋ ଆତ୍ମାରେ ଗୁମୁରି ଉଠେ
କେତେ ନିଆଶ୍ରୀ ଜନନୀଙ୍କ
ଅନ୍ତଃହୀନ କୋହ
ଭଗିନୀର ବିକଳ କ୍ରନ୍ଦନ
ଜାୟାର ଯନ୍ତ୍ରଣା ଆଉ
ମୁମୂର୍ଷୁ ବିଶ୍ୱାସ
ସୃଷ୍ଟିର ସ୍ୱପ୍ନ କାହିଁ
ଥରେ ଯଦି ନିର୍ନାରୀ
ହୁଏ ଏହି ବିଶ୍ୱ।

ମାଗିବା ପୂର୍ବରୁ ତ ଯାଚି ଦେଇଛି
ସର୍ବାର୍ଥ ସାଧନ ପାଇଁ
ମୋର ପ୍ରତି ଅଙ୍ଗ
ମାଟିରୁ ଆଉ ଥରେ ମାଟି ହେବା ଯାଏଁ
ମେରିଆ ପରି ମନାସିଛି
ମୋ ମେଦ-ମାଂସରେ
ଏ ବସୁଧା ଆଉ ଥରେ
ହେଉ ଶାକମ୍ଭରୀ
ମୋ ରକ୍ତରେ ଚହଟି ଉଠୁ
ହଳଦୀର ରଙ୍ଗ।

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ
ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ,ପୁରୀ



# ସତ୍ୟପାଠ

ଡ. ଦୀପକ କୁମାର ମିଶ୍ର

ହଲପନାମାର ମିଛ ଭଗବାନଙ୍କୁ ଜପି
ଖସିଯାଏ ମଣିଷ ଧର୍ମଦ୍ୱାରରୁ
ଛାତି ପଟେଇ, ଛେପ ନ ଢ଼ୋକି
ପାହାଡ଼େ ଧୂଆଁର ବିଶ୍ୱାସରେ
ଦମ୍ଭଧରି କହେ-
ଯାହା କହିବି ସତ କହିବି ।

ତମେ ଯାହା ଉପରେ ସିନ୍ଦୁର ଘଷି
ଈଶ୍ୱର ବୋଲି କୁହ
ସିଏ ମଧ୍ୟ ଭାସିଯା'ନ୍ତି ହଠାତ୍ ବନ୍ୟାରେ
ଉଡ଼ିଯା'ନ୍ତି ବାତ୍ୟାର ଝଡ଼ରେ
ଯେତେବେଳେ କି କେହିଜଣେ ମୁମୁର୍ଷ
ଆର୍ତ୍ତଚିତ୍କାର କରି ଡାକୁଥାଏ
ହେ ଈଶ୍ୱର ରକ୍ଷା କର ।

ଧର୍ମଯୁଦ୍ଧ ବୋଲି ସତରେ କିଛି ନାହିଁ
କ୍ଷମତାଲିପ୍ସାର ଚୋଟରେ
ରକ୍ତର ନଈଟେ ବୁହାଇ ସାରିଲା ପରେ
ଯେଉଁମାନେ ଧର୍ମ ସଂସ୍ଥାପନ କରୁଥିବାର
ଦାବି କରନ୍ତି
ସେମାନେ ତାହା ମିଛ କହନ୍ତି
ତେଣୁ କାର୍ଲମାକ୍ସଙ୍କର ତତ୍ତ୍ୱ
ଆପାତତଃ ପ୍ରତ୍ୟୟ ହୁଏ ଯେ
ଧର୍ମ ଏକ ଅଫିମ ପରି ନିଶା
ଯାହା ନିଶ୍ଚେତ କରିପାରେ ବିବେକକୁ ।

ପ୍ରେମ ଓ ପ୍ରତାରଣା ପରେ ପଶ୍ଚାତାପ ବୋଲି
ସେମିତି କିଛି ନଥାଏ
କବାଟ ଥିବା ବନ୍ଦ କୋଠରିର କାନ୍ଥକୁ
କଣା କରି
ପଳାୟନପନ୍ଥୀ ହେବାର ବାଦରେ
ବିଶ୍ୱାସ କରୁଥିବା ମଣିଷକୁ
ବିଶ୍ୱାସଘାତକ ହିଁ କୁହାଯାଏ ।

ସବୁ ପ୍ରକାର ଭୋକ
ଏକ ମାନସିକ ପ୍ରକ୍ରିୟା ନା ଶାରୀରିକ
ତର୍ଯ୍ୟମା ସାପେକ୍ଷ
କାରଣ ଆପେକ୍ଷିକ ଉପାଦେୟତାର ନିୟମ
ସହବାସ ଓ ସମ୍ପତି ପାଇଁ
ପ୍ରଯୁଜ୍ୟ ହୁଏ ନାହିଁ ବୋଧେ ।

ଆକାଶରେ ମେଘ ନଥିଲେ ବର୍ଷା ହେବନି
ସେମିତି ଛାତିରେ ହାତ ଦେଇ କହିହେବନି
ଫାଙ୍କା ଆକାଶର ମର୍ଜିରେ
ବହୁବାର ଭିଜିଛି
ହଲକ ଶୁଖିଯାଉଥିବା
ନିଦା ଖରାବେଳଟାରେ ।

ଏତିକି କହିବି
ମିଛର ଖୋଳପାରେ ଯେଉଁ ସତ ଟିକକ ବଞ୍ଚେ
ତାହା ମାରାତ୍ମକ ନିଶ୍ଚିତ
ତଥାପି ତ ଅପ୍ରିୟ ସତ ନକହିବାକୁ
ଓଠରେ କୋଲବ ଦେଇ
କଞ୍ଚାମିଛଟିକୁ ପାପର ପୋଷ୍ୟପୁତ୍ର ରୂପେ
ଆପଣେଇବାକୁ ହିଁ ପଡ଼େ ।

# କ୍ୟାନଭାସ



ସୌଦାମିନୀ ବେହେରା

ମୁଖ୍ୟ ଆକର୍ଷଣ ଥିଲା
ସେଦିନର ଖାସ ଖବର
ଜୀର୍ଣ୍ଣଶୀର୍ଣ୍ଣ ବାଳକର ତୈଳଚିତ୍ର
ଝୁଲୁଥିଲା ପ୍ରଦର୍ଶନୀର
ଗ୍ୟାଲେରୀ କାନ୍ଥରେ ॥

ଆଖିରେ ଲେଞ୍ଜରା,
ନୁଖୁରା କେଶ ଆଲରା
ଫୁଙ୍ଗୁଲା ଦିହରେ
ଫାଟିଯାଇଥିବା ଓଠ
ମଳିଚିଆ ମୁହଁ
ଦିଶୁଥିଲା ହାଡ଼ର ଆକାର ॥
ପେଟ, ପିଠି, ସମାନ୍ତର
ଚାହାଣୀରେ କାରୁଣ୍ୟ
ଯା'ର ବିଷର୍ଣ୍ଣ ବଦନ
ଆକର୍ଷୁଥିଲା ଜନ ସମୁଦ୍ରର ପଟୁଆର
ଧନୀକର ଲାଗି ଅମୂଲ୍ୟ ଉପହାର ॥

ଚିତ୍ରକରର ଜାଦୁକରୀ ସ୍ପର୍ଶ,
ନିର୍ଜୀବ ଦୋଳିରେ ସଜୀବର ଝଲକ
ଲାଗୁଥିଲା ସତେ
ଅନ୍ଧାରୀଗଳିର ବେଦାମୀ ଚରିତ୍ର ॥
ମୂଲଚାଲର ହାଟରେ
କଷାକଷି ଦର,
ପ୍ରଦର୍ଶନୀ ମେଳାର ଆଲୁଅରେ
ଝଟକୁଛି ଚିତ୍ରର ଭାଗ୍ୟ
ବଦଳୁଛି ଆଭିଜାତ୍ୟର ରଙ୍ଗ ॥

କ୍ୟାନଭାସରେ ଚରିତ୍ର
ଝୁଲୁଥିବ ଅହଙ୍କାରରେ
ମାର୍ବଲ ଘରର ଚିକ ଚିକ୍ କାନ୍ଥରେ
ଭୋକର ଜ୍ୱାଳା
କଷଣର ପାହାଡ଼
ସଭ୍ୟତାର ସିଡି ଲମ୍ବିଥିବ
ମାଇଲ ମାଇଲ
ସମ୍ଭ୍ରାନ୍ତ ଘରର ପୋଷା କୁକୁର
ଦେଖୁଥିବ କାନ୍ଥଟଙ୍ଗା ଚେହେରାକୁ
ଥରକୁ ଥର
ଦାମିକିଆ ଡନଲଦରେ
ଲାଞ୍ଜଜାକି ଶୋଇ ପଡୁଥିବ
ଦେଖୁଥିବ ଅନ୍ତର ପଟାଇ
ଘରର ବାଲୁତ ଚାକର ॥

ଗୋଟରରେ ଲୁହ,
ହୃଦୟରେ କୋହ
ବୋହି ବୋହି ଭାଲୁଥିବ
ଚନ୍ଦ୍ରଭାଗା ମେଳାରେ
ହଜେଇଥିବା ମା କୋଳ
ଆଖିଆଗେ ମା କୋଳ
ଆଖିଆଗେ ଦିଶୁଥିବା
ବହଳ ଅନ୍ଧାର।

ଜଟଣୀ,ଖୋର୍ଦ୍ଧା

# ତୁ କହିଲୁ ବୋଲି



ପ୍ରିୟନାଥ ପାଣି

ତୁ କହିଲୁ ବୋଲି
ଆଖିଦୁଇଟିରେ ନେସିଲି ସପନ
ଇଚ୍ଛାକୁ କଲି ଉଚ୍ଚୈଶ୍ରବା
ଓଠରେ ବାଢ଼ିଲି ଉଷ୍ମତା
ସାଦା କାଗଜ ପରି ମନଟିରେ
ଆଙ୍କିଲି ତୋ ହସକୁରୀ ଛବି
ତୁ ଖୁସି ହେଲୁ
ମୁଁ ପାଇଲି ଆଶ୍ୱସ୍ତି ।

ତୁ କହିଲୁ ବୋଲି
ହାତଧରି ବାଟ ଚାଲିଲି
ପାରିହେଲି ସମ୍ପର୍କର ସେତୁ
ଯେଉଁଠି ଝୁଣ୍ଟିଲି
ତୁ ଓ କଲୁ, ଲୁହ ଝରେଇଲୁ
ଶୁଣେଇଲୁ ସତମିଛର ଗପ
ତୁ ଗୋଟା ସାରା ମୋର ବୋଲି
ଛାତିକୁ ଡେଙ୍ଗୁରା କଲି
ବାରକଥାକୁ ଟେକାମାରି ତଳେ ପକେଇଲି ।

ତୁ କହିଲୁ ବୋଲି
ସଂସାର ଗଢ଼ିବା ନିଶାରେ
ଟଳମଳ ହେଲି
ତୋ ମନକୁ ପାଇଲା ଭଳି ପ୍ରତିଶ୍ରୁତି
ତୋତେ ଝଲସେଇ ଦେଲା ଭଳି ସୁଆଗ
ତୋ ପାପୁଲିରେ ଧରେଇଲି
ଯେତେ ନିରୀହପଣ
ସତବତୁରା ପ୍ରେମ
ଆଞ୍ଜୁଳେ ଆବେଗ ଆଉ କୋଟିଏ ବିଶ୍ୱାସ
ଚାହୁଁ ଚାହୁଁ ତୁ ରଙ୍ଗ ବଦଳେଇଲୁ
ହେଲେ ତୋ ଭିତରେ ମୁଁ ଆତ୍ମଗୋପନ କଲି ।

ତୁ କହିଲୁ ବୋଲି
ମୁଁ ରହିଲି ଚୁପ୍
କେବେ ତୋ ସ୍ତୁତି ଆଉଟେ
କେବେ ତୋ ଭରସା ପାଖରେ ମଥା ପିଟେ ।

ତୁ କହିଲୁ ବୋଲି
ହସକାନ୍ଦର ଅଡୁଆ ଗଳିରେ
ବାଉଳି ଚାଉଳି ହେଇ
ତୋତେ ହିଁ ଖୋଜିଲି
ହଁ, ପାଇଲି ଯେ
କେବେ ତୁ ଶୀତଳତୃଷ୍ଣା ସାଜି ହାତ ଠାରୁ
କେବେ ତୁ ଅତୃପ୍ତ ହୁତାଶରେ ଜାଳିମାରୁ ।

କଦଳିଆ, ବୈଶିଙ୍ଗା,ମୟୂରଭଞ୍ଜ



# ଝାଲ୍ ମୁଢ଼ିବାଲା

ସୁଶ୍ରୀ ପଲ୍ଲବିତା ସାହୁ

ଝାଲ୍ ମୁଢ଼ିବାଲା,
ହସୁଥିବା ମେଘଖଣ୍ଡେ ବେନାମୀ ଚିଠିର
ଜଣା ନ ଥାଇ ଆସିଥିବା
ସରାଗର ଠିକଣା, କେଉଁ ଅଜଣା ସ୍ୱର୍ଗର
ଛାପା ଜୀବନ ଅକ୍ଷରର ଜୀବନ୍ତ ବହିଟିଏ ସତେ
ଯା'ର ଲିପି ଓ ଲୁହ ଉଭୟେ ମାର୍ମିକ
ତୁଳନା ନାହିଁ ; ବୟସର ଅପରାହ୍ନେ
ଖୋଜିବୁଲୁଥିବା ସେ ସ୍ୱାବଲମ୍ବନର
ସୀମା କେଡେ ସ୍ନେହବନ୍ତ

ତୁଷାରର ଛବି ଆଉ ଶୀତଳତା ପରି
କହି ହେଉ ନ ଥିବା ତା' ଭାଗ୍ୟର
ସିଲଟେ ତୁନି ହୋଇ ଖେଳୁଥିବା
ଖୁସିର ପରିଧି, ହାଲ୍ କହେ
ଜୀବିକାର ; ଯା' ପାଖରେ
ସେବା ଦିଏ ଏ ମଣିଷ
ସ୍ୱପ୍ନ ଆଉ ବିଫଳତା ବାନ୍ଧି

ସେ ଆସିଲେ ସବୁଦିନ ପାଟି କରି ଡାକେ
" ଝାଲ୍ ମୁଢ଼ି ନିଅ ଝାଲ୍ ମୁଢ଼ି
ପିଲା, ଟୋକା ଆଉ ବୁଢ଼ାବୁଢ଼ୀ
ପାଗେଇ ଦେବି ମୁଁ ଝାଡିଝୁଡି
ମନ ଲାଗିଯିବ ପଥ ହୁଡି
ଝାଲ୍ ମୁଢ଼ି ନିଅ ଝାଲ୍ ମୁଢ଼ି
ଖାଉଥିବ ଆହେ ଝାଡିଝୁଡି '

ତା' ଆସିବାଟା ଯେମିତି
ଏକ ଅପେକ୍ଷିତ ଲଗ୍ନ
ସେ ଆସିଗଲେ, ବେଢ଼ିଯା'ନ୍ତି
ମୁଢିଭକ୍ତମାନେ ଆନନ୍ଦରେ, ଉଲ୍ଲାସରେ
ମନଭରି ସତେ ସୃଷ୍ଟି ହୁଏ
ଉନ୍ମାଦର ଅପ୍ରତ୍ୟାଶିତ ନଈବଢି

ଚିରୁଡାଏ ହସ, ହସରେ ବଞ୍ଚିବାର ଶୋଷ
ମଣିଷ ମେଳରେ ଥିବା ଏଇ
ଗାଉଁଲି ମନର ଅକୁହା ବୟସ
ଭାରି ତାଗିଦ୍ କରିବାକୁ ପଡେ

ନିଜକୁ ଯଦି ଚଳାଇନେବାର ଅଛି
ଦାରୁଣରେ ଦୟାର ବାରିଧି ହୋଇ
ବର୍ଷିବାକୁ ହେବ ବାରମାସ

ମୁଢି, ମଟର ସିଝା, ବୁଟଭଜା, ମୁଗଗଜା
ପିଆଜ,ତେଲ, ମସଲା ସାଙ୍ଗକୁ ମିକ୍ସଚର ସଜା
ଆମ୍ବକଷିଆ ଅଦାଛେଚା ସହ କଟା ଲଙ୍କା ଆଉ
ଲୁଣ ଟିକେ ଦେଇ କାଗେଜି ଲେମ୍ବୁରସ ଭିଜା
ସେ ସ୍ୱାଦିଷ୍ଟ କ୍ଷଣପାକ;
ଚଟ୍ ପଟ୍ ଚର୍ବଣ ଲିପସୁ ଲୋକଙ୍କ
ଆକର୍ଷିତ ଭୋକ

ଝାଲ୍ ମୁଢ଼ି ଫେଣ୍ଟିଲାବେଳେ
ବାକିଥିବା ଅବଶୋଷ ଗୁଡ଼ାକ ବି ସେ ଫେଣ୍ଟିଦିଏ
ତା'ର ନିଜସ୍ୱ ଭାବନା, ନିୟତି
ଭାଗ୍ୟର ସମ୍ବିଧାନ ନିଜେ ଗଢିଦିଏ
ଯେତିକି ପାଇଛି ସେତିକିରେ ଖୁସି
ହରି ହେ ! କୃପା ରଖିଥାଅ
ଦୁଃଖେ ସୁଖେ ସବୁ ଦିବାନିଶି ?

ଆମେ ସିନା ଆମ କ୍ଷଣକୁ
ସୁନ୍ଦର କରୁ, ସେ କିନ୍ତୁ ତା'
ମନକୁ ସୁନ୍ଦର କରେ, ଆମ
ଖୁସି, ହସ ଆଉ ଥଟ୍ଟାଗମାତରେ
ବେଉସା ପ୍ରତି ମନଉଣା ନ ଥାଏ
କାରୁଣ୍ୟରେ ସମର୍ପଣ ଥାଏ
ବିଧି ଆଉ ବିଚାରରେ ସମ୍ବେଦନ ଥାଏ

ଝାଲ୍ ମୁଢ଼ିବାଲା ;
ଶରଧାର ଚଟୁଳ ଇଙ୍ଗିତ
ସଂଗ୍ରାମର ଖଡ୍ଗଧାରେ ସ୍ୱପ୍ନ ଆଶାତୀତ
ଖଟିପାରେ, ବାଣ୍ଟିପାରେ ଜୀବନର
ଅମାପ ବିରତି
କର୍ମେ ଦେଖେ ଆଲିଙ୍ଗନ
ସେନେହର ଉଦାର ଆଦୃତି

ଅଧ୍ୟାପିକା
ରାଜସୁନାଖଳା ମହାବିଦ୍ୟାଳୟ



# ମିଛ ଆଶ୍ୱାସନା

ଶ୍ୱେତା ରାଉତ

ନିଜ ଲୋକମାନେ ହିଁ ଶିଖେଇଥାନ୍ତି
ଦୁନିଆରେ କେହି ନିଜର ନୁହେଁ
ଆଲୋକ ନପାଇଲେ ନିଜ ଛାଇ ବି ପର କରିଦିଏ
ନିଜର ବୋଲି କାହା ଉପରେ ଭରସା କରିବୁ ବାବା ?

କାହା ମିଛ ଆଶ୍ୱସନାରେ
ଲିଭେନି ହୃଦୟର କୋହ
ଉଭେଇ ଯାଏନି ଛାତିର ଯନ୍ତ୍ରଣା
ଗଢ଼ି ହୁଏନି ଦୁଃଖ ନଥିବା
ଆଉ ଗୋଟେ ଭାଗ୍ୟ
ଏଠି ଉପରକୁ ଖୁବ୍ ସୁଖୀ ଓ ଭାଗ୍ୟଶାଳୀ ଦିଶୁଥିବା ଲୋକମାନେ
ପହଁରୁଥାନ୍ତି ଶୂନ୍ୟ ଅନ୍ଧକାରରେ
ଠିକ୍ ଯେମିତି ଦୀପ ତଳ ଅନ୍ଧାର ।

ପ୍ରତିପତ୍ତିର ମୋହରେ ଅନ୍ଧ ହେବୁନି ଧନ
ହରାଇବୁନି ମାନବିକତାର ମାନଦଣ୍ଡ
ଖୁସି ବାଣ୍ଟୁଥିବା ଲୋକଟିଏ ବି
ଖୁସି ପାଇଁ ବ୍ୟାକୁଳ ହୁଏ
ସାହସ ଦେଉଥିବା ହୃଦୟ ବି ଭୟରେ ଥରେ
ଦାତା କେବେ ମାଗୁଆ ହୋଇଯାଏ
ସମୟର ପଶାପାଲିରେ
ରାଜା ଭିକାରୀ ହୋଇଯାଏ ।

ଭିଡ଼ରୁ ବାହାରି ଆସି
ଏକା ବଞ୍ଚିବା ଶିଖିନେ ବାବା
ଲକ୍ଷ ସାଧିବା ପାଇଁ ପାଇପାରିବୁ
ନିରୋଳା ମୁହୂର୍ତ୍ତଟିଏ
ଏକା ହିଁ ଭେଟିଦିଏ ଏକାଗ୍ରତାର ମନ୍ତ୍ର
ଖୋଜି ଆଣିଦିଏ ସଫଳତାର ଚାବି
ନିଜକୁ ନିଜ ଭିତରେ ଭୋଗିବାକୁ
ଏକଲାପଣ ହିଁ ଯୋଗାଡ଼ିଦିଏ ସାମର୍ଥ୍ୟ
ଏକା ବୋଲି କେବେ ଡରିବୁନିରେ ଧନ
ଆଶୀର୍ବାଦର ଶୀତଳ ଛାଇରେ
ମୁଁ ତିଆରୁଛି ତୋ ପାଇଁ ସୁରକ୍ଷିତ ପଥଟିଏ ।

ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଭୁବନେଶ୍ୱର



# ଗାର

ସରସ୍ୱତୀ ପଣ୍ଡା

ଗୋଟେ ଗାର ଭିତରେ ଅନ୍ଧାର ଥାଏ
ସେ ଅନ୍ଧାରର ଜୀବନ ନ ଥାଏ
ଖାଲି ଥାଏ ଯନ୍ତ୍ରଣା, ପ୍ରତାରଣା
ସ୍ୱାର୍ଥଯଜ୍ଞ ରେ ନିଜକୁ ଆହୁତି ଦବାର
ସହସ୍ର ଯୋଜନା ଆଉ ପ୍ରବଞ୍ଚନା
ଅନ୍ଧାରକୁ ହଟେଇବା ପାଇଁ
କେତେବେଳେ
ଦୀପହୋଇ ଆଲୋକ ବାଣ୍ଟିବାକୁ ପଡ଼େ
ଧୂପସମ ବାସ୍ନା ବିତରିବାକୁ ପଡ଼େ
କେବେ କେବେ ନିଜ ମାଂସରେ
ଭୋଜିକରି ପରଶି ଦେବାକୁ ହୁଏ
ଅକୁଣ୍ଠ ଚିତ୍ତରେ,
ମୂକ ସାଜିବାକୁ ହୁଏ
ବଧିରର ଅଭିନୟ କରୁ କରୁ
ବିତିଯାଇପରେ ତମାମ ଆୟୁଷ
ତଥାପି ନିରାଶତାର ନିର୍ଜନତା
ଏକା ଏକା ଝରାଉଥାଏ ଲୁହ
ପିଇବାକୁ ପଡୁଥାଏ କୋହ ॥

ଶତ ପ୍ରଚେଷ୍ଟାର ବିଫଳତା
ମନକୁ ଭାଙ୍ଗେ ଖଣ୍ଡ ଖଣ୍ଡ କରି
ଭିତରେ କିଛି ସ୍ୱପ୍ନ ଜଳୁଥାଏ ତ
କିଛି ସ୍ୱପ୍ନ ଡାକୁଥାଏ ହାତ ଠାରି
ସବୁ ଗାର ବାହାରେ
ନୃଶଂସ ମୃତ୍ୟୁର ଲେଲିହାନ ଶିଖା
ଜଳୁ ନ ଥାଏ
ହୁଏ ତ ନୂଆ ଜୀବନର ଚନ୍ଦ୍ରାଲୋକ
ତା' ଶୀତଳ ସ୍ନିଗ୍ଧ ମୁଲାୟମ ବକ୍ଷରେ
ଜଡ଼େଇ ନବାକୁ ଅପେକ୍ଷା କରିଥାଏ
ତେଣୁ, ବେଳେ ବେଳେ
ଗାର ଡେଇଁବାକୁ ପଡ଼େ......

ଶ୍ରୀରାମ ପୁର, ମଙ୍ଗଳପୁର, ଯାଜପୁର



# କାହ୍ନୁ

ତଫିଜୁଲ ହୁସେନ

ଦିବାକର ସତେଜ କିରଣେ କରି ସ୍ନାନ
ଧରଣୀ ଆହ୍ଲାଦିତ ହୁଏ ସବୁଜ ବନେ
ବିହଙ୍ଗେ ନୃତ୍ୟରତ ଶୀତଳ ସମୀର ତାନେ
ଅଳସି ଶରୀର ପରିତ୍ୟାଗ କରି ନିଦ୍ରା
ଗୋପାଙ୍ଗନା ଧାବନ୍ତି ଚଞ୍ଚଳେ ଯେମନ୍ତେ
ଶ୍ୟାମ ମିଳନେ ସର୍ବେ ଆତୁର ମନେ
ମୁକୁଳା କେଶ ଲହଡ଼ି ଖାଏ ବଦନେ
ଅଣ୍ଟାରେ କଳସୀ ଅହରହ ସଳଖୁ ଥାଏ
ମୃଗ ନୟନା ଅଧର ଅଥୟ ହୁଏ କମ୍ପନେ
ନେତ୍ର ଚମକେ ବାରମ୍ବାର ଏ କାହା ସ୍ୱନେ
କିଏ ବା ନାଗର ସ୍ପର୍ଶ କରେ କଟିକୁ ତାର
ଫେରି ଆସିଲେ କି କେଶବ
ଭାବେ ମନେ ମନେ
କ୍ଷଣକେ ପୁଣି ଆହତ ହୁଏ ଦୀପ୍ତ ଭାବନା
କାହ୍ନୁ କାହ୍ନୁ ବୋଲି ଅଥୟ ହୁଅନ୍ତି ଲଳଣା
ସଂଜ୍ଞା ଫେରିଛି ଯେମିତି ମଧୁର
ସେ ବଂଶୀ ବାଦନେ
ଘୁଙ୍ଗୁର ଶବ୍ଦ ତାଳେ ପାଦ ଖୋଜି ବୁଲେ
ହୃଦୟେ ଜଳି ଉଠେ ମୃଗ ପରି
କସ୍ତୁରୀ ସନ୍ଧାନେ
କାହିଁ କାହ୍ନୁ ଯେ ଫେରି ନାହାଁନ୍ତି ବୃନ୍ଦାବନକୁ !
ଆଶା ତଥାପି ଅପେକ୍ଷାରତ ତୃଷାର୍ତ୍ତ ନୟନେ
ବାହୁଡ଼ନ୍ତି ଗୃହକୁ ମିଳନ ଆଶା ସଞ୍ଚରି
ଆସିବେ ନିଶ୍ଚେ କାହ୍ନୁ ଦିନେ
ନୟନେ ସପନେ ।।

ଚିପିଲିମା, ସମ୍ବଲପୁର



# କ୍ଳାନ୍ତ କବିତା

ହେମାଙ୍ଗିନୀ ପଟ୍ଟନାୟକ

ଏବେ ଏବେ କବିତା ଟେ
ଲେଖି ପାରୁନି ମୁଁ......
ମୋ ଭାତ ହାଣ୍ଡି ରେ ଆଉ ଫୁଟୁ ନାହିଁ
ଅଭାବୀ ପଣର ପୁଷ ମାସ ଚାଉଳ ....
ଛିଣ୍ଡା କନ୍ଥା ରେ ଆଜି କାଲି ଉଁଏ ନାହିଁ
ପ୍ରୀତି ର ଦ୍ୱିତୀୟା ଜହ୍ନ......
ଲୁହ ଉପରେ ଜମୁନି ଶିଶିର ପାଉଁଶ....
ସକାଳ ରୁ ସଞ୍ଜ ଗୁଁଥୁ ନାହିଁ
ଅନୁଭବ ର ମୋତି ......
ତୋଳୁ ନାହିଁ ଦୁର୍ଦ୍ଦଶା ର ମଲ୍ଲି କଢ......
ଦେହ ରେ ନାହିଁ ଆଉ ବତୁରା
ମାଟି ର ଗନ୍ଧ ....
ପଣତ ରୁ ଫିଟି ଯାଇଛି ଭୋକିଲା
ପେଟ ର ପାପ ...
ଫଟା କାନ୍ଥ ସନ୍ଧି ରୁ ପଡୁ ନାହିଁ
ଶ୍ରାବଣ ଛିଟିକା......
ବୈଶାଖ ର ସ୍କେଚ୍ ଆଙ୍କୁ ନାହିଁ
ଛିଣ୍ଡା ହେଂସ ର ପୁରୁଣା ଡ୍ରଇଂ ଖାତାରେ
କବିତା କ୍ଳାନ୍ତ ସମ୍ଭବତଃ ....
ଏବେ ସବୁ ଇଚ୍ଛା ମାନେ ପାକଳ ବୀଜ..
ବୀଜ ଭିତର ପ୍ରାଣ ମୟ ଜିବାତିସା ରେ
ନିରୁଦିଷ୍ଟ ଆଦିମ ବର୍ଷାଋତୁ.....
ବର୍ଷା ଋତୁ ସହ ମୋ ଦେହ ର ସମ୍ପର୍କ
ଯେତେ ପୁରୁଣା ହେଲେ ବି କହି ପାରୁନି
ମୋ ପାଇଁ ହେଇ ଯା ଗୋଟେ
କାଗଜ ଡଙ୍ଗା......
ମୋ ବାପା ଙ୍କ ଅଗଣା ରୁ ଚୋରେଇ ଆଣ
ମୋ ବାଡୁଅ ଯୌବନ.....
ଆକାଶ ଛାତି କୁ ଦି ' ଫାଳ କରି
ଫେରେଇ ଦେ ମୋ ଶ୍ରଦ୍ଧା ର ଦାମ୍ପତ୍ୟ ..
ଖାଲି ମୁନ୍ଦାଏ ପାଣି ଢାଳି ଦେ
ମୋ ଶୁଖିଲା କାଗଜ କିଆରୀ ରେ...
କାଳଜୟୀ କବିତା ଟିଏ ହସୁ
ଆୟୁଷ ର ପାଚିଲା ଧାନ କ୍ଷେତ ରେ.....!!

ରାଜ ନଗର, ଘଷିପୁରା,କେଉଁଝର



# ନୀଳ ହେଲ କାହିଁକି

**ରଂଜିତା ଦାଶ**

ଯେବେ ତୁମେ ବାହାରିଲ ବନ୍ଦୀ ଶାଳାରୁ,,
ସେସବୁ କଣ ନୀଳ ଥିଲ!!!
ସରୁ ନଥିବା ଏ ଦୀର୍ଘ ଯାତ୍ରା ଆରମ୍ଭ ହୋଇଥିଲା
ମାମୁର ବନ୍ଦୀ ଗୃହରୁ
ଆଉ ସରିଥିଲା ଜାରାର ତୀରରେ।

ଧୀରେ ଧୀରେ ବୋହି ଚାଲିଲ
ଗୋପୀର ଶୈଶବ ତା ସହ ପୁତ୍ର ପଣର ଖିଆଲି
ଆଉ ନିର୍ଭୀକ କର୍ତ୍ତବ୍ୟ
ଯେଉଁ ଦେବତାର ବୋଝ,ସୁନାର ମୁକୁଟକୁ ସମ୍ଭାଳି ଚାଲିଲ
ଏତେ ସବୁ ଯନ୍ତ୍ରଣାକୁ ପିଇ ଯାଇଛ ବୋଲି,
ତୁମେ ଆଜି ନୀଳଦେହୀ।
ଆଉ ନୀଳରଙ୍ଗ ଧାରଣ କରିଛ ଏ ବିଶୁଦ୍ଧ ରୂପ।
ମୃତ୍ୟୁଠୁ ବି ଭୟଙ୍କର ସେ ରୂପ।
ପିଙ୍ଗଳ ବର୍ଣ୍ଣର ଆଖି ଯୋଡିକ ଧୂଳି ଚାଟୁଥିଲା ମାଟିରେ। ,
ହୁଏତ ଆଖିରେ ଲାଖି ଯାଇଛି ସେଇ ଅତସି ଫୁଲର ରଙ୍ଗ,
ସେଇ ବିଶାଳ ରୂପରୁ ଅବକ୍ଷୟ ହୋଇ
ପୁନଶ୍ଚ ନୀଳ ହୋଇଯାଅ ତୁମେ।
ଦେଖ
ଯମୁନା ବି ନୀଳ
ଆକାଶରେ ନାଚୁଥିବା ବଉଦ ବି ନୀଳ
ଏଇ ସବୁ ମିଶ୍ରଣର ଯୋଗଫଳ ତ ନୀଳ।
ତୁମେ ପ୍ରେମର ମୌସୁମୀ -ନୀଳ ପୁରୁଷ।
ବେଳେବେଳେ ହରପ୍ରିୟାର ବାସ୍ନା ତୁମକୁ ବିଭୋର କରେ,
ସେଇ ନୀଳ ପଣରେ ଦୌଡିଆସ କେତୋଟି ଅଭିଆଡି ମନ ନେଇ
ବାର୍ଦ୍ଧକ୍ୟର ଆଖି ଦେଖିପାରେ ତୁମକୁ।
ମୋ ଆଶାର, ସ୍ୱପ୍ନ,ପରିଚିତ ଆକାଂକ୍ଷାର ନୀଳ ଯୋଗଫଳ,
ସେଥିପାଇଁ ମୋ ଇଚ୍ଛା ନୁହେଁ
ତୁମେ ହୁଅ ଅଲଗା ବର୍ଣ୍ଣର।

**ଯାଜପୁର**



# ବିନମ୍ର ବିନତି

**କୃଷ୍ଣଚନ୍ଦ୍ର ବାରିକ**

ଛାତିରୁ ମୋହର କାଢିନିଅ ପ୍ରଭୁ ପୀୟୂଷ ଭଣ୍ଡାର ବେନି
ଜଙ୍ଘର ସନ୍ଧିକୁ ସମତଳ କର ନ ରହୁ ମୋହର ଯୋନୀ
ନାରୀ ରୂପ ପାଇ ନର୍କରେ କାହିଁକି ହନ୍ତସନ୍ତ ନିତି ହେବି
ଲମ୍ପଟ କାମୁକ ଦଂଶନ ଜ୍ୱାଳାରେ ମରି ମରି ବଞ୍ଚିଥିବି

ନାରୀରୁ କେମିତି ନାରାୟଣୀ ହେବି ଦିଅ ମନ୍ତ୍ର ତନ୍ତ୍ର ପାଠ
କୁକୁର ମେଳରେ ବିରାଡି ଶାବକ ଭୟେ ଦେହ ମନ କାଠ
ଲୋଲୁପ ନଜର କାହିଁ ପାଇଁ ପଡେ ହାଡ ମାଂସ ଚର୍ମ ଦେହେ
ମାନବିକତାର ବଳି ପଡେ ଏଠି କାମ ବାସନାର ମୋହେ

ପୃଥିବୀ ପରାୟେ ସହିଯାଏ ବୋଲି ଆହୁରି ଯାତନା ମିଳେ
ଚାଲିଲା ବଳଦ ଅଧିକ ପାହାରେ ପରିତ୍ୟକ୍ତା ପଙ୍କ ତଳେ
ନିନ୍ଦା ଅପବାଦ ନାରୀକୁ ପ୍ରାପତ ବ୍ରତୀ ଥାଇ ସେବା ତ୍ୟାଗେ
ଦହନ ଲୀଳାର ରହସ୍ୟ ଲୁଚିଛି ଆତ୍ମା ନୀତିନ୍ୟାୟ ମାଗେ

ପାଷାଣ ଗାତ୍ରରେ ଶୃଙ୍ଗାର ପ୍ରତିମା ଆଙ୍କ ନାହିଁ ଚିତ୍ରଶିଳ୍ପୀ
ଆତତାୟୀ ଶିଖି ପାଳନ କରୁଛି ସମ୍ଭୋଗର ଭଙ୍ଗୀ ଲିପି
ପାଦପ ପଲ୍ଲବ ହେବିନାହିଁ ନାଥ ହେବା ପାଇଁ ବୃନ୍ତ ଛଡା
କୁଠାର ଆଘାତ ସହି ପାରୁନାହିଁ ଜୀଅନ୍ତା ହେଲିଣି ମଡା

ଧରଣୀ ବକ୍ଷରୁ ନିଭାଇ ଦିଅ ହେ ନାରୀମୂର୍ତ୍ତି ଯେତେସବୁ
ଜଡ କି ଜୀବନ୍ତ ରଖ ନାହିଁ ନାରୀ କାମାନ୍ଧ ହୋଇବେ କାବୁ। ।

**ସାରସମାଲ, ସୁବର୍ଣ୍ଣପୁର**

# ଅଯୋଧ୍ୟାର ରାମଲାଲା

ଅମରନାଥ ବାରିକ



ରାମରାଜ୍ୟ ଆଜି ସୃଷ୍ଟି ହୋଇଲା
ଗାନ୍ଧୀଙ୍କ ସପନ ପୂରଣ ହେଲା
ପ୍ରତି ଘରେ ପ୍ରତି ନଗର ପଲ୍ଲୀରେ
ରାମମୟ ପ୍ରେମ ବିତରି ଗଲା ।

ଅଯୋଧ୍ୟା ନଗରୀ ରାମ ଧ୍ୱନିରେ
ମନ୍ଦ୍ର ପ୍ରକମ୍ପିତ ହୋଇ ଉଠେରେ
ଶଙ୍ଖନାଦ ଦୀପ ପ୍ରଜ୍ୱଳିତ ହୋଇ
ପ୍ରଭୁ ଶ୍ରୀରାମଙ୍କୁ ସ୍ୱାଗତ କରେ ।

ଛାଡ଼ି ଲୋଭ ମୋହ ମାୟା ସଂସାରେ
ଭଜୁଛନ୍ତି ରାମ ନାମକୁ ଜନେ
ଶାଶ୍ୱତ ସତ୍ୟ ଏ ନାମଟି ଅନ୍ତରେ
ନେବା ପାଇଁ ହୁଏ ନିଶ୍ଚିତ ଦିନେ ।

ହିନ୍ଦୁ ମୁସଲ୍ମାନ ଶିଖ ଇଶାଇ
ଭବ୍ୟ ଉତ୍ସବରେ କାନ୍ଧ ମିଳାଇ
ବିଗ୍ରହ ମୂର୍ତ୍ତିକୁ ସ୍ଥାପନ କରିଲେ
ଆମେ ଭାଇଭାଇ ଭାବକୁ ନେଇ ।

ସନାତନ ଧର୍ମ ମୂଳ ମନ୍ତ୍ରଟି
ସତ୍ୟ ଅହିଂସା ଓ ଦୟା କ୍ଷମାଟି
ଜାତି ନୁହେଁ କେବେ ଅଲଗା ଅଲଗା
ଆମେରେ ମନୁଷ୍ୟ ଏକ ଜାତିଟି ।

ଥିଲା ଦିନେ ଏହି ସ୍ୱପ୍ନ ଗାନ୍ଧୀଙ୍କ
ଆମେ ହୋଇଯିବା ସଭିଏଁ ଏକ
ଉଚ୍ଚ ନୀଚ ଭାବ ମନରେ ନ ରଖି
ରଖିଯିବା ଦେଶ ଜାତିର ଟେକ ।

ଅନ୍ୟାୟ ଦୁର୍ନୀତି ତେବେ ହଟିବ
ସୁନାର ଭାରତ ଗଠନ ହେବ
ରାତି ବାରଟାରେ ନାରୀଟିଏ ଜାଣ
ମୁକ୍ତ ହୋଇ ଯେବେ ବୁଲି ପାରିବ ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର

# ବର୍ଷା

ବିଦ୍ୟାଧର ପଣ୍ଡା



ବର୍ଷା ! ବର୍ଷା !
ତମ ଜଳରେ-
ଜୀବନ ଥାଏ
ନଥାଏ ରଙ୍ଗ ।
କେମିତି ତମେ
ଶିଖାଅ ଏତେ
ପ୍ରେମର ଢ଼ଙ୍ଗ ।
ତମେ ଆସିଲେ-
ପ୍ରେମୀ ମନରେ
ଭରେ ଉଲ୍ଲାସ,
ମୟୁରୀ ନାଚେ-
ଯୁବ ମାନସେ
କୁରୁଳେ ହସ ।
ତମେ ଆସିଲେ
ରୌଦ୍ର ସନ୍ତାପ
ଯାଏ ଉଭାଇ,
ସାଜନ୍ତି ତୁମ
ସ୍ତାବକ ସର୍ବେ
ଖୁସି ମନାଇ ।
ସମୟ ଦେଖି
ଆସିଲା ପରି
ପଳାଇ ଯାଅ,
ବର୍ଷକ ପରେ
ଆସିଲେ ପୁଣି
ଆଦର ପାଅ ।
ଜୀବ ଜଗତ
ସୁରକ୍ଷା ପାଇଁ
ତୁମେ ହିଁ ଲୋଡ଼ା,
ବିଦାୟେ ତୁମ
ଶରତ ଧରେ
ତଣ୍ଟୀର ତୋଡ଼ା ।

ଅଢ଼େଇଗୁଣ୍ଡି,କାନପୁର, କଟକ
ଓଡ଼ିଶା

# ଏକାକୀ ସହରରେ ଛାତ ଉପରେ

**ମନୋଜ ନାୟକ**



ନିଆଁ ଲଗେଇବା ଛଡା
କିଛି କରାମତି ନଥାଏ ଜହ୍ନର,
ନିଅଣ୍ଟିଆ ବଜାରରେ
ସବୁ ନିଅଣ୍ଟ
ନିଆଁକୁ,
କିଏ କହିବ
କେତେବେଳେ ଜାଳିଦବ
ମିଠା ବୟସକୁ।
କଳିଯୁଗ ପରା!
ଦେଖୁନ କେମିତି
ଜହ୍ନର ଡେଣାରେ ଚିଠି ଆସିଛି
ତାର ହସ ଭରତି ହୋଇ,
ଲେଖିଛି ସେ
ଅଭିମାନରେ ଜଳୁଛି,
ଫେସବୁକରେ ତା ମୁହଁ
ଜହ୍ନ ପରି ଦିଶୁଛି।
ଏ କେମିତିକା ଅନୁଭବ କେଜାଣି
ମୁଁ ଜାଣିନି
ଜଳୁଛି କି ଭିଜୁଛି,
ଏତିକି ଜାଣିଛି ଖାଲି
ଜ୍ୟୋସ୍ନାରେ ଜୁବୁବୁଡୁ ଅଛି।
ସହର ଛାତରେ
ଯୁଗେ ପରେ ଜହ୍ନ ଉଇଁଛି
ଭଲ ହେଇଛି
ଦି ଘଣ୍ଟା ହେଲା
ଆମ ସହରରେ ପାୱାର କଟ୍ ଅଛି,

ମୁଁ
ଜଳୁଛି ତ
ଜଳୁଛି
ଭିଜୁଛି ତ
ଭିଜୁଛି।

ନଛିଦ୍ରପୁର, ଖାନନଗର,
ମଙ୍ଗଳପୁର, ଯାଜପୁର

# ହାତ ଘଣ୍ଟା

**ଜ୍ୟୋତିପ୍ରକାଶ ଷଡ଼ଙ୍ଗୀ**



ତା' ହାତର
ହାତ ଘଣ୍ଟାରେ ଫି ଥର
ବନ୍ଧା ପଡ଼ିଯାଏ ମୋ ସମୟ
ମୋ ଆୟୁ କାଳ।
ତା' ହାତ ଘଣ୍ଟାର ଇସାରାରେ
ସୂର୍ଯ୍ୟ ଉଏଁ,
ସନ୍ଧ୍ୟା ହୁଏ,
ରାତି ବି ଆସେ ଆୟୁଷ୍ମତୀ ହୋଇ
ସାଥିରେ ଆଣିଏ ନିଦ,
ନିଦରେ ସବପ୍ନ ଓ
ସ୍ୱପ୍ନରେ ସେ ବୋହୂରାଣୀ ସାଜେ।
ସେକେଣ୍ଡ କଣ୍ଟା ଭଳି
ଭାରି ବ୍ୟସ୍ତଥାଏ ତା' ଖବଆଲି ମନ,
ଖୁବ୍ ଜୋର ତା ଛାତି ତଳ
ହୃତପିଣ୍ଡ ଭଳି
ଦୌଡୁଥାଏ ପ୍ରେମ ମୋ ପାଇଁ
ଏକଥା ସତ;
କି ମୁଁ ଘଣ୍ଟା କଣ୍ଟା ଭଳି
ଧିମେଇ ଯାଏ ସବୁବେଳେ
ପ୍ରେମରେ,
ଚଞ୍ଚଳତାରେ ଭାବନାରେ ସବୁଥିରେ !!
ତା ହାତ ଘଣ୍ଟାର ସମୟ ପ୍ରବାହରେ
ବିତିଯାଏ ଦିନ, ତାରିଖ ଓ ମାସ
ସାହାନାଇର ରଡୁରେ ସେ ସାଜେ ମୁଗ୍ଧବଧୂ
ମାତ୍ର ସେ କଥା ଅଲଗା କି
ନିୟତିର ନିଷ୍ଠୁର ଇଙ୍ଗିତରେ
ସେ ସାଜିନି ମୋ କୂଳବଧୂ।
ହେଲେ;
ଆଜିବି ସେଇଠି
ସେମିତି ଅଟକି ଯାଇଛି
ମୋ ସମୟ,
ଯେମିତି ଅଟକି ଯାଇଛି
ଆଜି ତା ହାତର
ସେ ସୁନେଲି ରଙ୍ଗର ହାତ ଘଣ୍ଟା ॥



# ପ୍ରେମ

ସୁଶାନ୍ତ ଶତପଥୀ

ପ୍ରେମ ଅନନ୍ତ କାଳକୁ ସତ ଗୋ
ମୌନରେ ଭାବ.. ଶଦ୍ଦର ସହସ୍ର ପରାର୍ଦ୍ଧ
ସାମଗ୍ରୀକ ଭେଦି ମନର ଶୂନ୍ୟରେ ସନ୍ଧି
ମନଉଣାରୁ ଗୀତ କେବଳ ବୀରହ ସ୍ୱାନ୍ତନା
ତମ ତାଛଲ୍ୟ ସରାଗର ରୂପାନ୍ତର
ଅଦିନ ମେଘ ମହ୍ଲାର ତୁମ ରାଗ
ଆଉତାହାଁ ରୋଷ ଓ ବିଶ୍ୱାସ ଅଥୟ ପରିପ୍ରକାଶର ସୂତ୍ର
ବୀରହ ନେପଥ୍ୟେ ମସୃଣ ପରାଗ ଉତ୍ସବ
ହସୁଛ ! ଅନନ୍ତ ନିଗାଡି ଅନ୍ତ ଖୋଜୁଛ
ଅବିକଳ ପ୍ରେମର ଦୃଷ୍ଟାନ୍ତ ଏହା ଗୋ
ବାଟ ଭାଙ୍ଗି ଗଲେ ଅଦୃଶ୍ୟ ଗହଳି
ସବୁ ବାଟ ଖାଁ ଖାଁ ଏକାକୀ
ଫେରିବାର ବାଟ ନାହିଁ ବୋଲି ଆୟୁଷର
ପଣବନ୍ଦୀ ଚିରକାଳ ପ୍ରେମ
ନିଭୃତ ସହଭାଗି ଆମେ ପରସ୍ପର
ଅଚିହ୍ନା ବାଟରେ କ୍ଲାନ୍ତ ସହଯାତ୍ରୀ
ନିଃଶବ୍ଦ ଶୁଭେ ମତେ ଆହାରେ ବାଲୁତ
ତୁମେ କି ଆଉ କଣ ଅଲଗା ଶୁଣୁଛ
ପ୍ରେମକୁ ଶବ୍ଦ,ସ୍ୱରର ନୂପୁର ଅଳଂକାର
ରୁଣୁଝୁଣୁ ବିହ୍ୱଳ ଥେଇ ଥେଇ ଦୁଷ୍ଟ ପାଦ
ଭାରୀ ଅସ୍ଥିର ଗୋ।
କେତେ ବି ଗୋଡେଇ ହେବ ନୀଳରଙ୍ଗୀ ଆକାଶ
ବ୍ୟାପ୍ତିରେ ସଞ୍ଚିତ ଡେଣାର ବୀରହ ବହପ
ନିଜଠୁ ଅଧିକ ନିଜର କଲି
ମତେ ବୁଝେ ମୋ'ଠୁ ଅଧିକ ବୋଲି
ବୁଝା ବୁଝିରେ ପ୍ରେମ ଅବୁଝା ଚିରକାଳ
ଦାରୁଣ ସତ୍ୟର ଅମୃତ ଉପଲବ୍ଧି
ଅତୃପ୍ତିରେ ତୋ ପ୍ରେମର ସୁଆଦ
ଇଛିଲେ କି ଆକାଶରେ ଇନ୍ଦ୍ରଧନୁ ଦିଶେ ?
ମାଟି ମାଖେ ଅବେଳ ଫଗୁଣ ଅବିର ?
କେଉଁ ଆକାଶକୁ ହାତ ପାଏ ଅବା ସାଉଁଟି ହୁଏ
ତଥାପି ସମଦରଶୀ ପୃଥ୍ୱୀ ହେବାକୁ ପଡେ
ଅତୃପ୍ତିର ପ୍ରେମରେ ମୋ ଲୁହ ଘୃତାହୂତି
ହୋମ ପୂର୍ଣ୍ଣାହୁତିର ଭାବ ତୁମ
ନିତ୍ୟ ନାନ୍ଦୀମୁଖ।

ଲହଣ୍ଡା, ଗୋଡଭଗା,ବରଗଡ

# ଜୀବନ ପାତ୍ର ମୋ

ଡ. ଉମେଶ ଚନ୍ଦ୍ର ମହାପାତ୍ର



ହାତ ଯୋଡ଼ିକ
ଥାଉ ସେମିତି ନିରନ୍ତର
ଶୂନ୍ୟ
କରୁଥାଉ ଅଳି ।

ହେ ଆକାଶ !
ଏତେ ବିଭବରେ ଶୋଭାବନ୍ତ
ତୁମେ
କାହିଁକି ତେବେ ନିଛାଟିଆ
ମନ ଆଉ ହୃଦୟର ଗଳି ?

ହେ ଅରଣ୍ୟ !
ଏତେ ତୁମେ ନୃତ୍ୟରେ ମୁଖର
କାହିଁକି ତେବେ
ଶିରା ଧମନୀ ପ୍ରତ୍ୟୟଶୂନ୍ୟ
ଲହୁରେ ଲହୁରେ
ଖାଲି ମୁଗୁନି ପଥର ?

ହେ ସମୁଦ୍ର !
ଛନ୍ଦାୟିତ ଏତେ ତୁମେ
ନୀଳ ରହସ୍ୟରେ
ତରଙ୍ଗର ଗୀତ ଗାଇ ଗାଇ
କେଉଁ କାରଣରୁ ତେବେ
ସ୍ପନ୍ଦନ ସନ୍ଦିଗ୍ ?ଧ
ଆଖିର ପଲକକୁ ଖାଇଯାଏ ଉଇ ?

ସେ ହାତ ହଳକ
ଅଭିଯୋଗର ମୁଦ୍ରାରେ ସ୍ଥିର
ଆଞ୍ଜୁଳାକୁ ଅନେଇଲା ନାହିଁ ସିନା
ଆଖି ବୁଜିଦେଲା
ପ୍ରକୃତରେ ସେଠି
ବ୍ୟାପକତା ରଙ୍ଗ ଓ ରହସ୍ୟ
ଆଜି ବି ଭରିଛି
ଯେମିତି ସବୁବେଳେ ଥିଲା ।।

ବରଗଡ଼



# ଉପେକ୍ଷା

ଦେବଯାନୀ ରାୟ

ମୁକୁଳି ଯିବାକୁ ଚାହୁଁଛ ତ
ମୁକୁଳିଯାଅ ନିର୍ଦ୍ୱନ୍ଦରେ......

ଫିଙ୍ଗିଦିଅ ଅନାୟସେ
ସେଇଯୋଉଁ ଶ୍ୟାମଳ ସମ୍ପର୍କର
ମୁହୂର୍ତ୍ତ ମାନଙ୍କୁ
ଆମଭିତରର ସବୁଜ ପ୍ରତିଶୃତି
ପ୍ରତିଜ୍ଞା ସବୁକୁ
ସ୍ମୃତିର ଶେଯରେ ବିଞ୍ଚିହୋଇ ପଡ଼ିଥିବା
ସମର୍ପଣର ସତ୍ତା ମାନଙ୍କୁ

ଅଣଦେଖା କରିପାର
ପବନରେ ଝୁମୁଥିବା ମଳୟର
ନୂପୁର ନିକ୍ୱଣକୁ
ଛନ୍ଦରେ ଛନ୍ଦରେ ଛନ୍ଦାୟିତ
ପ୍ରେମ ରାଗ – ମେଘ ମଲ୍ଲାରକୁ

କେବେଦିନେ ତୁମ ଆଗମନର ଖୁସିରେ
ଗୁନ୍ଥିଥିଲି ଯେଉଁ ନୀଳସ୍ୱପ୍ନର ଗଜରାମାଳ
ଏବେ ଦେଖୁଛି ତୁମ ଅହଙ୍କାରର ଅଗ୍ନିବର୍ଷାରେ
ପାଲଟି ସାରିଛି ସେ କଳାରଙ୍ଗର ଗୋଟେ କଙ୍କାଳ

ଜାଣିଛ, ସେଦିନର ତୁମ ନିବିଡ଼ ସ୍ପର୍ଶରେ
ଟଳମଳ ହେଉଥିବା ମୋର ଆଖିଏ ଲୁହ ହିଁ ଶେଷରେ ରୂପନିଏ
ନିମ୍ନଗାମୀ ନଦୀର ଊର୍ଦ୍ଧ୍ୱଉଡାଣ
ମୁଗ୍ଧ ମଧୁର ଅନୁଭବରେ
ଗତିଶୀଳତାର ସଂସର୍ଗ, ସଂଗମର ମୁହାଁଣ

ପାରିବତ ଏବେ ଉପେକ୍ଷାର ରୁକ୍ଷତାକୁ ଜାଳିଦିଅ
ଗୁପ୍ତ ପାପ ପରି
କେହି ଜାଣିନେବା ଆଗରୁ
ତାପରେ, ବିନା ଅନୁମତିରେ ସ୍ତର ସ୍ତର ଇଚ୍ଛାମାନଙ୍କୁ ମୋର
ଦେଇପାର ସମାଧି
ସବୁ ଶେଷ ହେବା ପୂର୍ବରୁ

ହଁ..., ଦ୍ୱିଧାହୀନ ଭାବେ ଏଡାଇ ଯାଅ
ମୋ ଅତନ୍ଦ୍ରରାତ୍ରିର ଥାକଥାକ ଉଦ୍ଦାମତା,
ପ୍ରେମପ୍ରବାହମାନତା
ମିଳନର ନିବିଡ଼ ପୀଡନରେ ଉନ୍ମୁକ୍ତ ଆକର୍ଷଣ
ପ୍ରଲମ୍ବିତମୁହୂର୍ତ୍ତରେ ଆଲିଙ୍ଗନର ଉନ୍ମତ୍ତ ଆସ୍ୱାଦନ

ଥରେ ଭାବି ଦେଖତ
ଏସବୁ ଅତୀତରେ କେବେ ଦିନେ ଥିଲା କି
ତୁମର... ଖାସ୍ ତୁମର .... !

ଜଟଣୀ, ଖୋର୍ଦ୍ଧା



# ଆସିବାର ଅଛି ଆସିବି ମୁଁ

ଅମୃତା ସିଂହ

ଆସିବାର କଥା ଅଛି ଆସିବି ମୁଁ
ବେଲବରଣ ରେ ହେଉକି
ବିଡମ୍ବନା ରେ ।
ଆଲୋଡନ ରେ ହେଉକି
ଅଲୋଡାପଣରେ,
ଆସିବି ମୁଁ ଗୋଟେ
ଆବାହନ ମନ୍ତ୍ରର ଆକର୍ଷଣ ରେ ॥

ଆସିବି
ଆଖିରେ ଥାକ ଥାକ
ସବୁଜ ସ୍ୱପ୍ନର ବୀଜବୁଣି
ଧାରେ ନିର୍ଭେଜାଲ ହସ ନେଇ
ନିର୍ମଳ ହୃଦୟେ ନେଇ ।
ନିରବେ ନିଃଶବ୍ଦେ
ଯେମିତି ଫୁଟିଥାଏ ଫୁଲ
ଭୋର ବେଳା ରେ
ଆଲୁଅ ପାଦଥାପେ
ଠେଲିଦେଇ ରାତିର ଅନ୍ଧାର ॥

ଆସିବି
ତାଙ୍କ ହାତରୁ ଖସାଇ ଦେବାପାଇଁ
ଛଳନାର ଛତ୍ର,
ଅସହିଷ୍ଣୁତାର ଅସ୍ତ୍ର,
ଶିରରୁ ସୁବିଧାବାଦୀ ଶିରସ୍ତ୍ରାଣ
ଚିନ୍ତାରୁ ଚକ୍ରାନ୍ତର ଚତୁରତା
ମନରୁ ମିଛ ମିଆଦର ପ୍ରହେଳିକା ।

ଆସିବି ମୁଁ
ପୁତିଗନ୍ଧମୟ ନର୍ଦ୍ଦମା ର
କଡେ କଡେ ଝାଉଁଳି ପଡ଼ିଥିବା
ନହକା ଡାଳରେ ଧାପେ ଖୁସିର
ଫୁଲ ଫୁଟାଇ,ଦିକିଦିକି ଜଳି
ଲିଭି ଆସୁଥିବା ଡିବିରିରେ
ଠୋପାଏ ମମତାର ମାଟି ତେଲ ଭରି,ଦୁର୍ଭାଗ୍ୟର ଦଲକାଏ ପବନରେ
ଉପୁଡ଼ି ପଡିଥିବା ଥୁଣ୍ଟା ଗଛରେ
ଭରଷାର ନୂଆ ପତ୍ର କଅଁଳାଇ ।

ଉଜୁଡ଼ି ଆସୁଥିବା ସପନର କିଆରୀରେ
ଆଶା ର ଫୁଲ ଉଡ଼ାଇ ? ।
ଆସିବି ମୁଁ
ମଣ୍ଡପ କି ମନ୍ଦିରକୁ ନୁହେଁ
ସବୁରି ମନ ମୁଲକକୁ
ମହନୀୟ ମାନବିକତାର
ମନ୍ତ୍ର ଉଚ୍ଚାରଣ କରି ॥



# ସିନ୍ଦୁର

ଡ଼ଃ ସ୍ୱାଗତିକା ସାହୁ

ସିନ୍ଦୁର
କାହା ପାଇଁ ନାଲି ଫଗୁ
କାହା ପାଇଁ ନାଲି ଅବିର
କିନ୍ତୁ ଲାଗିଯାଏ ଯେବେ
କୁମାରୀ କନ୍ୟାର ସେନ୍ଥିରେ
ହୋଇଯାଏ ସେ ସଧବା....

ସିମନ୍ତ ମଝିରେ
ଧାରେ ନାଲିରଙ୍ଗ
କରିଦିଏ କାହାର ଆୟୁଷ ଲମ୍ବା..
ଫେରିବାଲାର ସେଇ
ପାଞ୍ଚଟଙ୍କିଆ ପୁଡିଆ
ପାପୁଲିର ହାତକୁ ଆସି
ହୋଇଯାଏ ଅନ୍ତହୀନ ରେଖା...
ବଦଳିଯାଏ ମୂଲ୍ୟ
ବଦଳିଯାଏ ଆକଳନର ପଥ
ହେଇଯାଏ ଅମୁଲ୍ୟ ଅଜୟ...

ସେଇ ସିନ୍ଦୁର
ଯିଏ ସାର୍ଥକ କରେ
ନାରୀର ନାରୀତ୍ୱକୁ
ବାଣ୍ଟିଦିଏ ସୁଖ ପରିଧିକୁ...
ଯାହାକୁ ବୋଳିଦେଲେ
ମିଳିଯାଏ
ମାଆର ଆଶୀର୍ବାଦ
ମିଳିଯାଏ
ଆତ୍ମତୃପ୍ତିର ଆନନ୍ଦ
ସେଇତ ସିନ୍ଦୁର...

ନୁହେଁ ସେ ପ୍ରସାଧାନ ସାମଗ୍ରୀ
କି ନୁହେଁ ସେ ପଣ୍ୟବସ୍ତୁ
ସେ
ଶୁଭମଙ୍ଗଳର ଚାବିକାଠି
ବୈବାହିକ ଜୀବନର ମାପକାଠି

ସେତ
ଦୁଇ ଜୀବନର ସମ୍ପର୍କର ସେତୁ
ଦୁଇ ଆତ୍ମାର ଅମଳିନ ବିନ୍ଦୁ
ଦୁଇ ପରିବାରର ବିଶ୍ୱାସର ଇନ୍ଦୁ...
ସେଇତ ସିନ୍ଦୁର...

ଯାହାର ତୁଳନା
କେବେ କାହା ସହିତ ହେଇଛି
ହେଉଛି ନା ହେଇପାରିବ.. ?
ଟିକିଲି ପିନ୍ଧାଏ
ପ୍ରେମିକପ୍ରବର
କିନ୍ତୁ
ସାତଜନ୍ମକୁ କରି ସାକ୍ଷୀ
ସାତ କଳସର ଉଷ୍ମତାକୁ ମାଖି
ପିନ୍ଧାଏ ସେ ଟଙ୍କିକିଆ କଏନରେ ରଖି
ସେଇତ ସିନ୍ଦୁର..

ଚକ ଚକ କରୁଥାଏ ମଥାରେ
ଝଟକୁଥାଏ ରୂପ ଲାବଣ୍ୟରେ
ଆକର୍ଷିତ କରେ
ପାଖକୁ ଟାଣେ
ମୋହିତ କରେ
ଦେଖାଏ ସେ ରୂପ ସଂସାରର
ଅନୁଭବ କରାଏ ଶିହରଣ ଶରୀରର
ପ୍ରତୀକ୍ଷା ଦେଖାଏ ଭବିଷ୍ୟତର
ବିଶ୍ୱାସ ଦେଖାଏ ଆପଣାପଣର
ଜିଗୀସା ଦେଖାଏ ପରିବାରର
ଆତ୍ମୀୟତାର...
ଏଇତ ସିନ୍ଦୁର...

ଅଧ୍ୟାପିକା, ତୁମୁଡିବନ୍ଧ
କନ୍ଧମାଳ

# ଆମାଜନ୍ ଜଳୁଛି



ବିଶ୍ୱନାଥ କର

ଆମାଜନ୍ ଜଳୁଛି
ନିଆଁ ଲାଗିଯାଇଛି ପବନରେ
ସ୍ୱପ୍ନିଳ ଭାବାବେଶ ର ଚୌହଦୀରେ
ଚିତ୍ରିତ ଶୀଳାଲିପିରେ
ବର୍ଷାର ସାରେଗାମାରେ ।

ଜଳୁଛି ଆମାଜନ୍
ଲାଗିଯାଇଛି ନିଆଁ ନିଦରେ
ଜୀବନର ଜଳଛବିରେ
ନିଆଁ ଧାପରେ ସିଝିଯାଉଛି ପ୍ରଜାପତିର ଡେଣା ।

ତୋ ଅଲରା ବଲରା କେଶ ଉଡୁଛି ପବନରେ
ଛଅଟିଯାକ ଋତୁର କୁହୁଳା ନିଆଁରେ
ନଟୁପରି ଘୂରୁଥିବା ଉଆଁସୀ ମଲାଜହ୍ନ
ଦରାଣ୍ଡୁଛି ଦରମଲା ପାଉଁଶରେ ତୋ ସିକ୍ତ ସ୍ପର୍ଶ
ତୋ ଆଖିର ନୀଳ ନିରବତା ।

ଜଳୁଛି ଆମାଜନ୍
ଜଳୁଛି ମେଞ୍ଚାଏ ଶୋଷ ବୁନ୍ଦାଏ ପାଣିପାଇଁ
କେବେ ଅଭିନୟରେ ମଗ୍ନ
ନିଜଭିତରେ ନିଜକୁ ବିଲୟର ପ୍ରଚେଷ୍ଟାରେ ।

ନିଆଁ ଭିତରେ ନିଆଁର ଆଁ ଭିତରେ
ପ୍ରସ୍ତ ପ୍ରସ୍ତ ସଜେଇହୋଇଥିବା ସମସ୍ତ ଆକାଂକ୍ଷା
ଦରସିଝା ହୃଦୟର ମିଠାପଣ
ବଜ୍ରାଘାତରେ ଜଳୁଥିବା ଗଛର କଲିଜା
ସବୁଏବେ ରଡନିଆଁର ଧାପରେ
ଆମାଜନର ବୃତ୍ତରେ ଅଂତଃବୃତ୍ତରେ ।

ତୀକ୍ଷ୍ଣ ଏତେ ପ୍ରେମର ଧାର
ତରଳୁଛି ମହମବତୀ ପରି
ତୋ ଆଖିର ନିଦସବୁ ପଇଁତରା ମାରୁଛନ୍ତି
ଛାୟାପଥରେ
ମାୟାର ଅଗଣାରେ ।

ଶ୍ରାବଣର ଭିଜାଭିଜା ଆଶ୍ୱାସନାରେ
ଘେରାବନ୍ଦୀ ଆମାଜନ୍
ସନ୍ତକ ଦେଉଛି ଏବେ ଘୋଷଣାନାମାରେ
ଚୁକ୍ତିନାମାରେ
ତୀବ୍ର ଶିଖାରେ ଜଳୁଥିବା ଆମାଜନ୍
ସେ ଏବେ ଜଳିବ ଏକା ଏକା
ଛୁଇଁ ଛୁଇଁ ପ୍ରେମର ଉନ୍ମତ୍ତ ପରିସୀମା ।

ସାଇ କଲୋନୀ, ଦେଉଳସାହି, ତୁଳସୀପୁର,କଟକ



# ଶାଢ଼ି

ପୂର୍ଣ୍ଣଚନ୍ଦ୍ର ଦାସ

ଡାନିଏଲା ଡଖାର୍
ହସୁଛି ଅର୍ଦ୍ଧ ଶତାବ୍ଦୀର ହସ,ଆଖି ଖୋଲାକରି
ହସ ତାକୁ ସାଜେ,ଲାଜ ତାକୁ ମାନେ
ବ୍ରହ୍ମପୁତ୍ରର ଝିଅ ସେ
ଏବେ ମହାନଦୀ କୂଳର ବୋହୂ ।
ସେ ଭଲକରି ଜାଣିଛି ମାଟି, ମା, ଆଉ ମମତା
ତା ଛୋଟ ଦୁଇ ଆଖିରେ
ଭର୍ତ୍ତିକରି ରଖିଛି ତାରାଭର୍ତ୍ତି ଆକାଶର ଇଛା
ଜହ୍ନର ମାଦକତାରୁ ଆଞ୍ଜୁଳେ ।

ମହାନଦୀ ଚିତ୍ର ଆଙ୍କେ ସଞ୍ଜରେ
ସନ୍ନିକଟ ପାହାଡ଼ ତଳ ଗାଁରେ ମାଟିରେ ଦୀପ ଜଳେ
ଅଳତାରେ ଭିଜିଥିବା ପାଦ
ସଂକ୍ରମିତ ହୋଇଚାଲେ ମନକୁ
ବାପା ଗୋସାଁ ବାପା ଅମଳରୁ ଗଡ଼ିଆସୁଥିବା ସେଇ
ଅପେକ୍ଷା ଟିକକ
ଝୁଲୁଥାଏ ଦାଣ୍ଡ ଦରଜାରେ
ଯଦିଓ ଆଜି ସେ ଚାଳଘର ନାହିଁ
ଦାଣ୍ଡପିଣ୍ଡା ପାରିଆରେ ହାତ ରଖିରଖି ଘୋରିହୋଇ ଯାଇଥିବା
ଅପେକ୍ଷାର ସ୍ମୃତି ଆଜିବି ଅଛି
ବୋଉର ଆଖିରେ ତା ବୋହୂର ଚୁଡ଼ିରେ।

ଗୋଟେ ସନ୍ତପ୍ତ ବେଳା,ମଧୁବନ୍ତି ଲଗ୍ନ
ମାଟି ବାସିଲା ପଲ୍ଲବିତ ହେଲା ଶସ୍ୟ ପ୍ରାଣ
ହାଲକା ହାଲକା ବର୍ଷା ମନରେ ନବ ଜାଗରଣ
ତୁ ଶାଢ଼ୀ ପିନ୍ଧିଲୁ ପ୍ରଥମ କରି ରଜରେ
ରକ୍ତବର୍ଣ୍ଣର ଶାଢ଼ି ତୋ ଟଭାଫଳ ଓଠରେ ଠିକ୍ ସାଜିଲା
ଆଉଟିକେ ଉଚ୍ଚା ଦିଶିଲା ତୋ ଛାତି
ବେଶିନୁହେଁ ଅଳପ ହୋଇ ବଉଳି ଗଲା ତୋ ଦେହ
ଓଡ଼ିଆଣୀ ବେଶରେ ବେଶି ଖୁସି ଦିଶୁଥିଲା
ଉତ୍ତର ପୂର୍ବ ସୀମାନ୍ତର ଗୋଟେ ବାଲିଦ୍ୱୀପର ଝିଅ।

ପାନରେ ମନ ତାର,ଦୋଳିରେ ଇଛା ତାର
ଝୁଲୁଛି ଯେ ଝୁଲୁଛି.....
ଟିପିଟିପି ଚନ୍ଦନରେ ସଜ ହୋଇଛି ତା ମୁହଁ
କଜଳରେ ପୁରି ଉଠିଛି ଆଖି ,ହୃଦୟରରେ ଭର୍ତ୍ତି କରିଛି ପ୍ରେମ
ଅନ୍ୟମନସ୍କ ହୋଇ ଚାଲୁଚାଲୁ ଝୁଣ୍ଟି ପଡ଼ିଛି କେତେଥର
ତା ଦରଗଡ଼ା ହାତରେ କୁଞ୍ଚ ସଜାଡ଼ିଛି ଥରେ
ଦର୍ପଣ ଆଗରେ କେତେଦିନ ଠିଆ ହୋଇ ଦେଖିଛି ନିଜକୁ
ଆଉ ଭୁଲି ଯାଇଛି ତା ଗାଁ ଗଣ୍ଡା ଦେଶ
ମୋତେ ବି ବେଳେବେଳେ ଛୁଆଁଇ ଦେଇନି ତା ବାସ୍ନା
ଗୋଟେ ଶାଢ଼ିର ପ୍ରେମରେ
କାଲି ରାତିରେ କହିଲା
ଏ ସନ ରଜରେ ମୋ ପାଇଁ'କି କଅଁଳିଆ ପତ୍ର ରଙ୍ଗର
କୁମ୍ଭପକା ପଶାପାଲି ଶାଢ଼ି ଖଣ୍ଡେ ଆଣିବ ।

**ସହକାରୀ ସଂଗ୍ରାହକ**
**ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ,କଟକ**



# ପାଗଳ

ପଲ୍ଲବୀ ଦାସ

ତୁ ଥିବା ବେଳେ ହିଁ
ପୃଥ୍ୱୀ କାହିଁ ଏତେ ସଜ ହୁଏ ?
ମେଘ କିଆଁ ଛୁଇଁ ଯାଏ ମୋତେ ?

ମୋର ପଣତ କାନିରେ
ତୋର ମୁରୁକି ହସିଥିବା ଓଠ ଓ
ଖାଇସାରି ପୋଛିଥିବା ହାତ
ମୋର୍ ଦୀର୍ଘଶ୍ୱାସ,
ତୋ ପାଖେ ତ ଛାତି ଭର୍ତ୍ତି ବିଶ୍ୱାସ ।

ପ୍ରତି ମଞ୍ଚରେ ତୁ କବିତା ହୋଇ
ମୋ ଆଖିରେ ନାଚୁ,
ମୋତେ ଆଚ୍ଛନ୍ନ କରି ରଖୁ,
ବିଭୋର କରୁ,
କବିତା ସରିଲା ବେଳକୁ ତୁ
ମୋ ଛାତିରେ ବସା ବାନ୍ଧି ସାରିଥାଉ ।

ତୁ ଯାଇଚୁ,ଘରୁ ପଦାକୁ
ଶୀତ ସହ ଶୀତ ହେଇ
ଖରା ସହ ମିତ ହେଇ
ଧୂମ ଦୌଡ଼ିଚୁ ।

ଯୋଉଠି ଅଟକିଚୁ
ତୋ ପାଦତଳୁ ମାଟି ଧସୁ ଧସୁ
ଯୋଉ ଜଣକ ତୋ' ପାଖରେ ଥିଲା
ସେଇ ଜଣକ ହେଉଚି ମୁଁ ।

ତୋତେ ଜାଣିବାର ତିନି ଯୁଗ ଏବେ
ତଥାପି ମନକଥା କହିପାରିନି କେବେ ।

ଭଲପାଇବା ମାନେ କ'ଣ କି ?
କହିବି କହିବି ହେଇ
କହିପାରୁନଥିବ,
ଚୁପ ଚାପ୍ ନିଜ ଭିତରେ
ନିଜେ ଖାଲି ହଜିଯାଉଥିବ
ଏୟା ତ ।

ଏବେ ନିଜ ଉପରୁ ତୁଟି ଚାଲିଛି ବିଶ୍ୱାସ
କାଲେ,ଆଜି କି ଆସନ୍ତାକାଲି
ବନ୍ଦ ହୋଇପାରେ ନିଃଶ୍ୱାସ,
ତେଣୁ
ଥରେ ମାତ୍ର,
ମାତ୍ର ଥରେ କହିଦେବି କି ମନକଥା
ମୋର ?
ଖୁବ୍ ଭଲ ପାଏଁ ତୋତେ !।

ପାଗଳକୁ କେହି କେବେ
ମାରେ କି ପଥର ?
ଏ ପାଗଳ !
ଏଣିକି ମୋତେ ମାରୁଛୁ ମାର
ତାରୁଛୁ ତାର,
ତୋ ପାଖେ ସଅଁପିଦେଲି ଜନ୍ମ ମୃତ୍ୟୁ
ସବୁତକ ମୋର ।

ଜୁନାଗଡ଼,କଳାହାଣ୍ଡି



# ଏମିତି କିଛି

ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

ଜୀବନ ରେଳଗାଡ଼ି ରେ
ଦୁଃଖର ବଗି ପୂରି ପୂରି ଚାଲିଛି
ସୁଖ ଧସେଇ ପସେ
ଦୁଃଖ ଦେହେ ଘସି ହେଲା ବେଳେ
ସୁଖ ସବୁ ଆହାଃ କେତେ ଅସହାୟ ।

ପାଦ ଟଳମଳ
ଆଖି ହଳକ ଖୁବ୍ ଛଳଛଳ
ଛାତିର କୋହ ଠାରୁ
ବଳି ପଡୁଛି
ଦୁନିଆର ମୋହ ।

ଚହଲା ପାଣିରେ
ମୋ ଶୁଖିଲା ମୁହଁକୁ ଦେଖିଲା ବେଳେ
ମୁହଁ ଯୋଡିଏ ଭାରି ତାଜା ଦିଶେ
ମୋ ମନ ମରୁଭୂମିରେ
ସଂପର୍କ ର ଫୁଲ ଫୁଟି
ଆପଣାପଣର ବାସ ଚହଟେ ।

ସ୍ୱପ୍ନ ଫୁଲ ଗଛରେ
ବିଶ୍ୱାସର କଢି ଛନଛନ ହୁଏ
ବିଶ୍ୱାସ ଭାଙ୍ଗେ
କି ସ୍ୱପ୍ନ ଭାଙ୍ଗେ କେଜାଣି
କିନ୍ତୁ ମନର ଶ୍ମଶାନରେ ଜୁଇ ଜଳେ ।

ଦୁନିଆ ଆଖିରେ
କଳା ଚଷମା ପିନ୍ଧାଇ ପାରିଲେ
ମିଛ ବି ମାଳା ପିନ୍ଧେ
ତା ପ୍ଲାଷ୍ଟିକ ତୋଡାର ଫୁଲ
ବାସି ହୁଏନି ସିନା
କିନ୍ତୁ ବାସ ଚହଟାଇବା
କଣ ସମ୍ଭବ ।

ସାହାସପୁର, ଜେନାପୁର, ଯାଜପୁର

# କାଶତଣ୍ଡି ହସେ କିରି କିରି

ଦୀନବଂଧୁ ବେଜ



କାଶତଣ୍ଡି ଫୁଲ ମୁକୁତା ଝରି,
ଟପ ଟପ ପାଣି ମାଣିକ ପରି ଓ
ପବନେ ପବନେ ସ୍ୱର ମେଳାଇ,
ସଙ୍ଗୀତ ମୂର୍ଚ୍ଛନା ତୋଳୁଛି ଗାଇ ।

ଫୁଲରେ ଫୁଲରେ ପ୍ରତୟ ଭରି,
କାଶତଣ୍ଡି ହସେ କିରି କିରି ।
କେତେ କବିବର ବିମୁଗ୍ଧ ହୋଇ,
କବିତା କୋଣାର୍କ ଦ୍ୟନ୍ତି ଭିଆଇ ।

ଧିର ସମୀରଣେ ତାହାର ନୃତ୍ୟ,
ପ୍ରଫୁଲ୍ଲିତ ହୁଏ ଯେ ଭାରାକ୍ରାନ୍ତ ।
ହାତଠରା ଡ଼ାକ ତା ଆକର୍ଷିତ
କରିବ କି ଯୋଗ ବିଭୂ ସହିତ ।

ହା ହତାଶ ର ଏହି ସଂସାର,
ଘରେ ଘରେ ଶୁଭେ ଅଶାନ୍ତ ସ୍ୱର ।
କାଣିଚାଏ ଶାନ୍ତି ପାଇବା ପାଇଁ,
କାଶତଣ୍ଡି ସାଥେ ମିତ୍ର ବସଇ ।

ଶାନ୍ତି ବିରାଜିତ ସଂସାରେ ହୁଏ
ମାଁ ପାଦ ଦେବେ ମର୍ତ୍ତ୍ୟ ଭୂଇଁରେ
ବନ ଉପବନ ଶୋଭା ଅନନ୍ୟ
କାଶତଣ୍ଡି କରେ ଖୁସି ବର୍ଷଣ ।

ମାଲକାନଗିରି, ଓଡ଼ିଶା



# ବିଚିତ୍ର ରାଗିଣୀ

ରାଜେଶ ଚନ୍ଦ୍ର ପ୍ରଧାନ

ବିଚିତ୍ର କାନଭାସର
ଆଖିଠାର ହୃଦୟ
ଭରା ଲାଳାୟିତ
ସପ୍ରେମ ରାଗିଣୀ,

ତୁମେ ସେପାଖରେ
ଚାହିଁଥାଅ ନିସ୍ତବ୍ଧ
ଅନ୍ଧାରୁଆ ପଥର
ଫାଙ୍କରେ।

ମାଘମେଳା ଖଣ୍ଡଗିରିର
ଶୀତୁଆ ରାତିର
ତତଲା ପଥର
ନିବିଡ଼ ଗୁମ୍ଫାରେ,

ସୁନେଲି ମୁଖର ଚିକ୍
ମିକ୍ ଆଲୋକରେ
ଫୁଟି ଉଠୁଥିଲା ରୁଦ୍ଧ
ବଳୟର କଳା କାନ୍ଥ।

ସମ୍ଭାବନା କେତେକ
ରଚନା ମଧ୍ୟ ବାଧ୍ୟ
କରୁଥିଲା ଆଙ୍କିବାକୁ
କାଗଜରେ,

ଶତ ପୁଷ୍ପାଞ୍ଜଳି କର
ପ୍ରସାରିତ ହୋଇଥିଲା
ଲଜ୍ଜିତ ତୁମସମ୍ମୁଖରେ।

ମହ୍ଲାର ଖୋଦିତଥିଲା
ଭୂମି ସ୍ପର୍ଶ ସୁକୋମଳ
ଭରା ପଦାଙ୍ଗୁଳିପରେ,

ହତବାକ କରୁଥିଲା
ଅଲଭ୍ୟ ଆକାଂକ୍ଷାର
ଅତୃପ୍ତ ହୃଦୟ ମୋର।

ଏମ୍ସ ନଗର, ଭୁବନେଶ୍ୱର

# କବିତା ଲେଖୁଥିବା ଝିଅ

ଡକ୍ଟର ଜ୍ୟୋସ୍ନାରାଣୀ କର



ତା ହସରେ ତୁମେ ଖୋଜନି ତାର ଖୁସିର ଗଭୀରତା
ସେ ଲୁହ ଲୁଚେଇ ମୁରୁକି ହସିବା ଜାଣେ।
ତା ମୁହଁକୁ ଦେଖି ଅନ୍ୱେଷଣ କରନି ତାର ଅନ୍ତରର ଆଲୋକକୁ
ସେ ସଜେଇ ଦେଇ ସଭିଙ୍କ ଜୀବନକୁ ନିଜ ପାଇଁ
ରଖେ ବହଳେ ଅନ୍ଧାର ।
ତା କଥାରୁ ତୁମେ ଭାବନି ତାର ଅନ୍ତରର ଅଭେଦ୍ୟପଣ
ସେ ଖିଲି ଖିଲି ହସ ଦେଇ ସଜାଏ ଜୀବନର ପରିମିତି ।
କେଉଁ ଉପାଦାନରେ ସେ ଗଠିତ, ତୁମେ ଖୋଜନି
ସେ ପ୍ରସରି ରହିଥାଏ ସବୁଠି ନିରିମାଖୀ ନରମପଣରେ।
?ଦେଇ ଦେଇ ସେ ସ୍ୱୟଂ ସଂପୂର୍ଣ୍ଣା,ଈଶ୍ୱରୀ କାହା ହୃଦୟରେ
କେଉଁ ରାଇଜରେ ଖୋଜୁଛ ତାକୁ,ସେ ତୁମ ଚଉପାଶେ ନିରନ୍ତର।
ସାଂସାରିକ ମାୟାର ବନ୍ଧନରେ ପାଇବନି ତାକୁ
ସେ ଧାରଣ କରିଛି ନିର୍ବିକାର ଗୈରିକ ସଂସ୍ଥିତି।
ଦୁଃଖର ଅତଳ ନିବିଡତାକୁ,ସେ ଫୁ କରି ଉଡେଇ ଦିଏ
ସ୍ୱପ୍ନମଖା ଆଖିରେ ସେ ଫୁଟେଇ ପାରେ , ନିବିଷ୍ଟ ଆବେଗ।
ଅଶାନ୍ତ ତଟିନୀ ପରି ତାକୁ ଶୋକଦାୟିନୀ ମଣନି
ସେ ସରସୀର ସ୍ଥିର ଜଳ ପରି ଭରିଦେବ ଅପୂର୍ବ ରମଣୀୟତା।
କାରୁଣ୍ୟର କରାଳ କାଳିମାରେ ତାକୁ ଖୋଜନି
ସେ ପୁଲକିତ କରେ ସସାଗରା ଧରା ତାର ତଲ୍ଲୀନପଣରେ।
କାହାର ଭାବନାରେ ସିକ୍ତ ତାର ଅନ୍ତର,ସେ କଥା ଭାବନି
ସେ ସାତ ତାଳ ପଙ୍କ ସୁନା ଫରୁଆରେ ସାଇତିଛି ପ୍ରିୟଜନକୁ।
ତାକୁ ଲୁହର ଶ୍ରାବଣରେ ଭିଜେଇବ ଭାବିଛ କି
ସେ ଆତ୍ମସ୍ଥ କରି ବେଦନାକୁ ଝରେଇ ଦେବ କଲମ ମୁନରେ ।
ସେ କବିତା ଲେଖୁଥିବା ଝିଅ,ହୃଦୟ ପଢିପାରେ
ତୁମ ଅଣଦେଖା ନିଷ୍ପାର ପ୍ରତିଉତ୍ତର ,ଦିଏ ଅକୁଣ୍ଠ ସ୍ନେହରେ।
କୋଳେଇ ନେଲେ ତାକୁ ଅନନ୍ୟ ପ୍ରୀତି ଧାରାରେ
ନିର୍ବାଣ ମୋକ୍ଷର ପଥ ଛାଡି, ଚିରକାଳ ବନ୍ଦୀ ତୁମଠାରେ।

ସହକାରୀ ଅଧ୍ୟାପିକା, ଓଡିଆ ବିଭାଗ, ମଡେଲ ଡିଗ୍ରୀ
କଲେଜ, ନୟାଗଡ଼



# ମୁହୂର୍ତ୍ତେ

ଡଃ ସୁଲଗ୍ନା କର

କିଛି କ୍ଷଣ ଆବେଗରେ ଦେଖ
ପତ୍ର କଁଅଳେ ଓ ଝଡିକି ଉଡିଯାଏ
ମୁହୂର୍ତ୍ତରେ ଅଗ୍ନିର ତେଜ ଜାଳିଦିଏ
ଆତତାୟୀ ବି ପ୍ରେମିକ ପାଲଟିଯାଏ
ଲୁହାପରି ଦୃଢ ଅଂହକାର
ଝଡ ବତାସ ଓ ମୃଦୁ ଭୂମିକମ୍ପରେ
ହୋଇଯାଏ ଚୁରମାର। ମୁହୂର୍ତ୍ତେ
ସୂର୍ଯ୍ୟର ଧାସରେ ଶୁଖିଯାଏ ନଈର ଓଠ
ଓ କିଛି ସମୟ ଭିତରେ ନଈ ବାଲିପଠା ହୁଏ
ଚରାଭୂଇଁ।
ମୁହୂର୍ତ୍ତକ ଭିତରେ ଜୀବନର ପ୍ରାଣ
ଛାଡି ଚାଲିଯାଏ ଦେହ ଛାଡି
ମୁହୂର୍ତ୍ତ କ ଭିତରେ ଆବେଗର ଧୂପ
ବାସ୍ନାୟିତ କରିଦିଏ ସମଗ୍ର ଜନ୍ମକୁ।
ମୁହୂର୍ତ୍ତ ଭିତରେ ଧୂଳିସାତ ହୁଏ
ଯୁଦ୍ଧ ପାଇଁ ଜୀବନ
ଆସ ସମଗ୍ର ବିଶ୍ୱବାସୀ ମୁହୂର୍ତ୍ତକ
ପାଇଁ ପ୍ରାର୍ଥନା
କରିବା ଶାନ୍ତି, ସୁଖ ଓ ମୈତ୍ରୀ ପାଇଁ ଜୀବନ।

# ବର୍ଷା ରାଣୀର ଚିଠି

ଇଂ.ପ୍ରଦୀପ ଷଡ଼ଙ୍ଗୀ



ଚିଠିଟିଏ ଦେଇଛି ମୋ ବର୍ଷାରାଣୀ
ରଙ୍ଗିନ ମୁଦା ଲଫାଫା
ରଙ୍ଗିନ ସାହିରେ ଲେଖା
ଝୋଟି - ଚିତ୍ର ମିଶା ରୋମାଞ୍ଚ ଖଣି ॥

ଆଣିଚି ସାଗର ଠାରୁ ନୀଳ ଉଧାର
ରୁପା ଶ୍ୱେତ ଦେଇ ଅଛି ମେଘ ସକାଳ
ନାଲି ମିଶା କୃଷ୍ଣ ମୁଠେ ଅପରାହ୍ନର
ଘନ କଳା ଆଞ୍ଜୁଳାଟି ମାଛି ସଂଜର;
ଚିଠିଟି ମୋପାଇଁ ଏବେ ଅମୂଲ୍ୟ ମଣି ॥

କଅଁଳ କାଶତଣ୍ଡୀ ଲେଖି ଠିକଣା
ସାଧବ ବୋହୂ ଜାଣିଚି ମୋର ଠିକଣା
ସବୁଜ ଦୂବବାଟରେ ଆସିଛି ଚାଲି
ମୋ ପ୍ରିୟ ବାର୍ତ୍ତା ଦେଲା ନ କରି ଡେରି;
ପ୍ରତିଟି ଅକ୍ଷର ମୋତେ କରିଛି ଧନୀ ॥

ଲୋଚାପଡ଼ା, ବ୍ରହ୍ମପୁର -୧.
ପିନ୍-୭୬୦୦୦୧



# ଉପପାଦ୍ୟ

ଡ.ଗୋପାଳକୃଷ୍ଣ ଆଚାର୍ଯ୍ୟ

ଅବନାବନରେ ବୁଲୁଚି ବାବଦୁକ
ହାତରେ ଅଚଞ୍ଚାକଣି
କାତିରେ ଧାର କରୁକରୁ
ଲହୁଲୁହାଣ କହୁଣୀ,
ମସ୍ତଲମ୍ଭ ଜିଭରେ ପୋଛି ଆଣୁଚି
ଓଠ ଚାରିପଟର ଯାବତ ଲବଣ ଦ୍ରବଣ,
ଖୀରସର ଦହିଲହୁଣି।
ବନସ୍ତରେ କାକୁସ୍ଥ ହରିଣୀ
ଏଣୀ ଗର୍ଭବତୀ
କ୍ଷୁଧିତ ଶାର୍ଦ୍ଦୁଳର ରକ୍ତିମ ଆଖି
ଜଣାନାହିଁ ଅକସ୍ମାତ ଦେବ ଝାମ୍ପି,
ଅନଉଁ ଅନଉଁ ଅମାରାତି।
ବାବଦୁକ ଓଳଉଚି କଣି
ଅସଜ ଦକ୍ଷିଣହସ୍ତରେ
କାକ ବସିଚି କାନ୍ଧରେ
ଆଗେ ଆଗେ ଏକୁଟିଆ ବଣି,
ସବୁ ସତ କହେ ବୋଲି ସେ କାକ
ମିଛ କହିଲେ ଖୁମ୍ପି ଦେବ ନାକ
କାକର ସେଲାଗି କୃଷ୍ଣଭେକ,
ସବୁ କୃଷ୍ଣଠିଁ ଅଙ୍କ ନହେଲେ ଆତଙ୍କ।
ସେମାନେ ପଟୁଆରରେ ଆସିଲେ
ଛପିଗଲା ବାବଦୁକ,
ସେମାନେ ଟଙ୍କାରିଲେ କାର୍ମୁକ
ଧୂଆଁଧୂମାଳ ହେଲା ଭୂଲୋକ
ଖାଲି ଶୁଭୁଥିଲା ସୁନାରୀର ନାଗେଶ୍ୱରୀ ଫୁଙ୍କ,
ଅବିଚଳିତ ସ୍କନ୍ଧସ୍ଥିତ କାକ।
ପାଦପମଣ୍ଡଳି ଏବକୁ ଅସ୍ତବ୍ୟସ୍ତ
ହୁତୁହୁତୁ ପ୍ରଜ୍ୱଳିତ ପାବକ
ପବନର ଗତି ପ୍ରତିକୂଳ
ଶାର୍ଦ୍ଦୁଳର ଭୟଙ୍କର ମନସ୍ତାପ।
ମୁଁ ଛପିଥିଲି ପତ୍ରର ପ୍ରଶିରାରେ
ଛିଦ୍ରବିଛିଦ୍ରରେ ବିଦ୍ରୁମଟିଏ ପରି
ମୋତେ ମଧୁ ରତ ବାତ ଦେଇ
ଲେଉଟାଣି ମାଗିବାର ଥିଲା ମହୋଦଧୀ
ସେଇଠୁଁ ବରୁଣପୁର ଦେଇ
କୁବେରଭଣ୍ଡାରଯାଏ ଧାଇଁଥାନ୍ତି ନିରବଧି
ସମାନ୍ତର ସ୍ୱର୍ଣଯାଏ।।

ସହକାରୀ ପ୍ରୋଫେସର, ଓଡ଼ିଆ, ଷ୍ଟେଜ୍-୩, ରମାଦେବୀ
ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର



# ପାର୍ବଣ ଋତୁ

ପ୍ରତିମା ମେହେର

ଏଇ ତଟିନୀ କୂଳେ
ତୁମରି ଜନ୍ମ !
ଦୋହଲୁ ଥିବା ତୁମ ଯୌବନ ର
ଶୁଭ୍ର ରଙ୍ଗରେ ଚମକିଯାଏ
ପ୍ରେମିକ ର ଚଗଲା ମନ
ଦେଖୁନ କିଏ ଭରିଦେଲା ଏତେ ରଙ୍ଗ
ଫଗୁଣ ବିନା ଝରେ,
ଏ'ପ୍ରେମ ରଙ୍ଗ !
କଥା ରଖି ଆଜି ପୁଷ୍ପିତ ତୁମେ,
ଶରତ ର ଅଗଣାରେ
ନିର୍ମଳ ଆକାଶେ ଉଭା ଜହ୍ନ ତାରା
ଢାଳନ୍ତି ଜ୍ୟୋସ୍ନା ତୁମ ଦେହ ପରେ
କି ସୁନ୍ଦର ତୁମେ କୋମଳାଙ୍ଗୀ !
ଲାଜରେ ନଇଁ ନଇଁ,
କରୁଛ ପ୍ରଣିପାତ, ହଜିଲା ସାଥୀକୁ
ବାଜିଲାଣି ଶୁଭ ଶଙ୍ଖ
ଉଡିଲେଣି ଶଙ୍ଖ ଚିଲ
ଅସ୍ତଗାମୀ ସୂର୍ଯ୍ୟ ଢଳେ ପଶ୍ଚିମାକାଶେ,
ଆସିବେକି ଦେବୀ ସତେ !
ସଗର୍ବେ ଓହ୍ଲାଇ, ମର୍ତ୍ତ୍ୟ ଭୁବନେ
ହେ କାଶତଣ୍ଡୀ !
ପ୍ରାରମ୍ଭିକ, ତୁମ ଆଗମନ
ସୂଚାଉଛି ଆଗତ ପାର୍ବଣ ଋତୁ
ମହ ମହ ବାସ୍ନାରେ ବାସିବ ଚଉଦିଗ
ସଜବାଜ ଶ୍ରେଷ୍ଠ ଶିଳ୍ପୀ ଗଣ
ଆଜି ପବନ ବି ଆନମନା !
ଅଙ୍କେ ତାର ଖେଳିବ ଦୋଳି
ତୁମ ସତେଜ ଧୋବ ଫରଫର
ପଣତକାନିରେ ପ୍ରଣୟ'ର
ଅଜସ୍ର ଚୁମ୍ବନ !
ଋତୁ ଫେରିଛି, ଫେରିଛି ଅତୀତ !
ଗାଉଛି ତୁମ ପ୍ରେମ ଗାଥା
ତୁମ ତ୍ୟାଗ, ମହାନତା
ଅଧୁରା କାହାଣୀ ତୁମ, ଶୁଭୁଛି
ପ୍ରତିଟି ହୃଦୟେ,
କୋଳେଇ ନେବ ଥରେ
ମୁଠାଏ ବୋଲିଦେବ ସ୍ନେହ, ସୋହାଗ
କାଶତଣ୍ଡୀ ର କୋମଳ ତନୁରେ
ଏଇ ସେଇ ପ୍ରେମ ଋତୁ
ପାର୍ବଣ ଋତୁ !!

ପାଟଣାଗଡ଼ ,ବଲାଙ୍ଗୀର

# ଭଗବାନ ଉବାଚ

ସରୋଜ କୁମାର ପଣ୍ଡା

ବସିଛି ମଉନେ ଦେଖନ୍ତି ସଭିଏ
ଆସ୍ଥାନେ ପକାଇ ଡେରା
ଅନ୍ତର ନୟନେ ସବୁକିଛି ଜାଣେ
କେହି ନୁହନ୍ତି ଅଫେରା ।

ମୂଲ୍ୟାୟନ ଏଠି କରୁଅଛି ବସି
କିଏ କରୁଛି କି କର୍ମ ?
କର୍ମ ଜାଣି ଫଳ ପାଇବେ ଅବଶ୍ୟ
ଏ ପରା ମୋରି ଲିଖନ।

କେବେ ଦେଇ ନେତ୍ରେ ଶ୍ରାବଣର ଧାରା
ଧୋଇଦିଏଁ ପାପ ଅନ୍ତରୁ
କେବେ ଦିଏ ପୁଣି ବସନ୍ତ ମଳୟ
ଆନନ୍ଦେ ବିଭୋର ହେବାକୁ ।

କୃଷ୍ଣଚୂଡ଼ା ରଙ୍ଗେ ସଜେଇ ଦେଇଛି
ପ୍ରକୃତି ରଣୀଙ୍କୁ ମୋର
ଉପଭୋଗ ଉପଭୋଗ୍ୟ ମୁଁ ଦେଇଛି
ନିଜେ ନିଜକୁ ବିଚାର।

ଭଲ ବି ଦେଇଛି ମନ୍ଦ ବି ଦେଇଛି
ଦେଇଛି ବୁଦ୍ଧି ବିବେକ
ଯେ କର୍ମ କରିବ ସେ ଫଳ ପାଇବ
ଏହା ଅଟେ ଧ୍ରୁବ ସତ୍ୟ।

ଧର୍ମଗଡ଼,କଳାହାଣ୍ଡି

# ଅପମିଶ୍ରଣ

ଅଜିତ କୁମାର ମଲ୍ଲିକ

ଗୋଲ ମରିଚ ଟା ଭାରି ଉପକାରି
ଦୂର କରିଥାଏ ପେଟ ବେମାରି
ଭାବିଲି ଭଲ ହେବ ଲଗେଇଲେ ଏହାରଗଛ..
ମଞ୍ଜି ପୋତିଦେଇ ପାଣି ଦେଉଥିଲି ଧାଡିରେ.
କେଡେ ଖୁସି ହେଉଥିଲି ଗଛ ହେବ ଆମବାଡ଼ିରେ
ଏଠି ସବୁ ଡୁପ୍ଲିକେଟ ଆଉ ମିଛ..
ଗୋଲମରିଚ ବଦଳରେ ହେଲା ଅମୃତଭଣ୍ଡା ଗଛ..

ଜଣା ଶୁଣା ସେ ବୀର
ମଝିରେ ମଝିରେ ଦେଖାଏ ଚମତ୍କାର
ବକ୍ସିଙ୍ଗ ଫାଇଟିଙ୍ଗ ସବୁ ଥିରେ ଧୁରନ୍ଧର
ହୋଇଥିଲା ସେ ଭୁଜୁଗୁଳିଆ ମୋଟା
ଏବେ ଖବର ମିଳିଛି ହସ୍ପିଟାଲରେ ପଡିଛି
ଖାଇକି ଡୁପ୍ଲିକେଟ ଅଟା...

ନାଲମଲ୍ଲିକ ପାଟଣା, ମଙ୍ଗଳପୁର





## ଖୋଜନି ଆଉ

ସୁଶାନ୍ତ ଦାସ

ମୋତେ କେହି ଖୋଜନି ଆଉ
ତୁମ ଲୋଡିବା ପଣର ସେପଟେ ମୁଁ
ଖୋଜାପଡିବା ଭଳି ପରିଚୟ
ହଜେଇ ଦେଇଚି କେବେଠୁ

ମୁଁ ତ' ପାର ହେଇ ସାରିଲିଣି
ତେର ନଈ, ଡେଇଁ ଆସିଲିଣି
ଚିହ୍ନା ଛକ, ଛକର ଆଲୁଅ ଖୁଣ୍ଟି,
ଖୁଣ୍ଟିର ଟିମ ଟିମ ଆଖିମରା, ଆଖିରୁ
ବତୁରି ପଡୁଥିବା ବର୍ଷା ବୁନ୍ଦା
ବୁନ୍ଦାରେ ପହଁରି ପଡୁଥିବା ସମୟ
ଛାଡି ଆସିଲିଣି ପଛରେ

କିଏ ଏବେ ଭୁଲେଇ ଦେଲାଣି ମୋତେ
ମୋ'ଠୁ, ମତେ ଡାକ ନିବିଡ଼ପଣରେ
ଓ' କରିବିନି କି ଧାଇଁ ଯିବିନି ସରାଗରେ

ବରଂ ପଛ କରି ଠିଆହୁଅ
ଆଡେଇହେଇ ଚାଲିଯାଅ ମୋ
ଯିବା ବାଟରେ, ଦୋ ଦୋ ଚିହ୍ନା ହୁଅ
ଯାଅ ଯାଅ, ଡାକନି , ଲୋଡନି କି
ଖୋଜନି ଆଉ
ତୁମ ଖୋଜିବା ଠେଇଁ ନାହିଁ ମୁଁ

**୧୦୧, ହରିବନ୍ଧୁ ଆପାର୍ଟମେଣ୍ଟ,**
**ଜୟଦୁର୍ଗା ନଗର, ବ୍ରହ୍ମପୁର**



## ଅଗତ୍ୟା

ଅପରାଜିତା ତ୍ରିପାଠୀ

ପଥିକ !
ଭୁଲ ବଶତଃ ଏତେ ବାଟ ଚାଲି ଆସିଲ ନା
ପ୍ରତିପାଦ ଆଗକୁ ଥାପିଲାବେଳେ
ତୁମେ କିଛି ଭାବୁଥିଲ ତ ନିଶ୍ଚୟ ।

ଲକ୍ଷ୍ୟ ସ୍ଥଳରେ ପହ□ିବାର ନକ୍ସା
ତୁମ ହାତରେ ଥିଲା ଅବା
କେବଳ ମସ୍ତିଷ୍କର ପୃଷ୍ଠା ଓଲଟାଉଥିଲ
କେଉଁ ଏକ ଅସ୍ୱଷ୍ଟରୁ ଅସ୍ୱଷ୍ଟତର
ନକ୍ସାର ସନ୍ଧାନରେ ।

ଏବର ଏ ରାସ୍ତା ସବୁ ଦରଚିହ୍ନାନୁହଁ
ନିହାତି ଅଚିହ୍ନା ।
ହୁଏତ ସେ ମ୍ରିୟମାଣ ନକ୍ସାରୁ ଟିକେ
ଭୁଲ୍ ବୁଝାମଣା ।

ଦେଖ ! ଅନତି ଦୂରର ସେ ସଜ୍ଜିତ ତୋରଣ
ହୁଏତ ତା' ପଛରେ ଥାଇପାରେ ଏକ ଅନ୍ଧାରୀ ମୂଲକ
ବେଳଗଡ଼ିଯାଉଛି ଯେ
ଆଉ ତୁମେ ନୁହେଁ ଅପରିଣାମଦର୍ଶୀ ଅଭିମନ୍ୟୁ
ଯେ ଜାଣି ଜାରି ପ୍ରବେଶିବ ଚକ୍ରବ୍ୟୂହ
ତୁମକୁ ଯେହେତୁ ଜଣା ଏହିଠାରୁ ଫେରିବାର ବାଟ
ତେଣୁ ଫେରିବାକୁ ହେବ
ଅନ୍ତତଃ ବେଳ ଗଡ଼ିଯିବା ପୂର୍ବରୁ

୭୦୦୮୭୪୨୯୭୨ (ମୋ)



# ବିବର୍ତ୍ତନ

ପ୍ରମୋଦ ଚନ୍ଦ୍ର ଛତ୍ରିଆ

ଦିନ ପରେ ଦିନ, ମାସ ପରେ ମାସ
ବର୍ଷ ପରେ ବର୍ଷ, ଶତାବ୍ଦୀ ପରେ ଶତାବ୍ଦୀ
ବଦଳି ଚାଲିଛି ଘଟାଇ ବିବର୍ତ୍ତନବାଦର ଝଙ୍କାର।

ବିବର୍ତ୍ତନବାଦ !
କେତେବେଳେ ଜଳର ଜେଲିଠାରୁ
ଜୀବରେ ପରିବର୍ତ୍ତନତ
କେତେବେଳେ ମାଙ୍କଡଠାରୁ ମଣିଷ ।

ପୁଣି କେତେବେଳେ ଭୂମିକମ୍ପର ତାଣ୍ଡବ ଲୀଳାରେ
ପ୍ରାକୃତିକ ଜୀବନ ଯାପନ ବିପର୍ଯ୍ୟସ୍ତ,
ପୁଣି କେତେବେଳେ ସୁନାମିର ବିଧ୍ୱସ୍ତ କରାଳ ରୂପ,
ଆଉ କେବେପୁଣି ଅଦୃଶ୍ୟ ଭୂତାଣୁର କବଳରେ
ସାରା ଦୁନିଆ କବଳିତ ଓ ଆତଙ୍କିତ ।

କିନ୍ତୁ ଏ ସବୁ କାହିଁକି ?
କାହିଁକି ଏବେ ବାଜି ଉଠୁଛି
ଏକ ନିସ୍ତବ୍ଧ ଶତାବ୍ଦୀର ସ୍ୱର,
ବଦଳିଯାରେ ମଣିଷ ବଦଳି ଯା
କମ କର ତୋର ପ୍ରକୃତି ଉପରେ
ଅନାବଶ୍ୟକ ହସ୍ତକ୍ଷେପ
କମ କର ତୋର ପୃଥିବୀ କୁ ଖୋଳି ଖୋଳି
ଫମ୍ପା କରୁଥିବା ଅତ୍ୟାଚାର
ନହେଲେ ତୁ ନିଜେ ହିଁ ଦେଖିବୁ
ବିବର୍ତ୍ତନବାଦର
ଆଉ ଏକ ବିଭତ୍ସ କରାଳ ରୂପ ।

ଜୁନାଗଡ଼, କଳାହାଣ୍ଡି



# କଥାନ୍ତର

ଐଶ୍ୱର୍ଯ୍ୟା ପ୍ରଧାନ

ହାୟ
ମୋର ଫଟା କପାଳ !!

ସାଉଁଟି ଆଣିଲେ
ଖସି ଯାଉଛି ହାତରୁ ,
ଭୋକ,ଶୋଷ ଆଉ ଦରପୋଡ଼ା ମନ,
ନିସ୍ତେଜ ଆଖିରେ ସପନ ବି
ରହି ପାରୁନି ସାଇତା ହୋଇ,
ଅଭିମାନ କରିଛି ବୋଧେ !
ଏମିତି ବିବଶ ଜୀବନରେ ଆସିବିନି ବୋଲି ।

ଏ କୁହୁଳା ଚୁଲି....
ଏ କାଦୁଅ ପଚ୍ ପଚ୍ ରାସ୍ତା.....
ଭଙ୍ଗା ଦଦରା କୁଡିଆ .....
ଧରଣୀ ପେନୁ.......
ଆଉ ଏ ଅଭାବ ସବୁ ମୂକ ସାକ୍ଷୀ
ଯାଇ ଫେରୁଥିବା ଏ ନିଃଶ୍ୱାସ ଟିକକ
ଜୀବନର ସନ୍ତକ ଟିକକ ଯାହା
ଏତେ କଥା ତମେ କାହୁଁ ବୁଝିବ ଯେ ?

କେମିତି ବୁଝିବ ,
ଚିକ୍ ମିକ୍ ଆଲୁଅରେ ରହୁଥିବା ଲୋକ
ଅମାବାସ୍ୟାର କିଟ୍ ମିଟ୍ ରାତି କେମିତି ଲାଗେ ?
ତୁମ ଆଗରେ ଲାଗି ହେଉଥିବା
ମହମହ ଝୁଣା ଧୂପର ସୁଗନ୍ଧ ,
ଆଉ ଏ ଖଟିଖିଆ ଦେହର ଝାଳ ଗନ୍ଧ
ତୁମ ଶଂଖ ମଲମଲ ମହଲ
ଆଉ ଏ ଛିଣ୍ଡା ଦଦରା ଛପର ଘର
ତୁମ ଛଅ ନଅ ବ୍ୟଞ୍ଜନ
ଆଉ ଏ ବାସୀ ତୋରାଣି ମୁନ୍ଦିକ
ଏସବୁ ତୁଳନାର ଅନ୍ତ ନାହିଁ !!

ଆଉ
ଏତେ ଅନୁନୟ,ବିନୟ
ଶୁଣିବାକୁ ତୁମ ପାଖେ
ସମୟ ବା କାହିଁ ପ୍ରଭୁ !!

ପୋଷ୍ଟାଲ କଲୋନୀ, ଭବାନୀପାଟଣା, କଳାହାଣ୍ଡି



# ରେ ଜୀବନ

ସୁଶୀଲ କୁମାର ପାଣିଗ୍ରାହୀ

ଜୀବନ !
ମୋର ସବୁଠୁ ପ୍ରିୟ କବିତା
ଯେଉଁମାନେ ଭଲ ପାଆନ୍ତି ତୁମକୁ
ଉତ୍ସର୍ଗ କଲି ସେମାନଙ୍କୁ ।

ଭାରି ପାଦ ତଳେ
ଦଳି ମକଚି
ଜଳି ପୋଡି ଶୁଖି ଗଲାପରେ ବି
ଫୁଲ ଫୁଟାଇବାର ତୁମର ଅକ୍ଷତ
ଜିଦ୍ ଆଗରେ
ଏ ସଂସାର ନତମସ୍ତକ ଦୂର୍ବା !

ରେ ଜୀବନ
ସେତିକି ଭଲ ପାଇବାକୁ
ପୁଂଜି କର୍
ସ୍ୱପ୍ନ ଦେଖ୍,ମୂର୍ତ୍ତ କର୍
ଅସ୍ତ୍ର କର୍
ନିଜ ସହ ନିଜର ଲଢେଇରେ
ହୁଅ ଯୋଦ୍ଧା ।

ହେ ଜୀବନ !
ନିଆଁରେ ଜଳିପୋଡି ଯାଅ
ହେଲେ ନିଆଁ ହେବାକୁ ଚାହଁନା
ନିଆଁ ହୁଅନା

ନିର୍ଦ୍ଦୟ ପାଦମାନଙ୍କ ପାଇଁ
ପାଷାଣ କି କଣ୍ଟକଙ୍କ ଭ୍ରମିତ ଲକ୍ଷ୍ୟକୁ
ପାଥେୟ କରନା

ଉପାଡି ଫିଙ୍ଗି ଦେଇଥିବା
ନିଷ୍ଠୁର ହାତମାନଙ୍କୁ କହନା-
ବିଦାୟ ! ମୁଁ ପରାଜିତ
ସେମାନଙ୍କ ସହ ପୁଣି ବଂଚିବାକୁ
ସଳଖି ଠିଆ ହୁଅ
ରେ ଜୀବନ !
କବର ଉପରେ ଫୁଲ ଫୁଟାଇ
କହ ଛଅଫୁଟର ଗାତ ଭିତରର
ଅନ୍ଧାର ବିପକ୍ଷରେ ସତ୍ୟର
ଏ ଆଲୋକିତ ବିଜୟ ।

ନିଜେ ନିଜ ପରି ହେଇ ରୁହ
ହେ ଜୀବନ

ଯେତେବେଳେ ବି ଧୂଳି ଉଡେ
ଶିରାବଣରେ
ବସନ୍ତ ଝରାପତ୍ର ପରି
ଖରାର ନିଃଶ୍ୱାସରେ
ନିଜ ପ୍ରେମଗୀତ ଭୁଲେ
ଦେଖିଛ !
ଦୂର୍ବାଙ୍କ ପିଠି ଉପର ଉପର ଦେଇ
ଯୁଦ୍ଧଖୋର୍ ସଭ୍ୟତାର ଟ୍ୟାଙ୍କ
ମାଡି ମାଡି ଗଲେ ବି ଜୀଜିବିଷା
ଭୂଇଁ ଛାଡେନା

ସେମାନଙ୍କ ଛାତି ଭିତର ଦେଇ
ଅବାଟକୁ ବାଟ କହି
ଅନ୍ଧକାରର ଅନ୍ଧତ୍ୱକୁ ନିର୍ବିକଳ୍ପ ବୋଲି
ପ୍ରମାଣିତ କଲେ ବି
ଆଲୋକାନୁବର୍ତ୍ତୀ ହେଇରହିବା ଅଭ୍ୟାସ
ଅପରିବର୍ତ୍ତିତ ରହିଥାଏ
ଟିକିଏ ବି ଊଣା ହୁଏନି
ନିଜ ପ୍ରତି ଆସ୍ଥା
ନିଜ ଅନ୍ତରର ଉଜ୍ଜ୍ୱଳ ସୂର୍ଯ୍ୟୋଦୟର
ସଂଭାବନା ।

ହେ ଜୀବନ !
ମୋର ସବୁଠୁ ପ୍ରିୟ କବିତା
ତୁମେ ଏ ମାଟିର, ତା ପ୍ରୀତି ପ୍ରାଚୁର୍ଯ୍ୟର, ତା
ଅନନ୍ତ ମହକର, ଅନ୍ନବ୍ରହ୍ମକୁ ସମର୍ପିତ ତା
ଇଚ୍ଛାର...
ତୁମର ଅନାବିଳ ଭଲ ପାଇବା ପାଇଁ
ଅଛି ଭବିଷ୍ୟତ, ପୂର୍ବାଶାରେ ଝଙ୍କୃତ ଉଦୟ
ରାଗ
ଭବିଷ୍ୟତ ଆଡକୁ ସବୁ ବାଟ

ଉତ୍ସର୍ଗ ସେମାନଙ୍କୁ
ସେମାନଙ୍କ ବୁକୁ ପରି
ହେ ପ୍ରିୟ କବିତା ମୋର
ପ୍ରେମରେ ପୂରିଉଠ୍
ବହିଯା
ସବୁ ହୃଦୟକୁ
ଅମୃତ କଳସ ସମ
ଶୁଭମନାସ କର ।

କଲ୍ୟାଣୀ ରେସିଡ଼େନ୍ସି
ଫ୍ଲାଟ-୨୦୩
ଜଲାନ ଗଳି,ସମ୍ବଲପୁର-୨



# ନାରୀ

ଡାଃ ଚିତ୍ତ ରଞ୍ଜନ କୁଣ୍ଡୁ

ନାରୀ ତୁମେ ଦଶଭୂଜା ରୂପୀ
ଶକ୍ତି ସ୍ୱରୂପିଣୀ
ତୁମେ କାଳୀ କାତ୍ୟାୟନୀ ,
ଘୋର ଅମାବାସ୍ୟାର ଘନ ଅନ୍ଧକାର,
ବିଭତ୍ସ ଭୟ ଦାୟିନୀ ।
କେତେ ରୂପେ କଳନା ତୁମର
ଯେଉଁ ମାନବ ଦେବ ପରାଭୂତ ସର୍ବେ
ସେଠି ମୁକ୍ତି ଦାୟିନୀ, ଦିଗ ଦର୍ଶନୀ ବଳ ପରାକ୍ରମୀ ।

କିନ୍ତୁ ହାଏ
ଦେଖ ଥରେ ଅବଲୋକନ କରି
ନୁହଁ କି ତୁମେ ନିର୍ଯ୍ୟାତିତା ?
ଅନ୍ୟାୟ ସହିଚ କେତେ ବିନା ପ୍ରତିବାଦେ,
ନୁହେଁ କି ତୁମ ଦୁର୍ବଳତା ?

ହେ ମାତା ଜାନକୀ
ଅଯୋଧ୍ୟାବାସୀଙ୍କ ହୃଦୟ ବାସିନୀ,
ରଘୁକୁଳ ଉଭାସିନି ,
କି ଦୋଷ ଥିଲା ତୁମର
କାହିଁକି ହେଲ ବନବାସିନୀ ?
ବିତାଡ଼ିତ ହୋଇ ଆପଣା ନଗରୁ ।
ଭାବି କି ପାରୁଛ ସେହି ଦୟନୀୟ କଥା,
ସନ୍ତାନ ସମ୍ଭବା ନାରୀ
ହେଲ ବିତାଡ଼ିତା !
ନ୍ୟାୟ ମୂର୍ତ୍ତି ରାମଙ୍କ ନୁହେଁ କି ଏହା ଅବିଚାର ।

ହେ ଅହଲ୍ୟା, ପାତିବ୍ରତ୍ୟର ଜ୍ୱଳନ୍ତ ଉଦାହରଣ
ହେଲ ଛଳନାର ଶିକାର
ଜାଣି ନାହିଁ କି ଏହି କଥା
ଗୌତମ ମହର୍ଷି,
ପ୍ରାଣପତି ତୁମର ?
କାହିଁକି ହେଲ ଅଭିଶପ୍ତ ?
ତୁମ ପ୍ରସ୍ତର ରୂପ
ନୁହଁ କି ଏହା ଅନ୍ୟାୟର ପ୍ରତିରୂପ ?

ସେହିପରି ଚାରି ଦିଗେ ଆଜି
ଅସଂଖ୍ୟ ନୂଆ ନୂଆ
ଅଭୟା ନିର୍ଭୟା
ଯୁଗେ ଯୁଗେ ନାରୀ ପ୍ରତାରିତା ଧର୍ଷିତା ,
ସତେ ଯେମିତି ସତ୍ତାହୀନ
ସୁଅ ମୁହଁର ପତର !

ହେ ନାରୀ ଉଠ ଜାଗ
ନୁହଁ ତୁମେ ଅବଳା ନିର୍ବଳା
ତୁମ ଶକ୍ତିର କର ଆକଳନ,
ତେଜି ଦୁର୍ବଳ ଭାବ
ଧର ଅସ୍ତ୍ର, କର ପ୍ରତିବାଦ
ଶିଖ ପ୍ରତି ଆକ୍ରମଣ,
ତେବେ ହେବ ତୁମେ ସୁରକ୍ଷିତା
ଚାରି ଦିଗେ ବାଜି ଉଠୁ ଶଙ୍ଖଧ୍ୱନି ,
ସୁପ୍ତ ନାରୀ ଶକ୍ତି କର ଜାଗ୍ରତ,
ହୁଅ ଏକ, ହୁଅ ସଶକ୍ତ
କ୍ଷୀଣ ହେଲେ ବି ଅପମାନ, କର ତୀବ୍ର ପ୍ରତିବାଦ ।
ଭୁଲି ଯାଅ ସବୁ ଆଇନ୍ କାନୁନ୍
ତୁମେ ଘନ ଘୋର ବାଦଲର
ତୀବ୍ର ଅସନ୍ତୋଷ ।
ରକ୍ଷା କର ନିଜର ସ୍ୱାଭିମାନ,
ଆତ୍ମ ସମ୍ମାନ ।

ହେ ନାରୀ !
ଦଶଭୁଜା ଦଶ ଅସ୍ତ୍ର କର ଧାରଣ
ହେ କାଳୀ କାତ୍ୟାୟିନୀ
ନର ରକ୍ତେ ହୁଅ ଉନ୍ମାଦିନୀ
ଧର ଅସ୍ତ୍ର କର ରଣ
ନର ରୂପୀ ଦାନବର
ନିଜ ହସ୍ତେ କର ହେ ହନନ
ତେବେ ଯାଇ ଆପଣାକୁ ସୁରକ୍ଷିତ ମଣ ।

ବିଶାଖାପାଟଣା



# ଚିତ୍ରଲେଖା

ଶୁଭେନ୍ଦୁ ମେହେର

ସହର ରୁ ଅନେକ ଦୂରେ...... !
ଖାଲ ଖମା ର ପଥୁରିଆ ରାସ୍ତା ଦେଇ
ପାହାଡ଼ ସେ ପଟେ
ଚିତ୍ରଲେଖା ର ଗାଁ ।

ଚିତ୍ରଲେଖା....... !
ଯୌବନ ଢେଉରେ କୂଳ ଖାଉଥିବା
ପୂର୍ଣ୍ଣଗର୍ଭା ନଈଟିଏ ।
ସବୁଜ ଧାନ କ୍ଷେତରେ
ଖୁଣ୍ଟି ଖାଉଥିବା ଶାଗୁଆ ଶାରୀ ଟିଏ ।
ଆକାଶ ଭର୍ତ୍ତି ମେଘମାଳା କେବେ ତ !
ଅଙ୍କା ବଙ୍କା ହୋଇ
ପାହାଡ଼ ଦେହରୁ ଝରି ଯାଉଥିବା
ନିରୀହ ନିର୍ଝରିଣୀ ଟିଏ ।
ତା ରୂପ ଯୌବନ ଆଗରେ
ଆତ୍ମହତ୍ୟା କରନ୍ତି ସମଗ୍ର ପ୍ରକୃତି ।
ଦିଗବଳୟର ରଙ୍ଗୀନ ଇନ୍ଦ୍ରଧନୁ ବି
ଲାଜେଇ ଯାଏ ।
ବେଳେବେଳେ ତା ଚାରୁ ଚର୍ଚ୍ଚିତ
ଚିତ୍ରକକ୍ଷରେ
ଚୋରା ଚୈତାଳିର ମତିଭ୍ରମ ହୁଏ ।
ଚିତ୍ରଲେଖା.... !
ଶ୍ୟାମଳ ଅଙ୍ଗବସ୍ତ୍ରର
ପରିପାଟୀ ରେ ଶୋଭାପାଏ
କୋମଳ ତନୁରେ ତାର
ସୁଢଳ ଯୌବନ ଲହଡି ଭାଙ୍ଗେ ।
କଳାମେଘ ର ମତିଭ୍ରମ କରୁଥିବା
ତା ଘନ କେଶରାଶି ହୃଦୟ କିଣେ ।

ଚିତ୍ରଲେଖା,
ନିତି ଆସେ ତୁଠକୁ !
ସେଇ ଦୁର୍ଗମ ଅନାବନା ରାସ୍ତାରେ
ହଲି ଝୁଲି ।
ତାର ଆବର୍ତ୍ତନ ରେ
ଲବଙ୍ଗ ଦ୍ୱୀପର ମନ୍ଦ ମଳୟ
ଅଳସ ଭାଙ୍ଗେ
କଇଁ କଇଁ କାନ୍ଦେ
କାମନାର ଲୁବ୍ଧ ନୀଳକଇଁ
ମହ ମହ ମଧୁମାଳତୀର ଗଜରା ନାଇ
ଥରାଇ ଦିଏ ଜୁଆନ ଛାତି ।
ମାଟି ଶୀତଳ ହୁଏ
କମିଯାଏ ତାତି ।
ଆଲୁଅର ଆବେଗରେ
ଉଭାନ ହୁଏ ରାତି ।
ତା ସ୍ମୃତିକୁ ଖୋଜି ଖୋଜି
ବୁଲିଛି ମୁଁ ପାହାଡ଼ ଡଙ୍ଗର,
ଅନେକ ଖୋଜିଲା ପରେ
ଯେବେ ମୋତେ ଲାଗେ ଏକା ।
ପଥରେ ପଥରରେ
ଗଗନରେ ଆଉ ପବନରେ
ଅନୁଭବ କରିଛି ତା
ଯୌବନର ଦିଗବଳୟ ରେଖା
ରୂପ ଗୁଣେ ଅନନ୍ୟା ମୋ
ଚାରୁ ଚିତ୍ରଲେଖା ।।

ଯାଲୋଏ, ସୁବର୍ଣ୍ଣପୁର





# ପାଞ୍ଚଟି ସ୍ତବକ

ଭଗବାନ ପଣ୍ଡା ଭଗତ୍

୧ –

ମାଟି ଘଟ
ମାଟିରେ ମିଶିବ

ଘଟ ଛାଡି
ପକ୍ଷୀ ଫୁର୍‌...
ଅନନ୍ତ ଶୂନ୍ୟତା ଆଡ଼କୁ ,

ମାଟି
ମାଟିରେ ମିଶି
ମାଟି ହେବ

ମାଟିରୁ
ପୁଣି ସୃଜନ
ପୁଣି, ଜୀବନ ପକ୍ଷୀ
ଘଟକୁ ଫେରିବ !

୨ –

ଜୀବନରେ
ଏମିତି କିଛି କଥା ଥାଏ
ଯାହାକୁ
ଭୁଲି ଯିବାକୁ ହୁଏ,

ଏମିତି ବି କିଛି କଥା ଥାଏ
ଯାହାକୁ
ଭୁଲିବାକୁ ଯେତେ ବେଶି ଭାବିବ
ତା’ ସେତେ ବେଶି ମନେ ପଡୁଥାଏ !

୩–

ଟଙ୍କା ପଇସାକୁ
ଖର୍ଚ୍ଚ କଲା ପରି
ମୁଁ ଖର୍ଚ୍ଚ କରୁଛି
ମୋ’ର ଜୀବନକୁ

ଏବଂ କବିତା ରେ
ଶବ୍ଦ ମାନଙ୍କୁ ବି !

୪ –

ଲୁହର ନଈରେ
ଭାସୁଛି
ହୁଲି ଡଙ୍ଗା ପରି
ଦୁଇଟି ଆଖି,

କୋହର ତତଲା ଶିଖାରେ
ସିଝୁଛି
ଗୋଟେ ରକ୍ତ ଝରା ହୃଦୟ !

୫ –

ଏଠି
ମୋ’ର ବୋଲି
ଯୋର କରି କହିବାକୁ
କିଛି ନାହିଁ,

ତଳେ
ଦୁଇ ପାଦ ମାଟି
ଉପରେ
ଅରାଏ ଶୂନ୍ୟତା ବ୍ୟତିତ !

ଶୈଳକକ୍ଷ
ଶ୍ରୀମା ନଗର ପ୍ରଥମ ଗଳି
ଲୋଚାପଡା, ବ୍ରହ୍ମପୁର
ଗଞ୍ଜାମ ଜିଲ୍ଲା



# ମଞ୍ଚ କଇଦୀ

ସ୍ୱଦୀପ ପଟ୍ଟନାୟକ

ନିଖୋଜ ନାୟିକା !
ମଞ୍ଚରେ ନାୟକ ଏକା ଏକା
ନୀର ଭିଜା ନୟନର ନିରବତାରେ
ଛଟପଟ ହେଉଥାଏ ନାୟକ ମନର ପ୍ରଲମ୍ବିତ ଶୂନ୍ୟତା ।
ଭୂମିରୁ ଭୂମା ଯାଏଁ ଭାବନାର ଭିଡ଼
ସାମ୍ନାରେ ଗୁମୁରି କାନ୍ଦୁଛି ପ୍ରାଗଐତିହାସିକ ମୋଡ଼
ଅନ୍ତରଙ୍ଗ ଦୀର୍ଘଶ୍ୱାସରେ ଟୋପା ଟୋପା ରକ୍ତ ଛିଟା
ଏତେ ଆୟୋଜନ ପରେ ବି ନାୟକ ଆକ୍ତାମାକ୍ତା
ମଞ୍ଚର ଚାରିପାଖରେ ଅପରିଚିତଙ୍କ ହସ୍ତାକ୍ଷର
ବନ୍ଦ ଆଖିପତା ଭିତରେ ତରଙ୍ଗାୟିତ ଲହଡ଼ି ସମୁଦ୍ରର
ସକାଳର ଅପେକ୍ଷାରେ ଆର୍ଦ୍ର ରାତ୍ରୀର ମୁହୂର୍ତ୍ତ
ନିରବତାର ଘନୀଭୂତ ଲୁହରେ ବିସ୍ରସ୍ତ ସବୁ ମାନପତ୍ର
ପ୍ରତୀକ୍ଷା ବ୍ୟୂହର ଶୈତ୍ୟ ସଂଶୟରେ ନାୟକ ବନ୍ଦୀ

ପରଦା ଆଢୁଆଳରେ ନିଜକୁ ଦେଇ ସମାଧି ।
ଅମାପ ଦୁଃଖରେ ପରିପ୍ଳୁତ ପଞ୍ଜୁରି ଭିତରେ
ହାୟ କି ନିଷ୍ଠୁରତା !
ଭାଦ୍ରବର ନିଝୁମ ନୀରବ ଖରାବେଳ
ଅବା ଆଶ୍ୱିନର ଜୋଛନା ଆଉଟା ସଞ୍ଜବେଳ
ଅବା କାର୍ତ୍ତିକର ମୂରୁଜପକା ସକାଳ
କେଉଁଠୁ ଆସେ ଏତେ ଯାତନା !
କେଉଁଠୁ ଆସେ ଏତେ ଯନ୍ତ୍ରଣା !
ଏମିତି କେମିତି ଅସମୟରେ ମଉଳିପଡ଼େ
ସୁନେଲି ସମ୍ପର୍କର ଜହ୍ନରାତି

ତଥାପି.......
ଶୁଭ୍ର ବିରହର ବ୍ୟଥାରେ
ଆଦିମ ପିପାସିତ ଆବେଗରେ
ନିରିମାଖି ମନର ଓଦା ଓଦା ସମର୍ପିତ ପୌରୁଷପଣରେ
ନାୟକର ସନ୍ଧାନ ଥାଏ ଜାରି......
ନିଜକୁ ହଜେଇ ଦେବାକୁ
ନାୟିକାର ମେହେନ୍ଦିଲଗା ହାତର ଉଲ୍ଲସିତ ରେଖାରେ
ନାୟିକାର କୁଆଁରୀ ଇଚ୍ଛାରେ ଚିତ୍ରିତ ପଣତରେ
ନିଜକୁ ଅଟକେଇ ଦେବାକୁ........
ନାୟିକାର ପାଉଁଜିର ନିକ୍କଣ ଧ୍ୱନିରେ
ନିଜର ଆବେଗକୁ ରୋମାଞ୍ଚିତ କରିବାକୁ,
ତାରାମାନଙ୍କ ଟୁପୁରୁ ଟାପୁରୁ ସତ୍ତ୍ୱେ

ଏକ ନିବିଡ଼ ଆଲିଙ୍ଗନରେ ।
ହେଲେ ନା ପାହେ ରାତି
ନା ଦୂରୀଭୂତ ହୁଏ ଅନ୍ଧାର
ନା ସନ୍ଧାନ ମିଳେ ନାୟିକାର ।
ମିଛ ଆଶ୍ୱାସନାର ନୀଳନିମନ୍ତ୍ରଣ ଭିତରେ
କାନରେ ଗୁଞ୍ଜରିତ ହେଉଥିବା ଅସହାୟତାର ଶୋକଗୀତିରେ
ନାୟକର ଆଖିରୁ ଝରୁଥାଏ ଟୋପା ଟୋପା ଲୁହ ଧାର ।

ଚାନ୍ଦବାଲି, ଭଦ୍ରକ



# ରେବି ଫେରିଛି

ଶିବ ପ୍ରସାଦ ସାହୁ

ବ୍ୟାସେ ! ଚିହ୍ନିପାରୁଛ କି ମୋତେ
ମୁଁ ପରା ସେଇ ପାଟପୁରର ରେବି
ଯାହାର ଜୀବନେ
ତୁମେ ଲେଖିଥିଲ
ଦୁଃଖ, ଯନ୍ତ୍ରଣା ଆଉ ଅକାଳମୃତ୍ୟୁ ।

ଆଜି ମୁଁ ଫେରିଛି... ଖାଲି
ତୁମଠାରୁ ଜବାବ ମାଗିବା ପାଇଁ ।
କୁହ ବ୍ୟାସେ ।
କ'ଣ ବା ଭୁଲ ଥିଲା ମୋର
ମାତ୍ର ଦଶବର୍ଷ ବୟସରେ
ମୋତେ ତୁମେ ଦେଖେଇଲ
ମୃତ୍ୟୁର ଦ୍ୱାର ।

ପ୍ରଥମେ ଛଡ଼ାଇ ନେଲ ମା'କୁ ମୋର
ଉଠାଇନେଲ ମୋ ମୁଣ୍ଡରୁ
ହାତ ମୋ ମା'ର
ଆଶୀର୍ବାଦ , ସ୍ନେହମମତାର
ତୁମେ କ'ଣ ଏତେ ସ୍ୱାର୍ଥପର !
ଏତିକିରେ ବି ଭରିଲାନି ତୁମ ମନ
କଲବଲ କରି ମାରିବା ପାଇଁ
ଦୂର କରିଦେଲ ମୋ ଠରୁ
ବାପାକୁ ପ୍ରିୟ ବାସୁ ଭାଇକୁ
ଆଉ ଝୁରିଝୁରି ମୁଁ ମରିଗଲା ପରେ
ଆମ ଘର ଶୂନ୍ୟ କରି ମାରିଦେଲ
ମୋତେ ଗାଳି ଦେଉଥିବା ସେ ବୁଢ଼ୀକୁ ।

ବ୍ୟାସେ ! ଜାଣିଛ
ମୁଁ ଦେଖିଥିଲି ଅନେକ ସ୍ୱପ୍ନ
ପାଠ ପଢ଼ିବି, ବଡ଼ ମଣିଷ ହେବି
ଆଉ ମୋ ବାସୁଭାଇକୁ ବାହା ହେଇ
ନୂଆ ଏକ ସଂସାର ଗଢ଼ିବି ।

ହେଲେ ତୁମ ପାଇଁ
ମୋ ସବୁ ସ୍ୱପ୍ନ ସବୁଆଶା
ଭାଙ୍ଗିରୁଜି ଚୂନା ନେଇଗଲା
ମୋ ଦେହ ସିନା ମିଶିଗଲା ମାଟିରେ
ହେଲେ ଆତ୍ମା ଅତୃପ୍ତ ରହିଗଲା ।
କିନ୍ତୁ ଆଜି ମୁଁ ଫେରିଛି ବ୍ୟାସେ
ପୁନର୍ଜନ୍ମ ନେଇ
ହାତରେ କଲମ ଧରି
ନିଜର କାହାଣୀ
ନିଜେ ମୁଁ ଲେଖିବା ପାଇଁ ।

ହଁ ବ୍ୟାସେ, ଠିକ୍ ଶୁଣିଛ
ମୁଁ ଲେଖିବି ଆଉ ଏକ କାହାଣୀ
ଯେଉଁଠି ମୁଁ ପୂରଣ କରିବି
ମୋର ସବୁ ଆଶା ସବୁ ସ୍ୱପ୍ନ
ଆଉ ଭରି ରହିଥିବ
ଖାଲି ଖୁସି ଆଉ ଖୁସି ।

ନିଜର କାହାଣୀ ନିଜେ ମୁଁ ଲେଖିବି
ଯାହା ଅଧାଥିଲା ସେ ଜନମରେ
କ୍ଷମା କରିଦେବ ବ୍ୟାସେ
ଯଦି କଷ୍ଟ ଦେଇଥିବି ତୁମ ମନରେ ।

ଓଡ଼ିଶା ସ୍ନାତକ (ଦ୍ୱିତୀୟ ବର୍ଷ)
ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର



# ବୋଉ ମୋତେ ଡାକି ଲାଣି

ସତ୍ୟ ନାରାୟଣ ମଲ୍ଲିକ

ଆଜି କାଇଁ ବେଶି ଦୁଃଖ ମୋତେ ଭାରି
ଅଧିକ ଦେଇଛି ଛୁଇଁ
ମୋର ଛାତି ତଳେ କୋହ ଘର ତୋଳେ
ଗୁଣୁଗୁଣୁ ଗୀତ ଗାଇ ।

କାନ୍ଦି ବିନି ବୋଲି ମନକୁ ବୁଝାଏ
ଏ ମନ କୋଉ ବା ବୁଝେ
ଆଖିର ଏରୁଣ୍ଡି ବନ୍ଧ ଟପି ଗଲେ
ଲୁହରେ ହୃଦୟ ଭିଜେ ।

ରାଗ ଅଭିମାନ ମୋ ଅଳି ଅଝଟ
ଯା ' ପାଖରେ ମିଠା ଲାଗେ
ବୋଉଠୁ ଦୂରରେ ରହିଛି ବିଦେଶେ
ଓଠକୁ ହସ ମୁଁ ମାଗେ ।

ଓଠ ଦିଏ ଠକି କହେ ଦୁଇ ଆଖି
ହସିବୁ କେମିତି ତୁହିଁ
ବୋଉ ତୋ କାନ୍ଦୁଛି ତୋ' ପାଇଁ ଲୁଚିକି
ସୁଖ ତା ଭାଗ୍ୟରେ ନାହିଁ ।

ଶୂନ୍ୟତା ସାଉଁଟେ ପଣତ କାନି ତା
କେବେ ଆସିବ ସେ ବେଳ
ଖାଲି ଖାଲି ଲାଗେ ଘରଠୁ ଅଗଣା
ଝୁରୁଛି ବୋଉର କୋଳ ।

ସମୟ ଟାଣିଛି ସମ୍ପର୍କ ରେଖାରେ
ଦୂରତ୍ୱ ଲକ୍ଷ୍ମଣ ଗାର
ବୋଉ ମନାସୁଛି ମଙ୍ଗଳ କାମନା
ପୁଅ ପାଇଁ ହୃଦୟର ।

ନିଇତି ବୋଉର ମୁହଁ ଭାସି ଆସେ
ଜୀବନର ଚଲାପଥେ
ମନ ଭରି ଗଲେ ପେଟ ତ ପୂରେନା
ବୋଉ କଥା ହେଲେ ଯେତେ ।

ନେ ରେ ସମୟ ଫେରାଇ ଗାଆଁକୁ
ମୋ ଦୁଇ ପାଦକୁ ଟାଣି
ଭଲ ଲାଗୁ ନାହିଁ ଏ ଦୂର ବିଦେଶ
ବୋଉ ମୋତେ ଡାକି ଲାଣି ।

କିଛି ଲୁହ ଏଠି ଝରି ଯିବା ଭଲ
ପାରୁନି ତାକୁ ସାଇତି
ବୋଉ କଥା ମୋର ମନେ ପଡେ ଆଜି
ଦୁଃଖ ମୋ ନିଜର ଅତି ।

ଏମିତି କାହିଁକି ମୋ ସାଥିରେ ହୁଏ
ନିଜେ ପାଏନା ଉତ୍ତର
ହସୁ ଥିବି ବେଶୀ କାନ୍ଦି ଦେବି ବସି
ତୁ କହ ବୋଉ ଲୋ ମୋର ।

ତୁରିନ୍ତିରା ବାଲିପାଟଣା ଖୋର୍ଦ୍ଧା



# ମୁଁ ଶିକ୍ଷିତ ବ୍ୟକ୍ତି

ସାଉନା କିସ୍କୁ

ମୋର ଦାମୀ ଗାଡ଼ି ଅଛି
ଦ୍ରୁତ ଗତିରେ ଗାଡ଼ି ଚଳାଏ
ନିୟମ କାନୁନ ମାନେ ନାହିଁ
ସାଧାରଣ ଲୋକର କ୍ଷତି ହେଲେ
ମୋର କିଛି ଫରକ୍ ପଡେ ନାହିଁ
କାରଣ,
ମୁଁ ଶିକ୍ଷିତ ବ୍ୟକ୍ତି।
ବାହା ଘର, ପିକନିକ, ସେମିନାର-
ଆଉ ଜନ୍ମ ଦିନ ଭୋଜିରେ
ଅଧିକ ଖାଦ୍ୟ ଆଣେ
ଅଧା ଖାଏ ଅଧା ଫପାଡେ
କିଏ ଖାଉ କିଏ ଭୋକିଲା ମରୁ
ମୋର କିଛି ଫରକ୍ ପଡେ ନାହିଁ
କାରଣ,
ମୁଁ ଶିକ୍ଷିତ ବ୍ୟକ୍ତି।
ରାସ୍ତାରେ ଚକଲେଟ୍ ଖୋଳ ଫିଙ୍ଗେ
ବିସ୍କୁଟ,କୁର୍କୁରି, ଖୋଳ ତ ଅନେକବାର ଫିଙ୍ଗିଛି
ପାଣି ବତଲ ଫିଙ୍ଗା ହୁଏ ଏଣେତେଣେ
ପରିବେଶ ସଫା ରହୁ ନ ରହୁ
ମୋର କିଛି ଫରକ୍ ପଡେ ନାହିଁ
କାରଣ,
ମୁଁ ଶିକ୍ଷିତ ବ୍ୟକ୍ତି।
ମୁଁ କାଠ ଚୌକିରେ ବସେ
ପଲଙ୍କରେ ଶୁଏ
ରାସ୍ତା ଓ ଘର ନିର୍ମାଣ ପାଇଁ ଗଛ କାଟେ
ଆଉ ସଫା ଓ ସୁନ୍ଦର ଦିଶିବା ପାଇଁ
ଅମ୍ଳଜାନ ମିଳୁ ବା ନ ମିଳୁ
ମୋର କିଛି ଫରକ୍ ପଡେ ନାହିଁ
କାରଣ,
ମୁଁ ଶିକ୍ଷିତ ବ୍ୟକ୍ତି।
ମୁଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରେ
ରାସ୍ତା ଜାମ୍ କରେ, ଆମ୍ବୁଲାନ୍ସ ଅଟକାଏ
ଦୋକାନ ଜାଳେ, ଗାଡ଼ି ଭାଙ୍ଗେ
ଟାୟାର ଜାଳି ପ୍ରତିବାଦ କରେ
ସାଧାରଣ ଲୋକର ଅସୁବିଧା ହେଉ
ମୋର କିଛି ଫରକ୍ ପଡେ ନାହିଁ
କାରଣ,
ମୁଁ ଶିକ୍ଷିତ ବ୍ୟକ୍ତି।
ମୁଁ ଅଫିସ୍ ଯାଏ, ସଭା ଯାଏ
ଯେତେବେଳେ ଯେଉଁଠି ଯାଏ
ସମୟରେ କେବେ ପହଁଞ୍ଚେ ନାଏ
ଲାଜ କରେ ନାହିଁ,ସରମ ନାହିଁ
ଯିଏ ଯାହା ପଛେ ଭାବୁ
ମୋର କିଛି ଫରକ୍ ପଡେ ନାହିଁ
କାରଣ,
ମୁଁ ଶିକ୍ଷିତ ବ୍ୟକ୍ତି।



# ତୁମେ ଆଉ ମୁଁ

ମମତାମୟୀ ବିଶ୍ୱକଲ୍ୟାଣୀ ରାଉତ

ସ୍ମୃତିର ସେ ପାଖ ଇଲାକାରେ ତୁମେ
ଆଉ ଏ ପାଖରେ ମୁଁ
କେଉଁ ଆୟହୀନ କାଳରୁ ଆମ ଭିତରେ ଯୋଜନ ଯୋଜନର ଦୂରତା
ତୁମେ ଜହ୍ନ ରାଇଜର ଶୀତଳ ଜ୍ୟୋତ୍ସ୍ନା
ଆଉ ମୁଁ ଡହଡହ ବୈଶାଖକୁ ତୃପ୍ତ କରିପାରୁନଥିବା ପ୍ରୀତିଲଗ୍ନା
ତୁମେ ବୁଢ଼ି ଅସୁରୁଣୀ ଗପର ରୁକ୍ଷ ନାୟକ
ହେଲେ ମୁଁ.... ?
ମୁଁ ସେ ଅସୁରୁଣୀ ଗପରେ ଗୁମ୍ଫାରୁ ବାହାରି ପାରୁନଥିବା
ନଜର ବନ୍ଦୀ  ରାଜକନ୍ୟା
ତୁମେ ଶୀତ ସକାଳର ମୁଠା ମୁଠା ଶୁଭ୍ର କାକର ଟୋପା
ଆଉ ମୁଁ ଶୀତ ସକାଳର କଅଁଳ ଖରା ନୁହେଁ ଯେ
ଅଳସୀ ସକାଳର ଅନ୍ୟମନସ୍କ ତାରେ ବଞ୍ଚି ଦେବି
ତୁମ ମୁହଁରେ ମୋ  ଓଦା କେଶରୁ ଝଡ଼ି ପଡୁଥିବା
ମେଞ୍ଚା ମେଞ୍ଚା ଜଳ ଟୋପା
ତୁମେ ନୀଳ ଦିଗ୍‌ବଳୟର ଛାତିଚିରି
ମୁରୁକି ହସୁଥିବା ଅଶିଣ ଜହ୍ନ
ଆଉ ମୁଁ ମାଟିର ଛାତିରେ  ମୁଣ୍ଡ ଗୋଞ୍ଜି
କଇଁ କଇଁ ଗୁମୁରୁ କାନ୍ଦୁଥିବା ଅଭିଶପ୍ତା ନୀଳକଇଁ
ତେଣୁ ତୁମେ ତୁମେ ହୋଇ ରୁହ
ଆଉ ମୋତେ ମୁଁ ହୋଇ ବଞ୍ଚିବା ଦିଅ
ନଚେତ ଅବୁଝା ହୋଇଯିବ ଜୀବନ ଜ୍ୟାମିତି
ଓଲଟ ପାଲଟ ହୋଇଯିବ ଜୀବନ ନକ୍ସା
ପେଟ ଆଉ ପିଠିକୁ ଏକ କରିବାକୁ ଯାଇ
ହାରିଯିବା ତୁମେ ଆଉ ମୁଁ।

# ଚିଠି ଲେଖୁନି ଚିତ୍ରଲେଖା

ଜିତେନ୍ଦ୍ର କୁମାର ବେହେରା



ଆଉ ଚିଠି ଲେଖୁନି ଚିତ୍ରଲେଖା
ଫେରି ଆସୁନି ମୋ ପାଖକୁ
ନୀଳ ଲଫାପା ଭିତରେ
ଗୋଲାପୀ କାଳିରେ ଲେଖା
ପ୍ରୀତି ଜୁଡୁବୁଡୁ ସେ ସରାଗର ଚିଠି
କି ହୃଦୟର ପାନ ପତର ଭିତରେ
ତେରେଛା ତୀରର ଛବି।
ଆଉ ସେ ପିନ୍ଧୁନି ତା ଲୋଭିଲା ଦେହରେ
ଆଣ୍ଠୁ ଲୁଚୁନଥିବା ଫୁଲ ଫୁଲିଲା ଫ୍ରକ
ଆଉ ନାହିଁ ତା ଢଳ ଢଳ କିଶୋରୀ ଆଖିର
ଛନ ଛନ ଚୋରା ଚାହାଣି
ମୁଣ୍ଡରେ ଝୁଲୁନି ଯୋଡ଼ା ବେଣୀର
ନାଲି ନାଲି ରିବନ ଫିତା।
ଗାଁ ଦାଣ୍ଡରେ ଖେଳୁନି ଖପରା ଡିଆଁ
ରୁମାଲ ଚୋରି କି ବୋହୂ ଚୋରି ଖେଳ।
କି ମତେ ଭେଟୁନି ନଈ କୂଳେ
ମୁହଁ ଅନ୍ଧାରୁଆ ସଞ୍ଜବେଳେ।
ଯେଉଁ ଦିନ ତା ମୋ ନାଆଁ ରେ
ଉଠିଲା ମିଠା ମିଠା ଅପବାଦ
ସେଦିନ ଚିତ୍ରଲେଖା ସବୁ ଆଡ ଆକଟର
ସୀମାରେଖା ଭିତରେ ହେଲା ଗୃହବନ୍ଦୀ
ଆଉ ତା କିଶୋରୀ ହାତର ଲେଖା ଚିଠି
ସବୁଦିନ ପାଇଁ ଭୁଲି ଗଲା ମୋ
ଘର ଅଗଣାର ଠିକଣା !!!

କବି କୁଟୀର, ଡିଆଟିକିରୀ
ବିଞ୍ଝାରପୁର, ଯାଜପୁର

# ଶିଳ୍ପୀର କଲମ

ଶାଶ୍ୱତୀ ନନ୍ଦ



ଶିଳ୍ପୀର କଲମୁ ଯେବେ ଝରିଯାଏ
ମିଠା ମିଠା ଶବ୍ଦର ମହକ,
ଅନୁଭୂତି ପ୍ରାଣ ଲଭେ
ଭାବନା ତା’ ଜାଗି ଉଠେ
ଆତ୍ମପକ୍ଷୀ ଗାଇଯାଏ
ଅନାବନା ସ୍ମୃତିର ସଙ୍ଗୀତ।
ଶିଳ୍ପୀର କଲମ ଯେବେ ଆଙ୍କିଦିଏ
ଜୀବନର ଚିତ୍ର ଓ ଚରିତ୍ର,
ଆୟୁଷଟା ଛୋଟ ଲାଗେ
ଚରିତ୍ରଟା ହସି ଉଠେ
ଶିଳ୍ପୀକାନେ କହିଯାଏ
ଜନ୍ମ-ମୃତ୍ୟୁ ଜୀବନର ଜାଗତିକ ସତ୍ୟ।
ଶିଳ୍ପୀର କଲମୁ ଯେବେ ଜାତ ହୁଏ
ସାହିତ୍ୟ ନିର୍ଝରିଣୀର ଅମ୍ଳାନ ନିର୍ଝର,
ଓଡ଼ିଆ ମାଟିର ଅଙ୍ଗେ
ସାଧନାର ପ୍ରତି ଛନ୍ଦେ
ଛନ୍ଦିହୁଏ ଶିଳ୍ପୀଟିର ପ୍ରତିଟି ଅକ୍ଷର।
ଶିଳ୍ପୀର କଲମ ଯେବେ ଲେଖିଯାଏ
ଦୁନିଆର ବାସ୍ତବ ନାଟକ,
ମାୟାର ମୁକ୍ତି ମଣ୍ଡପେ
ମୋହ ସବୁ ନାଚି ଉଠେ
ଇଚ୍ଛା ହୁଏ ଲଭିବାକୁ
ଆଜନ୍ମ ସନ୍ନ୍ୟାସ।
ଶିଳ୍ପୀର କଲମ ଯେବେ ହୁଅଇ କ୍ଷତାକ୍ତ
ନିନ୍ଦା ଓ ପ୍ରଶଂସା ପାନ୍ଥେ
ନିଃସଙ୍ଗ ଜୀବନ କାନ୍ଥେ,
ଲେଖନୀକୁ ଟାଣ କରି ଗଢିଚାଲେ
ଅକୁହା ସେ ଯନ୍ତ୍ରଣାର କବିତା କୋଣାର୍କ।

କଳାପଥର, ବାଙ୍କୀ, କଟକ

# ଅବଦାନ

ପୂର୍ଣ୍ଣଚନ୍ଦ୍ର ମେହେର



ଧନ୍ୟ ପିତୃଦେବ ଅବଦାନେ ତୁମ
ମାତୃ ଗର୍ଭେ ପାଇ ସ୍ଥାନ
ଭୂମିଷ୍ଠ ହୋଇ ମୁଁ ଏ ଅବନୀ ପୃଷ୍ଠେ
ଦେଖିଲି ସୃଷ୍ଟି ଭିଅର। (୧)

ପୂରୁବ ଜନମେ କି ଜନମ ମୋର
ଜ୍ଞାତେ ନାହିଁ ଅତୀତର
ତୁମରି ଔରସୁ ପୁତ୍ର ଜନମିଲି
ଧ୍ୟାନେ ଥିବି ନିରନ୍ତର। (୨)

ଶାନ୍ତି, ଦୟା, କ୍ଷମା, ଶିକ୍ଷା ଓ ସଂସ୍କାର
ଗୁଣ ସ୍ଥାପିଅଛ ଗୁଣେ
ତୁମ ଶିକ୍ଷା ବଳେ ମଧୁ ଭାଷା ଭାସି
ରହୁଥିବି ଜନମନେ। (୩)

ଚାରି ତୀର୍ଥଧାମ ତୁମ ଶ୍ରୀଚରଣେ
ତୀର୍ଥ କ୍ଷେତ୍ର କିମ୍ବା ଯିବି
ତୁମରି ଆଶିଷ ମୁଣ୍ଡେଇ ଚାଲିବି
ଯେତେ କାଳ ବଞ୍ଚିଥିବି। (୪)

ମାନସ ମନ୍ଦିରେ ହୃଦ ସିଂହାସନେ
ଭଗବାନ ହୋଇଥାଅ
ଆଶିଷ ମାଗୁଛି କରଙ୍କେ ହେ ପିତା
ଆଶୀର୍ବାଦ ଢାଳିଦିଅ। (୫)

ଲାଳନେ ପାଳନେ ଯତନେ ଗଢିଛ ବାପା ତୁମେ ମହିୟାନ
ପୁତ୍ର ପାଇଁ ତୁମେ କେଡେ ତ୍ୟାଗୀ ଅଟ
ଶୁଝିକି ପାରିବି ରଣ। (୬)

ଜଲିଆ ଦର୍ହ (ସଇନ୍ତଲା)
ବଲାଙ୍ଗୀର



# ପ୍ରେମ ଆଉ କଣ କି ?

ଜନ୍ମେଜୟ ପଣ୍ଡା

ତୁମେ ଥିବ,
ମୁଁ ଥିବି ।

ତୁମେ ରୁଷୁଥିବ
ମୁଁ ମନଉଥିବି,
କେବେ ମୁଁ ରୁଷୁଥିବି
ତମେ ମନଉଥିବ ।

ତମେ ' ହଁ ' କରୁଥିବ
ମୁଁ ' ନା ' କରୁଥିବି
କେବେ ତୁମେ ' ନା 'କରୁଥିବ
ମୁଁ 'ହଁ ' କରୁଥିବି ।

ଆଉ ଏହି ହଁ, ନା ର ଛକିଶୂନରେ
ଜୀବନ ଗଡୁଥିବ ଶଗଡ଼ ଚକ ପରି ।

ପ୍ରେମ ଆଉ କଣ କି ?

ଟିକେ ବୁଝାମଣା,
ପୁଳେ ରାଗରୁଷା,
ଓ ମେଞ୍ଚେ ଦରଗଢା ସପନର
ସମୀକରଣ ତ !

# ବଦାନ୍ୟତା

ସୋନାଲି ଦାସ



ମିଛ ଅହମିକା କିମ୍ପାଇଁ କରିବି
ପ୍ରଭୁ ! ସବୁ ତ ତୁମ୍ଭରି ଦାନ,
ତୁମ୍ଭ ବିନା ମୋ ସ୍ଥିତି ନାହିଁ କିଛି
ଶୂନ୍ୟ ଏ ଛାର ଜୀବନ ।।

ନୀଳ ଅମ୍ବରେ ଖଣ୍ଡି ଉଡ଼ା ଦିଆ
ଖଗ ଶାବକ ସମାନ ମୁହିଁ,
ଉଡ଼ିବା ଶିଖାଅ ଗଗନେ ମୋତେ
କଷ୍ଟ ଯେତେ ଯିବି ସହି ।।

ବଦାନ୍ୟତା ତୁମ୍ଭ ମୋ ନିମନ୍ତେଣ
ତା' ପାରିବିନି କେବେ ଭୁଲି,
ତୁମ୍ଭେ ଥିବାଯାଏଁ ସଙ୍ଗେ ମୋହର
ମାର୍ଗ ଯେତେ ଯିବି ଚାଲି ।।

କଣ୍ଟକିତ ପଥ ସାଜିବ କୋମଳ
ତବ ଶ୍ରୀପୟର ସୁସ୍ପର୍ଶରେ,
ବୋଝ ଲାଗିବନି ଦୁଃଖ ବି ଜମା
ଥିଲେ ଯେ ତୁମ୍ଭେ ସାଥିରେ ।।

ଭୁବନେଶ୍ୱର



# ଜୟ ମା ଦୁର୍ଗା

**ସ୍ମୃତିରାଣୀ ବେହେରା**

ଶୁଭ ଶଙ୍ଖ ଧ୍ୱନି ଚାରିଆଡ଼େ ବାଜୁଛି,
ଆଶ୍ୱିନ ମାସେ ଦଶହରା ଆସୁଛି
ଦୁର୍ଗତିନାଶିନୀ ତ୍ରିପୁରାମୋହିନୀ,
ଜଗତ ପାଇଁ ମଙ୍ଗଳକାମିନୀ

ଅନଳୁ ଜନମ ମା ତୁମର,
ଶତ୍ରୁ ବିନାଶି କର ସଂହାର
ପାପୀକୁ ମାରି ପାପ କର ନାଶ,
ପୃଥିବୀବାସୀ ମା' ତୁମରି ଅଂଶ ।

ଶରତ ଋତୁରେ ଫୁଟେ କାଶତଣ୍ଡି
ପୋଖରୀରେ ଶୋଭେ ପଦ୍ମ କୁମୁଦ
ଧବଳ କମ୍ବଳ ଘୋଡି ହୋଇରୁହେ,
ମା' ଙ୍କ ଆଗମାନି ସୂଚନା ସେ ଦିଏ ।

ତ୍ରିପୁରମୋହିନୀ ମା ଦଶଭୁଜା,
ଅସୁରକୁ ମାରି ଦିଅତାକୁ ସଜା
ବଢୁଛି କଳିଯୁଗ ଅନ୍ୟାୟର ସଂଖ୍ୟା
ନ୍ୟାୟପାଇଁ କରୁଛି କେତେ ଅପେକ୍ଷା

ଧର୍ମ ଅଧର୍ମର କର ବିଚାର,
ପାପୀ ପାଇଁ ନିଅ ଦୁର୍ଗାବତାର
ଆଶୀର୍ବାଦ ଦିଅ ମା ତୁମର ଭକ୍ତକୁ,
ଘଣ୍ଟଘୋଡି ରଖିଥାଅ ତୁମ ଜଗତକୁ

**ବେନ୍ତପୁର**
**ଅନୁଗୋଳ ୭୫୯୧୩୨**



# ଗୁରୁଣାମ୍ ଗୁରୁଃ

**ଟୁମ୍‌କି ଦାଶ**

ନିମକୁ ଚନ୍ଦନ ଜୀବନକୁ ଧନ୍ୟ-କରନ୍ତି ଜ୍ଞାନ ବଳରେ
ଅବୁଝା ହୋଇଲେ ଶାସନ ଦଣ୍ଡରେ- କିଞ୍ଚିତ କ୍ରୋଧ ଚକ୍ଷୁରେ।
ବିଦ୍ୟା ଅଧ୍ୟୟନେ ଶିକ୍ଷା ବିତରଣେ-ଦେଖାନ୍ତି ଆଦର୍ଶ ପଥ,
ଆଗାମୀ କାଲିର ଭବିଷ୍ୟତ ପାଇଁ-କେତେ ଯେ ସିଏ ଚିନ୍ତିତ।

ଚକଟା ମାଟିକୁ ହାତ ପାପୁଲିରେ-ନିର୍ମାଣ କରି ଯତ୍ନରେ,
ଭବ୍ୟ ମନ୍ଦିରରେ ପ୍ରତିଷ୍ଠା କରାନ୍ତି-ପୂଜା ପାଏ ସେ ସଂସାରେ।
ସୁସ୍ଥ ସମାଜ ଓ ସଭ୍ୟ ରାଷ୍ଟ୍ର ପାଇଁ-ଭୂମିକା କେତେ ଯେ ତାଙ୍କ,
ଆଜିର ଶିଶୁ ଟି କାଲିର ଭବିଷ୍ୟ-ସମ୍ଭାବନାର ବିହଙ୍ଗ।

ସିଏ ହିଁ ଅଟନ୍ତି ଜ୍ଞାନର ପ୍ରଦୀପ,-ଜୀବନର ଗତି ମୁକ୍ତି,
ପିତା ମାତା ଗୁରୁ ପ୍ରକୃତ ଦେବତା-ତାଙ୍କ ପଦେ ମୋର ଭକ୍ତି।
ସଂସ୍କାର ସଂସ୍କୃତି ଆଧ୍ୟାତ୍ମିକ ଶିକ୍ଷା -ଅବା ଯୋଗ ପ୍ରାଣାୟାମ
ନୀତି ବାଣୀ ଅବା ଉପାଦେୟ ତଥ୍ୟ -ଗୁରୁଙ୍କ ମାର୍ଗ ଦର୍ଶନ।

ପ୍ରଗତି ପଥର ଦୀପ ଶିଖା ହୋଇ-ମହା ଆଲୋକର ସ୍ରୋତ,
ହେ ପରମ ପୂଜ୍ୟ ଚିର ବନ୍ଦନୀୟ- ଯୁଗେ ଯୁଗେ ପ୍ରଣିପାତ ।।

**ବଲାଙ୍ଗୀର**



# କବିତା

**ରଘୁନାଥ ଖମାରୀ**

ଫି'ଥର ସଜାଡିବି ସଜାଡିବି ବୋଲି
କୋଉ ସଜାଡି ପାରିଲି ତୋତେ
ନା ନିଜକୁ,
କବିତାର ଚାଷକରି
ବୁଣି ହେଲାନି ଜୀବନର ବିହନ।
ଅତିରିକ୍ତ କାଗଜପରି
ଗୁମାନରେ ଫିଙ୍ଗିଦେଲି
ଛାତିଏ ଅଭିଯୋଗ
ଡଷ୍ଟବିନର ଅଳରା ଭିତରେ
ତମେ ଯାହା ସାଉଁଟି ପାରିଲନି ଏ ଯାଏଁ।
କିଛି ଟାଙ୍ଗିଦେଲି ହ୍ୟାଙ୍ଗର ରେ
ପୁରୁଣା ସାର୍ଟ ପରି
ସଫାକଲି ଦାଗସବୁ ସକାଳରେ
କିଛି ଶୋଇ ପଡିଲେ ମୋ ସହ
ହ୍ୟାଙ୍ଗ ଓଭରରେ
ଗଲାକାଲିର ରାତି ମାନଙ୍କରେ
ସ୍ୱପ୍ନ ଅଧିବାସରେ ।
ଏବେ ବି ଅଧାଲେଖା ପଡ଼ିଛି
ଗୋଟେ କବିତା;ଥାଉ ସେମିତି।
ଅନେକ ବେଳୁ
ଅସ୍ତଗଲେଣି ସୂର୍ଯ୍ୟ
ଆକାଶରେ ଦକ୍ଷିଣୀ ମେଘ
କେହି ବୋଲି କେହି ନାହିଁ ଏଠି
ପକ୍ଷୀ ସବୁ ଉଡିଗଲେଣି
ଯେ'ଝା ବାଟେଘାଟେ
ଯେଉଁମାନେ ଦିନେ ମୋର
ସହଯାତ୍ରୀ ଥିଲେ ଏ ବେଳରେ।
ବଗିଚାର ଆରପାଖେ ମୁଁ
ଅନ୍ଧାର ପୂର୍ବରୁ ମୋତେ ବି
ଫେରିଯିବାକୁ ହେବ
ଘୂର୍ଣ୍ଣାୟମାନ ପୃଥିବୀ ଭିତରକୁ,
ଆଖିକୁ ମୋ'ର ବାକି ଅଛି
କାଲି ରାତିର ନିଦ
ଯେଣୁ ସ୍ୱପ୍ନ ଦେଖିବାରେ
ବିତେଇ ଦେଇଛି ସାରାଟା ସମୟ
ଆଜିକାଲି ଯାହା,ନିତ୍ୟ ନିୟମିତ।

**ଦହ୍ୟା,ବୌଦ୍ଧ**



# ବାପା

**ସନ୍ତୋଷିନୀ ଦାଶ(ଗିରି)**

ବାପା ' ଏ ଶବ୍ଦ ରେ
ଝଙ୍କୃତ ହୁଏ ଅନନ୍ତ ଆକାଶ
ବାପା ମାନେ ଏକ
ଗଭୀର ଉଚ୍ଛ୍ୱାସ

ଈଶ୍ୱରଙ୍କୁ କେବେ ଆଖିରେ ଦେଖିନି
ମୋତେ ଲାଗେ ବାପା
ମାନେ ହିଁ ଈଶ୍ୱର

ନ ହେଲେ ଆଖି ବନ୍ଦ କରିଦେଲେ
ତାଙ୍କ ମୁହଁ ଦିଶୁ ନ ଥାଆନ୍ତା
କିଛି ଝଡ଼ଝଞ୍ଜା ଆସିବା ଆଗରୁ
ହାତ ଧରି ସାମ୍ନା କରିବାକୁ
ସେ ସାଥିରେ ନ ଥାଆନ୍ତେ

ହୁଏତ ସେ କଠୋର
ଅନୁଶାସନ ଗୁରୁ ଗମ୍ଭୀର
କିନ୍ତୁ ଛାତିରେ ଅନେକ ସ୍ନେହ
ଆଉ ଆଶିଷରେ ଭରା ତାଙ୍କ
ହାତ ଆଉଁସି ଦେଲେ ସଞ୍ଚରି ଉଠେ
ତାଳୁରୁ ତଳିପା

ବାପା ମାନେ ହିଁ ସେମିତି
ଛଳ ଛଳ ଆବେଗ ର ନାଆଁ
ବାପା ଏକ ଆପଣା ପଣ ର
କୁହୁକ ଛୁଆଁ

**ଗୋପାଳପୁର**
**ବଡ଼ପଣି, କେନ୍ଦୁଝର**



# ଶରତେ ସ୍ପୃହାଗ୍ନି

ହରପ୍ରିୟା ସାହୁ

ଉଦର ଭିତର ହୃଦୟଟା
ସ୍ପନ୍ଦିତ ହେବା ପୂର୍ବରୁ
ଠପ୍ କରିଦିଆଯାଏ,
ଲାଲିମା ଛୁଟେ, ଜରାୟୁ ଶୁଷ୍କ ହୋଇଯାଏ ।

ନିରହଂକାର ବାରଙ୍ଗନା
ନୈସର୍ଗିକ ସୁଖଭୋଗ ଆଶାରେ
ତାତ୍ସଲ୍ୟକୁ ଉପଭୋଗ କରେ ।
ଦର୍ପଣ ସାମନାରେ ନିଜକୁ ସଜାଏ,
ହଜାଏ ନିଜକୁ ପାପୀଙ୍କ ଗଳିରେ ।

ହେଲେ,
ତା' ଅଗଣାର ଗଙ୍ଗଶିଉଳି ଅପେକ୍ଷାରେ ଥାଏ ।
ଶରତ ଆସିବ, କାଶତଣ୍ଡୀ ଫୁଟିବ,
ତା' ଅଗଣାର ମାଟିକୁ ପବିତ୍ର କରିବ ।
ବନ୍ଦୋବସ୍ତ ହେବ
ନିଷ୍କପଟି ବାରଙ୍ଗନା ଅଗଣାରୁ
କିଛି ମୁଠା ନିଷ୍ପାପ ମାଟି ।
ମା'କୁ ମୃଣ୍ମୟୀ କରିବା ପାଇଁ ।

ହେଲେ,
ଶକ୍ତିସ୍ୱରୁପିଣୀ ମା' ଆବାହନ ହୋଇ
ବିସର୍ଜନ ହୋଇଯାଏ ସିନା
ଧରାଇ ପାରେନା
ତା' ହସ୍ତର ଅସ୍ତ୍ର ସବୁ ।
ଧରାଇଥିଲେ ହୁଏତ
ଖଣ୍ଡ ଖଣ୍ଡ କରିପାରିଥାନ୍ତା
ତା' ଜୀବନର ପ୍ରତିଟି
ମହିଷାସୁରକୁ ।

ହୁଏତ,
କରିଥାନ୍ତା ସମାହିତ
ଖୋଲା ଆକାଶରେ
ତା' ଚିନ୍ତାଚେତନାରେ ବିଦୀର୍ଣ୍ଣ କରୁଥିବା
ଦୀର୍ଘନିଶ୍ୱାସଟିକୁ ।

ଓଡ଼ଗାଁ, ନୟାଗଡ଼

# ଉପନ୍ୟାସମ୍

ଆମକୁ ନେଇ ଲୋକ ଭାବିନଥିବା ଅସମ୍ଭବ କଥା ଯଦି ସମ୍ଭବ ହୁଏ, ତେବେ ସେସବୁ ସେମାନଙ୍କ ପାଇଁ ଅବାନ୍ତର ଏବଂ ଆମ ପାଇଁ ତାହା ରୂପାନ୍ତର। ମଣିଷର ରୂପାନ୍ତର ଗୋଟିଏ ଦିନରେ ହୁଏନି। ବର୍ଷ ବର୍ଷ ଲାଗିଯାଏ। ସଁବାଳୁଆର ଅସନା ଅସ୍ୱଶର୍ଯ୍ୟ ରୂପ ହଠାତ ଛାପିଛାପିକା ସୁନ୍ଦର ପ୍ରଜାପତି ସାଜି ସମସ୍ତଙ୍କୁ ଆକୃଷ୍ଟ କରେ। ତେଣୁ ସଂସାରରେ ପ୍ରତିଟିର ରୂପାନ୍ତର ସାଧାରଣରୁ ଅସାଧାରଣର, ଜଡ଼ତାରୁ ସକ୍ରିୟତାର, ଅସମଭବରୁ ସମ୍ଭାବନାର। ସର୍ବଦା ରୂପାନ୍ତରିତ ହେବାରେ ବିଶ୍ୱାସ ରଖୁଥିବା "ଅଗ୍ନିରୂପା" ପରିବର୍ତ୍ତନର ସ୍ରୋତ ସହ ତାଳଦେଇ କ୍ରମଶ ଆଗେଇ ଚାଲିଛି। ଏଥରଦ ଶହରାରେ ଆପଣମାନେ ପାଇବେ ସଂଘମିତ୍ରା ଭଞ୍ଜଙ୍କ ଉପନ୍ୟାସ "ରୂପାନ୍ତର" ସୁରଭିତ ଉଚ୍ଛ୍ୱାସର ଦ୍ୱିତୀୟତମ ଅର୍ଘ୍ୟ।



# ରୂପାନ୍ତର



ISSN-2583-6978
Volume-3
Issue-19
OCTOBER-2024

**ସଂଘମିତ୍ରା ଭଞ୍ଜ**

**ବିଭାଗ ମୁଖ୍ୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

ଚିତ୍ରିତ ଆକାଶରେ ଅସଂଖ୍ୟ ତାରକାପୁଞ୍ଜ ମାଘମାସର ଶିତୁଆ ରାତିକୁ ଆଲୋକିତ କରୁଥିଲେ ହେଁ ଚାରିଆଡେ କୁହୁଡିର ପ୍ରସ୍ତପ୍ରସ୍ତ ଆସ୍ତରଣ ସେଇ ଆଲୋକକୁ ନିଷ୍ପ୍ରଭ କରିଦେଉଥିଲା ଯେମିତି । ବଲାଙ୍ଗୀରର ଘଞ୍ଚ ଜଙ୍ଗଲର ପାଦଦେଶରେ ଥିବା ସମୁଚ୍ଚ ରାଧାଗୋବିନ୍ଦ ମନ୍ଦିରରେ ଭକ୍ତଙ୍କ ଗହଳି ଦେଖି ବିସ୍ମିତ ହେଇଯାଉଥିଲା ଆନନ୍ଦ। ଜଣେ ସାମ୍ବାଦିକ ଭାବରେ ଆନନ୍ଦ କିଛି ରହସ୍ୟ ଓ ସତ୍ୟନିଷ୍ଠ ଘଟଣାକୁ ସ୍ପଷ୍ଟ ଭାବରେ ପ୍ରକାଶ କରିବା ପାଇଁ ସବୁବେଳେ ଉତ୍ସାହିତ ଥାଏ । ଏଇ କିଛିଦିନ ହେବ ଦିନରାତି ଏକ୍ କରି ସେ ଯେଉଁ ସତ୍ୟର ଅନୁସନ୍ଧାନରେ ତତ୍ପର ରହିଛି ସେସବୁର ଚେର ଲମ୍ବିଛି ଏଇ ମନ୍ଦିର ଯାଏ । ମନ୍ଦିରର ଗମ୍ଭିରା ପାର୍ଶ୍ୱବର୍ତ୍ତୀ ଏକ କୋଠରୀରେ ରହୁଥିବା ପ୍ରବଚିକା ସୁଧାଶ୍ରୀଙ୍କୁ ସେ ଦେଖାକରିବାକୁ ଚାହେଁ ହେଲେ ତାଙ୍କୁ ଅହରହ ଘେରି ରହୁଥିବା ଅନୁଗାମୀମାନେ ଅନେକ ଥର ତାକୁ ଅଧା ବାଟରୁ ହିଁ ଫେରେଇ ଦେଇଛନ୍ତି । ମନ୍ଦିରର ଠିକ୍ ସମ୍ମୁଖରେ ଦୂରାଗତ ଭକ୍ତମାନଙ୍କ ରହଣୀ ଉଦ୍ଦେଶ୍ୟରେ ଥାଏ ଛୋଟଛୋଟ କୁଟୀର। କୁଟୀରଗୁଡିକୁ ଘେରି ରହିଥାଏ କଦମ୍ବ , ଅଶୋକ ଓ ବିଲ୍ୱବୃକ୍ଷ ସବୁ । କୁଟୀର ଗୁଡିକର କାନ୍ଥରେ ବାରମାସୀ ଯୁଈଫୁଲର ଲଟାକୁ ଲଟେଇ ଦିଆଯାଇଥାଏ । ସେଥିରୁ ଛୁଟିଆସୁଥିବା ମହକଭରା ମିଠା ସମୀରଣ ଶୀତୁଆ ସଞ୍ଜକୁ ଆଉଟିକେ ମନଛୁଆଁ କରିଦେଉଥାଏ । ସାଧ୍ୱୀ ସୁଧାଶ୍ରୀଙ୍କ ସାକ୍ଷାତକାର ପାଇଁ ଆସିଥିବା ଆନନ୍ଦ ନିମନ୍ତେ ତେଣୁ ରହଣୀର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ରୁଦ୍ଧ କୁଟୀର ଭିତରେ ଥାଇ ମଧ୍ୟ ପାହାଡ଼ିଆ ଅଞ୍ଚଳର ଆର୍ଦ୍ର ପରିବେଶ ସାଙ୍ଗକୁ ମାଘ ମାସର ବାଘ ପରି ଶୀତରେ ସାଙ୍କୁଟି -କାଙ୍କୁଟି ହୋଇ ଶୋଇବାକୁ ଚେଷ୍ଟା କରୁଥିଲା ଆନନ୍ଦ ! ଜଣେ ଯୁବକ ଭାବରେ ଶରୀରରେ ପ୍ରଚୁର ଉଷ୍ମତା ସତ୍ତ୍ୱେ ଖଟର ପାର୍ଶ୍ୱରେ ଥିବା ରେଜେଇକୁ ନିଜ ଦେହ ଉପରକୁ ଟାଣିଆଣି ଅଧିକ ଉଷ୍ମତା ଚାହୁଁଥିଲା । କିଛି ସମୟ ଶୋଇବାକୁ ଅସଫଳ ଚେଷ୍ଟା ପରେ ଖଟ ଉପରେ ଚକାସନ ପକାଇ ବସିପଡିଲା ଓ ମୋବାଇଲ୍ ଖୋଲି ୟୁଟୁବ୍ ରେ ପୁଣି ସେଇ ଖବର ଦେଖିବାକୁ ଆରମ୍ଭ କଲା ଯାହା ତା' ମନକୁ ଏତେଦିନ ହେବ ଆନ୍ଦୋଳିତ କରିଚାଲିଛି ଆଉ ଯାହାକୁ ଅତି ନିକଟରୁ ଜାଣିବା ପାଇଁ ସେ ଫୁଲବାଣୀର ଏଇ ନିଘଞ୍ଚ ଜଙ୍ଗଲରେ ଥିବା ରାଧାଗୋବିନ୍ଦଙ୍କ ମନ୍ଦିରକୁ ଆସିଛି । କାରଣ ସେ ଜାଣେ ରହସ୍ୟ ଭେଦ କରିବା ପାଇଁ ରହସ୍ୟର ଖୁବ୍ ନିକଟକୁ ଯିବାକୁ ପଡେ, ଦୂରରେ ରହି କେବଳ ଅନୁମାନ କରିହୁଏ ସିନା ଅନୁସନ୍ଧାନ କରିହୁଏ ନାହିଁ । ୟୁଟୁବ୍ ର ନିଉଜ୍ ହେଡ୍ ଲାଇନ୍ ରେ ଲେଖାଥିଲା ''ବହୁଚର୍ଚ୍ଚିତ ସାଧ୍ୱୀ ସୁଧାଶ୍ରୀଙ୍କ ରହସ୍ୟମୟ ରୂପାନ୍ତର'' । ପୁଣି ଅନ୍ୟ ଏକ ଚ୍ୟାନେଲ୍ ରେ ଚାଲିଥିଲା ନିପଟ ଫୁଲଝରର ଗାଁରୁ ଫୁଲବାଣୀର ଜଙ୍ଗଲ ଯାଏର ଯାତ୍ରାକୁ ନେଇ ଅନେକ ଅଦ୍ଭୁତ ଓ ରୋମାଞ୍ଚକର ବର୍ଣ୍ଣନା ।

ୟୁଟୁବ ଓ ଗୁଗୁଲ୍ ରେ ସାଧ୍ୱୀ ସୁଧାଶ୍ରୀଙ୍କର ନାମଲେଖି ତାଙ୍କ ସମ୍ପର୍କରେ ଆଉ ଅଧିକ ତଥ୍ୟ ପାଇବା ଆଶାରେ ଆନନ୍ଦ ଆଙ୍ଗୁଳି ଚାଳନା କରି ନିରାଶ ହେଲା । ଯେତିକି ତଥ୍ୟ ସେ ପାଉଥିଲା ସେତିକିରେ ସେ ଆଦୌ ସନ୍ତୁଷ୍ଟ ହୋଇପାରୁନଥିଲା । ଆନନ୍ଦ ଭାବୁଥିଲା ରାତିକ ଭିତରେ ସୁଧାଶ୍ରୀଙ୍କୁ ନେଇ ଏମିତି କିଛି ରୋଚକ ତଥ୍ୟ ତାକୁ ମିଳିପାରନ୍ତା କି ଯାହାଦ୍ୱାରା ସେ ହଇଚଇ ସୃଷ୍ଟି କରିପାରନ୍ତା ! ପ୍ରକୃତରେ ପ୍ରତି ମଣିଷର ଜୀବନ ଗୋଟେ ପ୍ରକାର ମହାଗ୍ରନ୍ଥ । ଜନ୍ମରୁ ମୃତ୍ୟୁର ବ୍ୟବଧାନ ଯେତେ ସୁଲମ୍ବ ହୁଏ , ତା'ର ଜୀବନୀୟ ଘଟଣାବଳୀର ବ୍ୟାପ୍ତି ମଧ୍ୟଦେଇ କେତେଯେ ଅବ୍ୟକ୍ତ ରହସ୍ୟ ଲୁକ୍କାୟିତ ଥାଏ ତାକୁ ଯଦି କୌଣସି ଯନ୍ତ୍ର ମାଧ୍ୟମରେ ରିଭର୍ଟ କରାଯାଇପାରନ୍ତା ତେବେ ଅନେକ କାହାଣୀର ସୂତ୍ରପାତ

ହୋଇପାରନ୍ତା ! ଜଣେ ସାମ୍ବାଦିକ ଭାବରେ ସତ୍ୟର ଶେଷବିନ୍ଦୁ ପର୍ଯ୍ୟନ୍ତ ଯିବାର ସେ ନିଶା ଆନନ୍ଦ ଭିତରେ ଥାଏ ।

ସାଧ୍ୱୀ ସୁଧାଶ୍ରୀଙ୍କୁ ନେଇ ତା' ମନରେ ଥିବା କୌତୁହଳକୁ ଏଡ଼ାଇ ନପାରି ଆନନ୍ଦ ତାଙ୍କ ଜନ୍ମସ୍ଥାନ ଫୁଲଝର ଅଞ୍ଚଳକୁ ମଧ୍ୟ ଯାଇଥିଲା । ସେଠାରେ ତାଙ୍କ ବିଷୟରେ ସେ ଅଞ୍ଚଳର ଲୋକଙ୍କଠାରୁ ସେ ଯାହା ଶୁଣିଥିଲା, ସେଇ ଅନୁସାରେ- 'ଦୀର୍ଘ ୩୫ ବର୍ଷତଳେ ସୁଧାଶ୍ରୀ ଓରଫ୍ ସୁଧା ସେଇ ଅଞ୍ଚଳରେ ତା' ବାପାଙ୍କ ସହିତ ରହୁଥିଲେ। ସେଇ ଗାଁଠୁ ଆଉ ଦୁଇଟି ଗାଁ ଛାଡି ପ୍ରଧାନ ସାହିର ଜଣେ ଯୁବକକୁ ସେ ବିବାହ କରିଥିଲେ । ସାଧାରଣ ଭାବରେ ନିମ୍ନ ସ୍କୁଲଶିକ୍ଷା ପାଇଥିବା ସୁଧାଶ୍ରୀ କାଳେ ଦେଖିବାକୁ ସୁନ୍ଦର ନଥିଲେ ଏବଂ ଅତି ସରଳ, ନିରବ ଓ ଶାନ୍ତ ସ୍ୱଭାବର ଝିଅଥିଲେ। ଜନ୍ମରୁ ମା' ଛେଉଣ୍ଡ ସୁଧାଶ୍ରୀଙ୍କ ବାପା ତାଙ୍କୁ ଏତେ ଭଲ ପାଉଥିଲେ ଯେ ଦୂରବନ୍ଧୁ କରି ଝିଅକୁ ବିଦା କରିବାକୁ ଚାହିଁନଥିଲେ । ପାଖରେ ବେଶୀ ସମ୍ବଳ ନଥିବାରୁ ଦୀନ- ଦରିଦ୍ର ଗୋଦରାଗୋଡିଆ ନୀଳାମ୍ବର ସହିତ ଝିଅକୁ ବାହା କରିଦେଇଥିଲେ । ନୀଳାମ୍ବର ଭଲରେ ଚାଲିବୁଲି ପାରୁନଥିବା ସତ୍ୱେ ଦି'ମାଣ ଜମିକୁ ଭାଗଚାଷ ଦେଇ ବେଶ୍ କିଛି ଅର୍ଥ ସଂଚୟ କରି ନିଜ ବୃଦ୍ଧ ବାପା ମା'ଙ୍କ ସହିତ ଆରାମରେ ଚଳୁଥିଲା । ବାହାଘରର ଠିକ୍ ମାସକ ପରେ ସୁଧାଶ୍ରୀଙ୍କ ବାପା ହୃଦଘାତରେ ଚାଲିଗଲେ । ଖର୍ଚ୍ଚାନ୍ତ ହେବା ଭୟରେ ନୀଳାମ୍ବର ନିଜ ଅସୁସ୍ଥତାର ବାହାନା କରିଥିଲା ଏବଂ ବାପାଙ୍କ ସଂସ୍କାର ପାଇଁ କୁଆଡ଼େ ସୁଧାଶ୍ରୀ ଏକୁଟିଆ ଆସିଥିଲେ । ପ୍ରାଣପ୍ରିୟ ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସାରି ଶାଶୁଘରେ ପହଞ୍ଚିବା ପରେ ଜାଣିବାକୁ ପାଇଥିଲେ ଯେ ନୀଳାମ୍ବର ପୂର୍ବରାତିରୁ ଘରଛାଡି କୁଆଡେ ଚାଲିଯାଇଛି । ବୃଦ୍ଧ ବାପା ମା' ତାଙ୍କୁ ଖୋଜିଖୋଜି ନିରାଶ ହୋଇ ଛାଟିପିଟି ହୋଇ କାନ୍ଦୁଥିଲେ । ସୁଧାଶ୍ରୀଙ୍କୁ ଦେଖିବା ମାତ୍ରେ ବୃଦ୍ଧ ଶଶୁର ରାଗ ଗରଗର ହୋଇ ଉହୁଁକି ଆସିଲେ ତାଙ୍କ ଉପରକୁ । ଅଲକ୍ଷଣୀ କୋଉଠିକାର । ମୋ ପୁଅକୁ ଟିକେ ଶାନ୍ତିରେ ରଖେଇଦେଲୁନି । କେତେ ଆଶାକରି ଏ ବାହାଘର ଆମେ କରିଥିଲୁ। ଏହିକ୍ଷଣି ଘରୁ ବାହାର୍, ତୋ ଯୋଗୁଁ ଆମ ପୁଅ ଘର ଛାଡି କୁଆଡେ ଚାଲିଗଲା କହି ସୁଧାଶ୍ରୀଙ୍କୁ ବାହାରକୁ ଠେଲିଦେଇ ଭିତରୁ କବାଟ ବନ୍ଦ କରିଦେଇଥିଲେ । ସୁଧାଶ୍ରୀ କିଛି ବୁଝି ପାରିନଥିଲେ । ଗାଁ ଲୋକଙ୍କ କହିବା ଅନୁସାରେ କାଳେ ଅସହାୟ ଅବସ୍ଥାରେ ଚାରିଆଡ଼କୁ ବିକଳ ହୋଇ ଚାହିଁ ସେଇଠି ଲଥ୍ କରି ବସିପଡିଥିଲେ ଏବଂ ନଖାଇ , ନପିଇ ବାରଣ୍ଡାରେ ରାତି କଟାଇଥିଲେ । ସକାଳୁ ଯେତେବେଳେ କବାଟ ଖୋଲିଲା, ସୁଧା ମୁଣ୍ଡ ତଳକୁ କରି ହାତଯୋଡି ଭିତରକୁ ଆସି ଶଶୁରଙ୍କ ଗୋଡତଳେ ପଡିଯାଇ କାନ୍ଦିକାନ୍ଦି ନେହୁରା ହୋଇ କହିଥିଲେ -'' ବାପା ! ମୁଁ କୁଆଡେ ଆଉ ଯିବି ? ମୋ ବାପା ତ ଚାଲିଗଲେ । ମତେ ଏଇଠି ମୁଣ୍ଡଗୁଞ୍ଜି ରହିବାକୁ ଦିଅ । ପଛେ ମୁଁ ବାସିପାଇଟି କରିବି , ଗୁହାଳ ଲିପାପୋଛା କରିବି ,ତୋରାଣୀ ମୁନ୍ଦେ ଦେଲେ ବି ମୋର ଚଳିଯିବ କିନ୍ତୁ ମୋତେ ଏଠୁ ବାହାର କରନି ।''ପାଖ ପଡୋଶୀମାନେ ଏସବୁ ଘଟଣାକୁ ଖୁବ୍ ଉପଭୋଗ କରୁଥାନ୍ତି । ଶାଶୁ -ବୁଢା ପାଖକୁ ଯାଇ ତା' କାନରେ ଫୁସଫୁସ୍ ହୋଇ କ'ଣ କହିଲା କେଜାଣି , ବୁଢା ଥମଥମ୍ ମୁହଁକରି ଗାମୁଛାକୁ ପିଠି ଉପରେ ହଲେଇ ହଲେଇ ଘରୁ ନୀରବରେ ବାହାରିଗଲା । କିଛି ସମୟ ପରେ ପ୍ରଧାନ ଘର ଦୁଆର କବାଟ ବନ୍ଦ ହୋଇଯାଇଥିଲା ଓ ପଡୋଶୀ ସବୁ ଯେ ଯାହା ବାଟରେ ଚାଲିଯାଇଥିଲେ ।

ସେଇ ଗାଁ ଲୋକଟିର କହିବା ଅନୁସାରେ ସୁଧା ସେଇଠି ରହିଥିଲେ କିଛିବର୍ଷ କି କ'ଣ , ତା'ପରେ ଆକସ୍ମିକ ଭାବେ କେଉଁଆଡ଼େ ନିରୁଦ୍ଦିଷ୍ଟ ହୋଇଯାଇଥିଲେ । କିଛିମାସ ଅପେକ୍ଷା କରି ଶେଷରେ ଶାଶୁଘର ଲୋକେ ତାକୁ ଶୁଦ୍ଧି ହୋଇଯାଇଥିଲେ ଏବଂ ଏହାର କିଛି ମାସପରେ ନୀଳାମ୍ବର ଘରକୁ ଫେରିଥିଲା । ମାତ୍ର କଥା ଏତିକିରେ ଶେଷ ହୋଇନଥିଲା । ଉଡାନ୍ ହୋଇଯାଇଥିବା ସୁଧାଶ୍ରୀ ହଠାତ୍ ବର୍ଷକ ପରେ ଶାଶୁଘରକୁ ଫେରିଆସି ସମସ୍ତଙ୍କୁ ଚମକାଇ ଦେଇଥିଲେ । ଗାଁ ଲୋକେ ତାକୁ ଦେଖି ନିଜ ଆଖିକୁ ବିଶ୍ୱାସ କରିପାରି ନଥିଲେ। ଭେଟେଣା ପଡିଲା ପରି ଶାଶୁ ବେହୋସ୍ ହୋଇଯାଇଥିବା ବେଳେ ଶଶୁର ଓ ନୀଳାମ୍ବର ଅବାକ୍ ହୋଇ ସୁଧାଶ୍ରୀଙ୍କୁ ଚାହିଁରହିଥିଲେ କେବଳ । କାହାରି ମୁହଁରେ ଶବ୍ଦ ନଥିଲା, ସମସ୍ତେ ତା' ମୁହଁକୁ ଚାହିଁ ନିଜ ଆଖିକୁ ବିଶ୍ୱାସ କରିପାରୁ ନଥିଲେ। ସୁଧାଶ୍ରୀର ରୂପ, ରଙ୍ଗ, ଆଚରଣ, ବ୍ୟବହାର ଓ ଚାହାଣୀ ସମ୍ପୂର୍ଣ୍ଣ ବଦଳିଯାଇଥିଲା । ଶୁଷ୍କ ଚେହେରା ଥିବା ସେଇ ଅସୁନ୍ଦର ଝିଅଟା ଅଦ୍ଭୁତ ଭାବେ ଅପୂର୍ବ ରୂପକାନ୍ତି ନେଇ ସମସ୍ତଙ୍କ ଆଗରେ ଉଭା ହୋଇଥିଲା । ଗାଁ ସାରା ଏ ଘଟଣା ମୁହୂର୍ତ୍ତକରେ କାନକୁ କାନ ପ୍ରଚାରିତ ହୋଇଗଲା ଯେ , ପ୍ରଧାନ ଘରର ବୋହୂ - ନୀଳାମ୍ବରର ଭାରିଯା' ପୁଣି ଫେରିଛି । ହେଲେ ସେ ତା'ର ପୂର୍ବ ରୂପରେ ଫେରିନି। ସେ ସେଇ ପୂର୍ବର ସ୍ତ୍ରୀ କି ନୁହେଁ କହିବା ମୁସ୍କିଲ୍। କିଏ କହିଲା ଶୁଦ୍ଧି ହୋଇଥିବା ସ୍ତ୍ରୀ ଫେରିଛି ମାନେ , ସେ ଡାହାଣୀ କି ପିଶାଚୁଣି, କିମ୍ବା କୌଣସି କୁହୁକିନୀ -ଡାକିନୀ ହୋଇପାରେ। ଆଉ କେହିକେହି କହିଲେ ଫୁଲଝର ଗାଁର ଘଞ୍ଚ ଜଙ୍ଗଲରେ ଥିବା ମଶାଣିପଦା ଆଡୁ ଆସିଛି ମାନେ ଇଏ ବନଦୁର୍ଗା ହୋଇପାରନ୍ତି । ଲୋକଙ୍କ ଧାଡି ଛୁଟିଥିଲା ସୁଧାଶ୍ରୀଙ୍କୁ ଦେଖିବାକୁ। ସୁଧାଶ୍ରୀର ବଞ୍ଚିଥିବା କଥା ସମସ୍ତଙ୍କୁ ଅସମ୍ଭବ ମନେ ହେଉଥିଲା କାରଣ ସୁଧାଶ୍ରୀ ନିରୁଦ୍ଦିଷ୍ଟ

ହେବା ପରେପରେ ଫୁଲବାଣୀର ଗରୁଡ଼ ଖୋଲରେ କୁଆଡେ ଗୋଟେ ଖଣ୍ଡିତ ଓ ଗଳିତ ଶବକୁ ଲୋକେ ଦେଖିଥିଲେ । ଅବଶ୍ୟ ମୃତ ଶରୀରରୁ ନାରୀ କି ପୁରୁଷ ଜଣାପଡ଼ିନଥିଲା ।

ମନରେ ବିଭିନ୍ନ ଅସମାଧିତ ସଂଶୟ ନେଇ ଆନନ୍ଦ ମୋବାଇଲରେ ଆଉକିଛି ତଥ୍ୟ ପାଇବାକୁ ଚେଷ୍ଟା କରୁଥିଲା । ବାରମ୍ବାର ଦୁଇଟି ପ୍ରଶ୍ନବିନ୍ଦୁ ତା' ମସ୍ତିଷ୍କକୁ ଘାଣ୍ଟି ଚକଟି ପକଉଥିଲା । ପ୍ରଥମଟି ସୁଧାଶ୍ରୀ ଭଳି ସାଧାରଣ ଝିଅକୁ ନେଇ ଅସନ୍ତୁଷ୍ଟ ଥିବା ସ୍ୱାମୀର ଘରଛାଡି ନିରୁଦ୍ଦିଷ୍ଟ ହେବା ପଛର କାରଣ କ'ଣ ହୋଇପାରେ ? ଅନ୍ୟଟି ଶାଶୂ , ଶଶୁର ଙ୍କ ଗୋଡଧରି ସେଇ ଘରେ ରହିବାକୁ ନେହୁରା ହୋଇଥିବା ସୁଧାଶ୍ରୀ ଆକସ୍ମିକ ଭାବେ କାହିଁକି ଘରଛାଡି ଚାଲିଯାଇଥିଲେ ? ଆନନ୍ଦ ଘଟଣାର ଖିଅ ସବୁକୁ ଯୋଡିବାକୁ ଯାଇ ଖୁବ୍ ଅନ୍ୟମନସ୍କ ହୋଇପଡୁଥିଲା । ଗୁଗୁଲ୍ ରେ ସାଧ୍ୱୀ ସୁଧାଶ୍ରୀଙ୍କ ପ୍ରବଚନ ଦେଉଥିବାର ବିଭିନ୍ନ ଭିଡିଓ, ସୁନ୍ଦର ଫଟୋ ଦେଖି ସୁଧାଶ୍ରୀଙ୍କ ସମ୍ପର୍କରେ ଶୁଣିଥିବା କାହାଣୀସବୁ ତାକୁ ଅସଂଲଗ୍ନ ମନେ ହେଉଥିଲା । ଏସବୁ ଘଟଣା ଓ ରହସ୍ୟର ଚେରଯାଏ ଯାଇପାରିଲେ ନିଶ୍ଚୟ ଏକ ଅନାବିଷ୍କୃତ ସତ୍ୟଘଟଣାକୁ ଯେ ଭେଦ କରାଯାଇପାରିବ, ଏ କଥାକୁ ନେଇ ସେ ସୁନିଶ୍ଚିତ ହୋଇଯାଇଥିଲା ।

କ୍ରମଶଃ........

# ଇଂରାଜୀ

# ଓ ହିନ୍ଦୀ



ଅଗ୍ନିରୂପା, ପୂଜାଃ

# ସୂଚୀପତ୍ର


| | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| 1. | Vijaya Dashami | Dr. Mangalika Mohapatra | 339 |
| 2. | The ocean and the sky | Samiksha patel | 341 |
| 3. | Endangered earth | Kunjalata Medhi | 342 |
| 4. | A Pleasant Dance | Lingaraj Nayak | 343 |
| 5. | The Enlightened Lamp | Sujit Kumar Mishra | 343 |
| 6. | कवि… लिखना तुम | रुअग्निवेश महापात्र | 344 |
| 7. | रे मानव | लक्ष्मीप्रिया ओझा | 345 |
| 8. | तुम कैसी हो | बिस्वाजित नायक | 346 |
| 9. | नासमझ पैर: | बंदना साहू | 345 |

# Vijaya Dashami



**Dr. Mangalika Mohapatra**

Dussehra (Vijaya Dashami) is a Hindu festival that celebrates the victory of good over evil. It is a gazetted holiday in India,

Dussehra, in Hinduism, symbolises the victory of good over evil, The festival's name is derived from the Sanskrit words dasha ("ten") and hara ("defeat") a symbol of the triumph of Rama, an avatar of Vishnu, over the 10-headed demon king Ravana, who abducted Rama's wife, Sita. Dussehra is celebrated on the 10th day of the month of Ashvina (September-October), the seventh month of the Hindu calendar, with the appearance of the full moon, an event called the "bright fortnight" (shukla paksha). Dussehra coincides with the culmination of the nine-day Navratri festival and with the tenth day of the Durga Puja festival.

Dussehra is celebrated with great fervour and fanfare. In North India, it incorporates Ram Lila, a gala theatrical enactment of Rama's life story. Effigies of Ravana—often along with those of Meghnada (Ravana's son) and Kumbhkarana (Ravana's brother) —are stuffed with firecrackers and set ablaze at night in open fields.

Dussehra is also celebrated to mark the victory of Goddess Durga over demon Mahishasur and end of Navratri. Legend is that, when no God could defeat Mahisasura alone, they created Devi Durga and gave their weapons to her. With her mesmerizing beauty and fierceness, she demolished the demon. In preceding nine nights to Vijayadashami, Devi is worshipped in different forms. These nine nights are popularly known as Navaratri.

Celebrating Dussehra On the day of Dussehra, which is the final day of 10 day long festival, is observed with country-wide processions carrying statues of Durga, Saraswati, Ganesha, Lakshmi, and more to nearby rivers or oceans and immersing them in the nearby rivers, pondsjakes etc.

Then effigies of Ravan, Kumbhakaran and meghanad are burnt with fireworks.Significance of Dussehra Every year, the festival of Dussehra is celebrated with great enthusiasm and zeal. People across the country take part in the occasion in their unique style. Every locality of the country has its own uniqueness in the celebrations.

What Do People Do? Many people of the Hindu faith observe Dussehra through special prayer meetings and food offerings to the gods at home or in temples throughout India. They also hold outdoor fairs (melas) and large parades with effigies of Ravana (a mythical king of ancient Sri Lanka). The effigies are burnt on bonfires in the evening. Dussehra is the culmination of the Navaratri festival.

There are many local celebrations in some areas in India that can last for up to 10 days. Local events include:

Performances of the Ramlila (a short version of the epic Ramayana) in Northern India. A large festival and procession including the goddess Chamundeshwari on a throne mounted on elephants in the town of Mysore in the state of Karnataka. The blessing of household and work-related tools, such as books, computers, cooking pans and vehicles in the state of Karnataka.The preparation of special foods, including luchi (deep fried flat bread) and alur dom (deep fried spiced potato snacks), in Bengal.

Public Life Government offices, post offices and banks are closed in India on Dussehra. Stores and other businesses and organizations may be closed or have reduced opening hours.

Background Ravana plays an important role in the Ramayana. Ravana had a sister known as Shoorpanakha. She fell in love with the brothers Rama and Lakshamana and wanted to marry one of them. Lakshamana refused to marry her and

Rama could not as he was already married to Sita.

Shoorpanakha threatened to kill Sita, so that she could marry Rama. This angered Lakshamana who cut off Shoorpanakha's nose and ears. Ravana then kidnapped Sita to avenge his sister's injuries. Rama and Lakshamana later fought a battle to rescue Sita. The monkey god Hanuman and a huge army of monkeys helped them.

The Mahabharata is another series of Hindu stories that play a role in the Dussehra festival. The Pandavas were five brothers who fought evil forces with a set of distinctive weapons. They abandoned their weapons and went into exile for one year. They hid their weapons in a Shami tree and found them at the same place when they returned from exile. They then worshipped the tree before going to a battle, which they won. This epic is also commemorated during Dussehra.

Many Hindus also believe that it is lucky to start a new venture, project or journey on Dussehra. They may also exchange gifts of leaves from the Shami tree (Prosopis spicigera) as a symbol of the story of the Pandavas brothers' exile in the Mahabharata stories

Dussehra is celebrated with great fervour and fanfare, with Joy & Love Traditionally, in Indian culture, Dussehra was always full of dances, where the whole community mixed, met and mingled. But because of external influences and invasions over the past two hundred years, we have lost that today. Otherwise Dussehra was always very vibrant. Even now it is still so in many places, but it is being lost in the rest of the country. We have to bring it back. The Vijayadashami or Dussehra festival is of a tremendous cultural significance for all who live in this land - irrespective of their caste, creed or religion - and should be celebrated with gaiety and love. It is my wish and my blessings that all of you should celebrate Dussehra with total involvement, joy and love.

**Ravenshaw University**

# The ocean and the sky



**Samiksha patel**

The horizon's a myth, a well-crafted lie,
Where ocean and sky seem to kiss eye to eye.
To the child on the shore, it's a magical sight,
Two worlds entwined, perfect and right.

But the ocean, it knows the bitter truth well-
In parallel lines, they forever must dwell.
It reaches with waves, stretching so high,
In hopes that, just once, it might touch the sky.

And the sky, in its longing, lets raindrops fall,
Weeping for love, an impossible call.
Does the ocean love back? Or is it just fate,
That the sky sees itself in the sea's blue state?

The sky believes the ocean feels the same,
But the ocean reflects, never knowing its name.
To the waves, it's not love, just a trick of the light,
A mirror of blue, nothing more in its sight.

The child laughs and points to the place they meet,
While the adult beside knows the quiet deceit.
They stand on the sand, both gazing afar,
One believing in dreams, the other the scar.

Yet, age is but a number, a marker in time,
For even the wise once believed in the rhyme.
And perhaps, in that lie, there's a comfort to hold-
That love, like horizons, can't always be controlled

**IIT Bombay**

# Endangered earth

**Kunjalata Medhi**

The Earth is for each and everyone
So each one should take care
Of your earth dear.
The Earth is the first mother
Of each and everyone
Who has given the breathing air
To live everyone a healthy life.
The Earth has given the greenary
To enjoy the pure air
The earth has given the water
To quence the thirst each one's life.
The earth has given the sun and the moon
To move off the darkness of each one's path
In the day and night.
The earth has given the beautiful nature
Within it the unique and innumerable creatures
Without any expenditure .
But our Mother Earth is becoming unhealthy slowly and slowly -
Cutting of trees,
Litering everywher plastics
Filling the natural wetlands with concrete and garbages _
Which are nature 's ravishing beauty And are eco-friendly.
Without wetlands there's ecological Imbalances in the earth.
Thus our mother earth is unable to bear the heavy weight of concrete.
Her eyes are filled with tears
As she's endangered now.
To wipe off the tears of our mother earth
Human being have to fight against
To clean the earth dear.
Because without the trees ,the rivers and the seas
Without the wetlands and the greenary
Our mother earth would not be able to get longivity.

Gowhati

# A Pleasant Dance

**Lingaraj Nayak**



Life is a pleasant dance
Enjoy it till your death
A happy couple is a glory
Of the earth
Happy children compromising
With parents are the gems
Of the family
A happy individual
Can raise his hand
To change a nation
A happy society attracts
The world to be its teachers
Only happiness is a speel to turm
A lump of coal into diamond
And a turban into a diadem
The whole affair is a dance
To convene all to move
hand in hand
While singing the blithe song
Of life a perfect unison.



# The Enlightened Lamp

**Sujit Kumar Mishra**

When I wander around the layer of darkness,
she appeared as an angel,
Holding her hand I passed through the moun-
tain of obstacles,
She made me inanimated to animated,
a flying bird I became lying with her grace and
guard,
handful of dream I often saw through her eyes,
my hopeless heart fills with
energy of sunrise,
She is moonsoon,
She is rain
She is bondage of boon.
She burns within,
She is a river,
Her eyes full of tears
For love she dead petals.
The Enlightened lamp never stops,
he walks and walks creating
Wonderful things,
She is seashore of pain but
Shines just like the powerful sun.
Mother's house is in chest,
Is it wide enough to embrace,
or tearful eyes with outer act.
Mother enlightens
anything happenes
The sun light decorates the earth,
The mother, the enlighted lamp
sows seeds of affection,
We preserved it,
a tree with fruits and flowers.
Mother never dies
She is just another acting to touch with sunrise?

**Janardanpur Sasan**
**Keonjhar**

# कवि... लिखना तुम

रुअग्निवेश महापात्र

भर भर कर
समय की बात, प्रेम की बात
बिछड़ने की बात, संघर्ष की बात
अवहेलना की बात, प्रेरणा की बात
शोषण की बात, पोषण की बात
प्रकृति की बात, पर्यावरण की बात
युद्ध की बात, शांति की बात।
और लिखना मानव, समाज,
देश और विश्व की बात।

इन सबसे थकना मत, बचा लेना कुछ ऊर्जा
खाली रखना जगह ताकि लिख सको
कुछ गंभीर विषयों पर जैसे ईश्वर,
राजनीति और साहित्य के विषय में!
इनके औचित्य को विस्तार देना
बताना कैसे इन्होंने बनाया, दिया स्वरूप
और करते हैं निर्माण
एक तथाकथित स्वर्णिम भविष्य का।

इसपर भी रुकना मत
याद से लिखना हर वो बात
जिसकी बात हर कोई करता है।
दुख, दर्द और सपनों की बात!
तुम लिखते हुए हो सकते हो दुखी
झेल सकते हो शब्दों के चोट का दर्द
बखान सकते हो सपने जो तुम्हें याद नहीं तुमने देखे कब
पर पूरे न होने से अब लगते हैं कि तुम्हारे ही सपने थे।

कुछ छूट गया हो तो वो भी लिख डालना
भले तुम्हें न हो जानकारी कि छूटा क्या!
लिख देना कुछ था जो छूट गया
क्या, ये बताना अनिवार्य नहीं
कवि हो तुम, छूट है तुम्हें!
बस इसी छूट में
छोटा न बनना
बड़ा होने की कोशिश करना
भले ही इसके लिए बचपन की बात लिखनी पड़े।
बस लिख डालना। सब लिख डालना।

और ये सारा
बिना सर या सार के लिखने के बाद
बड़ी मासूमियत से
ये कह देना...
ठमैंने तो कुछ लिखा ही नहीं!ठ
न कहते हुए कहना और कह कर
न कहने की काबिलियत ही
तुम्हारा परिचय पत्र है,
जिसे तुम अखबार या पुस्तक में
छपवा के न सही
इंस्टाग्राम या फेसबुक में
पोस्टिया के जरूर हो जाओगे
सारे उत्तरदायित्वों से
मुक्त!

# रे मानव

लक्ष्मीप्रिया ओझा

रे मानव,
तू चल मेरे संग
उड़ आसमान में,
देख
हिमालय की चोटी
फतेह करते करते
तुने कितने घाव दिए
उसके बदन में।

रे मानव,
तू चल मेरे संग उड़ आसमान में
देख चांद पर
तेरे आशियाना बनाने की ख्वाहिशों ने
कितना कचरा भर दिया
उसके आंगन में।

रे मानव
तू चल मेरे संग
उड़ आसमान में
देख नीला समुंदर,
रत्न का भंडार,
तेरे लालच से
दहकती कैसे
आग की शोलो में।

रे मानव
तू चल मेरे संग
उड़ आसमान में
देख
साइकिल पकड़े हुए
बच्चे का वो कटा हुआ हाथ
जो अभी अभी अलग हुआ
शरीर से
तेरे मिसाइल हमले में।

तू जल छोड़ा
ना स्थल
तू आकाश छोड़ा
ना पाताल

रे मानव
अब बोल

लाल धरती, काला आसमां
पीला समुंदर, जमीन को बंजर बनाके
कैसे मुक्कमल होगा तेरा सपना
खुशहाल जिंदगी का ?

**बड़ौदा, गुजरात**

## तुम कैसी हो

**बिस्वाजित नायक**

तुम कैसी हो
मैं आसमान से पुछलिआ
तुम कैसी हो
ये जमीन से भी पुछलिआ
तुम जैसी भी हो अच्छी हो
मैं ने अपने दिल से पुछलिआ !

तुम कैसी हो
मेरे अपनों से पूछलिया
तुम कैसी हो
तेरे आँखों से पुछलिया
तुम जैसी भी हो सच्ची हो
मैं अपने आप से पूछलिया

तुम कैसी हो
तेरे अपनों से पुछलिया
तुम कैसी हो
ये सारे जँहा से पुछलिया
तुम जैसी भी हो मेरी हो
तुमको मैं ने अपने दिल में बसालिया !

सुना है तुम बहत
जिद्दी हो घमंडी हो
तुम जो भी हो
मेरी अपनी हो
ये सारे जिंदगी केलिए
मैंने तुमको ही चुनलिया !

**तुण्डपड़ा, केदारपुर, सोरो,**
**बालाश्वर**

रे मानव,
तू चल मेरे संग
उड़ आसमान में,
देख
हिमालय की चोटी
फतेह करते करते
तुने कितने घाव दिए
उसके बदन में।

रे मानव,
तू चल मेरे संग उड़ आसमान में
देख चांद पर
तेरे आशियाना बनाने की ख्वाहिशों ने
कितना कचरा भर दिया
उसके आंगन में।

रे मानव
तू चल मेरे संग
उड़ आसमान में
देख नीला समुंदर,
रत्न का भंडार,
तेरे लालच से
दहकती कैसे
आग की शोलो में।

रे मानव
तू चल मेरे संग

## नासमझ पैर :

**बंदना साहू**

वो बोलता था
और मैं सुनती रही ,
अपनापन और बिस्वास के चक्रव्यूह मैं
धीरे धीरे में फसने लग गई।।

पैर मेरा नासमझ
धीरे धीरे फिसल गई,
ये दिल की मासूमियत से
वो धीरे धीरे जीत गई।।

रंग उसका साफ सुतरा
मीठी उसकी बोल,
भारी चतुराई से दिल जीत लिया
गिरने लगी मेरी मोल।।

चतुर उसका भावना था
महकने लगी उस मैं मिठास,
उस मिठास से बन गया दीवार
टूट गया सारा एहेसास।।

**जाजपुर**